Österreichische
Nationalbibliothek
Digitale Services

ORISSA
BIBLE

IV

Sa. 38. B. 44.

KAIS. KÖN. HOF- BIBLIOTHEK

29.431-B

ONLINE AUSGABE

ALT-

29481 - B.

THE

# NEW TESTAMENT

OF OUR

LORD AND SAVIOUR

# JESUS CHRIST,

IN THE

ORI'YA' LANGUAGE.

---

# ଧର୍ମପୁସ୍ତକର ଅନୁଭାଗ।

ଅର୍ଥାତ୍

ପ୍ରଭୁ ଯୀଶୁ ଖ୍ରୀଷ୍ଟର ନୂତନ ନୟମ ।

ଗ୍ରୀକ ଭାଷାର ଭାଷାନ୍ତରୀକୃତ ।

---

A NEW TRANSLATION,

WITH THE FORMER VERSIONS IN BANGA'LI' AND ORI'YA'
DILIGENTLY COMPARED AND REVISED.

---

CUTTACK:

PRINTED AT THE ORISSA MISSION PRESS, FOR THE BIBLE TRANSLATION SOCIETY, AND THE AMERICAN AND FOREIGN BIBLE SOCIETY.

1845.

THE

# NEW TESTAMENT

OF OUR

LORD AND SAVIOUR

# JESUS CHRIST,

IN THE

ODIYA LANGUAGE.

A NEW TRANSLATION,

WITH THE FORMER VERSIONS IMPROVED AND CAREFULLY

DILIGENTLY COMPARED AND REVISED.

CUTTACK:

PRINTED AT THE ORISSA MISSION PRESS, FOR THE BIBLE TRANSLATION

SOCIETY, AND THE CHRISTIAN AND SCHOOL BOOK SOCIETY.

1843.

# ନର୍ଘଣ୍ଟ ପତ୍ର ।


ପତ୍ରାଙ୍କ ।

ମାଥିଉ ଲେଖିତ ମଙ୍ଗଳସମାଗ୍ଚର . . . . . ୧

ମାର୍କ ଲେଖିତ ମଙ୍ଗଳସମାଗ୍ଚର . . . . . ୭୦

ଲୂକ ଲେଖିତ ମଙ୍ଗଳସମାଗ୍ଚର . . . . . ୧୨୫

ଯୋହନ ଲେଖିତ ମଙ୍ଗଳସମାଗ୍ଚର . . . . . ୧୫୦

ପ୍ରେରିତମାନଙ୍କର କ୍ରିୟାର ବୃତ୍ତାନ୍ତ . . . . . ୧୩୮

ରୋମୀୟ ମଣ୍ଡଳୀର ପ୍ରତି ପାଉଲ ପ୍ରେରିତର ଚିଠୀ . . . ୩୨୪

କରିନ୍ଥୀୟ ମଣ୍ଡଳୀର ପ୍ରତି ପାଉଲ ପ୍ରେରିତର ପ୍ରଥମ ଚିଠୀ . ୩୫୫

କରିନ୍ଥୀୟ ମଣ୍ଡଳୀର ପ୍ରତି ପାଉଲ ପ୍ରେରିତର ଦ୍ୱିତୀୟ ଚିଠୀ . ୩୮୨

ଗାଲାତୀୟ ମଣ୍ଡଳୀର ପ୍ରତି ପାଉଲ ପ୍ରେରିତର ଚିଠୀ . . . ୪୦୨

ଏଫିଶୀୟ ମଣ୍ଡଳୀର ପ୍ରତି ପାଉଲ ପ୍ରେରିତର ଚିଠୀ . . . ୪୧୮

ଫିଲିପ୍ପୀୟ ମଣ୍ଡଳୀର ପ୍ରତି ପାଉଲ ପ୍ରେରିତର ଚିଠୀ . . . ୪୨୮

କଲସୀୟ ମଣ୍ଡଳୀର ପ୍ରତି ପାଉଲ ପ୍ରେରିତର ଚିଠୀ . . . ୪୩୨

ଥେସଲନିକୀୟ ମଣ୍ଡଳୀର ପ୍ରତି ପାଉଲ ପ୍ରେରିତର ପ୍ରଥମ ଚିଠୀ ୪୪୩

ଥେସଲନିକୀୟ ମଣ୍ଡଳୀର ପ୍ରତି ପାଉଲ ପ୍ରେରିତର ଦ୍ୱିତୀୟ ଚିଠୀ ୪୪୯

ତୀମଥିୟର ପ୍ରତି ପାଉଲ ପ୍ରେରିତର ପ୍ରଥମ ଚିଠୀ . . . ୪୪୪

ତୀମଥିୟର ପ୍ରତି ପାଉଲ ପ୍ରେରିତର ଦ୍ୱିତୀୟ ଚିଠୀ . . . ୪୬୨

ତୀତସର ପ୍ରତି ପାଉଲ ପ୍ରେରିତର ଚିଠୀ . . . . . ୪୬୮

ଫିଲୀମୋନର ପ୍ରତି ପାଉଲ ପ୍ରେରିତର ଚିଠୀ . . . . . ୪୭୨

ଏବ୍ରୀୟମାନଙ୍କର ପ୍ରତି ପାଉଲ ପ୍ରେରିତର ଚିଠୀ . . . . ୪୭୪

ଯାକୁବର ସର୍ବସାଧାରଣ ଚିଠୀ . . . . . ୪୯୭

ପିତରର ସର୍ବସାଧାରଣ ପ୍ରଥମ ଚିଠୀ . . . . . ୫୦୪

ପିତରର ସର୍ବସାଧାରଣ ଦ୍ୱିତୀୟ ଚିଠୀ . . . . . ୫୧୩

ଯୋହନର ସର୍ବସାଧାରଣ ପ୍ରଥମ ଚିଠୀ . . . . . ୫୧୮

ଯୋହନର ଦ୍ୱିତୀୟ ଚିଠୀ . . . . . ୫୨୭

ଯୋହନର ତୃତୀୟ ଚିଠୀ . . . . . ୫୨୮

ଯିହୂଦାର ସର୍ବସାଧାରଣ ଚିଠୀ . . . . . ୫୩୦

ଯୋହନର ପ୍ରତି ପ୍ରକାଶିତ ଭବିଷ୍ୟଦ୍ବାକ୍ୟ . . . . . ୫୩୩

## ପୁସ୍ତକର ନାମ ସଙ୍କେତ ମାଳା ।

| ନାମ | ସଙ୍କେତ । | ନାମ | ସଙ୍କେତ । |
|---|---|---|---|
| ମାଥିଉ . . . . | ମାଥି | ୧ ତୀମଥିୟ୍ . . . | ୧ ତୀମ |
| ମାର୍କ . . . . | ମାର୍କ | ୨ ତୀମଥିୟ୍ . . . | ୨ ତୀମ |
| ଲୂକ . . . . | ଲୂ | ତୀତସ . . . . | ତୀତ |
| ଯୋହନ . . . . | ଯୋ | ଫିଲୀମୋନ . . . | ଫି |
| ପ୍ରେରିତ . . . . | ପ୍ରେ | ଏବ୍ରିୟ୍ . . . . | ଏବ୍ରି |
| ରୋମୀୟ୍ . . . . | ରୋ | ଯାକୁବ . . . . | ଯାକୁ |
| ୧ କରିନ୍ଥୀୟ୍ . . . | ୧ କ | ୧ ପିତର . . . . | ୧ ପି |
| ୨ କରିନ୍ଥୀୟ୍ . . . | ୨ କ | ୨ ପିତର . . . . | ୨ ପି |
| ଗାଲାତୀୟ୍ . . . | ଗାଲା | ୧ ଯୋହନ . . . | ୧ ଯୋ |
| ଏଫିଶୀୟ୍ . . . . | ଏଫି | ୨ ଯୋହନ . . . | ୨ ଯୋ |
| ଫିଲିପ୍ପୀୟ୍ . . . | ଫିଲି | ୩ ଯୋହନ . . . | ୩ ଯୋ |
| କଲସୀୟ୍ . . . . | କଲ | ଯିହୂଦା . . . | ଯିହୂ |
| ୧ ଥେସଲନିକୀୟ୍ . . | ୧ ଥେ | ପ୍ରକାଶିତ ଭବିଷ୍ୟତ୍- | |
| ୨ ଥେସଲନିକୀୟ୍ . . | ୨ ଥେ | ବାକ୍ୟ . . . . | ପ୍ର |

୧ ପଦ ।

୧ ଅବ୍ରହାମର ସନ୍ତାନ ଦାଉଦ ତାହାର ସନ୍ତାନ ଯୀଶୁଖ୍ରୀଷ୍ଟର ବଂଶାବଳି ।
୨ ଅବ୍ରହାମର ଔରସ ଯିସ୍ହାକ ଯିସ୍ହାକର ଔରସ ଯାକୁବ । ଯାକୁବର ଔରସ ଯି
୩ ହୁଦା ଓ ତାହାର ଭ୍ରାତୃଗଣ । ତାମାର ଗର୍ଭରେ ଯିହୁଦାର ଜନ୍ମଲ୍ଲର ପେ
ରସ ଓ ଜେରହ । ସେହ୍ନ ପେରସର ଔରସ ହେସ୍ରୋଣ । ହେସ୍ରୋଣର ଔରସ
୪ ଆରମ । ଆରମର ଔରସ ଅମ୍ମିନାଦାବ । ଅମ୍ମିନାଦାବର ଔରସ ନହଶୋନ ।
୫ ନହଶୋନର ଔରସ ସଲ୍ମୋନ । ରହାବର ଗର୍ଭରେ ସେହ୍ନ ସଲ୍ମୋନର
ଜନ୍ମଲ୍ଲର ବୋଅଜ । ରୂଥର ଗର୍ଭରେ ବୋଅଜର ଔରସ ଓବେଦ । ଓବେ
୬ ଦର ଔରସ ଯିଶୀ । ଯିଶୀର ଔରସ ଦାଉଦ ରାଜା । ଉରୀୟର ସ୍ତ୍ରୀ ଯେ
୭ ଥିଲା ତାହାର ଗର୍ଭରେ ଦାଉଦ ରାଜାର ଔରସ ସଲମାନ । ସଲମାନର ଔ
୮ ରସ ରହବୟାମ । ରହବିୟାମର ଔରସ ଅବୀୟ । ଅବୀୟର ଔରସ ଆସା ।
୯ ଆସାର ଔରସ ଯିହୋଶାଫଟ । ଯିହୋଶାଫଟର ଔରସ ଯିହୋରାମ । ଯିହୋରା
୧୦ ମର ଔରସ ଉଜ୍ଜୀୟ । ଉଜ୍ଜୀୟର ଔରସ ଯୋଥମ । ଯୋଥମର ଔରସ ଆହଜ ।
୧୧ ଆହଜର ଔରସ ହିଜକୀୟ । ହିଜକୀୟର ଔରସ ମନଃଶି । ମନଃଶିର ଔରସ ଆ
୧୨ ମୋନ । ଆମୋନର ଔରସ ଯୋଶିୟ । ବାବିଲ ନଗରରେ ପ୍ରବାସର ଛାଡ଼ି ପୂର୍ବ
ରେ ଯୋଶିୟର ଔରସ ଯିଖନୀୟ ଓ ତାହାର ଭ୍ରାତୃଗଣ । ବାବିଲରେ ପ୍ରବା
୧୩ ସର ଉତ୍ତରେ ଯିଖନୀୟର ଔରସ ଶୟଲ୍ତୀୟଲ୍ । ଶୟଲ୍ତୀୟଲ୍ର ଔରସ ଜରୁ
ବାବିଲ । ଜରୁବାବିଲର ଔରସ ଅବୀହୁଦ । ଅବୀହୁଦର ଔରସ ଏଲୀୟାକୀମ । ଏ
୧୪ ଲୀୟାକୀମର ଔରସ ଆଜୋର । ଆଜୋରର ଔରସ ସାଦୋକ । ସାଦୋକର
ଔରସ ଆଖୀମ । ଆଖୀମର ଔରସ ଏଲୀହୁଦ । ଏଲୀହୁଦର ଔରସ ଏଲୀୟାଜର
୧୫ ଏଲୀୟାଜରର ଔରସ ମତ୍ତନ । ମତ୍ତନର ଔରସ ଯାକୁବ । ଯାକୁବର ଔରସ

ମାରିୟାର ସ୍ୱାମୀ ଯୁଷଫ । ଏହି ମାରିୟାର ଗର୍ଭରେ ଯୀଶୁ ଜନ୍ମଲେ ଯାହାଙ୍କୁ ୧୬
ମଶୀହ କହନ୍ତି । ଏମନ୍ତେ ଅବ୍ରହାମଠାରୁ ଦାଉଦ ପର୍ଯ୍ୟନ୍ତେ ସର୍ବଶୁଦ୍ଧା ଚୌଦ ୧୭
ପୁରୁଷ । ଦାଉଦଠାରୁ ବାବିଲରେ ପ୍ରବାସ ହେବା ପର୍ଯ୍ୟନ୍ତେ ଚୌଦ ପୁରୁଷ ।
ଓ ବାବିଲରେ ପ୍ରବାସ ହେବାଠାରୁ ମଶୀହ ପର୍ଯ୍ୟନ୍ତେ ଚୌଦ ପୁରୁଷ ।

ଯୀଶୁଖ୍ରୀଷ୍ଟର ଜନ୍ମର ବୃତ୍ତାନ୍ତ ଏହି । ତାହାଙ୍କର ମାତା ମାରିୟା ଯୁଷଫର ୧୮
ପ୍ରତି ବାଗ୍ଦତ୍ତା ଥାଇ ଦୁହିଙ୍କର ସଙ୍ଗ ହେବାର ପୂର୍ବରେ ସେ ଧର୍ମଆତ୍ମଠାରୁ
ଗର୍ଭବତୀ ଜଣା ଗଲା । ତାହାର ସ୍ୱାମି ଯୁଷଫ ଧାର୍ମିକ ହେବାରୁଂ ସେ ଯେମନ୍ତ ୧୯
ପ୍ରକାଶରେ ଅପକ୍ଷାତି ନ ପାୟେ ଏହା ବିଚାରି ତାହାକୁ ଗୁପ୍ତରେ ଛାଡି ଦେ
ବାକୁ ମନରେ କଲା । ଏଥିରେ ଭାବନା କରୁଂ ୨ ପରମେଶ୍ୱରଙ୍କର ଦୂତ ୨୦
ସ୍ୱପ୍ନରେ ତାହାକୁ ଦର୍ଶନ ଦେଇ କହିଲେ ହେ ଦାଉଦର ସନ୍ତାନ ଯୁଷଫ ଆପଣା
ଭାର୍ଯ୍ୟା ମାରିୟାକୁ ଗ୍ରହଣ କରିବାକୁ ଭୟ ନ କର ଯେହେତୁ ତାହାର ଯେ
ଗର୍ଭଧାରଣ ସେ ଧର୍ମଆତ୍ମଠାରୁ ହୋଇଲା । ସେ ପୁତ୍ରକୁ ପ୍ରସବ କରିବ ପୁଣି ୨୧
ତୁମ୍ଭେ ତାହାର ନାମ ଯୀଶୁ ଦେବ [ଅର୍ଥାତ୍ ତ୍ରାଣକର୍ତ୍ତା] ଯେହେତୁ ସେ
ଆପଣା ଲୋକମାନଙ୍କୁଂ ପାପରୁ ଉଦ୍ଧାର କରିବେ । ଏଥିରେ ଦେଖ ଜଣେ ୨୨
କନ୍ୟା ଗର୍ଭବତୀ ହୋଇ ପୁତ୍ରକୁ ପ୍ରସବ କରିବ ପୁଣି ତାହାର ନାମ ଅମାନୁ ୨୩
ଏଲ ହେବ ଅର୍ଥାତ୍ ଆମ୍ଭମାନଙ୍କର ସହିତ ଈଶ୍ୱର ଭବିଷ୍ୟତ୍ବକ୍ତା ଦ୍ୱାରା ପର
ମେଶ୍ୱରଙ୍କର ଯେ ଉକ୍ତି ଥିଲା ତାହା ସିଦ୍ଧ ହୋଇଲା । ତହିଂରେ ଯୁଷଫ ନି ୨୪
ଦ୍ରାରୁ ଉଠି ଈଶ୍ୱରଙ୍କର ଦୂତର ଆଦେଶ ମାନି ଆପଣା ଭାର୍ଯ୍ୟାକୁ ଗ୍ରହଣ
କଲା । ମାତ୍ର ଆପଣା ପ୍ରଥମ ଜାତ ପୁତ୍ରର ପ୍ରସବ ନୋହିବା ଯାୟେ ତାକୁ ୨୫
ସମ୍ଭୋଗ ନ କଲା ଏହି ପୁତ୍ରକୁ ସେ ଯୀଶୁ ନାମ ଦେଲା ।

## ୨ ପର୍ବ ।

ହେରୋଦ ରାଜାର ସମୟରେ ଯିହୁଦା ଦେଶର ବେଥଲିହିମ ନଗରରେ ୧
ଯୀଶୁର ଜନ୍ମ ହେଲା ଉତ୍ତରେ ଥୋକାୟେ ପଣ୍ଡିତମାନେ ପୂର୍ବଦେଶରୁ ଯିରୁ
ଶାଲମ ନଗରରେ ଆସି ଏହା ପଚାରିଲେ । ଯିହୁଦୀୟମାନଙ୍କର ରାଜା ଯେ
ଜନ୍ମ ଅଛନ୍ତି ସେ କେଉଂଠାରେ । ଯେହେତୁ ପୂର୍ବ ଦେଶରେ ଆମ୍ଭେମାନେ ତା ୨
ଙ୍କର ତାରା ଦେଖି ତାହାଙ୍କୁ ପୂଜା କରିବାକୁ ଆସିଅଛୁଁ । ହେରୋଦ ରାଜା ଏହା ୩
ଶୁଣି ଯିରୁଶାଲମ ସମସ୍ତ ଲୋକର ସହିତ ବ୍ୟାକୁଳ ହୋଇଲା । ଏଥିରେ ସେ ୪
ସବୁ ପ୍ରଧାନ ଯାଜକ ଓ ଲୋକଙ୍କର ଅଧ୍ୟାପକମାନଙ୍କୁ ଡକାଇ ପଚାରିଲେ
ଖ୍ରୀଷ୍ଟ କେଉଂଠାରେ ଜନ୍ମ ହେବେ । ସେମାନେ ଉତ୍ତର କଲେ ଯିହୁଦା ଦେଶର ୫
ବେଥଲିହିମଠାରେ ଯେହେତୁ ଭବିଷ୍ୟତ୍ବକ୍ତା ଦ୍ୱାରା ଏମନ୍ତ ଲେଖା ଯଥା ।

୬ ହେ ଯିହୁଦା ଦେଶସ୍ଥ ବେଥଲହମ ତୁମ୍ଭେ ଯିହୁଦାର ସମସ୍ତ ଗୋଷ୍ଠୀମାନଙ୍କ ମଧ୍ୟ
ରେ କ୍ଷୁଦ୍ର ନୁହ ଯେହେତୁ ଆମ୍ଭର ଇଶ୍ରାୟେଲ ଲୋକଙ୍କର ପ୍ରତିପାଳକ ଯେ
୭ କରିବେ ଏମନ୍ତ ଜଣେ କର୍ତ୍ତା ତୁମ୍ଭର ମଧ୍ୟରୁ ଉତ୍ପନ୍ନ ହେବେ । ତେଣୁ ହେ
ରୋଦ ଗୋପନରେ ପଣ୍ଡିତମାନଙ୍କୁ ନିକଟକୁ ଡକାଇ ସେ ତାରା କେଉଁ ସମୟରେ
୮ ଦେଖା ଗଲା ଏହା ବିଶେଷ କରି ପଚାରିଲା । ଉହୁଁ ସେମାନଙ୍କୁ ବେଥଲହମ
ନଗରକୁ ପଠାଇ କହିଲା ତୁମ୍ଭେମାନେ ଯାଇ ଯତ୍ନପୂର୍ବକ ସେ ଶିଶୁର ଅନ୍ୱେ
ଷଣ କର ପୁଣି ଉଦ୍ଦେଶ ପାଇଲେ ଆମ୍ଭକୁ ବାର୍ତ୍ତା ଦିଅ ଯେପରି ଆମ୍ଭେ ଯାଇ
୯ ତାହାଙ୍କୁ ଭଜନା କରିବା । ରାଜାର ଏମନ୍ତ ଆଜ୍ଞା ଶୁଣି ସେମାନେ ପ୍ରସ୍ଥାନ
କଲେ ଏଥିରେ ପୂର୍ବ ଦିଗରେ ଯେଉଁ ତାରା ଦେଖିଥିଲେ ସେ ତାରା ସେମା
ନଙ୍କର ଆଗେ ଯାଇ ଯେଉଁଠାରେ ଶିଶୁ ଅଛନ୍ତି ସେ ସ୍ଥାନର ଉପରେ
୧୦ ସ୍ଥିରଭାବେ ରହିଲା । ତାରା ପୁନରପି ଦେଖି ସେମାନେ ମହାନନ୍ଦରେ ଉ
ଲ୍ଲସିତ ହୋଇଲେ ପୁଣି ଘର ମଧ୍ୟରେ ଯାଇ ତାଙ୍କର ମାତା ମାରୟାର ସ
୧୧ ଙ୍ଗରେ ସେ ଶିଶୁକୁ ଦେଖି ଦଣ୍ଡବତ୍ କର ତାହାଙ୍କୁ ଭଜିଲେ । ପୁଣି ଆପଣାମା
ନଙ୍କର ଗଣ୍ଠିରୁ ଫିଟାଇ ସୁନା ଲୁବାନ ଗନ୍ଧରସ ନେଇ ତାହାଙ୍କୁ ଦର୍ଶନୀ
୧୨ ଦେଲେ । ଅନନ୍ତରେ ହେରୋଦର ନିକଟରେ ପୁନର୍ବାର ନ ଯିବାକୁ ସ୍ୱପ୍ନରେ
ପ୍ରତ୍ୟାଦେଶ ପାଇ ସେମାନେ ଆନ ପଥ ଦେଇ ଆପଣା ଦେଶକୁ ଗଲେ ।

୧୩ ସେମାନଙ୍କର ଗଲା ଉତ୍ତରେ ଦେଖ ପ୍ରଭୁଙ୍କର ଦୂତ ସ୍ୱପ୍ନରେ ଯୋଷଫକୁ
ଦର୍ଶନ ଦେଇ କହିଲା ଉଠ ତୁମ୍ଭେ ଶିଶୁକୁ ତାହାଙ୍କ ମାତାର ସହିତ
ନେଇ ମିଶର ଦେଶକୁ ପଳାଅ ପୁଣି ତୁମ୍ଭକୁ ଆମ୍ଭେ ବାର୍ତ୍ତା ନ ଦେବା ପର୍ଯ୍ୟନ୍ତ
ସେ ସ୍ଥାନରେ ଥାଅ ଯେହେତୁ ଶିଶୁକୁ ବଧ କରିବାକୁ ହେରୋଦ ଚେଷ୍ଟା
୧୪ କରିବ । ଏଥିରେ ସେ ଉଠି ଶିଶୁକୁ ତାହାଙ୍କ ମାତାର ସଙ୍ଗେ ନେଇ ରାତ୍ରିରେ
ମିଶରକୁ ପଳାଇଲା ପୁଣି ହେରୋଦର ମରଣ ପର୍ଯ୍ୟନ୍ତ ସେହି ଦେଶରେ ର
୧୫ ହିଲା । ଏଥିରେ ମିଶର ଦେଶଠାରୁ ଆମ୍ଭେ ଆପଣା ପୁତ୍ରକୁ ଡାକିଅଛୁଁ ଏହି
ଯେ କଥା ଈଶ୍ୱର ଭବିଷ୍ୟଦ୍ବକ୍ତା ଦ୍ୱାରା କହିଥିଲେ ତାହା ପୂର୍ଣ ହେଲା ।

୧୬ ପଣ୍ଡିତମାନେ ଯେ ତାହାକୁ ହେଳା କଲେ ହେରୋଦ ଏହା ଜାଣି ମହା
କ୍ରୋଧିତ ହୋଇଲା । ପୁଣି ପଣ୍ଡିତମାନଙ୍କଠାରେ ବିଶେଷରୂପେ ପଚାରିବାର
ସମୟ ପ୍ରମାଣେ ବେଥଲହମ ଓ ତାହାର ସକଳ ଅଞ୍ଚଳରେ ଦୁଇ ବରସ କିମ୍ବା
ସରୁ ଉଣା ଯେତେ ବାଳକ ଥିଲେ ସେଠାରେ ଲୋକ ପଠାଇ ସେ ସମସ୍ତଙ୍କୁ
ବଧ କରାଇଲା ।

୧୭ ଏନମନ୍ତେ ରମା ପୁରରେ କ୍ରନ୍ଦନ ଓ ହାହାକାର ଓ ବିଲାପର ଶବ୍ଦ ଶୁଣା
ଗଲା । ରାହେଲ ଆପଣା ଶିଶୁଗଣର ନମନ୍ତେ ରୋଦନ କରୁଁଥିବାର ପ୍ରବାଦ କଥା

ନ ମାନଇ ଯେହେତୁ ସେମାନେ ନାହାନ୍ତି । ଏଥିରେ ଯିରମିୟ ଭବିଷ୍ୟଦ୍ବକ୍ତା ୧୮
ଦ୍ୱାରା ଯେ କଥା ଉକ୍ତ ଥିଲା ତାହା ସଫଳ ହେଲା ।

ହେରୋଦ ମଲା ଉତ୍ତାରେ ଈଶ୍ୱରର ଦୂତ ସ୍ୱପ୍ନରେ ମିଶର ଦେଶରେ ଯୁଷ ୧୯
ଫଙ୍କୁ ଦର୍ଶନ ଦେଇ କୋଇଲା । ଉଠ ଶିଶୁକୁ ତାହାଙ୍କ ମାତାର ସଙ୍ଗରେ ଘେନ ୨୦
ଇସ୍ରାୟେଲ ଦେଶକୁ ଯାଅ ଯେଉଁମାନେ ଶିଶୁକୁ ନଷ୍ଟ କରବାର ଚେଷ୍ଟା
କଲେ ସେମାନେ ମରଅଛନ୍ତି । ଏଣୁ ସେ ଉଠି ଶିଶୁ ଓ ତାହାଙ୍କ ମାତାକୁ ୨୧
ଘେନ ଇସ୍ରାଏଲ ଦେଶରେ ଅଇଲେ । ପୁଣି ଯିହୁଦା ଦେଶର ରାଜାସନରେ ୨୨
ଆର୍ଖିଲାଉ ଆପଣା ପିତା ହେରୋଦର ସ୍ଥାନରେ ରାଜତ୍ୱ କରଅଛନ୍ତି ଏହା ଶୁଣି
ସେଠାରେ ଯିବାକୁ ସେ ଭୟ କଲା । ତହୁଁ ସ୍ୱପ୍ନରେ ପ୍ରତ୍ୟାଦେଶ ପାଇ ୨୩
ସେ ଗାଲିଲୀର ଏକ ପ୍ରଦେଶକୁ ଫେର ନାଜରତ ନାମରେ ଏକ ନଗରରେ
ଯାଇ ବାସ କଲା । ଏଥିରେ ସେ ଯେ ନାଜରୀୟ ଖ୍ୟାତ ହେବ ଏମନ୍ତ
ଭବିଷ୍ୟଦ୍ବକ୍ତାର ବାକ୍ୟ ସଫଳ ହୋଇଲା ।

## ୩ ପତ୍ର ।

ଯୋହନ ଡୁବକ ନାମରେ ସେହି ସମୟରେ ଯିହୁଦା ଦେଶର ଅରଣ୍ୟରେ ୧
ଆସି ଘୋଷଣା କର କହିଲା ମନ ଫେରାଅ ଯେହେତୁ ସ୍ୱର୍ଗର ରାଜ୍ୟ ନିକଟ ୨
ଘନାଇଲା । ପରମେଶ୍ୱରଙ୍କ ପଥ ପ୍ରସ୍ତୁତ କର ତାହାଙ୍କର ରାଜବାଣ୍ଟ ସଳଖ ୩
କର ଅରଣ୍ୟରେ ଏହି ବାକ୍ୟବାଦୀ ଏକ ଜଣର ରବ ଏମନ୍ତ କଥା ଯିଶାଇୟ
ଭବିଷ୍ୟଦ୍ବକ୍ତାର ମୁଖରୁ ଯୋହନର ବିଷୟରେ କଥିତ ଥିଲା । ଯୋହନର ବସ୍ତ୍ର ୪
ଓଃର ଲୋମଜାତ ଓ ତାହାର କଟିରେ ଚର୍ମ୍ମ ପଟୁକା ପୁଣି ତାହାର ଖାଦ୍ୟ
ପଙ୍ଗପାଲ ଓ ବନମଧୁ ଥିଲା । ତେତେବେଳେ ଯିରୂଶାଲମ ନଗର ନିବାସିମା ୫
ନେ ଓ ଯିହୁଦା ଦେଶର ପୁଣି ଯର୍ଦ୍ଦନ ନଦୀର ଦୁଇ କୂଳର ଯେତେ ଲୋକେ
ସେମାନେ ବାହାର ହୋଇ ତାହାର ନିକଟକୁ ଆସି ଆପଣା। ପାପ ସ୍ୱୀକାର ୬
କର ଯର୍ଦ୍ଦନରେ ତାହାର ଦ୍ୱାରା ଡୁବିଡ ହୋଇଲେ ।

ପୁଣି ଆପଣାର ନିକଟରେ ଡୁବିଡ ହାଁଇ ଆସନ୍ତା ଅନେକ। ଫାରୂଶୀ ଓ ୭
ସାଦ୍ଦୁକୀ ଲୋକମାନଙ୍କୁ ଦେଖି ସେ ସେମାନଙ୍କୁ କହିଲା ଆହା। ସର୍ପର ବଂଶ
ଆଗାମି କ୍ରୋଧଠାରୁ ପଳାଇବାକୁ କେ ତୁମ୍ଭମାନଙ୍କୁ ଚେତନା ଦେଲା । ମନ ୮
ଫେରାଇବାର ଉପଯୁକ୍ତ ଫଳ ଫଳ ଅଥବା ଆମ୍ଭମାନଙ୍କର ପିତା ଅବ୍ରହାମ
ଅଛନ୍ତି ତୁମ୍ଭେମାନେ ମନେ। ଏମନ୍ତ ଭାଳି ନ କୁହ । ଯେଣୁ ଆମ୍ଭେ ତୁମ୍ଭମା ୯
ନଙ୍କୁ ଏହା ବୋଲି ଈଶ୍ୱର ଏହି। ପଥରରୁ ଅବ୍ରହାମର ସନ୍ତାନ ଉତ୍ପନ୍ନ କର
ବାକୁ ପାରନ୍ତି । ଆଉ ଏବେହେଁ କୁଷର ମୂଳରେ କୁହାଡ ଲଗା ଯାଇଅଛି ଏହି ୧୦

ହେତୁ ଯେ ବୃକ୍ଷ ଉତ୍ତମ ଫଳ ନ ଫଳଇ ସେ କଟା ଯାଇ ଅଗ୍ନିରେ ପଡା
୧୧ ଯିବ । ଆଉ ଆମ୍ଭେ ତୁମ୍ଭମାନଙ୍କୁ ମନ ଫେରାଇବାର ହେତୁ ଜଳରେ ଡୁବା
ଉଅଛୁଁ ପ୍ରମାଣ ପୁଣି ଆମ୍ଭର ପଶ୍ଚାତ୍ ଯେ ଆସୁଅଛନ୍ତି ସେ ଆମ୍ଭଠାରୁ
ବଡ ଆମ୍ଭେ ତାହାଙ୍କର ପାଦୁକା ବହିବାର ଯୋଗ୍ୟ ନୋହି ସେ ତୁମ୍ଭମା
୧୨ ନଙ୍କୁ ଅଗ୍ନି ଓ ଧର୍ମଆତ୍ମରେ ଡୁବାଇବେ । ତାହାଙ୍କର ହସ୍ତରେ କୁଲା ଅଛି
ଆଉ ସେ ଆପଣା ଖମାର ଶୁଦ୍ଧଚାପେ ଝାଡି ଗହମ ସବୁ ଏକଠା କରି ଗୋ
ଲାରେ ରଖିବେ ପୁଣି ସବୁ ତୁଷକୁ ଅନିର୍ବାଣ ଅଗ୍ନିରେ ପୋଡାଇବେ ।
୧୩ ଏଥିଉତ୍ତାରୁ ଯୀଶୁ ଯୋହନ ଦ୍ୱାରା ଡୁବିତ ହେବାର ନିମନ୍ତେ ଗାଲିଲା
୧୪ ଦେଶଠାରୁ ତାହାର ନିକଟରେ ଯର୍ଦ୍ଦନକୁ ଅଇଲେ । ପୁଣି ଯୋହନ ତା
ହାକୁଂ ନିଷେଧ କରି କହିଲା ତୁମ୍ଭେ କି ଆମ୍ଭର ନିକଟକୁ ଆସୁଅଛ ଅଥବା
୧୫ ତୁମ୍ଭଠାରୁ ଡୁବିତ ହେବାର ଆମ୍ଭର ପ୍ରୟୋଜନ ଅଛି । ତେବେ ଯୀଶୁ ଉତ୍ତର
କଲେ ଏବେ ଏମନ୍ତ ଅନୁମତି ଦିଅ ଯେହେତୁ ଏହି ପ୍ରକାରେ ସବୁ ଧର୍ମକର୍ମ
୧୬ ସାଧନ କରିବାର ଆମ୍ଭମାନଙ୍କର କର୍ତ୍ତବ୍ୟ ତେଣୁ ସେ ସନ୍ମତ ହୋଇଲା । ଯୀଶୁ
ଡୁବିତ ହୋଇ ଜଳ ମଧ୍ୟରୁ ଉଠି ଗଲେ ସେହିକ୍ଷଣି ଦେଖ ସ୍ୱର୍ଗଦ୍ୱାର ତାହାଙ୍କର
ପ୍ରତି ମୁକୁଳା ହୁଅନ୍ତେ ସେ ଈଶ୍ୱରଙ୍କର ଆତ୍ମ କାପ୍ତାର ପରି ଓହ୍ଲାଇ ଆପଣାର
୧୭ ଉପରେ ଆସିବାକୁ ଦେଖିଲେ । ଆଉ ଏହି ଆମ୍ଭର ପ୍ରିୟ ପୁତ୍ର ଏହାଙ୍କଠାରେ
ଆମ୍ଭର ପରମ ସନ୍ତୋଷ ଏମନ୍ତ ଏକ ଆକାଶବାଣୀ ହୋଇଲା ।

## ୪ ପର୍ବ ।

୧ ଅନନ୍ତରେ ଯୀଶୁ ଶୟତାନ ଦ୍ୱାରା ପରୀକ୍ଷିତ ହେବାର ନିମନ୍ତେ ଆତ୍ମରେ
୨ ବନକୁ ଆକର୍ଷିତ ହୋଇ ଚାଳିଶ ଦିନରାତ୍ରି ଉପବାସ କରନ୍ତେ କ୍ଷୁଧିତ ହେଲେ ।
୩ ତହିଂରେ ପରୀକ୍ଷକ ତାହାଙ୍କର ନିକଟକୁ ଆସି କହିଲା ତୁମ୍ଭେ ଯେବେ ଈଶ୍ୱ
୪ ରକଂ କୁମର ଅଟ ତେବେ ଆଜ୍ଞା କରି ଏହି ପଥର ଗୁଡାକ ରୋଟୀ କର । ଏଥି
ରେ ସେ ଉତ୍ତର କଲେ ଏହା ଲେଖା ଅଛି କେବଳ ରୋଟୀରେ ମନୁଷ୍ୟ
ବଞ୍ଚିବ ନାହିଂ ପୁଣି ଈଶ୍ୱରକଂ ମୁଖରୁ ଯେ ଯେ କଥା ବାହାର ହୁଅଇ ତହିଂ
୫ ରେଇ ବଞ୍ଚିବ । ତେବେ ଶୟତାନ ତାହାକୁଂ ପୁଣ୍ୟ ନଗରକୁ ନେଇ ମନ୍ଦିରର
୬ ଏକ ଚୂଡାର ଉପରେ ରଖି କହିଲା ତୁମ୍ଭେ ଯେବେ ଈଶ୍ୱରର ପୁତ୍ର ଅଟ
ତେବେ ଏହାର ତଳେ ପଡ ଯେହେତୁ ଏମନ୍ତ ଲେଖା ଅଛି ସେ ତୁମ୍ଭର ପକ୍ଷ
ରେ ଆପଣା ଦୂତଗଣକୁ ଆଜ୍ଞା ଦେବେ ତେଣୁ ତୁମ୍ଭର ଗୋଡ ଯେମନ୍ତ ପଥ
ରରେ ନ ବାଜଇ ଏଥିପାଇଁ ସେମାନେ ସ୍ୱହସ୍ତରେ ତୁମ୍ଭକୁ ଧରି ରଖିବେ ।
୭ ତହିଂରେ ଯୀଶୁ ତାହାକୁ କହିଲେ ଏହାଇ ଲେଖା ଅଛି ତୁମ୍ଭେ ଆପଣା ପ୍ରଭୁ

ପରମେଶ୍ଵରଙ୍କୁ ପରୀକ୍ଷା ନ କର । ଅନନ୍ତରେ ଶୟତାନ ତାହାକୁଂ ପୁନବ୍ବାର ୮
ଅତ ଉଚ୍ଚ ଏକ ପଦ୍ଦତ ଉପରକୁ ନେଇ ଜଗତର ସମସ୍ତ ରାଜ୍ୟ ଓ ତାହାର
ଐଶ୍ୱର୍ଯ୍ୟ ଦେଖାଇ ତାହାକୁଂ କହିଲା ତୁମ୍ଭେ ଯେବେ ଦଣ୍ଡବତ୍ କର ଆମ୍ଭକୁ ୯
ଭଜନା କରବ ତେବେ ଆମ୍ଭେ ଏହି ସମସ୍ତ ତୁମ୍ଭକୁ ଦେବା । ତହିଁରେ ଯୀଶୁ ୧୦
ତାହାକୁ କହିଲେ ଦୂର ହୁଅ ଶୟତାନ ଯେହେତୁ ଲେଖା ଅଛି ତୁମ୍ଭେ ଆ
ପଣା ପ୍ରଭୁ ପରମେଶ୍ଵରକୁଂ ଭଜନା କର ପୁଣି କେବଳ ତାହାଙ୍କର ସେବା
କର । ତେଣୁ ଶୟତାନ ତାହାକୁଂ ଛଡ଼ାଇଲେ ଦେଖ ସ୍ୱର୍ଗର ଦୂତଗଣ ଆସି ୧୧
ତାହାଙ୍କର ସେବା କଲେ ।

ଯୋହନ କାରାଗାରରେ ବନ୍ଦି ହୋଇ ଅଛନ୍ତି ଏକଥା ଶୁଣି ଯୀଶୁ ଗାଲିଲୀକୁ ୧୨
ଗଲେ । ତହିଁଉତ୍ତାରେ ସେ ନାଜରତ ନଗର ଛାଡ଼ି ସମୁଦ୍ରର କୂଳେ ଜବୂଲନ ୧୩
ଓ ନପ୍ତାଲି ଏହି ଦୁଇ ପ୍ରଦେଶର ସୀମାର ମଧ୍ୟରେ ଯେ କଫର୍ନାହୂମ ନଗର
ସେଠାରେ ଯାଇ ବାସ କଲେ । ତହିଁରେ ସମୁଦ୍ରର ପାଖେ ଯର୍ଦ୍ଦନର ପାର ୧୪
ରେ ଅନ୍ୟ ଦେଶୀୟମାନଙ୍କର ଗାଲିଲୀରେ ଅର୍ଥାତ୍ ଜବୂଲନ ଓ ନପ୍ତାଲି
ପ୍ରଦେଶରେ ଯେଉଁ ଲୋକମାନେ ଅନ୍ଧକାରରେ ବସିଥାନ୍ତି ସେମାନେ ମହା ୧୫
ଆଲୁଅ ଦେଖିବେ ପୁଣି ଯେଉଁମାନେ ମୃତ୍ୟୁ ଦେଶର ଛାୟାରେ ବସିଥାନ୍ତି
ସେମାନଙ୍କଠାରେ ଆଲୁଅ ପ୍ରକାଶ ହେବ । ଏହି ଯେ କଥା ଯିଶାଇୟ ୧୬
ଭବିଷ୍ୟଦ୍ବକ୍ତାର ମୁଖରେ ଉକ୍ତ ଥିଲା ତାହା ସିଦ୍ଧ ହେଲା ।

ଏଉତ୍ତାରୁ ଯୀଶୁ ମଙ୍ଗଲସମାଗ୍ଦର ପ୍ରଚାର କର ଏହି କଥା କହିବାକୁ ଆରମ୍ଭ ୧୭
କଲେ ମନ ଫେରାଅ ଯେହେତୁ ସ୍ୱର୍ଗର ରାଜ୍ୟ ସନ୍ନିକଟ ହେଲା । ଅନନ୍ତରେ ୧୮
ଯୀଶୁ ଗାଲିଲୀର ସମୁଦ୍ର କୂଳରେ ଯାଉଁ। ଆନ୍ଦ୍ରିୟ ପୁଣି ତାହାର ଭାଇ ଶି
ମୋନ ଅର୍ଥାତ୍ ଯାହାକୁ ପିତର କହନ୍ତି ଏହି ଦୁଇ ଜଣକୁ ସମୁଦ୍ରରେ ଜାଲ
ପକାଇବା ଦେଖିଲେ ଯେହେତୁ ସେମାନେ ମତ୍ସ୍ୟଧାରୀ । ତେବେ ସେ ସେ ୧୯
ମାନଙ୍କୁଂ ଡାକ କହିଲେ ଆମ୍ଭର ପଶ୍ଚାତ୍ ଆସ ଆମ୍ଭେ ତୁମ୍ଭମାନଙ୍କୁଂ ମନୁଷ୍ୟ
ଧାରୀ କରିବା । ତେଣୁ ସେମାନେ ସେହିକ୍ଷଣେ ଜାଲ ଛାଡ଼ି ତାହାଙ୍କର ପଛେ ୨୦
ଗଲେ । ସେ ସ୍ଥାନରୁ ଯାଉଁ। ସେ ଜବଦୀର ପୁତ୍ର ଯାକୁବ ଓ ଯୋହନ ନା ୨୧
ମରେ ଦୁଇ ଭାଇଙ୍କୁ ପିତାର ସଙ୍ଗେ ନାବର ଉପରେ ଜାଲ ସଜାଇବା ଦେଖି
ସେମାନଙ୍କୁ ଡାକିଲେ । ତହିଁରେ ସେହିକ୍ଷଣେ ସେମାନେ ନାଆ ଓ ଆପଣାର ୨୨
ପିତାକୁ ଛାଡ଼ି ତାହାଙ୍କର ପଶ୍ଚାତ୍‌ଗାମୀ ହେଲେ ।

ଏଥିଉତ୍ତାରେ ଭଜନାଲୟରେ ଉପଦେଶ ଦେଉଁ। ଓ ରାଜ୍ୟର ମଙ୍ଗଲସମା ୨୩
ଗ୍ଦର ଘୋଷଣା କରୁଁ। ପୁଣି ଲୋକମାନଙ୍କର ସବୁ ପ୍ରକାର ରୋଗ ଓ ପୀଡ଼ା
ସୁସ୍ଥ କରୁଁ। ଯୀଶୁ ସମସ୍ତ ଗାଲିଲୀ ଦେଶରେ ଭ୍ରମଣ କଲେ । ପୁଣି ସମସ୍ତ ୨୪

ସୁରିୟା ଦେଶର ମଧ୍ୟରେ ତାହାଙ୍କର ସୁଖ୍ୟାତି ବ୍ୟାପି ସେମାନେ ଭୂତଗ୍ରସ୍ତ
ଓ ମୃଗୀରୋଗୀ ଓ ପକ୍ଷାଘାତୀ ଯେତେ ଲୋକ ନାନା ପ୍ରକାର ରୋଗରେ ଗ୍ରସ୍ତିତ
ହୋଇ କଷ୍ଟ ପାଉଥିଲେ ସେ ସମସ୍ତଙ୍କୁ ତାହାଙ୍କର ନିକଟକୁ ଆଣନ୍ତେ ସେ ସେ
୨୫ ମାନଙ୍କୁ ସୁସ୍ଥ କଲେ । ଏଥିରେ ଗାଲିଲୀ ଓ ଦକାପଲି ଓ ଯିରୂଶାଲମ ଓ ଯି
ହୁଦୀୟ ଦେଶଠାରୁ ପୁଣି ଯର୍ଦ୍ଦନର ପାରରୁ ଅତି ଲୋକ ଗହଳ ତାହାଙ୍କର
ପଛେ ପଛେ ଗମନ କଲେ ।

୫ ପଦ୍ୟ ।

୫ ଲୋକ ଗହଳ ଦେଖି ଯୀଶୁ ଏକ ପର୍ବତର ଉପରକୁ ଯାଇ ବସନ୍ତେ ତା
୨ ହାଙ୍କର ନିକଟରେ ଶିଷ୍ୟମାନେ ଅଇଲେ । ଏଥିରେ ସେ ଆପଣା ମୁଣ୍ଡ ଫିଟାଇ
୩ ସେମାନଙ୍କୁ ଏହି ଉପଦେଶ କରି କହିଲେ । ଅନ୍ତରମାନ ଶୂନ୍ୟ ଲୋକେ ଧନ୍ୟ
୪ ଯେହେତୁ ସ୍ୱର୍ଗ ରାଜ୍ୟ ସେମାନଙ୍କର । ଶୋକଯୁକ୍ତ ଲୋକେ ଧନ୍ୟ ଯେହେତୁ
୫ ସେମାନେ ସାନ୍ତ୍ୱନା ପାଇବେ । ନମ୍ରଶୀଳ ଲୋକେ ଧନ୍ୟ ଯେହେତୁ ସେମାନେ
୬ ପୃଥିବୀରେ ଅଧିକାର ପାଇବେ । ଧର୍ମ ଲାଗି କ୍ଷୁଧିତ ଓ ତୃଷିତ ଲୋକେ ଧନ୍ୟ
୭ ଯେହେତୁ ସେମାନେ ପରିତୃପ୍ତ ହେବେ । ଦୟାଳୁ ଲୋକେ ଧନ୍ୟ ଯେହେତୁ
୮ ସେମାନେ ଦୟା ପାଇବେ । ନର୍ମଲାନ୍ତଃକରଣ ଲୋକେ ଧନ୍ୟ ଯେହେତୁ ସେ
୯ ମାନେ ଈଶ୍ୱରଙ୍କ ଦର୍ଶନ ପାଇବେ । ମିଳଣକାର ଲୋକେ ଧନ୍ୟ ଯେହେତୁ
୧୦ ସେମାନେ ଈଶ୍ୱରଙ୍କ ସନ୍ତାନଗଣ ବୋଲାଇ ହେବେ । ଧର୍ମର ନମନ୍ତେ ତାଡିତ
୧୧ ଲୋକେ ଧନ୍ୟ ଯେହେତୁ ସ୍ୱର୍ଗରାଜ୍ୟ ସେମାନଙ୍କର ଅଧିକାର । ଆମ୍ଭର ନମନ୍ତେ
ମନୁଷ୍ୟମାନେ ଯେବେ ତୁମ୍ଭମାନଙ୍କୁ ନିନ୍ଦା ଓ ତାଡଣା କରନ୍ତି ପୁଣି ମିଥ୍ୟା
୧୨ କରି ନାନାବିଧ ମନ୍ଦ କଥା ବୋଲନ୍ତି ତେବେହେଁ ତୁମ୍ଭେମାନେ ଧନ୍ୟ । ସେହି
ସମୟରେ ଉଲ୍ଲାସ କର ପୁଣି ଅତିଶୟ ଆନନ୍ଦିତ ହୁଅ ଯେହେତୁ ସ୍ୱର୍ଗରେ
ତୁମ୍ଭେମାନେ ମହାଫଳ ପାଇବ । ସେମାନେ ତୁମ୍ଭମାନଙ୍କର ପୂର୍ବ କାଳର
ଭବିଷ୍ୟଦ୍ବକ୍ତାଗଣକୁ ଏହିପରି ତାଡଣା କରିଥିଲେ ।

୧୩ ତୁମ୍ଭେମାନେ ପୃଥିବୀର ଲବଣସ୍ୱରୂପ ପୁଣି ଲବଣ ଅସ୍ୱାଦୁ ହୋଇଲେ ତାହା
କେମନ୍ତ କରି ଲବଣଯୁକ୍ତ ହୋଇବ । ତହିଁ ତାହା କୌଣସି କାର୍ଯ୍ୟଯୋଗ୍ୟ
ନୋହେ କେବଳ ବାହାରେ ପକାଇ ମନୁଷ୍ୟର ପାଦତଳେ ଦଳିତ ହେବାର
୧୪ ଯୋଗ୍ୟ । ତୁମ୍ଭେମାନେ ଜଗତର ଆଲୁ� ସ୍ୱରୂପ ପର୍ବତ ଉପରେ ସ୍ଥାପିତ ନ
୧୫ ଗର ଗୁପ୍ତ ହେବାକୁ ପାରିବ ନାହିଁ । କେହି ପ୍ରଦୀପ ଜ୍ୱଳାଇ ମାଣର ତଳେ
ନ ଥୋଇ ଦୀପରାଖା ଉପରେ ଥୁଅନ୍ତି ତହିଁରେ ସେ ଦୀପ ଗୃହସ୍ଥିତ ସ
୧୬ ମସ୍ତ ଲୋକଙ୍କୁ ଆଲୁଅ ଦିଅଇ । ତେମନ୍ତ ଲୋକଙ୍କର ସାକ୍ଷାତରେ ତୁମ୍

ମାନଙ୍କର ଆଲ୍ଫ ପ୍ରକାଶ ହେଉ ଉହ୍ନଂରେ ସେମାନେ ତୁମ୍ଭମାନଙ୍କ ସୁକର୍ମ ଦେଖି ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାର ଧନ୍ୟବାଦ କରନ୍ତୁ ।

ଆମ୍ଭେ ଯେ ବ୍ୟବସ୍ଥା କ ଭବିଷ୍ୟଦ୍ବକ୍ତାର ଲେଖ କରିବାକୁ ଅଇଲୁଁ ଏ ୧୭
ମନ୍ତ୍ର ନ ଭଲ ଲେଖ କରିବାକୁ ନୋହେ ସଫଳ କରିବାକୁ ଆମ୍ଭେ ଅଇଲୁଁ ।
ଏହିହେତୁ ଆମ୍ଭେ ସତ୍ୟ ବୋଲି ଯେ ଯଦ୍ଦିନ୍ଦ୍ରେ ଆକାଶ ଓ ପୃଥିବୀର ଧ୍ୱଂସ ନ ୧୮
ହେବ ସେ ଯଦ୍ଦିନ୍ଦ୍ରେ ସମସ୍ତ ପୂର୍ଣ ନ ହେଲେ ବ୍ୟବସ୍ଥାଠାରୁ ଏକ ମାତ୍ରା କ
ଏକ ବିନ୍ଦୁର ଲେଖ ନ ହେବ । ଏନମନ୍ତେ ଯେ କେହ ଏହି ସମସ୍ତ ଆଜ୍ଞାର ୧୯
କ୍ଷୁଦ୍ରକୁହଂ ଲଙ୍ଘନ କରି ସେହିରୂପେ ଲୋକକୁଂ ଶିକ୍ଷା ଦଅଇ ସେ ସ୍ୱର୍ଗ ରାଜ୍ୟ
ରେ ସମସ୍ତଙ୍କ କ୍ଷୁଦ୍ର ଗଣିତ ହେବ । ପୁଣି ଯେଉଁ ଜନ ତାହା ପାଲଣ କରି
ସେରୂପେ ଶିକ୍ଷା ଦଅଇ ସେ ସ୍ୱର୍ଗ ରାଜ୍ୟରେ ପ୍ରଧାନରୂପେ ଗଣିତ ହେବ ।
ଆଉ ଆମ୍ଭେ ତୁମ୍ଭମାନଙ୍କୁ କହୁ ଅଧ୍ୟାପକ ଓ ଫାରୂଶି ଲୋକଙ୍କଠାରୁ ତୁମ୍ଭ ୨୦
ମାନଙ୍କର ଧାର୍ମିକପଣ ଅଧିକ ନୋହିଲେ ତୁମ୍ଭେମାନେ କେବେହେଁ ସ୍ୱର୍ଗ
ରାଜ୍ୟରେ ପ୍ରବେଶ ନୋହିବ ।

ନରହତ୍ୟା ନ କର ପୁଣି କେହି ନରହତ୍ୟା କଲେ ସେ ବଶ୍ଦର ସ୍ଥାନରେ ୨୧
ଦଣ୍ଡଯୋଗ୍ୟ ହେବ ପୂର୍ବକାଲର ଲୋକମାନଙ୍କୁ ଏହି ଉକ୍ତିବାକ୍ୟ ତୁମ୍ଭେମାନେ
ଶୁଣିଅଛ । ପୁଣି ଆମ୍ଭେ ବୋଲି ଯେ କେହି ଅକାରଣରେ ଆପଣା ଭାଇର ୨୨
ପ୍ରତି କ୍ରୋଧ କରଇ ସେ ବଶ୍ଦର ସ୍ଥାନରେ ଦଣ୍ଡ ଯୋଗ୍ୟ । ପୁଣି ଯେ କେହି
ଆପଣା ଭାଇକୁ ପାଷାଣ୍ଡ ବୋଲଇ ସେ ମହା ସଭାରେ ଦଣ୍ଡନୀୟ ହୋଇବ ।
ଆଉ ତୁ ମୂଢ଼ ଏକଥା ଯେବେ କେହି ଆପଣାର ଭାଇକୁ ବୋଲଇ ତେବେ ସେ
ନରକାଗ୍ନିରେ ଦଣ୍ଡ ଯୋଗ୍ୟ ହୋଇବ । ଏନମନ୍ତେ ବେଦର ନକ୍ଶରେ ଆପଣା ୨୩
ନୈବେଦ୍ୟ ଆଣିଲେ ତୁମ୍ଭ ସଙ୍ଗେ ତୁମ୍ଭ ଭାଇର କୌଣସି ବିରୋଧର କାରଣ
ଥାଏ ଏହା ଯେବେ ସେଠାରେ ମନରେ କର ତେବେ ବେଦୀର ସମ୍ମୁଖେ ଆପ ୨୪
ଣାର ନୈବେଦ୍ୟ ରଖି ଆଗେ ଯାଇ ତୁମ୍ଭ ଭାଇର ସଙ୍ଗରେ ମିଳ ପଚ୍ଛେ ଆସ
ଆପଣା ନୈବେଦ୍ୟ ଉତ୍ସର୍ଗ କର । ଆଉ ବାଟରେ ଯାଉଁ ବବାଦର ସଙ୍ଗେ ୨୫
ବେଗେ ମିଳଣ କର ନୋହିଲେ କ ଜାଣି ବବାଦ ତୁମ୍ଭକୁ ବଶ୍ଦରକର୍ତ୍ତାଠାରେ
ସମର୍ପି ଦଅଇ ପୁଣି ବଶ୍ଦରକର୍ତ୍ତା ପ୍ରହାରକଠାରେ ସମର୍ପଣ କଲେ ତୁମ୍ଭେ ବନ୍ଦି
ଘରେ ବନ୍ଦି ହୁଅ । ତାହା ହେଲେ ଆମ୍ଭେ ସତ୍ୟ ବୋଲି କଉଡ଼ ଶେଷ ପର୍ଯ୍ୟ ୨୬
ନ୍ତେ ପରଶୋଧ ନ କଲେ ସେଠାରୁ କଦାପି ବାହାରକୁ ଆସି ନ ପାରିବ ।

ତୁମ୍ଭେ ବ୍ୟଭିଚାର ନ କର ପୂର୍ବକାଲର ଲୋକଙ୍କର ପ୍ରତି ଏହି ଉକ୍ତିବାକ୍ୟ ୨୭
ତୁମ୍ଭେମାନେ ଶୁଣିଅଛ । ପୁଣି ଆମ୍ଭେ କହୁ କେହି ଯେବେ କୌଣସି ସ୍ତ୍ରୀର
ପ୍ରତି କାମ ଭାବରେ ଅନାଇ ଥାଏ ତେବେ ସେ ତାହାର ସଙ୍ଗେ ମନୋ ୨୮

୨୯ ବ୍ୟଭଗ୍ଧର କଲାଣି । ଏନ୍ତମନ୍ତେ ତୁମ୍ଭର ଦକ୍ଷିଣ ଚକ୍ଷୁ ଯେବେ ତୁମ୍ଭର ବାଧା
ଜନ୍ମାଏ ତେବେ ତାହା ଓପାଡ ଦୂରେ ପକାଅ । ଯେହେତୁ ତୁମ୍ଭର ସମସ୍ତ
ଶରୀରକୁ ନରକରେ ପକାଇବାରୁ ତୁମ୍ଭର ଏକ ଅଙ୍ଗର ନାଶ ହେବାର ଲାଭ ।
୩୦ ଅଥବା ତୁମ୍ଭର ଦକ୍ଷିଣ ହସ୍ତ ଯେବେ ବାଧା ଜନ୍ମାଏ ତେବେ ତାହାକୁ ଛେ
ଦନ କର ଦୂରେ ପକାଅ ଯେହେତୁ ସମସ୍ତ ଶରୀରକୁ ନରକରେ ପକାଇବାରୁ
ଏକ ଅଙ୍ଗର ନାଶ ହେବାର ଲାଭ ।
୩୧ ଉକ୍ତ ଅଛୁ କେହ ଯେବେ ଆପଣା ସ୍ତ୍ରୀକୁ ପରିତ୍ୟାଗ କରିବାକୁ ଇଚ୍ଛୁଛି
୩୨ ତେବେ ସେ ତାହାକୁ ଛାଡପତ୍ର ଦେଉ । ପୁଣି ଆମ୍ଭେ ତୁମ୍ଭମାନଙ୍କୁ କୋଳି
ବ୍ୟଭିଚାର ଦୋଷ ବନା କେହ ଯେବେ ଆପଣା ସ୍ତ୍ରୀକୁ ପରିତ୍ୟାଗ କରଇ
ତେବେ ସେ ତାହାକୁ ବ୍ୟଭିଚାର କରାଏ ଓ ଯେଉଁ ଜନ ସେହି ତ୍ୟକ୍ତ
ସ୍ତ୍ରୀକୁ ବିବାହ କରଇ ସେହି ବ୍ୟଭିଚାର କରଇ ।
୩୩ ଆବର ତୁମ୍ଭେ କୌଣସି ମିଥ୍ୟା ପଣ ନ କର ଈଶ୍ୱରଙ୍କର ପ୍ରତି ଆପଣା
ପଣ ପାଳଣ କର ପୂର୍ବକାଳର ଲୋକଙ୍କୁ ଏହି ଉକ୍ତ ବାକ୍ୟ ତୁମ୍ଭେମାନେ ଶୁଣି
୩୪ ଅଛ । ପୁଣି ଆମ୍ଭେ କହି କୌଣସି ପଣ ନ କର ଅର୍ଥାତ୍ ସ୍ୱର୍ଗ ନାମରେ
୩୫ ନ କର ଯେହେତୁ ସେହି ଈଶ୍ୱରଙ୍କ ସିଂହାସନ । ପୃଥିବୀ ନାମରେ ନ କର
ଯେହେତୁ ସେହି ତାହାଙ୍କର ପାଦପୀଠ । ଯିରୂଶାଲମ ନାମରେ ନ କର ଯେ
୩୬ ହେତୁ ସେହି ମହାରାଜାର ନଗର । ଆପଣାର ମସ୍ତକର ପଣ ନ କର
ଯେହେତୁ ତାହାର ଏକ କେଶ ଧଳା କି କଳା କରିବାକୁ ତୁମ୍ଭର ସାଧ୍ୟ
୩୭ ନାହିଁ । ପୁଣି ତୁମ୍ଭର କଥାବାର୍ତ୍ତାରେ ହଁ ହଁ ନା ନା ବୋଲ ଯେହେତୁ
ଏଥିର ଯେ ଅଧିକ ସେହି ଦୁଷ୍ଟର ଜନ୍ମଇ ।
୩୮ ଆଉ ଚକ୍ଷୁର ପରିଶୋଧେ ଚକ୍ଷୁ ଓ ଦାନ୍ତର ପରିଶୋଧେ ଦାନ୍ତ ଏହି ପୂର୍ବ
୩୯ ଉକ୍ତ ତୁମ୍ଭେମାନେ ଶୁଣିଅଛ । ପୁଣି ଆମ୍ଭେ କହି ହିଂସକ ଜନର ବାଧା ନ
କର ମାତ୍ର କେହ ଯେବେ ତୁମ୍ଭର ଦକ୍ଷିଣ ଗାଲରେ ଯାନ୍ତୁଡା ମାରଇ
୪୦ ତେବେ ତାହାର ପ୍ରତି ବାମ ଗାଲ ଫେରାଇ ଦଅ । କେହ ତୁମ୍ଭର ନାମରେ
ଗୁହାର କର ତୁମ୍ଭର ଉତ୍ତରୀୟକୁ। ନେବାକୁ ପାଛିଲେ ତାହାକୁ ଗିଲାପଇ
୪୧ ନେବାକୁ ଦଅ । ପୁଣି କେହ ଏକ କୋଶ ଯେନ ସିବାର ସାଁଇ ତୁମ୍ଭକୁ ବେ
୪୨ ଗାର ଧରିଲେ ତାହାର ସଙ୍ଗେ ଦୁଇ କୋଶ ଯାଅ । ଯେଉଁ ଜନ ତୁମ୍ଭଠା
ରେ ମାଗଇ ତାହାକୁ ଦଅ ପୁଣି କେହ ତୁମ୍ଭଠାରୁ ଉଧାର ନେବାକୁ ପାଛିଲେ
ତାହାର ପ୍ରତି ବମୁଖ ନ ହୁଅ ।
୪୩ ଆପଣା ପ୍ରତିବାସିକ ପ୍ରେମ କର ଓ ଶତ୍ରୁକୁ ଘୃଣା କର ଏହି ପୂର୍ବଉକ୍ତି
୪୪ ତୁମ୍ଭେମାନେ ଶୁଣିଅଛ । ପୁଣି ଆମ୍ଭେ କହି ଶତ୍ରୁକୁ ପ୍ରେମ କର ପୁଣି ଯେଉଁ

ମାନେ ତୁମ୍ଭମାନଙ୍କୁ ଶାପ୍ୟ ଦଅନ୍ତୁ ସେମାନଙ୍କୁ ଆଶୀବ୍ବାଦ କର ଯେଉଁମାନେ
ତୁମ୍ଭମାନଙ୍କୁ ପୁଣା କରନ୍ତୁ ସେମାନଙ୍କର ମଙ୍ଗଲ କର ପୁଣି ଯେଉଁମାନେ
ତୁମ୍ଭମାନଙ୍କୁ ନନ୍ଦା ଓ ତାଉଣା କରନ୍ତୁ ସେମାନଙ୍କର ନମନ୍ତେ ପ୍ରାର୍ଥନା କର ।
ତହିଁରେ ଯେ ବୃକ୍ଷ ଓ ସାଧୁ ଲୋକର ଉପରେ ସୂର୍ଯ୍ୟ ଉଦୟ କରନ୍ତୁ ପୁଣି ୪୫
ଧାର୍ମିକ ଓ ଅଧାର୍ମିକଗଣର ଉପରେ ବୃଷ୍ଟି ବର୍ଷାନ୍ତୁ ଏମନ୍ତ ଯେ ତୁମ୍ଭମାନଙ୍କର
ସ୍ୱର୍ଗୀୟ ପିତା ତୁମ୍ଭେମାନେ ତାହାଙ୍କର ସନ୍ତାନ ହେବ । ଯେଉଁମାନେ ତୁମ୍ଭ ୪୬
ମାନଙ୍କୁ ପ୍ରେମ କରନ୍ତି କେବଳ ସେମାନଙ୍କୁ ପ୍ରେମ କଲେ ତୁମ୍ଭମାନଙ୍କର କ
ଫଳ ହେବ ଯାଷଣୁଜାତିମାନେ କ ଏମନ୍ତ କରନ୍ତି ନାହିଁ । ଆଉ ତୁମ୍ଭେମାନେ ୪୭
ଯେବେ କେବଳ ଆପଣାମାନଙ୍କର ଭାଇଗଣକୁ ନମସ୍କାର କଲେ କ ଅଧିକ
କର୍ମ କର ଯାଷଣୁଜାତିମାନେହେଁ କ ସେରୂପେ ନ କରନ୍ତି । ଏସକାଣୁ ତୁମ୍ଭ ୪୮
ମାନଙ୍କର ସ୍ୱର୍ଗୀୟ ପିତା ଯେମନ୍ତ ପୂର୍ଣ ଅଟନ୍ତି ତୁମ୍ଭେମାନେ ତେମନ୍ତ ପୂର୍ଣ ହୁଅ ।

## ୬ ପବ୍ବ ।

ସାବଧାନ ମନୁଷ୍ୟମାନେ ଯେମନ୍ତ ଦେଖିବେ ଏଥିପାଇଁ ସେମାନଙ୍କର ଗୋଚ ୧
ରେ ଧର୍ମକର୍ମ ନ କର ତାହା କଲେ ତୁମ୍ଭମାନଙ୍କର ସ୍ୱର୍ଗୀୟ ପିତାଠାରୁ କୌ
ଣସି ଫଳ ନ ପାଇବ । ଏଣୁ ଯେବେ ଦାନ କର ତେବେ କପଟି ଲୋକେ ୨
ଯେମନ୍ତ ମନୁଷ୍ୟଠାରୁ ପ୍ରଶଂସା ପାଇବା ପାଁଇ ଭଜନାଲୟରେ ଓ ରାଜବା
ଣ୍ଡରେ ତୂରୀ ବଜାନ୍ତି ତେମନ୍ତ ନ କର ଆମ୍ଭେ ତୁମ୍ଭକୁ ସତ୍ୟ ବୋଲି ସେମା
ନେ ଆପଣାର ଫଳ ପାନ୍ତି । ପୁଣି ତୁମ୍ଭେ ଯେବେ ଦାନ କର ତେବେ ଆପଣା ୩
ର ଦକ୍ଷିଣ ହସ୍ତ କ କରୁଅଛ ତାହା ବାମ ହସ୍ତକୁ ନ ଜଣାଅ । ତହିଁରେ ତୁ ୪
ମ୍ଭର ଦାନ ଗୋପନରେ ହୁଅଇ ପୁଣି ତୁମ୍ଭର ପିତା ଯେ ଗୁପ୍ତରେ ଦେଖନ୍ତି ସେ
ପ୍ରକାଶରୂପେ ତୁମ୍ଭକୁ ଫଳ ଦେବେ ।

ଆଉ ଯେବେ ପ୍ରାର୍ଥନା କର ତେବେ କପଟିମାନଙ୍କର ମତେ ନ ହୁଅ ଯେ ୫
ହେତୁ ମନୁଷ୍ୟମାନେ ଯେମନ୍ତ ଦେଖିବେ ଏଥିପାଇଁ ସେମାନେ ଭଜନାଲୟ
ରେ ଓ ରାଜବାଣ୍ଡର କୋଣରେ ଠିଆ ହୋଇ ପ୍ରାର୍ଥନା କରିବାକୁ ଭଲ ଜା
ଣନ୍ତି ଆମ୍ଭେ ତୁମ୍ଭମାନଙ୍କୁ ସତ୍ୟ ବୋଲି ସେମାନେ ଆପଣାର ଫଳ ପାନ୍ତି ।
ଏନମନ୍ତେ ପ୍ରାର୍ଥନା କାଲରେ ନଗ୍ଦଳ ସ୍ଥାନରେ ଯାଇ ଦ୍ୱାର ବନ୍ଦ କର ତୁ ୬
ମ୍ଭର ଗୁପ୍ତସ୍ଥାନସ୍ଥ ପିତାଠାରେ ପ୍ରାର୍ଥନା କର ତହିଁରେ ତୁମ୍ଭର ପିତା ଯେ ଗୁ
ପ୍ତରେ ଦେଖନ୍ତି ସେ ତୁମ୍ଭକୁ ପ୍ରକାଶରୂପେ ଫଳ ଦେବେ । ଆଉ ପ୍ରାର୍ଥନା ୭
କାଲରେ ଦେବପୂଜକମାନଙ୍କର ପ୍ରାୟେ ବ୍ୟର୍ଥ ପୁନରୁକ୍ତି ନ କର ଯେହେତୁ
ଅନେକ କଥା କହିବାରୁ ସେମାନେ ଶ୍ରାହ୍ୟ ହେବେ ଏହା ବୋଧ କରନ୍ତି ।

୮ ସେମାନଙ୍କର ମତ୍ତେ ନ ହୁଅ ଯେହେତୁ ତୁମ୍ଭମାନଙ୍କର କ'ଣ ପ୍ରୟୋଜନ ତାହା
୯ ମାଗିବାର ପୂର୍ବରେ ତୁମ୍ଭମାନଙ୍କର ପିତା ଜାଣନ୍ତି । ଏନମନ୍ତେ ଏହି ପ୍ରକାରେ
୧୦ ପ୍ରାର୍ଥନା କର । ହେ ଆମ୍ଭମାନଙ୍କର ସ୍ୱର୍ଗସ୍ଥ ପିତା ତୁମ୍ଭର ନାମର ପୂଜା ହେଉ
ତୁମ୍ଭର ରାଜ୍ୟ ଆସୁ ଯେଉଁପ ସ୍ୱର୍ଗରେ ସେଉଁପ ପୃଥିବୀରେ ତୁମ୍ଭର ଇଚ୍ଛା
୧୧ ସଫଳ ହେଉ । ଆଜ୍ଞ ଆମ୍ଭମାନଙ୍କର ଦତ୍ତ୍ୟ ଭକ୍ଷ୍ୟ ଦଅ । ଆମ୍ଭେମାନେ କଜ
୧୨ ଅପରାଧିମାନଙ୍କୁ ଯେମନ୍ତ କ୍ଷମା କର ତେମନ୍ତ ଆମ୍ଭମାନଙ୍କର ଅପରାଧ କ୍ଷମା
୧୩ କର । ପରୀକ୍ଷାରେ ଆମ୍ଭମାନଙ୍କୁ ନ ଆଣ ପୁଣି ଦୁଷ୍ଟଠାରୁ ରକ୍ଷା କର [ଯେଣୁ
ରାଜତ୍ୱ ଗୌରବ ପରାକ୍ରମ ସଦା ସର୍ବଦା ତୁମ୍ଭର ଆମେନ] । ଏନମନ୍ତେ
୧୪ ଯେବେ ପରର ଅପରାଧ କ୍ଷମା କର ତେବେ ତୁମ୍ଭମାନଙ୍କର ସ୍ୱର୍ଗସ୍ଥ ପିତା ତୁ
୧୫ ମ୍ଭମାନଙ୍କୁ କ୍ଷମା କରିବେ । ଯେବେ ପରର ଅପରାଧ କ୍ଷମା ନ କର ତେବେ
ତୁମ୍ଭମାନଙ୍କର ପିତାହିଁ ତୁମ୍ଭମାନଙ୍କର ଅପରାଧ କ୍ଷମା ନ କରିବେ ।
୧୬ ଆଉ ଯେବେ ଉପବାସ କର ତେବେ କପଟିମାନଙ୍କର ମତ୍ତେ ବିଷଣ୍ଣ ବଦନ
ନ ହୁଅ ଯେଣୁ ମନୁଷ୍ୟମାନେ ଯେମନ୍ତ ସେମାନଙ୍କର ଉପବାସ ଦେଖିବେ
ଏଥିପାଇଁ ସେମାନେ ଅପଶାୀ ମୁଖକୁ ମଳିଶ କରନ୍ତି ଆମ୍ଭେ ସତ୍ୟ ବୋଲ
୧୭ ସେମାନେ ଅପଶାୀ ଫଳ ପାନ୍ତି । ଏଣୁ ଉପବାସ ସମୟରେ ଯେମନ୍ତ
୧୮ ଲୋକଙ୍କଠାରେ ତୁମ୍ଭେ ଉପବାସିର ପର ନ ଦଶ ପୁଣି ଅଗୋଚର
ଯେ ତୁମ୍ଭର ପିତା ତାହାଙ୍କଠାରେ ଦଶ ଏହେତୁ ଅପଶା ମସ୍ତକରେ
ତେଲ ମଖାଅ ଓ ମୁଖ ପ୍ରକ୍ଷାଳଣ କର ତହିଁରେ ତୁମ୍ଭର ପିତା ଯେ ଶୁଦ୍ଧରେ
ଦେଖନ୍ତି ସେ ପ୍ରକାଶରୂପେ ତୁମ୍ଭକୁ ଫଳ ଦେବେ ।
୧୯ ଯେଉଁଠାରେ ପୋକ ଓ କଳଙ୍କ ଖାଏଁ ଓ ଚୋରମାନେ ସିନ୍ଧି କର
ଚୋର କରନ୍ତି ଏମନ୍ତ ପୃଥିବୀରେ ଅପଶାମାନଙ୍କର ପାଁଇ ଧନ ସଞ୍ଚୟ ନ କର ।
୨୦ ପୁଣି ଯେଉଁଠାରେ ପୋକ ଓ କଳଙ୍କ ନ ଖାଏଁ ଓ ଚୋରମାନେ ସିନ୍ଧି କର
ଚୋର ନ କରନ୍ତି ଏମନ୍ତ ଯେ ସ୍ୱର୍ଗ ସେଠାରେ ଅପଶାୀ ପାଁଇ ଧନ ସଞ୍ଚୟ
୨୧ କର । ଯେହେତୁ ଯେଉଁଠାରେ ତୁମ୍ଭମାନଙ୍କର ଧନ ସେଠାରେ ତୁମ୍ଭମାନ
୨୨ ଙ୍କର ମନ । ଚକ୍ଷୁ ଶରୀରର ଦୀପ୍ତି ଏନମନ୍ତେ ତୁମ୍ଭ ଚକ୍ଷୁ ଯେବେ ପ୍ରସନ୍ନ ହୁଅଇ
ତେବେ ସବୁ ଶରୀର ଆଲୁଅମୟ ହେବ । ପୁଣି ଚକ୍ଷୁ ମଳିଶ ହେଲେ ତୁମ୍ଭ
୨୩ ମାନଙ୍କର ସବୁ ଶରୀର ଅନ୍ଧକାରମୟ ହେବ । ଏନମନ୍ତେ ଯେ ଆଲୁଅ ତୁମ୍ଭ
ଠାରେ ଅଛି ତାହା ଯେବେ ଅନ୍ଧକାର ହୁଅଇ ତେବେ ସେ ଅନ୍ଧକାର
କେତେ ବଡ ।
୨୪ କୌଣସି ମନୁଷ୍ୟ ଦୁଇ ପ୍ରଭୁବର ସେବା କରିବାକୁ ନ ପାରଇ । ଯେହେତୁ
ସେ ଏକ ଜଣକୁ ମନ ଦାଣି ଆନକୁ ଉତ୍ତମ ଜାଣଇ ଅଥବା ଏକକୁ ମାନ

ଆମକୁ ହେଳା କଉଇ ତୁମ୍ଭେମାନେ ଈଶ୍ୱର ଓ ଧନ ଏହି ଦୁଇର ସେବା
କରିବାକୁ ନ ପାରିବ । ଏନମନ୍ତେ ଆମ୍ଭେ ତୋଲି ଜୀବନର ପାଁଇ କ ଖାଇବ ୧୫
କ ପିଇବ ପୁଣି ଶରୀରର ପାଁଇ କ ପିନ୍ଧିବ ଏବଷୟରେ ନ ଭାବ । ରକ୍ଷ୍ୟ
ଠାରୁ ଜୀବନ ଓ ବସ୍ତ୍ରଠାରୁ ଶରୀର କ ଶ୍ରେଷ୍ଠ ନୁହଇ । ଆକାଶର ପକ୍ଷିକୁଂ ୧୬
ଅନାଅ ସେମାନେ ନ ବୁଣନ୍ତି ଓ ନ କାଟନ୍ତି ପୁଣି ଅମାରରେ ନ ରଖନ୍ତି
ତଥାପି ତୁମ୍ଭମାନଙ୍କର ସ୍ୱର୍ଗସ୍ଥ ପିତା ସେମାନଙ୍କୁ ଆହାର ଦଅନ୍ତି ତୁମ୍ଭେମାନେ
କ ସେମାନଙ୍କଠାରୁ ଶ୍ରେଷ୍ଠ ନୁହ । ତୁମ୍ଭମାନଙ୍କର ମଧ୍ୟରେ କେଉଁ ଜନ ଚିନ୍ତା ୧୭
ରେ କର ଆପଣାକୁ ଅଳ୍ପର ହାତେ ଦୀର୍ଘ କର ପାରଇ । ଆଉ ବସ୍ତ୍ରର ନମନ୍ତେ ୧୮
କଥାଁ ଭାବଉ ହୁଅ ବିଲର *ଫୁଲବର୍ଗ କେମନ୍ତ ବଢନ୍ତି ଚାହା ବିବେଚି ଦେଖ ।
ସେ ସବୁ ଶ୍ରମ ନ କରନ୍ତି ଅବା ସୂତା ନ କାଟନ୍ତି ତଥାପି ଆମ୍ଭେ କହୁ ଯେ ୧୯
ସଲମାନ ଆପଣା ସବୁ ଐଶ୍ୱର୍ଯ୍ୟକନ୍ତ ହେଲେ ଏହାର ଗୋଟାକର ପର ବସ୍ତ୍ର
ସ୍ଥିତ ନ ଥିଲା । ଏନମନ୍ତେ ଆଜ ବର୍ତ୍ତମାନ କାଲ ଚୁଲିରେ ପଡା ଯାଯେ ୩୦
ଏମନ୍ତ ଯେ କ୍ଷେତର ଘାସ ତାକୁ ଯେବେ ଈଶ୍ୱର ଏପ୍ରକାରେ ବେଶ ଦଅନ୍ତି
ତେବେ ହେ ଅଳ୍ପ ବଶ୍ୱାସିମାନେ ସେ ତୁମ୍ଭମାନଙ୍କୁ କ ଅଧିକ କର ନ
ଦେବେ । ଏଣୁ ଚିନ୍ତା କର ନ କୁହ ଆମ୍ଭେମାନେ କ ଖାଇବା କ ପିଇବା ପୁଣି ୩୧
କେଉଁ ବସ୍ତ୍ର ପିନ୍ଧିବା । ଯେହେତୁ ଦେବପୂଜକମାନେହେଁ ଏସମସ୍ତ ବଷୟରେ ୩୨
ଭାବଉ ହୁଅନ୍ତି । ଆଉ ଏହି ପଦାର୍ଥ ତୁମ୍ଭମାନଙ୍କର ପ୍ରୟୋଜନ ହୁଅଇ ଚାହା
ତୁମ୍ଭମାନଙ୍କର ସ୍ୱର୍ଗସ୍ଥ ପିତା ଜାଣନ୍ତି । ଏନମନ୍ତେ ଈଶ୍ୱରଙ୍କ ରାଜ୍ୟ ଓ ଚାହା ୩୩
ଙ୍କର ଧର୍ମ ପ୍ରଥମରେ ଚେଷ୍ଟା କର ତେଣୁ ଏହି ପଦାର୍ଥ ସବୁ ତୁମ୍ଭମାନଙ୍କୁ ଦଆ
ଯିବ । କାଲ୍ଯର ନମନ୍ତେ ଚିନ୍ତା ନ କର ଆପଣା ବଷୟରେ କାଲ ଆପେ ୩୪
ଚିନ୍ତିତ ହେବ ଅଜର ଯେ ଦୁସ୍ତର ସେ ଅଜର ନମନ୍ତେ ବନ୍ତୁତ ।

୭ ପତ୍ର ।

ପରର ଚର୍ଚ୍ଚ ନ କର ତେଣୁ ତୁମ୍ଭର ଚର୍ଚ୍ଚ ନୋହିବ । ଯେହେତୁ ଯେ ୧
ପର ଚର୍ଚ୍ଚରେ ଚର୍ଚ୍ଚ କର ସେପର ଚର୍ଚ୍ଚରେ ତୁମ୍ଭର ଚର୍ଚ୍ଚ ହେବ ଓ ୨
ଯେପର ମାପରେ ମାପ କର ସେ ପର ମାପରେ ପରଶୋଧ ପାଇବ । ଆଉ ୩
ଆପଣା ଆଖିରେ ଯେଉଁ ଆଡ କାଠ ଅଛି ଚାହା ନ ଦେଖି ତୁମ୍ଭର ଭାଇର
ଚକ୍ଷୁରେ ଯେ କୁଟା ଅଛି ଚାହା କଥାଁ ଦେଖୁଅଛ । ତୁମ୍ଭର ନଜ ଚକ୍ଷୁରେ ୪
ଆଡକାଠ ଥାଉଁ ହେ ଭଇ ତୁମ୍ଭର ଚକ୍ଷୁରୁ କୁଟା ବାହାର କରିବାକୁ ଦଅ
ଏମନ୍ତ କଥା ଆପଣା ଭଇକୁ କ ପ୍ରକାରେ କହି ପାର । ହେ କପଟୀ ଆଗେ ୫

* ଗ୍ରୀକ ଭାଷାରେ ହଲଦୟା ପଦ୍ମ ବଶେଷ ।

ଆପଣା ଚକ୍ଷୁର ଆଡ଼କାଠ କାଢ଼ ତେବେ ତୁମ୍ଭ ଚକ୍ଷୁ ନିର୍ମଳ ହେଲେ ତୁମ୍ଭ ଗାତ୍ରର
୬ ଚକ୍ଷୁକୁ କୁଟା କାଢ଼ି ପାଇବ । କୁକ୍କୁରମାନଙ୍କୁ ପବିତ୍ର ବସ୍ତୁ ନ ଦିଅ ଓ ଘୁଷୁଡ଼ର
ଆଗେ ମୁକ୍ତା ନ ପକାଅ ଯେ ଜାଣି ସେମାନେ ଗୋଡ ଦେଇ ତାହା ମାଡ଼ନ୍ତ
ଉହୁଁ ଫେର ତୁମ୍ଭମାନଙ୍କୁ ବିଦାରଣ କରନ୍ତି ।
୭ ମାଗ ତହିଁରେ ତୁମ୍ଭମାନଙ୍କୁ ଦିଆ ଯିବ ଖୋଜ ତହିଁରେ ଉଦ୍ଦେଶ ପାଇବ
୮ ଦ୍ୱାରରେ ମାର ତହିଁରେ ତାହା ଫିଟା ଯିବ । ଯେହେତୁ ଯେ ମାଗଇ
ତାହାକୁ ମିଳଇ ଯେ ଖୋଜଇ ସେ ଉଦ୍ଦେଶ ପାଏ ଆଉ ଯେ ମାରଇ
୯ ତାହାର ନମନ୍ତେ ଦ୍ୱାର ଫିଟାଯାଏ । ଆପଣାର ପୁତ୍ର ରୋଟୀ ମାଗିଲେ
୧୦ ତାହାକୁ ପଥର ଦେବ କିମ୍ବା ମାଛ ମାଗିଲେ ତାହାକୁ ସର୍ପ ଦେବ ତୁମ୍ଭମାନ
୧୧ ଙ୍କର ମଧ୍ୟରେ କି ଏମନ୍ତ କେହ ଜନ ଅଛ । ଏନମନ୍ତେ ତୁମ୍ଭେମାନେ ମନ୍ଦ
ହୋଇ ଯେବେ ଆପଣା ବାଳକଗଣକୁ ଉତ୍ତମ ଦ୍ରବ୍ୟ ଦେବାକୁ ଜାଣ ତେବେ
ତୁମ୍ଭମାନଙ୍କର ସ୍ୱର୍ଗସ୍ଥ ପିତାଠାରେ ଯେଉଁମାନେ ମାଗନ୍ତି ସେ କି ସେମାନଙ୍କୁ
୧୨ ଉତ୍ତମ ଦ୍ରବ୍ୟ ନ ଦେବେ । ଅନ୍ୟମାନଙ୍କଠାରୁ ତୁମ୍ଭେମାନେ ଯେ ସବୁ ବ୍ୟ
ବହାର ଇଚ୍ଛା କର ସେମାନଙ୍କଠାରେ ସେଥିପେ ବ୍ୟବହାର କର ଯେହେତୁ
ଶାସ୍ତ୍ର ଓ ଭବିଷ୍ୟଦ୍ ବାକ୍ୟର ସାର ଏହ ।
୧୩ ଦୁର୍ଗମ ଦ୍ୱାର ଦେଇ ପ୍ରବେଶ କର ଯେହେତୁ ସର୍ବନାଶର ଯେ ଦ୍ୱାର ସେ
ବଡ ଓ ତାହାର ଯେ ବାଟ ସେ ପରିଷ୍କାର ଆଉ ଅନେକେ ତହିଁରେ ପଶିଲନ୍ତି ।
୧୪ ପୁଣି ପରମାୟୁର ଯେ ଦ୍ୱାର ସେ ଦୁର୍ଗମ ଓ ତାହାର ଯେ ବାଟ ସେ ସାନ
ଆଉ ତାହା ଯେଉଁମାନେ ପାଆନ୍ତି ସେମାନେ ଅଳ୍প ।
୧୫ ଯେଉଁମାନେ ମେଣ୍ଢାର ବେଶରେ ତୁମ୍ଭମାନଙ୍କଠାରେ ଆସନ୍ତି ପୁଣି ଅନ୍ତ
ରେ ଦୁରନ୍ତ କେଉଆ ବାଘ ଏମନ୍ତ ମିଥ୍ୟା ଉପଦେଶକମାନଙ୍କଠାରୁ ସାବଧାନ
୧୬ ହୁଅ । ଫଳରେ ସେମାନଙ୍କୁ ଜାଣିବ । ମନୁଷ୍ୟମାନେ କଣ୍ଟା ଗଛରୁ ଦ୍ରାକ୍ଷାଫଳ
୧୭ କିମ୍ବା କାକରୋଳି ଗଛରୁ ଡେମ୍ବିର ଫଳ କି ତୋଳନ୍ତି । ସେହ ପ୍ରକାରେ
ସବୁ ଉତ୍ତମ ଗଛ ଉତ୍ତମ ଫଳ ଫଳଇ ପୁଣି ସବୁ ମନ୍ଦ ଗଛ ମନ୍ଦ ଫଳ ଫଳଇ ।
୧୮ ଭଲ ଗଛ ମନ୍ଦ ଫଳ ଫଳିବାକୁ ନ ପାରଇ ପୁଣି ମନ୍ଦ ଗଛ ଭଲ ଫଳ ଫଳି
୧୯ ବାକୁ ନ ପାରଇ । ଆଉ ଯେ ଗଛ ଉତ୍ତମ ଫଳ ନ ଫଳଇ ସେ କଟା ହୋଇ
୨୦ ଅଗ୍ନିରେ ପଡ଼ା ଯାଏ । ଏନମନ୍ତେ ଫଳରେ ସେମାନଙ୍କୁ ଚିହ୍ନିବ ।
୨୧ ଆମ୍ଭକୁ ପ୍ରଭୁ କହନ୍ତି ଯେପର ପ୍ରତ୍ୟେକ ସ୍ୱର୍ଗ ରାଜ୍ୟରେ ପ୍ରବେଶ
ନୋହିବେ ପୁଣି ଆମ୍ଭର ସ୍ୱର୍ଗସ୍ଥ ପିତାର ଇଷ୍ଟକ୍ରିୟା ଯେ କରଇ ସେ
୨୨ ପ୍ରବେଶ ହେବ । ସେ ଦିନରେ ଅନେକେ ଆମ୍ଭକୁ କହିବେ ହେ ପ୍ରଭୁ ତୁମ୍ଭର
ନାମରେ ଆମ୍ଭେମାନେ କି ଆଶ୍ଚର୍ଯ୍ୟ ବାକ୍ୟ କହି ନାହୁଁ ତୁମ୍ଭ ନାମରେ କି

ଭୂତମାନଙ୍କୁ ଛଡାଇ ନାହୁଁ ତୁମ୍ଭ ନାମରେ ଜନାନା ପ୍ରକାର ଆଶ୍ଚର୍ଯ୍ୟ କ୍ରିୟା କରି ନାହୁଁ । ତେତେବେଳେ ଆମ୍ଭେ କହିବା ହେ ବ୍ୟଭିଚାରୀ ସମସ୍ତେ ଆମ୍ଭେ ୨୩
ତୁମ୍ଭମାନଙ୍କୁ କେବେ ନ ଜାଣିଲୁଁ ଆମ୍ଭଠାରୁ ଦୂର ହୁଅ ।

ଏଣୁ ଯେ କେହି ଆମ୍ଭର ଏ ସମସ୍ତ କଥା ଶୁଣି ପାଳଣ କରଇ ଆମ୍ଭେ ପାଷାଣ ୨୪
ଉପରେ ଘର ନର୍ମାଣକାର ଜ୍ଞାନବାନ ଲୋକର ସଙ୍ଗେ ତାହାକୁ ତୁଲ୍ଯ କରି ଦେଇ । ତହୁଁ ବୃଷ୍ଟି ପଡ଼ ବଢି ଆସି ବାୟୁ ବହି ସେ ଘରକୁ ମାଇଲା ପୁଣି ତାହା ୨୫
ପଡ଼ିଲା ନାହିଁ ଯେଣୁ ତାହା ପଥର ପାଷାଣ ଉପରେ ଥିଲା । ଆଉ ଯେ କେହି ୨୬
ଆମ୍ଭର ଏହି ସମସ୍ତ କଥା ଶୁଣି ନ ପାଳଇ ବାଲୁକାର ଉପରେ ଘର ନର୍ମାଣକାର
ଅଜ୍ଞାନର ସଙ୍ଗେ ତାହାର ତୁଲ୍ଯ କରି ଦେଇ । ଯେହେତୁ ବୃଷ୍ଟି ପଡ଼ ବଢି ଆସି ୨୭
ବାୟୁ ବହି ସେ ଘରକୁ ମାଇଲେ ତାହା ପଡ଼ ଗଲା ପୁଣି ତାହାର ନପାଡ ବଡ
ହେଲା ।

ଯୀଶୁ ଏହି ସବୁ କଥା ସମାପ୍ତ କଲେ ଲୋକମାନେ ତାହାଙ୍କର ଉପଦେ ୨୮
ଶରେ ଆଶ୍ଚର୍ଯ୍ୟ ମଣିଲେ । ଯେହେତୁ ସେ ଅଧ୍ୟାପକଗଣର ପ୍ରାୟେ ଉପଦେଶ ୨୯
ନ ଦେଇ କର୍ତ୍ତାର ପ୍ରାୟେ ସେମାନଙ୍କୁ ଉପଦେଶ ଦେଲେ ।

## ୮ ପଦ୍ଭ ।

ପଦ୍ଭତର ଓହ୍ଲାଇଲା ଉତ୍ତାରେ ଅପାର ଲୋକ ତାହାଙ୍କର ପଛେ ଗଲେ ୧
ତହିଁରେ ଜଣେ କୁଷ୍ଠୀ ଆସି ତାହାଙ୍କୁ ଦଣ୍ଡବତ୍ କର କହିଲା ହେ ପ୍ରଭୁ ଆପଣ ୨
ଯେବେ ଇଚ୍ଛା କର ତେବେ ମୋତେ ସୁସ୍ଥ କର ପାରିବ । ଯୀଶୁ ହାତ ବଢାଇ ୩
ତାହାକୁ ଛୁଇଁ କହିଲେ ଆମ୍ଭର ଇଚ୍ଛା ଅଛ ସୁସ୍ଥ ହୁଅ । ସେହି କ୍ଷଣରେ ସେ
ତାହାର କୁଷ୍ଠରୁ ମୁକ୍ତ ହେଲା । ଅନନ୍ତରେ ଯୀଶୁ ତାହାକୁ କହିଲେ ସାବଧାନ ୪
ଏହା କାହାକୁ ନ କୁହ । ମାତ୍ର ଯାଜକ ନକଟରେ ଯାଇ ଆପଣାକୁ ଲୋକମା
ନଙ୍କଠାରେ ଯେଉଁ ଶୋଧନ ପ୍ରମାଣ ଦାନ ମୋଶା ଦ୍ୱାରା ନରୂପିତ ଥିଲା
ତାହା ଉତ୍ସର୍ଗ କର ।

ଯୀଶୁ କଫର୍ନାହୁମ ନଗରରେ ପ୍ରବେଶ ହେଲା ଉତ୍ତାରେ ଜଣେ ଶତ୍ୟେ ସେ ୫
ନାପତ୍ତ ତାହାଙ୍କ ନକଟକୁ ଆସି ବନତ୍ତ କର କହିଲା ହେ ପ୍ରଭୁ ଆମ୍ଭର ଦାସ ୬
ପକ୍ଷାଘାତ ବ୍ୟାଧିରେ ଅତ୍ତ ପୀଡିତ ହୋଇ ଗୃହରେ ଶଯ୍ୟନ କରି ଅଛ । ଯୀଶୁ ୭
ଉତ୍ତର କଲେ ଆମ୍ଭେ ଯାଇ ତାହାକୁ ସୁସ୍ଥ କରିବା । ସେ ସେନାପତ୍ତ ତାହାଙ୍କୁ ୮
କହିଲା ହେ ପ୍ରଭୁ ଆପଣ ଯେ ଆମ୍ଭର ଗୃହରେ ଆସିବ ଏମନ୍ତ ଯୋଗ୍ୟ ଆମ୍ଭେ
ନୋହୁ । କେବଳ କଥା ମାତ୍ର ଆଜ୍ଞା କଲେ ଆମ୍ଭର ଦାସ ସୁସ୍ଥ ହେବ । ଯେ ୯
ହେତୁ ଆମ୍ଭେ ନଜେ ପରାଧୀନ ହୋଇ ପୁଣି ଆମ୍ଭର ଅଧୀନରେ ଯୋକାମ୍ଭେ

ସେନାଗଣ ଅଛୁ । ତହିଁରେ ଜଣକୁ ଯାଅ କହିଲେ ସେ ଯାଏ, ଆନକୁ ଆସ
ବୋଇଲେ ସେ ଅସଇ ଆଉ ଆମ୍ଭର ଦାସକୁ ଏହା କର ବୋଇଲେ ସେ
୧୦ ତାହା କରଇ । ଯୀଶୁ ତାହାର ଏହି କଥା ଶୁଣି ଚମତ୍କୃତ ହୋଇ ଆପଣା
ପଶ୍ଚାଦ୍‌ଗାମୀ ଲୋକମାନଙ୍କୁ କହିଲେ ଆମ୍ଭେ ତୁମ୍ଭମାନଙ୍କୁ ସତ୍ୟ ବୋଲି ଇଶ୍ରା
୧୧ ଏଲ ମଧ୍ୟରେହେଁ ଏମନ୍ତ ବିଶ୍ୱାସ ପାଇ ନାହୁଁ । ଆଉ ଆମ୍ଭେ କହି ପୂର୍ବ ଓ
ପଶ୍ଚିମରୁ ଅନେକେ ଆସି ସ୍ୱର୍ଗ ରାଜ୍ୟରେ ଅବ୍ରହାମ ଓ ସିସ୍ହାକ ଓ ଯାକୁବର
୧୨ ସଙ୍ଗେ ଏକାସନ ବସିବେ ପୁଣି ଯେଉଁଠାରେ କ୍ରନ୍ଦନ ଓ ଦନ୍ତର କଡମିଡ ହୁଅଇ
ସେହି ବାହାର ଅନ୍ଧକାରରେ ରାଜ୍ୟର ସନ୍ତାନମାନେ ପକା ଯିବେ । ଏଉ
୧୩ ତ୍ତାର ସେ ଶତ୍ରୁ ସେନାପତିକୁ କହିଲେ ଯାଅ ତୁମ୍ଭର ବିଶ୍ୱାସାନୁସାରେ ମ
ଙ୍ଗଳ ହେଉ ତହିଁରେ ସେହିକ୍ଷଣି ତାହାର ଦାସ ସୁସ୍ଥ ହେଲା ।
୧୪ ଅନନ୍ତରେ ଯୀଶୁ ପିତରର ଗୃହରେ ଆସି ତାହାର ଶାଶୁକୁ ଜ୍ୱରରେ ପୀ
୧୫ ଡିତା ଶଯ୍ୟାରେ ଦେଖିଲେ । ତହିଁରେ ତାହାର ହସ୍ତ ଛୁଇଁବାମାତ୍ରେ ଜ୍ୱର
ଛାଡିଲା । ତେଣୁ ସେ ଉଠି ସେମାନଙ୍କର ସେବା କଲା ।
୧୬ ସଂଜ୍ଞବେଳ ଉପସ୍ଥିତ ହେଲେ ଲୋକମାନେ ଅନେକ୍ୀ ଭୂତଗ୍ରସ୍ତଙ୍କୁ ତାହା
କର ନକଟକୁ ନେଇ ଥିଲେ ତହିଁରେ ସେ ବଚନରେ ଭୂତଗଣକୁ ଛଡାଇଲେ
୧୭ ପୁଣି ସବ ପ୍ରକାର ପୀଡିତମାନଙ୍କୁ ସୁସ୍ଥ କଲେ । ଏନମନ୍ତେ ସେ ଆମ୍ଭମାନ
କର ଦୁର୍ବଳତା ଧରିଲେ ଓ ବ୍ୟାଧି ସହିଲେ ଏହି ଯେ କଥା ଯିଶାଇୟ ଭବିଷ୍ୟ
୧୮ ଦ୍ୱକ୍ତା ଦ୍ୱାରା ଉକ୍ତ ଥିଲା ତାହା ସିଦ୍ଧ ହେଲା । ଏଥି ଅନନ୍ତରେ ଯୀଶୁ ଗୁର
ଆଡେ ଲୋକ ସମୂହକୁ ଦେଖି ସେ ନଦୀ ଆନ ପାରକୁ ଯିବାକୁ ଶିଷ୍ୟଗଣକୁ
୧୯ ଆଜ୍ଞା କଲେ । ଏଥିମଧ୍ୟରେ ଜଣେ ଅଧ୍ୟାପକ ଆସି କହିଲା ହେ ଗୁରୁ ଆପଣ
୨୦ ଯେ କେଉଁସ୍ଥାନରେ ଯିବେ ଆମ୍ଭେ ଆପଣଙ୍କର ପଛେ ଯିବା । ତହିଁରେ ଯୀଶୁ
କହିଲେ କୋକଶିୟାଳିର ଗାତ ଅଛୁ ଆକାଶ ପକ୍ଷିଗଣର ବସା ଅଛୁ ପୁଣି
୨୧ ମନୁଷ୍ୟପୁତ୍ରର ମୁଣ୍ଡ ରଖିବାର ସ୍ଥାନ ନାହିଁ । ଅନନ୍ତରେ ଆଉ ଏକ ଶିଷ୍ୟ
ତାହାଙ୍କୁ କହିଲା ହେ ପ୍ରଭୁ ଆଗେ ଆମ୍ଭର ପିତାକୁ ପୋତିବାକୁ ଆମ୍ଭକୁ
୨୨ ଅନୁମତି ଦେଉନ୍ତୁ । ଯୀଶୁ ତାହାକୁ କହିଲେ ମୃତମାନେ ମୃତକୁ ପୋତୁନ୍ତୁ
ତୁମ୍ଭେ ଆମ୍ଭର ପଛେ ଆସ ।
୨୩ ଅନନ୍ତରେ ସେ ନାବରେ ଚଢନ୍ତେ ତାହାଙ୍କର ଶିଷ୍ୟମାନେ ତାହାଙ୍କ ସଙ୍ଗେ
୨୪ ଗଲେ । ତହିଁଉତ୍ତାରେ ଦେଖ ସମୁଦ୍ରରେ ଏମନ୍ତ ପ୍ରବଳ ଝଡ ଉଠିଲା ଯେ
୨୫ ମହା ଢେଉରେ ନାବ ଆଚ୍ଛନ୍ନ ହେଲା ପୁଣି ସେ ନିଦ୍ରିତ ଥିଲେ । ଏନମନ୍ତେ
ଶିଷ୍ୟଗଣ ଆସି ତାହାଙ୍କ ନିଦ୍ରା ଭାଙ୍ଗି କହିଲେ ହେ ପ୍ରଭୁ ଆମ୍ଭେ ସମସ୍ତେ ମର
୨୬ ଆମ୍ଭମାନଙ୍କୁ ରକ୍ଷା କର । ପୁଣି ସେ ସେମାନଙ୍କୁ କହିଲେ ହେ ଅଳ୍ପ ବିଶ୍ୱାସି

ମାନେ କେଉଁ ହେତୁ ଭୟ କର । ତେଣୁ ସେ ଉଠି ବାୟୁ ଓ ସମୁଦ୍ରକୁ ଭର୍ତ୍ସନ
କଲେ ଉହିଁରେ ସଙ୍ଗମସ୍ତ ସୁସ୍ଥିର ହେଲା । ଏଣୁକରି ଲୋକମାନେ ଆଶ୍ଚର୍ଯ୍ୟ ୧୨
ଜ୍ଞାନ କରି କହିଲେ ଆହା ବାୟୁ ଓ ସମୁଦ୍ର ଏହାଙ୍କର କଣ ଏ ଜ ପ୍ରକାର
ଲୋକ ।

ଅନନ୍ତରେ ପାର ହୋଇ ସେ ଗାଦରୀୟ ଦେଶରେ ଉପସ୍ଥିତ ହୁଅନ୍ତେ ୧୮
ଭୂତଗ୍ରସ୍ତ ଦୁଇ ଲୋକ କବର ସ୍ଥାନରୁ ବାହାର ହୋଇ ତାହାଙ୍କ ସଙ୍ଗେ ଦେଖା
କଲେ । ସେମାନେ ଏମନ୍ତ ପ୍ରଚଣ୍ଡ ଥିଲେ ଯେ ସେ ସ୍ଥାନ ଦେଇ କେହ ଯି ୧୯
ବାକୁ ନ ପାରନ୍ତି । ସେମାନେ ବଡ ଜୋର ଡାକିଲେ ହେ ଈଶ୍ୱରଙ୍କ ପୁତ୍ର ଯୀଶୁ
ଆମ୍ଭର ସଙ୍ଗେ ତୁମ୍ଭର କ ବଷୟ । ତୁମ୍ଭେ କ କଞ୍ଚା ପୂର୍ବ ନୋହିଲେ ଆମ୍ଭମା
ନଙ୍କୁ ଯନ୍ତ୍ରଣା ଦେବାକୁ ଆସି ଅଚ୍ଛ । ସେକାଲରେ କଛୁ ଦୂରରେ ଘୁଷୁଡର ୩୦
ଏକ ବଡ ପଲ ଚରୁଥିଲା । ଉହିଁରେ ଭୂତମାନେ ତାହାଙ୍କଠାରେ ମିନତି କର ୩୧
କହିଲେ ଯେବେ ଆମ୍ଭମାନଙ୍କୁ ଛଡାଅ ତେବେ ଏ ଘୁଷୁଡର ପଲରେ ପିବାକୁ
ଆଜ୍ଞା କର । ସେ କହିଲେ ଯାଅ ତେଣୁ ସେମାନେ ବାହାର ହୋଇ ଘୁଷୁଡର ୩୨
ପଲରେ ଗଲେ । ଏଥିରେ ସମସ୍ତ ଘୁଷୁଡ ଗଡନ୍ତ ସ୍ଥାନ ଦେଇ ବେଗେ ଧାଁଇ ୩୩
ସମୁଦ୍ରରେ ବୁଡ ମଲେ । ପୁଣି ରକ୍ଷକମାନେ ପଲାଇ ନଗର ଭିତରେ ଭୂତଗ୍ରସ୍ତ
ଲୋକଙ୍କୁ କୀ ହେଲା ସେ ସବୁ କହିଲେ । ଏଣୁକରି ନଗରର ସମସ୍ତ ଲୋକ ୩୪
ଯୀଶୁର ସଙ୍ଗେ ଦେଖା କରିବାକୁ ବାହାରକୁ ଅଇଲେ । ପୁଣି ତାହାଙ୍କୁ ଦେଖି
ଆପଣ ଆମ୍ଭମାନଙ୍କର ସୀମାଠାରୁ ପ୍ରସ୍ଥାନ କରନ୍ତୁ ଏହା ପ୍ରାର୍ଥନା କଲେ ।

୫ ପଦ୍ୟ ।

ଅନନ୍ତରେ ଯୀଶୁ ନାବରେ ଚଢି ପୁନର୍ବାର ପାର ହୋଇ ନିଜ ନଗରକୁ ୧
ଅଇଲେ । ସେଠାରେ କେତେ ଲୋକ ଜଣେ ପକ୍ଷାଘାତକୁ ଖଟ ଉପରେ ୨
ଶୁଆଇ ତାହାଙ୍କ ନିକଟକୁ ଆଣିଲେ । ଯୀଶୁ ସେମାନଙ୍କର ବିଶ୍ୱାସ ଦେଖି
ସେହ ପକ୍ଷାଘାତକୁ କହିଲେ ହେ ପୁତ୍ର ସୁସ୍ଥିର ହୁଅ ତୁମ୍ଭର ପାପ କ୍ଷମା ଅଛୁ ।
ଏକଥା ଶୁଣି ଅୋକାପ୍ଟେ ଜଣ ଅଧ୍ୟାପକ ମନ୍ଦେ କଲେ ଏହ ମନୁଷ୍ୟ ଈଶ୍ୱ ୩
ରଙ୍କୁ ନିନ୍ଦା କରୁଛି । ଯୀଶୁ ସେମାନଙ୍କର ଏହ ଭାବନା ବୁଝି ବୋଇଲେ କଁା ୪
ମନ୍ଦେ ଏମନ୍ତ କୁଭାବନା କରୁଅଛ । ତୁମ୍ଭର ପାପ କ୍ଷମା ଅଛୁ କଅବା ତୁମ୍ଭେ ୫
ଉଠି ଚଲ ଏହ ଦୁଇର ମଧ୍ୟରେ ସହଜ କହିବାକୁ କ । ପୁଣି ପୃଥିବୀରେ ୬
ପାପ ମାର୍ଜନା କରିବାକୁ ମନୁଷ୍ୟପୁତ୍ର ଭର୍ତ୍ତନ ଅଟନ୍ତି ଏହା ତୁମ୍ଭେମାନେ
ଯେଦ୍ଦେ ଜାଣିବ [ଏଥିପାଁଇ ସେ ପକ୍ଷାଘାତକୁ କହିଲେ] ଉଠ ଆପଣା ଖଟ ୭
ତୋଳି ଘରକୁ ଯାଅ । ଏଥିରେ ସେ ଉଠି ଆପଣା ଘରକୁ ଗଲା । ଲୋକ ୮

ସମସ୍ତେ ଏହିପେ ଦେଶି ଚମତ୍କୃତ ହେଲେ ଆଉ ଈଶ୍ୱର ମନୁଷ୍ୟକୁ ଏମନ୍ତ ପରାକ୍ରମ ଦେଇଅଛନ୍ତି ଏଥିପାଇଁ ତାହାଙ୍କର ଧନ୍ୟବାଦ କଲେ ।

୯ ଅନନ୍ତରେ ଯୀଶୁ ସେଠାରୁ ଯାଉଁ। କର ଘାଟରେ ବସିଥିବାର ମାଥିଉ ନାମରେ ଏକ ଜଣକୁ ଦେଖି ତାହାକୁ କହିଲେ ଆମ୍ଭର ପଛେ ଆସ । ଉହିଁ ରେ ସେ ଉଠି ତାହାଙ୍କ ପଛେ। ଗଲା ।

୧୦ ଏଥିଉତ୍ତାରୁ ଯୀଶୁ ଘରମଧ୍ୟରେ ଭୋଜନ କରିବାକୁ ବସନ୍ତେ ଅନେକ ' କର ସମ୍ଭାଦକ ଓ ପାପିଷ୍ଠ ଲୋକ ଆସି ତାହାଙ୍କ ଓ ତାହାଙ୍କ ଶିଷ୍ୟଗଣର
୧୧ ସଙ୍ଗେ ବସିଲେ । ଫାରୂଶିମାନେ ତାହା ଦେଖି ତାହାଙ୍କ ଶିଷ୍ୟମାନଙ୍କୁ କହି ଲେ ତୁମ୍ଭମାନଙ୍କର ଗୁରୁ କ ନମନ୍ତେ କରସମ୍ଭାଦକ ଓ ପାପିବର୍ଗର ସହିତ
୧୨ ଭୋଜନ କରନ୍ତି । ଯୀଶୁ ତାହା ଶୁଣି ସେମାନଙ୍କୁ ଉତ୍ତର କଲେ ସୁସ୍ଥ ଲୋ
୧୩ କର ବୈଦ୍ୟଠାରେ ପ୍ରୟୋଜନ ନାହିଁ ପୁଣି ଅସୁସ୍ଥ ଲୋକର । ଏଣୁ ବଲିଦା ନର ଆମ୍ଭେ ଦସ୍ୱାକୁ ଭଲ ଜାଣି ଏହ କଥାର ଅର୍ଥ ଯାଇ ଶିଖ । ଯେହେତୁ ମନ ଫେରାଇବାର ପାଁଇ ଧାର୍ମିକ ଲୋକଙ୍କୁ ନୋହେ ପୁଣି ପାପିମାନଙ୍କୁ ଆମ୍ଭେ ଡାକିବାକୁ ଆସିଅଛୁଁ ।

୧୪ ଏଥିରେ ଯୋହନର ଶିଷ୍ୟମାନେ ତାହାଙ୍କର ନକଟକୁ ଆସି କହିଲେ ଫାରୂ ଶିମାନେ ଓ ଆମ୍ଭେମାନେ ଅନେକ ବାର ଉପବାସ କର ଥାଇ ପୁଣି ତୁମ୍ଭର
୧୫ ଶିଷ୍ୟଗଣ ଉପବାସ ନ କରନ୍ତି କାହିଁ । ଯୀଶୁ ଉତ୍ତର କଲେ ଯେ ପର୍ଯ୍ୟନ୍ତ ସଖାଗଣର ସଙ୍ଗରେ ବର ଥାଆନ୍ତି ସେ ସମୟରେ କ ସେମାନେ ବିଳାପ କର ବାକୁ ପାରନ୍ତି । ପୁଣି ଯେତେବେଳେ ସେମାନଙ୍କଠାରୁ ବରକୁ ଘେନ ଯାନ୍ତି
୧୬ ଏମନ୍ତ ସମୟ ଆସିବ ସେତେବେଳେ ସେମାନେ ଉପବାସ କରିବେ । ପୁରା ତନ ବସନରେ କେହ ନୂଆ ବସନର ତାଲି ନ ଦଅଇ ଯେହେତୁ ସେ ତାଲିରେ ମୂଳ ବସନ ଛିଣ୍ଡି ଯାଏ ପୁଣି ସେ ଛିଦ୍ର ଅଧିକ ମନ୍ଦ ଦଶାଇ ।
୧୭ ଆଉ ପୁରାତନ କୁମ୍ଭାରେ କେହ ନୂତନ ଦ୍ରାକ୍ଷାରସ ନ ରଖଇ । ଯେହେତୁ ତାହା କଲେ କୁମ୍ଭା ଫାଟି ଯାଇ ଦ୍ରାକ୍ଷାରସ ଗଲି ପଡଇ ଯେଣୁ ଦୁହେଁ ନଷ୍ଟ ହୁଅଇ ପୁଣି ନୂଆ କୁମ୍ଭାରେ ନୂଆ ଦ୍ରାକ୍ଷାରସ ଥୋଇଲେ ଦୁଇର ରକ୍ଷା ହୁଅଇ ।

୧୮ ତାହାଙ୍କର ଏହ କଥା କହିବା ସମୟରେ ଜଣେ ଅଧିପତି ତାହାଙ୍କୁ ପ ଣାମ କର କହିଲା ଆମ୍ଭର କନ୍ୟା ଏବେ ମଲା ପ୍ରାୟେ । ମାଡ଼ ଆପଣ ଆସି
୧୯ ତାହାର ଦେହରେ ହସ୍ତ ଦେଲେ ସେ ବଞ୍ଚିବ । ତେଣୁ ଯୀଶୁ ଶିଷ୍ୟଗଣର
୨୦ ସଙ୍ଗେ ଉଠି ତାହାର ପଛେ। ଗଲେ । ଏଥିମଧ୍ୟରେ ବାର ବର୍ଷର ସ୍ରବର ରୋଗରେ ଗ୍ରସ୍ତିତ ଏକ ସ୍ତ୍ରୀ ପଶ୍ଚାତରେ ଯାଇ ତାହାଙ୍କର ବସନର ଦଶି

ଛୁଁଇଲା । ଯେହେତୁ କେବଳ ତାହାଙ୍କର ବସନ ଛୁଁଇ ପାରଲେ ଆମ୍ଭେ ୨୧
ସୁସ୍ଥ ହେବା ସେ ସ୍ତ୍ରୀ ଏହା ମନେ। ଭାବିଲା । ତହିଁରେ ଯୀଶୁ ମୁଖ ଫେରାଇ ୨୨
ତାହାକୁ ଦେଖି କହିଲେ ଆଗୋ କନ୍ୟା ସୁସ୍ଥିର ହୁଅ ତୁମ୍ଭର ବିଶ୍ୱାସ ତୁମ୍ଭକୁ
ସୁସ୍ଥ କରିଅଛି । ତତ୍କ୍ଷଣେ ସେ ସ୍ତ୍ରୀ ସୁସ୍ଥ ହେଲା ।

ଏଥିରେ ଯୀଶୁ ଅଧିପତିର ଘରେ ଆସି ବାଦ୍ୟକର ଆଦ ଅନେକ ଲୋକ ୨୩
କର କୋଳାହଳ କରି। ଦେଖି ସେମାନଙ୍କୁ କହିଲେ ବାଟ ଛାଡ କନ୍ୟା ମୃତ
ନୋହେ ସେ ନିଦ୍ରିତ ଅଛି । ଏକଥା ଶୁଣି ସେମାନେ ତାହାଙ୍କୁ ଉପହାସ ୨୪
କଲେ । ପୁଣି ସମସ୍ତଙ୍କୁ ବାହାର କଲା ଉତ୍ତାରେ ସେ ଭିତରକୁ ଯାଇ କନ୍ୟାର ୨୫
ହସ୍ତ ଧରିବା ମାତ୍ରେ ସେ ଉଠିଲା । ତହିଁରେ ସେହି ଦେଶର ସବୁଠାରେ ୨୬
ଏହି କର୍ମର ସୁଖ୍ୟାତି ବ୍ୟାପିଲା ।

ଯୀଶୁ ସେଠାରୁ ଚାଲି ଯିବା ବେଳେ ଦୁଇ ଦାଉଦର ସନ୍ତାନ ଆମ୍ଭମାନଙ୍କୁ ୨୭
ଦୟା କର ଏହା ବୋଲି ଦୁଇ ଜଣ ଅନ୍ଧ ତାହାଙ୍କର ପଛେ। ଯାଇ
ଡାକିଲେ । ଯୀଶୁ ଘର ଭିତରେ ପ୍ରବେଶ ହୁଅନ୍ତେ ସେହି ଦୁଇ ଅନ୍ଧ ତା ୨୮
ହାଙ୍କ ନିକଟକୁ ଆଇଲେ । ତେଣୁ ସେ ସେମାନଙ୍କୁ ପଚାରିଲେ ଏହି କର୍ମ
କରିବାକୁ ଆମ୍ଭର ସାମର୍ଥ ଅଛି ତୁମ୍ଭେମାନେ କି ଏହା ବିଶ୍ୱାସ କର । ସେ
ମାନେ ଉତ୍ତର କଲେ ହାଁ ପ୍ରଭୁ । ଏଥିରେ ସେ ସେମାନଙ୍କର ଚକ୍ଷୁ ସ୍ପର୍ଶ ୨୯
କରି କହିଲେ ତୁମ୍ଭ ବିଶ୍ୱାସ ପ୍ରମାଣେ ତୁମ୍ଭମାନଙ୍କୁ ଘଟୁ । ସେହିକ୍ଷଣରେ ୩୦
ସେମାନଙ୍କର ଆଖି ଭଲ ହେଲା । ତହିଁ ଯୀଶୁ ସେମାନଙ୍କୁ ଦୃଢ ଆଜ୍ଞା ଦେଇ
କହିଲେ ସାବଧାନ ଏବିଷୟ ଯେମନ୍ତ କେହି ନ ଜାଣନ୍ତୁ । ପୁଣି ସେମାନେ ୩୧
ଯାଇ ସେ ଦେଶର ସବୁଠାରେ ତାହାଙ୍କର କୀର୍ତ୍ତି ପ୍ରକାଶ କଲେ ।

ଅନ୍ଧମାନେ ଗଲାଉତ୍ତାରେ ଲୋକମାନେ ଜଣେ ଭୂତଗ୍ରସ୍ତ ବୋବା ମନୁଷ୍ୟ ୩୨
ତାହାଙ୍କର ପାଖକୁ ଆଣିଲେ । ତହିଁରେ ଭୂତ ଛଡାଇଲେ ସେ ବୋବା ୩୩
କଥା କହିଲା ପୁଣି ସବୁଲୋକ ଆଶ୍ଚର୍ଯ୍ୟ ମଣି କହିଲେ ଇସ୍ରାଏଲ ମଧ୍ୟରେ ଏମନ୍ତ
କେବେହେଁ ଦେଖା ଯାଇ ନାହିଁ । ପୁଣି ଫାରୂଶିମାନେ କହିଲେ ସେ ଭୂତର ୩୪
ରାଜା ଦ୍ୱାରା ଭୂତଗଣକୁ ଛଡାନ୍ତି ।

ଅନନ୍ତରେ ଯୀଶୁ ସେମାନଙ୍କର ଭଜନାଲୟରେ ଉପଦେଶ ଦେଉଁ। ୩୫
ରାଜ୍ୟର ସୁସମାଗ୍ଦର ଘୋଷଣା କରି। ପୁଣି ଲୋକମାନଙ୍କର ମଧ୍ୟରେ ଯେତେ
ପ୍ରକାର ରୋଗ ଓ ବ୍ୟଥା ଥିଲା ସବୁକୁ ସୁସ୍ଥ କରି। ସମସ୍ତ ନଗର ଓ ଗ୍ରାମ ଦେଇ
ଭ୍ରମଣ କଲେ । ତହିଁରେ ଲୋକସମୂହକୁ ଅତି କ୍ଲାନ୍ତ ଓ ଅରକ୍ଷକ ମେଷର ୩୬
ପରି ଛନ୍ନଭିନ୍ନ ଦେଖି ସେମାନଙ୍କର ପ୍ରତି ତାହାଙ୍କର ଦୟା ଜନ୍ମିଲା । ପୁଣି
ସେ ଆପଣା ଶିଷ୍ୟମାନଙ୍କୁ କହିଲେ ଶସ୍ୟ ବହୁତ ଅଟଇ ପୁଣି ମୂଲିଆମାନେ

ଅଳ୍ପ ଏଣୁ କ୍ଷେତ ମଧ୍ୟରେ ଆଉ ମୂଲପ୍ଥମାନଙ୍କୁ ପଠାଇବାର ପାଁଇ ଶସ୍ୟର
ଅଧିକାରଙ୍କ ନକଟରେ ପ୍ରାର୍ଥନା କର ।

୧୦ ପଦ ।

୧ ଏଥିଉତ୍ତରେ ଯୀଶୁ ଆପଣା ବାର ଜଣ ଶିଷ୍ୟ କଡକ ଡାକ ଅପବତ୍ର
ଭୂତଗଣକୁ ଛଡାଇବାର ପାଁଇ ପୁଣି ସବ ପ୍ରକାର ରୋଗ ଓ ବ୍ୟାଧିର ଶାନ୍ତି
୨ କରିବାର ପାଁଇ ସେମାନଙ୍କୁ ପରାକ୍ରମ ଦେଲେ । ବାର ପ୍ରେରିତମାନଙ୍କ ନାମ
ଏହି ପ୍ରଥମ ଜଣ ଶିମୋନ ଯାହାର ଉପନାମ ପିତର ଓ ତାହାର ଭାଇ
୩ ଆନ୍ଦ୍ରିୟ । ଜେବଦୀର ପୁତ୍ର ଯାକୁବ ପୁଣି ତାହାର ଭାଇ ଯୋହନ । ଫିଲିପ
ଓ ବାର୍ଥଲମୀ ଥୋମା ଓ କରସଂଗ୍ରାଦକ ମାଥିଉ । ଆଲଫିର ପୁତ୍ର ଯାକୁବ ଓ
୪ ଲେବୀ ଯାହାର ଉପନାମ ଥଦ୍ଦୀୟ । କନାନୀୟ ଶିମୋନ ଓ ଖ୍ରୀଷ୍ଟଙ୍କୁ ଯେ
୫ ପରହସ୍ତଗତ କଲା ସେ ଇସ୍କାରିଓତୀୟ ଯିହୁଦା । ଯୀଶୁ ଏହି ଦ୍ୱାଦଶ ଜଣଙ୍କୁ
ପଠାଇ ଆଜ୍ଞା ଦେଇ କହିଲେ ଆନ ଦେଶୀୟ ଲୋକଙ୍କର ବାଟରେ ପୁଣି
୬ ଶମରୋଣୀୟମାନଙ୍କର କୌଣସି ନଗରରେ ପ୍ରବେଶ ନ ହୋଇ ଇସ୍ରାଏଲ
୭ ଗୋଷିର ହଜା ଯେସବୁ ମେଷ ସେମାନଙ୍କଠାରେ ଯାଅ । ପୁଣି ଯାଉ
୮ ସ୍ୱର୍ଗରାଜ୍ୟ ସନ୍ନିକଟ ହେଲା ଏକଥା ଘୋଷଣା କର କହ । ରୋଗଗ୍ରସ୍ତମାନଙ୍କୁ
ସୁସ୍ଥ କର କୁଷ୍ଠିମାନଙ୍କୁ ପରିଷ୍କାର କର ମୃତ ଲୋକମାନଙ୍କୁ ଜୀବନ ଦାନ
କର ଓ ଭୂତମାନଙ୍କୁ ଛଡାଅ । ବିନା ମୂଲ୍ୟ ତୁମ୍ଭେମାନେ ପାଇଅଛ ବିନା
୯ ମୂଲ୍ୟରେ ଦଅ । ଆପଣା ଥଳିରେ ସୁନା କି ରୂପା କି ତମ୍ବା କିଛି ନ ନଅ ।
୧୦ ଆଉ ଯାତ୍ରାର ପାଁଇ ଝୋଲି କିମ୍ବା ଦ୍ୱିତୀୟ ନୁଗା ଅବା ଜୋତା କିମ୍ବା
ବାଡ ଏହାଇ ନ ନଅ ଯେହେତୁ କାର୍ଯ୍ୟକାରୀ ଭରଣ ପୋଷଣର ଯୋଗ୍ୟ
୧୧ ଅଟଇ ! ଆଉ ତୁମ୍ଭେମାନେ ଯେ କୌଣସି ନଗରରେ କିମ୍ବା ଗ୍ରାମରେ ପ୍ର
ବେଶ କରିଅ ସେଠାରେ କେସେ ଯୋଗ୍ୟବନ୍ତ ତାହା ଖୋଜ ହେଲେ ସିବାର
୧୨ ସମୟ ପର୍ଯ୍ୟନ୍ତ ତାହାର ସଙ୍ଗେ ରହ । ଏଥିରେ ତୁମ୍ଭେମାନେ ଯେବେ
୧୩ କାହାର ଗୃହରେ ପ୍ରବେଶ କରିଅ ତେବେ ତାହାକୁ କଲ୍ୟାଣ କର । ଯହିଁରେ
ସେ ଗୃହସ୍ଥ ଯେବେ ଯୋଗ୍ୟପାତ୍ର ହୁଅଇ ତେବେ ସେ ମଙ୍ଗଳବାଞ୍ଛା ତାହା
୧୪ ଠାରେ ବର୍ତ୍ତିବ ନ ହେଲେ ତାହା ତୁମ୍ଭମାନଙ୍କ ପ୍ରତି ଫଳିବ । ପୁଣି ଯେ
କେହି ତୁମ୍ଭମାନଙ୍କ ଆତିଥ୍ୟ ନ କରିବେ ଓ ତୁମ୍ଭ ନଙ୍କର କଥା ନ ଶୁଣିବେ
ସେହି ଘରରୁ କିମ୍ବା ସେ ନଗରଠାରୁ ଚାଲି ସିବାର ବେଳେ ଆପଣାମାନ
୧୫ ଙ୍କର ପାଦ ଧୂଳି ଝାଡି ପକାଅ । ଆମ୍ଭେ ତୁମ୍ଭମାନଙ୍କୁ ସତ୍ୟ କହୁ ବିଚାର ଦିନରେ
ସେ ନଗରର ଦଶାରୁ ସିଦୋମ ଓ ଅମୋର ନଗରର ଦଶା ସହଜ ହେବ ।

ଆଉ ଦେଖ କେନ୍ଦୁଆ ବାଘଗଣର ମଧ୍ୟରେ ଯେମନ୍ତ ମେଣ୍ଢା ତେମନ୍ତ ୧୬
ତୁମ୍ଭମାନଙ୍କୁ ପଠାଇ ଏନିମନ୍ତେ ସର୍ପରପରି ବୁଦ୍ଧିମନ୍ତ ଓ କାପ୍ତାର ପରି ଅହିଂ
ସକ ହୁଅ । ପୁଣି ମନୁଷ୍ୟମାନଙ୍କଠାରେ ସାବଧାନ ଥାଅ ଯେହେତୁ ସେମା ୧୭
ନେ ତୁମ୍ଭମାନଙ୍କୁ ରାଜ ସଭାରେ ସମର୍ପଣ କରିବେ ଓ ଭଜନାଳୟରେ ପ୍ରହାର
କରିବେ । ପୁଣି ଆମ୍ଭର ସକାଶେ ଶାସନକର୍ତ୍ତା ଓ ରାଜାମାନଙ୍କର ଶ୍ଚମୁରେ ସେ ୧୮
ମାନଙ୍କର ଓ ଅନ୍ୟଦେଶୀୟମାନଙ୍କର ପ୍ରତି ସାକ୍ଷ୍ୟ ଦେବାର ନିମନ୍ତେ ତୁମ୍ଭ
ମାନଙ୍କୁ ଅଣା ଯିବ । ପୁଣି ଏହିରୂପେ ସମର୍ପିତ ହେଲେ ତୁମ୍ଭେମାନେ କି ପ୍ରକା ୧୯
ରେ ଅବା କି କଥାରେ ଉତ୍ତର କରିବ ତାହା ବିଷୟରେ ଭାବିତ ନ ହୁଅ
ଯେହେତୁ ସେ ସମୟ ତୁମ୍ଭମାନଙ୍କର କି କହିବାକୁ ଉଚିତ ତାହା ସେକ୍ଷଣି ତୁମ୍ଭ
ମାନଙ୍କର ମନରେ ଦିଆ ଯିବ । ଯେହେତୁ ସେ ସମୟରେ ଯେ କହିବେ ସେ ୨୦
ତୁମ୍ଭେମାନେ ନୁହ ପୁଣି ତୁମ୍ଭମାନଙ୍କର ମଧ୍ୟବର୍ତ୍ତି ପିତାର ଆତ୍ମା କହିବେ । ଆଉ
ଭାଇ ଭାଇକୁ ଓ ପିତା ପୁତ୍ରକୁ ମୃତ୍ୟୁରେ ସମର୍ପଣ କରିବେ । ପୁତ୍ରମାନେ ଆପଣା ୨୧
ପିତା ମାତାର ବିପକ୍ଷରେ ଉଠି ସେମାନଙ୍କୁ ବଧ କରାଇବେ । ପୁଣି ଆମ୍ଭର ୨୨
ନାମ ସକାଶେ ସମସ୍ତେ ତୁମ୍ଭମାନଙ୍କୁ ଘୃଣା କରିବେ ମାତ୍ର ଯେଉଂଜନ ଶେଷ
ପର୍ଯ୍ୟନ୍ତେ ସହିବ ସେ ପରିତ୍ରାଣ ପାଇବ । ଆଉ ସେମାନେ ଯେବେ ତୁମ୍ଭମା ୨୩
ନଙ୍କୁ ଏକ ନଗରରେ ତାଡଣା କରନ୍ତି ତେବେ ଆଉ ନଗରକୁ ପଳାଅ
ଆମ୍ଭେ ସତ୍ୟ ବୋଲି ଯେ ମନୁଷ୍ୟ ପୁତ୍ରର ଆଗମନର ପୂର୍ବରେ ତୁମ୍ଭେମାନେ
ଇଶ୍ରାଏଲ ଦେଶର ସବୁ ନଗର ଦେଇ ଯାତ୍ରା କରି ନ ସାରିବ । ଗୁରୁଠାରୁ ୨୪
ଶିଷ୍ୟ ବଡ ନୋହେ ଓ କର୍ତ୍ତାଠାରୁ ଦାସ ବଡ ନୋହେ ଶିଷ୍ୟ ଆପଣା ଗୁରୁର
ଓ ଦାସ ଆପଣା କର୍ତ୍ତାର ତୁଲ୍ୟ ହେଲେ ବହୁତ । ସେମାନେ ଯେବେ ଘରର ୨୫
କର୍ତ୍ତାକୁ ଭୂତରାଜ କରି କହନ୍ତି ତେବେ ପରିଜନଙ୍କୁ କି ସେରୂପେ ନ କହିବେ ।
ତେଣୁ ତୁମ୍ଭେମାନେ ଭୟ ନ କର । ଯେହେତୁ ଯାହା ପ୍ରକାଶ ନ ହେବ ୨୬
ଏମନ୍ତ ଆଚ୍ଛାଦିତ କିଛି ନାହିଁ ଓ ଯାହା ନ ଜଣା ଯିବ ଏମନ୍ତ ଗୁପ୍ତ କିଛି ନାହିଂ ।
ଆମ୍ଭେ ତୁମ୍ଭମାନଙ୍କୁ ଯାହା ଅନ୍ଧକାରରେ କହି ତାହା ତୁମ୍ଭେମାନେ ଆଲୁ ୨୭
ଅରେ କହ ପୁଣି କର୍ଣରେ ଯାହା ଶୁଣ ତାହା ଘରର ଉପରେ ଘୋଷଣା
କର । ଆଉ ଯେଉଂମାନେ ଶରୀରକୁ ବଧ କରିବାକୁ ପାରନ୍ତି ଆତ୍ମାକୁ ବଧ ୨୮
କରିବାକୁ ନ ପାରନ୍ତି ସେମାନଙ୍କୁ ଭୟ ନ କର । ପୁଣି ଯେ ଶରୀର ଓ ଆତ୍ମା
ଦୁଇକୁ ନରକରେ ନାଶ କରିବାକୁ ପାରନ୍ତି ତାହାଙ୍କୁଇ ଭୟ କର । ଦୁଇ ଘର ୨୯
ଚଟିଆ ପକ୍ଷୀ କି ଏକ ପଇସାରେ ବିକା ନ ଯାୟେ ତଥାପି ତୁମ୍ଭ ପିତାର
(ଅନୁମତି) ବିନୁ ସେମାନଙ୍କର ଗୋଟାୟେ ଭୂମିରେ ନ ପଡଇ ପୁଣି ତୁମ୍ଭମାନ ୩୦
ଙ୍କର ମସ୍ତକର ବାଳ ସବୁ ଗଣିତ ଅଛି । ଏନିମନ୍ତେ ଭୟ ନ କର ତୁମ୍ଭେମା ୩୧

୩୨ ନେ ଅନେକ ଘରଚଟିଆ ପକ୍ଷୀରୁ ବହୁ ମୂଲ୍ୟ । ଆଉ ଯେ କେହ ମନୁଷ୍ୟର
ସାକ୍ଷାତରେ ଆମ୍ଭକୁ ସ୍ୱୀକାର କରଇ ଆମ୍ଭେ ଆପଣା ସ୍ୱର୍ଗସ୍ଥ ପିତାର ସାକ୍ଷା
୩୩ ତରେ ତାହାକୁ ସ୍ୱୀକାର କରିବା । ପୁଣି ଯେ କେହ ମନୁଷ୍ୟର ସମ୍ମୁରେ
ଆମ୍ଭକୁ ଅସ୍ୱୀକାର କରଇ ଆମ୍ଭେ ଆପଣା ସ୍ୱର୍ଗସ୍ଥ ପିତାର ସମ୍ମୁରେ ତାହାକୁ
ଅସ୍ୱୀକାର କରିବା ।

୩୪ ଆମ୍ଭେ ଯେ ପୃଥିବୀରେ ଶାନ୍ତି ଦେବାକୁ ଆସିଅଛୁଁ, ଏମନ୍ତ ନ ଭାବ ।
୩୫ ଆମ୍ଭେ ଶାନ୍ତି ନୋହେ ଖଣ୍ଡା ଦେବା ପାଇଁ ଆସିଅଛୁଁ, ଯେହେତୁ ପୁତ୍ର
ପିତାର ସଙ୍ଗେ ଓ କନ୍ୟା ମାତାର ସଙ୍ଗେ ପୁଣି ପୁତ୍ରବହୂ ଶ୍ୱଶୁର ସଙ୍ଗେ
୩୬ ବିରୋଧ କରାଇବାକୁ ଆସିଅଛୁଁ । ଇହଂରେ ମନୁଷ୍ୟର ଶତ୍ରୁ ଆପଣାର କୁଟୁମ୍ବ
୩୭ ହେବେ । ପୁଣି ଯେ କେହ ପିତାକୁ କି ମାତାକୁ ଆମ୍ଭଠାରୁ ଅଧିକ ସ୍ନେହ
୩୮ କରଇ ସେ ଆମ୍ଭର ଯୋଗ୍ୟ ନୋହେ । ପୁଣି ଯେ କେହ ଆପଣା ପୁତ୍ର କି
କନ୍ୟାକୁ ଆମ୍ଭଠାରୁ ଅଧିକ ପ୍ରେମ କରଇ ସେ ଆମ୍ଭର ଯୋଗ୍ୟ ନୋହେ ।
ଆଉ ଯେ କେହ ଆପଣା କ୍ରୁଶ ନେଇ ଆମ୍ଭର ପଶ୍ଚାଦ୍ଗାମୀ ନ ହୁଅଇ ସେ
୩୯ ଆମ୍ଭର ଯୋଗ୍ୟ ନୋହେ । ପୁଣି ଯେ କେହ ଆପଣା ପ୍ରାଣ ରକ୍ଷା କରଇ
ସେ ତାହା ହରାଇବ । ଯେ କେହ ଆମ୍ଭର ନମନ୍ତେ ଆପଣା ପ୍ରାଣ ହରାଏ
ସେ ତାହା ରକ୍ଷା କରିବ ।

୪୦ ଆଉ ଯେ କେହ ତୁମ୍ଭମାନଙ୍କୁ ଅତିଥି କରଇ ସେ ଆମ୍ଭକୁଇ କରଅଛୁ ।
ପୁଣି ଯେ ଆମ୍ଭର ପ୍ରତି ଅତିଥି ବ୍ୟବହାର କରଇ ଯେ ଆମ୍ଭକୁ ପଠାଇଲେ
୪୧ ତାହାଙ୍କର ପ୍ରତି କରଅଛୁ । ଆଉ ଯେଉଁଜନ ଆଶ୍ଚର୍ଯ୍ୟକୁ ଆଶ୍ଚର୍ଯ୍ୟ ମଣି ଅତିଥି
କରଇ ସେ ଆଶ୍ଚର୍ଯ୍ୟର ନ୍ୟାସ୍ୟ ଫଳ ପାଇବ ଯେ କେହ ଧାର୍ମିକକୁ ଧାର୍ମିକ
୪୨ ମଣି ଅତିଥି କରଇ ସେ ଧାର୍ମିକ ମନୁଷ୍ୟର ଫଳ ପାଇବ । ଆଉ ଯେ କେହ
ଏହି କ୍ଷୁଦ୍ର ଲୋକର ମଧ୍ୟରେ କୌଣସି ଏକ ଜଣକୁ ଆମ୍ଭର ଶିଷ୍ୟ ମଣି ଏକ
ଚାଟିଆ ଶୀତଳ ଜଳ ଦଅଇ ଆମ୍ଭେ ତୁମ୍ଭମାନଙ୍କୁ ସତ୍ୟ ବୋଲି ସେ କୌଣସି
ପ୍ରକାରେ ଫଳ ଅପ୍ରାପ୍ତ ନ ହେବ ।

## ୧୧ ପବ୍ବ ।

୧ ଏହିରୂପେ ଯୀଶୁ ଆପଣା ଦ୍ୱାଦଶ ଶିଷ୍ୟଙ୍କୁ ଆଜ୍ଞା ଦେବାର ସମାପ୍ତ କରି ନଗ
ରେ ୀ ଉପଦେଶ ଦେବାକୁ ଓ ମଙ୍ଗଳସମାଚାର ଘୋଷଣା କରିବାକୁ ସେଠାରୁ
୨ ପ୍ରସ୍ଥାନ କଲେ । ଏଥିଉତ୍ତାରୁ ଯୋହନ ବନ୍ଧ ଘରରେ ଥାଇ ଖ୍ରୀଷ୍ଟର କର୍ମର
୩ ସମାଚାର ଶୁଣି ଆପଣାର ଶିଷ୍ୟ ଦୁଇ ଜଣକୁ ପଠାଇ ଦଅନ୍ତେ ସେମାନେ
ତାହାଙ୍କୁ ଏହା ପଚାରିଲେ ଯାହାଙ୍କର ଆଗମନ ହୁଅନ୍ତା ତୁମ୍ଭେ କି ସେହି ଜଣ

ଅବା ଆମ୍ଭେମାନେ କି ଆନର ଅପେକ୍ଷା କରିବା । ଯୀଶୁ ଉତ୍ତର କଲେ ତୁମ୍ଭେ ୪
ମାନେ ଯାଇ ଯାହା୩ ଶୁଣୁଅଛ ଓ ଦେଖୁଅଛ ତାହାର ସମାଚାର ଯୋହନକୁ
କହ । ଅନ୍ଧମାନେ ଚକ୍ଷୁ ପାନ୍ତି । ଶ୍ଚେଟାମାନେ ଗମନାଗମନ କରନ୍ତି । କୁଷ୍ଠି ୫
ମାନେ ପବିତ୍ର ହୁଅନ୍ତି । ବଧିରମାନେ ଶୁଣନ୍ତି । ମୃତ ଲୋକମାନେ ସଜୀବ
ହୋଇ ଉଠନ୍ତି । ଦରିଦ୍ରମାନଙ୍କଠାରେ ମଙ୍ଗଳ ସମାଚାରର ଘୋଷଣା
ହୁଅଇ । ପୁଣି ଆମ୍ଭେ ଯାହାର ଝୁଣ୍ଟିବାର କାରଣ ନୋହି ସେ ଧନ୍ୟ । ୬

ସେମାନେ ପ୍ରସ୍ଥାନ କଲାଉତ୍ତାରେ ଯୀଶୁ ଲୋକଗଣକୁ ଯୋହନ ବିଷୟରେ ୭
କହିଲେ ତୁମ୍ଭେମାନେ ବାହାର ହୋଇ ଅରଣ୍ୟ ମଧ୍ୟରେ କି ଦେଖିବାକୁ
ଯାଇ ଥିଲ କି ବାୟୁରେ ହଲିଲା ନଳ ଗୋଟିୟେ ଅବା କି ଦେଖିବାକୁ
ଯାଇଥିଲ କି ସୂକ୍ଷ୍ମ ବସନ ପିନ୍ଧିଲାର ଏକ ମନୁଷ୍ୟକୁ । ଦେଖ ଯେଡୁମାନେ ୮
ସୂକ୍ଷ୍ମ ବସନ ପିନ୍ଧନ୍ତି ସେମାନେ ରାଜଧାନୀରେ ଥାନ୍ତି । ତେଣୁ ତୁମ୍ଭେମା ୯
ନେ କି ଦେଖିବାକୁ ବାହାରେ ଯାଇଥିଲ କି ଜଣେ ଭବିଷ୍ୟଦ୍ରବକ୍ତାକୁ ।
ତାହାଇ ପ୍ରମାଣ ପୁଣି ଆମ୍ଭେ ତୁମ୍ଭମାନଙ୍କୁ କହି ଯେ ଭବିଷ୍ୟଦ୍ରବକ୍ତାଙ୍କ ବଡ ।
ଯେହେତୁ ଦେଖ ଆମ୍ଭେ ଆପଣା ଦୂତକୁ ତୁମ୍ଭର ଅଗ୍ରସର କରି ପଠାଇ ୧୦
ସେ ଆଗେ ଯାଇ ତୁମ୍ଭର ପଥ ପ୍ରସ୍ତୁତ କରିବ ଯାହାର ବିଷୟେ ଏହି କଥା
ଲେଖିତ ଥିଲା ସେ ଏହି । ଆଉ ଆମ୍ଭେ ତୁମ୍ଭମାନଙ୍କୁ ସତ୍ୟ ବୋଲି ଯୋହନ ୧୧
ଡୁବକଠାରୁ ବଡ କେହି ସ୍ତ୍ରୀଲୋକରୁ ଜନ୍ମ ନୋହେ ତଥାପି ସ୍ୱର୍ଗ ରାଜ୍ୟର
ମଧ୍ୟେ ସମସ୍ତରୁ କ୍ଷୁଦ୍ର ଯେଡୁ ଜନ ସେ ଯୋହନଠାରୁ ବଡ ଅଟଇ । ପୁଣି ୧୨
ଯୋହନ ଡୁବକର କାଳାବଧି ଏପର୍ଯ୍ୟନ୍ତେ ସ୍ୱର୍ଗ ରାଜ୍ୟ ବଳାତ୍କାନ୍ତ ହୋଇ
ଅଛି ତହିଁରେ ଦୃଢଚିତ୍ତ ଲୋକମାନେ ବଳରେ ତାହା ଅଧିକାର କରୁଛନ୍ତି ।
ଯେହେତୁ ଯୋହନ ପର୍ଯ୍ୟନ୍ତେ ସବୁ ଭବିଷ୍ୟଦ୍ରବକ୍ତା ଓ ବ୍ୟବସ୍ଥା ଆଗତ କଥା ୧୩
ପ୍ରକାଶ କରିଥିଲେ । ଆଉ ତୁମ୍ଭେମାନେ ଯେବେ ଏହି କଥା ଘେନିବାକୁ ପାର ୧୪
ତେବେ ଯେ ଏଲିୟର ଆଗମନ ହୁଅନ୍ତି ସେ ଏହି ଜଣ । ଯାହାର ଶୁଣିବାକୁ ୧୫
କର୍ଣ୍ଣଅଛି ସେ ଶୁଣୁ ।

ଆମ୍ଭେ କାହାର ସଙ୍ଗେ ଏକାଳର ଲୋକମାନଙ୍କୁ ତୁଲଣା ଦେବା । ୧୬
ହାଟରେ ବସି ଯେଡୁ ବାଳକମାନେ ଆପଣା୨ ସଙ୍ଗୀଗଣକୁ ଡାକି କହନ୍ତି
ଆମ୍ଭେ ସବୁ ତୁମ୍ଭ ପାଖରେ ବଂଶୀ ବଜାଇଲୁଁ ପୁଣି ତୁମ୍ଭେମାନେ ନୃତ୍ୟ ନ
କଲ । ଆମ୍ଭେମାନେ ତୁମ୍ଭ ପାଖରେ ରୋଦନ କଲୁ ପୁଣି ତୁମ୍ଭେମାନେ ୧୭
ବିଳାପ ନ କଲ ଏମନ୍ତ ବାଳକଗଣର ସଙ୍ଗେ ତାହାର ତୁଲଣା ହେବ ।
ଯେହେତୁ ଯୋହନ ଆସି ଭୋଜନ ପାନ ନ କଲେ ତହିଁରେ ଲୋକମାନେ ୧୮
କହନ୍ତି ସେ ଭୂତଗ୍ରସ୍ତ । ପୁଣି ମନୁଷ୍ୟପୁତ୍ର ଆସି ଭୋଜନ ପାନ କଲେ ତହିଁ ୧୯

ରେ ଲୋକମାନେ କହନ୍ତି ଦେଖ ଏହି ଏକ ଜଣ ଭୋକ୍ତା ଓ ମଦ୍ୟପାୟୀ ଆଉ
ପାଷାଣ୍ଡ ଓ ପାପିମାନଙ୍କର ବନ୍ଧୁ । ପୁଣି ଜ୍ଞାନୀର ସନ୍ତାନଗଣ ତାହାକୁ ଯଥାର୍ଥ
କରି ମଣନ୍ତି ।
୧୦ ଏଥିଉତ୍ତାରୁ ଯେଙ୍ଗୁ ନଗରରେ ତାହାଙ୍କର ବହୁତ ଆଶ୍ଚର୍ଯ୍ୟ କ୍ରିୟା କରା
ଯାଇଥିଲା ସେ ନଗରସ୍ଥ ନିବାସିମାନଙ୍କର ମନଫେରଣ ନ ହେବାରୁଂ ସେ
୧୧ ସେହି ସମସ୍ତକୁ ଧମକାଇବାକୁ ଲାଗିଲେ । ହାୟ କୋରାଜୀନ ହାୟ ବେଥ୍
ସେଦା ତୁମ୍ଭମାନଙ୍କର ମଧ୍ୟରେ ଯେ ଆଶ୍ଚର୍ଯ୍ୟ କର୍ମ କରା ଯାଇଅଛି ତାହା
ଯେବେ ସୋର ଓ ସୀଦୋନ ମଧ୍ୟରେ କରା ଯାନ୍ତା ତେବେ ଚିରକାଳ
୧୨ ପୂର୍ବରେ ସେମାନେ ଚଟ ଓ ଭସ୍ମରେ ବସି ମନ ଫେରାନ୍ତେ । ଏହି ନିମନ୍ତେ
ଆମ୍ଭେ ବୋଲି ବିଚାରଦିନରେ ତୁମ୍ଭମାନଙ୍କର ଦଶାରୁ ସୋର ଓ ସୀଦୋନର
୧୩ ଦଶା ସହଜ ହେବ । ହାୟ କଫରନାହୁମ ତୁମ୍ଭେ ସ୍ୱର୍ଗ ପର୍ଯ୍ୟନ୍ତେ ଉଚ୍ଚକୃତ
ଅଛ ପୁଣି ନରକରେ ନିପାତ ହେବ ଯେହେତୁ ତୁମ୍ଭଠାରେ ଯେ ଆଶ୍ଚର୍ଯ୍ୟ
କର୍ମ କରା ଯାଇଅଛି ତାହା ଯେବେ ସୀଦୋମରେ କରାଯାନ୍ତା ତେବେ ସେ
୧୪ ଆଜ ପର୍ଯ୍ୟନ୍ତେ ଥାନ୍ତା । ପୁଣି ଆମ୍ଭେ ତୁମ୍ଭମାନଙ୍କୁ କହି ବିଚାର ଦିନରେ
ତୁମ୍ଭର ଦଶାଠାରୁ ସୀଦୋମର ଦଶା ସହଜ ହେବ ।
୧୫ ସେ ସମୟରେ ଯୀଶୁ କହିଲେ ହେ ସ୍ୱର୍ଗ ଓ ପୃଥିବୀର ଏକାଧିପତି ପିତା
ତୁମ୍ଭେ ଜ୍ଞାନବନ୍ତ ଓ ବିଦ୍ୟାବନ୍ତ ଲୋକମାନଙ୍କଠାରୁ ଏସବୁ ବିଷୟ ଗୁପ୍ତ
ରଖି ବାଳକମାନଙ୍କର ପ୍ରତି ପ୍ରକାଶ କଲ ଏନିମନ୍ତେ ତୁମ୍ଭର ଧନ୍ୟବାଦ
୧୬ କରି । ହେ ପିତା ଏହି ମତ ହେଉ ଯେହେତୁ ଏହି ତୁମ୍ଭର ଦୃଷ୍ଟିରେ ଭଲ ।
୧୭ ସବୁ ବିଷୟ ପିତା ଆମ୍ଭକୁ ସମର୍ପଣ କରିଅଛନ୍ତି ପୁଣି ପିତା ବିନୁ ପୁତ୍ରକୁ କେହି
ନ ଜାଣନ୍ତି ଆଉ ପୁତ୍ର ଓ ଯେ କୌଣସି ଜନର ପ୍ରତି ପୁତ୍ର ତାହାଙ୍କୁ ପ୍ରକାଶ
କରି ଥାଆନ୍ତି ଏହି ଦୁଇର ବିନୁ କେହି ପିତାକୁ ନ ଜାଣନ୍ତି ।
୧୮ ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ ଆମ୍ଭର ନିକଟକୁ ଆସ ଆମ୍ଭେ
୧୯ ତୁମ୍ଭମାନଙ୍କୁଂ ବିଶ୍ରାମ ଦେବା । ଆମ୍ଭେ ବିନତି ଓ ନମ୍ରଚିତ୍ତ ହେବାରୁଂ ଆମ୍ଭର
ଯୁଆଳି ତୁମ୍ଭମାନଙ୍କର ଉପରେ ଘେନ ପୁଣି ଆମ୍ଭଠାରେ ଶିଖ ତହିଁରେ ତୁମ୍ଭେ
୩୦ ମାନେ ଆପଣା୧ ଆତ୍ମର ଶାନ୍ତି ପାଇବ । ଯେହେତୁ ଆମ୍ଭର ଯୁଆଳି ସହଜ
ଓ ଆମ୍ଭର ବୋଝ ହାଲୁକା ।

## ୧୨ ପର୍ବ ।

୧ ସେ ସମୟରେ ଯୀଶୁ ବିଶ୍ରାମବାରେ ଶସ୍ୟ କ୍ଷେତ ଦେଇ ଗମନ କରନ୍ତେ
ତାହାଙ୍କର ଶିଷ୍ୟମାନେ କ୍ଷୁଧିତ ହୋଇ ଶସ୍ୟର ଶିଁସା ଛିଣ୍ଡାଇ୧ ଖାଇବାକୁ

ଲାଗିଲେ । ତାହା ଦେଖି ଫାରୁଶିମାନେ ଯୀଶୁକୁ କହିଲେ ଦେଖ ବିଶ୍ରାମ ୨
ବାରେ ଯେ କର୍ମ କର୍ତ୍ତବ୍ୟ ନୋହେ ତାହାଇ ତୁମ୍ଭର ଶିଷ୍ୟଗଣ କରୁଛନ୍ତି । ସେ ୩
ସେମାନଙ୍କୁଂ କହିଲେ ଦାଉଦ ଓ ତାହାର ସଙ୍ଗିମାନେ କ୍ଷୁଧିତ ହେଲେ କୀ
କର୍ମ କଲେ ତାହା କି ତୁମ୍ଭେମାନେ ପଢି ନାହଁ । ସେ ଈଶ୍ୱରଙ୍କର ଆବାସରେ ୪
ଯାଇ ଯେଉଂ ଦର୍ଶନ ରୋଟୀ ଯାଜକଗଣ ଛଡା ତାହାର ଓ ତାହାର ସଙ୍ଗି
ମାନଙ୍କର ଭୋଜନ କରିବା ଅକର୍ତ୍ତବ୍ୟ ତାହା ଭୋଜନ କଲେ । କିଅବା ଯା ୫
ଜକମାନେ ବିଶ୍ରାମବାରରେ ମନ୍ଦିର ମଧ୍ୟରେ ବିଶ୍ରାମବାରର ନିୟମ ଲଙ୍ଘନ
କରି ନିର୍ଦ୍ଦୋଷ ହୁଅନ୍ତି ଶାସ୍ତ୍ରରେ କି ଏହାଇ ତୁମ୍ଭେମାନେ ପଢି ନାହଁ । ଆଉ ୬
ଆମ୍ଭେ ତୁମ୍ଭମାନଙ୍କୁଂ କହି ଏହି ସ୍ଥାନରେ ମନ୍ଦିରଠାରୁ ବଡ ଏକ ଜଣ ଅଛନ୍ତି ।
ପୁଣି ବଳିଦାନରୁ ଆମ୍ଭେ ଦୟାକୁ ଭଲ ଜାଣି ଏବଚନର ଅର୍ଥ ଯେବେ ୭
ଜାଣନ୍ତ ତେବେ ନିର୍ଦ୍ଦୋଷିମାନଙ୍କୁଂ ଦୋଷୀ କରି ନ କହନ୍ତ । ଯେହେତୁ ୮
ମନୁଷ୍ୟର ପୁତ୍ର ବିଶ୍ରାମବାରର କର୍ତ୍ତା ଅଟନ୍ତି ।

ଏଥିଉତ୍ତାରୁ ସେହିସ୍ଥାନରୁ ଯାଇ ସେ ସେମାନଙ୍କର ଭଜନାଳୟରେ ପ୍ର ୯
ବେଶ ହୁଅନ୍ତେ ଏକ ଜଣ ଶୁଷ୍କ ହସ୍ତ ରୋଗୀ ସେଠାରେ ଥିଲା । ତେଣୁ ଯୀ ୧୦
ଶୁକୁ ଅପବାଦ କରିବାକୁ ଲୋକମାନେ ତାହାଙ୍କୁ ପଚାରିଲେ ବିଶ୍ରାମବାରେ
ସୁସ୍ଥ କରିବା କି କର୍ତ୍ତବ୍ୟ । ସେ କହିଲେ ବିଶ୍ରାମବାରେ କାହାରି ଏକ ମେଣ୍ଢା ୧୧
ଯେବେ ଖାତରେ ପଡଇ ତେବେ ଯେ ଧରି ନ ତୋଳଇ ଏମନ୍ତ ଲୋକ
ତୁମ୍ଭମାନଙ୍କର ମଧ୍ୟରେ କେ ଅଛି । ମେଷଠାରୁ ମନୁଷ୍ୟ କି ଶ୍ରେଷ୍ଠ ନୋହେ ।
ଏକାରଣ ବିଶ୍ରାମବାରେ ଭଲ କର୍ମ କରିବା କର୍ତ୍ତବ୍ୟ । ଏଥିରେ ସେ ସେହି ମ ୧୨
ନୁଷ୍ୟକୁ କହିଲେ ହାତ ବଢାଅ । ତହିଂରେ ସେ ହାତ ବଢାଇଲେ ତାହା ୧୩
ଆନ ହସ୍ତର ମତେ ସୁସ୍ଥ ହେଲା ।

ତେଣୁ ଫାରୁଶିମାନେ ବାହାରେ ଯାଇ କିପ୍ରକାରେ ତାହାଙ୍କୁ ବଧ କରି ୧୪
ପାରିବେ ତାହାଙ୍କ ବିରୁଦ୍ଧରେ ଏହି କୁବିଚାର କଲେ । ଯୀଶୁ ତାହା ଜାଣି ୧୫
ସ୍ଥାନାନ୍ତରେ ପ୍ରସ୍ଥାନ କଲେ ପୁଣି ମହାଜନତା ତାହାଙ୍କର ପଛୋ ଗମନ ୧୬
କରନ୍ତେ ସେ ସମସ୍ତଙ୍କୁ ସୁସ୍ଥ କରି ଆମ୍ଭକୁ ପ୍ରକାଶ ନ କର ଏହି ଆଜ୍ଞା
ଦେଲେ । ତହିଁରେ ଦେଖ ଏ ଆମ୍ଭର ମନୋନୀତ ସେବକ ଓ ଆମ୍ଭର ପ୍ରୟ ୧୭
ଯାହାଠାରେ ଆମ୍ଭର ମନର ସନ୍ତୋଷ । ଏହାଙ୍କର ଉପରେ ଆମ୍ଭେ ଆପଣା
ଅତ୍ମକୁ ଥୋଇବା ସେ ଆନ ଦେଶୀୟମାନଙ୍କଠାରେ ବ୍ୟବସ୍ଥା ପ୍ରକାଶ କରିବେ
ସେ କାହାରି ସଙ୍ଗେ ବିରୋଧ କି କଳହ ନ କରିବେ ଓ ବାଟର ମଧ୍ୟରେ ୧୮
ଅପଣା ରବ ନ ଶୁଣାଇବେ । ବ୍ୟବସ୍ଥା ପ୍ରଚଳିତ ନ କରିବା ପର୍ଯ୍ୟନ୍ତେ ୧୯
ସେ ଛେଚା ନଳ ନ ଭାଙ୍ଗିବେ ପୁଣି ଧୂଁଆଯୁକ୍ତ ବଳିତା ନ ନିଭାଇବେ । ପୁଣି ଆନ ୨୦

୩୫ ଦେଶୀୟମାନେ ତହାଙ୍କର ନାମରେ ଭରସା ରଖିବେ । ଏମନ୍ତ ଯିଶାଇୟ
ଭବିଷ୍ୟଦ୍ବକ୍ତାର ଏହି ଉକ୍ତି ବାକ୍ୟ ସଫଳ ହେଲା ।

୩୬ ଅନନ୍ତରେ ଲୋକମାନେ ଏକ ଭୂତଗ୍ରସ୍ତ ଅନ୍ଧ ଘୁଙ୍ଗା ମନୁଷ୍ୟକୁ ତାହାଙ୍କର
ନକଟରେ ଘେନଗଲେ ପୁଣି ସେ ତାହାକୁ ଏମନ୍ତ ସୁସ୍ଥ କଲେ ଯେ ସେ
୩୩ ଦେଖିବାକୁ ପାଇଲା ଓ କଥା କହିଲା । ଏଥିରେ ସମସ୍ତେ ଚମତ୍କାର ଜ୍ଞାନ
୩୪ କର କହିଲେ ଏ କ ଦାଉଦର ସନ୍ତାନ ନୁହନ୍ତି । ପୁଣି ଫାରୂଶୀମାନେ ତାହା
ଶୁଣି କହିଲେ ଏଇଃ। କେବଳ ଭୂତଗଣର ରାଜା ବାଲଜବୁବ ଦ୍ୱାରା ଭୂତ
୩୫ ମାନଙ୍କୁ ଛଡାଏ । ଯୀଶୁ ସେମାନଙ୍କର ମାନସ ଜାଣି ସେମାନଙ୍କୁ କହିଲେ
କୌଣସି ରାଜ୍ୟ ଆପଣାର ବପକ୍ଷରେ ଭିନ୍ନ ହୋଇଲେ ଉଚ୍ଛିନ୍ନ ହୁଅଇ ପୁଣି ଯେ
କୌଣସି ନଗର କଅବା ଘର ଆପଣାର ବପକ୍ଷରେ ଭିନ୍ନ ହୁଅଇ ତାହା
୩୭ ରହିବାକୁ ନ ପାରଇ । ସେରୂପେ ଶୟତାନ ଯେବେ ଶୟତାନକୁ ବାହାର କର
ଆପଣା ବପକ୍ଷରେ ଭିନ୍ନ ହୁଅଇ ତେବେ କପ୍ରକାରେ ତାହାର ରାଜ୍ୟ ସ୍ଥିର
୩୭ ହେବ । ଆଉ ଆମ୍ଭେ ଯେବେ ବାଲଜବୁବ ଦ୍ୱାରା ଭୂତମାନଙ୍କୁ ଛଡାଇ ତେବେ
ତୁମ୍ଭମାନଙ୍କର ସନ୍ତାନମାନେ କାହାର ଦ୍ୱାରା ଭୂତଗଣକୁ ଛଡାନ୍ତି ଏହେତୁ
୩୮ ସେମାନେହିଁ ତୁମ୍ଭମାନଙ୍କର ବଗ୍ଭରକର୍ତ୍ତା ହେବେ । ପୁଣି ଆମ୍ଭେ ଯେବେ
ଈଶ୍ୱରଙ୍କର ଆତ୍ମା ଦ୍ୱାରା ଭୂତମାନଙ୍କୁ ଛଡାଇ ତେବେ ଈଶ୍ୱରଙ୍କ ରାଜତ୍ୱ
୩୯ ତୁମ୍ଭମାନଙ୍କଠାରେ ପ୍ରବେଶ ହେଲା । ଯେହେତୁ କେହ ପ୍ରବଳ ମନୁଷ୍ୟକୁ
ପ୍ରଥମେ ନ ବାନ୍ଧିଲେ କ ପ୍ରକାରେ ତାହାର ଘରେ ପ୍ରବେଶ ହୋଇ ଧନ ଲୁଣ୍ଠି
ନେବାକୁ ପାରଇ ତାହା କଲେ ସିନା ସେ ତାହାର ଘର ଲୁଣ୍ଠି ପାରଇ ।
୩୦ ଯେ କେହ ଆମ୍ଭର ସପକ୍ଷ ନ ହୁଅଇ ସେ ଆମ୍ଭର ବପକ୍ଷ ପୁଣି ଯେ ଆମ୍ଭର
ସଙ୍ଗେ ସାଙ୍ଗ୍ରହ କାହିଁ ସେ ଛଡାଇ ପକାଏ ।

୩୧ ଏନମନ୍ତେ ଆମ୍ଭେ ତୁମ୍ଭମାନଙ୍କୁ କହି ମନୁଷ୍ୟର ସବୁ ପ୍ରକାର ପାପ ଓ
ନନ୍ଦାରୂ କ୍ଷମା କରାଯାଏ ପୁଣି ଧର୍ମଆତ୍ମାର ବରୁଦ୍ଧରେ ନନ୍ଦା କ୍ଷମା କରା ନ
୩୨ ଯାଏ । ଆଉ ଯେ କେହ ମନୁଷ୍ୟର ପୁତ୍ରର ବରୁଦ୍ଧେ କଥା କହିଲେ ତାହାର
କ୍ଷମା ହୋଇଥିବ ପୁଣି ଯେ କେହ ଧର୍ମଆତ୍ମାର ବରୁଦ୍ଧରେ କଥା କହିଲେ ତହି
୩୩ କାଳରେ କି ପରକାଳରେ ତାହାର କ୍ଷମା ନୋହିବ । ବୃକ୍ଷକୁ ଭଲ ବୋ
ଇଲେ ତାହାର ଫଳକୁ ଭଲ ବୋଲିବାକୁ ହେବ ଅଥବା ବୃକ୍ଷକୁ ମନ୍ଦ ବୋ
୩୪ ଇଲେ ତାହାର ଫଳକୁ ମନ୍ଦ ବୋଲିବାକୁ ହେବ । ଯେହେତୁ ସ୍ୱୀ ଫଳରେ
ପ୍ରତ୍ୟେକ ବୃକ୍ଷକୁ ଚିହ୍ନା ଯାଏ । ଅରେ ସର୍ପର ବଂଶ ତୁମ୍ଭେମାନେ ମନ୍ଦ
ହୋଇ କ ପ୍ରକାରେ ଭଲ କଥା କହିବାକୁ ପାରବ ଯେହେତୁ ଅନ୍ତଃକରଣର
୩୫ ପୂର୍ଣତ୍ୱରୁ ମୁଖର ବାକ୍ୟ ବାହାରଇ । ଭଲ ମନୁଷ୍ୟ ଅନ୍ତଃକରଣରୂପ ଭଲ

ଭଣ୍ଡାରର ଉତ୍ତମ ବସ୍ତୁ ବାହାର କରଇ ପୁଣି ମନ୍ଦ ମନୁଷ୍ୟ ମନ୍ଦ ଭଣ୍ଡାରର
ମନ୍ଦ ବସ୍ତୁ ବାହାର କରଇ । ଆଉ ଆମ୍ଭେ ତୁମ୍ଭମାନଙ୍କୁ କହୁ ମନୁଷ୍ୟମାନେ ୩୭
ଯେତେ ଅସାର ବଚନ କହିନ୍ତି ତାହାର ଉତ୍ତର ବଚ୍ଚର ଦିନରେ ସେମା
ନଙ୍କୁ ଦେବାକୁ ହେବ । ଯେହେତୁ ତୁମ୍ଭେ ଆପଣାର ବାକ୍ୟରେ ନିର୍ଦ୍ଦୋଷ ୩୭
କଅବା ଆପଣାର ବାକ୍ୟରେ ସଦୋଷୀପଣେ ଗଣା ଯିବ ।

ତେତେବେଳେ ଯୋକାସ୍ଥ ଅଧ୍ୟାପକ ଓ ଫାରୂଶୀ ଉତ୍ତର କରି କ ୩୮
ହିଲେ ହେ ଗୁରୁ ଆମ୍ଭମାନେ ତୁମ୍ଭଠାରୁ କୌଣସି ଚିହ୍ନ ଦେଖିବାକୁ ଇଚ୍ଛା
କରୁ । ତହିଁରେ ସେ ପ୍ରତ୍ୟୁତ୍ତର କଲେ ଏହି ଦୁଷ୍ଟ ଓ ପାରଦାରିକ ବଂଶ ଚିହ୍ନ ୩୯
ଖୋଜନ୍ତି ପୁଣି ଯୂନସ ଭବିଷ୍ୟଦ୍ବକ୍ତାର ଚିହ୍ନ ବିନା ସେମାନଙ୍କୁ ଅନ୍ୟ କୌ
ଣସି ଚିହ୍ନ ଦେଖା ନ ଯିବ । ଯେହେତୁ ଯୂନସ ଯେମନ୍ତ ତିନ ଦିବାରାତ୍ରି ବଡ ୪୦
ମାଛର ଉଦରରେ ଥିଲା ତେମନ୍ତ ମନୁଷ୍ୟର ପୁତ୍ର ତିନ ଦିବାରାତ୍ରି ପୃଥିବୀର
ମଧ୍ୟସ୍ଥଳେ ରହିବେ । ଆଉ ବଚ୍ଚର ଦିନରେ ନୀନିବୀୟ ଲୋକମାନେ ଏହି ୪୧
ସବୁ ଲୋକମାନଙ୍କର ବିରୁଦ୍ଧରେ ଉଠି ଦୋଷୀ କରିବେ । ଯେହେତୁ
ସେମାନେ ଯୂନସର ଉପଦେଶରେ ମନ ଫେରାଇଲେ ପୁଣି ଏହି ସ୍ଥାନରେ
ଯୂନସର ବଡ ଏକ ଜଣ ଅଛନ୍ତି । ଆଉ ବଚ୍ଚର ଦିନରେ ଦକ୍ଷିଣ ଦେଶର ରାଣୀ ୪୨
ଏହି ସବୁ ଲୋକର ପ୍ରତିକୂଳରେ ଉଠି ଦୋଷୀ କରିବେ । ଯେହେତୁ ସେ
ରାଣୀ ସଲମାନର ବଦ୍ୟାର କଥା ଶୁଣିବାକୁ ପୃଥିବୀର ପ୍ରାନ୍ତରୁ ଆସିଥିଲା
ପୁଣି ସଲମାନଠାରୁ ବଡ ଏକ ଜଣ ଏଠାରେ ଅଛନ୍ତି ।

କୌଣସି ଅପବିତ୍ର ଭୂତ ମନୁଷ୍ୟଠାରୁ ବାହାର ହେଲା ଉତ୍ତାରେ ସେ ୪୩
ଶୁଷ୍କସ୍ଥାନ ଦେଇ ଗମନ କରି ବିଶ୍ରାମ ଖୋଜଇ । ପୁଣି ତାହା ନ ପାଇଲେ ୪୪
ସେ କୋଲଇ ଯେ ମୁଁ ଠାରୁ ଅସିଅଛୁଁ ସେହି ଗୃହକୁ ଫେର ଯାଇ ବଡ
ଗୁରୁ ସେଠାରେ ପ୍ରବେଶ ହୋଇ ତାହା ଶୂନ୍ୟ ଓ ଝାଡା ଓ ଶୋଭାଯୁକ୍ତ
ଦେଖଇ । ତେତେବେଳେ ପୁନର୍ବାର ଯାଇ ଆପଣାଠାରୁ ଦୁଷ୍ଟ ଆଉ ସାତ ୪୫
ଭୂତକୁ ସଙ୍ଗରେ ଘେନ ସେହି ଗୃହରେ ପ୍ରବେଶି ବାସ କରନ୍ତି । ତହିଁ
ରେ ସେହି ମନୁଷ୍ୟର ପୂର୍ବ ଦଶାରୁ ଶେଷ ଦଶା ଅହୁରା ମନ୍ଦ ହୁଅଇ । ଏହି
ଦୁଷ୍ଟ ବଂଶର ପ୍ରତି ସେରୂପ ଘଟିବ ।

ସେ ଲୋକମାନଙ୍କୁ ଏହି ସବୁ କଥା କହିବାର ସମୟରେ ତାହାଙ୍କର ୪୭
ମାତା ଓ ଭାଇମାନେ ତାହାଙ୍କର ସଙ୍ଗେ କଥା କହିବାକୁ ବାଞ୍ଛା କରି ବାହା
ରେ ଠିଆ ହେଲେ । ତେଣୁ କେହି ଜଣେ ତାହାକୁ କହିଲା ଦେଖ ତୁମ୍ଭର ୪୭
ମାତା ଓ ଭାଇମାନେ ତୁମ୍ଭର ସଙ୍ଗେ କଥା କହିବାର ଚେଷ୍ଟାରେ ବାହାରେ
ଠିଆ ହୋଇ ଅଛନ୍ତି । ପୁଣି ସେ ତାହାକୁ ଉତ୍ତର ଦେଲେ ଆମ୍ଭର ମାତା ୪୮

୪୬ କେ ଅଥବା ଆମ୍ଭର ଭାଇମାନେ କେ । ଏଥିମଧ୍ୟରେ ସେ ଶିଷ୍ୟଗଣର
ପ୍ରତି ହାତ ବଢ଼ାଇ କହିଲେ ଏହି ଦେଖ ଆମ୍ଭର ମାତା ଓ ଭାଇମାନେ ।
୫୦ ଯେହେତୁ ଯେ କେହି ଆମ୍ଭର ସ୍ୱର୍ଗସ୍ଥ ପିତାର ଇଚ୍ଛା କରି ସେହି ଆମ୍ଭର
ଭାଇ ଓ ଭଉଣୀ ଓ ମାତା ।

୧୩ ପତ୍ର ।

୧ ସେ ଦିନରେ ଯୀଶୁ ଗୃହର ବାହାର ହୋଇ ସମୁଦ୍ର କୂଳରେ ବସିଲେ
୨ ପୁଣି ତାହାଙ୍କ ନିକଟରେ ଅତ୍ୟନ୍ତ ଜନତା ଉପସ୍ଥିତ ହେବାରୁ ସେ ନାବରେ
ଚଢ଼ି ସେଠାରେ ବସନ୍ତେ ଲୋକ ସମସ୍ତେ ତୀରରେ ଠିଆ ହୋଇ ରହିଲେ ।
୩ ଏଥିରେ ସେ ଦୃଷ୍ଟାନ୍ତ ଦେଇ ସେମାନଙ୍କୁ ଏହି ପ୍ରକାରେ ଅନେକ ଉପ
ଦେଶ କହିଲେ । ଶୁଣ ବୀଜଗଣ କୃଷକ ବୀଜ ବୁଣିବାକୁ ବାହାରକୁ ଗଲା ।
୪ ବୀଜ ବୁଣିବା ବେଳେ କିଛି ବାଟର ପାଖରେ ପଡ଼ିଲା ତାହା ପକ୍ଷିଗଣ ଆସି
୫ ଖାଇଲେ । ଆଉ କିଛି ବୀଜ ଅଳ୍প ମାଟିଯୁକ୍ତ ପାଷାଣ ସ୍ଥଳରେ ପଡ଼ିଲା
ଯହିଁରେ ଗଭୀର ମାଟି ନ ଥିବାରୁ ତାହା ତତ୍କ୍ଷଣେ ଅଙ୍କୁରିତ ହୋଇ ଉ
୬ ଠିଲା । ସୂର୍ଯ୍ୟର ଉଦୟ ହୋଇଲେ ତେର ନ ବସିବାରୁ ତାହା ଶୁଖି ପାଇ
୭ ଶୁଷ୍କ ଗଲା । ଆଉ କିଛି କଣ୍ଟାର ମଧ୍ୟରେ ପଡ଼ିଲା ତହିଁରେ କଣ୍ଟା ସବୁ ବଢ଼ି
୮ ତାକୁ ଗ୍ରାସି ପକାଇଲା । ଆଉ କିଛି ବୀଜ ଭଲ ମାଟିରେ ପଡ଼ିଲା ପୁଣି ତାହାର
ମଧ୍ୟରେ କେତେ ଶହେ ଗୁଣ କେତେକ ଷାଠିଏ ଗୁଣ କେତେ ତିରିଶ
୯ ଗୁଣ ଫଳ ଧରିଲା । ଯାହାର ଶୁଣିବାକୁ କର୍ଣ ଅଛି ସେ ଶୁଣୁ ।
୧୦ ଏଥିଉତ୍ତାରେ ଶିଷ୍ୟମାନେ ଆସି ତାହାକୁ ପଚାରିଲେ ଆପଣ ସେମାନଙ୍କୁ
୧୧ ଦୃଷ୍ଟାନ୍ତ କଥା କାହିଁ କହୁ ଅଛନ୍ତି । ତହିଁରେ ସେ ଉତ୍ତର କଲେ ସ୍ୱର୍ଗ ରାଜ୍ୟର
ନିଗୂଢ଼ ବିଷୟ ଜାଣିବାର [ସାମର୍ଥ୍ୟ] ତୁମ୍ଭମାନଙ୍କୁ ଦିଆ ଯାଇ ଅଛି ପୁଣି
୧୨ ସେମାନଙ୍କୁ ଦିଆ ଯାଇ ନାହିଁ । ଯେହେତୁ ଯାହାରଠାରେ ବଢ଼ଇ ତାହା
ତୁହିଁ ଦିଆଯିବ ଯେଣୁ ତାହାର ବହୁତ ହେବ ପୁଣି ଯାହାରଠାରେ ବଢ଼ଇ
୧୩ ନାହିଁ ତାହାର ଯେ କିଛି ଅଛି ସେହି ନାଶ ତାହାଠାରୁ ନିଆ ଯିବ । ସେମା
ନେ ଦେଖି ନ ଦେଖନ୍ତି ଶୁଣି ନ ଶୁଣନ୍ତି ଓ ନ ବୁଝନ୍ତି ବୋଲି ସେମାନଙ୍କୁ
୧୪ ଦୃଷ୍ଟାନ୍ତର କଥା କହି । ଏଥିରେ ଯିଶାଇୟ ଭବିଷ୍ୟଦ୍ବକ୍ତାର ଏହି ଉକ୍ତି
୧୫ ବାକ୍ୟ ସେମାନଙ୍କ ମଧ୍ୟରେ ସମ୍ପୂର୍ଣ ହେଉଅଛି ଯଥା । ତୁମ୍ଭେମାନେ କର୍ଣ
ରେ ଶୁଣିବ ପୁଣି ନ ବୁଝିବ । ଚକ୍ଷୁରେ ଦେଖିବ ପୁଣି ଗୋଚର ନ ହେବ ।
ଯେଣୁ ଏମାନେ ଚକ୍ଷୁରେ ଦେଖି ଓ କର୍ଣରେ ଶୁଣି ଓ ଚିତ୍ତରେ ବୁଝି ମନ
ଫେରାଇଲେ ଆମ୍ଭେ ଯେମନ୍ତ ସେମାନଙ୍କୁ ସୁସ୍ଥ ନ କରିବା ଏହିହେତୁ ସେ

ମାନଙ୍କର ବୁଦ୍ଧି ମୋଟ ଓ କର୍ଣ୍ଣ ଭାର ହୋଇଅଛୁ ଓ ଚକ୍ଷୁକୁ ସେମାନେ ୧୬
ମୁଦିଛନ୍ତି । ପୁଣି ଧନ୍ୟ ତୁମ୍ଭମାନଙ୍କର ଚକ୍ଷୁ ଯେହେତୁ ସେ ଦେଖଇ ଧନ୍ୟ
ତୁମ୍ଭମାନଙ୍କର କର୍ଣ୍ଣ ଯେହେତୁ ସେ ଶୁଣଇ । ଆଉ ଆମ୍ଭେ ତୁମ୍ଭମାନଙ୍କୁ ସତ୍ୟ ୧୭
କୋଇ ତୁମ୍ଭେମାନେ ଯାହାମାନ ଦେଖୁଅଛ ତାହା ଅନେକ ଭବିଷ୍ୟଦ୍ଭକ୍ତା ଓ
ଧାର୍ମ୍ମିକ ଲୋକ ଦେଖିବାକୁ ଇଚ୍ଛା କଲେ ମାତ୍ର ଦେଖିବାକୁ ନ ପାଇଲେ ।
ପୁଣି ତୁମ୍ଭେମାନେ ଯାହାମାନ ଶୁଣୁଅଛ ତାହା ସେମାନେ ଶୁଣିବାକୁ ଇଚ୍ଛା
କଲେ ପୁଣି ଶୁଣିବାକୁ ନ ପାଇଲେ ।

କୃଷକର ଦୃଷ୍ଟାନ୍ତର ଅର୍ଥ ଶୁଣ । ବାଟର ପାଖରେ ପଡିଲା ବୀଜର ଅର୍ଥ ୧୮
ଏହି । ଯେବେ କେହି ରାଜ୍ୟର କଥା ଶୁଣି ନ ବୁଝଇ ତେବେ ପାପାତ୍ମା ଅସି ୧୯
ତାହାର ମନରେ ସେହି ସବୁ ରୋପିତ କଥା ହରଣ କରି ନଅଇ । ଆଉ ୨୦
ପାଷାଣ ସ୍ଥଳରେ ଯେ ବୀଜ ପଡିଲା ତାହାର ଅର୍ଥ ଏହି । କେହୀ ସେ ୨୧
କଥା ଶୁଣିବାମାତ୍ରେ ଆନ୍ଦାଦିତ ହୋଇ ଘେନଇ ପୁଣି ତାହାର ମନରେ ମୂଳ
ବୃଦ୍ଧି ନ ହେବାରୁ ସେ କିଛୁ କାଳ ମାତ୍ର ରହଇ । ଏଉଣ୍ଡରେ ସେହି
କଥାର ନିମନ୍ତେ କୌଣସି କ୍ଲେଶ କି ତାଡଣା ଉପସ୍ଥିତ ହେଲେ ସେ ତ୍ରାଣ
ସେହିକ୍ଷଣେ ବରକ୍ତ ହୁଅଇ । ଆଉ ଯେ ବୀଜ କଣ୍ଟାବଣର ମଧ୍ୟରେ ପଡିଲା ୨୨
ତାହାର ଅର୍ଥ ଏହି । କେହି କଥା ଶୁଣନ୍ତେ ସଂସାରିକ ଚିନ୍ତା ଓ ଧନ ଭ୍ରାନ୍ତି
ସେ କଥାକୁ ଗାସି ରଖଇ ଉହାଁରେ ସେହି ବଫଳ ହୁଅଇ । ପୁଣି ଯାହା ୨୩
ଭଲ ଭୂମିରେ ପଡିଲା ତାହାର ଅର୍ଥ ଏହି । ଯେଉଁମାନେ ସେ କଥା ଶୁଣି
ତାହା ବୁଝନ୍ତି ସେମାନେ ଫଳବନ୍ତ ହୋଇ କେହି ଶହେ ଗୁଣ ଓ କେହି
ଷାଠିଏ ଗୁଣ ଓ କେହି ତିରିଶ ଗୁଣ ଫଳ ଫଳନ୍ତି ।

ଏଥିଉତ୍ତାରେ ସେ ଆଉ ଏକ ଦୃଷ୍ଟାନ୍ତ ଦେଇ କହିଲେ । ସ୍ୱର୍ଗରାଜ୍ୟ ଏମନ୍ତ ୨୪
ଏକଗୃହସ୍ଥର ଭଲ ଯେ ଆପଣା କ୍ଷେତରେ ସୁନ୍ଦାଜ ବୁଣି ଥିଲା । ପୁଣି ସବି ୨୫
କାଳେ ଲୋକ ସବୁ ନିଦ୍ରାଗଲେ ତାହାର ଶତ୍ରୁ ଅସି ସେ ଗହମ ବୀଜର ମଧ୍ୟ
ରେ ବାଲୁଙ୍ଗା ଘାସର ବୀଜ ବୁଣି ଗଲ୍ ଗଲା । ଏଥିଉତ୍ତାର ଯେତେବେଳେ ୨୬
ବୀଜ ସବୁ ଗଜା ହୋଇ ଉଠିଲା ତେତେବେଳେ ବାଲୁଙ୍ଗା ଘାସ ଦେଖା
ଦେଲା । ତେଣୁ ସେ ଗୃହସ୍ଥର ଦାସମାନେ ଅସି ତାହାକୁ କହିଲେ ହେ ୨୭
ପ୍ରଭୁ ତୁମ୍ଭ କ୍ଷେତରେ କି ଭଲ ବୀଜ ବୁଣି ନାହଁ ତେବେ ବାଲୁଙ୍ଗା ଘାସ
କେଉଁଠାରୁ ହେଲା । ଉହାଁରେ ସେ ସେମାନଙ୍କୁ କହିଲା କୌଣସି ଶତ୍ରୁ ଏ ୨୮
କର୍ମ କରିଥିବ ଦାସମାନେ କହିଲେ ଆମ୍ଭେମାନେ ଯାଇ ତାହା ଉପାଡ
ପକାଇବା ଏହା କି ଆପଣଙ୍କର ଇଚ୍ଛା ହୁଅଇ । ପୁଣି ସେ କହିଲା ନାହିଁ ୨୯
ତୁମ୍ଭେମାନେ ବାଲୁଙ୍ଗା ଘାସ ଉପାଡିବାବେଳେ କଜାଣି ତାହା ସଙ୍ଗରେ

ଗହମଇ ଉପାତିବ ଏନିମନ୍ତେ ଶିଷ୍ୟ କାଟିବାର ବେଳ ପର୍ଯ୍ୟନ୍ତେ ଦୁହିଂକି ଏକତ୍ର
୩୦ ବଢିବାକୁ ଦିଅ । ଏଥିଉତ୍ତାରେ କାଟିବାର ବେଳେ କଟାଳିମାନଙ୍କୁ କହିବା
ତୁମ୍ଭେମାନେ ପ୍ରଥମେ ବାଲୁଙ୍ଗା ଘାସ ସବୁ ଏକଠା କରି ପୋଡିବାର ନିମ
ନ୍ତେ ବିଡା୍ୟ କରି ବାନ୍ଧି ପୁଣି ଗହମ ସବୁ ଆମ୍ଭର ଗୋଲାରେ ନେଇ ରଖ ।
୩୧ ପୁଣି ସେ ଏକ ଉପମାର କଥା ଦେଇ ସେମାନଙ୍କୁ କହିଲେ । ଜଣେ
ମନୁଷ୍ୟ ଗୋଟିୟେ ସୋରିଷ ବୀଜ ନେଇ ଆପଣା କ୍ଷେତରେ ବୁଣିଲା ସ୍ୱର୍ଗ
୩୨ ରାଜ୍ୟ ଏହି ବୀଜର ସାଦୃଶ୍ୟ । ଯେହେତୁ ତାହା ସବୁ ବୀଜରୁ ସାନ ମାତ୍ର
ରଖିବେ । ତହୁଁ ରାଜା ଦକ୍ଷିଣ ପାଖସ୍ଥିତ ସମସ୍ତଙ୍କୁ କହିବେ ଆସ ଆମ୍ଭର ପିତାର ୩୪
ଅନୁଗ୍ରହ ପାତ୍ରମାନେ ତୁମ୍ଭମାନଙ୍କର ନିମନ୍ତେ ଜଗତର ପତ୍ତନାବଧି ଯେ ରାଜ୍ୟ
ପ୍ରସ୍ତୁତ କରା ଯାଇଅଛି ତାହାର ଅଧିକାରୀ ହୁଅ । ଯେହେତୁ ଆମ୍ଭେ ୩୫
କ୍ଷୁଧିତ ହେଲେ ଆମ୍ଭକୁ ଆହାର ଦେଇଅଛ ତୃଷିତ ହେଲେ ପିଇବାକୁ ଦେଇ
ଅଛ ବିଦେଶୀ ହେଲେ ଆମ୍ଭକୁ ଅତିଥି କରିଅଛ ନଙ୍ଗଳା ହେଲେ ବସ୍ତ୍ର ୩୬
ପିନ୍ଧାଇଅଛ ପୀଡିତ ହେଲେ ଆମ୍ଭକୁ ସଙ୍କୋଳିଅଛ କାରାଗାରରେ ଥିଲେ

୩୭ ଅମ୍ଭର ନକଟକୁ ଅସିଅଛୁ । ଏଥିରେ ଧାର୍ମିକମାନେ ଉତ୍ତର କରବେ ହେ
ପ୍ରଭୁ କେବେ ତୁମ୍ଭକୁ କ୍ଷୁଧିତ ଦେଖି ଖାଇବାକୁ ଦେଇଅଛୁଁ ଅବା ତୃଷିତ
୩୮ ଦେଖି ପାନ କରାଇଅଛୁଁ ଅବା କେବେ ତୁମ୍ଭକୁ ବଦେଶୀ ଦେଖି ଅଉଥି
୩୯ କରଅଛୁଁ ଅବା କେବେ ତୁମ୍ଭଙ୍କୁ ଉଲଙ୍ଗ ଦେଖି ବସ୍ତ୍ର ପିନ୍ଧାଇଅଛୁଁ ଅବା
କେବେ ତୁମ୍ଭକୁ ପୀଡିତ ଓ କାରାଗାରସ୍ଥ ଦେଖି ତୁମ୍ଭର ନକଟକୁ ଯାଇ
୪୦ ଅଛୁଁ । ତେଉଁବେଳେ ରାଜା ପ୍ରତ୍ୟୁତ୍ତର କରବେ ସତ୍ୟ ଅମ୍ଭେ ବୋଲ
ତୁମ୍ଭେମାନେ ଆମ୍ଭର ଏହି ଭ୍ରାତୃଗଣର ସକୁଠଁ କ୍ଷୁଦ୍ର ଜଣକୁ ଏହା କଲେ ଅମ୍ଭର
୪୧ ପ୍ରତ କଲ । ଉହିଁଉତ୍ତାରେ ସେ ବାମ ପାଖସ୍ଥିତ ଜନମାନଙ୍କୁ କହିବେ ଅରେ
ଶାପଗ୍ରସ୍ତ ଅମ୍ଭ ସମ୍ମୁଖରୁ ଦୂର ହୋଇ ଶୟତାନ ଓ ତାହାର ଦୂତଗଣର ପାଁଇ
୪୨ ପ୍ରସ୍ତୁତ ଯେ ଅନନ୍ତ ଅଗ୍ନି ସେଠାରେ ଗଲଯାଅ । ଯେହେତୁ ଅମ୍ଭେ କ୍ଷୁଧିତ
୪୩ ହେଲେ ଆମ୍ଭକୁ ଅହାର ନ ଦେଲ ତୃଷିତ ହେଲେ ପିଇବାକୁ ନ ଦେଲ
ବଦେଶୀ ହେଲେ ଅଉଥି ନ କଲ ନଙ୍ଗଲା ହେଲେ ବସ୍ତ୍ର ନ ପିନ୍ଧାଇଲ
୪୪ ପୀଡିତ ଓ କାରାଗାରସ୍ଥ ହେଲେ ଅମ୍ଭଙ୍କୁ ନ ସଙ୍କୋଲିଲ ଏଥିରେ ସେମାନେ
ଉତ୍ତର କରବେ । ହେ ପ୍ରଭୁ କେଉଁ ସମୟରେ ତୁମ୍ଭକୁ କ୍ଷୁଧିତ କ ତୃଷିତ କ
୪୫ ବଦେଶୀ କ ଉଲଙ୍ଗ କ ପୀଡିତ କ କାରାଗାରସ୍ଥ ଦେଖି ତୁମ୍ଭର ସେବା ନ
କଲୁଁ । ଉହିଁରେ ସେ ସେମାନଙ୍କୁ ପ୍ରତ୍ୟୁତ୍ତର କରବେ ଆମ୍ଭେ ସତ୍ୟ ବୋଲ
୪୬ ଏମାନଙ୍କର ସକୁଠଁ କ୍ଷୁଦ୍ର ଏକ ପ୍ରାଣିର ପ୍ରତ ଏହା ନ କଲେ ଅମ୍ଭର ପ୍ରତ
ନ କଲ । ଉହିଁ ଏମାନେ ଅନନ୍ତ ଶାସ୍ତିରେ ପୁଣି ଧାର୍ମିକଗଣ ଅନନ୍ତ ଜୀବ
ନରେ ପ୍ରବେଶ ହେବେ ।

୨୬ ପଦ ।

୧ ଯୀଶୁ ଏହି ସମସ୍ତ ପ୍ରସଙ୍ଗ ସମାପ୍ତ କରି ଶିଷ୍ୟମାନଙ୍କୁ କହିଲେ ତୁମ୍ଭେ
୨ ମାନେ ଜାଣ ଆଉ ଦୁଇ ଦିନ ଉତ୍ତାରେ ନସ୍ତାର ପର୍ବ ଉପସ୍ଥିତ ହେବ ପୁଣି
୩ ମନୁଷ୍ୟର ପୁତ୍ର ପରହସ୍ତଗତ ହୋଇ କ୍ରୁଶରେ ହତ ହେବେ । ଅନନ୍ତରେ
ପ୍ରଧାନ ଯାଜକମାନେ ଓ ଅଧ୍ୟାପକମାନେ ଓ ପ୍ରାଚୀନ ଲୋକମାନେ କୟଫା
୪ ନାମରେ ମହା ଯାଜକର ଅଟ୍ଟାଳିକାରେ ଏକତ୍ର ହୋଇ କ କୌଶଳରେ
୫ ଯୀଶୁକୁ ଧର ବଧ କରବାକୁ ପାରନ୍ତୁ ଏହା ବଷ୍ଟର କଲେ । ପୁଣି ସେମାନେ
କହିଲେ ପର୍ବ ସମୟରେ ହେବ ନାହି ହେଲେ ଅବା ଲୋକମାନଙ୍କର
ମଧ୍ୟରେ କଲହ ଉଠିବ ।

୬ ଏଥିରେ ବେଥନୟା ନଗରରେ ଶିମୋନ କୁଷ୍ଠିର ଘରେ ଯୀଶୁ ଥିବାରେ
୭ ଏକ ସ୍ତ୍ରୀ କାଚ ଫରୁଆ ପୂର୍ଣ୍ଣ ବହୁମୂଲ୍ୟ ସୁଗନ୍ଧି ତୈଳ ଅଣି ଭୋଜନରେ

ବସିବା ସମୟରେ ତାହାଙ୍କ ମସ୍ତକରେ ଢାଳିଲା । ତାହା ଦେଖି ତାହାଙ୍କର ୮
ଶିଷ୍ୟମାନେ ଋଷ୍ଟ ହୋଇ କହିଲେ ଏମନ୍ତ ଅପବ୍ୟୟ କିପାଁ । ଏହାର ବିକ୍ରୟ ୯
ହେଲେ ଅନେକ ମୂଲ୍ୟ ମିଳି ଦରିଦ୍ରମାନଙ୍କୁ ଦିୟା ଯାଇ ପାରନ୍ତା । ଯୀଶୁ ୧୦
ତାହା ଜାଣି ସେମାନଙ୍କୁ କହିଲେ ସେ ନାରୀକି କିପାଁ ଦୁଃଖ ଦିୟ ସେ ଆମ୍ଭ
ଠାରେ ସୁକର୍ମ୍ମ କରିଅଛି ଯେହେତୁ ତୁମ୍ଭମାନଙ୍କ ପାଖରେ ଦରିଦ୍ରମାନେ ନିତି ୧୧
ଅଛନ୍ତି ପୁଣି ଆମ୍ଭେ ତୁମ୍ଭମାନଙ୍କ ପାଖରେ ନିତି ନୋହି । ସେ ଆମ୍ଭ ଶରୀରର ୧୨
ଉପରେ ଏହି ସୁଗନ୍ଧି ତେଲ ଢାଳି ଆମ୍ଭର କବର ଦେବାର କର୍ମ କରିଅଛି ।
ଏନିମନ୍ତେ ଆମ୍ଭେ ସତ୍ୟ ବୋଲି ସବୁ ଜଗତର ମଧ୍ୟରେ ଯେଉଁଠାରେ ଏହି ୧୩
ମଙ୍ଗଳସମାଚାର ପ୍ରଚାରିତ ହେବ ସେଠାରେ ଏ ତିରୀର ସ୍ମରଣାର୍ଥେ ତାହାର
ଏହି କର୍ମର କଥା କୁହା ଯିବ ।

ଏଥିଉତ୍ତାରୁ ଦ୍ୱାଦଶ ଶିଷ୍ୟର ମଧ୍ୟରେ ଇସ୍କାରିଓତୀୟ ଯିହୁଦା ନାମରେ ୧୪
ଏକ ଜଣ ପ୍ରଧାନ ଯାଜକମାନଙ୍କର ନିକଟରେ ଯାଇ କହିଲା ଯେବେ ଯୀଶୁକୁ
ତୁମ୍ଭମାନଙ୍କର ହାତରେ ସମର୍ପି ଦେଇ ତେବେ କି ଦେବ । ତହିଁରେ ସେ ୧୫
ମାନେ ତାହାକୁ ତ୍ରିଶ ଟଙ୍କା ଦେବାକୁ ସ୍ଥିର କଲେ । ଏଥିପାଇଁ ଯୀଶୁକୁ ୧୬
ପରହସ୍ତଗତ କରିବାର ନିମନ୍ତେ ସେହି କାଳରୁଁ ସେ ସୁଯୋଗ ଚେଷ୍ଟା କଲା ।

ଅନନ୍ତରେ ତାଡୀଶୂନ୍ୟ ରୋଟୀ ପର୍ବର ପ୍ରଥମ ଦିନରେ ଶିଷ୍ୟମାନେ ୧୭
ଯୀଶୁର ନିକଟେ ଯାଇ ପଚାରିଲେ ଆପଣଙ୍କର ନିମନ୍ତେ କେଉଁଠାରେ
ନିସ୍ତାର ପର୍ବର ଭୋଜ ଆୟୋଜନ କରିବାକୁ ଆମ୍ଭମାନଙ୍କୁ ଆଜ୍ଞା ଦେଉଅଛ ।
ସେ କହିଲେ ନଗରର ମଧ୍ୟରେ ଅମୁକ ଜନର କତିରେ ଯାଇ ବୋଲ ଗୁରୁ ୧୮
କହୁଛନ୍ତି ଆମ୍ଭର କାଳ ସନ୍ନିକଟ ଶିଷ୍ୟଗଣର ସଙ୍ଗେ ତୁମ୍ଭର ଗୃହରେ ନିସ୍ତାର
ପର୍ବର ଭୋଜ କରିବା । ତହିଁରେ ଶିଷ୍ୟମାନେ ଯାଇ ତାହାଙ୍କ ଆଜ୍ଞାନୁ ୧୯
ସାରେ କର୍ମ କରି ସେଠାରେ ନିସ୍ତାର ପର୍ବର ଭୋଜ ପ୍ରସ୍ତୁତ କଲେ । ଏଥି ୨୦
ଉତ୍ତାରେ ସନ୍ଧ୍ୟାବେଳ ଉପସ୍ଥିତ ହେଲା ସେ ଦ୍ୱାଦଶ ଶିଷ୍ୟର ସହିତ ବସିଲେ ।
ପୁଣି ଭୋଜନ କାଳରେ କହିଲେ ସତ୍ୟ ଆମ୍ଭେ ବୋଲି ତୁମ୍ଭମାନଙ୍କର ମଧ୍ୟରେ ୨୧
ଏକ ଜଣ ଆମ୍ଭକୁ ପରହସ୍ତଗତ କରିବ । ତେଣୁ ସେମାନେ ଅତ୍ୟନ୍ତ ଦୁଃଖିତ ୨୨
ହୋଇ ପ୍ରତ୍ୟେକ ଜଣ କହିବାକୁ ଲାଗିଲା ହେ ପ୍ରଭୁ ସେ କି ଆମ୍ଭେ । ତହିଁ ୨୩
ରେ ସେ କହିଲେ ଆମ୍ଭର ସଙ୍ଗେ ଯେ ଜନ ଭୋଜନ ପାତ୍ରରେ ହସ୍ତ ଡୁବା
ଇବ ସେହି ଆମ୍ଭକୁ ପରହସ୍ତଗତ କରିବ । ଆଉ ମନୁଷ୍ୟ ପୁତ୍ରର ବିଷୟରେ ୨୪
ଯେମନ୍ତ ଲେଖିତ ଅଛି ତଦନୁସାରେ ତାହାଙ୍କର ଗତି ହେବ ପୁଣି ଯେଉଁ
ଜନ ଦ୍ୱାରା ମନୁଷ୍ୟ ପୁତ୍ର ପରହସ୍ତଗତ ହେବେ ହାୟ୍ ତାହାର ଜନ୍ମ ନ ହେ
ଲେ ଭଲ ହୁଅନ୍ତା । ଏଥିରେ ଯିହୁଦା ନାମରେ ଯେ ଜନ ତାହାଙ୍କୁ ପର ୨୫

ହସ୍ତଗତ କଲା ସେହିଂ ପଶୁରିଲା ହେ ଗୁରୁ ସେ କି ଆମ୍ଭେ ସେ ତାହାକୁ
କହିଲେ ତୁମ୍ଭେ କହିଅଛ ।
୧୬ ଏଉତ୍ତାରୁ ସେମାନଙ୍କର ଭୋଜନ ସମୟରେ ଯୀଶୁ ରୋଟୀ ନେଇ ଆଶୀ
ର୍ବାଦ କରି ଭାଙ୍ଗି ଶିଷ୍ୟମାନଙ୍କୁ ଦେଇ କହିଲେ ଏହି ଆମ୍ଭର ଶରୀର ଏହା
୧୭ ନେଇ ଭୋଜନ କର । ପୁଣି ସେ ପିୟାଲା ନେଇ ଗୁଣାନୁବାଦ କରି ସେମାନଙ୍କୁ
୧୮ ଦେଇ କହିଲେ ଏଥିରୁ ତୁମ୍ଭେମାନେ ସମସ୍ତେ ପାନ କର ଯେହେତୁ ଅନେ
କର ପାପ ମୋଚନ ନିମନ୍ତେ ଢଳା ଯେ ଆମ୍ଭର ନୂତନ ନିୟମରୂପ ରକ୍ତ ସେ
୧୯ ଏହି । ଆଉ ଆମ୍ଭେ ତୁମ୍ଭମାନଙ୍କୁ କହି ଯାବତ୍ ଆପଣା ପିତାର ରାଜ୍ୟରେ ତୁ
ମ୍ଭମାନଙ୍କର ସଙ୍ଗରେ ନୂତନ ଦ୍ରାକ୍ଷାରସ ପାନ ନ କରିବା ତାବତ୍ ଦ୍ରାକ୍ଷା ଫ
୩୦ ଳର ରସ ଆଉ କେବେ ପାନ ନ କରିବା । ପୁଣି ସେମାନେ ଏକ ଗୀତ ଗାନ
କରନ୍ତେ ବାହାର ହୋଇ ଜୀତ ବୃକ୍ଷ ପର୍ବତରେ ଗମନ କଲେ ।
୩୧ ତେବେ ଯୀଶୁ ସେମାନଙ୍କୁ କହିଲେ ଏହି ରାତ୍ରିରେ ତୁମ୍ଭେମାନେ ସମ
ସ୍ତେ ଆମ୍ଭର ବିଷୟରେ ବିରକ୍ତ ହେବ ଯେହେତୁ ଲେଖିତ ଅଛି ଆମ୍ଭେ ମେଷ
୩୨ ପାଳକକୁ ହାଣିଲେ ପଲର ମେଣ୍ଢାଗଣ ଛିନ୍ନଭିନ୍ନ ହୋଇ ଯିବ । ପୁଣି
ଆମ୍ଭର ପୁନରୁତ୍ଥାନ ହେଲା ଉତ୍ତାରେ ଆମ୍ଭେ ତୁମ୍ଭମାନଙ୍କର ଅଗ୍ରସର ହୋଇ
୩୩ ଗାଲିଲୀକୁ ଯିବା । ପିତର ତାହାଙ୍କୁ ଉତ୍ତର କଲା ଯଦ୍ୟପି ସମସ୍ତେ ତୁମ୍ଭର
୩୪ ଲାଗି ବିରକ୍ତ ହୁଅନ୍ତି ତଥାପି ଆମ୍ଭେ କେବେହେଁ ନ ହେବା । ଯୀଶୁ ତାହାକୁ
କହିଲେ ଆମ୍ଭେ ତୁମ୍ଭକୁ ସତ୍ୟ କହି ଏହି ରାତ୍ରିରେ କୁକୁଡା ଡାକିବାର ଆଗେ
୩୫ ତୁମ୍ଭେ ଆମ୍ଭକୁ ତିନି ଥର ଅସ୍ୱୀକାର କରିବ । ଏଥିରେ ପିତର କହିଲା ଯେ
ବେ ତୁମ୍ଭର ସଙ୍ଗରେ ମରିବାକୁ ହୋଇ ତେବେ ତୁମ୍ଭଙ୍କୁ କେତେବେଳେ
ଅସ୍ୱୀକାର ନ କରିବା ତଦନୁସାରେ ସମସ୍ତ ଶିଷ୍ୟହିଂ କହିଲେ ।
୩୬ ଏଥୁଁ ଯୀଶୁ ଶିଷ୍ୟମାନଙ୍କର ସହିତ ଗେଥଶିମନୀ ନାମରେ ଏକ ସ୍ଥାନରେ
ଆସି ସେମାନଙ୍କୁ କହିଲେ ଆମ୍ଭେ ଯାବତ୍ ସେଠାରେ ଯାଇ ପ୍ରାର୍ଥନା କରି
୩୭ ତାବତ୍ ତୁମ୍ଭେମାନେ ଏଠାରେ ବସ । ତେବେ ସେ ପିତରକୁ ଓ ଜବଦିର ଦୁଇ
ପୁତ୍ରକୁ ସଙ୍ଗେ ନେଇ ଯାଇ ଶୋକାକୁଳ ଓ ଅତ୍ୟନ୍ତ ବ୍ୟଥିତ ହେବାକୁ
୩୮ ଲାଗିଲେ । ଆଉ ସେମାନଙ୍କୁ କହିଲେ ମରଣ କାଳର ନ୍ୟାୟ ଆମ୍ଭର ପ୍ରାଣ
ଅତ୍ୟନ୍ତ ଶୋକାକୁଳ ହେଉଅଛି ତୁମ୍ଭେମାନେ ଏହି ସ୍ଥାନରେ ଆମ୍ଭର ସଙ୍ଗେ
୩୯ ଜାଗିଥାଅ । ପୁଣି ସେ କିଛି ଦୂରେ ଯାଇ ଉବୁଡ ହୋଇ ପଡି ଏହି ପ୍ରାର୍ଥନା
କଲେ । ହେ ଆମ୍ଭର ପିତା ଯେବେ ହେବାକୁ ପାରଇ ତେବେ ଆମ୍ଭର ନିକ
ଟରୁ ଏହି ପିୟାଲା ଦୂରକୁ ଯାଉ ପୁଣି ଆମ୍ଭର ଇଚ୍ଛାମତ ନୋହି ତୁମ୍ଭର ଇଚ୍ଛା
୪୦ ମତ ହେଉ । ଅନନ୍ତରେ ଶିଷ୍ୟମାନଙ୍କ କତିରେ ଆସି ସେ ସେମାନଙ୍କୁ ନିଦ୍ରିତ

ଦେଶି ପିଇରକୁ କହିଲେ ତୁମ୍ଭେମାନେ କ ଆମ୍ଭର ସଙ୍ଗେ ଏକ ଦଣ୍ଡଇ
ଜାଗିବାକୁ ନ ପାରିଲ ପରୀକ୍ଷାରେ ଯେମନ୍ତ ନ ପଡ ଏଥିପାଇଁ ଜାଗି ରହ ପ୍ରା ୪୧
ର୍ଥନା କର । ଆତ୍ମା ନଶ୍ଚଯ୍ ଇଚ୍ଛୁକ ପୁଣି ଶରୀର ଦୁର୍ବଳ । ପୁନଶ୍ଚ ସେ ଦ୍ୱିତୀଯ୍ଥର ୪୨
ଯାଇ ଏହ ପ୍ରାର୍ଥନା କଲେ ହେ ଆମ୍ଭର ପିତା ପାନ ନ କଲେ ଯେବେ
ଏହ ପିଯ୍ଯାଲ୍ ଆମ୍ଭଠାରୁ ଦୂରେ ଯିବାକୁ ନ ପାରଇ ତେବେ ତୁମ୍ଭର ଇଚ୍ଛାମତ
ହେଉ । ପୁଣି ଆସି ସେ ପୁନର୍ବାର ସେମାନଙ୍କୁ ନଦ୍ରାଗତ ଦେଖିଲେ ଯେଣୁ ୪୩
ସେମାନଙ୍କର ଅଖି ଢୁଳୁ ଥିଲା । ଏଥିରେ ସେ ସେମାନଙ୍କର ନକଟରୁ ଯାଇ ୪୪
ତନ ଥର ପୂର୍ବମତେ କଥା କହ ପ୍ରାର୍ଥନା କଲେ । ତହିଁ ଶିଷ୍ୟମାନଙ୍କର ନକ ୪୫
ଟରେ ଆସି କହିଲେ ଏବେହେଁ କ ଶଯ୍ନ କର ବିଶ୍ରାମ କରିଅଛ ଦେଖ
ସେହ ସମଯ୍ ଉପସ୍ଥିତ ହୋଇ ମନୁଷ୍ଯ ପୁତ୍ର ପାପିମାନଙ୍କର ହସ୍ତରେ ସମର୍ପିତ
ହୁଅଇ । ଉଠ ଆମ୍ଭେମାନେ ଯାଇ ଯେଉଁଜନ ଆମ୍ଭକୁ ପରହସ୍ତଗତ କରିବ ୪୬
ଦେଖ ସେହ ସମୀପରେ ଆସୁଅଛ ।

ଏହ କଥା କହିବା ସମଯ୍ରେ ଦ୍ୱାଦଶର ଜନକର ଯିହୂଦା ଆସି ପ୍ରଧାନ ଯାଜ୍ଞ ୪୭
କମାନଙ୍କର ଓ ପ୍ରାଚୀନବର୍ଗର ପେଠିଓ ଖଣ୍ଡାଧାର ଓ ଯଷ୍ଟିଧାର ଲୋକଗହ୍ୱଳ
ସଙ୍ଗରେ ଘେନ ଉପସ୍ଥିତ ହେଲା । ସେ ପରହସ୍ତଗତକାତ୍ରା ପୂର୍ବରେ ସେମା ୪୮
ନଙ୍କୁ ଏହ ସଙ୍କେତ ଦେଇ କହିଥିଲ ଆମ୍ଭେ ଯାଇ ଯାହାକୁ ଚୁମ୍ବନ କରିବା
ସେହ ସେ ତୁମ୍ଭେମାନେ ତାହାକୁ ଧର । ସେ ତତ୍କ୍ଷଣରେ ଯୀଶୁର ନକ ୪୯
ଟରେ ଯାଇ ହେ ଗୁରୁ ନମସ୍କାର ବୋଲି ତାହାଙ୍କୁ ଚୁମ୍ବନ କଲା । ଯୀଶୁ ୫୦
ତାହାକୁ କହିଲେ ହେ ମିତ୍ର କ ନମନ୍ତେ ଆସୁଅଛ । ଏଥିରେ ଲୋକମାନେ
ଆସି ହସ୍ତ ଦେଇ ଯୀଶୁକୁ ଧରିଲେ । ଏଣୁ ଦେଖ ଯୀଶୁର ସଙ୍ଗିମାନଙ୍କର ମଧ୍ୟ ୫୧
ରେ ଏକ ଜଣ ହାତ ବଢାଇ ଖାପରୁ ଖଡ୍ଗ ବାହାର କରି ମହାଯାଜ୍ଞକର
ଏକ ଦାସକୁ ଆଘାତ କରି ତାହାର କାନ କାଟିଲା । ଯୀଶୁ ତାହାକୁ କହି ୫୨
ଲେ ଖଡ୍ଗ ସ୍ୱସ୍ଥାନରେ ରଖ ଯେହେତୁ ଯେ ସମସ୍ତ ଲୋକ ଖଡ୍ଗ ଧାରଣ କରନ୍ତି
ସେମାନେଇ ଖଡ୍ଗ ଦ୍ୱାରା ବିନଷ୍ଟ ହୁଅନ୍ତି । ଆପଣା ପିତା ଯେମନ୍ତ ଆମ୍ଭ କତ ୫୩
ରେ ଦ୍ୱାଦଶ ବାହିନୀରୁ ଅଧିକ ଦୂତଗଣକୁ ପଠାଇ ଦଅନ୍ତି ଏଥିପାଇଁ ତାହାଙ୍କ
ଠାରେ ଏବେହେଁ ପ୍ରାର୍ଥନା କରିବାକୁ ନ ପାର ତୁମ୍ଭେମାନେ କ ବିନନ୍ତ
ବୁଝ । ପୁଣି ଏହା କଲେ ଧର୍ମପୁସ୍ତକର ଉକ୍ତି ଯେ ଏରୂପେ ଘଟିବ ତାହା କ ୫୪
ପ୍ରକାରେ ପୂର୍ଣ ହେବ ।

ସେହ ସମଯ୍ରେ ଯୀଶୁ ଲୋକ ସମୂହକୁ କହିଲେ ତୁମ୍ଭେମାନେ ଖଡ୍ଗ ଓ ୫୫
ଯଷ୍ଟି ନେଇ କ ଚୋରର ପରି ଆମ୍ଭକୁ ଧରିବାକୁ ଅଇଲ । ଆମ୍ଭେ ପ୍ରତିଦନ
ତୁମ୍ଭମାନଙ୍କର ସଙ୍ଗରେ ମନ୍ଦିରରେ ବସି ଉପଦେଶ ଦେଉ ଥିଲୁଁ ତେବେ

ଆମ୍ଭକୁ ନ ଧରିଲ । ପୁଣି ଭବିଷ୍ୟତୁବକ୍ତାଗଣର ବାକ୍ୟ ସିଦ୍ଧ ହେବାର ନିମନ୍ତେ
୫୬ ଏ ସମସ୍ତ ହେଲା । ତେବେ ଶିଷ୍ୟମାନେ ସମସ୍ତେ ତାହାକୁଂ ତ୍ୟାଗ କରି ପଳା
୫୭ ଇଲେ । ପୁଣି ସେହି ସମସ୍ତ ଲୋକ ଯୀଶୁକୁ ଧରି ଯେଉଁଠାରେ ଅଧ୍ୟାପକମା
ନେ ଓ ପ୍ରାଚୀନବର୍ଗ ସଭା କରି ବସୁଅଛନ୍ତି ସେହି ସ୍ଥାନରେ କିୟଫା ନାମରେ
୫୮ ମହାଯାଜକର ନିକଟରେ ନେଇ ଗଲେ । ପୁଣି ଶେଷରେ କି ହେବ ଏହା ଦେଖି
ବାର ନିମନ୍ତେ ପିତର ଦୂରରେ ରହିଁ ତାହାଙ୍କର ପଛେ୍ୟ ମହାଯାଜକର ଅଟ୍ଟା
ଳିକାରେ ପ୍ରବେଶ ହୋଇ ଦାସଗଣର ସଙ୍ଗେ ବସିଲା ।
୫୯ ତେବେ ପ୍ରଧାନଯାଜକଗଣ ଓ ପ୍ରାଚୀନ ସମସ୍ତେ ଓ ମନ୍ତ୍ରିଗଣ ଯେମନ୍ତ
ଯୀଶୁକୁ ବଧ କରନ୍ତି ତାହା ପାଁଇ କୌଣସି ମିଥ୍ୟା ସାକ୍ଷ୍ୟ ଚେଷ୍ଟା କଲେ
୬୦ ପୁଣି ନ ପାଇଲେ । ଅନେକ୍ୟ ମିଥ୍ୟା ସାକ୍ଷୀ ଅଇଲେ ପୁଣି ତାହା ନ ପାଇ
୬୧ ଲେ । ଅବଶେଷ ଦୁଇ ଜଣ ମିଥ୍ୟାସାକ୍ଷୀ ଆସି ଏହି ଜଣ କହିଥିଲା ଆମ୍ଭେ
ଈଶ୍ୱରଙ୍କର ମନ୍ଦର ଭାଙ୍ଗି କରି ତିନି ଦିନର ମଧ୍ୟରେ ଆଉ ଥରେ ତାହାର
୬୨ ନିର୍ମାଣ କରିବାକୁ ପାରି ଏହି ସାକ୍ଷ୍ୟ ଦେଲେ । ତେବେ ମହାଯାଜକ ଉଠି
ଯୀଶୁକୁ କହିଲେ ତୁମ୍ଭେ କି କିଛିହିଁ ଉତ୍ତର ନ ଦିୟ ତୁମ୍ଭର ବିଷୟରେ ଏ
୬୩ ମାନେ କି ସାକ୍ଷ୍ୟ ଦେଉଅଛନ୍ତି । ପୁଣି ଯୀଶୁ ମୌନ ହୋଇ ରହିଲେ । ତହିଁ
ରେ ମହାଯାଜକ ପୁନର୍ବାର କହିଲେ ତୁମ୍ଭକୁ ଜୀବତୁ ଈଶ୍ୱରଙ୍କର ଗଣ ଦେଉ
ଅଛୁଁ ତୁମ୍ଭେ ଈଶ୍ୱରଙ୍କ ଆତ୍ମଜ ଖ୍ରୀଷ୍ଟ କି ନା ତାହା ବୋଲ । ଯୀଶୁ ଉତ୍ତର
୬୪ କଲେ ତୁମ୍ଭେ କହିଅଛ । ଅଉ ଆମ୍ଭେ ତୁମ୍ଭମାନଙ୍କୁ ସତ୍ୟ ବୋଲି ଏଥିଉ
ତ୍ତାରୁ ମନୁଷ୍ୟପୁତ୍ରକୁ ସର୍ବଶକ୍ତିମାନଙ୍କର ଦକ୍ଷିଣ ପାର୍ଶ୍ୱେ ବସିଥାଉଂ ଓ ଆକା
୬୫ ଶସ୍ଥ ମେଘାରୂଢ଼ ହୋଇ ଆସୁଂ ଦେଖିବ । ଏଥିରେ ମହା ଯାଜକ ଅପଣା
ବସ୍ତ୍ର ଛିଣ୍ଡାଇ କହିଲା ଏ ଈଶ୍ୱରଙ୍କ ନିନ୍ଦା କଲା ଆମ୍ଭମାନଙ୍କର ଆଉ ସାକ୍ଷିର
ପ୍ରୟୋଜନ କି ଦେଖ ତୁମ୍ଭେମାନେହିଂ ଏକ୍ଷଣି ଏହାର ଈଶ୍ୱରଙ୍କ ନିନ୍ଦା ବାକ୍ୟ
୬୬ ଶୁଣିଲ । ତୁମ୍ଭମାନଙ୍କର କି ବିବେଚନା ହୁଅଇ । ସେମାନେ ଉତ୍ତର କଲେ
୬୭ ଏଜନ ବଧଯୋଗ୍ୟ ଅଟଇ । ଏଣୁକରି ଲୋକମାନେ ତାହାଙ୍କର ମୁଖରେ
୬୮ ଛେପ ପକାଇଲେ ଅନ୍ୟ କେହି ଥୋପଡି ଓ କେହି ଚାପୁଡା ମାରି କହିଲେ
ହେ ଖ୍ରୀଷ୍ଟ ତୁମ୍ଭକୁ କେ ଚାପୁଡା ମାଇଲା ଏହା ଗଣନା କରି କୁହ ।
୬୯ ପିତର ବାହାରେ ପ୍ରାଙ୍ଗଣରେ ବସୁଥିଲା ଏଥି ମଧ୍ୟରେ ଜଣେ ଦାସୀ
ତାହାର କତିକ ଯାଇ କହିଲା ତୁମ୍ଭେହେଁ ଗାଲିଲୀୟ ଯୀଶୁର ସଙ୍ଗୀ ଏକ
୭୦ ଜଣ । ପୁଣି ସେ ସମସ୍ତର ସାକ୍ଷାତରେ ନାସ୍ତି କରି କହିଲା ତୁମ୍ଭେ କି ବୋଲୁ
ଅଛ ତାହା ଆମ୍ଭେ ନ ଜାଣି । ତେବେ ସେ ପିଣ୍ଡାରେ ଗଲାଉତ୍ତାରେ ଆଉ
୭୧ ଏକ ଜଣ ଦାସୀ ତାହାକୁ ଦେଖି ସେ ସ୍ଥାନର ଲୋକମାନଙ୍କୁ କହିଲା ଏ ଜନଇ

ନାଜରିତ୍ଥୀୟ ଯୀଶୁର ସଙ୍ଗେ ଥିଲ । ଏଥିରେ ସେ ପ୍ରତ୍ୟ କରି ପୁନର୍ବାର ଅସ୍ୱୀ ୭୧
କାର କର କହିଲ ଅମ୍ଭେ ସେ ମନୁଷ୍ୟକୁ ନ ଚିହ୍ନି । ଅଳ୍ପ କ୍ଷଣ କାଳ ଉତ୍ତରେ ୭୩
ଠିଆ ହେବାର ଲୋକମାନେ ଆସି ପିତରକୁ କହିଲେ ତୁମ୍ଭେ ଅବଶ୍ୟ ସେ
ମାନଙ୍କର ମଧ୍ୟରେ ଏକ ଜଣ ତୁମ୍ଭର ଉଚ୍ଚାରଣର ଢାଙ୍ଗା ପ୍ରକାଶ ହେଉ
ଅଛ । ପୁଣି ସେ ଅଭିଶାପ ଦେଇ ପ୍ରତ୍ୟ କରି କହିଲ ଅମ୍ଭେ ସେ ଜଣକୁ ୭୪
ଚିହ୍ନି ନାହିଁ ତହିଁରେ ତତ୍କ୍ଷଣାତ କୁକୁଡା ଡାକିଲ । ତେବେ କୁକୁଡା ଡାକ ୭୫
ବାର ଅଗରେ ଅମ୍ଭକୁ ତିନ ଥର ଅସ୍ୱୀକାର କରିବ ବୋହ ଯେ କଥା ଯୀଶୁ
କହି ଥିଲେ ତାହା ସ୍ମରଣ ହେବାରେ ପିତର ବାହାରକୁ ଯାଇ ଅତି ଖେଦ
କରି କାନ୍ଦିଲ ।

୨୭ ପଦ୍ୟ ।

ଏଥିଉତ୍ତର ପ୍ରତ୍ୟୁଷ ହେଲ ପ୍ରଧାନ ଯାଜକମାନେ ଓ ପ୍ରାଚୀନ ଲୋକମା ୧
ନେ ଯୀଶୁକୁ ବଧ କରିବାର ନମନ୍ତେ ତାହାଙ୍କର ବିପକ୍ଷରେ ବିଚାର କଲ ୨
ତାହାଙ୍କୁ ବାନ୍ଧି ଘେନ ଯାଇ ପନ୍ତ୍ୟପୀ ପିଲାତ ନାମରେ ଅଧିପତିର କତରେ ସମ
ର୍ପଣ କଲେ ।

ଏଥି ମଧ୍ୟରେ ଯୀଶୁକୁ ପରହସ୍ତଗତକାସ୍ତି ଯିହୂଦା ତାହାଙ୍କର ପ୍ରାଣ ଦଣ୍ଡ ୩
ନିଶ୍ଚୟ ଜାଣି ମନସ୍ତାପ ପାଇ ପ୍ରଧାନ ଯାଜକ ଓ ପ୍ରାଚୀନ ଲୋକମାନଙ୍କର ନ
କଟରେ ସେହ ତିରିଶ ଟଙ୍କା ଫେରି ଦେଇ କହିଲ ଏହ ନର୍ଦ୍ଦୋଷି ଜନର ପ୍ରାଣ ୪
ପରହସ୍ତଗତ କରିବାରେ ଅମ୍ଭେ ପାପ କଲୁଁ । ସେମାନେ କହିଲେ ତହିଁରେ
ଅମ୍ଭମାନଙ୍କର କ ତୁମ୍ଭେ ତାହା ବୁଝ । ତେଣୁ ସିହୂଦା ମନ୍ଦିରର ମଧ୍ୟରେ ୫
ସେହ ଟଙ୍କା ପକାଇ ଗଲ ପୁଣି ଯାଇ ଅପଗାକୁ ଫାସି ଦେଲ । ଅନ
ନ୍ତରେ ପ୍ରଧାନ ଯାଜକମାନେ ସେହ ମୁଦ୍ରା ନେଇ କହିଲେ ଏ ଟଙ୍କା ରକ୍ତର ୬
ମୂଲ୍ୟ ଏନମନ୍ତେ ଭଣ୍ଡାରରେ ରଖିବାର କର୍ତ୍ତବ୍ୟ ନୁହଇ । ଏହା ବୋଲି ସେ ୭
ମାନେ ବିଚାର କରି ବିଦେଶିମାନଙ୍କର କବର ସ୍ଥାନର ନମନ୍ତେ ସେ ଟଙ୍କା
ଦେଇ କୁମ୍ଭାରର ଭୂମି କିଣିଲେ ଏହ ନମନ୍ତେ ଅଦ୍ୟାପି ସେହ ସ୍ଥାନକୁ ରକ୍ତ
କ୍ଷେତ କର ବୋଲନ୍ତି । ଏମନ୍ତ ହେଲେ ଇଶ୍ରାଏଲର ସନ୍ତାନମାଙ୍କେ ଯାହାର ୮
ମୂଲ ନିରୂପ କଲେ ତାହାର ସେହ ତିରଶ ଟଙ୍କାର ମୂଲ୍ୟ ନେଇ ଆମ୍ଭଠାରେ ୯
ପରମେଶ୍ୱରର ନରୂପଣ ଅନୁସାରେ କୁମ୍ଭାରର କ୍ଷେତ ନମନ୍ତେ ତାହା
ଦେଲେ ଏହ ଯେ କଥା [ଯିରମୀୟ]ଭବିଷ୍ୟଦ୍ବକ୍ତା କହ ଥିଲ ତାହା ଏଥି
ରେ ସିଦ୍ଧ ହେଲ ।

ପୁଣି ଯୀଶୁ ସେ ଅଧିପତିର ସମ୍ମୁଖେ ଠିଆ ହୁଅନ୍ତେ ସେ ତାହାଙ୍କୁ ପଚା ୧୧

୧୩ ଉତ୍ତର ତୁମ୍ଭେ କି ସିହୁଦାସ୍ମାନଙ୍କର ରାଜା । ଯୀଶୁ କହିଲେ ତୁମ୍ଭେ କହିଅଛ
୧୪ ପୁଣି ପ୍ରଧାନ ଯାଜକମାନେ ଓ ପ୍ରାଗନମାନେ ତାହାଙ୍କର ଉପରେ ଅପବାଦ
୧୫ ଦେଲେହେଁ ସେ କିଛୁ ଉତ୍ତର କଲେ ନାହିଁ । ଏଉତ୍ତାର ପିଲାତ ତାହାଙ୍କୁ
କହିଲା ଏମାନେ ତୁମ୍ଭର ବରୁଦ୍ଧରେ କେତୋ ସାକ୍ଷ୍ୟ ଦେଉଛନ୍ତି ତାହା କି
୧୬ ତୁମ୍ଭେ ଶୁଣୁ ନାହିଁ । ତଥାପି ସେ ତାହାର ଏକ କଥାର ଉତ୍ତର ନ କଲେ
ଏଶୁକ୍ରର ସେ ଅଧିପତି ବଡ ଆଶ୍ଚର୍ଯ୍ୟ ମଣିଲା ।
୧୫ ଅବର ସେହି ପର୍ବସମୟରେ ଲୋକମାନେ ଯେ କୌଣସି ବନ୍ଦୁଅନକୁ
୧୭ ଗ୍ରହାନ୍ତି ତାହାକୁ ମୁକ୍ତି କରବାର ସେ ଅଧିପତିର ଏକ ରୀତି ଥିଲା । ଆଉ ସେ
ତେବେଳେ ସେମାନଙ୍କ ବାରବ୍ବା ନାମରେ ଏକ ଜଣ ବଖ୍ୟାତ ବନ୍ଦୁଆନ ଥିଲା ।
୧୭ ତେଣୁ ଲୋକମାନେ ଏକତ୍ର ହେଲା ଉତ୍ତରେ ପିଲାତ ସେମାନଙ୍କୁ ପଗ୍ଭରଲା
ଏହି ବାରବ୍ବା ନାମେ ବନ୍ଦୀ ପୁଣି ଖ୍ରୀଷ୍ଟ ବଖ୍ୟାତ ଯୀଶୁ ଏ ଦୁଇର ମଧ୍ୟରେ କା
୧୮ ହାକୁ ଶ୍ରେଷ୍ଠ ଦେବା ତୁମ୍ଭମାନଙ୍କର ଇଚ୍ଛା କି । ଯେହେତୁ ସେମାନେ ଯେ
ଈର୍ଷା ଭବରେ ତାହାଙ୍କୁ ସମର୍ପଣ କର ଅଛନ୍ତି ତାହା ସେ ଜାଣିଥିଲା ।
୧୯ ଉହିଁ ବଗ୍ଭାସନରେ ବସିବା ସମୟରେ ପିଲାତର ପତ୍ନୀ ତାହାକୁ କହି ପ
ଠାଇଲା ସେହି ଧାର୍ମିକ ମନୁଷ୍ୟର ବଷୟରେ ତୁମ୍ଭେ କିଛି ନ କର ଯେହେତୁ
ତାହାଙ୍କର ବଷୟରେ ଆଜି ଅମ୍ଭେ ସ୍ୱପ୍ନରେ ଅନେକ ପ୍ରକାର ଦୁଃଖ ପା
୨୦ ଇଲୁଁ । ପୁଣି ପ୍ରଧାନ ଯାଜକମାନେ ଓ ପ୍ରାଗନମାନେ ବାରବ୍ବାକୁ ମାଗିବାକୁ
୨୧ ଓ ଯୀଶୁକୁ ବଧ କରବାକୁ ଲୋକ ସମସ୍ତକୁ ମଣାଇଲେ । ଏଶୁକ୍ରର ଅଧିପତି
ସେମାନଙ୍କୁ ପଗ୍ଭରଲା ଆମ୍ଭେ ଏହି ଦୁଇର ମଧ୍ୟରେ କାହାକୁ ଶ୍ରେଷ୍ଠ ଦେବା ତୁ
୨୨ ମ୍ଭମାନଙ୍କର ଇଚ୍ଛା କି । ସେମାନେ କହିଲେ ବାରବ୍ବାକୁ । ତେଣୁ ପିଲାତ ପ
ଗ୍ଭରଲା ଯାହାକୁ ଖ୍ରୀଷ୍ଟ ବୋଲନ୍ତି ଏହି ଯୀଶୁକୁ କି କରବା । ସେମାନେ ସ
୨୩ ମସ୍ତେ କହିଲେ ସେ କ୍ରୁଶରେ ହତ ହେଉ । ଅଧିପତି କହିଲା କାଁ ସେ
କି ଅପରାଧ କରଅଛି । ପୁଣି ସେମାନେ ଅତ୍ୟନ୍ତ ଉଚ୍ଚୈଃସ୍ୱରରେ ଡାକିଲେ
୨୪ ତାହାକୁ କ୍ରୁଶରେ ଚଢାଅ । ଏନମନ୍ତେ ଆପଣାର କଥା ଗ୍ରାହ୍ୟ ନ ହେଲା
ପୁଣି ଆହୁରି କଲହ ବଢିଲା ପିଲାତ ଏହାଦେଖି ଲୋକମାନଙ୍କର ସାକ୍ଷାତରେ
ଜଳ ଘେନ ହସ୍ତ ପ୍ରକ୍ଷାଳଣ କର କହିଲା ଏହି ଧାର୍ମିକ ଜନର ରକ୍ତପାତରେ
୨୫ ଆମ୍ଭେ ନର୍ଦ୍ଦୋଷ ତୁମ୍ଭେମାନେଇ ତାହା ବୁଝ । ଏଥିରେ ଲୋକ ସମସ୍ତେ ଉ
ତ୍ତର କଲେ ତାହାର ରକ୍ତପାତର ଅପରାଧ ଆମ୍ଭମାନଙ୍କର ଓ ଆମ୍ଭମାନଙ୍କର
୨୭ ସନ୍ତାନ ସମସ୍ତର ଉପରେ ହେଉ । ତେଣୁ ସେ ସେମାନଙ୍କର ନକଟରେ
ବାରବ୍ବାକୁ ଶ୍ରେଷ୍ଠ ଦେଲା ପୁଣି ଯୀଶୁକୁ କୋଡା ମାର କ୍ରୁଶରେ ଚଢାଇବାକୁ
ସମର୍ପଣ କଲା ।

ଉହିଁ ଅଧିପତିର ସେନାଗଣ ଯୀଶୁକୁ ରାଜାଲୟର ମଧ୍ୟରେ ନେଇ ତାହା ୨୭
ଙ୍କର ନକଟରେ ସେନା ସମୂହକୁ ଏକତ୍ର କଲେ । ଏଥିଉତ୍ତାରୁ ତାହାଙ୍କର ନଜ ୨୮
ବସ୍ତ୍ର କାଢ଼ି ନେଇ ତାହାଙ୍କୁ ରକ୍ତ ବର୍ଣ ବସ୍ତ୍ର ପିନ୍ଧାଇଲେ । ପୁଣି କଣ୍ଟାର ମୁକୁଟ ୨୯
ଗୁଚ୍ଛି ତାହାଙ୍କର ମସ୍ତକରେ ଦେଲେ ଆଉ ତାହାଙ୍କର ଦକ୍ଷିଣ ହାତରେ ଏକ
ବେତ ଦେଇ ତାହାଙ୍କର ଶ୍ମୁରେ ଆଣ୍ଠୁ ପୋଡ଼ ହେ ଯିହୁଦୀୟମାନଙ୍କର ରାଜା
ନମସ୍କାର ବୋଲି ତାହାଙ୍କୁ ପରିହାସ କଲେ । ପୁଣି ତାହାଙ୍କର ଦେହ ୩୦
ରେ କ୍ଷେପ ଦେଲେ ଓ ବେତ ଘେନ ମସ୍ତକରେ ମାଇଲେ । ଏହିପ୍ରକାରେ ତା ୩୧
ହାଙ୍କୁ ଉପହାସ୍ୟ କଲା ଉତ୍ତାରେ ସେହି ବସ୍ତ୍ର କାଢି ପୁନର୍ବାର ନଜ ବସ୍ତ୍ର ପି
ନ୍ଧାଇ ତାହାଙ୍କୁ କ୍ରୁଶରେ ଚଢାଇବାକୁ ଘେନ ଗଲେ । ଏଥି ଉତ୍ତାରୁ ବାହାର ୩୨
ହେବାର ସମୟରେ କୂରଣୀୟ ଶିମୋନ ନାମରେ ଏକ ଜଣର ଦେଖା ପାଇ
କ୍ରୁଶ ବହିବାକୁ ତାହାକୁ ଧରିଲେ ।

ଗୁଲ୍‌ଗଲ୍ତା ଅର୍ଥାତ୍ ମୁଣ୍ଡଖୁଲା ନାମ ସ୍ଥାନରେ ପ୍ରବେଶିଲା ଉତ୍ତାରେ ସେ ୩୩
ମାନେ ଯୀଶୁକୁ ପିତ୍ତ ମିଶ୍ରିତ ଅମ୍ଳରସ ପାନ କରିବାକୁ ଦେଲେ ପୁଣି ସେ ୩୪
ତାହା ଚାଖି ଆଉ ପାନ କରିବାକୁ ନ ମଙ୍ଗିଲେ । ତେବେ ସେମାନେ ତା ୩୫
ହାଙ୍କୁ କ୍ରୁଶରେ ଚଢାଇ ତାହାଙ୍କର ନୁଗା ଗୁଲିବାଣ୍ଟ ଦେଇ ଭାଗ କରି ନେ
ଲେ ଇହାଁରେ ଭବିଷ୍ୟଦ୍ବକ୍ତାର ମୁଖରୁ ଯେ କଥା ଉକ୍ତ ଥିଲା ସେମାନେ
ଆପଣାମାନଙ୍କର ମଧ୍ୟରେ ଆମ୍ଭର ପରିଧେୟ ବସ୍ତ୍ର ବିଭାଗ କରିବେ ଓ ଆମ୍ଭର
ଉତ୍ତରୀୟ ବସ୍ତ୍ର ନମନ୍ତେ ଗୁଲିବାଣ୍ଟ କରିବେ ସେହି କଥା ସିଦ୍ଧ ହେଲା ।
ଏଥିରେ ସେମାନେ ସେଠାରେ ବସି ତାହାଙ୍କର ପ୍ରହରି କର୍ମରେ ନିଯୁକ୍ତ ୩୬
ହୋଇଲେ । ପୁଣି ଏ ଯିହୁଦୀୟମାନଙ୍କର ରାଜା ଯୀଶୁ ଏହି ଅପବାଦର ପତ୍ର ୩୭
ଲେଖି ତାହାଙ୍କର ମସ୍ତକର ଉପରେ ଲଗାଇ ଦେଲେ । ଆଉ ତାହାଙ୍କର ୩୮
ବାମ ପାଖରେ ଜଣେ ଓ ଦକ୍ଷିଣ ପାଖରେ ଜଣେ ଏମନ୍ତ ଦୁଇ ଚୋରକୁ ତା
ହାଙ୍କର ସଙ୍ଗତେ କ୍ରୁଶରେ ଚଢାଇଲେ ।

ତେତେବେଳେ ପଥିକମାନେ ଆପଣା। ମସ୍ତକ ହଲାଇ ଅହୋ ଈଶ୍ୱରର ୩୯
ମନ୍ଦିର ଭଗ୍ନକାରୀ ଓ ତିନ ଦିନର ମଧ୍ୟରେ ତାହା ନର୍ମାଣକାରୀ ଆପଣ କୁ ରକ୍ଷା
କର ତୁମ୍ଭେ ଯେବେ ଈଶ୍ୱରଙ୍କ ଆତ୍ମଜ ହୁଅ ତେବେ କ୍ରୁଶରୁ ଓହ୍ଲାଅ ଏହି ୪୦
କଥା ବୋଲି ତାହାକୁ ନିନ୍ଦା କଲେ । ଆଉ ପ୍ରଧାନ ଯାଜକମାନେ ଓ ୪୧
ଅଧ୍ୟାପକମାନେ ଓ ପ୍ରାଚୀନ ଲୋକମାନେଇ ସେପ୍ରକାରେ ପରିହାସ କର କହିଲେ ୪୨
ଏ ଜନ ଅନ୍ୟ ମାନଙ୍କୁ ରକ୍ଷା କଲା ଆପଣାକୁ ରକ୍ଷା କରିବାକୁ ନ ପାରଇ
ଯେବେ ଇଶ୍ରାୟେଲର ରାଜା ହୁଅନ୍ତା ତେବେ ଏହିକ୍ଷଣି କ୍ରୁଶରୁ ଓହ୍ଲାଉ
ଉହିଁରେ ଏହାକୁ ଆମ୍ଭେମାନେ ବିଶ୍ୱାସ କରିବା । ଏ ଈଶ୍ୱରରେ ପ୍ରତ୍ୟାଶା ୪୩

କଲ୍ପ ଏନମନ୍ତେ ଈଶ୍ୱର ଯେବେ ଏହାଠାରେ ସନ୍ତୋଷ ହୁଅନ୍ତ ତେବେ
ଏତେବେଳେ ଏହାକୁ ରକ୍ଷା କରନ୍ତୁ, ଯେହେତୁ ସେ କହିଲେ ଆମ୍ଭେ ଈଶ୍ୱ
୪୪ରଙ୍କ ଅଦ୍ଭୁତ । ଆଉ ଯେ ଚୋରମାନେ ତାହାଙ୍କର ସଙ୍ଗେ କ୍ରୁଶରେ ତଗା
ଗଲେ ସେମାନେ ସେଥିରେ ତାହାଙ୍କୁ ନନ୍ଦାକଲେ ।
୪୫ ପୁଣି ବେଳ ଦ୍ୱିତୀୟ ପ୍ରହରଠାରୁ ତୃତୀୟ ପ୍ରହର ପର୍ଯ୍ୟନ୍ତ ଦେଶ ସମୁଦାୟ
୪୬ ଅନ୍ଧକାରମୟ ହେଲେ । ତୃତୀୟ ପ୍ରହର ସମୟରେ ଯୀଶୁ ଉଚ୍ଚ ସ୍ୱରରେ
ତାକ କହିଲେ ଏଲୀ ଲମା ଶବକ୍ତନୀ ଅର୍ଥାତ୍ ହେ ଅମ୍ଭର ଈଶ୍ୱର ହେ
୪୭ ଅମ୍ଭର ଈଶ୍ୱର ତୁମ୍ଭେ କଅଁ। ଅମ୍ଭକୁ ପରତ୍ୟାଗ କଲ । ଏଥିରେ ସେଠାରେ
ଠିଆ ହେବାର କେହୀ ତାହା ଶୁଣି କହିଲେ ଏ ଏଲୟକୁ ତାକୁ ଅଛ୍ଚ ।
୪୮ ତେଣୁ ସେମାନଙ୍କର ମଧ୍ୟରେ ଏକଜଣ ଶୀଘ୍ର ଦୌଡ ସ୍ପଞ୍ଜ [ଅର୍ଥାତ୍
ଶୋଷକ ଦ୍ରବ୍ୟ] ନେଇ ଅମ୍ଳରସରେ ଭର ନଳରେ ଲଗାଇ ତାହାଙ୍କୁ ପାନ
୪୯ କରବାକୁ ଦେଲ୍ଲ । ଆନ ଲୋକମାନେ କହିଲେ ଥାଉ ଏଲୟ ଏହାକୁ ରକ୍ଷା
କରବାକୁ ଆସନ୍ତ କ ନାହିଁ ତାହା ଦେଖୁଁ ।
୫୦ ଯୀଶୁ ପୁନବାର ଉଚ୍ଚୈଃସ୍ୱରେ ତାକ ପ୍ରାଣତ୍ୟାଗ କଲେ । ତହିଁରେ ମନ
୫୧ ର ଅବରଣ ବସ୍ତ୍ର ଉପରରୁ ତଳ ପର୍ଯ୍ୟନ୍ତ ଚିର ଦୁଇଖଣ୍ଡ ହେଲ୍ଲ ଓ
୫୨ ଭୂମିକମ୍ପ ହେଲ୍ଲ ଓ ପଙ୍ଚତ ବଦୀର୍ଣ ହେଲ୍ଲ । ପୁଣି କବର ଫାଟି ଅନେକ
୫୩ ପୁଣ୍ୟବନ୍ତର ଶସ୍ଯନ ଦେହ ଉଠି କବର ସ୍ଥାନରୁ ବାହାର ତାହାଙ୍କର ଉତ୍ଥା
ନର ଉତ୍ତରେ ପୁଣ୍ୟ ନଗରରେ ଯାଇ ଅନେକ ଲୋକଙ୍କର ନକଟରେ ଦେଖା
୫୪ ଦେଲେ । ପୁଣି ଯୀଶୁର ପ୍ରହର କର୍ମରେ ନଯୁକ୍ତ ଯେ ଶସ୍ଯ ସେନାପତ ଓ
ତାହାର ସଙ୍ଗି ସମସ୍ତେ ସେମାନେ ଏତ୍ପେ ଭୂମିକମ୍ପାଦ ଘଟଣା ଦେଖି ବଡ
ଭୀତ ହୋଇ କହିଲେ ଏ ଈଶ୍ୱରଙ୍କର ଅଦ୍ଭୁତ ପ୍ରମାଣ ।
୫୫ ଆଉ ଯେ କେତେ ସ୍ତ୍ରୀ ଲୋକ ଯୀଶୁର ସେବା କରବାକୁ ଗାଲ୍ଲିଲୀର
୫୬ ତାହାଙ୍କର ପଛେ। ଅସି ଥିଲେ ସେମାନଙ୍କର ମଧ୍ୟରେ ମଗ୍ଦଲୀନୀ ମରୟମ
ଓ ଯାକୁବର ଓ ଯୋସିର ମାତା ଯେ ମରୟମ ପୁଣି ଜବଦୀର ପୁତ୍ରମାନଙ୍କର
୫୭ ମାତା ଏହ ସମସ୍ତ ସ୍ତ୍ରୀ ଦୂରରେ ଥାଇ ଦେଖିଲେ । ଏଥିଉତ୍ତର ସନ୍ଧ୍ୟାକାଲ
୫୮ ଉପସ୍ଥିତ ହେଲ୍ଲ ଅରମଥୀୟ ଯୁଷଫ ନାମରେ ଏକ ଧନବନ୍ତ ଯୀଶୁର ଶିଷ୍ୟ
୫୯ ହୋଇ ପିଲାତର ନକଟରେ ଯାଇ ଯୀଶୁର ଦେହ ମାଗିଲ୍ଲ । ତେଣୁ ପିଲାତ
ଦେହ ଦେବାକୁ ଆଜ୍ଞା କଲେ ଯୁଷଫ ସେହ ଦେହ ନେଇ ନର୍ମଲ ବସ୍ତ୍ରରେ ଗୁଡ
ଆଇ ଅପଣାର ନମନ୍ତେ ଯେ ନୂତନ କବର ପଙ୍ଚତରେ ଖୋଳିଥିଲ୍ଲ ତାହାର
୬୦ ମଧ୍ୟରେ ସେହ ଦେହ ରଖିଲ୍ଲ । ତହିଁ ସେ ଏକ ବଡ ପଥର ତାହାର ଦ୍ୱାରରେ
୬୧ ଗଡାଇ ଦେଇ ସ୍ୱସ୍ଥାନରେ ଚାଲି ଗଲ୍ଲ । ପୁଣି ମଗ୍ଦଲୀନୀ ମରୟମ ଓ ଅନ୍ୟ

ମରିୟମ ଏହ ଦୁଇ ସ୍ତ୍ରୀ ସେହ କବର ସ୍ଥାନର ଅଗ୍ରଭରେ ବସି ରହିଲେ ।

ଉଦନନ୍ତରେ ନସ୍ତାର ପର୍ବ ଅଥୋଚ୍ଚନ ଦନର ଉତ୍ତର ଦବସରେ ପ୍ରଧାନ ୬୨
ଯାଜକମାନେ ଓ ଫାରୂଶୀମାନେ ଏକତ୍ର ହୋଇ ପିଲାତର ନକଟରେ ଯାଇ
କହିଲେ ହେ ଅବଧାନ ସେହ ପ୍ରବଞ୍ଚକ ଜୀବତ୍ କାଲରେ କହିଥିଲ ତନ ୬୩
ଦନର ଉତ୍ତାରେ ଅମ୍ଭେ କବରରୁ ଉଠିବା ଏକଥା ଅମ୍ଭମାନଙ୍କର ସ୍ମରଣ ହେଉ
ଅଛ । ଏନମନ୍ତେ ତୃତୀୟ ଦବସ ପର୍ଯ୍ୟନ୍ତେ ତାହାର କବର ସ୍ଥାନ ରକ୍ଷା କରିବାକୁ ୬୪
ଆଜ୍ଞା କରନ୍ତୁ କଜାଣି ତାହାର ଶିଷ୍ୟମାନେ ରାତ୍ରିରେ ଆସି ତାହାକୁ ହରଣ
କର ଲୋକମାନଙ୍କୁ କହିବେ ସେ କବରରୁ ଉଠିଅଛନ୍ତି ତାହା ହେଲେ
ପ୍ରଥମ ଭ୍ରାନ୍ତିରୁ ଶେଷ ଭ୍ରାନ୍ତି ବଡ ହେବ । ପିଲାତ କହିଲା ତୁମ୍ଭମାନଙ୍କର ନକ ୬୫
ଟରେ ପ୍ରହରିବର୍ଗ ଅଛନ୍ତି ତୁମ୍ଭେମାନେ ଯାଇ ଯଥାସାଧ୍ୟ ରକ୍ଷା କରଅ । ତେଣୁ ୬୬
ସେମାନେ ଯାଇ ସେହ ଦ୍ୱାରର ପଥରରେ ମୁଦ୍ରାଙ୍କ ଦେଇ ପ୍ରହରିବର୍ଗ ନଯୁକ୍ତ
କର କବର ସ୍ଥାନ ରକ୍ଷା କରିଲେ ।

୨୮ ପଦ୍ୟ ।

ଉଦନନ୍ତରେ ବଶ୍ରାମବାରର ଶେଷରେ ସପ୍ତାହର ପ୍ରଥମ ଦନର ଉଦୟ ୧
ବେଳେ ମରିଦଲନୀ ମରିୟମ ଓ ଅନ୍ୟ ମରିୟମ କବରକୁ ଦେଖିବାକୁ ଅଇ
ଲେ । ପୁଣି ମହା ଭୂମିକମ୍ପ ହେଲା ଓ ପରମେଶ୍ୱରର ଦୂତ ସ୍ୱର୍ଗରୁ ଓହ୍ଲାଇ ୨
ସେ ଦ୍ୱାରରୁ ପଥର ଘୁଞ୍ଚାଇ ତାହାର ଉପରେ ବସିଲା । ତାହାର ମୁଖ ବଜୁ ୩
ଳିର ପରି ତେଜବନ୍ତ ଓ ତାହାର ବସ୍ତ୍ର ହମ ପରି ଶୁକ୍ଳବର୍ଣ ଥିଲା । ତାହାର ୪
ଭୟରେ ପ୍ରହରିବର୍ଗ କମ୍ପମାନ ହୋଇ ସମସ୍ତେ ମୃତ୍ୟୁବତ୍ ହେଲେ ଏଥିରେ ୫
ଦୂତ ସ୍ତ୍ରୀମାନଙ୍କୁ କହିଲା ଭୟ ନ କର ତୁମ୍ଭେମାନେ କ୍ରୁଶରେ ହତ ଯୀଶୁକୁ ଲୋ
ଡୁଅଛ ତାହା ଜାଣି । ସେ ଏଠାରେ ନାହାନ୍ତି ଯେମନ୍ତ କହିଥିଲେ ସେହ ୬
ମତେ ଉଠିଛନ୍ତି ଆସ ପ୍ରଭୁର ଶୟନ ସ୍ଥାନକୁ ଦେଖ । ଆଉ ଶୀଘ୍ର ଯାଇ ୭
ତାହାଙ୍କର ଶିଷ୍ୟମାନଙ୍କୁ ସଂବାଦ ଦେଇ ବୋଲ ସେ ମୃତ୍ୟୁରୁ ଉଠିଛନ୍ତି ଓ
ତୁମ୍ଭମାନଙ୍କର ଆଗେ ଗାଲଲୀକୁ ଯିବେ ସେଠାରେ ତାହାଙ୍କର ଦେଖା
ଯାଇବ ଦେଖ ଅମ୍ଭେ ତୁମ୍ଭମାନଙ୍କୁ ଜଣାଇଅଛୁଁ । ଏନମନ୍ତେ ସେମାନେ ୮
ଭୟରେ ଓ ମହାନନ୍ଦରେ କବର ସ୍ଥାନରୁ ଶୀଘ୍ର ବାହାର ତାହାଙ୍କର ଶିଷ୍ୟମା
ନଙ୍କୁ ସଂବାଦ ଦେବାକୁ ଦୌଡ ଗଲେ । ପୁଣି ଶିଷ୍ୟମାନଙ୍କୁ ସଂବାଦ ଦେବାର ୯
ନମନ୍ତେ ଯାଉ। ଯୀଶୁ ସେମାନଙ୍କୁ ଦର୍ଶନ ଦେଇ କହିଲେ ତୁମ୍ଭମାନଙ୍କର
କଲ୍ୟାଣ ହେଉ । ତହିଁରେ ସେମାନେ ଅସି ତାହାଙ୍କର ଚରଣ ଧର ପ୍ରଣାମ
କଲେ । ତେଣୁ ଯୀଶୁ ସେମାନଙ୍କୁ କହିଲେ ଭୟ ନ କର ତୁମ୍ଭେମାନେ ୧୦

ଯାଇ ଆମ୍ଭର ଭାଇମାନଙ୍କୁ ଗାଲିଲୀରେ ଯିବାକୁ କୋଲ ସେଠାରେ ସେମାନେ
ଆମ୍ଭର ଦର୍ଶନ ପାଇବେ ।
୧୧ ଏଥିଉତ୍ତାରୁ ସ୍ତ୍ରୀଲୋକମାନେ ଯିବା ମାତ୍ରକେ ପହରୀବର୍ଗର କେହୀ
ଜଣ ନଗରରେ ଯାଇ ଯାହା ଯାହା ଘଟିଅଛୁ ସେ ସବୁ ବୃତ୍ତାନ୍ତ ପ୍ରଧାନ ଯାଜକ
୧୨ ମାନଙ୍କୁ ଜଣାଇଲେ । ତେଣୁ ସେମାନେ ପ୍ରାଚୀନ ବର୍ଗର ସଙ୍ଗେ ସଲ୍ଲା କର
ପରାମର୍ଶ ନେଇ ସେହି ସୈନାଗଣଙ୍କୁ ବହୁତ ମୁଦ୍ରା ଦେଇ କହିଲେ ତୁମ୍ଭେ
୧୩ ସବୁ କୋଲ ଆମ୍ଭେମାନେ ନିଦ୍ରାଯାନ୍ତେ ତାହାର ଶିଷ୍ୟଗଣ ରାତ୍ରିକାଲେ ଆସି
୧୪ ତାହାକୁ ହରଣ କର ନେଇ ଗଲେ । ପୁଣି ଏକଥା ଯେବେ ଅଧିପତିର କର୍ଣ
ଗୋଚର ହୁଅଇ ତେବେ ଆମ୍ଭେମାନେ ତାହାଙ୍କୁ ବୁଝାଇ ତୁମ୍ଭମାନଙ୍କୁ ରକ୍ଷା
୧୫ କରବା । ତହିଁରେ ସେମାନେ ମୁଦ୍ରା ନେଇ ସେହି ଶିକ୍ଷାନୁସାରେ କର୍ମ
କଲେ ଆଉ ଯିହୁଦୀୟ ଲୋକମାନଙ୍କର ମଧ୍ୟରେ ଆଜ ସରକ ଏହି କଥାର
ପ୍ରଚାର ଅଛୁ ।
୧୬ ତହିଁ ଏକାଦଶ ଶିଷ୍ୟ ଯୀଶୁର କଥିତ ଗାଲିଲୀର ଏକ ପର୍ବତକୁ ଗମନ
୧୭ କରନ୍ତେ ସେମାନେ ସେଠାରେ ତାହାଙ୍କର ଦର୍ଶନ ପାଇ ପ୍ରଣାମ କଲେ
୧୮ ମାତ୍ର କେହୀ ସନ୍ଦେହ କଲେ । ଏଥିରେ ଯୀଶୁ ସେମାନଙ୍କର କତକୁ ଆସି
୧୯ କହିଲେ ସ୍ୱର୍ଗ ଓ ପୃଥ୍ୱୀର ସମସ୍ତ କର୍ତ୍ତୃପଣ ଆମ୍ଭଠାରେ ସମର୍ପିତ ଅଛୁ । ଏନ
ମନ୍ତେ ତୁମ୍ଭେମାନେ ଯାଇ ସବ ଦେଶୀୟ ଲୋକଙ୍କୁ ଶିଷ୍ୟ କର ପିତାର ପୁଣି
୨୦ ଆତ୍ମଜର ପୁଣି ଧର୍ମଆତ୍ମର ନାମରେ ସେମାନଙ୍କୁ ବୁଡାଇ ଆମ୍ଭେ ତୁମ୍ଭମାନଙ୍କୁ
ଯେ ସମସ୍ତ ଆଜ୍ଞା ଦେଇଅଛୁଁ ତାହାଇ ପାଳିବାକୁ ସେମାନଙ୍କୁ ଶିକ୍ଷା ଦିଅ ।
ଦେଖ ଜଗତର ଶେଷ ପର୍ଯ୍ୟନ୍ତେ ସବଦା ଆମ୍ଭେ ତୁମ୍ଭମାନଙ୍କର ସଙ୍ଗୀ
ଅଛୁଁ । ଇତି ।

---

## ମାର୍କ ଲେଖିତ ମଙ୍ଗଳ ସମାଚାର ।

### ୧ ପର୍ବ ।

ଈଶ୍ୱରଙ୍କ ଅଦ୍ଭୁତ ଯୀଶୁଖ୍ରୀଷ୍ଟର ମଙ୍ଗଳସମାଚାରର ଆରମ୍ଭ । ଭବିଷ୍ୟଦ୍ ୧
ବକ୍ତାର ଗ୍ରନ୍ଥରେ ଏମନ୍ତ ଲେଖା ଅଛି । ଦେଖ ଅମ୍ଭେ ଆପଣା ଦୂତକୁ ତୁମ୍ଭର ୨
ଆଗରେ ପଠାଇଲେ ସେ ତୁମ୍ଭର ଶ୍ରମ୍ଭରେ ଯାଇ ପଥ ପ୍ରସ୍ତୁତ କରିବ । ଏମନ୍ତ ୩
ପ୍ରଭୁର ପଥ ପ୍ରସ୍ତୁତ କର ତାହାଙ୍କର ସରଳ ଦାଣ୍ଡ ସଳଖ କର ଅରଣ୍ୟରେ
ଜଣକର ରବ ଡାକଇ । ତେମନ୍ତ ଯୋହନ ଅରଣ୍ୟରେ ଡୁବ ଦଆଇ ପାପର ୪
କ୍ଷମାର ନିମନ୍ତେ ମନ ଫେରାଇବା ବପ୍ତିସ୍ମରେ ଡୁବନର ପ୍ରସଙ୍ଗ ଘୋଷଣା
କଲା । ଏଥିରେ ଯିହୁଦା ଦେଶର ପୁଣି ଯିରୂଶାଲମ ନିବାସି ସମସ୍ତ ଲୋକ ବା ୫
ହାର ହୋଇ ତାହାର ନିକଟରେ ଆସି ଆପଣା ପାପ ସ୍ୱୀକାର କରି ଯୋ
ହନଠାରୁ ଯର୍ଦ୍ଦନ ନଦୀରେ ଡୁବନ୍ତ ହେଲେ । ଏହ ଯୋହନର ବେଶ ଓଟର ୬
ଲୋମର ଜାଡ ତାହାର କଟିରେ ଚର୍ମର ପଟୁକା ବନ୍ଧା ଆଉ ତାହାର ଖାଦ୍ୟ
ପଙ୍ଗପାଲ ଓ ବଣମଧୁ ଥିଲା । ସେ ପ୍ରଚାର କରି କହିଲା ଆମ୍ଭ ଉତ୍ତାରେ ଆମ୍ଭ ୭
ଠାରୁ ମହତ୍ ଜଣେ ଅସୁଛନ୍ତି ତାହାଙ୍କ ପାଦୁକାର ବନ୍ଧନ ଆମ୍ଭେ ନଇଁ ପଡ଼
ଖିଟାଇବାକୁ ଯୋଗ୍ୟ ନୋହୁ । ଆମ୍ଭେ ତୁମ୍ଭମାନଙ୍କୁ ଜଳରେ ଡୁବାଇଲୁଁ ୮
ପ୍ରମାଣ ପୁଣି ସେ ଧର୍ମଆତ୍ମାରେ ଡୁବ ଦଆଇବେ ।

ସେହ ସମୟରେ ଯୀଶୁ ଗାଲିଲୀ ପ୍ରଦେଶରେ ନାଜରତ ନଗରରୁ ଆସି ୯
ଯୋହନ ଦ୍ୱାରା ଯର୍ଦ୍ଦନ ନଦୀରେ ଡୁବନ୍ତ ହେଲେ ତହିଁ ଜଳରୁ ଉଠିବା ମାତ୍ର ୧୦
ସେ ସ୍ୱର୍ଗ ମେଲା ହୋଇ ଆତ୍ମାକୁ କାପ୍ତାର ନ୍ୟାୟ ଆପଣାର ଉପରେ ଓହ୍ଲାଇ
ଆସିବାକୁ ଦେଖିଲେ । ପୁଣି ତୁମ୍ଭେ ଆମ୍ଭର ପ୍ରିୟ ଆତ୍ମଜ ତୁମ୍ଭଠାରେ ୧୧
ଆମ୍ଭର ପରମ ସନ୍ତୋଷ ଏହ ଆକାଶ ବାଣୀ ହୋଇଲା ।

୧୨ ଆଉ ସେହିକ୍ଷଣି ଆତ୍ମା ତାହାଙ୍କୁ ଅରଣ୍ୟର ମଧ୍ୟରେ ନେଇ ଯାନ୍ତେ ତା
୧୩ ହାଙ୍କର ଚଲିଶ ଦିନ ପର୍ଯ୍ୟନ୍ତେ ଶୟତାନ ଦ୍ୱାରା ପରୀକ୍ଷା ହେଲା ପୁଣି ସେଠାରେ
ବନ ପଶୁର ସଙ୍ଗେ ଥାଇ ସ୍ୱର୍ଗର ଦୂତଗଣ ଅସି ତାହାଙ୍କୁ ସେବା କଲେ ।
୧୪ ଅନନ୍ତରେ ଯୋହନ ବନ୍ଦଘରେ ବନ୍ଦ ହେଲାଉତ୍ତାରେ ଯୀଶୁ ଗାଲିଲୀ ପ୍ର
ଦେଶରେ ଅସି ଈଶ୍ୱରଙ୍କ ରାଜ୍ୟର ମଙ୍ଗଲସମାଚାର ଘୋଷଣା କର କହିଲେ
୧୫ କାଳ ସମ୍ପୂର୍ଣ୍ଣ ହୋଇ ଈଶ୍ୱରଙ୍କ ରାଜ୍ୟ ନିକଟ ହୋଇଅଛି । ତୁମ୍ଭେମାନେ ମନ
ଫେରାଇ ମଙ୍ଗଲସମାଚାରରେ ବିଶ୍ୱାସ କର ।
୧୬ ଏଥିରେ ଯୀଶୁ ଗାଲିଲୀର ସମୁଦ୍ରର ତୀର ଯାଏ ବଜେ କରୀ ଶିମୋନ
୧୭ ଓ ତାହାର ଭାଇ ଅନ୍ଦ୍ରିୟ ଏହି ଦୁଇ ଜଣଙ୍କୁ ସମୁଦ୍ରରେ ଜାଲ ପକାଉଁ ଦେ
ଖିଲେ ଯେଣୁ ସେମାନେ ମାଛଧାରୀ ଏଣୁ ସେ ସେମାନଙ୍କୁ କହିଲେ ଆମ୍ଭର
୧୮ ପଛେ ଅସ ଆମ୍ଭେ ତୁମ୍ଭମାନଙ୍କୁ ମନୁଷ୍ୟଧାରୀ କରିବା । ସେମାନେ ସେହିକ୍ଷଣି
୧୯ ଜାଲ ଛାଡ଼ି ତାହାଙ୍କର ପଛେ। ଗଲେ । ସେହି ସ୍ଥାନର କିଛି ଦୂର ଗଲା ଉତ୍ତାରେ
ସେ ଯାକୁବ ଓ ଯୋହନ ଜବଦୀର ଦୁଇ ପୁତ୍ରଙ୍କୁ ନୌକାରେ ଜାଲ ସଜାଉଁ
୨୦ ଦେଖି ସେମାନଙ୍କୁ ଡାକିଲେ । ତହିଁରେ ସେମାନେଇ ଅପଣାମାନଙ୍କର ପିତା
ଜବଦୀ ଦାସମାନଙ୍କର ସଙ୍ଗେ ନୌକାରେ ଛାଡ଼ି ତାହାଙ୍କର ପଛେ। ଗଲେ ।
୨୧ ଅନନ୍ତରେ ସେମାନେ କଫର୍ନାହୂମ ନଗରେ ପ୍ରବେଶିଲେ । ସେହିକ୍ଷଣି
ସେ ବିଶ୍ରାମ ବାରରେ ଭଜନାଲୟରେ ଯାଇ ଲୋକଙ୍କୁ ଉପଦେଶ ଦିଅନ୍ତେ
୨୨ ସେମାନେ ତାହାଙ୍କର ଉପଦେଶରେ ଆଶ୍ଚର୍ଯ୍ୟ ମାନିଲେ ଯେହେତୁ ସେ ଅଧ୍ୟା
ପକମାନଙ୍କର ନ୍ୟାୟ ନୋହି କର୍ତ୍ତାପଣ ପ୍ରାପ୍ତ ଜଣେକର ନ୍ୟାୟ ଉପଦେଶ
୨୩ ଦେଲେ । ସେହି ଭଜନାଲୟରେ ଅପବିତ୍ର ଭୂତଗ୍ରସ୍ତ ଏକ ମନୁଷ୍ୟ ଥିଲା
୨୪ ସେ ଡାକି କହିଲା ହେ ନାଜରତୀୟ ଯୀଶୁ ଆମ୍ଭମାନଙ୍କୁ ନଷ୍ଟ ଯୀଅ
ତୁମ୍ଭର ସଙ୍ଗେ ଆମ୍ଭର କି କାର୍ଯ୍ୟ ତୁମ୍ଭେ କି ଆମ୍ଭମାନଙ୍କୁ ନଷ୍ଟ କରିବାକୁ
୨୫ ଅସିଅଛ ତୁମ୍ଭେ ଯେ ଈଶ୍ୱରଙ୍କ ଧର୍ମକର୍ତ୍ତା ତାହା ଆମ୍ଭେ ଜାଣି । ତେଣୁ
ଯୀଶୁ ତାହାଙ୍କୁ ଧମକାଇ କହିଲେ ତୁନ ହୋଇ ଏହାଠାରୁ ବାହାର ହୁଅ ।
୨୬ ତହିଁରେ ସେ ଅପବିତ୍ର ଭୂତ ତାହାକୁ ମୋଡ ଦଇ ଡାକ କର ତାହାକୁ
୨୭ ଛାଡ଼ି ଗଲା । ଏଥିରେ ସମସ୍ତେ ଚମତ୍କୃତ ହୋଇ ଏକକୁଅରେକ କହିଲେ ଆଃ
୨୮ ଏକ କେମନ୍ତ ନୂଆ ଉପଦେଶ । ଏ ସାମର୍ଥ୍ୟରେ ଅପବିତ୍ର ଭୂତମାନଙ୍କୁ ଆଜ୍ଞା
କଲେ ସେମାନେ ତାହାଙ୍କ ଆଜ୍ଞାକାରୀ ହୁଅନ୍ତି । ତହିଁରେ ଗାଲିଲୀ ଦେଶର
ଚାରିଅଡେ ତାହାଙ୍କର ସୁଖ୍ୟାତି ବ୍ୟାପି ଗଲା ।
୨୯ ଏଥିଉତ୍ତାରେ ସେମାନେ ଭଜନାଲୟରୁ ବାହାର ହୋଇ ଯାକୁବ ଓ ଯୋ
ହନକୁ ସଙ୍ଗରେ କରି ଶିମୋନ ଓ ଅନ୍ଦ୍ରିୟର ଗୃହରେ ପ୍ରବେଶ ହେଲେ ।

ପୁଣି ପିତରର ଶାଶୁ ଶୋଇ ଜ୍ୱରରେ ପୀଡିତ ହେଉଅଛି ଏନିମନ୍ତେ ସେ ୩୦
ମାନେ ଶୀଘ୍ର ତାହାକୁଂ ଜଣାଇଲେ । ତହିଂରେ ସେ ଆସି ତାହାର ହସ୍ତ ୩୧
ଧରି ଉଠାଇବା ମାତ୍ରକେ ଜ୍ୱର ଛାଡିଲା ପୁଣି ସେ ସେମାନଙ୍କର ସେବା କଲା ।
ସନ୍ଧ୍ୟାକାଳରେ ସୂର୍ଯ୍ୟାସ୍ତ ହେଲା ଉତ୍ତାରେ ଲୋକମାନେ ତାହାଙ୍କର ନିକ ୩୨
ଟରେ ସମସ୍ତ ବ୍ୟାଧିଗ୍ରସ୍ତ ଓ ଭୂତଗ୍ରସ୍ତକୁଂ ଆଣିଲେ ପୁଣି ସବୁ ନଗରର ଲୋକ
ଆସି ଦ୍ୱାରରେ ଋଣ୍ଡ ହେଲେ । ତହିଁରେ ସେ ନାନା ପ୍ରକାର ରୋଗଯୁକ୍ତ ୩୩
ଅନେକ୨ ମନୁଷ୍ୟକୁ ସୁସ୍ଥ କଲେ ପୁଣି ଅନେକ୧ ଭୂତକୁ ଛଡାଇଲେ ପୁଣି ୩୪
ଭୂତମାନକୁଂ କିଛି କହିବାକୁ ନିଷେଧ କଲେ ଯେହେତୁ ସେମାନେ ତାହାକୁଂ
ଜାଣିଲେ । ସକାଳବେଳେ ରାତି ନ ପାହୁଂ ସେ ଉଠି ବାହାରେ ଯାଇ ୩୫
ଏକ ନିର୍ଜନ ସ୍ଥାନରେ ପ୍ରାର୍ଥନା କଲେ । ପୁଣି ଶିମୋନ ଓ ତାହାର ସଙ୍ଗି ୩୬
ମାନେ ତାହାକୁଂ ଖୋଜି ତାହାଙ୍କର ଉଦ୍ଦେଶ ପାଇ କହିଲେ ସମସ୍ତ ଲୋକ ୩୭
ତୁମ୍ଭର ଅନ୍ୱେଷଣ କରୁଛନ୍ତି । ସେ କହିଲେ ଆସ ଆମ୍ଭେମାନେ ନିକଟସ୍ଥ ନ ୩୮
ଗରେ ଯାଇ ଯେହେତୁ ସେଠାରେ କଥା ପ୍ରଚାର କରିବାକୁ ଆମ୍ଭେ ବାହାରେ
ଆସି ଅଛୁଁ । ତହୁଁ ସେ ଗାଲିଲା ପ୍ରଦେଶର ସବୁଠାରେ ସେମାନଙ୍କର ଭଜ ୩୯
ନାଳୟରେ କଥା ଘୋଷଣା କଲେ ପୁଣି ଭୂତଗଣକୁ ଛଡାଇଲେ ।
ଏଥିଉତ୍ତାରୁ ଜଣେ କୁଷ୍ଠୀ ଆସି ତାହାଙ୍କଠାରେ ଆଣ୍ଠୁ ପୋତି ବିନତି କରି ୪୦
କହିଲା ଆପଣଙ୍କର ଯେବେ ଇଚ୍ଛା ହୁଅଇ ତେବେ ଆମ୍ଭକୁ ପବିତ୍ର କରିବାକୁ
ପାରନ୍ତି । ତହିଁରେ ଯୀଶୁ ଦୟା କରି ହାତ ବଢାଇ ତାହାକୁ ଛୁଁଇ କହିଲେ ୪୧
ଆମ୍ଭର ଇଚ୍ଛା ଅଛି ପବିତ୍ର ହୁଅ । ଏହା କହିବା ମାତ୍ର କୁଷ୍ଠ ରୋଗ ତାହାକୁ ୪୨
ଛାଡିଲା ଓ ସେ ପବିତ୍ର ହେଲା । ଏଥିରେ ସେ ତାହାକୁ ବିଦାୟ କରି ଦୃଢ ଆଜ୍ଞା ୪୩
ଦେଇ କହିଲେ ସାବଧାନ ଏହିକଥା କାହାକୁ ନ କହ ମାତ୍ର ଯାଇ ଯାଜକର
ନିକଟରେ ଆପଣକୁ ଦେଖା ଦିଅ ପୁଣି ଲୋକମାନକୁଂ ଆପଣା ପବିତ୍ର ହେବାର ୪୪
ପ୍ରମାଣ ଦେବାର ନିମନ୍ତେ ମୋଶାଦ୍ୱାରା ନିରୂପିତ ଯେ ଦାନ ତାହା ଉତ୍ସର୍ଗ
କର । ପୁଣି ସେ ଜନ ପ୍ରସ୍ଥାନ କରି ସେହି କର୍ମ ଏମନ୍ତ ବିସ୍ତାରରୂପରେ ପ୍ର ୪୫
ଚାର କଲା ଯେ ଯୀଶୁ ପୁନର୍ବାର ପ୍ରକାଶରୂପରେ ନଗରରେ ପ୍ରବେଶ କରି ନ
ପାରନ୍ତେ ବାହାର ଅରଣ୍ୟ ସ୍ଥାନରେ ରହିଲେ । ସେଠାରେ ଲୋକମାନେ
ଚତୁର୍ଦ୍ଦିଗରୁ ତାହାଙ୍କ ନିକଟରେ ଅଇଲେ ।

## ୨ ପର୍ବ ।

ଥୋକାୟେ ଦିନଉତ୍ତାରେ ସେ କଫର୍ନାହୁମ ନଗରରେ ବାହୁଡି ଆସିଲେ । ୧
ପୁଣି ସେ ଘରେ ଅଛନ୍ତି ଏହି ଜନରବ ହେବାରୁଂ ସେହିକ୍ଷଣି ଏତେ ଲୋକ ୨

ଆସି ଉପସ୍ଥିତ ହେଲେ ଯେ ସମସ୍ତଙ୍କର ଥିବାର ସ୍ଥାନ ନୋହିଲା ଦ୍ୱାରର ଚାରି
ଆଡେଇ ନୋହିଲା ତେବେ ସେ ସେମାନଙ୍କଠାରେ କଥା ଘୋଷଣା କଲେ ।
୩ ଏମନ୍ତ ସମୟରେ ଚାରି ମନୁଷ୍ୟ ଏକ ପକ୍ଷାଘାତିକୁ ବହି ସେହି ସ୍ଥାନରେ
୪ ଆଣିଲେ ପୁଣି ଗହଳ ହେବାରୁଂ ଯୀଶୁର ନିକଟରେ ପ୍ରବେଶ ହୋଇ ନ ପାରି
ଯେଉଁ ସ୍ଥାନରେ ସେ ଥିଲେ ତାହା ଉପରି ଛାତ କଣା କରି ଶଯ୍ୟା ସହିତ
୫ ପକ୍ଷାଘାତିକି ଓହ୍ଲାଇ ଦେଲେ । ଯୀଶୁ ସେମାନଙ୍କର ବିଶ୍ୱାସ ଦେଖି ପକ୍ଷା
୬ ଘାତିକି କହିଲେ ହେ ପୁତ୍ର ତୁମ୍ଭର ପାପର କ୍ଷମା ହେଲା । ପୁଣି ଥୋକାୟେ
ଜନ ଅଧ୍ୟାପକ ସେଠାରେ ବସି ମନୋ ବିବେଚନା କଲେ ଏ ମନୁଷ୍ୟ ଏମନ୍ତ
୭ ଈଶ୍ୱରଙ୍କ ନିନ୍ଦାର କଥା କିପାଁ କହୁଅଛି ଈଶ୍ୱର ବିନୁ ପାପର କ୍ଷମା କରି
୮ ବାକୁ କାହାର ସାଧ୍ୟ । ଯୀଶୁ ତକ୍ଷଣେ ଆପଣା ମନରେ ସେମାନଙ୍କର ଏଉପ
ବିଚାର ବୁଝି ସେମାନଙ୍କୁଂ କହିଲେ ତୁମ୍ଭେମାନେ ଅନ୍ତଃକରଣରେ ଏମନ୍ତ
୯ ବିଚାର କିପାଁ କରୁଅଛ । ତୁମ୍ଭର ପାପ କ୍ଷମା ହେଲା କିଅବା ଶଯ୍ୟା ତୋଲି
୧୦ ଉଠି ଯାଅ ଏଦୁଇର ମଧ୍ୟରେ ପକ୍ଷାଘାତିକୁ କେଉଂ କଥା ବୋଲିବାର
୧୧ ସହଜ । ପୁଣି ପୃଥିବୀରେ ପାପ କ୍ଷମା କରିବାକୁ ମନୁଷ୍ୟ ପୁତ୍ରର ସାମର୍ଥ୍ୟ ଅଛି
ଏହା ଯେମନ୍ତ ତୁମ୍ଭେମାନେ ଜ୍ଞାତସାର ହୁଅ ଏଣୁ ସେ ପକ୍ଷାଘାତିକୁ କହିଲେ
ଉଠ ତୁମ୍ଭର ଶଯ୍ୟା ନେଇ ଆପଣା ଗୃହକୁ ଯାଅ ଆମ୍ଭେ ତୁମ୍ଭକୁ ଏହି ଆଜ୍ଞା
୧୨ ଦେଇ । ସେ ଝଟତି ଉଠି ଶଯ୍ୟା ନେଇ ସମସ୍ତଙ୍କ ସାକ୍ଷାତରେ ପ୍ରସ୍ଥାନ କଲା
ତେଣୁ ସମସ୍ତେ ଚମତ୍କୃତ ହୋଇ ଈଶ୍ୱରଙ୍କ ଧନ୍ୟବାଦ କରି କହିଲେ ଏମନ୍ତ
କର୍ମ କେବେହେଁ ଦେଖି ନାହୁଁ ।
୧୩ ଯୀଶୁ ସେଠାରୁ ଯାଇ ପୁନର୍ବାର ସମୁଦ୍ର ତୀରରେ ଗମନ କଲେ ଏଥିରେ
ଲୋକ ସମୂହ ତାହାଙ୍କର ନିକଟରେ ଆସନ୍ତେ ସେ ସେମାନଙ୍କୁଂ ଉପଦେଶ
୧୪ ଦେଲେ । ପୁଣି ଯାଉଂ୍ୟ କରସଞ୍ଚୟର ଗୃହରେ ଅଳଫୀର ପୁତ୍ର ଲେବିକୁ ବସି
୧୫ ଥିବାର ଦେଖି ତାହାକୁ ଡାକି କହିଲେ ଆମ୍ଭର ପଛୋ ଚାଲି ଆସ ତହିଁରେ
ସେ ଉଠି ତାହାଙ୍କର ପଛେ୍ ଗମନ କଲା । ଅନନ୍ତରେ ଯୀଶୁ ଗୃହରେ
ଭୋଜନରେ ବସିବାବେଳେ ଅନେକୀ କରସମ୍ପାଦକ ଓ ପାପିଗଣ ତାହାଙ୍କ
ଓ ତାହାଙ୍କ ଶିଷ୍ୟଗଣର ସଙ୍ଗେ ଏକତ୍ର ବସିଲେ ଯେହେତୁରୁ ଅନେକେ
୧୬ ତାହାଙ୍କ ପଛେ ଆସିଥିଲେ । ସେ କରସମ୍ପାଦକ ଓ ପାପିଗଣର ସହିତ
ଭୋଜନ କରୁଛନ୍ତି ତାହା ଦେଖି ଅଧ୍ୟାପକ ଓ ଫାରୁଶୀଗଣ ତାହାଙ୍କର
ଶିଷ୍ୟମାନଙ୍କୁ କହିଲେ କରସମ୍ପାଦକ ଓ ପାପିମାନଙ୍କର ସଙ୍ଗେ ଏ କିପାଁ ଭୋ
୧୭ ଜନ ଓ ପାନ କରୁ ଥାନ୍ତି । ଯୀଶୁ ସେ କଥା ଶୁଣି ଉତ୍ତର କଲେ ସୁସ୍ଥ ଲୋ
କର ବୈଦ୍ୟଠାରେ କିଛି ପ୍ରୟୋଜନ ନାହିଂ ପୁଣି ଅସୁସ୍ଥ ଲୋକରଇ

ପ୍ରୟୋଜନ ଅଛି ଆମ୍ଭେ ଧାର୍ମିକଗଣ ଛଡା ପାପିମାନଙ୍କୁ ମନ ଫେରାଇବା
ପାଇ ଡାକିବାକୁ ଆସି ଅଛୁଁ ।

ପୁଣି ଯୋହନର ଓ ଫାରୁଶୀମାନଙ୍କର ଉପବାସର ବ୍ୟବହାରକାରି ୧୮
ଶିଷ୍ୟମାନେ ଯୀଶୁର ନିକଟରେ ଆସି କହିଲେ ଯୋହନର ଓ ଫାରୁଶୀମାନ
ଙ୍କର ଶିଷ୍ୟମାନେ ଉପବାସ କରନ୍ତି ପୁଣି ତୁମ୍ଭର ଶିଷ୍ୟମାନେ ଉପବାସ ନ
କରନ୍ତି ଏହାର କାରଣ କି । ଯୀଶୁ ସେମାନଙ୍କୁ କହିଲେ ବର ସଙ୍ଗେ ଥିବା ୧୯
ରେ କି ବର ଯାତ୍ରିଗଣ ଉପବାସ କରିବାକୁ ପାରନ୍ତି । ଯେ ଯାୟେ ବର ୨୦
ସେମାନଙ୍କର ସଙ୍ଗେ ଥାନ୍ତି ସେ କାଳ ଯାୟେ ସେମାନେ ଉପବାସ କରିବାକୁ
ନ ପାରନ୍ତି ପୁଣି ସେମାନଙ୍କର ନିକଟରୁ ବର ନେଇ ଗଲେ ସେମାନେ ଉପ
ବାସ କରିବେ ଆଉ ଏମନ୍ତ ସମୟ ନିଶ୍ଚୟଇ ଆସିବ । ପୁରୁଣା ନୁଗାରେ ୨୧
କେହି ନୂଆ ବସ୍ତ୍ରର ତାଳୀ ନ ଦିଅଇ ଯେହେତୁରୁ ନୂଆ ବସ୍ତ୍ରର ତାଳୀରେ
ପୁରୁଣା ବସ୍ତ୍ର ଛିଣ୍ଡି ଯାୟେ ତହିଁରେ ଆହୁରି ଅଧିକ ଚିରା ହୁଅଇ । ପୁଣି ୨୨
ପୁରୁଣା କୁମ୍ଭାରେ କେହି ନୂଆ ଦ୍ରାକ୍ଷାରସ ନ ରଖଇ ଯେହେତୁରୁ ନୂଆ ଦ୍ରାକ୍ଷା
ରସ ତେଜରେ ସେ କୁମ୍ଭା ଫାଟି ଯାୟେ ତହିଁରେ ଦ୍ରାକ୍ଷାରସ ଗଳି ପଡଇ
ଓ କୁମ୍ଭାଇ ନଷ୍ଟ ହୁଅଇ ଏନିମନ୍ତେ ନୂଆ ଦ୍ରାକ୍ଷାରସ ନୂଆ କୁମ୍ଭାରେ ରଖି
ବାକୁ ହୁଅଇ ।

ତଦନନ୍ତରେ ବିଶ୍ରାମବାରରେ ଯୀଶୁ ଶସ୍ୟକ୍ଷେତ ଦେଇ ଗମନ କରନ୍ତେ ୨୩
ତାହାଙ୍କର ଶିଷ୍ୟମାନେ ଯାଉଂ ଶସ୍ୟର ଶିଷାଁ ଛିଣ୍ଡାଇବାକୁ ଲାଗିଲେ । ୨୪
ଏଥିରେ ଫାରୁଶୀମାନେ ଯୀଶୁକୁ କହିଲେ ଦେଖ ବିଶ୍ରାମବାରରେ ଯେଉଁ
କର୍ମ ଅକର୍ତ୍ତବ୍ୟ ତାହାଇ ଏମାନେ କିପାଁ କରୁଅଛନ୍ତି । ସେ ସେମାନଙ୍କୁ କହି ୨୫
ଲେ ଦାଉଦ ଓ ତାହାର ସଙ୍ଗିମାନେ ସମ୍ବଳ ଅଭାବରେ କ୍ଷୁଧିତ ହୋଇ ଯେ
କର୍ମ କଲେ ତାହା କି ତୁମ୍ଭେମାନେ ପାଠ କରି ନାହିଁ । ସେ ଅବିୟାଥାର ୨୬
ନାମରେ ମହାଯାଜକର ସମୟରେ ଈଶ୍ୱରଙ୍କର ଆବାସରେ ପ୍ରବେଶ ହୋଇ
ଯେ ଦର୍ଶନ ରୋଟୀ ଯାଜକଗଣ ବିନୁ ଆଉ କାହାରଇ ଭୋଜନ କରିବାକୁ ନାହିଁ
ତାହାଇ ଭୋଜନ କଲା ପୁଣି ସଙ୍ଗି ଲୋକମାନଙ୍କୁଇ ଦେଲା । ସେ ଆହୁରି କ ୨୭
ହିଲେ ମନୁଷ୍ୟର ନିମନ୍ତେ ବିଶ୍ରାମବାର ନିରୂପିତ ଅଛି ପୁଣି ମନୁଷ୍ୟ ବିଶ୍ରାମବା
ରର ନିମନ୍ତେ ନୋହେ । ଏଣୁ ମନୁଷ୍ୟ ପୁତ୍ର ବିଶ୍ରାମବାରର କର୍ତ୍ତାଇ ଅଛନ୍ତି । ୨୮

## ୩ ପର୍ବ ।

ଯୀଶୁ ପୁନର୍ବାର ଭଜନାଳୟରେ ପ୍ରବେଶ ହୁଅନ୍ତେ ସେଠାରେ ଶୁଷ୍କ ୧
ହସ୍ତ ଏକ ମନୁଷ୍ୟ ଥିଲା । ଏଣୁ ସେ ଯେବେ ବିଶ୍ରାମ ଦିନରେ ତାହାକୁ ସୁସ୍ଥ ୨

କରନ୍ତୁ ତେବେ ତାହାଙ୍କ ଅପବାଦ କରି ପାରନ୍ତୁ ଏହାର ଅର୍ଥରେ ସେମା
୩ ନେ ତାହାଙ୍କୁ ଜଗି ରହିଲେ । ତେବେ ସେ ସେହି ଶୁଷ୍କ ହସ୍ତ ମନୁଷ୍ୟକୁ
୪ କହିଲେ ମଧ୍ୟ ସ୍ଥାନରେ ଠିଆ ହୁଅ । ଏଥିରେ ସେ ସେମାନଙ୍କୁ ପଚାରିଲେ
ବିଶ୍ରାମବାରରେ ଭଲ କରିବାର କି ମନ୍ଦ କରିବାର ଅବା ପ୍ରାଣ ରକ୍ଷା କରି
ବାର କି ନଷ୍ଟ କରିବାର ଏହାର ମଧ୍ୟରେ କି କର୍ତ୍ତବ୍ୟ ପୁଣି ସେମାନେ ଚୁପ
୫ ହେଲେ । ତେବେ ସେ ସେମାନଙ୍କର ଅନ୍ତଃକରଣର କଠିନତା ସକାଶେ
ଦୁଃଖିତ ହୋଇ କ୍ରୋଧରେ ଚାରି ଆଡେ ଅନାଇ ସେହି ମନୁଷ୍ୟକୁ କହିଲେ
ଆପଣା ହସ୍ତ ବିସ୍ତାର କର ତହିଁରେ ତାହା ବିସ୍ତାର କଲେ ସେହି ହସ୍ତ ଆନ
୬ ହସ୍ତର ନ୍ୟାୟ ସୁସ୍ଥ ହେଲା । ସେହିକ୍ଷଣି ଫାରୂଶୀମାନେ ବାହାରେ ଯାଇ ତା
୭ ହାଙ୍କୁ ନଷ୍ଟ କରିବାର ନିମନ୍ତେ ହେରୋଦୀୟମାନଙ୍କର ସଙ୍ଗେ ବିଚାର କଲେ ।
ଏଣୁ ଯୀଶୁ ସେ ସ୍ଥାନ ଛାଡି ଶିଷ୍ୟମାନଙ୍କର ସଙ୍ଗେ ପୁନର୍ବାର ସାଗରର କଡକୁ
ଚାଲି ଚଲେ ତହିଁରେ ଗାଲିଲୀ ଓ ଯିହୁଦା ଓ ଯିରୂଶାଲମ ପୁଣି ଏଦୋମ ଓ
ଯର୍ଦ୍ଦନର ସେ ପାରସ୍ଥ ଦେଶର ଲୋକ ଗହଳ ଅସି ତାହାଙ୍କର ପଛେ ପଛେ ଚାଲି
୮ ଗଲେ । ଆବର ସୋର ଓ ସୀଦନର ଚାରି ଆଡେ ଲୋକ ଗହଳ ତାହା
୯ ଙ୍କର ମହା କର୍ମର ସଂବାଦ ଶୁଣି ତାହାଙ୍କର ନିକଟରେ ଅଇଲେ । ପୁଣି
ଅନେକ ମନୁଷ୍ୟକୁ ସୁସ୍ଥ କରିବାରୁ ବ୍ୟାଧିଗ୍ରସ୍ତ ସମସ୍ତ ତାହାଙ୍କୁ ଛୁଇଁବାର
୧୦ ନିମନ୍ତେ ଠେଲାଠେଲି କଲେ । ତହିଁରେ ପଛେ ଲୋକ ସମୂହ ତାହାଙ୍କୁ ଠେସି
ଧରନ୍ତୁ ଏନିମନ୍ତେ ସେ ଗୋଟାଏ ନୌକା ନିକଟରେ ପ୍ରସ୍ତୁତ ରଖିବାକୁ ଶିଷ୍ୟ
୧୧ ମାନଙ୍କୁ ଆଜ୍ଞା ଦେଲେ । ଏଥିଉତ୍ତର ଅପବିତ୍ର ଭୂତମାନେ ତାହାଙ୍କୁ ଦେଖି
୧୨ ଦଣ୍ଡବତ କରି ଉଚ୍ଚ ଶବ୍ଦରେ କହିଲେ ତୁମ୍ଭେ ଈଶ୍ୱରଙ୍କ ପୁତ୍ର ପୁଣି ସେ
ସେମାନଙ୍କୁ ଦୃଢ ଆଜ୍ଞା ଦେଇ ଆପଣା ପରିଚୟ ଦେବାକୁ ନିଷେଧ କଲେ ।
୧୩ ପୁଣି ସେ ପର୍ବତାରୋହଣ କରି ଯାହାକୁ ଇଚ୍ଛା ତାହାକୁ ଡାକିଲେ ।
୧୪ ସେମାନେ ତାହାଙ୍କର ନିକଟରେ ଅସନ୍ତେ ସେ ଦ୍ୱାଦଶ ଜଣକୁ ଆପଣା ସଙ୍ଗ
୧୫ ରେ ଥିବାକୁ ଓ ଘୋଷଣା କରିବାକୁ ପୁଣି ସର୍ବ ପ୍ରକାର ବ୍ୟାଧି ଭଲ କର
୧୬ ବାର ପରାକ୍ରମ ପାଇବାକୁ ଓ ଭୂତ ଛଡାଇବାକୁ ନିଯୁକ୍ତ କଲେ । ସେ
୧୭ ଷରେ ଶିମୋନକୁ ପିତର ବୋଲି ଏକ ଉପନାମ ଦେଲେ ପୁଣି ଯାକୁବ ଓ
୧୮ ଯୋହନକୁ ବୋୟାନର୍ଗୀଶ ଅର୍ଥାତ୍ ମେଘନାଦର ପୁତ୍ର ଏହ ଉପାଧି
୧୯ ଦେଲେ । ଆହୁରି ଅନ୍ଦ୍ରିୟ ଫିଲିପ ବାର୍ଥଲମୀ ମାଥିଉ ଥୋମା ଆଲଫୀର
ପୁତ୍ର ଯାକୁବ ଥଦ୍ଦାୟ କନାନୀୟ ଶିମୋନ ପୁଣି ତାହାଙ୍କୁ ପରହସ୍ତଗତ କରିବ
ଯେ ଇସ୍କାରିୟୋତୀୟ ଯିହୁଦା ଏମାନେ ସବୁ ଥିଲେ ।
୨୦ ତଦନନ୍ତରେ ସେମାନେ ଗୃହରେ ଗଲେ ପୁଣି ସେଠାରେଇ ପୁନର୍ବାର

ଏମନ୍ତ ଜନତାର ସମାଗମ ହେଲା ଯେ ସେମାନେ ଭୋଜନ କରିବାର ଅବ
କାଶ ନ ପାଇଲେ । ତାହାଙ୍କ ଅନ୍ତରଙ୍ଗ ଲୋକେ ଏହା ସମାଗ୍ଦର ପାଇ ସେ ୨୧
ହତଜ୍ଞାନ ହେଲେ ଏକଥା କହି ତାହାଙ୍କୁ ଧର ଅଣିବାକୁ ଗ୍ଦଲ ଅଇଲେ ।
ମାଏ ଯିରୁଶାଲମର ଅଷନ୍ତା ଯେଉଁ ସମସ୍ତ ଅଧ୍ୟାପକ ସେମାନେ କହିଲେ ୨୨
ଏ ଭୂତପତର ସଙ୍ଗାଇ ପୁଣି ଭୂତପତ ଦ୍ୱାର ଭୂତମାନଙ୍କୁ ଛଡାଏ । ଇହାଁ ୨୩
ରେ ଯୀଶୁ ସେମାନଙ୍କୁ ଡାକ ଦୃଷ୍ଟାନ୍ତ କଥାରେ କହିଲେ ଶୟତାନ କ ପ
କାରେ ଶୟତାନକୁ ଛଡାଇବାକୁ ପାରଇ । କୌଣସି ରାଜ୍ୟ ଯେବେ ଆ ୨୪
ପଶା ବରୁଦ୍ଧରେ ଭିନ୍ନୀ ହୁଅଇ ତେବେ ସେ ରାଜ୍ୟ ସ୍ଥିର ଥିବାକୁ ନ ପା
ରଇ । ପୁଣି କାହାର ପରିବାର ଯେବେ ଏକକୁଆରେକ ବରୋଧୀ ହୁଅଇ ୨୫
ତେବେ ସେ ସ୍ଥିର ଥିବାକୁ ନ ପାରଇ । ତେମନ୍ତ ଶୟତାନ ଯେବେ ଆପଣା ୨୬
ବପକ୍ଷରେ ଉଠି ଭିନ୍ନୀ ହୁଅଇ ତେବେ ସେହ ସ୍ଥିର ଥିବାକୁ ନ ପାରଇ ଉ
ଚ୍ଛନ୍ନ ହୁଅଇ । ଆଉ ପ୍ରବଳ ଜନକୁ ପ୍ରଥମରେ ନ ବାନ୍ଧିଲେ କେହ ତାହାର ୨୭
ଗୃହରେ ପଶି ସମ୍ପତ୍ତି ଲୁଣ୍ଠିବାକୁ ନ ପାରଇ । ପୁଣି ବନ୍ଧନ କଲାଉତ୍ତାରେ ଗୃ
ହର ଦ୍ରବ୍ୟ ଲୁଣ୍ଠ କରି ପାରଇ । ଏକମନ୍ତେ ଆମ୍ଭେ ସତ୍ୟ ବୋଲି ମନୁଷ୍ୟର ୨୮
ସନ୍ତାନମାନେ ଯେ ସମସ୍ତ ପାପ ଓ ଈଶ୍ୱରର ନନ୍ଦା କରନ୍ତି ସେମାନଙ୍କର ୨୯
ସେହ ସବୁର କ୍ଷମା ହୋଇ ପାରଇ ପୁଣି ଯେ କେହ ଧର୍ମଅତ୍ମର ନନ୍ଦା କ
ରଇ ତାହାର କ୍ଷମା ନ ହେବ ସେ ଅନନ୍ତ ଦଣ୍ଡର ଯୋଗ୍ୟ ହେବ । ତା ୩୦
ହାଙ୍କ ଅପବିତ୍ର ଭୂତ ଅଛ ସେମାନଙ୍କର ଏ ବୋଲି ସକାଶେ ସେ ଏମନ୍ତ
କହିଲେ ।

ଏଥିଉତ୍ତରେ ତାହାଙ୍କ ମାତା ଓ ଭାଇମାନେ ଅସି ବାହାରେ ଠିଆ ୩୧
ହୋଇ ତାହାଙ୍କୁ ଡାକ ପଠାଇଲେ । ଇହାଁରେ ତାହାଙ୍କ ଗୃର ଆଡରେ ୩୨
ଥିବାର ଲୋକେ ତାହାଙ୍କୁ କହିଲେ ଦେଖ ବାହାରେ ତୁମ୍ଭର ମାତା ଓ ଭା
ଇମାନେ ତୁମ୍ଭର ଅନ୍ୱେଷଣ କରୁଛନ୍ତି । ସେ ସେମାନଙ୍କୁ ଉତ୍ତର କଲେ ୩୩
ଅମ୍ଭର ମାତା କେ ପୁଣି ଅମ୍ଭର ଭାଇମାନେ କେ । ଇହାଁରେ ସେ ଆପଣାର ୩୪
ଗୃର ପାଖରେ ବସିବା ଲୋକଙ୍କର ପ୍ରତି ଅନାଇଁ କହିଲେ ଦେଖ ଅମ୍ଭର
ମାତା ଓ ଭାଇମାନେ । ଯେ କେହ ଈଶ୍ୱରଙ୍କ ଇଷ୍ଟ କ୍ରିୟା କରଇ ସେହ ୩୫
ଅମ୍ଭର ମାତା ଓ ଭାଇ ଓ ଉତ୍ତମୀ ।

## ୪ ପତ୍ର ।

ଅନନ୍ତରେ ସେ ସମୁଦ୍ରର ତୀରରେ ପୁନର୍ବାର ଉପଦେଶ ଦେବାକୁ ଲାଗି ୧
ଲେ । ଇହାଁରେ ସେ ସ୍ଥାନରେ ବହୁତ ଲୋକ ଏକଠା ଆସନ୍ତେ ସେ ସମୁ

ଦ୍ରର ଉପରେ ଏକ ନୌକାରେ ଚଢି ବସିଲେ ପୁଣି ସବୁ ଲୋକ ସମୁଦ୍ରର ତୀ
୨ ରରେ ରହିଲେ । ତେଉଁବେଳେ ସେ ଦୃଷ୍ଟାନ୍ତ କଥାରେ ଅନେକ ଶିକ୍ଷା
୩ ଦେଲେ । ପୁଣି ଉପଦେଶ ଦେଇ କହିଲେ ଅବଧାନ କର ଜଗେ ବାପକ ସାଜ
୪ ବୁଣିବାକୁ ଗଲା । ବୁଣିବାର ସମୟରେ କଛୁ ସାଜ ବାଟ ପାଖରେ ପଡିଲା ତାହା
୫ ଅକାଶର ପକ୍ଷିଗଣ ଆସି ଖୁଣ୍ଟି ଖାଇଲେ । ଆଉ କଛୁ ସାଜ ଅଳ୍ପ ମାଟି ଥି
ଲାର ପାଷାଣ ଭୂମିରେ ପଡିଲା ଏହାର ବହୁତ ମାଟି ନ ଥିବାରୁ ଶୀଘ୍ର ଅଙ୍କୁ
୬ ରିତ ହେଲା ମାଟି ସୂର୍ଯ୍ୟର ଉଦୟରେ ପୋଡ ଗଲା ପୁଣି ଚେର ନ ବଢିବାରୁ
୭ ଶୁଖିଗଲା । ଅନ୍ୟର କଛୁ ସାଜ କଣ୍ଟାବଣର ମଧ୍ୟରେ ପଡିଲା ପୁଣି କଣ୍ଟା ସମସ୍ତ
୮ ବଢି ତାହା ଗ୍ରାସି ପକାନ୍ତେ ତାହାର ଫଳ ନୋହିଲା । ଆଉ କଛୁ ସାଜ ଉ
ତ୍ତମ ଭୂମିରେ ପଡିଲା ପୁଣି ବଢି ଉଠି ଏଡେ ଫଳନ୍ତ ହେଲା ଯେ ଥୋକା
ଏ ଉଣଶ ଗୁଣ ଥୋକାଏ ଷାଠିଏ ଗୁଣ ଥୋକାଏ ଶହେ ଗୁଣ ଯ
୯ ଇଲା ! ଏଉତ୍ତର ସେ ସେମାନଙ୍କ କହିଲେ ଯାହାର ଶୁଣିବାର କର୍ଣ ଅଛି
ସେ ଶୁଣୁ ।

୧୦ ପୁଣି ନର୍ଜ୍ଜନ ସମୟରେ ତାହାଙ୍କ ସଙ୍ଗିମାନେ ଓ ଦ୍ୱାଦଶ ଶିଷ୍ୟ ତାହାଙ୍କୁ
୧୧ ସେ ଦୃଷ୍ଟାନ୍ତ କଥାର ବିଷୟ ପଚାରିଲେ । ତେଣୁ ସେ ସେମାନଙ୍କୁ କହିଲେ
ଈଶ୍ୱର ରାଜ୍ୟର ନଗୂଢ କଥା ବୁଝିବାକୁ ତୁମ୍ଭମାନଙ୍କୁ ଦିଆ ଯାଇଅଛି ।
୧୨ ପୁଣି ବାହାରସ୍ଥ ଲୋକମାନଙ୍କର ପ୍ରତି ଏହି ସମସ୍ତ ଦୃଷ୍ଟାନ୍ତ ମାତ୍ର ହୋଇଅଛି
ଯେହେତୁ କୌଣସି ସମୟରେ ସେମାନଙ୍କର ମନ ଫେରଣ ଓ ପାପ ମୋ
ଚନ ଯେମନ୍ତ ନ ହୁଅଇ ଏଥିପାଇଁ ସେମାନେ ଦେଖୁ ନ ଦେଖନ୍ତ ପୁଣି
ଶୁଣୁ ନ ବୁଝନ୍ତ ।

୧୩ ସେ ଅନ୍ୟର କହିଲେ ତୁମ୍ଭେମାନେ କ ଏହି ଦୃଷ୍ଟାନ୍ତ କଥା ନ ବୁଝ
୧୪ ତେବେ କ ପ୍ରକାରେ ଆଉ ସମସ୍ତ ଦୃଷ୍ଟାନ୍ତ ବୁଝିବ । ବାପକ ବାକ୍ୟରୂପ ସାଜ
୧୫ ବୁଣୁଅଛି । ତହିଁରେ ଯେଉଁଠାରେ ସାଜ କଛୁ ପଡିଲା ଏମନ୍ତ ପଥପାର୍ଶ୍ୱସ୍ଥ
ଭୂମିସ୍ୱରୂପ ଲୋକ ଏହି ସେମାନେ ଶୁଣନ୍ତି ପୁଣି ଶୁଣିବା ମାତ୍ରକେ ଶୟତାନ
୧୬ ଆସି ସେମାନଙ୍କର ମନରୁ ସେ ବୁଣା କଥା ହରଣ କରି ନଅଇ । ପାଷାଣ
ଭୂମିରେ ବୁଣିଲା ସାଜସ୍ୱରୂପ ଲୋକ ଏହି ସେମାନେ ବାକ୍ୟ ଶ୍ରବଣ କରି ମହା
ନନ୍ଦରେ ଗ୍ରହଣ କରନ୍ତି ପୁଣି ହୃଦୟରେ ଚେର ନ ବଢିବାରୁ କଛୁ କାଳ
୧୭ ମାତ୍ର ସ୍ଥିର ହୁଅଇ । ପୁଣି ସେହି ବାକ୍ୟ ସକାଶେ କୌଣସି କ୍ଲେଶ କିମ୍ବା
ଉପଦ୍ରବ ଉପସ୍ଥିତ ହେବାରେ ବିମୁଖ ହୁଅନ୍ତି । କଣ୍ଟା ମଧ୍ୟରେ ବୁଣିଲା ସାଜ
୧୮ ସ୍ୱରୂପ ଲୋକ ଏହି ସେମାନେ କଥା ଶୁଣନ୍ତି ପୁଣି ସାଂସାରିକ ଚିନ୍ତା ଓ ଧନ
୧୯ ଭ୍ରାନ୍ତି ଓ ବିଷୟରେ ଲୋଭ ସବୁ ସେମାନଙ୍କର ଅନ୍ତଃକରଣରେ ବୃଦ୍ଧି ପାଇ

ତାହା ଶାସି ରଖଇ ତେଣୁ ତାହା ବଫଳ ହୁଅଇ । ଆଉ ଉତ୍ତମ ଭୂମିରେ ୧୦
ବୁଣିଲ ସାଜସ୍ୱରୂପ ଲୋକ ଏହ ସେମାନେ ବାକ୍ୟ ଶ୍ରବଣ ଓ ଗ୍ରହଣ କର କେହୀ
ତରଣ ଗୁଣ କେହୀ ଷାଠିଏ ଗୁଣ କେହୀ ଶହେ ଗୁଣ ଫଳ ଧରନ୍ତି ।

ଅନନ୍ତରେ ସେ କହିଲେ ସାପରୁଖା ଉପରେ ନ ରଖି ମାଗର ତଳେ କବା ୧୧
ଖଣ୍ଡଲେ ରଖିବାର ନମନ୍ତେ କେହ ଜ ପ୍ରଦୀପ ଆଣଇ । ଏନମନ୍ତେ ପ୍ରକାଶ ୧୨
ନ ହେବ ଏମନ୍ତ କଛ ଲୁଚ୍ଚଇଲ୍ଲା କଥା ନାହିଁ ପୁଣି ବ୍ୟକ୍ତ ନୋହିବ ଏମନ୍ତ
କୌଣସି ଗୁପ୍ତ କଥା ନାହିଁ । ଯେ ଯାହାର ଶୁଣିବାକୁ କର୍ଣ ଅଛ ସେ ଶୁଣୁ ।

ପୁଣି ସେ ସେମାନଙ୍କୁ କହିଲେ ତୁମ୍ଭେମାନେ ଯୋ କଥା ଶୁଣିଅଛ ତା ୧୩
ହାର ବଷୟରେ ସାବଧାନ ଯେହେତୁ ତୁମ୍ଭେମାନେ ଯେ ମାଗରେ ମାପ କର
ସେହ ମାଗରେ ତୁମ୍ଭମାନଙ୍କର ପ୍ରତଇ ମାପ କରଯିବ । ପୁଣି ଶ୍ରବଣକାରୀ ୧୪
ଯେ ତୁମ୍ଭେମାନେ ତୁମ୍ଭମାନଙ୍କୁ ଅଧିକ ଦତ୍ତ ହେବ । ଯାହାରଠାରେ ବଢ଼ଇ ୧୫
ତାହାକୁ ଅନ୍ତର ଦଯାପିବ ପୁଣି ଯାହାଠାରେ ନ ବଢ଼ଇ ଯେ ଯତ୍ କଞ୍ଚିତ୍
ଥାଏ ତାହାଇ ଯେନ ପିବାକୁ ହେବ ।

ଅନନ୍ତରେ ସେ କହିଲେ ଜଗେ କ୍ଷେତରେ ସାଜ ବୁଣିଲ ଲୋକସ୍ୱରୂପ ୧୬
ଈଶ୍ୱରଙ୍କର ରାଜ୍ୟ ଅଟଇ ଯେହେତୁ ସେ ରାତିଦବସରେ ଶଯ୍ୟନ ଓ ଜାଗରଣ କ
ଅନ୍ୟେ ସେ ସାଜ କ୍ରମରେ ଅଙ୍କୁରତ ହୋଇ ଉଠଇ ତାହା ସେ ନ ଜାଣଇ ।
ଯେହେତୁ ପ୍ରଥମତଃ ପଏ ତହିଁଉତ୍ତରେ ଶୀଷ ତହିଁଉତ୍ତରେ ଶୀଷାରେ ୧୭
ପରପୂର୍ଣ ଶସ୍ୟକୁ ଭୂମି ସ୍ୱୟଂ ଉତ୍ପନ୍ନ କରଇ । ପୁଣି ଫଳ ପାଚିବାମାତ୍ର ଶସ୍ୟ ୧୮
କାଟିବାର ସମୟ ଜାଣି ସେ ତତ୍ପକ୍ଷଣାତ୍ ଦାଆ ଲଗାଏ । ପୁଣି ସେ କହିଲେ ୧୯
ଈଶ୍ୱରର ରାଜ୍ୟ କାହାର ନ୍ୟାସ ଓ କେଉଁ ଦୃଷ୍ଟାନ୍ତରେ ତାହାର ତୁଲଣା ୩୦
ଦେବା ତାହା ଏକ ସୋରଷର ତୁଲ୍ୟ ଯେହେତୁ ମୃତ୍ତିକାରେ ବୁଣିବାର ସମ
ୟରେ ତାହା ପୃଥିବୀର ସକୁ ସାଜରୁ କ୍ଷୁଦ୍ର ଅଟଇ ପୁଣି ବୋଇଲ୍ଲାତ୍ତରେ ୩୧
ଅଙ୍କୁରତ ହୋଇ ସମସ୍ତ ଶାକରୁ ବଡ ହୋଇ ଉଠଇ । ପୁଣି ତାର ଏମନ୍ତ ୩୨
ବଡୀ ଡାଳ ବାହାରଇ ଯେ ଅକାଶ ପକ୍ଷିଗଣ ଆସି ତାର ଛାୟାରେ ବସନ୍ତି ।

ଏହପ୍ରକେ ସେମାନଙ୍କର ବୋଧ ଶକ୍ତି ଅନୁସାରେ ସେ ଅନେକ ଦୃଷ୍ଟାନ୍ତ ୩୩
ରେ ସେମାନଙ୍କୁ ଉପଦେଶ ଦେଲେ ପୁଣି ଦୃଷ୍ଟାନ୍ତ ବନ୍ଦ ସେମାନଙ୍କୁ କୌଣସି
କଥା ନ କହିଲେ । ତହିଁ ସେ ନର୍ଜ୍ଜନରେ ଶିଷ୍ୟମାନଙ୍କୁ ସମସ୍ତ ବୃତ୍ତାନ୍ତର ୩୪
ଅର୍ଥ ବୁଝାଇଲେ ।

ସେହ ଦନର ସନ୍ଧ୍ୟାକାଳରେ ସେ ସେମାନଙ୍କୁ କହିଲେ ଅସ ଅମ୍ଭେ ୩୫
ସେ ପାଖକୁ ଯାଇ । ତେଣୁ ସେମାନେ ଲୋକ ସମୂହକୁ ବଦାୟ କର ୩୬
ତାହାକୁ ସେ ପ୍ରକାର ନେଇ ନୌକାରେ ପ୍ରସ୍ଥାନ କଲେ ପୁଣି ଅନ୍ୟ ନୌ

୬୭ କାଇ ତାହାଙ୍କ ସଙ୍ଗେ ଥିଲା । ଏଥିରେ ଏକ ପ୍ରବଳ ବତାସି ଉଠନ୍ତେ
୩୮ ନାବରେ ନହଡା ମାରଂୀ ତାହା ପୂର୍ଣ ହେଲା ପୁଣି ସେ ନାକର ପଛ ଭାଗରେ
ମୁଚୁଲାରେ ମୁଣ୍ଡଦେଇ ନଦ୍ରତ ଅଛନ୍ତି । ଏକମନ୍ତେ ସେମାନେ ତାହାକୁଂ
ଜାଗ୍ରତ କର କହଲେ ହେ ପ୍ରଭୁ ଅମ୍ଭେମାନେ ନାଶ ଯାଉଁ ଏଥିରେ କ ଆପଣ
୩୯ ଜଛୁ ଚିନ୍ତା ନ କର । ତହଁରେ ସେ ଉଠି ବାୟୁକୁ ଧମକାଇ ସମୁଦ୍ରକୁ କ
ହଲେ ଚୁନ ହୋଇ ନରସ୍ତ ଥାଅ ତେଣୁ ସେହକ୍ଷଣେ ବାୟୁ ନବୃତ୍ତ ହୁଅନ୍ତେ
୪୦ ସବୁ ସୁସ୍ଥିର ହେଲା । ତେବେ ସେ ସେମାନକୁଂ କହଲେ ତୁମ୍ଭେମାନେ ଏତେ
୪୧ ଶଙ୍କାକୁଳ ହୁଅ କଯାଁ ତୁମ୍ଭମାନଙ୍କର କ ବଶ୍ୱାସ ନାହିଁ । ତହଁରେ ସେ
ମାନେ ଅତ୍ୟନ୍ତ ଭୀତ ହୋଇ ଏକଜଣଅରେକ କହଲେ ବାୟୁ ପୁଣି ସମୁଦ୍ର
ଯାହାଙ୍କର ଅଧୀନ ଏମନ୍ତ ମନୁଷ୍ୟ କେ ।

## ୫ ପଦ୍ଦ ।

୧ ସେମାନେ ସମୁଦ୍ର ପାର ହୁଅନ୍ତେ ଗଦଶ୍ନ ଦେଶରେ ଉପସ୍ଥିତ ହେଲେ ।
୨ ପୁଣି ନୌକାରୁ ଓହ୍ଲାଇବାମାତ୍ର ଅପବତ୍ର ଭୂତଗ୍ରସ୍ତ ଏକଜଣ କବର
୩ ସ୍ଥାନରୁ ବାହାର ହୋଇ ତାହାଙ୍କର ସଙ୍ଗରେ ଦେଖା କଲା । ସେ ଜଣ
କବର ମଧ୍ୟରେ ବାସ କଲା ଆଉ ଜଞ୍ଜିର ବାନ୍ଧିଲେହେଁ କେହ ତାହାକୁ ରଖି
ବାକୁ ନ ପାରନ୍ତି । ତାହାକୁ ବାରୀ ବେଡି ଓ ଜଞ୍ଜିର ଦେଇ ବନ୍ଧନ କଲେ
୪ ସେ ଜଞ୍ଜିର ଝାଣି ଫିଙ୍ଗାଇ ଓ ବେଡୀ ଭାଙ୍ଗି ପକାଇ ଦଅନ୍ତା କେହ ତାହାକୁ
ବଶ୍ୟ କରବାକୁ ନ ପାରନ୍ତା । ଆଉ ଦବାରାତ୍ର ପବତରେ ଓ କବରରେ
୫ ରହ ବୋବାଳି କରନ୍ତା ପୁଣି ପଥର ଦେଇ ଆପଣାକୁ ଅପେ କାଟନ୍ତା ।
ସେ ଯୀଶୁକୁଂ ଦୂରରେ ଦେଖିବାମାତ୍ର ଦୌଡି ଅସି ତାହାକୁଂ ପ୍ରଣାମ କଲା ।
୭ ପୁଣି ଉଚ୍ଚଶବ୍ଦରେ ଡକା ଗ୍ଭତ କହଲା ହେ ସର୍ବ ପ୍ରଧାନ ଈଶ୍ୱରଙ୍କ ପୁତ୍ର ଯୀଶୁ
୭ ତୁମ୍ଭର ସଙ୍ଗରେ ଆମ୍ଭର କ ବଷୟ । ଅମ୍ଭେ ତୁମ୍ଭକୁ ଈଶ୍ୱରଙ୍କ ଦୁହା ଦେଉଁ
୮ ଆମ୍ଭକୁ ଯନ୍ତ୍ରଣା ନ ଦଅ । ଯେହେତୁ ଯୀଶୁ ତାହାକୁ କହଥିଲେ ହେ
ଅପବତ୍ର ଭୂତ ଏହ ମନୁଷ୍ୟଠାରୁ ବାହାର ହୁଅ । ପୁଣି ସେ ତାହାକୁ
୯ ପଚାରିଲେ ତୁମ୍ଭର ନାମ କ ସେ ଉତ୍ତରକଲା ଆମ୍ଭେମାନେ ଅନେକେ ଏଣୁ
୧୦ ଆମ୍ଭର ନାମ ବାହନୀ । ପୁଣି ସେ ଯେମନ୍ତ ଦେଶରୁ ସେମାନକୁଂ ପଠାଇ
ନ ଦଅନ୍ତୁ ତାହାଙ୍କଠାରେ ଏହ ପ୍ରାର୍ଥନା କଲେ । ସେ ସମୟରେ ପବତର
୧୧ ନକଟ ବଡ ଏକ ଘୁଣୁଡର ପଲ ଚରଥିଲେ ଏଣୁ ଭୂତମାନେ ବନତ କର
୧୨ କହଲେ ସେ ଶୂକର ପଲର ଆଶ୍ରୟ ନେବାକୁ ଅମ୍ଭମାନକୁଂ ପଠାଅ । ସେ
କ୍ଷଣି ଯୀଶୁ ଅନୁମତ ଦଅନ୍ତେ ଅପବତ୍ର ଭୂତମାନେ ବାହାରେ ଯାଇ ଘୁଣୁ

ତର ପଲ ମଧ୍ୟରେ ପ୍ରବେଶ ହେଲେ । ତହିଁରେ ସବୁ ଶୂକର ଅର୍ଥାତ୍ ଉଣା ୧୩
ଅଧିକ ପ୍ରାୟ ଦୁଇ ହଜାର ଦୌଡ ଏକ ଉଚ୍ଚସ୍ଥାନ ଦେଇ ଗଡ଼ି ସମୁଦ୍ର
ରେ ପଡ଼ି ବୁଡ ମଲେ । ଏଥିରେ ଘୁଣ୍ଟଉର ରଖୁଆଲମାନେ ପଳାଇ ନଗରେ ୧୪
ଓ ଗ୍ରାମେ ଯାଇ ସେ ବୃତ୍ତାନ୍ତ କହିଲେ । ତେଣୁ ଲୋକମାନେ ସେହି
ଘଟଣା ଦେଖିବାକୁ ବାହାର ହେଲେ ପୁଣି ଯୀଶୁର ନକଟରେ ଆସି ସେହି ୧୫
ଭୂତଗ୍ରସ୍ତ ଅର୍ଥାତ୍ ବାହୁଳା ଭୂତଗ୍ରସ୍ତ ଜନକୁ ବସ୍ତ୍ରାନ୍ୱିତ ଓ ସଚେତନ ଭାବରେ
ବସି ଥିବାକୁ ଦେଖି ସେମାନେ ଭୀତ ହେଲେ । ଆଉ ଦର୍ଶନକାର ଲୋକମା ୧୬
ନଙ୍କର ମୁଖରେ ସେ ଭୂତଗ୍ରସ୍ତ ମନୁଷ୍ୟର ଓ ଘୁଣ୍ଟଉ ପଲର ଘଟଣାର ବିଷୟ ୧୭
ଶୁଣି ଅପଣାମାନଙ୍କର ସୀମାରୁ ଯିବାକୁ ଯୀଶୁକୁ ବନତ କଲେ । ତହିଁ ନାବ ୧୮
ଆରୋହଣ ସମୟରେ ଯେ ଭୂତଗ୍ରସ୍ତ ଥିଲା ସେ ଯୀଶୁର ସଙ୍ଗେ ରହିବାକୁ ପ୍ରା
ର୍ଥନା କଲା । ସେ ତାହାକୁ ଅନୁମତି ନ ଦେଇ କହିଲେ ତୁମ୍ଭେ ଅପଣା କୁଟୁ ୧୯
ମ୍ବର ନକଟରେ ଯାଅ ପୁଣି ପ୍ରଭୁ ତୁମ୍ଭର ପ୍ରତି ଦୟା କର ଯେ, ମନ୍ଦା କର୍ମ
କର ଅଛନ୍ତି ତାହା ସେମାନଙ୍କୁ ଜଣାଅ । ଏନମନ୍ତେ ସେ ପ୍ରସ୍ଥାନ କର ୨୦
ଦକାପଲି ଦେଶରେ ଯୀଶୁ ତାହାର ପାଁଇ ଯେଉଁ ଆଶ୍ଚର୍ଯ୍ୟ କର୍ମ କରିଛନ୍ତି
ତାହା ପ୍ରଚାର କରିବାକୁ ଲାଗିଲା ତହିଁରେ ସମସ୍ତେ ଆଶ୍ଚର୍ଯ୍ୟ ମଣିଲେ ।

ଯୀଶୁ ନୌକାରେ ପୁନର୍ବାର ସେ ପାର ଯାନ୍ତେ ସମୁଦ୍ର ତୀରରେ ଥିବା ୨୧
ବେଳେ ତାହାଙ୍କ ପାଖ ବଡ ଜନତା ଏଣ୍ଡ ହେଲା । ଆଉ ଯାୟିରସ ନାମରେ ୨୨
ଉଜନାଲୟର ଜଣେ କର୍ତ୍ତା ଆସି ତାହାକୁ ଦେଖିବାମାତ୍ର ଚରଣରେ ପଡ
ଅନେକ ନିବେଦନ କର କହିଲା ଆମ୍ଭର ଦୁହିତା ମୃତ୍ୟୁ ପ୍ରାପ୍ତେ ହୋଇଅଛି ୨୩
ଏଣୁ ଅପଣ ଆସି ସୁସ୍ଥ କରିବା ନମନ୍ତେ ତାହାର ଗାତ୍ରରେ ହସ୍ତାର୍ପଣ କରନ୍ତୁ
ତହିଁରେ ସେ ବଞ୍ଚିବ । ଯୀଶୁ ତାହାର ସଙ୍ଗେ ଯାନ୍ତେ ଅନେକ ଲୋକ ୨୪
ପଛେ ଯାଇ ତାହାକୁ ଚାପି ଧରିଲେ ।

ଏଥିରେ ବାର ବରଷର ପ୍ରବଳ ରୋଗରେ ପୀଡିତା ପୁଣି ନାନା ବୈଦ୍ୟର ୨୫
ନକଟରେ ଅନେକ ଦୁଃଖଭୋଗ ଓ ସବସ୍ୱ ବ୍ୟୟ କଲେହେଁ ସୁସ୍ଥ ନୋହି ୨୬
ଅହୁରି ପୀଡିତ ହେଲା ଏମନ୍ତ ଏକ ସ୍ତ୍ରୀ ଯୀଶୁର ସଂବାଦ ପାଇ ମନେ କହିଲା ୨୭
ଆମ୍ଭେ ଯେବେ ତାହାଙ୍କର ବସ୍ତ୍ରମାତ୍ର ଛୁଇଁବାକୁ ପାର ତେବେ ସୁସ୍ଥ ହେ
ବା । ଏନମନ୍ତେ ସେ ଗହଳରେ ପଛଆଡେ ଆସି ତାହାଙ୍କର ବସ୍ତ୍ର ଛୁଇଁଲା । ୨୮
ସେହିକ୍ଷଣି ତାହାର ରକ୍ତସ୍ରାବ ବନ୍ଦ ହୋଇ ସେ ଆପଣା ରୋଗର ମୁକ୍ତ ହେଲା ୨୯
ବୋଇ ଶରୀରରେ ବୋଧ ପାଇଲା । ତେବେ ଆପଣାର ଯେ ଶକ୍ତି ବାହାର ୩୦
ହୋଇଅଛି ଯୀଶୁ ତାହା ହଠାତ୍ ମନରେ ଜାଣି ଲୋକ ସମୂହର ଆଡେ
ଫେରି ପଚାରିଲେ କେ ଆମ୍ଭର ବସ୍ତ୍ର ଛୁଇଁଲା । ତାହାଙ୍କର ଶିଷ୍ୟମାନେ ୩୧

କହିଲେ ଅପଶଙ୍କର ଉପରେ ଲୋକ ଗହଳ ଜନ୍ମାଜନ୍ତ କର ପଡ଼ୁଛନ୍ତ ଏହା
୩୨ ଦେଶି ଅମ୍ଭକୁ କେ ଛୁଁଇଲା ଏମନ୍ତ କଥା କଅଁା କହୁଅଛ । ମାଣି କେ ଏ
କର୍ମ୍ମ କଲା ଜାହାକୁ ଦେଖିବାର ଜନ୍ମରେ ଯୀଶୁ ଚାରିଅଡେ ଦୃଷ୍ଟି କଲେ ।
୩୩ ଉହିଁରେ ସେ ସ୍ତ୍ରୀ ଭୀତ ହୋଇ ଥର ଥର ଅପଶାର ଯେ ସଉକାର ହୋଇଅଛି
ଜାହା ଜାଣି ଅସି ଜାହାଙ୍କର ଶ୍ରମ୍ମୁରେ ପଡ ସତ୍ୟ ବୃତ୍ତନ୍ତ ସମସ୍ତ ଜାହାକୁଂ
୩୪ କହିଲା । ତେଣୁ ଯୀଶୁ କହିଲେ ହେ କନ୍ୟା ତୁମ୍ଭର ସତ୍ୟସ୍ତ ତୁମ୍ଭକୁ ସୁସ୍ଥ
କରିଅଛି ତୁମ୍ଭେ କୁଶଲରେ ଯାଇ ଅପଶା କ୍ଲେଶର ମୁକ୍ତ ହୁଅ ।
୩୫ ସେ ଏହି କଥା କହିବା ସମୟରେ ଭଜନାଲୟର କର୍ତ୍ତାର ଗୃହର ଲୋକ
ଅସି କର୍ତ୍ତାକୁ କହିଲା ତୁମ୍ଭର କନ୍ୟା ମଲାଣି ଏଣ ଗୁରୁକୁ ଅଉ ଦୁଃଖ
୩୬ କଅଁା ଦେଉଅଛ । ପୁଣି ଯୀଶୁ ସେ କଥା ଶୁଣିକାମାତ୍ର ଭଜନାଲୟର
୩୭ କର୍ତ୍ତାକୁ କହିଲେ ଭୟ ନ କର କେବଳ ବିଶ୍ୱାସ କର । ଉହିଁ ପିଇର ଓ ଯା
କୁବ ଓ ଜାହାର ଭାଇ ଯୋହନ ଏମାନେ ବିନ୍ନ ଅପଣା ପଛରେ ଆଉ କା
୩୮ ହାକୁ ଯିବାକୁ ନ ଦେଲେ । ସେ କର୍ତ୍ତାର ଘର ନିକଟରେ ଅସି କଲ୍ପ ଓ
୩୯ ରୋଦନ ଓ ମହାବିଳାପ କାରମାନଙ୍କୁଂ ଦେଖନ୍ତେ ଗୃହରେ ପ୍ରବେଶିବା
ବେଳେ କହିଲେ ତୁମ୍ଭେମାନେ କଅଁା ଏପ୍ରକାର କଲ୍ପ ଓ ରୋଦନ କର
୪୦ ଅଛ କନ୍ୟା ମର ନାହିଁ ନିର୍ଦ୍ରା ଅଛି । ଏଣ ସେମାନେ ଜାହାକୁଂ ହାସ୍ୟ
କଲେ ପୁଣି ଯୀଶୁ ସମସ୍ତକୁ ବାହାର କର କନ୍ୟାର ମାତା ପିତାକୁ ଓ ଅପଣା
ସଙ୍ଗିମାନଙ୍କୁଂ ସଙ୍ଗରେ ନେଇ ଯେ ସ୍ଥାନରେ କନ୍ୟା ଶୋଇଥିଲା ସେହି
୪୧ ଠାରେ ପ୍ରବେଶ ହେଲେ । ଅଉ ସେ କନ୍ୟାର ହସ୍ତ ଧର ଜାହାକୁ କହିଲେ
ତାଲିଥା କୂମୀ ଅର୍ଥାତ୍ ହେ କନ୍ୟା ଉଠ ଆମ୍ଭେ ତୁହ ଆଜ୍ଞା ଦେଉ । ସେହି
୪୨ କ୍ଷଣି କନ୍ୟା ଉଠି ଚଲିବାକୁ ଲାଗିଲା ଯେହେତୁ ସେ ବାର ବରଷ ବୟସ ହୋ
୪୩ ଇଲା ଉହିଁରେ ସେମାନେ ଅତ୍ୟନ୍ତ ଚମତ୍କାର ଜ୍ଞାନ କଲେ । ପୁଣି କନ୍ୟାକୁ
କିଛି ଖାଇବାକୁ ଦିଅ ବୋଲି ଏହି ବିଷୟ କାହାକୁ ନ ଜଣାଇବାକୁ ସେମା
ନଙ୍କୁଂ ଦୃଢ ଆଜ୍ଞା ଦେଲେ ।

## ୬ ପଦ ।

୧ ଯୀଶୁ ସେ ସ୍ଥାନରୁ ପ୍ରସ୍ଥାନ କର ଅପଣା ଜନ୍ମ ଦେଶରେ ଅରିଲେ ପୁଣି
୨ ଶିଷ୍ୟମାନେ ଜାହାଙ୍କ ସଙ୍ଗରେ ଗଲେ । ଉହିଁ ବିଶ୍ରାମବାର ହୋଇଲେ ସେ
ଭଜନାଲୟରେ ଉପଦେଶ ଦେବାକୁ ଲାଗିଲେ ଉହିଁରେ ଅନେକ ଲୋକ
ଜାହାଙ୍କର କଥା ଶୁଣି ଆଶ୍ଚର୍ଯ୍ୟ ଜ୍ଞାନ କର କହିଲେ ଏହି ମନୁଷ୍ୟର ଏ ସବୁ
ଗୁଣ କେଉଁଠାରୁ ହେଲା ପୁଣି ଏହାର ହାତଦ୍ୱାରା ଏହି ପ୍ରକାର ଆଶ୍ଚର୍ଯ୍ୟ କର୍ମ

କରିବାକୁ ତାହାକୁ କିଛିପେ ଜ୍ଞାନ ଦତ୍ତ ହେଲା । ଏକ ମାରିୟାର ପୁତ୍ର ସୂତ୍ରଧର ୩
ନୋହେ ପୁଣି ଏକ ଯାକୁବ ଯୋସି ଯିହୁଦା ଓ ଶିମୋନର ଭାଇ ନୁହଇ ପୁଣି
ଏହାର ଭଗିଣୀମାନେ କି ଅମ୍ଭମାନଙ୍କର ସଙ୍ଗରେ ଏଠାରେ ନାହାନ୍ତି ଏପରି
ସେମାନେ ତାହାଙ୍କର ଲାଗି ବିରକ୍ତ ହେଲେ । ତେଣୁ ଯୀଶୁ ସେମାନଙ୍କୁ ୪
କହିଲେ ଆପଣା ଦେଶରେ ଓ ଆପଣା ପରିବାର ଓ କୁଟୁମ୍ବର ମଧ୍ୟ ବିନୁ
ଆଉ କେବେହେଁ ଭବିଷ୍ୟତ୍ରବକ୍ତାର ହତାଦର ନୁହଇ । ପୁଣି ସେମାନଙ୍କର ୫
ଅବିଶ୍ୱାସ ସକାଶେ ସେ ଆଶ୍ଚର୍ଯ୍ୟ ଜ୍ଞାନ କରି କେବଳ ଥୋକାୟେ ବ୍ୟାଧିଗ୍ରସ୍ତ
ଲୋକର ଗାତ୍ର ଛୁଁଇ ସେମାନଙ୍କୁ ସୁସ୍ଥ କରିବା ବିନୁ ସେସ୍ଥାନରେ ଆଉ ୬
କୌଣସି ଆଶ୍ଚର୍ଯ୍ୟ କର୍ମ କରି ନ ପାରିଲେ ।

ତହୁଁ ସେ ଚାରି ଆଡର ଗ୍ରାମରେ ଭ୍ରମଣ କରି ଉପଦେଶ ଦେଲେ । ପୁଣି ୭
ଦ୍ୱାଦଶ ଶିଷ୍ୟଙ୍କୁ ଡାକି ଅପବିତ୍ର ଭୂତଗଣକୁ ବଶୀଭୂତ କରିବାର ଶକ୍ତି ପ୍ରଦାନ
କରି ଦୁଇ୍ୟ ଜଣ କରି ସେମାନଙ୍କୁ ପଠାଇଲେ । ଆଉ ସେ ଆଜ୍ଞା କଲେ ତୁମ୍ଭେ ୮
ମାନେ ବାଟର ନିମନ୍ତେ ଝୋଲି କି ରୋଟୀ କି ଗାଁଜିୟାରେ ଟଙ୍କା ଏମନ୍ତ ଏକ୍ୟ ୯
ଯଷ୍ଟି ବିନୁ କିଛି ସମ୍ବଳ ନ ନିଅ ତୁମ୍ଭେମାନେ ପାଦରେ ପାଦୁକା ଦିଅ ପୁଣି
ଦୁଇ ଉତ୍ତରୀୟ ବସ୍ତ୍ର ନ ପିନ୍ଧି । ସେ ଆହୁରି କହିଲେ ତୁମ୍ଭେମାନେ ଯେ୍ୟ ୧୦
ସ୍ଥାନରେ ଯାହାର ଗୃହରେ ପ୍ରବେଶ ହେବ ସେ ସ୍ଥାନକୁ ଛାଡିବା ପର୍ଯ୍ୟନ୍ତେ
ସେହି ଗୃହରେ ଥାଅ । ମାତ୍ର କେହି ଯେବେ ତୁମ୍ଭମାନଙ୍କୁ ଅତିଥି ନ କରନ୍ତି ୧୧
ପୁଣି ତୁମ୍ଭମାନଙ୍କର କଥା ନ ଶୁଣନ୍ତି ତେବେ ସେଠାରୁ ଯିବା ସମୟରେ ସେ
ମାନଙ୍କର ବିରୁଦ୍ଧର ସାକ୍ଷ୍ୟ ହେବାର ନିମନ୍ତେ ଆପଣା ପାଦର ଧୂଳି ଝାଡି
ଦିଅ ଅମ୍ଭେ ତୁମ୍ଭମାନଙ୍କୁ ସତ୍ୟ ବୋଲି ବିଚାର ଦିନରେ ସେହି ନଗରର ୧୨
ଦଶାରୁ ସିଦୋମ ଓ ଅମୋରାର ଦଶା ସହଜ ହେବ । ଅନନ୍ତରେ ସେମା
ନେ ପ୍ରସ୍ଥାନ କରି ଲୋକମାନେ ଯେଉଁ ମନ ଫେରାନ୍ତି ଏହି କଥା ପ୍ରଚାର
କଲେ । ପୁଣି ଅନେକ୍ ଭୂତକୁ ଛଡାଇଲେ ଓ ତୈଳ ମଖାଇ ଅନେକ୍ ୧୩
ଅସୁସ୍ଥ ଲୋକକୁଂ ସୁସ୍ଥ କଲେ ।

ଏହିଛିପେ ଚତୁର୍ଦ୍ଦିଗରେ ତାହାଙ୍କର ସୁଖ୍ୟାତି ବ୍ୟାପ୍ତ ହେବାରେ ହେରୋଦ ୧୪
ରାଜା ତାହା ଶୁଣି କହିଲା ଯୋହନ ଡୁବକ ମୃତ୍ୟୁରୁ ଉଠିଅଛି ଏହି ନିମ
ନ୍ତେ ତାହାଠାରୁ ଏହି ସମସ୍ତ ଅଦ୍ଭୁତ କ୍ରିୟା ପ୍ରକାଶ ହେଉଅଛି । ପୁଣି ଆଉ ୧୫
ମାନେ କହିଲେ ଏହି ଜନ ଏଲିୟ ପୁଣି କେହି୍ୟ କହିଲେ ଏହି ଏକଜଣ ଭବି
ଷ୍ୟତ୍ରବକ୍ତା କିଅବା ଭବିଷ୍ୟତ୍ରବକ୍ତାମାନଙ୍କର ମଧ୍ୟରେ କୌଣସି ଏକ ଜଣର
ସଦୃଶ । ମାତ୍ର ହେରୋଦ ଏହା ଶୁଣି କହିଲା ଅମ୍ଭେ ଯାହାର ମସ୍ତକ ଛେଦନ ୧୬
କରିଅଛୁଁ ସେହି ଯୋହନ ଏହି ସେ ମୃତ୍ୟୁରୁ ଉଠିଅଛି । ପୂର୍ବରେ ହେ ୧୭

ହେରୋଦ ଆପଣା ଭାଇ ଫିଲପର ସ୍ତ୍ରୀ ହେରୋଦୀୟାକୁ ବିବାହ କରିବାରେ ଯୋ
ହନ ହେରୋଦକୁ କହି ଥିଲା ଆପଣା ଭାଇର ବଧୂକୁ ଗ୍ରହଣ କରିବାର କର୍ତ୍ତବ୍ୟ
୧୮ ନୋହେ । ଏହି ନିମନ୍ତେ ରାଜା ଲୋକ ପଠାଇ ଯୋହନକୁ ଧରାଇ ବନ୍ଦ
୧୯ ଘରରେ ବନ୍ଦ କରିଥିଲା । ପୁଣି ହେରୋଦୀୟା ସେ ଯୋହନର ପ୍ରତି ହିଂସା
୨୦ କରି ତାହାକୁ ବଧ କରିବାକୁ ମାନସ କରି ଥିଲା ମାତ୍ର ନ ପାରିଲା ଯେହେତୁ
ହେରୋଦ ତାହାକୁ ଧାର୍ମିକ ଓ ସତ୍ୟ ପୁରୁଷ ଜାଣି ମାନ୍ୟ କରି ରକ୍ଷା କରନ୍ତା।
ପୁଣି ତାହାର କଥା ଶୁଣି ଉଦନୁସାରେ ଅନେକ କର୍ମ କରି ଦୁଃଖ ମନରେ
୨୧ ତାହାକୁ ଶ୍ରବଣ କରନ୍ତା । ପୁଣି ହେରୋଦ ଯେଉଁବେଳେ ଆପଣାର ଜନ୍ମ
ଦିନରେ ପ୍ରଧାନ ମନୁଷ୍ୟ ଓ ସେନାପତ୍ତିଗଣ ଓ ଗାଲିଲୀ ଦେଶର ଶ୍ରେଷ୍ଠ ଲୋ
୨୨ କମାନଙ୍କର ନିମନ୍ତେ ଏକ ଭୋଜ କଲା ସେହି ଶୁଦ୍ଧ ଦିନରେ ହେରୋଦୀୟାର
କନ୍ୟା ଆସି ସେମାନଙ୍କର ସାକ୍ଷାତରେ ନୃତ୍ୟ କରି ହେରୋଦର ପୁଣି ତାହାର
ସଙ୍ଗରେ ଉପବିଷ୍ଟ ଜନମାନଙ୍କର ସନ୍ତୋଷ ଜନ୍ମାଇଲା ଇହାଁରେ ରାଜା କନ୍ୟାକୁ
୨୩ କହିଲା ଆମ୍ଭଠାରେ ଯାହା ମାଗ ତାହା ତୁମ୍ଭକୁ ଦେବା । ପୁଣି ସେ ଶପଥ କରି
କହିଲା ଯେବେ ଅର୍ଦ୍ଧେକ ରାଜ୍ୟ ପର୍ଯ୍ୟନ୍ତ ମାଗ ତାହାଯ ତୁମ୍ଭକୁ ଦେବା ।
୨୪ ଏଣୁ ସେ ବାହାରେ ଯାଇ ଆପଣା ମାତାକୁ ପଚାରିଲା ଆମ୍ଭେ କ ମାଗିବା ।
୨୫ ଇହାଁରେ ସେ କହି ଦେଲା ଯୋହନ ଡୁବକର ମୁଣ୍ଡ । ପୁଣି ସେ ତୁରନ୍ତେ
ରାଜାର ନିକଟରେ ଆସି ମାଗି କହିଲା ଏହିକ୍ଷଣି ଯୋହନ ଡୁବକର ମସ୍ତକ ଏକ
୨୬ ଥାଳିରେ କରି ଆମ୍ଭକୁ ଦିଅ । ରାଜା ଇହାଁରେ ଅତି ଦୁଃଖିତ ହେଲା ତେବେ
ହେଁ ଆପଣା ଶପଥ ସକାଶେ ପୁଣି ଭୋଜନୋପବିଷ୍ଟ ସଙ୍ଗିମାନଙ୍କର ସକାଶେ
୨୭ ତାହା ନାସ୍ତି କରିବାକୁ ନ ପାର ସେହିକ୍ଷଣି ଜଣେ ଘାତକକୁ ପଠାଇ ଯୋ
୨୮ ହନର ମସ୍ତକ ଆଣିବାକୁ ଆଜ୍ଞା ଦେଲା । ତେଣୁ ସେ କାରାଘରେ ଯାଇ ତାହାର
ମସ୍ତକ ଛେଦନ କରି ଖଣ୍ଡେ ଥାଳିରେ ଥୋଇ ତାହା ଆଣି ସେହି କନ୍ୟାକୁ
୨୯ ଦେଲା ପୁଣି କନ୍ୟା ତାହା ଆପଣା ମାତାକୁ ଦେଲା । ଏଥିଁ ଯୋହନର ଶିଷ୍ୟ
ଗଣ ଏହି ସଂବାଦ ପାଇ ଆସି ତାହାର ଶବ ଉଠାଇ ନେଇ କବର
ଦେଲେ ।

୩୦ ଉଦନନ୍ତରେ ପ୍ରେରିତମାନେ ଯୀଶୁର ନିକଟରେ ଅସି ଯାହା ଯାହା କରିଥିଲେ
ଓ ଶିଖାଇଥିଲେ ସେ ସମସ୍ତ ବିଷୟର ସଂବାଦ ତାହାଙ୍କୁ ଦେଲେ । ଇହାଁ ସେ
୩୧ କହିଲେ ତୁମ୍ଭେମାନେ ଅଲଗା ହୋଇ ଏକ ନିର୍ଜ୍ଜନ ସ୍ଥାନରେ ଯାଇ କିଛୁ କାଳ
ବିଶ୍ରାମ କର ଯେଣୁ ତାହାଙ୍କର ନିକଟରେ ଏତେ ଲୋକର ଯିବା ଆସିବା ଥିଲା
୩୨ ଯେ ସେମାନେ ଭୋଜନ କରିବାର ଅବକାଶ ନ ପାଇଲେ । ଏନିମନ୍ତେ ସେମା
୩୩ ନେ ନୌକାରେ ଏକ ନିର୍ଜ୍ଜନ ସ୍ଥାନକୁ ଗୁପ୍ତରୂପେ ଗଲେ । ପୁଣି

ଲୋକମାନେ ସେମାନଙ୍କର ସ୍ଥାନାନ୍ତରେ ଯିବାର ଦେଖନ୍ତେ ଅନେକେ ଡା
ହାଙ୍କୁ ଚିହ୍ନି ସମସ୍ତ ନଗରରୁ ପାଦ ଗତିରେ ଦୌଡି ସେମାନଙ୍କର ଆଗେ
ଯାଇ ଯୀଶୁର ନିକଟରେ ଉପସ୍ଥିତ ହେଲେ । ଏଣୁ ସେ ନୌକାର ବାହାର ୫୪
ହୋଇ ବହୁତଲୋକ ଗହ୍ୱଳ ଦେଖି ସେମାନଙ୍କର ପ୍ରତି କରୁଣା ଯୁକ୍ତ ହେଲେ
ଯେହେତୁଃ ସେମାନେ ଅରକ୍ଷକ ମେଷର ନ୍ୟାୟ ଥିଲେ ପୁଣି ସେ ନାନା ·
ପ୍ରସଙ୍ଗରେ ସେମାନଙ୍କୁ ଉପଦେଶ ଦେଲେ ।

ଉହିଁ ଦବସ ଅବସାନ ହେଲା ଶିଷ୍ୟଗଣ ଅସି ଯୀଶୁକୁ କହିଲେ ଏହି ଅତି ୫୫
ନର୍ଜ୍ଜନ ସ୍ଥାନ ପୁଣି ବେଳ ଅବସାନ ହେଲା । ଏକାରଣେ ଏମାନଙ୍କୁ ବଦାୟ୍ କ ୫୬
ରନ୍ତୁ, ଏମାନେ ଚତୁର୍ଦ୍ଦିଗରେ ଗ୍ରାମରୋ ସାଇରୋ ଯାଇ ଆପଣାମାନଙ୍କର
କାରଣେ ଖାଦ୍ୟ ସାମଗ୍ରୀ କିଣନ୍ତୁ, ଏମାନଙ୍କର ସଙ୍ଗେ ଖାଦ୍ୟ ଦ୍ରବ୍ୟ କିଛି ନାହିଁ । ୫୭
ସେ ସେମାନଙ୍କୁ କହିଲେ ତୁମ୍ଭେମାନେ ଏମାନଙ୍କୁ ଭୋଜନ କରାଅ । ଏଥିରେ ୫୮
ସେମାନେ କହିଲେ ଆମ୍ଭେମାନେ ଯାଇ କି ଦୁଇ ଶହ ସୂକାର ରୋଟୀ କିଣି ଏ
ମାନଙ୍କୁ ଭୋଜନ କରାଇବା । ସେ ସେମାନଙ୍କୁ ପଚାରିଲେ ତୁମ୍ଭମାନଙ୍କର
ପାଖରେ କେତେ ରୋଟୀ ଅଛି ଯାହା ଯାଇ ଦେଖ । ଏଣୁ ସେମାନେ
ଦେଖି ତାହାକୁ କହିଲେ ପାଂଚ ଗୋଟା ରୋଟୀ ଆଉ ଦୁଇଟା ମାଛ । ତେବେ ୫୯
ସେ ଲୋକମାନଙ୍କୁ ନୂଆ ଘାସର ଉପରେ ଥାଉଁ କର ବସାଇବାକୁ ଆଜ୍ଞା
କରନ୍ତେ ଲୋକ ସମସ୍ତ ଶହେ ଶହେ ଓ ପଚାଶ ଶହେ କର ପଙ୍ତି ଭୂମିରେ ୬୦
ବସିଲେ । ତହିଁ ସେ ପାଞ୍ଚଖଣ୍ଡ ରୋଟୀ ଓ ଦୁଇଟା ମାଛ ନେଇ ସ୍ୱର୍ଗର ପ୍ରତି ଦୃଷ୍ଟି ୬୧
କର ଈଶ୍ୱରର ସ୍ତବ କଲେ ପୁଣି ସେହି ରୋଟୀ ଭାଙ୍ଗି ଲୋକମାନଙ୍କର ଅଗେ
ଥୋଇବାର ନିମନ୍ତେ ଶିଷ୍ୟମାନଙ୍କୁ ଦେଲେ ଆଉ ଦୁଇ ମାଛ ସମସ୍ତର ମଧ୍ୟ
ରେ ଭାଗ କର ଦେଲେ । ତହିଁରେ ସମସ୍ତେ ଭୋଜନ କର ତୃପ୍ତ ହୁଅନ୍ତେ ୬୨
ସେମାନେ ଅବଶେଷ ରୋଟୀରେ ଓ ମାଛରେ ବାର ଡାଲା ପୂର୍ଣ କରି ଉଠାଇ ୬୩
କେଲେ । ଏହି ରୋଟୀର ଭୋଜନ କାରୀ ପ୍ରାୟ ପାଂଚ ହଜାର ଜଣ ଥିଲେ । ୬୪

ଅନନ୍ତରେ ସେ ଲୋକମାନଙ୍କୁ ବଦାୟ୍ କରନ୍ତେ ଶିଷ୍ୟମାନଙ୍କୁ ତତ୍ତ୍ୱଣେ ୬୫
ନାବରେ ଚଢାଇଁ ଆପଣାର ଅଗେ ସେପାର ବେଥସେଦା ନଗରେ ଯିବାକୁ
ଆଜ୍ଞା କଲେ । ଆଉ ସମସ୍ତଙ୍କୁ ବଦାୟ୍ କର ଆପେ ପ୍ରାର୍ଥନା କରିବା ଅର୍ଥେ ଏକ ୬୬
ପର୍ବତକୁ ଗଲେ । ଏଥିଉତ୍ତରେ ସନ୍ଧ୍ୟାକାଳ ହେଲା ନାବ ସମୁଦ୍ରର ମଧ୍ୟରେ ୬୭
ଉପସ୍ଥିତ ହେଲା ମାତ୍ର ସେ ଏକାକୀ ହୋଇ ସେଠାରେ ରହିଲେ । ପୁଣି ୬୮
ସମ୍ମୁଖରେ ବତାସ ବହିବାରୁ ଶିଷ୍ୟମାନେ ନୌକା ବାହୀ ପରିଶ୍ରାନ୍ତ ହୋଇ
ଅଛନ୍ତି ଏହା ଦେଖି ସେ ଚତୁର୍ଥ ପ୍ରହର ରାତ୍ରିରେ ସମୁଦ୍ରର ଉପର ଦେଇ ପାଦ
ଗତିରେ ସେମାନଙ୍କର ନିକଟରେ ଅସି ସେମାନଙ୍କ ଆଗେ ଯିବାର ଉଦ୍ୟମ

୪୯ କଲେ । ପୁଣି ଶିଷ୍ୟମାନେ ସମୁଦ୍ରର ଉପରେ ତାହାକୁ ଚାଲିବାର ଦେଖି ତା
ହାକୁ ଭୂତ ଅନୁମାନ କରି ବୋବାଳି କଲେ ଯେହେତୁ ସମସ୍ତେ ତାହାକୁ
୫୦ ଦେଖି ଆକୁଳ ହେଲେ । ଏନମନ୍ତେ ଯୀଶୁ ସେହିକ୍ଷଣେ ସେମାନଙ୍କର ସଙ୍ଗେ
୫୧ ଆଳାପ କରି କହିଲେ ସୁସ୍ଥିର ହୁଅ ଏହା ଆମ୍ଭେ ଅଟୁ ନ କର । ଏଥିରେ ସେ
ନାବରେ ଚଢ଼ି ସେମାନଙ୍କର ନକଟରେ ଗଲା ଉତ୍ତାରେ ବତାସ ନିବୃତ୍ତ ହେଲା
ତେଣୁ ସେମାନେ ମନୋ ଅତ୍ୟନ୍ତ ବିସ୍ମିତ ହୋଇ ଚମତ୍କାର ଜ୍ଞାନ କଲେ ।
୫୨ ଯେହେତୁ ସେମାନେ କଠିନ ମନ ସକାଶେ ସେହି ପ୍ରଥମ ବିଷୟର ଅଶ୍ଚର୍ଯ୍ୟ
କର୍ମ୍ମ ବିବେଚନା ନ କଲେ ।
୫୩ ଏନମନ୍ତେ ସେମାନେ ପାର ହୋଇ ଗିନସିରତ୍ ଦେଶରେ ଅସି ଉତ୍ତରେ ଉପ
୫୪ ସ୍ଥିତ ହେଲେ । ପୁଣି ନାବରୁ ଓହ୍ଲାନ୍ତେ ସେ ଦେଶର ଲୋକମାନେ ତା
୫୫ ହାଙ୍କର ପରିଚୟ ପାଇ ଚତୁର୍ଦ୍ଦିଗରେ ଦୌଡ଼ି ସେଠାରେ ଯେତେ ପୀଡିତ
ଲୋକ ଥିଲେ ସମସ୍ତଙ୍କୁ ଖଟରେ ଉପର କରି ଯେ କୌଣସି ସ୍ଥାନରେ ତାହା
୫୬ ଙ୍କର ସଂବାଦ ପାଇଲେ ସେହି ସ୍ଥାନରେ ଆଣିବାକୁ ଲାଗିଲେ । ଏନମନ୍ତ
ଯେଉଁ ଗ୍ରାମରେ ଯେଉଁ ନଗରରେ ଯେଉଁ ସାଇରେ ସେ ପ୍ରବେଶିଲେ
ତାହାର ପଥ ମଧ୍ୟରେ ପୀଡିତମାନଙ୍କୁ ରଖିଲେ ପୁଣି ସେମାନେ ତାହା
ଙ୍କର ବସ୍ତ୍ରର ଦସୀ ମାତ୍ର ଯେଉଁ ଛୁଇଁ ପାରନ୍ତି ବହୁତ ଅନୁନୟ
ପ୍ରାର୍ଥନା କଲେ । ଆଉ ଯେତେ ଲୋକ ଛୁଇଁଲେ ସମସ୍ତେ ସୁସ୍ଥ
ହେଲେ ।

୭ ପଦ୍ୟ ।

୧ ଅନନ୍ତରେ ଯିରୂଶାଲମର ଆସନ୍ନା ଫାରୂଶୀଗଣ ଓ ଯୋକାପ୍ତେ ଜଣ
୨ ଅଧ୍ୟାପକ ଯୀଶୁର ନକଟରେ ଅଇଲେ ପୁଣି ତାହାଙ୍କର କେହ ଶିଷ୍ୟଙ୍କୁ
ଅଶୁଚି ହସ୍ତରେ ଅର୍ଥାତ୍ ଅଧୁଆ ହାତରେ ଭୋଜନ କରିବାକୁ ଦେଖି ସେ
୩ ମାନଙ୍କୁ ଦୋଷୀ କଲେ । ଯେହେତୁ ଫାରୂଶୀ ଓ ସବୁ ଯିହୁଦୀମାନେ
ପ୍ରାଚୀନବର୍ଗର ପରମ୍ପରା ଗତ ମାନ ହାତର ସୁଧୁଆ ନ କଲେ ଭୋଜନ ନ
୪ କରନ୍ତି । ପୁଣି ବଜାରଠାରୁ ଆସି ଡୁବ ନ ପାରିଲେ ନ ଖାଆନ୍ତି ଆଉ ଗଡୁ
ଘଣ୍ଟିଆ କଁସାଦ ପାତ୍ର ଓ ଅସନର ବୁଡାଇବାର ବ୍ୟବହାର ସେମାନଙ୍କର
୫ ଅଛି । ତେଣୁ ସେହି ଫାରୂଶୀମାନେ ଓ ଅଧ୍ୟାପକମାନେ ଯୀଶୁକୁ ପଚା
ରିଲେ ତୁମ୍ଭର ଶିଷ୍ୟମାନେ ପ୍ରାଚୀନବର୍ଗଙ୍କର ପୂର୍ବାପରାଗତ ଅନୁସାରେ
୬ ଆଚରଣ ନ କରି ଅଧୁଆ ହସ୍ତରେ ଭୋଜନ କରୁଅଛନ୍ତି କାହିଁ । ଏଥିରେ ସେ
ଉତ୍ତର କଲେ କପଟୀ ଯେ ତୁମ୍ଭେମାନେ ତୁମ୍ଭମାନଙ୍କର ବିଷୟରେ ଯିଶାଇୟ

ଭବିଷ୍ୟତ୍ରବାକ୍ୟ ଯଥାର୍ଥ କରି ବୋଲିଅଛି ଯଥା ଏହି ଲୋକମାନେ ଆପଣା ୨
ଓଷ୍ଠାଧରରେ ଆମ୍ଭକୁ ସନ୍ମାନ କରନ୍ତି ପୁଣି ସେମାନଙ୍କର ଅନ୍ତଃକରଣ ଆମ୍ଭ
ଠାରୁ ଦୂରରେ ଥାୟେ । ସେମାନେ ମନୁଷ୍ୟ ନିଉପିତ ବିଧି ଆଜ୍ଞାପରି ଶିକ୍ଷାଇ ୭
ଆମ୍ଭକୁ ବୃଥା ଭଜନା କରନ୍ତି । ତୁମ୍ଭେମାନେ ଗଡ଼ ତାଟିୟାଦି ଜଳେ ବୁଡାଇ ୮
ମନୁଷ୍ୟର ପୂର୍ବାପରଭୀତି ରକ୍ଷା କରୁଅଛ ପୁଣି ଈଶ୍ୱରଙ୍କ ଆଜ୍ଞା ଅମାନ୍ୟ
କରୁଅଛ ଆଉ ଏମନ୍ତ ଅନେକୀ କ୍ରିୟା କରୁଥାଅ । ଆହୁରି ସେ କହିଲେ ୯
ତୁମ୍ଭେମାନେ ଆପଣା ପୂର୍ବାପରଭୀତି ରକ୍ଷାର ନିମନ୍ତେ ନିତାନ୍ତରୂପେ
ଈଶ୍ୱରଙ୍କ ଆଜ୍ଞା ଅଗ୍ରାହ୍ୟ କରୁଅଛ ଯେହେତୁ ମୋଶା କହିଅଛି ଆପଣା ୧୦
ପିତା ମାତାକୁ ସନ୍ମାନ କର ଆଉ ଯେ କେହି ପିତା ମାତାକୁ ନିନ୍ଦା କରଇ ସେ
ନିଶ୍ଚେଁ ମରୁ । ପୁଣି ତୁମ୍ଭେମାନେ କହୁଅଛ କେହି ଯେବେ ଆପଣା ପିତା କି ୧୧
ମାତାକୁ ବୋଲଇ ଆମ୍ଭର ଯେ କୌଣସି ବିଷୟରୁ ତୁମ୍ଭର ଉପକାର ହୁଅନ୍ତା
ତାହା କର୍ବାନ ଅର୍ଥାତ୍ର ନିବେଦିତ ହୋଇଅଛି ତେବେ ତାହାକୁ ତୁମ୍ଭେମାନେ ୧୨
ଆଉ ପିତା ମାତାର ଉପକାର କରିବାକୁ ନ ଦିୟ । ଏହିରୂପେ ଆପଣାମାନଙ୍କର ୧୩
ପ୍ରଚାରିତ ପୂର୍ବାପରଭୀତିରେ ତୁମ୍ଭେମାନେ ଈଶ୍ୱରଙ୍କ ଆଜ୍ଞାକୁ ନିରର୍ଥକ କରୁ
ଅଛ ଆଉ ଏମନ୍ତ ଅନେକୀ କର୍ମ୍ମ କରୁଥାଅ ।

ତଦନନ୍ତରେ ସେ ଲୋକ ସମସ୍ତଙ୍କୁ ଡାକି କହିଲେ ତୁମ୍ଭେମାନେ ପ୍ରତ୍ୟେକ ୧୪
ଜଣ ଆମ୍ଭର କଥା ଶୁଣ ଓ ବୁଝ । ବାହାରରୁ ଅନ୍ତରେ କୌଣସି ପ୍ରବେ ୧୫
ଶିବା ଦ୍ରବ୍ୟ ମନୁଷ୍ୟକୁ ଅପବିତ୍ର କରିବାକୁ ନ ପାରଇ ମାତ୍ର ଅନ୍ତରୁ ଯେ ବାହା
ରଇ ତାହି ମନୁଷ୍ୟକୁ ଅପବିତ୍ର କରଇ । ଯାହାର ଶୁଣିବାକୁ କର୍ଣ ଅଛି ସେ ୧୬
ଶୁଣୁ । ପୁଣି ସେ ଲୋକମାନଙ୍କୁ ଛାଡ଼ି ଗୃହ ମଧ୍ୟରେ ପ୍ରବେଶ ହୁଅନ୍ତେ ଶିଷ୍ୟ ୧୭
ମାନେ ଏହି ପଟାନ୍ତରର ତାତ୍ପର୍ଯ୍ୟ ପଚାରିଲେ । ତହିଁରେ ସେ କହିଲେ ତୁମ୍ଭେମା ୧୮
ନେଇ କି ଏମନ୍ତ ଅବୋଧ । କୌଣସି ବସ୍ତୁ ବାହାରରୁ ମନୁଷ୍ୟର ଅନ୍ତରେ
ପ୍ରବେଶ ହୋଇ ମନୁଷ୍ୟକୁ ଅପବିତ୍ର କରିବାକୁ ନ ପାରଇ ଏହି କଥା କି ନ
ବୁଝ । ସେ ତାହାର ଅନ୍ତଃକରଣରେ ପ୍ରବେଶ ନୋହି ଉଦରରେ ପଶଇ ୧୯
ଶେଷରେ ସବୁ ଭୁକ୍ତ ଦ୍ରବ୍ୟ ଗ୍ରହଣକାରି ବାହ୍ୟ ସ୍ଥାନରେ ବାହାର ହୁଅଇ ।
ସେ ଆହୁରି କହିଲେ ମନୁଷ୍ୟରୁ ଯାହା ବାହାର ହୁଅଇ ତାହାଇ ମନୁଷ୍ୟକୁ ୨୦
ଅପବିତ୍ର କରଇ । ଯେହେତୁ ଅନ୍ତରୁ ଅର୍ଥାତ୍ର ମନୁଷ୍ୟମାନଙ୍କର ମନରୁ କୁ ୨୧
ଚିନ୍ତା ପରଦାର ବେଶ୍ୟାଗମନ ନରହତ୍ୟା ଚୋରି ଲୋଭ ଦୁଷ୍ଟତା ପ୍ରବଞ୍ଚନା ୨୨
ଲୋଚାପଣ କୁଦୃଷ୍ଟି ଈଶ୍ୱରନିନ୍ଦା ଅହଙ୍କାର ଶ୍ଳାଘା ଇତ୍ୟାଦି ବାହାର
ହୁଅଇ । ପୁଣି ଏହି ସମସ୍ତ ମନ୍ଦ ବିଷୟ ଅନ୍ତରୁ ବାହାର ହୋଇ ମନୁଷ୍ୟକୁ ୨୩
ଅପବିତ୍ର କରଇ ।

୨୪ ତହନନ୍ତରେ ସେ ଉଠି ସୋର ଓ ସୀଦୋନ ନଗରର ସୀମାରେ ଗମନ
କଲେ ପୁଣି ସେହି ସ୍ଥାନରେ ଗୋଟାଏ ଗୃହରେ ପ୍ରବେଶି ସମସ୍ତର ଅଜ୍ଞାତ
୨୫ ହୋଇ ଥିବାକୁ ମନ କଲେ ମାତ୍ର ଗୁପ୍ତରେ ଥିବାକୁ ନ ପାରଲେ । ଯେ
ହେତୁ ସୁରଫିନିକୀ ଦେଶର ଗ୍ରୀକ ବଂଶଜାତ ଜଣେ ସ୍ତ୍ରୀର ଏକ ଭୂତଗ୍ରସ୍ତ କ୍ଷୁ
୨୬ ଦ୍ରିକା ଥିଲା । ସେ ସ୍ତ୍ରୀ ତାହାଙ୍କ ସମାଗମ ପାଇ ତାହାଙ୍କ ନକଟରେ ଆସି ତାର
ଶରେ ପଡ଼ି ଅପଣା କାନ୍ଦିକାଠାରୁ ଭୂତକୁ ଛଡାଇବାକୁ ତାହାଙ୍କୁ ବନତ
୨୭ କଲା । ପୁଣି ଯୀଶୁ ତାହାକୁ କହିଲେ ପ୍ରଥମରେ ବାଳକମାନେ ତୃପ୍ତ ହେ
ଉନ୍ତୁ ଯେହେତୁ ବାଳକମାନଙ୍କ ଖାଦ୍ୟ ଦ୍ରବ୍ୟ ନେଇ କୁକୁରମାନଙ୍କଠାରେ
୨୮ ପକାଇ ଦେବାର ଅକର୍ତ୍ତବ୍ୟ । ସେ ସ୍ତ୍ରୀ ଉତ୍ତର ଦେଇ କହିଲା ହେ ପ୍ରଭୁ
ସେ ସତ୍ୟ ତଥାପି କୁକୁରମାନେ ମେଜତଳେ ଥାଇ ବାଳକମାନଙ୍କର ଅଇଂ
୨୯ ଠା ଖାଅନ୍ତି । ସେ ତାକୁ କହିଲେ ଏହି କଥା ସକାଶେ କୁଶଳରେ ଯାଅ
୩୦ ଭୂତ କନ୍ୟାଠାରୁ ଭୂତ ଛଡ଼ ଯାଇଅଛି । ଏଥିରେ ସେ ସ୍ତ୍ରୀ ଘରକୁ ଗଲେ
ଆପଣା କନ୍ୟାକୁ ଭୂତରୁ ଛଡା ହୋଇ ଶଯ୍ୟାରେ ଶୋଇ ଥିବାର ଦେଖିଲା ।
୩୧ ପୁନଶ୍ଚ ସେ ସୋର ଓ ସୀଦୋନ ସୀମା ଛଡ଼ ଦକାପଲି ଦେଶର ମଧ୍ୟ
୩୨ ଭାଗ ଦେଇ ଗାଲିଲୀ ସାଗରର କଡରେ ବାହୁଡଲେ । ଏଥିରେ ଲୋକ
ମାନେ ଏକ ବଧିର ଓ ଘୁଙ୍ଗା ମନୁଷ୍ୟକୁ ତାହାଙ୍କର ନକଟରେ ଆଣି ତାହାର
୩୩ ଗାତ୍ରରେ ହସ୍ତାର୍ପଣ କରିବାକୁ ବନତ କଲେ । ଯୀଶୁ ଲୋକ ସମୂହର ତା
ହାକୁ ନର୍ଜ୍ଜନରେ ଘେନ ଅପଣା ଅଙ୍ଗୁଳୀ ତାହାର ଦୁଇ କର୍ଣରେ ଦେଲେ ଓ
୩୪ ଥୁେପ ଦେଇ ତାହାର ଜିହ୍ୱା ଛୁଁଇଲେ । ପୁଣି ସ୍ୱର୍ଗର ଆଡେ ଦୃଷ୍ଟି କର ଦୀର୍ଘ
୩୫ ନିଶ୍ୱାସ ଛଡ଼ ତାହାକୁ କହିଲେ ଇଫ୍ଫଥାଃ ଅର୍ଥାତ୍ ଫିଟ୍ଟା ଯାଉ । ସେହି
କ୍ଷଣେ ତାହାର କର୍ଣ ମୁକୁଳା ହେଲା ଓ ଜିହ୍ୱାର ବନ୍ଧା ଛଡ଼ ଯିବାରୁ
୩୬ ସେ ସୁସ୍ପଷ୍ଟରୂପରେ କଥା କହିଲା । ପୁଣି ସେ ସେମାନଙ୍କୁ ଦୃଢ଼ ଆଜ୍ଞା କଲେ
ତୁମ୍ଭେମାନେ ଏକଥା କାହାକୁରି ନ କହ ମାତ୍ର ସେ ଯେତେ ନଷେଧ କଲେ
୩୭ ତେତେ ସେମାନେ ବାହୁଲ୍ୟରୂପରେ ପ୍ରଚାର କଲେ । ଅତି ଅଦ୍ଭୁତ
ହୋଇ ସେମାନେ ଏକକୁଆରେକ କହିଲେ ସେ ବଧିରକୁ ଶୁଣିବାକୁ ପୁଣି
ଘୁଙ୍ଗାକୁ କହିବାକୁ ଦେଇ ଉତ୍ତମରୂପରେ ସବୁ କର୍ମ କଲେ ।

## ୮ ପର୍ବ ।

୧ ଏହି ସମୟରେ ତାହାଙ୍କ କଡରେ ଅନେକ ଲୋକ ଅଛନ୍ତେ ପୁଣି ସେମା
ନଙ୍କର ନକଟରେ କିଛି ଖାଦ୍ୟ ସାମଗ୍ରୀ ନ ଥିବାରୁ ଯୀଶୁ ଶିଷ୍ୟମାନଙ୍କୁ ଡାକି
୨ କହିଲେ ଏହି ସମସ୍ତ ଲୋକର ପ୍ରତି ମମତା ହେଉଅଛି ଯେଣୁ ସମା

ନେ ଛନ ଦନ ଆମ୍ଭର ସଙ୍ଗେ ଅଛନ୍ତି ଓ ଏମାନଙ୍କଠାରେ କଛ ଖାଦ୍ୟ
ସାମଗ୍ରୀ ନାହିଁ । ପୁଣି ଏମାନଙ୍କ ମଧ୍ୟରେ ବହୁତ ଲୋକ ଅନେକ ଦୂରରୁ ୩
ଅସି ଅଛନ୍ତି ଏଣୁ ଏମାନଙ୍କୁ ଅନାହାରରେ ଘରକୁ ବଦାୟ କଲେ ବାଟରେ
କ୍ଳାନ୍ତ ହେବେ । ଶିଷ୍ୟମାନେ କହିଲେ ଏହି ଅରଣ୍ୟରେ ଏମାନଙ୍କର ତୃପ୍ତ ୪
ହେବା ପାଁଇ ରୋଟୀ କେଉଁଠାରୁ ପାଇବା । ସେ ପଚାରିଲେ ତୁମ୍ଭମାନଙ୍କ ୫
ଠାରେ କେତେ ରୋଟୀ ଅଛ ସେମାନେ କହିଲେ ସାତ ଗୋଟା । ତହୁଁ ଲୋ
କମାନଙ୍କୁ ଭୂମିରେ ବସିବାକୁ ଆଜ୍ଞା ଦେଇ ସେ ସାତ ରୋଟୀ ନେଇ ଈଶ୍ୱରର
ସ୍ତବ କର ଭାଙ୍ଗି ପରସିବା ନମନ୍ତେ ଶିଷ୍ୟମାନଙ୍କୁ ଦେଲେ ତହିଁରେ ସେମା
ନେ ଲୋକମାନଙ୍କୁ ପରସିଲେ । ପୁଣି ସେମାନଙ୍କର ନକଟରେ ଯେ ଅଳ୍ প ୭
ସାନ ମାଛ ଥିଲ ତାହା ନେଇ ଈଶ୍ୱରଙ୍କୁ ସ୍ତବ କର ପରସିବାକୁ ଆଜ୍ଞା ଦେ
ଲେ । ଏଥିରେ ଲୋକମାନେ ଭୋଜନ କର ତୃପ୍ତ ହେଲେ ସେମାନେ ଶେଷ ୮
ଅଇଁଠାରେ ସାତ ଡାଲ ପୂର୍ଣ କର ତୋଳି ନେଲେ । ଏମନ୍ତ ପ୍ରାୟେ ଚାରି ୯
ହଜାର ଲୋକ ଭୋଜନକାରୀ ଥିଲେ ପୁଣି ସେ ସେମାନଙ୍କୁ ବଦାୟ କଲେ ।

ତଦନନ୍ତରେ ସେ ଶିଷ୍ୟଗଣର ସଙ୍ଗେ ନାବ ଅରୋହଣ କର ଦଲମନୁଥା ୧୦
ଦେଶର ସୀମାରେ ଅଗମନ କଲେ । ତହିଁ ଫାରୂଶିମାନେ ଅସି ତାହାଙ୍କର ୧୧
ସଙ୍ଗେ ବାଦାନୁବାଦ କର ପରୀକ୍ଷାର ନମନ୍ତେ ତାହାଙ୍କ ନକଟରେ ଅକାଶରେ
ଏକ ଚିନ୍ହ ଦେଖିବାକୁ ମାଗିଲେ । ତେଣୁ ସେ ଅନ୍ତରେ ଦୀର୍ଘ ନଶ୍ୱାସ ପ୍ରଭୁ ୧୨
କହିଲେ ଏହି ଲୋକମାନେ ଏକ ଚିନ୍ହ ଦେଖିବାକୁ କାଁ। ଚେଷ୍ଟା କରନ୍ତି
ଆମ୍ଭେ ତୁମ୍ଭମାନଙ୍କୁ ସତ୍ୟ ବୋଲି ଏହି ବର୍ତ୍ତମାନ ଲୋକମାନଙ୍କୁ କୌ
ଣସି ଚିନ୍ହ ଦେଖା ନ ଯିବ । ପୁଣି ସେ ସେମାନଙ୍କୁ ପ୍ରଭୁ ପୁନର୍ବାର ନାବରେ ୧୩
ଚଢ଼ି ଅନ ପାରରେ ପ୍ରସ୍ଥାନ କଲେ । ଏଥିମଧ୍ୟରେ ଶିଷ୍ୟଗଣ ରୋଟୀ ନେ ୧୪
ବାକୁ ପାଶୋରନ୍ତେ ନୌକାରେ କେବଳ ଏକ ରୋଟୀ ମାତ୍ର ସେମାନଙ୍କଠା
ରେ ଥିଲ । ତେତେବେଳେ ଯୀଶୁ ସେମାନଙ୍କୁ ଆଜ୍ଞା କଲେ ସତର୍କ ହୋଇ ୧୫
ଫାରୂଶିଗଣ ଓ ହେରୋଦର ତାଉର ବଷୟରେ ସାବଧାନ ହୁଅ । ସେମା ୧୬
ନେ ଏଥିରେ ଏକାଠାରେକ ବବେଚନା କର କହିଲେ ଆମ୍ଭମାନଙ୍କର ରୋଟୀ
ନ ଥିବାରୁ ସିନା କହୁଛନ୍ତି । ଯୀଶୁ ତାହା ବୁଝି ସେମାନଙ୍କୁ କହିଲେ ତୁମ୍ଭ ୧୭
ମାନଙ୍କଠାରେ ରୋଟୀ ନ ଥିବାରେ କାଁ। ଏମନ୍ତ ଚର୍କଣା କରୁଅଛ କ
ଅଦ୍ୟାପି କଛ ନ ଜାଣ ଓ ବୁଝିବାକୁ ନ ପାର । ଏତେବେଳ ପର୍ଯ୍ୟନ୍ତ କ ୧୮
ତୁମ୍ଭମାନଙ୍କର ମନ କଠିଣ ଅଛ ଚକ୍ଷୁ ଥାଉଁ କ ନ ଦେଖ କର୍ଣ ଥାଉଁ କ
ନ ଶୁଣ ଆଉ ହେଜ ନ ରଖ । ଆମ୍ଭେ ଯେତେବେଳେ ପାଞ୍ଚ ରୋଟୀ ପାଞ୍ଚ ୧୯
ସହସ୍ର ଲୋକର ମଧ୍ୟରେ ଭାଙ୍ଗି ଦେଲୁଁ ତେତେବେଳେ ତୁମ୍ଭେମାନେ

ଉଗୁଳିବାର କେତେ ଡାଲ ଉଠାଇ ନେଲ ସେମାନେ କହିଲେ ବାର
୭ ୟାର ପ୍ରସବର ସମୟ ପୂର୍ଣ ହେଲା । ମାଏ ଉତୁରବା ଗୁହାରେ ସେମାନଙ୍କ
ପାଇଁ ସ୍ଥାନ ନ ଅଛିବାରୁ ସେ ଆପଣା ପ୍ରଥମ ସନ୍ତାନକୁ ପ୍ରସବ କର ତାକୁ
ନୁଗାରେ ଗୁଡାଇ ଗୁହାଲ କୁଣ୍ଡରେ ଥୋଇଲା ।
୮ ଆଉ ସେହି ପ୍ରଦେଶରେ ଥୋକାପ୍ୟେ ମେଣ୍ଢା ପାଳକଗଣ ଆପଣା ଗୋଠ
୯ ରକ୍ଷା ନମନ୍ତେ ରାତ୍ରିକାଳେ ପଦାରେ ପାଳି କରି ଜଗୁ ଥିଲେ । ହଠାତ

ସେମାନଙ୍କର ନକଟରେ ଈଶ୍ୱରଙ୍କର ଏକ ଦୂତ ଅସି ପ୍ରବେଶ ହୋଇ ଗୃହ ମା
ଙ୍କେ ଈଶ୍ୱରୀୟ ତେଜ ପ୍ରକାଶ ହେଲା ଏଣୁ ସେମାନେ ଅତି ଶୟ ଭୟ ପାଇ
ଲେ । ଏଥିରେ ସେ ଦୂତ କହିଲା ଭୟ ନ କର ଦେଖ ଆମ୍ଭେ ସମସ୍ତ ଲୋକ ୧୦
ମାନଙ୍କର ଅତ୍ୟନ୍ତ ଆନନ୍ଦଜନକ ସୁସମାଚାର ତୁମ୍ଭମାନଙ୍କୁ ଜଣାଇ । ଯେଣୁ ୧୧
ଆଜି ଦାଉଦର ନଗରରେ ତୁମ୍ଭମାନଙ୍କର ନମନ୍ତେ ତ୍ରାଣକର୍ତ୍ତା ପ୍ରଭୁ ଯେ ସେ ଜ୍ମି
ଜନ୍ମ ଅଛନ୍ତି । ତୁମ୍ଭେମାନେ ଯାଇ ସେ ବାଲକକୁ ନୁଗାରେ ଗୁଡ଼ାଇ ୧୨
ଏକ ଗୁହାଲ କୁଣ୍ଡେ ଶୋଇ ଥିବାର ଦେଖିବ ତୁମ୍ଭମାନଙ୍କର ପ୍ରତି ଏହା ଚିହ୍ନ
ହେବ । ସେହିକ୍ଷଣି ଦୂତର ସଙ୍ଗରେ ସ୍ୱର୍ଗର ବାହିନୀ ଉପସ୍ଥିତ ହୋଇ ଈଶ୍ୱର ୧୩
ଙ୍କର ଗୁଣାନୁବାଦ କରି କହିଲେ ସର୍ବୋପରସ୍ଥ ଈଶ୍ୱରଙ୍କର ପ୍ରତି ମହିମା ୧୪
ପୃଥିବୀରେ ଶାନ୍ତି ଓ ମନୁଷ୍ୟମାନଙ୍କଠାରେ ମଙ୍ଗଳ ହେଉ ।

ଦୂତଗଣ ସେମାନଙ୍କଠାରୁ ସ୍ୱର୍ଗକୁ ଗଲାଉତ୍ତାରି ମେଷପାଳକମାନେ ଏକକୁ ୧୫
ଅରେକ କହିଲେ ଆସ ଆମ୍ଭମାନଙ୍କୁ ପ୍ରଭୁ ପରମେଶ୍ୱର ଯେଉଁ ଘଟଣାର
ବିଷୟ ଜଣାଇଅଛନ୍ତି ତାହା ଦେଖି ବେହ୍ଲହମ ନଗରକୁ ଯାଉଁ ।
ଏଣୁ ସେଠାକୁ ଶୀଘ୍ର ଯାଇ ମାରିୟାକୁ ଓ ଯୁଷଫକୁ ପୁଣି କୁଣ୍ଡରେ ଶୋଇଲା ର ୧୭
ବାଲକକୁ ଯାଇଲେ । ଏମନ୍ତ ଦେଖି ବାଲକର ବିଷୟରେ କହିତ ସମସ୍ତ ୧୭
କଥା ସେମାନେ ପ୍ରକାଶ କଲେ । ତହିଁରେ ମେଣ୍ଢାପାଳକଗଣର ମୁଖରୁ ସେହି ୧୮
ପ୍ରସଙ୍ଗ ଶୁଣି ସମସ୍ତ ଲୋକ ଆଶ୍ଚର୍ଯ୍ୟଜ୍ଞାନ କଲେ । ପୁଣି ମାରିୟା ଏହି ଘଟଣାର ୧୯
ମର୍ମ ବିବେଚନା କରି ମନେ ମନେ ରଖିଲେ । ଏମନ୍ତ ଦୂତର ଜଣାଇଲା ୨୦
ଅନୁସାରେ ଶୁଣିବାକୁ ଓ ଦେଖିବାକୁ ପାଇ ମେଣ୍ଢାପାଳକଗଣ ଈଶ୍ୱରଙ୍କର
ଗୁଣାନୁବାଦ ଓ ଧନ୍ୟବାଦ କରିଁ ବାହୁଡ଼ି ଗଲେ ।

ଏଉତ୍ତାରି ବାଲକର ସୁନ୍ନତ ସମୟରେ ଅଷ୍ଟମ ଦିବସ ଉପସ୍ଥିତ ହୁଅନ୍ତେ ୨୧
ତାହାର ଗର୍ଭସ୍ଥ ହେବାର ପୂର୍ବରେ ଦୂତ ଯେମନ୍ତ ଆଜ୍ଞା କରିଥିଲା ସେହି ଅ
ନୁସାରେ ତାହାର ନାମ ଯୀଶୁ ରଖା ଗଲା । ଅନନ୍ତରେ ମୋଶା ଲେଖିତ ବ୍ୟ ୨୨
ବସ୍ଥାନୁସାରେ ମାରିୟାର ଶୁଚି ହେବାର ସମୟ ପୂର୍ଣ ହୁଅନ୍ତେ ପ୍ରଥମ ୨୩
ଜାତ ପ୍ରତ୍ୟେକ ପୁରୁଷ ସନ୍ତାନ ପରମେଶ୍ୱରଙ୍କର ଉଦ୍ଦେଶରେ ପବିତ୍ର ହୋଇବ
ପରମେଶ୍ୱରଙ୍କର ଏହି ବ୍ୟବସ୍ଥାନୁସାରେ ଯୀଶୁକୁ ଈଶ୍ୱରଙ୍କର ନକଟରେ ଦେଖା ୨୪
କରିବାକୁ ଓ ଶାସ୍ତ୍ର ବିଧିମତ ଦୁଇ କାପ୍ତାକୁ ଅବା କପୋତର ଦୁଇ ଛୁଆକୁ
ବଳିଦାନ କରିବାକୁ ସେମାନେ ତାହାଙ୍କୁ ନେଇ ଯିରୂଶାଲମରେ ଗଲେ ।

ଆଉ ଦେଖ ଯିରୂଶାଲମ ନିବାସି ଶିମିୟୋନ ନାମରେ ଜଣେ ଧାର୍ମିକ ଭକ୍ତ ୨୫
ଥିଲା ସେ ଇସ୍ରାୟେଲର ସାନ୍ତ୍ୱନା ଅପେକ୍ଷାରେ ଥାଆନ୍ତି ପୁଣି ପବିତ୍ରଆତ୍ମା ତା
ହାରଠାରେ ଅଧିଷ୍ଠାନ ଥିଲେ । ଆଉ ପରମେଶ୍ୱରଙ୍କର ମଣିହଙ୍କୁ ଦେଖା ୨୬

୨୭ ନ ପାଇଲେ ତୁମ୍ଭର ମରଣ ନୋହିବ ଏହି କଥା ଧର୍ମଆଗ୍ମ ତାହାର ପ୍ରତି ପ୍ରକାଶ
୨୮ କରି ଥିଲେ । ଏ ଜଣ ଆଗ୍ମର ଆକର୍ଷଣରେ ମନ୍ଦିରକୁ ଅଇଲା ପୁଣି ପିତା
ମାତା ଯୀଶୁ ଶିଶୁର ପ୍ରତି ବ୍ୟବସ୍ଥା ପ୍ରମାଣେ କରିବା ପାଇଁ ତାହାଙ୍କୁ ଭିତ
ରେ ଆଣନ୍ତେ ସେ ତାହାଙ୍କୁ କୋଳ କରି ଈଶ୍ୱରଙ୍କର ଧନ୍ୟବାଦ କରି କ
୨୯ ହିଲେ ହେ ପ୍ରଭୁ ଆପଣା ବାକ୍ୟାନୁସାରେ ଆପଣା ସେବକକୁ ଏବେ କୁଶଳ
୩୦ ରେ ବିଦାୟ କରନ୍ତୁ ଯେହେତୁ ଅନ୍ୟ ଦେଶୀୟମାନଙ୍କର ଦୀପ୍ତିମାନକାରି
୩୧ ଜ୍ୟୋତି ଓ ତୁମ୍ଭର ଲୋକ ଇଶ୍ରାୟେଲର ଗୌରବ ଏମନ୍ତ ଯେଉଂ ପରିତ୍ରାଣ
୩୨ ସର୍ବଲୋକଙ୍କର ଅଗ୍ରତେ ଉତ୍ପନ୍ନ କରିଅଛ ସେ ଆମ୍ଭର ଚକ୍ଷୁର ଗୋ
୩୩ ଚରରେ ଅଛନ୍ତି । ତେତେବେଳେ ତାହାଙ୍କର ବିଷୟରେ କଥିତ ଏହି ସମସ୍ତ
୩୪ କଥା ଶୁଣି ତାହାଙ୍କର ମାତା ଓ ଯୁଷଫ ଆଶ୍ଚର୍ଯ୍ୟଜ୍ଞାନ କଲେ । ଅନନ୍ତରେ
ଶିମିୟୋନ ସେମାନଙ୍କୁ ଆଶୀର୍ବାଦ କରି ତାହାଙ୍କର ମାତା ମାରିୟାକୁ କହିଲା
ଦେଖ ଇଶ୍ରାୟେଲର ମଧ୍ୟରେ ବହୁତଙ୍କର ପତନ ଓ ଉତ୍ଥାନର ନିମନ୍ତେ
ପୁଣି ବିରୋଧ ପାତ୍ର ହେବାର ନିମନ୍ତେ ଓ ବହୁତଙ୍କର ମନର ଭାବନା ପ୍ରକାଶ
୩୫ ହେବାର ନିମନ୍ତେ ଏହି ବାଳକ ନିଯୁକ୍ତ ଅଛନ୍ତି । ତହିଁରେ ତୁମ୍ଭର ପ୍ରାଣ
ଶୂଳରେ ବିନ୍ଧା ହୋଇବ ।

୩୬ ତାହା ଛଡା ଆଶେରର ବଂଶର ଫିନୂଏଲର କନ୍ୟା ହନ୍ନା ନାମରେ ଅତି
ବୃଦ୍ଧା ଏକ ଭବିଷ୍ୟତ୍ବକ୍ତ୍ରୀ ଯେ ବିବାହଉତ୍ତାରେ ସ୍ୱାମିର ସଙ୍ଗତେ ସାତ ବରଷ
୩୭ ବାସ କରିଥିଲା ଅନନ୍ତରେ ବିଧବା ହୋଇ ଚଉରାଶୀ ବରଷ ବୟସ ପର୍ଯ୍ୟନ୍ତେ
ମନ୍ଦିରରୁ ନ ଯାଇ ଉପବାସ ଓ ପ୍ରାର୍ଥନା ଦ୍ୱାରା ଦିବାରାତ୍ରି ଈଶ୍ୱରର ସେବା
୩୮ କଲା ସେହି ସ୍ତ୍ରୀ ସେହିକ୍ଷଣି ପ୍ରବେଶ ହୋଇ ପରମେଶ୍ୱରର ଧନ୍ୟବାଦ କଲା
ପୁଣି ଯିରୁଶାଲମର ନିବାସି ଯେତେ ଜନ ମୁକ୍ତିର ଅପେକ୍ଷାରେ ଥିଲେ
୩୯ ସେମାନଙ୍କୁ ଯୀଶୁର ବୃତ୍ତାନ୍ତ ଜଣାଇଲା । ଏହିମତ ପରମେଶ୍ୱରର ବ୍ୟବସ୍ଥାନୁ
ସାରେ ସମସ୍ତ କର୍ମ ସାଧନ ହୁଅନ୍ତେ ସେମାନେ ପୁନର୍ବାର ଗାଲୀଲିର ନାଜ
୪୦ ରିତ୍ରରେ ଆପଣା ନଗରକୁ ପ୍ରସ୍ଥାନ କଲେ । ଅନନ୍ତରେ ବାଳକ ବଢ଼ି ଓ
ଆତ୍ମାରେ ଶକ୍ତିମାନ୍ ହୋଇଲା ସେ ଜ୍ଞାନରେ ପରିପୂର୍ଣ୍ଣ ପୁଣି ଈଶ୍ୱରର କୃପା
ତାହାଙ୍କଠାରେ ହୋଇଲା ।

୪୧ ଆଉ ତାହାଙ୍କର ପିତା ମାତା ପ୍ରତି ବରଷ ନିସ୍ତାର ଭୋଜର ସମୟରେ ଯିରୁ
୪୨ ଶାଲମକୁ ଯାଆନ୍ତେ ଯୀଶୁର ବାର ବରଷ ବୟସରେ ସେମାନେ ପର୍ବର
୪୩ ରୀତି ଅନୁସାରରେ ଯିରୁଶାଲମକୁ ଗଲେ । ପର୍ବ ସମ୍ପୂର୍ଣ୍ଣ ହୋଇ ସେମାନେ
ବାହୁତି ଆସୁଅଛନ୍ତି ପୁଣି ଯୀଶୁ ବାଳକ ଯିରୁଶାଲମରେ ରହିଲା । ଏହା
୪୪ ତାହାଙ୍କର ମାତା ଓ ଯୁଷଫ ନ ଜାଣି ସେ ସାଙ୍ଗିମାନଙ୍କର ସଙ୍ଗେ ଅଛନ୍ତି

ଏହା ବୁଝି ଏକ ଦନ୍ଦକର ବାଟ ପର୍ଯ୍ୟନ୍ତ ଗଲେ । ଅବଶେଷରେ ଛାଡ ବନ୍ଧୁ ୪୫
ବାନ୍ଧବର ମଧ୍ୟରେ ଅନ୍ୱେଷଣ କଲ ଢାହାନ୍ଦର ଉଦ୍ଦେଶ ନ ପାଇବାରୁଁ ସେ
ମାନେ ଢାହାନ୍ଦର ଅନ୍ୱେଷଣ କରିଂୀ ପୁନଶ୍ଚାର ଯିରୁଶାଲମକୁ ବାହୁଡ
ଗଲେ । ଚଉ ଦନ ଉତ୍ତରେ ପଣ୍ଡିତ ଗଣର ମଧ୍ୟରେ ମନ୍ଦରେ ଉପବଞ୍ଚ ସେମା ୪୬
ନ୍ଦର କଥା ଶ୍ରବଣ ଓ ଉତ୍ତ ପଗ୍ଦରବାକୁ ଢାହାନ୍ଦୁ ଦେଖିଲେ । ପୁଣି ଢାହା ୪୭
ନ୍ଦର ବୁଦ୍ଧିରେ ଓ ପ୍ରତ୍ୟୁତ୍ତରରେ ଶ୍ରୋତା ସମସ୍ତ ଚମତ୍କାର ହେଲେ । ଏହା ୪୮
ଦେଖି ଢାହାନ୍ଦର ପିତାମାତା ବସ୍ତୁସ୍ଥାପନ୍ନ ହୋଇଲେ ପୁଣି ଢାହାନ୍ଦର ମାତା
ଢାହାନ୍ଦୁ କହିଲା ହେ ପୁତ୍ର ଆମ୍ଭମାନନ୍ଦର ପ୍ରତ ଏଉପ ବ୍ୟବହାର କାଁ କଲ
ଦେଖ ତୁମ୍ଭର ପିତା ଓ ଆମ୍ଭେ ଶୋକ କରିଂୀ ତୁମ୍ଭର ଅନ୍ୱେଷଣ କଲୁଁ ।
ଏଥିରେ ସେ କହିଲେ ଆମ୍ଭର ଅନ୍ୱେଷଣ କାଁ କଲ ପିତାର ଗୃହରେ ୪୯
ଆମ୍ଭର ରହିବା କର୍ତ୍ତବ୍ୟ ଏହା କ ତୁମ୍ଭମାନନ୍ଦୁ ଜଣା ନାହିଁ । ପୁଣି ସେମା ୫୦
ନେ ଢାହାନ୍ଦର ଏହ କଥାର କେଉଁ ଭାବ ଢାହା ବୁଝିବାକୁ ନ ପାରିଲେ ।
ଅନନ୍ତରେ ସେ ସେମାନନ୍ଦର ସଙ୍ଗତରେ ନାଜରତକୁ ଯାଇ ସେମାନନ୍ଦର ୫୧
ଅଯୁତ୍ତ ହୋଇ ରହିଲେ ପୁଣି ଏହ ସମସ୍ତ କଥା ଢାହାନ୍ଦର ମାତା ମନରେ
ରଖିଲା । ଅନନ୍ତରେ ଯୀଶୁ ବୁଦ୍ଧିରେ ଓ ଶରୀରରେ ପୁଣି ଢାହାନ୍ଦଠାରେ ୫୨
ଈଶ୍ୱରଙ୍କ ଓ ମନୁଷ୍ୟ ଅନୁଗ୍ରହ ଅତ୍ତର ବଢ଼ିଲେ ।

## ୩ ପବ୍ବ ।

ଏଥୁଁ ତବରିୟ କାଇସରର ରାଜତ୍ୱର ପନ୍ଦର ବରଷ ସମୟୁ ଯେତେ ୧
ବେଳେ ପନ୍ତିୟ ପିଲାତ ଯିହୁଦା ଦେଶର ଅଧିପତ ଓ ହେରୋଦ ଗାଲିଲା
ପ୍ରଦେଶର ରାଜା ଓ ଫିଲିପ ନାମରେ ଢାହାର ଭ୍ରାତା ଇତୂରୟ ଓ ତ୍ରାଖୋ
ନୀତ ପ୍ରଦେଶର ରାଜା ଓ ଲୂସନିୟ ନାମରେ ଅବଲିନୀ ଦେଶର ରାଜା ଓ ୨
ହାନାନ ଓ କେୟଫା ଏମାନେ ପ୍ରଧାନ ଯାଜକ ଥିଲେ ସେହ ସମୟରେ
ଅରଣ୍ୟରେ ଜଖରୀୟର ପୁତ୍ର ଯୋହନର ପ୍ରତ ଈଶ୍ୱରଙ୍କର ବାକ୍ୟ ପ୍ରକାଶିତ ୩
ଥିଲା । ଏଣୁ ସେ ଯର୍ଦ୍ଦନର ଚତୁରଅଞ୍ଚଳ ଦେଶରେ ଅସି ପାପମୋଚନ ନମନ୍ତେ
ମନ ଫେରାଇବାର ସୂଚକ ତୁବନର କଥା ପ୍ରଚାର କଲା । ଯେମନ୍ତ ଯିଶା ୪
ଇୟ ଭବିଷ୍ୟଦ୍ବକ୍ତାର ପୁସ୍ତକରେ ଲେଖା ଅଛ ଯଥା । ଅରଣ୍ୟରେ ରବ
ଗୋଷ୍ଠାୟେ ତାଙ୍କର ପ୍ରଭୁର ବାଟ ପ୍ରସ୍ତତ କର ଢାହାନ୍ଦର ପଥ ସରଳ
କର । ଖାଲ ସମସ୍ତ ଉଚ୍ଚକରା ଯିବ ଗିରି ପବ୍ବତାଦ ସମସ୍ତ ତଳକୁ ହଣା ୫
ଯିବ ବଙ୍କା ସବୁ ସିଧା ଓ ରଗଡଭୂମିକୁ ସମାନ କରା ଯିବ । ପୁଣି ଦେ ୬

୭ ହବନ୍ତୁ ସମସ୍ତ ଈଶ୍ୱରଦତ୍ତ ପରୀକ୍ଷାଗଣକୁ ଦେଖିବେ । ସେହି ଯୋହନ ଦ୍ୱାରା
ଡୁବଚ ହେବାର ନମନ୍ତେ ଯେ ସମସ୍ତ ଲୋକ ବାହାରେ ଅସି ଥିଲେ ସେମା
ନଙ୍କୁ ସେ କହିଲା ଅରେ ସର୍ପରବଂଶ ଆଗାମି କ୍ରୋଧରୁ ପଲାଇବାକୁ ତୁମ୍ଭମା
୮ ନଙ୍କୁ କେ ଚେତନା ଦେଲା । ଏଣୁକର ଅବ୍ରହାମ ଆମ୍ଭମାନଙ୍କର ପିତା ମନେୀ
ବହା ନ କହି ମନ ଫେରାଇବାର ଯୋଗ୍ୟ ଫଲରେ ଫଳବନ୍ତୁ ହୁଅ ଯେହେତୁ
ଆମ୍ଭେ ସତ୍ୟ ବୋଲି ଏହି ସବୁ ପଥରରୁ ଈଶ୍ୱର ଅବ୍ରହାମର ସନ୍ତାନ ଉତ୍ପ
୯ ନ୍ନ କରିବାକୁ ପାରନ୍ତି । ଅଉ ବୃକ୍ଷର ମୂଳରେ ଏବେହେଁ କୁହାଡ ଲାଗୁଅଛି
ଏହି ହେତୁ ଯେଉଁ ବୃକ୍ଷ ଉତ୍ତମ ଫଳ ଧରଇ ନାହିଁ ସେ କଟା ହୋଇ ଅଗ୍ନି
୧୦ ରେ ପକାଇ ଦଆ ଯାଏ । ଏଥିରେ ଲୋକମାନେ ତାହାକୁ ପଚାରିଲେ
୧୧ ତେବେ ଆମ୍ଭେମାନେ କ' କରିବା । ସେ କହିଲା ଯାହାର ଦୁଇ ଖଣ୍ଡ ନୁଗା
ସେ କସ୍ମୀନ ଲୋକଙ୍କୁ ଖଣ୍ଡେ ଦେଉ । ଅଉ ଯାହାର ଖାଇବାର ଦ୍ରବ୍ୟ
୧୨ ଅଛି ସେ ତେମନ୍ତ କରୁ । ଅଉ କର ସଂଗ୍ରହକାରମାନେ ଡୁବଚ ହେବାକୁ
୧୩ ଅସି ପଚାରିଲେ ହେ ଅବଧାନ ଆମ୍ଭମାନଙ୍କର କର୍ତ୍ତବ୍ୟ କ'ଣ । ସେ କହିଲା
୧୪ ନରୂପିତର ଅଧିକ କିଛି ନ ନଅ । ଅନନ୍ତରେ ସେନାଗଣ ଅସି ପଚାରିଲେ
ଆମ୍ଭମାନଙ୍କର କ' କର୍ତ୍ତବ୍ୟ ସେ କହିଲା କାହାର କିଛିହିଁ ଉପଦର୍ପ ନ କର ମିଥ୍ୟା
ଅପବାଦ ନ ଦଅ ଓ ଆପଣା ବର୍ତ୍ତନ ପ୍ରତି ସନ୍ତୋଷ ହୁଅ ।

୧୫ ଲୋକମାନେ ଯୋହନ ବଷୟରେ ସନ୍ଦେହ କର ଏ ମଣୀନ୍ତ ହୋଇ ଥିବ
୧୬ ବୋଲି ସଭ ଜଣ ମନେୀ ଭାବିଲେ ଯୋହନ ସମସ୍ତ ଲୋକଙ୍କୁ କହିଲା ଆମ୍ଭେ
ସିନା ଜଳରେ ତୁମ୍ଭମାନଙ୍କୁ ଡୁବାଉ ଅଛୁଁ ପୁଣି ଯାହାଙ୍କ ଜୋତାର ବନ୍ଧନ
ଫିଟାଇବାକୁ ଯୋଗ୍ୟ ନୋହୁଁ ଆମ୍ଭଠାରୁ ବମନ୍ତ ଅତ ବଡ ଏକ ଜଣ ଅସୁ
୧୭ ଅଛନ୍ତି ସେ ଅଗ୍ନିର ସ୍ୱରୂପ ଧର୍ମଆତ୍ମାରେ ତୁମ୍ଭମାନଙ୍କୁ ଡୁବାଇବେ । ତାହା
ଙ୍କର ହାତରେ କୁଲା ଅଛି ସେ ଅପଣା ଖଳା ଶୁଦ୍ଧ ମତ ଝାଡି ଗହମ ସମସ୍ତ
ଗୋଲାରେ ସଂଗ୍ରହ କରିବେ ପୁଣି ତୁଷ ସବୁ ଅନତ୍ତ ଅଗ୍ନିରେ ପୋତ ଦେ
୧୮ ବେ । ଯୋହନ ଅଉ ନାନା ଉପଦେଶ ଦେଇ ଲୋକମାନଙ୍କର କତରେ
ଘୋଷଣା କଲା ।

୧୯ ଆଉ ସେ ହେରୋଦ ଗାଜାକୁ ଅପଣା ଭାଇ ଫିଲିପର ଭାର୍ଯ୍ୟା ହେରୋଦିଆର
ବଷୟରେ ପୁଣି ତାହାର ଅନ୍ୟ ଯେ ସମସ୍ତ ଦୁଷ୍କର୍ମ ବଷୟରେ ଧମକାଇଲା ବଣୁ
୨୦ ହେରୋଦ ଯୋହନକୁ କାରାଗାରରେ ବନ୍ଦ କର ଆହୁର ଏକ ଦୁଷ୍କର୍ମ କଲା ।
୨୧ ସମସ୍ତ ଲୋକଙ୍କର ଡୁବଚ ହେବା ସମୟରେ ଯୀଶୁ ଅସି ଡୁବଚ ହୋଇ
୨୨ ଲେ । ଏଥିରେ ସେ ପ୍ରାର୍ଥନା କରନ୍ତେ ସ୍ୱର୍ଗ ମେଲା ହୋଇ ତାହାଠାରୁ ଧର୍ମ
ଆତ୍ମା ମୂର୍ତ୍ତିମାନ ହୋଇ କାପ୍ତାର ପ୍ରାୟେ ତାହାଙ୍କର ଉପରେ ଓହ୍ଲାଇଲେ ।

ପୁଣି ତୁମ୍ଭେ ଆମ୍ଭର ପ୍ରିୟ ଆତ୍ମଜ ତୁମ୍ଭଠାରେ ଆମ୍ଭର ପରମ ସନ୍ତୋଷ ଏହି
ଆକାଶ ବାଣୀ ହୋଇଲା ।

ସେତେବେଳେ ଯୀଶୁର ବୟସ ପ୍ରାୟ ତିରିଶ ବରଷ ହୋଇଲା ପୁଣି ଲୌ ୧୩
କିକ ଜ୍ଞାନରେ ସେ ଯୁଷଫର ତନୟ ଓ ଯୁଷଫ ହେଲୀର ତନୟ । ହେଲୀ ମତ୍ତା ୧୪
ତର ତନୟ ମତ୍ତାତ ଲେବୀର ତନୟ ଲେବୀ ମଲକୀର ତନୟ ମଲକୀ ଯାନୀର
ତନୟ ଯାନୀ ଯୁଷଫର ତନୟ । ଯୁଷଫ ମତୂଥୀୟର ତନୟ ମତୂଥୀୟ ଆମୋ ୧୫
ସର ତନୟ ଆମୋସ ନାହୁମର ତନୟ ନାହୁମ ହିସଲୀର ତନୟ ହିସଲୀ ନ
ଗୀର ତନୟ । ନଗୀ ମାଥର ତନୟ ମାଥ ମତ୍ତଥୀୟର ତନୟ ମତ୍ତଥୀୟ ୧୬
ଶିମୀର ତନୟ ଶିମୀ ଯୁଷଫର ତନୟ ଯୁଷଫ ଯିହୁଦାର ତନୟ । ଯିହୁଦା ଯୋ ୧୭
ହନାର ତନୟ ଯୋହନା ରିସିର ତନୟ ରିସି ଯିରୁବାବିଲର ତନୟ ଯିରୁବା
ବିଲ ଶୟଲତିୟଲର ତନୟ ଶୟଲତିୟଲ ନେରୀର ତନୟ । ନେରୀ ମଲ ୧୮
କୀର ତନୟ ମଲକୀ ଅଦ୍ଦୀର ତନୟ ଅଦ୍ଦୀ କୋଷମର ତନୟ କୋଷମ ଅ
ଲ୍ମୋଦଦର ତନୟ ଅଲ୍ମୋଦଦ ଏରର ତନୟ । ଏର ଯୋଷିର ତନୟ ଯୋଷି ୧୯
ଏଲୀସିରର ତନୟ ଏଲୀସିର ଯୋରମର ତନୟ ଯୋରମ ମତ୍ତାତର ତନୟ
ମତ୍ତାତ ଲେବୀର ତନୟ । ଲେବୀ ଶିମିୟୋନର ତନୟ ଶିମିୟୋନ ଯିହୁଦାର ୩୦
ତନୟ ଯିହୁଦା ଯୁଷଫର ତନୟ ଯୁଷଫ ଯୋହନାନର ତନୟ ଯୋହନାନ
ଏଲୀୟାକୀମର ତନୟ । ଏଲୀୟାକୀମ ମଲିୟର ତନୟ ମଲିୟ ମିନାନର ତ ୩୧
ନୟ ମିନାନ ମତ୍ତତାର ତନୟ ମତ୍ତତା ନାଥାନର ତନୟ ନାଥାନ ଦାଉଦର
ତନୟ । ଦାଉଦ ଯିଶିୟର ତନୟ ଯିଶିୟ ଓବେଦର ତନୟ ଓବେଦ ବୋଅ ୩୨
ଜର ତନୟ ବୋଅଜ ସଲମୋନର ତନୟ ସଲମୋନ ନହଶୋନର ତନୟ ।
ନହଶୋନ ଅମ୍ମୀନାଦବର ତନୟ ଅମ୍ମୀନାଦବ ଅରାମର ତନୟ ଅରାମ ହିସ ୩୩
ରୋନର ତନୟ ହିସରୋନ ଫିରିସର ତନୟ ଫିରିସ ଯିହୁଦାର ତନୟ । ଯିହୁଦା ୩୪
ଯାକୁବର ତନୟ ଯାକୁବ ଯିସ୍‌ହାକର ତନୟ ଯିସ୍‌ହାକ ଅବ୍ରହାମର ତନୟ
ଅବ୍ରହାମ ତିରହର ତନୟ ତିରହ ନାହୋରର ତନୟ । ନାହୋର ଶିରୁଗର ୩୫
ତନୟ ଶିରୁଗ ରିୟୂର ତନୟ ରିୟୂ ପିଲଗର ତନୟ ପିଲଗ ଏବରର ତନୟ
ଏବର ଶାଲହର ତନୟ । ଶାଲହ କେୟନାନର ତନୟ କେୟନାନ ଅର୍ଫକ ୩୬
ସାଦର ତନୟ ଅର୍ଫକସାଦ ଶେମର ତନୟ ଶେମ ନୋହର ତନୟ ନୋହ
ଲାମିକର ତନୟ । ଲାମିକ ମିଥୂଶିଲାର ତନୟ ମିଥୂଶିଲା ହନୋକର ତନୟ ୩୭
ହନୋକ ଯିରିଦର ତନୟ ଯିରିଦ ମହାଲଲେଲର ତନୟ । ମହାଲଲେଲ ୩୮
କଇନାନର ତନୟ କଇନାନ ଏନୋଶର ତନୟ ଏନୋଶ ଶେତର ତନୟ
ଶେତ ଆଦମର ତନୟ ଆଦମ ଈଶ୍ୱରର ତନୟ ।

## ୪ ଯଦ୍ଦ ।

୧ ଅନନ୍ତରେ ଯୀଶୁ ଧର୍ମଆତ୍ମାରେ ପୂର୍ଣ୍ଣ ହୋଇ ଯର୍ଦ୍ଦନ ନଦୀଠାରୁ ବାହୁଡ
୨ ଆତ୍ମା ଦ୍ୱାରା ଅରଣ୍ୟରେ ଆକର୍ଷିତ ହୋଇ ଶୈଳିଶ ଦିନ ପର୍ଯ୍ୟନ୍ତ ଶୟତାନ
ଠାରୁ ପରୀକ୍ଷା ପ୍ରାପ୍ତ ହେଲେ ଆଉ ସେହ ସମସ୍ତ ଦିନ ଅନାହାରେ ଥିବାରୁ
୩ ପଚ୍ଛେ ସେ କ୍ଷୁଧିତ ହୋଇଲେ । ଇହାଁରେ ଶୟତାନ ଆସି ତାହାଙ୍କୁ କହିଲା
ତୁମ୍ଭେ ଯେବେ ଈଶ୍ୱରର ଅଦ୍ଭୁତ ତେବେ ଆଜ୍ଞା ଦେଇ ଏହ ପଥରକୁ ରୁଟୀ
୪ କର । ଯୀଶୁ ଉତ୍ତର କର କହିଲେ ଏମନ୍ତ ଲେଖାଅଛ ମନୁଷ୍ୟ କେବଳ
ରୁଟୀରେ ବଁଚିବେ ନାହିଁ ପୁଣି ଈଶ୍ୱରଙ୍କର ଯେତେ କଥା ତହିଁରେ ବଁଚିବେ ।
୫ ତେଣୁ ଶୟତାନ ତାହାଙ୍କୁ ଏକ ଉଚ୍ଚ ପର୍ବତ ଉପରେ ନେଇ ଯାଇ ଏକ ନମି
୬ ଷରେ ଜଗତର ସମସ୍ତ ରାଜ୍ୟ ଦେଖାଇଲା । ପୁଣି ଶୟତାନ କହିଲା ଏହ ରାଜ୍ୟର
ଐଶ୍ୱର୍ଯ୍ୟ ଓ ପ୍ରତାପ ସମସ୍ତଇ ତୁମ୍ଭକୁ ଦେବା ଯେହେତୁ ତାହା ମୋ'ଠାରେ
ସମର୍ପିତ ଅଛି ମୋର ଯାହାକୁ ଇଚ୍ଛା ହୁଅଇ ତାହାକୁ ଦେଇ ପାରେଁ ।
୭ ଏହେତୁ ମୋତ୍ମକୁ ଯେବେ ଭଜନା କର ତେବେ ସମସ୍ତଇ ତୁମ୍ଭର ହୋଇବ ।
୮ ଯୀଶୁ ତାହାକୁ ଉତ୍ତର ଦେଇ କହିଲେ ଦୂର ହୁଅ ଶୟତାନ ଲେଖାଅଛି
ତୁମ୍ଭେ ଆପଣା ପ୍ରଭୁ ପରମେଶ୍ୱରଙ୍କୁ ଭଜନା କର କେବଳ ତାହାଙ୍କର ସେବା
୯ କରିବ । ଏଥିରେ ଶୟତାନ ତାହାକୁ ଯିରୂଶାଲମରେ ନେଇ ଯାଇ ମନ୍ଦିରର
ଏକ ଚୂଡାର ଉପରେ ବସାଇ କହିଲା ତୁମ୍ଭେ ଯେବେ ଈଶ୍ୱରଙ୍କର ଆତ୍ମଜ
୧୦ ତେବେ ଏଠାରୁ ଆପେ ତଳେ ପଡ ଯେଣୁ ଲେଖା ଅଛି ସେ ତୁମ୍ଭକୁ ରକ୍ଷା
୧୧ କରିବାକୁ ଆପଣା ଦୂତଗଣକୁ ଆଜ୍ଞା ଦେବେ ତେଣୁ ତୁମ୍ଭର ଗୋଡ ଯେ
ମନ୍ତ ପଥରରେ ନ ଲାଗଇ ଏହନମନ୍ତେ ସେମାନେ ତୁମ୍ଭକୁ ହସ୍ତରେ ଧର
୧୨ ରଖିବେ । ଯୀଶୁ ଉତ୍ତର ଦେଇ କହିଲେ ଏହାଇ କଥିତ ଅଛି ତୁମ୍ଭେ ଆପଣା
୧୩ ପ୍ରଭୁ ପରମେଶ୍ୱରଙ୍କର ପରୀକ୍ଷା ନ କରିବ । ଶୟତାନ ଏହ ସବୁ ପରୀକ୍ଷା
କର ସାରିଲେ କ୍ଷଣେକ କାଳ ତାହାଙ୍କୁ ତ୍ୟଜି ଗଲିଗଲା ।
୧୪ ଉହିଁ ଯୀଶୁ ଆତ୍ମାର ବଳରେ ପୁନର୍ବାର ଗାଲଲୀଠାକୁ ବାହୁଡ ଆସନ୍ତେ
୧୫ ତାହାଙ୍କର ସୁଖ୍ୟାତି ଦେଶର ଚତୁର୍ଦ୍ଦଗରେ ବ୍ୟାପି ଗଲା । ଆଉ ସେ ସେମା
ନଙ୍କର ଭଜନା ଗୃହମାନରେ ଉପଦେଶ କର ସମସ୍ତଙ୍କଠାରୁ ପ୍ରଶଂସା
ପାଇଲେ ।
୧୬ ଉହିଁ ଉତ୍ତାର ସେ ଆପଣା ପ୍ରତିପୋଷଣ ସ୍ଥାନ ନାଜରତ ନଗରକୁ ଆସି
ବଶ୍ରାମବାରରେ ଆପଣା ବ୍ୟବହାର ଅନୁସାରେ ଭଜନାଲୟରେ ଯାଇ
୧୭ ପାଠ କରିବାକୁ ଠିଆ ହେଲେ । ଏଥିରେ ଯିଶାଇୟ ଭବିଷ୍ୟଦ୍ବକ୍ତାର

ପୁସ୍ତକ ତାହାଙ୍କର ହସ୍ତରେ ଦତ୍ତ ହୁଅନ୍ତେ ସେ ପୁସ୍ତକ ଫିଟାଇ ଏହି ବାକ୍ୟର
ଲେଖିତ ସ୍ଥାନ ପାଇଲେ ଯଥା । ପରମେଶ୍ୱରଙ୍କ ଆତ୍ମା ଆମ୍ଭରେ ଅଧିଷ୍ଠାନ ୧୮
ଅଟନ୍ତି ଯେହେତୁ ଦରିଦ୍ରମାନଙ୍କର ନିକଟରେ ସୁସମାଚାର ପ୍ରଚାର କରିବାକୁ
ସେ ଆମ୍ଭକୁ ଅଭିଷେକ କରିଛନ୍ତି । ପୁଣି ଭଗ୍ନାନ୍ତଃକରଣମାନଙ୍କୁ ସୁସ୍ଥ କରି
ବାକୁ ବନ୍ଧିମାନଙ୍କ ପ୍ରତି ନିସ୍ତାର ଓ ଅନ୍ଧିମାନଙ୍କୁ ଚକ୍ଷୁଃଦାନର କଥା ପ୍ରଚାର
କରିବାକୁ ବନ୍ଧାମାନଙ୍କୁ ମୁକୁଳା କରିବାକୁ ପୁଣି ପରମେଶ୍ୱରଙ୍କର ଗ୍ରାହ୍ୟ
ବରଷର ଘୋଷଣା କରିବାକୁ ଆମ୍ଭକୁ ପଠାଇଛନ୍ତି । ଏଉତ୍ତାରୁ ସେ ପୋଥି ୧୯
ବାନ୍ଧି ପରିଚାରକର ହସ୍ତରେ ଦେଇ ଆସନରେ ବସିଲେ । ଏଥିରେ ଭଜନା ୨୦
ଳୟରେ ଯେତେ ଲୋକ ଥିଲେ ସମସ୍ତେହିଂ ତାହାଙ୍କର ପ୍ରତି ଏକ ଦୃଷ୍ଟିରେ
ଚାହିଁ ରହିଲେ । ଅନନ୍ତରେ ସେ ସେମାନଙ୍କୁ କହିବାକୁ ଲାଗିଲେ ଅଜି ଏହି ୨୧
ସବୁ ଲେଖିତ ବାକ୍ୟ ତୁମ୍ଭମାନଙ୍କର କର୍ଣ୍ଣ ଗୋଚରେ ସିଦ୍ଧ ହୋଇଲା ।
ତହିଁରେ ସମସ୍ତେଇ ତାହାଙ୍କୁ ଶ୍ରଦ୍ଧା କରି ତାହାଙ୍କର ମୁଖରୁ ବାହାରିଲା ଅ ୨୨
ନୁଗ୍ରହର କଥାରେ ଅଶ୍ଚର୍ଯ୍ୟ ମଣି କହିଲେ ଏ କି ଯୁଷଫର ପୁତ୍ର ନୁହଇ । ତେ ୨୩
ତେବେଳେ ସେ କହିଲେ ହେ ବୈଦ୍ୟ ଅପଣାକୁଇ ସୁସ୍ଥ କର କଫରନାହୁ
ମରେ ଯାହା୨ କରିଅଛ ଶୁଣିଲୁଁ ସେ ସମସ୍ତ କ୍ରିୟା ଏହି ସ୍ୱଦେଶରେ କର
ଏକଥା ତୁମ୍ଭେମାନେଇ ଆମ୍ଭକୁ ଅବଶ କହିବ । ଆହୁରି ଆମ୍ଭେ ତୁମ୍ଭମାନଙ୍କୁ
ସତ୍ୟ ବୋଲି କୌଣସି ଭବିଷ୍ୟଦ୍ରବକ୍ତାଇ ସ୍ୱଦେଶରେ ଆଦର ପାନ୍ତି ନାହିଁ ।
ଆମ୍ଭେ ଯଥାର୍ଥ କହି ଏଲୀୟର ବର୍ତ୍ତମାନ ସମୟରେ ଯେତେବେଳେ ସାତେ ୨୪
ତିନି ବରଷ ପର୍ଯ୍ୟନ୍ତ ମେଘର ବୃଷ୍ଟି ନିବୃତ୍ତ ହେଲାରୁଂ ସମସ୍ତ ଦେଶରେ ଘୋର ୨୫
ଦୁର୍ଭିକ୍ଷ ହୋଇଲା ତେତେବେଳେ ଇଶ୍ରାୟେଲ ଦେଶର ମଧ୍ୟରେ ବହୁତ ବି
ଧବା ଥିଲେ. ପୁଣି ସୀଦୋନ ଦେଶର ସାରିପ୍ତା ନଗର ନିବାସିନୀ ଗୋଟିୟେ ୨୬
ବିଧବା ଛଡା ଆଉ କାହାରି ନିକଟରେ ଏଲୀୟ ପେଶିତ ନୋହିଲା । ଆଉ ଇ ୨୭
ଲୀଶାୟ ଭବିଷ୍ୟଦ୍ରବକ୍ତାର ବର୍ତ୍ତମାନ ସମୟରେ ଇଶ୍ରାୟେଲ ଦେଶରେ ବହୁତ
କୁଢ଼ି ଥିଲେ ପୁଣି ସୁରୀୟ ଦେଶର ନଆମାନ ଛଡା ଆଉ କେହି ସୁସ୍ଥ ନୋ
ହିଲା । ଏହି କଥା ଶୁଣି ଭଜନାଳୟରେ ଥିଲାର ସବୁ ଲୋକ କ୍ରୋଧ ୨୮
କରି ଉଠି ତାହାଙ୍କୁ ନଗରର ବାହାରେ ତତି ଦେଲେ ଆଉ ଯେଉଁ ପର୍ବ ୨୯
ତର ଉପରେ ସେମାନଙ୍କର ନଗର ସ୍ଥାପିତ ଅଛି ସେହି ପର୍ବତର ଶିଖରୁଂ ପ
କାଇ ଦେବା ନିମନ୍ତେ ତାହାଙ୍କୁ ନେଇ ଗଲେ ମାତ୍ର ସେ ସେମାନଙ୍କର ମଧ୍ୟ ୩୦
ଦେଇ ଯାଇ ସ୍ଥାନାନ୍ତରେ ଚାଲିଗଲେ ।

ତହୁଁ ସେ ଗାଲିଲୀ ଦେଶର କଫରନାହୂମ ନଗରରେ ଉତ୍ତରି ବିଶ୍ରାମବା ୩୧
ରରେ ଲୋକମାନଙ୍କୁ ଉପଦେଶ ଦେଲେ । ପୁଣି ସେମାନେ ତାହାଙ୍କ ଉପଦେ ୩୨

ଶରେ ଆଶ୍ଚର୍ଯ୍ୟ ମଣିଲେ ଯେହେତୁ ତାହାଙ୍କର କର୍ତ୍ତୃପଣର ପ୍ରମାଣ କଥା ଥିଲା ।
୩୩ ସେତେବେଳେ ସେହି ଭଜନାଳୟରେ ଅଶୁଚି ଭୂତଗ୍ରସ୍ତ ଜଣେ ଥାଇ ସେ
୩୪ ଉଚ୍ଚସ୍ୱରରେ କହିଲା ହେ ନାଜରିତୀୟ ଯୀଶୁ ଆମ୍ଭଙ୍କୁ ଶ୍ଚତି ଦିଅ ତୁମ୍ଭ ସଙ୍ଗ
ତରେ ଆମ୍ଭ ବିଷୟ କି ଆମ୍ଭମାନଙ୍କୁ କି ନଷ୍ଟ କରିବାକୁ ଆସୁଅଛ ତୁମ୍ଭେ ଯେ
୩୫ ଈଶ୍ୱରଙ୍କର ଧର୍ମବନ୍ତ ଏହା ଆମ୍ଭେ ଜାଣି । ଯୀଶୁ ତାହାକୁ ଧମକାଇ କହି
୩୬ ଲେ ତୁନି ହୁଅ ତାହାକୁ ଶ୍ଚତି ଯାଅ । ତହିଁରେ ସେହି ଭୂତ ତାହାକୁ ମଧ୍ୟ
ସ୍ଥାନରେ ପକାଇ କିଛିହିଁ କ୍ଷତି ନ କରି ଶ୍ଚତି ଗଲା । ତହିଁରେ ସମସ୍ତ ଲୋକେ
ଚମତ୍କୃତ ହୋଇ ଏକକୁଆରେକ କହିଲେ ଏ କି କଥା ଏ କର୍ତ୍ତୃପଣରେ ଓ
ପରାକ୍ରମରେ ଅପବିତ୍ର ଭୂତଗଣକୁ ଆଜ୍ଞା କରନ୍ତେ ସେମାନେ ଶ୍ଚତି ଯାଆନ୍ତି ।
୩୭ ଏଥିରେ ଦେଶର ଚାରିଆଡେ ତାହାଙ୍କର ସୁଖ୍ୟାତି ବ୍ୟାପ୍ତ ହେଲା ।
୩୮ ଏଉତ୍ତାରୁ ସେ ଭଜନାଳୟଠାରୁ ବାହାରକୁ ଆସି ଶିମୋନର ଗୃହରେ
ପ୍ରବେଶ ହୋଇଲେ ପୁଣି ଶିମୋନର ଶାଶୁ ଜ୍ୱରରେ ଅତ୍ୟନ୍ତ ପୀଡିତା ଥି
୩୯ ବାରୁଂ ଶିଷ୍ୟମାନେ ତାହାର ଲାଗି ତାହାଙ୍କୁ ବିନୟ କଲେ । ଏଣୁ ସେ
ତାହାର ନିକଟରେ ଠିୟା ହୋଇ ଜ୍ୱରକୁ ଧମକାଇବା ମାତ୍ର ତାହାର ଜ୍ୱର
ଶ୍ଚତି ଗଲା । ଏଥିରେ ସେ ତତ୍କ୍ଷଣାତ୍ ଉଠି ସେମାନଙ୍କୁ ସେବା କଲା ।
୪୦ ଅନନ୍ତରେ ସୂର୍ଯ୍ୟର ଅସ୍ତ ସମୟରେ ଲୋକମାନେ ଆପଣାମାନଙ୍କର ଯେ
ସମସ୍ତ ନାନା ରୋଗରେ ପୀଡିତ ଲୋକ ଯୀଶୁର ନିକଟରେ ଆଣନ୍ତେ ସେ
୪୧ ପ୍ରତି ଜଣର ଉପରେ ହାତ ଥୋଇ ସେମାନଙ୍କୁ ସୁସ୍ଥ କଲେ । ଆଉ ଭୂତ
ଗଣ ବହୁତଙ୍କୁ ଶ୍ଚତି ଡକାପାତି କହିଲେ ତୁମ୍ଭେ ଈଶ୍ୱରଙ୍କ ଆତ୍ମଜ ଖ୍ରୀଷ୍ଟ ଅଟ ।
ପୁଣି ସେ ଯେ ଖ୍ରୀଷ୍ଟ ଏହା ଜାଣିବାରୁଂ ସେ ସେମାନଙ୍କୁ ଧମକାଇ ସେହି
୪୨ କଥା କହିବାକୁ ମନା କଲେ । ପର ଦିନ ପ୍ରଭାତ ହୁଅନ୍ତେ ସେ ନିର୍ଜନ ସ୍ଥାନ
ରେ ପ୍ରସ୍ଥାନ କଲେ ତେଣୁ ଲୋକମାନେ ତାହାଙ୍କର ଅନ୍ୱେଷଣ କରୁଂ କରୁଁ
ତାହାଙ୍କର ନିକଟକୁ ଯାଇ କୌଣସି ପ୍ରକାରେ ଯେମନ୍ତ ସେ ଅନ୍ୟ ସ୍ଥାନକୁ
୪୩ ନ ଯାନ୍ତି ଏଥି ନିମନ୍ତେ ତାହାଙ୍କୁ ଅନୁରୋଧ କଲେ । ପୁଣି ସେ ସେମାନଙ୍କୁ
କହିଲେ ଈଶ୍ୱର ରାଜ୍ୟର ସୁସମାଚାର ପ୍ରଚାର କରିବାକୁ ଅନ୍ୟୀ ନଗରରେ
୪୪ ହେଁ ଆମ୍ଭକୁ ଯିବାକୁ ହେବ ଯେହେତୁ ତାହା ପାଁଇ ପ୍ରେରିତ ଅଛୁଁ । ଅନ
ନ୍ତରେ ସେ ଗାଲିଲୀର ଭଜନାଳୟରେ ଉପଦେଶ ଦେଲେ ।

## ୫ ପର୍ବ ।

୧ ଏକ ଦିନ କରେ ସେ ଗିନିସିରିତ୍ ହ୍ରଦର କୂଳରେ ଠିୟା ହୋଇ ଲୋକ
ମାନେ ଈଶ୍ୱର କଥା ଶୁଣିବାକୁ ତାହାଙ୍କର ଉପରେ ଜକାଜକି ହୋଇଲେ

ଏଥିରେ ସେ ଦୁଇ ଖଣ୍ଡ ନାଆ ହ୍ରଦର ପାଖରେ ଦେଖିଲେ ପୁଣି ମାଛୁଆମାନେ ୨
ନାଆ ଛଡ଼ ଜାଲ ଧୋଉ ଥିଲେ । ଏଣୁ ଖଣ୍ଡେ ଅର୍ଥାତ୍ ଶିମୋନର ନାଆରେ ୩
ଚଢ଼ି ତାହାକୁ କୂଳରୁ କଛୁ ଦୂରକୁ ଯିବା ନମନ୍ତେ ବନସ୍ କରନ୍ତେ ସେ ବସି
ଲୋକମାନଙ୍କୁ ଉପଦେଶ ଦେଲେ । ସେହି ପ୍ରସଙ୍ଗ ସମାପ୍ତ କଲା ଉତ୍ତାରେ ସେ ୪
ଶିମୋନକୁ କହିଲେ ଗଭୀର ପାଣିକୁ ଯାଇ କ୍ଷେପ ଜାଲ ପକାଇ ଦଅ । ଶି ୫
ମୋନ କହିଲା ହେ ପ୍ରଭୁ ଆମ୍ଭେମାନେ ସମସ୍ତ ରାତି ପରଶ୍ରମ କରି କଛୁ ପାଇ
ନାହୁଁ ତଥାପି ଆପଣଙ୍କର ଆଜ୍ଞାରେ ଜାଲ ପକାଉଁ । ଏମନ୍ତ କଲେ ବ ୬
ହୁତ ମତ୍ସ୍ୟ ପଡ଼ବାରୁ ଜାଲ ଛିଣ୍ଡିବାକୁ ଲାଗିଲା । ଏଣୁକରି ସେମାନେ ୭
ଉପକାର ନମନ୍ତେ ଅନ୍ୟ ନୌକାସ୍ଥିତ ସାଙ୍ଗିମାନଙ୍କୁ ଅସିବା ପାଁଇ ଠାର
ଲେ । ଏଥିରେ ସେମାନେ ଅସି ଦୁଇ ନାଆକୁ ପ୍ରାପ୍ତ କୁଡ଼ବା ପର୍ଯ୍ୟନ୍ତେ
ବୋହାଇ କଲେ । ଶିମୋନ ପିତର ତାହା ଦେଖି ଯୀଶୁର ଚରଣରେ ପଡ଼ ୮
କହିଲା ହେ ପ୍ରଭୁ ଆମ୍ଭେ ପାପି ମନୁଷ୍ୟ ଅମ୍ଭ କଛରୁ ଅପଣଙ୍କର ଯିବା ହେ
ଉନ୍ତୁ । ଯେଣୁ ଏହ କ୍ଷେପର ଧରଲା ମାଛ ଲାଗି ଶିମୋନ ଓ ତାହାର ସାଙ୍ଗି ୯
ମାନେ ପୁଣି ଶିମୋନର ସହକାର ଜବଦର ପୁନି ଯାକୁବ ଓ ଯୋହନ ଏମା
ନେହଂ ବସ୍ମୟ ହୋଇଲେ । ତେଣୁ ଯୀଶୁ ଶିମୋନକୁ କହିଲେ ଭୟ ନ ୧୦
କର ଅଜଠାରୁ ତୁମ୍ଭେ ମନୁଷ୍ୟଧାତ୍ମା ହୋଇବ । ଅନନ୍ତରେ ସେମାନେ ୧୧
ନାଆ କୂଳକୁ ଅଣନ୍ତେ ସମସ୍ତଙ୍କ ତ୍ଯଜି ତାହାଙ୍କର ପଛେ ପଛେ ଗଲେ ।

ଏଥିଉତ୍ତାରେ ଯୀଶୁ କୌଣସି ଏକ ନଗରରେ ଥାନ୍ତେ ଜଣେ ସବାଙ୍ଗ ୧୨
କୁଷ୍ଠୀ ତାଙ୍କୁ ଦେଖି ଉବୁଡ଼ ହୋଇ ବନତ କରି କହିଲା ହେ ପ୍ରଭୁ ଅପଣ
ଇଚ୍ଛା କଲେ ଆମ୍ଭକୁ ଶୁଚି କରିବାକୁ ପାର । ତେଣୁ ସେ ହାତ ବଢ଼ାଇ ତାହାର ୧୩
ଦେହ ସ୍ପର୍ଶ କରି କହିଲେ ଆମ୍ଭର ଇଚ୍ଛା ଅଛ ତୁମ୍ଭେ ଶୁଚି ହୁଅ ତହିଁରେ
ସେହି କ୍ଷଣି କୁଷ୍ଠ ରୋଗ ତାହାକୁ ତ୍ଯଜିଲା । ଏଥିରେ ସେ ତାହାକୁ ଆଜ୍ଞା ୧୪
ଦେଇ କହିଲେ କାହାକୁ କଛୁ ନ କହି ଯାଜକର ନକଟରେ ଯାଇ ଆପ
ଣାକୁ ଦେଖାଅ ଓ ଲୋକମାନଙ୍କୁ ଅପଣା ଶୁଚି ହେବାର ସାକ୍ଷ୍ୟ ଦେବାର
ନମନ୍ତେ ମୋଶାର ଆଜ୍ଞା ପ୍ରମାଣେ ନୈବେଦ୍ୟ କର । ତଥାପି ଯୀଶୁର ୧୫
ସଂଖ୍ୟାତ ତହିଁର ଅଧିକୀ ପ୍ରକାଶ ହେବାରୁ ତାହାଙ୍କର କଥା ଶୁଣିବାକୁ
ପୁଣି ଅପଣାୀ ରୋଗରୁ ମୁକ୍ତି ପାଇବାକୁ ଲୋକ ଗହଳ କରି ଅସିଲେ । ୧୬
ଅନନ୍ତରେ ସେ ଅରଣ୍ୟରେ ଯାଇ ପ୍ରାର୍ଥନା କଲେ ।

ଅଉ ଏକ ଦନେ ଯୀଶୁ ଲୋକମାନଙ୍କୁ ଉପଦେଶ ଦେଉ ଥିଲେ ଏଥିମଧ୍ୟ ୧୭
ରେ ଗାଲିଲୀ ଓ ଯିହୁଦା ପ୍ରଦେଶର ସମସ୍ତ ଗ୍ରାମରୁ ଓ ଯିରୂଶାଲମଠାରୁ
କେତେ ଫାରୂଶୀ ଲୋକ ଓ ବ୍ୟବସ୍ଥାପକମାନେ ଅସି ତାହାଙ୍କର ନକଟରେ

ବସିଲେ ପୁଣି ଲୋକମାନଙ୍କୁ ସୁସ୍ଥ କରିବାକୁ ପ୍ରଭୁର ପରାକ୍ରମ ପ୍ରକାଶ ହେଲା ।
୧୮ ଅନନ୍ତରେ ଦେଖାଯାଏ ଲୋକେ ଜଣେ ପକ୍ଷାଘାତକୁ ଖଟରେ ନେଇ ଯୀଶୁର
୧୯ ସମ୍ମୁରେ ଆଣି ରଖିବାକୁ ଚେଷ୍ଟା କଲେ । ପୁଣି ଲୋକ ଗହଳ ହେତୁରୁ
କେଉଁ ବାଟରେ ଆଣିବାକୁ ନ ପାର ସେମାନେ ଘରର ଉପରକୁ ଯାଇ ଖପ୍ପର
ଖୋଲି ସେହ ପକ୍ଷାଘାତକୁ ଖଟର ସହିତ ଯୀଶୁର ସମ୍ମୁରେ ଘର ଭିତରେ
୨୦ ଓହ୍ଲାଇଲେ । ଯୀଶୁ ସେମାନଙ୍କର ଏହିରୂପ ବିଶ୍ୱାସ ଦେଖି ସେହ ପକ୍ଷାଘା
୨୧ତକୁ କହିଲେ ହେ ମନୁଷ୍ୟ ତୁମ୍ଭର ପାପ କ୍ଷମା ହେଲା । ଏଥିରେ ଅଧ୍ୟାପକ
ମାନେ ଓ ଫାରୂଶୀମାନେ ମନେ ମନେ ଭାବ କହିଲେ ଏମନ୍ତ ନିନ୍ଦାର କଥା ଯେ
କହୁଅଛ ଏ କେ ଈଶ୍ୱର ବିନା ପାପ କ୍ଷମା କରିବାକୁ ଅଟେ କାହାର ସାଧ୍ୟ ।
୨୨ ଯୀଶୁ ସେମାନଙ୍କର ଭାବନା ବୁଝି ସେମାନଙ୍କୁ କହିଲେ ତୁମ୍ଭେମାନେ ମନେ
୨୩ମନେ କ ବିତର୍କ ଅଛ । ତୁମ୍ଭର ପାପ କ୍ଷମା ହେଲା ଅଥବା ତୁମ୍ଭେ ଉଠି
୨୪ ଚାଲ ଏହ ଦୁଇର ମଧ୍ୟରେ କେଉଁ କଥା କହିବାର ସହଜ । ପୁଣି ପୃଥିବୀରେ
ପାପ କ୍ଷମା କରିବାକୁ ମନୁଷ୍ୟ ପୁତ୍ରର ପରାକ୍ରମ ଅଛ ଏହା ଯେମନ୍ତେ ତୁମ୍ଭେ
ମାନେ ଜାଣିବାକୁ ପାର [ଏଥିପାଇଁ ସେ ପକ୍ଷାଘାତକୁ କହିଲେ ] ଉଠ
୨୫ ଆପଣା ଶଯ୍ୟା ନେଇ ଘରକୁ ଯାଅ । ତହିଁରେ ସେ ତତ୍କ୍ଷଣାତ୍ ଉଠି ସମସ୍ତ
ଙ୍କର ଅଗରେ ଆପଣାର ଶୋଇବାର ଶଯ୍ୟା ନେଇ ଈଶ୍ୱରଙ୍କର ଧନ୍ୟବାଦ
୨୬ କରୁଁ କରୁଁ ଆପଣା ଘରକୁ ଚଲି ଗଲା । ଏଥିରେ ସମସ୍ତେ ବିସ୍ମୟାପନ୍ନ ଓ
ମନରେ ଭୟ ପାଇ ଆଜ ଆମ୍ଭେମାନେ ଅସମ୍ଭବ କ୍ରିୟା ଦେଖିଲୁଁ ଏହା କହି
ପରମେଶ୍ୱରଙ୍କ ଧନ୍ୟବାଦ କଲେ ।
୨୭ ତଦନନ୍ତରେ ବାହାରେ ଗମନ କରୁଁ କରୁଁ ଯୀଶୁ କରଆଦାୟ ଶାଳା
ରେ ଲେବୀ ନାମରେ କର ସଂଗ୍ରହକାରକୁ ଦେଖି ତାହାକୁ କହିଲେ ମୋର
୨୮ ପଛକୁ ଆସ । ତହିଁରେ ସେ ତତ୍କ୍ଷଣାତ୍ ଉଠି ସମସ୍ତଙ୍କୁ ତ୍ୟଜି ତାହାଙ୍କର
୨୯ ପଶ୍ଚାତ୍ଗାମୀ ଗମନ କଲା । ଅନନ୍ତରେ ଲେବୀ ଆପଣା ଘରରେ ତାହାଙ୍କର ନମ
ନ୍ତେ ବଡ ଭୋଜ ପ୍ରସ୍ତୁତ କରନ୍ତେ ସେମାନଙ୍କର ସଙ୍ଗରେ ବହୁତ କରସଂଗ୍ରହ
କାର ଓ ଅନ୍ୟ ଅନ୍ୟ ଲୋକମାନେ ଭୋଜନ କରିବାକୁ ବସିଲେ । ଏହେତୁ
୩୦ କରଗ୍ରାହ୍ୟ ଓ ପାପିମାନଙ୍କର ସଙ୍ଗତରେ ତୁମ୍ଭେମାନେ କାଁ ଭୋଜନ ପାନ
କରୁଅଛ ଏକଥା କହି ଅଧ୍ୟାପକମାନେ ଓ ଫାରୂଶୀମାନେ ତାହାଙ୍କର ଶିଷ୍ୟ
୩୧ ମାନଙ୍କର ସହିତ ବାକ୍ୟର ଦ୍ୱନ୍ଦ କଲେ । ଯୀଶୁ ସେମାନଙ୍କୁ ଉତ୍ତର କଲେ
ସୁସ୍ଥ ଲୋକର ଲାଗି ବୈଦ୍ୟର ପ୍ରୟୋଜନ ନାହିଁ ପୁଣି ଅସୁସ୍ଥ ଲୋକରର
୩୨ ପ୍ରୟୋଜନ ଅଛ । ଆମ୍ଭେ ସାଧୁମାନଙ୍କୁ ନୋହେ ପୁଣି ପାପିମାନଙ୍କୁ ମନ ଫେ
ରାଇବାର ନମନ୍ତେ ଡାକିବାକୁ ଆସିଅଛୁଁ ।

ଅନନ୍ତରେ ସେମାନେ କହିଲେ ଯୋହନର ଓ ଫାରୂଶୀମାନଙ୍କର ଶିଷ୍ୟ ୩୩
ଗଣ ବାର ବାର ଉପବାସ ଓ ପ୍ରାର୍ଥନା କରନ୍ତି ପୁଣି ତୁମ୍ଭର ଶିଷ୍ୟମାନେ
ଭୋଜନ ଓ ପାନ କରନ୍ତି କାଁ । ଏଥିରେ ସେ ସେମାନଙ୍କୁ କହିଲେ ବର ୩୪
ସଙ୍ଗଡରେ ଥିଲେ କ ବର ଯାଏଁଗଣଙ୍କୁ ଉପବାସ କରାଇବାକୁ ପାର । ପୁଣି ୩୫
ଯେ ସମୟରେ ସେମାନଙ୍କର ନକ୍ଷତ୍ର ବର ନଆ ଯିବ [ଏହି ସମୟ ଅସିବ]
ସେ ସମୟରେ ସେମାନେ ଉପବାସ କରିବେ । ସେ ଅନ୍ତର ଏକ ଦୃଷ୍ଟାନ୍ତ ୩୬
କହିଲେ ପୁରୁଣାବସ୍ତ୍ରରେ କେହି ନୂଆ ନୁଗାର ଡାଲି ଦଅନ୍ତି ନାହିଁ ଯେହେତୁ
ସେ ଡାଲିରେ ପୁରୁଣା ନୁଗା ଚିରି ଯାଏ ଓ ନୂଆ ନୁଗାଇ ପୁରୁଣା ନୁଗାରେ
ମିଶଇ ନାହିଁ । ପୁଣି ପୁରୁଣା କୁମ୍ଭାରେ କେହି ନୂଆ ଦ୍ରାକ୍ଷାରସ ରଖଇ ନାହିଁ ୩୭
କାରଣ ନୂତନ ଦ୍ରାକ୍ଷାରସର ତେଜରେ ପୁରାତନ କୁମ୍ଭା ଫାଟି ଯାଏ ତହିଁ
ରେ ଦ୍ରାକ୍ଷାରସ ଗଲି ପଡଇ ଓ କୁମ୍ଭା ସବୁ ନଷ୍ଟ ହୁଅଇ । ଏହେତୁ ନୂଆ ୩୮
କୁମ୍ଭାରେ ନୂତନ ଦ୍ରାକ୍ଷାରସ ରଖିବାର କର୍ତ୍ତବ୍ୟ ତହିଁରେ ଦୁହିଙ୍କର ରକ୍ଷା ହୁ
ଅଇ । ଅଉ ପୁରୁଣା ଦ୍ରାକ୍ଷାରସ ପାନ କର ତାହାର ଉପରନ୍ତୁ କେହି ନୂତ ୩୯
ନର ବାଞ୍ଛା ନ କରଇ ଯେହେତୁ ସେ କହୁଇ ପୁରାତନ ଅଧିକ ଭଲ ଅଟଇ ।

## ୬ ପତ୍ର ।

ଏଥିଁ ପତ୍ରର ଦ୍ୱିତୀୟ ଦିନ ଉତ୍ତରେ ପ୍ରଥମ ବଣ୍ଡାମବାରରେ ଶସ୍ୟର କ୍ଷେତ ୧
ଦେଇ ଯୀଶୁର ଯିବାକେଲେ ତାହାଙ୍କର ଶିଷ୍ୟମାନେ ଶସ୍ୟର ଶିଁସା ଛିଣ୍ଡାଇ
ହସ୍ତରେ ମଳି ଖାଇବାକୁ ଲଗିଲେ । ଏଥିରେ ଥୋକାଏ ଜଣ ଫାରୂଶୀ ୨
କହିଲେ ବଣ୍ଡାମବାର ଅକର୍ତ୍ତବ୍ୟ କର୍ମ କାଁ କରୁଅଛ । ଯୀଶୁ ଉତ୍ତର ୩
କଲେ ଦାଉଦ ଓ ତାହାର ସଙ୍ଗିଗଣ କ୍ଷୁଧାର୍ତ୍ତ ହୋଇ କେମନ୍ତ କର ଈଶ୍ୱର
ଙ୍କର ମନ୍ଦିରରେ ପ୍ରବେଶ ହୋଇ ଯେଉଁ ଦର୍ଶନ ରୁଟି ଯାଜକ ବର୍ଗ ବନ୍ଦୁ ୪
ଅଉ କାହାର ଭୋଜନ କରିବାକୁ ନାହିଁ ତାହା ନେଇ ଅପେ ଖାଇଲା ପୁଣି
ସାଙ୍ଗିମାନଙ୍କୁ ଦେଲା ଏହି ବୃତ୍ତନ୍ତ କ ତୁମ୍ଭେମାନେ କେବେହେଁ ପଢି ନାହଁ ।
ସେ ଅନ୍ତର ସେମାନଙ୍କୁ କହିଲେ ମନୁଷ୍ୟ ପୁତ୍ର ବଣ୍ଡାମବାରର କର୍ତ୍ତା ଅଟନ୍ତି । ୫

ତହିଁ ଉତ୍ତର ଅଉ ଏକ ବଣ୍ଡାମବାରରେ ସେ ଭଜନାଲୟରେ ଯାଇ ଉ ୬
ପଦେଶ ଦେଉଥିଲେ ସେଠାରେ ଦକ୍ଷିଣହସ୍ତ ନୁଲା ଜଣେ ମନୁଷ୍ୟ ଥିଲା ।
ଏଣୁ ସେ ଯେବେ ବଣ୍ଡାମବାରରେ ସୁସ୍ଥ କର୍ମ କରନ୍ତି ତେବେ ତାହାଙ୍କୁ ଦୋଷି ୭
କରିବାର ସୂତ୍ର ପାଇବେ ଅଧ୍ୟାପକମାନେ ଓ ଫାରୂଶୀବର୍ଗ ଏହା ଭାବ ଜଗି
ବସିଲେ । ମାତ୍ର ଯୀଶୁ ସେମାନଙ୍କର ମାନସ ବୁଝି ସେହି ନୁଲା ହସ୍ତ ଲୋ ୮
କକୁ କହିଲେ ଉଠି ମଧ୍ୟ ସ୍ଥାନରେ ଠିଆ ହୁଅ । ଏଣୁ ସେ ଉଠି ଠିଆ ୯

ହୁଅନ୍ତେ ଯୀଶୁ ସେମାନଙ୍କୁ କହିଲେ ତୁମ୍ଭମାନଙ୍କୁ କଥାୟେ ପଚାରଁ ବିଶ୍ରାମ
ବାରରେ ସୁକର୍ମ କରିବା ଅଥବା କୁକର୍ମ କରିବା ପ୍ରାଣ ରକ୍ଷା ଅବା ପ୍ରାଣ
୧୦ ନାଶ କରିବା ଏହାର ମଧ୍ୟରେ କେଉଁ କର୍ମ କର୍ତ୍ତବ୍ୟ । ଅନନ୍ତରେ ସେ
ଚାରି ଆଡେ ସମସ୍ତଙ୍କର ପ୍ରତି ଦୃଷ୍ଟି କରି ସେହି ମନୁଷ୍ୟକୁ କହିଲେ ଆପଣା
ହାତ ବଢାଅ ତେଣୁ ତାହା କରିବା ମାତ୍ର ଅନ୍ୟ ହାତର ସମାନ ତାହାର
୧୧ ହାତ ସୁସ୍ଥ ହୋଇଲା । ଏଥିରେ ସେମାନେ ପ୍ରଚଣ୍ଡ କ୍ରୋଧରେ ପରିପୂର୍ଣ୍ଣ
ହୋଇ ଯୀଶୁକୁ କି କରିବେ ଏହା ଏକ ଆରେକର ସଙ୍ଗରେ ବିଚାର କଲେ ।
୧୨ ସେହି ସମୟରେ ସେ ପ୍ରାର୍ଥନା କରିବାକୁ ଏକ ପର୍ବତ ଆରୋହଣ କରି
୧୩ ଈଶ୍ୱରଙ୍କଠାରେ ରାତ୍ର ଯାୟେ ପ୍ରାର୍ଥନା କରି ରହିଲେ । ରାତି ପାହିଲା ଉତ୍ତା
୧୪ ରେ ସେ ଆପଣା ଶିଷ୍ୟମାନଙ୍କୁ ଡାକି ସେମାନଙ୍କର ମଧ୍ୟରୁ ଦ୍ୱାଦଶ ଜଣକୁ
ମନୋନୀତ କରି ସେମାନଙ୍କର ପ୍ରେରିତ ବୋଲି ଉପନାମ ଦେଲେ [ଯଥା]
ଯାହାକୁ ସେ ପିତର ନାମରେ ଡାକିଲେ ଏମନ୍ତୁ ଯେ ଶିମୋନ ଓ ତାହାର ଭ୍ରାତା
୧୫ ଅନ୍ଦ୍ରିୟ ଯାକୁବ ଓ ଯୋହନା ଫିଲିପ ଓ ବର୍ଥଲମୀ ମଥୀ ଓ ଥୋମା । ଆଲିର
ପୁତ୍ର ଯାକୁବ ଓ ଉଦ୍ଯୋଗୀ ନାମରେ ବିଖ୍ୟାତ ଶିମୋନ ଯାକୁବର ଭ୍ରାତା
୧୬ ଯିହୁଦା ଓ ଧର୍ମଦ୍ରୋହୀ ଯେ ଇସ୍କାରୀୟୋତୀୟ ଯିହୁଦା । ତହିଁ ଉତ୍ତାରୁ ଏମାନ
୧୭ ଙ୍କର ସହିତ ପର୍ବତରୁ ଓହ୍ଲାଇ ପଦାରେ ଆସି ଠିୟା ହୋଇଲେ । ସେଠାରେ
ତାହାଙ୍କର ବାକ୍ୟ ଶୁଣିବାକୁ ଓ ଆପଣା ୨ ରୋଗରୁ ମୁକ୍ତ ପାଇବାକୁ ତାହା
ଙ୍କର ଶିଷ୍ୟଗଣ ସଙ୍ଗରେ ଯିହୁଦା ଦେଶ ଓ ଯିରୁଶାଲମଠାରୁ ପୁଣି ସୋର ଓ
ସୀଦୋନ ସମୁଦ୍ରର ତୀରରୁ ବଡ ଗହଳ ଲୋକ ଆସି ଉପସ୍ଥିତ ହୋଇଲେ ।
୧୮ ଆହୁରି ଅଶୁଚି ଭୂତଗ୍ରସ୍ତମାନେଇ ତାହାଙ୍କର ନିକଟରେ ଆସି ସୁସ୍ଥ ହୋ
୧୯ ଇଲେ । ଏମନ୍ତେ ସମସ୍ତଙ୍କୁ ସୁସ୍ଥ କରିବାର ପରାକ୍ରମ ତାଙ୍କଠାରୁ ବାହାର
ହେବାରୁ ପ୍ରତିଜଣ ତାହାଙ୍କୁ ଷ୍ପର୍ଶ କରିବାକୁ ଚେଷ୍ଟା କଲେ ।
୨୦ ଏଉତ୍ତାରୁ ସେ ଶିଷ୍ୟଗଣର ପ୍ରତି ଦୃଷ୍ଟି କରି କହିଲେ ଧନ୍ୟ ଦରିଦ୍ରଲୋକେ
୨୧ ଯେଣୁ ଈଶ୍ୱରଙ୍କର ରାଜ୍ୟ ତୁମ୍ଭମାନଙ୍କର ଅଧିକାର । ଧନ୍ୟ ଇହକାଳର
କ୍ଷୁଧିତ ଲୋକେ ଯେଣୁ ତୁମ୍ଭେମାନେ ପରିତୃପ୍ତ ହୋଇବ । ଧନ୍ୟ ଇହକାଳର
୨୨ ରୋଦନକାରି ଲୋକେ ଯେଣୁ ତୁମ୍ଭେମାନେ ହସିବ । ଲୋକମାନେ ଯେବେ
ମନୁଷ୍ୟ ପୁତ୍ରର ହେତୁ ତୁମ୍ଭମାନଙ୍କୁ ଘୃଣା କରିବେ ପୁଣି ଅଲଗା କରି ନିନ୍ଦା
କରିବେ ଓ ଅଧମର ପ୍ରାୟ ତୁମ୍ଭମାନଙ୍କ ନାମକୁ ଅଗ୍ରାହ୍ୟ କରି ପକାଇବେ
୨୩ ତେବେ ତୁମ୍ଭେମାନେ ଧନ୍ୟ । ସେହି ଦିବସରେ ହର୍ଷ ହୋଇ ଆନନ୍ଦରେ ନୃତ୍ୟ
କର ଯେଣୁ ସ୍ୱର୍ଗରେ ତୁମ୍ଭମାନଙ୍କର ବହୁତ ଫଳ ହେବ ସେମାନଙ୍କର ପୂର୍ବପୁ
୨୪ ରୁଷ ମାନେଇ ଭବିଷ୍ୟତ୍ରବକ୍ତାଗଣର ପ୍ରତି ସେହିରୂପ ବ୍ୟବହାର କରି ଥିଲେ ।

ପୁଣି ହାୟ୍ୟ ଧନବନ୍ତ ଲୋକେ ତୁମ୍ଭେମାନେ ସୁଖ ପାଇଅଛ ହାୟ୍ୟ ପରନ୍ତୁ ୨୪
ଲୋକେ ତୁମ୍ଭେମାନେ କ୍ଷୁଧିତ ହୋଇବ ହାୟ୍ୟ ଇହଳୋକର ହାସ୍ୟକାର ୨୫
ଲୋକେ ତୁମ୍ଭମାନଙ୍କର ଶୋକ ଓ ରୋଦନ କରିବାକୁ ହେବ । ଯେବେ ସମସ୍ତ ୨୬
ଲୋକେ ତୁମ୍ଭମାନଙ୍କର ସୁଖ୍ୟାତ କରନ୍ତି ତେବେ ତୁମ୍ଭମାନଙ୍କର ସନ୍ତାପ ହୋ
ଇବ ଯେଣୁ ସେମାନଙ୍କର ପୂର୍ବ ପୁରୁଷମାନେ ମିଥ୍ୟା ଭବିଷ୍ୟଦ୍ବକ୍ତାଗଣର
ପ୍ରତି ସେହିରୂପ କରି ଥିଲେ ।

ହେ ଶ୍ରୋତାମାନେ ଆମ୍ଭେ ତୁମ୍ଭମାନଙ୍କୁ କୋଳି ତୁମ୍ଭ ଶତ୍ରୁଗଣକୁ ପ୍ରେମ ୨୭
କର ଯେଉଁମାନେ ତୁମ୍ଭମାନଙ୍କୁ ହିଂସା କରନ୍ତି ସେମାନଙ୍କର ମଙ୍ଗଳ କର ।
ଯେଉଁମାନେ ତୁମ୍ଭମାନଙ୍କୁ ଶାପ୍ୟ ଦିଅନ୍ତି ସେମାନଙ୍କୁ ଆଶୀର୍ବାଦ ଦିଅ ୨୮
ଯେଉଁମାନେ ତୁମ୍ଭମାନଙ୍କର ନିନ୍ଦା କରନ୍ତି ସେମାନଙ୍କର ନିମନ୍ତେ ପ୍ରାର୍ଥନା
କର । ଆଉ କେହି ଯେବେ ତୁମ୍ଭର ଏକ ଗାଲରେ ଜାବୁଡା ମାରଇ ୨୯
ତେବେ ତାହାର ପ୍ରତି ଅନ୍ୟ ଗାଲଇ ଫେରାଇ ଦିଅ । କେହି ଯେବେ
ତୁମ୍ଭର ଦୋଶଡା ନୁଗା ହରଣ କରଇ ତେବେ ତାହାକୁ ତୁମ୍ଭର ଗିଲା
ପଇ ନେବାକୁ ମନା ନ କର । ଯେ କେହି ତୁମ୍ଭଠାରେ ପ୍ରାର୍ଥନା କରଇ ୩୦
ତାହାକୁ ଦିଅ ପୁଣି ଯେ ତୁମ୍ଭର ସମ୍ପତ୍ତି ନିଅଇ ତାହାର ନକଝକ ପୁନର୍ବାର
ତାହା ନ ମାଗ । ଆଉ ମନୁଷ୍ୟମାନଠାରୁ ଆପଣାର ପ୍ରତି ଯେଉଁ ବ୍ୟବହାର ୩୧
ସ୍ୱହ ସେମାନଙ୍କ ପ୍ରତି ସେହିପରି କର । ଯେହେତୁ ଯେଉଁମାନେ ତୁମ୍ଭମାନଙ୍କୁ ୩୨
ପ୍ରେମ କରନ୍ତି କେବଳ ସେମାନଙ୍କୁ ପ୍ରେମ କଲେ ତୁମ୍ଭମାନଙ୍କର କ ପ୍ରଶଂସା
ଦୁଷ୍ଟ ଲୋକମାନେହେଁ ଆପଣାମାନଙ୍କର ପ୍ରେମକାରମାନଙ୍କୁ ପ୍ରେମ କରନ୍ତି ।
ଆଉ ଯଦି ହିତକାରମାନଙ୍କର ମାନ୍ୟ ହିତ କର ତେବେ ତୁମ୍ଭମାନଙ୍କର ୩୩
କ ପ୍ରଶଂସା ଦୁଷ୍ଟ ଲୋକମାନେହେଁ ସେହିରୂପ କରନ୍ତି । ପୁଣି ଯେଉଁମାନଙ୍କ ୩୪
ଠାରୁ ଋଣ ପରିଶୋଧ ପାଇବାର ଆଶା ଥାଏ କେବଳ ସେମାନଙ୍କୁ ଋ
ଣ ଦେଲେ ତୁମ୍ଭମାନଙ୍କର କ ପ୍ରଶଂସା ଯେଣୁ ଫେରି ପାଇବାର ଆଶା
କର ଦୁଷ୍ଟ ଲୋକମାନେହେଁ ଦୁଷ୍ଟ ଲୋକଙ୍କୁହିଁ ଋଣ ଦିଅନ୍ତି । ଏହେତୁ ତୁମ୍ଭେ ୩୫
ମାନେ ଶତ୍ରୁମାନଙ୍କୁ ପ୍ରେମ କର ପରର ହିତ କର ପୁନର୍ବାର ପ୍ରାପ୍ତି ଆଶା
ନ କର ଋଣ ଦିଅ ତହିଁରେ ତୁମ୍ଭମାନଙ୍କର ବହୁତ ଫଳ ହୋଇବ ପୁଣି
ତୁମ୍ଭେମାନେ ସର୍ବୋପରିସ୍ଥାନଙ୍କର ସନ୍ତାନ ବଖ୍ୟାତ ହୋଇବ ଯେହେତୁ ସେ
ଉପକାରବ୍ରାତ୍ମା ଓ ଦୁଷ୍ଟମାନଙ୍କରହିଁ ହିତ କରନ୍ତି । ଏହେତୁ ତୁମ୍ଭମାନ ୩୬
ଙ୍କର ପିତା ଯେରୂପ ଦୟାଳୁ ତୁମ୍ଭେମାନେହେଁ ସେହିରୂପ ଦୟାଳୁ ହୁଅ ।

ପରର ବିଷୟ ଚର୍ଚ୍ଚ ନ କର ତେଣୁ ତୁମ୍ଭ ବିଷୟ ଚର୍ଚ୍ଚ ହୋଇବ ପରକୁ ୩୭
ଦୋଷି ନ କର ତେଣୁ ତୁମ୍ଭେମାନେ ଦୋଷୀକୃତ ହୋଇବ କ୍ଷମା କର ତେଣୁ

୩୮ କ୍ଷେମା ପାଇବ । ଦାନ କର ତେଣୁ ତୁମ୍ଭମାନଙ୍କୁ ଦତ୍ତ ହେବ ବରଞ୍ଚ ହାଁକ
ଓ ଚପି ଓ ଉଚ୍ଛୁଳାଇ ପରପୂର୍ଣ ପରମାଣରେ ତୁମ୍ଭମାନଙ୍କର ଅଣ୍ଟିରେ ଦଆ
ଯିବ । ତେଣୁ ତୁମ୍ଭେମାନେ ଯେଉଁ ପରମାଣରେ ମାପି ଦଅ ସେହି ପରମାଣ
ରେଇ ତୁମ୍ଭମାନଙ୍କଠାରେ ମପାଯିବ ।
୩୯ ଏଥିଁ ଅନନ୍ତରେ ସେ ସେମାନଙ୍କୁ ଏକ ଦୃଷ୍ଟାନ୍ତ କହିଲେ । ଅନ୍ଧ ମନୁଷ୍ୟ
କ ଅନ୍ଧକୁ ବାଟ ଦେଖାଇ ପାରଇ ଦାହା କଲେ ଦୁହେଁ କ ଖାଇରେ ପଡିବେ
୪୦ ନାହିଁ । ଗୁରୁଠାରୁ ଶିଷ୍ୟ ଶ୍ରେଷ୍ଠ ନୁହଇ ପୁଣି ଶିଷ୍ୟ ସିଦ୍ଧ ହୋଇଲେ ଗୁରୁର
୪୧ ତୁଲ୍ୟ ହେବାକୁ ପାରଇ । ଆଉ ତୁମ୍ଭେମାନେ ଅପଣାର ଚକ୍ଷୁର କଡିକାଠ
ନ ଦେଖି ତୁମ୍ଭର ଭ୍ରାତାର ଚକ୍ଷୁରେ ଯେ କୁଟା ଅଛୁ ତାହା କଥାଁ ଦେଖ ।
୪୨ ଆଉ ଅପଣା ଚକ୍ଷୁରେ କଡିକାଠ ଅଛୁ ତାହା ନ ବୁଝି ହେ ଭାଇ ତୁମ୍ଭ ଚକ୍ଷୁର
କୁଟା ବାହାର କର ଦେଉଁ ଏ କଥା ଭାଇକୁ କେଉଁ ପ୍ରକାରରେ କହି
ପାରବ । ହେ କପଟୀ ଅପଣା ଚକ୍ଷୁର ଆଗେ କଡିକାଠ କାଢି ପକାଅ ତେବେ
୪୩ ଭ୍ରାତାର ଚକ୍ଷୁର କୁଟା ବାହାର କରିବାକୁ ଦୃଷ୍ଟି ନର୍ମଲ ହୋଇବ । ଆଉ ଉତ୍ତମ
ବୃକ୍ଷରେ କେବେହେଁ ମନ୍ଦ ଫଳ ଫଳଇ ନାହିଁ ପୁଣି ମନ୍ଦ ବୃକ୍ଷରେହେଁ
୪୪ ଉତ୍ତମ ଫଳ ଫଳଇ ନାହିଁ । ଏଣୁ କର ଫଳର ପ୍ରତ୍ୟେକ ବୃକ୍ଷ ଚିହ୍ନା ଯାଏ । ।
କଣ୍ଟା ଲତାର କେହ ଡମ୍ବିର ଫଳ ତୋଳଇ ନାହିଁ କ୍ଷୀରକୋଳି ବୃକ୍ଷର
କେହ ଦ୍ରାକ୍ଷା ଫଳ ତୋଳଇ ନାହିଁ । ସେହିରୂପେ ସାଧୁ ଲୋକମାନେ
୪୫ ଅନ୍ତଃକରଣ ସ୍ୱରୂପ ସୁଭଣ୍ଡାରର ଉତ୍ତମ ଦ୍ରବ୍ୟ ବାହାର କରନ୍ତି । ପୁଣି ଦୁଷ୍ଟ
ଲୋକମାନେ ମନୋରୂପ କୁଭଣ୍ଡାରର ମନ୍ଦ ଦ୍ରବ୍ୟ ବାହାର କରନ୍ତି । ଯେଣୁ
ଅନ୍ତଃକରଣ ପୂର୍ଣ ଭାବାନୁସାରେ ମୁଖର ବାକ୍ୟ ବାହାର ହୁଅଇ ।
୪୬ ଆଉ ଆମ୍ଭର ଆଜ୍ଞା ପାଳଣ ନ କର ଆମ୍ଭକୁ କଥାଁ ପ୍ରଭୁ ପ୍ରଭୁ କର
୪୭ ବୋଲ । ଯେ କେହି ଆମ୍ଭର ନକଟରେ ଅସି ଆମ୍ଭର ଉପଦେଶ ଶୁଣି ପାଳଣ
୪୮ କରଇ ସେ କାହାର ତୁଲ୍ୟ ହୁଅଇ ତାହା ଜଣାଉଁ । ଯେଉଁ ମନୁଷ୍ୟ ଗମ୍ଭୀର
ଖୋଳି ପଥରରେ ମୂଳଦୁଆ କର ଅପଣା ଗୃହ ଗୁନ୍ଥଇ ଏମନ୍ତ ଲୋକର
ସହିତ ତାହାର ଉପମା ହୁଅଇ ଯେହେତୁ ବଢ ଅସି ତାକୁ ବଳିଆର ସ୍ରୋତ
ମାଇଲେହେଁ ସେ ଗୃହକୁ ହଲାଇ ପାରଇ ନାହିଁ ଯେଣୁ ତାହାର ମୂଳଦୁଆ
୪୯ ପଥରର ଉପରେ ଥାଏ । ପୁଣି ଯେ କେହି ଆମ୍ଭର କଥା ଶୁଣି ପାଳଣ ନ
କରଇ ସେ ବନା ମୂଳଦୁଆ ମାଟିର ଉପରରେ ଗୃହ ନର୍ମାଣକାର ଲୋକର
ତୁଲ୍ୟ ହୁଅଇ । ଯେହେତୁ ବଢ ଅସି ତାକୁ ବଳିଆର ସ୍ରୋତ ମାଇଲେ ସେ
ତତ୍କ୍ଷଣି ଭଙ୍ଗି ପଡଇ ଓ ତାହାର ଉଛୁଖାଡ ବଡ ହୁଅଇ ।

୭ ପବ୍ବ ।

ସେ ଲୋକମାନଙ୍କର କର୍ଣ୍ଣ ଗୋଚରରେ ଉପଦେଶ ସଂପୂର୍ଣ୍ଣ କରି କଫର ୧
ନାହୁମ ନଗରରେ ପ୍ରବେଶିଲେ । ସେହି ସମୟରେ ଶତ ସେନାପତ୍ତିର ଜଣେ ୨
ପ୍ରିୟ ଦାସ ମୃତ୍ୟୁବତ୍ର ପୀଡିତ ଥିଲା । ସେହି ସେନାପତ୍ତି ଯୀଶୁର ବିଷୟ ଶୁଣି ସେ ୩
ଯେମନ୍ତ ଅସି ଆପଣା ଦାସକୁ ସୁସ୍ଥ କରିବେ ଏଥିପାଇଁ ତାହାକୁ ବିନୟ କର
ବାକୁ ସେ ଯିହୁଦୀୟମାନଙ୍କର ପ୍ରାଚୀନକୁ ପଠାଇଲା । ସେମାନେ ୪
ଯୀଶୁର ନିକଟକୁ ଯାଇ ଅତିଶୟ ବିନୟ କର କହିଲେ ସେହି ସେନାପତ୍ତି
ଆପଣଙ୍କର ଅନୁଗ୍ରହର ଯୋଗ୍ୟପାତ୍ର ଅଟଇ ଯେହେତୁ ସେ ଆମ୍ଭମାନଙ୍କର ୫
ଦେଶୀୟ ଲୋକଙ୍କୁ ସ୍ନେହ କର ଆମ୍ଭମାନଙ୍କର ନମନ୍ତେ ଏକ ଭଜନାଲୟ
ନର୍ମାଣ କରିଅଛନ୍ତି । ତହିଁରେ ଯୀଶୁ ସେମାନଙ୍କର ସଙ୍ଗତରେ ଗମନ କର ୬
ଘରର ନିକଟରେ ଉପସ୍ଥିତ ହୁଅନ୍ତେ ସେହି ଶତ ସେନାପତ୍ତି ବନ୍ଧୁଲୋକଙ୍କ
ଦ୍ୱାରା ତାହାଙ୍କର ନିକଟରେ କହି ପଠାଇଲା ହେ ପ୍ରଭୁ ଆପଣକୁ ଦୁଃଖ ନ
ଦିଅ ଆପଣ ଯେ ଆମ୍ଭର ଗୃହ ତଳେ ଅସିବେ ଆମ୍ଭେ ଏତେ ଯୋଗ୍ୟ ନୋହୁ ୭
ବରଞ୍ଚ ଆମ୍ଭେ ଆପଣଙ୍କର ନିକଟକୁ ଯିବାକୁଇ ଆପଣାକୁ ଯୋଗ୍ୟ ନ ମଣିଲୁଁ ।
ମାତ୍ର ଆପଣ କଥା ଗୋଟାଏ କହନ୍ତୁ ତହିଁରେଇ ଆମ୍ଭର ଦାସ ସୁସ୍ଥ ହୋ
ଇବ । ଯେହେତୁ ଆମ୍ଭେ ପରାଧୀନ ହୋଇଲେହେଁ ଆମ୍ଭର ଅଧୀନ ଯେ ସେ ୮
ନାଗଣ ଅଛନ୍ତି ସେମାନଙ୍କର ଜଗକୁ ଯାଅ ବୋଇଲେ ସେ ଯାଏ । ଅ
ନ୍ୟକୁ ଅସ ବୋଇଲେଇ ସେ ଅସଇ । ଆହୁରି ନିଜ ଦାସକୁ ଏହା କର
ବୋଇଲେ ସେ ତାହାଇ କରଇ । ଯୀଶୁ ଏକଥା ଶୁଣି ଅଶ୍ଚର୍ଯ୍ୟ ମନି ମୁଖ ୯
ଫେରାଇ ପଶ୍ଚାଦ୍ଭର୍ତ୍ତି ଲୋକଙ୍କୁ କହିଲେ ଆମ୍ଭେ ତୁମ୍ଭମାନଙ୍କୁ କହୁଁ ଇଶ୍ରାଏ
ଲର ମଧ୍ୟରେ ଏମନ୍ତ ବିଶ୍ୱାସ ପାଇ ନାହୁଁ । ଅନନ୍ତରେ ସେହି ପ୍ରେରିତ ୧୦
ଲୋକମାନେ ଗୃହକୁ ଫେର ଯାଇ ପୂର୍ବ ପୀଡିତ ସେହି ଦାସକୁ ସୁସ୍ଥ ଦେ
ଖିଲେ ।

ପରଦନରେ ସେ ନାୟୀନ ନାମେ ନଗରକୁ ଯାଇ ତାହାଙ୍କର ଅନେକ ୧୧
ଶିଷ୍ୟ ଓ ଲୋକର ବଡ ଗହଳ ତାହାଙ୍କର ସଙ୍ଗତରେ ଗଲେ । ସେହି ନଗ ୧୨
ରର ଦ୍ୱାରର କତରେ ଉପସ୍ଥିତ ହୁଅନ୍ତେ ଏକ ମୃତ ମନୁଷ୍ୟକୁ ବାହାରେ
କୁହା ଯାଉ ଥିଲା ସେ ତାହାର ମାତାର ଏକାପୁତ୍ର ମାତ୍ର ଅନ୍ଧୁର ସେ ଛତ୍ରୀ
ବଧବା ଥିଲା ପୁଣି ତାହାର ସଙ୍ଗରେ ନଗରର ବହୁତ ମନୁଷ୍ୟ ଥିଲେ । ପ୍ରଭୁ ୧୩
ତାହାକୁ ଦେଖି ସଦୟ ହୋଇ କହିଲେ ରୋଦନ ନ କର । ପୁଣି ସେ ନିକ ୧୪
ଟରେ ଯାଇ ଖଟ ଛୁଇଁଲେ ତହିଁରେ ବାହକମାନେ ସ୍ଥିରତ ହୋଇ ଛିଡା

ହୁଅନ୍ତେ ସେ କହିଲେ ହେ ଯୁବା ମନୁଷ୍ୟ ଉଠ ଆମ୍ଭେ ତୁମ୍ଭକୁ ଆଜ୍ଞା
୧୫ ଦେଇ । ତହୁଁ ସେହି ମଲା ମନୁଷ୍ୟ ଉଠି କଥା କହିବାକୁ ଲାଗିଲା ପୁଣି ଯୀଶୁ
୧୬ ତାହାର ମାତାଠାରେ ତାହାକୁ ସମର୍ପି ଦେଲେ । ତହିଁରେ ସମସ୍ତ ଲୋକେ
ଶଙ୍କା ପାଇଲେ ଆଉ ଆମ୍ଭମାନଙ୍କର ମଧ୍ୟରେ ଜଣେ ମହା ଭବିଷ୍ୟତ୍ରବକ୍ତାର
ଉଦୟ ହେଲା ଓ ଈଶ୍ୱର ଆପଣା ଲୋକଙ୍କର ନିକଟରେ ଦୃଷ୍ଟି କରିଛନ୍ତି ଏହା
୧୭ କହି ଈଶ୍ୱରଙ୍କର ଧନ୍ୟବାଦ କଲେ । ଏଉତ୍ତାରୁ ସମସ୍ତ ଯିହୁଦା ଦେଶରେ
ଓ ତାହାର ଚତୁର୍ଦ୍ଦିଗ ସୀମାରେ ତାହାଙ୍କର ଏହି ସୁଖ୍ୟାତି ବ୍ୟାପିଲା ।
୧୮ ଅନନ୍ତରେ ଯୋହନର ଶିଷ୍ୟଗଣ ତାହାକୁ ଏହି ସମାଚାର ଜଣାଇଲେ
୧୯ ସେ ଆପଣାର ଦୁଇ ଜଣ ଶିଷ୍ୟଙ୍କୁ ଡାକି ଯୀଶୁର ନିକଟରେ ଏମନ୍ତ କହି ପ
ଠାଇଲା । ଯାହାର ଆଗମନର ଅପେକ୍ଷା ଅଛି ତୁମ୍ଭେ କି ସେହି ଲୋକ କି
୨୦ ଅବା ଆମ୍ଭେମାନେ ଅନ୍ୟର ଅପେକ୍ଷାରେ ରହିବା । ଏମନ୍ତରେ ସେମାନେ
ତାହାଙ୍କର ନିକଟକୁ ଯାଇ କହିଲେ ଯାହାଙ୍କର ଆଗମନର ଅପେକ୍ଷା ଅଛି
ତୁମ୍ଭେ କି ସେହି ଜନ ନୋହିଲେ କି ଆମ୍ଭେମାନେ ଅନ୍ୟର ଅପେକ୍ଷାରେ
ଥିବୁଁ । ଆମ୍ଭମାନଙ୍କ ଦ୍ୱାରା ଯୋହନ ତୁବକ ଆପଣଙ୍କର ନିକଟରେ ଏକଥା
୨୧ କହି ପଠାଇଅଛି । ସେହି ସମୟରେ ଯୀଶୁ ରୋଗ ଓ ମହାବ୍ୟାଧି ଓ ଦୁଷ୍ଟ
ଭୂତଗ୍ରସ୍ତ ବହୁତଙ୍କୁ ସୁସ୍ଥ କରି ଓ ଅନ୍ଧକୁ ଚକ୍ଷୁ ଦେଇ ସେମାନଙ୍କୁ ଉତ୍ତର
୨୨ କଲେ ଅନ୍ଧମାନେ ଦୃଷ୍ଟି ପଙ୍ଗୁମାନେ ଚରଣ ବଧିରମାନେ ଶ୍ରବଣ ପାନ୍ତି କୁଷ୍ଠି
ମାନେ ଆରୋଗ୍ୟ ହୁଅନ୍ତି ମୃତ ଲୋକମାନେ ଜୀବନ ପାଇ ଉଠନ୍ତି ଦରିଦ୍ରମା
୨୩ ନଙ୍କର ନିକଟରେ ମଙ୍ଗଳସମାଚାର ପ୍ରଚାର ହେଉଅଛି ଆଉ ଯାହାର ପ୍ରତି
ଆମ୍ଭେ ବିଘ୍ନସ୍ୱରୂପ ନୋହି ସେ ଲୋକ ଧନ୍ୟ ଏଣୁ ତୁମ୍ଭେମାନେ ଯାଇ ଏହି
ଯେ ସମସ୍ତ ଦେଖୁଅଛ ଓ ଶୁଣୁଅଛ ତାହା ଯୋହନକୁ ଜଣାଅ ।
୨୪ ଯୋହନର ଦୂତଗଣ ଗଲାଉତ୍ତାରେ ସେ ଯୋହନର ବିଷୟରେ ଲୋକମା
ନଙ୍କୁ କହିଲେ ତୁମ୍ଭେମାନେ ବାହାର ହୋଇ ବିଲର ମଧ୍ୟରେ କି ଦେଖି
୨୫ ବାକୁ ଯାଇ ଥିଲ କି ବାୟୁରେ ହଲିଲାର ନଳ । ତୁମ୍ଭେମାନେ ବାହାର
ହୋଇ କି ଦେଖିବାକୁ ଯାଇ ଥିଲ କି ସୋଚାନୁଗା ପହିବାର କୌଣସି ଲୋ
କକୁ । ପୁଣି ଯେଉଁମାନେ ଶୋଭାକର ବସନ ପହନ୍ତି ଓ ଉତ୍ତମ ଦ୍ରବ୍ୟ ଭୋ
୨୬ ଜନ କରନ୍ତି ସେମାନେ ରାଜଧାନୀରେ ଥାଆନ୍ତି । ତେବେ ତୁମ୍ଭେମାନେ ବା
ହାର ହୋଇ କି ଦେଖିବାକୁ ଯାଇ ଥିଲ କି ଏକ ଜଣ ଭବିଷ୍ୟତ୍ରବକ୍ତାକୁ
ତାହାଇ ସତ୍ୟ ବରଞ୍ଚ ସେହି ବ୍ୟକ୍ତି ଭବିଷ୍ୟତ୍ରବକ୍ତାଠାରୁହି ଶ୍ରେଷ୍ଠ ଏହା
୨୭ ଆମ୍ଭେ ତୁମ୍ଭମାନଙ୍କୁ କହୁଅଛୁଁ । ଦେଖ ଆମ୍ଭେ ଆପଣା ଦୂତକୁ ତୁମ୍ଭର ଆଗେ
ପଠାଉଁ ସେ ଯାଇ ତୁମ୍ଭର ବାଟ ପ୍ରସ୍ତୁତ କରିବ ଯାହାର ବିଷୟରେ ଏହା

ଲେଖାଅଛି ସେ ।  ଏହେତୁ ତୁମ୍ଭମାନଙ୍କୁ କହୁଅଛି, ସ୍ତ୍ରୀ ଲୋକର ଗର୍ତ୍ତ ଜାତ ୮
ଭବିଷ୍ୟଦ୍ବକ୍ତାଗଣର ମଧ୍ୟରେ ଯୋହନ ତୁଚ୍ଛକାର କେହ ଶ୍ରେଷ୍ଠ ନୁହନ୍ତି
ତଥାପି ଈଶ୍ୱରଙ୍କର ରାଜ୍ୟରେ ସମସ୍ତଙ୍କଠାରୁ ସାନ ଯେଉଁ ଲୋକ ସେ ତାହା
ଠାରୁହିଁ ଶ୍ରେଷ୍ଠ । ଆଉ ସମସ୍ତ ଲୋକେ ଓ କରସଞ୍ଚୟକାରଗଣ ତାହାଙ୍କର ୯
ବାକ୍ୟ ଶ୍ରବଣ କରି ଯୋହନର ତୁବରେ ତୁବିଡ ହୋଇ ପରମେଶ୍ୱରଙ୍କୁ
ଯଥାର୍ଥ କରି ମଣିଲେ ପୁଣି ଫାରୂଶୀମାନେ ଓ ବ୍ୟବସ୍ଥାପକମାନେ ତାହାଠାରୁ ୩୦
ତୁବିଡ ନୋହିବାରୁ ଆପଣାମାନଙ୍କର ଲାଗି ଈଶ୍ୱରଙ୍କର ଆଦେଶ ଅଗ୍ରାହ୍ୟ
କଲେ । ଏଣୁ ପ୍ରଭୁ କହିଲେ ଆମ୍ଭେ କାହାର ସଙ୍ଗତରେ ଏହିକାଳର ମନୁ ୩୧
ଷ୍ୟର ତୁଲ୍ୟତା ଦେବା ପୁଣି ସେମାନେ ଅବା କାହାର ତୁଲ୍ୟ । ଯେଉଁ ୩୨
ପିଲ୍ଲମାନେ ବଜାରରେ ଥାଇ ଆପଣାମାନଙ୍କୁ ଡାକି ଏହି କଥା କହନ୍ତି
ଆମ୍ଭେମାନେ ତୁମ୍ଭ ନିକଟରେ ବଂଶୀ ବଜାଇଲୁଁ ପୁଣି ତୁମ୍ଭେମାନେ ନାଚିଲ
ନାହିଁ ତୁମ୍ଭ ନିକଟରେ ରୋଦନ କଲୁଁ ପୁଣି ତୁମ୍ଭେମାନେ ଖେଦ କଲ ନାହିଁ
ଏମନ୍ତ ବାଲକଗଣର ତୁଲ୍ୟ ହୁଅନ୍ତି । ଯେହେତୁ ଯୋହନ ତୁବକ ଆସି ୩୩
ରୁଟୀ ଖାଇଲା ନାହିଁ ଓ ଦ୍ରାକ୍ଷାରସଇ ପାନ କଲା ନାହିଁ ତହିଁରେ ତୁମ୍ଭେ
ମାନେ ବୋଲ ଏହି ଲୋକ ଭୂତଗ୍ରସ୍ତ । ମନୁଷ୍ୟ ପୁତ୍ର ଆସି ଭୋଜନ ପାନ ୩୪
କଲେ ତହିଁରେ ତୁମ୍ଭେମାନେ ବୋଲ ଅରେ ଏହି ଭୋକ୍ତା ମଦ୍ୟପାସ୍ତୀ ଆଉ
ପାପାଣ୍ଜାତ ଓ ପାପିଗଣର ବନ୍ଧୁ । ପୁଣି ଜ୍ଞାନୀର ସବୁ ସନ୍ତାନଗଣ ତାହାକୁ ୩୫
ଯଥାର୍ଥ କରି ମଣନ୍ତି ।

ଅନନ୍ତରେ ଜଣେ ଫାରୂଶୀ ଯୀଶୁଙ୍କୁ ଭୋଜନର ନିମନ୍ତ୍ରଣ କରନ୍ତେ ସେ ୩୬
ତାହାର ଗୃହରେ ଯାଇ ଭୋଜନ କଲେ । ଏଥିରେ ଦେଖ ଯୀଶୁ ସେ ଫାରୂ ୩୭
ଶୀର ଗୃହରେ ଭୋଜନ କରି ବସୁଛନ୍ତି ସେହି ଗ୍ରାମ ନିବାସି କୌଣସି ପାପି ସ୍ତ୍ରୀ
ଲୋକ ଏହା ଜାଣିବାକୁ ପାଇ ଏକ ଶୁକ୍ଳ ପଥରର ଫରୂଆରେ ସୁଗନ୍ଧି ତୈଳ
ନେଇ ତାହାଙ୍କର ପଶ୍ଚାତ୍ ଚରଣର କତରେ ଅସି ଛିଡା ହୋଇଲା । ପୁଣି ୩୮
ରୋଦନ କରିଁ ନୋତକରେ ତାହାଙ୍କର ଚରଣ ଧୋଇ ଆପଣା ମସ୍ତକ କେଶ
ରେ ପୋଛି ତାହାଙ୍କର ଚରଣ ଚୁମ୍ବନ କରି ସେହି ସୁଗନ୍ଧି ତୈଳ ମଖାଇବାକୁ
ଲାଗିଲା । ଏଥିରେ ସେହି ନିମନ୍ତ୍ରଣକାରୀ ଫାରୂଶୀ ମନୋ ଭାବିଲା ଏ ଯେବେ ୩୯
ଭବିଷ୍ୟଦ୍ବକ୍ତା ହୁଅନ୍ତେ ତେବେ ଏହାଙ୍କୁ ସ୍ପର୍ଶ କରିଅଛି ଯେଉଁ ନାରୀ ସେ
କେ ଓ କେଉଁ ପ୍ରକାର ଲୋକ ତାହା ଅବଶ୍ୟ ଜାଣିବାକୁ ପାରନ୍ତେ ଯେ
ହେତୁ ସେ ପାପିନୀ ଅଟଇ । ତେତେବେଳେ ଯୀଶୁ ତାହାକୁ କହିଲେ ହେ ୪୦
ଶିମୋନ ତୁମ୍ଭକୁ ଆମ୍ଭର କିଛି କହିବାକୁ ଅଛି । ତହିଁରେ ସେହି କହିଲା ହେ
ମଣିମା ତାହା କୁହ । [ସେ କହିଲେ] ଏକ ମହାଜନର ଦୁଇ ଜଣ ଋଣୀ ୪୧

ଥିଲେ ତାହାର ମଧ୍ୟରେ ଜଣେ ପାଞ୍ଚଶ ଟଙ୍କା ଅଉ ଜଣେ ପଚାଶ ଟଙ୍କା ଧାର
୪୧ ଥିଲା । ପୁଣି ସେମାନଙ୍କର ପରଶୋଧ କରିବାର କିଛି ନ ଥିବାରୁ ସେ ଦୁହିଁ
ନରେ ଦୁଇ ଜଣକୁ କ୍ଷମା କଲା ଏମନ୍ତେ ସେହି ଦୁହିଁକର ମଧ୍ୟରେ କେ
୪୩ ତାହାକୁ ଅଧିକ ପ୍ରେମ କରିବ ତାହା କୁହ । ଶିମୋନ ଉତ୍ତର କଲା ଆମ୍ଭର
ଜ୍ଞାନ ହୁଅଇ ଯାହାକୁ ସେ ଅଧିକ ଋଣ କ୍ଷମା କଲା ସେହି । ଯୀଶୁ ତାଇ
୪୪ ଲେ ତୁମ୍ଭେ ଯଥାର୍ଥ ବଚାର କଲ । ଏହା କହି ସେ ସେହି ସ୍ତ୍ରୀ ଲୋକର ପ୍ରତି
ଫେର ଶିମୋନକୁ କହିଲେ ଏହି ସ୍ତ୍ରୀକୁ ଦେଖୁଅଛ । ଆମ୍ଭେ ତୁମ୍ଭର ଗୃହକୁ
ଆସନ୍ତେ ତୁମ୍ଭେ ଆମ୍ଭର ପାଦ ଧୋଇବା ନମନ୍ତେ ପାଣି ଦେଇ ନାହଁ ପୁଣି
ଏହି ସ୍ତ୍ରୀ ଚକ୍ଷୁର ଜଳ ଦେଇ ଆମ୍ଭର ଗୋଡ ଧୋଇ କେଶରେ ପୋଛି
୪୫ ଦେଲା । ତୁମ୍ଭେ ଆମ୍ଭକୁ ଚୁମ୍ବନ କର ନାହଁ ପୁଣି ଏହି ସ୍ତ୍ରୀ ଅଇଲାବେଳରୁ
୪୬ ଆମ୍ଭର ଚରଣ ଚୁମ୍ବନ କରିବାକୁ ଶ୍ଚନ୍ତ ନାହିଁ । ତୁମ୍ଭେ ଆମ୍ଭର ମସ୍ତକରେହେଁ
କିଛି ତୈଳ ମର୍ଦ୍ଦନ କର ନାହଁ ପୁଣି ଏହି ସ୍ତ୍ରୀ ସୁଗନ୍ଧି ତୈଳ ଘେନ ଆମ୍ଭର
୪୭ ଚରଣ ମର୍ଦ୍ଦନ କଲା । ଏହେତୁ ତୁମ୍ଭକୁ କହୁଅଛି, ଏହାର ଯେ ଅଧିକ ପାପ
କ୍ଷମା ହୋଇଅଛି ସେ ଅଧିକ ପ୍ରେମ କରିଅଛ ପୁଣି ଯାହାର ଅଳ୍প ପାପ କ୍ଷମା
୪୮ ହୁଅଇ ତାହାର ପ୍ରେମ ଜ୍ଞାନ ହୁଅଇ । ଏଥିରେ ସେ ସେହି ସ୍ତ୍ରୀକୁ କହିଲେ
୪୯ ତୁମ୍ଭର ପାପ କ୍ଷମା ହୋଇଲା । ତେଣୁ ଯେଉଁମାନେ ତାହାଙ୍କର ସହିତ ଭୋ
ଜନରେ ବସି ଥିଲେ ସେମାନେ ମନ୍ତେ। ଭାବିବାକୁ ଲାଗିଲେ ପାପହି କ୍ଷମା
୫୦ କରଇ ଯେ ଏ କେ । ପୁଣି ସେ ସ୍ତ୍ରୀକୁ କହିଲେ ତୁମ୍ଭର ବିଶ୍ୱାସ ତୁମ୍ଭକୁ
ପରିତ୍ରାଣ କଲା କୁଶଳରେ ଗଲଯାଅ ।

## ୮ ଅଙ୍କ ।

୧ ଆଉ ଯୀଶୁ ଦ୍ୱାଦଶ ଶିଷ୍ୟକୁ ସଙ୍ଗତରେ କରି ନଗରକୁ ନଗର ଓ ଗ୍ରାମକୁ
୨ ଗ୍ରାମ ଭ୍ରମଣ କରି ଈଶ୍ୱରର ରାଜତ୍ୱର ସୁସମାଚାର ପ୍ରଚାର କଲେ । ପୁଣି
ଯାହାଠାରୁ ସାତ ଭୂତ ବାହାର ଥିଲା ଏମନ୍ତ ମାଗ୍ଦଲୀନୀ ଖ୍ୟାତ ମାରିଆ
୩ ଆଉ ହେରୋଦ ରାଜାର ବେବର୍ତ୍ତାର ଭାର୍ଯ୍ୟା ଯୋହାନା ଓ ଶୂଶାନା ଇତ୍ୟାଦି
ଯେଉଁମାନେ ମନ୍ଦ ଭୂତ ଓ ରୋଗରୁ ମୁକ୍ତ ହୋଇ ଥିଲେ ତାହା ଛଡା
ଯେଉଁ ସ୍ତ୍ରୀ ଲୋକମାନେ ଆପଣା ଦ୍ରବ୍ୟ ବ୍ୟୟ କରି ତାହାଙ୍କର ସେବା କ
ରନ୍ତେ। ଏହି ସମସ୍ତେ ତାହାଙ୍କର ସଙ୍ଗତରେ ଥିଲେ ।
୪ ଅନନ୍ତରେ ନାନା ନଗରରୁ ବହୁତୀ ଲୋକେ ଆସି ତାହାଙ୍କର ନିକଟ
୫ ରେ ଏକତ୍ର ହୁଅନ୍ତେ ସେ ସେମାନଙ୍କୁ ଏହି ଦୃଷ୍ଟାନ୍ତ କଥା କହିଲେ । ଜଣେ
କୃଷକ ମାଜ ବୁଣିବାକୁ ବାହାରକୁ ଗଲା । ମାଜ ବୁଣିବାର ସମୟରେ କିଛି

ବାଟର ପାଖେ ପଡିବାରୁ ଲୋକମାନଙ୍କର ଗୋଡ ତଳେ ଦଳିତ ହେଲା
ଅବା ପକ୍ଷିମାନେ ଚାହା ଖାଇ ପକାଇଲେ । ଅଉ କଣ୍ଟା ପାଷାଣ ସ୍ଥାନରେ ୬
ପଡନ୍ତେ ଚାହାର ଗଜା ହୋଇ ଉଠିଲା ପୁଣି ଜଲରସ ନୋହିଲେ ଶୁଖି
ଗଲା । ଅଉ କଣ୍ଟାବଣର ମଧ୍ୟରେ ପଡଲା ପୁଣି କଣ୍ଟା ବଢି ଚାହା ଗ୍ରାସି ୭
ରଖିଲା । ଚାହା ଛଡା କେତ୍ତେ ସାଜ ଉତ୍ତମ ଭୂମିରେ ପଡନ୍ତେ ଚାହା ବଢ ୮
ଉଠି ଶହଗୁଣ ଫଳ ଫଳିଲା । ଏହ କଥା ବୋଲ ସେ ଉଚ୍ଚୈଃସ୍ୱରରେ
ଡାକିଲେ ଯାହାର ଶୁଣିବାକୁ କର୍ଣ ଥାଏ, ସେ ଶୁଣୁ ।

ଅନନ୍ତରେ ଶିଷ୍ୟଗଣ ତାହାଙ୍କୁ ପଚାରିଲେ ଏହ ଦୃଷ୍ଟାନ୍ତର ତାତ୍ପର୍ଯ୍ୟ ୯
କ । ସେ କହିଲେ ଈଶ୍ୱରର ରାଜତ୍ୱର ନଗୂଢ ବିଷୟ ବୁଝିବାକୁ ତୁମ୍ଭମାନ ୧୦
କୁଂ ଦତ୍ତ ହେଲା ପୁଣି ଅନ୍ୟ ଲୋକମାନଙ୍କୁ ସେ ସବୁ ଦୃଷ୍ଟାନ୍ତରେ କୁହା
ଯାଏ, ଉହଁରେ ସେମାନେ ଦେଖିହଁ ନ ଦେଖନ୍ତୁ ଓ ଶୁଣିହଁ ନ ବୁଝନ୍ତୁ ।
ସେହ ଦୃଷ୍ଟାନ୍ତର ଭାବ ଏହ ଈଶ୍ୱରଙ୍କର କଥା ସାଜସ୍ୱରୂପ । ବାଟ ପାଖ ୧୧
ରେ [ପଡଲାର] ଅର୍ଥାତ୍ ଏହ ଯେଉଁମାନେ ଶୁଣନ୍ତୁ ପୁଣି ଶୁଣିଲା ଉତ୍ତାରେ ୧୨
ଶୟତାନ ଅସି ସେମାନଙ୍କର ମନରୁ ବାକ୍ୟ ତୁରତ କରି ନଅଇ ନୋହିଲେ
ଅବା ସେମାନେ ବିଶ୍ୱାସ କରି ପରିତ୍ରାଣ ପାଇ ଥିବେ । ପାଷାଣରେ [ପଡ ୧୩
ଲାର] ଅର୍ଥାତ୍ ଏହ ଯେଉଁମାନେ ଅନନ୍ଦରେ ଶୁଣି ବାକ୍ୟ ଗ୍ରହଣ କରନ୍ତୁ
ପୁଣି ନଜରେ ମୂଳ ନ ବସିବାରୁ ସେମାନେ ଅଳ୍ପ ସମୟ ଯାଏ ବିଶ୍ୱାସ
ରଖନ୍ତୁ ମାତ୍ର ପରୀକ୍ଷା କାଳରେ ଧର୍ମ ତ୍ୟାଗୀ ହୁଅନ୍ତୁ । ଅଉ କଣ୍ଟାଗଛ ମଧ୍ୟ ୧୪
ରେ ପଡଲାର ଅର୍ଥାତ୍ ଏହ ଯେଉଁମାନେ ଶୁଣିବାମାତ୍ରରେ ଯାଇ ବିଷୟ
ଚିନ୍ତାରେ କି ଧନ ଲୋଭରେ କି ଲୌକିକ ସୁଖରେ ମଗ୍ନ ହେବାରୁ ଉପ
ଯୁକ୍ତ ଫଳ ନ ଫଳନ୍ତି । ଉତ୍ତମ ଭୂମିରେ [ପଡଲାର] ଅର୍ଥାତ୍ ଏହ ଯେଉଁମା ୧୫
ନେ ଶ୍ରବଣ କଲା ଉତ୍ତାରେ ସରଳ ଓ ଶୁଦ୍ଧାନ୍ତଃକରଣରେ କଥା ଗ୍ରହଣ
କରନ୍ତୁ ପୁଣି ଧୈର୍ଯ୍ୟ ଧର ଫଳ ଫଳନ୍ତୁ ।

କେହ ବତ୍ତା ଜ୍ୱାଳି ପାତ୍ର ଦେଇ ଢାଙ୍କନ୍ତୁ ନାହିଁ କଅବା ପଲଙ୍କ ୧୬
ତଳେ ରଖନ୍ତୁ ନାହିଁ ପୁଣି ଦୀପରତ୍ନାର ଉପରେ ରଖନ୍ତୁ ଉହିଁରେ ସେହ ଘରରେ
ଆଗମନକାରୀ ସମସ୍ତେ ଆଲୁଅ ପାଅନ୍ତୁ । ଯେଣୁ ଯେ ପ୍ରକାଶିତ ନୋହିବ ୧୭
ଏପ୍ରକାର ଅପ୍ରକାଶିତ ବିଷୟ କିଛୁ ନାହିଁ ପୁଣି ଯାହା ଜଣାଯାଇ ପ୍ରକାଶିତ
ନୋହିବ ଏମନ୍ତ କିଛୁ ଗୁପ୍ତ ବିଷୟ ନାହିଁ । ଏହେତୁ ତୁମ୍ଭେମାନେ ସାବଧାନ ୧୮
ହୋଇ ଶୁଣ ଯେଣୁ ଯାହାର ନକଟରେ ବଢଇ ତାହାକୁ ଅଧୁର ଦିଆ ଯିବ
ପୁଣି ଯାହାର ନକଟରେ କଢଇ ନାହିଁ ତାହାର ବୋଧରେ ଯେ କିଛୁ ଅଛି
ତାହାଇ ନଆଯିବ ।

୧୯ ଏଥିରେ ଯୀଶୁର ମାତା ଭ୍ରାତା ସମସ୍ତେ ଆସି ଲୋକ ଗହଳ ସକାଶୁଁ
୨୦ ତାହାଙ୍କର ନିକଟରେ ଆସିବାକୁ ପାରଲେ ନାହିଁ । ତେଣୁ କେହି ତାହାଙ୍କୁ
କହିଲା ତୁମ୍ଭର ମାତା ଭ୍ରାତା ସମସ୍ତେ ତୁମ୍ଭର ସହିତ ଦେଖା କରବାର
୨୧ ଇଚ୍ଛାରେ ବାହାରେ ଠିଆ ହେଉଛନ୍ତି । ଏଥିରେ ସେ ଉତ୍ତର କର କହିଲେ
ଯେଉଁମାନେ ଈଶ୍ୱରର କଥା ଶୁଣି ପାଳଣ କରନ୍ତି ସେମାନେଇ ଆମ୍ଭର
ମାତା ପୁଣି ଆମ୍ଭର ଭ୍ରାତା ସମସ୍ତେ ।
୨୨ ଏଥି ଅନନ୍ତରେ ଯୀଶୁ ଜଣେ ଶିଷ୍ୟଗଣର ସହିତ ନାଆରେ ଚଢ କହିଲେ
ଆସ ଆମ୍ଭେମାନେ ହ୍ରଦର ସେ ପାରକୁ ଯାଉଁ । ତେଣୁ ସେମାନେ ବାହ
୨୩ ଗଲେ । ଯାଉଁ ଯାଉଁ ସେ ନିଦ୍ରିତ ହୋଇଲେ ପୁଣି ଗୋଟାଏ ଅତ୍ୟନ୍ତ
ପବନ ହ୍ରଦରେ ଲାଗିବାରୁ ନାଆ ଜଳରେ ପୂର୍ଣ୍ଣ ହୁଅନ୍ତେ ସେମାନେ ଭୟ
୨୪ ଗ୍ରସ୍ତ ହେଲେ । ତେଣୁ ସେମାନେ ଯୀଶୁର ପାଖକୁ ଯାଇ ହେ ପ୍ରଭୁ ଆମ୍ଭେ
ମାନେ ନାଶ ଯାଇ ଏହା କହି ତାହାଙ୍କୁ ଜଗାଇଲେ । ଏଥିରେ ସେ ଉଠି
ବତାସକୁ ଓ ଜଳର କଲ୍ଲୋଳକୁ ଧମକାଇଲେ ସବୁ ନିବର୍ତ୍ତ ହୋଇ ସୁସ୍ଥିର
୨୫ ହେଲା । ପୁଣି ସେ ସେମାନଙ୍କୁ କହିଲେ ତୁମ୍ଭମାନଙ୍କର ବିଶ୍ୱାସ କାହିଁ
ଏଥିରେ ସେମାନେ ଭୟ କର ଚମତ୍କୃତ ହୋଇ ଏକଜଣଅରେକ କହିଲେ
ଆଃ ଏ କେମନ୍ତ ଲୋକ ସେ ବତାସକୁ ଓ ଜଳକୁ ଆଜ୍ଞା ଦିଅନ୍ତେ ସେମା
ନେହେଁ ଆଜ୍ଞାକାର ହୁଅନ୍ତି ।
୨୬ ଏଉତ୍ତର ଗାଲଲୀ ପ୍ରଦେଶର ସମ୍ମୁଖସ୍ଥ ଗାଦରୀୟ ଅଞ୍ଚଳରେ ନାଆ ଲଗ
୨୭ ଲେ ସେ କୂଳରେ ଉତ୍ତରିବା ମାତ୍ରକେ ବହୁତକାଳର ଭୂତଗ୍ରସ୍ତ ଏକ ମନୁଷ୍ୟ
ନଗରରୁ ଆସି ତାହାଙ୍କର ସହିତ ରେତିଲା । ସେ ମନୁଷ୍ୟ ବସନ ନ ପିନ୍ଧି ଓ
୨୮ ଗୃହରେ ବାସ ନ କର କେବଳ କବର ସ୍ଥାନରେଇ ଥାଆନ୍ତା । ସେ ଯୀଶୁକୁ
ଦେଖିବା ମାତ୍ର ଡକା ପାଡ ତାହାଙ୍କର ସମ୍ମୁରେ ପଡ ଉଚ୍ଚ ଶବ୍ଦରେ
କହିଲା ହେ ସର୍ବ ପ୍ରଧାନ ଈଶ୍ୱରଙ୍କର ପୁତ୍ର ଯୀଶୁ ଆମ୍ଭର ସଙ୍ଗତରେ ତୁମ୍ଭର
୨୯ କ ବିଷୟ ତୁମ୍ଭକୁ ବିନୟ କର ଆମ୍ଭକୁ ଯନ୍ତ୍ରଣା ନ ଦିଅ । ଯେହେତୁ ସେ
ମନୁଷ୍ୟକୁ ଶୁଚ ହିବାକୁ ସେ ଅପବିତ୍ର ଭୂତକୁ ଆଜ୍ଞା ଦେଇ ଥିଲେ । ସେହି
ଭୂତ ତାହାକୁ ବାରବାର ଧରିଲା ଏଣୁ ସେ ଶାଙ୍କୋଳି ଓ ବେଡୀ ଦ୍ୱାରା ବନ୍ଦ
ହେଲେହେଁ ସେ ବନ୍ଧନ ସବୁକୁ ଭାଙ୍ଗନ୍ତେ ଭୂତ ଦ୍ୱାରା ବଣକୁ ତଡ ଦିଆ ଯା
୩୦ ଅନ୍ତା । ଅନନ୍ତରେ ଯୀଶୁ ତାହାକୁ ପଚାରିଲେ ତୁମ୍ଭର ନାମ କ ସେ କହିଲା
ଆମ୍ଭର ନାମ ବାହିନୀ ଯେହେତୁ ବହୁତ ଭୂତ ତାହାକୁ ଆଶ୍ରୟ କରିଥିଲା ।
୩୧ ଏଣୁ ଭୂତଗଣ ବିନୟ କର କହିଲେ ଅମ୍ଭମାନଙ୍କୁ ଗଭୀର ସ୍ଥଳରେ ଯିବାକୁ
୩୨ ଆଜ୍ଞା ନ ଦିଅ । ସେହି ସମୟରେ ପର୍ବତର ଉପରେ ଘୁଷୁଡ ପଲ ଚରୁ

ଥିଲେ ପୁଣି ଭୂତଗଣ ବନୟ କର କହିଲେ ସେହି ପଲକୁ ଅଶ୍ରୟ କରିବାକୁ ଆମ୍ଭମାନଙ୍କୁ ଅନୁମତି ଦିଅ ତହିଁରେ ସେ ଅନୁମତି କଲେ । ଏଥିରେ ଭୂତ ୩୩
ଗଣ ସେହି ମନୁଷ୍ୟକୁ ଛାଡ଼ି ଘୁଷୁଡ଼ିକୁ ଅଶ୍ରୟ କରିବା ମାତ୍ର ପଲ ସମୂହ ଗଡ଼ନ୍ତି
ସ୍ଥାନ ଦେଇ ଅତି ବେଗରେ ଦୌଡ଼ି ହ୍ରଦରେ ପଡ଼ି ବୁଡ଼ି ମଲେ । ଚାହିଁ ୩୪
ଦେଖି ପାଳକମାନେ ପଳାଇ ନଗରରେ ଓ ଗ୍ରାମରେ ଯାଇ ସେହି
ସମସ୍ତ କଥାନ୍ତ କହିଲେ । ତହିଁରେ କ ହୋଇଲା ବାହା ଦେଖିବାର ନମନ୍ତେ ୩୫
ଲୋକମାନେ ବାହାର ହୋଇ ଯୀଶୁର ନକଟକୁ ଗଲେ ପୁଣି ସେହି ଭୂତ
ଛଡ଼ା ମନୁଷ୍ୟକୁ ନୁଗା ପିନ୍ଧି ଯଥାର୍ଥ ବୁଦ୍ଧିରେ କର ଯୀଶୁର ଚରଣର ପାଖରେ
ବସି ଥିବାର ଦେଖି ଭୟ ପାଇଲେ । ଅତ୍ ସେ ଭୂତଗ୍ରସ୍ତ ମନୁଷ୍ୟର ସୁସ୍ଥ ୩୬
କରିଥିବା ବାହା ଦେଖିବା ଲୋକ ସେମାନଙ୍କୁ ଜଣାଇଲେ । ତେଣୁ ୩୭
ସେହି ଗାଦରୀୟ ଦେଶର ଚତୁର୍ଦ୍ଦିଗସ୍ଥ ଲୋକ ସମସ୍ତେ ଅତ୍ୟନ୍ତ ଭୀତଯୁକ୍ତ
ହୋଇ ତାହାଙ୍କୁ ବନୟ କର କହିଲେ ଆମ୍ଭମାନଙ୍କର ବର୍ତ୍ତମାନ ଅପଣ ସ୍ଥ
ସ୍ଥାନ କରନ୍ତୁ ଏଥିରେ ସେ ନୌକା ଚଢ଼ି ସେଠାରୁ ବାହୁଡ଼ ଗଲେ । ତେ ୩୮
ତେବେଳେ ଭୂତଛଡ଼ା ମନୁଷ୍ୟ ତାହାଙ୍କର ସଙ୍ଗରେ ରହିବାକୁ ପ୍ରାର୍ଥନା
କଲା ପୁଣି ଯୀଶୁ ତାକୁ ବଦାୟ କର କହିଲେ ତୁମ୍ଭେ ଘରକୁ ଯାଇ ଈଶ୍ୱର
ତୁମ୍ଭ ପାଇଁ କେମନ୍ତ ବଡ କର୍ମ କରିଛନ୍ତି ତାହା ସେମାନଙ୍କୁ ଜଣାଅ । ତେଣୁ ୩୯
ସେ ପ୍ରସ୍ଥାନ କର ତାହାର ନମନ୍ତେ ଯୀଶୁ କ ମହତ୍ କର୍ମ କରିଅଛନ୍ତି ତାହା
ନଗରର ସର୍ବତ୍ର ପ୍ରକାଶ କରିବାକୁ ଲାଗିଲା ।

ଏଉତ୍ତର ଯୀଶୁ ଫେର ଆସନ୍ତେ ଲୋକମାନେ ତାହାଙ୍କୁ ସୁଗ୍ରାହ୍ୟ କଲେ ୪୦
ଯେହେତୁ ସେମାନେ ସମସ୍ତେ ତାହାଙ୍କର ଅପେକ୍ଷାରେ ଥିଲେ ।

ଏଥିମଧ୍ୟରେ ଯାଇର ନାମରେ ଭଜନାଲୟର ଜଣେ ପଦସ୍ଥ ଯୀଶୁର ନ ୪୧
କଟରେ ଆସି ତାହାଙ୍କର ଚରଣରେ ପଡ଼ ଅପଣା ଗୃହକୁ ଅସିବାକୁ ତାହାଙ୍କୁ
ବନୟ କଲା ଯେହେତୁ ତାହାର ବାର ବରଷର ଗୋଟିଏ କନ୍ୟା ମାତ୍ର ୪୨
ଥିଲା ପୁଣି ତାହାର ପ୍ରାଣାନ୍ତ ପ୍ରାୟେ ହେଉଛି । ତାହାଙ୍କର ଯିବାବେଳେ
ମନୁଷ୍ୟମାନେ ତାଙ୍କଠାରେ ଭିଡ କଲେ । ଏଥିରେ ବାର ବରଷ ପ୍ରଦର ରୋଗ ୪୩
ଗ୍ରସ୍ତ ଯେ ନାନା ବୈଦ୍ୟଠାରେ ଅପଣା ସର୍ବସ୍ୱ ବ୍ୟୟ କଲେ କାହାଠାରୁ ସୁସ୍ଥ
ହେବାକୁ ପାର ନାହିଁ ଏମନ୍ତ ଏକ ସ୍ତ୍ରୀଲୋକ ଯୀଶୁର ପଛନ୍ତେ ଅସି ତା ୪୪
ହାଙ୍କର ବସନର ଥୋପ ଛୁଇଁଲା ପୁଣି ସେହିକ୍ଷଣି ତାହାର ରକ୍ତ ସ୍ରାବ ବନ୍ଦ
ହେଲା । ଏଥିରେ ଯୀଶୁ କହିଲେ କେ ଅମ୍ଭକୁ ସ୍ପର୍ଶ କଲା । ସମସ୍ତେ ନ ମାନ ୪୫
ନ୍ତେ ପିତର ଓ ତାହାର ସଙ୍ଗୀମାନେ କହିଲେ ହେ ଗୁରୁ ଲୋକ ସମସ୍ତେ ଯେ
ଲପେଲ କର ଅପଣଙ୍କୁ ଠେସି ମାଡ ପଡୁଛନ୍ତି ତେବେହେଁ କେ ଅମ୍ଭକୁ ସ୍ପର୍ଶ

୪୨ କଲା ଏହା କ ଅପଣ କହୁଅଛ । ଯୀଶୁ କହିଲେ ଆମ୍ଭକୁ କେହ ଅର୍ଣ କଲା
୪୨ ଯେଣୁ ଆମ୍ଭଠାର ଶକ୍ତି ବାହାର ହୋଇଲା ଏହା ଆମ୍ଭକୁ ଜଣାହେଲା । ଏଥିରେ
ସେହି ସ୍ତ୍ରୀ ଗୁପ୍ତ ନୋହେ ଆପେ ଏହା ବୁଝି ଥରଥର ଅସି ତାହାଙ୍କର ଗୋଡ
ତଳେ ପଡିଲା ପୁଣି କନ୍ୟାମନ୍ତେ ତାହାଙ୍କୁ ଛୁଇଁଲା ଆଉ ଛୁଇଁବା ମାତ୍ର କ ସ
୪୮ କାରେ ସୁସ୍ଥ ହୋଇଲା ଏହା ସମସ୍ତଙ୍କର ଅଗରେ ଜଣାଇଲା । ଏଥିରେ
ସେ ତାହାକୁ କହିଲେ ହେ କନ୍ୟେ ସୁସ୍ଥିର ହୁଅ ତୁମ୍ଭର ବିଶ୍ୱାସ ତୁମ୍ଭକୁ ସୁସ୍ଥ
କଲା ତୁମ୍ଭେ କୁଶଳରେ ଯାଅ ।
୪୯ ଯୀଶୁର ଏହି କଥା କହିବା ସମୟରେ ସେ ପରଶ୍ଚର ଗୃହର କୌଣସି
ମନୁଷ୍ୟ ଅସି ତାହାକୁ କହିଲା ତୁମ୍ଭର କନ୍ୟା ମଲାଣି ଗୁରୁଙ୍କୁ କ୍ଲେଶ ନ ଦିଅ ।
୫୦ ଯୀଶୁ ଏହା ଶୁଣି ପରଶ୍ଚକୁ କହିଲେ ଭୟ ନ କର କେବଳ ବିଶ୍ୱାସ କର
୫୧ ତହିଁରେ ସେ ବଞ୍ଚିବ । ଅନନ୍ତରେ ସେ ତାହାର ଗୃହରେ ଉପସ୍ଥିତ ହୁଅନ୍ତେ
ପିତର ଯାକୁବ ଯୋହନ ପୁଣି କନ୍ୟାର ମାତା ପିତା ବନ୍ଧୁ ଆଉ କାହାକୁହିଁ
୫୨ ପ୍ରବେଶିବାକୁ ନ ଦେଲେ । ପୁଣି ସମସ୍ତେ ତାହାର ଲାଗି ରୋଦନ ଓ ଶୋକ
କରୁଥିଲେ ଏଣୁ ସେ କହିଲେ ତୁମ୍ଭେମାନେ ରୋଦନ ନ କର କନ୍ୟା
୫୩ ମର ନାହିଁ ନିଦ୍ରିତା ଅଛି । ମାତ୍ର ସେମାନେ ତାହାର ମରଣ ନିଶ୍ଚୟ ଜାଣି
୫୪ ତାହାଙ୍କୁ ଉପହାସ କଲେ । ତେଣୁ ସେ ସମସ୍ତଙ୍କୁ ବାହାର କର କନ୍ୟାର
୫୫ ହସ୍ତ ଧର ଡାକ କହିଲେ ହେ କନ୍ୟେ ଉଠ । ତହିଁରେ ତାହାର ପ୍ରାଣ ନେ
ଉଠି ଅସି ସେ ସେହିକ୍ଷଣି ଉଠିଲା । ଆଉ ଯୀଶୁ ତାହାକୁ କିଛି ଖାଇବାର
୫୬ ଦ୍ରବ୍ୟ ଦେବାକୁ ଆଜ୍ଞା କଲେ । ଏଥିରେ ତାହାର ପିତା ମାତା ବିସ୍ମୟ ହୋ
ଇଲେ ପୁଣି ସେ ସେମାନଙ୍କୁ ଆଜ୍ଞା କଲେ ଏହି କର୍ମ କାହାକୁହିଁ ନ କୁହ ।

## ୯ ପଦ୍ୟ ।

୧ ଏଥି ଅନନ୍ତରେ ଯୀଶୁ ଦ୍ୱାଦଶ ଶିଷ୍ୟଙ୍କୁ ଡାକି ସକୁ ଭୂତଗଣର ଉପରେ
ଓ ରୋଗର ପ୍ରତିକାର କରିବାକୁ ସେମାନଙ୍କୁ ଶକ୍ତି ଓ କର୍ତ୍ତୃତ୍ୱ ଦେଲେ ।
୨ ଆଉ ଈଶ୍ୱରର ରାଜ୍ୟ ପ୍ରଚାର କରିବାକୁ ପୁଣି ରୋଗିମାନଙ୍କୁ ସୁସ୍ଥ କରିବାକୁ
୩ ସେମାନଙ୍କୁ ପଠାଇ କହିଲେ ଯାତ୍ରାର ନିମନ୍ତେ ବାଡ ଅଥବା ଝୁଲି ଅଥବା
ଖାଇବାର ଦ୍ରବ୍ୟ ଅଥବା ଟଙ୍କା ଅଥବା ଦୁଇଯୋ ବସ୍ତ୍ର ଏହାର କିଛିହିଁ ସାଙ୍ଗେ
୪ ନ ନିଅ । ଆଉ ଯେଉଁ ଗୃହରେ ତୁମ୍ଭେମାନେ ପ୍ରବେଶ ହୁଅ ସେ ସ୍ଥାନରେ
୫ ରହି ପୁଣି ସେଠାରୁ ପ୍ରସ୍ଥାନ କର । ତହିଁରେ ଯେ କୌଣସି ସ୍ଥାନରେ
କେହି ତୁମ୍ଭମାନଙ୍କୁ ଅଗ୍ରାହ୍ୟ ନ କରନ୍ତି ସେ ନଗରରୁ ଯିବା ସମୟ
ରେ ସେମାନଙ୍କର ପ୍ରତିକୂଳରେ ପ୍ରମାଣ ନିମନ୍ତେ ତୁମ୍ଭମାନଙ୍କର ଗୋଡର

ଧୂଳୀ ଝାଡ଼ ଦଅ । ଏଥିରେ ସେମାନେ ବଦାୟ ହୋଇ ସର୍ବତ୍ର ମଙ୍ଗଲସମା ୬
ଚାର ପ୍ରକାଶ କରୀ ଓ ଘୀଉଡମାନଙ୍କୁ ସୁସ୍ଥ କର୍‌ ଗ୍ରାମରେ ଭ୍ରମଣ କର
ଗଲେ ।

ଏଥିମଧ୍ୟରେ ଷ୍ଟେଠ ରଜା ହେରୋଦ ଯୀଶୁର ସମସ୍ତ କର୍ମର ସଂବାଦ ୭
ପାଇ ଅତ୍ୟନ୍ତ ଉଦ୍‌ବେଗ ଯୁକ୍ତ ହୋଇଲା । ଯେହେତୁ ଥୋକାମ୍ଟେ ଲୋକ କ ୮
ହିଲେ ଯୋହନ ମୃତ୍ୟୁରୁ ଉଠିଅଛି ଆଉ ଥୋକାମ୍ଟେ କହିଲେ ଏଲୀ ଦର୍ଶନ
ଦେଇଛି ପୁଣି ଅନ୍ୟ ଲୋକ କହିଲେ ପୂର୍ବକାଳର କୌଣସି ଭବିଷ୍ୟଦ୍ବକ୍ତା
ପୁନରୁଯି ଉଠିଛି । ପୁଣି ହେରୋଦ କହିଲା ଆମ୍ଭେ ଯୋହନର ମସ୍ତକ ଚ୍ଛେଦନ ୯
କଲୁଁ ଏଣୁ ଯାହାର ଏଭଯ କର୍ମର ସଂବାଦ ପାଉଅଛୁଁ ସେ କେ ଏହା କହି
ତାହାକୁ ଦେଖିବାକୁ ତାହାର ବାଞ୍ଛା ହୋଇଲା ।

ଅନନ୍ତରେ ପ୍ରେରିତ ଶିଷ୍ୟମାନେ ବାହୁଡ଼ି ଆସି ଯେ ସମସ୍ତ କର୍ମ କରି ୧୦
ଥିଲେ ତାହା ଯୀଶୁର ନକଟରେ ଆସି କହନ୍ତେ ସେ ବେଥସେଦା ନଗରର
ସୀମାରେ ଏକ ନର୍ଜନ ସ୍ଥାନେ ସେମାନଙ୍କୁ ଗୋପନରେ ନେଇ ଗଲେ । ଲୋ ୧୧
କମାନେ ତାହା ଜାଣିବାକୁ ପାଇ ତାହାଙ୍କର ପଛେ। ଗମନ କରନ୍ତେ ସେ
ସେମାନଙ୍କୁ ଗ୍ରାହ୍ୟ କର ଈଶ୍ୱରର ରାଜତ୍ୱର ପ୍ରସଙ୍ଗ କହିଲେ ପୁଣି ଯେଉଁ
ମାନଙ୍କର ସୁସ୍ଥ ହେବାର ପ୍ରୟୋଜନ ଥିଲା ସେମାନଙ୍କୁ ସୁସ୍ଥ କଲେ । ଅନ ୧୧
ନ୍ତରେ ବେଳ ଅବସାନ ହୁଅନ୍ତେ ଦ୍ୱାଦଶ ଶିଷ୍ୟ ଯୀଶୁର ନକଟରେ ଆସି
କହିଲେ ଅମ୍ଭେମାନେ ଏଠାରେ ଅରଣ୍ୟ ସ୍ଥାନେ ଅଛୁଁ ଏହେତୁ ଲୋକମା
ନଙ୍କୁ ବଦାୟ କରନ୍ତୁ ସେମାନେ ଗଇଆଡ ନଗରରେ ଓ ଗ୍ରାମରେ ଯାଇ
ବାସସ୍ଥାନ ନେଇ ଖାଇବାର ଦ୍ରବ୍ୟ କିଣନ୍ତୁ । ସେ କହିଲେ ତୁମ୍ଭେମାନେହିଁ ୧୩
ସେମାନଙ୍କୁ ଭୋଜନ କରାଅ ସେମାନେ ଉତ୍ତର କଲେ କହିଲେ ଅମ୍ଭମାନଙ୍କ
ଠାରେ ପାଁଚ ରୁଟୀ ଓ ଦୁଇ ମାଛ ମାତ୍ର ଅଛି ଏହେତୁ ଯାଇ ବସମସ୍ତଙ୍କର
ନମନ୍ତେ ଖାଇବାର ଦ୍ରବ୍ୟ ନ କିଣିଲେ ନ ହୁଅଇ ଯେଣୁ ଏମାନେ ପ୍ରାୟ
ପାଞ୍ଚ ସହସ୍ର ମନୁଷ୍ୟ । ତେବେ ସେ ଶିଷ୍ୟମାନଙ୍କୁ କହିଲେ ପଙ୍‌କ୍ତୀ ଜଣ କର ୧୪
ସେମାନଙ୍କୁ ଥାର ଥାର ବସାଅ । ଏଣୁ ସେମାନେ ତେମନ୍ତ କର ଲୋକ ସମ ୧୫
ସ୍ତଙ୍କୁ ବସାନ୍ତେ ସେ ସେହି ପାଁଚ ରୁଟୀ ଓ ଦୁଇ ମାଛ ନେଇ ସ୍ୱର୍ଗର ପ୍ରତି ୧୬
ଦୃଷ୍ଟି କର ଧନ୍ୟବାଦ କଲେ ପୁଣି ଭାଙ୍ଗି ଲୋକମାନଙ୍କୁ ପରିବେଷଣ କରିବାକୁ
ଶିଷ୍ୟମାନଙ୍କୁ ଦେଲେ । ତହିଁରେ ସମସ୍ତେହିଁ ଖାଇ ତୃପ୍ତ ହୋଇଲେ ପୁଣି ୧୭
କଲିଲା ଅଇଁଠା ଗୋଟାନ୍ତେ ବାର ଡାଲା ହେଲା ।

ଏଉତ୍ତର ସେ ନର୍ଜନରେ ଥାଇ ଶିଷ୍ୟଗଣର ସହିତ ପ୍ରାର୍ଥନା କରିବା ସମୟ ୧୮
ରେ ସେମାନଙ୍କୁ ପଚାରିଲେ ଲୋକମାନେ ଆମ୍ଭକୁ କାହାକୁ କିର କହନ୍ତି ।

୫ ସେମାନେ କହିଲେ ଯୋହନ ଡୁବକ ବୋଲନ୍ତୁ ପୁଣି କେହୀ ଏଲୀୟ ବୋ
ଲନ୍ତୁ କେହୀ ବୋଲନ୍ତୁ ପୂର୍ବକାଲର କୌଣସି ଭବିଷ୍ୟଦ୍ବକ୍ତା ପୁନର୍ବାର
୨୦ ଉଠିଛନ୍ତି । ସେ କହିଲେ ପୁଣି ଆମ୍ଭେ କେ ତୁମ୍ଭେମାନେ କ ବୋଲ । ପିତର
୨୧ ଉତ୍ତର କଲା ତୁମ୍ଭେ ଈଶ୍ୱରଙ୍କର ମଣୀନ୍ଦ୍ର ଅଟ । ଏଥିରେ ସେ ସେମାନଙ୍କୁ
୨୨ ଦୃଢ ଆଜ୍ଞା ଦେଇ କହିଲେ ଏକଥା କାହାକୁଇ ନ କହିବ । ସେ ଆହୁର
କହିଲେ ମନୁଷ୍ୟ ପୁତ୍ରକୁ ବହୁତ ଯନ୍ତ୍ରଣା ଭୋଗ କରିବାକୁ ହେବ ପୁଣି ପ୍ରାଚୀନ
ମନୁଷ୍ୟ ଓ ପ୍ରଧାନ ଯାଜକବର୍ଗ ଓ ଅଧ୍ୟାପକଗଣଠାରେ ଅଗ୍ରାହ୍ୟ ହୋଇ
ବିନାଶ ହେବାକୁ ହେବ ପୁଣି ତୃତୀୟ ଦିନରେ ସଜୀବ ହୋଇ ଉଠିବାକୁ
ହେବ ।
୨୩ ଆଉ ସେ ସମସ୍ତଙ୍କୁ କହିଲେ କେହ ଯେବେ ଆମ୍ଭର ପଶ୍ଚାତ୍ ଆସିବାକୁ
ଇଚ୍ଛା କରେ ତେବେ ସେ ଆପଣାକୁ ଦମନ କରୁ ଦଣ୍ଡେ କ୍ରୁଶ ତୋଳି ନେଇ
୨୪ ଆମ୍ଭର ପଛେ ପଛେ ଆସୁ । କାରଣ ଯେ କେହ ଆପଣାର ପ୍ରାଣ ରକ୍ଷା କରିବାକୁ
ଇଚ୍ଛଇ ସେ ତାହା ହରାଇବ ପୁଣି ଯେ କେହ ଆମ୍ଭର ନିମନ୍ତେ ପ୍ରାଣ ହରା
୨୫ ଇବ ସେ ତାହା ରକ୍ଷା କରିବ । ପୁଣି କେହ ଯେବେ ସମୁଦାୟ ଜଗତ ପାଇ
ଆପଣାର ପ୍ରାଣ ହରାଏ ଅବା ନଷ୍ଟ ହୁଅଇ ତେବେ ତାହାର ଲାଭ କ ।
୨୬ ଆଉ ଯେ କେହ ଆମ୍ଭକୁ କିମ୍ବା ଆମ୍ଭର ବାକ୍ୟକୁ ଲଜ୍ଜାର ବିଷୟ ମଣଇ
ମନୁଷ୍ୟ ପୁତ୍ର ଯେତେବେଳେ ଆପଣାର ଓ ପିତାର ଓ ପବିତ୍ର ଦୂତଗଣର
ଗୌରବରେ କରି ଅସିବେ ତେତେବେଳେ ସେ ତାହାକୁ ଲଜ୍ଜାର ବିଷୟ
୨୭ ମଣିବେ । ପୁଣି ଆମ୍ଭେ ତୁମ୍ଭମାନଙ୍କୁ ଯଥାର୍ଥ କହୁଅଛୁଁ ଈଶ୍ୱରର ରାଜତ୍ୱ ନ
ଦେଖିଲେ ମୃତ୍ୟୁର ଆସ୍ୱାଦ ଯେ ନ ପାଇବେ ଏମନ୍ତ ଥୋକାଏ ଲୋକ ଏଠା
ରେହେଁ ଠିଆ ହେଉଛନ୍ତି ।
୨୮ ଏହି ପ୍ରସଙ୍ଗର ପ୍ରାୟ ଆଠ ଦିନଉତ୍ତର ସେ ପିତର ଯୋହନ ଓ ଯାକୁ
୨୯ ବକୁ ସଙ୍ଗରେ ଘେନ ପ୍ରାର୍ଥନା କରିବାକୁ ଏକ ପର୍ବତରେ ଚଢିଲେ । ପ୍ରା
ର୍ଥନା କରୁଁ ତାହାଙ୍କର ମୁଖର ଆକୃତି ଅନ୍ୟ ପ୍ରକାର ହୋଇଲା ଓ ତାହା
୩୦ ଙ୍କର ବସ୍ତ୍ର ଉଜ୍ଜ୍ୱଳ ଶୁକ୍ଳବର୍ଣ୍ଣ ହୋଇଲା । ଆଉ ମୋଶା ଓ ଏଲୀୟ ଏହ ଦୁଇ
୩୧ ଜଣ ତେଜରେ ଦେଖା ଦେଇ ସେ ଯିରୂଶାଲମ ନଗରରେ ଯେଉଁ ମୃତ୍ୟୁର
ସାଧନା କରିବେ ସେ ବିଷୟର କଥାବାର୍ତ୍ତା ତାହାଙ୍କର ସଙ୍ଗତରେ କହିଲେ ।
୩୨ ସେତେବେଳେ ପିତର ଅବ ତାହାଙ୍କର ସାଙ୍ଗିମାନେ ନିଦ୍ରାଗ୍ରସ୍ତ ଥିଲେ ପୁଣି
ଜାଗ୍ରତ ହୋଇ ତାହାଙ୍କର ତେଜ ଓ ତାହାଙ୍କ ସହିତ ଠିଆ ହେବାର ସେହ
୩୩ ଦୁଇ ଜଣକୁ ଦେଖିଲେ । ଏଥିରେ ସେହ ଦୁଇ ଜଣର ଯିବାର ସମୟରେ ପି
ତର ଯୀଶୁକୁ କହିଲା ହେ ଗୁରୁ ଆମ୍ଭମାନଙ୍କର ଏସ୍ଥାନରେ ରହିବା ଭଲ ଏଣୁ

କରି ତିନିଟା କୁଠୁରୀ ନିର୍ମାଣ କରି ଗୋଟାୟେ ଆପଣଙ୍କର ନିମନ୍ତେ ଗୋଟାୟେ
ମୋଶାର ନିମନ୍ତେ ଗୋଟାୟେ ଏଲୀୟର ନିମନ୍ତେ ସେ ବିବେଚନା ନ କରି
ଏକଥା କହିଲା । ଏମନ୍ତ କହିବାର ସମୟରେ ଗୋଟାୟେ ମେଘ ଉଦୟ ୩୪
ହୋଇ ସେମାନଙ୍କୁଂ ଛାୟା କରନ୍ତେ ଶିଷ୍ୟମାନେ ତହିଂମଧ୍ୟରେ ପ୍ରବେଶ
ହେବାରୁଂ ଭୟ ପାଇଲେ । ଏଥିରେ ସେହି ମେଘର ମଧ୍ୟରୁ ଏକ ରବ ୩୫
ବାହାରି କହିଲେ ଏ ଆମ୍ଭର ପ୍ରିୟ ଆତ୍ମଜ ଏହାର କଥାରେ ମନୋଯୋଗ
କର । ସେହି ରବ ଗଲାଉତ୍ତାରେ ଯୀଶୁ ଏକାକୀ ହୋଇ ଦେଖା ଗଲେ ପୁଣି ୩୬
ସେମାନେ ସେହି ଦର୍ଶନର କଥା ସେହି ସମୟରେ କାହାକୁ ନ କହି ଛପା
ରଖିଲେ ।

ପର ଦିନେ ସେହି ପର୍ବତରୁ ଓହ୍ଲାନ୍ତେ ତାହାଙ୍କର ସହିତ ଦେଖା କରିବା ୩୭
ନିମନ୍ତେ ବହୁତ ଲୋକ ଅଇଲେ ପୁଣି ସେମାନଙ୍କର ମଧ୍ୟରୁ ଜଣେ ଉଁଚ ୩୮
ସ୍ୱରରେ କହିଲା ହେ ଅବଧାନ ଆମ୍ଭେ ବିନୟ କରୁଅଛୁଁ ଆମ୍ଭ ପୁତ୍ରର
ପ୍ରତି କୃପାଦୃଷ୍ଟି କରନ୍ତୁ ସେ ଆମ୍ଭର ଏକା ପୁତ୍ର ମାତ୍ର । ଦେଖ ଭୂତ ତାହାକୁ ଧର ୩୯
ନ୍ତେ ସେ ହଠାତ୍ ଡକା ପାଡଇ ପୁଣି ଭୂତ ତାହାକୁ ମୋଡି ଧଇଲେ ତାହାର
ମୁଖରୁ ଫେଣ ଉଠୁ ଥାୟେ ଏହିରୂପେ କ୍ଲେଶ ଦେଇ ପ୍ରାୟ ଛାଡି ନ ଯାୟେ ।
ତାହାଠାରୁ ଭୂତକୁ ଛଡାଇବାକୁ ତୁମ୍ଭର ଶିଷ୍ୟଗଣଙ୍କୁଂ ନିବେଦନ କଲୁଁ ୪୦
ପୁଣି ସେମାନେହେଁ ପାରିଲେ ନାହିଁ । ଏଥିରେ ଯୀଶୁ କହିଲେ ଆରେ ଅବି ୪୧
ଶ୍ୱାସି ଓ କୃପଥଗାମି ବଂଶ କେତେକାଳ ତୁମ୍ଭମାନଙ୍କର ସହିତ ଥାଇ ତୁମ୍ଭ
ବ୍ୟବହାର ସହିବା ତୁମ୍ଭର ପୁତ୍ରକୁ ଏଅଡେ ଘେନି ଆସ । ଏମନ୍ତେ ତାହାର ଆ ୪୨
ସିବା ମାତ୍ର ସେହି ଭୂତ ତାହାକୁ ଭୂମିରେ ପକାଇ ମୋଡି ଧଇଲା । ଏଥିରେ
ଯୀଶୁ ସେହି ଅପବିତ୍ର ଭୂତକୁ ତର୍ଜ୍ଜନା କରି ବାଳକକୁ ସୁସ୍ଥ କରି ତାହାର
ପିତାର କତିରେ ତାହାକୁ ସମର୍ପି ଦେଲେ । ଈଶ୍ୱରଙ୍କର ଏହି ମହା ଶକ୍ତି ୪୩
ଦେଖି ସମସ୍ତଙ୍କର ଆଶ୍ଚର୍ଯ୍ୟ ଜ୍ଞାନ ହୋଇଲା ମାତ୍ର ଏହିରୂପ ଯୀଶୁର ସମସ୍ତ କ୍ରି
ୟାରେ ସମସ୍ତ ଲୋକ ଅସମ୍ଭବ ଜ୍ଞାନ କରନ୍ତେ ସେ ଶିଷ୍ୟଗଣଙ୍କୁ କହିଲେ ଏହି
କଥା ତୁମ୍ଭମାନଙ୍କର କର୍ଣ୍ଣରେ ପ୍ରବେଶ ହେଉଁ ମନୁଷ୍ୟ ପୁତ୍ର ମନୁଷ୍ୟମାନଙ୍କର ୪୪
ହସ୍ତରେ ସମର୍ପିତ ହୋଇବେ । ପୁଣି ସେମାନେ ଏହି କଥା ନ ବୁଝିଲେ ୪୫
ତାହା ଅଖିଷ୍ଟ ହେବାରୁଂ ସେମାନଙ୍କୁଂ ବୋଧଗମ୍ୟ ନୋହିଲା ଆଉ ଏହି କ
ଥାର ବିଷୟ ତାହାକୁଂ ପଚାରିବାକୁ ସେମାନେ ଭୟ କଲେ ।

ଅନନ୍ତରେ କେ ଶ୍ରେଷ୍ଠ ହୋଇବ ଏହି ବିଷୟରେ ସେମାନଙ୍କର ମଧ୍ୟରେ ୪୬
ବିବାଦ ଉଠିଲା । ଯୀଶୁ ସେମାନଙ୍କର ଅନ୍ତଃକରଣର ଆଶୟ ବୁଝି ଏକ ବାଳକକୁ ୪୭
ଘେନି ଆପଣା ପାଖରେ ରଖି ସେମାନଙ୍କୁଂ କହିଲେ ଯେଉଁ ଜନ ଆମ୍ଭର ନା

୪୮ ମରେ ଏହି ବାଳକକୁ ଅତିଥି କରେ ସେ ମୋତେ ଅତିଥି କରଇ ପୁଣି ଯେ
କେହି ମୋତେ ଅତିଥି କରଇ ସେ ମୋର ପଠାଇଲାର କର୍ତ୍ତାକୁ ଅତିଥି
କରଇ ଯେଣୁ ତୁମ୍ଭମାନଙ୍କର ମଧ୍ୟରେ ଯେଉଁ ଜନ ସମସ୍ତଙ୍କଠାରୁ କ୍ଷୁଦ୍ର ସେହି
ଶ୍ରେଷ୍ଠ ହୋଇବ ।

୪୯ ଏଥିରେ ଯୋହନ ଉତ୍ତର କଲା ହେ ପ୍ରଭୁ ତୁମ୍ଭର ନାମରେ ଭୂତଗଣକୁ
ଛଡାଏ ଏକ ମନୁଷ୍ୟକୁ ଦେଖିଲୁଁ ପୁଣି ଆମ୍ଭର ମଣ୍ଡାଗୁଣ୍ଡା ନୋହିବାରୁଁ
୫୦ ତାହାକୁ ମନା କଲୁଁ । ଯୀଶୁ କହିଲେ ତାହାକୁ ମନା ନ କର ଯେହେତୁ
ଯେଉଁ ମନୁଷ୍ୟ ଆମ୍ଭମାନଙ୍କର ବପକ୍ଷ ନୁହଇ ସେହି ଆମ୍ଭମାନଙ୍କର ସପକ୍ଷ
ହୁଅଇ ।

୫୧ ଏଥି ଅନନ୍ତରେ ତାହାଙ୍କର ସ୍ୱର୍ଗଗ୍ରହଣ ସମୟ ଉପସ୍ଥିତ ହୁଅନ୍ତେ
ସେ ଏକାନ୍ତ ମନରେ ଯିରୂଶାଲମକୁ ଯିବାକୁ କଣ୍ଠସ୍ଥ କର ଆଗେ ଦୂତଗଣକୁ
୫୨ ପଠାଇଲେ । ଉହିଁରେ ସେମାନେ ଯାଇ ତାହାଙ୍କର ପାଁଇ ଆୟୋଜନ
୫୩ କରିବାକୁ ଶମିତ୍ରେଣୀୟମାନଙ୍କର ଏକ ନଗରରେ ପ୍ରବେଶ ହୋଇଲେ । ପୁଣି
ସେ ଯିରୂଶାଲମ ଅଡେ ଯାଉଛନ୍ତି ବୋ ଦେଖି ସେମାନେ ତାହାକୁଁ ଅତିଥି
୫୪ ନ କଲେ । ଏଣୁ ଯାକୁବ ଯୋହନ ତାହାଙ୍କର ଦୁଇ ଶିଷ୍ୟ ଏହା ଦେଖି
କହିଲେ ହେ ପ୍ରଭୁ ଏଲୀୟ ଯେରୂପ କରିଥିଲା ସେହିରୂପ ଆକାଶରୁ ଅଗ୍ନି
୫୫ ଓହ୍ଲାଇ ଏମାନଙ୍କୁଁ ଭସ୍ମ କରିବାକୁ ଆମ୍ଭେମାନେଇ କି ଆଜ୍ଞା ଦେବା । ମାତ୍ର
ସେ ମୁଖ ଫେରାଇ ସେମାନଙ୍କୁଁ ଧମକାଇ କହିଲେ ତୁମ୍ଭମାନଙ୍କର କି
୫୬ ପ୍ରକାର ମନର ଭାବ ଏହା ତୁମ୍ଭେମାନେ ନ ଜାଣ । ମନୁଷ୍ୟ ପୁତ୍ର ମର୍ତ୍ତ୍ୟଗଣର
ପ୍ରାଣ ବନାଶ କରିବାକୁ ନାହିଁ ରକ୍ଷା କରିବାକୁହିଁ ଆସି ଅଛନ୍ତି । ଏଥିରେ
ସେମାନେ ଅନ୍ୟ ଗ୍ରାମକୁ ଗଲେ ।

୫୭ ଉତ୍ତନନ୍ତରେ ବାଟରେ ଯିବାର ସମୟରେ ଜଣେ ତାହାକୁଁ କହିଲା ହେ
ପ୍ରଭୁ ତୁମ୍ଭେ ଯେଉଁଠାରେ ଯାଅ ସେଠାରେ ମୋତେ ତୁମ୍ଭର ପଛରେ ଯିବା ।
୫୮ ଯୀଶୁ ତାହାକୁ କହିଲେ କୋଳୀର ଗାତ ଅଛି ଆକାଶର ପକ୍ଷିଗଣର ବସା
୫୯ ଅଛି ପୁଣି ମନୁଷ୍ୟ ପୁତ୍ରର ମୁଣ୍ଡ ରଖିବାର ସ୍ଥାନ ନାହିଁ ! ଅନନ୍ତରେ ସେ
ଅନ୍ୟ ଏକ ଜଣକୁ କହିଲେ ତୁମ୍ଭେ ମୋର ପଛୋ ଅସ ଏଥିରେ ସେ କ
ହିଲା ହେ ପ୍ରଭୁ ଆଗେ ପିତାର କବର ଦେବାକୁ ମୋତେ ଯିବାକୁ ଦେଉନ୍ତୁ
୬୦ ଯୀଶୁ କହିଲେ ମଲା ଲୋକର କବର ମଲା ଲୋକେ ଦେଉନ୍ତୁ ପୁଣି ତୁମ୍ଭେ
୬୧ ଯାଇ ଈଶ୍ୱରର ରାଜ୍ୟର କଥା ପ୍ରଚାର କର । ଅନନ୍ତରେ ଆଉ ଜଣେ କହିଲା
ହେ ପ୍ରଭୁ ମୋତେହେଁ ଆପଣଙ୍କର ପଛୋ ଯିବା ପୁଣି ଆଗେ ମୋର ଗୃହର
୬୨ ପରିବାର ଲୋକଙ୍କଠାରୁ ବିଦାୟ ନେଇ ଆସିବାକୁ ଦେଉନ୍ତୁ । ଯୀଶୁ ତାହାକୁ

କହିଲେ ଯେଉଁ ମନୁଷ୍ୟ ଲଙ୍ଗଳରେ ହାତ ଦେଇ ପଛକୁ ଫେର ଅନାଏ
ସେ ଈଶ୍ୱରଙ୍କର ରାଜ୍ୟର ଯୋଗ୍ୟ ନୋହେ ।

୧୦ ପଦ ।

ତହିଁଉତ୍ତାରେ ପ୍ରଭୁ ଅନ୍ୟର ସତୁର ଶିଷ୍ୟକୁ ନିଯୁକ୍ତ କର ଆପେ ଯେଉଁ ୧
ପ୍ରତି ନଗରରେ ଓ ସ୍ଥାନରେ ଗମନ କରିବେ ସେହି ସବୁଠାରେ ଆଗେ ଦୁଇ
ଦୁଇ ଜଣ କର ସେମାନଙ୍କୁ ପଠାଇଲେ । ଆଉ ସେ କହିଲେ ଶସ୍ୟ ବହୁତ ୨
ଅଟଇ ପୁଣି ମୂଲ୍ୟମାନେ ଅଳ୍ପ ଏଣୁକରି ଶସ୍ୟ କ୍ଷେତରେ ଅନ୍ତର ମୂଲ୍ୟମା
ନଙ୍କୁ ପଠାଇ ଦେବାକୁ ଶସ୍ୟ କ୍ଷେତର କର୍ତ୍ତାଠାରେ ପ୍ରାର୍ଥନା କର । ଆଉ ୩
ତୁମ୍ଭେମାନେ ଯାଅ ଦେଖ କେନୁଆଗଣର ମଧ୍ୟରେ ଯେମନ୍ତ ମେଣ୍ଢାଛୁଆ
ସେହିରୂପ ତୁମ୍ଭମାନଙ୍କୁ ପଠାଇ । ପୁଣି ଅପଣାମାନଙ୍କର ସଙ୍ଗତରେ ଗାଁଜିଆ ୪
ଅଥବା ଝୁଲି ଅଥବା ଯୁତା ନ ନଅ ବାଟ ମଧ୍ୟରେ କାହାକୁହିଁ ନମସ୍କାର ନ
କର । ଆଉ ଯେଉଁ ଘରେ ତୁମ୍ଭେମାନେ ପ୍ରବେଶ ହୁଅ ଏହି ଘରର କୁଶଳ ୫
ହେଉ ଏହି କଥା ଆଗେ କହ । ତହିଁରେ ସେ ଗୃହରେ ଯେବେ କୁଶଳର ୬
ପାତ୍ର ଥାଏ ତେବେ ସେ କୁଶଳ ତାହାର ଉପରେ ବର୍ତ୍ତିବ ନୋହିଲେ
ତାହା ତୁମ୍ଭମାନଙ୍କଠାରେ ବାହୁଡ଼ି ଅସିବ । ଆଉ ସେମାନେ ଯେ କିଛି ଦଅନ୍ତି ୭
ତାହାଇ ଖାଇଜନ ପାନ କର ସେହି ଘରେ ରୁହ ଯେହେତୁ ମୂଲ୍ୟ। ଆପଣା
ମୂଲ୍ୟର ଯୋଗ୍ୟ ଅଟଇ ଘରେ ଘରେ ନ ଯାଅ । ଆଉ ତୁମ୍ଭେମାନେ କୌ ୮
ଣସି ନଗରରେ ପ୍ରବେଶ ହୁଅନ୍ତେ ଲୋକମାନେ ଯେବେ ତୁମ୍ଭମାନଙ୍କୁ ଅତିଥି
କରନ୍ତି ତେବେ ଯେ ଖାଇବାର ଦ୍ରବ୍ୟ ତୁମ୍ଭ ଅଗରେ ଥୋଇ ଦଅନ୍ତି ତାହାଇ
ଖାଇଜନ କର । ପୁଣି ସେହି ନଗରସ୍ଥ ଅସୁସ୍ଥମାନଙ୍କୁ ସୁସ୍ଥ କର ଈଶ୍ୱରର ୯
ରାଜତ୍ୱ ତୁମ୍ଭମାନଙ୍କର ନିକଟରେ ଆସିଲା ଏକଥା ପ୍ରଚାର କର । ପୁଣି କୌ ୧୦
ଣସି ନଗରରେ ପ୍ରବେଶ ହୁଅନ୍ତେ ଲୋକମାନେ ଯେବେ ତୁମ୍ଭମାନଙ୍କୁ ଅ
ତିଥି ନ କରନ୍ତି ତେବେ ସେ ନଗରର ବାଟେ ଯାଇ ଏହି କଥା କହ ଆମ୍ଭ
ଗୋଡରେ ତୁମ୍ଭମାନଙ୍କର ନଗରର ଯେଉଁ ଧୂଳି ଲାଗି ଅଛି ତାହାଇ ତୁମ୍ଭ ୧୧
ମାନଙ୍କର ପ୍ରତିକୂଳରେ ଝାଡ଼ ଦେଉଁ ତଥାପି ଈଶ୍ୱରର ରାଜତ୍ୱ ତୁମ୍ଭମାନ
ଙ୍କର ନିକଟରେ ଅଇଲା ଏହା ନିଶ୍ଚୟ ଜାଣ । ଆମ୍ଭେ ତୁମ୍ଭମାନଙ୍କୁ ବୋଲି ୧୨
ବଶୁର ଦିନରେ ସେ ନଗରର ଦଶାରୁ ସିଦୋମର ଦଶା ସହଜ ହୋଇବ ।

ହାୟ୍ ! କୋରାଜୀନ ହାୟ୍ ! ବେଥସେଦା ତୁମ୍ଭମାନଙ୍କର ମଧ୍ୟରେ ଯେଉଁ ୧୩
ଅଶ୍ଚର୍ଯ୍ୟ କର୍ମ କରି ଯାଇଅଛୁ ସେହି ସମସ୍ତ କର୍ମ ଯେବେ ସୋର ଓ ସୀଦୋ
ନରେ କରି ଯାଆନ୍ତା ତେବେ ଏହାର ବହୁତ ଦିନ ପୂର୍ବରେ ସେ ସମସ୍ତେ

୧୪ ଅଖା ପିନ୍ଧି ଭସ୍ମ ଲେପନ କରି ମନ ଫେରାନ୍ତେ । ଏହେତୁ ବିଚାର ଦିନରେ
ତୁମ୍ଭମାନଙ୍କ ଦଶାଠାରୁ ସୋର ଓ ସୀଦୋନ ନିବାସିମାନଙ୍କର ଦଶା ସହଜ
୧୫ ହୋଇବ । ଆଉ ଆହେ କଫରନାହୁମ ତୁମ୍ଭେ ସ୍ୱର୍ଗ ପର୍ଯ୍ୟନ୍ତେ ଉଚ୍ଚ ହେଉ
୧୬ ଅଛ ପୁଣି ନରକ ପର୍ଯ୍ୟନ୍ତେ ତୁମ୍ଭର ଅଧୋଗତି ହୋଇବ । ଯେ ତୁମ୍ଭମାନଙ୍କର
କଥା ଗ୍ରହଣ କରଇ ସେ ଆମ୍ଭର କଥା ଗ୍ରହଣ କରଇ ପୁଣି ଯେ ତୁମ୍ଭମା
ନକୁଂ ଅବଜ୍ଞା କରଇ ସେ ଆମ୍ଭକୁହିଂ ଅବଜ୍ଞା କରଇ ଓ ଯେ ଆମ୍ଭକୁ ଅବଜ୍ଞା
କରଇ ସେ ଆମ୍ଭର ପ୍ରେରଣ କର୍ତ୍ତାକୁହିଂ ଅବଜ୍ଞା କରଇ ।
୧୭ ଅନନ୍ତରେ ସେହି ସତୁରି ଶିଷ୍ୟ ଆନନ୍ଦରେ ବାହୁଡି ଆସି କହିଲେ ହେ
ମଣିମା ଆପଣଙ୍କର ନାମରେ ଭୂତଗଣହିଂ ଆମ୍ଭମାନଙ୍କର ବଶୀଭୂତ ହୁଅନ୍ତି ।
୧୮ ସେ ସେମାନକୁଂ କହିଲେ ସ୍ୱର୍ଗଠାରୁ ବିଜୁଳିର ପରି ଶୟତାନକୁ ତଳରେ ପଡି
୧୯ ବାର ଆମ୍ଭେ ଦେଖିଲୁଁ । ଦେଖ ସର୍ପ ବିଛା ପୁଣି ଶତ୍ରୁର ସମସ୍ତ ପରାକ୍ରମ
ପାଦ ତଳେ ଦଳିବାକୁ ତୁମ୍ଭମାନକୁଂ ଶକ୍ତି ଦେଉଅଛୁଁ ତହିଁରେ ତୁମ୍ଭମାନ
୨୦ ଙ୍କର କୌଣସି ହାନି ହୋଇବ ନାହିଁ । ପୁଣି ଭୂତଗଣ ତୁମ୍ଭମାନଙ୍କର ବଶୀ
ଭୂତ ହୁଅନ୍ତି ଏଥିରେ ଆନନ୍ଦ ନ କରି ମାତ୍ର ସ୍ୱର୍ଗରେ ତୁମ୍ଭମାନଙ୍କର ନାମ
୨୧ ଲେଖା ଅଛି ଏଥିରେହେଂ ହରଷ ହୁଅ । ସେହି ଦଣ୍ଡରେ ଯୀଶୁ ମନରେ
ଆନନ୍ଦିତ ହୋଇ କହିଲେ ହେ ପିତା ସ୍ୱର୍ଗ ପୃଥିବୀର ପ୍ରଭୁ ତୁମ୍ଭେ ଜ୍ଞାନ
ବନ୍ତ ଓ ବୁଦ୍ଧିମାନ ଲୋକମାନଙ୍କଠାରୁ ଏହି ସମସ୍ତ ବିଷୟ ଗୋପନ କରି
ବାଳକମାନଙ୍କର ନିକଟରେ ପ୍ରକାଶ କଲ ଏହିନିମନ୍ତେ ତୁମ୍ଭର ଧନ୍ୟବାଦ
କରୁଅଛୁଁ । ହେ ପିତା ଏମନ୍ତ ହେଉ ଯେହେତୁ ଏହାଇ ତୁମ୍ଭର ଗୋଚରେ
୨୨ ଭଲ ଅଟଇ । ପିତାଠାରୁ ଆମ୍ଭର କତିରେ ସମସ୍ତ ବିଷୟ ସମର୍ପିତ ଅଛି ପିତା
ବିନୁ ପୁତ୍ରକୁ କେହି ଜାଣନ୍ତି ନାହିଁ ପୁଣି ପୁତ୍ର ବିନୁ ଓ ଯାହାର ନିକଟରେ
ପୁତ୍ର ପିତାକୁଂ ପ୍ରକାଶ କରନ୍ତି ସେହି ମନୁଷ୍ୟ ବିନୁ ପିତାକୁହିଁ ଆଉ କେହି
ଜାଣନ୍ତି ନାହିଁ ।
୨୩ ଅନନ୍ତରେ ସେ ଶିଷ୍ୟଗଣର ପ୍ରତି ଫେରି ଗୋପନରେ କହିଲେ ତୁମ୍ଭେ
ମାନେ ଏହି ସମସ୍ତ ବିଷୟ ଦେଖୁଅଛ ଏକାରଣ ତୁମ୍ଭମାନଙ୍କର ଆକ୍ଷୀ ଧନ୍ୟ ।
୨୪ ଆମ୍ଭେ ନିଶ୍ଚେ ବୋଲି ତୁମ୍ଭେମାନେ ଯେ ସମସ୍ତ ବିଷୟ ଦେଖୁଅଛ ଏହା ବହୁତ
ଭବିଷ୍ୟତୁବକ୍ତା ଓ ରାଜା ଦେଖିବାକୁ ଇଚ୍ଛା କଲେହେଁ ଦେଖିବାକୁ ପାଇ ନା
ହାନ୍ତି ପୁଣି ତୁମ୍ଭେମାନେ ଯେ ସମସ୍ତ କଥା ଶୁଣୁଅଛ ତାହା ସେମାନେ ଶୁଣି
ବାକୁ ଇଚ୍ଛିଲେହେଁ ଶୁଣିବାକୁ ପାଇ ନାହାନ୍ତି ।
୨୫ ଏଉତ୍ତାରୁ ଜଣେ ବ୍ୟବସ୍ଥାପକ ଉଠି ତାହାଙ୍କର ପରୀକ୍ଷା ନେବାର ଅଶ
ୟରେ ତାହାଙ୍କୁ ପଚାରିଲା । ହେ ଉପଦେଶକ ଅନନ୍ତ ପରମାୟୁ ପ୍ରାପ୍ତିର

ନମନ୍ତେ ଅମ୍ଭର କ କର୍ତ୍ତବ୍ୟ । ଯୀଶୁ ଉତ୍ତର କଲେ ବବସପତ୍ରେ ବ୍ୟବସ୍ଥାରେ ୨୬
କ ଲେଖା ଅଛ ତୁମ୍ଭେ କେମନ୍ତ ପାଠ କରଅଛ । ସେ କହିଲା ତୁମ୍ଭେ ୨୭
ସମସ୍ତ ଅନ୍ତଃକରଣରେ ସମସ୍ତ ପ୍ରାଣରେ ସମସ୍ତ ଶକ୍ତିରେ ସମସ୍ତ ଚିତ୍ତରେ
ପ୍ରଭୁ ପରମେଶ୍ୱରଙ୍କ ପ୍ରେମ କର ପୁଣି ପ୍ରତିବାସିକୁ ଆପଣା ତୁଲ୍ୟ ପ୍ରେମ କର ।
ଏଥିରେ ସେ କହିଲେ ତୁମ୍ଭେ ଯଥାର୍ଥ ଉତ୍ତର କଲ ଏହାରୂପ ଆଚରଣ କର ୨୮
ତେଣୁ ବଞ୍ଚିବ । ପୁଣି ସେ ଜଣ ଆପଣାକୁ ଧର୍ମସିଦ୍ଧ ଜଣାଇବାକୁ ଇଚ୍ଛା ୨୯
କରି ଯୀଶୁଙ୍କ ପଚାରିଲା ତେବେ ଅମ୍ଭର ପ୍ରତିବାସୀ କେ । ଏଥିରେ ଯୀଶୁ ୩୦
ଉତ୍ତର କଲେ ଏକଜଣ ଯିରୂଶାଲମଠାରୁ ଯିରୀହୋକୁ ଯାଉ ଥିଲା ଏମନ୍ତ
ସମୟରେ ଡାକାଇତ ଗଣର ହସ୍ତରେ ପଡିବାରୁ ସେମାନେ ତାହାର ନୁଗା
ଛଡାଇ ନେଇ ତାହାକୁ ଆଘାତ କରି ମରଣ ତୁଲ୍ୟ ଖଣ୍ଡ ଗଲେ । ଅନନ୍ତରେ ୩୧
ଜଣେ ଯାଜକ ସେହି ବାଟ ଦେଇ ଯାଉଁ ତାହାକୁ ଦେଖି ବାଟର ଅନ୍ୟ
ପାର୍ଶ୍ୱ ଦେଇ ଚାଲିଗଲା । ଏହାରୂପ ଜଣେ ଲେବୀ ସେହି ସ୍ଥାନରେ ଉପସ୍ଥିତ ୩୨
ହୋଇ ତାହାର ନକଟକୁ ଯାଇ ଅନାଇ ଅନ୍ୟ ପାର୍ଶ୍ୱ ଦେଇ ଚଲି ଗଲା ।
ପୁଣି ଜଣେ ଶମିରୋଣୀୟ ଯାଉଁ ଯାଉଁ ସେହି ସ୍ଥାନକୁ ଆସି ତାହାକୁ ଦେଖି ୩୩
ଦୟା ବହି ତାହାର ନକଟକୁ ଗଲା । ପୁଣି ତାହାର ଘାଆରେ ତୈଳ ଓ ଦ୍ରା
କ୍ଷାରସ ଢାଳି ଦେଇ ବାନ୍ଧି ଆପଣା ବାହାନ ଉପରେ ତାହାକୁ ବସାଇ ଉତ୍ତୁର
ବାର ଗୃହରେ ଆଣି ତାହାର ସେବା କଲା । ଆର ଦନେ ଆପଣାର ଯିବାର ୩୫
ସମୟରେ ଦୁଇ ସୁନ୍ଧ ବାହାର କର ସେହି ଗୃହର କର୍ତ୍ତାକୁ ଦେଇ କହିଲା
ଏହାକୁ ସମ୍ଭାଳି ରଖ ତହିଁରେ ଯେ ଅଧିକ ବ୍ୟୟ ହୁଅଇ ତାହା ବାହୁଡ
ଆସିବା ସମୟରେ ଆମ୍ଭେ ପରିଶୋଧ କରିବା । ଏଣୁ ଏହି ତନ ଜଣର ୩୬
ମଧ୍ୟରେ ସେହି ଡାକାଇତ ଗଣର ହସ୍ତରେ ପଡିଲା ଲୋକର ପ୍ରତିବାସୀ କେ
ତୁମ୍ଭେ ଜ ବୋଧ କର । ସେହି ବ୍ୟବସ୍ଥାପକ କହିଲା ଯେଉଁ ଜନ ତାହାର ୩୭
ପ୍ରତି ଦୟା କଲା ସେହି । ଯୀଶୁ କହିଲେ ତୁମ୍ଭେହେଁ ଯାଇ ସେହିରୂପ
ବ୍ୟବହାର କର ।

ଅନନ୍ତରେ ସେମାନେ ଯାଉଁ ଯାଉଁ ଏକ ଗ୍ରାମର ମଧ୍ୟରେ ପ୍ରବେଶ ୩୮
ହୋଇ ମାର୍ଥା ନାମରେ ଜଣେ ସ୍ତ୍ରୀ ତାହାଙ୍କୁ ଆପଣା ଗୃହରେ ଅତିଥି କଲା ।
ଏଥିରେ ମରୟମ ନାମରେ ତାହାର ଭଉଣୀ ଯୀଶୁର ଚରଣ ପାଖରେ ବସି ୩୯
ତାହାଙ୍କର ଉପଦେଶ ଶୁଣିଲା । ମାର୍ଥା ନାନା ପ୍ରକାର ସେବାରେ ବ୍ୟସ୍ତ ୪୦
ହେବାରୁ ତାହାଙ୍କର ନକଟରେ ଅସି କହିଲା ହେ ପ୍ରଭୁ ଆମ୍ଭର ଭଉଣୀ
କେବଳ ଆମ୍ଭର ଉପରେ ସମସ୍ତ କର୍ମର ଭର ଦେଲା ତହିଁରେ ଆପଣ କ କଛ
ମନୋଯୋଗ କରନ୍ତି ନାହିଁ ଆମ୍ଭର ଉପକାର କରିବାକୁ ତାହାକୁ ଆଜ୍ଞା

୪୦ ଦେଉନ୍ତୁ । ଯୀଶୁ ତାହାକୁ ଉତ୍ତର କଲେ ଆଗୋ ମାର୍ଥା ତୁମ୍ଭେ ନାନା
ବିଷୟରେ ଚିନ୍ତାଯୁକ୍ତ ଓ ବ୍ୟସ୍ତ ହେଉଅଛ ପ୍ରୟୋଜନର ଏକ ବିଷୟ ମାତ୍ର
୪୧ ଅଟେ । ଅତଏବ ମରୟମ ଯେଉଁ ଉତ୍ତମ ବିଷୟ ମନୋନୀତ କରିଅଛି ତାହା
ତାହାଠାରୁ ହରଣ କରା ନ ଯିବ ।

## ୧୧ ପଦ ।

୧ ତହିଁଉତ୍ତାରେ ସେ କୌଣସି ଏକ ସ୍ଥାନରେ ପ୍ରାର୍ଥନା କରୁଥିଲେ ପ୍ରାର୍ଥନା
ସମାପ୍ତ ହୁଅନ୍ତେ ତାହାଙ୍କର ଜଣେ ଶିଷ୍ୟ କହିଲା ହେ ପ୍ରଭୁ ଯୋହନ
ଯେରୂପ ନିଜ ଶିଷ୍ୟମାନଙ୍କୁ ପ୍ରାର୍ଥନା କରିବାକୁ ଶିଖାଇଲା ସେହିରୂପ
୨ ଆମ୍ଭମାନଙ୍କୁ ଶିକ୍ଷା ଦେଉନ୍ତୁ । ତହିଁରେ ସେ କହିଲେ ପ୍ରାର୍ଥନା ସମୟରେ
ତୁମ୍ଭେମାନେ ଏହିରୂପ ପ୍ରାର୍ଥନା କର । ହେ ଆମ୍ଭମାନଙ୍କର ସ୍ୱର୍ଗସ୍ଥ ପିତା
ତୁମ୍ଭର ନାମର ପୂଜା ହେଉ ତୁମ୍ଭର ରାଜତ୍ୱ ଆସୁ । ସ୍ୱର୍ଗରେ ଯେରୂପ ପୃଥି
୩ ବୀରେ ସେହିରୂପ ତୁମ୍ଭର ଇଚ୍ଛା ସିଦ୍ଧ ହେଉ । ଦିନକୁଦିନ ଆମ୍ଭମାନଙ୍କର
୪ ଦୈନ୍ୟାନର ଖାଦ୍ୟ ଦିଅ । ଆଉ ଆମ୍ଭେମାନେ ଯେରୂପ ପରର ଅପରାଧ
କ୍ଷମା କରିଅଛୁଁ ସେହି ପ୍ରକାର ଆମ୍ଭମାନଙ୍କର ପାପ କ୍ଷମା କର । ଆମ୍ଭ
୫ ମାନଙ୍କୁ ପରୀକ୍ଷାରେ ନ ଆଣ ପୁଣି ଦୁଷ୍ଟରୁ ରକ୍ଷା କର । ଅନନ୍ତରେ ସେ
ଷ୍ୟର ମଧ୍ୟରେ ଗଣିତ ଇଷ୍କାରୟୋତସ୍ୟ ଉପାଧିଯୁକ୍ତ ଯେ ଯିହୂଦା ଜାହା
୪ ଠାରେ ଶୟତାନ ପଶିଲା । ଏଣୁ ସେ ଯାଇ କ ପ୍ରକାରରେ ଯୀଶୁକୁ ସେମା
ନଙ୍କର ହସ୍ତଗତ କର ପାରଇ ଏହା ପ୍ରଧାନ ଯାଜକମାନଙ୍କର ଓ ସେନାପତ
୫ ମାନଙ୍କର ସଙ୍ଗେ ବଝର କଲା । ଉହଁାରେ ସେମାନେ ତୁଷ୍ଟ ହୋଇ ଜାହାକୁ
୬ ଟଙ୍କା ଦେବାକୁ ନସ୍ତମ କଲେ । ସେ ଜାହା ଅଙ୍ଗୀକାର କର ଜୋକମାନଙ୍କର
ଅଗୋଚରରେ ଜାହାଙ୍କୁ ପରହସ୍ତଗତ କରବାକୁ ସୁଯୋଗ ଜୋଉଲା ।
୭ ଅନନ୍ତରେ ଜାଣଶୂନ୍ୟ ଗ୍ରେଣୀର ଦନରେ ଅର୍ଥାତ୍ ଯେ ଦନରେ ଜସ୍ତାର
୮ ପଦ୍ଧର ବଲି ବଧ ହୁଅଇ ସେ ଦନରେ ଯୀଶୁ ପିତରକୁ ଓ ଯୋହନକୁ ପଠାଇ
କହିଲେ ତୁମ୍ଭେମାନେ ଯାଇ ଆମ୍ଭମାନଙ୍କର ଖାଇବା ନମନ୍ତେ ଜସ୍ତାର ଭୋ
୯ ଜର ଖଞ୍ଜ କର । ସେମାନେ ପଚାରିଲେ ଆପଣ କେଉଁଠାରେ ଖଞ୍ଜ କର
୧୦ ବାକୁ ଆଜ୍ଞା ଦେଉ ଅଛନ୍ତି । ସେ କହିଲେ ଦେଖ ନଗରରେ ପ୍ରବେଶିବା ମାତ୍ର
ଜଗେ ଜଳକୁମ୍ଭ ନେଇ ତୁମ୍ଭମାନଙ୍କର ସଙ୍ଗେ ଦେଖା କରବ ସେ ଯେଉଁ
୧୧ ଗୃହରେ ପ୍ରବେଶ ହୁଅଇ ତୁମ୍ଭେମାନେହଁ ସେହ ଗୃହରେ ଜାହାର
ପଛେ। ଯାଇ ଗୃହର କର୍ତ୍ତାକୁ ବୋଲ ଗୁରୁ ତୁମ୍ଭକୁ ପଚାରନ୍ତି ଆମ୍ଭେ
ଯେଉଁ ଅତିଥି ଶାଳାରେ ଶିଷ୍ୟଗଣର ସଙ୍ଗେ ଜସ୍ତାର ଭୋଜ ଖାଇ ପାର ସେ
୧୨ କେଉଁ ଠାରେ । ଉହଁାରେ ସେ ଜନ ସଜଡା ଦ୍ୱତୀୟ ତାଲାର ଏକ ପ୍ରଶସ୍ତ
୧୩ କୋଠରୀ ଦେଖାଇଲେ ତୁମ୍ଭେମାନେ ସେହଠାରେ ଖଞ୍ଜ କର । ଏଣୁ ସେ
ମାନେ ଯାଇ ଜାହାଙ୍କର ବାକ୍ୟାନୁସାରେ ସମସ୍ତ ଦେଖି ନସ୍ତାରଭୋଜ
ପ୍ରସ୍ତୁତ କଲେ ।
୧୪ ସମୟ୍ ଉପସ୍ଥିତ ହେଲା ସେ ଦ୍ୱାଦଶ ପ୍ରେରତର ସଙ୍ଗେ ଭୋଜନରେ ବସି
୧୫ କହିଲେ ଆମ୍ଭର ଦୁଃଖ ଭୋଗର ପୂର୍ବରେ ତୁମ୍ଭମାନଙ୍କର ସଙ୍ଗରେ ଏହ ନସ୍ତାର
୧୬ ଭୋଜ ଭୋଜନ କରବାକୁ ଆମ୍ଭେ ଅତ୍ୟନ୍ତ ବାଞ୍ଛା କଲୁଁ । ପୁଣି ତୁମ୍ଭମା
ନଙ୍କୁ ବୋଲ ଯେ ପର୍ଯ୍ୟନ୍ତେ ଈଶ୍ୱରର ରାଜ୍ୟରେ ଏହା ସୁସିଦ୍ଧ ନ ହୁଅଇ ସେ
୧୭ ପର୍ଯ୍ୟନ୍ତେ ଏହାକୁ ଆଉ ଭୋଜନ ନ କରବା । ଉହଁାରେ ସେ ପାନ ପାତ୍ର ନେଇ
ଈଶ୍ୱରର ସ୍ତବ କର ସେମାନଙ୍କୁ ଦେଇ କହିଲେ ଏହା ନେଇ ଆପଣାମାନ
୧୮ ଙ୍କର ମଧ୍ୟରେ ଭାଗ କର । ଆମ୍ଭେ ବୋଲ ଯାବତ୍ ଈଶ୍ୱରର ରାଜତ୍ୱ ପ୍ରବେଶ

ନୁହଇ ତାବତୁ ଆମ୍ଭେ ଦ୍ରାକ୍ଷାଫଳର ରସ ଆଉ ପାନ ନ କରିବା । ପୁଣି ରୋଟୀ ୧୯
ନେଇ ଈଶ୍ୱରର ସ୍ତବ କରି ଭାଙ୍ଗି ସେମାନଙ୍କୁ ଦେଇ କହିଲେ ଏହି ତୁମ୍ଭମାନ
ଙ୍କର ନିମନ୍ତେ ଦତ୍ତ ଆମ୍ଭର ଶରୀର ଆମ୍ଭର ସ୍ମରଣାର୍ଥେ ଏହା କର । ପୁଣି ଭୋ ୨୦
ଜନର ଉତ୍ତାରେ ସେଉପେ ପାନ ପାତ୍ର ନେଇ କହିଲେ ତୁମ୍ଭମାନଙ୍କର ନିମ
ନ୍ତେ ପାତିତ ଆମ୍ଭର ଯେଉଂ ରକ୍ତରେ ନୂତନ ନିୟମ ସିଦ୍ଧ ଏହି ପାତ୍ର ସେ
ଅଟଇ ।

ଦେଖ ଯେଉଂ ଜନ ଆମ୍ଭକୁ ପରହସ୍ତଗତ କରିବ ସେ ଆମ୍ଭର ସଙ୍ଗେ ୨୧
ଭୋଜନ ଆସନରେ ବସୁଅଛି । ଆଉ ଯେ ପ୍ରକାରେ ନିଉପିତ ଅଛି ସେହି ୨୨
ଅନୁସାରେ ମନୁଷ୍ୟ ପୁତ୍ରର ଗତି ଅବଶ୍ୟ ହେବ ପୁଣି ଯେ ଜନ ତାହାଙ୍କୁ
ପରହସ୍ତଗତ କରିବ ତାହାର ସନ୍ତାପ ହେବ । ତେଣୁ ସେମାନଙ୍କର ମଧ୍ୟରେ ୨୩
କେସେ ଏମନ୍ତ କର୍ମ କରିବ ଏହା ସେମାନେ ଏକକୁଆରେକ ପଚାରିବାକୁ
ଲାଗିଲେ ।

ଆଉ ସେମାନଙ୍କର ମଧ୍ୟରେ କାହାକୁ ଶ୍ରେଷ୍ଠ ମଣିବାକୁ ହେବ ଏହି ବିଷ ୨୪
ୟରେ ସେମାନଙ୍କର ବାଦାନୁବାଦ ହେଉ ଥିଲା । ଏଣୁକରି ସେ କହିଲେ ୨୫
ଅନ୍ୟ ଦେଶୀୟମାନଙ୍କ ରାଜବର୍ଗ ପ୍ରଜାମାନଙ୍କର ଉପରେ ଶାସନପଣ କରନ୍ତି
ପୁଣି କର୍ତ୍ତାପଣ କଲେହେଂ ସେମାନେ ପ୍ରତିପାଳକ ବୋଲି ବିଖ୍ୟାତ ହୁଅନ୍ତି ।
ପୁଣି ତୁମ୍ଭମାନଙ୍କର ମଧ୍ୟରେ ତଦ୍ୱତ୍ ନୋହିବ ତୁମ୍ଭମାନଙ୍କର ମଧ୍ୟରେ ଯେ ୨୬
ଜନ ଶ୍ରେଷ୍ଠ ହେବ ସେ କନିଷ୍ଠର ନ୍ୟାୟ ହେଉ ପୁଣି ଯେ କେହି କର୍ତ୍ତାପଣ
କରିବ ସେ ସେବକ ସଦୃଶ ହେଉ । ଭୋଜନୋପବିଷ୍ଟ ଜନ କିଅବା ପରିଚା ୨୭
ରକ ଏମାନଙ୍କର ମଧ୍ୟରେ କେ ଶ୍ରେଷ୍ଠ ଯେ ଭୋଜନରେ ବସୁଅଛି ସେ
କି ଶ୍ରେଷ୍ଠ ନୋହେ । ପୁଣି ଆମ୍ଭେ ତୁମ୍ଭମାନଙ୍କର ମଧ୍ୟରେ ଜଣେ ପରିଚାର
କର ନ୍ୟାୟ ଅଟୁଁ । ଆଉ ତୁମ୍ଭେମାନେ ଆମ୍ଭର ସବୁ ପରୀକ୍ଷାରେ ଆମ୍ଭର ସ ୨୮
ଙ୍ଗରେ ରହିଅଛ ଏନିମନ୍ତେ ପିତା ଯେମନ୍ତ ଆମ୍ଭର ନିମନ୍ତେ ଏକ ରାଜ୍ୟ ନିଉପଣ ୨୯
କରି ଅଛନ୍ତି ଆମ୍ଭେଇ ତେମନ୍ତ ତୁମ୍ଭମାନଙ୍କର ନିମନ୍ତେ ରାଜ୍ୟ ନିଉପଣ କରି
ତହିଂରେ ଆମ୍ଭର ରାଜ୍ୟରେ ଓ ଭୋଜନାସନରେ ତୁମ୍ଭେମାନେ ଭୋଜନ ୩୦
ପାନ କରିବ ପୁଣି ସିଂହାସନରେ ବସି ଇଶ୍ରାୟେଲମାନଙ୍କର ଦ୍ୱାଦଶ ଗୋ
ଷ୍ଠୀର ବିଚାର କରିବ ।

ଆଉ ପ୍ରଭୁ କହିଲେ ହେ ଶିମୋନ୍ ଦେଖ ଚାଲୁଣିରେ ଯେମନ୍ତ ଧାନକୁ ୩୧
ନଚାନ୍ତି ସେଉପ ଶୟତାନ ତୁମ୍ଭକୁ ନଚାଇବାକୁ ମାଗିଅଛି ପୁଣି ତୁମ୍ଭର ବିଶ୍ୱା ୩୨
ସର ଲୋପ ଯେମନ୍ତ ନୁହଇ ତୁମ୍ଭର ନିମନ୍ତେ ଆମ୍ଭେ ଏହା ପ୍ରାର୍ଥନା କଲୁଁ ।
ଆଉ ତୁମ୍ଭର ମନ ଫେରିଲେ ଭାଇମାନଙ୍କୁ ସୁସ୍ଥିର କର । ତେତେବେଳେ ସେ ୩୩

କହିଲା ହେ ପ୍ରଭୁ ଆମ୍ଭେ ତୁମ୍ଭର ସଙ୍ଗରେ କାରାଗାରରେ ଯିବାକୁ ଓ ମର
୩୪ ବାକୁଇ ପ୍ରସ୍ତୁତ ଅଛୁଁ । ତହିଂରେ ସେ କହିଲେ ହେ ପିତର ଆମ୍ଭେ ତୁମ୍ଭକୁ
ବୋଲି ଆଜି କୁକୁଡା ଡାକିବା ପୂର୍ବରେ ତୁମ୍ଭେ ଯେ ଆମ୍ଭକୁ ଚିହ୍ନ ଏହା
ତିନି ଥର ନାସ୍ତି କରିବ ।
୩୫ ଏଥିଉତ୍ତାରୁ ସେ ପଚାରିଲେ ଯେଉଂ ସମୟରେ ଗାଞ୍ଜିୟା ଓ ଝୋଲା ଓ
ପାଦୁକା ବିନୁ ତୁମ୍ଭମାନଙ୍କୁ ପଠାଇଲୁଁ ତେତେବେଳେ କି ତୁମ୍ଭମାନଙ୍କର
୩୬ କିଛି ଉଣା ହେଲା । ସେମାନେ କହିଲେ କିଛି ନାହିଂ । ସେ ପୁଣି କହିଲେ
ଏହି କ୍ଷଣରେ ଗାଞ୍ଜିୟା ଓ ଝୋଲା ଇତ୍ୟାଦି ଯାହାର ପାଖରେ ଯାହା ଥାୟେ
ତାହାକୁ ତାହା ନେବାକୁ ହେବ ପୁଣି କାହାରଠାରେ ଯେବେ ଖଡ୍‌ଗ ନ
୩୭ ଥାୟେ ତେବେ ସେ ଆପଣା ନୁଗା ବିକି ଗୋଟାୟେ କିଣୁ । ଯେହେତୁ
ଆମ୍ଭେ ବୋଲି ସେ ଅପରାଧିମାନଙ୍କର ମଧ୍ୟରେ ଗଣା ହେବ ଏହି ଯେ ଶାସ୍ତ୍ରର
ବଚନ ଲେଖାଅଛି ତାହା ଆମ୍ଭରେ ଫଳିବ ପୁଣି ଆମ୍ଭର ସମ୍ବନ୍ଧରେ ତାବତ୍
୩୮ ବିଷୟ ସିଦ୍ଧ ହେବ । ଏଥିରେ ସେମାନେ କହିଲେ ଏହି ଦେଖ ପ୍ରଭୁ ଦୁଇ
ଖଣ୍ଡ ଖଡ୍‌ଗ ଅଛି । ସେ କହିଲେ ବହୁତ ହୁଅଇ ।
୩୯ ପୁଣି ସେ ସେଠାରୁ ବାହାରେ ଆସି ଆପଣାର ବ୍ୟବହାରାନୁସାରେ ଜୈ
ତୁନ ନାମରେ ପର୍ବତକୁ ଗଲେ ପୁଣି ଶିଷ୍ୟଗଣ ତାହାଙ୍କର ପଛେ ଗମନ
୪୦ କଲେ । ସେଠାରେ ଉପସ୍ଥିତ ହୁଅନ୍ତେ ସେ ସେମାନଙ୍କୁ କହିଲେ ଯେମନ୍ତ
୪୧ ପରୀକ୍ଷାରେ ନ ପଡ ଏଥିପାଇଁ ପ୍ରାର୍ଥନା କର । ପୁଣି ସେଠାରୁ ଏକ ତୀର
୪୨ ଭୂମି ଦୂରରେ ଯାଇ ଆଣ୍ଠୁ ପୋତି ଏହି ପ୍ରାର୍ଥନା କଲେ । ହେ ପିତା ଯେବେ
ତୁମ୍ଭର ସମ୍ମତି ହୁଅଇ ତେବେ ଏହି ପାତ୍ର ଆମ୍ଭଠାରୁ ନେଇ ଯାଅ ପୁଣି ଆ
୪୩ ମ୍ଭର ଇଚ୍ଛା ମତ ନୋହି ତୁମ୍ଭର ଇଚ୍ଛା ମତ ହେଉ । ସେ ସମୟରେ ତାହାକୁଂ
୪୪ ଶକ୍ତି ପ୍ରଦାନ କରିବାକୁ ସ୍ୱର୍ଗରୁ ଏକ ଦୂତ ଦର୍ଶନ ଦେଲେ । ସେ ଘୋର ବି
କଳ ହୋଇ ଆହୁରି ଦୃଢଉପରେ ପ୍ରାର୍ଥନା କଲେ ଏଥିରେ ରକ୍ତର ବଡୀ
୪୫ ଟୋପାର ନ୍ୟାୟ ତାହାଙ୍କର ଝାଳ ଭୂମିରେ ପଡିଲା । ଅନନ୍ତରେ ପ୍ରାର୍ଥ
ନାରୁ ଉଠି ଶିଷ୍ୟମାନଙ୍କର ନିକଟରେ ଆସି ସେମାନଙ୍କୁ ମନଦୁଃଖରେ ନିଦ୍ରିତ
୪୬ ଦେଖି କହିଲେ କିପାଁ ନିଦ୍ରା ଯାଉଅଛ ଉଠ ପରୀକ୍ଷାରେ ଯେମନ୍ତ ନ ପଡ
ଏହି ନିମନ୍ତେ ପ୍ରାର୍ଥନା କର ।
୪୭ ଏହି କଥା କହିବାର ସମୟରେ ଦେଖ ଲୋକ ଗହଳ ହେଲା ପୁଣି ଦ୍ୱାଦଶ
ଶିଷ୍ୟର ମଧ୍ୟରେ ଗଣିତ ଯିହୁଦା ନାମରେ ଜଣେ ସେମାନଙ୍କର ଆଗେ ଚାଲି
୪୮ ଯୀଶୁକୁ ଚୁମ୍ବନ କରିବା ପାଁଇ କତିକି ଅଇଲା । ତହିଂରେ ଯୀଶୁ କହିଲେ ହେ
୪୯ ଯିହୁଦା ଚୁମ୍ବନ ଦେଇ କି ମନୁଷ୍ୟ ପୁତ୍ରକୁ ପରହସ୍ତଗତ କରୁଅଛ । ଏଥିରେ

କି୨ ଘଟିବ ତାହା ବୁଝି ସଙ୍ଗିମାନେ କହିଲେ ହେ ପ୍ରଭୁ ଆମ୍ଭେମାନେ କି
ଖଡ୍‌ଗରେ ହାଣିବା । ତହିଂରେ ଜଣେ ପ୍ରଧାନ ଯାଜକର ଏକ ଦାସକୁ ହାଣି ୫୦
ତାହାର ଦକ୍ଷିଣ କାନ କାଟି ପକାଇଲା । ଯୀଶୁ ଉତ୍ତର କରି କହିଲେ ୫୧
ଏଥିକି ସହ ପୁଣି ସେ ଜନର କର୍ଣ୍ଣ ସ୍ପର୍ଶ କରି ସୁସ୍ଥ କଲେ । ଏଥିରେ ଯୀଶୁ ୫୨
ଅସନ୍ତା ପ୍ରଧାନ ଯାଜକଗଣ ଓ ମନ୍ଦିରର ସେନାପତିବର୍ଗ ଓ ପ୍ରାଚୀନ ଲୋକ
ମାନଙ୍କୁ କହିଲେ ତୁମ୍ଭେମାନେ ଖଡ୍‌ଗ ଓ ଯଷ୍ଟି ନେଇ ଆମ୍ଭକୁ କି ଚୋର ପରି
ଧରିବାକୁ ଅଇଲ । ଯେ ସମୟରେ ଆମ୍ଭେ ତୁମ୍ଭମାନଙ୍କର ସଙ୍ଗେ ଦିନୋ ମନ୍ଦି ୫୩
ରରେ ଥିଲୁଁ ତେବେ ଆମ୍ଭର ବିରୁଦ୍ଧରେ ହାତ ନ ବଢାଇଲ ମାତ୍ର ଏବେ
ତୁମ୍ଭମାନଙ୍କର ଓ ଅନ୍ଧକାର ପରାକ୍ରମର ସମୟ ହେଲା ।

ତେଣୁ ସେମାନେ ତାହାଙ୍କୁ ଧରି ମହାଯାଜକର ଉଆସକୁ ନେଇ ଗଲେ ୫୪
ପୁଣି ପିତର ଦୂରରେ ପଛେ୨ ଚାଲିଲା । ଲୋକେ ପ୍ରାଙ୍ଗଣ ମଧ୍ୟରେ ଅଗ୍ନି ୫୫
ଜ୍ୱାଳଇ ଏକତ୍ର ବସନ୍ତେ ପିତର ସେମାନଙ୍କର ସଙ୍ଗରେ ବସିଲା । ଏଉତ୍ତାରୁ ୫୬
ଅଗ୍ନିର କତିରେ ବସିବାବେଳେ ଜଣେ ଦାସୀ ତାହାକୁ ଦେଖି ସ୍ଥିରକରି
ଅନାଇ କହିଲା ଏହି ଜଣଇ ତାହାର ସଙ୍ଗେ ଥିଲା । ପୁଣି ସେ ତାହାଙ୍କୁ ୫୭
ନାସ୍ତି କରି କହିଲା ହେ ନାରି ଆମ୍ଭେ ତାହାକୁ ନ ଚିହ୍ନି । କିଛି କାଳ ଉତ୍ତା ୫୮
ରେ ଆରେକ ଜଣ ତାହାକୁ ଦେଖି ବୋଇଲା ତୁମ୍ଭେହିଂ ନିତାନ୍ତ ଏମାନଙ୍କର
ଦଳର ଜଣେ । ପିତର ଉତ୍ତର କଲା ହେ ମନୁଷ୍ୟ ଆମ୍ଭେ ନୋହି । ତାହାର ୫୯
ଅଢାଇ ଦଣ୍ଡ ଉତ୍ତାରେ ପୁଣି ଜଣେ ନିଶ୍ଚୟ କରି ବୋଇଲା ସତ୍ୟଇ ଏଇଟା
ତାହାର ଜଣେ ସଙ୍ଗି ଯେହେତୁ ଏ ଗାଲିଲୀର ଲୋକ । ପିତର କହିଲା ହେ ୬୦
ମନୁଷ୍ୟ ତୁମ୍ଭେ ଯାହା ବୋଲୁ ଅଛ ତାହା ଆମ୍ଭକୁ ଜଣା ନୁହଇ । ଏହି କଥା
କହିବାମାତ୍ର ସେକ୍ଷଣେ କୁକୁଡା ଡାକିଲା । ଏଥିରେ ପ୍ରଭୁ ଫେରି ପିତରର ୬୧
ପ୍ରତି ଦୃଷ୍ଟି କଲେ ତେଣୁ କୁକୁଡା ଡାକିବାର ପୂର୍ବରେ ତୁମ୍ଭେ ଆମ୍ଭକୁ ତିନିଥର
ନାସ୍ତି କରିବ ତାହାଙ୍କର ଏହି ଯେ କଥା ପିତର ହେଜ କଲା ପୁଣି ସେ ବାହା ୬୨
ରେ ଯାଇ ଅତିଶୟ କାନ୍ଦିଲା ।

ଏଥିମଧ୍ୟରେ ଯେଉଁମାନେ ଯୀଶୁକୁ ଧରି ଥିଲେ ସେମାନେ ତାହାଙ୍କୁ ନିନ୍ଦା ୬୩
କରି ପ୍ରହାର କଲେ । ଆଉ ତାହାଙ୍କର ଆକ୍ଷିର ଉପରେ ନୁଗା ବାନ୍ଧି ଗାଲ ୬୪
ରେ ଚାପୁଡା ମାରି ପଚାରିଲେ କେ ତୁମ୍ଭକୁ ଚାପୁଡା ମାଇଲା ତାହା ଗଣନା
କରି ବୋଲ । ପୁଣି ତାହାଙ୍କର ବିରୁଦ୍ଧରେ ଆହୁରି ଅନେକୀ ନିନ୍ଦାର କଥା ୬୫
କହିଲେ ।

ଏଥିଉତ୍ତାରୁ ପ୍ରଭାତ ହେଲା ପ୍ରାଚୀନମାନେ ଓ ପ୍ରଧାନ ଯାଜକଗଣ ପୁଣି ୬୬
ଅଧ୍ୟାପକବର୍ଗ ଚାଣ୍ଡ ହୋଇ ସଭାର ମଧ୍ୟରେ ଯୀଶୁକୁ ଆଣି ପଚାରିଲେ

୬୭ ତୁମ୍ଭେ ମଶୀହ କି ନାହିଂ ତାହା ବୋଲ । ସେ ଉତ୍ତର କଲେ ତାହା ବୋଇ
୬୮ ଲେ ତୁମ୍ଭେମାନେ ବିଶ୍ୱାସ ନ କରିବ । ଆଉ ତୁମ୍ଭମାନଙ୍କୁ କୌଣସି କଥା
୬୯ ପଚାରିଲେ ଆମ୍ଭକୁ ଉତ୍ତର ନ ଦେବ ପୁଣି ଛାଡି ନ ଦେବ । ମାତ୍ର ଏଥିଉ
୭୦ ତ୍ତାରେ ମନୁଷ୍ୟପୁତ୍ର ସର୍ବଶକ୍ତିମାନ ଈଶ୍ୱରର ଦକ୍ଷିଣ ପାଖରେ ବସିବେ । ତେଣୁ
ସେମାନେ ସମସ୍ତେ କହିଲେ ତେବେ କି ତୁମ୍ଭେ ଈଶ୍ୱରଙ୍କ ଆତ୍ମଜ । ସେ
୭୧ ଉତ୍ତର କଲେ ତୁମ୍ଭେମାନେ ସତ୍ୟ କହୁଅଛ ଆମ୍ଭେ ସେହି । ଏଥିରେ ସେ
ମାନେ ବୋଇଲେ ତେବେ ଆଉ ସାକ୍ଷ୍ୟରେ ଆମ୍ଭମାନଙ୍କର କି ପ୍ରୟୋଜନ
ଏହାର ନିଜ ମୁଖରେ କଥା ଆମ୍ଭେମାନେ ଶୁଣିଅଛୁଁ ।

## ୨୩ ପର୍ବ ।

ଏଉତ୍ତାରୁଂ ସମଗ୍ର ଲୋକ ଉଠି ତାହାଙ୍କୁ ପିଲାତର ଛମୁରେ ନେଇ ଯାଇ
୧ ଅପବାଦ ଦେଇ ବୋଲିବାକୁ ଲାଗିଲେ ଅପଣାକୁ ମଶୀହ ରାଜା କହି କାଇ
୨ ସର ରାଜାକୁ କର ଦେବାକୁ ନିଷେଧ କରି ରାଜ୍ୟ ଉଲ୍ଟା କରିବାକୁ ଉଦ୍ୟତ
ଏହି ଜଣକୁ ପାଇଲୁଁ । ତେତେବେଳେ ପିଲାତ ତାହାଙ୍କୁ ପଚାରିଲା ତୁମ୍ଭେ
୩ କି ଯିହୁଦୀୟମାନଙ୍କର ରାଜା । ସେ ଉତ୍ତର କଲେ ତୁମ୍ଭେ ସତ୍ୟ କହୁଅଛ ।
ପିଲାତ ପ୍ରଧାନ ଯାଜକଗଣ ଓ ଲୋକ ସମୂହଙ୍କୁ କହିଲା ଆମ୍ଭେ ଏହି ଜନର
୪ କୌଣସି ଦୋଷ ପାଇ ନାହୁଁ । ଏଥିରେ ସେମାନେ ଅହୁରି ବ୍ୟଗ୍ର ହୋଇ
୫ କହିଲେ ଏଜନ ଗାଲିଲୀଠାରୁ ଏହି ସ୍ଥାନ ପର୍ଯ୍ୟନ୍ତେ ସମୁଦାୟ ଯିହୁଦୀ ଦେଶ
ରେ ସବୁ ଲୋକଙ୍କୁ ଉପଦେଶ ଦେଇ କୁପ୍ରବୃତ୍ତି ଦିଅଉଅଛି । ପିଲାତ ଗାଲିଲୀ
୬ ପ୍ରଦେଶର ନାମ ଶୁଣି ପଚାରିଲା ଏଜନ କି ଗାଲିଲୀୟ ଲୋକ । ତହିଂରେ
୭ ସେ ଯେ ଗାଲିଲୀ ଦେଶର ହେରୋଦ ରାଜାର ଅଧିକାରସ୍ଥ ଲୋକ ପିଲାତ
ଏହା ଜାଣି ଯିରୁଶାଲମ ନଗରରେ ହେରୋଦ ରାଜାର ସେହି ସମୟରେ ଥିବା
ରୁଂ ତାହାର ନିକଟରେ ଯୀଶୁକୁ ପଠାଇ ଦେଲା । ହେରୋଦ ଯୀଶୁକୁ ଦେଖି
୮ ବଡ ସନ୍ତୁଷ୍ଟ ହେଲା ଯେହେତୁ ସେ ତାହାଙ୍କର ବିଷୟରେ ଅନେକ୨ ସଂ
ବାଦ ଶ୍ରବଣ କରିବାରୁଂ ତାହାଙ୍କର କୌଣସି ଅଶ୍ଚର୍ଯ୍ୟ କର୍ମ ଦେଖଇ ଏହି ଆଶା
କରି ବହୁତ କାଳରୁଂ ତାହାଙ୍କୁ ଦେଖିବାକୁ ଇଚ୍ଛା କରି ଥିଲା । ଏନିମନ୍ତେ
୯ ସେ ତାହାଙ୍କୁ ଅପାର କଥା ପଚାରିଲା ପୁଣି ଯୀଶୁ ତାହାର କୌଣସି କଥାର
ଉତ୍ତର ନ ଦେଲେ । ଏଥିରେ ପ୍ରଧାନ ଯାଜକଗଣ ଓ ଅଧ୍ୟାପକବର୍ଗ
୧୦ ଠିୟା ହୋଇ ଅତ୍ୟନ୍ତ ତାହାଙ୍କର ଅପବାଦ କରିବାକୁ ଲାଗିଲେ । ପୁଣି ହେ
୧୧ ରୋଦ ଓ ତାହାର ସେନାଗଣ ତାହାଙ୍କୁ ହେୟଜ୍ଞାନ କରି ପରିହାସ ଭାବରେ
ରାଜବସ୍ତ୍ର ପରିଧାନ କରାଇ ପୁନର୍ବାର ପିଲାତର ନିକଟକୁ ପଠାଇ ଦେଲେ ।

ପୁଙ୍କରେ ହେରୋଦ ଓ ପିଲାତ ଏହି ଦୁହିଙ୍କର ବୈରଭାବ ଥିଲା ପୁଣି ସେ ଦିନ ୧୨
ରେ ସେମାନଙ୍କର ମିଳନ ହେଲା ।

ପୁଣି ପିଲାତ ପ୍ରଧାନ ଯାଜକଗଣ ଓ ଶାସନକର୍ତ୍ତୃଗଣ ପୁଣି ଲୋକମାନଙ୍କୁ ୧୩
ଏକତ୍ର ଡାକି କହିଲା ଲୋକଙ୍କର ବିପକ୍ଷକାରୀ ବୋଲି ଏହି ମନୁଷ୍ୟକୁ ଆମ୍ଭର ୧୪
ନିକଟରେ ଅଣିଅଛ ଆଉ ଦେଖ ତୁମ୍ଭମାନଙ୍କର ସାକ୍ଷାତରେ ଏହାର ବିଚାର
କଲେହେଁ ତୁମ୍ଭ ଅପବାଦ ପ୍ରମାଣେ ଏହାର କୌଣସି ଦୋଷ ପାଇ ନାହୁଁ
ହେରୋଦ କିଛି ପାଇ ନାହାନ୍ତି ଯେଣୁ ତାହାଙ୍କର ନିକଟରେ ତୁମ୍ଭମାନଙ୍କୁ ୧୫
ପଠାଇଲୁଁ । ଏଣୁ ଦେଖ ଏ ମୃତ୍ୟୁ ଦଣ୍ଡର ଯୋଗ୍ୟ କୌଣସି ଦୋଷ କରି ନାହିଁ ୧୬
ଏନମନ୍ତେ ଏହାକୁ ଶାସ୍ତି ଦେଇ ଛାଡ ଦେବା । ସେ ପର୍ବ ସମୟରେ ସେମା ୧୭
ନଙ୍କର ଏକ ଜଣକୁ ମୁକୁଳା କରିବାକୁ ହୁଅଇ । ଏହେତୁ ସମସ୍ତେ ଏକ ସ୍ୱରରେ ୧୮
ଡାକ କହିଲେ ଏହାକୁ ଦୂର କର ବରବା ନାମରେ ଜଣକୁ ମୁକୁଳା କର । ସେ ୧୯
ବରବା ନଗରର ମଧ୍ୟରେ ଉତ୍ପାତ ଓ ଖୁଣି ଦୋଷ ଲଗି କାରାଗାରରେ
ବନ୍ଦ ଥିଲା । ପୁଣି ପିଲାତ ଯୀଶୁକୁ ମୁକ୍ତ କରିବାକୁ ବାଞ୍ଛା କରି ପୁନର୍ବାର ସେ ୨୦
ମାନଙ୍କୁ ବୁଝାଇଲେ । ତଥାପି ଏହାକୁ କ୍ରୁଶରେ ଚଢାଅ ଏହାକୁ କ୍ରୁଶରେ ୨୧
ଚଢାଅ ବୋଲି ସେମାନେ ଡାକ ପକାଇଲେ । ପୁଣି ସେ ତୃତୀୟ ୨୨
ଥର କହିଲା କାହିଁ ସେ କି ମନ୍ଦ କର୍ମ କଲା ଏହାର ପ୍ରାଣ ଦଣ୍ଡରେ ଦୋଷ
କିଛି ପାଇ ନାହିଁ ଏନମନ୍ତେ ଏହାକୁ ଶାସ୍ତି ଦେଇ ଛାଡ ଦେବା । ତେଣୁ ୨୩
ସେମାନେ ଅତ୍ୟନ୍ତ ଦୃଢତ୍ୱରେ ଏହାକୁ କ୍ରୁଶରେ ଚଢାଅ ବୋଲି ଉଚ୍ଚ
ସ୍ୱରରେ ଡାକ ମାଗିଲେ । ଏହତ୍ୱରେ ପ୍ରଧାନ ଯାଜକ ଇତ୍ୟାଦି ଲୋକ ୨୪
ମାନଙ୍କର କଳରବ ପ୍ରବଳ ହେଲା ସେମାନଙ୍କର ପ୍ରାର୍ଥନା ମତେ କରିବାକୁ ପି ୨୫
ଲାତ ଆଜ୍ଞା ଦେଲା । ସେ ରାଜଦ୍ରୋହ ଓ କଥ କରିବାର ଦୋଷରେ ବନ୍ଦି ଘରରେ
ବନ୍ଦ ଯେ ଜଣକୁ ସେମାନେ ମାରିଲେ ତାକୁ ମୁକୁଳା କର ଯୀଶୁକୁ ସେମାନ
ଙ୍କର ମନ ମତେ ସମର୍ପଣ କଲା ।

ସେମାନେ ଯୀଶୁକୁ ନେଇ ଯିବାର ବେଳେ ଗାଁଉଲି ଗ୍ରାମରୁ ଅସନ୍ତା ୨୬
ଶିମୋନ ନାମରେ କୁରୀଣୀୟ ଦେଶର ଏକ ଜଣକୁ ବେଗାର ଧର ଯୀଶୁର
ପଛେ। କ୍ରୁଶ ନେବା ପାଁଇ ତାହାର କାନ୍ଧରେ ସେ କ୍ରୁଶ ଥୋଇଲେ । ତହିଁ ୨୭
ରେ ଲୋକାରଣ୍ୟର ମଧ୍ୟରେ ଅନେକ ସ୍ତ୍ରୀ ରୋଦନ ଓ ବିଳାପ କରିଲେ ।
ଯୀଶୁର ପଛେ। ଗଲେ । ପୁଣି ସେ ଫେର ସେମାନଙ୍କୁ କହିଲେ ଅଗୋ ସିୟୋ ୨୮
ଶାଲମର କନ୍ୟାଗଣ ତୁମ୍ଭେମାନେ ଆମ୍ଭର ନମନ୍ତେ ରୋଦନ ନ କର ଆପଣା
ମାନଙ୍କର ଓ ଆପଣା ସନ୍ତାନମାନଙ୍କର ନମନ୍ତେ ରୋଦନ କର । ଦେଖ ୨୯
ଯେତୁମ୍ଭମାନେ କେବେହେଁ ଗର୍ଭବତୀ ହୋଇ ନାହାନ୍ତି ପୁଣି ସ୍ତନ ପାନ କରାଇ

ନାହାନ୍ତି ଏମନ୍ତ ବନ୍ଧ୍ୟାମାନଙ୍କୁ ଯେଉଁ ସମୟରେ ଧନ୍ୟୀ ବୋଲିବେ ସେ
୩୦ ସମୟ ଅସୁଅଛି । ସେଉଁକବେଳେ ହେ ପର୍ବତଗଣ ଆମ୍ଭମାନଙ୍କର ଉପରେ
ପଡ ହେ ଗିରିଗଣ ଆମ୍ଭମାନଙ୍କୁ ଘୋଡାଇ ରଖ ଏମନ୍ତ କଥା ଲୋକମାନେ
୩୧ ବୋଲିବେ । ଯେହେତୁ ସତେଜ ଗଛକୁ ଯେବେ ଏମନ୍ତ ହୁଅଇ ତେବେ
୩୨ ଶୁଷ୍କ ବୃକ୍ଷର କ'ନ ହେବ । ପୁଣି ସେମାନେ ବଧ କରିବାର ନିମନ୍ତେ ଦୁଇ ଅପ
ରଧି ଜଣକୁ ତାହାଙ୍କର ସଙ୍ଗରେ ନେଇ ଗଲେ ।

୩୩ ଏଥିଉତ୍ତର କାଲଭରି [ଅର୍ଥାତ୍ ମୁଣ୍ଡଖୁଣ୍ଟି] ନାମ ସ୍ଥାନରେ ଉପସ୍ଥିତ ହୋଇ
ସେମାନେ ତାହାଙ୍କୁ କ୍ରୁଶରେ ଚଢାଇଲେ ପୁଣି ଦୁଇ ଅପରାଧିର ଏକ ଜଣକୁ
ତାହାଙ୍କର ଦକ୍ଷିଣ ପାଖରେ ଆଉ ଏକ ଜଣକୁ ବାମ ପାଖରେ କ୍ରୁଶରେ ଚଢାଇ
୩୪ ଲେ । ଏଥିରେ ଯୀଶୁ କହିଲେ ହେ ପିତା ଏମାନଙ୍କୁ କ୍ଷମାକର ଯେହେତୁ
କ କର୍ମ କରୁଛନ୍ତି ତାହା ଏମାନେ ନ ଜାଣନ୍ତି । ପୁଣି ସେମାନେ ଗୁଲିବାଣ୍ଟ
୩୫ ରେ ତାହାଙ୍କର ବସ୍ତ୍ର ଭାଗୀ କର ନେଲେ । ଆଉ ଲୋକ ସମୂହ ଠିଆ
ହୋଇ ଅନାଇଲେ ପୁଣି ସେମାନେ ଓ ସେମାନଙ୍କର ଶାସନ କର୍ତ୍ତାମାନେ
ତାହାଙ୍କୁ ଟାପୁଗ କର କହିଲେ ଏହ ଜଣ ଅନ୍ୟ ଲୋକମାନଙ୍କୁ ରକ୍ଷା କଲା
ଯେବେ ଈଶ୍ୱରର ମନୋନୀତ ମଣୀହ ଅଟନ୍ତି ତେବେ ସେ ଆପଣାକୁ ରକ୍ଷା
୩୭ କରନ୍ତୁ । ସେପର ସେନାଗଣ ଅସି ତାହାଙ୍କୁ ଅମ୍ଳରସ ଦେଇ ଟାହୁଲ କର
୩୭ ବୋଇଲେ ତୁମ୍ଭେ ଯେବେ ଯିହୁଦୀୟମାନଙ୍କର ରାଜା ହୁଅ ତେବେ ଆପଣାକୁ
୩୮ ରକ୍ଷା କର । ପୁଣି ଏ ଯିହୁଦୀୟମାନଙ୍କର ରାଜା ଏହ କଥା ଗ୍ରୀକ ଓ ଲାଟିନ ଓ
ଏବ୍ରୀ ଅକ୍ଷରରେ ଲେଖା ହୋଇ ତାହାଙ୍କର ମସ୍ତକର ଉପରେ ଥୁଆ ଗଲା ।

୩୯ ଏଥିମଧ୍ୟରେ କ୍ରୁଶରେ ଟଙ୍ଗା ଦୁଇ ଅପରାଧିର ମଧ୍ୟରେ ଜଣେ ତାହାଙ୍କୁ
ନିନ୍ଦା କର ବୋଇଲା ତୁମ୍ଭେ ଯେବେ ମଣୀହ ଅଟ ତେବେ ଆପଣାକୁ ଓ
୪୦ ଆମ୍ଭମାନଙ୍କୁ ରକ୍ଷା କର । ପୁଣି ଆର ଜଣ ତାହାକୁ ଧମକାଇ କହିଲା ଈଶ୍ୱ
ରର ପ୍ରତି ତୁମ୍ଭର କ କିଛୁ ଭୟ ନାହିଁ ଯେଣୁ ତୁମ୍ଭେଇ ସମାନ ଦଣ୍ଡରେ
୪୧ ଅଛ । ଆମ୍ଭେମାନେ ସିନା ଏହ ଦଣ୍ଡର ଯୋଗ୍ୟ ଯେହେତୁ ଆପଣାମା କର୍ମର
ସମୁଚିତ ଫଳ ପାଉଅଛୁଁ ପୁଣି ଏହ ମନୁଷ୍ୟ କୌଣସି ଦୋଷ କର ନାହିଁ ।
୪୨ ଏଥିରେ ସେ ଯୀଶୁକୁ କହିଲା ହେ ପ୍ରଭୁ ଆପଣା ରାଜ୍ୟରେ ପ୍ରବେଶ ହେଲେ
୪୩ ଆମ୍ଭକୁ ମନରେ କରନ୍ତୁ । ଯୀଶୁ ତାହାକୁ କହିଲେ ସତ୍ୟ ଆମ୍ଭେ ବୋଲି
ଅଜ ତୁମ୍ଭେ ପାରଦୀଶରେ [ଅର୍ଥ ସ୍ୱର୍ଗୋଦ୍ୟାନରେ] ଆମ୍ଭର ସହଭ ହେବ ।

୪୪ ଏଥିଉତ୍ତରେ ଦୁଇ ପ୍ରହର ବେଳରୁ ତନ ପ୍ରହର ପର୍ଯ୍ୟନ୍ତ ସୂର୍ଯ୍ୟର ତେଜ
୪୫ ଲୁଚିବାରୁ ସବୁ ଦେଶ ଅନ୍ଧକାରରେ ଘୋଡିଲା ପୁଣି ମନିରର ଆଡୁଆଳ
୪୬ ବସ୍ତ୍ର ଚିରି ଦୁଇ ଖଣ୍ଡ ହେଲା । ଏଥିରେ ଯୀଶୁ ଉଚ୍ଚସ୍ୱରେ କହିଲେ ହେ ପିତା

ଅମ୍ବର ଅଙ୍ଗୁକ୍ତ ତୁମ୍ବର ହସ୍ତରେ ସମର୍ପଣ କର ଏହ କଥା ବୋଲ୍ ସେ ପ୍ରାଣ
ତ୍ୟାଗ କଲେ । ତେତେକେଳେ ଏହ ସମସ୍ତ ଘଟଣା ଦେଖି ଶତସେନାପତ ୪୭
ଈଶ୍ବରର ଗୁଣାନୁବାଦ କର କହିଲ ଏ କତାନ୍ତ ଧାର୍ମିକ ମନୁଷ୍ୟ ଥିଲେ ।
ଆବର ଯେତେ ଲୋକ ଦେଖିବାକୁ ଆସିଥିଲେ ସେମାନେ ସେ ସମସ୍ତ ଘଟଣା ୪୮
ଦେଖି ବୁକୁରେ ହାତ ମାର ବାହୁଡିଲେ । ପୁଣି ଯୀଶୁର ଜ୍ଞାତ ବର୍ଗ ଓ ଯୋ ୪୯
ସ୍ତ୍ରୀ ଲୋକେ ଗାଲ୍ଲୀର ତାହାଙ୍କର ସଙ୍ଗେ ଅସିଥିଲେ ସେମାନେହଂ ଦୂର
ରେ ଠିଆ ହୋଇ ସେ ସମସ୍ତ ଦେଖିଲେ ।

ଏଥିରେ ଦେଖ ଅନ ମନ୍ତ୍ରିମାନଙ୍କର ଯୁକ୍ତିରେ ଓ କ୍ରିୟାରେ ଅସମ୍ମତ ପୁଣି ୫୦
ଈଶ୍ବରର ରାଜତ୍ବର ଅପେକ୍ଷାକାର ଯିହୁଦା ଦେଶର ଅରମଥୀସ୍ଥ ନଗରର ୫୧
ଯୁଷଫ ନାମରେ ଏକ ମନ୍ତ୍ରୀ ସେ ଭଦ୍ର ଓ ଧାର୍ମିକ ଲୋକ ହୋଇ ପିଲାତର ନକ ୫୨
ଟକୁ ଯାଇ ଯୀଶୁର ଦେହ ମାଗିଲା । ପୁଣି ଦେହ ଓହ୍ଲାଇ ବସ୍ତ୍ରରେ ଘୋ ୫୩
ଡାଇ ଯହଂରେ ଅଗେ କେବେହେଂ କୌଣସି ମନୁଷ୍ୟକୁ ରଖା ଯାଇ ନାହଂ
ଏମନ୍ତ ପଥରରେ ଖୋଳା ଏକ କବର ମଧ୍ୟରେ ତାହା ରଖିଲା । ସେହ ଦନ ୫୪
ଆୟୋଜନ କରବାର ଦବସ ପୁଣି ବଶ୍ରାମବାରଇ ସନ୍ନିକଟ ହେଲା । ଏଥିଉ ୫୫
ଗ୍ର ଯୀଶୁର ସଙ୍ଗେ ଗାଲ୍ଲୀର ଅସନ୍ତା ସ୍ତ୍ରୀଗଣ ପଛେ ଯାଇ କବର ସ୍ଥାନ
ପୁଣି କ ପ୍ରକାରେ ଦେହ ଥୁଆ ଗଲା ତାହା ଦେଖି ଫେର ଯାଇ ସୁଗନ୍ଧି ଦ୍ରବ୍ୟ ୫୬
ଓ ତୈଳ ପ୍ରସ୍ତୁତ କର ବଧିମତରେ ବଶ୍ରାମବାରରେ ବଶ୍ରାମ କଲେ ।

## ୧୫ ପଦ୍ଦ ।

ଏଉତ୍ତର ସପ୍ତାହର ପ୍ରଥମ ଦନରେ ଅତ ପ୍ରାତଃକାଲରେ ସେ ସ୍ତ୍ରୀ ଲୋ ୧
କମାନେ ପ୍ରସ୍ତୁତ ସୁଗନ୍ଧି ଦ୍ରବ୍ୟ ନେଇ ଅନ୍ୟ ଥୋକାଏ ସ୍ତ୍ରୀ ଲୋକର ସଙ୍ଗେ
କବର ସ୍ଥାନକୁ ଗଲେ । ପୁଣି କବର ଦ୍ବାରର ପଥର ଖଣ୍ଡ ପଡିଥିବା ଦେଖି ୨
ସେମାନେ ପ୍ରବେଶ ହୋଇ ତାହା ମଧ୍ୟରେ ପ୍ରଭୁ ଯୀଶୁର ଦେହ ଦେଖିବାକୁ ୩
ନ ପାଇ ବ୍ୟାକୁଳ ହେଲେ । ଏମନ୍ତ ସମୟରେ ତେଜୋମୟ ବସ୍ତ୍ରାନ୍ବିତ ୪
ଦୁଇ ଜଣ ସେମାନଙ୍କ ପାଖରେ ଠିଆ ହେଲେ । ଏଥିରେ ସେମାନେ ଶଙ୍କା ୫
ଯୁକ୍ତ ହୋଇ ଭୂମି ଅଡେ ଅନାଇ ରହନ୍ତେ ଏମାନେ ସେମାନଙ୍କୁ କହିଲେ
ମୃତମାନଙ୍କର ମଧ୍ୟରେ ଜୀବତ ମନୁଷ୍ୟର ଅନ୍ବେଷଣ କଥାଁ କରିଅଛ ସେ ୬
ଏଠାରେ ନାହାନ୍ତ ସେ ଉଠିଅଛନ୍ତ । ଗାଲ୍ଲୀରେ ଥିବା ସମୟରେ ସେ ଯେ ୭
କଥା ତୁମ୍ଭମାନଙ୍କୁ କହ ଥିଲେ ଅର୍ଥାତ୍ ମନୁଷ୍ୟ ପୁତ୍ରକୁ ପାପି ଲୋକମାନ
ଙ୍କର ହସ୍ତରେ ସମର୍ପିତ ହୋଇ କ୍ରୁଶରେ ହତ ହେଲା ଉତ୍ତରେ ତୃତୀୟ ଦବ

୮ ସରେ କବରରୁ ଉତ୍ଥାନ କରିବାକୁ ହେବ ଏହା ସ୍ମରଣ କର । ତେବେ ସେ
ତାହାଙ୍କର ସେହି କଥା ସେମାନଙ୍କର ମନେ ପଡିଲା ।
୯ ସେମାନେ କବରରୁ ବାହୁଡି ଏକାଦଶ ଶିଷ୍ୟଗଣ ପୁଣି ଆଉ ସମସ୍ତଙ୍କୁ ସେ
୧୦ ସଂବାଦ କହିଲେ । ମଗ୍ଦଲୀନୀ ମରୟମ ଓ ଯୋହନା ଓ ଯାକୁବର ମାତା
ମରୟମ ପୁଣି ଆଉ ସଙ୍ଗି ସ୍ତ୍ରୀ ଲୋକମାନେ ପ୍ରେରିତମାନଙ୍କୁ ଏହି ସବୁ
୧୧ ସଂବାଦ ଦେଲେ ପୁଣି ସେମାନଙ୍କର କଥା ଅନର୍ଥକ ଗଳ୍প ମାନି ସେହି
୧୨ ପ୍ରତ୍ୟୟ ନ କଲେ । ତହିଁ ଉତ୍ତରେ ପିତର ଉଠି କବରର କଡରେ ଦୌଡି
ଯାଇ ନଇଁ ପଡି ଏକ ପାଖରେ ପୋତିଲା ବସ୍ତ୍ର ମାତ୍ର ଦେଖିଲେ ଏଥିରେ
ସେ ଚମତ୍କାର ଜ୍ଞାନ କରି ଯାହା ଘଟିଅଛି ତାହା ମନରେ ତର୍କିତା କରି
ପ୍ରସ୍ଥାନ କଲା ।
୧୩ ସେହି ଦିବସରେ ଦୁଇ ଜଣ ଶିଷ୍ୟ ଯିରୂଶାଲମର ପ୍ରାୟ ଷାଠି କୋଶ
୧୪ ଦୂର ଇମ୍ମାୟୁ ନାମର ଗ୍ରାମେ ଗମନ କରି ସେ ସମସ୍ତ ଘଟିତା ବିଷୟର କଥା
୧୫ ବାର୍ତ୍ତା କରିଥିଲେ ପୁଣି ସେମାନଙ୍କର ଆଳାପ ଓ ବିତର୍କ କେଲେ ଯୀଶୁ
୧୬ ଆପେ ନିଜେ ଆସି ସେମାନଙ୍କର ସଙ୍ଗରେ ଗମନ କଲେ । ମାତ୍ର ସେମାନେ ଯେ
ସେମାନଙ୍କୁ ଚିହ୍ନିବାକୁ ନ ପାରନ୍ତୁ ଏହି ନିମନ୍ତେ ସେମାନଙ୍କର ଦୃଷ୍ଟି ରୁଦ୍ଧ
୧୭ ହେଲା । ସେ ସେମାନଙ୍କୁ ପଚାରିଲେ ତୁମ୍ଭେମାନେ ଚାଲିତ ହୋଇ କି ପ୍ରକାର
୧୮ ବିଷୟ ବିତର୍କ କରି ଗଲ୍ ଯାଉଅଛ । ସେମାନଙ୍କର ମଧ୍ୟରେ କ୍ଲିଯପା ନାମ
ରେ ଜଣେ ଉତ୍ତର କଲା ଯିରୂଶାଲମ ନଗରରେ ଏସମୟରେ ଯେ ସମସ୍ତ
ଘଟିଅଛି ତୁମ୍ଭେ କେବଳ ବିଦେଶୀ ହୋଇ କି ତାହାର ବୃତ୍ତାନ୍ତ ନ ଜାଣ ।
୧୯ ସେ କହିଲେ କି ଘଟିତା । ତେଣେବେଳେ ସେମାନେ ବୋଇଲେ ଈଶ୍ୱରର
ପୁଣି ମନୁଷ୍ୟ ସମସ୍ତର ସାକ୍ଷାତରେ ବାକ୍ୟରେ ଓ କର୍ମରେ ପରାକ୍ରମବନ୍ତ ଯୀଶୁ
୨୦ ନାସରତୀୟ ଯେ ନାଜରତ୍ଥୀୟ ଭବିଷ୍ୟଦ୍ବକ୍ତା ତାହାଙ୍କୁ ଆମ୍ଭମାନଙ୍କର ପ୍ରଧାନ
ଯାଜକଗଣ ଓ ବିଚାର କର୍ତ୍ତାମାନେ କ୍ରୁଶରେ ଚଢାଇ ପ୍ରାଣଦଣ୍ଡ କରିଅ
୨୧ ନ୍ତି ସେ ବିଷୟର ଘଟିତା । ପୁଣି ସେ ଯେ ଇଶ୍ରାୟେଲ ଲୋକକୁ ଉଦ୍ଧାର
କରିବେ ଆମ୍ଭେମାନେ ଏମନ୍ତ ପ୍ରତ୍ୟୟ କରିଥିଲୁଁ । ସେ ଯାହା ହେଉ
୨୨ ସେ ସମସ୍ତ ଘଟିତା ଆଜ ତିନ ଦିନ ହେଲା । ଆହୁରି ଆମ୍ଭମାନଙ୍କର ସଙ୍ଗି
ଥୋକାଏ ସ୍ତ୍ରୀ ଲୋକେ ଆମ୍ଭମାନଙ୍କ ଚମତ୍କାର ଜ୍ଞାନ ଜନ୍ମାଇଲେ ଯେଣୁ
୨୩ ସେମାନେ ପ୍ରାତଃକାଳରେ ତାହାଙ୍କର କବରକୁ ଯାଇ ତା ମଧ୍ୟରେ
ତାହାଙ୍କର ଦେହର ଉଦ୍ଦେଶ ନ ପାଇ ଫେରି ଆସି କହିଲେ ସ୍ୱର୍ଗ ଦୂତଗ
ଣର ଦର୍ଶନ ପାଇଅଛୁଁ ପୁଣି ଦୂତମାନେ ବୋଇଲେ ସେ ଜୀବନ୍ତ ଅଟନ୍ତି ।
୨୪ ତଣୁ ଆମ୍ଭମାନଙ୍କର କେତୋଟି କବର ସ୍ଥାନକୁ ଯାନ୍ତେ ସେମାନେହିଁ ସେହି

ସ୍ତ୍ରୀ ଲୋକଙ୍କର କଥାନୁସାରେ ଦେଖିଲେ ପୁଣି ତାହାଙ୍କର ଦର୍ଶନ ନ
ପାଇଲେ । ତେତେବେଳେ ସେ ସେମାନଙ୍କୁ କହିଲେ ହେ ଅବୋଧମା ୧୫
ନେ ହେ ସମସ୍ତ ଭବିଷ୍ୟଦ୍ୱକ୍ତାର ବାକ୍ୟର ପ୍ରତ୍ୟୟ କରିବାକୁ ମଠୁଆମାନେ ୧୬
ଏହି ସମସ୍ତ ଦୁଃଖ ଭୋଗ କରି ଆପଣା ଐଶ୍ୱର୍ଯ୍ୟରେ ପ୍ରବେଶ ହେବାର କି
ମଶୀହର ଉଚିତ ନୋହେ । ତହିଂରେ ସେ ମୋଶା ଓ ସବୁ ଭବିଷ୍ୟଦ୍ୱକ୍ତାର ୧୭
ଗ୍ରନ୍ଥ ଆରମ୍ଭ କରି ସର୍ବଶାସ୍ତ୍ରରେ ଆପଣା ବିଷୟର ଲେଖା ସମସ୍ତ ପ୍ରସଙ୍ଗର
ଭାବ ବୁଝାଇ ଦେଲେ । ପୁଣି ଯେଉଂ ଗ୍ରାମକୁ ଯାଉ ଅଛନ୍ତି ତାହା କତରେ ୧୮
ଉପସ୍ଥିତ ହୁଅନ୍ତେ ସେ ଅହୁରି ଆଗେ ଯିବାର ଲକ୍ଷଣ ଦେଖାଇବାରେ ସେ
ମାନେ ଏକାନ୍ତ ତାକୁଂ ଅଟକାଇ କହିଲେ ବେଳ ଅବସାନ ପ୍ରାୟ ରାତ୍ରି ୧୯
ହେଲା ଆମ୍ଭମାନଙ୍କର ସଙ୍ଗରେ ଥାଅ ଏଣୁ ସେ ସେମାନଙ୍କର ସଙ୍ଗରେ ଥିବାକୁ
ଘରକୁ ଗଲେ । ପୁଣି ଭୋଜନରେ ବସିବାର ସମୟରେ ସେ ରୋଟୀ ନେଇ ୩୦
ଈଶ୍ୱରର ସ୍ତବ କରି ତାହା ଭାଙ୍ଗି ସେମାନକୁଂ ଦେଲେ । ଏଥିରେ ସେମାନ ୩୧
ଙ୍କର ଦୃଷ୍ଟି ପ୍ରସନ୍ନ ହେବାରୁଂ ସେମାନେ ତାହାକୁଂ ଚିହ୍ନିଲେ ପୁଣି ସେ ସେମା
ନଙ୍କର ସାକ୍ଷାତରୁ ଅନ୍ତର ହେଲେ । ଏଣୁ ସେମାନେ ଏକକୁଆରେକ କହିଲେ ୩୨
ଗମନ ସମୟରେ ଯେତେବେଳେ କଥାବାର୍ତ୍ତା କରୁଥିଲେ ପୁଣି ଶାସ୍ତ୍ରର ଅର୍ଥ
ବୁଝାଇ ଦେଉଁଥିଲେ ତେତେବେଳେ ଆମ୍ଭମାନଙ୍କର ଅନ୍ତଃକରଣ କି ଉତ୍ତପ୍ତ
ନୋହିଲା ।

ଆଉ ତତ୍ରକ୍ଷଣାତ୍ର ଉଠି ସେମାନେ ଯିରୁଶାଲମକୁ ବାହୁଡିଲେ ତେଣୁ ସେ ୩୩
ଠାରେ ଏକତ୍ର ଯେ ଏକାଦଶ ଶିଷ୍ୟ ଓ ସେମାନଙ୍କର ସଙ୍ଗିମାନକୁଂ ଦେଖି
ବାକୁ ପାନ୍ତେ ସେ ସମସ୍ତେ କହିଲେ ପ୍ରଭୁ ନିଶ୍ଚୟ ଉଠି ଶିମୋନକୁ ଦର୍ଶନ ୩୪
ଦେଇ ଅଛନ୍ତି । ଏମାନେହେଂ ବାଟର ସମସ୍ତ ଘଟଣାର ବିଷୟ ଆଉ ରୋଟୀ ୩୫
ଭାଙ୍ଗିବାର ସମୟରେ କି ପ୍ରକାରେ ତାହାଙ୍କର ପରିଚୟ ହୋଇ ଥିଲା ଏହି
ସବୁ ଜଣାଇଲେ ।

ଏହିରୂପରେ କଥାବାର୍ତ୍ତା କରିବା ସମୟରେ ଯୀଶୁ ଅପେ ସେମାନଙ୍କର ୩୬
ମଧ୍ୟଠାରେ ଠିୟା ହୋଇ କହିଲେ ତୁମ୍ଭମାନଙ୍କର କଲ୍ୟାଣ ହେଉ । ପୁଣି ୩୭
ଭୂତ ଦେଖୁଅଛୁଁ ଏହା ଜ୍ଞାନ କରି ସେମାନେ ଉଦ୍ୱିଗ୍ନ ଓ ତ୍ରାସଯୁକ୍ତ ହେଲେ ।
ସେ ସେମାନକୁଂ କହିଲେ ତୁମ୍ଭେମାନେ କିପାଁ ବ୍ୟାକୁଳ ହୁଅ ପୁଣି ମନରେ ୩୮
ଭାବନା ଉଠୁଅଛି କିପାଁ । ଆମ୍ଭର ହାତ ଗୋଡ ଦେଖ ଆମ୍ଭେ ଅପେଁ ଅଛୁଁ ୩୯
ହାତରେ ଛୁଁଇ କରି ଦେଖ ଆମ୍ଭକୁ ଯେରୂପ ଦେଖୁଅଛ ସେରୂପ ଭୂତର
ଅସ୍ଥି ମାଂସ ନାହିଂ । ଏହା ବୋଲି ସେ ହାତ ପାଦ ଦେଖାଇଲେ । ୪୦
ଏଥିରେ ସେମାନେ ଅସମ୍ଭବ ଜ୍ଞାନ କରି ଆନନ୍ଦ ସକାଶେ ବିଶ୍ୱାସ ନ କ ୪୧

ଲେହେଁ ସେ ସେମାନଙ୍କୁ ପଚାରିଲେ ଏଠାରେ କ ଉମ୍ଭମାନଙ୍କର ଖାଦ୍ୟ
୪୧ ଦ୍ରବ୍ୟ କିଛୁ ଅଛୁ । ତେଣୁ ସେମାନେ କିଛୁ ପୋଡା ମାଛୁ ଓ ମହୁଫେଣା
୪୩ ଦେଲେ ପୁଣି ସେ ତାହା ନେଇ ସେମାନଙ୍କର ସାକ୍ଷାତରେ ଭୋଜନ
୪୪ କଲେ । ଏଥିରେ ସେ କହିଲେ ମୋଶାର ବ୍ୟବସ୍ଥାରେ ଓ ଭବିଷ୍ୟଦ୍
ବକ୍ତାର ଗ୍ରନ୍ଥରେ ପୁଣି ଗୀତ ପୁସ୍ତକରେ ଆମ୍ଭର ବିଷୟରେ ଯେ ସମସ୍ତ
ବଚନ ଲେଖା ଅଛୁ ସେ ଅନୁସାରେ ଯଦିବ ଉମ୍ଭମାନଙ୍କର ସଙ୍ଗରେ ଥାଇ
୪୫ ଏହି ଯେ କଥା ଆମ୍ଭେ କହିଅଛୁଁ ତାହା ଏବେ ପ୍ରତ୍ୟକ୍ଷ ହେଲା । ଏଥିଉ
ତ୍ତର ଧର୍ମ ପୁସ୍ତକର ଅର୍ଥ ବୁଝିବାକୁ ସେ ସେମାନଙ୍କର ମନ ଫେଡ କହିଲେ
୪୬ ମଶୀହକୁ ଏହିରୂପ ଦୁଃଖ ଭୋଗ କର ତୃତୀୟ ଦିବସରେ ମୃତାବସ୍ଥାରୁ ଉତ୍ଥାନ
୪୭ କରିବାକୁ ହେବ ଏହା ଲେଖା ଅଛୁ । ପୁଣି ତାହାର ନାମରେ ଯିରୂଶାଲମ
ଆଦି କର ସମସ୍ତ ଦେଶରେ ମନ ଫେରଣର ଓ ପାପ ମୋଚନର ପ୍ରସଙ୍ଗ
୪୮ ଘୋଷଣା କରିବାକୁ ହେବ ପୁଣି ଉମ୍ଭେମାନେ ଏ ସମସ୍ତ ବିଷୟରେ ସାକ୍ଷୀ
୪୯ ଅଟ । ଆହୁରି ଦେଖ ଆମ୍ଭେ ପିତାଠାରୁ ପ୍ରତିଜ୍ଞାତ ଦାନ ପଠାଇ ଦେବା
ଏନମନ୍ତେ ଯେ ପର୍ଯ୍ୟନ୍ତେ ଉମ୍ଭେମାନେ ସ୍ୱର୍ଗରୁ ପରାକ୍ରମ ନ ପାଅ ତାବତ୍ ଯିରୂ
ଶାଲମ ନଗରରେ ଥାଅ ।

୫୦ ଏଉତ୍ତାରୁ ସେ ସେମାନଙ୍କୁ ବେଥନୀ ପର୍ଯ୍ୟନ୍ତେ ନେଇ ଯାଇ ହାତ
୫୧ ତୋଳି ଆଶୀର୍ବାଦ କରିବାକୁ ଲାଗିଲେ । ପୁଣି ଆଶୀର୍ବାଦ କରି ସେମାନଙ୍କ
୫୨ ଠାରୁ ବିଚ୍ଛିନ୍ନ ହୋଇ ସେ ସ୍ୱର୍ଗକୁ ନୀତ ହେଲେ । ଇହାଁରେ ସେମାନେ
୫୩ ତାହାଙ୍କୁ ଭକ୍ତନା କର ମହା ଆନନ୍ଦରେ ଯିରୂଶାଲମକୁ ବାହୁଡି ଆସି ନିତ୍ୟ
ମନ୍ଦିରରେ ଥାଇ ଈଶ୍ୱରର ପ୍ରଶଂସା ଓ ଧନ୍ୟବାଦ କଲେ ।

ଲୂକ ।

## ଯୋହନ ଲେଖିତ ମଙ୍ଗଳ ସମାଗ୍ଭର ।



### ୧ ପବ୍ବ ।

ଆଦ୍ୟରେ ବାକ୍ୟ ଥିଲା ବାକ୍ୟ ଈଶ୍ୱରଙ୍କର ସହ୍ଭତ ଥିଲା ସେ ବାକ୍ୟ ୧
ସ୍ୱୟଂ ଈଶ୍ୱର । ସେ ଆଦ୍ୟରେ ଈଶ୍ୱରଙ୍କର ସହ୍ଭତ ଥିଲା । ତାହାଙ୍କ ଦ୍ୱାର୍ ୨
ସମୁଦାୟର ସୃଷ୍ଟି ହୋଇଲା ପୁଣି ତାହାଙ୍କ ଛୁଡା ସମସ୍ତ ସୃଷ୍ଟ ବସ୍ତୁର ମଧ୍ୟରେ ୩
ଏକ ବସ୍ତୁର ସୃଷ୍ଟି ନୋହିଲା । ତନ୍ମଧ୍ୟରେ ଜୀବନ ପୁଣି ସେହ୍ ଜୀବନ ମନୁ ୪
ଷ୍ୟର ଜ୍ୟୋତିଃ । ଆବର୍ ଜ୍ୟୋତିଃ ଅନ୍ଧକାରରେ ପ୍ରକାଶମାନ ହୋଇଲା ୫
ପୁଣି ଅନ୍ଧକାର ତାକୁ ଗ୍ରହ୍ଣ ନ କଲା ।

ଈଶ୍ୱରଠାରୁ ଯୋହନ ନାମରେ ଜଣେ ପ୍ରେରିତ ହୋଇଲା । ତାହାର ୬
ଦ୍ୱାର୍ ସମସ୍ତେ ଯେମନ୍ତ ବଶ୍ୱାସ କରନ୍ତି ଏହ୍ ହେତୁ ସେ ଜ୍ୟୋତିଃ ବଷୟ୍ରେ ୭
ପ୍ରମାଣ ଦେବାକୁ ସାକ୍ଷୀ ହୋଇ ଅଇଲା । ସେ ଅଥେ ସେହ୍ ଜ୍ୟୋତିଃ ନୁ ୮
ହଇ ପୁଣି ସେହ୍ ଜ୍ୟୋତିର ବଷୟ୍ରେ ପ୍ରମାଣ ଦେବାକୁ ଅଇଲା । ଯେ ଜଗ ୯
ତରେ ଅସି ପ୍ରତ୍ୟେକ ଲୋକକୁଂ ଆଲ୍ଲୁ ଅ ବିଅନ୍ତି ସେହ୍ଂ ସତ୍ୟ ଜ୍ୟୋତିଃ ।

ସେ ଜଗତରେ ଥିଲେ ଅଉ ତାହାଙ୍କ ଦ୍ୱାର୍ ଜଗତର ସୃଷ୍ଟି ହୋଇଲା ୧୦
ତେବେହ୍ଂ ଜଗତର ଲୋକ ତାହାକୁଂ ନ ଚିହ୍ନିଲେ । ସେ ନଜର [ସ୍ୱ ୧୧
ଜ୍ୟର୍] କତ୍ତକ ଅଇଲେହ୍ଂ ନଜ [ପ୍ରଜାମାନେ] ତାହାକୁଂ ଗ୍ରହ୍ଣ ନ
କଲେ । ପୁଣି ଯେତେ ଲୋକ ତାହାକୁଂ ଗ୍ରହ୍ଣ କଲେ ଅର୍ଥାତ୍ ତାହାଙ୍କର ୧୨
ନାମରେ ବଶ୍ୱାସ କଲେ ସେ ସେମାନକୁଂ ଈଶ୍ୱରର ପୁତ୍ରଗଣ ହେବାର
ଅଧିକାର ଦେଲେ । ସେମାନଙ୍କର ଜନ୍ମ ରକ୍ତରୁ କ ଦେହର ଅଭିଳାଷରୁ କ ୧୩
ମନୁଷ୍ୟର ଇଚ୍ଛାରୁ ହୋଇଲା ଏମନ୍ତ ନୋହେ ପୁଣି ଈଶ୍ୱରଠାରୁ ହୋଇଲା ।

ବାକ୍ୟ ଦେହବନ୍ତ ହୁଅନ୍ତେ ଅନୁଗ୍ରହ ଓ ସତ୍ୟତାରେ ପରପୂର୍ଣ ହୋଇ ୧୪
ଆମ୍ଭମାନଙ୍କର ସଙ୍ଗରେ ବାସ କଲେ ତହିଁରେ ପିତାର ଅଦ୍ୱତୀୟ ଅଜ୍ଜର

୧୫ ମହତ୍ମାର ପ୍ରମାଣ ତାହାଙ୍କର ମହତ୍ମା ଦେଖିବାକୁ ପାଇଲୁଁ । ତାହାଙ୍କର
ବଷୟରେ ଯୋହନ ସାକ୍ଷ୍ୟ ଦେଇ ପ୍ରଚାର କର କହିଲା ଆମ୍ଭର ଉତ୍ତରେ
ଯେ ଅସୁଚ୍ଛନ୍ତ ସେ ଆମ୍ଭର ଅଗ୍ରଗଣ୍ୟ ହୁଅନ୍ତ ଯେହେତୁ ସେ ଆମ୍ଭର ପୂର୍ବରେ
୧୬ ଥିଲେ ଯାହାଙ୍କ ବଷୟରେ ଆମ୍ଭେ ଏହି ସାକ୍ଷ୍ୟ ଦେଇଅଛୁଁ ସେ ଏ । ଆଉ
ତାହାଙ୍କର ପୂର୍ଣତାରୁ ଆମ୍ଭେମାନେ ସମସ୍ତେ ଅନୁଗ୍ରହ ପରେ ଅନୁଗ୍ରହ
୧୭ ପାଇଲୁଁ । ଯେହେତୁ ମୋଶା ଦ୍ୱାରା ବ୍ୟବସ୍ଥା ଦତ୍ତ ହେଲା ପୁଣି ଅନୁଗ୍ରହ
୧୮ ଓ ସତ୍ୟତା ଯୀଶୁଖ୍ରୀଷ୍ଟ ଦ୍ୱାରା ଉପସ୍ଥିତ ହୋଇଲା । କୌଣସି ମନୁଷ୍ୟ ଈଶ୍ୱ
ରକୁ କେବେହେଁ ଦେଖି ନାହିଁ ପୁଣି ପିତାର କୋଳସ୍ଥିତ ଅଦ୍ୱିତୀୟ ଆଉଜ
ତାହାକୁ ପ୍ରକାଶ କରଅଛନ୍ତ ।

୧୯ ଆଉ ତୁମ୍ଭେ କେ ଏହା କଥା ପଚାରିବାକୁ ଯିରୂଶାଲମଠାରୁ ଯେ ସମୟ
ରେ ଯିହୁଦୀୟ ଲୋକେ ଯାଜକମାନଙ୍କୁ ଓ ଲେବୀମାନଙ୍କୁ ଯୋହନ ପାଖକୁ
୨୦ ପଠାଇଲେ ତେତେବେଳେ ସେ ମାନଲା ପୁଣି ନାସ୍ତି ନ କର ମାନ କର
୨୧ ଆମ୍ଭେ ମଶୀହ ନୋହ ଏହା ସାକ୍ଷ୍ୟ ଦେଲା । ତହୁଁ ସେମାନେ କହିଲେ ତୁମ୍ଭେ
କ ଏଲୀୟ । ସେ ନାହିଁ ବୋଇଲା । ତହିଁ ଉତ୍ତରେ ସେମାନେ ପଚାରିଲେ
ତେବେ କେ ଅଟ ତୁମ୍ଭେ କ ସେ ଭବଷ୍ୟଦ୍ବକ୍ତା । ସେ ଉତ୍ତର କଲା ଆମ୍ଭେ
୨୨ ସେ ନୋହ । ପୁଣି ସେମାନେ ବୋଇଲେ ଆମ୍ଭମାନଙ୍କର ପଠାଇବାର ଲୋ
କକୁ ଯେମନ୍ତ ଉତ୍ତର ଦେଇ ପାରୁ ଏଥିପାଇଁ ତୁମ୍ଭେ କେ ଆପଣାର ବଷ
୨୩ ୟରେ କ କହୁଅଛ । ସେ ଉତ୍ତର କର କହିଲା ଅରଣ୍ୟରେ ରବ ଗୋ
ଷ୍ପେ ଡାକଇ ପ୍ରଭୁର ପଥ ସମାନ କର ଏମନ୍ତ ଯିଶାଇୟ ଭବଷ୍ୟଦ୍ବକ୍ତା
୨୪ ଯାହା କହିଇ ଅମ୍ଭେ ସେ । ଯେଉଁମାନେ ପ୍ରେରିତ ଥିଲେ ସେମାନେ ଫାରୂଶୀ
୨୫ ଲୋକ । ସେମାନେ ଆହୁର ପଚାରିଲେ ଯେବେ ମଶୀହ କୁହ କ ଏଲୀୟ କୁହ
କଅବା ସେ ଭବଷ୍ୟଦ୍ବକ୍ତା ନୁହ ତେବେ ଲୋକମାନଙ୍କୁ ଡୁବାଉଅଛ
୨୬ କଥାଁଇ । ସେ ଉତ୍ତର କଲା ଆମ୍ଭେ ଜଳ ଜଳରେ ଡୁବାଉଅଛୁଁ ପୁଣି
୨୭ ଯାହାକୁ ତୁମ୍ଭେମାନେ ଜାଣି ନାହିଁ ଏମନ୍ତ ଜଣେ ତୁମ୍ଭମାନଙ୍କର ମଧ୍ୟରେ
ଉପସ୍ଥିତ ଅଛନ୍ତ । ସେ ଆମ୍ଭର ଉତ୍ତରେ ଆଇଲେହେଁ ଆମ୍ଭର ଅଗ୍ରଗଣ୍ୟ ଅଟନ୍ତ
୨୮ ତାହାଙ୍କର ଯୋତାର ବନ୍ଧନ ଫିଟାଇବାକୁରୁ ଆମ୍ଭେ ଯୋଗ୍ୟ ନୋହ । ଯେଉଁ
ଠାରେ ଯୋହନ ବୁବାଉ ଥିଲା ଏମନ୍ତ ଯର୍ଦ୍ଦନ ନଦୀର ସେ ପାଉସ୍ଥ ବେଥା
ବରା ଗ୍ରାମରେ ଏହା ସବୁ ଘଟିଲା ।

୨୯ ତହିଁ ଆର ଦିନ ଯୋହନ ଆପଣା ନିକଟରେ ଯୀଶୁକୁ ଆସିଁ ଦେଖି କହିଲା
୩୦ ଜଗତର ପାପମୋଚନକାରୀ ଈଶ୍ୱରଙ୍କର ମେଷଶାବକକୁ ଦେଖ । ଯେ ଆମ୍ଭର
ଉତ୍ତରେ ଅସୁଚ୍ଛନ୍ତ ସେ ଆମ୍ଭଠାରୁ ଅଗ୍ରଗଣ୍ୟ ଯେହେତୁ ସେ ଆମ୍ଭର ପୂର୍ବ

ରେ ଥିଲେ ଯାହାଙ୍କର ବିଷୟରେ ଅମ୍ଭେ ଏକଥା କହି ଥିଲୁଁ ସେ ଏ । ଅଉ ୩୧
ଏହାଙ୍କୁ ଅମ୍ଭେ ଚିହ୍ନିଲୁଁ ନାହିଁ ପୁଣି ଇଶ୍ରାୟେଲ ଲୋକମାନେ ଯେମନ୍ତ ତା
ହାଙ୍କର ପରିଚୟ ପାନ୍ତି ଏଥିପାଇଁ ଅମ୍ଭେ ଜଳରେ ଡୁବାଇ ଅସିଅଛୁଁ ।
ପୁଣି ଯୋହନ ଏହି ଅଉ ଏକ ପ୍ରମାଣ ଦେଇ କହିଲା ଅମ୍ଭେ ଅତ୍ମକୁ କାପ୍ତା ୩୨
ମତେ ଆକାଶରୁ ଓହ୍ଲାଇ ଏହାଙ୍କର ଉପରେ ବସିଥିବାର ଦେଖିଲୁଁ ।
ମାତ୍ର ଏହାଙ୍କୁ ଅମ୍ଭେ ଚିହ୍ନିଲୁଁ ନାହିଁ ପୁଣି ଜଳରେ ଡୁବାଇବାକୁ ଯେ ୩୩
ଅମ୍ଭଙ୍କୁ ପଠାଇଲେ ସେ କହିଲେ ଯାହାଙ୍କର ଉପରେ ଅତ୍ମକୁ ଓହ୍ଲାଇ ଅବ
ସ୍ଥିତ କରୁଂ ଦେଖିବ ସେ ଧର୍ମଅତ୍ମରେ ଡୁବାଇବେ । ଏନିମନ୍ତେ ତାହା ଦେଖି ୩୪
ଏ ଯେ ଈଶ୍ୱରଙ୍କ ଅତ୍ମଜ ଏହି ପ୍ରମାଣ ଦେଉଅଛୁଁ ।

ତହିଁ ଅର ଦିନ ଯୋହନ ଦୁଇ ଜଣ ଶିଷ୍ୟର ସଙ୍ଗେ ଏକତ୍ର ଠିୟା ହୋଇ ୩୫
ଯୀଶୁକୁ ଗମନ କରୁଁ ୨ ଦେଖି କହିଲା ଈଶ୍ୱରଙ୍କର ଯୁବାମେଷକୁ ଦେଖ । ୩୬
ଏହି କଥା ଶୁଣି ସେହି ଦୁଇ ଜଣ ଶିଷ୍ୟ ଯୀଶୁର ପଛୋ ଚାଲିଲେ । ଏଥି ୩୭
ରେ ଯୀଶୁ ଫେରି ସେମାନଙ୍କୁ ପଛେ ଅସୁ୍ୟ ଦେଖି ପଚାରିଲେ ତୁମ୍ଭେମାନେ
କାହାର ଚେଷ୍ଟା କରୁଅଛ । ସେମାନେ ବୋଇଲେ ହେ ରାବି ଅର୍ଥାତ୍ ହେ ୩୮
ଗୁରୁ ଆପଣ କେଉଁଠାରେ ଥାନ୍ତି । ସେ କହିଲେ ଅସି ଦେଖ । ସେମାନେ ୩୯
ସଙ୍ଗୋ ଯାଇ ତାହାଙ୍କର ବାସସ୍ଥାନ ଦେଖିଲେ ଅଉ ତୃତୀୟ ପ୍ରହର ବେଳ ୪୦
ହେଲାରୁଂ ସେମାନେ ସେ ଦିନ ତାହାଙ୍କର ସଙ୍ଗେ ରହିଲେ । ଯେ ଦୁଇ
ଜଣ ଯୋହନର ବାକ୍ୟ ଶୁଣି ଯୀଶୁର ପଶ୍ଚାତ୍ଗାମୀ ହେଲେ ତାହାର ମଧ୍ୟ
ରେ ଶିମୋନ ପିତରର ଭାଇ ଯେ ଅନ୍ଦ୍ରିୟ ସେ ଯାଇ ପ୍ରଥମରେ ଆପଣା ୪୧
ସହୋଦର ଶିମୋନର ଭେଟ ପାଇ କହିଲା ଅମ୍ଭେମାନେ ମଶୀହର ଅର୍ଥାତ୍ ୪୨
ଖ୍ରୀଷ୍ଟର ଦେଖା ପାଇଲୁଁ । ସେ ତାହାକୁ ଯୀଶୁର ନିକଟରେ ଅଣିଲା ଏଥିରେ
ଯୀଶୁ ତାହାର ପ୍ରତି ଦୃଷ୍ଟି କରି କହିଲେ ତୁମ୍ଭେ ଯୁନୁସର ପୁତ୍ର ଶିମୋନ ପୁଣି
ତୁମ୍ଭର ନାମ କେୟଫା ଅର୍ଥାତ୍ ପଥର ହେବ ।

ପରଦିନରେ ଯୀଶୁ ଗାଲିଲାକୁ ଯିବାର ମନସ୍ଥ କରନ୍ତେ ଫିଲିପ ନାମରେ ୪୩
ଜଣକର ଦେଖା ପାଇ କହିଲେ ଅମ୍ଭର ପଶ୍ଚାତ୍ରରେ ଅସ । ଯେଉଁ ଗ୍ରାମରେ ୪୪
ଅନ୍ଦ୍ରିୟ ଓ ପିତରର ବାସ ଥିଲା ଏମନ୍ତ ଯେ ବେଥସେଦା ସେଠାରେ ଫିଲି
ପଇ ବସତି କଲା । ଏଥିଉତ୍ତାରୁ ଫିଲିପ ନିଥନିୟେଲର ଦେଖା ପାଇ କହିଲା ୪୫
ମୋଶାର ବ୍ୟବସ୍ଥା ଗ୍ରନ୍ଥେ ପୁଣି ଭବିଷ୍ୟତ୍ବକ୍ତାଗଣର ଗ୍ରନ୍ଥେ ଯାହାଙ୍କ ପ୍ରସଙ୍ଗ
ଲେଖିତ ଅଛି ଅମ୍ଭେମାନେ ତାହାଙ୍କର ଦେଖା ପାଇଲୁଁ ସେ ଯୁଷଫର
ପୁତ୍ର ନାଜରିତୀୟ ଯୀଶୁ । ନିଥନିୟେଲ କହିଲା ନାଜରିତ ଗ୍ରାମରୁ କି ୪୬
କୌଣସି ଉତ୍ତମ ବିଷୟ ଉତ୍ପନ୍ନ ହେବାକୁ ପାରଇ । ଫିଲିପ କହିଲା ଅସି

୪୭ ଦେଖ । ଯୀଶୁ ଆପଣାର ନିକଟରେ ନିଥନିୟେଲକୁ ଆସୁ୍ୟ ଦେଖି କହିଲେ
୪୮ ଏହି ଦେଖ ଏକ ଜଣ ନିସ୍କପଟ ଯଥାର୍ଥ ଇଶ୍ରାୟେଲ ଲୋକ । ଏଥିରେ ସେ
କହିଲା ଆପଣ ଆମ୍ଭକୁ କିଉପେ ଚିହ୍ନନ୍ତି । ଯୀଶୁ କହିଲେ ଫିଲିପର ଡାକିବାର
ପୂର୍ବରେ ଯେ ସମୟରେ ତିମ୍ବିରି ବୃକ୍ଷତଳେ ଥିଲ ତେତେବେଳେ ତୁମ୍ଭକୁଂ
୪୯ ଦେଖିଲୁଁ । ନିଥନିୟେଲ କହିଲା ହେ ଗୁରୁ ଆପଣ ନିତାନ୍ତଇ ଈଶ୍ୱରଙ୍କ
୫୦ ଆତ୍ମଜ ଆପଣ ଇଶ୍ରାୟେଲର ରାଜା । ଯୀଶୁ ଉତ୍ତର କରି କହିଲେ ତୁମ୍ଭକୁ
ତିମ୍ବିରି ବୃକ୍ଷର ତଳେ ଦେଖିଲୁଁ ଆମ୍ଭର ଏହି କଥା ସକାଶେ କି ବିଶ୍ୱାସ
୫୧ କରୁଅଛ ଏଥିରୁ ଆଶ୍ଚର୍ଯ୍ୟ ବିଷୟ ଦେଖିବ । ପୁଣି ସେ କହିଲେ ସତ୍ୟ୨
ଆମ୍ଭେ କହି ଏଉଥିରୁ ସ୍ୱର୍ଗ ମୁକୁଳା ହୁଅନ୍ତେ ତୁମ୍ଭେମାନେ ଈଶ୍ୱରଙ୍କର
ଦୂତଗଣକୁ ମନୁଷ୍ୟ ପୁତ୍ରଠାରେ ଆସି ଯିବା ଦେଖିବ ।

## ୨ ପର୍ବ ।

୧ ଏଥିଉତ୍ତାରେ ତୃତୀୟ ଦିବସେ ଗାଲିଲୀ ଦେଶୀୟ କାନ୍ନା ନଗରରେ ଏକ
୨ ବିବାହ ଘର ହୁଅନ୍ତେ ଯୀଶୁର ମାତା ସେଠାରେ ଥିଲା । ଆଉ ସେ ବିବାହ
୩ ରେ ଯୀଶୁ ଓ ତାହାଙ୍କର ଶିଷ୍ୟଗଣ ନିମନ୍ତ୍ରଣ ପାଇଲେ । ଦ୍ରାକ୍ଷାରସ ନ ଅଣ୍ଟି
ବାରୁଂ ଯୀଶୁର ମାତା ତାହାକୁଂ କହିଲା ଏମାନଙ୍କର ଦ୍ରାକ୍ଷାରସ ନାହିଁ ।
୪ ସେ ତାହାକୁ ଉତ୍ତର କଲେ ହେ ନାରି ଆମ୍ଭର ସଙ୍ଗେ ତୁମ୍ଭର ବିଷୟ କି ଆମ୍ଭର
୫ ଯଥାକାଳ ଏବେ ଆସି ନାହିଂ । ତାହାଙ୍କର ମାତା ଦାସମାନକୁଂ କହିଲା
୬ ଏ ଯାହା ବୋଲନ୍ତି ତାହାଇ କର । ଆଉ ସେଠାରେ ଯୀହୁଦୀୟମାନଙ୍କର
ଶୁଚି କରିବାର ରୀତି ମତେ ଛଅଟା ପଥରର ଜାହାଲା ଥିଲା ପ୍ରତି ଜାହାଲା
୭ ଦୁଇ ତିନି ମହଣ ସମ୍ଭାଇଲା । ଯୀଶୁ ବୋଇଲେ ସବୁ ଜାହାଲା ଜଳରେ ପୂର୍ଣ
୮ କର ଏଣୁ ସେମାନେ ଫନ୍ଦ ସରିକି ପରିପୂର୍ଣ କଲେ । ତହୁଁ ସେ ଦାସମାନଙ୍କୁ
ଅଜ୍ଞା କଲେ ଏବେ ତାଳି ଭୋଜ କର୍ତ୍ତାର ନିକଟରେ ଘେନି ଯାଅ ତେଣୁ ସେ
୯ ମାନେ ତାହା ଘେନି ଗଲେ । ସେହି ଜଳ କାହିଁରୁ ଦ୍ରାକ୍ଷା ରସ ହୋଇଲା
ତାହା ଜଳବାହକ ଦାସମାନେଇ ଜାଣିଲେ ପୁଣି ଭୋଜକର୍ତ୍ତା ନ ଜାଣି ତାହା
୧୦ ଚାଖିଲାଉତ୍ତାରୁ ବରକୁ ସମ୍ବୋଧନ କରି କହିଲା ସର୍ବଲୋକ ପ୍ରଥମରେ
ଉତ୍ତମ ଦ୍ରାକ୍ଷାରସ ଦିଅନ୍ତି ଆଉ ଯଥେଷ୍ଟ ପାନ କଲାଉତ୍ତାରେ ତହିଁରୁ ମନ
ଆଣି ଦିଅନ୍ତି ପୁଣି ତୁମ୍ଭେ ଏତେବେଳ ପର୍ଯ୍ୟନ୍ତେ ଉତ୍ତମ ଦ୍ରାକ୍ଷାରସ ରଖିଲ ।
୧୧ ଏହିଉପେ ଯୀଶୁ ଗାଲିଲୀ ଦେଶର କାନ୍ନା ନଗରରେ ଆଶ୍ଚର୍ଯ୍ୟ କର୍ମର ଆରମ୍ଭ
କରି ଆପଣା ମହିମା ପ୍ରକାଶ କଲେ ପୁଣି ଶିଷ୍ୟମାନେ ତାହାଙ୍କରେ ବିଶ୍ୱାସ
କଲେ ।

ଏଉତ୍ତର ସେ ଅପଣା ମାତା ଓ ଭ୍ରାତୃଗଣ ଓ ଶିଷ୍ୟବର୍ଗର ସଙ୍ଗରେ ଗମନ ୧୨
କର କଫରନାହୁମ ନଗରରେ ଉତ୍ତରିଲେ ପୁଣି ସେଠାରେ ବହୁତ ଦିନ ନ
ରହିଲେ ।

ତଦନନ୍ତରେ ଯିହୁଦୀୟମାନଙ୍କର ନସ୍ତାର ପର୍ବ ସନ୍ନିକଟ ହୁଅନ୍ତେ ଯୀଶୁ ୧୩
ଯିରୂଶାଲମକୁ ଯାଇ ମନ୍ଦିରରେ ଗୋରୁ ମେଷ କାପ୍ତା ବେପାରମାନକୁ ଓ ୧୪
ବଣିକମାନକୁ ବସିବାର ଦେଖିଲେ । ଦଉଡ଼ି ଦଉଡ଼ର ଗୋଟାଏ କଣା ୧୫
କନାଇ ସମସ୍ତ ଗୋରୁ ମେଣ୍ଢା ସହିତ ସେମାନକୁ ମନ୍ଦିରରୁ ତଡ଼ି ଦେଲେ ।
ଅଉ ବଣିକମାନଙ୍କର ଟଙ୍କା ଥଦ କରି ଅଜାଡ଼ି ଆସନ ସମସ୍ତ ଉଲଟାଇ ୧୬
କାପ୍ତା ବେପାରମାନକୁ କହିଲେ ଏଠାରୁ ଏସମସ୍ତ ଘେନ ଯାଅ ଆମ୍ଭର
ପିତାର ଗୃହକୁ ବାଣିଜ୍ୟ ଗୃହ ନ କର । ତହିଁରେ ତୁମ୍ଭର ମନ୍ଦିରର ନମ୍ର ୧୭
ତ୍ୱ ଉଦ୍ଯୋଗ ଆମ୍ଭକୁ ଗ୍ରାସ କରିଛି ଏହି ଶାସ୍ତ୍ରର ଲେଖା ଶିଷ୍ୟଗଣର
ସ୍ମରଣ ହେଲା ।

ଏଥିରେ ଯିହୁଦୀୟ ଲୋକମାନେ ଯୀଶୁକୁ କହିଲେ ତୁମ୍ଭର ଏହି କର୍ମର ୧୮
କରିବାର ହେତୁରୂପ କୀ ଚିହ୍ନ ଆମ୍ଭମାନକୁ ଦେଖାଉଅଛ । ସେ ଉତ୍ତର ୧୯
କଲେ ତୁମ୍ଭେମାନେ ଏହି ମନ୍ଦିର ନଷ୍ଟ କଲେ ଆମ୍ଭେ ତିନ ଦିନରେ ତାକୁ ଉ
ଠାଇ ଦେବା । ତହିଁ ସେମାନେ ପ୍ରତ୍ୟୁତ୍ତର କଲେ ଏହି ମନ୍ଦର ନର୍ମାଣ କରିବାକୁ ୨୦
ଛୟାଳିଶ ବରଷ ଲାଗି ଅଛି ତୁମ୍ଭେ କ ତିନ ଦିନର ମଧ୍ୟରେ ତାକୁ ଉଠା
ଇବ । ପୁଣି ସେ ଆପଣା ଦେହରୂପ ମନ୍ଦିରର ବିଷୟରେ ଏହା କହିଲେ । ୨୧
ଏନମନ୍ତେ କବରରୁ ତାହାଙ୍କର ଉତ୍ଥାନ ହେଲା ଉତ୍ତାରେ ସେ ଯେ ଏଥିପରେ ୨୨
କହି ଥିଲେ ତାହା ଶିଷ୍ୟମାନଙ୍କର ସ୍ମରଣ ହେବାରୁ ସେମାନେ ଧର୍ମ ଗ୍ରନ୍ଥର
ଓ ଯୀଶୁର ଉକ୍ତ କଥାରେ ବିଶ୍ୱାସ କଲେ ।

ଏଥିଉତ୍ତାରୁ ନସ୍ତାରପର୍ବ୍ବ ସମୟରେ ଯିରୂଶାଲମରେ ଉପସ୍ଥିତ ହୁଅନ୍ତେ ୨୩
ତାହାଙ୍କର କୃତ ଅଶ୍ଚର୍ଯ୍ୟ କର୍ମ ଦେଖି ଅନେକେ ତାହାଙ୍କର ଉପରେ ବିଶ୍ୱାସ ୨୪
କଲେ । ପୁଣି ସେ ସେମାନଙ୍କର ହସ୍ତରେ ଅପଣାକୁ ସମର୍ପଣ କଲେ ନାହିଁ ଯେ
ହେତୁ ସେ ସମସ୍ତକୁ ଜାଣିଲେ । ପୁଣି ମନୁଷ୍ୟର ବିଷୟରେ ପ୍ରମାଣ ଚେଷ୍ଟା ୨୫
ନ କଲେ ଯେହେତୁ ମନୁଷ୍ୟର ଅନ୍ତରେ କୀ ଅଛି ତାହା ସେ ଜାଣିଲେ ।

୩ ପତ୍ର ।

ଫାରୂଶୀବର୍ଗ ମଧ୍ୟରେ ନକଦୀମ ନାମରେ ଯିହୁଦୀୟମାନଙ୍କର ଜଣେ ଅଧି ୧
ପତି ଥିଲା । ଏହି ଜଣ ରାତ୍ରିକାଳେ ଯୀଶୁର ନିକଟକୁ ଆସି କହିଲା ହେ ଗୁରୁ ୨
ଆପଣ ଯେ ଈଶ୍ୱରଠାରୁ ଜଣେ ଉପଦେଶକ ହୋଇ ଆସିଅଛନ୍ତି ଏହା ଆମ୍ଭେ

ମାନେ ଜାଣି କାରଣ ଅପଣ ଯେଉଁ ଆଶ୍ଚର୍ଯ୍ୟ କର୍ମ କରନ୍ତି ପରମେଶ୍ୱରର ସ
୩ ହାୟ ନୋହିଲେ କେହ ଏମନ୍ତ କର୍ମ କରି ନ ପାରନ୍ତି । ଯୀଶୁ ଉତ୍ତର କରି
କହିଲେ ସତ୍ୟ। ଆମ୍ଭେ କହି ପୁନର୍ଜନ୍ମ ନ ହେଲେ କୌଣସି ମନୁଷ୍ୟ ଈଶ୍ୱରର
୪ ରାଜ୍ୟ ଦେଖିବାକୁ ନ ପାରଇ । ନକଦୀମ ପ୍ରତ୍ୟୁତ୍ତର କଲା ମନୁଷ୍ୟ ବଡ ଗଲେ
କେମନ୍ତ କରି ଜନ୍ମ ହେବ ସେ କି ଆଉ ଥରେ ମାଆର ଉଦରରେ ପ୍ରବେଶ
୫ ହୋଇ ଜନ୍ମିବାକୁ ପାରଇ । ଯୀଶୁ କହିଲେ ସତ୍ୟ। ଆମ୍ଭେ କହି ଜଳ ଓ
ଆତ୍ମାରୁ* ମନୁଷ୍ୟର ଜନ୍ମ ନୋହିଲେ ସେ ଈଶ୍ୱରର ରାଜ୍ୟରେ ପ୍ରବେଶ ହୋଇ
୬ ନ ପାରିବ । ମାଂସରୁ ଯେ ଜନ୍ମଇ ସେ ମାଂସ ପୁଣି ଆତ୍ମାରୁ ଯେ ଜନ୍ମଇ ସେ
୭ ଆତ୍ମା । ତୁମ୍ଭମାନଙ୍କୁ ପୁନର୍ବାର ଜନ୍ମିବାକୁ ହେବ ଆମ୍ଭର ଏହି କଥାରେ ଆଶ୍ଚର୍ଯ୍ୟ
୮ ଜ୍ଞାନ ନ କର । ବାୟୁ ଯେଉଁ ଦିଗରେ ଇଚ୍ଛା କରଇ ସେହି ଦିଗରେ ବହଇ
ତାହାର ଶବ୍ଦ ଶୁଣିବାକୁ ପାଅ ପୁଣି ସେ କେଉଁଠାରୁ ଅସଇ କିଅବା କେ
ଉଁଠାକୁ ଯାଏ। ତାହା କୁଟୁମ୍ବ ନ ଜାଣ । ଆତ୍ମାରୁ ଯାହାର ଜନ୍ମ ପ୍ରତ୍ୟେକ
୯ ଜଣ ଏପ୍ରକାର ହୁଅଇ । ଏଥିରେ ନକଦୀମ ପଚାରିଲା ଏହି କଥା କି ପ୍ରକାରେ
୧୦ ହେବାକୁ ପାରିବ । ଯୀଶୁ ଉତ୍ତର କଲେ ତୁମ୍ଭେ ଇସ୍ରାଏଲର ଗୁରୁ
୧୧ ହୋଇ କି ଏକଥା ଜାଣି ନାହ । ସତ୍ୟ। ତୁମ୍ଭକୁ ଆମ୍ଭେ କହି ଆମ୍ଭେମାନେ
ଯାହା ଜାଣି ତାହା କହି ଓ ଯାହା ଦେଖି ତାହାର ସାକ୍ଷ୍ୟ ଦେଇ ପୁଣି ଆମ୍ଭ
୧୨ ମାନଙ୍କର ସାକ୍ଷ୍ୟ ତୁମ୍ଭେମାନେ ଗ୍ରହଣ ନ କର । ଏହି ଜଗତର କଥା କହି
ଲେ ତୁମ୍ଭେମାନେ ଯେବେ ବିଶ୍ୱାସ ନ କର ତେବେ ସ୍ୱର୍ଗର କଥା କହିଲେ
୧୩ କେମନ୍ତ କର ବିଶ୍ୱାସ କରିବ । ଆଉ ଯେ ସ୍ୱର୍ଗରେ ଅଛନ୍ତି ପୁଣି ସ୍ୱର୍ଗରୁ ଓହ୍ଲା
ଇଲେ ଏମନ୍ତ ଯେ ମନୁଷ୍ୟର ପୁତ୍ର ତାହାଙ୍କ ଛଡା କେହି ସ୍ୱର୍ଗାରୋହଣ କରି
୧୪ ନାହାନ୍ତି । ଆବର ମୋଶା ଅରଣ୍ୟରେ ଯେଉଁପ ସର୍ପକୁ ଉଠାଇଲେ ମନୁ
୧୫ ଷ୍ୟର ପୁତ୍ରକୁ ସେଉଁପ ଉର୍ଦ୍ଧ୍ୱରେ ରଖାଯିବ ଇହାଁରେ ତାହାଙ୍କଠାରେ
ଯେଉଁ ଜଣ ବିଶ୍ୱାସ କରିବ ସେ ନଷ୍ଟ ନ ହୋଇ ଅନନ୍ତ ପରମାୟୁ ପାଇବ ।
୧୬ ଯେଣୁ ଈଶ୍ୱର ଜଗତକୁ ଏତେ ପ୍ରେମ କଲେ ଯେ ସେ ଆପଣା ଅଦ୍ୱିତୀୟ
ପୁତ୍ରଙ୍କୁ ଦେଲେ ଯେପରି ଯେଉଁ ଜଣ ତାହାଙ୍କଠାରେ ବିଶ୍ୱାସ କରିବ ସେ
୧୭ ନଷ୍ଟ ନ ହୋଇ ଅନନ୍ତ ପରମାୟୁ ପାଇବ । ଯେଣୁ ଈଶ୍ୱର ଜଗତର ଦଣ୍ଡ
ଦେବାକୁ ଆପଣା ପୁତ୍ରଙ୍କୁ ନ ପଠାଇ ତାହାଙ୍କ ଦ୍ୱାରା ଜଗତର ପରିତ୍ରାଣ
୧୮ ଯେମନ୍ତ ହୁଅଇ ଏଥିପାଇଁ ପଠାଇଲେ । ଯେ କେହି ତାହାଙ୍କଠାରେ ବିଶ୍ୱାସ
କରଇ ସେ ଦଣ୍ଡର ପାତ୍ର ନୁହଇ ମାତ୍ର ପ୍ରତ୍ୟେକ ଅବିଶ୍ୱାସି ଜନ ଈଶ୍ୱରଙ୍କ
ଅଦ୍ୱିତୀୟ ପୁତ୍ରଙ୍କଠାରେ ବିଶ୍ୱାସ ନ କରିବାର ସକାଶୁ ଏବେହେଁ ଦଣ୍ଡ ପାତ୍ର

* କିଅବା ଜଳରୂପ ଆତ୍ମାରୁ

ଅଟଇ । ଅଉ ଦଣ୍ଡର କାରଣ ଏହି ଯେ ଜଗତରେ ଆଲୁଅ ପ୍ରକାଶ ହୁଅନ୍ତେ ୧୯
ମନୁଷ୍ୟମାନଙ୍କର ସ୍ଵକ୍ରିୟା ଦୁଷ୍ଟ ହେବାରୁ ସେମାନେ ଆଲୁଅଠାରୁ ଅନ୍ଧ
କାରକୁ ଭଲ ପାଆନ୍ତି । ଯେଣୁ ଅଯଶା କୁକର୍ମ ଯେମନ୍ତ ଜଣା ନ ପଡବ ୨୦
ଏଥିପାଁଇ ପ୍ରତ୍ୟେକ ଜଣ କୁକ୍ରିୟାକାରୀ ଆଲୁଅକୁ ଘୃଣା କରି ଦୂହା କଡରେ ୨୧
ନ ଆସଇ ପୁଣି ପ୍ରତ୍ୟେକ ଜଣ ସତ୍କର୍ମକାରି ଅଯଶାର କର୍ମ ସବୁ ଯେମନ୍ତ
ଈଶ୍ଵରକୃତ ବୋହି ଜଣାଇବାର ପାଁଇ ସେ ଆଲୁଅର କଡରେ ଅସଇ ।

ତଦନନ୍ତରେ ଯୀଶୁ ଶିଷ୍ୟମାନଙ୍କର ସଙ୍ଗେ ଯିହୁଦା ଦେଶକୁ ଯାଇ ସେ ସ୍ଥା ୨୨
କରେ ଥାଇ ଡୁବ ଦୟାଇଲେ । ଆଉ ତେଉଁବେଳେ ଶାଲୀମ ନଗରର ୨୩
ନକ୍ଟବର୍ତ୍ତି ଐନୋନ ଗ୍ରାମରେ ଅନେକ ଜଳ ଥିବାରୁ ସେଠାରେ ଯୋହନ
ଡୁବନ ଦେଲ ପୁଣି ଲୋକମାନେ ଆସି ଦୂହାଙ୍କଠାରୁ ଡୁବଡ ହୋଇଲେ । ୨୪
ସେ କାଲରେ ଯୋହନ କାରାଗାରରେ ବନ୍ଦ ନ ଥିଲା ।

ଏଥିଉତ୍ତରୁ ଶୌଚ କ୍ରିୟାର ବଷୟରେ ଯୋହନର ଶିଷ୍ୟଗଣ ପୁଣି ୨୫
ଯିହୁଦୀୟ ଲୋକ ଏବ୍ହୁଙ୍କର ବାଦାନୁବାଦ ହେବାରୁ ସେମାନେ ଯୋହନର ୨୬
କଡକୁ ଯାଇ କହିଲେ ହେ ଗୁରୁ ଯେଉଁ ଜଣ ଯର୍ଦନ ନଦୀର ସେପାରରେ
ତୁମ୍ଭର ସଙ୍ଗରେ ଥିଲେ ଯାହାଙ୍କର ବଷୟରେ ତୁମ୍ଭେ ସାକ୍ଷ୍ୟ ଦେଲ ଦେଖ
ସେହି ଡୁବାନ୍ତି ପୁଣି ସମସ୍ତେ ଦୂହାଙ୍କର ନକ୍ଟରେ ଯାଉଛନ୍ତି । ଯୋହନ ୨୭
ଉତ୍ତର କଲା ଈଶ୍ଵରଠାରୁ ଦତ୍ତ ନୋହିଲେ କୌଣସି ମନୁଷ୍ୟ କିଛି ପାଇ
ବାକୁ ନ ପାରଇ । ଅମ୍ଭେ ମଶୀହ ନୋହୁଁ ପୁଣି ଦୂହାଙ୍କର ଆଗେ ପ୍ରେରିତ ୨୮
ହୋଇଅଛୁଁ ଅମ୍ଭେ ଯେ ଏହା ବୋଲିଅଛୁଁ ଏଥିରେ ତୁମ୍ଭେମାନେହିଁ ଆମ୍ଭର
ସାକ୍ଷୀ ଅଛ । ଯେଉଁଜନ କନ୍ୟାକୁ ପାଏ ସେହି ବର ପୁଣି ବର ପାଖରେ ୨୯
ଠିଆ ହେବାର ଦୂହାର ଯେ ମିଶ ସେହି ବରର ଶବ୍ଦ ଶୁଣିଲେ ଅତି ଆନ୍ଦ
ଦଉ ହୁଅଇ ଏଣୁ ଆମ୍ଭର ସେଥିପ ଆନନ୍ଦ ସିଦ୍ଧ ହେଲା । ଦୂହାଙ୍କର ବୃଦ୍ଧି ୩୦
ହେବ ପୁଣି ଆମ୍ଭର ହ୍ରାସ ହେବ । ଯେ ଉର୍ଦ୍ଧରୁ ଆସିଅଛନ୍ତି ସେ ସବୁ ୩୧
ପ୍ରଧାନ ଯେଉଁଜନ ସଂସାରରୁ ଉତ୍ପନ୍ନ ସେ ସଂସାରକ ପୁଣି ସଂସାରର
କଥା କହଇ ଯେ ସ୍ଵର୍ଗରୁ ଆସିଅଛନ୍ତି ସେ ସବୁ ପ୍ରଧାନ । ଆଉ ସେ ଯାହା ୩୨
ଦେଖିଅଛନ୍ତି ପୁଣି ଶୁଣିଅଛନ୍ତି ଦୂହାର ବଷୟରେ ସାକ୍ଷ୍ୟ ଦିଅନ୍ତି ତଥାପି ୩୩
କେହି ଦୂହାଙ୍କର ସାକ୍ଷ୍ୟ ଗ୍ରାହ୍ୟ ନ କରନ୍ତି ପୁଣି ଯେ ଗ୍ରାହ୍ୟ କରଇ ଈ
ଶ୍ଵର ଯେ ସତ୍ୟବାଦୀ ବୋହି ସେ ମୁଦ୍ରାଙ୍କିତ କରଇ । ଈଶ୍ଵର ଯାହାଙ୍କୁ ପଠା ୩୪
ଇଅଛନ୍ତି ସେହି ଈଶ୍ଵରଙ୍କର କଥା କହନ୍ତି ଯେହେତୁ ଈଶ୍ଵର ଦୂହାଙ୍କୁ
ଅପରମିତରୂପେ ଆତ୍ମା ଦେଇଅଛନ୍ତି । ପିତା ଅତ୍ମଜକୁ ସ୍ନେହ କରି ଦୂହା ୩୫
ଙ୍କର ହସ୍ତରେ ସମସ୍ତ ବଷୟ ସମର୍ପି ଦେଇଛନ୍ତି । ଯେ କେହି ଅତ୍ମଜରେ ୩୬

ବଶ୍ୱାସ କରଇ ତାହାର ଅନନ୍ତ ପରମାୟୁ ଅଟଇ ପୁଣି ଯେ କେହ ଅଦ୍ଦୁ
ଜରେ ବଶ୍ୱାସ ନ କରଇ ସେ ପରମାୟୁର ଦେଖା ନ ପାଏ ମାତ୍ର ଈଶ୍ୱରର
କ୍ରୋଧ ତାହା ହୋଇ ଥାଏ ।

୪ ପଦ୍ଦ ।

୧ ଯୀଶୁ ଆପେ ନ ଡୁବାଇଲେ କେବଲ ତାହାଙ୍କର ଶିଷ୍ୟଗଣ ଡୁବାଇଲେ ।
୨ ପୁଣି ସେ ଯୋହନଠାରୁ ଅଧିକ ଶିଷ୍ୟ କର ଡୁବାନ୍ତି ଫାରୂଶୀମାନେ ଯେ ଏମନ୍ତ
୩ ସମ୍ବାଦ ପାଇଥିଲେ ତହୁଁ ପ୍ରଭୁ ଜ୍ଞାତସାର ହୁଅନ୍ତେ ଯିହୁଦା ଦେଶ ଛଡ଼ ପୁନ
୪ ର୍ବାର ଗାଲ୍ଲିଲକୁ ବାହୁଡ଼ିଲେ । ଶମିରୋଣ ଦେଶର ମଧ୍ୟ ଦେଇ ତାହାଙ୍କୁ ଯି
୫ ବାକୁ ହେଲା ତେଣୁ ଯାକୁବ ଅପଣା ପୁତ୍ର ଯୁସଫକୁ ଯେ ଭୂମି ଦାନ କରିଥିଲା
ତାହା ନକ୍ଟବର୍ତ୍ତି ସୀଖାର ବୋଲି ଏକ ଶମିରୋଣୀୟ ନଗରର କଉରେ ଉତ୍ତ
୭ ରିଲେ । ସେହି ସ୍ଥାନରେ ଯାକୁବ କୂଅ ଏକ କୂଅ ଥିଲା । ଦୁର ପ୍ରହର ବେଳ
୭ ହୋଇ ଯୀଶୁ ପଥ ଶ୍ରାନ୍ତ ହେବାରୁ ସେହି କୂଅର ପାଖରେ ବସିଲେ ।
ଏଥି ମଧ୍ୟରେ ଜଣେ ଶମିରୋଣୀ ସ୍ତ୍ରୀ ଜଳ ତୋଳିବାର ନମନ୍ତେ ଅଇଲା ।
୮ ସେ କାଳରେ ଶିଷ୍ୟମାନେ ଖାଦ୍ୟ ସାମଗ୍ରୀ କିଣିବାକୁ ନଗରକୁ ଯାଇଥିଲେ ।
ଯୀଶୁ ସେହି ଶମିରୋଣୀ ସ୍ତ୍ରୀକୁ କହିଲେ ଆମ୍ଭକୁ କିଛୁ ଜଳ ପାନ କରିବାକୁ
୯ ଦିଅ । ସେ କହିଲା ଅମ୍ଭେ ଶମିରୋଣୀ ସ୍ତ୍ରୀ ତୁମ୍ଭେ ଯିହୁଦା ଲୋକ କେମନ୍ତ
କର ଆମ୍ଭଠାରୁ ଜଳ ପିବାକୁ ମାଗୁଅଛ କାରଣ ଶମିରୋଣୀୟମାନଙ୍କର
୧୦ ସଙ୍ଗେ ଯିହୁଦୀୟ ଲୋକମାନଙ୍କର ବ୍ୟବହାର ନାହିଁ । ଯୀଶୁ ଉତ୍ତର କଲେ
ଈଶ୍ୱରଙ୍କର ଯେ ଦାନ ସେ କ ଅବା ଆମ୍ଭକୁ ପୀବାକୁ ଦୟ ତୁମ୍ଭକୁ ଏମନ୍ତ
ଯେ କହନ୍ତି ସେହି କେ ଏହା ଯେବେ ଜାଣନ୍ତ ତେବେ ତାହାର ନକ୍ଟରେ
୧୧ ମାଗନ୍ତ ପୁଣି ସେ ତୁମ୍ଭକୁ ଅମୃତ ଜଳ ଦଅନ୍ତେ । ତେଣୁ ସେହି ସ୍ତ୍ରୀ କହିଲା
ହେ ଅବଧାନ କୂଅ ଗଭୀର ଆଉ ଅପଣଙ୍କଠାରେ ଜଳ ତୋଳିବାର ପାତ୍ର
୧୨ ନାହିଁ ଏକମନ୍ତେ ସେ ଅମୃତ ଜଳ କେଉଁଠାରେ ପାଇବ । ଯେ ଆମ୍ଭମାନଙ୍କୁ
ଏହି କୂଅ ଦେଇଛନ୍ତି ପୁଣି ଆପେ ଓ ଆପଣା ପରବାର ଗୋମେଷାଦି ସମସ୍ତେ
ଏହି କୂଅର ଜଳ ପାନ କରିଛନ୍ତି ଏମନ୍ତ ଯେ ଆମ୍ଭମାନଙ୍କର ପୁଜ୍ୟପୁରୁଷ ଯା
୧୩ କୁବ ତାହାଙ୍କଠାରୁ କି ତୁମ୍ଭେ ବଡ଼ । ଏଥିରେ ଯୀଶୁ କହିଲେ ଏହି ଜଳ
୧୪ ଯେ ପାନ କରଇ ସେ ପୁନର୍ବାର ତୃଷାର୍ତ୍ତ ହେବ ପୁଣି ଆମ୍ଭର ଦତ୍ତ ଜଳ ଯେ
ତୁଜନ ପାନ କରଇ ସେ ଆଉ କେବେହେଁ ତୃଷାର୍ତ୍ତ ନ ହେବ କାରଣ ଆ
ମ୍ଭର ଦତ୍ତ ସେ ଜଳ ତାହାର ଅନ୍ତରେ ଝର ସ୍ୱରୂପ ହୋଇ ଅନନ୍ତ ପରମାୟୁ
୧୫ ପର୍ଯ୍ୟନ୍ତ ଉଚ୍ଛଳି ଉଠିବ । ସେ ସ୍ତ୍ରୀ କହିଲା ହେ ଅବଧାନ ଆମ୍ଭକୁ ସେ ଜଳ

ଦେଉନ୍ତୁ ଇହାଁରେ ଆମ୍ଭର ତୃଷା ଯେମନ୍ତ ନ ହୁଅଇ ପୁଣି ଏଠାରେ ଜଳ
ତୋଳିବା ଧାଁଇ ଆଉ ଥରେ ଆସିବାକୁ ନ ହୁଅଇ । ଯୀଶୁ କହିଲେ ଯାଅ ୧୬
ତୁମ୍ଭର ସ୍ୱାମିକୁ ଡାକ ଏଠାରେ ଆସ । ସେ ସ୍ତ୍ରୀ କହିଲା ଆମ୍ଭର ସ୍ୱାମି ନାହିଁ । ୧୭
ଯୀଶୁ କହିଲେ ଆମ୍ଭର ସ୍ୱାମୀ ନାହିଁ ବୋଲି ଭଲ କହିଲ ଯେଣୁ ତୁମ୍ଭର
ପାଞ୍ଚ ସ୍ୱାମୀ ହୋଇ ଅଛ ପୁଣି ଏହିକ୍ଷଣେ ଯେ ତୁମ୍ଭର ସଙ୍ଗେ ଅଛ ସେ ତୁ ୧୮
ମ୍ଭର ସ୍ୱାମୀ ନୁହଇ ଏକଥା ସତ୍ୟ କହିଲ । ସେ ସ୍ତ୍ରୀ କହିଲା ହେ ଅବଧାନ ୧୯
ଆପଣକୁ ଜଣେ ଭବିଷ୍ୟଦ୍ବକ୍ତା ଆମ୍ଭେ ଜାଣି । ଆମ୍ଭମାନଙ୍କର ପିତୃ ଲୋକମା ୨୦
ନେ ଏହି ପର୍ବତରେ ଭଜନା କରିଁଆନ୍ତି ପୁଣି ଆପଣମାନେ କୋଲନ୍ତି ଯିରୂ
ଶାଲମରେ ମନୁଷ୍ୟର ଉପଯୁକ୍ତ ଭଜିବାର ସ୍ଥାନ ଅଛ । ଯୀଶୁ କହିଲେ ହେ ୨୧
ନାର ଆମ୍ଭର କଥାରେ ବିଶ୍ୱାସ କର ତୁମ୍ଭେମାନେ ଯେ ସମୟରେ କେବଳ
ଏହି ପର୍ବତରେ କିମ୍ବା ଯିରୂଶାଲମ ନଗରରେ ପିତାର ଭଜନା ନ କରିବ ଏ
ମନ୍ତ ସମୟ ଆସୁଅଛ । ତାହାକୁ ଭଜନା କର ତାହା ତୁମ୍ଭେମାନେ ନ ଜାଣ ୨୨
ପୁଣି ଆମ୍ଭେମାନେ ଯାହାଙ୍କୁ ଭଜନା କରୁ ତାହାଙ୍କୁ ଜାଣି ଯେହେତୁ ଯିହୁଦୀ
ମାନଙ୍କର ମଧ୍ୟରୁ ପରିତ୍ରାଣ ହୁଅଇ । ପୁଣି ଯେଉଁ ସମୟରେ ଯଥାର୍ଥ ଭ ୨୩
କ୍ତମାନେ ଆତ୍ମା ଦେଇ ସତ୍ୟତ୍ୱପରେ ପିତାର ଭଜନା କରିବେ ଏମନ୍ତ ସମୟ
ଅସୁଅଛ ପୁଣି ଏବେହେଁ ବର୍ତ୍ତମାନ ଅଛ ଯେହେତୁ ପିତା ଏତ୍ତାଦୃଶ ଭକ୍ତମା
ନଙ୍କୁ ଲୋଡନ୍ତି । ଈଶ୍ୱର ଆତ୍ମା ଅଟନ୍ତି ପୁଣି ତାହାଙ୍କର ଭଜନା ଯେଉଁମା ୨୪
ନେ କରନ୍ତି ସେମାନଙ୍କୁ ଆତ୍ମା ଦେଇ ସତ୍ୟତ୍ୱପେ ତାହାଙ୍କର ଭଜନା କର
ାକୁ ହୁଅଇ । ସେ ସ୍ତ୍ରୀ କହିଲା ମଶୀହ ନାମରେ ଅର୍ଥାତ୍ ଖ୍ରୀଷ୍ଟ ଆସିବେ ୨୫
ତାହା ଜାଣି ଆଉ ସେ ଆଇଲେ ଆମ୍ଭମାନଙ୍କୁ ସମସ୍ତ ବିଷୟ ଶିଖାଇବେ ।
ଯୀଶୁ ତାକୁ କହିଲେ ଆମ୍ଭେ ଯେ ତୁମ୍ଭର ସହିତ କଥା କହୁଅଛୁଁ ସେ ଅଟୁଁ । ୨୬

ଏତିନ୍ନଧ୍ୟରେ ଶିଷ୍ୟଗଣ ଆସି ସେ ସ୍ତ୍ରୀ ଲୋକର ସଙ୍ଗେ ତାହାକୁ କଥା ୨୭
ବାର୍ତ୍ତା କରିଁ ଦେଖି ଅତ୍ୟଦ୍ଭୁତ ଜ୍ଞାନ କଲେ ତଥାପି ଆପଣ କ ଲୋଡନ୍ତି ଅଥବା
କ ନମନ୍ତେ ତାହାର ସଙ୍ଗେ କଥାବାର୍ତ୍ତା କରନ୍ତି ଏହା କେହି ନ ପଚାରିଲା ।
ଏଥିଉତ୍ତର ସେ ସ୍ତ୍ରୀ ମାଠିଆ ରଖି ନଗରର ମଧ୍ୟରେ ଯାଇ ଲୋକମାନଙ୍କୁ ୨୮
କହିଲା ଆସ୍ନେ ଯେ କୌଣସି କାଲରେ କ କ କର୍ମ କରିଅଛୁଁ ତାହା ସମସ୍ତ ୨୯
ଆମ୍ଭକୁ ଜଣାଇଲେ ଏମନ୍ତ ଏକ ମନୁଷ୍ୟକୁ ଆସି ଦେଖ ସେ କ ଖ୍ରୀଷ୍ଟ ନୁହନ୍ତି ।
ଇହାଁରେ ସେମାନେ ନଗରରୁ ବାହାର ହୋଇ ତାହାଙ୍କର ନକଟରେ ୩୦
ଆଇଲେ ।

ଏହି ଅବକାଶରେ ଶିଷ୍ୟମାନେ ମିନତି କରି କହିଲେ ହେ ଗୁରୁ ଭୋଜନ ୩୧
ଭୋଜନ କର । ସେ କହିଲେ ଯାହା ତୁମ୍ଭମାନଙ୍କର ଗୋଚର ନୋହେ ୩୨

୩୩ ଏମନ୍ତ ଭକ୍ଷ୍ୟ ଆମ୍ଭର ଅଛି । ତେଣୁ ଶିଷ୍ୟମାନେ ଏକକୁଆରେକ ପଚାରିଲେ
୩୪ ଏହାଙ୍କୁ କ କେହି କିଛି ଭକ୍ଷ୍ୟ ଆଣି ଦେଇଅଛି । ଯୀଶୁ କହିଲେ ଆମ୍ଭର
ପଠାଇବାର କର୍ତ୍ତାର ଇଷ୍ଟ ସିଦ୍ଧ କରିବାର ଓ ତାହାଙ୍କର କର୍ମ ସମ୍ପୂର୍ଣ୍ଣ କର
୩୫ ବାର ଏହି ଆମ୍ଭର ଭକ୍ଷ୍ୟ । ଆଉ ଚାରି ମାସ ହେଲେ ଶସ୍ୟ କାଟିବାର ସମୟ
ହେବ ଏହି କଥା କ ତୁମ୍ଭେମାନେ ନ ବୋଲି ପୁଣି ଆମ୍ଭେ ବୋଲି ଅଖି
ମେଲି କ୍ଷେତର ପ୍ରତି ଦୃଷ୍ଟି କର ଦେଖ ଏବେ କାଟିବାର ଯୋଗ୍ୟ ଶସ୍ୟ
୩୭ ଧଳା ହେଉଅଛି । ଆଉ ଯେ କାଟଇ ସେ ମୂଲ ପାଏ ପୁଣି ଅନନ୍ତ
ପରମାୟୁର ଶସ୍ୟ ସଂଗ୍ରହ କରଇ ଇହାଁରେ ବୁଣିବା କର୍ତ୍ତା ଚ୍ଛେଦନ କର୍ତ୍ତା
୩୭ ଦୁହି ଏକଏ ଆନନ୍ଦ କରନ୍ତି । ପୁଣି ଏହା ହେଲେ ଏକ ଜଣ ବୁଣଇ ଆଉ ଜଣ
୩୮ କାଟଇ ଏହି ବଚନ ସିଦ୍ଧ ହୁଅଇ । ଯାହାଁରେ ତୁମ୍ଭେମାନେ ପରିଶ୍ରମ କର
ନାହିଁ ଏମନ୍ତ ଶସ୍ୟ କାଟିବାର ପାଁଇ ତୁମ୍ଭମାନଙ୍କୁ ପଠାଇଲୁଁ ଆନ ଜନ
ମାନେ ପରିଶ୍ରମ କଲେ ପୁଣି ସେମାନଙ୍କର ଶ୍ରମର ଫଳ ତୁମ୍ଭେମାନେ
ପାଉଅଛ ।
୩୯ ଏଥିଉତ୍ତର ଯେ କୌଣସି କାଲରେ କ' କର୍ମ କରିଅଛୁଁ ତାହା ସମସ୍ତ
ସେ ଆମ୍ଭକୁ ଜଣାଇଲେ ସେ ସ୍ତ୍ରୀ ଲୋକର ଏହି ସାକ୍ଷ୍ୟର କଥା ଶୁଣି ସେହି
୪୦ ନଗରର ନବାସି ଅନେକ୍ୟୀ ଶମରୀୟ ଲୋକ ବଣ୍ଧାସ କଲେ ପୁଣି ତା
ହାଙ୍କର ନକଟରେ ଉପସ୍ଥିତ ହୋଇ ଆପଣାମାନଙ୍କର ସଙ୍ଗରେ କିଛି ଦିନ
ରହିବାକୁ ତାହାକୁଂ ବନୟ କଲେ ତହିଁରେ ସେ ଦୁଇ ଦିବସ ସେଠାରେ
୪୧ ବାସ କଲେ । ତାହାଙ୍କର ଉପଦେଶ ସକାଶୁଂ ଅଧ୍ୟ ଅନେକ ବଣ୍ଧାସ କର
ସେ ସ୍ତ୍ରୀକୁ କହିଲେ କେବଳ ତୁମ୍ଭର କଥା ନମନ୍ତେ ଅମ୍ଭେମାନେ ପ୍ରତ୍ୟୟ
୪୧ କର ତାହା ନୋହେ ପୁଣି ତାହାଙ୍କର ନଜ କଥା ଶୁଣି ସେ ଯେ ନଶ୍ଚୟ
ଜଗତର ତ୍ରାଣକର୍ତ୍ତା ମଶୀହ ଅଟନ୍ତି ଏହା ଅମ୍ଭେମାନେ ଜାଣି ।
୪୩ ଯଦ୍ୟପି ଯୀଶୁ ଅଗେ ପ୍ରମାଣ କର କହିଥିଲେ ନଜ ଦେଶରେ ଭବିଷ୍ୟତ
୪୪ ବକ୍ତାର ସମ୍ମନ ନାହିଁ ତେବେହେଁ ଦୁଇ ଦିବସର ଉତ୍ତରେ ସେ ସ୍ଥାନ
୪୫ କର ଗାଲିଲୀ ଦେଶକୁ ଗଲେ । ସେଠାରେ ଉପସ୍ଥିତ ହୁଅନ୍ତେ ଯେଉଁ ଗା
ଲିଲୀୟ ଲୋକ ଯିରୂଶାଲମର ପର୍ବକୁ ଯାଇ ପର୍ବ ସମୟରେ ତାହାଙ୍କର ସମସ୍ତ
କ୍ରିୟା ଦେଖିଥିଲେ ସେମାନେ ତାହାକୁଂ ଗ୍ରାହ୍ୟ କଲେ ।
୪୬ ଅନନ୍ତରେ ଗାଲିଲୀର ଯେ କାନା ନଗରରେ ଯୀଶୁ ଜଳକୁ ଦ୍ରାକ୍ଷାରସ
କର ଥିଲେ ସେଠାକୁ ସେ ବାହୁଡିଲେ । ଆଉ ଯାହାର ପୁତ୍ର କଫରନାହୁମ
୪୭ ନଗରରେ ରୋଗଗ୍ରସ୍ତ ଏମନ୍ତ ଜଣେ ରାଜସଭାସ୍ଥ ଲୋକ ଥିଲା । ପୁଣି ଯୀଶୁର
ଯିହୁଦା ଦେଶରୁ ଗାଲିଲୀରେ ଆଗମନ ସମାଚାର ଶୁଣି ସେ ତାହାଙ୍କର ନକ

ଙ୍କୁ ଯାଇ ପ୍ରାର୍ଥନା କରି କହିଲା ଆମ୍ଭର ପୁତ୍ର ମଲା ପ୍ରାୟ ଏନ୍ତନ୍ତେ ଆପଣ
ଆସି ତାହାକୁ ସୁସ୍ଥ କରନ୍ତୁ । ଯୀଶୁ କହିଲେ ଅଶ୍ଚର୍ଯ୍ୟ କର୍ମ ଓ ଅଦ୍ଭୁତ ଚିହ୍ନ ୪୮
ନ ଦେଖିଲେ ତୁମ୍ଭେମାନେ ବିଶ୍ୱାସ ନ କରିବ । ତହିଁରେ ସେ ଗଜ ସତ୍ତ୍ୱସ୍ତ ୪୯
ଲୋକ କହିଲେ ହେ ଅବଧାନ ଆମ୍ଭର ପୁତ୍ରର ମୃତ୍ୟୁ ଯେମନ୍ତ ନ ହେବ ଆ
ସନ୍ତୁ । ଯୀଶୁ ତାହାକୁ କହିଲେ ଯାଅ ତୁମ୍ଭର ପୁତ୍ର ବଞ୍ଚି ଅଛୁ । ଯୀଶୁ ୫୦
ଯେଉଁ କଥା କହିଲେ ତହିଁରେ ବିଶ୍ୱାସ କରି ସେ ମନୁଷ୍ୟ ଚାଲି ଗଲା ।
ପୁଣି ଯାଉଁ। ପଥ ମଧ୍ୟରେ ଦାସମାନେ ତାହାର ହେଠ ପାଇ କହିଲେ ୫୧
ତୁମ୍ଭର ପୁତ୍ର ବଞ୍ଚିଅଛୁ । ତେଣୁ କେତୁ ସମୟରୁ ରୋଗର ପ୍ରତିକାର ଅରମ୍ଭ ୫୨
ହୋଇଅଛୁ ବୋ। ପଚାରନ୍ତେ ସେମାନେ କହିଲେ କାଲି ଦୁଇ ପହର ଅଡାଇ
ଦଣ୍ଡର ସମୟରେ ଜ୍ୱର ତାକୁ ଛାଡିଲା । ଏଥିରେ ଯୀଶୁ ଯେ ସେହି ଦଣ୍ଡରେ ୫୩
କହିଥିଲେ ତୁମ୍ଭର ପୁତ୍ର ବଞ୍ଚିଅଛୁ ତାହା ସେ ବୁଝିଲା ଏଣୁ ସେ ଅପେ
ସପରିବାରରେ ବିଶ୍ୱାସ କଲେ । ଯିହୁଦା ଦେଶରୁ ଗାଲିଲୀରେ ଆସନ୍ତେ ୫୪
ଯୀଶୁ ଏହି ଦ୍ୱିତୀୟ ଅଶ୍ଚର୍ଯ୍ୟ କର୍ମ କଲେ ।

## ୫ ପର୍ବ ।

ଏଉତ୍ତାରେ ଯିହୁଦୀୟମାନଙ୍କର ଏକ ପର୍ବ ହୁଅନ୍ତେ ଯୀଶୁ ଯିରୂଶାଲମକୁ ୫
ଗଲେ । ଯିରୂଶାଲମର ମେଷଦ୍ୱାରର ପାଖରେ ଏବ୍ରୀ ଭାଷାରେ ବେଥହ୍ଦା ୨
ନାମରେ ପାଞ୍ଚ ଚୁଠ ଯୋଖର ଥିଲା । ସେଥିରେ ଜଳ କର୍ମ୍ମିବାର ଅଣା କରି ୩
ଅନ୍ଧ ଜେଙ୍ଗଡା ନୁଲା ଇତ୍ୟାଦି ଅନେକ ରୋଗି ଲୋକ ପଡି ରହନ୍ତେ । ଯେ ୪
ହେଉଁ। ବିଶେଷ ସମୟରେ ସେ ସରୋବରରେ ଏକ ସ୍ୱର୍ଗ ଦୂତ ଓହ୍ଲାଇ
ଜଳ ହଲାନ୍ତି ତେଣୁ ଜଳ ହଲାଇଲା ଉତ୍ତାରେ ଯେ କୌଣସି ରୋଗୀ ପ୍ରଥମରେ
ଉତରେ ଯାଏ ସେହି ତତ୍କ୍ଷଣେ ରୋଗରୁ ମୁକ୍ତି ପାଏ । ସେ ସମୟରେ ୫
ଅଠ ତିରିଶ ବରଷରୁ ରୋଗଗ୍ରସ୍ତ ଏକ ଜଣ ସେହି ସ୍ଥାନରେ ଥିଲା । ଯୀଶୁ ୬
ତାହାକୁ ପଡ ଥାଉଁ। ଦେଖି ପୁଣି ତାକୁ ବହୁ କାଲର ରୋଗୀ ଜାଣି କହିଲେ
ତୁମ୍ଭେ କି ସୁସ୍ଥ ହେବାକୁ ବାଞ୍ଛା କର । ସେ ରୋଗୀ କହିଲା ହେ ଅବଧାନ ୭
ଜଳ ହଲିଲା ବେଳେ ଆମ୍ଭକୁ ପୁଷ୍କରଣୀରେ ପୋଇ ଦେବାକୁ ଆମ୍ଭର କେହି
ନାହିଁ। ତେଣୁକରି ଆମ୍ଭର ଯିବା କାଲରେ ଆଉ କୌଣସି ଜନ ଅଗେ ଓ
ହ୍ଲାଇ ଯାଏ । ଯୀଶୁ କହିଲେ ଉଠ ତୁମ୍ଭର ଶଯ୍ୟା ତୋଳି ନେଇ ଯାଅ । ୮
ସେ ତତ୍କ୍ଷଣେ ସୁସ୍ଥ ହୋଇ ଶଯ୍ୟା ତୋଳି ନେଇ ଗଲା ମାତ୍ର ସେ ଦିନ ବିଶ୍ରା ୯
ମବାର । ଏଣୁ ଯିହୁଦୀୟମାନେ ସୁସ୍ଥ ଜନକୁ କହିଲେ ଆଜି ବିଶ୍ରାମବାର ଶଯ୍ୟା ୧୦
ତୋନ ଯିବାକୁ ନାହିଁ । ସେ କହିଲା ଯେ ଆମ୍ଭକୁ ସୁସ୍ଥ କରିଛନ୍ତି ସେ ଆମ୍ଭକୁ ୧୧

୧୧ ଶଯ୍ୟା ତୋଳି ଯେପରି ଯିବାକୁ ଆଜ୍ଞା କଲେ । ଏଥିରେ ସେମାନେ ଯତ୍ନ କଲେ
୧୩ ଶଯ୍ୟା ନେଇ ଯିବାକୁ ଆଜ୍ଞା କଲା କେ ସେ । ପୁଣି ସେ କେ ଏହା ସୁସ୍ଥ
ଜନ ନ ଜାଣିଲା କାରଣ ସେଠାରେ ଜନତା ହୁଅନ୍ତେ ଯୀଶୁ ସ୍ଥାନାନ୍ତରେ
ଯାଇ ଥିଲେ ।
୧୪ ଏଥିଉତ୍ତର ଯୀଶୁ ମନ୍ଦିରରେ ସେହି ଜନର ଦେଖା ପାଇ କହିଲେ ଦେଖ
ଏବେ ସୁସ୍ଥ ହେଲ ଅଦ୍ୟ ପାପ କର୍ମ ନ କର ନୋହିଲେ ଯଦ୍ଦେ ଅଧିକ ଦୁର୍ଦ୍ଦଶା
୧୫ ଘଟିବ । ସେ ଜନ ଯାଇ ଯିହୁଦୀୟମାନଙ୍କୁ କହିଲା ଯୀଶୁ ଆମ୍ଭକୁ ଅରୋଗୀ
୧୬ କର ଅଛନ୍ତି । ଇହାଂରେ ଯୀଶୁ ଯେ ବିଶ୍ରାମବାରରେ ଏହି କର୍ମ କଲେ ଏନ
ମନ୍ତେ ଯିହୁଦୀୟମାନେ ତାହାଙ୍କୁ ନିଗ୍ରହ କର ବଧ କରିବାକୁ ଲୋଡିଲେ ।
୧୭ ଯୀଶୁ ସେମାନଙ୍କୁ ଉତ୍ତର କଲେ ଆମ୍ଭର ପିତା ଏଯାବତ୍ କାଳ ଯେଉଁ କାର୍ଯ୍ୟ କରି
୧୮ ଅଛନ୍ତି ଆମ୍ଭେଇ ତେଣେ କର । ଏକଥାରେ ଯିହୁଦୀୟମାନେ ତାହାଙ୍କୁ ବଧ
କରିବାକୁ ଆହୁରି ଚେଷ୍ଟା କଲେ ଯେହେତୁ ବିଶ୍ରାମବାରକୁ ଅମାନ୍ୟ କଲେ
କେବଳ ତାହା ନୋହେ ପୁଣି ସେ ଈଶ୍ୱରଙ୍କୁ ଅପଣା ପିତା ବୋଲି ଅପଣା
୧୯ କୁଇ ଈଶ୍ୱରର ତୁଲ୍ୟ କଲେ । ଯୀଶୁ ପୁନଶ୍ଚ କହିଲେ ଅମ୍ଭେ ସତ୍ୟ ତୁମ୍ଭ
ମାନଙ୍କୁ କହୁ ପୁତ୍ର ପିତାକୁ ଯେ କର୍ମ କରିବାକୁ ଦେଖନ୍ତି ତାହା ବିନୁ ଅପଣା
୨୦ ଇଚ୍ଛାର କୌଣସି କର୍ମ କରିବାକୁ ନ ପାରନ୍ତି । ପିତା ଯେ କଛ କରନ୍ତି ପୁତ୍ରହଂ
ତାହା କରନ୍ତି ଯେହେତୁ ପିତା ପୁତ୍ରକୁଇ ସ୍ନେହ କରନ୍ତି ଏନମନ୍ତେ ଆପେଁ ଯେ
୨୧ କର୍ମ କରନ୍ତି ତାହା ସମସ୍ତ ପୁତ୍ରକୁ ଦେଖାନ୍ତି । ଆଉ ଯହିଁରେ ତୁମ୍ଭମାନଙ୍କର
ଆଶ୍ଚର୍ଯ୍ୟ ଜ୍ଞାନ ହେବ ଏହାଠାରୁ ମହତ୍ କର୍ମଇ ତାହାକୁ ଦେଖାଇବେ କାରଣ
ପିତା ଯେମନ୍ତ ମୃତମାନଙ୍କୁ ଉଠାଇ ସଜୀବ କରନ୍ତି ସେରୂପେ ପୁତ୍ରଇ ଯାହାକୁ
୨୨ ଇଚ୍ଛା କରନ୍ତି ତାହାକୁ ସଜୀବ କରନ୍ତି । ସମସ୍ତେ ଯେରୂପେ ପିତାଙ୍କୁ ସମ୍ଭ୍ରମ
କରନ୍ତି ପୁତ୍ରକୁଇ ଯେ ସେରୂପେ ସମ୍ଭ୍ରମ କରନ୍ତି ଏହି ନମନ୍ତେ ପିତା ଆପେଁ
କାହାକୁଇ ବିଚାର ନ କର ସମସ୍ତ ବିଚାରର ଭାର ପୁତ୍ରକୁ ସମର୍ପଣ କର
୨୩ ଅଛନ୍ତି । ଯେଉଁଜନ ପୁତ୍ରକୁ ଅସମ୍ଭ୍ରମ କରଇ ସେ ତାହାର ପ୍ରେରକ ପିତାଙ୍କୁ
୨୪ ଅସମ୍ଭ୍ରମ କରନ୍ତି । ସତ୍ୟ ସତ୍ୟ ଆମ୍ଭେ ବୋଲି ଯେଉଁଜନ ଆମ୍ଭର କଥା ଶୁଣି
ଆମ୍ଭର ପ୍ରେରଣ କର୍ତ୍ତାକୁ ବିଶ୍ୱାସ କରଇ ତାହାର ଅନନ୍ତ ପରମାୟୁ ହୁଅଇ
ସେ ଜନ ମୃତ୍ୟୁର ମୁକ୍ତି ପାଇ ପରମାୟୁ ପ୍ରାପ୍ତ ହୋଇ କେବେହେଁ ଦଣ୍ଡର
୨୫ ପାତ୍ର ନୋହିବ । ସତ୍ୟ ସତ୍ୟ ଆମ୍ଭେ ବୋଲି ଯେ ସମୟରେ ମୃତମାନେ ଈଶ୍ୱ
ରର ପୁତ୍ରର ରବ ଶୁଣିବେ ପୁଣି ଯେଉଁମାନେ ଶୁଣିବେ ସେମାନେ ସଜୀବ
୨୬ ହେବେ ଏମନ୍ତ ସମୟ ଆସୁଅଛି ଆକର ଏବେ ଅଛି । ଯେହେତୁ ପିତା
ଯେମନ୍ତ ସ୍ୱୟଂଜୀବୀ ତେମନ୍ତ ପୁତ୍ରକୁଇ ସ୍ୱୟଂଜୀବୀ ହେବାକୁ ଦେଇଛନ୍ତି ।

ଆହୁର ସେ ମନୁଷ୍ୟର ପୁତ୍ର ହେବାର୍ଯ୍ୟ ତାହାଙ୍କୁ ଦଣ୍ଡ କରିବାର ଭାର ୨୨
ସମର୍ପଣ କରିଅଛନ୍ତି । ଏବିଷୟରେ ତୁମ୍ଭେମାନେ ଆଶ୍ଚର୍ଯ୍ୟ ନ ମାନ ଯେ ୨୮
ହେତୁ ଯେଉଁ ସମୟରେ ତାହାଙ୍କର ରବ ଶୁଣି କବରସ୍ଥ ସମସ୍ତେ ବାହା
ରେ ଆସିବେ ଏମନ୍ତ ସମୟ ଆସିବ । ଇହାଁରେ ଯେଉଁମାନେ ସତ୍କର୍ମ କରି ୨୯
ଅଛନ୍ତି ସେମାନେ ଉଠି ପରମାୟୁର ଗତି ପାଇବେ ପୁଣି ଯେଉଁମାନେ କୁକର୍ମ
କରିଅଛନ୍ତି ସେମାନେ ଉଠି ଦଣ୍ଡର ଗତି ପାଇବେ । ଆମ୍ଭେ ଆପଣାର କିଛି ୩୦
କରି ନ ପାରୁ ଯେମନ୍ତ ଶୁଣି ତେମନ୍ତ ବିଚାର କରୁ ଅତଏବ ଆମ୍ଭର ବିଚାର
ଯଥାର୍ଥ ଯେହେତୁ ଆପଣା ଇଚ୍ଛା ଚେଷ୍ଟା ନ କରି ପ୍ରେରଣକର୍ତ୍ତା ପିତାର ଇଚ୍ଛା
ଚେଷ୍ଟା କରି ।

ଅତଏବ ଆପଣାର ବିଷୟରେ ଯେବେ ଆମ୍ଭେ ସାକ୍ଷ୍ୟ ଦେଇ ତେବେ ସେ ୩୧
ସାକ୍ଷ୍ୟ ଗ୍ରାହ୍ୟ ନ ହୁଅଇ । ମାତ୍ର ଆମ୍ଭର ବିଷୟରେ ଅନ୍ୟ ଏକ ଜଣ ସାକ୍ଷ୍ୟ ୩୨
ଦେଉଅଛନ୍ତି ପୁଣି ଆମ୍ଭର ବିଷୟରେ ତାହାଙ୍କର ସାକ୍ଷ୍ୟ ଯେ ସୁଗ୍ରାହ୍ୟ
ଏହାଇ ଆମ୍ଭେ ଜାଣି । ତୁମ୍ଭେମାନେ ଯୋହନ ପାଖକୁ ଲୋକ ପଠାଇଲ ସେ ୩୩
ସତ୍ୟତାର ବିଷୟରେ ସାକ୍ଷ୍ୟ ଦେଲା । ମନୁଷ୍ୟର ଆମ୍ଭେ ସାକ୍ଷ୍ୟର ଚେଷ୍ଟା ନ ୩୪
କରି ତଥାପି ତୁମ୍ଭେମାନେ ଯେମନ୍ତ ପରିତ୍ରାଣ ପାଇବ ଏଥିପାଇଁ ଏ କଥା
କହୁଅଛୁଁ । ଯୋହନ ଜାଜ୍ୱଲ୍ୟମାନ ତେଜସ୍କର ଦୀପ ଥିଲା ପୁଣି ତୁମ୍ଭେ ୩୫
ମାନେ କେତେକ କ୍ଷଣ ପର୍ଯ୍ୟନ୍ତ ତାହାର ଦୀପ୍ତିରେ ଆନନ୍ଦ କରିବାକୁ ସମ୍ମତ
ଥିଲ ପୁଣି ତାହାର ପ୍ରମାଣରୁ ଅମ୍ଭର ଗୁରୁତର ପ୍ରମାଣ ଅଛି କାରଣ ପିତା ୩୬
ଆମ୍ଭକୁ ପଠାଇ ଯେ କର୍ମ ସମାପ୍ତ କରିବାକୁ ଯଜ୍ଞକ୍ରମ ଦେଇଅଛନ୍ତି ଆମ୍ଭର
ହସ୍ତକୃତ ସେ ସେ କର୍ମ ଆମ୍ଭର ବିଷୟରେ ପ୍ରମାଣ ଦେଉଅଛି । ଆଉ ପିତା ୩୭
ଯେ ଆମ୍ଭକୁ ପଠାଇଲେ ସେ ଅପେ ଆମ୍ଭର ବିଷୟରେ ପ୍ରମାଣ ଦେଇ
ଅଛନ୍ତି । ତାହାଙ୍କର କଥା ତୁମ୍ଭେମାନେ କେତେବେଳେ ଶୁଣି ନାହଁ ଅବା ୩୮
ତାହାଙ୍କର ରୂପ ଦେଖି ନାହଁ ପୁଣି ତାହାଙ୍କର କଥା ତୁମ୍ଭମାନଙ୍କର ଅନ୍ତ
ରେ ସ୍ଥାନ ପାଇ ନାହିଁ ଯେହେତୁ ଯାହାଙ୍କୁ ସେ ପଠାଇଲେ ତାହାଙ୍କୁ
ବିଶ୍ୱାସ ନ କର । ଧର୍ମପୁସ୍ତକର ଆଲୋଚନା କର ଯେଣୁ ତୁମ୍ଭେମାନେ ଭାବିଥାଅ ୩୯
ଯେ ଅନନ୍ତ ପରମାୟୁ ପାଇବ ଏମନ୍ତ ବୋଧ କର ପୁଣି ସେହି ଧର୍ମପୁସ୍ତକ
ଆମ୍ଭର ବିଷୟରେ ପ୍ରମାଣ ଦେଉଅଛୁ । ତେବେହେଁ ପରମାୟୁ ପାଇବାର ୪୦
ନିମନ୍ତେ ଆମ୍ଭର ନିକଟରେ ତୁମ୍ଭେମାନେ ଆସିବାକୁ ନ ମାଗ । ଆମ୍ଭେ ମନୁଷ୍ୟ ୪୧
ମାନଙ୍କର ନିକଟରୁ ସୁଖ୍ୟାତିର ଗ୍ରାହ୍ୟ ନ କରୁ । ପୁଣି ତୁମ୍ଭମାନଙ୍କୁ ଆମ୍ଭେ ଜାଣି ୪୨
ଈଶ୍ୱରର ପ୍ରେମ ତୁମ୍ଭମାନଙ୍କର ଅନ୍ତରେ ନାହିଁ । ଆମ୍ଭେ ଆପଣା ପିତାର ୪୩
ନାମରେ ଆସିଅଛୁଁ, ତଥାପି ଆମ୍ଭକୁ ଗ୍ରାହ୍ୟ ନ କର କେହି ଯେବେ ଆପଣା

୪୪ ନାମରେ ଆସଇ ତେବେ ତାହାକୁ ଗ୍ରହଣ କରିବ । ତୁମ୍ଭେମାନେ କେବଳ
ଈଶ୍ୱରଠାରୁ ମର୍ଯ୍ୟାଦା ଚେଷ୍ଟା ନ କର ଏକରୁ ଅରେକ ମର୍ଯ୍ୟାଦା ଲୋଭ
୪୫ ଲେ କଅଁପରେ ବିଶ୍ୱାସ କରି ପାର । ଆମ୍ଭେ ପିତାର ନକଟରେ ତୁମ୍ଭମାନଙ୍କର
ଅପବାଦ କରିବା ଏହା ନ ଭାବ ଯାହାଠାରେ ତୁମ୍ଭେମାନେ ଆଶା ରଖ
୪୬ ଏମନ୍ତ ଯେ ମୋଶା ସେ ତୁମ୍ଭମାନଙ୍କର ଅପବାଦକ ହୁଅଇ । ଯେବେ ତୁମ୍ଭେ
ମାନେ ତାହାକୁ ବିଶ୍ୱାସ କରନ୍ତ ତେବେ ଆମ୍ଭକୁଇ ବିଶ୍ୱାସ କରନ୍ତ ଯେହେତୁ
୪୭ ସେ ଆମ୍ଭର ବିଷୟରେ ଲେଖିଅଛି । ପୁଣି ତାହାର ଲେଖାରେ ପ୍ରତ୍ୟୟ
ନ କଲେ ଆମ୍ଭର କଥାରେ କି ପ୍ରକାରେ ପ୍ରତ୍ୟୟ କରିବ ।

୬ ପଦ୍ୟ ।

୧ ତଦନନ୍ତରେ ଯୀଶୁ ଗାଲ୍ଲାଲ ଦେଶର ତିବରିୟା ନାମରେ ସମୁଦ୍ର ପାର
୨ ହୋଇ ଗଲେ । ପୁଣି ଅସୁସ୍ଥ ଲୋକଙ୍କଠାରେ ତାହାଙ୍କର ଆଶ୍ଚର୍ଯ୍ୟ ସୁସ୍ଥ କର୍ମ
୩ ଦେଖି ବହୁ ଜନତା ତାହାଙ୍କ ପଛେ ପଛେ ଗଲେ । ଏଥିରେ ଯୀଶୁ ଏକ ପର୍ବତ
ଅଗ୍ରେହଣ କରି ସେଠାରେ ଶିଷ୍ୟମାନଙ୍କର ସଙ୍ଗେ ବସିଲେ ।
୪ ସେ ସମୟରେ ନସ୍ତାର ପର୍ବ ଯିହୁଦୀୟମାନଙ୍କର ଏକ ଭୋଜ ଉପସ୍ଥିତ
୫ ହେଲା । ଏଥିରେ ଯୀଶୁ ଚକ୍ଷୁ ତୋଳି ଅନେକ ଲୋକକୁ ଆପଣାର ନକଟ
ରେ ଆସୁ ଦେଖି ଫିଲିପକୁ ପଚାରିଲେ ଏମାନଙ୍କର ଭୋଜନର ନମନ୍ତେ
୬ ଆମ୍ଭେମାନେ ଖାଦ୍ୟ ସାମଗ୍ରୀ କେଉଁଠାରୁ କିଣିବା । ଏକଥା ତାହାର ପରୀ
୭ କ୍ଷାର ନମନ୍ତେ କହିଲେ ମାତ୍ର କ କରିବେ ତାହା ଆପେ ଜାଣିଲେ । ଫିଲିପ
ଉତ୍ତର କଲା ଏମାନଙ୍କର ପ୍ରତ ଜଣ ଖଣ୍ଡେ ନେବା ପାଇ କୁରଣ ଶୁକାର
୮ ଗୋଟି ନ ଅଣ୍ଟିବ । ଏଥିଉତ୍ତର ଶିମୋନ ପିତରର ଭାଇ ଅନ୍ଦ୍ରିୟ ନାମରେ
୯ ତାହାଙ୍କର ଜଣେ ଶିଷ୍ୟ କହିଲା ଏଠାରେ ଏକ ଛୋକାର ପାଞ୍ଚଟା ଯବର
ରୋଟି ଦୁଇ କ୍ଷୁଦ୍ର ମାଛ ଅଛ ପୁଣି ଏତେ ଲୋକଙ୍କର ମଧ୍ୟରେ ତାହା କ
୧୦ ହେବ । ଯୀଶୁ କହିଲେ ଲୋକମାନଙ୍କୁ ବସାଇ ଦିଅ । ବହୁତ ଘାସ ସେଠା
୧୧ ରେ ଥିଲା ତହିଁ ଉଣା ଅଧିକ ପାଞ୍ଚ ସହସ୍ର ଲୋକ ଭୂମିରେ ବସିଲେ । ଏଥିରେ
ଯୀଶୁ ସେହି ରୋଟି ନେଇ ଈଶ୍ୱରର ସ୍ତବ କର ଶିଷ୍ୟମାନଙ୍କୁ ଦଅନ୍ତେ ସେ
୧୨ ମାନେ ବସିଲା ଲୋକମାନଙ୍କୁ ପରିବେଷଣ କଲେ । ତେମନ୍ତ ସେ ଯଥେଷ୍ଟ
ମାଛ ସେମାନଙ୍କୁ ଦେଲେ । ସେମାନେ ଖାଇ ସାରିଲେ ସେ ଶିଷ୍ୟମାନଙ୍କୁ
କହିଲେ ଅତିଠା ସମସ୍ତ ସାଙ୍ଗୁଡି ଏକଠା କର କିଛି ଅପଚୟ ଯେମନ୍ତ
୧୩ ନୁହଇ । ସମସ୍ତର ଭୋଜନର ଉତ୍ତରେ ସେମାନେ ପାଞ୍ଚ ଯବ ରୋଟିର ଯେ
୧୪ ଅତିଠା ବଳିଲା ତାହା ସାତିଡି ବାର ଛୋକାରେ ପୂର୍ଣ କଲେ । ତାହାଙ୍କର

ଏଉଥ ଆଶ୍ଚର୍ଯ୍ୟ କର୍ମ ଦେଖି ଲୋକମାନେ ବୋଲାବୋଲି କଲେ ଜଗତରେ
ଯାହାଙ୍କର ଆଗମନ ହୁଅନ୍ତି ଏ ଅବଶ୍ୟ ସେହି ଭବିଷ୍ୟଦ୍ୱକ୍ତା । ଏନିମନ୍ତେ ୧୫
ସେମାନେ ଆସି ତାହାଙ୍କୁ ବଳରେ ରାଜା କରିବାକୁ ଉଦ୍ୟତ ଯୀଶୁ ଏହା
ବୁଝି ଏକାକୀ ହୋଇ ପୁନର୍ବାର ପର୍ବତରେ ଗମନ କଲେ ।

ଏଥିଉତ୍ତାରୁ ସାୟଂକାଳ ହୁଅନ୍ତେ ଶିଷ୍ୟମାନେ ସମୁଦ୍ରର ତୀରରେ ଯାଇ ୧୬
ନୌକାରୋହଣ କରି କଫରନାହୁମର ଆଡେ ସମୁଦ୍ରରେ ବାହି ଚଳିଲେ ।
ଏଥିରେ ଅନ୍ଧକାର ଘୋଟିଲେ ମାତ୍ର ଯୀଶୁ ସେମାନଙ୍କଠାରେ ଆସି ନ ଥିଲେ ୧୭
ଆଉ ବଡ ବତାସ ବହିବାରୁଂ ସମୁଦ୍ରର ଲହତି ଉଠିଲା । ସେମାନେ ବାହି ୧୮
ଦୁଇ ତିନି କୋଶ ଗଲା ଉତ୍ତାରେ ଯୀଶୁକୁ ସମୁଦ୍ରର ଉପରେ ଗମନ କରୁଂ ୧୯
ନୌକାର କତିକି ଆସିବାକୁ ଦେଖି ବିସ୍ମୟ ହେଲେ । ଏଥିରେ ସେ ସେ ୨୦
ମାନଙ୍କୁ କହିଲେ ଏ ଅମ୍ଭେ ଭୟ ନ କର । ତେଣୁ ସେମାନେ ତାହାଙ୍କୁ ୨୧
ନୌକାରେ ସ୍ୱଚ୍ଛନ୍ଦରେ ଗ୍ରହଣ କରନ୍ତେ ସେହିକ୍ଷଣରେ ଉଦ୍ଦେଶ ସ୍ଥାନରେ
ନୌକା ଉପସ୍ଥିତ ହେଲା ।

ଆଗତ ଦିନେ ସେ ପାରସ୍ଥ ଲୋକ ଜାଣିବାକୁ ପାଇଲେ ଯେ ଯୀଶୁ ଶିଷ୍ୟ ୨୨
ମାନଙ୍କର ସଙ୍ଗେ ଯାଇ ନ ଥିଲେ କେବଳ ଶିଷ୍ୟମାନେ ଯାଇଥିଲେ ଆଉ
ଯେ ନାବରେ ଶିଷ୍ୟମାନେ ଯାଇଥିଲେ ତାହା ଛଡା ଆଉ କୌଣସି ନାବ
ସେଠାରେ ନାହିଁ (ତଥାପି ଯେ ସ୍ଥାନେ ପ୍ରଭୁ ସ୍ତବ କଲା ଉତ୍ତାରେ ସେମାନେ ୨୩
ରୋଟୀ ଖାଇଲେ ସେ ସ୍ଥାନର ନିକଟସ୍ଥ ତିବିରିୟାରୁ ଅନ୍ୟ ନାବ ଆସି ଥିଲେ)
ଏନିମନ୍ତେ ଯୀଶୁ ଅବା ତାହାଙ୍କର ଶିଷ୍ୟମାନେ ସେଠାରେ ନାହାନ୍ତି ଲୋକ ୨୪
ମାନେ ଏହା ଜାଣି ସେମାନେ ନୌକା ଯୋଗରେ ଯୀଶୁର ଅନ୍ୱେଷଣରେ
କଫରନାହୁମକୁ ଗଲେ । ଏଣୁ ସେମାନେ ସମୁଦ୍ରର ସେପାରିରେ ତାହାଙ୍କର ୨୫
ଦେଖା ପାଇ କହିଲେ ହେ ଗୁରୁ ଆପଣ ଏଠାରେ କେତେବେଳେ ଅଇଲ ।
ଯୀଶୁ ଉତ୍ତର କଲେ ସତ୍ୟ୨ ଅମ୍ଭେ ବୋଲି ଆଶ୍ଚର୍ଯ୍ୟ କର୍ମ ଦେଖି ୨୬
ବାରୁଂ ନୋହେ ପୁଣି ରୋଟୀ ଖାଇ ତୃପ୍ତ ହେବାରୁଂ ତୁମ୍ଭେମାନେ ଆମ୍ଭକୁ
ଅନ୍ୱେଷଣ କରୁଅଛ । କ୍ଷଣ୍ଠ ଭକ୍ଷ୍ୟର ନିମନ୍ତେ ଶ୍ରମ ନ କର ପୁଣି ଅନନ୍ତ ପର ୨୭
ମାୟୁଦାୟି ଭକ୍ଷ୍ୟର ନିମନ୍ତେ ଶ୍ରମ କର ଆଉ ସେହି ଭକ୍ଷ୍ୟ ମନୁଷ୍ୟ ପୁତ୍ର ତୁମ୍ଭ
ମାନଙ୍କୁ ଦେବେ ଯେହେତୁ ପିତା ଈଶ୍ୱର ତାହାଙ୍କୁ ନିର୍ଦ୍ଦିଷ୍ଟ କରିଛନ୍ତି । ତେ ୨୮
ବେ ସେମାନେ ପଚାରିଲେ ଈଶ୍ୱରଙ୍କର କର୍ମ କରିବାକୁ ଆମ୍ଭମାନଙ୍କର କି
କରିବା କର୍ତ୍ତବ୍ୟ । ଯୀଶୁ ଉତ୍ତର କଲେ ଈଶ୍ୱର ଯାହାଙ୍କୁ ପଠାଇଅଛନ୍ତି ୨୯
ତାହାଙ୍କଠାରେ ବିଶ୍ୱାସ କରିବା ଏହି ଈଶ୍ୱରଙ୍କର କର୍ମ । ସେମାନେ କହି ୩୦
ଲେ ତୁମ୍ଭେ ଏମନ୍ତ କି ଲକ୍ଷଣ ଦେଖାଉଅଛ ଯେ ତାହା ଦେଖି ତୁମ୍ଭଠାରେ

୩୧ ବିଶ୍ୱାସ କରିବା ତୁମ୍ଭେ କି କର୍ମ କରିଅଛ । ଆମ୍ଭମାନଙ୍କର ପିତୃ ଲୋକେ
ଅରଣ୍ୟରେ ମାନ୍ନା ଖାଇବାକୁ ପାଇ ଥିଲେ ଯେମନ୍ତ ଲେଖା ଅଛି ସେ ସେ
୩୨ ମାନଙ୍କୁ ଭୋଜନାର୍ଥେ ସ୍ୱର୍ଗୀୟ ଆହାର ଦେଲେ । ଯୀଶୁ କହିଲେ ସତ୍ୟ୍ୟ
ଆମ୍ଭେ କହି ମୋଶା ତୁମ୍ଭମାନଙ୍କୁ ସେ ସ୍ୱର୍ଗର ଆହାର ଦେଲା ନାହିଁ ପୁଣି
୩୩ ଆମ୍ଭର ପିତା ତୁମ୍ଭମାନଙ୍କୁ ସ୍ୱର୍ଗର ପ୍ରକୃତ ଆହାର ଦେଇଅଛନ୍ତି । ଯେହେତୁ
ଯେ ସ୍ୱର୍ଗରୁ ଓହ୍ଲାଇ ଜଗତକୁ ପରମାୟୁ ଦାନ କରନ୍ତି ସେ ଈଶ୍ୱରର ଦତ୍ତ
୩୪ ଆହାର । ତେଣୁ ସେମାନେ କହିଲେ ହେ ପ୍ରଭୁ ଏହି ଆହାର ଆମ୍ଭମାନଙ୍କୁ
୩୫ ନିତ୍ୟ୍ୟ ଦେଉନ୍ତୁ । ଯୀଶୁ କହିଲେ ଆମ୍ଭେଇ ପରମାୟୁର ଆହାର ଯେଉଁ
ଜନ ଆମ୍ଭର ନିକଟରେ ଅସଇ ସେ କେବେ କ୍ଷୁଧାର୍ତ୍ତ ନ ହେବ ଅଉ ଯେଉଁ
୩୬ ଜନ ଆମ୍ଭରେ ପ୍ରତ୍ୟୟ କରଇ ସେ କେବେହେଁ ତୃଷାର୍ଥ ନ ହେବ । ତୁମ୍ଭେ
ମାନେ ଆମ୍ଭକୁ ଦେଖିଅଛ ତଥାପି ବିଶ୍ୱାସ ନ କର ଏହା ତୁମ୍ଭମାନଙ୍କୁ ଆମ୍ଭେ
୩୭ କହିଲୁଁ । ପିତା ଆମ୍ଭକୁ ଯେତେ ଲୋକ ଦେଇ ଅଛନ୍ତି ସେ ସମସ୍ତେଇ ଆମ୍ଭର
କତିକୁ ଆସିବେ ପୁଣି ଯେ କେହି ଆମ୍ଭର କତିକୁ ଅସଇ ତାହାକୁ ଆମ୍ଭେ
୩୮ କୌଣସି ମତେ ଦୂର ନ କରିବା । ଯେହେତୁ ଆମ୍ଭେ ନିଜ ଇଚ୍ଛା ପୂର୍ଣ କରିବାର
ନିମନ୍ତେ ନୋହି ପୁଣି ଆମ୍ଭକୁ ଯେ ପଠାଇଲେ ତାହାଙ୍କର ଅଭିମତ
୩୯ ସିଦ୍ଧ କରିବାକୁ ସ୍ୱର୍ଗରୁ ଅଇଲୁଁ । ସେ ଯେଉଁ ସମସ୍ତ ଆମ୍ଭକୁ ଦେଇଅଛନ୍ତି
ତହିଁ ମଧ୍ୟରେ କାହାକୁ ନ ହଜାଇ ପୁଣି ଶେଷ ଦିନରେ ସମସ୍ତକୁଁ ଉଠାଇବା
୪୦ ଆମ୍ଭର ପ୍ରେରଣ କର୍ତ୍ତା ପିତାର ଇଷ୍ଟ ଏହି । ଅଉ ଯେ କେହି ପୁତ୍ରକୁ ଦେଖି
ବିଶ୍ୱାସ କରଇ ସେ ଅନନ୍ତ ପରମାୟୁ ପାୟେ ପୁଣି ଶେଷ ଦିନରେ ଆମ୍ଭେ
ତାହାକୁ ଉଠାଇବା ଏହି ଆମ୍ଭର ପ୍ରେରଣ କର୍ତ୍ତାର ଇଚ୍ଛା ।
୪୧ ତେଣୁ ସ୍ୱର୍ଗରୁ ଯେଉଁ ଆହାର ଓହ୍ଲାଇଅଛି ଆମ୍ଭେଇ ସେହି ଆହାର
ଯିହୁଦୀ ଲୋକମାନେ ଏହି କଥା ସକାଶୁଁ ତାହାଙ୍କର ବିଷୟରେ ବିବାଦ
୪୨ କରି ବୋଇଲେ ଯାହାର ମାତା ପିତାକୁ ଜାଣି ଏମନ୍ତ ଯୁଷଫର ପୁତ୍ର ଯୀଶୁ
ଏହି କି ସେ ଜନ ନୋହେ ତେଣୁ ସ୍ୱର୍ଗରୁ ଓହ୍ଲାଇ ଆସିଅଛୁଁ ଏକଥା କେ
୪୩ ମନ୍ତ କରି ବୋଲୁଅଛି । ଏଥିରେ ଯୀଶୁ ସେମାନଙ୍କୁ ଉତ୍ତର କଲେ ଏକକୁ
୪୪ ଆରେକ ବିବାଦ ନ କର ଆମ୍ଭକୁ ଯେ ପଠାଇଲେ ଏମନ୍ତ ଆମ୍ଭର ପିତା ସେ
ନ ଟାଣିଲେ କୌଣସି କେହି ଆମ୍ଭର କତିରେ ଆସିବାକୁ ନ ପାରଇ ପୁଣି
୪୫ ସେ ଜନକୁ ଆମ୍ଭେ ଶେଷ ଦିନରେ ଉଠାଇବା । ସେମାନେ ସମସ୍ତେ ଈଶ
ମେଶ୍ୱରଠାରୁ ଶିକ୍ଷା ପାଇବେ ଭବିଷ୍ୟତ୍ରବକ୍ତାଗଣର ଏମନ୍ତ ଲେଖା ଅଛି ।
ଏନିମନ୍ତେ ଯେ କେହି ପିତାଠାରେ ଶ୍ରବଣ କରି ଶିକ୍ଷା ପାୟେ ସେହି ଆମ୍ଭର
୪୬ କତିକୁ ଆସିବ । କୌଣସି ମନୁଷ୍ୟ ପିତାକୁ ଦେଖିଅଛି ଏମନ୍ତ ନୋହେ

ଯେ ଈଶ୍ୱରଠାରୁ ହୋଇ ଅଛନ୍ତି ସେହି ମାତ୍ର ପିତାକୁ ଦେଖି ଅଛନ୍ତି ।
ସତ୍ୟୀ ଅମ୍ଭେ କହି ଯେଙ୍କୁଜନ ଅମ୍ଭରେ ବିଶ୍ୱାସ କରଇ ସେ ଅନନ୍ତ ପର ୪୭
ମାୟୁ ପାୟେ । ଅମ୍ଭେଇ ସେହି ପରମାୟୁର ଆହାର । ତୁମ୍ଭମାନଙ୍କର ପିତୃ ୪୮
ଲୋକମାନେ ଅରଣ୍ୟରେ ମାନ୍ନା ଭକ୍ଷଣ କରି ମରିଅଛନ୍ତି ପୁଣି ଯେଙ୍କୁ ଆହାର ୪୯
ସ୍ୱର୍ଗରୁ ଅସିଅଛି ଏହା ଯେବେ କେହି ଖାୟେ ତେବେ ସେ ନ ମରିବ ଯାହା
ସ୍ୱର୍ଗରୁ ଅସିଅଛି ଅମ୍ଭେଇ ସେହି ପରମାୟୁର ଆହାର । ଏହି ଆହାର ଯେଉଂ ୫୦
ଜନ ଖାୟେ ସେ ଚିରଜୀବୀ ହେବ । ପୁଣି ଯେଙ୍କୁ ଆହାର ଅମ୍ଭେ ଜଗତର ୫୧
ପରମାୟୁର ନିମନ୍ତେ ଦେବା ତାହାଇ ଅମ୍ଭର ମାଂସ ।

ଏଥିରେ ଯିହୁଦୀୟମାନେ ପରସ୍ପର ବାଦାନୁବାଦ କରି କହିଲେ ଏ ଜନ ୫୨
ଭୋଜନର ନିମନ୍ତେ ଅପଣାର ମାଂସ ଅମ୍ଭମାନଙ୍କୁ କେମନ୍ତ କରି ଦେବ ।
ଯୀଶୁ ଉତ୍ତର କଲେ ସତ୍ୟ ସତ୍ୟ ଅମ୍ଭେ କହି ମନୁଷ୍ୟ ପୁତ୍ରର ମାଂସ ନ ୫୩
ଖାଇଲେ ପୁଣି ତାହାର ରକ୍ତ ପାନ ନ କଲେ ତୁମ୍ଭମାନଙ୍କଠାରେ ପରମାୟୁର
ଲେଶ ନାହିଁ । ଯେଙ୍କୁଜନ ଅମ୍ଭର ମାଂସ ଭୋଜନ କରଇ ଓ ଅମ୍ଭର ୫୪
ରକ୍ତ ପାନ କରଇ ସେ ଅନନ୍ତ ପରମାୟୁ ପାଇବ ପୁଣି ଶେଷ ଦିନରେ ଅମ୍ଭେ
ତାହାକୁ ଉଠାଇବା । ଯେହେତୁ ଅମ୍ଭର ମାଂସ ଯଥାର୍ଥ ଖାଦ୍ୟ ପୁଣି ଅମ୍ଭର ୫୫
ରକ୍ତ ଯଥାର୍ଥ ପାଣି । ଯେଙ୍କୁଜନ ଅମ୍ଭର ମାଂସ ଭୋଜନ କରଇ ଓ ଅମ୍ଭର ୫୬
ରକ୍ତ ପାନ କରଇ ସେ ଅମ୍ଭରେ ବାସ କରନ୍ତି ପୁଣି ଅମ୍ଭେଇ ତାହାର
ଠାରେ ବାସ କରି । ଅମ୍ଭର ପ୍ରେରଣ କର୍ତ୍ତା ଜୀବତୁ ପିତାରେ ଯେମନ୍ତ ଅମ୍ଭେ ୫୭
ଜୀବତୁ ଥାଇ ସେଉପେ ଯେ କେହି ଅମ୍ଭକୁ ଭୋଜନ କରଇ ସେହି ଅମ୍ଭ
ଦ୍ୱାରା ଜୀବତୁ ଥିବ । ସ୍ୱର୍ଗରୁ ଯେ ଆହାର ଅସି ଅଛି ସେ ଏହି । ଯେଉଂ ମାନ୍ନା ୫୮
ଖାଇ ତୁମ୍ଭମାନଙ୍କର ପିତୃ ଲୋକମାନେ ମରିଅଛନ୍ତି ତାହାର ସାଦୃଶ ଏହି
ଆହାର ନୋହେ ଏହି ଆହାର ଯେ କେହି ଭୋଜନ କରଇ ସେ ଚିରଜୀବୀ
ହେବ । ଯେ ସମୟରେ ସେ କଫରନାହୁମ ଭଜନାଳୟରେ ଉପଦେଶ ଦେଉ ୫୯
ଥିଲେ ସେ ସମୟରେ ଏହି ସମସ୍ତ କଥା କହିଲେ ।

ଏହିଉପେ ଶୁଣି ତାହାଙ୍କର ଶିଷ୍ୟମାନଙ୍କର ମଧ୍ୟରେ ଅନେକ ଏକକୁ ୬୦
ଆରେକ କହିଲେ ଏହି ବଡ କଠିଣ କଥା ଏମନ୍ତ କଥା କେ ଶୁଣିବାକୁ ପା
ରଇ । ପୁଣି ଶିଷ୍ୟମାନଙ୍କର ଏଉପେ ବିବାଦ ସେ ଅପଣା ମନରେ ଜ୍ଞାତସାର ୬୧
ହୋଇ କହିଲେ ତୁମ୍ଭେମାନେ କି ଏହି କଥାରେ ବିରକ୍ତ ହେଲ । ଯେବେ ୬୨
ମନୁଷ୍ୟ ପୁତ୍ରକୁ ପୂର୍ବ ବାସ ସ୍ଥାନରେ ଊର୍ଦ୍ଧ୍ୱଗମନ କରିବାକୁ ଦେଖିବ ତେବେ
କି ହେବ । ଅତ୍ମଇ ଜୀବନଦାୟକ ଅଟଇ ଶରୀର ନିଷ୍ଫଳ । ଅମ୍ଭେ ତୁମ୍ଭମାନଙ୍କୁ ୬୩
ଯେ କଥା କହି ସେ ଅତ୍ମ ଓ ଜୀବନସ୍ୱଉପ । ପୁଣି ତୁମ୍ଭମାନଙ୍କର ମଧ୍ୟରେ

୭୪ ଅବିଶ୍ୱାସି ଥୋକାୟେ ଲୋକ ଅଛି । କେ୍ୟ ବିଶ୍ୱାସ ନ କରନ୍ତି ଅବା କେ
୭୫ ତାହାଙ୍କୁ ପରହସ୍ତଗତ କରିବ ତାହା ଯୀଶୁ ପ୍ରଥମରୁ ଜ୍ଞାତ ଅଛନ୍ତି । ଆହୁରି
ସେ କହିଲେ ଏନିମନ୍ତେ ତୁମ୍ଭମାନଙ୍କୁ କହିଲୁଁ ମନୁଷ୍ୟକୁ ପିତୃଦତ୍ତ ନୋହି
ଲେ କେହି ଆମ୍ଭର ନିକଟରେ ଆସିବାକୁ ନ ପାରନ୍ତି ।
୬୬ ସେ ସମୟରୁ ଅନେକ୍ୟ ଶିଷ୍ୟ ଫେରି ଯାଇ ତାହାଙ୍କର ସଙ୍ଗେ ଆଉ ଗମନ
୬୭ ନ କଲେ । ଏନିମନ୍ତେ ଯୀଶୁ ଦ୍ୱାଦଶ ଶିଷ୍ୟମାନଙ୍କୁ କହିଲେ ତୁମ୍ଭେମାନେହିଂ
୬୮ କି ଯିବ । ଏଥିରେ ଶିମୋନ ପିତର ଉତ୍ତର କଲେ ହେ ପ୍ରଭୁ କାହାଠାକୁ
୬୯ ଯିବା ଅନନ୍ତ ପରମାୟୁର ଯେ କଥା ସେ ତୁମ୍ଭର । ଆଉ ତୁମ୍ଭେ ଯେ ଅ
୭୦ ମର ଈଶ୍ୱରର ଆତ୍ମଜ ଖ୍ରୀଷ୍ଟ ଏହା ବିଶ୍ୱାସ କରି ନିଶ୍ଚୟ ଜାଣି । ଯୀଶୁ କହି
ଲେ ଆମ୍ଭେ କି ତୁମ୍ଭମାନଙ୍କର ଦ୍ୱାଦଶ ଜଣକୁଂ ମନୋନୀତ କରି ନାହୁଁ ପୁଣି
୭୧ ତୁମ୍ଭମାନଙ୍କର ମଧ୍ୟରେଇ ଏକ ଜଣ ବିଘ୍ନକାରୀ ଅଛି । ଏହି କଥା ସେ ଶି
ମୋନର ପୁତ୍ର ଇସ୍କାରିୟୋତୀୟ ଯିହୁଦାର ବିଷୟରେ କହିଲେ । ଯେହେତୁ
ଦ୍ୱାଦଶ ମଧ୍ୟରେ ଗଣିତ ସେହି ଜନ ତାହାଙ୍କୁ ପରହସ୍ତଗତ କରିବ ।

## ୭ ପର୍ବ ।

୧ ଏଥୁଅନନ୍ତରେ ଯିହୁଦୀୟ ଲୋକ ଯୀଶୁକୁ ବଧ କରିବାକୁ ଚେଷ୍ଟା କରି
ବାରୁଂ ସେ ଯିହୁଦା ଦେଶରେ ଭ୍ରମଣ କରିବାକୁ ନ ମଙ୍ଗି ଗାଲିଲୀ ଦେ
୨ ଶରେ ଭ୍ରମଣ କଲେ । ସେହି ସମୟରେ ଯିହୁଦୀମାନଙ୍କର ତମ୍ବୁବାସ ପର୍ବ
ନିକଟ ହେଲା ଏଣୁ ତାହାଙ୍କର ଭ୍ରାତୃଗଣ ତାହାଙ୍କୁ କହିଲେ ତୁମ୍ଭର ଶିଷ୍ୟମା
୩ ନେ ଏହି ସମସ୍ତ କ୍ରିୟା ଯେମନ୍ତ ଦେଖିବେ ଏଥିପାଇଁ ଏଠାରୁ ଯିହୁଦା ଦେ
୪ ଶକୁ ଯାଅ । ଯେହେତୁ ଯେ କୌଣସି ଜନ ସୁଖ୍ୟାତି ପାଇବାକୁ ଇଚ୍ଛା କ
୫ ରଇ ସେ କେତେବେଳେ ଗୋପନରେ କର୍ମ ନ କରନ୍ତି । ଯେବେ ଏମନ୍ତ
କର୍ମ କର ତେବେ ସଂସାରରେ ଆପଣାକୁ ପ୍ରକାଶ କର । କାରଣ ତାହାର
୬ ଭ୍ରାତାମାନେହିଂ ତାହାଙ୍କୁ ବିଶ୍ୱାସ ନ କରନ୍ତେ । ଯୀଶୁ ଉତ୍ତର କଲେ
ଆମ୍ଭର ଯଥାସମୟ ଏବେ ଆସି ନାହିଁ ପୁଣି ତୁମ୍ଭମାନଙ୍କର ଯଥାସମୟ ସଦା
୭ ଅଛି । ସଂସାର ତୁମ୍ଭମାନଙ୍କୁ ଘୃଣା କରିବାକୁ ନ ପାରନ୍ତି ପୁଣି ଆମ୍ଭକୁଇ
ଘୃଣା କରନ୍ତି ଯେହେତୁ ତାହାର କର୍ମ ଯେ ମନ୍ଦ ଏହା ଆମ୍ଭେ ସାକ୍ଷ୍ୟ ଦେଇ ।
୮ ତୁମ୍ଭେମାନେ ଏହି ପର୍ବରେ ଯାଅ ଆମ୍ଭେ ଏବେ ନ ଯିବା ଯେହେତୁ
୯ ଆମ୍ଭର ଯଥାସମୟ ଆସି ନାହିଁ । ଏକଥା ବୋଲି ସେ ଗାଲିଲୀରେ ରହିଲେ ।
୧୦ ପୁଣି ତାହାଙ୍କର ଭ୍ରାତୃଗଣ ସେଠାରେ ଯାତ୍ରା କଲା ଉତ୍ତାରେ ସେ ଅପ୍ରକାଶ
୧୧ ହୋଇ ଗୋପନ ଭାବରେ ପର୍ବକୁ ଗଲେ । ପର୍ବଠାରେ ଯିହୁଦୀୟମାନେ

ତାହାଙ୍କର ଅନ୍ୱେଷଣ କର ପଉରଲେ ସେ କେଡ଼ୁଠାରେ । ତହିଁରେ ଲୋକ ୧୧
ମାନଙ୍କର ମଧ୍ୟରେ ତାହାଙ୍କ ବଷଯ଼ରେ ବହୁତ ବାଦାନୁବାଦ ହୋଇଲା ।
କେହୀ କହିଲେ ସେ ଉତ୍ତମ ଲୋକ କେହୀ ନାହିଁ କର କହିଲେ ସେ ଲୋ
କଙ୍କର ଭ୍ରାନ୍ତି ଜନ୍ମାଉ ଅଛ । ପୁଣି ଯିହୁଦୀମାନଙ୍କର ଭୟ଼ର କେହ ତାହାଙ୍କର ୧୩
ପକ୍ଷରେ ସାହସେ ନ କହିଲେ ।

ଅନନ୍ତରେ ପବ୍ବର ମଧ୍ୟ ସମଯ଼ରେ ଯୀଶୁ ମନ୍ଦିରରେ ଯାଇ ଉପଦେଶ ୧୪
ଦେଉ ଥିଲେ । ତେଣୁ ଯିହୁଦୀଯ଼ ଲୋକମାନେ ଆଶ୍ଚର୍ଯ୍ୟ ଜ୍ଞାନ କର କହିଲେ ୧୫
ଏ ମନୁଷ୍ୟ ବଦ୍ୟା ନ ଶିକ୍ଷି କ ପ୍ରକାରେ ଏମନ୍ତ ପଣ୍ଡିତ ହେଲା । ଯୀଶୁ ଉ ୧୬
ତ୍ତର କଲେ ଏହ ଉପଦେଶ ଆମ୍ଭର ନଜର ନୋହେ ପୁଣି ଯେ ଆମ୍ଭକୁ ପଠା
ଇଅଛନ୍ତି ତାହାଙ୍କର । ଯେବେ କେହ ତାହାଙ୍କର ଆଜ୍ଞା ପାଳଣ କରବାକୁ ୧୭
ମଙ୍ଗଇ ତେବେ ଏହ ଉପଦେଶ ଆମ୍ଭଠାର କ ଈଶ୍ୱରଠାର ହୁଅଇ ସେ
ତାହା ଜାଣିବ । ଯେଉଁଜନ ନଜ ବଷଯ଼ କହଇ ସେ ଅପଶାର ଆଦର ୧୮
ଚେଷ୍ଟା କରଇ ପୁଣି ଯେ ପ୍ରେରଣ କର୍ତ୍ତାର ଆଦର ଚେଷ୍ଟା କରଇ ସେ ସତ୍ୟ
ବାଦୀ ପୁଣି ତାହାଙ୍କଠାରେ କୌଣସି ଅଧର୍ମ ନୋହେ । ମୋଶା ତୁମ୍ଭମାନଙ୍କୁ ୧୯
ବ୍ୟବସ୍ଥା ଗ୍ରନ୍ଥ କ ଦେଇ ନାହାନ୍ତି ପୁଣି ତୁମ୍ଭମାନଙ୍କର କେହ ସେ ବ୍ୟବସ୍ଥା
ପାଳଣ ନ କରନ୍ତି । ଆମ୍ଭକୁ ବଧ କରବାକୁ କଯଁ ଚେଷ୍ଟା କର । ଏଥିରେ ୨୦
ଲୋକମାନେ କହିଲେ ତୁମ୍ଭେ ଭୂତଗ୍ରସ୍ତ ତୁମ୍ଭକୁ ବଧ କରବାକୁ କେ ଚେଷ୍ଟା
କରନ୍ତି । ଯୀଶୁ କହିଲେ ଆମ୍ଭେ ଏକ କର୍ମ କଲୁଁ ତହିଁରେ ତୁମ୍ଭେମାନେ ସମ ୨୧
ସ୍ତେ ଆଶ୍ଚର୍ଯ୍ୟ ବୋଧ କରଅଛ । ମୋଶା ତୁମ୍ଭମାନଙ୍କୁ ସୁନ୍ନତ ଦଇ ୨୨
ଇଅଛି ତାହା କଛ ମୋଶାଠାର ହୋଇଅଛି ଏମନ୍ତ ନୋହେ ପୁଣି ପିତୃ
ପୁରୁଷଠାର ହୋଇଅଛି ତେଣୁ ବଶ୍ରାମବାରରେ ମନୁଷ୍ୟର ସୁନ୍ନତ କରଅଛ ।
ଏନମନ୍ତେ ମୋଶାର ବ୍ୟବସ୍ଥାର ଲଙ୍ଘନ ଯେମନ୍ତ ନ ହଉ ଯେବେ ବଶ୍ରାମ ୨୩
ବାରରେଇ ମନୁଷ୍ୟର ସୁନ୍ନତ କର ଥାଅ ତେବେ ବଶ୍ରାମବାରରେ ଏକ ମନୁ
ଷ୍ୟକୁ ସଂପୂର୍ଣ୍ଣରୂପରେ ସୁସ୍ଥ କରବାରୁ ଆମ୍ଭର ପ୍ରତ କଯଁ କ୍ରୋଧ କରଅଛ । ୨୪
ପକ୍ଷପାତରେ ବଚ୍ଚର ନ କର ଯଥାର୍ଥ ବଚ୍ଚର କର ।

ଏଥିରେ ଯିରୂଶାଲମର କେତାସି ଥୋକାଏ କହଲେ ଯାହାକୁ ଏମାନେ ୨୫
ବଧ କରବାକୁ ଚେଷ୍ଟା କରନ୍ତି ଏହ ଜନ କ ସେ ନୋହେ ପୁଣି ଦେଖ ସେ
ନର୍ଭଯ଼ କଥା କହିଲେହେଁ ଏମାନେ କଛ ନ ବୋଲନ୍ତି । ଏ ମଣୀହ ଅଟନ୍ତି ୨୬
କର୍ତ୍ତାମାନେ କ ଏମନ୍ତ ନଶ୍ଚଯ଼ ଜାଣନ୍ତି । ଏ ମନୁଷ୍ୟ କେଡ଼ୁଠାର ଅଇଲ ୨୭
ତାହା ଆମ୍ଭେମାନେ ଜାଣି ପୁଣି ମଣୀହ ଅଇଲେ ସେ କେଡ଼ୁଠାର ଅସନ୍ତା
ତାହା କେହ ନ ଜାଣିବେ । ତେବେ ଯୀଶୁ ମନ୍ଦିରର ମଧ୍ୟରେ ଉପଦେଶ ୨୮

ଦେଉଁ ଉଚ୍ଚସ୍ୱରରେ କୋଇଲେ ଅମ୍ଭେ କେ ପୁଣି କେଉଁଠାର ଅଇଲୁଁ
ତୁମ୍ଭେମାନେ କ ଏହା ନଶ୍ଚୟ ଜାଣ । ଆମ୍ଭେ ଆପଣାର ଅହି ନାହୁଁ ପୁଣି ଯେ
୧୯ ସତ୍ୟବାଦୀ ସେ ଆମ୍ଭକୁ ପଠାଇଲେ । ତାହାଙ୍କୁ ତୁମ୍ଭେମାନେ ନ ଜାଣ ଆମ୍ଭେ
ତାହାଙ୍କୁ ଜାଣି ଯେହେତୁ ଆମ୍ଭେ ତାହାଙ୍କର ନକଟର ପ୍ରେରିତ ହୋଇ ଆସି
୨୦ ଅଛୁଁ । ଏଥିରେ ଯିହୁଦୀୟମାନେ ତାହାକୁ ଧରିବାକୁ ଉଦ୍ୟତ ହେଲେହେଁ
କୌଣସି କେହ ତାହାଙ୍କର ଉପରେ ହାତ ନ ଦେଲେ ଯେହେତୁ ତେ
୨୧ ବେଳେ ତାହାଙ୍କର ସମୟ ଉପସ୍ଥିତ ହୋଇ ନାହିଁ । ମାଏ ଅନେକ ଲୋକ
ତାହାଙ୍କର ପ୍ରତି ବିଶ୍ୱାସ କରି କହିଲେ ମଶୀହ ଆସନ୍ତେ କ ଏହି ମନୁଷ୍ୟର
୩୧ କ୍ରିୟାରୁ ଅଧିକ ଆଶ୍ଚର୍ଯ୍ୟ କର୍ମ କରିବେ । ଲୋକମାନେ ଏହାଙ୍କର ବିଷୟରେ
ଏମନ୍ତ କଥା କହୁଅଛନ୍ତି ଫାରୂଶୀବର୍ଗ ଏହା ଶୁଣନ୍ତେ ସେମାନେ ଓ ପ୍ରଧାନ
ଯାଜକମାନେ ତାହାକୁ ଧରି ଆଣିବାର ନମନ୍ତେ ପଦାତିକଗଣକୁ ପଠା
୩୩ ଇଲେ । ତହିଁରେ ଯୀଶୁ କହିଲେ ଅମ୍ଭେ ଆଉ ଅଳ୍প ଦନ ତୁମ୍ଭମାନଙ୍କର
୩୪ ସଙ୍ଗରେ ରହି ପ୍ରେରଣ କର୍ତ୍ତାଙ୍କ ନକଟକୁ ଯିବା । ଆମ୍ଭର ଅନ୍ୱେଷଣ କରିବ ପୁଣି
ଉଦ୍ଦେଶ ନ ପାଇବ ଆଉ ଯେଉଁଠାରେ ଥିବା ସେ ସ୍ଥାନକୁ ତୁମ୍ଭେମାନେ
୩୫ ଯାଇ ନ ପାରିବ । ଏଥିରେ ଯିହୁଦୀୟମାନେ ପରସ୍ପର କୋଇଲେ ଏହାର
ଉଦ୍ଦେଶ ଯେ ପାଇବାକୁ ନ ପାରିବା ଏମନ୍ତ କେଉଁ ସ୍ଥାନକୁ ଯିବ । ଏ କ
ଅନ୍ୟ ଦେଶରେ ଛନ୍ନଭିନ୍ନ ଯିହୁଦୀୟମାନଙ୍କର ନକଟରେ ଯାଇ ସେମାନଙ୍କୁ
୩୬ ଉପଦେଶ ଦେବ । ନୋହିଲେ ଆମ୍ଭର ଅନ୍ୱେଷଣ କରିବ ପୁଣି ଉଦ୍ଦେଶ ନ
ପାଇବ ଆଉ ଆମ୍ଭେ ଯେଉଁଠାରେ ଥିବା ସେଠାରେ ତୁମ୍ଭେମାନେ ଯିବାକୁ
ନ ପାରିବ ଏ କେମନ୍ତ କଥା କହୁଛ ।
୩୭ ଏଉତ୍ତର ପର୍ବର ଶେଷ ଦନରେ ଅର୍ଥାତ୍ ପ୍ରଧାନ ଦବସରେ ଯୀଶୁ ଠିଆ
ହୋଇ ଉଚ୍ଚସ୍ୱରରେ ଡାକ କହିଲେ କେହ ଯେବେ ତୃଷାର୍ତ୍ତ ହୁଅଇ ତେବେ
୩୮ ଆମ୍ଭଠାରେ ଆସି ପାନ କରୁ । ଯେ କେହ ଆମ୍ଭରେ ବିଶ୍ୱାସ କରିଅ ଧର୍ମଗ୍ରନ୍ଥର
୩୯ ଉକ୍ତ ପ୍ରମାଣେ ତାହାର ଅନ୍ତରରୁ ଅମୃତ ଜଲର ନଦୀ ବହି ଆସିବ । ତା
ହାଙ୍କଠାରେ ବିଶ୍ୱାସକାରମାନେ ଯେଉଁ ଆତ୍ମା ପାଇବେ ଏହି ବିଷୟରେ
ସେ ଏକଥା କହିଲେ । ଏହି କାଳ ପର୍ଯ୍ୟନ୍ତ ଯୀଶୁ ଗୌରବ ପ୍ରାପ୍ତ ନ ହେ
୪୦ ବାରୁ ଧର୍ମଅତ୍ମା ଦତ୍ତ ନୋହିଲା । ଏକଥା ଶୁଣି ଅନେକ ଲୋକ କହିଲେ
୪୧ ଏହି ନଶ୍ଚିତ ସେହି ଭବିଷ୍ୟଦ୍ବକ୍ତା । ଆଉ କେହ କୋଇଲେ ଏହି ମଶୀହ
୪୨ ଅଟନ୍ତି । ପୁଣି ଆଉ କେ ଲୋକ କହିଲେ ମଶୀହ କ ଗାଲିଲୀଦେଶରେ ଜନ୍ମିବେ
ମଶୀହ ଦାଉଦର ବଂଶରେ ଓ ଦାଉଦର ଜନ୍ମସ୍ଥାନ ବେଥଲିହମ ନଗରରେ
୪୩ ଜନ୍ମିବେ ଧର୍ମଗ୍ରନ୍ଥରେ କ ଏମନ୍ତ ଲେଖା ନାହିଁ । ଏହି ପ୍ରକାରେ ତାହାଙ୍କ

ବଷୟରେ ଲୋକମାନଙ୍କର ଭିନ୍ନ ବାକ୍ୟ ହେଲା । ଆଉ କେହୀ ଲୋକ ତା ୪୪
ହାକୁଂ ଧରବାକୁ ଇଚ୍ଛୁକ ଥିଲେ ପୁଣି କେହ ତାହାଙ୍କ ଉପରେ ହାତ ନ
ଦେଲେ । ଏଥିରେ ପଦାତ୍ତିଗଣ ପ୍ରଧାନ ଯାଜକମାନଙ୍କର ଓ ଫାରୂଶୀମାନ ୪୫
ଙ୍କର ନକଟରେ ଫେର ଆସନ୍ତେ ସେମାନେ ପଚାରିଲେ କନମନ୍ତେ ତାହାକୁ
ନ ଆଣିଲ । ପଦାତ୍ତିମାନେ କହିଲେ ସେ ମନୁଷ୍ୟର ସାଦୃଶ୍ୟ ଆଉ କେହ ୪୬
କେବେହେଁ କହି ନାହାନ୍ତି । ତହିଁରେ ଫାରୂଶୀମାନେ କହିଲେ ତୁମ୍ଭେମା ୪୭
ନେହଁ କ ଭ୍ରାନ୍ତ ହେଲ କୌଣସି କର୍ତ୍ତା କଅବା କୌଣସି ଫାରୂଶୀ କ ତା ୪୮
ହାର ଉପରେ ବଶ୍ୱାସ କଲେ ମାତ୍ର ଏହ ଶାସ୍ତ୍ର ଅବୋଧ ଲୋକ ସମ ୪୯
ସ୍ତେ ଶାପଗ୍ରସ୍ତ । ଏଥିରେ ନକଦୀମ ସେମାନଙ୍କର ଯେଉଁଜଣ ରାତି କାଲରେ ୫୦
ଯୀଶୁର କତକ ଯାଇଥିଲା ସେ ସେମାନଙ୍କୁଂ କହିଲା ତାହାର କଥା ନ ୫୧
ଶୁଣିଲେ ପୁଣି କ୍ରିୟା ନ ଜାଣିଲେ ଅମ୍ଭମାନଙ୍କର ବ୍ୟବସ୍ଥାରେ କ କାହାର
ଦୋଷ ନଣ୍ଡପ୍ ହୋଇ ପାରଇ । ତହିଁରେ ସେମାନେ କହିଲେ ତୁମ୍ଭେ କ ୫୨
ଗାଲ୍ଲିଲୀୟ ଲୋକ ବବେଚନା କର ଦେଖ ଗାଲ୍ଲିଲୀର କୌଣସି ଭବଷ୍ୟଦ୍ବ
କ୍ତାର ଉତ୍ପତ୍ତି ହୋଇ ନାହଁ । ଏଥିରେ ସମସ୍ତେଇ ଆପଣା ଆପଣା ଗୃହକୁ ୫୩
ଗଲେ ପୁଣି ଯୀଶୁ ଜୈତୁନ ପବତରେ ଗମନ କଲେ ।

୮ ପତ୍ର ।

ପରଦନର ପ୍ରତ୍ୟୁଷ କାଲରେ ଯୀଶୁ ପୁନବାର ମନ୍ଦିରକୁ ଅଇଲେ । ତହିଁ ୧
ରେ ସମସ୍ତ ଲୋକ ତାହାଙ୍କର କତକୁ ଆସନ୍ତେ ସେ ବସି ସେମାନଙ୍କୁ ଉପ ୨
ଦେଶ ଦେଲେ । ଏଥିରେ ଅଧ୍ୟାପକମାନେ ପୁଣି ଫାରୂଶୀମାନେ ବ୍ୟଭଚାର ୩
କର୍ମରେ ଧୃତ ଏକ ସ୍ତ୍ରୀ ଲୋକକୁ ଆଣି ସମସ୍ତର ମଧ୍ୟ ସ୍ଥାନରେ ରଖି କହିଲେ
ହେ ଗୁରୁ ଏହ ସ୍ତ୍ରୀ ବ୍ୟଭଚାର କର୍ମରେ ଧରା ପଡ ଅଛୁ । ଆଉ ମୋଶା ବ୍ୟ ୪
ବସ୍ଥାରେ ଏ ପ୍ରକାର ଲୋକକୁ ପଥର ପକାଇ ମାରବାକୁ ଆଜ୍ଞା ଦେଇଅଛୁ ୫
ପୁଣି ଆପଣ କ କହନ୍ତି । ତାହାଙ୍କ ଅପବାଦ ଦେବାକୁ ପରୀକ୍ଷା ଭାବରେ ସେ ୬
ମାନେ ଏହ କଥା ପଚାରିଲେ ଏଣୁ ଯୀଶୁ ମୁଖ ଘୋଡ଼ ଅଙ୍ଗୁଳି ଦେଇ ଭୂ
ମିରେ ଲେଖିଲେ । ସେମାନେ ଏମନ୍ତେ ପୁନଃ ପଚାରନ୍ତେ ସେ ମୁଖ ଉଠାଇ ୭
କହିଲେ ତୁମ୍ଭମାନଙ୍କର ମଧ୍ୟରେ ଯେଉଁଜଣ ନର୍ଦ୍ଦୋଷ ସେହ ପ୍ରଥମରେ
ଏହାକୁ ପଥର ପକାଇ ଦେଉ । ଏଥିରେ ସେ ପୁନବାର ମୁଖ ଘୋଡ଼ ଭୂମିରେ ୮
ଲେଖିଲେ । ଏ କଥା ଶୁଣି ସେମାନେ ଅପଣା ମନରେ ପ୍ରବୋଧ ପାଇ ୯
ଜ୍ୟେଷ୍ଠଠାରୁ କନଷ୍ଠ ପର୍ଯ୍ୟନ୍ତେ ଏକେ ବାହାରେ ଯାଆନ୍ତେ କେବଳ ଯୀଶୁ ରହି
ଲେ ପୁଣି ସେ ସ୍ତ୍ରୀ ମଧ୍ୟ ସ୍ଥାନରେ ଛିଡା ହେଲା । ତହିଁ ଯୀଶୁ ମୁଖ ଉଠାଇ ସେ ୧୦

ସ୍ତ୍ରୀ ଲୋକ ବିନୁ ଆଉ କାହାକୁଇ ନ ଦେଖି ପଚାରିଲେ ହେ ନାରି ତୁମ୍ଭର
୧୧ ଅପବାଦକମାନେ କେଉଁଠାରେ ତୁମ୍ଭର ଦଣ୍ଡ କି କେହି ଦେଇ ନାହିଁ । ସେ
କହିଲା କେହି ନାହିଁ ଅବଧାନ । ତେବେ ଯୀଶୁ କହିଲେ ଆମ୍ଭେଇ ନ
ଦେବା ଯାଅ ଆଉ ପାପ କର୍ମ ନ କର ।
୧୨ ଯୀଶୁ ଆଉ ଥରେ ଲୋକମାନକୁଂ ଉପଦେଶ ଦେଇ କହିଲେ ଆମ୍ଭେ
ଜଗତର ଜ୍ୟୋତିଃ ଯେଉଂଜନ ଆମ୍ଭର ପଛେ ଆସଇ ସେ ଅନ୍ଧିକାରରେ
୧୩ ଭ୍ରମଣ ନ କରି ପରମାୟୁର ଦୀପ୍ତି ପାଇବ । ତହିଁରେ ଫାରୁଶୀମାନେ
କହିଲେ ତୁମ୍ଭେ ଆପଣା ବିଷୟରେ ଆପେ ସାକ୍ଷ୍ୟ ଦେଉଅଛ ଏହି ନିମନ୍ତେ
୧୪ ତୁମ୍ଭର ସାକ୍ଷ୍ୟ ଗ୍ରାହ୍ୟ ନୋହେ । ଯୀଶୁ ଉତ୍ତର କଲେ ଯଦ୍ୟପି ଆପଣାର ବି
ଷୟରେ ଆମ୍ଭେ ଆପେ ସାକ୍ଷ୍ୟ ଦେଇ ତଥାପି ସେ ସାକ୍ଷ୍ୟ ଗ୍ରାହ୍ୟ ଯେହେତୁ
ଆମ୍ଭେ କେଉଂଠାରୁ ଅସିଅଛୁଁ ଓ କେଉଁଠାକୁ ଯାଇ ତାହା ଆମ୍ଭେ ଜାଣି ।
ପୁଣି କେଉଁଠାରୁ ଅସିଅଛୁଁ ଓ କେଉଁଠାରେ ଯାଇ ତାହା ତୁମ୍ଭେମାନେ ନ
୧୫ ଜାଣ । ତୁମ୍ଭେମାନେ ଲୌକିକ ବିଚାର କରୁଅଛ ଆମ୍ଭେ କାହାରି ବିଚାର
୧୬ ନ କରି । ଯେବେ କରି ଆମ୍ଭର ସେ ବିଚାର ଗ୍ରାହ୍ୟ ଯେହେତୁ ଆମ୍ଭେ ଏକାକୀ
୧୭ ନୋହି ପଠାଇବା କର୍ତ୍ତା ପିତା ଆମ୍ଭର ସଙ୍ଗେ ଅଛନ୍ତି । ଦୁଇ ଜଣର ସାକ୍ଷିର
କଥା ଗ୍ରାହ୍ୟ ହୁଅଇ ଏହା ତୁମ୍ଭମାନଙ୍କର ବ୍ୟବସ୍ଥାରେ ଲେଖିତ ଅଛି ।
୧୮ ଆମ୍ଭେ ଆପଣାର ବିଷୟରେ ଆପେ ସାକ୍ଷ୍ୟ ଦେଉଅଛୁଁ ଆଉ ଆମ୍ଭର ପିତା
ଯେ ଆମ୍ଭକୁ ପଠାଇଲେ ସେଇ ଆମ୍ଭର ବିଷୟରେ ସାକ୍ଷ୍ୟ ଦେଉଅଛନ୍ତି ।
୧୯ ତେବେ ସେମାନେ ପଚାରିଲେ ତୁମ୍ଭର ପିତା କେଉଁଠାରେ । ଯୀଶୁ ଉତ୍ତର
କଲେ ତୁମ୍ଭେମାନେ ଆମ୍ଭକୁ ନ ଜାଣ ପୁଣି ଆମ୍ଭର ପିତାକୁଇ ନ ଜାଣ ଯେବେ
୨୦ ଆମ୍ଭକୁ ଜାଣନ୍ତ ତେବେ ଆମ୍ଭର ପିତାକୁଇ ଜାଣନ୍ତ । ଯୀଶୁ ମନ୍ଦିରରେ ଉପ
ଦେଶ ଦେଇ ଭଣ୍ଡାରଘରରେ ଏହି ସମସ୍ତ କଥା କହିଲେ ତଥାଚ କେହି
ତାହାଙ୍କ ଉପରେ ହାତ ନ ଦେଲା କାରଣ ତାହାଙ୍କ ସମୟ ଉପସ୍ଥିତ ହୋଇ
ନ ଥିଲା ।
୨୧ ତଦନନ୍ତରେ ଯୀଶୁ ପୁନର୍ବାର କହିଲେ ଏବେ ଆମ୍ଭେ ପ୍ରସ୍ଥାନ କରି ତୁ
ମ୍ଭେମାନେ ଆମ୍ଭକୁ ଅନ୍ୱେଷଣ କରିବ ପୁଣି ନିଜ ପାପରେ ମରିବ ଆମ୍ଭେ
ଯେଉଁ ସ୍ଥାନକୁ ଯିବା ସେ ସ୍ଥାନକୁ ତୁମ୍ଭେମାନେ ଯିବାକୁ ନ ପାରିବ ।
୨୨ ତେବେ ଯିହୁଦୀୟମାନେ ବୋଇଲେ ଏହି ଜନ କି ଅତ୍ମଘାତୀ ହେବ କାରଣ
ଆମ୍ଭେ ଯେଉଁଠାରେ ଯିବା ସେଠାରେ ତୁମ୍ଭେମାନେ ଯିବାକୁ ନ ପାରିବ
୨୩ ଏମନ୍ତ କଥା କହୁଅଛି । ଯୀଶୁ ଉତ୍ତର କଲେ ତୁମ୍ଭେମାନେ ଅଧୋରୁ ଅ
୨୪ ଇଲ ଆମ୍ଭେ ଊର୍ଦ୍ଧ୍ୱରୁ ଅଇଲୁଁ । ତୁମ୍ଭେମାନେ ଏଜଗତରୁ ହୁଅ ପୁଣି ଆମ୍ଭେ

ଏଜଗଉର ନୋହ୍ । ଏହିନମନ୍ତେ କହିଲୁଁ ତୁମ୍ଭେମାନେ ନିଜ ପାପରେ
ମରିବ ଯେହେତୁ ଆମ୍ଭେ ସେ ଅଟୁଁ, ଏହା ଯେବେ ବିଶ୍ୱାସ ନ କର ତେବେ ୨୪
ନିଜ ପାପରେ ମରିବ । ତେଣୁ ସେମାନେ ପଚାରିଲେ ତୁମ୍ଭେ କେ । ଯୀଶୁ ୨୫
ଉତ୍ତର କରି କହିଲେ ତୁମ୍ଭମାନଙ୍କଠାରେ ପ୍ରଥମାବଧି ଯାହାକୁ କହିଅଛୁଁ,
ଆମ୍ଭେ ସେ । ତୁମ୍ଭମାନଙ୍କର ବିଷୟରେ ଆମ୍ଭକୁ ଅନେକ କଥା କହି ୨୬
ବାକୁ ଓ ବିଚାର କରିବାକୁ ହେବ ପୁଣି ଆମ୍ଭକୁ ପଠାଇବାର କର୍ତ୍ତା ସେ ସତ୍ୟ
ତାହାଙ୍କର ନିକଟରେ ଯାହା ଶୁଣିଅଛୁଁ, ତାହାଇ ଜଗତର ପ୍ରତି ଜଣାଉଁ ।
ପୁଣି ସେ ଯେ ପିତାର ବିଷୟରେ ଏହି କଥା କହିଲେ ଏହା ସେମାନେ ନ ୨୭
ବୁଝିଲେ । ତେଣୁ ଯୀଶୁ କହିଲେ ଯେତେବେଳେ ମନୁଷ୍ୟ ପୁତ୍ରକୁ ଊର୍ଦ୍ଧ୍ୱରେ ୨୮
ଉଠାଇବ ତେତେବେଳେ ଅମ୍ଭେ ଯେ ସେ ଅଟୁଁ ଆଉ କେବଳ ଅପଣାର
କୌଣସି କର୍ମ ନ କରି ପୁଣି ପିତା ଯେମନ୍ତ ଶିକ୍ଷା ଦଅନ୍ତି ତେମନ୍ତ ଏହି କଥା
କହି ଏହି ସମସ୍ତ ତୁମ୍ଭେମାନେ ଜାଣିବାକୁ ପାରିବ । ଆଉ ଆମ୍ଭର ପଠାଇ ୨୯
ବାର କର୍ତ୍ତା ପିତା ଆମ୍ଭକୁ ଏକାକ୍ଷା ଛାଡି ଦେଇ ନାହାନ୍ତି ସେ ଆମ୍ଭର ସଙ୍ଗେ
ଅଛନ୍ତି କାରଣ ତାହାଙ୍କର ଇଷ୍ଟ କ୍ରିୟାରେ ସଦାବା କରିଅଛୁଁ ।

ଏହି କଥା କହିବା ବେଳେ ଅନେକେ ତାହାଙ୍କର ପ୍ରତି ବିଶ୍ୱାସ କଲେ । ୩୦
ତେଣୁ ଯେଉଁ ଯିହୁଦୀୟମାନେ ତାହାଙ୍କୁ ବିଶ୍ୱାସ କଲେ ସେମାନଙ୍କୁ ଯୀଶୁ ୩୧
କହିଲେ ଆମ୍ଭର କଥାରେ ଯେବେ ତୁମ୍ଭେମାନେ ଅସ୍ଥା କର ତେବେ ଆମ୍ଭର
ଯଥାର୍ଥ ଶିଷ୍ୟ ହୋଇ ସତ୍ୟତାକୁ ଜାଣିବ ତହିଁରେ ସତ୍ୟତା ତୁମ୍ଭମାନଙ୍କୁ ୩୨
ମୁକ୍ତି ଦେବ । ଏଥିରେ ଯୋକାସ୍ପେ ଉତ୍ତର କଲେ ଆମ୍ଭେମାନେତ ଅବ୍ରହା ୩୩
ମର ବଂଶ କେତେବେଳେ କାହାର ଦାସ ନ ଥିଲୁଁ ତେବେ ତୁମ୍ଭମାନଙ୍କର
ମୁକ୍ତି ହେବ ଏମନ୍ତ କଥା କିପରକାରେ ବୋଲ । ଯୀଶୁ କହିଲେ ସତ୍ୟ ୩୪
ଆମ୍ଭେ କହି ଯେଉଁ ଜନ ପାପ କର୍ମ କରଇ ସେ ପାପର ଦାସ । ମାତ୍ର ଦାସ ୩୫
ନିରନ୍ତର ଗୃହରେ ନ ଥାଏ ପୁଣି ପୁତ୍ର ନିରନ୍ତର ଥାନ୍ତି । ଏନମନ୍ତେ ୩୬
ପୁତ୍ର ଯେବେ ତୁମ୍ଭମାନଙ୍କୁ ମୁକ୍ତ କରନ୍ତି ତେବେ ନିଶ୍ଚୟ ମୁକ୍ତ ହେବ ।
ତୁମ୍ଭେମାନେ ଯେ ଅବ୍ରହାମର ବଂଶ ତାହା ଆମ୍ଭେ ଜାଣି ପୁଣି ତୁମ୍ଭମାନଙ୍କର ୩୭
ଅନ୍ତରେ ଆମ୍ଭର କଥାର ସ୍ଥାନ ନାହିଁ ଏହିହେତୁ ଆମ୍ଭକୁ ବଧ କରିବାକୁ
ଚେଷ୍ଟା କରିଅଛ । ଆମ୍ଭେ ଆପଣାର ପିତାର ନିକଟରେ ଯାହା ଦେଖି ୩୮
ଅଛୁଁ ତାହାଇ କହୁଅଛୁଁ, ଆଉ ତୁମ୍ଭେମାନେହିଁ ଆପଣାମାନଙ୍କର ପିତାର
ନିକଟରେ ଯାହା ଦେଖିଅଛ ତାହା କରିଅଛ । ସେମାନେ ଉତ୍ତର କଲେ
ଅବ୍ରହାମ ଆମ୍ଭମାନଙ୍କର ପିତା । ଯୀଶୁ କହିଲେ ଯେବେ ତୁମ୍ଭେମାନେ ଅବ୍ର ୩୯
ହାମର ସନ୍ତାନ ହୁଅନ୍ତ ତେବେ ଅବ୍ରହାମର ସାଦୃଶ ଆଚରଣ କରନ୍ତ । ଇଶ ୪୦

ରର ପ୍ରମୁଖାତ୍ମ ସତ୍ୟ କଥା ଶ୍ରବଣ କର ତୁମ୍ଭମାନଙ୍କୁ ଜଣାଉଅଛି ଯେ
ଆମ୍ଭେ ଆମ୍ଭକୁ ବଧ କରିବାକୁ ଚେଷ୍ଟା କରୁଅଛ ଅବ୍ରହାମ ଏମନ୍ତ କର୍ମ
୪୧ କର ନ ଥିଲା । ତୁମ୍ଭେମାନେ ଆପଣାମାନଙ୍କର ପିତାର କର୍ମ କରୁଅଛ । ସେ
ମାନେ କହିଲେ ଆମ୍ଭେମାନେ ବ୍ୟଭିଚାର ନୋହୁ ଆମ୍ଭମାନଙ୍କର ଏକ ପିତା
୪୨ ଅଛନ୍ତି ସେ ଈଶ୍ୱର । ଯୀଶୁ କହିଲେ ଈଶ୍ୱର ଯେବେ ତୁମ୍ଭର ପିତା ହୁଅ
ନ୍ତେ ତେବେ ଆମ୍ଭକୁ ପ୍ରେମ କରନ୍ତ ଯେହେତୁ ଆମ୍ଭେ ଈଶ୍ୱରଙ୍କ ନର୍ଗତ ହୋଇ
୪୩ ଅସିଅଛୁଁ, ଆମ୍ଭେ ଆପଣାର ଅସି ନାହୁଁ ସେ ଆମ୍ଭକୁ ପଠାଇଅଛନ୍ତି । ତୁମ୍ଭେ
ମାନେ ଆମ୍ଭର ଏହ କଥା ନ ବୁଝ କାହିଁ କାରଣ ଏହ ଆମ୍ଭର ଉପଦେଶ ତୁ
୪୪ ମ୍ଭେମାନେ ସହିବାକୁ ନ ପାର । ତୁମ୍ଭେମାନେ ଆପଣାମାନଙ୍କର ପିତା ଶୟତା
ନର ସନ୍ତାନ ବ୍ୟଭିଚାରଣ ତୁମ୍ଭମାନଙ୍କର ପିତାର ଅଭିଳାଷ ପୂର୍ଣ କରୁଅଛ ।
ସେ ପ୍ରଥମାବଧି ନର ହତ୍ୟାକାରୀ ତାହାର ଅନ୍ତରେ ସତ୍ୟଚାର ଲେଶଇ
ନାହିଁ ଏହ ନମନ୍ତେ ସେ ସତ୍ୟଚାରେ ନ ରହିଲା । ସେ ଯେତେବେଳେ
ମିଥ୍ୟା କଥା କହଇ ତେତେବେଳେ ଆପଣା ସ୍ୱଭାବାନୁସାରେ କଥା କହଇ
୪୫ କାରଣ ସେ ମିଥ୍ୟାବାଦୀ ଓ ମିଥ୍ୟାର ଉତ୍ପାଦକ । ଅମ୍ଭେ ସତ୍ୟ କଥା କହୁ
୪୬ ଅଛୁଁ ଏହ ନମନ୍ତେ ଆମ୍ଭକୁ ପ୍ରତ୍ୟୟ ନ କର । ଆମ୍ଭଠାରେ ପାପ ଅଛ ତୁମ୍ଭ
ମାନଙ୍କର ମଧ୍ୟରେ କେ ଏମନ୍ତ ପ୍ରମାଣ ଦେବାକୁ ପାରଇ । ଅତ୍ ଯେବେ
୪୭ ସତ୍ୟ କଥା କହୁ ତେବେ ଆମ୍ଭକୁ କାହିଁ। ପ୍ରତ୍ୟୟ ନ କର । ଯେଉଁଜଣ ଈଶ୍ୱ
ରର ଲୋକ ସେ ଈଶ୍ୱରର କଥାରେ ମନୋଯୋଗ କରଇ ତୁମ୍ଭେମାନେ
ଈଶ୍ୱରର ଲୋକ ନୁହ ଏସକାଣୁଁ ଇହିଁରେ ମନୋଯୋଗ ନ କର ।
୪୮ ଏଥିରେ ଯିହୁଦୀମାନେ ଉତ୍ତର କଲେ ତୁମ୍ଭେ ଏକ ଜଣ ଶମିତ୍ରୀୟ ଓ
୪୯ ଭୂତଗ୍ରସ୍ତ ଆମ୍ଭେମାନେ କ ଏହା ଭଲ ନ ବୋଲ୍ । ଯୀଶୁ ପ୍ରତ୍ୟୁତ୍ତର କଲେ
ଆମ୍ଭେ ଭୂତଗ୍ରସ୍ତ ନୋହୁ ପୁଣି ଆପଣା ପିତାର ସନ୍ମାନ କରୁଅଛୁଁ ଇହିଁରେ
୫୦ ତୁମ୍ଭେମାନେ ଆମ୍ଭର ଅପମାନ କରୁଅଛ । ଆମ୍ଭେ ଆପଣାର ସୁଖ୍ୟାତି ଚେଷ୍ଟା
୫୧ ନ କର ପୁଣି ଚେଷ୍ଟାକାରୀ ଓ ବଗ୍ଭରକାରୀ ଅତ୍ ଏକ ଜଣ ଅଛନ୍ତି । ସତ୍ୟ
ଆମ୍ଭେ କହୁ ଯେଉଁଜନ ଆମ୍ଭର କଥା ମାନଇ ସେ କଦାଚ ମୃତ୍ୟୁର ଦର୍ଶନ
୫୨ ନ ପାଇବ । ଯିହୁଦୀମ୍ଭମାନେ ବୋଇଲେ ତୁମ୍ଭେ ଭୂତଗ୍ରସ୍ତ ବୋ। ବକ୍ଷଣେ ନ
ଶ୍ଚୟ କର ଅବ୍ରହାମ ଓ ଭବିଷ୍ୟଦ୍ବକ୍ତାଗଣ ସମସ୍ତେଇ ମରଅଛନ୍ତି ପୁଣି
ତୁମ୍ଭେ ବୋଲୁଅଛ ଯେଉଁଜନ ଆମ୍ଭର କଥା ପାଳଣ କରଇ ସେ ମୃତ୍ୟୁର
୫୩ ଆସ୍ୱାଦନ କେବେହେଁ ନ ପାଇବ । ତୁମ୍ଭେ କ ଆମ୍ଭମାନଙ୍କର ପୂଜ୍ୟପୁରୁଷ
ଅବ୍ରହାମଠାରୁ ବଡ ଯେହେତୁ ସେ ମରଅଛନ୍ତି ଓ ଭବିଷ୍ୟଦ୍ବକ୍ତାଗଣଇ
୫୪ ମରଛନ୍ତି ଆପଣାକୁ କେଉଁ ଜନ କର ଜ୍ଞାନ କର । ଯୀଶୁ କହିଲେ ଆମ୍ଭେ

ଯେବେ ଅପଣାର ସନ୍ତାନ ଅପେ କର ତେବେ ଆମ୍ଭର ସେ ସନ୍ତାନ କହୁ ନ
ହୁଅଇ ପୁଣି ଆମ୍ଭର ପିତା ଯାହାଙ୍କୁ ତୁମ୍ଭେମାନେ ଅପଣାମାନଙ୍କର ଈଶ୍ୱର
କର ବୋଲ୍ ସେ ଆମ୍ଭର ସନ୍ତାନ କରନ୍ତି । ତୁମ୍ଭେମାନେ ତାହାଙ୍କୁ ନ ଜାଣ ୫୫
ପୁଣି ଆମ୍ଭେ ତାହାଙ୍କୁ ନ ଜାଣି ଏମନ୍ତ କଥା ଯେବେ ବୋଲୁଁ ତେବେ
ତୁମ୍ଭମାନଙ୍କରଇ ତୁଲ୍ୟ ମିଥ୍ୟାବାଦୀ ହୁଅନ୍ତୁଁ ପୁଣି ଆମ୍ଭେ ତାହାଙ୍କୁ
ଜାଣି ତାହାଙ୍କର ଆଜ୍ଞା ପାଳଣ କର । ତୁମ୍ଭମାନଙ୍କର ପୂର୍ବପୁରୁଷ ଅବ୍ର ୫୬
ହାମ ଆମ୍ଭର ସମସ୍ୟ ଦେଖିବାକୁ ଅତ୍ୟନ୍ତ ବାଞ୍ଛା କଲେ ପୁଣି ତାହା ଦେଖି
ଆନନ୍ଦିତ ହେଲା । ସିହୁଦୀମ୍ଭମାନେ ପଗ୍ଦରଲେ ତୁମ୍ଭର ବୟଃକ୍ରମ ପଗ୍ଦଶ ୫୭
ବରଷ ନୋହେ ତେଣୁ ତୁମ୍ଭେ କ ଅବ୍ରହାମକୁ ଦେଖିଅଛ । ଯୀଶୁ ଉତ୍ତର ୫୮
କଲେ ସତ୍ୟୀ ତୁମ୍ଭମାନଙ୍କୁ ଆମ୍ଭେ କହୁ ଅବ୍ରହାମର ଜନ୍ମର ପୂର୍ବାବଧି ଆମ୍ଭେ
ବର୍ତ୍ତମାନ ଅଛୁଁ । ଇହଁରେ ସେମାନେ ପଥର ଉଠାଇ ତାହାଙ୍କୁ ମାରବାକୁ ୫୯
ଉଦ୍ୟତ ହେଲେ । ପୁଣି ଯୀଶୁ ଗୁପ୍ତ ଭାବରେ ମନ୍ଦିରର ବାହାର ହୋଇ ସେ
ମାନଙ୍କର ମଧ୍ୟ ଦେଇ ପ୍ରସ୍ଥାନ କଲେ ।

## ୯ ପତ୍ର ।

ଅନନ୍ତରେ ଯୀଶୁ ଯାଉଁ। ପଥ ମଧ୍ୟରେ ଏକ ଜନ୍ମାନ୍ଧ ମନୁଷ୍ୟକୁ ଦେଖି ୧
ଲେ । ତେଣୁ ତାହାଙ୍କର ଶିଷ୍ୟମାନେ ପଗ୍ଦରଲେ ହେ ଗୁରୁ ଏହାଜନ କ ୨
ଅପଣାର ଅବା ପିତା ମାତାର କାହାର ପାପ ସକାଶୁଁ ଅନ୍ଧ ହୋଇ
ଜନ୍ମିଲା । ସେ ଉତ୍ତର କଲେ ଏହା ଜନର କିବା ଏହାର ପିତା ମାତାର ପାପ ୩
ସକାଶେ ଏମନ୍ତ ହୋଇଅଛ ତାହା ନୋହେ ପୁଣି ଏଥିରେ ଯେମନ୍ତ ଈଶ୍ୱ
ରର କର୍ମ ପ୍ରକାଶ ହେବ ଏଥିପାଇଁ ହୋଇଅଛ । ଦିନ ଥାଉଁ। ଆମ୍ଭର ୪
ପଠାଇବା କର୍ତ୍ତାର କର୍ମ ଆମ୍ଭକୁ କରିବାକୁ ହେବ ଯେ ସମସ୍ୟରେ କେହ କର୍ମ
କରିବାକୁ ନ ପାରଇ ଏମନ୍ତ ରାତି ଆସୁଅଛୁ । ଆମ୍ଭେ ଯାବତ୍ ଜଗତରେ ୫
ଅଛୁଁ ତାବତ୍ ଜଗତର ଜ୍ୟୋତିଃ ଅଛୁଁ । ଏହା କଥା ବୋଲି ସେ ଭୂମିରେ ୬
ଛେପ ପକାଇ ତହିଁର କାଦୁଅ କଲେ । ପୁଣି ସେହ କାଦୁଅ ଘେନ ଅନ୍ଧର ୭
ଦୁଇ ଅକ୍ଷିରେ ଲେପନ କର ତାହାକୁ କହିଲେ ଶିଲୋହା ଅର୍ଥାତ୍ ପ୍ରେରିତ
ନାମରେ ସରୋବରେ ଯାଇ ସ୍ନାନ କର । ତଣୁ ସେ ଯାଇ ସ୍ନାନ କରନ୍ତେ
ନର୍ମଳ ଚକ୍ଷୁ ହୋଇ ବାହୁଡିଲା ।

ଏଥିରେ ପ୍ରତିବାସି ଲୋକେ ଓ ଯେଉଁମାନେ ପୂର୍ବରେ ତାହାକୁ ଅନ୍ଧ ୮
ଦେଖି ଥିଲେ ସେମାନେ କହିଲେ ଯେଉଁ ଅନ୍ଧଲୋକ ବାଟରେ ବସି ଭିକ୍ଷା

୬ କରିଥିଲ୍ଲ ଏହ କ ସେହ୍ନ ଜନ ନୋହ୍ନେ । କେହ୍ନୀ ବୋଇଲ୍ଲ ସେହ୍ନ ଥିବ ଅଉ
କେହ୍ନୀ ବୋଇଲେ ଦେଖିବାକୁ ଛାହାର ମଢେ ପୁଣି ସେ ଆପେ କହିଲ୍ଲ
୮ ଅମ୍ଭେ ସେହ୍ନ ଜନ । ଏନମନ୍ତେ ସେମାନେ ପଚ୍ଛରଲେ ତୁମ୍ଭର ଆଖି କେମନ୍ତେ
୧୧ ପ୍ରସନ୍ନ ହୋଇଲ୍ଲ । ସେ ଉତ୍ତର କଲ୍ଲ ଯୀଶୁ ନାମରେ ଏକ ଜଣ କାଦୁଅ କର
ଆମ୍ଭର ଦୁଇ ଆଖିରେ ଲେପି ଆଜ୍ଞା ଦେଲେ ଶିଲୋହା ସରୋବରକୁ ଯାଇ ସ୍ନାନ
କର । ଏଣୁକର ସେଠାରେ ଯାଇ ସ୍ନାନ କରନ୍ତେ ଅମ୍ଭେ ଦୃଷ୍ଟି ପାଇଲୁଁ ।
୧୨ ତେବେ ସେମାନେ ପଚ୍ଛରଲେ ସେ ଜନ କେଉଁଠାରେ ସେ କହିଲ୍ଲ ଛାହା
ଅମ୍ଭେ ଜାଣି ନାହୁଁ ।
୧୩ ଏଥିଉତ୍ତାରେ ସେ ପୂର୍ବାନ୍ଧ ଜନକୁ ଫାରୂଶୀମାନଙ୍କର ନକଟକୁ ଆଣନ୍ତେ
୧୪ ସେମାନେଇ ଛାହାକୁ ପଚ୍ଛରଲେ କଉପରେ ଦୃଷ୍ଟି ପାଇଅଛ । ସେ କହିଲ୍ଲ
ସେ ଅମ୍ଭର ଅଖିରେ କାଦୁଅ ଲେପନ କଲେ ଏଥି ଉତ୍ତାର ସ୍ନାନ କର ଦୃଷ୍ଟି
୧୫ ପାଇଲୁଁ । ଯୀଶୁ ବଶ୍ରାମବାରରେ କାଦୁଅ କର ଛାହାର ଅଖି ଭଲ କଲେ
ଏଣୁ ଥୋକାଏ ଜନ ଫାରୂଶୀ ବୋଇଲେ ସେ ଜନ ଈଶ୍ୱରଠାର ନୋହେ
୧୭ ଯେହ୍ନେତୁ ସେ ବଶ୍ରାମବାରକୁ ନ ମାନଇ । ଅଉ କେହ୍ନୀ ଉତ୍ତର କଲେ
ଯାପି ଜନ କ ଏମନ୍ତ ଅଶ୍ଚର୍ଯ୍ୟ କର୍ମ କରବାକୁ ପାରଇ ଏହ୍ନୁଯେ ସେମାନଙ୍କର
୧୭ ମଧ୍ୟରେ ଭିନ୍ନ ବାକ୍ୟ ହେଲ୍ଲ । ସେମାନେ ପୁନଶ୍ଚାର ସେହ୍ନ ପୂର୍ବାନ୍ଧ ମନୁଷ୍ୟକୁ
ପଚ୍ଛରଲେ ଯେଉଁଜନ ତୁମ୍ଭର ଆଖି ପ୍ରସନ୍ନ କଲ୍ଲ ଛାହାର ବଷୟରେ ତୁମ୍ଭେ
କ ବୋଲ । ସେ କହିଲ୍ଲ ସେ ଜଣେ ଭବଷ୍ୟଦ୍ଭକ୍ତା ।
୧୮ ସେ ଯେ ଜନ୍ମାନ୍ଧ ହୋଇ ଦୃଷ୍ଟି ପାଇଅଛ ଏକଥା ଯିହୁଦୀୟମାନେ ସେ
ଦୃଷ୍ଟି ପ୍ରାପ୍ତ ଜନର ପିତା ମାତାକୁ ନ ଡାକଲ୍ଲ ପର୍ଯ୍ୟନ୍ତେ ବଶ୍ୱାସ ନ କଲେ
ଏଥିପାଁଇ ସେମାନଙ୍କୁ ପଚ୍ଛରଲେ ଯେଉଁ ପୁଅକୁ ତୁମ୍ଭେମାନେ ଜନ୍ମାନ୍ଧ ବୋଲ
୧୯ ସେ କ ଏହ୍ନ । ତେବେ ଏତେବେଳେ ସେ କ ପ୍ରକାରରେ ଦେଖିବାକୁ ପାଏ ।
୨୦ ଛାହାର ପିତାମାତା ସେମାନଙ୍କୁ ଉତ୍ତର କଲେ ଏ ଅମ୍ଭମାନଙ୍କର ପୁଅ ଅଉ
୨୧ ସେ ଜନ୍ମାବଧି ଅନ୍ଧ ଛାହାଇ ଅମ୍ଭେମାନେ ଜାଣି ପୁଣି ଏବେ କେଉଁ ପ୍ରକା
ରେ ଦୃଷ୍ଟି ପାଇଲ୍ଲ ଛାହା ଅମ୍ଭେମାନେ ନ ଜାଣି କଅବା ଏହାର ଅଖି କେ
ପ୍ରସନ୍ନ କଲ୍ଲ ଛାହାଇ ନ ଜାଣି । ଏ କଥ୍ୟ ପ୍ରାପ୍ତ ହେଲ୍ଲ ଏହାକୁ ପଚ୍ଛରଲେ
୨୨ ଅପଣାର କଥା ଅପେ ବୋଲବ । ଯିହୁଦୀୟମାନଙ୍କର ଭୟରେ ଛାହାର
ପିତା ମାତା ଏକଥା କହିଲେ ଯେହ୍ନେତୁ କୌଣସି ମନୁଷ୍ୟ ଯେବେ ଯୀଶୁକୁ
ମଣୀହ ସ୍ୱୀକାର କରଇ ତେବେ ଛାହାକୁ ଭଜନାଲୟରୁ ଦୂର କରଯିବ ଯିହୁଦୀ
୨୩ ୟମାନେ ଏହ୍ନ ବଷୟ ସ୍ଥିର କରଥିଲେ । ଏହ୍ନ ନମନ୍ତେ ଛାହାର ପିତା ମାତା
କହିଲେ ଏ କଥ୍ୟ ପ୍ରାପ୍ତ ଏହାକୁଇ ପଚ୍ଛର ।

ଏଥିରେ ସେମାନେ ଦ୍ୱିତୀୟ ଥର ସେ ପବ୍ବାଜ୍ଜକୁ ଡାକ କହିଲେ ଈଶ୍ୱ ୨୪
ରର ଗୁଣାନୁବାଦ କର ଏ ମନୁଷ୍ୟ ପାପୀ ବହି। ଅମ୍ଭେ ଜଣୁଥୁ କର । ସେ ୨୫
ଉତ୍ତର କଲ୍ଲ ସେ ପାପୀ କି ନାହିଁ ଜାହା ଅମ୍ଭେ ନ ଜାଣି ପୂଜ୍ଜରେ ଅଜ୍ଜ
ଥିଲ୍ଲୁଁ ଏବେ ଦେଖିବାକୁ ପାଇ ବହାଇ ମାତ୍ର ଜାଣି। ସେମାନେ ପୁନଶ୍ଚାର ୨୬
ପଚ୍ଛରଲେ ସେ ତୁମ୍ଭକୁ କି କଲ୍ଲ କି ପ୍ରକାରେ ଆଖି ପ୍ରସନ୍ନ କଲ୍ଲ ସେ ଉତ୍ତର
ଦେଲ୍ଲ ଜାହା ଏକ ଥର କହିଅଛୁଁ ତୁମ୍ଭେମାନେ କି ଶୁଣି ନାହ୍ଁ କି ନମନ୍ତେ ୨୭
ପୁନଶ୍ଚାର ଶୁଣିବାକୁ ଚାହ୍ନ ତୁମ୍ଭେମାନେ କି ଜାହାଙ୍କର ଶିଷ୍ୟ ହେବ । ଏଥିରେ ୨୮
ସେମାନେ ଜାହାକୁ ଉରସ୍କାର କର କହିଲେ ତୁଇ ଜାହାର ଶିଷ୍ୟ ଅମ୍ଭେ
ମାନେ ମୋଶାର ଶିଷ୍ୟ । ମୋଶାର ମୁଖରେ ଈଶ୍ୱର କୋଇଲେ ବହା ଜାଣି ୨୯
ମାତ୍ର ଏହା କାହିଁ ଅଇଲ୍ଲ ଜାହା ଜାଣି ନାହୁଁ । ସେ କହିଲ୍ଲ ସେ ଆମ୍ଭର ଆଖି ୩୦
ପ୍ରସନ୍ନ କଲେ ଉଥାପି ସେ କେତୁଠାର ଲୋକ ଜାହା ତୁମ୍ଭେମାନେ ନ ଜାଣ
ବ ବଡ ଆଶ୍ଚର୍ଯ୍ୟ କଥା । ଈଶ୍ୱର ପାପିମାନଙ୍କର ବାକ୍ୟ ନ ଶୁଣନ୍ତି ପୁଣି ୩୧
ଯେଉଁଜନ ଜାହାଙ୍କୁ ଭକ୍ତି କର ଜାହାଙ୍କର ଇଚ୍ଛା କ୍ରିୟା କରଇ ଜାହାର
ବାକ୍ୟ ଶୁଣନ୍ତି ବହା ଆମ୍ଭେମାନେ ଜାଣି । କୌଣସି ମନୁଷ୍ୟ ଜନ୍ମାନ୍ଧକୁ ଆଖି ୩୨
ଦେଇଅଛୁ ଜଗତର ଆରମ୍ଭାବଧି ଏମନ୍ତ କଥା କେହି କେବେ ଶୁଣି ନାହିଁ ।
ଏମନୁଷ୍ୟ ଯେବେ ଈଶ୍ୱରଠାରୁ ନ ହୁଅନ୍ତେ ତେବେ କଅଣହିଁ କର ନ ପା ୩୩
ରନ୍ତେ । ସେମାନେ କହିଲେ ତୁହି ସମ୍ପୂର୍ଣ୍ଣ ପାପରେ ଜନ୍ମ ପାଇଲୁଁ ତୁହି କି ଅମ୍ଭ ୩୪
ମାନଙ୍କୁ ଶିକ୍ଷା ଦେଉଛୁ ଏଥିରେ ସେମାନେ ଜାହାକୁ ବାହାର କର ଦେଲେ ।

ଅନନ୍ତରେ ଯିହୁଦୀୟମାନେ ସେ ଜନକୁ ବାହାର କର ଅଛନ୍ତି ଯୀଶୁ ବହା ୩୫
ଶୁଣିଲ୍ଲ ଉତ୍ତାରେ ଜାହାର ଭେଟ ପାଇ ଜାହାକୁ ପଚ୍ଛରଲେ ତୁମ୍ଭେ କି ଈଶ୍ୱ
ରର ପୁତ୍ରରେ ବିଶ୍ୱାସ କରୁଅଛ । ସେ ଉତ୍ତର କଲ୍ଲ ହେ ପ୍ରଭୁ ସେ କେ ୩୬
ଅମ୍ଭେ ଯେମନ୍ତେ ଜାହାକୁ ବିଶ୍ୱାସ କରୁଁ । ଯୀଶୁ କହିଲେ କେବଳ ଜାହାଙ୍କୁ ୩୭
ଦେଖିଅଛ ଜାହା ନୋହେ ପୁଣି ସେ ତୁମ୍ଭର ସଙ୍ଗେ କଥା ବାର୍ତ୍ତା କର
ଅଛନ୍ତି । ତହିଁରେ ହେ ପ୍ରଭୁ ଅମ୍ଭେ ବିଶ୍ୱାସ କର ବହା ବୋଲି ସେ ଜାହାଙ୍କୁ ୩୮
ଦଣ୍ଡବତ କଲା । ଏଉତ୍ତରେ ଯୀଶୁ କହିଲେ ଚକ୍ଷୁଶ୍ମାନମାନେ ଯେମନ୍ତ ଚକ୍ଷୁ ୩୯
ଯାନ୍ତି ପୁଣି ଚକ୍ଷୁଯୁକ୍ତମାନେ ଯେମନ୍ତ ଅନ୍ଧ ହୁଅନ୍ତି ଏମନ୍ତ ବିଚାରର ହେତୁ
ଅମ୍ଭେ ଜଗତରେ ଅସିଅଛୁଁ । ଏହା ଶୁଣି ଜକତ୍ତବର୍ତ୍ତୀ ଫାରୂଶୀ ୪୦
କହିଲେ ଅମ୍ଭେମାନେଇ କି ଅନ୍ଧ । ଯୀଶୁ କହିଲେ ଯେବେ ଅନ୍ଧ ହୁଅନ୍ତ ୪୧
ତେବେ ତୁମ୍ଭମାନଙ୍କର ପାପ ନ ଥାନ୍ତା ପୁଣି ଦେଖିବାକୁ ପାର ବହି କଥା
ବୋଲିବାରୁ ତୁମ୍ଭମାନଙ୍କର ପାପ ଥାଏ ।

୧୦ ପର୍ବ ।

୧ ସତ୍ୟ ସତ୍ୟ ଆମ୍ଭେ କହୁ ଯେଉଁ ଜନ ଦ୍ୱାର ଦେଇ ମେଣ୍ଢାଶାଳାରେ ପ୍ରବେଶ ନ
୨ ହୋଇ ଅନ୍ୟ କୌଣସି ବାଟରେ ପଶଇ ସେ ଚୋର ଓ ଡକାଇତ । ଯେ
୩ ଦ୍ୱାର ଦେଇ ପ୍ରବେଶଇ ସେ ମେଷପାଳକ ଦ୍ୱାରୀ ତାହାକୁ ଦ୍ୱାର ଫିଟାଇ ଦଅଇ
ପୁଣି ମେଷଗଣଇ ତାହାର କଥା ଶୁଣନ୍ତି । ସେ ଅପଣା ମେଷ ସମସ୍ତକୁ ସ୍ୱ
୪ ନାମରେ ଡାକ ବାହାର କରି ଯେଜ ଯାଏଁ । ପୁଣି ସେ ଅପଣାର ମେଷ
ଗଣ ବାହାର କରିବାବେଳେ ଆଗେଁ ଅଗ୍ରସର ହୋଇ ଚାଲଇ ଏଥିରେ ମେଷ
୫ ଗଣ ତାହାର ପଛେ ପଛେ ଯାଆନ୍ତି ଯେଣୁ ସେମାନେ ତାହାର ରବ ବୁଝନ୍ତି । ପୁଣି
ପରର ରବ ନ ବୁଝି ତାହାର ପଶ୍ଚାତ ନ ଯାଇ ତାହାଠାରୁ ପଳାନ୍ତି ।
୬ ଯୀଶୁ ସେମାନଙ୍କୁ ଏହି ଦୃଷ୍ଟାନ୍ତ କଥା କହିଲେ ପୁଣି ଏ କଥାର ଅର୍ଥ ସେ
୭ ମାନେ ନ ବୁଝିଲେ । ଏନିମନ୍ତେ ଯୀଶୁ ପୁନର୍ବାର କହିଲେ ସତ୍ୟ ସତ୍ୟ ଆମ୍ଭେ କହୁ
୮ ଆମ୍ଭେ ମେଣ୍ଢାଶାଳାର ଦ୍ୱାର । ଆମ୍ଭ ଦେଇ ପ୍ରବେଶ ନ ହୋଇ ଯେଉଁ
ମାନେ ଅଗି ଅଛନ୍ତି ସେମାନେ ଚୋର ଓ ଡକାଇତ ଅଟନ୍ତି ମେଷଗଣ ସେମାନ
୯ ଙ୍କର କଥା ନ ଶୁଣିଲେ । ଆମ୍ଭେ ଦ୍ୱାର ସ୍ୱରୂପ ଆମ୍ଭ ଦେଇ ଯେ କେହି ପ୍ରବେଶ
କରଅ ସେ ରକ୍ଷା ପାଇବ ପୁଣି ଭିତରେ ବାହାରେ ଯାଇ ଆସି ଚରି ପା
୧୦ ଇବ । ଚୋର ଯେ ସେ କେବଳ ଚୋରି କରିବାକୁ ପୁଣି ବଧ ବିନାଶ କରିବାକୁ
ଆସଇ ଆମ୍ଭେ ଆସିଅଛୁଁ ଯେମନ୍ତ ସେମାନେ ପରମାୟୁ ପାଇବେ ଅର୍ଥାତ୍
ବାହୁଲ୍ୟରୂପେ ପାଇବା ପାଇବେ ।
୧୧ ଆମ୍ଭେ ଉତ୍ତମ ମେଷପାଳକ ଯେଉଁ ଜନ ଉତ୍ତମ ମେଷପାଳକ ସେ ମେଷର
୧୨ ନିମନ୍ତେ ପ୍ରାଣ ଦଅନ୍ତି । ଯେ ବର୍ତ୍ତନଗ୍ରାହକ ମେଷର ପାଳକ ନୋହେ ଏମନ୍ତ
ମେଷ ଯାହାର ନିଜର ନୋହେ ସେ ନେକଡ଼ିଆ ଆଗମନ ଦେଖି ମେଷ ପଲକୁ
୧୩ ଛାଡ଼ ପଳାଏ ଆହୁଁରେ ନେକଡ଼ିଆ ପଲକୁ ଧର ଛିନ୍ନଭିନ୍ନ କରଇ । ବର୍ତ୍ତନଗ୍ରାହକ
ପଳାଏ ଯେହେତୁ ସେ ବର୍ତ୍ତନଗ୍ରାହକ ମାତ୍ର ପୁଣି ମେଷର ନିମନ୍ତେ ଚିନ୍ତା
୧୪ ନ କରଇ । ଆମ୍ଭେ ଉତ୍ତମ ମେଷପାଳକ ହୋଇ ନିଜର ମେଷଗଣକୁ ଜାଣି
୧୫ ପୁଣି ଆମ୍ଭର ମେଷ ସମସ୍ତେ ଆମ୍ଭକୁ ଜାଣନ୍ତି । ପିତା ଆମ୍ଭକୁ ଯେମନ୍ତ ଜାଣନ୍ତି
ଆମ୍ଭେ ତେମନ୍ତ ପିତାକୁ ଜାଣି ପୁଣି ମେଷର ନିମନ୍ତେ ଅପଣା ପ୍ରାଣ ଦେଇ ।
୧୬ ଅଉ ଏହି ଶାଳାର ମେଷ ଛଡ଼ା ଆମ୍ଭର ଅନ୍ୟର ମେଷ ଅଛନ୍ତି ସେ ସମସ୍ତକୁ
ଆମ୍ଭର ଆଣିବାକୁ ହେବ ପୁଣି ସେମାନେ ଆମ୍ଭର ରବ ଶୁଣିବେ ତହିଁରେ ଏକ
ପଲ ଓ ଏକ ପାଳକ ହେବେ ।
୧୭ ଅତର ଆମ୍ଭେ ପ୍ରାଣ ସମର୍ପି ଦେଇ ପୁନର୍ବାର ତାକୁ ଗ୍ରହଣ କରି ଏନିମନ୍ତେ

ଆମ୍ଭର ପିତା ଆମ୍ଭକୁ ସ୍ନେହ କରନ୍ତି । କେହ ଆମ୍ଭର ପ୍ରାଣ ହରଣ କରିବାକୁ ୧୮
ପାରଇ ତାହା ନୋହେ ପୁଣି ଅପଣାର ତାହା ସମର୍ପଣ କର । ତାହା ସମ
ର୍ପଣ କରିବାକୁ ଓ ପୁନର୍ଗ୍ରହଣ କରିବାକୁ ଆମ୍ଭର ସାମର୍ଥ ଅଛି ଏହି ଆଜ୍ଞା
ଅପଣା ପିତାରଠାରୁ ପାଇଅଛୁଁ ।

ଏହି ଉପଦେଶରେ ଯୁନଷ୍ଟ ଯିହୁଦୀୟମାନଙ୍କର ମଧ୍ୟରେ ବାଦ୍ଧବାକ୍ୟ ୧୯
ହୋଇଲା । ଉହୁଁ ଅନେକେ କହିଲେ ଏଜନ ଭୂତଗ୍ରସ୍ତ ଓ ଉନ୍ମତ୍ତ ଏହାର ୨୦
କଥା କାହିଁ ଶୁଣୁଅଛ । ଆଉ କେହ୍ନ ବୋଇଲେ ଏହାର କଥା ଭୂତଗ୍ରସ୍ତର ୨୧
ଭୁଲ୍ଲ କୋହେ ଭୂତ କ ଅନ୍ଧର ଆଖିକ ପ୍ରସନ୍ନ କରିବାକୁ ପାରଇ ।

ଏଥିଉତ୍ତର ଶୀତ କାଳରେ ଯିରୂଶାଲମରେ ମନ୍ଦର ପ୍ରତିଷ୍ଠା ପର୍ବ ଉପସ୍ଥିତ ୨୨
ହେଲା ଯୀଶୁ ସଲମାନର ଦରଦଲାଣରେ ଗମନାଗମନ କରୁଅଛନ୍ତି । ଏମନ୍ତ ୨୩
ସମୟରେ ଯିହୁଦୀୟମାନେ ତାହାଙ୍କୁ ଘେର କହିଲେ ଆଉ କେଉଁ କାଳ ୨୪
ଆମ୍ଭମାନଙ୍କର ସନ୍ଦେହ ରଖିବ ଯେବେ ମଶୀହ ହୁଅ ତାହା ଜଣାଇ କର
ବୋଲ । ଯୀଶୁ ଉତ୍ତର କଲେ ଆମ୍ଭେ କହିଅଛୁଁ ପୁଣି ତୁମ୍ଭେମାନେ ପ୍ରତ୍ୟୟ ୨୫
କର ନାହଁ ଅପଣା ପିତାର ନାମରେ ଯେ କ୍ରିୟା କରୁଅଛୁଁ ସେହ କ୍ରି
ୟାଇ ଆମ୍ଭର ସାକ୍ଷୀ ଅଟଇ । ପୁଣି ଆମ୍ଭେ ପୂର୍ବରେ କହିଅଛୁଁ ତୁମ୍ଭେମାନେ ୨୬
ଆମ୍ଭର ମେଷଗଣ ନୁହ ଏ ସକାଶେ ବିଶ୍ୱାସ ନ କର । ଆମ୍ଭର ମେଷଗଣ ୨୭
ଆମ୍ଭର ରବ ଶୁଣନ୍ତି ଆମ୍ଭେ ସେମାନଙ୍କୁ ଜାଣି ପୁଣି ସେମାନେ ଆମ୍ଭର ପଶ୍ଚାତ୍
ଗମନ କରନ୍ତି । ଆମ୍ଭେ ସେମାନଙ୍କୁ ଅନନ୍ତ ପରମାୟୁ ଦେଇ ସେମାନେ କେ ୨୮
କେହେଁ ନଷ୍ଟ ନୋହନ୍ତେ ପୁଣି କେହ ଆମ୍ଭର ହସ୍ତରୁ ସେମାନଙ୍କୁ ହରଣ କର
ବାକୁ ନ ପାରନ୍ତେ । ଆମ୍ଭର ପିତା ଯେ ଆମ୍ଭଠାରେ ସେମାନଙ୍କୁ ସମର୍ପଣ ୨୯
କଲେ ସେ ସମସ୍ତରୁ ବଡ ଏଣୁ ଆମ୍ଭର ପିତାର ହସ୍ତରୁ ସେମାନଙ୍କୁ ହରଣ କର
ବାକୁ କାହାର ସାଧ୍ୟ ନାହିଁ । ଆମ୍ଭେ ଓ ପିତା ଦୁହେଁ ଏକ । ଉହିଁରେ ୩୦
ଯିହୁଦୀୟମାନେ ପୁନର୍ବାର ତାହାଙ୍କୁ ମାରିବାକୁ ପଥର ତୋଳିଲେ । ଯୀଶୁ କହି ୩୧
ଲେ ପିତାଙ୍କଠାରୁ ଅନେକ ଉତ୍ତମ କର୍ମ ତୁମ୍ଭମାନଙ୍କର ସାକ୍ଷାତରେ ପ୍ରକାଶ ୩୨
କରଅଛୁଁ ଏହାର କେଉଁ କର୍ମର ନମନ୍ତେ ଆମ୍ଭକୁ ପଥର ଆଘାତ କର ।
ଯିହୁଦୀୟମାନେ ଉତ୍ତର କଲେ ଉତ୍ତମ କର୍ମର ନମନ୍ତେ ତୁମ୍ଭକୁ ପଥରରେ ନ ୩୩
ମାର ପୁଣି ତୁମ୍ଭେ ମନୁଷ୍ୟ ହୋଇ ଅପଣାକୁ ଈଶ୍ୱର କର ଈଶ୍ୱରର ନିନ୍ଦା
କରୁଅଛ ଏଥିପାଇଁ । ଯୀଶୁ ଉତ୍ତର କଲେ ଆମ୍ଭେ କହିଲୁଁ ତୁମ୍ଭେମାନେ ୩୪
ଈଶ୍ୱରଗଣ ଏହ ବଚନ ତୁମ୍ଭମାନଙ୍କର ଶାସ୍ତ୍ରରେ କ ଲେଖିତ ନାହିଁ । ଏନ ୩୫
ମନ୍ତେ ଯେଉଁମାନଙ୍କର ଉଦ୍ଦେଶରେ ଈଶ୍ୱରର କଥା କହା ଯାଇଥିଲା ସେ
ମାନଙ୍କୁ ଯେବେ ଈଶ୍ୱରଗଣ ବୋଲି ଯାଏ ପୁଣି ଧର୍ମଶାସ୍ତ୍ରର ଅନ୍ୟଥା ହେ

୩୬ ବାକୁ ନ ପାରଇ ତେବେ ଆମ୍ଭେ ଈଶ୍ୱରର ପୁତ୍ର ଏମନ୍ତ କଥା କହିବା ପାଁଇ
ପିତା ଯାହାକୁ ଅଭିଷେକ କରି ଜଗତରେ ପଠାଇ ଦେଇଅଛନ୍ତି ତାହାଙ୍କୁ
୩୭ ତୁମ୍ଭେମାନେ କି ପ୍ରକାରେ ଈଶ୍ୱର ନିନ୍ଦକ କରି ବୋଲ । ଆପଣା ପିତାର
୩୮ କର୍ମ ଯେବେ ନ କରି ତେବେ ଆମ୍ଭକୁ ପ୍ରତ୍ୟୟ ନ କର ମାତ୍ର ଯେବେ କରି
ତେବେ ଆମ୍ଭରେ ପ୍ରତ୍ୟୟ ନ କଲେହେଂ କାର୍ଯ୍ୟରେ ପ୍ରତ୍ୟୟ କର । ତହିଁରେ
ପିତା ଯେ ଆମ୍ଭରେ ଅଛନ୍ତି ପୁଣି ଆମ୍ଭେ ଯେ ପିତାରେ ଅଛୁଁ ଏହା ଜ୍ଞାତ
ହୋଇ ବିଶ୍ୱାସ କରିବ ।
୩୯ ଏଥିରେ ସେମାନେ ପୁନର୍ବାର ତାହାଙ୍କୁ ଧରିବାକୁ ଇଚ୍ଛା କଲେ ପୁଣି ସେ
୪୦ ସେମାନଙ୍କର ହାତରୁ ଶ୍ରୁତ ଯାଇ ଆଉ ଥରେ ଯେଉଁଠାରେ ଯୋହନ ପ୍ରଥ
ମରେ ଡୁବାଇ ଥିଲା ଏମନ୍ତ ଯର୍ଦ୍ଦନ ନଦୀ ତୀର ସେଠାରେ ଆସି ବାସ କଲେ ।
୪୧ ତହିଁରେ ଅନେକ ତାହାଙ୍କର ନିକଟରେ ଆସି କହିଲେ ଯୋହନ କୌଣସି
ଆଶ୍ଚର୍ଯ୍ୟ କର୍ମ ନ କଲା ପୁଣି ଏ ମନୁଷ୍ୟର ବିଷୟରେ ସେ ଯେ୍ୟ କଥା କହିଥିଲା
୪୨ ସେହି ସମସ୍ତ ସତ୍ୟ । ଆଉ ସେ ସ୍ଥାନରେ ଅନେକେ ତାହାଙ୍କୁ ବିଶ୍ୱାସ କଲେ ।

## ୧୧ ପର୍ବ ।

୧ ଏଥିଉତ୍ତାରୁ ମରିୟମ ଓ ତାହାର ଭଉଣୀ ମାର୍ଥା ଯେଉଂ ବେଥନୀୟା
ଗ୍ରାମରେ ବାସ କରନ୍ତି ସେ ଗ୍ରାମରେ ଲାଜାର ନାମରେ ଏକ ଜଣ ପୀଡିତ
୨ ଥିଲା । ଯେଉଂ ମରିୟମ ପ୍ରଭୁକୁ ସୁଗନ୍ଧି ତୈଳ ମଖାଇ ଆପଣା କେଶ
ଦେଇ ତାହାଙ୍କର ଚରଣ ପୋଛି ଦେଲା ତାହାରି ଭାଇ ସେ ପୀଡିତ ଲାଜାର ।
୩ ଏନିମନ୍ତେ ହେ ପ୍ରଭୁ ଆପଣ ଯାହାକୁ ସ୍ନେହ କରନ୍ତି ସେ ଜଣ ପୀଡିତ ଅଛି
୪ ତାହାର ଭଉଣୀମାନେ ପ୍ରଭୁଙ୍କଠାରେ ଏହି କଥା କହି ପଠାଇଲେ । ଯୀଶୁ
ଏ ସମାଚାର ଶୁଣି କହିଲେ ଏ ପୀଡା ମୃତ୍ୟୁର ସରିକି ନୋହେ ପୁଣି ଈଶ୍ୱ
ରଙ୍କ ମହିମାର ନିମନ୍ତେ ତହିଁରେ ଯେମନ୍ତ ଈଶ୍ୱରର ପୁତ୍ରର ମହିମା ପ୍ରକାଶ
୫ ହୁଅନ୍ତି । ଯୀଶୁ ମାର୍ଥା ଓ ତାହାର ଭଉଣୀ ପୁଣି ଲାଜାରକୁ ସ୍ନେହ କଲେ
୬ ତେବେହେଂ ଲାଜାରର ପୀଡାର କଥା ଶୁଣିଲା ଉତ୍ତାରେ ସେ ଯେଉଁ ସ୍ଥାନ
ରେ ଥିଲେ ସେଠାରେ ଆଉ ଦୁଇ ଦିନ ରହିଲେ ।
୭ ଅନନ୍ତରେ ସେ ଶିଷ୍ୟମାନଙ୍କୁ କହିଲେ ଆସ ଆମ୍ଭେମାନେ ପୁନର୍ବାର
୮ ଯିହୁଦା ଦେଶକୁ ଯାଉଁ । ସେମାନେ ଉତ୍ତର କଲେ ହେ ଗୁରୁ ଅଳ୍ପ ଦିନ
ହେଲା ଯିହୁଦୀୟମାନେ ତୁମ୍ଭକୁ ପଥରରେ ମାରିବାକୁ ଉଦ୍ୟତ ଥିଲେ ତଥାଚ
୯ କି ଆଉ ଥରେ ସେ ସ୍ଥାନକୁ ଯିବ । ସେ ଉତ୍ତର କଲେ ଏକ ଦିନରେ କି
ବାର ଘଣ୍ଟା ନ ହୁଅଇ ଦିବସରେ ଗମନ କଲେ କେହି ନ ଝୁଣ୍ଟାଇ ଯେହେତୁ

ସେ ଏହି ଜଗତର ଦୀପ୍ତି ପାୟେ । ପୁଣି ରାତ୍ରିରେ ଗମନ କଲେ ଝୁଣ୍ଟାଇ ଯେ ୧୦
ହେତୁ ତହିଁରେ ଅଲୁଅ ମାତ୍ର ନାହିଁ । ଏହି କଥା କହି ସେ ସେମାନଙ୍କୁ ୧୧
ବୋଇଲେ ଆମ୍ଭମାନଙ୍କର ବନ୍ଧୁ ଲାଜାର ନିଦ୍ରିତ ହେଉଅଛି ଏବେ ତାହାକୁ
ନିଦ୍ରାରୁ ଜାଗ୍ରତ କରିବାକୁ ଯାଇ । ଯୀଶୁ ମୃତ୍ୟୁର ବିଷୟରେ ଏହି କଥା ୧୨
କହିଲେ ପୁଣି ସେ ବିଶ୍ରାମାର୍ଥେ ନିଦ୍ରାର ବିଷୟରେ କହିଲେ ଏହା ବୋଧ କରି ୧୩
ଶିଷ୍ୟମାନେ କହିଲେ ହେ ଗୁରୁ ସେ ଯେବେ ନିଦ୍ରାଗତ ହୋଇ ଥାୟେ
ତେବେ ଭଲ । ତେଣୁ ଯୀଶୁ ସ୍ପଷ୍ଟ କରି ସେମାନଙ୍କୁ କହିଲେ ଲାଜାର ୧୪
ମରିଅଛି । ପୁଣି ତୁମ୍ଭେମାନେ ଯେମନ୍ତ ପ୍ରତ୍ୟୟ କର ଏହିହେତୁ ଅମ୍ଭେ ୧୫
ସେଠାରେ ନ ଥାନ୍ତେ ତୁମ୍ଭମାନଙ୍କର ବିଷୟରେ ଆହ୍ଲାଦିତ ହୋଇଲୁଁ ଏନି
ମନ୍ତେ ଆସ ତାହାର ନିକଟକୁ ଯାଉଁ । ଏଥିରେ ଥୋମା ଯାହାକୁ ଦିଦିମ ୧୬
ବୋଲି ସେ ସଙ୍ଗି ଶିଷ୍ୟମାନଙ୍କୁ କହିଲା ଚାଲ ଆମ୍ଭେମାନେହେଂ ଯାଇ ତାହା
ଙ୍କର ସଙ୍ଗେ ମରୁଁ ।

ଯୀଶୁ ସେଠାରେ ଉପସ୍ଥିତ ହେଲା ଉତ୍ତାରେ ଲାଜାର ଯେ ଚାରି ଦିବସ ୧୭
କବରରେ ରଖା ଯାଇଅଛି ଏହି ସମ୍ବାଦ ଶୁଣିଲେ । ଆଉ ଯିରୁଶାଲମରୁ ୧୮
ବେଥନୀୟା କେବଳ କୋଶେ ଖଣ୍ଡେ ଅନ୍ତର ସକାଶେ ଅନେକ ଯିହୁଦୀୟ ୧୯
ମାନେ ମାର୍ଥାକୁ ଓ ମରିୟମକୁ ଭ୍ରାତୃଶୋକ ସାନ୍ତ୍ୱନା କରିବାକୁ ସେମାନଙ୍କର
ନିକଟରେ ଅଇଲେ । ମାର୍ଥା ଯୀଶୁର ଆଗମନ ସମ୍ବାଦ ପାଇବା ମାତ୍ରକେ ଯାଇ ୨୦
ତାହାଙ୍କର ସଙ୍ଗେ ସାକ୍ଷାତ କଲା ପୁଣି ମରିୟମ ଗୃହରେ ବସି ରହିଲା । ମାର୍ଥା ୨୧
ଯୀଶୁକୁ କହିଲା ହେ ପ୍ରଭୁ ଆପଣ ଯେବେ ଏଠାରେ ଥାନ୍ତେ ଆମ୍ଭର ଭାଇ
ନ ମରନ୍ତା ପୁଣି ଏବେହେଂ ଈଶ୍ୱରଙ୍କଠାରେ ଯାହା ପ୍ରାର୍ଥନା କର ୨୨
ଈଶ୍ୱର ତାହା ଦେବେ ଏହା ଜାଣି । ଯୀଶୁ କହିଲେ ତୁମ୍ଭର ଭାଇ ଉଠିବ । ୨୩
ମାର୍ଥା କହିଲା ସେ ଶେଷ ଦିବସରେ ଉତ୍ଥାନ ସମୟରେ ଉଠିବ ତାହା ୨୪
ଜାଣି । ଯୀଶୁ କହିଲେ ଆମ୍ଭେଇ ଉତ୍ଥାନର ଓ ଜୀବନର କର୍ତ୍ତା ଯେ କେହି ୨୫
ଆମ୍ଭରେ ବିଶ୍ୱାସ କରଇ ସେ ମୃତ ହୋଇଲେ ବଞ୍ଚିବ ପୁଣି ଯେ କେହି ୨୬
ଜୀବିତ ହୋଇ ଆମ୍ଭକୁ ବିଶ୍ୱାସ କରଇ ସେ କେବେହେଂ ନ ମରିବ ଏହି
କଥାରେ କି ବିଶ୍ୱାସ କର । ସେ କହିଲା ହାଁ ପ୍ରଭୁ ଯେ ଜଗତରେ ଅବ ୨୭
ତୀର୍ଣ୍ଣ ହୁଅନ୍ତି ଏମନ୍ତ ଈଶ୍ୱରଙ୍କର ପୁତ୍ର ମଶୀହ ଆପଣ ସେ ଅଟନ୍ତି
ଏହା ବିଶ୍ୱାସ କରି । ଏହି କଥା ବୋଲି ସେ ଯାଇ ଆପଣା ଭଉଣୀ ୨୮
ମରିୟମକୁ ଗୋପନରେ ଡାକି କହିଲା ଗୁରୁ ଅଇଲେ ତୁମ୍ଭକୁ ଡାକୁ
ଛନ୍ତି । ଏ କଥା ଶୁଣି ସେ ଝଟିତି ଉଠି ତାହାଙ୍କର ନିକଟକୁ ଗଲା । ୨୯
ଯୀଶୁ ଗ୍ରାମର ମଧ୍ୟରେ ପ୍ରବେଶ ନ ହୋଇ ଯେଉଁଠାରେ ମାର୍ଥା ତାହାଙ୍କ ୩୦

୩୧ ଭେଟ ପାଇ ଥିଲା ସେ ସ୍ଥାନରେ ଥିଲେ । ଆଉ ଯେଉଂ ଯିହୁଦୀୟମାନେ
ମରିୟମର ସଙ୍ଗେ ଗୃହରେ ଥାଇଂ ତାହାକୁ ସାନ୍ତ୍ୱନା କରୁଥିଲେ ସେମାନେ
ତାହାକୁ ଶୀଘ୍ର ଉଠି ଯିବାକୁ ଦେଖି କହିଲେ ସେ କବର ସ୍ଥାନରେ ରୋଦନ
କରିବାକୁ ଯାଉଅଛି ଏହା ବୋଲି ସେମାନେ ତାହାର ପଛେ୍ୟ ଗଲେ ।
୩୨ ଯେ ସ୍ଥାନରେ ଯୀଶୁ ଥିଲେ ମରିୟମ ସେଠାରେ ଉପସ୍ଥିତ ହୋଇ ତାହାଙ୍କୁ
ଦେଖି ତାହାଙ୍କର ଚରଣେ ପଡି ବୋଇଲା ହେ ପ୍ରଭୁ ଆପଣ ଯେବେ ଏଠାରେ
୩୩ ଥାଆନ୍ତେ ତେବେ ଆମ୍ଭର ଭାଇ ନ ମରନ୍ତା । ଯୀଶୁ ତାହାକୁ ଓ ତାହାର
ସଙ୍ଗି ଯିହୁଦୀୟମାନଙ୍କୁ ରୋଦନ କରିବାର ଦେଖି ମନରେ କାତର ହୋଇ
୩୪ ଶୋକ କରି କହିଲେ ତାହାକୁ କେଉଁଠାରେ ରଖିଅଛ । ସେମାନେ
୩୫ କହିଲେ ହେ ପ୍ରଭୁ ଆସି ଦେଖ । ଯୀଶୁ କାନ୍ଦିଲେ । ଏନିମନ୍ତେ ଯିହୁଦୀୟମା
୩୬ ନେ କହିଲେ ଦେଖ ଏ ତାହାକୁ କେମନ୍ତ ସ୍ନେହ କଲେ । ପୁଣି ସେମାନଙ୍କର
କେହି୍ୟ ବୋଇଲେ ଯେ ଅନ୍ଧକୁ ଚକ୍ଷୁ ଦେଇ ଅଛନ୍ତି ସେ କି ଏହି ଜନର ମୃତ୍ୟୁ
୩୭ ନିବାରଣ କରିବାକୁ ନ ପାରନ୍ତେ । ଯୀଶୁ ପୁନର୍ବାର ଅନ୍ତରେ କାତର
୩୮ ହୋଇ କବରର ପାଖକୁ ଅଇଲେ । ସେହି କବର ଗୋଟାୟେ ଗୁହା ତାହାର
୩୯ ମୁଖରେ ଖଣ୍ଡେ ପଥର ଚାଞ୍ଚା ଥିଲା । ଯୀଶୁ କହିଲେ ଏହି ପଥର କାଢି ଦିୟ ।
ସେହି ମୃତ ଜନର ଭଉଣୀ ମାର୍ଥା କହିଲା ହେ ପ୍ରଭୁ ଏବେ ତହିଁରେ ଦୁର୍ଗନ୍ଧ
୪୦ ହୋଇ ଥିବ ଯେହେତୁ ଆଜିକୁ ଚାରି ଦିନ ହେଲା କବରରେ ଅଛି । ଯୀଶୁ
କହିଲେ ଯେବେ ବିଶ୍ୱାସ କର ତେବେ ଈଶ୍ୱରର ମହିମା ଦେଖିବାକୁ ପାଇବ
୪୧ ଏକଥା କି ତୁମ୍ଭକୁ କହି ନାହୁଁ । ତେବେ ମୃତ ଜନର କବରରୁ ପଥର ଘୁଞ୍ଚା
ନ୍ତେ ଯୀଶୁ ଉର୍ଦ୍ଧ୍ୱ ଦୃଷ୍ଟି କରି କହିଲେ ହେ ପିତା ଆମ୍ଭର ନିବେଦନ ଶୁଣିଅଛ
୪୨ ଏହି ନିମନ୍ତେ ତୁମ୍ଭର ଧନ୍ୟବାଦ କରି । ଆଉ ସଦା ଶୁଣି ଥାଅ ତାହାଇ
ଆମ୍ଭେ ଜାଣି ପୁଣି ତୁମ୍ଭେ ଯେ ଆମ୍ଭକୁ ପଠାଇଅଛ ଏହା ଯେମନ୍ତ ଏଠାରେ
୪୩ ଉପସ୍ଥିତ ଲୋକମାନେ ବିଶ୍ୱାସ କରନ୍ତି ଏଣୁକରି ଏହି କଥା କହୁଅଛୁଁ । ଏହି
କଥା ବୋଲି ସେ ଉଚ୍ଚସ୍ୱରେ ଡାକି ବୋଇଲେ ହେ ଲାଜାର ବାହାରକୁ
୪୪ ଆସ । ତହିଁରେ ସେ ମୃତଲୋକ କବର ବସ୍ତ୍ରରେ ହାତ ଗୋଡ ବନ୍ଧା ପୁଣି
ଗାମୁଛରେ ମୁଖ ବନ୍ଧା ହୋଇ ବାହାରେ ଅଇଲା । ଯୀଶୁ କହିଲେ ଏହାକୁ
୪୫ ଫିଟାଇ ଛାଡି ଦିୟ । ଏନିମନ୍ତେ ମରିୟମର ନିକଟରେ ଆସି ଥିଲେ ଯେ ଯିହୁ
ଦୀୟ ଲୋକେ ଯୀଶୁର ଏହି କର୍ମ ଦେଖି ସେମାନଙ୍କର ଅନେକେ ବିଶ୍ୱାସ
୪୬ କଲେ । ପୁଣି ଆଉ କେହି୍ୟ ଫାରୁଶୀମାନଙ୍କର କତିକୁ ଯାଇ ଯୀଶୁର ଏହି
କର୍ମର ସମ୍ବାଦ ଦେଲେ ।
୪୭ ଏଥିରେ ପ୍ରଧାନ ଯାଜକମାନେ ଓ ଫାରୁଶୀବର୍ଗ ମହା ସଭା କରି ବୋଇଲେ

ଆମ୍ଭେମାନେ କି କରୁଅଛୁଁ ଏ ମନୁଷ୍ୟ ଅନେକ ଆଶ୍ଚର୍ଯ୍ୟ କର୍ମ କରୁଅଛି ।
ଯେବେ ଏମନ୍ତ ତାକୁ ଛାଡ଼ି ଦେଉଂ ତେବେ ସମସ୍ତେ ତାହାକୁ ବିଶ୍ୱାସ ୪୮
କରିବେ ପୁଣି ରୋମି ଲୋକମାନେ ଆସି ଆମ୍ଭମାନଙ୍କର ଏହି ରାଜଧାନୀର
ସଙ୍ଗତେ ରାଜ୍ୟ ଉଚ୍ଛନ୍ନ କରିବେ । ତହୁଁ ସେମାନଙ୍କର ମଧ୍ୟରେ କେୟଫା ୪୯
ନାମରେ ଯେଉଁଜନ ସେହି ବରଷର ମହା ଯାଜକର ପଦରେ ନିଯୁକ୍ତ
ଥିଲା ସେ ଉତ୍ତର କଲା ତୁମ୍ଭେମାନେ କିଛି ନ ଜାଣ ଏଜାତୀୟ ସବୁର ବିନାଶ ୫୦
ଯେମନ୍ତ ନ ହୁଅଇ ଏଥିପାଁଇ ଲୋକମାନଙ୍କର କାରଣରେ ଏକ ଜଣର
ମରଣ ଆମ୍ଭମାନଙ୍କର ପ୍ରୟୋଜନ ଏହା ବିବେଚନା ନ କର । ଏହି କଥା ୫୧
ସେ ଆପଣାରୁ ନ କହିଲା ପୁଣି ସେହି ବରଷର ମହା ଯାଜକ ହେବାରୁଂ
ସେ ଭବିଷ୍ୟତ୍ରବାକ୍ୟ କରି କହିଲା ଯେ ଯୀଶୁ ସେହି ଦେଶୀୟମାନଙ୍କର
ନିମନ୍ତେ ମରିବେ ଆଉ କେବଳ ସେମାନଙ୍କର ପାଁଇ ତାହା ନୋହେ ପୁଣି ୫୨
ସର୍ବତ୍ର ଛିନ୍ନଭିନ୍ନ ଈଶ୍ୱରଙ୍କର ସନ୍ତାନମାନଙ୍କୁ ସେ ଏକତ୍ର କରି ଏକ ଲୋକ
କରିବେ । ସେହି ଦିନରୁ କି ପ୍ରକାରେ ତାହାଙ୍କୁ ବଧ କରିବାକୁ ପାରନ୍ତି ୫୩
ସେମାନେ ଏକ ସଙ୍ଗତେ ଏହି ବିଚାର କଲେ । ଏନିମନ୍ତେ ଯୀଶୁ ଯିହୁଦୀୟ ୫୪
ମାନଙ୍କର ମଧ୍ୟରେ ପ୍ରକାଶରୂପରେ ଆଉ ଭ୍ରମଣ ନ କରି ସେଠାରୁ ମହା
ଅରଣ୍ୟର ନିକଟସ୍ଥ ଦେଶର ଏଫ୍ରୟିମ ନଗରକୁ ଯାଇଂ ଶିଷ୍ୟମାନଙ୍କର
ସଙ୍ଗେ ରହିଲେ ।

ଏଥିଉତ୍ତାରୁ ଯିହୁଦୀୟମାନଙ୍କର ନିସ୍ତାର ପର୍ବ ସନ୍ନିକଟ ହେଲା ପର୍ବର ୫୫
ପୂର୍ବରେ ଆପଣାମାନଙ୍କୁ ଶୁଚି କରିବା ନିମନ୍ତେ ଅନେକ ଲୋକ ଗ୍ରାମ
ଗ୍ରାମାନ୍ତରରୁ ଯିରୁଶାଲମକୁ ଗମନ କଲେ । ଏମାନେ ଯୀଶୁର ଅନ୍ୱେଷଣ ୫୬
କରି ମନ୍ଦିରରେ ଠିୟା ହୋଇ ଏକକୁଆରେକ କହିଲେ କେମନ୍ତ ବୁଝ ସେ
କି ଏହି ପର୍ବରେ ନ ଆସିବେ । ପୁଣି ସେ କେଉଂଠାରେ ଅଛନ୍ତି ତାହା ୫୭
ଯେବେ କେହି ଜାଣଇ ତେବେ ତାହା ଜଣାଇବାକୁ ହେବ ଏମନ୍ତେ ତାହାଙ୍କୁ
ଧରିବାର ପାଁଇ ପ୍ରଧାନ ଯାଜକମାନେ ଓ ଫାରୁଶୀବର୍ଗ ପୂର୍ବେ ଏକ ଆଜ୍ଞା
ପ୍ରଚାର କରି ଥିଲେ ।

## ୧୧ ପର୍ବ ।

ଏଥିଉତ୍ତାରୁ ନିସ୍ତାର ପର୍ବର ଛଅ ଦିବସ ଥାଉଂ ଯୀଶୁ ଯେ ମୃତ ଲାଜାରକୁ ୧
କବରରୁ ଉତ୍ଥାନ କରାଇ ଥିଲେ ତାହାର ବାସସ୍ଥାନ ବେଥନୀୟା ଗ୍ରାମରେ
ଅଇଲେ । ସେଠାରେ ତାହାଙ୍କର ନିମନ୍ତେ ରାତିଭୋଜ ପ୍ରସ୍ତୁତ କରନ୍ତେ ୨
ମାର୍ଥା ପରିବେଷଣ କଲା ପୁଣି ଲାଜାର ତାହାଙ୍କ ସଙ୍ଗିମାନଙ୍କର ସହିତ ଭୋଜ

୩ ନାସନରେ ଉପବିଷ୍ଟ ଥିଲା । ଏଥିରେ ମରିୟମ ଅର୍ଦ୍ଧସେର ବହୁମୂଲ୍ୟ ଜଟା
ମାଂସୀର ତୈଳ ଅଣି ଯୀଶୁର ଚରଣରେ ମର୍ଦ୍ଦନ କରି ଅପଣା କେଶ ଦେଇ
ପୋଛିବାକୁ ଲାଗିଲା ତେଣୁ ତୈଳର ସୁଗନ୍ଧରେ ଗୃହ ଆମୋଦିତ ହେଲା ।
୪ ତେବେ ଯୀଶୁକୁ ଯେ ପରହସ୍ତଗତ କରିବ ଏମନ୍ତ ଶିମୋନର ପୁତ୍ର ଇସ୍କା
୫ ରିୟୋତୀୟ ଯିହୁଦା ନାମରେ ଶିଷ୍ୟ ସେ କହିଲା ଏହ ତୈଳ ତିନ ଶ
୬ ସୂକାରେ ବିକ୍ରୟ କରି ଦରିଦ୍ରମାନଙ୍କୁ ଦିଆଁ ଯାଇ ନ ଗଲା । ସେ ଯେ ଦରିଦ୍ର
ଲୋକମାନଙ୍କର ନମନ୍ତେ ଚିନ୍ତିତ ହେଲା ତାହା ନୋହେ ପୁଣି ସେ ନଜେ
ଚୋର ଥିଲା ତାହା ରଖି ତାହା ମଧ୍ୟରେ ଯାହା ପୁଆ ଯାଉଥିଲା ତାହା
୭ ହରଣ କରୁଥିଲା । ଏଥିଁପାଇ ଏକଥା କହିଲା । ଯୀଶୁ କହିଲେ ଏହାକୁ ଛାଡ
୮ ଦେଇଁ ଆମ୍ଭର କବର ଦେବା ଦନର ନମନ୍ତେ ତାହା ରଖିଅଛ । ଦରିଦ୍ର
ମାନେ ତୁମ୍ଭମାନଙ୍କର ନକଟରେ ସଦା ଥାନ୍ତି ପୁଣି ଆମ୍ଭେ ତୁମ୍ଭମାନଙ୍କର
ନକଟେ ସଦା ନ ଥାଇ ।

୯ ଯୀଶୁ ସେହ ସ୍ଥାନରେ ଅଛନ୍ତି ଏହା ଜ୍ଞାତ ହୋଇ ଅନେକ ଯିହୁଦୀ
ମାନେ ତାହାଙ୍କୁଁ ଆସି ଯାହାକୁ କବରରୁ ଉତ୍ଥାନ କରାଇ ଥିଲେ ସେହ ଲାଜ
୧୦ ରକୁ ଦର୍ଶନ କରିବାକୁ ସେଠାରେ ଅଇଲେ । ପୁଣି ପ୍ରଧାନ ଯାଜକମାନେ
୧୧ ସେ ଲାଜାରକୁଇ ସଂହାର କରିବାକୁ ବଝିର କଲେ ଯେହେତୁ ତାହାର ହେ
ତୁରଁ ଅନେକ ଯିହୁଦୀୟମାନେ ଯାଇ ଯୀଶୁରେ ବିଶ୍ୱାସ କଲେ ।

୧୨ ଯୀଶୁ ଯିରୂଶାଲମକୁ ଆସୁଅଛନ୍ତି ଏହ ସଂବାଦ ପାଇ ପରଦନରେ ପର୍ବରେ
୧୩ ଉପସ୍ଥିତ ଅନେକ ଲୋକ ଖର୍ଜ୍ଜୁର ବାହୁଙ୍ଗା ଘେନ ତାହାଙ୍କର ସଙ୍ଗେ ଦେଖା
କରିବାକୁ ବାହାରେ ଅସି ଉଚ୍ଚସ୍ୱର ଡାକଲେ ହୋଶାନା ଇଶ୍ରାୟେଲର
୧୪ ଯେଉଁ ରାଜା ପରମେଶ୍ୱରଙ୍କର ନାମରେ ଆସୁଛନ୍ତି ସେ ଧନ୍ୟ । ଏଥିରେ
ହେ ସିୟୋନର କନ୍ୟା ଭୟ ନ କର ଦେଖ ତୁମ୍ଭର ରାଜା ଗଧର ଛୁଆ
୧୫ ଆରୋହଣ କର ଆସୁଅଛନ୍ତି ଏହ ଶାସ୍ତ୍ରର ବଚନାନୁସାରେ ଯୀଶୁ ଏକ ଯୁବା
୧୬ ଗଧକୁ ପାଇ ତାହାର ଉପରେ ଚଢିଲେ । ଆଉ ଏହ ଘଟଣାର ଅର୍ଥ ଶିଷ୍ୟ
ଗଣ ପ୍ରଥମରେ ବୁଝିବାକୁ ନ ପାରିଲେ ପୁଣି ଯୀଶୁ ମହିମା ପ୍ରାପ୍ତ ହେଲା
ଉତ୍ତାରେ ଏହ କଥା ଯେ ତାହାଙ୍କର ବିଷୟରେ ଲେଖିତ ଥିଲା ଓ ସେମା
ନେହଁ ଯେ ତାହାଙ୍କର ପ୍ରତି ଏମନ୍ତ କର୍ମ କରିଥିଲେ ଏହା ସେମାନଙ୍କର
୧୭ ସ୍ମରଣ ହେଲା । ଆଉ ସେ ଲାଜାରକୁ କବରରୁ ଡାକ ଆଣି ମୃତାବସ୍ଥାରୁ
ଉଠାଇବା ବେଳେ ଯେଉଁ ଲୋକ ତାହାଙ୍କର ସଙ୍ଗେ ଥିଲେ ସେମାନେ ସ
୧୮ ମାଶ ଦେବାକୁ ଲାଗିଲେ । ଏଣୁ ସେ ଯେ ଏମନ୍ତ ଅଦ୍ଭୁତ କର୍ମ କରି ଥିଲେ
ତାହା ଜନରବ ହେବାରୁଁ ଲୋକମାନେ ତାହାଙ୍କର ସଙ୍ଗେ ସାକ୍ଷାତ କଲେ

ବାକୁ ଗଲେ । ଏଣୁ ଫାରୁଶୀମାନେ ପରଖିର କହିଲେ ତୁମ୍ଭମାନଙ୍କର ସବୁ ୧୯
ଚେଷ୍ଟା ବୃଥା ହେଉଅଛି ତାହା କି ତୁମ୍ଭେମାନେ ବୁଝି ନାହଁ ଦେଖ ଜଗତ
ଯାକ ତାହାର ପଶ୍ଚାତ୍ ଯାଉଛନ୍ତି ।

ଆଉ ଭଜନା କରିବା ନିମନ୍ତେ ପର୍ବରେ ଆସନ୍ତା ଲୋକମାନଙ୍କର ମଧ୍ୟ ୨୦
ରେ ଥୋକାୟେ ଜନ ଅନ୍ୟ ଦେଶୀୟ ଥିଲେ ସେମାନେ ଗାଲିଲୀର ବେଥ ୨୧
ସେଦା ନିବାସି ଫିଲିପର କତିକୁ ଆସି କହିଲେ ହେ ଅବଧାନ ଆମ୍ଭେମାନେ
ଯୀଶୁକୁ ଦେଖିବାକୁ ବାଞ୍ଛା କରି । ଏଥିରେ ଫିଲିପ ଯାଇ ଅନ୍ଦ୍ରିୟକୁ କହିଲା ୨୨
ପୁଣି ଅନ୍ଦ୍ରିୟ ଓ ଫିଲିପ ଯୀଶୁକୁ ସଂବାଦ ଦେଲେ । ଯୀଶୁ ଉତ୍ତର କଲେ ୨୩
ମନୁଷ୍ୟ ପୁତ୍ରର ମହିମା ପ୍ରାପ୍ତ ହେବାର ସମୟ ଉପସ୍ଥିତ ହେଲା । ସତ୍ୟ୍ ଆମ୍ଭେ ୨୪
କହି ଧାନର ଏକ ବୀଜ ମୃତ୍ତକାରେ ପତି ଯେବେ ନ ମରଇ ତେବେ ସେ
ଏକଲା ମାତ୍ର ଥାୟେ ଯେବେ ମରଇ ତେବେ ବହୁ ଗୁଣ ଫଳ ଧରଇ । ଯେ ୨୫
ଙ୍କୁଜନ ଆପଣା ପ୍ରାଣକୁ ପ୍ରିୟ ଜ୍ଞାନ କରଇ ସେ ତାହା ହଜାଇବ ପୁଣି ଯେ
ଙ୍କୁଜନ ଇହଲୋକରେ ଆପଣା ପ୍ରାଣକୁ ଅପ୍ରିୟ ଜ୍ଞାନ କରଇ ସେ ଅନନ୍ତ
ପରମାୟୁ ପାଇବାରେ ତାହା ରକ୍ଷା କରିବ । କେହି ଯେବେ ଆମ୍ଭର ସେବକ ୨୬
ହେବାକୁ ମଙ୍ଗଇ ତେବେ ସେ ଆମ୍ଭର ପଶ୍ଚାତ୍ଗାମୀ ହେଉ । ତହିଁରେ ଆମ୍ଭେ
ଯେଉଂଠାରେ ଥାଇ ଆମ୍ଭର ସେବକଇ ସେହି ସ୍ଥାନରେ ଥିବ ପୁଣି ଯେଙ୍କୁ
ଜନ ଆମ୍ଭର ସେବା କରଇ ଆମ୍ଭର ପିତାହିଂ ତାହାର ସମ୍ଭ୍ରମ କରିବେ ।

ଏବେ ଆମ୍ଭର ପ୍ରାଣ ବ୍ୟାକୁଳ ହେଉଅଛି ଏଣୁ ହେ ପିତା ଏହି ସମୟରୁ ୨୭
ଆମ୍ଭକୁ ରକ୍ଷାକର ଆମ୍ଭେ କି ଏହା ବୋଲିବା । ପୁଣି ଆମ୍ଭେ ଏହି ସମୟର
ନିମନ୍ତେ ଅବତୀର୍ଣ୍ଣ ହୋଇଅଛୁଁ । ହେ ପିତା ଆପଣା ନାମର ମହିମା ପ୍ର ୨୮
କାଶ କର । ଏଥିରେ ଆମ୍ଭେ ଆପଣା ନାମର ମହିମା ପ୍ରକାଶ କରିଅଛୁଁ
ପୁନର୍ବାର ପ୍ରକାଶ କରିବା ଏହିରୂପ ଆକାଶବାଣୀ ହୋଇଲା । ତାହା ଶୁଣି ୨୯
ନିକଟସ୍ଥ ଲୋକମାନଙ୍କର କେହି କେହି ବୋଇଲେ ମେଘ ଗର୍ଜନ ହେଲା
ଆଉ କେହି୍ ବୋଇଲେ ସ୍ୱର୍ଗର ଦୂତ ଏହାଙ୍କର ସଙ୍ଗେ କଥା କହିଲା ।
ଯୀଶୁ ଉତ୍ତର କଲେ ଆମ୍ଭର ନିମନ୍ତେ ଏହି ଶବ୍ଦ ନୋହିଲା ତୁମ୍ଭମାନଙ୍କର ୩୦
ନିମନ୍ତେଇ ହେଲା । ଏବେ ଏହି ଜଗତର ବିଚାର ନିସାପ ହେବ ଏବେ ୩୧
ଏହି ଜଗତ୍ପତି ରାଜ୍ୟଚ୍ୟୁତ ହେବ । ଅହୁରି ଆମ୍ଭେ ଭୂମିରୁ ଉର୍ଦ୍ଧ୍ୱରେ ଉଠା ୩୨
ଗଲେ ଆପଣାର ନିକଟରେ ସମସ୍ତ ମନୁଷ୍ୟକୁଇ ଆକର୍ଷଣ କରିବା । ତାହାଙ୍କର ୩୩
କି ପ୍ରକାର ମୃତ୍ୟୁ ଭୋଗ ହେବ ଏହା ବୁଝାଇବାର ନିମନ୍ତେ ସେ ଏହି କଥା
କହିଲେ । ଲୋକମାନେ ଉତ୍ତର କଲେ ଆମ୍ଭେମାନେ ବ୍ୟବସ୍ଥା ଗ୍ରନ୍ଥରେ ୩୪
ଶିକ୍ଷା ପାଇଅଛୁଁ ଯେ ମଶୀହ ନିତ୍ୟ ରହନ୍ତି ତେଣୁ ମନୁଷ୍ୟ ପୁତ୍ରକୁ ଉର୍ଦ୍ଧ୍ୱରେ

ଉଠା ଯିବ ଏମନ୍ତ କଥା କ ପ୍ରକାରେ ବୋଲୁଅଛ ଏହ ମନୁଷ୍ୟ ପୁତ୍ର କେ ।
୩୫ ଏଥିରେ ଯୀଶୁ କହିଲେ ତୁମ୍ଭମାନଙ୍କର ସଙ୍ଗେ ଅଳ୍ପଦନ ଜ୍ୟୋତି ଅଛୁ
ଯେମନ୍ତ ଅନ୍ଧକାର ଆସି ତୁମ୍ଭମାନଙ୍କୁ ଆଚ୍ଛନ୍ନ ନ କରଇ ଏନମନ୍ତ୍ରେ ଯାବତ୍
ଜ୍ୟୋତି ତୁମ୍ଭମାନଙ୍କର ସଙ୍ଗେ ଥାଏ ତାବତ୍ ଗମନ କର । ଯେଉଁଜନ
ଅନ୍ଧକାରରେ ଗମନ କରଇ ସେ କେଉଁଠାରେ ଯାଏ ତାହା ଗୋଚର
୩୭ ନ ହୁଅଇ । ଏନମନ୍ତ୍ରେ ଯେ ପର୍ଯ୍ୟନ୍ତ ତୁମ୍ଭମାନଙ୍କର ନକଟରେ ଜ୍ୟୋତି
ଅଛୁ ତାବତ୍ ପର୍ଯ୍ୟନ୍ତ ଜ୍ୟୋତିଃସ୍ୱରୂପ ସନ୍ତାନ ହେବାର ପାଁଇ ଜ୍ୟୋତିରେ
ବଶ୍ୱାସ କର । ଏହ କଥା ବୋଲି ଯୀଶୁ ସେମାନଙ୍କର ସାକ୍ଷାତରୁ ପ୍ରସ୍ଥାନ
କର ଗୋପନରେ ରହିଲେ ।
୩୭ ଯୀଶୁ ଯଦ୍ୟପି ସେମାନଙ୍କର ସାକ୍ଷାତରେ ଏତେ ଆଶ୍ଚର୍ଯ୍ୟ କର୍ମ କରଥିଲେ
୩୮ ତଥାପି ସେମାନେ ତାହାଙ୍କୁ ପ୍ରତ୍ୟୟ ନ କଲେ । ଏନମନ୍ତ୍ରେ ହେ ପରମେ
ଶ୍ୱର ଆମ୍ଭମାନଙ୍କର ସମ୍ବାଦରେ କେ ବଶ୍ୱାସ କରଅଛୁ ପୁଣି ପରମେଶ୍ୱରର
ବାହୁ କାହାରଠାରେ ପ୍ରକାଶ ହୋଇଅଛୁ ଯିଶାଇୟ ଭବଷ୍ୟଦ୍ବକ୍ତାର
ମୁଖର ଏହ ଯେ କଥା ଉକ୍ତ ଥିଲା ସେ କଥା ତେତେବେଳେ ସିଦ୍ଧ ହେଲା ।
୩୯ ଅତ୍ୟ ସେମାନେ ଯେ ପ୍ରତ୍ୟୟ କରବାକୁ ନ ପାରଲେ ସେ ବଷୟରେ ଯିଶା
୪୦ ଇୟ ଆହୁର କହି ଥିଲା ଯଥା । ସେମାନେ ଅକ୍ଷିରେ ଯେମନ୍ତ ଦେଖି ପୁଣି
ଅନ୍ତଃକରଣ ଦେଇ ଯେମନ୍ତ ବୁଝି ନ ପାନ୍ତ୍ର ପୁଣି ମନ ଫେରାଇଲେ ଆମ୍ଭେ
ଯେମନ୍ତ ସେମାନଙ୍କୁ ସୁସ୍ଥ ନ କରବା ଏହ ଅଶୟରେ ସେ ସେମାନଙ୍କର
୪୧ ଅକ୍ଷିକ ଅନ୍ଧ କର ସେମାନଙ୍କର ଅନ୍ତଃକରଣକୁ କଠିଣ କଲେ । ଯିଶା
ଇୟ ଯେତେବେଳେ ଯୀଶୁର ମହିମା ଦେଖି ତାହାଙ୍କର ବଷୟରେ କଥା
୪୨ କହିଲା ତେତେବେଳେ ଏମନ୍ତ ଭବଷ୍ୟଦ୍ବାକ୍ୟ ପ୍ରକାଶ କଲା । ତଥାପି କର୍ତ୍ତୃ
ମାନଙ୍କର ମଧ୍ୟରେ ଅନେକେ ତାହାଙ୍କୁ ପ୍ରତ୍ୟୟ କଲେ ମାତ୍ର ଫାରୂଶୀମାନେ
ପଚ୍ଛେ ସେମାନଙ୍କୁ ଭଜନାଳୟରୁ ଦୂର କର ଦଅନ୍ତ୍ର ଏହ ଲାଗି ସେମାନେ
୪୩ ତାହାଙ୍କୁ ସ୍ୱୀକାର ନ କଲେ କାରଣ ଈଶ୍ୱରର ପ୍ରଶଂସାଠାରୁ ସେମାନେ
ମନୁଷ୍ୟର ପ୍ରଶଂସା ଭଲ ଜାଣିଲେ ।
୪୪ ତେତେବେଳେ ଯୀଶୁ ଉଚ୍ଚ କର କହିଲେ ଯେଉଁଜନ ଆମ୍ଭର ପ୍ରତ ବଶ୍ୱାସ
କରଇ ସେ କେବଳ ଆମ୍ଭର ପ୍ରତ ବଶ୍ୱାସ କରଇ ତାହା ନୋହେ ସେ ଆମ୍ଭର
୪୫ ପ୍ରେରଣ କର୍ତ୍ତାର ପ୍ରତ ବଶ୍ୱାସ କରଇ ପୁଣି ଯେଉଁଜନ ଆମ୍ଭକୁ ଦର୍ଶନ
୪୬ କରଇ ସେ ଆମ୍ଭର ପ୍ରେରଣ କର୍ତ୍ତାକୁଇ ଦର୍ଶନ କରଇ । ଯେଉଁଜନ ଆମ୍ଭକୁ
ପ୍ରତ୍ୟୟ କରଇ ସେ ଯେମନ୍ତ ଅନ୍ଧକାରରେ ନ ଥାଏ ଏନମନ୍ତ୍ରେ ଆମ୍ଭେ
୪୭ ଜୋତିଃସ୍ୱରୂପ ହୋଇ ଏହ ଜଗତରେ ଅବତୀର୍ଣ ହୋଇଅଛୁଁ । ଆମ୍ଭର କଥା

ଶୁଣି ଯେବେ କେହ ନ ମାନଇ ତେବେ ଆମ୍ଭେ ତାହାକୁ ଦୋଷୀ ନ କରୁ
ଯେହେତୁ ଜଗତ ଜନର ଦୋଷ ସ୍ଥିର କରିବାକୁ ନ ଆସି ସେମାନଙ୍କୁ ଉଦ୍ଧାର
କରିବାକୁ ଅସିଅଛୁଁ । ଯେ କେହ ଆମ୍ଭକୁ ଅଶ୍ରଦ୍ଧା କରି ଆମ୍ଭର କଥା ଅଗ୍ରାହ୍ୟ ୪୮
କରଇ ଅରେକ ତାହାର ଦୋଷ ନିଶ୍ଚୟ କରିବ ଅର୍ଥାତ୍ ଯେଉଁ କଥା
ଆମ୍ଭେ କହିଅଛୁଁ ଶେଷ ଦିନରେ ସେ କଥା ତାହାକୁ ଦୋଷୀ କରିବ । ଯେ ୪୯
ହେତୁ ଆମ୍ଭେ ଆପଣାର ଇଚ୍ଛା ନ ବୋଲି ପୁଣି କୀ ବୋଲିବାକୁ ହୁଅଇ ଓ
କୀ ଉପଦେଶ ଦେବାକୁ ହୁଅଇ ତାହା ଆମ୍ଭର ଯେଉଁ ପିତା ଆମ୍ଭକୁ ପଠାଇ
ଅଛନ୍ତି ସେ ଆଜ୍ଞା କରିଅଛନ୍ତି । ଆଉ ତାହାଙ୍କର ସେହି ଆଜ୍ଞା ଯେ ଅନନ୍ତ ୫୦
ପରମାୟୁ ବୋ ଆମ୍ଭେ ଜାଣି ଏନିମନ୍ତେ ଯେ କଥା କହୁ ତାହା ପିତା ଯେ
ମତ ଆଜ୍ଞା କରିଅଛନ୍ତି ତେମତ ଆମ୍ଭେ କହୁ ।

୮ମ ପତ୍ର ।

ଏଥିଉତ୍ତାର ନସ୍ତାର ପର୍ବର ପୂର୍ବରେ ପୃଥିବୀର ପିତାର କଉରେ ଆପଣା ୧
ଯିବାର ସମୟ ସନ୍ନିକଟ ହେଲା ବୋ ଜାଣି ଯୀଶୁ ଜଗତସ୍ଥ ଆତ୍ମୀୟମାନଙ୍କୁ
ସ୍ନେହ କରି ଅସିଥିଲେ ସେମାନଙ୍କୁ ଶେଷ ପର୍ଯ୍ୟନ୍ତେ ସ୍ନେହ କଲେ ।
ପୁଣି ତାହାକୁ ଶତ୍ରୁଠାରେ ସମର୍ପଣ କରିବାକୁ ଶିମୋନର ପୁତ୍ର ଇସ୍କାର ୨
ଯୋତସ୍ଥ ଯିହୁଦାର ଅନ୍ତଃକରଣରେ ଶୟତାନ ଏହି କୁପ୍ରବୃତ୍ତି ଜନ୍ମାଇ
ଅଛୁ ଆଉ ପିତା ଯେ ତାହାଙ୍କ ହାତରେ ସମସ୍ତଇ ସମର୍ପଣ କରିଅଛନ୍ତି ପୁଣି ୩
ଆପେଁ ଯେ ଈଶ୍ୱରର ନକଟର ଆସି ଈଶ୍ୱରର ନକଟକୁ ଯାଉଛନ୍ତି ଏ
ସମସ୍ତ ଜ୍ଞାତ ହୁଅନ୍ତେ ରାତ୍ରିର ଭୋଜନ କାଳରେ ଯୀଶୁ ଭୋଜନ ଅସନରୁ ୪
ଉଠି ଗାତ୍ର ବସ୍ତ୍ର ଫିଟାଇ ଖଣ୍ଡେ ଗାମୁଛ ନେଇ ଡହଁରେ ଆପଣାର କଟି
ବନ୍ଧନ କଲେ । ପୁଣି ଏକ ପାତ୍ରରେ ଜଳ ଢାଳି ଶିଷ୍ୟମାନଙ୍କର ପାଦ ପ୍ରକ୍ଷା ୫
ଳଣ କର ସେ ଆପଣା କଟିରେ ବନ୍ଧା ଗାମୁଛ ଘେନ ପୋଛିବାକୁ ଲାଗିଲେ । ଏଥି ୬
ରେ ଶିମୋନ ପିତରର କଉକ ଅସନ୍ତେ ସେ କହିଲା ହେ ପ୍ରଭୁ ଆପଣ କି ଆମ୍ଭର
ପାଦ ପ୍ରକ୍ଷାଳଣ କର । ଯୀଶୁ କହିଲେ ଆମ୍ଭେ ଯାହା କରୁଅଛୁଁ ତାହା ୭
ତୁମ୍ଭେ ଏବେ ନ ଜାଣ ପଛେ ଜାଣିବ । ପିତର କହିଲା ଆପଣ କେବେହେଁ ୮
ଆମ୍ଭର ପାଦ ପ୍ରକ୍ଷାଳଣ କରିବାକୁ ନ ପାଇବ । ଯୀଶୁ ଉତ୍ତର କଲେ ଯେବେ
ତୁମ୍ଭର ପ୍ରକ୍ଷାଳଣ ନ କରି ତେବେ ଆମ୍ଭର ସଙ ତୁମ୍ଭର କୌଣସି ଅଂ
ଶଇ ନାହିଁ । ଶିମୋନ ପିତର କହିଲା ହେ ପ୍ରଭୁ ତେବେ ପାଦ କେବଳ ୯
ନୋହେ ଆମ୍ଭର ହସ୍ତ ମସ୍ତକ ପର୍ଯ୍ୟନ୍ତେ ପ୍ରକ୍ଷାଳଣ କରନ୍ତୁ । ଯୀଶୁ କହିଲେ ୧୦
ଯେଉଁ ଜନ ଧୌତ ହୋଇ ଅଛ ସର୍ବାଙ୍ଗ ପରିଷ୍କୃତ ହେବାରୁ ଚରଣ ବିନୁ

୧୦ ତାହାର ଅଉ ପ୍ରକ୍ଷାଳଣର ଆବଶ୍ୟକ ନାହିଁ । ତୁମ୍ଭେମାନେ ସରଖୁଦ ହେଲ
ପ୍ରମାଣ ପୁଣି ସମସ୍ତେ ନୁହ କାରଣ ଯେଉଁଜନ ତାହାକୁ ପରତାରେ ସମ
ର୍ପଣ କରିବ ତାହା ସେ ଜାଣି ଥିଲେ ଏନମନ୍ତେ ତୁମ୍ଭେମାନେ ସମସ୍ତେ ସର
ଖୁଦ ନୁହ ଏ କଥା କହିଲେ ।
୧୧ ଏହି ପ୍ରକାରେ ଯୀଶୁ ସେମାନଙ୍କର ପାଦ ପ୍ରକ୍ଷାଳଣ କରି ବସ୍ତ୍ର ପରିଧାନ
କରି ପୁନର୍ବାର ଆସନରେ ବସନ୍ତେ କହିଲେ ଆମ୍ଭେ ତୁମ୍ଭମାନଙ୍କର ପ୍ରତି କ
୧୩ ର୍ମ କଲୁଁ ତାହା ଜାଣ । ତୁମ୍ଭେମାନେ ଆମ୍ଭକୁ ଗୁରୁ ଓ ପ୍ରଭୁ କରି ବୋଲ
୧୪ ତାହା ସତ୍ୟଇ ବୋଲ ଯେହେତୁ ଆମ୍ଭେ ତାହାଇ ଅଟୁଁ । ପୁଣି ପ୍ରଭୁ ଓ
ଗୁରୁ ହୋଇ ଯେବେ ଆମ୍ଭେ ତୁମ୍ଭମାନଙ୍କର ପାଦ ପ୍ରକ୍ଷାଳଣ କଲୁଁ ତେବେ
୧୫ ତୁମ୍ଭମାନଙ୍କର ଏକକୁଆରେକ ପାଦ ପ୍ରକ୍ଷାଳଣ କରିବା ଉଚିତ । ଯେହେତୁ
ଆମ୍ଭେ ତୁମ୍ଭମାନଙ୍କର ପ୍ରତି ଯେ ପ୍ରକାର ବ୍ୟବହାର କଲୁଁ ତୁମ୍ଭେମାନେହିଁ
ଯେ ସେପ୍ରକାର କରିବ ଏଥିପାଇଁ ତୁମ୍ଭମାନଙ୍କୁ ଏକ ଦୃଷ୍ଟାନ୍ତ ଦେଖାଇଲୁଁ ।
୧୬ ସତ୍ୟ ଆମ୍ଭେ କହି କର୍ତ୍ତାର ଦାସ ବଡ ନୋହେ ପୁଣି ପ୍ରେରକର ପ୍ରେରିତ
୧୭ ଜନ ବଡ ନୋହେ । ଏହି କଥା ବୁଝି ଯେବେ କର ତେବେ ତୁମ୍ଭେମା
୧୮ ନେ ଧନ୍ୟ ହେବ । ତୁମ୍ଭମାନଙ୍କର ସମସ୍ତର ବିଷୟରେ ଏକଥା କହି ନାହିଁ
ଯେଉଁମାନେ ଆମ୍ଭର ମନୋନୀତ ସେମାନଙ୍କୁ ଆମ୍ଭେ ଜାଣି ପୁଣି ଯେଉଁଜନ
ଆମ୍ଭର ସଙ୍ଗେ ଭୋଜନ କରିଛି ସେ ଆମ୍ଭର ବିରୁଦ୍ଧରେ ଗୋଇଠା ଉଠାଇଛି
୧୯ ଧର୍ମପୁସ୍ତକର ଏହି ବଚନ ଏଥିରେ ସଫଳ ହେବ । ଆମ୍ଭେ ସେ ଅଟୁଁ ଏଥିରେ
୨୦ ଯେମନ୍ତ ତୁମ୍ଭମାନଙ୍କର ବିଶ୍ୱାସ ହୁଅଇ ଏଥିପାଇଁ ଏହାର ଘଟଣାର ପୂର୍ବରେ
ଆମ୍ଭେ ଏବେ ତୁମ୍ଭମାନଙ୍କୁ କହିଲୁଁ । ସତ୍ୟ ସତ୍ୟ ଆମ୍ଭେ କହି ଯେଉଁଜନ ଆମ୍ଭର
କୌଣସି ପ୍ରେରିତ ଜଣକୁ ଗ୍ରାହ୍ୟ କରିଛି ସେ ଆମ୍ଭକୁ ଗ୍ରାହ୍ୟ କରିଛି ଅଉ ଯେ
କେହି ଆମ୍ଭକୁ ଗ୍ରାହ୍ୟ କରିଛି ସେ ଆମ୍ଭର ପ୍ରେରଣ କର୍ତ୍ତାକୁ ଗ୍ରାହ୍ୟ କରିଛି ।
୨୧ ଯୀଶୁ ଏହି କଥା ବୋଲି ମନରେ ଦୁଃଖିତ ହୋଇ ପ୍ରମାଣ କରି କହି
ଲେ ସତ୍ୟ ସତ୍ୟ ଆମ୍ଭେ କହି ତୁମ୍ଭମାନଙ୍କର ଏକ ଜଣ ଆମ୍ଭକୁ ପରହସ୍ତଗତ
୨୨ କରିବ । ଏଥିରେ ସେ କାହାର ଉଦ୍ଦେଶରେ ଏକଥା କହିଲେ ସେ ବିଷୟ
୨୩ରେ ସନ୍ଦିଗ୍ଧ ହୋଇ ଶିଷ୍ୟମାନେ ଏକଆରେକର ମୁଖକୁ ଅନାଇଲେ । ସେ
ସମୟରେ ଯୀଶୁ ଯାହାକୁ ସ୍ନେହ କରି ଥିଲେ ଏମନ୍ତ ଏକ ଶିଷ୍ୟ ତାହାର
୨୪ କୋଳରେ ଅଜ୍ଞ ପଡନ୍ତେ ଶିମୋନ ପିତର ସଙ୍କେତ କରି ତାହାକୁ କହିଲା
୨୫ ଏ କାହାର ଉଦ୍ଦେଶରେ ଏକଥା କହୁ ଅଛନ୍ତି ତାହା ପଚାର । ତେଣୁ ସେ
ତାହାଙ୍କର କୋଳରେ ଅଜ୍ଞ ପଡ ପଚାରିଲା ହେ ପ୍ରଭୁ ସେ କେଉଁ ଜନ ।
୨୬ ଯୀଶୁ ଉତ୍ତର କଲେ ଖଣ୍ଡେ ରୋଟୀ ବୁଡାଇ ଯାହାକୁ ଦେବା ସେହି ସେ ।

ପୁଣି ସେ ଏକ ଖଣ୍ଡ ରେଖୀ ବୁଡାଇ ଶିମୋନର ପୁଅ ଇସ୍କାରିୟୋତସ୍ ଯିହୁ
ଦାକୁ ଦେଲେ । ଡାହା ଦେଲାଉତ୍ତାରେ ଶୟତାନ ତାହାର ମଧ୍ୟରେ ପ୍ରବେଶ ୨୭
ହେଲା ତେଣୁ ଯୀଶୁ ତାହାକୁ କହିଲେ ତୁମ୍ଭେ ଯାହା କରିବ ତାହା ଶୀଘ୍ର
କର । ସେ କି ଭାବରେ ଏକଥା କହିଲେ ତାହା ବସିବାର ଲୋକଙ୍କର କେହି ୨୮
ବୁଝିବାକୁ ନ ପାରିଲେ ମାଏ ଯିହୁଦାରଠାରେ ଟଙ୍କାର ଥଳିଥିବାରେ
କେହୀ ଏପ୍ରକାରେ ବୁଝିଲେ ପର୍ବର ଆବଶ୍ୟକନର ନମନ୍ତେ କୌଣସି ସାମଗ୍ରୀ
କିଣି ଅଣିବାକୁ କିବା ଦରିଦ୍ରମାନଙ୍କୁ କିଛି ବଉରଣ କରିବାକୁ କହିଲେ ।
ଏଣୁ ରେଖୀ ଖଣ୍ଡେ ନେଲା ଉତ୍ତାରେ ସେ ଶୀଘ୍ର ବାହାରେ ଗଲା ସେତେ ୩୦
ବେଳେ ରାତ୍ରି ହୋଇଥିଲା ।

ଏମନ୍ତେ ଯିହୁଦା ବାହାରେ ଗଲା ଉତ୍ତାରେ ଯୀଶୁ କହିଲେ ଏବେ ୩୧
ମନୁଷ୍ୟ ପୁତ୍ରର ମହିମା ପ୍ରକାଶ ହେଉଅଛୁ ପୁଣି ତାହାଙ୍କଠାରୁ ଈଶ୍ୱରର
ମହିମା ପ୍ରକାଶ ହେଉଅଛୁ । ଅତ୍ତ ତହିଁରେ ଈଶ୍ୱରର ମହିମା ଯେବେ ପ୍ରକାଶ ୩୨
ହେଲା ତେବେ ଈଶ୍ୱରଯ ଅପେଁ ତାହାର ମହିମା ପ୍ରକାଶ କରିବେ ଶୀଘ୍ରତ
ପ୍ରକାଶ କରିବେ । ହେ ପିଲାମାନେ ଏକ୍ଷଣେ ତୁମ୍ଭମାନଙ୍କର ସଙ୍ଗେ ଅମ୍ଭେ ୩୩
ଆଉ କିଛି କାଳ ମାତ୍ର ଅଛୁଁ ତୁମ୍ଭେମାନେ ଅମ୍ଭର ଅନ୍ୱେଷଣ କରିବ ପୁଣି
ଅମ୍ଭେ ଯେଉଁଠାରେ ଯାଇ ସେ ସ୍ଥାନରେ ତୁମ୍ଭେମାନେ ଯିବାକୁ ନ ପାରିବ
ଏହି ଯେ କଥା ଯିହୁଦୀୟମାନଙ୍କୁ କହିଥିଲୁଁ ସେପ୍ରକାରେ ଏବେ ତୁମ୍ଭମାନଙ୍କୁତ
ବୋଲୁ ଅଛୁଁ । ଏକଆରେକ ପ୍ରେମ କର ଅମ୍ଭେ ତୁମ୍ଭମାନଙ୍କର ପ୍ରତି ଯେପ୍ରକାର ୩୪
ପ୍ରେମକଲୁଁ ତୁମ୍ଭେମାନେତ ଏକଆରେକ ସେପ୍ରକାରେ ପ୍ରେମ କର ତୁମ୍ଭମାନଙ୍କୁତ
ଏହି ଏକ ନୂତନ ଆଜ୍ଞା ଦେଉଅଛୁଁ । ତହିଁରେ ଯେବେ ଏକଆରେକକୁ ପ୍ରେମ ୩୫
କର ତେବେ ଏହି ଲକ୍ଷଣରେ ତୁମ୍ଭେମାନେ ଯେ ଅମ୍ଭର ଶିଷ୍ୟ ଏହା ସମସ୍ତର
ଗୋଚର ହୋଇବ ।

ଶିମୋନ ପିତର ପଚାରିଲା ହେ ପ୍ରଭୁ ଆପଣ କେଉଁଠାକୁ ଯାଉଅଛନ୍ତି । ୩୬
ଏଥିରେ ଯୀଶୁ ଉତ୍ତର କଲେ ଅମ୍ଭେ ଯେଉଁଠାକୁ ଯାଉଅଛୁଁ ଏବେ
ଅମ୍ଭର ପଶ୍ଚାତ୍‌ଗାମୀ ହୋଇ ସେ ସ୍ଥାନରେ ଯିବାକୁ ନ ପାରିବ ପଛେ ଯିବ ।
ପିତର ପ୍ରତ୍ୟୁତ୍ତର କଲା ହେ ପ୍ରଭୁ ଏବେ କି ନମନ୍ତେ ତୁମ୍ଭର ପଶ୍ଚାତ୍‌ଗାମୀ ୩୭
ହେବାକୁ ନ ପାରିବା ତୁମ୍ଭର ନମନ୍ତେ ଅମ୍ଭେ ପ୍ରାଣ ଦେବା । ଯୀଶୁ ଉତ୍ତର ୩୮
କଲେ ଅମ୍ଭର ନମନ୍ତେ କି ତୁମ୍ଭେ ପ୍ରାଣ ଦେବ ସତ୍ୟ। ଅମ୍ଭେ ତୁମ୍ଭକୁ କହୁ
କୁକୁଡା ଡାକିବାର ପୂର୍ବରେ ତୁମ୍ଭେ ଅମ୍ଭକୁ ତିନଥର ଅସ୍ୱୀକାର କରିବ ।

୧୪ ପର୍ବ ।

୧ ମନରେ ଦୁଃଖିତ ନ ହୁଅ ତୁମ୍ଭେମାନେ ଈଶ୍ୱରରେ ବିଶ୍ୱାସ କର ଆମ୍ଭ
୨ ରେହେଁ ବିଶ୍ୱାସ କର । ଆମ୍ଭର ପିତାର ଘରରେ ଅନେକ ବାସସ୍ଥାନ ଅଛି
ନୋହିଲେ ଆଗେ ତୁମ୍ଭମାନଙ୍କୁ ଜଣାନ୍ତୁଁ । ତୁମ୍ଭମାନଙ୍କର ନମନ୍ତେ ସ୍ଥାନ
୩ ପ୍ରସ୍ତୁତ କରିବାକୁ ଯାଇ । ଆଉ ଆମ୍ଭେ ଯାଇ ତୁମ୍ଭମାନଙ୍କର ନମନ୍ତେ ଯେବେ
ସ୍ଥାନ ପ୍ରସ୍ତୁତ କର ତେବେ ପୁନର୍ବାର ଆସି ତୁମ୍ଭମାନଙ୍କୁ ଆପଣା ନକଟକୁ
ଘେନ ଯିବା ଇହାଁରେ ଆମ୍ଭେ ଯେଉଁଠାରେ ଥାଇ ତୁମ୍ଭେମାନେହିଁ ସେହି
୪ ଠାରେ ଥିବ । ଆମ୍ଭେ ଯେଉଁ ସ୍ଥାନକୁ ଯାଉଅଛୁଁ, ସେ ସ୍ଥାନ ତୁମ୍ଭେମାନେ
୫ ଜାଣ ପୁଣି ତାହାର ପଥ ଜାଣ । ଥୋମା କହିଲା ହେ ପ୍ରଭୁ ଆପଣ କେଉଁ
ଠାକୁ ଯାଉଅଛନ୍ତି ତାହା ଆମ୍ଭେମାନେ ନ ଜାଣି ତେବେ ପଥ କ ପ୍ରକାରେ
୬ ଜାଣିବା । ଯୀଶୁ କହିଲେ ପଥ ଓ ସତ୍ୟତା ଓ ଜୀବନ ଆମ୍ଭେ ଅଟୁଁ ।
୭ ଆମ୍ଭ ଦେଇ ନ ଗଲେ ପିତାର ନକଟକୁ କେହ ନ ଯାଏ । ଆମ୍ଭକୁ ଯେବେ
ଜାଣନ୍ତ ତେବେ ଆମ୍ଭର ପିତାକୁଭି ଜାଣନ୍ତ ପୁଣି ଏକାଲାବଧି ତାହାଙ୍କୁ
ଜାଣୁଅଛ ଓ ଦେଖୁଅଛ ।
୮ ଫିଲପ କହିଲା ହେ ପ୍ରଭୁ ପିତାକୁ ଦର୍ଶନ କରାପ ଇହାଁରେ ଆମ୍ଭମାନଙ୍କର
୯ ତୃପ୍ତି ହେବ । ଯୀଶୁ ଉତ୍ତର କଲେ ହେ ଫିଲପ ତୁମ୍ଭମାନଙ୍କର ସଙ୍ଗେ
ଏତେ ଦନ ରହିଲୁଁ ତେବେହେଁ କ ଆମ୍ଭକୁ ନ ଚିହ୍ନିଲ । ଯେଜଣ ଆମ୍ଭକୁ
ଦର୍ଶନ କଲା ସେ ପିତାକୁଭି ଦର୍ଶନ କଲା ତେଣୁ ଆମ୍ଭମାନଙ୍କୁ ପିତାକୁ ଦର୍ଶନ
୧୦ କରାପ ଏକଥା କେମନ୍ତ କର ବୋଲୁ ଅଛ । ଆମ୍ଭେ ପିତାରେ ଅଛୁଁ, ପୁଣି
ପିତା ଆମ୍ଭରେ ଅଛନ୍ତି ଏହା କ ତୁମ୍ଭର ପ୍ରତ୍ୟୟ ନ ହୁଅଇ ଆମ୍ଭେ ଯେଉଁ
କଥା କହୁ ତାହା ଆପଣାର ନ କହୁ ପୁଣି ପିତା ଯେ ଆମ୍ଭରେ ବାସକାମାନ
୧୧ ଅଟନ୍ତି ସେ ସମସ୍ତ କର୍ମ କରନ୍ତି । ଏନମନ୍ତେ ଆମ୍ଭେ ଯେ ପିତାରେ ଅଛୁଁ,
ଓ ପିତା ଯେ ଆମ୍ଭରେ ଅଛନ୍ତି ଏହା ଆମ୍ଭର କଥାରେ ପ୍ରତ୍ୟୟ କର ନୋହିଲେ
୧୨ କର୍ମ ହେତୁରୁ ପ୍ରତ୍ୟୟ କର । ସତ୍ୟ ସତ୍ୟ ଆମ୍ଭେ ତୁମ୍ଭମାନଙ୍କୁ କହୁ ଯେଉଁଜନ
ଆମ୍ଭରେ ବିଶ୍ୱାସ କରଇ ସେ ଆମ୍ଭର ତୁଲ୍ୟ କର୍ମ କରିବ ଅବା ତାହାଠାରୁଇ
୧୩ ମହତ୍ତର କର୍ମ କରିବ ଯେହେତୁ ଆମ୍ଭେ ପିତାର ନକଟରେ ଯାଉଅଛୁଁ । ପୁଣି
ଆମ୍ଭର ନାମ କରି ଯେ କିଛି ପ୍ରାର୍ଥନା କରିବ ତାହା ସଫଳ କରିବା ପୁତ୍ର
୧୪ ଠାରେ ଯେମନ୍ତ ପିତାର ମହିମା ପ୍ରକାଶିତ ହୁଅଇ ସେ ନମନ୍ତେ ଆମ୍ଭର
ନାମରେ ଯେ କିଛି ମାଗିବ ତାହାଇ ସିଦ୍ଧ କରିବା ।
୧୫ ଯେବେ ଆମ୍ଭକୁ ପ୍ରେମ କର ତେବେ ଆମ୍ଭର ଆଜ୍ଞା ପାଳଣ କର । ଏଥିରେ

ଆମ୍ଭେ ପିତାର କଉରେ ପ୍ରାର୍ଥନା କଲେ ପିତା ଜରନ୍ତର ତୁମ୍ଭମାନଙ୍କର ୧୬
ସଙ୍ଗେ ରହିବାକୁ ଆଉ ଏକ ସବୋଧକର୍ତ୍ତାକୁ ଅର୍ଥାତ୍ ସତ୍ୟମୟ ଆତ୍ମାକୁ ତୁମ୍ଭ
ମାନଙ୍କର ନକଟରେ ପଠାଇବେ । ଏହି ଜଗତର ଲୋକେ ତାହାଙ୍କୁ ଗ୍ରହଣ ୧୭
କରିବାକୁ ନ ପାରନ୍ତି ଯେହେତୁ ସେମାନେ ତାହାଙ୍କୁ ନ ଦେଖନ୍ତି ଓ ନ
ଜାଣନ୍ତି ପୁଣି ତୁମ୍ଭେମାନେ ତାହାଙ୍କୁ ଜାଣ ଯେହେତୁ ସେ ତୁମ୍ଭମାନଙ୍କର
ମଧ୍ୟରେ ବାସ କରନ୍ତି ଓ ତୁମ୍ଭମାନଙ୍କର ଅନ୍ତରେ ରହିବେ । ଆମ୍ଭେ ତୁମ୍ଭ ୧୮
ମାନଙ୍କୁ ଅନାଥ କରି ନ ଯିବା ପୁନର୍ବାର ତୁମ୍ଭମାନଙ୍କର ନକଟରେ ଆସିବା ।
ଆଉ କିଛି ଦିନ ଉତ୍ତାରେ ଏହି ଜଗତର ଲୋକ ଆମ୍ଭକୁ ଆଉ ନ ଦେଖିବେ ପୁଣି ୧୯
ତୁମ୍ଭେମାନେ ଦେଖିବ । ଆମ୍ଭେ ଜୀଅନ୍ତା ହୋଇ ଏହି ସକାଶୁ ତୁମ୍ଭେ
ମାନେହେଁ ଜୀବନ୍ତ ହୋଇ ଥିବ । ଆଉ ଆମ୍ଭେ ପିତାରେ ଅଛୁଁ, ଓ ତୁମ୍ଭେ ୨୦
ମାନେ ଆମ୍ଭରେ ଅଛ ପୁଣି ଆମ୍ଭେ ତୁମ୍ଭମାନଙ୍କଠାରେ ଅଛୁଁ, ତାହାଇ
ସେହି କାଲରେ ଜାଣିବ । ଯେଉଁଜନ ଆମ୍ଭର ଆଜ୍ଞା ପାଇ ତାହା ପାଳଣ ୨୧
କରଇ ସେହି ଆମ୍ଭକୁ ପ୍ରେମ କରଇ ଆଉ ଯେଉଁଜନ ଆମ୍ଭକୁ ପ୍ରେମ କରଇ
ସେହି ଆମ୍ଭର ପିତାର ପ୍ରିୟପାତ୍ର ହେବ ପୁଣି ଆମ୍ଭେଇ ତାହାକୁ ସ୍ନେହ କର
ତାହାର ନକଟରେ ଆପଣାକୁ ପ୍ରକାଶ କରିବା । ତେବେ ଇସ୍କାରିୟୋତୀୟ ୨୨
ଯିହୁଦା ତାହାଙ୍କୁ କହିଲା ହେ ପ୍ରଭୁ ଜଗତର ପ୍ରତି ଆପଣାକୁ ପ୍ରକାଶ
ନ କର ଆମ୍ଭମାନଙ୍କଠାରେ ପ୍ରକାଶ କରିବ କାହିଁ । ଯୀଶୁ ଉତ୍ତର କଲେ ଯେ ୨୩
ଉଁଜନ ଆମ୍ଭକୁ ପ୍ରେମ କରଇ ସେ ଆମ୍ଭର ଆଜ୍ଞା ପାଳଣ କରଇ ଇହାଁରେ
ଆମ୍ଭର ପିତାହିଁ ତାହାକୁ ପ୍ରେମ କରିବେ ପୁଣି ଆମ୍ଭେମାନେ ତାହାର ନକ
ଟରେ ଆସି ତାହାର ସଙ୍ଗେ ଏକତ୍ର ବାସ କରିବା । ଆଉ ଯେଉଁଜନ ଆମ୍ଭକୁ ୨୪
ପ୍ରେମ ନ କରଇ ସେ ଆମ୍ଭର କଥାଇ ପାଳଣ ନ କରଇ ପୁଣି ଏହି ଯେ
କଥା ଶୁଣିବାକୁ ପାଉଅଛ ସେ କେବଳ ଆମ୍ଭର କଥା ନୋହେ ପୁଣି ଆମ୍ଭର
ପ୍ରେରଣ କର୍ତ୍ତା ଯେ ପିତା ତାହାଙ୍କର କଥା ।

ଏବେ ତୁମ୍ଭମାନଙ୍କର ନକଟରେ ବର୍ତ୍ତମାନ ଥାଇ ଏହି ସମସ୍ତ କଥା କହୁ ୨୫
ଅଛୁଁ, ପୁଣି ଏହାର ଉତ୍ତାରେ ପିତା ପ୍ରବୋଧକର୍ତ୍ତାକୁ ଅର୍ଥାତ୍ ଧର୍ମ ଆତ୍ମାକୁ ୨୬
ଆମ୍ଭର ନାମରେ ପଠାଇଲେ ସେ ସମସ୍ତ ବିଷୟରେ ଶିକ୍ଷା ଦେଇ ଆମ୍ଭର
ସମସ୍ତ ଉପଦେଶ ତୁମ୍ଭମାନଙ୍କୁ ସ୍ମରଣ କରାଇବେ । ଆମ୍ଭେ ତୁମ୍ଭମାନଙ୍କର ୨୭
ସ୍ଥାନରେ ଶାନ୍ତି ଦେଇ ଯାଉଅଛୁଁ, ଆମ୍ଭର ନିଜର ଶାନ୍ତି ତୁମ୍ଭମାନଙ୍କୁ
ପ୍ରଦାନ କରୁଅଛୁଁ । ଜଗତର ଲୋକ ଯେମନ୍ତ ଦିଅନ୍ତି ଆମ୍ଭେ ତେମନ୍ତ ଦାନ
ନ କରୁ । ତୁମ୍ଭମାନଙ୍କର ଅନ୍ତଃକରଣ ଦୁଃଖିତ ଅବା ଭୀତ ନ ହେଉ ।
ଆମ୍ଭେ ଯାଇ ପୁନର୍ବାର ତୁମ୍ଭମାନଙ୍କଠାରେ ଅସିବା ଆମ୍ଭର ଏହି ଉକ୍ତ ବାକ୍ୟ ୨୮

ତୁମ୍ଭେମାନେ ଶୁଣିଅଛ । ଯେବେ ଆମ୍ଭକୁ ପ୍ରେମ କରନ୍ତ ତେବେ ପିତାର
ନକଟକୁ ଯାଇ ଆମ୍ଭର ଏ କଥାରେ ତୁମ୍ଭମାନଙ୍କର ଅଜ୍ଞାଦ ହୁଅନ୍ତା ଯେ
୨୯ ହେତୁ ଆମ୍ଭମାନଙ୍କର ପିତା ମହତ ଅଟନ୍ତ । ଆଉ ସେ ଘଟଣାର ସମୟ
ରେ ତୁମ୍ଭମାନଙ୍କର ଶ୍ରଦ୍ଧା ଯେମନ୍ତ ଜନ୍ମଇ ଏହା ନମନ୍ତେ ଅମ୍ଭେ ସେ ଘଟଣାର
୩୦ ପୂର୍ବରେ ଏବେ ତୁମ୍ଭମାନଙ୍କୁ ଏହା ଜଣାଇ । ଏହାର ଉତ୍ତରରେ ତୁମ୍ଭମାନ
ଙ୍କର ସଙ୍ଗେ ଆମ୍ଭର ଆଉ କହୁଚ ଆଲାପ ନ ହେବ କାରଣ ଏହ ଜଗତର ଅଧି
୩୧ ପତ ଆସୁଅଛ ପୁଣି ଆମ୍ଭଠାରେ ତାହାର କଛୁହିଁ ନାହିଁ । ଅମ୍ଭେ ଯେ ପିତାକୁ
ପ୍ରେମ କର ପୁଣି ବଧେମତରେ ତାହାଙ୍କର କର୍ମ କର ଏହା ଜଗତର ଲୋକ
ଯେମନ୍ତ ଜ୍ଞାତ ହୁଅନ୍ତ ତେମନ୍ତ କର । ଉଠ ଅମ୍ଭେମାନେ ଏଠାରୁ ଗଲ୍ ଯାଉଁ ।

୧୫ ପଦ ।

୧ ଅମ୍ଭେ ପ୍ରକୃତ ଦ୍ରାକ୍ଷାଲତା ପୁଣି ଆମ୍ଭର ପିତା କୃଷକ ଅଟନ୍ତ । ଅମ୍ଭ
୨ ଠାରେ ପ୍ରତ୍ୟେକ ଅଫଳନ୍ତ ଶାଖା ସେ କାଟି ପକାନ୍ତ ପୁଣି ପ୍ରତ୍ୟେକ ଫଳବନ୍ତ
ଶାଖା ଯେମନ୍ତ ଅଧୁକ ଫଳ ଧରଇ ଏଥିପାଁଇ ସେ ତାହା ପରଷ୍କାର କରନ୍ତ ।
୩ ଏବେ ତୁମ୍ଭ ପ୍ରତ ଆମ୍ଭର ଉକ୍ତ ବାକ୍ୟରେ ତୁମ୍ଭେମାନେ ପରଷ୍କୃତ ହୋଇଅଛ ।
୪ ଅମ୍ଭରେ ଥାଅ ତହିଁରେ ଅମ୍ଭେଇ ତୁମ୍ଭମାନଙ୍କର ମଧ୍ୟରେ ଥିବା । ବୃକ୍ଷରେ
ସଂଲଗ୍ନ ନ ହେଲେ ଶାଖା ଯେମନ୍ତ ଅପଣାର ଫଳବନ୍ତ ହୋଇ ନ ପାରଇ
ସେଉଁପେ ତୁମ୍ଭେମାନେହିଁ ଆମ୍ଭଠାରେ ନ ଲଗିଲେ ଫଳବନ୍ତ ହେବାକୁ ନ
୫ ପାରିବ । ଅମ୍ଭେ ଦ୍ରାକ୍ଷାଲତା ତୁମ୍ଭେମାନେ ଶାଖା ସକୁ ଯେଉଁ ଜନ ଆମ୍ଭରେ
ଥାଏ ପୁଣି ଯହିଁରେ ଅମ୍ଭେ ଥାଇ ସେ ଅପାର ଫଳ ଫଳଇ ପୁଣି ଅମ୍ଭ
୬ ଛଡା ତୁମ୍ଭେମାନେ କଛୁହିଁ କର ନ ପାର । ଯେ କୌଣସି ଜନ ଆମ୍ଭରେ ନ
ଥାଏ ସେ ଶାଖାର ନ୍ୟାସ ବାହାରେ ପକାଇ ଦିଆ ଯାଏ ପୁଣି ଶୁଷ୍କ
ହେଲେ ଲୋକମାନେ ତାକୁ ଏକଠା କର ନିଆଁରେ ପକାଇ ପୋଡ ଦିଅନ୍ତ ।
୭ ଆମ୍ଭରେ ଯେବେ ଥାଅ ପୁଣି ଆମ୍ଭର କଥା ଯେବେ ତୁମ୍ଭମାନଙ୍କଠାରେ
ଥାଏ ତେବେ ଯାହା ଇଚ୍ଛା କର ମାଗ ତାହା ଦିଆ ଯିବ ।
୮ ତୁମ୍ଭେମାନେ ବହୁତ ଫଳବନ୍ତ ହୋଇଲେ ଆମ୍ଭର ପିତାର ମହିମା ପ୍ରକାଶ
୯ ହୋଇବ ତହିଁରେ ତୁମ୍ଭେମାନେ ଆମ୍ଭର ନବାନ୍ତ ଶିଷ୍ୟ ହେବ । ପିତା
ଯେମନ୍ତ ଆମ୍ଭକୁ ପ୍ରେମ କରିଅଛନ୍ତ ଅମ୍ଭେଇ ତେମନ୍ତ ତୁମ୍ଭମାନଙ୍କୁ ପ୍ରେମ
୧୦ କରିଅଛୁଁ । ଆମ୍ଭର ପ୍ରେମରେ ଥାଅ ହୋଇ ଥାଅ । ଆମ୍ଭର ପିତାର ଆଜ୍ଞା
ପାଳଣ କରି ଆମ୍ଭେ ଯେମନ୍ତ ତାହାଙ୍କର ପ୍ରେମରେ ଥାଏ ହେଉଅଛୁଁ ତେମନ୍ତ
ତୁମ୍ଭେମାନେହିଁ ଆମ୍ଭର ଆଜ୍ଞା ଯେବେ ପାଳଣ କର ତେବେ ଆମ୍ଭର ପ୍ରେମରେ

ଯାଏ ହୋଇ ଥିବ । ତୁମ୍ଭମାନଙ୍କଠାରେ ଆମ୍ଭର ଆଜ୍ଞାବ ଯେମନ୍ତ ହୋଇ ।।
ଥାଏ ପୁଣି ତୁମ୍ଭମାନଙ୍କର ଆନନ୍ଦ ଯେମନ୍ତ ସମ୍ପୂର୍ଣ୍ଣ ହୁଅଇ ଏହ ନିମ
ନ୍ତେ ଏହ ସମସ୍ତ କଥା କହିଲୁଁ । ଆମ୍ଭେ ଯେମନ୍ତ ତୁମ୍ଭମାନଙ୍କୁ ପ୍ରେମ କର ।।
ଅଛୁଁ ତୁମ୍ଭେମାନେହଁ ଏକଲ୍ଭାରେକ ପ୍ରତି ସେମନ୍ତ ପ୍ରେମ କର ଏହ ଆମ୍ଭର ଆଜ୍ଞା ।
ମିତ୍ରଗଣର ନିମନ୍ତେ ଆପଣାର ପ୍ରାଣ ଦାନ ପର୍ଯ୍ୟନ୍ତେ ଯେଉଁ ପ୍ରେମ ତହଁର ।।
ଅଧିକ ପ୍ରେମ କାହାର ନାହିଁ । ଯେ। ଆଜ୍ଞା ଆମ୍ଭେ ଦେଇଅଛୁଁ ତାହା ।।
ଯେବେ ପାଳଣ କର ତେବେ ତୁମ୍ଭେମାନେହଁ ଆମ୍ଭର ମିତ୍ରଗଣ । ଅତ୍ୟା ।।
ବଧି ତୁମ୍ଭମାନଙ୍କୁ ଆଉ ଦାସ କରି ନ ବୋଲିବା ଯେହେତୁ ପ୍ରଭୁ ଯାହା
କରନ୍ତି ଦାସ ତାହା ନ ଜାଣଇ ପୁଣି ପିତାର ନିକଟରେ ଯାହାଁ। ଶୁଣି ଅଛୁଁ
ତାହା ସମସ୍ତ ତୁମ୍ଭମାନଙ୍କୁ ଜଣାଇଲୁଁ ଏନିମନ୍ତେ ତୁମ୍ଭମାନଙ୍କୁ ମିତ୍ର କରି
ବୋଇଲୁଁ । ତୁମ୍ଭେମାନେ ଯେ ଆମ୍ଭକୁ ମନୋନୀତ କରିଅଛ ଏମନ୍ତ ନୋହେ ।।
ପୁଣି ଆମ୍ଭେ ତୁମ୍ଭମାନଙ୍କୁ। ମନୋନୀତ କରିଅଛୁଁ ଅଉ ତୁମ୍ଭେମାନେ ଯାଇ
ଯେମନ୍ତ ଫଳ ଫଳିବ ପୁଣି ସେହ ଫଳ ଅକ୍ଷୟ ହେବ ଏହ ନିମନ୍ତେ ତୁମ୍
ଭମାନଙ୍କୁ। ନିଯୁକ୍ତ କରିଅଛୁଁ । ତହଁରେ ଆମ୍ଭର ନାମ କରି ପିତାର ନିକଟରେ
ଯେ କିଛୁ ମାଗିବ ତାହାଇ ସେ ତୁମ୍ଭମାନଙ୍କୁ। ଦେବେ ।

ତୁମ୍ଭେମାନେ ଯେଣେ ପରସ୍ପର ପ୍ରେମ କର ଏଥିପାଇଁ ଆମ୍ଭେ ଏହ ଆଜ୍ଞା ।।
ଦେଇ । ଜଗତର ଲୋକେ ତୁମ୍ଭମାନଙ୍କୁ। ଘୃଣା କଲେ ସେମାନେ ତୁମ୍ଭମାନଙ୍କ ।।
ପୂର୍ବରେ ଆମ୍ଭକୁଇ ଘୃଣା କରିଛନ୍ତି ଏହା ଜାଣ । ଯେବେ ତୁମ୍ଭେମାନେ ଜଗ ।।
ତର ଲୋକ ହୁଅନ୍ତ ତେବେ ଜଗତର ଲୋକ ତୁମ୍ଭମାନଙ୍କୁ। ଆତ୍ମୀୟ ଜ୍ଞାନ
ପ୍ରେମ କରନ୍ତେ। ପୁଣି ତୁମ୍ଭେମାନେ ଜଗତର ଲୋକ ନୁହ ଆମ୍ଭେ ତୁମ୍ଭମାନଙ୍କୁ।
ଏଜଗତରୁ। ବାଛି ନେଇ ଅଛୁଁ ଏ ନିମନ୍ତେ ଜଗତର ଲୋକ ତୁମ୍ଭମାନଙ୍କୁ।
ଘୃଣା କରନ୍ତି । ପ୍ରଭୁର ଦାସ ବଡ ନୋହେ ଆମ୍ଭର ଏହ ପୂର୍ବର ବାକ୍ୟ ସ୍ମର ।।
ଣରେ ରଖ । ସେମାନେ ଯେବେ ଆମ୍ଭକୁଇ ତାଡଣା କରିଅଛନ୍ତି ତେବେ
ତୁମ୍ଭମାନଙ୍କୁ। ତାଡଣା କରିବେ ଅଉ ଆମ୍ଭର କଥା ଯେବେ ମାନ ଥାନ୍ତେ
ତେବେ ତୁମ୍ଭମାନଙ୍କର କଥାଇ ମାନିବେ । ପୁଣି ସେମାନେ ଆମ୍ଭର ନାମ ।।
ସକାଶରୁ। ତୁମ୍ଭମାନଙ୍କର ପ୍ରତି ଏହ ପ୍ରକାର ବ୍ୟବହାର କରିବେ କାରଣ ଯେ
ଆମ୍ଭକୁ ପଠାଇ ଅଛନ୍ତି ତାହାଙ୍କୁ ସେମାନେ ନ ଜାଣନ୍ତି । ସେମାନଙ୍କର ନିକ ।।
ଟରେ ଅସି ଆମ୍ଭେ ଯେବେ କୌଣସି କଥା ନ କହୁଁ ତେବେ ସେମାନଙ୍କର
ପାପ ନ ହୁଅନ୍ତା ଏବେହେଁ ସେମାନଙ୍କର ପାପ ଛପାଇବାର ଉପାୟ ନାହିଁ ।
ଯେଉଁ ଜନ ଆମ୍ଭକୁ ଘୃଣା କରନ୍ତି ସେ ଆମ୍ଭର ପିତାକୁଇ ଘୃଣା କରନ୍ତି । ଯେ ।।
ଏପେ କର୍ମ କେହ କେବେହେଁ କରି ନାହିଁ ଏମନ୍ତ କର୍ମ ଯେବେ ସେମାନଙ୍କର ।।

ସାକ୍ଷାତରେ ନ କରନ୍ତୁ, ତେବେହେଁ ସେମାନଙ୍କର ପାପ ନ ହୁଅନ୍ତା। ପୁଣି
୧୫ ଏବେ ଦେଖି ଆମ୍ଭକୁ ଓ ଆମ୍ଭର ପିତାକୁ ଘୃଣା କଲେ । ଏଥିରେ ସେମାନେ
ଅକାରଣରେ ଆମ୍ଭକୁ ଘୃଣାକଲେ ସେମାନଙ୍କର ଶାସ୍ତ୍ରରେ ଯହ୍ନ ଯେ ଲେଖା
୧୬ ଥାହା ସମ୍ପୂର୍ଣ ହେଲା । ପୁଣି ପିତାର ନିର୍ଗତ ସତ୍ୟମୟ ଆତ୍ମା ଯେଉଁ
ପ୍ରବୋଧକର୍ତ୍ତାକୁ ଆମ୍ଭେ ପିତାର ନିକଟରୁ ତୁମ୍ଭମାନଙ୍କଠାରେ ପଠାଇବା
୧୭ ସେ ଅସି ଆମ୍ଭର ବିଷୟରେ ପ୍ରମାଣ ଦେବେ । ଆଉ ପ୍ରଥମାବଧି ଆମ୍ଭର
ସଙ୍ଗେ ଅଛ ଯହ୍ନ ନିମନ୍ତେ ତୁମ୍ଭେମାନେହେଁ ପ୍ରମାଣ ଦେବ ।

## ୧୬ ପତ୍ର ।

୧ ତୁମ୍ଭମାନଙ୍କର ବାଧା ଯେମନ୍ତ ନ ହୁଅଇ ଏଥିପାଇଁ ଆମ୍ଭେ ଯହ୍ନ ସମସ୍ତ
୨ ବାକ୍ୟ କହିଲୁଁ । ଲୋକମାନେ ଭଜନାଲୟରୁ ତୁମ୍ଭମାନଙ୍କୁ ବାହାର କରିବେ
ପୁଣି ଯେଉଁ ସମୟରେ କେହି ତୁମ୍ଭମାନଙ୍କୁ ବଧ କଲେ ଯହାକୁ ଈଶ୍ୱରର
୩ ଗ୍ରାହ୍ୟକର୍ମ ମଣିବ ଏମନ୍ତ ସମୟ ଅସୁଅଛ । ସେମାନେ ପିତାକୁ କି ଆମ୍ଭକୁଇ
୪ ନ ଜାଣନ୍ତି ବୋଲି ତୁମ୍ଭମାନଙ୍କର ପ୍ରତି ଏମନ୍ତ ଆଚରଣ କରିବେ । ପୁଣି ସମୟ
ଉପସ୍ଥିତ ହେଲେ ଆମ୍ଭର କଥା ଯେମନ୍ତ ମନରେ କରିବ ଏଥିପାଇଁ ତୁମ୍ଭମା
ନଙ୍କୁ ଯହ୍ନ ସବୁ କହୁଅଛୁଁ ତୁମ୍ଭମାନଙ୍କର ସହିତ ଥିବାରୁ ଆମ୍ଭେ ଯହ୍ନ କଥା
୫ ଆଦ୍ୟରେ ନ କହିଲୁଁ । ମାତ୍ର ଏବେ ଅପଣା ପ୍ରେରଣ କର୍ତ୍ତାର ନିକଟକୁ ଯାଉ
ଅଛୁଁ ତଥାପି ତୁମ୍ଭେ କେହିଠାରେ ଯାଉଅଛ ଏକଥା ତୁମ୍ଭମାନଙ୍କର କେହି
୬ ଆମ୍ଭକୁ ପଚାରି ନାହଁ । ପୁଣି ଆମ୍ଭର ଉକ୍ତ ଯହ୍ନ ସମସ୍ତ କଥା ସକାଶେ ତୁମ୍ଭ
୭ ମାନଙ୍କର ଅନ୍ତଃକରଣ ଦୁଃଖରେ ପୂର୍ଣ ହୁଅଇ । ତଥାପି ଆମ୍ଭେ ସତ୍ୟ କହି
ତୁମ୍ଭମାନଙ୍କର ହିତ ନିମନ୍ତେ ଆମ୍ଭର ଯିବାର ଆବଶ୍ୟକ ହୁଅଇ ଯେହେତୁ ନ
ଗଲେ ପ୍ରବୋଧକର୍ତ୍ତା ତୁମ୍ଭମାନଙ୍କର ନିକଟକୁ ନ ଆସିବେ ଯେବେ ଯାଇ
୮ ତେବେ ତୁମ୍ଭମାନଙ୍କର ନିକଟକୁ ତାହାଙ୍କୁ ପଠାଇ ଦେବା । ସେ ଆସନ୍ତେ
୯ ପାପ ଓ ପୁଣ୍ୟ ଓ ଦଣ୍ଡ ବିଷୟରେ ଜଗତର ପ୍ରବୋଧ ଜନ୍ମାଇବେ । ପାପ ବିଷ
୧୦ ୟରେ ଯେହେତୁ ସେମାନେ ଆମ୍ଭକୁ ବିଶ୍ୱାସ ନ କରନ୍ତି । ପୁଣ୍ୟ ବିଷୟରେ ଯେ
୧୧ ହେତୁ ତୁମ୍ଭମାନଙ୍କର ଅଦୃଶ୍ୟ ହୋଇ ଆମ୍ଭେ ପିତାର ନିକଟକୁ ଯାଇ । ଦଣ୍ଡ
ବିଷୟରେ ଯେହେତୁ ଏଜଗତର ଅଧିପତି ଦଣ୍ଡ ପ୍ରାପ୍ତ ହୁଅଇ ।
୧୨ ଆମ୍ଭର ଆଉ ଅନେକ କଥା କହିବାକୁ ଅଛି ମାତ୍ର ଏବେ ତୁମ୍ଭେମା
୧୩ ନେ ସେ ସବୁ ସହିବାକୁ ନ ପାର । ପୁଣି ସତ୍ୟମୟ ଆତ୍ମା ଆସିଲେ ସେ ସମସ୍ତ
ସତ୍ୟ ବିଷୟରେ ତୁମ୍ଭମାନଙ୍କର ବୁଦ୍ଧି ପ୍ରବେଶ କରାଇବେ । ସେ ଆପଣାର

କଛୁ ନ ବୋଲିବେ ପୁଣି ଯେମନ୍ତ ଶୁଣିବେ ତାହା କହି ତୁମ୍ଭମାନଙ୍କୁ ଭବ
ଷ୍ୟତ୍ର ବିଷୟ ଜଣାଇବେ । ସେ ମୋର ମହିମା ପ୍ରକାଶ କରିବେ ଯେହେତୁ ୧୪
ମୋର ବିଷୟ ଯେଉ ତୁମ୍ଭମାନଙ୍କୁ ଜଣାଇବେ । ପିତାର ଯାହା ଅଛି ସମସ୍ତ ୧୫
ମୋର ଏନିମନ୍ତେ କହିଲି ଯେ ମୋର ବିଷୟ ଯେଉ ତୁମ୍ଭମାନଙ୍କୁ
ଜଣାଇବେ ।

ଆଉ କିଛିକାଳ ଉତ୍ତରେ ମୋତେ ଦେଖିବାକୁ ନ ପାଇବ ପୁନଶ୍ଚ ଆଉ ୧୬
କିଛିକାଳ ଉତ୍ତରେ ମୋର ଦର୍ଶନ ପାଇବ ଯେହେତୁ ମୁଁ ପିତାର
କତକୁ ଯାଉଅଛି । ଏଥିରେ ତାହାପ୍ରତି ଜଣ ଶିଷ୍ୟ ଏକକ୍ଷଣେଇକ ୧୭
ବୋଇଲେ କିଛିକାଳ ଉତ୍ତରେ ମୋତେ ଦେଖିବାକୁ ନ ପାଇବ ପୁନଶ୍ଚ ଆଉ
କିଛି କାଳ ଉତ୍ତରେ ମୋର ଦର୍ଶନ ପାଇବ ଯେହେତୁ ମୁଁ ପିତାର
କତକୁ ଯାଉଅଛି ଏହା ଯେ କହୁଅଛନ୍ତି ସେ କ । କିଛିକାଳ ଉତ୍ତରେ ୧୮
ଏହା କଥାର ଭାବ ଆମ୍ଭେମାନେ କଛୁ ବୁଝି ନ ପାରୁ । ଯୀଶୁ ସେମାନଙ୍କର ୧୯
ପଚାରିବାର ବାଞ୍ଛା ଜାଣି କହିଲେ କିଛିକାଳ ଉତ୍ତରେ ମୋତେ ଦେଖିବାକୁ
ନ ପାଇବ ପୁନଶ୍ଚ ଆଉ କିଛି କାଳ ଉତ୍ତରେ ମୋର ଦର୍ଶନ ପାଇବ
ଏହି ଯେ କଥା କହିଲି ଏହାର କ ଅଭିପ୍ରାୟ ତାହା କ ତୁମ୍ଭେମାନେ
ପରସ୍ପର ବିବେଚନା କରୁଅଛ । ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହି ତୁମ୍ଭେ ୨୦
ମାନେ କନ୍ଦନ ଓ ବିଳାପ କରିବ ପୁଣି ଜଗତର ଲୋକ ଆନନ୍ଦ କରିବେ
ତୁମ୍ଭେମାନେ ଶୋକାକୁଳ ହେବ ପୁଣି ଶୋକର ଉତ୍ତରେ ଆନନ୍ଦଯୁକ୍ତ ହେବ ।
ପ୍ରସବକାଳ ଉପସ୍ଥିତ ହେଲେ ସ୍ତ୍ରୀ ଲୋକ ଯେମନ୍ତ ପ୍ରସବ ବେଦନାରେ ୨୧
ବ୍ୟାକୁଳ ହୁଅଇ ପୁଣି ପିଲା ଭୂମିଷ୍ଠ ହେବାମାତ୍ରେ ପୁତ୍ର ଜଗତରେ ଜନ୍ମ ହେ
ଲାର ଆନନ୍ଦରୁ ତାହାର ସେ ସମସ୍ତ ଦୁଃଖ ମନରେ ନ ଥାଏ ସେଥିପ
ତୁମ୍ଭେମାନେ ଏବେ ଶୋକାକୁଳ ହେଉଅଛ ପୁଣି ଆଉ ଥରେ ମୋତେ ତୁମ୍ଭେ ୨୨
ମାନଙ୍କଠାରେ ଦର୍ଶନ ଦେବା ତହିଁରେ ତୁମ୍ଭମାନଙ୍କର ଅନ୍ତଃକରଣ ଆନ
ନ୍ଦିତ ହେବ ପୁଣି ତୁମ୍ଭମାନଙ୍କର ସେହ ଆନନ୍ଦ କେହ ହରଣ କରିବାକୁ ନ
ପାରିବ । ସେହି ଦିବସେ ମୋତେ ଆଉ କୌଣସି କଥା ନ ପଚାରିବ । ସତ୍ୟ ସତ୍ୟ ୨୩
ମୁଁ ତୁମ୍ଭମାନଙ୍କୁ କହି ମୋର ନାମ କରି ପିତାର ନିକଟରେ ଯେ କିଛି
ମାଗିବ ତାହାଇ ସେ ଦେବେ । ଆଜି ପର୍ଯ୍ୟନ୍ତ ମୋର ନାମ କରି କିଛି ମାଗି ୨୪
ନାହିଁ ମାଗ ତେବେ ପାଇବ ତହିଁରେ ତୁମ୍ଭମାନଙ୍କର ସମ୍ପୂର୍ଣ୍ଣ ଆନନ୍ଦ ଜନ୍ମିବ ।

ମୁଁ ଉପମା କଥାରେ ଏହ ସମସ୍ତ ବିଷୟ ତୁମ୍ଭମାନଙ୍କୁ ଜଣାଇଲି ୨୫
ପୁଣି ଯେଉଁ ସମୟରେ ଉପମାରେ ନ ବୋଲି ସ୍ପଷ୍ଟରୂପରେ ପିତାର ବିଷୟ
ଜଣାଇବା ଏମନ୍ତ ସମୟ ଅସୁଅଛି । ସେହି କାଳେ ମୋର ନାମ କରି ୨୬

୨୭ ପ୍ରାର୍ଥନା କରିବ ପୁଣି ତୁମ୍ଭମାନଙ୍କର ନମନ୍ତେ ପିତାକୁ ବନତ କରିବା ବମନ୍ତ
କଥା ନ ବୋଲି କାରଣ ତୁମ୍ଭେମାନେ ଆମ୍ଭକୁ ପ୍ରେମ କରିଅଛ ପୁଣି ଅମ୍ଭେ
ଯେ ଈଶ୍ୱରର ନକଟରୁ ଅସିଅଚ୍ଛୁଁ ଏହାଇ ପ୍ରତ୍ୟୟ କରିଅଛ ବନମନ୍ତେ
୨୮ ପିତା ଆପେଁ ତୁମ୍ଭମାନଙ୍କୁ ପ୍ରେମ କରନ୍ତି । ପିତାର ନକଟରୁ ଜଗତରେ ଆସି
୨୯ ଅଚ୍ଛୁଁ ପୁନବାର ଜଗତ ତ୍ୟାଗ କରି ପିତାର ନକଟକୁ ଯାଇ । ଏଥିରେ ଶିଷ୍ୟ
ମାନେ କହିଲେ ହେ ପ୍ରଭୁ ଏବେ ତୁମ୍ଭେ ଉପମାରେ ନ କହି ସ୍ପଷ୍ଟରୂପେ କହୁ
୩୦ ଅଛ । ଏବେ ତୁମ୍ଭେ ଯେ ସବଜ୍ଞ ଅଟ ପୁଣି ଅନ୍ୟ କାହାକୁ କଛି ପଚାରିବାକୁ
ତୁମ୍ଭର ପ୍ରୟୋଜନ ନାହିଁ ଏହା ଆମ୍ଭମାନଙ୍କର ସ୍ଥିର ଜ୍ଞାନ ହେଲା ପୁଣି ତୁମ୍ଭେ
ଯେ ଈଶ୍ୱରର ନକଟରୁ ଆସିଅଚ୍ଛ ଏଥିରେଇ ଆମ୍ଭେମାନେ ବଶ୍ୱାସ କରୁ ।
୩୧ ଯୀଶୁ ଉତ୍ତର କଲେ ଏବେ କ ତୁମ୍ଭେମାନେ ବଶ୍ୱାସ କର । ଦେଖ ତୁମ୍ଭେ
୩୨ ମାନେ ସମସ୍ତେ ଛିନ୍ନଭିନ୍ନ ହୋଇ ଆମ୍ଭକୁ ଏକାକୀ ତ୍ୟାଗ କରି ଆପଣା ଆପଣାର ବାଟରେ
ଯିବ ବନମନ୍ତ ସମୟ ଆସୁଅଚ୍ଛି ପୁଣି ପ୍ରାୟ ଉପସ୍ଥିତ ହେଲା ତଥାପି ଆମ୍ଭେ
୩୩ ଏକାକୀ ନୋହୁ କାରଣ ପିତା ଆମ୍ଭର ସଙ୍ଗେ ଅଛନ୍ତି । ଆମ୍ଭରେ ଯେମନ୍ତ
ତୁମ୍ଭମାନଙ୍କର ଶାନ୍ତି ଜନ୍ମଇ ଏ ନମନ୍ତେ ଏହ ସମସ୍ତ କଥା ତୁମ୍ଭମାନଙ୍କୁ
କହିଲୁଁ । ଏହ ଜଗତରେ ତୁମ୍ଭମାନଙ୍କର କ୍ଲେଶ ଘଟିବ ତଥାପି ସାହସୀ
ହୋଇ ଥାଅ ଯେହେତୁ ଅମ୍ଭେ ଜଗତକୁ ଜୟ କରିଅଚ୍ଛୁଁ ।

୧୭ ପର୍ବ୍ବ ।

୧ ଯୀଶୁ ଏହ ସବୁ କଥା କହ ସ୍ୱର୍ଗ ଅଡେ ଆଖି ତୋଳି ବୋଇଲେ ହେ
ପିତା ସମୟ ଉପସ୍ଥିତ ହେଲା ତୁମ୍ଭର ଆତ୍ମଜ ଯେମନ୍ତ ତୁମ୍ଭର ମହମା
୨ ପ୍ରକାଶ କରିବେ ଏଥିପାଁଇ ତୁମ୍ଭର ଆତ୍ମଜର ମହମା ପ୍ରକାଶ କର । ତୁମ୍ଭେ
ଯେତେ ଲୋକ ତାହାକୁ ଦେଇଅଛ ସେ ତେତେ ଲୋକଙ୍କୁ ଯେମନ୍ତ ଅ
୩ ନନ୍ତ ପରମାୟୁ ଦେବେ ଏଥିପାଁଇ ତୁମ୍ଭେ ତାହାକୁ ସମସ୍ତ ପ୍ରାଣିମାନଙ୍କର
ଉପରେ କର୍ତ୍ତୃପଣ ଦେଇଅଛ । ଆଉ ଅଦ୍ୱତୀୟ ସତ୍ୟ ଈଶ୍ୱର ଯେ ତୁମ୍ଭେ
ପୁଣି ତୁମ୍ଭର ପ୍ରେରିତ ଯେ ଯୀଶୁଖ୍ରୀଷ୍ଟ ଏ ଦୁଇଙ୍କର ତତ୍ତ୍ୱ ଜାଣିଲେ ଅନନ୍ତ
୪ ପରମାୟୁ ହୁଅଇ । ଆମ୍ଭେ ଏହ ପୃଥିବୀରେ ତୁମ୍ଭର ମହମା ପ୍ରକାଶ କରି
୫ ଅଚ୍ଛୁଁ ଆମ୍ଭକୁ ଯେ କର୍ମର ଭର ଦେଇଥିଲ ତାହା ସିଦ୍ଧ କରିଅଚ୍ଛୁଁ । ଏଣୁ
ହେ ପିତା ଜଗତର ପୂର୍ବ୍ବରେ ତୁମ୍ଭର ସଙ୍ଗେ ଥାଇ ଆମ୍ଭର ଯେଉଁ ମହମା ଥିଲା
ଏବେ ତୁମ୍ଭଠାରେ ସେହ ମହମାରେ ଆମ୍ଭକୁ ମହମାନ୍ୱିତ କର ।
୬ ଏହ ଜଗତର ମଧ୍ୟରୁ ଯେ ସମସ୍ତ ଲୋକ ଆମ୍ଭକୁ ଦେଇଅଚ୍ଛ ଆମ୍ଭେ
ସେମାନଙ୍କୁ ତୁମ୍ଭର ନାମର ତତ୍ତ୍ୱ ଜ୍ଞାନ ଦେଲୁଁ । ସେମାନେ ତୁମ୍ଭର ଥିଲେ

ତୁମ୍ଭେ ସେମାନଙ୍କୁ ଆମ୍ଭକୁ ଦେଇଅଛ ପୁଣି ସେମାନେ ତୁମ୍ଭର ବାକ୍ୟ
ପାଳଣ କରିଅଛନ୍ତି । ଆମ୍ଭକୁ ଯେ କଛ ଦେଇଅଛ ସେ ସମସ୍ତଇ ଯେ ୭
ତୁମ୍ଭଠାରୁ ହୁଅଇ ଏହା ସେମାନେ ଏବେ ଜାଣିଲେ । ଅଉ ଆମ୍ଭକୁ ଯେଉଁ ୮
ବାକ୍ୟ ଦେଇଅଛ ଆମ୍ଭେଇ ସେମାନଙ୍କୁ ସେହ ବାକ୍ୟ ଦେଲୁଁ ସେମାନେହିଁ
ଗ୍ରହଣ କଲେ ପୁଣି ଆମ୍ଭେ ଯେ ତୁମ୍ଭଠାରୁ ନିର୍ଗତ ହୋଇ ତୁମ୍ଭ ପ୍ରେରିତ
ହୋଇଅଛୁଁ ଏହା ନିଶ୍ଚୟ ଜାଣନ୍ତି । ସେମାନଙ୍କର ନିମନ୍ତେ ଆମ୍ଭେ ୯
ପ୍ରାର୍ଥନା କରୁଅଛୁଁ ଜଗତର ଲୋକର ନିମନ୍ତେ ଆମ୍ଭେ ପ୍ରାର୍ଥନା ନ କର
ପୁଣି ଯେ ସମସ୍ତଙ୍କୁ ଆମ୍ଭକୁ ଦେଇ ଅଛ ସେମାନଙ୍କର ନିମନ୍ତେ ପ୍ରାର୍ଥନା
କର ଯେହେତୁ ସେମାନେ ତୁମ୍ଭର ଅଟନ୍ତି । ପୁଣି ଯେ ସମସ୍ତ ଆମ୍ଭର ୧୦
ସେ ସମସ୍ତ ତୁମ୍ଭର ଯେ ତୁମ୍ଭର ସେ ଆମ୍ଭର ପୁଣି ସେମାନଙ୍କର ମଧ୍ୟରେ
ଆମ୍ଭର ମହିମା ପ୍ରକାଶ ହୁଅଇ । ଏବେ ଏହ ଜଗତରେ ଆମ୍ଭର ଅଉ ରହି ୧୧
ବାକୁ ନାହିଁ ଆମ୍ଭେ ତୁମ୍ଭର କତକୁ ଅସି ପୁଣି ଏମାନେ ଜଗତରେ
ଥିବେ । ହେ ଧର୍ମବନ୍ତ ପିତା ଯେ ସମସ୍ତ ଆମ୍ଭକୁ ଦେଇଅଛ ସେମାନଙ୍କୁ
ଆପଣା ନାମରେ ରକ୍ଷା କର ଯେହିଁରେ ଆମ୍ଭେମାନେ ଯେଉଁପେ ଏକ ଅଛୁଁ
ସେମାନେହିଁ ସେଉଁପେ ଏକ ହୁଅନ୍ତି । ଯେତେ ଦନ ଏହ ଜଗତରେ ସେମାନ ୧୨
ଙ୍କର ସଙ୍ଗେ ଥିଲୁଁ ସେତେ ଦନ ସେମାନଙ୍କୁ ତୁମ୍ଭର ନାମରେ ରକ୍ଷା କଲୁଁ
ଯେ ସମସ୍ତ ଆମ୍ଭକୁ ଦେଇଅଛ ସେ ସମସ୍ତଙ୍କୁ ରକ୍ଷା କଲୁଁ ସେମାନଙ୍କର ମଧ୍ୟ
ରେ ବନାଶର ପୁତ୍ର ଛଡା ଅଉ କେହ ହଜ ଯାଇ ନାହିଁ ଯହିଁରେ ଧର୍ମ
ପୁସ୍ତକର ପ୍ରତ୍ୟକ୍ଷ ହୁଅଇ । ଏକ୍ଷଣେ ତୁମ୍ଭର କତକୁ ଅସି ପୁଣି ଆମ୍ଭରେ ଯେ ୧୩
ମନ୍ତ ସେମାନଙ୍କର ସମ୍ପୂର୍ଣ ଆନନ୍ଦ ପ୍ରାପ୍ତ ହୁଅଇ ଏଥିପାଇଁ ଜଗତରେ ଥାଉଁ ।
ଏହ ସମସ୍ତ କଥା କହୁଅଛୁଁ । ତୁମ୍ଭର କଥା ସେମାନଙ୍କୁଁ ଦେଇଅଛୁଁ ମାଡ଼ ୧୪
ଆମ୍ଭେ ଯେମନ୍ତ ଏହ ଜଗତର ଲୋକ ନୋହୁ ସେମାନେ ତେମନ୍ତ ଏହ ଜଗତର
ଲୋକ ନ ହୁଅନ୍ତି ଏଥିପାଇଁ ଜଗତ ସେମାନଙ୍କୁଁ ଘୃଣା କରନ୍ତି । ତୁମ୍ଭେ ଜଗ ୧୫
ତର ମଧ୍ୟରୁ ସେମାନଙ୍କୁଁ ନେଇ ଯାଅ ଏମନ୍ତ ପ୍ରାର୍ଥନା ନ କର ପୁଣି ମନ୍ଦ
ଠାରୁ ରକ୍ଷା କର ଏହା ପ୍ରାର୍ଥନା କର । ଆମ୍ଭେ ଯେମନ୍ତ ଜଗତର ଲୋକ ୧୬
ନୋହୁ ସେଉଁପେ ସେମାନେହିଁ ଜଗତର ଲୋକ ନୁହନ୍ତି । ତୁମ୍ଭର ସତ୍ୟରେ ୧୭
ସେମାନଙ୍କୁଁ ପବତ୍ର କର ତୁମ୍ଭର ବାକ୍ୟ ସତ୍ୟ । ତୁମ୍ଭେ ଯେମନ୍ତ ଆମ୍ଭକୁ ଜଗ ୧୮
ତରେ ପଠାଇ ଅଛ ସେଉଁପେ ଆମ୍ଭେଇ ସେମାନଙ୍କୁଁ ଜଗତରେ ପଠାଇଅଛୁଁ ।
ଅଉ ସେମାନେ ଯେମନ୍ତ ସତ୍ୟରେ ପବତ୍ର ହୁଅନ୍ତି ଏଥିପାଇଁ ସେମାନଙ୍କର ୧୯
ନିମନ୍ତେଇ ଆମ୍ଭେ ଆପଣାକୁ ପବତ୍ର କର ।

କେବଳ ଏମାନଙ୍କର ନିମନ୍ତେଇ ପ୍ରାର୍ଥନା କର ଏମନ୍ତ ନୋହେ ପୁଣି ଏମାନ ୨୦

କଂର କଥାଦ୍ୱାରା ଯେଉଁମାନେ ଆମ୍ଭରେ ବିଶ୍ୱାସ କରିବେ ସେମାନଙ୍କର
୨୧ ନମ୍ରତ୍ୱେହେଁ ପ୍ରାର୍ଥନା କର ସେମାନେ ସମସ୍ତ ଯେମନ୍ତ ଏକ ହୁଅନ୍ତୁ । ହେ ପିତା
ତୁମ୍ଭେ ଯେଉଁପେ ଆମ୍ଭରେ ଓ ଆମ୍ଭେ ତୁମ୍ଭରେ ସେଉଁପେ ଯେହ୍ନେ ସେମା
ନେହଁ ଆମ୍ଭମାନଙ୍କଠାରେ ଏକ ହୁଅନ୍ତୁ ଇହାଁରେ ତୁମ୍ଭେ ଯେ ଆମ୍ଭକୁ ପଠାଇ
୨୨ ଅଛ ଏହା ଜଗତର ଲୋକ ପ୍ରତ୍ୟୟ କରିବେ । ଆଉ ଯେମନ୍ତ ଅମ୍ଭେମାନେ
ଏକ ତେମନ୍ତ ସେମାନେହଁ ଯେହ୍ନେ ଏକ ହୁଅନ୍ତୁ ଅମ୍ଭେ ସେମାନଙ୍କଂରେ ଓ
ତୁମ୍ଭେ ଆମ୍ଭରେ ଏହିଉପେ ସେମାନଙ୍କର ଯେମନ୍ତ ସମ୍ପୂର୍ଣ୍ଣ ଐକ୍ୟ ହୁଅଇ ।
୨୩ ଆଉ ତୁମ୍ଭେ ଯେ ଆମ୍ଭକୁ ପଠାଇ ଅଛ ପୁଣି ତୁମ୍ଭେ ଯେଉଁପେ ଆମ୍ଭକୁ ପ୍ରେମ
କର ଅଛ ସେଉଁପେ ସେମାନଙ୍କୁଇ ପ୍ରେମ କର ଅଛ ଏହା ଯେମନ୍ତ ଜଗତ
ଜାଣିବାକୁ ପାନ୍ତୁ ଏଥିପାଇଁ ତୁମ୍ଭେ ଆମ୍ଭକୁ ଯେଉଁ ମହିମା ଦେଇଅଛ ସେହି
୨୪ ମହିମା ଆମ୍ଭେ ସେମାନଙ୍କୁ ଦେଲୁଁ । ହେ ପିତା ଜଗତ ପତ୍ତନର ପୂର୍ବରେ
ଆମ୍ଭକୁ ସ୍ନେହ କର ଯେଉଁ ମହିମା ଦେଇ ଅଛ ଆମ୍ଭର ସେହି ମହିମା ଯେମନ୍ତ
ସେମାନେ ଦେଖିବାକୁ ପାନ୍ତୁ ଏଥିପାଇଁ ଯେ ସମସ୍ତ ଲୋକ ଆମ୍ଭକୁ ଦେଇ ଅଛ
ଆମ୍ଭେ ଯେଉଁଠାରେ ଥାଇ ସେମାନେହଁ ଯେମନ୍ତ ଆମ୍ଭ ସଙ୍ଗରେ ସେହି
୨୫ ସ୍ଥାନରେ ଥାନ୍ତୁ ଏହା ଆମ୍ଭର ଇଚ୍ଛା । ହେ ଧାର୍ମିକ ପିତା ଜଗତ ତୁମ୍ଭକୁ ନ
ଜାଣିଲେହେଁ ଆମ୍ଭେ ତୁମ୍ଭକୁ ଜାଣି ପୁଣି ତୁମ୍ଭେ ଯେ ଆମ୍ଭକୁ ପଠାଇ ଅଛ
୨୬ ଏହା ଏମାନେ ଜାଣନ୍ତି । ପୁଣି ଆମ୍ଭେ ଯେମନ୍ତ ସେମାନଙ୍କଂଠାରେ ଥାଉଁ
ଆଉ ତୁମ୍ଭେ ଆମ୍ଭକୁ ଯେଉଁ ପ୍ରେମରେ ପ୍ରେମ କରିଅଛ ସେହି ପ୍ରେମ ଯେ
ମନ୍ତ ସେମାନଙ୍କଂଠାରେ ଥାଏ ଏଥିପାଇଁ ସେମାନଙ୍କୁଂ ତୁମ୍ଭର ନାମ ଜଣାଇ
ଅଛୁଁ ଅନ୍ତର ଜଣାଇବା ।

୧୮ ପଦ୍ୟ ।

୧ ଯୀଶୁ ଏକଥା କହି ସାରନ୍ତେ ଶିଷ୍ୟଗଣକୁ ସଙ୍ଗେ ଘେନ କିଦ୍ରୋଣ ନାମରେ
ନଦୀ ପାର ହୋଇ ସେ ସ୍ଥାନର ଏକ ବଗିଚାରେ ସେ ପୁଣି ଶିଷ୍ୟମାନେ ପ୍ରବେଶ
୨ କଲେ । ବିଶ୍ୱାସଘାତକ ଯିହୂଦା ସେ ସ୍ଥାନକୁ ଚିହ୍ନିଲା ଯେହେତୁ ଯୀଶୁ ଶିଷ୍ୟ
୩ ଗଣର ସଙ୍ଗେ ସେଠାରେ ଅନେକ ସାଥାୟାତ କଲେ । ତେଣେବେଳେ
ଯିହୂଦା ଯାଜକମାନଙ୍କର ଓ ଫାରୂଶୀମାନଙ୍କର ନକରରୁ ଏକ ଦଳ ସୈନ୍ୟ
ଓ ପଦାତ୍ତ ଗଣକୁ ସଙ୍ଗେ ଘେନ ଲଣ୍ଠନ ମସାଲ ଅସ୍ତ୍ରଶସ୍ତ୍ର ହାତରେ କର ସେ
୪ ସ୍ଥାନରେ ଉପସ୍ଥିତ ହେଲା । ପୁଣି ଯୀଶୁ ଅପଣା ବିଷୟରେ ଯେ ସମସ୍ତ ଘଟିବ
ତାହା ଜାଣି ସେ ଆଗେ ଯାଇ ସେମାନଙ୍କୁ ପଚାରିଲେ କାହାକୁ ଖୋଜୁ
୫ ଅଛ । ସେମାନେ ଉତ୍ତର କଲେ ନାଜରତୀୟ ଯୀଶୁକୁ ଖୋଜ । ଏଥିରେ

ଯୀଶୁ କହିଲେ ଆମ୍ଭେ ସେ । ସେମାନଙ୍କର ସଙ୍ଗେ ସେହି ବିଶ୍ୱାସଘାତୀ ୭
ଯିହୁଦାଇ ଠିଆ ହୋଇ ଥିଲା । ଏଣୁ ଅମ୍ଭେ ସେ ତାହାଙ୍କର ଏହି କଥା
କହିବା ମାତ୍ରକେ ସେମାନେ ପଛୋଟା ହୋଇ ଭୂମିରେ ପଡିଲେ । ଯୀଶୁ ଆଉ ୭
ଥରେ ପଚାରିଲେ କାହାକୁ ଖୋଜୁଅଛ । ସେମାନେ କୋଇଲେ ନାଜରତୀୟ
ଯୀଶୁକୁ । ଯୀଶୁ ଉତ୍ତର କଲେ ଅମ୍ଭେଇ ସେ ଏକଥା କହିଲୁଁ ଯେବେ ୮
ଅମ୍ଭକୁ ଖୋଜ ତେବେ ଏମାନଙ୍କୁ ଯିବାକୁ ଛାଡ଼ । ଏମନ୍ତ ହେଲେ ଅମ୍ଭକୁଁ ୯
ଯେ ସମସ୍ତ ଲୋକ ଦେଇ ଅଛ ସେମାନଙ୍କର କାହାକୁରି ହଜାଇ ନାହୁଁ
ଏହି ଯେ କଥା ସେ ଅଘେଁ କହି ଥିଲେ ସେ କଥା ସଫଳ ହୋଇ । ତେତେ ୧୦
ବେଳେ ଶିମୋନ ପିତରଠାରେ ଖଡ୍ଗ ଥିବାରୁଁ ସେ ଖାପ ଫିଙ୍ଗାଇ ମହା
ଯାଜକର ମାଲଖ ନାମରେ ଦାସକୁ ଆଘାତ କର ତାହାର ଦକ୍ଷିଣ କର୍ଣ
କାଟି ପକାଇଲା । ଏଥିରେ ଯୀଶୁ ପିତରକୁ କହିଲେ ଖଡ୍ଗ ଖାପରେ ରଖ ୧୧
ଆମ୍ଭର ପିତା ଆମ୍ଭକୁ ପାନ କରିବାକୁ ଯେଉଁ ପିଆଲା ଦେଲେ ଆମ୍ଭେ କ
ତାକୁ ପାନ ନ କରିବା ।

ଏଥିରେ ସୈନ୍ୟଗଣ ଓ ସେନାପତି ଓ ଯିହୁଦୀୟ ପଦାନ୍ତ୍ରମାନେ ସକୁ ଯୀଶୁକୁ ୧୨
ଧର ବାନ୍ଧି ହନାନର ଅର୍ଥାତ୍ କେୟଫା ନାମେ ସେ ବର୍ଷର ମହାଯାଜକର ୧୩
ଶ୍ୱଶୁରର କଛରେ ତାହାକୁଁ ପ୍ରଥମରେ ଘେନ ଗଲେ । ଏହି କେୟଫା ୧୪
ଯିହୁଦୀୟମାନଙ୍କୁଁ ପରାମର୍ଶ କର କହି ଥିଲା ଯେ ଲୋକ ସାଧାରଣର ମଙ୍ଗଳ
ନମନ୍ତେ ଏକ ଜଣର ମରଣ ପ୍ରୟୋଜନ ଅଟଇ ।

ଏଥିମଧ୍ୟରେ ଶିମୋନ ପିତର ପୁଣି ଅଉ ଏକ ଜଣ ଶିଷ୍ୟ ଯୀଶୁର ୧୫
ପଛୋ ଗଲେ । ଉହିଁରେ ଆନ ଶିଷ୍ୟ ମହାଯାଜକର ନକଟରେ ପରିଚିତ
ଥିବାରୁଁ ଯୀଶୁର ସଙ୍ଗେ ତାହାର ଅଟ୍ଟାଳିକାରେ ପ୍ରବେଶ ହୋଇ । ପୁଣି ୧୬
ପିତର ବାହାରେ ଦ୍ୱାର ପାଖରେ ଠିଆ ହୋଇ ରହିଲା । ଏନମନ୍ତେ ସେହି
ମହାଯାଜକର ପରିଚିତ ଶିଷ୍ୟ ପୁନଶ୍ଚାର ବାହାରେ ଯାଇ ଦ୍ୱାରଶୀକ କହି ୧୭
ପିତରକୁ ଭିତରେ ଅଣିଲା । ତେତେବେଳେ ସେହି ଦ୍ୱାର ରକ୍ଷିକା ପିତରକୁ
କହିଲା ତୁମ୍ଭେ ପକ୍ଷ ସେ ମନୁଷ୍ୟର ଏକ ଶିଷ୍ୟ କ ନୁହ । ସେ କହିଲା ଆମ୍ଭେ ୧୮
ନୋହୁ । ପୁଣି ଯେଉଁଠାରେ ଦାସଗଣ ଓ ପଦାନ୍ତ୍ରମାନେ ଶୀତ ସକାଶୁଁ
ଅଙ୍ଗାର ନସ୍ଥା ଲଗାଇ ଛିଡା ହୋଇ ଅଗ୍ନିର ତାପ ନେଉ ଥିଲେ ସେହି
ସ୍ଥାନରେ ପିତର ସେମାନଙ୍କ ସଙ୍ଗେ ଠିଆ ହୋଇ ଅଗ୍ନିର ତାପ ନେବାକୁ
ଲାଗିଲା ।

ଏଥିରେ ମହାଯାଜକ ଯୀଶୁକୁ ଶିଷ୍ୟଗଣ ବଷୟରେ ଓ ତାହାଙ୍କ ଉପଦେଶ ୧୯
ବଷୟରେ ପଚାରିଲା । ଯୀଶୁ ଉତ୍ତର କଲେ ଲୋକ ସାଧାରଣର ସାକ୍ଷାତ ୨୦

ରେଇ କଥା କହିଅଛୁଁ ଗୋପନରେ କୌଣସି କଥା କହି ନାହୁଁ ଯେଉଂଠା
ରେ ଯିହୁଦୀୟମାନେ ଅନବରତରେ ଯାଆସ କରନ୍ତି ଏମନ୍ତ ଭଜନାଳୟରେ
୧୧ ଓ ମନ୍ଦିରରେ ଶିକ୍ଷା ଦେଇଅଛୁଁ । ଏନିମନ୍ତେ ଆମ୍ଭକୁ କିପାଁ ପଚାର ଯେଉଂ
ମାନେ ଆମ୍ଭର ଉପଦେଶ ଶୁଣିଅଛନ୍ତି ସେମାନକୁଂ ପଚାର କୀ ବୋଲି
୧୨ ଅଛୁଁ ତାହା ସେମାନେ ଜାଣନ୍ତି । ଏହିଉପେ ଉତ୍ତର କରିବାରେ ନିକଟସ୍ଥ
ଏକ ପଦାନ୍ତିକ ଯୀଶୁକୁ ଚାପୁଡା ମାରି କହିଲା ମହାଯାଜକର ପ୍ରତି କି ଏମନ୍ତ
୧୩ ଉତ୍ତର କଲୁ । ତହିଁରେ ଯୀଶୁ ପ୍ରତ୍ୟୁତ୍ତର କଲେ ଯେବେ ମନ୍ଦ ବୋଲି
ତେବେ ସେ ମନ୍ଦର ପ୍ରମାଣ ଦିୟ ଯେବେ ଯଥାର୍ଥ କହି ଥାଇ ତେବେ କି
୧୪ ନିମନ୍ତେ ଆମ୍ଭକୁ ମାର । ପୂର୍ବରେ ହନାନ ତାହାକୁଂ ବାନ୍ଧି କେୟଫା ମହା
୧୫ ଯାଜକର କତିରେ ପଠାଇ ଦେଇ ଥିଲା । ଶିମୋନ ପିତର ଠିୟା ହୋଇ
ଅଗ୍ନିର ତାପ ନେଉଅଛି ଏମନ୍ତ ସମୟରେ ଥୋକାୟେ ଜନ ତାହାକୁ
ପଚାରିଲେ ତୁମ୍ଭେ ସେ ଜନର ଏକ ଶିଷ୍ୟ କି ନୁହ । ଏଥିରେ ସେ ନ ମାନି
୧୬ କହିଲା ଆମ୍ଭେ ନୋହି । ତେବେ ମହାଯାଜକର ଯେ ଦାସର କର୍ଣ୍ଣ ପିତର
ଛେଦନ କରି ଥିଲା ତାହାର ଏକ କୁଟୁମ୍ବ ଉତ୍ତର ଦେଇ କହିଲା ବଗିଚାରେ
୧୭ ତାହାର ସଙ୍ଗରେ ଥିବାରେ କି ତୁମ୍ଭକୁ ଦେଖି ନାହୁଂ । ପିତର ଆଉ ଥରେ
ନ ମାନିଲା ପୁଣି ସେ କ୍ଷଣରେ କୁକୁଡା ଡାକିଲା ।

୧୮ ଏଥି ଉତ୍ତାରେ ପ୍ରାତଃକାଳେ ସେମାନେ କେୟଫାର ଗୃହଠାରୁ ଯୀଶୁକୁ
ବିଚାରାଳୟକୁ ଘେନି ଗଲେ ପୁଣି ଅଶୁଚି ହେଲେ ପଛେ ନିସ୍ତାର ପର୍ବର
ଭୋଜନ କରିବାକୁ ନ ହୁଅଇ ଏହି ଭୟରେ ଯିହୁଦୀୟମାନେ ସେ ସ୍ଥାନରେ
୧୯ ପ୍ରବେଶ ନୋହିଲେ । ଏନିମନ୍ତେ ପିଲାତ ବାହାରେ ଆସି ସେମାନକୁଂ ପଚା
୨୦ ରିଲା ଏହି ମନୁଷ୍ୟର କୀ ଅପବାଦ କରୁଅଛ । ସେମାନେ ଉତ୍ତର କଲେ
ଦୁଷ୍କର୍ମକାରୀ ନ ହେଲେ ଆପଣଙ୍କର ନିକଟରେ ଏହାକୁ ସମର୍ପଣ ନ କରନ୍ତୁଁ ।
୨୧ ତହିଂରେ ପିଲାତ ବୋଇଲା ଏହାକୁ ଘେନି ଯାଇ ଆପଣାମାନଙ୍କର ବ୍ୟବସ୍ଥା
୨୨ ମତରେ ବିଚାର କର । ଯିହୁଦୀୟମାନେ ଉତ୍ତର କଲେ କୌଣସି ମନୁଷ୍ୟର
ପ୍ରାଣଦଣ୍ଡ କରିବାକୁ ଆମ୍ଭମାନଙ୍କର ଅଧିକାର ନାହିଂ । ଏମନ୍ତ ହେଲେ ଯୀଶୁ
ଆପଣାର ମୃତ୍ୟୁ ବିଷୟରେ ଯେଉଂ କଥା କହିଥିଲେ ତାହା ତହିଁରେ
ସଫଳ ହେଲା ।

୨୩ ତଦନ୍ତରେ ପିଲାତ ପୁନର୍ବାର ବିଚାରାଳୟରେ ଯାଇ ଯୀଶୁକୁ ଡକାଇ ପଚା
୨୪ ରିଲା ତୁମ୍ଭେ କି ଯିହୁଦୀୟମାନଙ୍କର ରାଜା । ଯୀଶୁ ଉତ୍ତର କଲେ ତୁମ୍ଭେ ଏ
କଥା କି ଆପଣାରୁ ବୋଲ କି ଅନ୍ୟ କେହି ଆମ୍ଭର ବିଷୟରେ ତୁମ୍ଭକୁ ବୋଲି
୨୫ ଅଛି । ପିଲାତ ବୋଇଲା ଆମ୍ଭେ କି ଯିହୁଦୀୟ ଲୋକ ତୁମ୍ଭର ନିଜ ଦେଶୀୟ

ଲୋକ ଆଉର ପ୍ରଧାନ ଯାଜକମାନେ ଆମ୍ଭର ନକ୍ଷତ୍ରରେ ତୁମ୍ଭକୁ ସମର୍ପଣ କର
ନ୍ତୁ ତୁମ୍ଭେ ଜ୍ଞ କଲ । ଯୀଶୁ ଉତ୍ତର କଲେ ଆମ୍ଭର ରାଜ୍ୟ ଏଜଗତ ସମ୍ବନ୍ଧୀୟ ୩୬
ନୋହେ ଆମ୍ଭର ରାଜ୍ୟ ଯେବେ ଏଜଗତ ସମ୍ବନ୍ଧୀୟ ହୁଅନ୍ତା ତେବେ ଯିହୁଦା
ୟମାନଙ୍କର ହସ୍ତଗତ ଯେମନ୍ତ ନ ହୋଇ ଏଥିପାଁଇ ଆମ୍ଭର ସେବକମାନେ
ଯୁଦ୍ଧ କରନ୍ତେ ପୁଣି ଆମ୍ଭର ଇହଲୋକର ରାଜ୍ୟ ନୋହେ । ପିଲାତ କହିଲା ୩୭
ତେବେ ଜ ତୁମ୍ଭେ ରାଜା ଅଟ । ଯୀଶୁ ଉତ୍ତର କଲେ ତୁମ୍ଭେ ସତ୍ୟ କହୁଅଛ
ଆମ୍ଭେ ରାଜା ଅଟୁଁ ସତ୍ୟତାର ସାକ୍ଷ୍ୟ ଦେବାକୁ ଆମ୍ଭେ ଜାତ ହୋଇ ଏହ
ଜଗତରେ ଅସି ଅଛୁଁ ଇହାଁରେ ସତ୍ୟତାର ପକ୍ଷପାତୀ ସମସ୍ତେ ଆମ୍ଭର କଥା
ଶୁଣନ୍ତି । ପିଲାତ ତାହାଙ୍କୁ ପଚାରିଲା ସତ୍ୟତା କଅ ପୁଣି ଏହା କହି ପୁନର୍ବାର ୩୮
ବାହାରେ ଯାଇ ଯିହୁଦୀୟମାନଙ୍କୁ କହିଲା ଆମ୍ଭେ ଏଜନର କୌଣସି ଦୋଷ
ନ ପାଇ । ତେବେ ନସ୍ତାର ପର୍ବରେ ଜଣକର ମୁକ୍ତ କର ଦେବାକୁ ହୁଅଇ ୩୯
ଏମନ୍ତ ତୁମ୍ଭମାନଙ୍କର ସ୍ୱତ ଅଛ ଏନମନ୍ତେ ତୁମ୍ଭମାନଙ୍କ ସ୍ୱତ ଆମ୍ଭେ ଯିହୁଦା
ୟମାନଙ୍କର ରାଜାକୁ ମୁକ୍ତ କର ଦେବା ତୁମ୍ଭେମାନେ ଜ ଏହା ମଙ୍ଗୁଅଛ ।
ସେମାନେ ସମସ୍ତେ ଡାକ କହିଲେ ଏହ ମନୁଷ୍ୟକୁ ନୋହେ ବାରବାକୁ ମୁକ୍ତ ୪୦
କର । ସେହ ବାରବା ଡକାଇତ ଥିଲା ।

୧୯ ପଦ ।

ଏନମନ୍ତେ ପିଲାତ ଯୀଶୁକୁ ନେଇ କୋରଡା ପ୍ରହାର କରାଇଲା । ପୁଣି ୧
ସେନାଗଣ କଣ୍ଟାର ମୁକୁଟ ଗୁନ୍ଥି ତାହାଙ୍କ ମସ୍ତକରେ ଦେଇ ବାଇଗଣିଆଁ ୨
ରଙ୍ଗ ନୁଗା ପିନ୍ଧାଇ ହେ ଯିହୁଦୀୟମାନଙ୍କର ରାଜା ନମସ୍କାର ଏହା ବୋଲି ୩
ତାହାଙ୍କୁ ଗପୁଡା ମାଇଲେ । ଏଥିରେ ପିଲାତ ପୁନର୍ବାର ବାହାରେ ଯାଇ ୪
ଲୋକମାନଙ୍କୁ କହିଲା ଏହାର କୌଣସି ଦୋଷ ନ ପାଇ ଦେଖ ତାହା ଜଣା
ଇବାର ନମନ୍ତେ ତୁମ୍ଭମାନଙ୍କର ନକ୍ଷତ୍ରରେ ଏହାକୁ ବାହାର କର ଅଣି ।
ଯୀଶୁ ସେହ କଣ୍ଟାର ମୁକୁଟ ଓ ବାଇଗଣିଆଁ ବସ୍ତ୍ର ପିନ୍ଧି ବାହାରେ ଆସନ୍ତେ ୫
ପିଲାତ କହିଲା ଏହ ମନୁଷ୍ୟକୁ ଦେଖ । ତେବେ ପ୍ରଧାନ ଯାଜକମାନେ ଓ ୬
ପଦାନ୍ତ ସମସ୍ତେ ତାହାଙ୍କୁ ଦେଖି ଏହାକୁ କ୍ରୁଶରେ ଚଢାଅ ବୋଲି ଉଚ୍ଚସ୍ୱ
ରରେ ଡାକବାକୁ ଲଗଲେ । ଏଥିରେ ପିଲାତ କହିଲା ତୁମ୍ଭେ ଅପଣାମାନେ
ଏହାକୁ ନେଇ କ୍ରୁଶରେ ଚଢାଅ ଆମ୍ଭେ ଏହାର କୌଣସି ଦୋଷ ନ ପାଇଲୁଁ ।
ଯିହୁଦୀୟମାନେ ଉତ୍ତର କଲେ ଆମ୍ଭମାନଙ୍କର ଯେ ବ୍ୟବସ୍ଥା ଅଛ ସେହ ଅନୁ ୭
ସାରେ ଏହାର ପ୍ରାଣଦଣ୍ଡ କରିବା ଉଚିତ ଯେହେତୁ ଏଜଣ ଅପଣାକୁ ଈଶ୍ୱ
ରର ଅଦ୍ଭୁତ କର ବୋଲିଅଛ ।

୮ ପିଲାତ ଏକଥା ଶୁଣି ଅଧିକ ଭୀତିଯୁକ୍ତ ହୋଇ ପୁନର୍ବାର ବଧସ୍ଥଲସ୍ଥରେ
୯ ଅସି ଯୀଶୁକୁ ପଚାରିଲା ତୁମ୍ଭେ କେଉଁଠାରୁ ହେଲ । ପୁଣି ଯୀଶୁ ତାହାର
୧୦ କୌଣସି ଉତ୍ତର ନ କଲେ । ତହିଁରେ ପିଲାତ କହିଲା ତୁମ୍ଭେ କ ଆମ୍ଭର ସଙ୍ଗେ
କଥା ନ କହିବ ତୁମ୍ଭକୁ କ୍ରୁଶରେ ଚଢାଇବାକୁ କ୍ଷମତା ମୁକ୍ତ କରିବାକୁ ଏ
୧୧ ଦୁଇର ପରାକ୍ରମ ଆମ୍ଭର ଅଛି ତାହା କ ତୁମ୍ଭକୁ ଜଣା ନୋହେ । ଯୀଶୁ ଉତ୍ତର
କଲେ ଉପରରୁ ଦତ୍ତ ନ ହେଲେ ଆମ୍ଭର ବରୁଦ୍ଧରେ ତୁମ୍ଭର କୌଣସି
ପରାକ୍ରମ ହେବାକୁ ନ ପାରନ୍ତା ତଥାପି ଯେଉଁଜନ ତୁମ୍ଭର ହସ୍ତରେ ଆମ୍ଭକୁ
୧୨ ସମର୍ପଣ କରିଅଛି ତାହାର ଅଧିକ ପାପ ହେଲା । ତଦବଧି ପିଲାତ ତାହାକୁ
ମୁକ୍ତକାଇବାକୁ ଚେଷ୍ଟା କଲା ପୁଣି ଯିହୁଦୀୟମାନେ ଡାକ ବୋଇଲେ ଯେବେ
ଏହି ମନୁଷ୍ୟକୁ ଛଡ ଦିଅ ତେବେ ତୁମ୍ଭେ କାଇସରର ମିତ୍ର ନୁହ ଯେହେତୁ
ଯେଉଁଜନ ଆପଣାକୁ ରାଜା କର କୋଇଇ ସେହି କାଇସରର ବରୁଦ୍ଧରେ
କଥା କହିଇ ।
୧୩ ପିଲାତ ଏକଥା ଶୁଣି ଯୀଶୁକୁ ବାହାରେ ଅଣାଇ ନସ୍ତାର ପର୍ବର ଆୟୋ
ଜନ ଦିବସ ଦୁଇ ପ୍ରହରର ପୂର୍ବ ସମୟରେ ଯଥାର ବନ୍ଧା ନାମକ ସ୍ଥାନରେ
ଅର୍ଥାତ୍ ଏବ୍ରୀ ଭାଷାରେ ଯାହାକୁ ଗବାଥା ବୋଲି ଯାୟେ ସେହି ସ୍ଥାନରେ
୧୪ ବିଚାରାସନରେ ବସିଲା । ପୁଣି ପିଲାତ ଯିହୁଦୀୟମାନଙ୍କୁ ବୋଇଲା ଏହି
୧୫ ତୁମ୍ଭମାନଙ୍କର ରାଜାକୁ ଦେଖ । ଏଥିରେ ଏହାକୁ ଦୂର କର ଦୂର କର
କ୍ରୁଶରେ ଚଢାଅ ଏକଥା ବୋଲି ସେମାନେ ଉଚ୍ଚ କର ଡାକିଲେ । ପିଲାତ
କହିଲା ତୁମ୍ଭମାନଙ୍କର ରାଜାକୁ କ କ୍ରୁଶରେ ଚଢାଇବା । ପ୍ରଧାନ ଯାଜକ
ମାନେ ଉତ୍ତର କଲେ କାଇସର ବିନୁ ଆମ୍ଭମାନଙ୍କର ଅନ୍ୟ କୌଣସି ରାଜା
୧୬ ନାହିଁ । ତେଣୁ ପିଲାତ ଯୀଶୁକୁ କ୍ରୁଶରେ ଚଢାଇବାକୁ ସେମାନଙ୍କର ହସ୍ତରେ
ସମର୍ପଣ କଲା ଉତ୍ତରେ ସେମାନେ ତାହାଙ୍କୁ ଧର ଘେନ ଗଲେ ।
୧୭ ଏଥିଉତ୍ତର ଯୀଶୁ କ୍ରୁଶ ବହି ମୁଣ୍ଡ ଖୁଲି ଅର୍ଥାତ୍ ଯାହାକୁ ଏବ୍ରୀ ଭାଷାରେ
ଗଲଗଥା ବୋଲଇ ସେ ସ୍ଥାନରେ ଉପସ୍ଥିତ ହୁଅନ୍ତେ ସେମାନେ ମଧ୍ୟ
୧୮ ଠାରେ ତାହାଙ୍କୁ ପୁଣି ତାହାଙ୍କର ଦୁଇ ପାର୍ଶ୍ୱରେ ଏକ୍ ଜଣ ଆଉ ଦୁଇ
୧୯ ଜଣକୁ କ୍ରୁଶରେ ଚଢାଇଲେ । ପୁଣି ଏ ଯିହୁଦୀୟମାନଙ୍କର ରାଜା ନାଜରିତୀୟ
ଯୀଶୁ ଏହି ବିବରଣ ପତ୍ର ପିଲାତ ଲେଖି କ୍ରୁଶର ଉପରେ ଲଗାଇ
୨୦ ଦେଲା । ସେହି ଲେଖା ଏବ୍ରୀ ଓ ଗ୍ରୀକ ଓ ଲାଟିନ ଭାଷାରେ ଲେଖିତ ପୁଣି
ଯୀଶୁର କ୍ରୁଶରେ ଚଢାଇବାର ସ୍ଥାନ ନଗରର ନିକଟ ଏହି ସକାଶେ ଅନେକ
୨୧ ଯିହୁଦୀୟମାନେ ଅସି ତାହା ପାଠ କଲେ । ଏନମନ୍ତେ ପ୍ରଧାନ ଯାଜକ
ମାନେ ଅସି ପିଲାତଠାରେ ଏହି ନିବେଦନ କଲେ ଯିହୁଦୀୟମାନଙ୍କର ରାଜା

ଏମନ୍ତ କଥା ନ ଲେଖି ଏ ଅପଣାକୁ ଯିହୁଦୀୟମାନଙ୍କର ରାଜା ଜଣ ବୋ
ଲଇ ଏସକାର କରୁ ଲେଖନ୍ତୁ । ଉହିଁରେ ପିଲାତ ଉତ୍ତର କଲା ଯାହା ୧୨
ଲେଖିଲୁଁ ତାହା ଲେଖିଲୁଁ ।

ଏହି ପ୍ରକାରରେ ସେନାଗଣ ଯୀଶୁକୁ କ୍ରୁଶରେ ଚଢାଇ ତାହାଙ୍କର ପିନ୍ଧା ୨୩
ବସ୍ତ୍ର ଚାରି ଭାଗ କରି ପ୍ରତ୍ୟେକ ସୈନ୍ୟ ଏକା ଭାଗ ନେଲା ପୁଣି ତାହାଙ୍କର
ଉତ୍ତରୀୟ ବସ୍ତ୍ରର ନେଲା । ସେହି ଉତ୍ତରୀୟ ବସ୍ତ୍ର ସିଂଯା ନ ହୋଇ ସବୁ ବୁଣା
ଥିଲା ଏ ସକାଶେ ସେମାନେ କୋଇଲେ ଏହା କେ ଯାଇବ ଅସ ତାହା ନ
ଚିରି ଏହାର ଗୁଲିବାଣ୍ଟ କରୁଁ । ସେମାନେ ଅମ୍ଭର ପିନ୍ଧା ବସ୍ତ୍ର ବାଣ୍ଟି କରି ୨୪
ନେବେ ପୁଣି ଆମ୍ଭର ଉତ୍ତରୀୟ ବସ୍ତ୍ରର ନମନ୍ତେ ଗୁଲିବାଣ୍ଟ କରିବେ ଧର୍ମପୁସ୍ତ
କର ଏହି ଉକ୍ତି ଯେମନ୍ତ ପ୍ରତ୍ୟକ୍ଷ ହୁଅଇ ଏଥିପାଇଁ ସେନାଗଣ ଏମନ୍ତ ବ୍ୟବ
ହାର କଲେ ।

ସେକାଳରେ ଯୀଶୁର ମାତା ଓ ମାତାର ଭଉଣୀ ଯେ କ୍ଲିଯୋପାର ସ୍ତ୍ରୀ ୨୫
ମରୟମ ପୁଣି ମଗ୍ଦଲୀନୀ ମରୟମ ଏମାନେ ତାହାଙ୍କର କ୍ରୁଶର ନିକଟରେ ଠିଆ
ହୋଇ ଥିଲେ । ଉହିଁରେ ଯୀଶୁ ଆପଣା ମାତାକୁ ପୁଣି ପ୍ରିୟତମ ଶିଷ୍ୟକୁ ୨୬
କଅରେ ଠିଆ ହେବାର ଦେଖି ମାତାକୁ କହିଲେ ହେ ନାର ଦେଖ ଏ
ତୁମ୍ଭର ପୁତ୍ର ପୁଣି ଶିଷ୍ୟକୁ କହିଲେ ଦେଖ ଏ ତୁମ୍ଭର ମାତା । ଏଣୁ ସେ ଶିଷ୍ୟ ୨୭
ସେହି ସମସ୍ତାବଧି ତାହାକୁ ଆପଣା ଗୃହରେ ନେଇଂ ଗଲା ।

ଅନନ୍ତରେ ସମସ୍ତ କର୍ମ ଏବେ ସମ୍ପୂର୍ଣ୍ଣ ହେଲା ଯୀଶୁ ଏହା ଜ୍ଞାତ ହୋଇ ୨୮
ଧର୍ମପୁସ୍ତକର ବଚନ ଯେମନ୍ତ ସିଦ୍ଧ ହୁଅଇ ଏହି ନମନ୍ତେ କହିଲେ ଆମ୍ଭର
ତୃଷ୍ଣା ହେଉଅଛି । ଏଥିରେ ସେହି ସ୍ଥାନରେ ପୂର୍ଣ ଏକ ପାତ୍ର ୨୯
ଥିବାରେ ସେମାନେ ଖଣ୍ଡେ ଶୋଷକ ଦ୍ରବ୍ୟ ସେହି ଅମ୍ଳରସରେ ଚୁମ୍ବାଇ
ଏସୋବ ଗଛର ଶାଖାରେ ଲଗାଇ ତାହାଙ୍କର ମୁଖର ନିକଟ ଯୋଇଲେ ।
ଯୀଶୁ ସେ ଅମ୍ଳରସ ପାନ କରନ୍ତେ ବୋଇଲେ ସମ୍ପୂର୍ଣ୍ଣ ହେଲା ଉହିଁରେ ୩୦
ସେ ଆପଣା ମୁଣ୍ଡ ନୁଆଁଇ ପ୍ରାଣ ତ୍ୟାଗ କଲେ ।

ସେହି ଦନ ଆୟୋଜନ ଦନ ବହି ସକାଶେ ବଶ୍ରାମବାରରେ ଦେହ ଯେ ୩୧
ମନ୍ତ କ୍ରୁଶର ଉପରେ ନ ଥାଏ ଯେହେତୁ ସେ ବଶ୍ରାମବାର ବଡ ଦନ ଥିଲା
ଏହି ନମନ୍ତେ ଯିହୁଦୀୟମାନେ ପିଲାତର ନିକଟକୁ ଯାଇ ସେମାନଙ୍କର ପାଦ ଭଙ୍ଗି
ବାର ଓ ସ୍ଥାନାନ୍ତରେ ଘେନ ଯିବାର ଅନୁମତି ପ୍ରାର୍ଥନା କଲେ । ଏନମନ୍ତେ ୩୨
ସେନାଗଣ ଅସି ଯୀଶୁର ସଙ୍ଗେ କ୍ରୁଶରେ ହତ ପ୍ରଥମ ଜଣ ଓ ଆନ ଜଣର
ପାଦ ଭଙ୍ଗିଲେ । ପୁଣି ଯୀଶୁର ନିକଟରେ ଯାଇ ସେ ମର ଅଛନ୍ତି ବୋ ଦେଖି ୩୩
ତାହାଙ୍କର ପାଦ ନ ଭଙ୍ଗିଲେ । ପୁଣି ଏକ ଜଣ ସେନା ବର୍ଚ୍ଛା ମାର ତାହାଙ୍କର ୩୪

କକ୍ଷଦେଶ ବିନ୍ଧିଲେ ତତ୍ରକ୍ଷଣାତ୍ର ତହିଂରୁ ରକ୍ତ ଓ ଜଳ ବାହାର ହେଲା ।
୩୫ ଯେଉଂଜନ ଏହାର ସାକ୍ଷ୍ୟ ଦେଇଅଛି ସେ ଆପେଁ ଦେଖିଲା ଓ ତାହାର ଏହି
ସାକ୍ଷ୍ୟ ସତ୍ୟ ଆଉ ତାହାର କଥା ତୁମ୍ଭମାନଙ୍କର ବିଶ୍ୱାସ ଜନ୍ମାଇବାକୁ
୩୬ ଯୋଗ୍ୟ ଏହା ସେ ଜ୍ଞାତ ଅଛି । ତାହାର ଖଣ୍ଡେ ଅସ୍ଥି ଭଗ୍ନ ନ ହେବ
ଏହି ଧର୍ମପୁସ୍ତକର ବଚନ ଯେମନ୍ତ ସିଦ୍ଧ ହୁଅଇ ଏନିମନ୍ତେ ଏସମସ୍ତ ଘଟଣା
୩୭ ହେଲା । ସେରୂପେ ଅନ୍ୟ ଶାସ୍ତ୍ରରେ ଲେଖା ସେମାନେ ଯାହାକୁ ବିନ୍ଧିଲେ
ତାହାର ପ୍ରତି ଦୃଷ୍ଟିପାତ କରିବେ ।
୩୮ ଏଥିଉତ୍ତାରେ ଅରିମଥୀୟ ନଗରର ଯୁଷଫ ନାମରେ ଜଣେ ଯୀଶୁର
ଶିଷ୍ୟ ଥିଲା ପୁଣି ଯିହୁଦୀୟମାନଙ୍କର ଭୟରେ ପ୍ରକାଶିତ ହୁଅଇ ନାହିଂ
ସେ ଜନ ଯୀଶୁର ଦେହ ନେଇଂ ଯିବାର ଅନୁମତି ପିଲାତର ନିକଟରେ
୩୯ ପ୍ରାର୍ଥନା କଲା । ତହିଂରେ ପିଲାତ ଅନୁମତି ଦେଲା ଉତ୍ତାରେ ସେ ଯାଇ
ଯୀଶୁର ଦେହ ନେଇ ଗଲା । ଏଉତ୍ତାରୁ ଯେଉଂ ନିକଦୀମ ରାତ୍ରି ଯୋଗରେ
ଯୀଶୁର ନିକଟରେ ଯାଇ ଥିଲା ସେହିଂ ଗନ୍ଧରସରେ ମିଶ୍ରିତ ପ୍ରାୟ ପଚାଶ
୪୦ ସେର ଅଗୁରୁ ନେଇଂ ଅଇଲା । ତେଣୁ ସେମାନେ ଯିହୁଦୀୟମାନଙ୍କର
କବର ମର୍ଦ୍ଦନର ରୀତି ଅନୁସାରେ ସେ ସୁଗନ୍ଧ ଦ୍ରବ୍ୟର ସହିତ ତାହା
୪୧ ଙ୍କର ଦେହ ବସ୍ତ୍ରରେ ଗୁଡ଼ାଇ ଦେଲେ । ଆଉ ଯେଉଂଠାରେ ତାହାଙ୍କୁ
କୃଶରେ ଚଢ଼ାଇଥିଲେ ତାହାର ନିକଟସ୍ଥ ବଗିଚାରେ ଯହିଂରେ କାହାର
ଦେହ କେବେହେଂ ରଖା ଯାଇ ନାହିଁ ଏମନ୍ତ ଏକ ନୂତନ କବର ଥିଲା ।
୪୨ ପୁଣି ଯିହୁଦୀୟମାନଙ୍କର ଆୟୋଜନ ଦିନ ହେବାରୁଂ ସେମାନେ ସେହି ନିକଟସ୍ଥ
କବରରେ ଯୀଶୁକୁ ଶୟନ କରାଇଲେ ।

## ୨୦ ପର୍ବ ।

୧ ତଦନନ୍ତରେ ସପ୍ତାହର ପ୍ରଥମ ଦିବସରେ ଅତି ପ୍ରାତଃକାଳରେ ଅନ୍ଧକାର
ଥାଉଂ ୨ ମଗ୍ଦଲିନୀ ମରିୟମ ସେହି କବରର ନିକଟକୁ ଯାଇ କବରର ମୁଖରୁ
୨ ପଥର ଘୁଁଚି ଅଛି ଦେଖିଲା । ଏଥିରେ ଦୌଡ଼ି ଯାଇ ଶିମୋନ ପିତର ଓ
ଯୀଶୁର ପ୍ରୟତମ ଶିଷ୍ୟର କତିକୁ ଆସି କହିଲା ସେମାନେ କବରରୁ ପ୍ରଭୁକୁ
୩ ଉଠାଇ ନେଇଂ କେଉଂଠାରେ ରଖି ଅଛନ୍ତି ତାହା ଜାଣି ନାହୁଁ । ଏଣୁ
୪ ପିତର ପୁଣି ସେହି ଅନ୍ୟ ଶିଷ୍ୟ ବାହାର ହୋଇ କବର ସ୍ଥାନକୁ ଗଲେ । ଏମନ୍ତେ
ଦୁହେଂ ଦୌଡ଼ିଲେ ଅନ୍ୟ ଶିଷ୍ୟ ପିତରକୁ ପଛେ ପକାଇ ପ୍ରଥମରେ କବର
୫ ସ୍ଥାନକୁ ଉତ୍ତରିଲା । ଏଥିରେ ସେ ନଇଂ ପଡ଼ିବାରୁଂ ଥୋଇଲା ନୁଗା ସବୁ
୬ ଦେଖିଲା ପୁଣି ଭିତରେ ପ୍ରବେଶ ନୋହିଲା । ଅନନ୍ତରେ ଶିମୋନ ପିତର

ତାହାର ପଛେ୨ ଆସି କବର ସ୍ଥାନରେ ପ୍ରବେଶ ହୋଇ ଥୋଇଲା ନୁଗା ପୁଣି ୭
ଆଉ ନୁଗାରୁ ଅଲଗା ଅନ୍ୟ ସ୍ଥାନରେ ଥୋଇଲା ମସ୍ତକର ଗାମଛ ଦେଖିଲା ।
ଏଣୁ କବର ସ୍ଥାନକୁ ପ୍ରଥମରେ ଅଇଲା ଯେ ଆନ ଶିଷ୍ୟ ସେହି ପ୍ରବେଶ ୮
ହୋଇ ଦେଖନ୍ତେ ବିଶ୍ୱାସ କଲା । ଯେହେତୁ ମୃତାବସ୍ଥାରୁ ତାହାଙ୍କୁ ଉତ୍ଥାନ ୯
କରିବାକୁ ହେବ ଧର୍ମପୁସ୍ତକର ଏହି ଅର୍ଥ ସେମାନେ ଅଦ୍ୟାବଧି ବୁଝି ନାହାନ୍ତି ୧୦
ପୁଣି ସେ ଦୁଇ ଶିଷ୍ୟ ଆପଣା୨ ଗୃହକୁ ଫେରି ଗଲେ ।

ଏଉତ୍ତାରୁ ମରିୟମ କବର ଦ୍ୱାରର ବାହାରେ ଠିୟା ହୋଇ ରୋଦନ ୧୧
କଲା ପୁଣି ରୋଦନ କରୁ୨ ନଇଂ ପତି କବରକୁ ଅନାଇ ଯୀଶୁର ଦେହର ୧୨
ଶୟନ ସ୍ଥାନର ଶିରରେ ଜଣେ ଓ ପଦତଳରେ ଜଣେ ଏମନ୍ତ ଦୁଇ ଜଣ ଶୁକ୍ଳ
ବେଶଧାରି ସ୍ୱର୍ଗ ଦୂତକୁ ବସିଥିବାର ଦେଖିଲା । ସେମାନେ ତାକୁ ପଚାରିଲେ ୧୩
ହେ ନାରି କିନିମନ୍ତେ ରୋଦନ କରୁଅଛ । ସେ କହିଲା କେହି ଆମ୍ଭ ପ୍ରଭୁକୁ
ନେଇ କେଉଂଠାରେ ରଖିଛନ୍ତି ତାହା ଜାଣି ନାହିଁ ଏଥିପାଇ । ଏହା ବୋଲି ୧୪
ସେ ମୁଖ ଫେରାଇ ଯୀଶୁକୁ ଠିୟା ହେବାର ଦେଖିଲା ପୁଣି ଏ ଯୀଶୁ ଅଟନ୍ତି
ଏହା ନ ଜାଣିଲା । ଯୀଶୁ ତାହାକୁ ପଚାରିଲେ ହେ ନାରି ରୋଦନ କରୁ ୧୫
ଅଛ କିପାଁ କାହାକୁ ଲୋଡୁଅଛ । ସେ ତାହାକୁଂ ଉଦ୍ୟାନର ମାଳୀ ଜ୍ଞାନ
କରି କହିଲା ହେ ଅବଧାନ ତୁମ୍ଭେ ଯେବେ ଏଠାବରୁ ତାହାଙ୍କୁ ନେଇଂ
ଯାଇ ଥାଅ ତେବେ କେଉଂଠାରେ ରଖିଅଛ ତାହା ବୋଲ ତେଣୁ ଆମ୍ଭେ
ନେଇ ଯିବା । ଯୀଶୁ ତାହାକୁ କହିଲେ ଆଗୋ ମରିୟମ । ସେ ଫେରି ୧୬
ଉତ୍ତର କଲା ହେ ରାବୁନୀ ଅର୍ଥାତ୍ର ହେ ଗୁରୁ । ଯୀଶୁ କହିଲେ ଆମ୍ଭକୁ ନ ଧର ୧୭
ଯେହେତୁ ଏବେ ପିତାଠାରେ ଆମ୍ଭେ ଆରୋହି ନାହୁଁ ପୁଣି ଯେ ଆମ୍ଭର ଓ
ତୁମ୍ଭମାନଙ୍କର ପିତା ପୁଣି ଆମ୍ଭର ଓ ତୁମ୍ଭମାନଙ୍କର ଈଶ୍ୱର ତାହାଙ୍କଠାରେ
ଆରୋହି ଯାଉ ଅଛୁଁ ଏହିକଥା ତୁମ୍ଭେ ଯାଇ ଆମ୍ଭର ଭ୍ରାତୃଗଣକୁ ଜଣାଅ ।
ଏଥିରେ ମଗ୍ଧଲିନୀ ମରିୟମ ଯାଇ ପ୍ରଭୁ ଯେ ଆମ୍ଭକୁ ଦର୍ଶନ ଦେଇ ଏମନ୍ତ ୧୮
କଥା କହିଅଛନ୍ତି ଏହି ସମ୍ବାଦ ଶିଷ୍ୟମାନଙ୍କୁ ଦେଲା ।

ସପ୍ତାହର ଏହି ପ୍ରଥମ ଦିବସର ସନ୍ଧ୍ୟା ସମୟରେ ଶିଷ୍ୟଗଣ ଏକତ୍ର ହୋଇ ୧୯
ଯିହୁଦୀୟମାନଙ୍କର ଭୟରେ ଦ୍ୱାର ବନ୍ଦ ହୁଅନ୍ତେ ଯୀଶୁ ସେମାନଙ୍କର ମଧ୍ୟ
ସ୍ଥାନରେ ଠିୟା ହୋଇ କହିଲେ ତୁମ୍ଭମାନଙ୍କର କଲ୍ୟାଣ ହେଉ । ଏହା ୨୦
ବୋଲି ଆପଣା ହସ୍ତ ପୁଣି କକ୍ଷ ଦେଶ ଦେଖାଇଲେ ତେଣୁ ଶିଷ୍ୟମାନେ
ପ୍ରଭୁକୁ ଦେଖି ଦୃଷ୍ଟ ହେଲେ । ସେ ପୁନର୍ବାର କହିଲେ ତୁମ୍ଭମାନଙ୍କର କ ୨୧
ଲ୍ୟାଣ ହେଉ ପିତା ଯେମନ୍ତ ଆମ୍ଭକୁ ପଠାଇ ଅଛନ୍ତି ସେଉପେ ଆମ୍ଭେଇ ତୁମ୍ଭ
ମାନଙ୍କୁଂ ପଠାଇ । ସେ ଏହା ବୋଲି ସେମାନଙ୍କର ଉପରେ ନିଶ୍ୱାସ ଛାଡି ୨୨

୧୩ କହିଲେ ଧର୍ମଆତ୍ମ ନିୟ ତୁମ୍ଭେମାନେ ଯେଉଂମାନଙ୍କର ପାପ ମୋଚନ କରିବ
ସେମାନଙ୍କୁଂ ସେହି ମୋଚନ ହେବ ପୁଣି ଯେଉଂମାନଙ୍କର ପାପ ମୋଚନ ନ
କରିବ ସେମାନଙ୍କୁଂ ମୋଚନ ନୋହିବ ।

ଯୀଶୁର ଆସିବାର ସମୟରେ ଦ୍ୱାଦଶର ଜଣେ ଯାହାକୁ ଦିଦିମ ଅର୍ଥାତ୍
୧୪ ଥୋମା ବୋଲାୟେ ସେ ସେମାନଙ୍କର ସଙ୍ଗେ ନ ଥିଲା । ଏନିମନ୍ତେ ଆମ୍ଭେମା
୧୫ ନେ ପ୍ରଭୁଙ୍କୁ ଦେଖିଲୁଁ ଏକଥା ଆଉ ସମସ୍ତ ଶିଷ୍ୟମାନେ ତାହାକୁ କହନ୍ତେ ସେ
ବୋଇଲା ତାହାଙ୍କର ହସ୍ତରେ କଣ୍ଟାର ଚିହ୍ନ ନ ଦେଖିଲେ ଓ କଣ୍ଟାର ସେହି ଚି
ହ୍ନକୁ ଅଙ୍ଗୁଳିରେ ନ ଛୁଇଲେ ପୁଣି ତାହାଙ୍କର କକ୍ଷ ଦେଶରେ ହସ୍ତ ନ ଦେଲେ
ଆମ୍ଭେ ବିଶ୍ୱାସ ନ କରିବା । ଏଥିଉତ୍ତାରୁ ଅଷ୍ଟ ଦିବସ ଗତ ହେଲା ଆଉ ଶିଷ୍ୟ
୧୬ ଗଣ ଥୋମାର ସଙ୍ଗେ ଏକତ୍ର ହୋଇ ଦ୍ୱାର ବନ୍ଦ କରି ଭିତରେ ଥିଲେ ଏମନ୍ତ
ସମୟରେ ଯୀଶୁ ସେମାନଙ୍କର ମଧ୍ୟରେ ଠିୟା ହୋଇ କହିଲେ ତୁମ୍ଭମାନ
ଙ୍କର କଲ୍ୟାଣ ହେଉ । ଏଥିରେ ସେ ଥୋମାକୁ କହିଲେ ଏଆଡେ ଅଙ୍ଗୁଳି
୧୭ ଦେଇ ଆମ୍ଭର ହସ୍ତ ଦେଖ ପୁଣି ହାତ ବଢାଇ ଆମ୍ଭ କକ୍ଷ ଦେଶରେ ଦିୟ ଅବି
ଶ୍ୱାସୀ ନ ହୋଇ ବିଶ୍ୱାସୀ ହୁଅ । ଥୋମା କହିଲା ହେ ଆମ୍ଭର ପ୍ରଭୁ ହେ
୧୮ ଆମ୍ଭର ଈଶ୍ୱର । ଯୀଶୁ କହିଲେ ହେ ଥୋମା ଆମ୍ଭକୁ ଦେଖି ତୁମ୍ଭେ ବିଶ୍ୱାସ
୧୯ କରୁଅଛ ଯେଉଂମାନେ ନ ଦେଖି ବିଶ୍ୱାସ କରନ୍ତି ସେମାନେହିଁ ଧନ୍ୟ ।

ଏଥିରୁ ଭିନ୍ନ ଯାହା ଏହି ପୁସ୍ତକରେ ଲେଖା ନ ଗଲା ଏମନ୍ତ ଅନେକ୍ୟ
୩୦ ଅଶ୍ଚର୍ଯ୍ୟ କର୍ମ ଯୀଶୁ ଶିଷ୍ୟମାନଙ୍କର ସାକ୍ଷାତରେ କଲେ । ପୁଣି ଯୀଶୁ ଈଶ୍ୱ
୩୧ ରର ଆତ୍ମଜ ମଶୀହ ଅଟନ୍ତି ଏହା ଯେମନ୍ତ ତୁମ୍ଭେମାନେ ବିଶ୍ୱାସ କର ପୁଣି
ବିଶ୍ୱାସ କରି ତାହାଙ୍କର ନାମରେ ପରମାୟ ପ୍ରାପ୍ତ ହୁଅ ଏଥିପାଇଁ ଏ ସମସ୍ତ
ଲେଖା ଯାଉଅଛି ।

## ୨୧ ପର୍ବ ।

ତଦନନ୍ତରେ ତିବିରିୟା ସମୁଦ୍ରର କୂଳରେ ଯୀଶୁ ପୁନର୍ବାର ଶିଷ୍ୟମାନଙ୍କୁ
୧ ଦର୍ଶନ ଦେଲେ ସେ ଏହି ପ୍ରକାରରେ ଦର୍ଶନ ଦେଲେ । ଶିମୋନ ପିତର ଦିଦିମ-
୨ ଥୋମା ଗାଲିଲୀୟ-କାନ୍ନାନିବାସି-ନିଥନିୟେଲ ଜବଦିର ପୁତ୍ରମାନେ ପୁଣି
ଆଉ ଦୁଇଜଣ ଶିଷ୍ୟ ଏସମସ୍ତେ ଏକତ୍ର ହୁଅନ୍ତେ ଶିମୋନ ପିତର କହିଲା
ମାଛ ଧରିବାକୁ ଯାଉଁ । ସେମାନେ ବୋଇଲେ ଆମ୍ଭେମାନେହିଁ ତୁମ୍ଭର ସଙ୍ଗେ
୩ ଯାଇ ତେଣୁ ସେମାନେ ବାହାର ହୋଇ ତକ୍ଷଣେ ନୌକାରୋହଣ କଲେ
ପୁଣି ସେହି ରାତ୍ରିରେ କିଛି ନ ଧଇଲେ । ପ୍ରଭାତ ହେଲା ଯୀଶୁ କୂଳରେ ଠିୟା
୪ ହେଲେ ପୁଣି ସେ ଯୀଶୁ ଅଟନ୍ତି ଏହା ଶିଷ୍ୟମାନେ ନ ଜାଣିଲେ । ଏଥିରେ

ଯୀଶୁ ପଗ୍ଭରଲେ ହେ ପିଲାମାନେ ତୁମ୍ଭମାନଙ୍କର କଇରେ କ କଛୁ ଖାଦ୍ୟ
ଅଛୁ ସେମାନେ ବୋଇଲେ କଛୁହିଁ ନାହିଁ । ସେ କହିଲେ ନୌକାର ଦକ୍ଷିଣ ୬
ପାର୍ଶ୍ୱରେ ଜାଲ ପକାଅ ତେଣୁ ପାଇବ । ଏନମନ୍ତେ ସେମାନେ ତାହା ପକା ୭
ଇଲେ ଜାଲରେ ବଡେ ମାଛ ପଡିଲା ଯେ ସେମାନେ ଓହାର ନେବାକୁ ନ
ପାରିଲେ । ତହିଁରେ ଯୀଶୁର ପ୍ରିୟଭନ ଶିଷ୍ୟ ପିତରକୁ କହିଲା ଏହି ପ୍ରଭୁ
ହେବେ । ଏ ପ୍ରଭୁ ଶିମୋନ ପିତର ଏକଥା ଶୁଣିବା ମାତ୍ର ଉଲଗ୍ନ ସକାଶୁଂ
ଅପଣା ମାଛୁଆର ଓଦର ପିନ୍ଧି ଜଲରେ ଝାଁପ ଦେଲା । ପୁଣି ଅନ୍ୟ ଶିଷ୍ୟ ୮
ମାନେ ମାଛ ଶୁଦ୍ଧା ଜାଲ ଟାଣୁ। ସାନ ନାବ ବାହି କୂଳକୁ ଆଇଲେ
ଯେଣୁ ଅନୁମାନ ହେଲା ସେମାନେ କୂଳର ବୁରଗ ହାତର ଅଧିକ ଦୂରରେ
ନ ଥିଲେ । ଏଣୁ ସେମାନେ କୂଳରେ ଉଠନ୍ତେ ସେସ୍ଥାନରେ ପ୍ରଜ୍ୱଳିତ ଅଗ୍ନି ୯
ପୁଣି ତାହା ଉପରେ ମାଛ ଓ ରୋଟୀ ଦେଖିଲେ । ଯୀଶୁ କହିଲେ ଯେଉଁ ୧୦
ମାଛ ଏବେ ଧରଅଛ ତାହାର କଛୁ ନେଇ ଅସ । ଏନମନ୍ତେ ଶିମୋନ ପିତର ୧୧
ଫେର ଯାଇ ବଡୀ ଏକ ଶ ତେପନ ମାଛରେ ପରପୂର୍ଣ୍ଣ ଜାଲ କୂଳରେ
ଟାଣିଲା ପୁଣି ଏତେକ ହେଲେହେଁ ଜାଲ କ ଛିଣ୍ଡଲା । ଯୀଶୁ ସେମାନଙ୍କୁ ୧୨
କହିଲେ ତୁମ୍ଭେମାନେ ଅସି ଭୋଜନ କର । ମାତ୍ର ଏ ପ୍ରଭୁ ଅଟନ୍ତି ଏହା
ଜାଣିବାରୁଂ ତୁମ୍ଭେ କେ ଏମନ୍ତ କଥା ପଗ୍ଭରବାକୁ ଶିଷ୍ୟମାନଙ୍କର କାହାର
ସାହସ ନ ହେଲା । ଏଥିରେ ଯୀଶୁ ଅସି ରୋଟୀ ପୁଣି ମାଛ ନେଇଁ ସେମା ୧୩
ନଙ୍କୁଂ ପରବେଷଣ କର ଦେଲେ । ଏହିପ୍ରକେ ମୃତାବସ୍ଥାରୁ ଉତ୍ଥାନର ଉତ୍ତ ୧୪
ରେ ଯୀଶୁ ଶିଷ୍ୟମାନଙ୍କୁଂ ଏହା ତୃତୀୟ ଥର ଦର୍ଶନ ଦେଲେ ।

ସେମାନଙ୍କର ଭୋଜନ ସମାପ୍ତ ହେଲା ଉତ୍ତରେ ଯୀଶୁ ଶିମୋନ ପିତରକୁ ୧୫
ପଗ୍ଭରିଲେ ହେ ଯୂନସର ପୁତ୍ର ଶିମୋନ ତୁମ୍ଭେ କ ଏମାନଙ୍କଠାରୁ ଆମ୍ଭକୁ
ଅଧିକ ପ୍ରେମ କର ଥାଅ । ସେ ଉତ୍ତର କଲା ହାଁ ପ୍ରଭୁ ତୁମ୍ଭକୁ ପ୍ରେମ କର
ଥାଇ ତାହା ଅପଣ ଜାଣନ୍ତି । ଯୀଶୁ କହିଲେ ଆମ୍ଭର ମେଷ ଛୁଆମାନଙ୍କୁ ୧୬
ପ୍ରତିପାଳନ କର । ସେ ଦ୍ୱିତୀୟ ଥର ପଗ୍ଭରିଲେ ଆହେ ଯୂନସର ପୁତ୍ର ଶିମୋନ
ତୁମ୍ଭେ କ ଆମ୍ଭକୁ ପ୍ରେମ କର ଥାଅ ସେ କହିଲା ହାଁ ପ୍ରଭୁ ତୁମ୍ଭକୁ ପ୍ରେମ
କର ଥାଇ ତାହା ଅପଣ ଜାଣନ୍ତି । ଯୀଶୁ କହିଲେ ଆମ୍ଭର ମେଷଗଣଙ୍କୁ ପାଳନ
କର । ପୁଣି ସେ ତୃତୀୟ ଥର ପଗ୍ଭରିଲେ ହେ ଯୂନସର ପୁତ୍ର ଶିମୋନ ୧୭
ତୁମ୍ଭେ କ ଆମ୍ଭକୁ ପ୍ରେମ କର ଥାଅ । ତେଣୁ ତୁମ୍ଭେ କ ଆମ୍ଭକୁ ପ୍ରେମ
କର ଥାଅ ଏହ କଥା ତୃତୀୟ ଥର ପଗ୍ଭରବାରୁଂ ପିତର ଦୁଃଖିତ ହୋଇ
କହିଲା ହେ ପ୍ରଭୁ ତୁମ୍ଭକୁ ଅଗୋଚର କଛୁହିଁ ନାହିଁ ଆମ୍ଭେ ତୁମ୍ଭକୁ ପ୍ରେମ
କର ଥାଇ ତାହା ଆପଣ ଜାଣନ୍ତି । ଯୀଶୁ କହିଲେ ଆମ୍ଭର ମେଷଗଣଙ୍କୁ ୧୮

ପାଳଣ କର । ସତ୍ୟ। ଅମ୍ଭେ ବୋଲ ତୁମ୍ଭେ ଯୌବନ କାଳରେ ଅପଣା
ଅଣ୍ଟାବାନ୍ଧି ଯେଉଁଠାରେ ଇଚ୍ଛା ସେଠାରେଇ ଯାଆନ୍ତ ପୁଣି ଏଥିଉତ୍ତାରେ
ବୃଦ୍ଧ ବୟଃରେ ହସ୍ତ ବସ୍ତାର କରବ ଜହିଁରେ ଅନ୍ୟ ଜନ ତୁମ୍ଭକୁ ବନ୍ଧନ
କର ଯେଉଁଠାରେ ଯିବାକୁ ତୁମ୍ଭର ଇଚ୍ଛା ନୋହେ ସେଠାକୁ ନେଇ ଯିବେ ।
୧୯ ଏଥିରେ ଜ ପ୍ରକାର ମରଣରେ ସେ ଈଶ୍ୱରର ମହିମା ପ୍ରକାଶ କରବ ତାହା
ବୁଝାଇବାର ନିମନ୍ତେ ସେ ଏହି କଥା କହିଲେ । ଏକଥା କହି ସାରନ୍ତେ
ସେ ତାହାକୁ କହିଲେ ଆମ୍ଭର ପଶ୍ଚାତ୍ ଆସ ।
୨୦ ଏଠାରେ ଯେଉଁ ଜନ ରାତି ଭୋଜରେ ଯୀଶୁର ବକ୍ଷସ୍ଥଳରେ ଅଡ଼ଜ
ପଡ଼ ପ୍ରଭୁ କେ ଆପଣକୁ ପରହସ୍ତଗତ କରବ ଏହି କଥା ପଚାରି
୨୧ ଥିଲା ପିତର ମୁଖ ଫେରାନ୍ତେ ଯୀଶୁର ସେହି ପ୍ରିୟତମ ଶିଷ୍ୟକୁ ପଛରେ
ଆସନ୍ତା ଦେଖିଲା ଏଣୁ ସେ ଯୀଶୁକୁ ପଚାରିଲା ହେ ପ୍ରଭୁ ଏହି ମନୁଷ୍ୟର କଅଣ
୨୨ ଗତ ହେବ । ଯୀଶୁ ଉତ୍ତର କଲେ ଆମ୍ଭର ପୁନରାଗମନ ପର୍ଯ୍ୟନ୍ତେ ଯେବେ
ତାହାର ରହିବାକୁ ଇଚ୍ଛା କର ଏଥିରେ ତୁମ୍ଭର କ ତୁମ୍ଭେ ଆମ୍ଭର ପଛେ
୨୩ ଅସ । ଏଣୁ ସେ ଶିଷ୍ୟ ଯେ ନ ମରବ ଏହା ଭ୍ରାତୃଗଣର ମଧ୍ୟରେ ଜନରବ
ହେଲା ପୁଣି ସେ ମରବ କାହିଁ ଯୀଶୁ ତାହାକୁ କଥା ନ କହିଲେ କେବଳ
ଆମ୍ଭର ପୁନରାଗମନ ପର୍ଯ୍ୟନ୍ତେ ଯେବେ ତାହାର ରହିବାକୁ ଇଚ୍ଛା କର ତହିଁରେ
ତୁମ୍ଭର କ ଏହି କଥା କହିଲେ ।
୨୪ ଯେଉଁ ଜନ ଏହି ସମସ୍ତ ଲେଖି ଅଛୁ ପୁଣି ଏବଷୟରେ ସାକ୍ଷ୍ୟ ଦେଇଅଛୁ
ସେ ଏ ଶିଷ୍ୟ ଆଉର ତାହାର ସାକ୍ଷ୍ୟ ଯେ ସତ୍ୟ ଏହା ଆମ୍ଭେମାନେ ଜାଣି ।
୨୫ ଏଥିରୁ ଭିନ୍ନ ଯୀଶୁ ଆଉ ଅନେକ କର୍ମ କରିଥିଲେ ସେ ସମସ୍ତ ଯେବେ
ବର୍ଣ୍ଣନା କର ଲେଖା ଯାଏ ତେବେ ବୋଧ କର ଏତେ ଗ୍ରନ୍ଥ ହୁଅଇ ଯେ
ପୃଥିବୀରେହେଁ ନ ଧରଇ । ଅମିନ୍ ।

## ପ୍ରେରିତମାନଙ୍କର କ୍ରିୟାର ବୃତ୍ତାନ୍ତ ।

### ପ୍ରଥମ ।

ହେ ଥିଯଫିଲ ଯୀଶୁ ଧର୍ମଅଗ୍ନି ଦ୍ୱାରା ଯେଉଁ ଦିନରେ ଅପଣା ମନୋ ୧
ନୀତ ପ୍ରେରିତମାନଙ୍କୁ ଆଜ୍ଞା କରନ୍ତେ ଉର୍ଦ୍ଧ୍ୱକୁ ଗ୍ରହଣ ହେଲେ ସେହି ଦିନ ୨
ପର୍ଯ୍ୟନ୍ତ ଯୀ କ୍ରିୟା କରି ଥିଲେ ପୁଣି ଯୀ ଉପଦେଶ ଦେଇ ଥିଲେ
ତାହାର ସମସ୍ତ ବୃତ୍ତାନ୍ତ ପୂର୍ବରେ ଲେଖିଅଛୁଁ । ସେ ଅପଣା ମୃତ୍ୟୁ ଦୁଃଖ ୩
ଭୋଗର ଉତ୍ତାରେ ଅନେକୀ ପ୍ରତ୍ୟକ୍ଷ ପ୍ରମାଣ ଦ୍ୱାରା ଅପଣାକୁ ସଜୀବ
ଦେଖାଇ ଚଳିଶ ଦିନ ପର୍ଯ୍ୟନ୍ତ ପ୍ରେରିତମାନଙ୍କୁ ଦର୍ଶନ ଦେଇ ଈଶ୍ୱରର
ରାଜ୍ୟର ପ୍ରସଙ୍ଗ କହିଲେ । ଅବର ସେମାନଙ୍କୁ ଏକତ୍ର କରି ଏହି ଆଜ୍ଞା ଦେଲେ ୪
ତୁମ୍ଭେମାନେ ଯିରୂଶାଲମର ନ ଯାଇ ପିତାର ପ୍ରତିଜ୍ଞା ବିଷୟରେ ଯାହା
ଆମ୍ଭଠାରୁ ଶୁଣିଅଛ ତାହା ପାଇବାର ଅପେକ୍ଷାରେ ଥାଅ । ଯେହେତୁ ୫
ଯୋହନ ଜଳରେ ବାତ୍ତିଜ୍ମ ଦେଲା ମାତ୍ର ପୁଣି ଅଳ୍প ଦିନର ମଧ୍ୟରେ ତୁମ୍ଭେମା
ନେ ଧର୍ମଅଗ୍ନିରେ ବାତ୍ତିଜ୍ମ ହେବ । ଏଣୁ ସେମାନେ ଏକତ୍ର ହୋଇ ତାହାଙ୍କୁ ୬
ପଚାରିଲେ ହେ ପ୍ରଭୁ ତୁମ୍ଭେ କି ଏହିବେଳେ ପୁନର୍ବାର ରାଜ୍ୟପଣ ଇସ୍ରାଏଲ
ଠାରେ ସମର୍ପଣ କରିବ । ତହିଁରେ ସେ କହିଲେ ଯେ ସମସ୍ତ କାଳ ପୁଣି ୭
ସମୟ ପିତା ଅପଣା ବଶରେ ରଖିଛନ୍ତି ତାହା ଜାଣିବାକୁ ତୁମ୍ଭମାନଙ୍କର
ଅଧିକାର ନୁହଇ । ପୁଣି ତୁମ୍ଭମାନଙ୍କଠାରେ ଧର୍ମଅତ୍ମାର ଅଧିଷ୍ଠାନ ହେଲା ୮
ଉତ୍ତାରେ ପରାକ୍ରମ ପ୍ରାପ୍ତ ହୋଇ ତୁମ୍ଭେମାନେ ଯିରୂଶାଲମ ଓ ସମୁଦାୟ
ଯିହୁଦା ଓ ଶମିରୋଣ ଦେଶ ପୁଣି ପୃଥିବୀର ସୀମା ପର୍ଯ୍ୟନ୍ତ ସକଳ ଆମ୍ଭର
ସାକ୍ଷିମାନେ ହେବ । ସେ ଏକଥା ବୋଲି ସେମାନଙ୍କର ସାକ୍ଷାତରେ ୯
ଉର୍ଦ୍ଧ୍ୱକୁ ଗ୍ରହଣ ହୋଇ ମେଘାବୃତ ହୁଅନ୍ତେ ସେମାନଙ୍କର ଦୃଷ୍ଟିର ଅଗୋ
ଚର ହେଲେ । ସେମାନେ ଆକାଶର ପ୍ରତି ଏକ ଦୃଷ୍ଟିରେ ତାହାଙ୍କର ଏହିରୂପ ୧୦

୧୦ ଊର୍ଦ୍ଧ୍ୱଗମନ ଦେଖନ୍ତେ ଶୁକ୍ଳବସ୍ତ୍ର ପରହିତ ଦୁଇଜଣ ସେମାନଙ୍କର ନିକଟରେ
୧୧ ଠିଆ ହୋଇ କହିଲେ ହେ ଗାଲଲୀୟ ଲୋକମାନେ କି ନିମନ୍ତେ ଆକାଶର
ପ୍ରତି ଦୃଷ୍ଟି କର ଠିଆ ହେଉଅଛ ତୁମ୍ଭମାନଙ୍କଠାରୁ ଯାହାଙ୍କର ସ୍ୱର୍ଗରେ
ଗ୍ରହଣ ହେଲା ସେମନ୍ତ ଯେ ଯୀଶୁ ତାହାଙ୍କୁ ଯେମନ୍ତ ସ୍ୱର୍ଗରେ ଯିବାକୁ ଦେ
ଖିଲ ତେମନ୍ତ ଅଜ ଥରେ ତାହାଙ୍କର ଆସିବାକୁ ହେବ ।
୧୨ ଏଥିଉତ୍ତାରେ ସେମାନେ ଜୈତୁନ ନାମ ପର୍ବତର ଏକ ବଣ୍ଡାମବାରର
୧୩ ବାଟ ଦୂର ଯେ ଯିରୂଶାଲମ ନଗର ସେଠାକୁ ଫେର ଅଇଲେ । ତହୁଁ ନଗର
ରେ ପ୍ରବେଶ ହୋଇ ଯିଉର ଯାକୁବ ଯୋହନ ଅନ୍ଦ୍ରିୟ ଫିଲପ ଥୋମା
ବାର୍ତ୍ତଲମୀ ମାଥିଉ ଅଲଫିର ପୁତ୍ର ଯାକୁବ ଉଦ୍ୟୋଗୀ ଶିମୋନ ପୁଣି ଯାକୁ
ବର ଭାଇ ଯିହୂଦା ଏହ ସମସ୍ତେ ଯେ ସ୍ଥାନେ ବାସ କରୁଛନ୍ତି ସେହ ଉପରର
୧୪ କୋଠରରେ ଗଲେ । ଏମାନେ ପୁଣି ଥୋକାସ୍ତେ ସ୍ତ୍ରୀ ଲୋକ ଓ ଯୀଶୁର
ମାତା ମାରୟା ଓ ତାହାଙ୍କର ଭାଇମାନେ ଏହ ସମସ୍ତେ ଏକଚିତ୍ତ ହୋଇ
ଅନୁକ୍ଷଣେ ବନସ୍ତ ଓ ପ୍ରାର୍ଥନା କରୁଥାନ୍ତି ।
୧୫ ଏହ ସମୟରେ ସେଠାରେ ସତଶୁଦ୍ଧା ଊଣାଧିକ ଶହେ କୋଡିଏ ଶିଷ୍ୟ
୧୬ ଥିଲେ । ତହୁଁରେ ପିତର ସେମାନଙ୍କର ମଧ୍ୟରେ ଠିଆ ହୋଇ କହିଲା ହେ
ଭାଇ ସମସ୍ତ ଯୀଶୁର ପ୍ରତି ଆକ୍ରମଣକାର ଲୋକମାନଙ୍କର ପଥଦର୍ଶକ ଯେ
ଯିହୂଦା ତାହାର ବଷୟରେ ଦାଉଦର ମୁଖର ଧର୍ମଗ୍ରନ୍ଥ ଯେ କଥା କହି
୧୭ ଥିଲେ ତାହା ସିଦ୍ଧ ହେବାର ଅବଶ୍ୟକ ଥିଲା । ସେ ଜନ ଆମ୍ଭମାନଙ୍କର ମଧ୍ୟ
୧୮ ରେ ଗଣିତ ହୋଇ ଏହ ସେବାର ଅଂଶ ପାଇ ଥିଲା ପୁଣି ଦୁଷ୍କର୍ମରେ ପ୍ରାପ୍ତ
ଯେଉଁ ମୂଲ୍ୟ ସେହ ମୂଲ୍ୟରେ ସେ ଖଣ୍ଡେ କ୍ଷେତ କଣନ୍ତେ ଅଧୋମୁଖରେ
ଭୂମିରେ ପଡିଲା ପୁଣି ତାହାର ଉଦର ଫାଟି ଯିବାରେ ଅନ୍ତନ୍ତ୍ରଜଲା ସମସ୍ତ
୧୯ ବାହାରେ ପଡିଲା । ଏହା ଯିରୂଶାଲମନିବାସି ସମସ୍ତ ଲୋକଙ୍କ ଜଣା ହେଲା
ଏଣୁ ସେମାନଙ୍କର ନିଜ ଭାଷାରେ ସେ କ୍ଷେତ ହକଲଦମା ଅର୍ଥାତ୍ ରକ୍ତ
୨୦ କ୍ଷେତ ବୋଲି ବଖ୍ୟାତ ଅଛି । ଆଉ ତାହାର ବାସସ୍ଥାନ ଉଚ୍ଛନ୍ନ ହେବ
ସେଠାରେ କୌଣସି ମନୁଷ୍ୟ ବସତ ନ କରିବ ପୁଣି ଅନ୍ୟ ଜଣ ତାହାର ପଦ
୨୧ ପ୍ରାପ୍ତ ହେବ ଏରୂପେ ଗୀତ ପୁସ୍ତକରେ ଲେଖିତ ଅଛି । ଏନିମନ୍ତେ ଯୋହନର
ଡୁବନ ଅବଧି ଆମ୍ଭମାନଙ୍କଠାରୁ ପ୍ରଭୁ ଯୀଶୁର ସ୍ୱର୍ଗାରୋହଣ ଦନ ପର୍ଯ୍ୟନ୍ତେ
ଯେତେ ଦନ ସେ ଆମ୍ଭମାନଙ୍କର ମଧ୍ୟରେ କ୍ଷେପଣ କଲେ ତେତେ ଦନ ଯେ
୨୨ ମନୁଷ୍ୟମାନେ ଆମ୍ଭମାନଙ୍କର ସଙ୍ଗ କରିଅଛନ୍ତି ଯୀଶୁର ଉତ୍ଥାନ ବଷୟରେ
ଆମ୍ଭମାନଙ୍କର ସହିତ ସାକ୍ଷୀ ହେବାର ନିମନ୍ତେ ସେମାନଙ୍କର ଏକ ଜଣର
୨୩ ପ୍ରୟୋଜନ ଅଛି । ଏନିମନ୍ତେ ଯାହାର ଉପାଧି ଯୁସ୍ତ ପୁଣି ଯାହାକୁ ବର୍ଶବା

ବୋଲନ୍ତି ଏମନ୍ତ ଯେ ଯୁଷଫ ଓ ମାଥିଉ ଏହି ଦୁଇ ଜଣକୁ ପୃଥକ୍‌କର ଇ ୧୪
ଶ୍ୱରର ନକଟରେ ପ୍ରାର୍ଥନା କର କହିଲେ ହେ ସବାନ୍ତର୍ଯାମୀ ପରମେଶ୍ୱର
ଯେଉଁ ସେବା ପ୍ରେରିତପଦ ପଦରୁ ଯିହୁଦା ଭ୍ରଷ୍ଟ ହୋଇ ନଜ ସ୍ଥାନରେ ୧୫
ଯାଇଅଛି ସେହି ପଦ ପାଇବାକୁ ଏହି ଦୁଇ ଜଣର ମଧ୍ୟରେ ତୁମ୍ଭେ କାହାକୁ
ମନୋନୀତ କରିଅଛ ତାହା ଆମ୍ଭମାନଙ୍କୁ ଦେଖାଇ ଦିଅ । ଏଥିଉତ୍ତାରେ ୨୬
ଗୁଲିବାଣ୍ଟ କଲାରେ ମାଥିଉର ନାମରେ ଗୁଲି ଉଠିଲା ତହିଁରେ ସେ ଅନ୍ୟ
ଏକାଦଶ ପ୍ରେରିତର ସଙ୍ଗରେ ଗଣିତ ହେଲା ।

୨ ପତ୍ର ।

ଏଥିଉତ୍ତାରେ ନସ୍ତାର ପର୍ବର ପଞ୍ଚାଶ ଦିନର ଦିନ ଉପସ୍ଥିତ ହେଲା ସେ ୧
ମାନେ ସମସ୍ତେଇ ଏକଚିତ୍ତ ହୋଇ ଏକ ସ୍ଥାନରେ ଏକତ୍ର ଥିଲେ । ଏମନ୍ତ ୨
ସମୟରେ ଅକସ୍ମାତ୍‌ ଆକାଶରୁ ପ୍ରଚଣ୍ଡ ଶରତର ବାୟୁର ଶବ୍ଦର ନ୍ୟାୟ ଗୋ
ଟାଏ ଶବ୍ଦ ଅସି ଯେ ଗୃହରେ ସେମାନେ ବସିଥିଲେ ସେ ସମୁଦାୟ ଗୃହ ବ୍ୟା
ପିଲା । ପୁଣି ଅଗ୍ନିରୂପ ବରୁକ୍ତ ଜିହ୍ୱା ପ୍ରତ୍ୟକ୍ଷ ହୋଇ ପ୍ରତ୍ୟେକ ଜଣର ଉପରେ ୩
ସ୍ଥାପିତ ହୋଇ ରହିଲା । ତହିଁରେ ସମସ୍ତେ ଧର୍ମଆତ୍ମାରେ ପରିପୂର୍ଣ ହୋଇ ୪
ଆତ୍ମା ଯେ ପ୍ରକାର କୁହାଇଲେ ଭିନ୍ନଭାଷାରେ ଅନ୍ୟଦେଶୀୟ ଭାଷାରେ କଥା
କହିବାକୁ ଲାଗିଲେ ।

ସେ ସମୟରେ ପୃଥିବୀସ୍ଥ ସମସ୍ତ ଦେଶରୁ ଯିହୁଦୀ ସଦ୍ଭାକଲମ୍ବୀ ଲୋକ ଯେ ୫
କମାନେ ଅସି ଯିରୂଶାଲମରେ ପ୍ରବାସ କରିଥିଲେ ପୁଣି ଏହି କଥା ଜନରବ ୬
ହେବାରୁ ଲୋକ ସମୂହ ଏକଠାବ ହୋଇ ପ୍ରତ୍ୟେକ ଜଣ ଆପଣା ଆପଣା ଭାଷାରେ
ଶିଷ୍ୟମାନଙ୍କର କଥା କହିବାର ଶୁଣି ବସ୍ତୁତଃ ହେଲେ । ପୁଣି ସମସ୍ତେ ଚମ ୭
ତ୍କୃତ ଓ ବସ୍ତୁତାପନ୍ନ ହୋଇ ଏକକୁଆରେକ ବୋଇଲେ ଦେଖ ଯେଉଁମାନେ
କଥା କହୁଅଛନ୍ତି ସେମାନେ ସମସ୍ତେ କି ଗାଲିଲୀ ଦେଶୀୟ ଲୋକ ନୁହନ୍ତି ୮
ତେବେ ଆମ୍ଭେମାନେ ପ୍ରତ୍ୟେକ ଜଣ ଆପଣା ଜନ୍ମ ଦେଶୀୟ ଭାଷାରେ
ଏମାନଙ୍କୁ କଥା କହିବାକୁ ଶୁଣୁଅଛୁଁ ଏ କ । ପାର୍ଥି ମାଦୀ ପାର୍ଣୀ ମିସପଟ ୯
ମୀୟ। ଦେଶ ନବାସିମାନେ ଯିହୁଦୀୟ। କାପଦକୟ। ପନ୍ତ ଅଶିୟ। ଫ୍ରୁଗିୟ। ୧୦
ପାମ୍ଫିଲିୟ। ଓ ମିଶର ନବାସିମାନେ ପୁଣି କୁରୀଣୀର ନକଟବର୍ତ୍ତୀ ଲିବୁୟ।
ଦେଶର ପ୍ରଦେଶ ନବାସିମାନେ ପୁଣି ରୋମ ନଗରରୁ ଆସନ୍ତା ଯିହୁଦୀୟମାନେ
ଓ ଯିହୁଦା ସଦ୍ଭାକଲମ୍ବୀମାନେ ପୁଣି କ୍ରୀତୀୟ ଆରବୀ ଇତ୍ୟାଦି ଲୋକ ଯେ ୧୧
ଆମ୍ଭେମାନେ ଆମ୍ଭମାନଙ୍କର ନଜ ଭାଷାରେ ଏମାନଙ୍କୁ ଈଶ୍ୱରର ମହତ
କର୍ମ ବ୍ୟାଖ୍ୟା କରିବାକୁ ଶୁଣୁଅଛୁଁ । ବସ୍ତୁତଃ ସେମାନେ ସମସ୍ତେଇ ବସ୍ତୁ ୧୨

ସ୍ୱାପନ୍ନ ଓ ସନ୍ଦିଗ୍ଧଚିତ୍ତ ହୋଇ ଏକକୁଆରେକ କହିଲେ ଏହାର ଭାବ କ ।
୧୩ ଆଉ କେହି ଠାପୁଗ କରି କହିଲେ ଏମାନେ ନୂତନ ଦ୍ରାକ୍ଷା ରସରେ
ମତ୍ତ ହୋଇଅଛନ୍ତି ।
୧୪ ତେଣୁ ପତର ଏକାଦଶ ଜଣର ସଙ୍ଗେ ଠିଆ ହୋଇ ସେହି ଲୋକମା
ନଙ୍କୁ ଉଚ୍ଚସ୍ୱରରେ କହିଲା ହେ ଯିହୁଦୀୟମାନେ ହେ ଯିରୂଶାଲମ ନିବାସି
୧୫ ସମସ୍ତେ ଅବଧାନ କର ଆମ୍ଭର କଥା ବୁଝ । ଏବେ ଏହି ପହର ବେଳରୁ
ଅଧିକ ନାହିଁ ଏନମନ୍ତେ ତୁମ୍ଭେମାନେ ଯେ ଅନୁମାନ କରୁଅଛ ସେହି
୧୬ ମନୁଷ୍ୟମାନେ ମଦ୍ୟ ପାନରେ ମତ୍ତ ଭାହା ନୋହେ । ପୁଣି ଈଶ୍ୱର କହି
ଅଛନ୍ତି ଯୁଗାନ୍ତ ସମୟରେ ଅମ୍ଭେ ସମୁଦାୟ ପ୍ରାଣିର ଉପରେ ଆପଣା ଆତ୍ମାର
୧୭ ବୃଷ୍ଟି କରିବା । ତହିଁରେ ତୁମ୍ଭମାନଙ୍କର ପୁତ୍ର କନ୍ୟାଗଣ ଭବିଷ୍ୟଦ୍ବାକ୍ୟ
ବୋଲିବେ ପୁଣି ତୁମ୍ଭମାନଙ୍କର ଯୁବକମାନେ ଦର୍ଶନ ପାଇବେ ପୁଣି
୧୮ ପ୍ରାଚୀନମାନେ ସ୍ୱପ୍ନ ଦର୍ଶନ କରିବେ । ଆଉ ସେ କାଳରେ ଆପଣାର ଦାସ
ଦାସୀମାନଙ୍କୁ ଆପଣା ଆତ୍ମା ବୃଷ୍ଟି କରିବା ତହିଁରେ ସେମାନେ ଭବିଷ୍ୟଦ୍ବାକ୍ୟ
୧୯ କହିବେ । ପୁଣି ଊର୍ଦ୍ଧ୍ୱସ୍ଥିତ ଅକାଶରେ ଓ ଅଧଃସ୍ଥିତ ପୃଥିବୀରେ ରକ୍ତ ଅଗ୍ନି
୨୦ ଜ୍ୱଳନ ଧୂମ ଇତ୍ୟାଦି ଚିହ୍ନ ଓ ଅଶ୍ଚର୍ଯ୍ୟ କର୍ମ ଦେଖାଇବା । ଆଉ ପରମେଶ୍ୱ
ରର ସେହି ମହତ୍ତ ଓ ଭୟଙ୍କର ଦିନର ଆଗମନର ପୂର୍ବରେ ସୂର୍ଯ୍ୟ କଳାବର୍ଣ
୨୧ ପୁଣି ଚନ୍ଦ୍ର ରକ୍ତବର୍ଣ ହୋଇ ଯିବେ । ପୁଣି ଯେ କେହି ପରମେଶ୍ୱରର
ନାମରେ ପ୍ରାର୍ଥନା କରିବ ସେହି ପରିତାଣ ପାଇବ । ଏହି ଯେଉଁ ବାକ୍ୟ
ଯୋୟେଲ ଭବିଷ୍ୟଦ୍ବକ୍ତା ଦ୍ୱାରା ଉକ୍ତ ଥିଲା ତାହା ପ୍ରତ୍ୟକ୍ଷ ହେଉଅଛି ।
୨୨ ଏନମନ୍ତେ ହେ ଇଶ୍ରାୟେଲ ବଂଶୀୟ ଲୋକ ସମସ୍ତେ ଏହି କଥାରେ ଅବ
ଧାନ କର । ନାଜରତୀୟ ଯୀଶୁ ଈଶ୍ୱରର ମନୋନୀତ ଜନ ଏହା ଈଶ୍ୱର
ତାହାଙ୍କ ଦ୍ୱାରା କୃତ ଆଶ୍ଚର୍ଯ୍ୟ ଓ ଅଦ୍ଭୁତ କର୍ମ ଓ ଲକ୍ଷଣ ଦ୍ୱାରା ତୁମ୍ଭମାନଙ୍କର
୨୩ ସାକ୍ଷାତରେ ପ୍ରତିପନ୍ନ କରିଅଛନ୍ତି ଏହା ତୁମ୍ଭେମାନେ ଜ୍ଞାତ ଅଛ । ସେହି
ଯୀଶୁ ଈଶ୍ୱରର ନିରୂପିତ ସଙ୍କଳ୍ପ ଓ ପୂର୍ବ ଜ୍ଞାନଅନୁସାରେ ସମର୍ପିତ ହେଲେ ତୁମ୍ଭେ
ମାନେ ତାହାଙ୍କୁ ଧରି ଦୁଷ୍ଟ ଲୋକମାନଙ୍କର ହସ୍ତରେ କ୍ରୁଶରେ ଚଢାଇ କଧ
୨୪ କରିଅଛ । ପୁଣି ଈଶ୍ୱର ତାହାଙ୍କୁ ମୃତ୍ୟୁର ବନ୍ଧନରୁ ମୁକ୍ତକରାଇ ଉତ୍ଥାନ
କରାଇଲେ ଯେହେତୁ ସେ ଯେ ମୃତ୍ୟୁରେ ବଦ୍ଧ ହୋଇ ରହିବା ସମ୍ଭବ ନୁହଇ ।
୨୫ ଏବିଷୟରେ ଦାଉଦଇ କହିଥିଲା ଅମ୍ଭେ ସର୍ବଦା ଆମ୍ଭର ସମ୍ମୁଖରେ ପରମେ
ଶ୍ୱରଙ୍କୁ ଦର୍ଶନ କରି ସେ ଆମ୍ଭର ଦକ୍ଷିଣ ପାର୍ଶ୍ୱରେ ହୋଇ ଅମ୍ଭେ କେତେ
୨୬ ବେଳେ ବିଚଳିତ ନୋହିବା । ଏନମନ୍ତେ ଆମ୍ଭର ଚିତ୍ତ ପୁଲକିତ ହେବ ଆମ୍ଭର
୨୭ ଜିହ୍ୱା ଆନନ୍ଦରେ ଗାନ କରିବ ପୁଣି ପ୍ରତ୍ୟାଶାରେ ଆମ୍ଭର ଦେହ ଶୟନ କରିବ ।

ଯେହେତୁ ତୁମ୍ଭେ ଆମ୍ଭର ଅଗ୍ନିକୁ ପରଲୋକରେ ନ ଗ୍ରାହ୍ୟ ପୁଣି ନିଚ ଧର୍ମ
ବଲ୍କି କ୍ଷୟ ପାଇବାକୁ ନ ଦେବ । ତୁମ୍ଭେ ଜୀବନର ପଥ ଆମ୍ଭକୁ ଦେଖାଇ ୨୮
ଦେବ ପୁଣି ଅପଣାର ସମ୍ମୁରେ ଯେ ଆନନ୍ଦ ଅଛି ଏଥିରେ ଆମ୍ଭକୁ ପୂର୍ଣ କରିବ ।
ହେ ଭାଇ ସମସ୍ତ ସେହି ପୂର୍ବପୁରୁଷ ଦାଉଦର କଥା ଆମ୍ଭକୁ ସାହସରେ ୨୯
କହିବାକୁ ଦିଅ । ସେ ପ୍ରାଣ ତ୍ୟାଗ କଲା କବରସ୍ଥ ହୋଇଅଛି ଅଦ୍ୟାପି ୩୦
ସେ କବର ଆମ୍ଭମାନଙ୍କର ନିକଟରେ ବିଦ୍ୟମାନ ଅଛି । ପୁଣି ଲୌକିକ ଭାବରେ
ଦାଉଦର ବଂଶରେ ମଶୀହର ଜନ୍ମ ଗ୍ରହଣ କରାଇ ତାହାର ସିଂହାସନରେ
ବସିବାକୁ ତାହାକୁ ଉଠାଇବେ ପରମେଶ୍ୱର ଶପଥ ଦେଇ ଦାଉଦର ନିକ
ଟରେ ଏହି ଅଙ୍ଗୀକାର କରିଥିଲେ । ଦାଉଦ ଭବିଷ୍ୟଦ୍ବକ୍ତା ହୋଇ ଏହା ୩୧
ଜ୍ଞାତ ହେଲା ବଶତଃ ଯୀଶୁଙ୍କ ପୁନରୁତ୍ଥାନ ବିଷୟରେ ଏହି କଥା
କହିଲା ଯଥା ତାହାର ଅଗ୍ନି ପରଲୋକରେ ତ୍ୟକ୍ତ ନୋହିବ ପୁଣି ତାହାର
ଶରୀର କ୍ଷୟ ନ ପାଇବ । ଏଣୁ ପରମେଶ୍ୱର ଏହି ଯୀଶୁଙ୍କୁ କବରରୁ ଉଠାଇ ୩୨
ଅଛନ୍ତି ଏହାର ବିଷୟରେ ଆମ୍ଭେମାନେ ସମସ୍ତେ ସାକ୍ଷୀ ଅଟୁଁ । ସେ ଈଶ୍ୱ ୩୩
ରର ଦକ୍ଷିଣ ହସ୍ତରେ ଉନ୍ନତି ପ୍ରାପ୍ତ ହୋଇ ଧର୍ମଅଗ୍ନିର ବିଷୟରେ ପିତା ଯେ
ଅଙ୍ଗୀକାର କରିଥିଲେ ତାହାର ଫଳ ପାଇ ଯାହା ଏବେ ଦେଖୁଅଛ ପୁଣି
ଶୁଣୁଅଛ ତାହା ସେ ବୃଷ୍ଟି କଲେ । ନୋହିଲେ ଦାଉଦ ସ୍ୱର୍ଗାରୋହଣ କରି ୩୪
ନାହିଁ ପୁଣି ସେ ଆପେ ଏହି କଥା କହିଲା ପରମେଶ୍ୱର ଆମ୍ଭର ପ୍ରଭୁଙ୍କୁ ୩୫
କହିଲେ ଯାବତ୍ ଶତ୍ରୁବର୍ଗକୁ ତୁମ୍ଭର ପାଦପୀଠ ନ କରି ତାବତ୍ ଆମ୍ଭର ଦକ୍ଷି
ଣରେ ବସ । ଏନମନ୍ତେ ଯେଉଁ ଯୀଶୁଙ୍କୁ ତୁମ୍ଭେମାନେ କ୍ରୁଶରେ ବଧ କରି ୩୬
ଅଛ ପରମେଶ୍ୱର ତାହାଙ୍କୁ ଯେ ପ୍ରଭୁ ଓ ମଶୀହ କରି ନିଯୁକ୍ତ କରିଅଛନ୍ତି
ଏହା ଇଶ୍ରାୟେଲ ଲୋକମାନଙ୍କର ସ୍ଥିର ଜ୍ଞାନ ହେଉନ୍ତୁ ।

ଏପ୍ରକାର କଥା ଶୁଣି ସେମାନଙ୍କର ହୃଦସ୍ପୃ ବିଦୀର୍ଣ ହେବାରୁ ସେମାନେ ୩୭
ପିତରକୁ ପୁଣି ଅନ୍ୟ ପ୍ରେରିତମାନଙ୍କୁ କହିଲେ ହେ ଭାଇ ସମସ୍ତେ ଆମ୍ଭେ
ମାନେ କ କରିବା । ପିତର ଉତ୍ତର କଲା ତୁମ୍ଭେମାନେ ପ୍ରତ୍ୟେକ ଜଣ ୩୮
ଅପଣାର ମନ ଫେରାଅ ପୁଣି ପାପମୋଚନର ନିମନ୍ତେ ଯୀଶୁଖ୍ରୀଷ୍ଟର ନାମରେ
ଡୁବାଇ ହୁଅ ତେଣୁ ଧର୍ମଅଗ୍ନିରୂପ ଦାନ ପାଇବ । ଯେହେତୁ ତୁମ୍ଭମା ୩୯
ନଙ୍କର ପୁଣି ତୁମ୍ଭମାନଙ୍କର ସନ୍ତାନ ସନ୍ତତିମାନଙ୍କର ପୁଣି ଦୂରସ୍ଥ ସମସ୍ତ
ଲୋକଙ୍କର ପ୍ରତି ଯେତେ ଲୋକଙ୍କୁ ଆମ୍ଭମାନଙ୍କର ପ୍ରଭୁ ପରମେଶ୍ୱର ନିମ
ନ୍ତ୍ରଣ କରିବେ ସେହି ସମସ୍ତର ପ୍ରତି ସେ ଅଙ୍ଗୀକାର ଅଛି । ଏହା ଶୁଣି ୪୦
ସେ ଅନ୍ୟ ଅନେକ କଥାରେ ପ୍ରମାଣ ଓ ଉପଦେଶ ଦେଇ କହିଲା ଏହି
ବିପଥଗାମି କର୍ତ୍ତମାନ ପୁରୁଷଗଣରୁ ଆପଣାମାନଙ୍କୁ ରକ୍ଷା କର ।

୪୧ ଏଥିରେ ଯେଉଁମାନେ ତାହାର କଥା ସ୍ୱୀକାର କଲେ ସେମାନେ ବାପ୍ତିସ୍ମ
୪୨ ହେଲେ ପୁଣି ସେ ଦିବସରେ ପ୍ରାୟ ତିନି ସହସ୍ର ଲୋକ ସେମାନଙ୍କର ସଙ୍ଗ
ହୋଇଲେ ଏମାନେ ପ୍ରେରିତମାନଙ୍କର ଉପଦେଶରେ ଓ ସଙ୍ଗତିରେ ପୁଣି
୪୩ ରୋଟୀ ଭାଙ୍ଗିବାରେ ଓ ପ୍ରାର୍ଥନା କରିବାରେ ନିଷ୍ଠା ହୋଇ ରହିଲେ । ଅଦ୍ଭୁତ
ପ୍ରେରିତମାନେ ନାନା ପ୍ରକାର ଲକ୍ଷଣ ଓ ଆଶ୍ଚର୍ଯ୍ୟ କ୍ରିୟା ଦେଖାଇବାରୁ
୪୪ ସବୁ ଲୋକ ଭୟଗ୍ରସ୍ତ ହେଲେ । ପୁଣି ବିଶ୍ୱାସକାରୀ ସମସ୍ତେ ଏକ ସଙ୍ଗେ
ଥାଇ ସବୁ ସାଧାରଣ କରି ଭୋଗ କଲେ ଆଉ ଆପଣା ଆପଣା ଅଧିକାର ଓ
୪୫ ସମ୍ପତ୍ତି ସମସ୍ତ ବିକ୍ରୟ କରି ପ୍ରତ୍ୟେକ ଜଣର ପ୍ରୟୋଜନ ଅନୁସାରେ ଭାଗ
୪୬ କରି ଦେଲେ । ଆହୁରି ସମସ୍ତେ ଏକଚିତ୍ତ ହୋଇ ନିତ୍ୟ ମନ୍ଦିରରେ ଯାଇ
ପୁଣି ଘରେ ରୋଟୀ ଭାଙ୍ଗି ଈଶ୍ୱରର ଧନ୍ୟବାଦ କରି ସବୁ ଲୋକର ସମା
୪୭ଦର ପ୍ରାପ୍ତ ହୋଇ ପରମାନନ୍ଦରେ ଓ ସରଳ ଅନ୍ତଃକରଣରେ ଭୋଜନ
ପାନ କଲେ । ଇହାଁରେ ପରମେଶ୍ୱର ଦିନୀ ଦିନସ୍ତାର ପ୍ରାପ୍ତି ଲୋକ ଦେଇ
ମଣ୍ଡଳୀର ବୃଦ୍ଧି କଲେ ।

## ୩ ପତ୍ର ।

୧ ଏଥିଉତ୍ତାରୁ ପିତର ଓ ଯୋହନ ଏକତ୍ର ହୋଇ ତୃତୀୟ ପ୍ରହର ପ୍ରାର୍ଥନା
୨ କରିବାକେଲେ ମନ୍ଦିରକୁ ଯାଇ ଥିଲେ । ଏଥିରେ ଯାହାକୁ ମନ୍ଦିରରେ ପ୍ରବେ
ଶିବା ଲୋକଠାରୁ ଭିକ୍ଷା ମାଗିବା ପାଇଁ ଲୋକମାନେ ନିତ୍ୟ ଯେଉ ସୁନ୍ଦର
ନାମେ ମନ୍ଦିରର ଦ୍ୱାର କଡରେ ଶୁଆଇଲେ ଏମନ୍ତ ଜଣେ ଜନ୍ମ ଖଞ୍ଜ ସେ
୩ ସମୟରେ ବୁହା ଯାଉଅଛି । ସେ ପିତରକୁ ପୁଣି ଯୋହନକୁ ମନ୍ଦିରରେ
୪ ପ୍ରବେଶିବାକୁ ଉଦ୍ୟତ ଦେଖି ସେମାନଙ୍କଠାରେ ଭିକ୍ଷା ମାଗିଲା । ଇହାଁରେ
ଯୋହନର ସଙ୍ଗେ ପିତର ଏହାର ପ୍ରତି ସ୍ଥିର ଦୃଷ୍ଟି ରଖି କହିଲେ ଆମ୍ଭ ପ୍ରତି
୫ ଅନାଅ । ତେଣୁ ସେ କିଛି ପାଇବାର ଆଶାରେ ସେମାନଙ୍କର ପ୍ରତି ଦୃଷ୍ଟି
୬ କଲା । ପୁଣି ପିତର ବୋଇଲା ଆମ୍ଭର ସୁନା ରୂପ୍ୟ ନାହିଁ ମାତ୍ର ଆ
ମ୍ଭର ଯାହା ଅଛି ତାହା ଦେଇ ତୁମ୍ଭେ ନାଜରତୀୟ ଯୀଶୁଖ୍ରୀଷ୍ଟର ନାମରେ
୭ ଉଠି ଚାଲ । ଏହା ବୋଲି ସେ ତାହାର ଡାହାଣ ହାତ ଧର ତୋଳିଲା ତଣ୍ଟୁ
ତତ୍ପକ୍ଷଣାତ୍ ସେ ଜନର ଚରଣ ଗଣ୍ଠି ବଳ ପାଇ ସେ କୁଦା ମାର ଉଠି ବୁଲି
୮ ବାକୁ ଲାଗିଲା । ପୁଣି ବୁଲୁଁ ବୁଲୁଁ ଓ କୁଦା ମାରୁଁ ମାରୁଁ ଓ ଈଶ୍ୱରର ଧନ୍ୟବାଦ
୯ କରୁଁ ସେମାନଙ୍କର ସଙ୍ଗେ ମନ୍ଦିରରେ ପ୍ରବେଶିଲା । ଏଥିରେ ଲୋକ ସମସ୍ତେ
୧୦ ତାହାକୁ ବୁଲିବାକୁ ଓ ଈଶ୍ୱରର ଧନ୍ୟବାଦ କରିବାକୁ ଦେଖି ମନ୍ଦିରର ସୁ
ନ୍ଦର ଦ୍ୱାରରେ ଯେ ବସି ଭିକ୍ଷା କରୁଥିଲା ସେ ଏହା ବୋଲି ତାହାର ସେ

ଘଣ୍ଟାର ବଷୟରେ ଚମତ୍କୃତ ଓ ବସ୍ତ୍ୱାପନ୍ନ ହେଲେ । ପୁଣି ଯେଉଁ ଖ୍ରୀଷ୍ଟ ।୧୧
ସୁସ୍ଥ ହେଲା ସେ ପିତର ପୁଣି ଯୋହନକୁ ଧରନ୍ତେ ସମସ୍ତ ଅସମ୍ଭବ ଜ୍ଞାନ କର
ସଲମାନର ବରଦାଣ୍ଡଗରେ ଦୌଡ଼ ସେମାନଙ୍କର ନକଟରେ ଅଇଲେ ।
ତାହା ଦେଖି ପିତର ସେମାନଙ୍କୁ କହିଲା ହେ ଇସ୍ରାଏଲ ଲୋକ ତୁମ୍ଭେ ।୧୨
ମାନେ କାନମନ୍ତେ ଏଥିରେ ଆଶ୍ଚର୍ଯ୍ୟ ଜ୍ଞାନ କରୁଅଛ ଆଉ ଆମ୍ଭେମାନେ ନଜ
ପରାକ୍ରମରେ କଅବା ନଜ ପୁଣ୍ୟରେ ଏହ ଖ୍ରୀଷ୍ଟ ମନୁଷ୍ୟକୁ ଗମନ କରାଇଲୁଁ
ଏହା ଭାବ ଆମ୍ଭମାନଙ୍କର ପ୍ରତି କାହିଁ ଏକାନ୍ତ ଦୃଷ୍ଟି କରୁଅଛ । ଯେଉଁ ଯୀଶୁକୁ ।୧୩
ତୁମ୍ଭେମାନେ ପରହସ୍ତ ଗତ କରଅଛ ପୁଣି ପିଲାତ ତାହାକୁ ମୁକ୍ତ କରବାକୁ
ମନସ୍ଥ କଲେହେଁ ତାହାର ସାକ୍ଷାତରେ ଅସ୍ୱୀକାର କରଅଛ ଅବ୍ରହା
ମର ସିସ୍ହାକର ଓ ଯାକୁବର ଈଶର ଅର୍ଥାତ୍ ଆମ୍ଭମାନଙ୍କର ପୂର୍ବପୁରୁଷର
ଈଶର ଆପଣା ସେବକ ଯୀଶୁର ମହିମା ପ୍ରକାଶ କରଅଛନ୍ତି । ତୁମ୍ଭେମାନେ ।୧୪
ସେହ ପବତ୍ର ଓ ଧାର୍ମିକ ଜନକୁ ଅସ୍ୱୀକାର କର ଏକ ହତ୍ୟାକାରକୁ ତୁମ୍ଭମା
ନଙ୍କର ପ୍ରତି ଦତ୍ତ ହେବାକୁ ମାଗି ସେ ଜୀବନର ଅଧିପତିକୁ ବଧ କରଅଛ । ।୧୫
ପୁଣି ପରମେଶ୍ୱର ମୃତ୍ୟୁର ତାହାକୁ ଉଠାଇଅଛନ୍ତି ଏଥିରେ ଆମ୍ଭେମା
ନେହଁ ସାକ୍ଷୀ ଅଟୁଁ । ଏହ ଯେ ମନୁଷ୍ୟକୁ ତୁମ୍ଭେମାନେ ଦେଖୁଅଛ ପୁଣି ।୧୬
ଚିହ୍ନୁଅଛ ସେ ତାହାଙ୍କର ନାମରେ ବଶ୍ୱାସ କରବାରୁ ସେ ନାମରେ ସ୍ଥଲବା
ଶକ୍ତି ପାଇଲା ତହିଁରେ ଏହାର ଯେ ବଶ୍ୱାସ ସେ ତୁମ୍ଭମାନଙ୍କର ସମସ୍ତର ସାକ୍ଷା
ତରେ ସମ୍ପୂର୍ଣରୂପରେ ଏହାକୁ ସୁସ୍ଥ କଲା । ହେ ଭାଇ ସମସ୍ତେ ତୁମ୍ଭେମାନେ ।୧୭
ପୁଣି ତୁମ୍ଭ ଅଧିପତିମାନେ ନ ବୁଝି ଏହ ସମସ୍ତ କର୍ମ କରଅଛ ଏବେ ଆମ୍ଭର
ଏମନ୍ତ ବୋଧ ହେଉଅଛ । ପୁଣି ଈଶର ମଶୀହର ଦୁଃଖ ଭୋଗର ବଷୟରେ ।୧୮
ଭବଷ୍ୟଦ୍ବକ୍ତାମାନଙ୍କର ମୁଖରୁ ପୂର୍ବରେ ଯେ କଥା ବୋଲି ଥିଲେ ସେହ କଥା
ସେ ଏହରୂପରେ ସିଦ୍ଧ କଲେ । ଏନମନ୍ତେ ଆପଣାମାନଙ୍କର ପାପମୋଚନାର୍ଥେ ।୧୯
ଖେଦ କର ମନ ଫେରାଅ ତହିଁରେ ଈଶରଙ୍କଠାରୁ ସାନ୍ତ୍ୱନା ପାଇବାର
ସମୟ ଉପସ୍ଥିତ ହେବ । ପୁଣି ପୂର୍ବରୁ ପ୍ରଚାରିତ ଯେ ଯୀଶୁଖ୍ରୀଷ୍ଟ ତାହାକୁ ।୨୦
ଈଶର ତୁମ୍ଭମାନଙ୍କ ନକଟରେ ପଠାଇ ଦେବେ । ମାତ୍ର ଜଗତର ପତନା ।୨୧
ବଧି ଈଶର ନଜ ପବତ୍ର ଭବଷ୍ୟଦ୍ବକ୍ତାମାନଙ୍କ ଦ୍ୱାରା ଯେମନ୍ତ କହିଅଛନ୍ତି
ତଦନୁସାରେ ସବ ବଷୟର ଶୁଦ୍ଧୀକରଣ ସମୟ ପର୍ଯନ୍ତେ ତାହାକୁ ସ୍ୱର୍ଗ
ଗ୍ରହଣ କରବାକୁ ହେବ । ତୁମ୍ଭମାନଙ୍କର ପ୍ରଭୁ ପରମେଶ୍ୱର ତୁମ୍ଭ ଭ୍ରାତୃଗ ।୨୨
ଣର ମଧ୍ୟରେ ଆମ୍ଭର ସଦୃଶ ଜଣେ ଭବଷ୍ୟଦ୍ବକ୍ତାର ଉଦୟ କରବେ ସେ
ଯାହା କହିବେ ସେ ସବୁ ବଷୟରେ ତୁମ୍ଭେମାନେ ମନୋଯୋଗ କରବ ପୁଣି ।୨୩
ଯେ କୌଣସି ପ୍ରାଣୀ ସେ ଭବଷ୍ୟଦ୍ବକ୍ତାର କଥା ଅଗ୍ରାହ୍ୟ କରବ ସେ

୩୪ ଆସଣା ଲୋକମାନଙ୍କର ମଧ୍ୟରୁ ଉଚ୍ଛିନ୍ନ ହେବ ଏହି କଥା ଆମ୍ଭମାନଙ୍କର
ପୂର୍ବପୁରୁଷମାନଙ୍କୁ ମୋଶା ନିଶ୍ଚେ କହିଅଛନ୍ତି । ଈହଁ ଉତ୍ତାରୁ ଶାମୁୟେଲ ଆଦି
କରି ଯେତେ ଭବିଷ୍ୟଦ୍ବକ୍ତାଗଣ ବାକ୍ୟ କହିଛନ୍ତି ସେ ସମସ୍ତେ ଏହି ସମସ୍ତର
୩୫ ବିଷୟରେ କହି ଯାଇଅଛନ୍ତି । ତୁମ୍ଭେମାନେ ଭବିଷ୍ୟଦ୍ବକ୍ତାଗଣର ସନ୍ତାନ
ଅଟ ତୁମ୍ଭର ବଂଶଠାରୁ ସବୁ ଦେଶୀୟ ଲୋକ ଆଶୀର୍ବାଦ ପାଇବେ ଅବ୍ରହା
ମଙ୍କୁ ଏହା ବୋଲି ଈଶ୍ବର ଆମ୍ଭମାନଙ୍କର ପିତୃଗଣର ସହିତ ଯେଉଁ ନିୟମ
୩୭ ସ୍ଥିର କରିଛନ୍ତି ସେହି ନିୟମର ଅଧିକାରୀ ତୁମ୍ଭେମାନେ ହେଉଅଛ । ଏହି
ସକାଶେ ଈଶ୍ବର ଅପଣା ଆଜ୍ଞାଜ ଯୀଶୁକୁ ଉଠାଇ ତୁମ୍ଭମାନଙ୍କର ପ୍ରତ୍ୟେକ
ଜଣକୁ ଆପଣାଠାରୁ ଫେରାଇ ଆଶୀର୍ବାଦ ଦେବାକୁ ପ୍ରଥମରେ ତୁମ୍ଭମା
ନଙ୍କର ନିକଟକୁ ପଠାଇଲେ ।

୪ ପତ୍ର ।

୧ ଯେ ସମୟରେ ପିତର ଓ ଯୋହନ ଲୋକଙ୍କୁ କହୁଥିଲେ ସେହି ସମୟ
୨ ରେ ସେମାନଙ୍କୁ ଉପଦେଶ ଦେବାରେ ପୁଣି ଯୀଶୁର ଦ୍ୱାରା ସମସ୍ତ ମୃତ
ଜନର ପୁନରୁତ୍ଥାନ ଜଣାଇବାରେ ଯାଜକମାନେ ଓ ମନ୍ଦିରର ସେନାପତି ପୁଣି
୩ ସାଦ୍ଦୂକ୍ପାବର୍ଗ ବ୍ୟସ୍ତ ହୋଇ ସେମାନଙ୍କର ଉପରେ ମାଡ ପଡିଲେ । ଏଥିରେ
ସେମାନଙ୍କୁ ଧରି ଦିନ ଅବସାନ ସକାଶେ ଆର ଦିନ ପର୍ଯ୍ୟନ୍ତ ବନ୍ଦି କଲେ ।
୪ ତଥାପି ଉପଦେଶ ଶୁଣିବାର ଲୋକ ମଧ୍ୟରେ ଅନେକେ ବିଶ୍ୱାସ କଲେ
ଈହଁରେ [ଶିଷ୍ୟ] ଲୋକଙ୍କର ସଂଖ୍ୟା ପ୍ରାୟ ପାଂଚ ସହସ୍ର ହୋଇଲେ ।
୫ ଆଉ ଦିନରେ ଅଧିପତିମାନେ ପ୍ରାଚୀନମାନେ ଅଧ୍ୟାପକଗଣ ହନାନ ନାମ
୬ ରେ ମହାଯାଜକ କୈଯଫା ଯୋହନ ସିକନ୍ଦର ଇତ୍ୟାଦି ମହାଯାଜକର ଜ୍ଞାତି
୭ ସମସ୍ତେ ସିୟୋନ୍ଦ୍ରମରେ ଏକତ୍ର ହୋଇଲେ । ପୁଣି ପ୍ରେରିତମାନଙ୍କୁ ମଧ୍ୟଠା
ରେ ଠିଆ କରାଇ ପଚାରିଲେ ତୁମ୍ଭେମାନେ କି ପରାକ୍ରମରେ ଅବା କି ନାମ
୮ ରେ ଏହି କର୍ମ କରିଅଛ । ଈହଁରେ ପିତର ଧର୍ମଆତ୍ମାରେ ପରିପୂର୍ଣ ହୋଇ
୯ ଉତ୍ତର କଲା ହେ ଲୋକମାନଙ୍କର ଅଧିପତିବର୍ଗ ହେ ଇଶ୍ରାୟେଲର ପ୍ରାଚୀନ
ମାନେ ଏହି ଅବଶାଙ୍ଗ ମନୁଷ୍ୟର ପ୍ରତି ଯେ ହିତ କର୍ମ କରା ଯାଇଅଛି
ଅର୍ଥାତ୍ ସେ କିପ୍ରକାରେ ସୁସ୍ଥ ହୋଇଅଛି ଏମନ୍ତ କଥା ଯେବେ ଆମ୍ଭମାନଙ୍କୁ
୧୦ ଆଜି ପରୀକ୍ଷା ଯେବେ ସମସ୍ତ ଇଶ୍ରାୟେଲ ଲୋକଙ୍କୁ ଓ ତୁମ୍ଭେମାନେ ସମସ୍ତଙ୍କୁ
ଜଣା ହେଉନ୍ତୁ ଯେଉଁ ନାଜରିତୀୟ ଯୀଶୁଖ୍ରୀଷ୍ଟଙ୍କୁ ତୁମ୍ଭେମାନେ କ୍ରୁଶରେ ହତ
କରିଅଛ ପୁଣି ଯାହାକୁ ଈଶ୍ବର ମୃତାବସ୍ଥାରୁ ଉଠାଇ ଅଛନ୍ତି ତାହାଙ୍କ ନାମ
ରେ ଏହି ଜଣ ସୁସ୍ଥ ହୋଇ ତୁମ୍ଭମାନଙ୍କର ସମ୍ମୁଖରେ ଠିଆ ହେଉ ଅଛି ।

ଗୁଛିବା ଜ୍ଞୋକ ସମସ୍ତେ ଯେ ତୁମ୍ଭେମାନେ ଏହି ଯେଉଂ ପଥରକୁ ଅଗ୍ରାହ୍ୟ ୧୧
ମଣିଲ ସେ କୋଣର ପ୍ରଧାନ ହେଉ ଅଛି । ତଭିନ୍ନ ଆଉ କାହିଂରେ ପରି ୧୨
ଏଣ ନାହିଁ ଯେହେତୁ ଯାହା ଦ୍ୱାରା ଆମ୍ଭମାନଙ୍କର ଏଣ ହେବାକୁ ପାରଇ
ସ୍ୱର୍ଗତଳେ ମନୁଷ୍ୟଗଣର ମଧ୍ୟରେ ଏମନ୍ତ ଆଉ କୌଣସି ନାମ ଦିୟା
ଯାଇ ନାହିଁ ।

ପିତରର ଓ ଯୋହନର ଏଉପ ସାହସ ଦେଖି ଆଉ ସେମାନେ ଯେ ଅପ ୧୩
ଣ୍ଡିତ ପୁଣି ଇତର ଲୋକ ଏହା ବୁଝି ସମସ୍ତେ ଆଶ୍ଚର୍ଯ୍ୟ ଜ୍ଞାନ କଲେ ମାଏ
ସେମାନେ ଯେ ଯୀଶୁର ସଙ୍ଗୀ ହୋଇଥିଲେ ଏହା ଜ୍ଞାତସାର ହୋଇଲେ ।
ଆଉ ସେମାନଙ୍କର କତିରେ ସେ ସୁସ୍ଥ ମନୁଷ୍ୟକୁ ଛିଡା ହେବାର ଦେଖି ସେ ୧୪
ମାନେ କିଛି ବିରୋଧ କହିବାକୁ ନ ପାରିଲେ । ତେଣୁ ସେମାନକୁଂ ସଭାରୁ ୧୫
ସ୍ଥାନାନ୍ତରେ ଯିବାକୁ ଆଜ୍ଞା ଦେଲାଉତ୍ତାରେ ଆପଣାମାନେ ଏକକୁଆରେକ
ବିଚାର କରି କହିଲେ ସେ ମନୁଷ୍ୟମାନକୁଂ କି କରିବା । ସେମାନେ ଯେ ଏକ ୧୬
ପ୍ରସିଦ୍ଧ ଆଶ୍ଚର୍ଯ୍ୟ କର୍ମ କରିଅଛନ୍ତି ତାହା ଯିରୁଶାଲମ ନିବାସି ସବୁ ଲୋକର
ଗୋଚର ହୋଇଅଛନ୍ତି ଏନିମନ୍ତେ ତାହା ନାସ୍ତି କରିବାକୁ ପାରି ନାହିଁ
ପୁଣି ଲୋକମାନଙ୍କର ମଧ୍ୟରେ ଏହା ଯେମନ୍ତ ଆଉ ନ ବ୍ୟାପିବ ଏଥିପାଇ ୧୭
ଅତି ଭୟ ଦେଖାଇ ଏହାର ନାମରେ କୌଣସି ମନୁଷ୍ୟକୁ ଆଉ ଉପଦେଶ
ନ ଦିୟ ବୋଲି ସେମାନକୁଂ ନିଷେଧ କରିବା । ତଦନନ୍ତରେ ପ୍ରେରିତମାନକୁଂ ୧୮
ଡାକି ଏଥି ଉତ୍ତାରେ ଯୀଶୁର ନାମରେ କଦାଚ କୌଣସି କଥା ନ କହ ପୁଣି
କୌଣସି ଉପଦେଶ ନ ଦିଅ ଏହି ଆଜ୍ଞା ଦେଲେ । ଏଥିରେ ପିତର ଯୋହନ ୧୯
ଉତ୍ତର କରି କହିଲେ । ଈଶ୍ୱରକଂ ଶ୍ରମୁରେ ତାହାକଂଠାରୁ ତୁମ୍ଭମାନକୁଂ
ଅଧିକ ମାନିବାକୁ ଯଥାର୍ଥ କି ନାହିଁ ତାହା ଆପଣାମାନେ ବିବେଚନା କର ।
ଆମ୍ଭେମାନେ ଯାହା ଦେଖିଅଛୁଁ ପୁଣି ଶୁଣିଅଛୁଁ ତାହା ଯେ ନ ବୋ ୨୦
ଲିବା ଏମନ୍ତ କେତେବେଳେ ହେବାକୁ ନ ପାରଇ । ପୁଣି ଯାହା ଘଟିଥିଲା ୨୧
ତାହା ଦେଖି ସମସ୍ତେଇ ଈଶ୍ୱରର ଗୁଣାନୁବାଦ କଲେ । ଏନିମନ୍ତେ ଲୋକ
ଭୟ ସକାଶେ ସେମାନକୁଂ ଶାସ୍ତି ଦେବାର କୌଣସି ଉପାୟ ନ ପାଇବା
ରେ ସେମାନେ ପୁନର୍ବାର ତର୍ଜନ କରି ସେମାନଙ୍କୁ ଛାଡି ଦେଲେ । ଯାହାର ୨୨
ପ୍ରତି ଏହି ଆଶ୍ଚର୍ଯ୍ୟ ଉପ ଅରୋଗୀ କର୍ମ କରା ଯାଇଥିଲା ତାହାର ଚାଳିଶ ବର
ଷର ଅଧିକ ବୟସ ହୋଇ ଥିଲା ।

ପୁଣି ସେମାନେ ବିଦାୟ ପାଇ ଆପଣା ସଙ୍ଗୀମାନଙ୍କର କତିକୁ ଯାଇ ୨୩
ପ୍ରଧାନ ଯାଜକଗଣ ଓ ପ୍ରାଚୀନ ଲୋକମାନେ ଯାହା୨ କହି ଥିଲେ ସେ ସବୁ
ଜଣାଇଲେ । ତାହା ଶୁଣି ସମସ୍ତେ ଏକଚିତ୍ତ ହୋଇ ଈଶ୍ୱରର ଉଦ୍ଦେଶରେ ୨୪

ଉଚ୍ଚସ୍ୱରରେ ଏହି ନିବେଦନ କଲେ । ହେ ପ୍ରଭୁ ଆକାଶ ପୃଥିବୀ ସମୁଦ୍ର
୧୫ ପୁଣି ତନ୍ମଧ୍ୟସ୍ଥ ବସ୍ତୁ ସମୁଦାୟର ସୃଷ୍ଟିକର୍ତ୍ତା ଈଶ୍ୱର ତୁମ୍ଭେ ଅଟ । ତୁମ୍ଭେ
ନିଜ ସେବକ ଦାଉଦର ମୁଖ ଦ୍ୱାରା ଏହି କଥା କୋଇଅଛ ଯଥା ଅନ୍ୟ ଦେ
ଶୀୟମାନେ କାଁ। କଲହ କରନ୍ତି ଲୋକ ସମସ୍ତେ କି ନିମନ୍ତେ ଅନର୍ଥକ ଚିନ୍ତା
୧୭ କରନ୍ତି । ପରମେଶ୍ୱରର ପୁଣି ତାହାଙ୍କର ଅଭିଷେକର ପ୍ରତିକୂଳରେ ଭୂପତି
୧୭ ମାନେ ଠିଆ। ହୁଅନ୍ତେ ଗଜାମାନେ ଏକ ପରାମର୍ଶ କରନ୍ତି । ଯେହେତୁ ତୁମ୍ଭର
ହସ୍ତ ଓ ତତ୍ପର ଦ୍ୱାରା ପୂର୍ବରେ ଯାହା ସ୍ଥିର କଲା ଯାଇଥିଲା ତାହା ଯେ
ମନ୍ତ୍ର ସିଦ୍ଧ ହୁଅଇ ଏଥିପାଇଁ ଯାହାଙ୍କୁ ତୁମ୍ଭେ ଅଭିଷେକ କରିଅଛ ଏମନ୍ତ
୧୮ ଯେ ତୁମ୍ଭର ପବିତ୍ର ସନ୍ତାନ ଯୀଶୁ ତାହାର ପ୍ରତିକୂଳରେ ହେରୋଦ ପନ୍ତିୟ
ପିଲାତ ଓ ଅନ୍ୟ ଦେଶୀୟ ଲୋକ ପୁଣି ଇସ୍ରାଏଲ ଲୋକ ଏମାନେ ସମସ୍ତେ
ଏଣ୍ଡ ହୋଇଲେ । ହେ ପରମେଶ୍ୱର ଏବେ ଦେଖିଲେ ସେମାନଙ୍କର ଭର୍ତ୍ସନ
୧୯ ଶ୍ରବଣ କର । ପୁଣି ସୁସ୍ଥ କରିବା କ୍ରିୟାରେ ତୁମ୍ଭର ବାହୁବଳ ପ୍ରକାଶ କର
୩୦ ବାରେ ତୁମ୍ଭର ସେବକମାନଙ୍କୁ ନିର୍ଭୟରେ ତୁମ୍ଭର ବାକ୍ୟ ସତ୍ୟର କରିବାକୁ
ପୁଣି ତୁମ୍ଭର ପବିତ୍ର ସନ୍ତାନ ଯୀଶୁର ନାମରେ ଆଶ୍ଚର୍ଯ୍ୟ କ୍ରିୟା ଓ ଅସମ୍ଭବ କର୍ମ
୩୧ କରିବାକୁ ଦତ୍ତ । ଏହିରୂପେ ପ୍ରାର୍ଥନା କରନ୍ତେ ଯେଉଁ ଗୃହରେ ସେମାନେ
ସଭାସ୍ଥ ଥିଲେ ସେ ଗୃହ କମ୍ପିଲା ପୁଣି ସମସ୍ତେ ଧର୍ମଅତ୍ମାରେ ପରିପୂର୍ଣ୍ଣ ହୋଇ
ଈଶ୍ୱରର କଥା ସାହସରେ କହିବାକୁ ଲାଗିଲେ ।

୩୨ ପ୍ରତ୍ୟୁତ୍ପନ୍ନମତି ବିଶ୍ୱାସୀ ଲୋକ ସମୂହ ଏକଚିତ୍ତ ଏକ ମନା ହୋଇ ରହିଲେ । ସେ
୩୩ ମାନଙ୍କର କେହ ନିଜ ସମ୍ପତ୍ତି ଆପଣାର ନ ମଣି ସେମାନଙ୍କର ସମସ୍ତ ବିଷୟ
ସାଧାରଣରେ ଥିଲା । ପ୍ରେରିତମାନେ ମହାପରାକ୍ରମ ପ୍ରକାଶ କରି ପ୍ରଭୁ ଯୀଶୁର
୩୪ ପୁନରୁତ୍ଥାନ ବିଷୟରେ ସାକ୍ଷ୍ୟ ଦେଲେ ପୁଣି ସେମାନଙ୍କର ସମସ୍ତଙ୍କ ପ୍ରତି ମହା
୩୫ ଅନୁଗ୍ରହ ହେଲା । ଅତଏବ ସେମାନଙ୍କର ମଧ୍ୟରେ କୌଣସି କେହି ଅଭାବୀ ନ
ଥିଲା ଯେହେତୁ ଯେଉଁମାନଙ୍କର ଘର ଭୂମି ଇତ୍ୟାଦି ଯେ ବିଷୟ ଥିଲା
ତାହା ବିକ୍ରୟ କରି ତାହାର ମୂଲ୍ୟ ଆଣି ପ୍ରେରିତମାନଙ୍କର ଚରଣରେ ଥୋ
ଇଲେ ତହୁଁ ପ୍ରତ୍ୟେକ ଜଣର ଯେମନ୍ତ ପ୍ରୟୋଜନ ତାହା ଅନୁସାରେ ତା
୩୭ ହାକୁ ଦତ୍ତ ହେଲା । ତନ୍ମଧ୍ୟରେ କୁପ୍ର ଉପପ୍ରୀତୀୟ ଲେବ ଉପନାମ ଯୋଷି ନା
ମରେ ଯାହାକୁ ପ୍ରେରିତମାନେ ବର୍ଣବା ଅର୍ଥାତ୍ ସାନ୍ତ୍ୱନାଦାତୃକ କୋଇ ଡା
୩୭ କନ୍ତି ଏମନ୍ତ ଏକଜଣ ଭୂମିର ଅଧିକାରୀ ଥିଲା ସେ ଜଣ ଅପଣା ଭୂମି ବିକ୍ରୟ
କର ତାହାର ମୂଲ୍ୟ ଆଣି ପ୍ରେରିତମାନଙ୍କର ଚରଣରେ ଥୋଇଲା ।

---

* ଅଷ୍ଟ ।

ପୁଣି ହନାନିୟ ନାମରେ ଏକ ଜଣ ଯାହାର ଭାର୍ଯ୍ୟାର ନାମ ସଫୀରା ସେ ୧
ଜଣ ଅଧିକାର ବିକ୍ରୟ କରି ଅପଣା ସ୍ତ୍ରୀର ଜାଣତରେ ତାହାର ମୂଲ୍ୟର ଏକ ୨
ଅଂଶ ଲୁଚାଇ ରଖି ଅନ୍ୟ ଅଂଶ ଆଣି ପ୍ରେରିତମାନଙ୍କର ଚରଣରେ
ଥୋଇଲା । ତହିଁରେ ପିତର କହିଲା ହେ ହନାନିୟ ଭୂମିର ମୂଲ୍ୟ କଛ ଗୋ ୩
ପନ କରି ରଖିବାକୁ ପୁଣି ଧର୍ମଆତ୍ମାର ପ୍ରତି ମିଥ୍ୟା କହିବାକୁ ଶୟତାନ କାଁ
ତୁମ୍ଭର ଅନ୍ତଃକରଣରେ ପ୍ରବୃତ୍ତି ଦେଇଅଛୁ । ସେ ଭୂମି ଯେତେବେଳେ ୪
ତୁମ୍ଭର ହସ୍ତଗତ ଥିଲା ତେତେବେଳେ କ ତୁମ୍ଭର ନଜର ନ ଥିଲା ପୁଣି ବିକ୍ରୟ
କଲାଉତ୍ତାରେ ତାହାର ମୂଲ୍ୟ କ ତୁମ୍ଭର ନଜ ଅଧିକାରରେ ନ ଥିଲା ତେବେ
ଅନ୍ତଃକରଣରେ ଏମନ୍ତ କୁକଳ୍ପଣା କାଁ କରିଅଛ ତୁମ୍ଭେ କେବଳ ମନୁଷ୍ୟ
ଠାରେ ମିଥ୍ୟା ନ କହିଲ ଈଶ୍ୱରଙ୍କଠାରେ କହିଲ । ଏହି କଥା ଶୁଣିବା ୫
ମାତ୍ର ସେ ହନାନିୟ ଭୂମିରେ ପଡ଼ି ପ୍ରାଣ ତ୍ୟଜିଲା । ଏହି ବିଷୟ ଯେତେ
ଲୋକ ଶୁଣିଲେ ସମସ୍ତର ବଡ଼ ଭୟ ଜନ୍ମିଲା । ପୁଣି ଯୁବା ଲୋକମାନେ ଉଠି ୬
ତାହାକୁ ନୁଗାରେ ଗୁଡାଇ ବାହାରକୁ ନେଇ ଯାଇ କବର ଦେଲେ । ଅନ
ନ୍ତରେ ଏକ ପ୍ରହରର ଉତ୍ତାରେ କ ହୋଇଅଛୁ ତାହା ଗୋଚର ନୋହ ତା
ହାର ସ୍ତ୍ରୀ ସେଠାରେ ପ୍ରବେଶ ହେଲା । ଏଥିରେ ପିତର ତାହାକୁ ପଚାରିଲା ୮
ତୁମ୍ଭେମାନେ ଏତେ ଟଙ୍କାରେ ଭୂମି ବିକ୍ରୟ କରିଅଛ କ ନାହିଁ ତାହା
ବୋଲ ସେ ଉତ୍ତର କଲା ହଁ। ଏତେ ଟଙ୍କାରେ ସମାନ । ପିତର କହିଲା ତୁମ୍ଭେ ୯
ମାନେ କେମନ୍ତ କରି ପରମେଶ୍ୱରର ଆତ୍ମାକୁ ପରୀକ୍ଷା କରିବାକୁ ଏକ ହୋଇଅଛ ଦେଖ ଯେଉଁମାନେ ତୁମ୍ଭର ସ୍ୱାମିକୁ କବର ଦେଇଛନ୍ତି ସେମା
ନେ ଦ୍ୱାରର କଡରେ ଉପସ୍ଥିତ ଅଛନ୍ତି ପୁଣି ତୁମ୍ଭକୁ ବାହାରକୁ ଘେନି
ଯିବେ । ଏଥିରେ ସେହ ତାହାର ଚରଣର ନିକଟରେ ପଡ଼ି ପ୍ରାଣ ତ୍ୟଜିଲା । ୧୦
ଅନନ୍ତରେ ସେ ଯୁବାମାନେ ଭିତରେ ଆସି ତାହାକୁ ମୃତ ଦେଖି ବାହାର
କର ନେଇ ତାହାର ସ୍ୱାମିର ପାଖରେ କବର ଦେଲେ । ତହିଁରେ ମଣ୍ଡଳୀର ୧୧
ସବୁ ଲୋକ ପୁଣି ସେଉଁ ଯେତେ ଲୋକ ଏହି କଥା ଶୁଣିଲେ ସମସ୍ତର ବଡ଼
ଭୟ ଜନ୍ମିଲା ।

ଏଉତ୍ତାରେ ପ୍ରେରିତମାନଙ୍କର ହସ୍ତଦ୍ୱାରା ଲୋକମାନଙ୍କର ମଧ୍ୟରେ ଅନେକ ୧୨
ଆଶ୍ଚର୍ଯ୍ୟ ଓ ଅଦ୍ଭୁତ କର୍ମ କରା ଗଲା । ଶିଷ୍ୟମାନେ ସମସ୍ତେ ଏକ ଚିତ୍ତ ହୋଇ ୧୩
ଶଲମାନର ଦରଦାଲାନରେ ଏକତ୍ର ଥିଲେ । ସେମାନଙ୍କର ସଙ୍ଗ ହେବାକୁ
ଆଉ କାହାର ସାହସ ନ ହେଲା ପୁଣି ଲୋକମାନେ ସେମାନଙ୍କୁ ସମାଦର
କଲେ । ଆହୁରି ସ୍ତ୍ରୀ ପୁରୁଷ ଅନେକ ଲୋକ ବିଶ୍ୱାସ କରି ପ୍ରଭୁର ଶରଣା ୧୪

୧୫ ପନ୍ନ ହୋଇଲେ । ପୁଣି ପିତରର ଯିବା ଆସିବାରେ କୌଣସି କ୍ରମରେ ତାହାର
ଛାଇ ଯେମନ୍ତ କେବଣ ଜନରେ ଲାଗଇ ଏହି ଆଶୟରେ ଲୋକମାନେ ବ୍ୟାଧି
୧୬ ଗ୍ରସ୍ତମାନଙ୍କୁ ଡୋଲିରେ ଓ ଖଟ୍ଟିୟାରେ ନେଇଂ ପଥେ ୨ ଥୋଇଲେ । ପୁଣି
ଚତୁର୍ଦ୍ଦିଗସ୍ଥ ନଗରରୁ ଅନେକ ଲୋକ ଏକତ୍ର ହୋଇ ବ୍ୟାଧିତ ଓ ଅପବିତ୍ର
ଭୂତଗ୍ରସ୍ତ ଇତ୍ୟାଦି ରୋଗିମାନଙ୍କୁ ଯିରୁଶାଲମକୁ ବହି ଆଣନ୍ତେ ସମସ୍ତେ ସୁସ୍ଥ
ହେଲେ ।
୧୭ ପୁଣି ମହାଯାଜକ ଓ ସାଦୂକୀମାନଙ୍କର ମତାବଲମ୍ବୀ ତାହାର ସହଚର
୧୮ ଗଣ ମହା କ୍ରୋଧାନ୍ୱିତ ହୋଇ ପ୍ରେରିତମାନଙ୍କୁ ଧରି ଇତର ଲୋକମାନ
୧୯ ଙ୍କର କାରାଗାରରେ ବନ୍ଦି କରି ରଖିଲେ । ପୁଣି ରାତ୍ରିକାଳରେ ପରମେଶ୍ୱ
ରର ଦୂତ ସେ କାରାଗାରର ଦ୍ୱାର ଫିଟାଇ ସେମାନଙ୍କୁ ବାହାର କରି ଆଣି
କହିଲା ତୁମ୍ଭେମାନେ ମନ୍ଦିରରେ ଯାଇ ଠିଆ ହୋଇ ଲୋକମାନଙ୍କର ପ୍ରତି
୨୦ ଏହି ଜୀବନଦାୟକ ସମସ୍ତ କଥା ପ୍ରଚାର କର । ଏହା ଶୁଣି ସେମାନେ ପ୍ରାତଃ
କାଳରେ ମନ୍ଦିରରେ ଉପସ୍ଥିତ ହୋଇ ଉପଦେଶ ଦେବାକୁ ଲାଗିଲେ ।
୨୧ ଏଥିରେ ସହଚରଗଣର ସଙ୍ଗେ ମହାଯାଜକ ଆସି ମନ୍ତ୍ରିଗଣକୁ ପୁଣି ଇଶ୍ରାୟେଲ
ବଂଶର ରାଜ ସଭାସଦ ସମସ୍ତଙ୍କୁ ସଭାସ୍ଥ କରି କାରାଗାରରୁ ସେମାନଙ୍କୁ ଅଣା
୨୨ ଇବାର ନିମନ୍ତେ ପଦାନ୍ତିକଗଣକୁ ପଠାଇ ଦେଲେ । ସେମାନେ ଯାଇ କାରା
୨୩ ଗାରରେ ସେମାନଙ୍କୁ ନ ପାଇ ଫେରି ଆସି ଏହି ସମାଚାର ଦେଲେ । ଆମ୍ଭେ
ମାନେ ସେଠାରେ ଯାଇ ଉଚିତରୂପେ କାରାଗାରର ଦ୍ୱାର ବନ୍ଦ ପୁଣି ରକ୍ଷକ
ମାନଙ୍କୁ ଦ୍ୱାରର ବାହାରେ ଠିୟା ହେବାର ଦେଖିଲୁଁ ପ୍ରମାଣ ପୁଣି ଦ୍ୱାର
୨୪ ଫିଟାଇ ଭିତରେ କାହାକୁଇ ଦେଖିବାକୁ ନ ପାଇଲୁଁ । ଏକଥା ଶୁଣି ମହା
ଯାଜକ ଓ ମନ୍ଦିରର ସେନାପତି ପୁଣି ପ୍ରଧାନ ଯାଜକମାନେ ଏଥିରୁ କି ହୋ
୨୫ ଇବ ଏହା ଭାବି ସନ୍ଦିଗ୍ଧଚିତ୍ତ ହେଲେ । ଏଥିମଧ୍ୟରେ ଜଣେ ଆସି ଏହି ସଂବାଦ
ଦେଲା ଦେଖ ଯେଉଁମାନଙ୍କୁ ତୁମ୍ଭେମାନେ କାରାଗାରରେ ବନ୍ଦ କରି ରଖି
ଥିଲ ସେମାନେ ମନ୍ଦିରରେ ଠିୟା ହୋଇ ଲୋକମାନଙ୍କୁ ଉପଦେଶ ଦେଉଅ
୨୬ ନ୍ତି । ତେଣୁ ମନ୍ଦିରର ସେନାପତି ପଦାନ୍ତିକଗଣକୁ ସଙ୍ଗେ ଘେନି ସେଠାରେ
ଯାଇ କିଜାଣି ଲୋକମାନେ ସେମାନଙ୍କୁ ପଥର ପକାଇ ମାରନ୍ତି ଏହି ଭୟ
୨୭ ହେତୁ ବଳରେ ନ କରି ଦୂର ଜଣଙ୍କୁ ଆଣିଲେ । ଏମନ୍ତେ ମନ୍ତ୍ରି ସଭାର ମଧ୍ୟ
ରେ ସେମାନଙ୍କୁ ଆଣି ରଖିଲାଉତ୍ତାରେ ମହାଯାଜକ ସେମାନଙ୍କୁ ପଚାରିଲା
ଏହି ନାମରେ ଉପଦେଶ ଦେବାକୁ ଆମ୍ଭେମାନେ କି ଦୃଢ଼ରୂପରେ ନିଷେଧ
୨୮ କରି ନାହୁଁ ତେବେହେଂ ତୁମ୍ଭମାନଙ୍କର ଉପଦେଶରେ ଯିରୁଶାଲମକୁ ପରି
ପୂର୍ଣ କରି ସେ ଜଣର ରକ୍ତପାତର ଦୋଷ ଆମ୍ଭମାନଙ୍କର ପ୍ରତି ବର୍ତ୍ତାଇବାକୁ

ଲୋଡୁଅଛ । ଏଥିରେ ପିତର ପୁଣି ଅନ୍ୟପ୍ରେରିତ ଉତ୍ତର କଲେ ମନୁଷ୍ୟଠାରୁ ୧୯
ଈଶ୍ୱରକୁଂ ଅଧିକ ମାନିବାକୁ ଆମ୍ଭମାନଙ୍କର କର୍ତ୍ତବ୍ୟ । ଯେ ଯୀଶୁକୁ ତୁମ୍ଭେ ୩୦
ମାନେ କୃଶରେ ଟଙ୍ଗାଇ ହତ କରିଅଛ ତାହାକୁଂ ଆମ୍ଭମାନଙ୍କର ପିତା ୩୧
ଗଣର ଈଶ୍ୱର ଉଠାଇ ଇଶ୍ରାୟେଲ ବଂଶମାନଙ୍କର ମନ ଫେରଣ ଓ ପାପ
କ୍ଷମା କରିବାକୁ ରାଜା ଓ ପରିତ୍ରାଣକର୍ତ୍ତା କରି ଆପଣା ଦକ୍ଷିଣ ପାଶ୍ୱରେ ଉଚ୍ଚ
ପଦସ୍ଥ କରିଅଛନ୍ତି । ଏହାର ବିଷୟରେ ଆମ୍ଭେମାନେଇ ତାହାଙ୍କର ସାକ୍ଷୀ ୩୨
ଆଉ କେବଳ ଆମ୍ଭେମାନେ ନୋହି ଈଶ୍ୱର ଆପଣା ଆଜ୍ଞାକାରିମାନକୁଂ ଯେ
ଧର୍ମଆତ୍ମା ଦେଇଅଛନ୍ତି ସେହି ସାକ୍ଷୀ ଅଟନ୍ତି ।

ଏକଥା ଶୁଣି ସେମାନଙ୍କର ହୃଦୟ ବିଦୀର୍ଣ୍ଣ ହୁଅନ୍ତେ ପ୍ରେରିତମାନକୁଂ ୩୩
ବଧ କରିବାକୁ ବିଚାର କଲେ । ଏଥିମଧ୍ୟରେ ସେ ସଭାସ୍ଥ ସମସ୍ତ ଲୋକଙ୍କର ୩୪
ସୁଖ୍ୟାତି ଗାମିଲୀୟେଲ ନାମରେ ଜଣେ ବ୍ୟବସ୍ଥାକାରୀ ଫାରୁଶୀ ଲୋକ ଉଠି
ପ୍ରେରିତମାନକୁଂ କିଞ୍ଚିତ୍ କାଳ ନିମନ୍ତେ ସ୍ଥାନାନ୍ତର ଯିବାକୁ ଆଜ୍ଞା ଦେଇ
କହିଲା ହେ ଇଶ୍ରାୟେଲ ବଂଶୀୟ ସମସ୍ତ ଏହି ଲୋକଙ୍କର ପ୍ରତି ଯାହା କରି ୩୫
ବାକୁ ଉଦ୍ୟତ ଅଛ ତହିଁରେ ସାବଧାନ ହୁଅ । ଯେହେତୁ ଏହାର ପୂର୍ବରେ ୩୬
ତୁଦସ୍ ନାମରେ ଜଣେ ଉପସ୍ଥିତ ହୋଇଂ ଆପଣାକୁ କେବଣ ମହା ପୁରୁଷ
ବୋଇଲେ ପ୍ରାୟ ଚାରି ଶ ଲୋକ ତାହାର ମତାବଲମ୍ବୀ ହେଲେ । ଅନନ୍ତ ୩୭
ରେ ସେ ହତ ହୁଅନ୍ତେ ତାହାର ଆଜ୍ଞାକାରି ସମସ୍ତେ ଛିନ୍ନଭିନ୍ନ ହୋଇ ଅଡୁଆ
ହେଲେ । ସେ ଜଣର ଉତ୍ତାରେ ନାମ ଲେଖି ଦେବାର ସମୟରେ ଗାଲିଲୀ
ଦେଶୀୟ ଯିହୁଦା ନାମରେ ଆଉ ଏକ ଜଣ ଉପସ୍ଥିତ ହୋଇ ଅନେକ ଲୋ
କକୁ ଆପଣା ମତରେ ଚଳାଇଲେ ତହିଁରେ ସେ ବିନଷ୍ଟ ହେଲା ପୁଣି ତାହାର
ଆଜ୍ଞାକାରିହିଂ ସମସ୍ତେ ଛିନ୍ନଭିନ୍ନ ହୋଇ ପଡିଲେ । ଏହିନିମନ୍ତେ ବୋଲି ୩୮
ତୁମ୍ଭେମାନେ ଏହି ମନୁଷ୍ୟମାନଙ୍କର ପ୍ରତି କିଛି ନ କରି ସହିଷ୍ଣୁ ହୁଅ । ଯେ ୩୯
ହେତୁ ଏହି ଯୁକ୍ତି କି ଏହି କର୍ମ ଯେବେ ମନୁଷ୍ୟରୁ ହୁଅଇ ତେବେ ବିଫଳ
ହୋଇ ଯିବ ନୋହିଲେ ଯେବେ ଈଶ୍ୱରରୁ ହୁଅଇ ତେବେ ତାହାର ଅନ୍ୟଥା
କରିବାକୁ ନ ପାରି ବରଞ୍ଚ ଈଶ୍ୱରଙ୍କର ବିପକ୍ଷଗଣହିଂ ହୋଇ ଥିବ । ସେମା ୪୦
ନେ ତାହାର ବାକ୍ୟରେ ସମ୍ମତ ହୋଇ ପ୍ରେରିତମାନକୁଂ ଡାକି ପ୍ରହାର ଦେଇ
ଯୀଶୁର ନାମରେ କିଛି କହିବାକୁ ନିଷେଧ କରି ବିଦାୟ କଲେ । ପୁଣି ତାହା ୪୧
ଙ୍କର ନାମର ନିମନ୍ତେ ଲଜ୍ଜା ଭୋଗ କରିବାକୁ ଆପଣାମାନେ ଯେ ଭାର୍ଜନ
ଗଣିତ ହୋଇଛନ୍ତି ଏଥିରେ ଆହ୍ଲାଦିତ ହୋଇ ସେମାନେ ସଭାସ୍ଥମାନଙ୍କର
ସ୍ଥମୁଖ ପ୍ରସ୍ଥାନ କଲେ । ପୁଣି କିଛି ନିବୃତ୍ତି ନ ହୋଇ ସେମାନେ ଦିନୋ ୪୨
ମନ୍ଦିରରେ ଓ ଘରୋ ଯୀଶୁ ଖ୍ରୀଷ୍ଟର ବିଷୟରେ ଶିକ୍ଷା ଓ ଘୋଷଣା କଲେ ।

## ୬ ପର୍ବ ।

୧ ଏଥିଉତ୍ତାରେ ସେ ସମୟରେ ଶିଷ୍ୟଗଣ ବଢିବାରୁ ଦିବସିକ ଦାନ ବିତର
ଣରେ ବିଦେଶୀମାନଙ୍କର ବିଧବାଗଣର ଅତୃପ୍ତ ହେଲା ଏଣୁ ଏବ୍ରୀ ଲୋକଙ୍କର
ସଙ୍ଗେ ବିଦେଶୀମାନଙ୍କର ବିବାଦ ଉପସ୍ଥିତ ହେଲା । ଏଥିରେ ଦ୍ୱାଦଶ ପ୍ରେ
୨ ରିତ ଶିଷ୍ୟ ସମୂହକୁ ଏକତ୍ର ଡାକି କହିଲେ ଭୋଜନର ପରିବେଷଣ ନିମନ୍ତେ
ଈଶ୍ୱରର କଥାର ଘୋଷଣା ତ୍ୟାଗ କରିବାକୁ ଆମ୍ଭମାନଙ୍କର ଉଚିତ
୩ ନୋହେ । ଏନିମନ୍ତେ ହେ ଭାଇ ସମସ୍ତ ଆମ୍ଭେମାନେ ଯେଡୁମାନଙ୍କୁ ଏହି
କର୍ମର ଭାର ଦେବାକୁ ପାରି ଏମନ୍ତ ସୁଖ୍ୟାତି ପୁଣି ଧର୍ମାତ୍ମରେ ଓ ଜ୍ଞାନରେ
୪ ପରିପୂର୍ଣ୍ଣ ସାତ ଜଣକୁ ଆପଣାମାନଙ୍କ ମଧ୍ୟରୁ ବାଛି ଆଣ । ପୁଣି ଆମ୍ଭେମାନେ
ପ୍ରାର୍ଥନା ଓ ବାକ୍ୟ ଘୋଷଣାର ଉଦ୍ଯୋଗରେ ନିତ୍ୟ ପ୍ରବୃତ୍ତ ଥିବା ।
୫ ଏକଥାରେ ସମସ୍ତ ଲୋକ ସନ୍ତୋଷ ହୋଇ ଆପଣାମାନଙ୍କର ମଧ୍ୟରୁ
ପରମଭକ୍ତ ଧର୍ମାତ୍ମରେ ପରିପୂର୍ଣ୍ଣ ସ୍ତିଫାନ ଫିଲିପ ପ୍ରଖର ନିକାନୋର ତୀମୋନ
୬ ପର୍ମିନା ପୁଣି ଆଣ୍ଟିୟୋଖରୁ ନିକଲା ନାମରେ ଜଣେ ମତାବଲମ୍ବୀ ଏହି ସାତ
ଜଣକୁ ପ୍ରେରିତମାନଙ୍କର ଶ୍ରୀମୁରେ ଆଣନ୍ତେ ସେମାନେ ପ୍ରାର୍ଥନା କରି ସେମା
୭ ନଙ୍କର ଉପରେ ହସ୍ତାର୍ପଣ କଲେ । ଏଉତ୍ତାରେ ଈଶ୍ୱରର କଥା ବ୍ୟାପି
ଗଲା ବିଶେଷରେ ଯିରୁଶାଲମ ନଗରରେ ଶିଷ୍ୟମାନଙ୍କର ସଂଖ୍ୟା ଅତିଶୟ
ବଢିଲା ପୁଣି ଯାଜକମାନଙ୍କର ମଧ୍ୟରେ ଅନେକେ ଖ୍ରୀଷ୍ଟର ଧର୍ମ୍ମାବଲମ୍ବୀ
ହେଲେ ।
୮ ସ୍ତିଫାନ ବିଶ୍ୱାସରେ ଓ ପରାକ୍ରମରେ ପରିପୂର୍ଣ୍ଣ ହୋଇ ଲୋକମାନଙ୍କର
୯ ମଧ୍ୟରେ ନାନାପ୍ରକାର ଅଦ୍ଭୁତ ଓ ଆଶ୍ଚର୍ଯ୍ୟ କର୍ମ କଲା ତହିଁରେ ଲିବର୍ତ୍ତିନୀୟ
ନାମରେ ଖ୍ୟାତ ଦଳର ଥୋକାୟେ ଜଣ ପୁଣି କୁରୁନୀୟ ଓ ସେକନ୍ଦରୀୟ
ଓ କିଲିକୀୟ ପୁଣି ଆଶିୟା ଦେଶୀୟ ଥୋକାୟେ ଲୋକ ଉଠି ସ୍ତିଫାନର
୧୦ ସଙ୍ଗେ ବାଦାନୁବାଦ କଲେ । ପୁଣି ସ୍ତିଫାନ ଏରୂପ ଜ୍ଞାନରେ ଓ ଧର୍ମାତ୍ମରେ
୧୧ କଥା କହିଲା ଯେ ସେମାନେ ତାହା ଭାଙ୍ଗିବାକୁ ନ ପାରିଲେ । ତେଣୁ ଯେଡୁ
ମାନେ କହିଲେ ଆମ୍ଭେମାନେ ତାହାକୁ ମୋଶାର ପୁଣି ଈଶ୍ୱର ନିନ୍ଦା କଥା
୧୨ କହିବାକୁ ଶୁଣିଲୁଁ ଏମନ୍ତ କେତେ ଜଣକୁ ଲୋଭ ଦେଖାଇଲେ । ପୁଣି ଲୋ
କମାନଙ୍କର ଓ ପ୍ରାଚୀନଗଣର ପୁଣି ଅଧ୍ୟାପକମାନଙ୍କର ପ୍ରବୃତ୍ତି ଜନ୍ମାଇ ସ୍ତିଫା
୧୩ ନର କତିରେ ଆସି ତାହାକୁ ଧରି ମହା ସଭାମଧ୍ୟରେ ଆଣିଲେ । ଏଥିଉତ୍ତା
ରେ ଥୋକାୟେ ଜଣ ମିଥ୍ୟା ସାକ୍ଷିକୁ ଆଣନ୍ତେ ସେମାନେ କହିଲେ ଏହି
୧୪ ଜଣ ଏହି ପବିତ୍ରସ୍ଥାନ ଓ ବ୍ୟବସ୍ଥାର ନିନ୍ଦା କରିବାକୁ ନିରସ୍ତ ନୁହଇ ପୁଣି ନା

ଜରୁଶାଲମ୍ ଯୀଶୁ ଏହି ସ୍ଥାନ ଉଚ୍ଛନ୍ନ କରି ଆମ୍ଭମାନଙ୍କର ପ୍ରଥା ମୋଶାର ଦତ୍ତ
ବ୍ୟବହାରର ଅନ୍ୟଥା କରିବେ ତାହାର ଏମନ୍ତ କଥା ଶୁଣିଲୁଁ । ଏଥିରେ ୧୫
ମହା ସଭାସ୍ଥ ସମସ୍ତେ ତାହାର ପ୍ରତି ସ୍ଥିର ଦୃଷ୍ଟି କରି ସ୍ୱର୍ଗ ଦୂତର ମୁଖ ସାଦୃଶ୍ୟ
ତାହାର ମୁଖ ଦେଖିଲେ ।

୭ ପତ୍ର ।

ଅବର ମହାଯାଜକ ସ୍ତିଫାନକୁ ପଚାରିଲା ଏହି କଥା କି ସତ୍ୟ ସେଁ ଉତ୍ତର ୧
କଲା ହେ ପିତୃ ଓ ଭ୍ରାତୃଲୋକ ସମସ୍ତେ ଅବଧାନ କର । ଆମ୍ଭମାନଙ୍କର ପୂର୍ବ ୨
ପୁରୁଷ ଅବ୍ରହାମ ହାରଣ ନଗରରେ ବାସ କରିବାର ପୂର୍ବରେ ଯେ ସମସ୍ତରେ
ମିସପଟମିୟା ଦେଶରେ ଥିଲା ସେ କାଳରେ ତେଜୋମୟ ଈଶ୍ୱର ଦର୍ଶନ
ଦେଇ ତାହାକୁ କହିଲେ ତୁମ୍ଭେ ଅପଣା ଦେଶ ଓ ଜ୍ଞାତି କୁଟୁମ୍ବ ପରିତ୍ୟାଗ
କରି ଯେ ଦେଶ ଦେଖାଇ ଦେବା ସେହି ଦେଶରେ ଗୋଲଯାଅ । ଏନମନ୍ତେ
ସେ କସଦୀୟ ଦେଶ ତ୍ୟାଗ କରି ହାରଣ ନାମକ ନଗରରେ ବାସ କଲା ।
ଅନନ୍ତରେ ତାହାର ପିତାର ମୃତ୍ୟୁ ହେଲାଉତ୍ତାରେ ଯେଉଁ ଦେଶରେ ତୁମ୍ଭେ ୪
ମାନେ ଏବେ ବାସ କରିଅଛ ଏହି ଦେଶରେ ଅଣିଲା । ପୁଣି ଈଶ୍ୱର ତହିଁ ୫
ରେ କଛୁମାତ୍ର ଅଧିକାର ଅର୍ଥାତ୍ ଏକ ପାଦ ପରମାଣ ଭୂମି ନ ଦେଲେ ।
ସେକାଳରେ ତାହାର କୌଣସି ସନ୍ତାନ ନ ହୁଅନ୍ତେ ସନ୍ତାନମାନଙ୍କର
ସଙ୍ଗେ ତୁମ୍ଭେ ଏହି ଦେଶର ଅଧିକାରୀ ହେବ ତାହାର ପ୍ରତି ଏହି ଅଙ୍ଗୀକାର
କଲେ । ଈଶ୍ୱର ଏହିରୂପ ଅନୁର କହିଲେ ତୁମ୍ଭର ସନ୍ତାନମାନେ ପରଦେ ୬
ଶରେ ବସତ କରିବେ ପୁଣି ସେ ଦେଶୀୟ ଲୋକମାନେ ଶତ ଶତ ବରଷ ପର୍ଯ୍ୟ
ନ୍ତ ସେମାନଙ୍କୁ ଦାସପଣରେ ରଖି ସେମାନଙ୍କର ପ୍ରତି କ୍ରୁବ୍ୟବହାର କରିବେ ।
ପୁଣି ଈଶ୍ୱର ଏକଥା କହିଲେ ଯେଉଁ ଲୋକମାନେ ସେମାନଙ୍କୁ ଦାସପଣ ୭
ରେ ରଖିବେ ସେ ଲୋକମାନଙ୍କୁ ଆମ୍ଭେ ଦଣ୍ଡ ଦେବା ତାହାର ଉତ୍ତରେ ସେ
ମାନେ ସେ ଦେଶରୁ ବାହାର ହୋଇ ଏହି ସ୍ଥାନରେ ଆମ୍ଭର ସେବା କରିବେ ।
ପୁଣି ସେ ତାହାକୁ ସୁନ୍ନତର ନିୟମ ଦେଲେ । ଏନମନ୍ତେ ଯିସ୍ହାକ ନାମରେ ୮
ଅବ୍ରହାମର ଏକ ପୁତ୍ର ହୋଇଲା ଉତ୍ତରେ ସେ ଅଷ୍ଟମ ଦିବସରେ ତାହାର
ସୁନ୍ନତ କର୍ମ କଲେ । ସେ ଯିସ୍ହାକର ପୁତ୍ର ଯାକୁବ ପୁଣି ସେ ଯାକୁବର ଔର
ସରେ ଆମ୍ଭମାନଙ୍କର ଦ୍ୱାଦଶ ପୂର୍ବପୁରୁଷ ଜନ୍ମିଲେ ।

ଏଥିଉତ୍ତରେ ଈର୍ଷାରେ ପରପୂର୍ଣ ସେ ପୂର୍ବପୁରୁଷମାନେ ଯୁଷଫକୁ ମିଶର ୯
ଦେଶରେ ବିକ୍ରୟ ଯିବାର ଘାଁଇ ବକ୍ରୟ କଲେ । ପୁଣି ଈଶ୍ୱର ତାହାର ସହାୟ ୧୦
ହୋଇ ସମସ୍ତ ଦୁର୍ଗତରୁ ରକ୍ଷା କରି ତାହାକୁ ବର୍ଦ୍ଧିଷ୍ଣୁ କରି ମିଶର ରାଜା

ଫାରୋଶର ସିଂହାସନ କଲେ ରାଜା ମିଶର ଦେଶ ଓ ଆପଣା ସବୁ ରାଜପୁରୀର
୨୨ ଶାସନ କରିବାର ପଦ ତାହାକୁ ଦେଲେ । ଏହୁ ସମୟରେ ମିଶର ଓ କିଣାନ
ଦେଶରେ ଦୁର୍ଭିକ୍ଷ ହେଉଁ ବଡ କଷ୍ଟ ହୁଅନ୍ତେ ଆମ୍ଭମାନଙ୍କର ପୂର୍ବପୁରୁଷ
୧୨ ମାନେ ଭକ୍ଷ୍ୟଦ୍ରବ୍ୟ ନ ପାଇଲେ । ପୁଣି ମିଶର ଦେଶରେ ଶସ୍ୟ ଅଛୁ ଯାକୁବ
ଏହୁ ସଂବାଦ ପାଇ ପ୍ରଥମରେ ଆମ୍ଭମାନଙ୍କର ପୂର୍ବପୁରୁଷମାନଙ୍କୁ ମିଶରକୁ
୧୩ ପଠାଇଲା । ପୁଣି ଦ୍ୱିତୀୟ ଥର ଗମନରେ ଯୋଷଫ ଆପଣାଭ୍ରାତୃମାନଙ୍କଠାରେ
ପରିଚିତ ହେଲା । ପୁଣି ଯୋଷଫର ଭ୍ରାତାମାନେ ଫାରୋଶଠାରେ ପହଞ୍ଚିତ
୧୪ ହେଲେ । ଆଉ ଯୋଷଫ ଭ୍ରାତୃଗଣକୁ ପଠାଇ ଆପଣା ପିତା ଯାକୁବକୁ ପୁଣି
୧୫ ପଞ୍ଚସ୍ତର ଜଣ ଜ୍ଞାତିକୁ ଆପଣା ନିକଟରେ ଡାକି ଅଣିଲେ । ଏଥିରେ ଯାକୁବ
ମିଶର ଦେଶକୁ ଯାଇ ଆପେଁ ଓ ଆମ୍ଭମାନଙ୍କର ପୂର୍ବପୁରୁଷମାନେ ସେଠାରେ
୧୬ ମଲେ । ପୁଣି ସେଠାରୁ ଲୋକମାନେ ତାହାକୁ ଶିଖିମକୁ ନେଇ ଯାଇ
ଯେଉଁ କବର ସ୍ଥାନ ସେ ମୂଲ୍ୟରେ କର ଶିଖିମର ପିତା ହମୋରର ପୁତ୍ରମା
ନଙ୍କର ନିକଟରୁ କିଣିଥିଲା ତହିଁରେ ତାହାକୁ ଶୟନ କରାଇଲା ।
୧୭ ପୁଣି ଯେଉଁ ଦେଇ ଅବ୍ରହାମର ପ୍ରତି ଈଶ୍ୱର ଯେ ପ୍ରତିଜ୍ଞା କରିଥିଲେ ସେ
ପ୍ରତିଜ୍ଞା ଫଳିବାର ସମୟ ନିକଟ ହେଲା ମିଶର ଦେଶରେ ଇଶ୍ରାଏଲ ଲୋକ
୧୮ ମାନେ ବୃଦ୍ଧି ପ୍ରାପ୍ତ ହୋଇ ବହୁ ସଂଖ୍ୟକ ହୋଇଲେ । ଅବଶେଷରେ ଯୁଷ
୧୯ ଫକୁ ନ ଚିହ୍ନିଲା ଏମନ୍ତ ଆଉ ଏକ ରାଜା ଉପସ୍ଥିତ ହୋଇ ଆମ୍ଭମାନଙ୍କର
ଜ୍ଞାତିବର୍ଗର ସଙ୍ଗେ ଧୂର୍ତ୍ତପଣ କରି ପୂର୍ବପୁରୁଷମାନଙ୍କର ପ୍ରତି କୁବ୍ୟବହାରରେ
ସେମାନଙ୍କର ବଂଶ ଲୋପ କରିବାର ଅଶସ୍ୟରେ ସେମାନଙ୍କର ନୂଆ ଜାତ
୨୦ ଶିଶୁମାନଙ୍କୁ ବାହାରେ ପକାଇ ଦେଲେ । ଏମନ୍ତ ସମୟରେ ମୋଶା ଜନ୍ମିଲା
ସେ ପରମ ସୁନ୍ଦର ପୁଣି ପିତୃଗୃହରେ ତିନମାସ ପର୍ଯ୍ୟନ୍ତେ ପାଳିତ ହେଲା ପୁଣି
୨୧ ବାହାରେ ପକାଇ ଦେବା ଗରୁତ୍ତରେ ଫାରୋଶର କନ୍ୟା ତାହାକୁ ଉଠାଇ
୨୨ ନେଇ ପୋଷ୍ୟପୁତ୍ର କରି ପ୍ରତିପାଳିତ କଲା ଟେଣୁ ସେ ମୋଶା ମିସ୍ରୀୟମାନ
ଙ୍କର ସମସ୍ତ ବିଦ୍ୟାରେ ବ୍ୟୁତ୍ପନ୍ନ ହୋଇ ବାକ୍ୟରେ ଓ କ୍ରିୟାରେ ପାରଗ
୨୩ ହୋଇଲା । ଏଥିଉତ୍ତରେ ସମ୍ପୂର୍ଣ୍ଣ ଚାଳିଶ ବରଷ ବୟଃପ୍ରାପ୍ତ ହେଲା ଉତ୍ତରେ
ଇଶ୍ରାଏଲ ବଂଶୀୟ ଆପଣା ଭ୍ରାତୃଗଣର ସଙ୍ଗେ ସାକ୍ଷାତ କରିବାକୁ ମନସ୍ଥ
୨୪ କଲା । ପୁଣି ସେମାନଙ୍କର ଏକ ଜଣକୁ ହିଂସା ପ୍ରାପ୍ତ ଦେଖି ତାହାର ସପକ୍ଷ
୨୫ ହୋଇ ତାହାର ପ୍ରତିକାର କରି ମିଶରୀୟ ଜଣକୁ ବଧ କଲା । ତାହାର ହସ୍ତରେ
ଈଶ୍ୱର ସେମାନଙ୍କୁ ଉଦ୍ଧାର କରିବେ ତାହାର ଭ୍ରାତୃଗଣ ଏହା ବୁଝିବେ
ଏମନ୍ତ ସେ ମୋଶା ଅନୁମାନ କଲା ପୁଣି ସେମାନେ ତାହା ବୁଝିଲେ ନାହିଁ ।
୨୬ ଆର ଦିନ ସେମାନଙ୍କର ଦୁଇ ଜଣର ବିବାଦ ହେଲା ମୋଶା କଉରେ ଯାଇ

ସେମାନଙ୍କର ମିଳନ କରିବାକୁ ମନସ୍ଥ କରି କହିଲା ହେ ଅବଧାନମାନେ
ତୁମ୍ଭେମାନେ ଭ୍ରାତୃଗଣ ଏକକୁ ଅରେକ ଅନ୍ୟାସ୍ୟ କର କାଁ । ଏଥିରେ ଯେ ୧୭
ଅପଣା ପ୍ରତିବାସିକ ଅନ୍ୟାସ୍ୟ କଲା ସେ ତାହାକୁ ଠେଲି ଦେଇ କହିଲା ଆମ୍ଭ
ମାନଙ୍କ ଉପରେ ଶାସନକର୍ତ୍ତା ଓ ବଗ୍ଧରକର୍ତ୍ତାର ପଦରେ ତୁମ୍ଭକୁ କେ
ନଯୁକ୍ତ କଲା । କାଲି ଯେମନ୍ତ ମିଶ୍ରୀୟକୁ ବଧ କଲ ତେମନ୍ତ କ ଆମ୍ଭକୁର ୧୮
ବଧ କରିବ । ମୋଶା ଏମନ୍ତ କଥା ଶୁଣି ପଳାଇ ମିଦୟନ ଦେଶରେ ଯାଇ ୧୯
ପ୍ରବାସି ହୋଇଥିଲା ଆଉ ସେ ସ୍ଥାନରେ ଦୁଇ ପୁତ୍ରକୁ ଜାତ କଲା । ଏଉତ୍ତର ୩୦
ଚାଳିଶ ବରଷ ଗତ ହେଲା ସୀନା ପର୍ବତର ଅରଣ୍ୟରେ ଗୋଷ୍ଠାସ୍ଥ ଜ୍ୱଳନ୍ତା
ଝାଉ ଅଟ୍ଟ ଶିଖାରେ ଥାଇ ପରମେଶ୍ୱରର ଦୂତ ତାହାକୁ ଦର୍ଶନ ଦେଲେ ।
ମୋଶା ତାହାଦେଖି ଅଦ୍ଭୁତ ଜ୍ଞାନ କର ବଶେଷ ଜାଣିବାର ନମନ୍ତେ ନକ ୩୧
ଟରେ ଯାନ୍ତେ ଆମ୍ଭ ପ୍ରଭୁର ପୂର୍ବପୁରୁଷର ଈଶ୍ୱର ଅର୍ଥାତ୍ ଅବ୍ରହାମର ୩୨
ଈଶ୍ୱର ଯିସ୍ହାକର ଈଶ୍ୱର ଯାକୁବର ଈଶ୍ୱର ଅଟନ୍ତି ତାହାର ଉଦ୍ଦେଶରେ
ପରମେଶ୍ୱରର ଏମନ୍ତ ବାକ୍ୟ ହୋଇଲା । ଏଥିରେ ମୋଶା କମ୍ପାନ୍ୱିତ ହୋଇ ୩୩
ଆଉ ଅନାଇବାକୁ ନ ପାରିଲା । ପୁଣି ପରମେଶ୍ୱର ତାହାକୁ କହିଲେ ତୁମ୍ଭର
ଚରଣରୁ ପାଦୁକା କାଢ ଯେହେତୁ ଯେ ସ୍ଥାନରେ ଠିଆ ହେଉଅଛ ଏ ପବିତ୍ର
ଭୂମି । ଆମ୍ଭେ ମିଶର ଦେଶସ୍ଥ ଅପଣା ଲୋକମାନଙ୍କର ଦୁର୍ଦ୍ଦଶା ନଶ୍ଚୟ ୩୪
ଦେଖିଲୁଁ ପୁଣି ସେମାନଙ୍କର କାତରବାଣୀ ଶୁଣିଲୁଁ ଆଉ ସେମାନଙ୍କୁ ଉଦ୍ଧାର
କରିବାକୁ ଓହ୍ଲାଇ ଅଇଲୁଁ ଏନମନ୍ତେ ଅସ ମିଶର ଦେଶରେ ତୁମ୍ଭକୁ ପଠାଇ ।
ଦେଖ ଶାସନକର୍ତ୍ତା ଓ ବଗ୍ଧରକର୍ତ୍ତା କରି ତୁମ୍ଭକୁ କେ ନଯୁକ୍ତ କଲା ଏହି ୩୫
କଥା ବୋଲି ସେମାନେ ଯେଉଁ ମୋଶାକୁ ଅବଜ୍ଞା କରିଥିଲେ ଯେ ଦୂତ
ଝାଉର ମଧ୍ୟରେ ଦର୍ଶନ ଦେଇଥିଲେ ସେହି ଦୂତରେ ଈଶ୍ୱର ସେହି ମୋଶା
କୁ ଶାସନକର୍ତ୍ତା ଓ ମୁକ୍ତିଦାତା କରି ପଠାଇଲେ । ଇହାଁ ରେ ମିଶର ଦେଶରେ ୩୬
ଓ ସୂଫନାମକ ସମୁଦ୍ରରେ ପୁଣି ଚାଳିଶ ବରଷ ପର୍ଯ୍ୟନ୍ତ ପ୍ରାନ୍ତରମଧ୍ୟରେ
ନାନାଦ ପ୍ରକାର ଅଦ୍ଭୁତ କର୍ମ ଓ ଲକ୍ଷଣ ଦେଖାଇ ସେ ସେମାନଙ୍କୁ ବାହାର
କରି ଅଣିଲେ ।

ଏବର ପ୍ରଭୁ ପରମେଶ୍ୱର ତୁମ୍ଭମାନଙ୍କର ଭ୍ରାତୃଗଣର ମଧ୍ୟରେ ଆମ୍ଭର ସଦୃଶ ୩୭
ଏକ ଜଣ ଭବିଷ୍ୟଦ୍ବକ୍ତାର ଉଦୟ କରିବେ ତାହାର କଥାରେ ତୁମ୍ଭେମାନେ
ମନୋଯୋଗ କରିବ ଯେ ଜନ ଇସ୍ରାୟେଲର ସନ୍ତାନମାନଙ୍କୁ ଏହି କଥା କହି
ଥିଲା ସେ ଏହି ମୋଶା । ଆଉ ଯେ ଜନ ପ୍ରାନ୍ତରମଧ୍ୟରେ ମଣ୍ଡଳୀର ୩୮
ସହିତ ସୀନା ପର୍ବତରେ ଆପଣାର ପ୍ରତି ବାକ୍ୟବାହୀ ଦୂତର ସଙ୍ଗୀ ପୁଣି ଅସ୍
ମାନଙ୍କର ପିତୃଗଣର ସଙ୍ଗୀ ହୋଇ ଅସ୍ମାନଙ୍କୁ ଦେବାର ନମନ୍ତେ ଜୀବ

୩୯ ନବାତ୍ମକ ବାକ୍ୟ ପାଇଥିଲା ସେ ଏହ ମୋଶା । ଆଉ ଆମ୍ଭମାନଙ୍କର ପୂର୍ବ
ପୁରୁଷମାନେ ତାହାକୁ ଅମାନ୍ୟ କର ଅପଣାମାନଙ୍କଠାରୁ ଦୂର କର ମିଶର
୪୦ ଦେଶର ପ୍ରତ ମାନସରେ ନେଉଟି ଯାଇ ହାରୋଣକୁ କହିଲେ ଆମ୍ଭମାନଙ୍କର
ଅଗ୍ରସର ହୋଇ ଯିବାକୁ ଦେବଗଣକୁ ନର୍ମାଣ କର ଯେହେତୁ ଯେଉଁ ମୋଶା
ଆମ୍ଭମାନଙ୍କୁ ମିଶର ଦେଶରୁ ବାହାର କର ଆଣିଲ ତାକୁ କ ହେଲା ତାହା
୪୧ ଅମ୍ଭେମାନେ ନ ଜାଣି । ସେହ ସମୟରେ ସେମାନେ ଗୋଃତାସ୍ଥ ବାଛୁର
ମୂର୍ତ୍ତି ନର୍ମାଣ କର ତାହାର ଉଦ୍ଦେଶରେ ନୈବେଦ୍ୟ ଉତ୍ସର୍ଗ କର ଅପଣା
୪୨ ମାନଙ୍କର ହସ୍ତକୃତ ବସ୍ତୁରେ ଅନନ୍ଦତ ହେଲେ । ଏଣୁ ଈଶ୍ୱର ସେମାନଙ୍କର
ପ୍ରତ ବମୁଖ ହୋଇ ଅକାଶସ୍ଥ ଜ୍ୟୋତିର୍ଗଣକୁ ପୂଜା କରବାକୁ ସେମାନଙ୍କୁ
ଶ୍ଚତ ଦେଲେ । ଯେଉଁପ ଭବଷ୍ୟତ୍ପକ୍ତାର ଗ୍ରନ୍ଥରେ ଲେଖାଅଛ ଯଥା ।
ଆହୋ ଇଶ୍ରାଏଲ ବଂଶ ତୁମ୍ଭେମାନେ ଚାଳିଶ ବରଷ ପର୍ଯ୍ୟନ୍ତ ମହାରଣ୍ୟରେ
ଥାଇ ବଲି ହୋମାଦ ଯେ ସମସ୍ତ କର୍ମ କରଅଛ ତାହା କ ଆମ୍ଭର ଉଦ୍ଦେଶ
୪୩ ରେ ଏକା କରଅଛ ତାହା ନୋହେ । ପୁଣି ଅପଣମାନେ ମୋଲକ ନାମରେ
ଦେବତାର ତମ୍ବୁ ପୁଣି ତୁମ୍ଭମାନଙ୍କର ରମ୍ଫନ ନାମରେ ଦେବତାର ନକ୍ଷତ୍ର
ଏହ ଦୁଇ ପ୍ରତମୂର୍ତ୍ତି ଉଠାଇ ନେଇ ସେମାନଙ୍କର ଉଦ୍ଦେଶରେ ପୂଜା କର
ଅଛ ଏନମନ୍ତେ ଆମ୍ଭେ ଏଠାରୁ ତୁମ୍ଭମାନଙ୍କୁ ବାବେଲର ସେ ପାରକୁ ନେଇ
୪୪ ଯିବା । ଆହୁର ଯେଉଁ ଅକୃତ ଦେଗି ଅଛ ତାହାର ସଦୃଶ୍ୟ ତମ୍ବୁ ନର୍ମାଣ କର
ଯାହାର ବଷୟରେ ଈଶ୍ୱର ମୋଶାକୁ ଏକଥା କହିଥିଲେ ସେହ ତାହାର
ନରୂପିତ ସାକ୍ଷ୍ୟସ୍ୱରୂପ ତମ୍ବୁ ଆମ୍ଭମାନଙ୍କର ପିତୃଗଣର ସଙ୍ଗେ ମହାରଣ୍ୟରେ
୪୫ ଥିଲା । ପୁଣି ସେମାନଙ୍କର ବଂଶଜାତ ଆମ୍ଭମାନଙ୍କର ପୂର୍ବପୁରୁଷମାନେ ଯିହୋ
ଶୂଅର ସଙ୍ଗରେ ସେହ ସାକ୍ଷ୍ୟସ୍ୱରୂପ ସିଜୁକ ଅନ୍ୟ ଦେଶୀୟମାନଙ୍କର ଅଧି
କାରରେ ଅଣିଥିଲେ ସେହ ଅନ୍ୟଦେଶୀୟମାନଙ୍କୁ ପରମେଶ୍ୱର ଦାଉଦର
୪୬ ସମୟ ପର୍ଯ୍ୟନ୍ତ ଆମ୍ଭ ପିତୃଗଣର ସାକ୍ଷାତ୍ରେ ତଡ଼ ଦେଲେ । ଦାଉଦ ପରମେ
ଶ୍ୱରଠାରୁ ଅନୁଗ୍ରହ ପାଇ ଯାକୁବର ଈଶ୍ୱରଙ୍କ ନମନ୍ତେ ଏକ ତାମ୍ବୁ ପ୍ରସ୍ତୁତ
କରବାକୁ ବାଞ୍ଛା କରଥିଲା ମାତ୍ର ସଲମାନ ତାହାଙ୍କର ନମନ୍ତେ ଏକ ମନ୍ଦର
୪୭ ନର୍ମାଣ କଲା । ତେବେହେଁ ସର୍ବଶ୍ରେଷ୍ଠ ଯେ ସେ କୌଣସି ହସ୍ତକୃତ ମନ୍ଦର
୪୮ ରେ ବାସ କରନ୍ତ ଏମନ୍ତ ନୋହେ ଭବଷ୍ୟତ୍ପକ୍ତା ଏହ କଥା କହିଛନ୍ତ ଯଥା ।
୪୯ ପରମେଶ୍ୱର କହନ୍ତ ସ୍ୱର୍ଗ ଆମ୍ଭର ସିଂହାସନ ପୁଣି ପୃଥିବୀ ଆମ୍ଭର ପାଦପୀଠ
୫୦ ଏଥିପାଇଁ ଆମ୍ଭର ନମନ୍ତେ କ ମନ୍ଦର ନର୍ମାଣ କର ଦେବ ଅବା ଆମ୍ଭର
ବଶ୍ରାମ ସ୍ଥାନ କ ଏସମସ୍ତ ବସ୍ତୁ କ ଆମ୍ଭର ହସ୍ତକୃତ ନୋହେ ।
୫୧ ଆରେ ଏକ ବୁଦ୍ଧୁ। ପୁଣି ଅନ୍ତଃକରଣରେ ଓ ଶ୍ରବଣରେ ଅପବତ୍ର ଲୋକ

ସମସ୍ତ ତୁମ୍ଭେମାନେ ଅନବରତ ଧର୍ମଆତ୍ମାର ପ୍ରତିକୂଲାଚରଣ କରିଅଛ ।
ତୁମ୍ଭମାନଙ୍କର ପୂର୍ବପୁରୁଷମାନେ ଯେମନ୍ତ ତୁମ୍ଭେମାନେହିଁ ତେମନ୍ତ । ତୁମ୍ଭ ୫୧
ମାନଙ୍କର ପୂର୍ବପୁରୁଷମାନେ କେଉଁ ଭବିଷ୍ୟଦ୍ବକ୍ତାକୁ ତାଡନା ନ କରିଅଛନ୍ତି ।
ଯେଉଁମାନେ ସେ ଧାର୍ମିକ ଜଣଙ୍କର ଆଗମନର କଥା କହିଥିଲେ ସେମା ୫୨
ନଙ୍କୁ ସଂହାର କରିଅଛନ୍ତି ପୁଣି ଏବେ ତୁମ୍ଭେମାନେହେଁ ତାହାଙ୍କୁ ପରହସ୍ତ
ଗତ କରି ବଧ କରିଅଛ । ଆହୁରି ସ୍ୱର୍ଗ ଦୂତଗଣଦ୍ୱାରା ବ୍ୟବସ୍ଥା ପାଇଲେହେଁ
ତାହା ପାଳଣ କରି ନାହଁ ।

ଏହି କଥା ଶୁଣି ସେମାନେ ହୃଦୟରେ ବିଦାରଣ ହୋଇ ତାହାର ପ୍ରତି ୫୪
ଦନ୍ତ କଡମଡ କଲେ । ପୁଣି ସ୍ତିଫାନ ଧର୍ମଆତ୍ମାରେ ପୂର୍ଣ ହୋଇ ଆକାଶର ୫୫
ପ୍ରତି ସ୍ଥିର ଦୃଷ୍ଟି କରି ଈଶ୍ୱରର ତେଜ ଓ ଈଶ୍ୱରର ଦକ୍ଷିଣ ପାର୍ଶ୍ୱରେ ଠିଆ
ହେବାରେ ଯୀଶୁର ଦର୍ଶନ ପାଇ କହିଲା । ଦେଖ ସ୍ୱର୍ଗ ମେଲା ହୁଅନ୍ତେ ଈଶ ୫୬
ରର ଦକ୍ଷିଣ ପାର୍ଶ୍ୱରେ ମନୁଷ୍ୟପୁତ୍ରଙ୍କୁ ଠିଆ ହେବାର ଆମ୍ଭେ ଦେଖୁ ଅଛୁଁ ।
ତେଣୁ ସେମାନେ କର୍ଣରେ ଅଙ୍ଗୁଳୀ ଦେଇ ଉଚ୍ଚୈଃସ୍ୱରରେ ଡାକ ପକାଇ ୫୭
ସମସ୍ତେ ଏକାଚିତ୍ତେ ତାହାର ଉପରେ ମାଡ ପଡିଲେ । ଆଉ ତାହାକୁ ନଗ ୫୮
ରର ବାହାର କରି ପଥର ଥାପାଡ କଲେ ପୁଣି ସାକ୍ଷୀ ଲୋକମାନେ ଶାଉଲ
ନାମରେ ଜଣେ ଯୁବକ ଚରଣର କଛରେ ଆପଣାମାନଙ୍କର ନୁଗା ରଖିଲେ ।
ଏଥିରେ ହେ ପ୍ରଭୁ ଯୀଶୁ ଆମ୍ଭର ଆତ୍ମାକୁ ଗ୍ରହଣ କର ସ୍ତିଫାନର ଏହି ପ୍ରାର୍ଥନା ୫୯
କଥା କହିବାର ସମୟରେ ସେମାନେ ତାହାକୁ ପଥର ପକାଇବାକୁ ଲାଗିଲେ ।
ପୁଣି ସେ ଅଣ୍ଟୁ ପୋଡ ଉଚ୍ଚୈଃସ୍ୱରରେ କହିଲା ହେ ପ୍ରଭୁ ଏମାନଙ୍କ ଏହି ୬୦
ପାପର ଦଣ୍ଡ ନ ଦିଅ ଏହା ବୋଲ ନଦ୍ରାନଦ୍ରା ପ୍ରାପ୍ତ ହୋଇଲା । ତାହାର
ପ୍ରାଣ ନାଶରେ ଶାଉଲ ସନ୍ତୁଷ୍ଟ ଥିଲା ।

## ୮ ପର୍ବ ।

ସେହି ଦିନରେ ଯିରୂଶାଲମ ନଗରସ୍ଥ ମଣ୍ଡଳୀର ପ୍ରତି ବଡ ତାଡନା ହେ ୧
ବାରେ ପ୍ରେରିତମାନେ ଛଡା ଅନ୍ୟ ସମସ୍ତେ ଯିହୂଦା ଓ ଶମିରୋଣ ଦେଶର
ନାନା ସ୍ଥାନରେ ଛିନ୍ନଭିନ୍ନ ହୋଇ ଗଲେ । ପୁଣି ଭକ୍ତ ଲୋକମାନେ ସ୍ତିଫା ୨
ନଙ୍କୁ ଉଠାଇ ନେଇ ତାହାର ପାଁଇ ବହୁତ ବିଳାପ କଲେ । ଇହିଁ ଶାଉଲ ୩
ଘରେ। ଘରି ସ୍ତ୍ରୀ ପୁରୁଷଗଣକୁ ଧରି ଅଣି କାରାଗାରରେ ବନ୍ଦ କରିବାରୁ
ମଣ୍ଡଳିର ମହା ଉତ୍ପାତ କଲା । ଆଉ ଯେଉଁମାନେ ଛିନ୍ନଭିନ୍ନ ହେଲେ ସେ ୪
ମାନେ ସର୍ବତ୍ର ଭ୍ରମଣ କରି ବାକ୍ୟ ଘୋଷଣା କଲେ । ଇହିଁରେ ଫିଲପ ଶମି ୫
ରୋଣ ନଗରକୁ ଯାଇ ଖ୍ରୀଷ୍ଟଙ୍କର ପ୍ରସଙ୍ଗ ପଚାର କଲା । ପୁଣି ଅଶୁଚି ଭୂତାଶ୍ରିତ ୭

ଲୋକଠାରୁ ଭୂତଗଣ ଡକା ପାତି ବାହାରିଲେ ପୁଣି ଅନେକୀ ପକ୍ଷାଘାତୀ
୭ ଓ ଶ୍ଳେଷ୍ଠାଲୋକ ସ୍ୱାସ୍ଥ୍ୟ ପାଇଲେ । ଏଣୁ ଲୋକମାନେ ତାହାର ଏହିରୂପ
୮ ଆଶ୍ଚର୍ଯ୍ୟ କର୍ମ ଦେଖି ଶୁଣି ସମସ୍ତେ ଏକଚିତ୍ତରେ ତାହାର ଉକ୍ତ ପ୍ରସଙ୍ଗରେ
ମନୋଯୋଗ କଲେ ପୁଣି ସେ ନଗରରେ ମହାନନ୍ଦ ହେଲା ।
୯ ଅଉ ଏହାର ପୂର୍ବରେ ସେ ନଗରର ଶିମୋନ ନାମରେ ଜଣେ ଅନେକୀ
ମାୟା କ୍ରିୟା କରି ଆପଣାକୁ କୌଣସି ମହାପୁରୁଷ ବୋଲି ଶମିରୋଣୀୟ
୧୦ ମାନଙ୍କର ମୋହ ଜନ୍ମାଇ ଥିଲା । ଏଣୁ ଏହି ମନୁଷ୍ୟ ଈଶ୍ୱରର ମହାଶକ୍ତି
୧୧ ସ୍ୱରୂପ ଏହା ବୋଲି ସାନ ବଡ ସମସ୍ତେଇ ତାହାକୁ ମାନିଲେ । ସେ ବହୁ
କାଳାବଧି ମାୟାବି କ୍ରିୟାରେ ସେମାନଙ୍କୁଂ ଏକାନ୍ତ ମୋହିତ କରିବାରୁଂ ସେ
୧୨ ମାନେ ତାହାକୁ ମାନ୍ୟମାନ କଲେ । ପୁଣି ଈଶ୍ୱରର ରାଜତ୍ୱ ଓ ଯୀଶୁଖ୍ରୀଷ୍ଟର
ନାମ ବିଷୟକ ପ୍ରସଙ୍ଗ ପ୍ରଚାରକାରୀ ଫିଲିପର କଥାରେ ବିଶ୍ୱାସ କରନ୍ତେ
୧୩ ସେମାନେ ସ୍ତ୍ରୀ ପୁରୁଷ ଦୁହେଂ ଲୋକମାନେ ଡୁବିତ ହେଲେ । ଅବଶେଷ
ରେ ଶିମୋନ ଆପେଁ ପ୍ରତ୍ୟୟ କଲା ପୁଣି ଡୁବିତ ହୋଇ ଫିଲିପର କୃତ
ଆଶ୍ଚର୍ଯ୍ୟ କ୍ରିୟା ଓ ଲକ୍ଷଣ ଦେଖି ଅସମ୍ଭବ ଜ୍ଞାନ କରି ତାହାର ସଙ୍ଗରେ ରହିଲା ।
୧୪ ଶମରୋଣୀ ଦେଶୀୟ ଲୋକମାନେ ଈଶ୍ୱରର କଥା ଗ୍ରହଣ କରିଅଛନ୍ତି
ଯିରୁଶାଲମସ୍ଥ ପ୍ରେରିତଗଣ ସମ୍ବାଦ ପାଆନ୍ତେ ପିତରକୁ ଓ ଯୋହନକୁ ସେ
୧୫ ମାନଙ୍କର ନିକଟରେ ପଠାଇଲେ । ତେଣୁ ସେମାନେ ସେହି ସ୍ଥାନରେ ଉପ
ସ୍ଥିତ ହୋଇ ଲୋକମାନେ ଯେମନ୍ତ ଧର୍ମଆତ୍ମ ପାଆନ୍ତି ଏହି ନିମନ୍ତେ ପ୍ରାର୍ଥନା
୧୬ କଲେ । ଯେହେତୁ ସେ ସରିକି ସେମାନଙ୍କର ମଧ୍ୟରେ ସେ କାହାର ପ୍ରତି ଅ
ଧିଷ୍ଠାନ ନୋହିଲେ ସେମାନେ କେବଳ ପ୍ରଭୁ ଯୀଶୁର ନାମରେ ଡୁବିତ ହୋଇ
୧୭ ଥିଲେ । ପୁଣି ପ୍ରେରିତମାନେ ସେମାନଙ୍କର ଉପରେ ହସ୍ତାର୍ପଣ କଲାଉତ୍ତାରେ
୧୮ ସେମାନେ ଧର୍ମଆତ୍ମକୁ ପାଇଲେ । ଏହିରୂପେ ପ୍ରେରିତମାନଙ୍କର ହସ୍ତାର୍ପଣ
କରିବାରେ ଧର୍ମଆତ୍ମ ଦତ୍ତ ହେଲେ ଶିମୋନ ଏହା ଦେଖନ୍ତେ ସେମାନଙ୍କର
୧୯ ପାଖକୁ ଟଙ୍କା ଆଣି କହିଲା ଆମ୍ଭେ ଯାହାର ଉପରେ ହସ୍ତ ଦେଇ ତାହାରି
ଯେମନ୍ତ ଏହିରୂପ ଧର୍ମଆତ୍ମ ପ୍ରାପ୍ତି ହୁଅଇ ଏହି ପରାକ୍ରମ ଆମ୍ଭକୁଇ ଦିୟ ।
୨୦ ପୁଣି ପିତର ତାହାକୁ ଉତ୍ତର କଲା ତୁମ୍ଭର ଟଙ୍କା ତୁମ୍ଭର ସଙ୍ଗରେ ନଷ୍ଟ
ହେଉ ଯେହେତୁ ଈଶ୍ୱରର ଦାନ ଟଙ୍କାରେ କିଣା ଯାୟେ ଏମନ୍ତ ବୋଧ
୨୧ କଲ । ଈଶ୍ୱରର ପ୍ରତି ତୁମ୍ଭର ଅନ୍ତଃକରଣ ସରଳ ନୋହେ ଏହି ନିମନ୍ତେ
୨୨ ଏ ବିଷୟରେ ତୁମ୍ଭର ଅଂଶ କି ଅଧିକାର କିଛିହିଂ ନାହିଂ । ଏଣୁ ତୁମ୍ଭର
ପାପ ଲାଗି ଖେଦାନ୍ୱିତ ହୋଇ କୌଣସି ପ୍ରକାରେ ଅବା ତୁମ୍ଭର ମନର ଏହି
କୁକଳ୍ପନାର କ୍ଷମା ହୁଅଇ ଏଥିପାଇଁ ଈଶ୍ୱରଙ୍କଠାରେ ପ୍ରାର୍ଥନା କର ଯେ

ହେଉ ତୁମ୍ଭେ ଯେ ଇକ୍ତିତ୍ତରେ ଓ ପାପର ବନ୍ଧନରେ ଅଛ ଏହା ବୁଝୁଛି । ୨୩
ତେଣୁ ଶିମୋନ କହିଲା ତୁମ୍ଭମାନଙ୍କର ଉକ୍ତ କଥା ଆମ୍ଭରେ ଯେମନ୍ତ ନ ୨୪
ଫଳଇ ଏହେତୁ ତୁମ୍ଭେମାନେ ଆମ୍ଭର ପାଁଇ ପ୍ରଭୁଠାରେ ପ୍ରାର୍ଥନା କର ।
ଏପର ସେମାନେ ସାକ୍ଷ୍ୟ ଦେଇ ଈଶ୍ୱରର କଥା ପ୍ରଚାର କଲାଉତ୍ତାରେ ଫେର ୨୫
ଯାତ୍ରା ଶମିରୋଣୀୟମାନଙ୍କର ଅନେକ ଗ୍ରାମରେ ମଙ୍ଗଳ ସମାଚାର ଘୋ
ଷଣା କରି ଯିରୂଶାଲମରେ ଉତ୍ତରିଲେ ।

ଅନନ୍ତରେ ଈଶ୍ୱରର ଦୂତ ଫିଲିପକୁ ଆଜ୍ଞା ଦେଇ କହିଲା ତୁମ୍ଭେ ଉଠି ୨୬
ଦକ୍ଷିଣ ଦଗରେ ଯିରୂଶାଲମର ଅରଣ୍ୟର ମଧ୍ୟ ଦେଇ ଯେ ପଥ ଅଜା ନଗ
ରରେ ଯାଏ ସେ ପଥରେ ଗମନ କର । ଏଣୁ ସେ ଉଠି ସେହି ସ୍ଥାନରେ ୨୭
ପ୍ରବେଶ ହେବାରେ କାଣ୍ଡାକୀ ନାମରେ କୁଶ ଲୋକମାନଙ୍କର ରାଣୀର ସମସ୍ତ
ବିଷୟର କେବର୍ତ୍ତା କୁଶ ଦେଶୀୟ ଜଣେ ନପୁଂସକକୁ ଦେଖିଲା । ସେ ଭଜନା ୨୮
କରିବାର୍ଥେ ଯିରୂଶାଲମକୁ ଯାଇ ପୁନର୍ବାର ରଥରେ ବସି ଯିଶାଇୟ ଭ
ବିଷ୍ୟଦ୍ବକ୍ତାର ଗ୍ରନ୍ଥ ପାଠ କରୁ। ଫେର ଯାଉଅଛ । ଏଥିରେ ଆତ୍ମା ଫିଲିପକୁ ୨୯
କହିଲେ ତୁମ୍ଭେ ସେ ରଥର କଡକ ଯାଇ ତାହାର ସଙ୍ଗେ ମିଳିତ କର ।
ତେଣୁ ଫିଲିପ ତାହାର କଡରେ ଦୌଡ ଯାଇ ତାହାକୁ ଯିଶାଇୟ ଭବିଷ୍ୟଦ୍ବ ୩୦
କ୍ତାର ବାକ୍ୟ ପାଠ କରିବାକୁ ଶୁଣି ପଚାରିଲା ଯାହା ତୁମ୍ଭେ ପାଠ କର
ଅଛ ତାହା କ ବୁଝିବାକୁ ପାର । ଏଥିରେ ସେ କହିଲା କେହ ଆମ୍ଭକୁ ବୁଝାଇ ୩୧
ନ ଦେଲେ କେମନ୍ତ କର ପାରବା । ଇହୁଁ ସେ ଫିଲିପକୁ ଆପଣା ସଙ୍ଗେ
ରଥରେ ଚଢି ବସିବାକୁ ବୋଇଲା । ଶାସ୍ତ୍ରର ଯେ ଭାଗର କଥା ସେ ପାଠ ୩୨
କରୁଥିଲା ସେ ଏହି ଯଥା । ହତ ହେବାର ନମନ୍ତେ ମେଷର ନ୍ୟାୟ ସେ
ଆପଣା ଯିବେ ଆଉ ଲୋମ ଚ୍ଛେଦକଠାରେ ମେଷଛୁଆ ଯେମନ୍ତ ନରବ ହୋଇ
ଥାଏ ତେମନ୍ତ ସେ ଆପଣା ମୁଣ୍ଡ ନ ଫିଟାଇଲା । ସେ ଅନ୍ୟାୟ ବଗ୍ ୩୩
ରରେ ଉଚ୍ଛିନ୍ନ ହେଲା ପୁଣି ତାହାର ଆଗ୍ର ବଂଶର ବୋଲିବାକୁ କେ ସେ
ଥିଲା ଯେହେତୁ ପୃଥିବୀର ତାହାର ପ୍ରାଣ ଉଚ୍ଛିନ୍ନ ହେଲା । ଇହିଁରେ ନପୁଂ ୩୪
ସକ ଫିଲିପକୁ କହିଲା ନବେଦନ କର ଭବିଷ୍ୟଦ୍ବକ୍ତା ଏହି ଯେ କଥା
କହିଲା ଏ କ ଆପଣାର ବିଷୟରେ ଅବା ଆଉ କାହାର ବିଷୟରେ । ଏଥି ୩୫
ରେ ଫିଲିପ ସେହି ଶାସ୍ତ୍ର ବାକ୍ୟରେ ଆରମ୍ଭ କର ଯୀଶୁର ପ୍ରସଙ୍ଗ ତାହାକୁ
ଘୋଷଣା କଲା । ଏହିପରେ ପଥରେ ଯାଉଁ ଯେଠାରେ ଜଳଅଛ ସମନ୍ତ ୩୬
ଏକ ସ୍ଥାନକୁ ଉପସ୍ଥିତ ହୋଇ ନପୁଂସକ କହିଲା ଦେଖ ଏଠାରେ ଜଳଅଛି
ଆମ୍ଭର ଡୁବ୍ତ ହେବାର ବାଧା କ । ଫିଲିପ ଉତ୍ତର କଲା ଆପଣା ସବାନ୍ତଃ ୩୭
କରଣର ସହିତ ଯେବେ ପ୍ରତ୍ୟୟ କର ତେବେ ହୋଇ ପାରବ । ସେ ପ୍ରତ୍ୟୁ

ତ୍ତର କରି କହିଲା ଯୀଶୁଖ୍ରୀଷ୍ଟ ଯେ ଈଶ୍ୱରର ଅତ୍ମଜ ଏହା ପ୍ରତ୍ୟୟ କରି ।
୩୮ ତେଣୁ ସେ ରଥ ସ୍ଥକିତ ରଖିବାକୁ ଆଜ୍ଞା ଦେଲେ ଫିଲିପ ପୁଣି ନପୁଂସକ
୩୯ ଦୁହେଁ ଜଳରେ ଓହ୍ଲାଇ ଯାନ୍ତେ ଫିଲିପ ତାହାକୁ ଡୁବ ଦିୟାଇଲା । ପୁଣି
ଜଳମଧ୍ୟରୁ ଉଠିଲା ଉତ୍ତାରେ ପରମେଶ୍ୱରର ଆତ୍ମ ଫିଲିପକୁ ହରଣ କରି
ନେଇ ଗଲେ । ତେଣୁ ନପୁଂସକ ତାହାକୁ ଆଉ ଦେଖିବାକୁ ନ ପାଇଲା
୪୦ ପୁଣି ହୃଷ୍ଟଚିତ୍ତ ହୋଇ ଆପଣା ପଥରେ ଚାଲି ଗଲା । ଏଉତ୍ତାରୁ ଫିଲିପ ଅ
ସ୍ପୋଦ ନଗରରେ ଉପସ୍ଥିତ ହୋଇ ସେଠାରୁ କାଇସରିୟା ନଗର ସରିକି
ଯାଉଁ ସମସ୍ତ ନଗରରେ ମଙ୍ଗଳ ସମାଚାର ଘୋଷଣା କଲା ।

## ୯ ପର୍ବ ।

୧ ଶାଉଲ ଏଯାୟେ ପ୍ରଭୁର ଶିଷ୍ୟମାନଙ୍କର ପ୍ରତିକୂଳରେ ନିଗ୍ରହ ଓ ବଧର
କଥା ଗର୍ଜନ କରି ମହାଯାଜକର କତିକୁ ଯାଇ ଏହି ମତାବଲମ୍ବୀ ଯେ କୌ
୨ ଣସି ସ୍ତ୍ରୀ କି ପୁରୁଷର ଦେଖା ପାଇ ସେମାନଙ୍କୁ ଯେମନ୍ତ ବାନ୍ଧି ଯିରୁଶାଲ
ମରେ ଆଣଇ ଏହି ଅଶୟରେ ଦମିସିକ ନଗରୀୟ ଭଜନାଳୟର ପ୍ରତି ପତ୍ର
୩ ମାଗିଲା । ପୁଣି ଯାଉଁ ଦମସିକ୍‌ର ନିକଟରେ ଉପସ୍ଥିତ ହୁଅନ୍ତେ ଅକସ୍ମାତ୍ର
ଆକାଶରୁ ତେଜଃ ତାହାର ଚାରିଆଡେ ଆଲୁଅ କରିବାରେ ସେ ଭୂମିରେ
୪ ପଡିଲା । ଏଥିରେ ହେ ଶାଉଲ ଆମ୍ଭକୁ କିପାଁ ତାଡଣା କରୁଅଛ ଆପଣାର
୫ ପ୍ରତି ଉକ୍ତ ଏହି ରବ ଶୁଣି ସେ ପଚାରିଲା ହେ ପ୍ରଭୁ ଆପଣ କେ । ପ୍ରଭୁ
କହିଲେ ଯେ ଯୀଶୁକୁ ତୁମ୍ଭେ ତାଡଣା କରୁଅଛ ଆମ୍ଭେ ସେ କଣ୍ଟକର ଅଗ୍ର
୬ ରେ ପଦାଘାତ କରିବାର ତୁମ୍ଭର ଦୁଷ୍କର । ଏଥିରେ କମ୍ପମାନ ଓ ବିସ୍ମୟାପନ୍ନ
ହୋଇ ସେ କହିଲା ହେ ପ୍ରଭୁ ଆମ୍ଭକୁ କି କରିବାକୁ ଆଜ୍ଞା ଦେଉଅଛ । ପ୍ରଭୁ
ତାକୁ କହିଲେ ଉଠି ନଗରରେ ଗଲେ ତୁମ୍ଭକୁ କି କରିବାକୁ ହେବ ତାହା
୭ କୁହା ଯିବ । ତାହାର ସଙ୍ଗି ଲୋକମାନେହେଁ ସ୍ତବ୍ଧ ହୋଇ ଏହି ରବ ଶୁଣି
୮ ଲେ ପୁଣି କାହାକୁ ଦେଖିବାକୁ ନ ପାଇଲେ । ଆବର ଶାଉଲ ଭୂମିରୁ ଉଠି
୯ ଚକ୍ଷୁ ଫିଟାଇ କାହାକୁଇ ଦେଖି ନ ପାରିଲା । ଏଣୁ ଲୋକମାନେ ତାହାର
ହାତ ଧରି ତାକୁ ଦମିସିକ ଭିତରେ ଆଣିଲେ ପୁଣି ସେ ତିନି ଦିନ ପର୍ଯ୍ୟନ୍ତେ
ଅନ୍ଧ ହୋଇ ଭୋଜନ ପାନ କିଛି ନ କଲା ।
୧୦ ତଦନନ୍ତର ପ୍ରଭୁ ସେ ଦମିସିକ ନିବାସୀ ହନାନୀୟ ନାମକ ଶିଷ୍ୟକୁ ଦର୍ଶନ
ଦେଇ ଡାକିଲେ ହେ ହନାନୀୟ ସେ ଉତ୍ତର କଲା ହେ ପ୍ରଭୁ ଆମ୍ଭେ ଅଛୁଁ ।
୧୧ ପ୍ରଭୁ ତାହାକୁ ଆଜ୍ଞା କଲେ ତୁମ୍ଭେ ଉଠି ସୋଜା ନାମକ ପଥରେ ଯାଇ
ଯିହୁଦାର ଗୃହରେ ଟାର୍ଷ ନଗରର ଶାଉଲ ନାମରେ ଏକ ଜଣର ପାଁଇ

ପଶ୍ଚର ଦେଖ ସେ ପ୍ରାର୍ଥନା କରୁଅଛି । ପୁଣି ହନାନୀୟ ନାମରେ ଏକଜଣ ୧୧
ଯେମନ୍ତ ତାହାଠାରେ ଆସି ତାହା ଉପରେ ହସ୍ତାର୍ପଣ କରି ଚକ୍ଷୁ ପ୍ରଦାନ
କଲା ସ୍ୱପ୍ନରେ ଏପ୍ରକାର ଦର୍ଶନ କରିଅଛି । ଏଥିରେ ହନାନୀୟ ପ୍ରତ୍ୟୁତ୍ତର କଲା ୧୩
ହେ ପ୍ରଭୁ ଯିରୁଶାଲମରେ ତୁମ୍ଭର ସାଧୁ ଲୋକମାନଙ୍କର ପ୍ରତି ଏହି ମନୁଷ୍ୟ
କେତେ ହିଂସା କରିଅଛି ଏହା ଆମ୍ଭେ ଅନେକର ମୁଖରୁ ଶୁଣିଲୁଂ ପୁଣି ୧୪
ଏଠାରେ ଯେ ସମସ୍ତ ଲୋକ ତୁମ୍ଭର ନାମ କରି ପ୍ରାର୍ଥନା କରନ୍ତି ସେମାନଙ୍କୁ
ବାନ୍ଧିବାର ନିମନ୍ତେ ସେ ପ୍ରଧାନ ଯାଜକମାନଙ୍କଠାରୁ ଆଜ୍ଞା ପାଇଅଛି ।
ପ୍ରଭୁ ତାକୁ କହିଲେ ଚାଲି ଯାଅ ଅନ୍ୟ ଦେଶୀୟ ଲୋକମାନଙ୍କର ଓ ଭୂପ ୧୫
ତିଗଣର ଓ ଇଶ୍ରାୟେଲ ବଂଶୀୟମାନଙ୍କର ନିକଟରେ ଆମ୍ଭର ନାମ ଘେନିବାକୁ
ସେହି ଜଣ ଆମ୍ଭର ମନୋନୀତ ପାତ୍ର ଅଛି । ପୁଣି ଆମ୍ଭର ନାମର ନିମନ୍ତେ ତା ୧୬
ହାକୁ କେତେ ବଡ କ୍ଲେଶ ଭୋଗ କରିବାକୁ ହେବ ଏହା ତାହାକୁ ଜଣାଇବା ।
ଏଥିରେ ହନାନୀୟ ଚାଲି ଯାଇ ଗୃହରେ ପ୍ରବେଶ ହୋଇ ତାହାର ଉପରେ ୧୭
ହସ୍ତାର୍ପଣ କରି କହିଲା ଆହେ ଶାଉଲ ଭାଇ ତୁମ୍ଭେ ଯେମନ୍ତ ଦୃଷ୍ଟି ପାଅ ଓ
ଧର୍ମଆତ୍ମରେ ପରିପୂର୍ଣ୍ଣ ହୁଅ ଏହି ନିମନ୍ତେ ତୁମ୍ଭର ଯାତ୍ରା କାଳରେ ଯେଉଁ ପ୍ରଭୁ
ଯୀଶୁ ତୁମ୍ଭକୁ ଦର୍ଶନ ଦେଲେ ସେ ଆମ୍ଭକୁ ପଠାଇଲେ । ଏହି କଥା ବୋ ୧୮
ଲିବା ମାତ୍ର ତାହାର ଚକ୍ଷୁରୁ କାତିର ନ୍ୟାୟ ଦ୍ରବ୍ୟ ପଡନ୍ତେ ତତ୍ରକ୍ଷଣାତ୍ର
ପ୍ରସନ୍ନ ଚକ୍ଷୁ ହୋଇ ସେ ଉଚିତ ହେଲା ପୁଣି ଭୋଜନ ପାନ କରନ୍ତେ ସେ
ବଳ ପାଇଲା ।

ତହିଁ ଶାଉଲ ଶିଷ୍ୟଗଣର ସଙ୍ଗେ କେତେକ ଦିବସ ଦମିସିକ ନଗରରେ ୧୯
ଥାଇ ଏଘାନ୍ତ ସବୁ ଭଜନାଳୟରେ ଯାଇ ଯୀଶୁ ଯେ ଈଶ୍ୱରର ଆତ୍ମଜ ଏହି
କଥା ପ୍ରଚାର କଲା । ତେଣୁ ସମସ୍ତ ଶ୍ରୋତା ଚମତ୍କୃତ ହୋଇ କହିଲେ ୨୦
ଯେଉଂ ଜଣ ଯିରୁଶାଲମ ମଧ୍ୟରେ ଏହି ନାମରେ ପ୍ରାର୍ଥନାକାରୀ ଲୋକମାନ
ଙ୍କର ବିନାଶ କରିଥିଲା ଓ ସେମାନଙ୍କୁ ବାନ୍ଧି ପ୍ରଧାନ ଯାଜକମାନଙ୍କର ନିକଟ ୨୧
ରେ ନେଇ ଯିବାର ଆଶୟରେ ଏଠାରେଇ ଆସିଥିଲା ସେହି ଜଣ କି ଏହି
ନୋହେ । ପୁଣି ଶାଉଲ ଆହୁରି ବଳବନ୍ତ ହୋଇ ଯୀଶୁ ଯେ ନିଶ୍ଚୟ ମଶିହା ୨୨
ଅଟନ୍ତି ଏହି ବିଷୟରେ ପ୍ରମାଣ ଦେଇ ଦମିସିକ୍ ନଗରୀୟ ଯିହୁଦୀୟ ଲୋକମା
ନଙ୍କୁ ନିରୁତ୍ତର କରାଇଲା । ଏଥୁ ଅନନ୍ତରେ ବହୁତ ଦିନ ଗତ ହେଲା ଯିହୁଦୀ ୨୩
ୟମାନେ ତାହାକୁ ବଧ କରିବାର ବିଚାର କଲେ ପୁଣି ଶାଉଲକୁ ସେମାନ
ଙ୍କର କୁମନ୍ତ୍ରଣା ଗୋଚର ହୋଇ ତାହାକୁ ବଧ କରିବାର ନିମନ୍ତେ ସେମାନେ ୨୪
ଦିବାରାତ୍ରି ନଗର ଦ୍ୱାରେ ଜଗି ବସିଲେ । ତହିଁରେ ଶିଷ୍ୟଗଣ ରାତ୍ରିବେଳେ ୨୫
ତାହାକୁ ନେଇ ଟୋକାଇରେ ପାଚେରି ଦେଇ ଓହ୍ଲାଇ ଦେଲେ ।

୧୬ ଶାଉଲ ଯିଋଶାଲମରେ ଯାଇ ଶିଷ୍ୟବର୍ଗର ସଙ୍ଗେ ମିଳିବାକୁ ଚେଷ୍ଟା କଲା
ମାତ୍ର ସେ ଯେ ଏକ ଶିଷ୍ୟ ଅଟଇ ଏହା ପ୍ରତ୍ୟୟ ନ କରି ସମସ୍ତେ ତାହାକୁ ଭୟ
୧୭ କଲେ । ଏକାରଣ ବର୍ଣବା ତାହାକୁ ସଙ୍ଗେ କରି ପ୍ରେରିତମାନଙ୍କର ନିକଟରେ
ନେଇ ଯାଇ ବାଟର ମଧ୍ୟରେ ପ୍ରଭୁ କିଉପରେ ତାହାକୁ ଦର୍ଶନ ଦେଇ ଯେ
କଥା କହିଥିଲେ ପୁଣି ସେ କେମନ୍ତ ସାହସୀ ହୋଇ ଦମିସିକରେ ଯୀଶୁର
୧୮ ନାମ ପ୍ରଚାର କରିଥିଲା ଏସମସ୍ତ ବୃତ୍ତାନ୍ତ ସେମାନଙ୍କୁ ଜଣାଇଲା । ଏଣୁ ଶା
ଉଲ ସେମାନଙ୍କର ସଙ୍ଗେ ଯିଋଶାଲମରେ କାଳ କ୍ଷେପଣ କରି ନିର୍ଭୟରେ
୧୯ ପ୍ରଭୁ ଯୀଶୁର ନାମ ପ୍ରଚାର କଲା । ଏଥିରେ ଅନ୍ୟ ଦେଶୀୟ ଲୋକମାନଙ୍କର
ସଙ୍ଗେ କଥା କହି ବିବାଦ ଉପସ୍ଥିତ ହେବାରେ ସେମାନେ ତାହାକୁ ବଧ କରି
୩୦ ବାକୁ ଚେଷ୍ଟା କଲେ । ପୁଣି ଭ୍ରାତୃଗଣ ତାହା ଜାଣିବାକୁ ପାଇ ତାହାକୁ କାଇ
ସରିୟା ନଗରକୁ ଆଣି ଟାର୍ଷ ନଗରକୁ ଯିବାକୁ ବିଦାୟ କଲେ ।
୩୧ ଏମନ୍ତ ହେଲା ଯିହୁଦା ଓ ଗାଲିଲୀ ଓ ଶମିରୋଣ ଦେଶୀୟ ମଣ୍ଡଳୀ ସମସ୍ତ
ବିଶ୍ରାମ ପ୍ରାପ୍ତ ହୋଇ ସେମାନଙ୍କର ନିଷ୍ଠା ହେଲା ଆଉ ପ୍ରଭୁର ପ୍ରତି ଭୟରେ
ଓ ଧର୍ମଆତ୍ମର ସାନ୍ତ୍ୱନାରେ ଆଚରଣ କରି ବହୁସଂଖ୍ୟକ ହୋଇଲେ ।
୩୨ ତଦନନ୍ତରେ ପିତର ସ୍ଥାନେ ଭ୍ରମଣ କରି ଅବଶେଷରେ ଲୁଦ୍ ନଗର
୩୩ ନିବାସୀ ସାଧୁମାନଙ୍କର ନିକଟରେ ଉପସ୍ଥିତ ହେଲା । ସେସ୍ଥାନରେ ପକ୍ଷାଘାତ
ବ୍ୟାଧିରେ ଆଠ ବରଷ ଯାୟେ ଶଯ୍ୟାଗତ ଏନିୟ ନାମରେ ଏକ ମନୁଷ୍ୟର
୩୪ ସାକ୍ଷାତ ପାଇ ସେ ତାହାକୁ କହିଲା ହେ ଏନିୟ ଯୀଶୁଖ୍ରୀଷ୍ଟ ତୁମ୍ଭକୁ ସୁସ୍ଥ କରୁ
୩୫ ଅଛନ୍ତି ତୁମ୍ଭେ ଉଠି ଆପଣାର ଶଯ୍ୟା ସଜାତ । ଏହା ବୋଲିବାମାତ୍ର ସେ
ଉଠିଲା । ପୁଣି ଏଉପ ଦର୍ଶନ କରିବାରେ ଲୁଦ୍ ଓ ଶାରୋଣ ନିବାସିଲୋକ
ମାନେ ପ୍ରଭୁର ପ୍ରତି ଫେରିଲେ ।
୩୬ ଏଥିଉତ୍ତାରୁ ଭିକ୍ଷା ଦାନାଦି ନାନା ସୁଦ୍ରିୟାରେ ନିତ୍ୟ ନିବିଷ୍ଟ ଏମନ୍ତ ଯେ
ଯାଫୋ ନଗର ନିବାସିନୀ ଟାବିଥା ନାମରେ ଶିଷ୍ୟ ଅର୍ଥାତ୍ ଯାହାକୁ ଦର୍କ୍କା
ବୋଲି ଡାକନ୍ତି ସେହି ସମୟରେ ସେ ସ୍ତ୍ରୀ ପୀଡିତା ହୋଇ ପ୍ରାଣ ତ୍ୟାଗ କରି
୩୭ ଥିଲା । ଏଣୁ ଲୋକମାନେ ତାହାକୁ ଧୋଇ ଉପରିସ୍ଥ କୋଠରିରେ ଶୁଆ
୩୮ ଇଲେ । ଲୁଦ୍ ନଗର ଯାଫୋ ସନ୍ନିକଟ ସକାଶେ ସେ ସ୍ଥାନରେ ପିତର
ଅଟଇ ଏହି ସଂବାଦ ପାଇ ଶିଷ୍ୟଗଣର ଦୁଇ ମନୁଷ୍ୟ ଦ୍ୱାରା ତାହାକୁ ଅବି
୩୯ ଲମ୍ବରେ ଆସିବାକୁ ବିନତି କରି ପଠାଇଲେ । ଏଥିରେ ପିତର ଉଠି ସେମା
ନଙ୍କର ସଙ୍ଗେ ସେଠାରେ ଉପସ୍ଥିତ ହେଲାଉତ୍ତାରେ ସେମାନେ ତାହାକୁ ସେହି
ଉପରିସ୍ଥ କୋଠରିରେ ନେଇ ଗଲେ । ବିଧବା ସମସ୍ତ ଚାରିଆଡେ ଠିୟା ହୋଇ
କାନ୍ଦୀ ଆପଣାମାନଙ୍କର ସଙ୍ଗେ ଥିବାର ସମୟରେ ଦର୍କ୍କା ଯେଉଂ ଉତ୍ତରୀୟ

ଓ ପରିଧେୟ ବସ୍ତ୍ର ବନାଇ ଥିଲା ସେ ସମସ୍ତ ପିତରକୁ ଦେଖାଇ ଦେଲେ ।
ଏଥିରେ ପିତର ସେମାନଙ୍କର ସମସ୍ତକୁ ବାହାର କରି ଅଣ୍ଟୁ ପୋତି ପ୍ରାର୍ଥନା ୪୦
କଲା ପୁଣି ଶବର ଆଡେ ମୁଖ ଫେରାଇ କହିଲା ହେ ଟାବିଥା ଉଠ । ତେଣୁ
ସେ ଚକ୍ଷୁ ଫିଟାଇ ପିତରର ପ୍ରତି ଅନାଇ ଉଠି ବସିଲା । ଏଥିରେ ପିତର ୪୧
ତାହାର ହାତ ଧରି ତୋଳି ସାଧୁଲୋକ ଓ ବିଧବାମାନଙ୍କୁ ଡାକି ସେମାନଙ୍କର
ନିକଟରେ ସଜୀବ ତାହାକୁ ଦେଖାଇ ଦେଲା । ଏଥିଉତ୍ତାରେ ଯାଫୋର ସମୁ ୪୨
ଦାୟ ସୀମାରେ ଏହି କଥା ବ୍ୟାପ୍ତ ହେବାରୁ ଅନେକ୍ ଲୋକ ପ୍ରଭୁରେ
ବିଶ୍ୱାସ କଲେ । ପୁଣି ପିତର ସେ ଯାଫୋ ନଗରୀୟ ଶିମୋନ ନାମରେ ୪୩
ଜଣେ ଚମାରର ଗୃହରେ ବହୁତ ଦିନ ବାସ କଲା ।

## ୧୦ ପର୍ବ ।

ଏଥିଉତ୍ତାରୁ କାଇସରିୟା ନଗରରେ ଇଟାଲିୟ ବୋଲି ଦଳର ଶତ ସେ ୧
ନାପତି କର୍ଣୀଲିୟ ନାମରେ ଜଣେକ ଥିଲା । ସେ ସପରିବାରରେ ଭକ୍ତ ୨
ପୁଣି ଈଶ୍ୱର ପରାୟଣ ଥିଲା ଆଉ ଲୋକମାନଙ୍କୁ ବହୁତ ଦାନାଦି କରି ନିର
ନ୍ତର ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଥାୟେ । ସେଜଣ ଏକ ଦିନ ତୃତୀୟ ପ୍ରହର ୩
ବେଳର ସମୟରେ ଦର୍ଶନ ପାଇଲା ଯେମନ୍ତ ଜଣେକ ଈଶ୍ୱରର ଦୂତ ପ୍ରକଟ
ଋପେ ତାହାର ନିକଟରେ ଆସି କହିଲା ହେ କର୍ଣୀଲିୟ । ପୁଣି ସେ ତାହାକୁ ୪
ଦେଖି ଭୀତ ହୋଇ ଏହି ସମ୍ବୋଧନ କଲା ହେ ପ୍ରଭୁ କି । ସେ ତାହାକୁ କହିଲା ୫
ତୁମ୍ଭର ପ୍ରାର୍ଥନା ଦାନାଦି ସାକ୍ଷିସ୍ୱଋପ ଈଶ୍ୱରର ଗୋଚର ହୋଇଅଛି ।
ଏବେ ଯାଫୋ ନଗରରେ ଲୋକଙ୍କୁ ପଠାଇ ଶିମୋନ ନାମରେ ସମୁଦ୍ର ତୀରସ୍ଥ ୬
ଜଣେ ଚମାରର ଘରେ ପ୍ରବାସକାରି ପିତର ଖ୍ୟାତ ଯେ ଶିମୋନ ତାହାକୁ
ଡକାଅ ଏଥିରେ ତୁମ୍ଭର ଯାହା୍ କର୍ତ୍ତବ୍ୟ ତାହା ସେ ବୋଲିବେ । ଏଋପେ ୭
ଆଦେଶ ଦେଇ ଦୂତ ପ୍ରସ୍ଥାନ କଲାଉତ୍ତାରେ କର୍ଣୀଲିୟ ଦୁଇ ଜଣ ଦାସକୁ
ପୁଣି ଆପଣର ନିତ୍ୟ ସେବକ ସେନାଗଣର ମଧ୍ୟରେ ଜଣେ ଧାର୍ମିକ ସେନାକୁ ୮
ଡାକି ଏହି ସମସ୍ତ ବୃତ୍ତାନ୍ତ ଜଣାଇ ସେମାନଙ୍କୁ ଯାଫୋକୁ ପଠାଇ ଦେଲା ।
ଆର ଦିନରେ ସେମାନେ ଯାତ୍ରା କରି ନଗରର ନିକଟରେ ଉପସ୍ଥିତ ହେଲେ ୯
ପିତର ଦୁଇ ପ୍ରହର ବେଳରେ ପ୍ରାର୍ଥନା କରିବାର ନିମନ୍ତେ ଛାତର ଉପରେ
ଯାଇଥିଲା । ଏମନ୍ତ ସମୟରେ ଅତି କ୍ଷୁଧିତ ହୋଇ ସେ ଖାଇବାକୁ ଇଚ୍ଛିଲା । ୧୦
କେହି ତାହା ପ୍ରସ୍ତୁତ କରନ୍ତେ ସେ ମୂର୍ଚ୍ଛିତ ହୋଇ ପଡିଲା ଆଉ ସେ ସ୍ୱର୍ଗ ୧୧
ପ୍ରକାଶ ପାଇବାକୁ ଓ ଚାରି କୋଣରେ ଦୋଳନ ଖଣ୍ଡେ ବଡ ଚାଦର ପରି
କୌଣସି ପାତ୍ର ସ୍ୱର୍ଗରୁ ପୃଥିବୀରେ ଓହ୍ଲାଇ ଆସିବାର ଦେଖିଲା । ତାହା ୧୨

ମଧ୍ୟରେ ନାନା ପ୍ରକାର ଗ୍ରାମ୍ୟ ବନ୍ୟ ପଶୁ ପୁଣି ଖେଚର ଉରୋଗାମି ଇତ୍ୟାଦ
୧୩ ଜନ୍ତୁ ଥିଲେ । ଆଉ ତାକୁ ଏକ ରବ ଆସି କହିଲା ହେ ପିତର ଉଠ ବଧ କରି
୧୪ ଖାଅ । ଏଥିରେ ପିତର ଉତ୍ତର କଲା ହେ ପ୍ରଭୁ ଏମନ୍ତ ନୁହଇ ଯେହେତୁ
୧୫ ନିଷିଦ୍ଧ କି ଅଶୁଚି ସାମଗ୍ରି କେବେହେ ଆମ୍ଭେ ଖାଇ ନାହୁଁ । ଆଉ ଥରେ ସେ
ଚାପେ ରବ ହେଲା ଈଶ୍ୱର ଯାହା ଶୁଚି କରିଅଛନ୍ତି ତାହା ନିଷିଦ୍ଧ ନ
୧୬ ବୋଲ । ଏହି ପ୍ରକାର ତିନିଥର ହେଲା ଉତ୍ତାରେ ସେ ପାତ୍ର ପୁନର୍ବାର ଆକା
ଶରେ ଅକର୍ଷିତ ହୋଇ ଗଲା ।
୧୭ ଏଥିଉତ୍ତାରୁ ଯେ ଦର୍ଶନ ପାଇ ଥିଲା ତାହାର ଅର୍ଥ କି ଏହି ବିଷୟରେ
ପିତର ମନରେ ଭାବନା କରନ୍ତେ କର୍ଣ୍ଣୀଲିୟର ପ୍ରେରିତ ଲୋକ ଦ୍ୱାରର ପାଖ
୧୮ ରେ ଉପସ୍ଥିତ ହୋଇ ଶିମୋନର ଗୃହର ବିଷୟ ପଚାରି ଡାକି ବୋଇଲେ ।
ପିତର ନାମରେ ବିଖ୍ୟାତ ଯେ ଶିମୋନ ସେ କି ଏଠାରେ ବସା କରନ୍ତି ।
୧୯ ପିତର ଏମନ୍ତ ଦର୍ଶନର ବିଷୟ ମନେ୍ୟ ଭାବନା କରନ୍ତେ ଆତ୍ମ ତାହାକୁ କହିଲେ
୨୦ ଦେଖ ତିନି ଜଣ ତୁମ୍ଭକୁ ଲୋଡୁଅଛନ୍ତି ଉଠ ଓହ୍ଲାଇ ସଂଶୟ ନ କରି
ସେମାନଙ୍କର ସଙ୍ଗରେ ଚାଲି ଯାଅ ଆମ୍ଭେ ସେମାନଙ୍କୁ ପଠାଇ ଅଛୁଁ ।
୨୧ ଏଥିରେ ପିତର ଓହ୍ଲାଇ କର୍ଣ୍ଣୀଲିୟର ପଠାଇବା ଲୋକମାନଙ୍କର କତିରେ
ଆସି କହିଲା ଦେଖ ତୁମ୍ଭେମାନେ ଯାହାକୁ ଲୋଡୁଅଛ ସେହି ଜଣ ଆମ୍ଭେ
୨୨ ତୁମ୍ଭେମାନେ କି ନିମନ୍ତେ ଅଇଲ । ସେମାନେ ଉତ୍ତର କଲେ କର୍ଣ୍ଣୀଲିୟ ନା
ମରେ ଶୁଦ୍ଧସତ୍ତ୍ୱ ଓ ଈଶ୍ୱର ପରାୟଣ ପୁଣି ସିହୁଦା ଦେଶୀୟ ସମସ୍ତ ଲୋକର
ନିକଟରେ ସୁଖ୍ୟାତବନ୍ତ ଏମନ୍ତ ଏକ ଜଣ ଶତ ସେନାପତି ତୁମ୍ଭକୁ ନିଜ
ଗୃହରେ ଡାକି ଆଣିବାକୁ ପୁଣି ତୁମ୍ଭଠାରୁ କଥା ଶୁଣିବାକୁ ପବିତ୍ର ଦୂତ ଦ୍ୱାରା
୨୩ ପ୍ରତ୍ୟାଦେଶ ପାଇଅଛି । ତେଣୁ ପିତର ସେମାନଙ୍କୁ ଭିତରେ ଡାକି ଅତିଥ୍ୟ
ବ୍ୟବହାର କଲା ପୁଣି ଆର ଦିବସରେ ସେମାନଙ୍କର ସଙ୍ଗେ ଯାତ୍ରା କରି
ଯାଫୋ ନିବାସି କେତେକ ଭାଇମାନେ ତାହାର ସଙ୍ଗରେ ଗମନ କଲେ ।
୨୪ ଆର ଦିବସରେ କାଇସରିୟ ନଗରରେ ପ୍ରବେଶିବାର ସମୟରେ କର୍ଣ୍ଣୀ
ଲିୟ ଜ୍ଞାତି ବନ୍ଧୁ ବାନ୍ଧିବମାନଙ୍କର ନିମନ୍ତ୍ରଣ ଦେଇ ଏକତ୍ର କରି ସେମାନଙ୍କର
୨୫ ଅପେକ୍ଷାରେ ଥିଲେ । ଏଥିଉତ୍ତାରେ ପିତର ଗୃହରେ ଉପସ୍ଥିତ ହୁଅନ୍ତେ କର୍ଣ୍ଣୀ
୨୬ ଲିୟ ତାହାର ସଙ୍ଗେ ସାକ୍ଷାତ କରି ଚରଣରେ ପତି ପ୍ରଣାମ କଲା । ମାତ୍ର
୨୭ ପିତର ତାହାକୁ ଉଠାଇ କହିଲା ଠିୟା ହୁଅ ଆମ୍ଭେଇ ମନୁଷ୍ୟ । ପୁଣି କର୍ଣ୍ଣୀ
ଲିୟର ସଙ୍ଗେ ଆଳାପ କରୁଂ ଘରେ ପ୍ରବେଶ ହୋଇ ତାମଧ୍ୟରେ ବହୁତ
ଲୋକର ଆଗମନ ଦେଖି ସେମାନଙ୍କୁ କହିଲା ଅନ୍ୟ ଜାତୀୟ ଲୋକମାନ
ଙ୍କର ସଙ୍ଗେ ଆଳାପ ବ୍ୟବହାର କରିବା କିଅବା ସେମାନଙ୍କର ଗୃହ ମଧ୍ୟରେ

ପ୍ରବେଶ ହେବାର ଯିହୁଦୀୟମାନଙ୍କର ନିଷେଧ ଅଛି ଏହା ତୁମ୍ଭେମାନେ ଜାଣ ୧୮
ପୁଣି କୌଣସି ମନୁଷ୍ୟକୁ ଅବ୍ୟବହାର୍ଯ୍ୟ ଅବା ଅଶୁଚି ଜ୍ଞାନ କରିବା ଆମ୍ଭର
ଉଚିତ ନୁହଇ ଏହା ପରମେଶ୍ୱର ଆମ୍ଭକୁ ଜଣାଇଅଛନ୍ତି । ଏହି ନିମନ୍ତେ ୧୯
ନିମନ୍ତ୍ରଣ ଶୁଣିବା ମାତ୍ର କୌଣସି ଆପତ୍ତି ନ କରି ତୁମ୍ଭମାନଙ୍କର ନିକଟରେ
ଚଳି ଅଇଲୁଁ । ଏଣୁ ପଚାରି ତୁମ୍ଭେମାନେ କି ହେତୁରୁ ଆମ୍ଭକୁ ଡାକି ୨୦
ଅଣାଇ ଅଛ । କର୍ଣୀଲିୟ ବୋଇଲା ଆଜି ଚାରିଦିନ ହେଲା ଏତେବେଳ
ପର୍ଯ୍ୟନ୍ତେ ଅନାହାରେ ଥିଲୁଁ ତହିଁରେ ତୃତୀୟ ପ୍ରହରବେଳ ହେଲା ଗୃହରେ
ପ୍ରାର୍ଥନା କରିବାର ସମୟରେ ତେଜୋମୟ ବସ୍ତ୍ର ପରିହିତ ଏକ ଜଣ ଆମ୍ଭର
ସାକ୍ଷାତରେ ଠିୟା ହୋଇ ଏହି କଥା କହିଲା । ହେ କର୍ଣୀଲିୟ ତୁମ୍ଭର ପ୍ରା ୨୧
ର୍ଥନା ଈଶ୍ୱରର କର୍ଣଗୋଚର ପୁଣି ତୁମ୍ଭର ଦାନାଦି ସାକ୍ଷିସ୍ୱରୂପ ତାହାଙ୍କର
ଦୃଷ୍ଟି ଗୋଚର ହୋଇ ଅଛି । ଏନିମନ୍ତେ ଯାଫୋ ନଗରରେ ଲୋକମାନଙ୍କୁ ୨୨
ପଠାଇ ସେଠାରେ ସମୁଦ୍ର ତୀରରେ ଶିମୋନ ନାମରେ ଏକ ଚମାରର ଘରେ
ପ୍ରବାସକାରୀ ପିତର ନାମରେ ବିଖ୍ୟାତ ଯେ ଶିମୋନ ତାହାକୁ ଏଠାରେ
ଅଣାଅ ସେ ଆସନ୍ତେ ତୁମ୍ଭକୁ ଉପଦେଶ ଦେବେ । ଏହି ନିମନ୍ତେ ତତ୍ରକ୍ଷ ୨୩
ଣାତ୍ର ତୁମ୍ଭର ନିକଟରେ ଲୋକ ପଠାଇ ଦେଲୁଁ । ତୁମ୍ଭେ ଯେ ଆସିଅଛ
ଏହା ଉତ୍ତମ କରିଅଛ । ଈଶ୍ୱର ଯେ ସମସ୍ତ ପ୍ରସଙ୍ଗ କରିବାକୁ ଆଜ୍ଞା ଦେଇ
ଅଛନ୍ତି ତାହା ଶୁଣିବାକୁ ଆମ୍ଭେମାନେ ସମସ୍ତେ ଏବେ ଈଶ୍ୱରର ଛାମୁରେ
ଉପସ୍ଥିତ ଅଛୁଁ ।

ତେଣୁ ପିତର ମୁଖ ଫିଟାଇ କହିଲା ଈଶ୍ୱର ମନୁଷ୍ୟମାନଙ୍କର ମୁଖା ୨୪
ପେକ୍ଷା ନ କରି ଯେ କୌଣସି ଦେଶରେ ଯେଉଂ ଲୋକ ତାହାକୁଂ ଭୟକରି ୨୫
ଧର୍ମାଚରଣ କରନ୍ତି ସେ ଜଣ ତାହାଙ୍କଠାରେ ଗ୍ରାହ୍ୟ ହୁଅଇ ଏହାର ନିଶ୍ଚୟ
ଜାଣିବାକୁ ପାଇଲୁଁ । ସମସ୍ତଙ୍କର ପ୍ରଭୁ ଯେ ଯୀଶୁଖ୍ରୀଷ୍ଟ ତାହାଙ୍କ ଦ୍ୱାରା ଈଶ୍ୱର ୨୬
ଇଶ୍ରାୟେଲ ବଂଶମାନଙ୍କର ନିକଟରେ ଯେଉଂ ବାକ୍ୟ ପଠାଇ ସମ୍ମିଳଣର
ସମ୍ବାଦ ପ୍ରଚାର କଲେ ସେହି ବାକ୍ୟ ତୁମ୍ଭେମାନେ ଶୁଣି ଥିବ । ଯେହେତୁ ୨୭
ଯୋହନର ଉଦ୍ଧାନ ପ୍ରଚାର ହେଲା ଉତ୍ତାରେ ତାହା ଗାଲିଲୀ ଦେଶଠାରୁ ସମୁ
ଦାୟ ଯିହୁଦା ଦେଶରେ ବ୍ୟାପିଲା । ଅର୍ଥ ନାଜରିତୀୟ ଯୀଶୁ ଈଶ୍ୱରଠାରୁ ଧର୍ମ ୨୮
ଆତ୍ମରେ ଓ ପରାକ୍ରମରେ ଅଭିଷେକ ହୁଅନ୍ତେ ସ୍ଥାନେ ୨ ଭ୍ରମଣ କରି ସୁକ୍ରିୟା
କଲେ ଆଉ ଶୟତାନରୁ କ୍ଲିଷ୍ଟ ଯେତେ ତେତେ ଲୋକଙ୍କୁ ସୁସ୍ଥ କଲେ ଯେହେତୁ ୨୯
ଈଶ୍ୱର ତାହାଙ୍କର ସହାୟ ଥିଲେ । ପୁଣି ଯିହୁଦୀୟମାନଙ୍କର ଦେଶରେ ଓ ୪୦
ଯିରୁଶାଲମରେ ଯୋ କର୍ମ କରିଥିଲେ ସେ ସମସ୍ତର ସାକ୍ଷୀ ଆମ୍ଭେମାନେ ଅଛୁଁ ।
ଆଉ ଲୋକମାନେ ତାହାଙ୍କୁ କୁଶରେ ଚଢାଇ ବଧ କଲେ ପୁଣି ତୃତୀୟ ଦିବ ୪୧

ସରେ ପରମେଶ୍ୱର ତାହାଙ୍କୁ ଉତ୍ଥାନ କରାଇ ପ୍ରକାଶରୂପରେ ତାହାକୁଂ
ଦେଖାଇଲେ । ସମସ୍ତ ଲୋକର ନିକଟରେ ଏମନ୍ତ ନୋହେ ପୁଣି ସେ ମୃତ୍ୟୁ
ଠାରୁ ଉତ୍ଥାନ କଲା ଉତ୍ତାରେ ତାହାଙ୍କର ସଙ୍ଗେ ଭୋଜନ ପାନ କଲୁଁ ଏମନ୍ତ
ଈଶ୍ୱରର ପୂର୍ବ ନିଯୋଜିତ ସାକ୍ଷୀ ଯେ ଆମ୍ଭେମାନେ ଆମ୍ଭମାନଙ୍କର ନିକ
୪୧ ଟରେ ପ୍ରକାଶ କଲେ । ଆଉ ଜୀବିତ ଓ ମୃତ ଦୁହିଙ୍କର ବିଚାର କରିବାକୁ
ଈଶ୍ୱର ଯାହାକୁଂ ନିଯୁକ୍ତ କରିଅଛନ୍ତି ସେ ସେହି ଜଣ ଏହି କଥା ଲୋକଙ୍କ
ଠାରେ ପ୍ରଚାର କରିବାକୁ ପୁଣି ସେ ବିଷୟରେ ପ୍ରମାଣ ଦେବାକୁ ଆମ୍ଭମାନଙ୍କୁଂ
୪୩ ସେ ଆଜ୍ଞା ଦେଲେ । ଆଉ ଯେ ଜଣ ତାହାଙ୍କଠାରେ ବିଶ୍ୱାସ କରଇ
ତାହାଙ୍କର ନାମ ଦ୍ୱାରା ସେ ପାପ ମୋଚନ ପାଇବ ତାହାଙ୍କର ବିଷୟରେ
ସମସ୍ତ ଭବିଷ୍ୟତ୍ରବକ୍ତା ଏମନ୍ତ ସାକ୍ଷ୍ୟ ଦେଇଅଛନ୍ତି ।
୪୪ ପିତରର ଏହି କଥା କହିବା କାଳରେ ସମସ୍ତ ଶ୍ରୋତାମାନଙ୍କର ଉପରରେ
୪୫ ଧର୍ମଆତ୍ମ ଓହ୍ଲାଇଲେ । ତହିଂରେ ପିତରର ସଙ୍ଗେ ଆସନ୍ତା ସୁନ୍ନତି ବିଶ୍ୱାସ
କାରୀ ସମସ୍ତେ ଅନ୍ୟ ଦେଶୀୟମାନଙ୍କୁ ଧର୍ମଆତ୍ମରୂପ ଦାନ ବିତରଣ ହେବାରୁଂ
୪୬ ପୁଣି ସେମାନେ ନାନା ଜାତୀୟ ଭାଷାରେ କଥା କହି ଈଶ୍ୱରର ପ୍ରଶଂସା କରୁ
୪୭ ଛନ୍ତି ଏହି ସେମାନେ ଶୁଣିବାରୁଂ ବିସ୍ମୟାପନ୍ନ ହେଲେ । ଏଥିରେ ପିତର ବୋ
ଇଲା ଆମ୍ଭମାନଙ୍କର ନ୍ୟାୟ ଯେଉଂମାନେ ଧର୍ମଆତ୍ମ ପାଇଅଛନ୍ତି ସେମାନଙ୍କୁ
ଡୁବିତ ହେବାର ପାଁଇ କି କେହି ଜଳ ନିଷେଧ କରିବାକୁ ପାରଇ । ଏଣୁ ସେ
୪୮ ସେମାନଙ୍କୁ ପ୍ରଭୁର ନାମରେ ଡୁବିତ ହେବାକୁ ଆଜ୍ଞା ଦେଲା । ଅନନ୍ତରେ
ସେମାନେ ଆପଣାମାନଙ୍କର ସଙ୍ଗେ କିଛି ଦିନ ରହିବାକୁ ତାହାକୁ ନିତାନ୍ତ
ପ୍ରାର୍ଥନା କଲେ ।

## ୧୧ ପର୍ବ ।

୧ ଅନ୍ୟ ଦେଶୀୟ ଲୋକମାନେ ଈଶ୍ୱରର ବାକ୍ୟ ଗ୍ରହଣ କରିଅଛନ୍ତି ଏହି
ସମାଚାର ଯିହୁଦୀୟ ଦେଶସ୍ଥ ପ୍ରେରିତମାନେ ପୁଣି ଭାଇମାନେ ଶୁଣିବାକୁ ପା
୨ ଇଲେ । ଏଣୁ ପିତର ଯିରୁଶାଲମରେ ଆସନ୍ତେ ସୁନ୍ନତି ଲୋକମାନେ ତାହାର
ସହିତ ବିବାଦ କରି କହିଲେ ତୁମ୍ଭେ ଅସୁନ୍ନତ ଲୋକମାନଙ୍କର ଗୃହରେ
୩ ଯାଇ ସେମାନଙ୍କର ସଙ୍ଗେ ଏକତ୍ର ଭୋଜନ ପାନ କରିଅଛ । ଏଥିରେ ପିତର
୪ କ୍ରମଶେ ୨ ସେ ବିଷୟର ଆଦ୍ୟୋପ୍ରାନ୍ତ ବୃତ୍ତାନ୍ତ ବୁଝାଇ କହିଲା ଯାଫୋ
୫ ନଗରରେ ଏକ ଦିନ ପ୍ରାର୍ଥନା କରୁଂ ୧ ଅକସ୍ମାତ୍ ମୂର୍ଚ୍ଛିତ ହୋଇ ଏକ ଦର୍ଶନ
ରେ ଚାରିକୋଣରେ ଦୋଳଣ ବଡ ବଡ ଚାଦର ନ୍ୟାୟ ଗୋଟାୟେ ପାତ୍ର ଆକା
୬ ଶରୁ ଓହ୍ଲାଇ ଆମ୍ଭର ନିକଟରେ ଆସିବାକୁ ଦେଖିଲୁଁ । ପୁଣି ତାହାର ପ୍ରତି

ଏକ ଦୃଷ୍ଟି ରଖି ବବେଚନା କର ତାହା ମଧ୍ୟରେ ନାନାପ୍ରକାର ଗାଉଲିଆ ଓ
ବଣୁଆ ପଶୁ ପ୍ରଣି ଉରେଗାମୀ ଓ ଖେଚର ପ୍ରାଣି ସମସ୍ତ ଦେଖିବାକୁ ପାଇଲୁଁ
ପୁଣି ହେ ପିତର ଉଠି ବଧ କର ଖାଅ ଆମ୍ଭକୁ ସମ୍ବୋଧନ କର କହିବାକୁ ୭
ଏମନ୍ତ ଗୋଟାଏ ରବ ଶୁଣିଲୁଁ । ଉହାଁରେ ଆମ୍ଭେ ଉତ୍ତର କଲୁଁ ହେ ପ୍ରଭୁ ୮
ଏରୂପ ନୁହଇ ଯେହେତୁ କୌଣସି ନଷିଦ୍ଧ କ ଅଶୁଚି ସାମଗ୍ରୀ କେବେ
ଆମ୍ଭର ମୁଖରେ ପ୍ରବେଶ ନ ହେଲା । ଏଥିରେ ଈଶ୍ୱର ଯାହା ଶୁଚି କରିଅ ୯
ଛନ୍ତି ତାହା ନଷିଦ୍ଧ ନ ବୋଲ ଦ୍ୱିତୀୟ ଥର ଆମ୍ଭର ପ୍ରତ ଏମନ୍ତ ଆକାଶବାଣୀ
ହେଲା । ଉନଥର ଏହିରୂପ ହେଲା ସେ ସମସ୍ତ ପୁନବାର ଆକାଶରେ ଅନ୍ତ ୧୦
ର୍ଦ୍ଧିତ ହୋଇ ଗଲା । ପୁଣି ସେ ସମୟରେ କାଇସରୟା ନଗରରୁ ତନ ଜଣ ୧୧
ଆମ୍ଭର ନକଟରେ ପ୍ରେରିତ ହୋଇ ଯେଉଁ ଗୃହରେ ଆମ୍ଭେ ଥିଲୁଁ ସେହି ସ୍ଥାନେ
ଉପସ୍ଥିତ ହେଲେ । ଉହାଁରେ ସଂଶୟ ନ କର ସେମାନଙ୍କର ସଙ୍ଗେ ଯିବାକୁ ୧୨
ଆତ୍ମା ଆମ୍ଭକୁ ଆଜ୍ଞା ଦେଲେ । ଅଉ ଆମ୍ଭର ସଙ୍ଗେ ଏହି ଛଅ ଜଣ ଭାଇ
ଗମନ କରନ୍ତେ ଆମ୍ଭେମାନେ ସେହି ମନୁଷ୍ୟର ଗୃହରେ ପ୍ରବେଶ ହେଲୁଁ ।
ସେ ଜଣ ଆମ୍ଭମାନଙ୍କର ନକଟରେ ଏହି ନବେଦନ କଲା ଜଣେ ଦୂତ ପ୍ରତ୍ୟକ୍ଷ ୧୩
ହୋଇ ଆମ୍ଭର ଗୃହ ମଧ୍ୟରେ ଠିଆ ହୋଇ ଆମ୍ଭକୁ ଆଜ୍ଞା ଦେଲା ଯାପ୍ପା
ନଗରରେ ଲୋକମାନଙ୍କୁ ପଠାଇ ପିତର ନାମରେ ବଖ୍ୟାତ ଶିମୋନକୁ ଡକାଇ
ଅଣାଅ ପୁଣି ତୁମ୍ଭର ଓ ତୁମ୍ଭର ପରିବାରର ପରିତ୍ରାଣ ଯେମନ୍ତ ହୁଅଇ ଏମନ୍ତ ୧୪
ଉପଦେଶ ସେ ଦେବ । ଏଣୁ ଆମ୍ଭେ କଥା କହିବାକୁ ଆରମ୍ଭ କଲେ ଆମ୍ଭ ୧୫
ମାନଙ୍କର ଉପରେ ପ୍ରଥମରେ ଯେମନ୍ତ ସେମାନଙ୍କର ଉପରେ ତେମନ୍ତ
ପବିତ୍ରାତ୍ମା ଓହ୍ଲାଇଲେ । ଏଥିରେ ଯୋହନ ଜଳରେ ଡୁବ ଦେଲା ପ୍ରମାଣ ୧୬
ପୁଣି ତୁମ୍ଭେମାନେ ପବିତ୍ରାତ୍ମାରେ ଡୁବିବ ହେବ ଏହି ଯେ କଥା ପ୍ରଭୁ କହି
ଥିଲେ ତାହା ତେତେବେଳେ ଆମ୍ଭର ସ୍ମରଣ ହେଲା । ଏନମନ୍ତେ ପ୍ରଭୁ ଯୀଶୁ ୧୭
ଖ୍ରୀଷ୍ଟଙ୍କରେ ପ୍ରତ୍ୟୟକାରୀ ଯେ ଆମ୍ଭେମାନେ ଆମ୍ଭମାନଙ୍କୁ ଈଶ୍ୱର ଯେ ଦାନ
କରିଅଛନ୍ତି ତାହା ସେହି ଲୋକମାନଙ୍କୁ ଦେଲେହେଁ ଆମ୍ଭେ କେ ଆମ୍ଭେ
କ ଈଶ୍ୱରଙ୍କୁ ନବାରଣ କର ପାର । ଏମନ୍ତ କଥା ଶୁଣି ସେମାନେ ନରସ୍ତ ୧୮
ହୋଇ ଈଶ୍ୱରର ଗୁଣାନୁବାଦ କର କହିଲେ ତେବେ ପରମାତ୍ମ ପ୍ରାପ୍ତିର
ନମନ୍ତେ ଈଶ୍ୱର ଅନ୍ୟ ଦେଶୀୟମାନଙ୍କୁ ମନଫେରଣ ଦାନ କରିଅଛନ୍ତି ।

ଅଉ ସ୍ତିଫାନର ବଷୟରେ ଯେଉଁ ନଗ୍ରହ ଉଠିଲା ତାହା ଲଗି ଯେଉଁ ୧୯
ମାନେ ଛିନ୍ନଭିନ୍ନ ହୋଇ ପଡିଲେ ସେମାନେ ଫୈନିକୟାରେ ଓ କ୍ରୁତରେ ଓ
ଅନ୍ତିୟୋଖରେ ଭ୍ରମଣ କର କେବଳ ଯିହୁଦୀ ବନା ଅନ୍ୟ କାହାର ନକଟରେ
ଈଶ୍ୱରର କଥା ଘୋଷଣା ନ କଲେ । ପୁଣି ସେମାନଙ୍କର ଯୋକାୟେ ଜଣ ୨୦

କୁପ୍ର ଓ କୁରୀନୀ ଲୋକ ଅଣ୍ଟିୟୋଖ ନଗରରେ ଅସି ଅନ୍ୟ ଦେଶୀୟମାନ
୧୨ ଙ୍କଠାରେ କଥା କହି ପ୍ରଭୁ ଯୀଶୁର ପ୍ରସଙ୍ଗ ପ୍ରଚାର କଲେ । ଏଥିରେ ପ୍ରଭୁର
ହସ୍ତ ସେମାନଙ୍କର ସହାୟ ହେବାରୁ ଅନେକ୍ୟ ଲୋକ ବିଶ୍ୱାସ କରି ପ୍ରଭୁର
୧୩ ପ୍ରତି ଫେରିଲେ । ଏହି ସମାଚାର ଯିରୁଶାଲମସ୍ଥ ମଣ୍ଡଳିର ଲୋକମାନଙ୍କର
କର୍ଣ୍ଣଗୋଚର ହୁଅନ୍ତେ ସେମାନେ ଅଣ୍ଟିୟୋଖକୁ ଯିବା ପାଁଇ ବର୍ଣ୍ଣବାକୁ
୧୫ ବିଦାୟ କଲେ । ତହିଁରେ ବର୍ଣ୍ଣବା ସେଠାରେ ଉପସ୍ଥିତ ହୋଇ ଈଶ୍ୱରର
୧୪ ଅନୁଗ୍ରହର ଫଳ ଦେଖି ଅତ୍ୟାଦିତ ହେଲା । ସେ ନିଜରେ ସତ୍ୟଲାକ ପୁଣି
ବିଶ୍ୱାସରେ ଓ ଧର୍ମଆତ୍ମରେ ପରିପୂର୍ଣ୍ଣ ହୋଇ ମନର ନିଷ୍ଠାରେ ପ୍ରଭୁରେ ଅସକ୍ତ
ଥିବାକୁ ସମସ୍ତଙ୍କୁ ଉପଦେଶ ଦେଲା । ତହିଁରେ ପ୍ରଭୁର ଅହୁରି ଅନେକ
ଶିଷ୍ୟ ହୋଇଲେ ।

୧୫ ଅନନ୍ତରେ ଶାଉଲ ଖୋଜିବାର ପାଁଇ ବର୍ଣ୍ଣବା ଟାର୍ଷ ନଗରକୁ ଯାଇ
୧୬ ତାହାର ଉଦ୍ଦେଶ ପାଇଲାଉତ୍ତାରେ ତାହାକୁ ଅଣ୍ଟିୟୋଖକୁ ଅଣିଲା । ଏମନ୍ତ
ମଣ୍ଡଳୀର ଲୋକମାନଙ୍କର ସଙ୍ଗେ ସଭାସ୍ଥ ହୋଇ ସେମାନେ ଏକ ବରଷ
ପର୍ଯ୍ୟନ୍ତେ ଅନେକ ଲୋକକୁ ଉପଦେଶ ଦେଲେ । ପୁଣି ଅଣ୍ଟିୟୋଖ ନଗର
ରେ ଶିଷ୍ୟମାନେ ପ୍ରଥମରେ ଖ୍ରୀଷ୍ଟିୟାନ ନାମରେ ବିଖ୍ୟାତ ହେଲେ ।

୧୭ ସେ ସମୟରେ ଯିରୁଶାଲମରୁ ଥୋକାୟେ ଭବିଷ୍ୟତ୍ରବକ୍ତାଗଣ ଅଣ୍ଟି
୧୮ ୟୋଖରେ ଆଗମନ କରନ୍ତେ ଆଗାବ ନାମରେ ସେମାନଙ୍କର ଏକ ଜଣ ଉଠି
ଆତ୍ମର ଶିକ୍ଷାରେ ସମୁଦାୟ ଦେଶରେ ମହା ଦୁର୍ଭିକ୍ଷ୍ୟ ହେବ ଏହା ଜଣାଇଲା ।
୧୯ ପୁଣି କ୍ଲୌଦିୟା କାଇସର ଅଧିକାର ସମୟରେ ତାହା ପ୍ରତ୍ୟକ୍ଷ ହେଲା । ତହିଁ
ରେ ଶିଷ୍ୟମାନେ ପ୍ରତି ଜଣ ଅପଣାୟ ସାଧ୍ୟାନୁସାରେ ଯିହୁଦା ଦେଶ ନିବାସି
ଭ୍ରାତୃଗଣର ଦିନ ପାତର ନିମନ୍ତେ ଅର୍ଥ ପଠାଇବାକୁ ସ୍ଥିର କରି ବର୍ଣ୍ଣବା ଓ
ଶାଉଲର ହସ୍ତରେ ପ୍ରାଚୀନ ଲୋକମାନଙ୍କ ନିକଟରେ ପଠାଇ ଦେଲେ ।

## ୧୨ ପର୍ବ ।

୧ ସେକାଳରେ ହେରୋଦ ରାଜା ମଣ୍ଡଳୀ ଥୋକାୟେ ଜଣକୁ ଦୁଃଖ ଦେ
୨ ବାର ପାଁଇ ହାତ ଉଠାଇଲା । ସେ ଯୋହନର ସହୋଦର ଯାକୁବକୁ ଖଡ୍
୩ ଗରେ କରି ବଧ କଲା । ଏଥିରେ ଯିହୁଦୀୟମାନେ ସନ୍ତୁଷ୍ଟ ହେଲେ ଏହା ଦେଖି
୪ ସେ ପିତରକୁଇ ଧରିବାକୁ ଅହୁରି ଉଦ୍ୟମ କଲା । ସେ କାଳରେ ତାଡୀଶୂନ୍ୟ
ରୋଟୀର ପର୍ବ ଦିନ ଉପସ୍ଥିତ ହେଲା ଏଣୁ ପର୍ବର ଉତ୍ତାରେ ଲୋକମାନଙ୍କର
ସାକ୍ଷାତରେ ତାହାକୁ ବାହାର କରି ଅଣିବାକୁ ମନସ୍ଥକରି ସେ ତାହାକୁ ଧରାଇ
ରକ୍ଷାର୍ଥରେ ଚାରି ଗଣ୍ଡା ଜଣ ପ୍ରହରିର କଛିରେ ସମର୍ପଣ କରି କାରାଗାରରେ

ରଖିଲା । ପୁଣି ପିଇର କାରାଗାରସ୍ଥ ଦ୍ୱାର ଠାହାର ନମନ୍ତେ ମଣ୍ଡଳୀର ୫
ଲୋକେ ଅବଶ୍ରାମରେ ଈଶ୍ୱରର ନକଟରେ ପ୍ରାର୍ଥନା କଲେ ।

ଏଥଉତ୍ତାରେ ହେରୋଦ ଠାହାକୁ ବାହାରେ ଅଣାଇବାକୁ ଉଦ୍ୟତ ୬
ହୁଅନ୍ତେ ସେହି ରାତ୍ରିରେ ପିଇର ଦୁଇ ଜଣ ସୈନ୍ୟର ମଧ୍ୟସ୍ଥାନରେ ଦୁଇ
ଜଞ୍ଜିରରେ ବନ୍ଦ ହୋଇ ନଦ୍ରିତ ଥିଲା ଅଉ ପ୍ରହରଗଣ କାରାଗାରର ଅଗରେ
ଥାଇ ଦ୍ୱାର ରକ୍ଷା କଲେ । ଏମନ୍ତ ସମୟରେ ପରମେଶ୍ୱରଙ୍କ ଦୂତ ଉପସ୍ଥିତ ୭
ହୁଅନ୍ତେ କାରାଗାର ଦୀପ୍ତିମୟ ହେଲା ସେହି ଦୂତ ପିଇରର ପାର୍ଶ୍ୱରେ ଅଘାତ
କରି ଠାହାକୁ ଜଗାଇ କହିଲା ଶୀଘ୍ର ଉଠ ଏଥିରେ ଠାହାର ହସ୍ତରୁ ଜଞ୍ଜିର
ଖସି ପଡିଲା । ଦୂତ ପୁଣି ଠାହାକୁ କହିଲା ଅଣ୍ଟା ବାନ୍ଧ ଓ ପାଦରେ ପାବୁକା ୮
ଦଅ । ଠାହା କଲାଉତ୍ତାରେ ଦୂତ ଠାହାକୁ କହିଲା ଅପଣା ନୁଗା ଦେହରେ
ଗୁଡାଇ ମୋର ପଛେ ଆସ । ଇହାଁରେ ପିଇର ଠାହାର ପଛେ ଗଲା ବା ୯
ହାରେ ଅଇଲା ପୁଣି ଦୂତ ଯାହା କଲା ଠାକୁ ସତ୍ୟ ନ ଜାଣି ମାନ ସ୍ୱପ୍ନ
ଦର୍ଶନ ପାଇଲୁଁ ବୋହା ସେ ବୋଧ କଲା । ଏହି ମଝେ ପ୍ରଥମ ଦ୍ୱିତୀୟ ପହରା ୧୦
ସ୍ଥାନ ଶ୍ଚତ ଯେଉଁ ଲୌହା ଦ୍ୱାର ଦେଇ ନଗରରେ ଯିବାକୁ ହୁଅଇ ଠାହାର
କଉରେ ଆସନ୍ତେ ସେ ଅପଣା ଇଚ୍ଛାରେ ଫିଟି ଗଲା । ପୁଣି ସେମାନେ ସେଠାରୁ
ବାହାର ହୋଇ ଏକ ପଥ ସରକ ଗମନ କଲାଉତ୍ତାରେ ଅକସ୍ମାତ୍ ସେ ଦୂତ
ପିଇରକୁ ଶ୍ଚଡଲା । ଇହଁର ଚେଇନା ପାଅନ୍ତେ ସେ କହିଲା ପରମେଶ୍ୱର ୧୧
ନଜଦୂତକୁ ପଠାଇ ହେରୋଦର ଚେଷ୍ଟା ପୁଣି ଯିହୁଦୀୟ ଲୋକମାନଙ୍କର ସମସ୍ତ
ଅଶା ବୃଥା କରି ଆମ୍ଭକୁ ଉଦ୍ଧାର କଲେ ବୋହା ନଶ୍ଚୟ ଜାଣି ।

ପୁଣି ବେଚେନା କଲାଉତ୍ତାରେ ଯେ ସ୍ଥାନରେ ଅନେକେ ଏକଙ୍ଗ ହୋଇ ୧୨
ପ୍ରାର୍ଥନା କରି ଅଛନ୍ତି ଅର୍ଥାତ୍ ମାର୍କ ନାମରେ ବଖ୍ୟାତ ଯେ ଯୋହନ ତା ୧୩
ହାର ମାତା ମରୟମର ଗୃହରେ ଗଲ ଗଲା । ପିଇର ବଡ ଦ୍ୱାରରେ ଅଘାତ ୧୪
କଲେ ରୋଦା ନାମରେ ଏକ ବାଲିକା ଦେଖିବାକୁ ଗଲା । ଇହଁରେ ପିତ
ରର ସ୍ୱର ଶୁଣି ସେ ହର୍ଷଯୁକ୍ତ ହୋଇ ଦ୍ୱାର ନ ଫିଟାଇ ପିଇର ଦ୍ୱାରରେ
ଛିଡା ହେଉଅଛ ଏହ ସଂବାଦ ଦେବାକୁ ଭିତରକୁ ଦୌଡ ଗଲା । ପୁଣି ୧୫
ସେମାନେ କହିଲେ ତୁମ୍ଭେ ଉନ୍ମତ୍ତ ହେଉଅଛ । ତଥାପି ସେ ନଣ୍ଟେଁ ବୋ
ଇଲା ଏମନ୍ତ ହୋଇଅଛ ପ୍ରମାଣ । ତେଣୁ ସେମାନେ କହିଲେ ତେବେ ତା ୧୭
ହାର ଦୂତ ହେବ । ପୁଣି ପିଇର ଦ୍ୱାରରେ ଅଘାତ କରିଥିଲା ଏଥିମଧ୍ୟରେ
ସେମାନେ ଦ୍ୱାର ଫିଟାଇ ପିଇରକୁ ଦେଖି ବିସ୍ମୟାପନ୍ନ ହେଲେ । ଇହଁରେ
ପିଇର ସେମାନଙ୍କୁ ନରବ ହୋଇ ଥିବାକୁ ହସ୍ତ ଠାର କରି ପରମେ ୧୭
ଶ୍ୱର ଯେ ପ୍ରକାର ଉଦ୍ଧାର କରି ଆଣିଅଛନ୍ତି ତାହାର ବୃତ୍ତାନ୍ତ ଜଣାଇଲା ।

ପୁଣି ଯାକୁବକୁ ଓ ଭ୍ରାତୃଗଣକୁ ଏହି ସମାଚାର ଦେବାକୁ କହି ସେ ସ୍ଥାନା
୧୮ ନ୍ତରରେ ପ୍ରସ୍ଥାନ କଲା । ରାତ୍ରି ପାହିଲା ଉତ୍ତାରେ ପିତରର କି ହେଲା ଏହାର
୧୯ ବିଷୟରେ ପ୍ରହରିଗଣର ମଧ୍ୟରେ ବଡ କଳହ ହେଲା । ପୁଣି ଖୋଜିଲା
ଉତ୍ତାରେ ହେରୋଦ ତାହାର ଉଦ୍ଦେଶ ନ ପାଇବାରୁଂ ସେ ରକ୍ଷକମାନଙ୍କୁ ଦୃଢ
ପଚାରି ସେମାନଙ୍କୁ ପ୍ରାଣଦଣ୍ଡ କରିବାକୁ ଆଜ୍ଞା ଦେଲା । ପୁଣି ସେ ଯିହୁଦା
ଦେଶରୁ କାଇସରିୟା ନଗରକୁ ଯାଇ ସେଠାରେ ନିବାସ କଲେ ।
୨୦ ଏଥିଉତ୍ତାରୁ ସୋର ଓ ସୀଦୋନ ଦେଶୀୟ ଲୋକମାନଙ୍କର ପ୍ରତି ହେ
ରୋଦ ଅତିକ୍ରୁଦ୍ଧ ହୋଇ ଥିଲା ପୁଣି ସେମାନେ ଏକ ବିଚାରରେ ତାହାର
ଶ୍ଚମୁରେ ଉପସ୍ଥିତ ହୋଇ ବ୍ଲାଷ୍ଟ ନାମରେ ତାହାର ଗନ୍ତାଘରିଅକୁ ସହାୟ
କରି ହେରୋଦର ସଙ୍ଗେ ସନ୍ଧି ପ୍ରାର୍ଥନା କଲେ ଯେହେତୁ ରାଜାର ଦେଶଠାରୁ
୨୧ ସେମାନଙ୍କର ଦେଶର ପ୍ରତି ପୋଷଣ ହୁଅନ୍ତା । ଏନିମନ୍ତେ ଏକ ନିରୂପିତ
ଦିବସରେ ହେରୋଦ ରାଜବସ୍ତ୍ରରେ ବିଭୂଷିତ ହୋଇ ସିଂହାସନରେ ବସି ସେମା
୨୨ ନଙ୍କର ପ୍ରତି କଥା ପ୍ରସ୍ତାବ କଲେ । ଏଥିରେ ଲୋକମାନେ ଉଚ୍ଚୈଃସ୍ୱରରେ
ଉତ୍ତର କଲେ ଏମନୁଷ୍ୟର ରବ ନୋହେ ଦେବତାର ଅଟଇ । ପୁଣି ହେରୋଦ
ଈଶ୍ୱରର ସନ୍ମାନ ନ କଲା ଏହି ନିମନ୍ତେ ପରମେଶ୍ୱରର ଦୂତ ତତ୍କ୍ଷଣେ
ତାହାକୁ ପ୍ରହାର କଲେ ତହିଁରେ ସେ କୀଟରୁ କ୍ଷୟ ପ୍ରାପ୍ତ ହୋଇ ପ୍ରାଣ
୨୩ ତ୍ୟାଗ କଲା । ପୁଣି ଈଶ୍ୱରର କଥା ବଢି ବାହୁଲ୍ୟ ହେଲା । ତହୁଁ ବର୍ଣବା ଓ
୨୪ ଶାଉଲ ଯେ କର୍ମର ଭାର ପାଇଥିଲେ ତାହା ପରିପୂର୍ଣ କଲାଉତ୍ତାରେ ମାର୍କ
୨୫ ନାମରେ ବିଖ୍ୟାତ ଯେ ଯୋହନ ତାହାକୁ ସଙ୍ଗରେ ନେଇ ଯିରୁଶାଲମ
ନଗରରୁ ଅଣ୍ଟିୟୋଖରେ ବାହୁଡିଲେ ।

## ୧୩ ପର୍ବ ।

୧ ଏଥିଉତ୍ତାରୁ ବର୍ଣବା ଓ ଶିମୋନ ଅର୍ଥାତ୍ ଯାହାକୁ ନୀଗର କରି ବୋଲଇ
କୁରିନୀର ଲୁକିୟା ଓ ହେରୋଦ ରାଜାର ପୋଷ୍ୟଭାଇ ଯେ ମିନହେମ ଓ
ଶାଉଲ ଇତ୍ୟାଦି କେତେକ ଜଣ ଭବିଷ୍ୟତ୍‌ବକ୍ତା ଅଥଚ ଉପଦେଶକ ଅଣ୍ଟି
୨ ୟୋଖ ନଗରସ୍ଥ ମଣ୍ଡଳୀରେ ଥିଲେ । ପୁଣି ଯେ ସମୟରେ ଉପବାସ କରି
ଈଶ୍ୱରର ସେବା କରୁଥିଲେ ଏମନ୍ତ ସମୟରେ ଧର୍ମଆତ୍ମ କହିଲେ ଯେଉଂ
କର୍ମରେ ଆମ୍ଭେ ବର୍ଣବା ଓ ଶାଉଲକୁ ନିଯୁକ୍ତ କରିଅଛୁଁ ସେ କର୍ମ କରିବାକୁ
୩ ସେମାନଙ୍କୁ ପୃଥକ୍ କର । ତହିଁରେ ସେମାନେ ଉପବାସ ଓ ପ୍ରାର୍ଥନା କଲା
ଉତ୍ତାରେ ସେମାନଙ୍କ ଉପରେ ହସ୍ତାର୍ପଣ କରି ସେମାନଙ୍କୁ ବିଦାୟ କଲେ ।
୪ ଏମନ୍ତ ସେମାନେ ଧର୍ମଆତ୍ମଠାରୁ ପ୍ରେରିତ ହୋଇ ସିଲୁକିୟା ଦେଶରେ

ଗଲେ ପୁଣି ସେଠାରୁ ଜାହାଜରେ ଚଢି କୁଘ୍ର ଉପଦ୍ୱୀପକୁ ଗମନ କଲେ । ଏଥି ୫
ଉତ୍ତାରୁ ଶାଲାମି ନଗରରେ ଉପସ୍ଥିତ ହୋଇ ସେ ସ୍ଥାନରେ ଯିହୁଦୀୟମାନ
ଙ୍କର ଭଜନାଳୟରେ ଯାଇ ଈଶ୍ୱରର କଥା ଘୋଷଣା କଲେ ପୁଣି ଯୋହ
ନଇ ସେମାନଙ୍କର ସହଚର ହେଲା । ଏହିରୂପରେ ସେମାନେ ସେ ଉପଦ୍ୱୀପର ୬
ସର୍ବତ୍ର ଭ୍ରମଣ କରୁ୍ୟ ପାଫ ନଗର ପର୍ଯ୍ୟନ୍ତେ ଉପସ୍ଥିତ ହୋଇ ସୁବିବେଚକ
ସିର୍ଜିୟ ପାଉଲ ନାମରେ ସେ ଦେଶର ବେବର୍ତ୍ତର ସଙ୍ଗେ ଯେ ଭବିଷ୍ୟତ୍ରବକ୍ତୁ
ବେଶଧାରି ବର୍ଯୀଶୁ ନାମରେ ଜଣେ ମାୟାବି ଯିହୁଦୀୟ ଲୋକ ଥିଲା ତାହାର
ଦେଖା ପାଇଲେ । ପୁଣି ସେ ବେବର୍ତ୍ତ ଈଶ୍ୱରର କଥା ଶୁଣିବାକୁ ବାଞ୍ଛା ୭
କରି ପାଉଲ ଓ ବର୍ଣବାକୁ ନିମନ୍ତ୍ରଣ କରନ୍ତେ ଇଲୁମା ଯାହାକୁ ଭାଷା ଭଙ୍ଗ ୮
କଲେ ମାୟାବୀ ବୋଲଇ ସେ ଜଣ ତାହାକୁ ଧର୍ମପଥରୁ ବିମୁଖ କରିବାକୁ
ଯତ୍ନ କଲା । ତହିଁରେ ଶାଉଲ ଅର୍ଥାତ୍ ପାଉଲ ଧର୍ମଆତ୍ମରେ ପରିପୂର୍ଣ ହୋଇ ୯
ସେହି ମାୟାବୀର ପ୍ରତି ଏକ ଦୃଷ୍ଟି କରି କହିଲା ଆହେ ଧର୍ମଦ୍ୱେଷି ଓ କୁଟିଳ
ପଣ ଓ ଦୁଷ୍କୃତିରେ ପରିପୂର୍ଣ ଶୟତାନର ସନ୍ତାନ ତୁମ୍ଭେ କି ପ୍ରଭୁର ସତ୍ୟ ୧୦
ପଥରଅନ୍ୟଥା କରିବାରୁ ନିବୃତ୍ତ ନୋହିବ । ଏବେ ତୁମ୍ଭର ଉପରେ ପ୍ରଭୁର
ହସ୍ତପଡୁଅଛି ତହିଁରେ ଥୋକାୟେ ଦିନ ଅନ୍ଧ ହୋଇ ସୂର୍ଯ୍ୟକୁଇ ଦେଖିବାକୁ
ନ ପାଇବ । ତତ୍ରକ୍ଷଣାତ୍ କୁହୁଡି ଓ ଅନ୍ଧକାର ତାହାର ଦୃଷ୍ଟିକୁ ଢାଙ୍ଗିବାରେ ୧୧
ତାହାର ହାତ ଧରିବା ଲୋକ ଖୋଜିବାକୁ ସେ ଏଣେତେଣେ ଦରାଣ୍ଡିଲା ।
ଏହି ଘଟଣା ଦେଖି ସେ ବେବର୍ତ୍ତ ପ୍ରଭୁର ଉପଦେଶରେ ଆଶ୍ଚର୍ଯ୍ୟଜ୍ଞାନ କରି ୧୨
ବିଶ୍ୱାସ କଲା ।

ତଦନନ୍ତରେ ପାଉଲ ଓ ତାହାର ସଙ୍ଗିଗଣ ପାଫ ନଗରରୁ ଜାହାଜ ୧୩
ଫିଟାଇ ପାମ୍ଫୁଲିୟା ଦେଶୀୟ ପର୍ଗୀ ନଗରରେ ଅଇଲେ ପୁଣି ଯୋହନ
ସେମାନଙ୍କର ନିକଟରୁ ଯାଇ ଯିରୁଶାଲମକୁ ବାହୁଡିଲା । ଏଥିଉତ୍ତାରୁ ସେ ୧୪
ମାନେ ପର୍ଗୀଠାରୁ ଯାତ୍ରା କରି ପିସିଦିୟା ଦେଶରେ ଆଣ୍ଟିୟୋଖ ନଗରରେ
ଉପସ୍ଥିତ ହୁଅନ୍ତେ ବିଶ୍ରାମବାରରେ ଭଜନାଳୟରେ ପ୍ରବେଶି ବସିଲେ ।
ବ୍ୟବସ୍ଥା ଓ ଭବିଷ୍ୟତ୍ରବାକ୍ୟ ପାଠ ହୁଅନ୍ତେ ହେ ଭାଇମାନେ ଲୋକମାନଙ୍କର ୧୫
ପ୍ରତି ତୁମ୍ଭମାନଙ୍କର କୌଣସି ଉପଦେଶ କଥା ଯେବେ ଥାୟେ ତେବେ
ତାହା ବୋଲ ସେମାନଙ୍କ ନିକଟରେ ସେ ଭଜନାଳୟର କର୍ତ୍ତମାନେ ଏହି
କଥା କହି ପଠାଇଲେ । ଏନିମନ୍ତେ ପାଉଲ ଠିୟା ହୋଇ ହସ୍ତ ଦେଇ ୧୬
ସଙ୍କେତ କରି କହିଲା ହେ ଇଶ୍ରାୟେଲୀୟ ମନୁଷ୍ୟ ହେ ଈଶ୍ୱର ପରାୟଣ ଲୋକ
ସମସ୍ତେ ଅବଧାନ କର । ଏହି ଇଶ୍ରାୟେଲ ଲୋକମାନଙ୍କର ଈଶ୍ୱର ଆମ୍ଭ ୧୭
ମାନଙ୍କର ପୂର୍ବପୁରୁଷମାନଙ୍କୁ ମନୋନୀତ କରି ନେଲେ ପୁଣି ମିଶର ଦେଶରେ

ପ୍ରବାସ କରିବାର ସମୟରେ ସେମାନଙ୍କର ଉତ୍ପତ୍ତି କର ସେଠାରୁ ନିଜ ବାହୁ
୮ ବଳରେ ସେମାନଙ୍କୁ ବାହାର କର ଆଣିଲେ । ତଦନନ୍ତରେ ପ୍ରାୟ ଚାଳିଶ
୧୯ ବରଷ ପର୍ଯ୍ୟନ୍ତ ମରୁପ୍ରାନ୍ତରରେ ସେମାନଙ୍କୁ ସମ୍ଭାଳି କିଣାନ ଦେଶର ମଧ୍ୟବର୍ତ୍ତି
ସପ୍ତ ଗୋଷ୍ଠୀ ନଷ୍ଟ କରନ୍ତେ ଗୁଲିବାଣ୍ଟ ଦ୍ୱାରା ସେ ସମସ୍ତ ଦେଶର ଅଧିକାର
୧୦ ସେମାନଙ୍କୁ ଦେଲେ । ଏଥିଉତ୍ତାରେ ପ୍ରାୟ ଶତ ପଞ୍ଚାଶ ବରଷ ଗତ ହେଲା ଶାମୁ-
ୟେଲ୍ ଭବିଷ୍ୟଦ୍ବକ୍ତାର ସମୟ ପର୍ଯ୍ୟନ୍ତ ସେମାନଙ୍କର ଉପରେ ବିଚାର କର୍ତ୍ତା
୧୧ ମାନଙ୍କୁ ନିଯୁକ୍ତ କଲେ । ତଦନନ୍ତରେ ସେମାନେ ଜଣେ ରାଜାକୁ ପ୍ରାର୍ଥନା
କଲେ ଈଶ୍ୱର ବନ୍ୟାମୀନର ବଂଶୋଦ୍ଭବ କୀଶର ପୁତ୍ର ଶାଉଲକୁ ଚାଳିଶ
୧୨ ବରଷ ପର୍ଯ୍ୟନ୍ତ ସେମାନଙ୍କର ଉପରେ ନିଯୁକ୍ତ କଲେ । ପୁଣି ତାହାକୁ ଅପସରୁ
କର ଯେଉଁ ଜଣ ଆମ୍ଭର ଇଚ୍ଛା କ୍ରିୟା ସମସ୍ତ କରିବ ଏମନ୍ତ ଆମ୍ଭର ମନର
ମତ ଏକଜଣ ଯିଶୀର ପୁତ୍ର ଦାଉଦକୁ ପାଇଲୁଁ । ଯାହାର ବିଷୟରେ ସେ
୧୩ ଏହି ପ୍ରମାଣ ଦେଲେ ସେହି ଦାଉଦକୁ ସେମାନଙ୍କର ଉପରେ ରାଜତ୍ୱ କର
ବାର ନିମନ୍ତେ ଉତ୍ପନ୍ନ କଲେ । ସେ ମନୁଷ୍ୟର ବଂଶରେ ପରମେଶ୍ୱର ଅପଣା
ପ୍ରତିଜ୍ଞା ଅନୁସାରେ ଇଶ୍ରାୟେଲ ଲୋକମାନଙ୍କର ନିମନ୍ତେ ଜଣେ ତ୍ରାଣକର୍ତ୍ତା
୧୪ ଯୀଶୁକୁ ଉତ୍ପନ୍ନ କରିଅଛନ୍ତି । ତାହାଙ୍କର ପ୍ରକାଶ ହେବାର ପୂର୍ବରେ ଯୋ
ହନ ଇଶ୍ରାୟେଲ ଲୋକମାନଙ୍କଠାରେ ମନର ଫେରଣ ବିଷୟ ଡୁବନ ପ୍ରସଙ୍ଗ
ଘୋଷଣା କଲା । ଆଉ ଯୋହନ ଆପଣା ପଦର କର୍ମ ସମାପ୍ତି କରି ବୋ
୧୫ ଇଲା ତୁମ୍ଭେମାନେ ଆମ୍ଭକୁ କାହାକୁ ଜ୍ଞାନ କର । ଆମ୍ଭେ ସେ ଜଣ ନୋହୁ
ପୁଣି ଯାହାଙ୍କର ପାଦର ପାଦୁକା କାଢିବାକୁ ଆମ୍ଭେ ଯୋଗ୍ୟ ନୋହୁ ଏମନ୍ତ
ଜଣେ ଆମ୍ଭର ଉତ୍ତରେ ଆସୁଅଛନ୍ତି ।
୧୬ ହେ ଅବ୍ରହାମର ବଂଶଜାତ ମନୁଷ ଭାଇ ସମସ୍ତେ ଆଉ ତୁମ୍ଭମାନଙ୍କର ମଧ୍ୟ
ରେ ଯେତେ ଲୋକ ଈଶ୍ୱରଙ୍କୁ ଭୟ କରନ୍ତି ଏପର ତୁମ୍ଭ ସମସ୍ତଙ୍କର ପ୍ରତି ଏହି
୧୭ ପରିତ୍ରାଣର କଥା ପ୍ରେରିତ ହୋଇଅଛି । ଯେହେତୁ ଯିରୂଶାଲମ ନିବାସିମାନେ
ପୁଣି ସେମାନଙ୍କର ଅଧିପତିମାନେ ତାହାଙ୍କର ପରିଚୟ ନ ପାଇ କିଅବା
ପ୍ରତି ବଶ୍ରାମବାରରେ ପାଠ୍ୟ ଯେ ଭବିଷ୍ୟଦ୍ବକ୍ତାଗଣର ବଚନ, ତାହାର ଅର୍ଥ
ପ୍ରାପ୍ତ ନ ହୁଇ ତାହାଙ୍କର ଦଣ୍ଡାଜ୍ଞା କରଣରେ ସେ ବଚନ ସଫଳ କରିଅଛନ୍ତି ।
୧୮ ପୁଣି ପ୍ରାଣଦଣ୍ଡର କୌଣସି ହେତୁ ନ ପାଇଲେହେଁ ପିଲାତଠାରେ ତାହାର
୨୯ ବଧ ପ୍ରାର୍ଥନା କଲେ । ଆଉ ତାହାଙ୍କର ବିଷୟରେ ଯେ ସମସ୍ତ କଥା ଲେ
ଖିତ ଅଛି ସେହି ଅନୁସାରେ କର୍ମ ପୂର୍ଣ କରି ତାହାଙ୍କୁ କ୍ରୁଶରୁ ଓହ୍ଲାଇ
୩୦ କବରରେ ଶୟନ କରାଇଲେ । ମାତ୍ର ଈଶ୍ୱର ମୃତ୍ୟୁଠାରୁ ତାହାଙ୍କର ଉତ୍ଥାନ
୩୧ କରିଅଛନ୍ତି । ପୁଣି ଗାଲ୍ଲୀ ଦେଶରୁ ଯିରୂଶାଲମରେ ତାହାଙ୍କର ସଙ୍ଗେ ଯେ

ସମସ୍ତ ଲୋକ ଆସିଥିଲେ ସେମାନଙ୍କୁ ସେ ବହୁତ ଦନ ପର୍ଯ୍ୟନ୍ତ ଦର୍ଶନ
ଦେଲେ ଏଣୁ ସେମାନେ ଲୋକଙ୍କଠାରେ ତାହାଙ୍କର ସାକ୍ଷୀ ଅଟନ୍ତି । ଅଉ ୩୧
ଆମ୍ଭମାନଙ୍କର ପୂର୍ବପୁରୁଷମାନଙ୍କଠାରେ ଈଶ୍ୱର ଯେ ବିଷୟରେ ପ୍ରତିଜ୍ଞା କରି
ଥିଲେ ତାହା ଯୀଶୁର ଉତ୍ଥାନ କରିବାରେ ସେମାନଙ୍କର ସନ୍ତାନ ଯେ
ଆମ୍ଭେମାନେ ଆମ୍ଭମାନଙ୍କର ନକଟରେ ପ୍ରତ୍ୟକ୍ଷ କରିଅଛନ୍ତି । ଆଉ ସେପର ୩୩
ଦ୍ୱିତୀୟ ଗୀତରେ ଲେଖିତ ଅଛି ଯଥା ତୁମ୍ଭେ ଆମ୍ଭର ପୁତ୍ର ଆଜି ତୁମ୍ଭକୁ ଜନ୍ମା
ଇଲୁଁ ଏଣୁ ଆମ୍ଭେମାନେ ଏହି ମଙ୍ଗଳସମାଚାର ତୁମ୍ଭମାନଙ୍କୁ ଜଣାଉଁ । ୩୪
ପରମେଶ୍ୱର ତାହାଙ୍କୁ କବରରୁ ଉଠାଇବାରେ ତାହାଙ୍କର ଶରୀର ଯେ
କେଦେବେଳେ କ୍ଷୟ ନ ପାଇବ ଏବିଷୟରେ ସେ ଆପେ କହିଅଛନ୍ତି ଯଥା ।
ଦାଉଦର ପ୍ରତି ଯେ ନିର୍ଦ୍ଧିଷ୍ଟ ଦୟା ତାହା ଆମ୍ଭେ ତୁମ୍ଭକୁ ଦେବା । ତଦ୍ଭିନ୍ନ ୩୫
ଅନ୍ୟ ଗୀତରେ ସେ କହିଅଛନ୍ତି ତୁମ୍ଭେ ନିଜ ପୁଣ୍ୟବନ୍ତକୁ କ୍ଷୟ ପାଇବାକୁ ନ
ଦେବ । ମାଣି ଦାଉଦ ଈଶ୍ୱରଙ୍କ ଇଚ୍ଛା ପ୍ରମାଣେ ଆପଣା ବର୍ତ୍ତମାନ ଲୋକ ୩୬
ଙ୍କର ସେବା କଲାଉତ୍ତାରେ ମହା ନିଦ୍ରା ପ୍ରାପ୍ତ ହୋଇ ନିଜ ପୂର୍ବପୁରୁଷମାନଙ୍କ
ଠାରେ ସଙ୍ଗତ ହୋଇ କ୍ଷୟ ପାଇଲା ପୁଣି ଯାହାଙ୍କୁ ଈଶ୍ୱର କବରଠାରୁ ୩୭
ଉଠାଇଲେ ସେ କ୍ଷୟ ନ ପାଇଲେ । ଏନମନ୍ତେ ହେ ଭାଇ ସମସ୍ତ ଏହି ଜଣାଙ୍କ ୩୮
ଦ୍ୱାରା ପାପମୋଚନ ହୁଅଇ ଏହା ତୁମ୍ଭମାନଙ୍କର ପ୍ରତି ଘୋଷଣା କରିଯାଉ
ଅଛୁ । ପୁଣି ମୋଶାର ବ୍ୟବସ୍ଥାରେ ତୁମ୍ଭେମାନେ ଯେ। ଦୋଷରୁ ମୁକ୍ତ ୩୯
ହେବାକୁ ନ ପାରନ୍ତୁ ସେ ସମସ୍ତ ଦୋଷରୁ ଏହି ଜଣରେ ପ୍ରତ୍ୟେକ ବିଶ୍ୱା
ସକାରୀ ମୁକ୍ତ ହେବ ଏହି କଥା ତୁମ୍ଭେମାନେ ଜ୍ଞାତ ହୁଅ । ଅତ୍ୟ ହେ ଅବ ୪୦
ଜ୍ଞାକାର ଲୋକମାନେ ଆଖି ମେଲ ଦେଖ ପୁଣି ଅସମ୍ଭବ ଜ୍ଞାନ କର ଲଜ୍ଜିତ
ହୁଅ । ଯେହେତୁ ତୁମ୍ଭମାନଙ୍କର ବର୍ତ୍ତମାନ ସମୟରେ ଏମନ୍ତ କର୍ମ କରିବା ୪୧
ଯେ ତୁମ୍ଭମାନଙ୍କୁ ତାହାର ବିବରଣ କେହି ଜଣାଇଲେହେଁ ପ୍ରତ୍ୟୟ ନ
କରିବ । ଏହି ଯେ କଥା ଭବିଷ୍ୟଦ୍ବକ୍ତୃଗଣର ଗ୍ରନ୍ଥରେ ଲେଖିତ ଅଛି ସାବ
ଧାନ ତାହା ଯେମନ୍ତ ତୁମ୍ଭମାନଙ୍କର ଉପରେ ନ ଘଟଇ ।

ଏଥିଉତ୍ତାରେ ଯିହୁଦୀୟମାନେ ସଭାଗୃହର ବାହାରକୁ ଗଲାଉତ୍ତାରେ ୪୨
ଆଗାମି ବିଶ୍ରାମବାରରେ ଯେମନ୍ତ ଆସଣାମାନଙ୍କଠାରେ ଏହି କଥାର ଘୋ
ଷଣା ହୁଅଇ ଅନ୍ୟ ଦେଶୀୟମାନେ ଏହି ପ୍ରାର୍ଥନା କଲେ । ପୁଣି ସଭା ଭଙ୍ଗ ୪୩
ହେଲା ଅନେକେ। ଯିହୁଦୀୟ ଲୋକ ଓ ଯିହୁଦୀୟମତାବଲମ୍ବୀ ଭକ୍ତ ଲୋକ
ଯାଉଲ ଓ ବର୍ଣ୍ଣବାର ପଛେ। ଗମନ କଲେ । ଉହିଁରେ ସେମାନେ ସେମାନ
ଙ୍କର ସହିତ କଥାବାର୍ତ୍ତା କରି ଈଶ୍ୱରର ଅନୁଗ୍ରହରେ ନିଷ୍ଠା ରହିବାକୁ
ସେମାନଙ୍କୁ ମଣାଇଲେ ।

୪୪ ଅନନ୍ତରେ ଆଉ ବିଶ୍ରାମବାରରେ ପ୍ରାୟ ନଗରସ୍ଥ ସବୁ ଈଶ୍ୱରର କଥା
୪୫ ଶୁଣିବାକୁ ଏକତ୍ର ହେଲେ । ପୁଣି ଯିହୁଦୀୟ ଲୋକମାନେ ଜନତା ଦେଖି
ଈର୍ଷାରେ ପରିପୂର୍ଣ୍ଣ ହୋଇ ବିପରୀତ କରି ନିନ୍ଦା କଥା କହି ପାଉଲର ଉକ୍ତ
୪୬ ଉପଦେଶ ଖଣ୍ଡନ କରିବାକୁ ଚେଷ୍ଟା କଲେ । ତହିଁରେ ପାଉଲ ଓ ବର୍ଣ୍ଣବା
ସାହସ କରି ଉତ୍ତର କଲେ ପ୍ରଥମରେ ତୁମ୍ଭମାନଙ୍କର ନିକଟରେ ଈଶ୍ୱରର
କଥା ପ୍ରଚାର କରିବାକୁ ଉଚିତ ଥିଲା ପ୍ରମାଣ ପୁଣି ତାହା ଅଗ୍ରାହ୍ୟ କରି
ବାରେ ତୁମ୍ଭେମାନେ ଆପଣାମାନଙ୍କୁ ଅନନ୍ତ ପରମାୟୁ ନିମନ୍ତେ ଅଯୋଗ୍ୟ
ମଣୁଅଛ ଏଣୁ ଦେଖ ଆମ୍ଭେମାନେ ଅନ୍ୟଦେଶୀୟମାନଙ୍କର କତିରେ ଫେରି ।
୪୭ ପ୍ରଭୁ ଆମ୍ଭମାନଙ୍କୁ ଏମନ୍ତ ଆଜ୍ଞା ଦେଇଅଛନ୍ତି ଯଥା । ଆମ୍ଭେ ତୁମ୍ଭକୁ ଅନ୍ୟ
ଦେଶୀୟମାନଙ୍କର ଦୀପ୍ତି ସ୍ୱରୂପ ଓ ପୃଥିବୀର ପ୍ରାନ୍ତଭାଗ ଯାୟେ ପରିତ୍ରାଣ
୪୮ ସ୍ୱରୂପ କରିବା । ଏମନ୍ତ କଥା ଶୁଣି ଅନ୍ୟଦେଶୀୟମାନେ ଆହ୍ଲାଦିତ ହୋଇ
ପ୍ରଭୁର କଥାରେ ଧନ୍ୟୀ କଲେ ପୁଣି ଅନନ୍ତ ପରମାୟୁର ପ୍ରତି ଯେତେ ଲୋକ
୪୯ ଆବିଷ୍ଟ ଚିତ୍ତ ଥିଲେ ସେ ସମସ୍ତେ ବିଶ୍ୱାସ କଲେ । ଏହିରୂପରେ ଦେଶ ସମୁଦା
୫୦ ୟରେ ପ୍ରଭୁର ବାକ୍ୟ ବ୍ୟାପି ଗଲା । ପୁଣି ଯିହୁଦୀୟମାନେ ଭକ୍ତି ଓ ସମ୍ଭ୍ରାନ୍ତ କେ
ତେକ ସ୍ତ୍ରୀଲୋକକୁ ଓ ନଗରର ପ୍ରଧାନ ପୁରୁଷମାନଙ୍କୁ କୁପ୍ରବୃତ୍ତି ନିଆଇ ପାଉ
୫୧ ଲକୁ ଓ ବର୍ଣ୍ଣବାକୁ ତାଡଣା କରି ସେ ସୀମାରୁ ଦୂର କରି ଦେଲେ । ଏନି
ମନ୍ତେ ସେମାନେ ଆପଣାମାନଙ୍କ ପାଦର ଧୂଳୀ ସେମାନଙ୍କର ପ୍ରତି ଝାଡି
୫୨ ଦେଇ ଇକନିୟ ନଗରକୁ ଗଲେ ପୁଣି ଶିଷ୍ୟଗଣ ଆନନ୍ଦରେ ଓ ଧର୍ମଅତ୍ମରେ
ପରିପୂର୍ଣ୍ଣ ହେଲେ ।

## ୧୪ ପର୍ବ ।

୧ ତଦନନ୍ତର ସେମାନେ ଦୁଇଜଣ ଏକଠାବ ହୋଇ ଇକନିୟ ନଗରର
ଯିହୁଦୀୟମାନଙ୍କର ଭଜନାଳୟରେ ଯାଇ ଏମନ୍ତ ଉପଦେଶ ଦେଲେ ଯେ
୨ ଅନେକ୍ୟ ଯିହୁଦୀୟ ଲୋକ ଓ ଅନ୍ୟ ଦେଶୀୟ ଲୋକ ବିଶ୍ୱାସ କଲେ । ପୁଣି
ଅବିଶ୍ୱାସକାରି ଯିହୁଦୀମାନେ ବିଦେଶୀୟ ଲୋକମାନଙ୍କୁ କୁପ୍ରବୃତ୍ତି ନିଆଇ
୩ ଭାଇମାନଙ୍କର ପ୍ରତି ସେମାନଙ୍କର ହିଂସା ଭାବ ଜନ୍ମାଇ ଦେଲେ । ଏନିମନ୍ତେ
ଆପଣାର ଅନୁଗ୍ରହ କଥାର ପ୍ରମାଣ ଦେଇ ସେମାନଙ୍କର ହସ୍ତରେ ଅନେକ
ଲକ୍ଷଣ ଓ ଅଦ୍ଭୁତ କର୍ମ ପ୍ରକାଶ କଲେ ଯେ ପ୍ରଭୁ ତାହାଙ୍କର କଥା ସାହ
ସରେ ପ୍ରଚାର କରି ସେମାନେ ଅନେକ ଦିବସ ସେଠାରେ ବାସ କଲେ ।
୪ ପୁଣି କେତେକ ଲୋକ ଯିହୁଦୀୟମାନଙ୍କର ପକ୍ଷରେ ଓ କେତେକ ପ୍ରେରିତମା
ନଙ୍କର ପକ୍ଷରେ ହେବାରୁଂ ନଗରର ଜନତାର ମଧ୍ୟରେ ଭିନ୍ନ ବାକ୍ୟତା

ହୋଇଲା । ଏଥିରେ ଅବିଶ୍ୱାସୀମାନେ ଓ ଯିହୁଦୀମାନେ ପୁଣି ସେମାନ ୫
ଙ୍କର ଅଧିପତିମାନେ ଦୌରାତ୍ମ୍ୟ କରି ସେମାନଙ୍କୁ ପଥରରେ ମାରିବାକୁ
ଉଦ୍ଯୋଗ କରନ୍ତେ ସେମାନେ ଏହାର ଗୋଚର ହୋଇ ଲୁକାୟନିଆ ଦେ ୬
ଶର ଲୁସ୍ତ୍ରା ଓ ଦର୍ବୀ ଏବଂ ଚତୁର୍ଦ୍ଦିଗସ୍ଥ ଦେଶକୁ ପଳାଇ ୭
ସେଠାରେ ମଙ୍ଗଳ ସମାଗର ଘୋଷଣା କଲେ ।

ଇହାଁରେ ଦୁଇ ଚରଣ ଅବଶ ଜନ୍ମାବଧି ନେଙ୍ଗଡା ଯେ କଦାପି ଗମି ୮
ନାହିଁ ଏମନ୍ତ ଏକ ମନୁଷ୍ୟ ଲୁସ୍ତ୍ରା ନଗରରେ ବସି ପାଉଲର କଥା ଶୁଣିଥିଲା ।
ଏଥିମଧ୍ୟରେ ପାଉଲ ତାହାର ପ୍ରତି ଦୃଷ୍ଟିପାତ କରି ତାହାର ସୁସ୍ଥ ହେବାର ୯
ବିଶ୍ୱାସ ବୁଝି ଉଚ୍ଚସ୍ୱରରେ କହିଲା ଚରଣରେ ଭର ଦେଇ ଉଠି ହୁଅ । ଇହାଁ ୧୦
ରେ ସେ ଲମ୍ଫ ଦେଇ ବୁଲିବାକୁ ଲାଗିଲା । ଲୋକମାନେ ପାଉଲର ସେହି ୧୧
କାର୍ଯ୍ୟ ଦେଖି ଲୁକାୟନିଆ ଭାଷାରେ ଉଚ୍ଚସ୍ୱର କରି କହିଲେ ଦେବତାମାନେ
ମନୁଷ୍ୟରୂପ ଧାରଣ କରି ଆମ୍ଭମାନଙ୍କର ନିକଟରେ ଓହ୍ଲାଇ ଅଇଲେ ।
ଆଉ ସେମାନେ ବର୍ଣ୍ଣବାକୁ ଯୁପିତର କରି ବୋଇଲେ ପୁଣି ପାଉଲ ପ୍ରଧାନ ୧୨
ବକ୍ତା ହେବାରୁ ତାହାକୁ ମର୍କୁରି କରି ବୋଇଲେ । ଇହାଁ ସେ ନଗରର ୧୩
ସମ୍ମୁଖରେ ସ୍ଥାପିତ ଯୁପିତର ବିଗ୍ରହର ଯାଜକ ବଳଦ ଓ ପୁଷ୍ପର ମାଳା
ଦ୍ୱାରର କଉରେ ଆଣି ଲୋକମାନଙ୍କର ସଙ୍ଗେ ସେମାନଙ୍କର ଉଦ୍ଦେଶରେ ଉ
ତ୍ସର୍ଗ କରି ଦେବାକୁ ଉଦ୍ୟତ ହେଲେ । ପୁଣି ପ୍ରେରିତମାନେ ଯେ ବର୍ଣ୍ଣବା ଓ ୧୪
ପାଉଲ ଏହାର ସଂବାଦ ପାଇ ଆପଣାମାନେ ବସ୍ତ୍ର ଚିର ଲୋକଙ୍କର ମଧ୍ୟରେ ବେଗ
କରି ପ୍ରବେଶ ହୋଇ ଉଚ୍ଚୈଃସ୍ୱରରେ କହିଲେ ହେ ଅବଧାନମାନେ ଏମନ୍ତ
କର୍ମ କରିଅଛ କାଁପାଇ । ଆମ୍ଭେମାନେ ତୁମ୍ଭମାନଙ୍କର ତୁଲ୍ୟ ସୁଖ ଦୁଃଖ ୧୫
ଭୋଗୀ ମନୁଷ୍ୟ । ପୁଣି ଏହ ବ୍ୟର୍ଥ କଲ୍ପଣାର ପ୍ରତି ବମୁଖ ହୋଇ ଯେ ଆକାଶ
ପୃଥିବୀ ସମୁଦ୍ର ଓ ଇହାଁରେ ଯେତେ ବସ୍ତୁ ଅଛି ସମସ୍ତର ସୃଷ୍ଟିକର୍ତ୍ତା ଯେ ଅମର
ଈଶ୍ୱର ତାହାଙ୍କଠାରେ ଯେମନ୍ତ ଫେରିବ ଏହ ପ୍ରସଙ୍ଗ ତୁମ୍ଭମାନଙ୍କୁ ଘୋ
ଷଣା କରି । ସେ ପୂର୍ବକାଳରେ ସବୁ ଦେଶୀୟମାନଙ୍କୁ ଆପଣାମାନଙ୍କର ନିଜ ୧୬
ପଥରେ ଚଲିବାକୁ ଛଡଲେ ତଥାପି ହିତକାରୀ ହୋଇ ସେ ଆକାଶରୁ ୧୭
ଜଳ ବୃଷ୍ଟିରେ ନାନା ପ୍ରକାର ଶସ୍ୟ ଉତ୍ପନ୍ନ ଦେଇ ଭକ୍ଷରେ ଓ ଆନନ୍ଦରେ
ଆମ୍ଭମାନଙ୍କର ଅନ୍ତଃକରଣ ତୃପ୍ତି କରିବାରେ ଆପଣାକୁ ସାକ୍ଷ୍ୟ ରହିତ ହେ
ବାକୁ ନ ଦେଲେ । ପୁଣି ଏତ୍ତାଦୃଶ କଥା କହିଲେହେଁ ସେମାନଙ୍କର ନିକଟରେ ୧୮
ଉତ୍ସର୍ଗ କରିବାରୁ ଲୋକମାନଙ୍କୁ ପ୍ରାପ୍ତ ନରସ୍ତ କରିବାକୁ ନ ପାରିଲେ ।

ପୁଣି ଆନ୍ତିୟୋଖ ଓ ଇକନିୟ ନଗରରୁ ଥୋକାପେ ଯିହୁଦୀ ଲୋକ ଆସି ୧୯
ଲୋକମାନଙ୍କୁ ମଣାଇ ପାଉଲକୁ ଏମନ୍ତ ପଥରରେ ମାରିଲେ ଯେ ଇହାଁରେ

ସେ ମରିଅଛି ଏହା ବୋଧ କରି ତାହାକୁ ନଗରର ବାହାରେ ଟାଣି ନେଇ
୧୦ ଗଲେ । ପୁଣି ଶିଷ୍ୟଗଣ ତାହାର ଚାରିଆଡେ ଠିୟା ହେଲେ ସେ ଆପେଁ
ଉଠି ପୁନର୍ବାର ନଗର ମଧ୍ୟରେ ପ୍ରବେଶ ହେଲା ପୁଣି ଆର ଦିନରେ ବର୍ଣ୍ଣବାର
୧୧ ସଙ୍ଗେ ଦର୍ବ୍ବୀ ନଗରକୁ ଗମନ କଲା । ସେଠାରେ ମଙ୍ଗଳସମାଚାର ଘୋଷଣା
କରିବାରେ ଅନେକ ଲୋକକୁ ଶିଷ୍ୟ କଲାଉତ୍ତାରେ ସେମାନେ ଲୁସ୍ତ୍ରାରେ ଓ
୧୨ ଇକନିୟରେ ପୁଣି ଆଣ୍ଟିୟୋଖରେ ଫେରି ଅଇଲେ । ପୁଣି ଅନେକ ଦୁଃଖ
ଭୋଗରୁ ଈଶ୍ୱରର ରାଜ୍ୟରେ ଆମ୍ଭମାନଙ୍କର ପ୍ରବେଶ ହେବାକୁ ହୁଅଇ ଏଣୁ
୧୩ ଧର୍ମପଥରେ ନିଷ୍ଠା ହେବାକୁ ମିନତି କରି ଶିଷ୍ୟଗଣର ମନ ସ୍ଥିର କଲେ । ଆଉ
ପ୍ରତ୍ୟେକ ମଣ୍ଡଳୀରେ ପ୍ରାଚୀନଗଣକୁ ନିଯୁକ୍ତ କରି ଯେଉଂ ପ୍ରଭୁରେ ସେମାନେ
ବିଶ୍ୱାସ କରିଥିଲେ ତାହାଙ୍କ ହସ୍ତରେ ପ୍ରାର୍ଥନା ଓ ଉପବାସ କରିବା ଦ୍ୱାରା ସେ
୧୪ ମାନଙ୍କୁ ସମର୍ପଣ କରି ପିସିଦିୟା ଦେଶର ମଧ୍ୟଦେଇ ପାମଫୁଲିଆ ଦେଶରେ
୧୫ ଗମନ କଲେ । ପୁଣି ପର୍ଗୀ ନଗରରେ ଯାଇ ମଙ୍ଗଳସମାଚାର ଘୋଷଣା କଲା
୧୬ ଉତ୍ତାରେ ଅତୁଲିୟା ନଗରରେ ପ୍ରସ୍ଥାନ କଲେ । ସେଠାରୁ ସମୁଦ୍ର ବାଟରେ
ଯାତ୍ରା କରି ସେମାନେ ଆପଣାମାନଙ୍କର କୃତ କର୍ମର ସାଧନର ନିମନ୍ତେ ଯେ
ଠାରେ ଈଶ୍ୱରର କୃପାରେ ସମର୍ପିତ ହୋଇଥିଲେ ସେହି ଆଣ୍ଟିୟୋଖରେ
୧୭ ବାହୁଡିଲେ । ସେଠାରେ ଉପସ୍ଥିତ ହୋଇ ମଣ୍ଡଳୀକୁ ଏକତ୍ର ଡକାଇ ଆପ
ଣାମାନଙ୍କ ଦ୍ୱାରା ଈଶ୍ୱର ଯେ୍ୟ କର୍ମ କରିଥିଲେ ପୁଣି ଯେ ପ୍ରକାରେ ଅନ୍ୟ
ଦେଶୀୟମାନଙ୍କର ପ୍ରତି ବିଶ୍ୱାସରୂପ ଦ୍ୱାର ଫିଟାଇ ଦେଇଥିଲେ ଏ ସମସ୍ତ
୧୮ ବିବରଣ ସେମାନଙ୍କୁ ଜଣାଇଲେ । ପୁଣି ସେମାନେ ଶିଷ୍ୟମାନଙ୍କର ସଙ୍ଗେ
ସେଠାରେ ଅନେକ ଦିନ ପର୍ଯ୍ୟନ୍ତେ ବାସ କଲେ ।

## ୧୫ ପର୍ବ ।

୧ ଯିହୁଦୀୟ ଦେଶରୁ ଥୋକାୟେ ଜଣ ଆସି ଭାଇମାନଙ୍କୁ ଶିକ୍ଷା କରି କହି
ଲେ ମୋଶାର ବ୍ୟବସ୍ଥାନୁସାରେ ଯେବେ ତୁମ୍ଭ ସୁନ୍ନତ ନ ହୁଅଇ ତେବେ ପରି
୨ ତ୍ରାଣ ପାଇ ନ ପାରିବ । ଏଣୁ ପାଉଲ ଓ ବର୍ଣ୍ଣବା ସେମାନଙ୍କର ସଙ୍ଗେ ଅନେକ
ବିଚାର ଓ ବାଦାନୁବାଦ କଲାଉତ୍ତାରେ ମଣ୍ଡଳୀର ଲୋକମାନେ ଏହି କଥାର
ତତ୍ତ୍ୱ ଜାଣିବାକୁ ଯିରୁଶାଲମସ୍ଥ ପ୍ରେରିତଗଣ ଓ ପ୍ରାଚୀନବର୍ଗର ନିକଟରେ
ପାଉଲ ଓ ବର୍ଣ୍ଣବା ଇତ୍ୟାଦି କେତେକ ଜଣକୁ ପଠାଇବାକୁ ସ୍ଥିର କଲେ ।
୩ ଏମନ୍ତ ସେମାନେ ମଣ୍ଡଳୀଦ୍ୱାରା ପ୍ରେରିତ ହୋଇ ଫୈଣିକୀ ଓ ଶମିରୋଣ ଦେଶ
ଦେଇ ଗମନ କରି ବିଦେଶୀୟମାନଙ୍କର ମନଫେରଣର ସଂବାଦ କହି
୪ ବାରେ ଭାଇମାନଙ୍କର ଅତ୍ୟାନନ୍ଦ ଜନ୍ମାଇଲେ । ତହୁଁ ଯିରୁଶାଲମରେ ଉପ

ସ୍ଥିର ହୋଇ ପ୍ରେରିତଗଣ ଓ ପ୍ରାଚୀନବର୍ଗ ଯିହୂଦା ପ୍ରଭୃତି ମଣ୍ଡଳୀ ଦ୍ୱାରା ଗ୍ରହଣ ହେ
ଲାଉଗ୍ରରେ ସେମାନେ ଆପଣାମାନଙ୍କର ଦ୍ୱାରା ଈଶ୍ୱର ଯେ ସମସ୍ତ କର୍ମ କର
ଥିଲେ ସେ ସମସ୍ତ ବିଷୟ ସେମାନଙ୍କର ସାକ୍ଷାତରେ କହିଲେ । ପୁଣି ବିଶ୍ୱା ୫
ସକାଶୁ ଥୋକାଯେ ଫାରୂଶୀ ମତାବଲମ୍ବି ଲୋକ ଦଣ୍ଡାୟମାନ ହୋଇ କହିଲେ
ବିଦେଶୀୟମାନଙ୍କୁ ସୁନ୍ନତ କର ମୋଶାର ବ୍ୟବସ୍ଥା ପାଳନ କରିବା ପାଇଁ
ଆଜ୍ଞା ଦେବାକୁ କର୍ତ୍ତବ୍ୟ ।

ପ୍ରେରିତମାନେ ଓ ପ୍ରାଚୀନମାନେ ଏବିଷୟରେ ବିବେଚନା କରିବାକୁ ୬
ସଭାସ୍ଥ ହୋଇଲେ । ଏଥିରେ ଅନେକ ବାଦାନୁବାଦ ହୁଅନ୍ତେ ପିତର ଉଠି ୭
କହିଲା ହେ ଭାଇ ସମସ୍ତ ବିଦେଶୀୟ ଲୋକମାନେ ଯେଉଁ ଆମ୍ଭର ମୁଖରୁ
ମଙ୍ଗଳସମାଚାର ଶ୍ରବଣ କରି ବିଶ୍ୱାସ କରନ୍ତି ଏହି ନିମନ୍ତେ ଅନେକ ଦିନ
ଗଲା ଈଶ୍ୱର ଆମ୍ଭମାନଙ୍କର ମଧ୍ୟରୁ ଆମ୍ଭକୁ ମନୋନୀତ କରି ନେଲେ ।
ପୁଣି ଅନ୍ତର୍ଯାମି ଈଶ୍ୱର ଆମ୍ଭମାନଙ୍କୁ ଯେମନ୍ତ ବିଦେଶୀୟମାନଙ୍କୁ ତେମନ୍ତ ୮
ଧର୍ମଆତ୍ମା ପ୍ରଦାନ କରି ବିଶ୍ୱାସରେ ସେମାନଙ୍କର ଅନ୍ତଃକରଣ ପବିତ୍ର କରି ୯
ସେମାନଙ୍କର ପୁଣି ଆମ୍ଭମାନଙ୍କର ମଧ୍ୟରେ କିଛୁ ବିଶେଷ ନ ରଖି ସେମାନ
ଙ୍କର ବିଷୟରେଇ ଅପେକ୍ଷା ପ୍ରମାଣ ଦେଲେ ବୋଲି ତୁମ୍ଭେମାନେ ଜାଣ । ଏନମି ୧୦
ନ୍ତେ ଆମ୍ଭମାନଙ୍କର ପୂର୍ବପୁରୁଷମାନେ ଓ ଆମ୍ଭେମାନେ ନିଜରେ ଯେ ଯୁଆଳର
ଭର ସହିବାକୁ ନ ପାରିଲୁଁ ତାହା ଏବେ ଏହି ଶିଷ୍ୟଗଣର ସ୍କନ୍ଧରେ ଦେବାକୁ
କାହିଁ ଈଶ୍ୱରକୁ ପରୀକ୍ଷା କର । ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ଅନୁଗ୍ରହରେ ସେମାନେ ୧୧
ଯେମନ୍ତ ଆମ୍ଭେମାନେହେଁ ତେମନ୍ତ ପରିତ୍ରାଣ ପାଇବା ବୋଲି ପ୍ରତ୍ୟୟ କର ।

ତେବେ ବର୍ଣ୍ଣବା ଓ ପାଉଲ ଦ୍ୱାରା ଈଶ୍ୱର ଭିନ୍ନ ଦେଶୀୟମାନଙ୍କର ମଧ୍ୟ ୧୨
ରେ କୀ ଆଶ୍ଚର୍ଯ୍ୟ ଓ ଅଦ୍ଭୁତ କର୍ମ କରିଥିଲେ ତାହାର ବୃତ୍ତାନ୍ତ ସେମାନେ
ସମ୍ମୁଖରେ ବର୍ଣ୍ଣନା କରନ୍ତେ ସଭାସ୍ଥ ସମସ୍ତ ନିରବ ହୋଇ ଶୁଣିଲେ । ସେମା ୧୩
ନଙ୍କର କଥା ସାଙ୍ଗ ହୁଅନ୍ତେ ଯାକୁବ ଉତ୍ତର କରି କହିଲା ହେ ଭାଇ ସମସ୍ତ
ଆମ୍ଭର କଥାରେ ଅବଧାନ କର । ଈଶ୍ୱର ଅପଣା ନାମର ହେତୁ ୧୪
ବିଦେଶୀୟମାନଙ୍କର ମଧ୍ୟରୁ ଏକ ବିଶେଷ ଲୋକ ଗ୍ରହଣ କରିବାପାଇଁ
ପ୍ରଥମରେ କି ପ୍ରକାରରେ ସେମାନଙ୍କର ପ୍ରତି କୃପାବଲୋକନ କରିଅଛନ୍ତି
ତାହା ଶିମୋନ ବର୍ଣ୍ଣନା କଲା । ଏହାରେ ଭବିଷ୍ୟଦ୍ବକ୍ତାମାନଙ୍କର ସମସ୍ତ ୧୫
ବାକ୍ୟର ମିଳଣ ହୋଇଅଛି ଯଥା । ସଦାକର୍ମ ସାଧନକର୍ତ୍ତା ଯେ ପରମେ ୧୭
ଶ୍ୱର ସେ ଏହି କଥା କହନ୍ତି ଅବଶିଷ୍ଟ ମନୁଷ୍ୟ ସମସ୍ତେ ପୁଣି ବିଦେ
ଶୀୟ ଯେତେ ଲୋକ ଆମ୍ଭର ନାମରେ ବିଖ୍ୟାତ ହୁଅନ୍ତି ସେମାନେ ଯେମନ୍ତ
ପରମେଶ୍ୱରର ଅନ୍ୱେଷଣ କରନ୍ତି ଏହି ନିମନ୍ତେ ଆମ୍ଭେ ଫେର ଅସି ତାଉ ୧୭

ଦର ପତିତ ତମ୍ଭୁ ପୁନର୍ବାର ଉଠାଇବା ପୁଣି ତାହାର ଉଜଡା ସ୍ଥାନ ପୁନ
୧୮ ର୍ବାର ସଜାଡିବା । ପ୍ରଥମାବଧି ଈଶ୍ୱରକୁଂ ଆପଣାର ସବୁ କର୍ମ ଜ୍ଞାତ ଅଛନ୍ତି ।
୧୯ ଏଣୁ ଆମ୍ଭର ଏହି ବିଚାର ଅଟଇ ଭିନ୍ନ ଦେଶୀୟ ଲୋକମାନଙ୍କର ମଧ୍ୟରେ
୨୦ ଯେଉଁମାନେ ଈଶ୍ୱରର ପ୍ରତି ଫେରି ଅଛନ୍ତି ସେମାନଙ୍କୁଂ ଆଉ କିଛି ଭାର ନ
ଦେଇ ଦେବତାମାନଙ୍କର ଅପବିତ୍ର ପ୍ରସାଦ ଭକ୍ଷଣ ବ୍ୟଭିଚାର ଗଳାଟିପି
ମାରିବାର ପ୍ରାଣି ପୁଣି ରକ୍ତ ଭକ୍ଷଣ ଏହି ସମସ୍ତ ବିଷୟ ପରିତ୍ୟାଗ କରିବାକୁ
୨୧ ଲେଖି । ଯେହେତୁ ପୂର୍ବାପର ମୋଶାର ବ୍ୟବସ୍ଥା ପ୍ରଚାରକାରି ଲୋକମାନେ
ପ୍ରତି ନଗରରେ ଅଛନ୍ତି ଏଣୁ ପ୍ରତି ବିଶ୍ରାମବାରେ ଭଜନାଳୟରେ ତାହାରି
ପାଠ ହୁଅଇ ।

୨୨ ଏଥିରେ ପ୍ରେରିତଗଣ ପ୍ରାଚୀନବର୍ଗ ପୁଣି ସମୁଦାୟ ମଣ୍ଡଳୀ ଆପଣାମାନଙ୍କର
ମଧ୍ୟରୁ ବର୍ଣ୍ଣବା ବୋଲି ବିଖ୍ୟାତ ଯେ ଯିହୁଦା ପୁଣି ଶୀଲା ଭ୍ରାତୃଗଣର ମଧ୍ୟରେ
ପ୍ରଧାନ ଏହି ଦୁଇ ଜଣକୁ ମନୋନୀତ କରି ନେଇ ପାଉଲ ଓ ବର୍ଣ୍ଣବା ସଙ୍ଗେ
ଅଣ୍ଟିୟୋଖକୁ ପଠାଇବାକୁ ବିହିତ ବୁଝିଲେ ଅହୁରି ସେମାନଙ୍କର ସଙ୍ଗରେ
୨୩ ଏହି ପ୍ରକାର ପତ୍ର ଲେଖି ପଠାଇଲେ ଯଥା । ଅଣ୍ଟିୟୋଖ ଓ ସୁରିୟା ଓ କିଲି
କିୟା ସ୍ଥାନସ୍ଥ ବିଦେଶୀୟ ଭାଇମାନଙ୍କର ପ୍ରତି ପ୍ରେରିତଗଣ ଓ ପ୍ରାଚୀନ
୨୪ ବର୍ଗ ଓ ଭାଇମାନଙ୍କର ନମସ୍କାର । ବିଶେଷତଃ ଆମ୍ଭମାନଙ୍କର ଆଜ୍ଞା ପ୍ରାପ୍ତ ନ
ହୋଇ ଥୋକାୟେ ଜଣ ଆମ୍ଭ ମଧ୍ୟରୁ ଯାଇ ତୁମ୍ଭମାନଙ୍କୁ ସୁନ୍ନତ ଓ ମୋଶାର
ବ୍ୟବସ୍ଥା ପାଲଣ କରିବାକୁ ହେବ ଏମନ୍ତ ଶିକ୍ଷା ଦେଇ ତୁମ୍ଭମାନଙ୍କର ମନ
ଅସ୍ଥିର କରି ତୁମ୍ଭମାନଙ୍କୁ ସନ୍ଦିଗ୍ଧ କରିଛନ୍ତି ଏହି କଥା ଆମ୍ଭେମାନେ ଶୁଣିଲୁଁ ।
୨୫ ସେ ନିମନ୍ତେ ଆମ୍ଭେମାନେ ଏକ ବିଚାରରେ ସଭାସ୍ଥ ହୋଇ ପ୍ରଭୁ ଯୀଶୁଖ୍ରୀଷ୍ଟର
୨୬ ନାମର ନିମନ୍ତେ ଯେଉଁମାନେ ଆପଣା୨ ପ୍ରାଣପଣ କରିଅଛନ୍ତି ଏମନ୍ତ ଯେ
ଆମ୍ଭମାନଙ୍କର ପ୍ରିୟ ବର୍ଣ୍ଣବା ଓ ପାଉଲ ସେମାନଙ୍କର ସଙ୍ଗେ କୌଣସି ମନୋ
ନୀତ ଲୋକଙ୍କୁ ତୁମ୍ଭମାନଙ୍କର ନିକଟରେ ପଠାଇବାକୁ ବିହିତ ବୁଝିଲୁଁ ।
୨୭ ଏନିମନ୍ତେ ଯିହୁଦା ଓ ଶୀଲାକୁ ତୁମ୍ଭମାନଙ୍କର ନିକଟରେ ପଠାଇଲୁଁ ଏମାନ
୨୮ ଙ୍କର ମୁଖରୁ ସମସ୍ତ ବିଷୟ ଜ୍ଞାତ ହୋଇବ । ଦେବତାମାନଙ୍କର ପ୍ରସାଦ ଭକ୍ଷଣ
ଓ ରକ୍ତ ଓ ଗଳାଟିପି ମାରିବାର ପ୍ରାଣି ଭକ୍ଷଣ ପୁଣି ବ୍ୟଭିଚାର କର୍ମ ଏହି
ସମସ୍ତ ନିଷିଦ୍ଧ କ୍ରିୟା ବିନୁ ତୁମ୍ଭମାନଙ୍କର ଉପରେ ଆଉ କୌଣସି ଭାର ନ
୨୯ ଦେବାକୁ ଧର୍ମଅଟ୍ଟାର ପୁଣି ଆମ୍ଭମାନଙ୍କ ବିହିତ ଜ୍ଞାନ ହେଲା । ଏନିମନ୍ତେ ଏହି
ସମସ୍ତରୁ ଆପଣାମାନଙ୍କୁ ରକ୍ଷା କଲେ ତୁମ୍ଭେମାନେ ଭଲ କର୍ମ କରିବ । ତୁମ୍ଭ
ମାନଙ୍କ ମଙ୍ଗଳ ହେଉ ।

୩୦ ତଦନନ୍ତରେ ସେମାନେ ବିଦାୟ ପାଇଲା ଉତ୍ତାରେ ଅଣ୍ଟିୟୋଖରେ

ଉପସ୍ଥିତ ହୋଇ ଲୋକ ସମୂହକୁ ଏକତ୍ର କରି ପତ୍ର ଦେଲେ । ତହିଁରେ ୩୧
ସେମାନେ ସେ ପତ୍ର ପାଠ କରି ସାନ୍ତ୍ୱନା ପାଇବାରୁଂ ଆନନ୍ଦିତ ହେଲେ ।
ଏଥିରେ ଯିହୁଦା ଓ ଶୀଲା ସ୍ୱୟଂ ପ୍ରଚାରକ ହୋଇ ଭାଇମାନଙ୍କୁ ନାନା ୩୨
ଉପଦେଶ ଦେଇ ସେମାନଙ୍କୁ ସୁସ୍ଥିର କଲେ । ଏହି ପ୍ରକାରେ ସେ ସ୍ଥାନରେ ୩୩
ସେମାନଙ୍କର ସଙ୍ଗେ କିଛି ଦିନ ଯାପଣ କରି ଶେଷରେ ପ୍ରେରିତମାନଙ୍କଠାରେ
ଫେରି ଯିବାର ନିମନ୍ତେ ସେମାନଙ୍କଠାରୁ କୁଶଳରେ ବିଦାୟ ହେଲେ । ପୁଣି ୩୪
ଶୀଲା ସେ ସ୍ଥାନରେ ଥିବାକୁ ମନସ୍ଥ କଲା । ଅହୁରି ପାଉଲ ଓ ବର୍ଣବା ପୁଣି ୩୫
ଆଉ୍ୟ ମାନେ ପ୍ରଭୁର ବାକ୍ୟ ଶିକ୍ଷା ଦେଇ ଘୋଷଣା କରୁ୍ୟ ଆଣ୍ଟିୟୋଖରେ
ରହିଲେ ।

ତଦନନ୍ତରେ ଥୋକାୟେ ଦିନରଉତ୍ତାରେ ପାଉଲ ବର୍ଣବାକୁ କହିଲା ଆସ ୩୬
ଆୟେମାନେ ଯେ ସମସ୍ତ ନଗରରେ ଈଶ୍ୱରର ମଙ୍ଗଳସମାଚାର ଘୋଷଣା କରି
ଅଛୁଁ ସେ ନଗରସ୍ଥ ଭାଇମାନଙ୍କୁ ସଙ୍କୋଳିବାର ନିମନ୍ତେ ପୁନର୍ବାର ସେମାନ
ଙ୍କର କତିରେ ଯାଇ ଦେଖା କରିବା । ତହିଁରେ ମାର୍କ ନାମରେ ବିଖ୍ୟାତ ୩୭
ଯୋହନକୁ ସଙ୍ଗେ ନେବାକୁ ବର୍ଣବାର ମନ ଥିଲା । ପୁଣି ସେ ଜଣ ପୂର୍ବରେ ୩୮
ସେମାନଙ୍କର ସଙ୍ଗେ କାର୍ଯ୍ୟରେ ନ ଯାଇ ପାମଫୁଲିୟା ଦେଶରେ ସେମାନଙ୍କୁ
ତ୍ୟାଗ କରିଥିଲା ଏହି ନିମନ୍ତେ ପାଉଲ ତାହାକୁ ସଙ୍ଗେ ନେଇଂ ଅନୁଚିତ
ମଣିଲା । ଏଉପେ ସେମାନଙ୍କର ଅତ୍ୟନ୍ତ ବିରୋଧ ହେବାରେ ସେମାନେ ୩୯
ଏକଆରେକର ପୃଥକ୍ ହୋଇ ବର୍ଣବା ମାର୍କକୁ ନେଇ ସମୁଦ୍ର ଦେଇ କୁପ୍ର
ଉପଦ୍ୱୀପକୁ ଚାଲି ଗଲା । ପୁଣି ପାଉଲ ଶୀଲାକୁ ମନୋନୀତ କରି ଭାଇମାନ ୪୦
ଙ୍କରଠାରୁ ଈଶ୍ୱରର ଅନୁଗ୍ରହରେ ସମର୍ପିତ ହୋଇ ପ୍ରସ୍ଥାନ କରି ସୁରିୟା ୪୧
ଓ କିଲୀକିୟା ଦେଶ ଦେଇ ମଣ୍ଡଳୀଗଣକୁ ସ୍ଥିର କରୁଂ୍ୟ ଗମନ କଲା ।

## ୧୬ ପର୍ବ ।

ତଦନନ୍ତରେ ପାଉଲ ଦର୍ବୀ ଓ ଲୁସ୍ତ୍ରା ନଗରରେ ଉପସ୍ଥିତ ହୁଅନ୍ତେ ସେ ୧
ଠାରେ ତିମଥି ନାମରେ ଏକ ଶିଷ୍ୟ ଥିଲା । ସେ ଜଣେ ବିଶ୍ୱାସକାରିଣୀ ଯିହୁ
ଦୀୟ ତିରୀର ଗର୍ଭଜାତ ପୁଣି ତାହାର ପିତା ବିଦେଶୀୟ ଲୋକ । ସେ ଶିଷ୍ୟ ୨
ଲୁସ୍ତ୍ରା ଓ ଇକନିୟ ନଗରସ୍ଥ ଭାଇମାନଙ୍କର ନିକଟରେ ସୁଖ୍ୟାତିମନ୍ତ ଥିଲା ।
ଏହାକୁ ସଙ୍ଗେ ନେଇ ଯିବାକୁ ମନସ୍ଥ କରି ପାଉଲ ସେ ଦେଶ ନିବାସି ୩
ଯିହୁଦୀୟମାନଙ୍କ ଅନୁରୋଧରେ ତାହାର ସୁନ୍ନତ କଲା ଯେହେତୁ ତାହାର
ପିତା ଯେ ବିଦେଶୀୟ ଲୋକ ଏହା ସମସ୍ତେ ଜାଣିଲେ । ସେମାନେ ନଗରେ୍ୟ ୪
ଭ୍ରମଣ କରୁଂ୍ୟ ଯିରୁଶାଲମସ୍ଥ ପ୍ରେରିତଗଣ ଓ ପ୍ରାଚୀନ ବର୍ଗଠାରୁ ନିଉପିତ

ଯେ ବ୍ୟବସ୍ଥା ପତ୍ର ତାହା ପାଳଣାର୍ଥେ ଲୋକମାନଙ୍କୁ ସମର୍ପି ଦେଲେ ।
୫ ତହିଁରେ ମଣ୍ଡଳୀ ସମସ୍ତ ଖ୍ରୀଷ୍ଟର ଧର୍ମ୍ମରେ ସୁସ୍ଥିର ହୋଇ ଦିନୋ ବହୁସଂଖ୍ୟକ
ହେବାକୁ ଲାଗିଲେ ।
୬ ସେମାନେ ଫୃଗିୟା ଓ ଗଲାତିୟ ଦେଶ ଦେଇ ଗଲେ ଧର୍ମଆତ୍ମ ସେମାନଙ୍କୁ
୭ ଅଶିୟା ମଧ୍ୟରେ କଥା ପ୍ରଚାର କରିବାକୁ ନିଷେଧ କଲେ । ପୁଣି ମୁସିୟା ଦେ
ଶରେ ଉପସ୍ଥିତ ହେଲାଉତ୍ତାରେ ବିଥୁନିୟାକୁ ଯିବାକୁ ଉଦ୍ୟତ ହୋଇଲେ
୮ ସେହି ଦେଶରେଇ ଯିବାକୁ ଆତ୍ମ ସେମାନଙ୍କୁ ଅନୁମତି ନ ଦେଲେ । ତହିଁରେ
ସେମାନେ ମୁସିୟା ଦେଶ ତ୍ୟାଗ କରି ଟ୍ରୋୟା ନଗରକୁ ଯାଇ ଉପସ୍ଥିତ
୯ ହେଲେ । ପୁଣି ରାତ୍ରିକାଳରେ ପାଉଲ ସ୍ୱପ୍ନ ଦର୍ଶନ କଲା ଯେମନ୍ତ ଏକଜଣ
ମାକିଦୋନୀୟା ଲୋକ ଠିୟାହୋଇ ବିନତି କରି ତାହାକୁ କହୁଅଛି ମାକିଦୋ
୧୦ ନୀୟା ଦେଶରେ ଆସି ଆମ୍ଭମାନଙ୍କର ଉପକାର କର । ସେ ଏମନ୍ତ ଦର୍ଶନ
କରିବାରେ ପ୍ରଭୁ ଯେ ସେ ଦେଶୀୟମାନଙ୍କର ନିକଟରେ ମଙ୍ଗଳସମାଚାର
ଘୋଷଣା କରିବାକୁ ଆମ୍ଭମାନଙ୍କୁ ଡାକୁଅଛନ୍ତି ଏହା ନିଶ୍ଚୟ ବୁଝି ଅମ୍ଭେ
ମାନେ ଶୀଘ୍ର ମାକିଦୋନୀୟା ଦେଶରେ ଯିବାକୁ ଉଦ୍ୟମ କଲୁଁ ।
୧୧ ପୁଣି ଟ୍ରୋୟା ନଗରରୁ ଯାତ୍ରା କରି ସଳଖ ମାର୍ଗରେ ସାମଥ୍ରାକିୟା ଉପଦ୍ୱୀପ
ଦେଇ ଗମନ କରି ଅର ଦିନରେ ନିୟାପଲି ନଗରରେ ଉପସ୍ଥିତ ହେଲୁଁ ।
୧୨ ସେଠାରୁ ଗମନ କରି ମାକିଦୋନୀୟାର ଅନ୍ତଃପାତି ନୂତନ ବସତି ସ୍ଥାନ
ଯେ ଫିଲିପି ନାମରେ ଏକ ପ୍ରଧାନ ନଗର ତହିଁରେ ଉପସ୍ଥିତ ହୋଇ କେ
୧୩ ତେକ ଦିନ ପର୍ଯ୍ୟନ୍ତେ ସେଠାରେ ରହିଲୁଂ । ଆଉ ବିଶ୍ରାମବାରରେ ନଗରର
ବାହାରେ ଯାଇ ନଦୀର ତୀରରେ ଯେଉଂ ସ୍ଥାନରେ ପ୍ରାର୍ଥନା କରିବା ବ୍ୟବ
ହାର ଥିଲା ସେଠାରେ ବସି ଅସନ୍ତା ସ୍ତ୍ରୀଲୋକମାନଙ୍କର କତିରେ କଥା ଜ
୧୪ ଣାଇଲୁଂ । ଏଥିରେ ଥୁୟାଟିରା ନଗର ନିବାସିନୀ ବାଇଗଣିୟାରଙ୍ଗ ନୁଗା
ବିକ୍ରୟ କାରିଣୀ ଲୁଦିୟା ନାମରେ ଯେ ଏକ ଈଶ୍ୱର ସେବିକା ସ୍ତ୍ରୀ ସେ ଶୁଣିଲା
ପୁଣି ପାଉଲର ଉକ୍ତ ବାକ୍ୟ ମାନିବାକୁ ପ୍ରଭୁ ତାହାର ମନକୁ ଫିଟାଇଲେ ।
୧୫ ଏନିମନ୍ତେ ସେ ସ୍ତ୍ରୀ ସପରିବାରେ ଡୁବିତ ହୋଇ ବିନତି କରି କହିଲା ତୁମ୍ଭେ
ମାନେ ଯେବେ ମୋତେ ପ୍ରଭୁର ପ୍ରତି ବିଶ୍ୱାସକାରିଣୀ ମଣ ତେବେ ମୋହର
ଗୃହରେ ଆସି ରହ । ଏମନ୍ତେ ସେ ଯତ୍ନରେ ଆମ୍ଭମାନଙ୍କୁ ରଖିଲା ।
୧୬ ପୁଣି ପ୍ରାର୍ଥନା ସ୍ଥାନକୁ ଯିବାର ସମୟରେ ଯାହାର ଗଣନା କ୍ରିୟାଦ୍ୱାରା
ତାହାର କର୍ତ୍ତାମାନଙ୍କର ବହୁତ ଧନ ଉପାର୍ଜ୍ଜନ ହୋଇଥିଲା ଏମନ୍ତ ଦୈବଜ୍ଞ
୧୭ ଭୂତଗ୍ରସ୍ତ ଏକ ବାଳିକା ଆସି ଆମ୍ଭମାନଙ୍କର ସଙ୍ଗେ ଦେଖା କଲା । ସେ ବାଳିକା
ପାଉଲ ଅଦି ଆମ୍ଭମାନଙ୍କର ପଛୋ ଆସି ଡାକି କହିଲା ଏହି ମନୁଷ୍ୟମାନେ

ସର୍ବୋପରିସ୍ଥ ଈଶ୍ୱରର ସେବକ ହୋଇ ଆମ୍ଭମାନଙ୍କୁ ପରିତ୍ରାଣର ପଥ ପ୍ରକାଶ
କରନ୍ତି । ଏପ୍ରକାର ସେ ଅନେକ ଦିନ ପର୍ଯ୍ୟନ୍ତ କଲା ଏଥିରେ ପାଉଲ ୧୮
ଦୁଃଖିତ ହୋଇ ମୁଖ ଫେରାଇ ଭୂତକୁ କହିଲା ଯୀଶୁଖ୍ରୀଷ୍ଟଙ୍କର ନାମ ନେଇ
ତୁମ୍ଭକୁ ଆଜ୍ଞା ଦେଉଅଛି, ଏହାଠାରୁ ବାହାର ହୁଅ ତେଣୁ ସେହି ଦଣ୍ଡରେ
ସେ ଭୂତ ତାହାକୁ ଛାଡ଼ି ଗଲା । ମାଲି ତାହାର ପ୍ରଭୁମାନେ ଆପଣାମାନଙ୍କ ୧୯
ଲାଭର ପ୍ରତ୍ୟାଶା ବିଫଳ ହେଲା ଏହା ଦେଖି ପାଉଲକୁ ପୁଣି ଶୀଲାକୁ ଧର
ଈଶ୍ୱର ସ୍ଥାନରେ ଅଧିପତିମାନଙ୍କର ଜିଅରେ ଟାଣି ନେଲେ । ଏମନ୍ତ ଶାସ ୨୦
ନକର୍ତ୍ତାମାନଙ୍କଠାରେ ସେମାନଙ୍କୁ ନେଇ ଯାଇ ବୋଇଲେ ଏମାନେ ଯେ
ଆମ୍ଭେମାନେ ଆମ୍ଭମାନଙ୍କର ଯେଉଁ ବ୍ୟବହାର ଗ୍ରହଣ ଓ ପାଳନ କରିବାକୁ ୨୧
ନାହିଁ ଏମାନେ ଯିହୁଦୀୟ ଲୋକ ହୋଇ ତାହାଙ୍କ ଶିଷ୍ୟ ଦେଇ ଆମ୍ଭମାନଙ୍କର
ନଗରରେ ଅତିଶୟ କଲହ କରୁଅଛନ୍ତି । ଏଥିରେ ଲୋକ ସମୂହ ସେମା ୨୨
ନଙ୍କର ବିପକ୍ଷରେ ଉଠିଲେ ପୁଣି ଶାସନକର୍ତ୍ତାମାନେ ସେମାନଙ୍କର ନୁଗା
ଛଡାଇ ବେତ ମାରିବାକୁ ଆଜ୍ଞା ଦେଲେ । ଏମନ୍ତେ ସେମାନଙ୍କୁ ଅନେକ ୨୩
ପ୍ରହାର କଲା ଉତ୍ତାରେ କାରାଗାରରେ ନେଇ ଯାଇ ସାବଧାନରେ ପରେ
ରକ୍ଷା କରିବାକୁ କାରାଗାର ରକ୍ଷକକୁ ଆଜ୍ଞା ଦେଲେ । ଏପ୍ରକାର ଆଜ୍ଞା ପାଇ ୨୪
ସେ ସେମାନଙ୍କୁ ଅନ୍ତରସ୍ଥ କାରାଗାରରେ ପକାଇ ସେମାନଙ୍କର ପାଦ ହଡ଼
କାଠରେ ବନ୍ଦ କରି ରଖିଲା ।

ପୁଣି ରାତ୍ରିର ମଧ୍ୟାହ୍ନ ସମୟରେ ପାଉଲ ଓ ଶୀଲା ଈଶ୍ୱରଙ୍କ ଉଦ୍ଦେଶରେ ୨୫
ପ୍ରାର୍ଥନା ଓ ସ୍ତବ ଗାନ କରନ୍ତେ ବନ୍ଦି ଲୋକମାନେ ସେମାନଙ୍କର ରବ ଶୁଣି
ଲେ । ଏଥିରେ ଅକସ୍ମାତ୍ ଏମନ୍ତ ଏକ ମହା ଭୂମିକମ୍ପ ହେଲା ଯେ ଭିତ୍ତିମୂଳର ୨୬
ସଙ୍ଗେ କାରାଗାର ଟଳମଳ ହେବାକୁ ଲାଗିଲା । ତତ୍କ୍ଷଣାତ୍ ସମସ୍ତ ଦ୍ୱାର
ମୁକୁଳା ହେଲା ପୁଣି ସମସ୍ତ ବନ୍ଧନ ଖସି ପଡ଼ି ଗଲା । ଏନମନ୍ତେ କାରାଗାର ରକ୍ଷକ ୨୭
ନିଦ୍ରାରୁ ଜାଗତ ହୋଇ କାରାଗାରର ଦ୍ୱାର ମୁକୁଳା ଦେଖି ବନ୍ଦି ଲୋକମାନେ
ପଳାଇ ଅଛନ୍ତି ଏହା ବୁଝି କୋଷରୁ ଖଡ୍ଗ ବାହାର କରି ଆତ୍ମଘାତ ହେବାକୁ
ଉଦ୍ୟତ ହେଲା । ପୁଣି ପାଉଲ ଉଚ୍ଚସ୍ୱରରେ ତାହାକୁ ଡାକ କହିଲା ଆହେ ୨୮
ଆମ୍ଭେମାନେ ସମସ୍ତେ ଏଠାରେ ଅଛୁଁ, ତୁମ୍ଭେ ଆପଣାକୁ କିଛୁ କ୍ଷତି କର ।
ତେଣୁ ପ୍ରଦୀପ ଆଣିବାକୁ ବୋଲି ସେ କମ୍ପମାନ ହୋଇ କ୍ରୁଦ୍ଧ କର ଭିତରେ ୨୯
ଆସି ପାଉଲ ଓ ଶୀଲାର ଚରଣରେ ପଡ଼ିଲା । ପୁଣି ସେ ସେମାନଙ୍କୁ ବାହାରେ ୩୦
ଆଣି ପଚାରିଲା ହେ ଅବଧାନମାନେ ପରିତ୍ରାଣ ପାଇବାର ନିମନ୍ତେ ଆମ୍ଭକୁ କ
କରିବାକୁ ହେବ । ଏଥିରେ ସେମାନେ କହିଲେ ପ୍ରଭୁ ଯୀଶୁଖ୍ରୀଷ୍ଟରେ ବିଶ୍ୱାସ ୩୧
କର ତେଣୁ ତୁମ୍ଭେ ପରିତ୍ରାଣ ପାଇବ । ପୁଣି ତାହାକୁ ଓ ତାହ ୩୨

୩୩ ସ୍ଥିତ ସମସ୍ତ ଲୋକମାନଙ୍କର ପ୍ରଭୁ ପ୍ରଭୁର କଥା କହିଲେ । ଏଣୁ ସେହି ରାତ୍ରିର
ସେ ଦଣ୍ଡରେ ସେ ସେମାନଙ୍କୁ ନେଇ ସେମାନଙ୍କର ପ୍ରହାରର କ୍ଷତ ସମସ୍ତ
ଧୌତ କଲା ପୁଣି ସେ ଅପେଁ ଓ ତାହାର ପରିବାର ସମସ୍ତେ ସେ ସମ
୩୪ ସ୍ତରେ ମଜ୍ଜିତ ହୋଇଲେ । ଆଉ ସେମାନଙ୍କୁ ଆପଣା ଗୃହରେ ନେଇ
ଯାଇ ସେମାନଙ୍କର ଅଗରେ ଖାଦ୍ୟ ସାମଗ୍ରୀ ରଖିଲା । ଏଥିରେ ସେ ଅପେଁ
ତାହାର ପରିବାର ସମସ୍ତେ ଈଶ୍ୱରରେ ବିଶ୍ୱାସ କରି ଆନନ୍ଦିତ ହେଲେ ।
୩୫ ଦିନ ଉପସ୍ଥିତ ହେଲେ ଏଲୋକଙ୍କୁ ଛାଡ଼ି ଦିଅ ଶାସନକର୍ତ୍ତାମାନେ ପଦାତିକ
୩୬ ଗଣଙ୍କୁ ଏହି କଥା କହି ପଠାଇଲେ । କାରାଗାର ରକ୍ଷକ ପାଉଲଙ୍କୁ ସେ
ସଂବାଦ ଜଣାଇ କହିଲା ଶାସନ କର୍ତ୍ତାମାନେ ତୁମ୍ଭମାନଙ୍କୁ ଛାଡ଼ି ଦେବାକୁ
ଲୋକ ପଠାଇଅଛନ୍ତି ଏବେ ତୁମ୍ଭେମାନେ ବାହାର ହୋଇ କୁଶଳରେ
୩୭ ଚାଲି ଯାଅ । ପୁଣି ପାଉଲ ସେମାନଙ୍କୁ କହିଲା ରୋମି ଲୋକ ଯେ ଅମ୍ଭେ
ମାନେ ଅମ୍ଭମାନଙ୍କର କୌଣସି ଦୋଷ ନିଷ୍ପତ୍ତି ନ କର ସମସ୍ତଙ୍କର ସାକ୍ଷା
ତରେ ଆମ୍ଭମାନଙ୍କୁ କୋଡା ମାର କାରାଗାରରେ ବନ୍ଦ କରିଅଛନ୍ତି ଏବେ
କି ଗୋପନରେ ଅମ୍ଭମାନଙ୍କୁ ଛାଡ଼ି ଦେବେ । ତାହା ନ ହେବ ଆପଣାମାନେ
୩୮ ଆସି ଅମ୍ଭମାନଙ୍କୁ ବାହାର କର ନେଇ ଯାଉନ୍ତୁ । ତେଣୁ ପଦାତିକମାନେ
ଶାସନକର୍ତ୍ତାମାନଙ୍କୁ ଏହି ସଂବାଦ ଦଅନ୍ତେ ସେମାନେ ଯେ ରୋମି ଲୋକ ଏ
୩୯ କଥା ଶାସନକର୍ତ୍ତାମାନେ ଶୁଣି ଭୀତ ହେଲେ । ପୁଣି ସେମାନଙ୍କର କଥାକୁ
ଅସି ସେମାନଙ୍କୁ ବିନତି କର ବାହାରେ ଅଣି ନଗରରୁ ପ୍ରସ୍ଥାନ କରିବାକୁ
୪୦ ପ୍ରାର୍ଥନା କଲେ । ଏଥିରେ ସେମାନେ କାରାଗାରରୁ ନିର୍ଗତ ହୋଇ ଲୂଦିୟାର
ଗୃହରେ ଗଲେ । ଅନନ୍ତରେ ଭାଇମାନଙ୍କର ସଙ୍ଗେ ଦେଖା କର ସେମାନଙ୍କୁ
ସାନ୍ତ୍ୱନା କଲା ଉତ୍ତାରେ ସେଠାରୁ ପ୍ରସ୍ଥାନ କଲେ ।

## ୧୭ ପର୍ବ ।

୧ ଏଉତ୍ତାରୁ ପାଉଲ ଓ ଶୀଲ ଅମ୍ଫିପଲି ଓ ଅପଲ୍ଲୋନିୟା ନଗର ଦେଇ
ଗମନ କର ଯେଠାରେ ଯିହୂଦୀୟମାନଙ୍କର ଏକ ଭଜନାଲୟ ଅଛି ଏନିମି
୨ ଥିଷଲନୀକା ନଗରରେ ଉପସ୍ଥିତ ହେଲେ । ଏଥିରେ ପାଉଲ ଆପଣା ରୀତ୍ୟ
ନୁସାରେ ସଭାରେ ଯାଇ ତିନ ବିଶ୍ରାମବାରେ ସେମାନଙ୍କର ସଙ୍ଗରେ ଧର୍ମପୁସ୍ତ
୩ କର କଥା ବିତର୍କ କଲା । ପୁଣି ମଶୀହକୁ ଦୁଃଖ ଭୋଗ କରିବାକୁ ଓ ମୃତ୍ୟୁର
ଉତ୍ଥାନ କରିବାକୁ ହୋଇଲା ଆଉ ତୁମ୍ଭମାନଙ୍କର ନିକଟରେ ଯେ ଯୀଶୁର
ପ୍ରସଙ୍ଗ ଘୋଷଣା କରିଅଛୁଁ ସେ ମଶୀହ ଅଟନ୍ତି ଏହି ସମସ୍ତ କଥା ପ୍ରତ୍ୟକ୍ଷ
୪ କର ପ୍ରମାଣ ସିଦ୍ଧ କଲା । ଏଥିରେ ସେମାନଙ୍କର ମଧ୍ୟରେ ଯୋକାସ୍ତେ

ଜଣ ପୁଣି ବଦେଶୀୟ ଅନେକ ଲୋକ ଅନୁର କେତେ ପ୍ରଧାନ ସ୍ତ୍ରୀଲୋକ
ବଶ୍ୱାସ କର ପାଉଲ ଓ ଶୀଲାର ସଙ୍ଗତେ ହୋଇଲେ । ପୁଣି ଅବଶ୍ୱାସି ୫
ଯିହୁଦୀୟ ଲୋକେ ଈର୍ଷ୍ୟାରେ ପରିପୂର୍ଣ ହୋଇ ପାଷଣ୍ଡ ଜାତି କେତେକ
ଦୁଷ୍ଟ ଲୋକକୁ ସଙ୍ଗରେ ନେଇ ଦଣ୍ଡ ହୋଇ ନଗରରେ ହୁଡାହୁଡ କର ଯାସ
ନର ଗୃହ ଘେର ପ୍ରେରିତଗଣକୁ ଧର ଲୋକ ସମୂହର ନଜରରେ ଆଣିବାକୁ
ଚେଷ୍ଟା କଲେ । ପୁଣି ସେମାନଙ୍କର ଉଦ୍ଦେଶ ନ ପାଇବାରେ ଯାସନକୁ ପୁଣି ୬
ଯୋକାୟେ ଭାଇଙ୍କୁ ଧର ନଗରର କର୍ତ୍ତାମାନଙ୍କର ନଜରରେ ଆଣି ଡାକ
କହିଲେ ଯେଉଁ ମନୁଷ୍ୟମାନେ ଜଗତକୁ ଅଡୁଆ ପକାଇଛନ୍ତି ସେମାନେ
ଏଠାରେହେଁ ଅସିଅଛନ୍ତି ଏମାନଙ୍କୁ ଏହି ଯାସନ ଅତିଥି କଲାଣି । ପୁଣି ୭
ଯୀଶୁ ନାମରେ ଅନ୍ୟ ଏକ ଜଣ ରଜା ଅଛନ୍ତି ଏକଥା ବୋଲି ଏମାନେ କାଇ
ସରର ବ୍ୟବସ୍ଥାର ବରୁଦ୍ଧ କର୍ମ କରୁଛନ୍ତି । ସେମାନଙ୍କର ଏକଥା ଶୁଣି ୮
ଲୋକ ସମୂହ ପୁଣି ନଗରର କର୍ତ୍ତାମାନେ ଉଦ୍ୱିଗ୍ନ ହେଲେ । ପୁଣି ଯାସ ୯
ନର ଓ ଅନ୍ୟମାନଙ୍କର ଲଗା ନେଇ ସେମାନଙ୍କୁ ଛାଡ ଦେଲେ ।

ତେଣୁ ଭାଇମାନେ ରାତ୍ରିକାଲରେ ପାଉଲକୁ ଓ ଶୀଲାକୁ ବରେୟା ନଗ ୧୦
ରରେ ଶୀଘ୍ର ପଠାଇ ଦଅନ୍ତେ ସେମାନେ ସେଠାରେ ଉପସ୍ଥିତ ହୋଇ ଯିହୁ
ଦୀୟମାନଙ୍କର ରଜ୍ଜନାଲୟରେ ପ୍ରବେଶିଲେ । ସେ ସ୍ଥାନସ୍ଥ ଲୋକମାନେ ୧୧
ଥିସଲନିକାର ଲୋକଠାରୁ ମହାତ୍ମ ଥିଲେ ଯେହେତୁ ସେମାନେ ସ୍ୱଚ୍ଛନ୍ଦରେ
କଥା ଗ୍ରହଣକର ଏମନ୍ତ ନୁଅଇ କ ନାହ ଏହା ଜାଣିବାର ପାଁଇ ନତ୍ୟୀ ଧର୍ମ୍ମ
ଗ୍ରନ୍ଥର ଅଲୋଚନା କଲେ । ତେଣୁ ଅନେକ ଯିହୁଦୀୟମାନେ ପୁଣି ବଦେ ୧୨
ଶୀୟମାନଙ୍କର ମାନ୍ୟ ସ୍ତ୍ରୀଲୋକମାନେ ଓ ପୁରୁଷମାନେ କେତେକ ଜଣ ବଶ୍ୱାସ
କଲେ । ମାଏ ବରେୟା ନଗରରେ ପାଉଲ ଦ୍ୱାରା ଈଶ୍ୱରର କଥା ଘୋଷଣା ୧୩
ହେଉଅଛୁ ଏହା ଥିସଲନିକାର ଯିହୁଦୀୟମାନେ ଜ୍ଞାତ ନୁଅନ୍ତେ ସେମାନେ
ସେଠାରେହେଁ ଅସି ଲୋକମାନଙ୍କୁ କୁପ୍ରବୃତ୍ତି ଦେଲେ । ଏନମନ୍ତେ ସେଠାର ୧୪
ସମସ୍ତ ବାଟରେ ଯାଉଅଛ ଏମନ୍ତ ଦେଖାଇ ଭାଇମାନେ ପାଉଲକୁ ଶୀଘ୍ର
ପଠାଇ ଦେଲେ ପୁଣି ଶୀଲ ଓ ତିମଥି ସେଠାରେ ରହିଲେ । ତହିଁ ପାଉଲର ୧୫
ପଥ ଦର୍ଶକମାନେ ତାହାକୁ ଅଥୀନା ନଗରରେ ଉପସ୍ଥିତ କଲାଉତ୍ତାରେ ଶୀଘ୍ର
ଓ ତିମଥିର ପ୍ରତି ସେଠାକୁ ବେଗ କର ଏଠାରେ ଅସିବାକୁ ଆଜ୍ଞା ପାଇ
ସେମାନେ ବାହୁଡିଲେ ।

ପାଉଲ ଅଥୀନା ନଗରରେ ସେମାନଙ୍କର ଅପେକ୍ଷା କର ଥାଉଁ ସେ ୧୬
ନଗରକୁ ପ୍ରତିମାରେ ପରିପୂର୍ଣ ଦେଖି ତାହାର ଉତ୍ତପ୍ତ ଚିତ୍ତ ହୋଇଲା । ଏଣୁ ସେ ୧୭
ରଜ୍ଜନାଲୟରେ ଯିହୁଦୀୟ ଓ ଉକ୍ତ ଲୋକମାନଙ୍କର ସହିତ ପୁଣି ବଜାରରେ

ଯେ ଯାହାର ସଙ୍ଗରେ ଦେଖା ପାଇଲା ସେମାନଙ୍କର ସହିତ ପ୍ରତିଦିନ
୧୮ ବତର୍କ କରିବାକୁ ଲାଗିଲା । ଏଥିରେ ଏପିକ୍ୟୁରୀୟ ଓ ସ୍ତୋୟିକ ମତାବଲମ୍ବି
ଥୋକାଏ ଜଣ ଜ୍ଞାନୀ ତାହାର ସଙ୍ଗେ ବିବାଦ କଲେ । କେହୀ କହିଲେ
ଏହି ବକ୍ତାଟ କ କଥା କହିବ । ଆଉମାନେ ବୋଇଲେ ବୋଧ ହୁଅଇ
ଏ ଜଣ କୌଣସି ବିଦେଶୀୟ ଦେବତାମାନଙ୍କର ପ୍ରଚାରକ ହେବ । କାରଣ
ସେ ଯୀଶୁର ଓ ମୃତ୍ୟୁରୁ ଉତ୍ଥାନର ପ୍ରସଙ୍ଗ ସେମାନଙ୍କଠାରେ ଘୋଷଣା କରି
୧୯ ଥିଲା । ଏଣୁ ସେମାନେ ତାହାକୁ ନେଇ ଆରେୟପାଗ ବୋଲି ବିଚାର ସ୍ଥାନକୁ
ଆଣି କହିଲେ ଏହି ଯେ ନୂତନ ମତ ତୁମ୍ଭେ ପ୍ରକାଶ କରୁଅଛ ତାହା କ ପ୍ରକାର
୨୦ ଏହା ଆମ୍ଭମାନଙ୍କୁ କହିବା ହେଉ । ତୁମ୍ଭେ କୌଣସି ଅସମ୍ଭବ କଥା ଆମ୍ଭମାନ
ଙ୍କର କର୍ଣଗୋଚର କରୁଅଛ ଏଣୁ ଏହାର ତାତ୍ପର୍ଯ୍ୟ କ ତାହା ଆମ୍ଭେମାନେ
୨୧ ଜାଣିବାକୁ ବାଞ୍ଛା କରୁ । ସେ ଅଥୀନା ନିବାସି ଓ ସେ ନଗର ପ୍ରବାସି
ଲୋକେ କେବଳ କୌଣସି ନୂଆ କଥା ଶୁଣିବାରେ କ କହିବାରେ କାଳ
କ୍ଷେପଣ କରିଥିଲେ ।

୨୨ ଏନମନ୍ତେ ପାଉଲ ଆରେୟପାଗର ମଧ୍ୟସ୍ଥଲରେ ଠିଆ ହୋଇ ଏହି କଥା
କହିଲା । ହେ ଅଥୀନୀୟ ଲୋକ ସମସ୍ତ ତୁମ୍ଭେମାନେ ଦେବ ପରାପୂଣରେ
୨୩ ଷୋଳଅଣାରୁ ଯେ ଅସକ୍ତ ଅଟ ଏହା ଆମ୍ଭେ ଦେଖିବାକୁ ପାଇ । ଯେହେତୁ
ଭ୍ରମଣ କରିବା କେଳେ ତୁମ୍ଭମାନଙ୍କର ପୂଜ୍ୟ ବିଷୟ ଦେଖୁ, ଅଜ୍ଞାତ ଦେବ
ତାର ଉଦ୍ଦେଶରେ ଏହି ଲେଖାଯୁକ୍ତ ଏକ ଯଜ୍ଞବେଦ ଦେଖିଲୁଁ । ଏନମନ୍ତେ ନ
ଜାଣି ଯାହାକୁ ପୂଜା କରୁଅଛ ତାହାଙ୍କର ତତ୍ତ୍ୱ ତୁମ୍ଭମାନଙ୍କର ନକଟରେ
୨୪ ପ୍ରଚାର କରୁ । ଜଗତ ପୁଣି ଜଗତସ୍ଥ ସମୁଦାୟ ବସ୍ତୁର ସୃଷ୍ଟିକର୍ତ୍ତା ଯେ
ଈଶ୍ୱର ସେ ସ୍ୱର୍ଗ ଓ ପୃଥିବୀର ଏକାଧିପତି ହୋଇ ହସ୍ତକୃତ ମନ୍ଦିରରେ ବାସ
୨୫ କ କରନ୍ତି । ଅଉ ସେ ସମସ୍ତଙ୍କୁ ଜୀବନ ଓ ପ୍ରାଣବାୟୁ ଅବି ସବୁ ସାମଗ୍ରୀ
ଦିଅନ୍ତି ଏନମନ୍ତେ ସେ ଯେ କୌଣସି ସାମଗ୍ରୀର ଅଭାବ ସକାଶେ ମନୁଷ୍ୟମା
୨୬ ନଙ୍କର ହସ୍ତରେ ସେବିତ ହୁଅନ୍ତି ଏମନ୍ତ ନୋହେ । ଅଉ ସେ ଭୂମଣ୍ଡଳରେ
ବାସ କରିବାର ନମନ୍ତେ ଏକ ରକ୍ତରୁ ସକଳ ଜାତିସ୍ଥ ମନୁଷ୍ୟକୁ ସୃଷ୍ଟି କରି
ପୂର୍ବକାଳରେ ସେମାନଙ୍କର ନରୂପିତ ସମୟର ପୁଣି ବସତ୍ତର ସୀମାର ନିଶ୍ଚୟ
୨୭ କରିଅଛନ୍ତି । ତହିଁରେ ଲୋକମାନେ ଯେ କୌଣସି ପ୍ରକାରେ ଅନୁସନ୍ଧାନ
କରି ପରମେଶ୍ୱରର ତତ୍ତ୍ୱଜ୍ଞାନ ପାଇବାକୁ ପାରନ୍ତି ବଥିଯାଁଇ ତାହାଙ୍କର
୨୮ ଅନ୍ୱେଷଣ କରିବାକୁ ହୁଅଇ । ସେ ଆମ୍ଭମାନଙ୍କର କାହାରଠାରୁ ଦୂର ଅଛନ୍ତି
ତାହା ନୋହେ ଯେହେତୁ ତାହାଙ୍କ ଦ୍ୱାରା ନଶ୍ୱାସ ପ୍ରଶ୍ୱାସ ତ୍ୟାଗ ଓ ଗମନା
ଗମନ ଓ ପ୍ରାଣଧାରଣ କରୁଅଛୁଁ । ପୁଣି ତୁମ୍ଭମାନଙ୍କରୁ କେ କେ ମାନେ

ବିଷୟରେ କହିଅଛ ଯଥା । ଆମ୍ଭେମାନେ ତାହାଙ୍କର ବଂଶ । ଏନମନ୍ତେ ୧୯
ଆମ୍ଭେମାନେ ଯେବେ ଈଶ୍ୱରର ବଂଶ ହୋଇ ଥେବେ ମନୁଷ୍ୟମାନଙ୍କର ବିଦ୍ୟା
ରେ ଓ କୌଶଳରେ ଖୋଦିତ ଯେ ସ୍ୱର୍ଣ୍ଣ କି ରୂପ୍ୟ କି ପଥର ଏମାନଙ୍କର
ତୁଲ୍ୟ ଈଶ୍ୱରଙ୍କୁ ମଣିବାକୁ ଆମ୍ଭମାନଙ୍କର କର୍ତ୍ତବ୍ୟ ନୋହେ । ଆଉ ସେ ୨୦
ପୂର୍ବକାଳର ଅଜ୍ଞାନସମୟର ପ୍ରତି ଈଶ୍ୱର ଦୃଷ୍ଟି ନ କଲେ ତଥାପି
ଏଥେବେଳେ ସେ ସର୍ବତ୍ର ସମସ୍ତଙ୍କୁ ମନ ଫେରାଇବାକୁ ଆଜ୍ଞା ଦିଅନ୍ତି ।
ଯେହେତୁ ଆପଣାର ନିଯୁକ୍ତ ପୁରୁଷ ଦ୍ୱାରା ଯେଉଁ ଦିନରେ ଜଗତ୍ସ୍ଥ ଲୋକମା ୨୧
ନଙ୍କୁ ନ୍ୟାୟରେ ବିଚାର କରିବେ ଏମନ୍ତ ଏକ ଦିନ ସେ ନିରୂପଣ କରିଅ
ଛନ୍ତି ଆଉ ତାହାଙ୍କୁ ମୃତ୍ୟୁରୁ ଉଠାଇବାରୁ ସେ ବିଷୟରେ ସମସ୍ତଙ୍କଠାରେ
ପ୍ରମାଣ ଦେଇଅଛନ୍ତି । ତେଣୁ ମୃତ୍ୟୁର ଉତ୍ଥାନ କଥା ଶୁଣି କେହି ଉପ ୨୨
ହାସ କଲେ । ଆଉ କେହୀ ବୋଇଲେ ତୁମ୍ଭଠାରୁ ଏହାର ପ୍ରସଙ୍ଗ ପୁନ
ର୍ବାର ଶୁଣିବା । ଇହାଁରେ ପାଉଲ ସେମାନଙ୍କର ମଧ୍ୟରୁ ପ୍ରସ୍ଥାନ କଲା ୨୩
ତଥାପି ଥୋକାଏ ଲୋକ ତାହାର ସଙ୍ଗରେ ମିଳି ବିଶ୍ୱାସ କଲେ । ସେ ୨୪
ମାନଙ୍କର ମଧ୍ୟରେ ଆରେୟପାଗୀୟ ଦିୟନୁସିୟ ଓ ଦାମାରି ନାମରେ ଏକ
ସ୍ତ୍ରୀ ପୁଣି ଆଉମାନେ ଥିଲେ ।

## ୧୮ ପର୍ବ ।

ଇହାଁ ଉତ୍ତାରେ ପାଉଲ ଅଥୀନା ନଗରରୁ ଯାତ୍ରା କରି କରିନ୍ଥ ନଗରରେ ୧
ଆସିଲା । ସେ ସମୟରେ କ୍ଲୌଦିୟ ଗାଜା ସମସ୍ତ ଯିହୁଦୀୟମାନଙ୍କୁ ରୋମ ୨
ନଗର ତ୍ୟାଗ କରି ଯିବାକୁ ଆଜ୍ଞା କରିବାରେ ଇତାଲି ଦେଶରୁ କିଛିହ
ପୂର୍ବରେ ଆସିଲେ ଯେ ପନ୍ତଦେଶ ଜାତ ଅକ୍ୱିଲ ନାମରେ ଯିହୁଦୀୟ ଲୋକେ
ତାହାର ପତ୍ନୀ ପ୍ରିସ୍କିଲ୍ଲା ନାମ୍ନୀ ଭାର୍ଯ୍ୟାର ସଙ୍ଗେ ପାଉଲ ଦେଖା ପାଇ ସେମାନଙ୍କ ୩
ଠାରେ ଗଲା । ସେମାନେ ଚର୍ମ୍ମ ନର୍ମାଣ ବ୍ୟବସାୟୀ ଆଉ ସେ ଆପେ ତତ୍ତୁକର୍ମ
କାର ହୁଅନ୍ତେ ସେ ସେମାନଙ୍କର ସଙ୍ଗେ ବାସ କରି ସେହିକର୍ମ କଲା । ପୁଣି ୪
ପ୍ରତି ବଣ୍ଡାମବାରରେ ଭଜନାଲୟରେ ଯାଇ ବାଗ୍ୱାଦ କରିବାରେ ଯିହୁଦୀୟମା
ନଙ୍କୁ ପୁଣି ବିଦେଶୀୟମାନଙ୍କୁ ମଣାଇଲା । ଆଉ ଶୀଲ ଓ ତିମଥି ମାକିଦୋ ୫
ନୟା ଦେଶରୁ ଆସିଲେ ଉତ୍ତାରେ ପାଉଲ ମନରେ ଅତ୍ୟନ୍ତ ଉଦ୍ଯୋଗି ହୋଇ
ଯୀଶୁ ଯେ ମଶୀହ ଅଟନ୍ତି ଯିହୁଦୀୟମାନଙ୍କର ନକଟରେ ଏହାର ପ୍ରମାଣ
ଦେଲା । ପୁଣି ସେମାନେ ବରୋଧ କରି ପାଷଣ୍ଡ କଥା କହିଲେ ପାଉଲ ୬
ବସ୍ତ୍ର ଝାଡ଼ କହିଲା ତୁମ୍ଭମାନଙ୍କର ରକ୍ତପାତର ଦୋଷ ତୁମ୍ଭମାନଙ୍କର ଉପରେ
ବର୍ତ୍ତୁ, ଇହାଁରେ ଆମ୍ଭେ ନର୍ଦ୍ଦୋଷୀ ଅଦ୍ୟାବଧି ବିଦେଶୀୟମାନଙ୍କଠାରେ

୭ ଯାଇ । ପୁଣି ସେ ସେଠାରୁ ପ୍ରସ୍ଥାନ କରି ଭଜନାଳୟର ନିକଟସ୍ଥ ଯାହାର ଗୃହ
ଅଟଇ ଏମନ୍ତ ଯସ୍ତ ନାମରେ ଈଶ୍ୱରର ଭକ୍ତ ଏକ ଜଣର ଗୃହରେ ପ୍ରବେ
୮ ଶିଲା । ଆଉ କୃଷ୍ଣ ନାମରେ ଭଜନାଳୟର ପ୍ରଧାନ କର୍ତ୍ତା ସପରିବାରରେ ପ୍ର
ଭୁରେ ବିଶ୍ୱାସ କଲେ ପୁଣି ଅନେକ କରିନ୍ଥୀୟ ଲୋକ ଶୁଣି ବିଶ୍ୱାସ କରି ଡୁବି
୯ ତ ହେଲେ । ଅନନ୍ତରେ ରାତ୍ରିକାଳରେ ପ୍ରଭୁ ପାଉଲକୁ ଦର୍ଶନରେ କହିଲେ
୧୦ ଭୟ ନ କର ନିରସ୍ତ ନୋହି କଥା କହା । ଆମ୍ଭେ ତୁମ୍ଭର ସଙ୍ଗେ ଅଛୁଁ ହିଁ ସା
କରିବା ପାଁଇ କେହି ତୁମ୍ଭକୁ ଶ୍ରୁଶ କରିବାକୁ ନ ପାରିବ ଏହି ନଗରରେ
୧୧ ଆମ୍ଭର ଅନେକ ଲୋକ ଅଛନ୍ତି । ଏଣୁ ପାଉଲ ଲୋକମାନଙ୍କ ମଧ୍ୟରେ ଈଶ୍ୱ
ରର କଥା ଶିକ୍ଷା କରୁ ଦେଢ଼ ବରଷ ପର୍ଯ୍ୟନ୍ତେ ସେଠାରେ ବାସ କଲା ।
୧୨ ଏଥିଉତ୍ତାରେ ଗାଲିୟୋ ନାମରେ ଜଣେ ଆଖାୟ ଦେଶର ବିଚାରକର୍ତ୍ତା
ହୁଅନ୍ତେ ଯିହୁଦୀୟମାନେ ଏକବାକ୍ୟ ହୋଇ ବଳରେ ପାଉଲକୁ ଧରି ବିଚାର
୧୩ ସ୍ଥାନରେ ନେଇ ଯାଇ ଏହି ମନୁଷ୍ୟ ବ୍ୟବସ୍ଥାର ବିରୁଦ୍ଧରେ ଈଶ୍ୱରର ଭଜନା
୧୪ କରିବାକୁ ଲୋକମାନଙ୍କୁ ମଣାଉଅଛି ଏହି ନିବେଦନ କଲେ । ତହିଁରେ
ପାଉଲ ଉତ୍ତର କରିବାକୁ ଉଦ୍ୟତ ହେଲେ ଗାଲିୟୋ ଯିହୁଦୀୟମା
ନଙ୍କୁ କହିଲା ହେ ଯିହୁଦୀଲୋକ ଯେବେ କୌଣସି ଅନ୍ୟାୟ କି ଅତିଶୟ
ଦୁଷ୍କତା ବ୍ୟବହାର ବିଷୟରେ ଏହି ଗୁହାରି ହୁଅନ୍ତା ତେବେ ତୁମ୍ଭମାନଙ୍କର
୧୫ କଥା ସହିବାର ଆମ୍ଭର କର୍ତ୍ତବ୍ୟ ଥାନ୍ତା । ମାତ୍ର ଯେବେ କେବଳ କଥା କି
ନାମ କି ତୁମ୍ଭମାନଙ୍କର ବ୍ୟବସ୍ଥା ବିଷୟର ବିବାଦ ହୁଅଇ ତେବେ ତାହାର ବିଷ
୧୬ ୟରେ ଆମ୍ଭେ ବିଚାର ନ କରିବା ତୁମ୍ଭେମାନେ ତାହାଇ ବୁଝ । ଏଥିରେ ସେ
୧୭ ବିଚାର ସ୍ଥାନରୁ ସେମାନଙ୍କୁ ଦୂର କରି ଦେଲା । ପୁଣି ବିଦେଶୀୟମାନେ
ସୋସ୍ଥିନି ନାମେ ଭଜନାଳୟର ପ୍ରଧାନ ପରିଶ୍ଚକୁ ଧରି ତାହାକୁ ବିଚାର
ସ୍ଥାନର ଆଗରେ ପ୍ରହାର କଲେ ତଥାପି ଗାଲିୟୋ ସେହି ସବୁ କର୍ମରେ
କିଛି ମନୋଯୋଗ ନ କଲା ।
୧୮ ଅନନ୍ତରେ ପାଉଲ ସେ ସ୍ଥାନରେ ଆଉ ଅନେକ ଦିନ ବାସ କଲା ଉତ୍ତାରେ
ଭାଇମାନଙ୍କର ନିକଟରେ ବିଦାୟ ନେଇ କୌଣସି ବ୍ରତର ନିମନ୍ତେ କିଂଖ୍ରୀୟା
ନଗରରେ ମସ୍ତକ ମୁଣ୍ଡନ କରି ପ୍ରସ୍କିଲ୍ଲା ଓ ଆକୁଲାର ସଙ୍ଗେ ଜଳ ପଥରେ
୧୯ ସୁରିୟା ଦେଶକୁ ଚାଲି ଗଲେ । ପୁଣି ଏଫିସ ନଗରରେ ଉପସ୍ଥିତ ହୋଇ
ସେଠାରେ ସେମାନଙ୍କୁ ଶ୍ରୁତି ଆପେଁ ଭଜନାଳୟରେ ପ୍ରବେଶ ହୋଇ ଯିହୁ
୨୦ ଦୀୟମାନଙ୍କର ସଙ୍ଗେ ବିତର୍କ କଲା । ତହିଁରେ ସେମାନେ ଆପଣାମାନଙ୍କର
ସଙ୍ଗେ ତାହାକୁ ଆଉ କିଛି ଦିନ ରଖିବାକୁ ମିନତି କରନ୍ତେ ସେ ଥିବାକୁ
ସମ୍ମତି ନ ହୋଇ କହିଲା ଯିରୁଶାଲମରେ ଆଗାମି ପର୍ବ ପାଳନ କରିବାକୁ

ଆମ୍ଭକୁ ନିଶ୍ଚେଁ ଯିବାକୁ ହେବ । ପୁଣି ଈଶ୍ୱରର ଇଚ୍ଛା ହେଲେ ତୁମ୍ଭମାନଙ୍କ ୧୧
ଠାରେ ପୁନର୍ବାର ଫେରି ଆସିବା ଏହା ବୋଲି ସେମାନଙ୍କର ନିକଟରେ ବିଦାୟ
ନେଇ ଜଳପଥରେ ଏଫିସରୁ ପ୍ରସ୍ଥାନ କଲା । ପୁଣି କାଇସରିୟାରେ ଉପ ୧୧
ସ୍ଥିତ ହୋଇ ନଗରରେ ଯାଇ ମଣ୍ଡଳୀକୁ ନମସ୍କାର କରି ସେଠାରୁ ଆଣ୍ଟି
ୟୋଖ ନଗରରେ ପ୍ରସ୍ଥାନ କଲା । ପୁଣି ସେ ସ୍ଥାନରେ କିଛି କାଳ ପ୍ରବାସ ୧୩
କରନ୍ତେ ସେଠାରୁ ଯାଇ ସମସ୍ତ ଶିଷ୍ୟମାନଙ୍କର ମନ ସୁସ୍ଥିର କରୁ ୦୧ କ୍ରମଶେ
ଗାଲାତିୟା ଓ ଫୃଗିୟା ଦେଶ ଭ୍ରମଣ କରି ଚଲିଲା ।

ସେ ସମୟରେ ସିକନ୍ଦରିୟା ନଗରରେ ଜାତ ଆପଲ୍ଲ ନାମରେ ଶାସ୍ତ୍ରଜ୍ଞ ୧୪
ପୁଣି ସୁବକ୍ତା ଜଣେ ଯିହୁଦୀୟ ଲୋକ ଏଫିସ ନଗରକୁ ଅଇଲା । ସେ ୧୫
ପ୍ରଭୁର ପଥରେ ଶିକ୍ଷିତ ଓ ମନରେ ଉଦ୍ୟୋଗୀ ହୋଇ ଯୋହନର ଡୁବନ
ମାତ୍ର ଜାଣି ନିତାନ୍ତଉପରେ ପ୍ରଭୁର ବିଷୟରେ କଥା କହି ଉପଦେଶ ଦେଲା ।
ପୁଣି ସେ ଜଣ ନିର୍ଭୟରେ ଭଜନାଳୟରେ କହିବାକୁ ଆରମ୍ଭ କରନ୍ତେ ଅକୁଲା ୧୬
ଓ ପ୍ରସ୍କିଲ୍ଲା ତାହାର ଉପଦେଶ ଶୁଣି ତାହାକୁ ଆପଣାମାନଙ୍କର ନିକଟରେ
ନେଇ ଅସି ଶୁଦ୍ଧମତରେ ଈଶ୍ୱରର ପଥ ବୁଝାଇ ଦେଲେ । ପୁଣି ସେ ୧୭
ଅଖାୟା ଦେଶରେ ଯିବାକୁ ମାନସ କଲେ ସେଠାବର ଶିଷ୍ୟଗଣ ଯେମନ୍ତ
ତାହାକୁ ଗ୍ରାହ୍ୟ କରନ୍ତି ଭାଇମାନେ ଏଥିପାଇଁ ଲେଖି ପଠାଇଲେ । ଆପଲ୍ଲ
ସେ ସ୍ଥାନରେ ଉପସ୍ଥିତ ହୋଇ ଅନୁଗ୍ରହ ଦ୍ୱାରା ପ୍ରତ୍ୟୟକାରିମାନଙ୍କର
ବହୁତ ଉପକାର କଲା । ପୁଣି ଯୀଶୁ ଯେ ମଶୀହ ଅଟନ୍ତି ଏହା ପ୍ରକଟ ୧୮
ରୂପେ ଶାସ୍ତ୍ର ପ୍ରମାଣ ସିଦ୍ଧ ଦେଇ ଯିହୁଦୀୟମାନଙ୍କୁ ନିତାନ୍ତ ଅପ୍ରସ୍ତୁତ କଲା ।

## ୧୯ ପର୍ବ ।

ଏଥିଉତ୍ତାରୁ ଆପଲ୍ଲର କରିନ୍ଥଠାରେ ଥିବାର ସମୟରେ ପାଉଲ ଉତ୍ତର ୧
ସୀମା ଦେଇ ଆଗମନ କରି ଏଫିସ ନଗରକୁ ଅସି ପ୍ରବେଶ ହେଲା । ସେ ୧
ଠାରେ ଥୋକାୟେ ଶିଷ୍ୟର ସାକ୍ଷାତ ପାଇ ସେମାନଙ୍କୁ ପଚାରିଲା ତୁମ୍ଭେ
ମାନେ ବିଶ୍ୱାସ କରି ଧର୍ମଆତ୍ମକୁ ପାଇଅଛ କି ନାହିଁ । ସେମାନେ ଉତ୍ତର
କଲେ ଧର୍ମଆତ୍ମ ଯେ ଅଛନ୍ତି ଏହା ଆମ୍ଭେମାନେ କିଛି ଶୁଣି ନାହୁଁ । ପୁଣି ୩
ସେ ପଚାରିଲା ତେବେ ତୁମ୍ଭେମାନେ କାହିଁରେ ଡୁବିତ ହୋଇ ଥିଲ ।
ସେମାନେ କହିଲେ ଯୋହନ ଡୁବନରେ । ଏଥିରେ ପାଉଲ କହିଲା ତାହାର ୪
ଉତ୍ତାରେ ଯେ ଅସିବେ ଅର୍ଥାତ୍ ଯୀଶୁ ଖ୍ରୀଷ୍ଟ ତାହାଙ୍କଠାରେ ବିଶ୍ୱାସ କରିବାକୁ
ହେବ ଏହା ନିଶ୍ଚୟ ବୋଲି ଯୋହନ ମନ ଫେରଣ ହେତୁ ଡୁବନରେ ଲୋକ
ମାନଙ୍କୁ ଡୁବାଇଲା । ଏମନ୍ତ କଥା ଶୁଣନ୍ତେ ସେମାନେ ପ୍ରଭୁ ଯୀଶୁର ନାମରେ ୫

୬ ଡୁବଡ ହୋଇଲେ । ପୁଣି ପାଉଲ ସେମାନଙ୍କର ଗାଏରେ ହସ୍ତ ଅର୍ପଣ
କରନ୍ତେ ସେମାନଙ୍କର ଉପରେ ଧର୍ମଅତ୍ମ ଓହ୍ଲାଇଲେ ଉହିଁରେ ସେମାନେ
୭ ନାନା ଭାଷା ଓ ଭବିଷ୍ୟତ କଥା କହିଲେ । ସେମାନେ ଉଣାଅଧିକ ପ୍ରାୟ
ଦ୍ୱାଦଶ ଜଣ ଥିଲେ ।

୮ ଏଥିଁ ପାଉଲ ଉଜ୍ଜନାଲୟରେ ଯାଇ ପ୍ରାୟ ତିନ ମାସ ପର୍ଯ୍ୟନ୍ତ ଈଶ୍ୱରର
ରାଜ୍ୟ ବିଷୟରେ ବଉର୍କ କର ଲୋକମାନଙ୍କୁ ମଣାଇ ସାହସରେ କଥା
୯ କହିଲା । ପୁଣି କଠିଣ ଅନ୍ତଃକରଣ ସକାଶେ ଥୋକାଏ ଜଣ ବିଶ୍ୱାସ ନ
କର ସମସ୍ତର ସାକ୍ଷାତରେ ଏହ ବାଟର ନିନ୍ଦା କରିବାକୁ ପ୍ରବୃତ୍ତ ହୁଅନ୍ତେ
ପାଉଲ ସେମାନଙ୍କର ନିକଟରୁ ଯାଇ ଶିଷ୍ୟଗଣଙ୍କୁ ଅଲଗା କର ପ୍ରତିଦିନ
୧୦ ତୁରନ୍ନ ନାମରେ ଏକ ଜଣର ବିଦ୍ୟାଳୟରେ ବଉର୍କ କଲା । ଏହିପ୍ରକାରେ ପ୍ରାୟ
ଦୁଇ ବରଷ କରି ଥିଲା ତେଣୁ ଆଶିୟା ଦେଶ ନିବାସି ସମସ୍ତ ଯିହୁଦୀୟ ଓ
ବିଦେଶୀୟ ଲୋକମାନେ ପ୍ରଭୁ ଯୀଶୁ ଖ୍ରୀଷ୍ଟର ପ୍ରସଙ୍ଗ ଶୁଣିବାକୁ ପାଇଲେ ।
୧୧ ଅଉ ଈଶ୍ୱର ପାଉଲର ହସ୍ତ ଦ୍ୱାରା ଏମନ୍ତ ଅଦ୍ଭୁତ କର୍ମ କଲେ ଯେ ଛାହାର
୧୨ ଦେହରୁ ସିନ୍ଦିଲାର ନୁଗା କିଅବା ଗାମୁଛା ଯୀଡଚ ଲୋକମାନଙ୍କର ନିକଟରେ
ଅଣାଯାନ୍ତେ ସେମାନେ ସମସ୍ତ ବ୍ୟାଧିରୁ ମୁକ୍ତ ହେଲେ ପୁଣି ଅପବିତ୍ର ଭୂତ
ଗଣ ସେମାନଙ୍କୁ ଛାଡି ଗଲେ ।

୧୩ ଏଥିଉତ୍ତାରୁ ଥୋକାଏ ଜଣ ଖେଚଡା ଯିହୁଦୀୟ ଭୂତୁଡିୟା ଭୂତ
ଗ୍ରସ୍ତ ଲୋକମାନଙ୍କଠାରେ ପ୍ରଭୁ ଯୀଶୁର ନାମ ଜପ କର ଏହ କଥା ବୋ
ଇଲେ ଯାହାର କଥା ପାଉଲ ଘୋଷଣା କରଇ ସେହ ଯୀଶୁର ନାମ
୧୪ ନେଇ ଆଜ୍ଞା ଦେଉଁ । ପୁଣି ସ୍କୀବା ନାମରେ ଯିହୁଦୀୟ ଜଣେ ପ୍ରଧାନ ଯା
୧୫ ଜକର ସାତ ପୁଅ ସେ ପ୍ରକାର କରନ୍ତେ ଏକ ଅପବିତ୍ର ଭୂତ ଉତ୍ତର କଲା
ଯୀଶୁକୁ ଜାଣି ପାଉଲକୁ ଜାଣି ପୁଣି ତୁମ୍ଭେମାନେ କେ । ଏହା ବୋଲି
୧୬ ସେ ଅପବିତ୍ର ଭୂତଗ୍ରସ୍ତ ମନୁଷ୍ୟ କୁଦା ମାର ସେମାନଙ୍କର ଉପରେ ପଡ ବଳ
ରେ ସେମାନଙ୍କୁ ପରାସ୍ତ କଲା । ଉହିଁରେ ସେମାନେ ଉଲଗ୍ନ ଓ କ୍ଷତ ବିକ୍ଷତ
୧୭ ହୋଇ ସେ ଗୃହରୁ ପଳାଇଲେ । ଏହ କଥା ଏଫିସ ନଗର ନିବାସି ଯିହୁ
ଦୀୟ ଜାକ ପୁଣି ବିଦେଶୀୟ ଲୋକମାନଙ୍କର କର୍ଣଗୋଚର ହୁଅନ୍ତେ
ସମସ୍ତର ଭୟ ହେଲା । ପୁଣି ପ୍ରଭୁ ଯୀଶୁର ନାମର ଯଶବୃଦ୍ଧି ହୋଇଲା ।
୧୮ ଅଉ ଯେଉଁମାନେ ବିଶ୍ୱାସ କଲେ ସମସ୍ତ ଅନେକ ଲୋକ ଅସି ଆପଣାମା
୧୯ ନଙ୍କର କର୍ମ ପ୍ରକାଶରେ ସ୍ୱୀକାର କଲେ । ପୁଣି ଅନେକ ମାୟାଗ କର୍ମ
କାରୀ ଆପଣା ଆପଣା ଗ୍ରନ୍ଥ ଅଣି ଏକତ୍ର କର ସମସ୍ତର ସାକ୍ଷାତରେ ପୋଡ ପକା
ଇଲେ ଉହିଁରେ ଗଣନା କର ଦେଖା ଗଲା ଯେ ପଚାଶ ସହସ୍ର ଟଙ୍କାର

ପୁସ୍ତକ ଦଗ୍ଧ ହୋଇ ଅଛି । ଏହି ପ୍ରକାରେ ପ୍ରଭୁର କଥା ସର୍ବତ୍ର ବ୍ୟାପି ୧୦
ପ୍ରବଳ ହେଲା ।

ଏଥିଉତ୍ତାରୁ ଏହି ସମସ୍ତ କର୍ମ ପରିପୂର୍ଣ୍ଣ ହୁଅନ୍ତେ ପାଉଲ ମାକିଦୋନିୟା ୧୧
ଓ ଆଖାଇୟା ଦେଶ ଦେଇ ଯିରୁଶାଲମରେ ଯିବାକୁ ମନସ୍ଥ କରି କହିଲା
ସେଠାରେ ଗଲାଉତ୍ତାରେ ଆମ୍ଭକୁ ରୋମ ନଗର ଦେଖିବାକୁ ହେବ । ଏଣୁ ୧୨
ଆପଣାର ଅନୁଗତ ଲୋକମାନଙ୍କର ମଧ୍ୟରେ ତିମଥି ଓ ଇରାସ୍ତ ଏହି ଦୁଇ
ଜଣ ମାକିଦୋନୀୟା ଦେଶକୁ ପଠାଇ ଆପେ ଆଶିୟାରେ ଅଉ କିଛି କାଳ
ରହିଲା । ସେ ସମୟରେ ଏହି ପଥବିଷୟରେ ବଡ଼ କଳହ ଜନ୍ମିଲା ଯେହେତୁ ଦିମୀ ୧୩
ତ୍ରିୟ ବୋଲି ଜଣେ ରୂପାକାରୀ ଦିୟାନା [ଅର୍ଥ ଆର୍ତ୍ତମୀ] ନାମେ ରୂପାର ବିଗ୍ରହ ୧୪
ବନାଇବାରୁଂ ଶିଳ୍ପକାରିମାନଙ୍କର ବଡ଼ ଲାଭ ଉପାର୍ଜନ କଲା । ସେ ଜଣ ସେ ୧୫
ମାନଙ୍କୁ ପୁଣି ଆଉ ସବୁ ସେ ପ୍ରକାର କର୍ମକାରିମାନଙ୍କୁ ଏକଠା ଡାକି ବୋ
ଇଲା ହେ ଅବଧାନମାନେ ଏହି କାର୍ଯ୍ୟରୁ ଆମ୍ଭମାନଙ୍କର ଧନ ହୁଅଇ ଏହା
ତୁମ୍ଭେମାନେ ବୁଝି । ପୁଣି ହସ୍ତକୃତ ମୂର୍ତ୍ତି ଈଶ୍ୱର ନାହାନ୍ତି ଏମନ୍ତ ବୋଲି ୧୬
ଏ ପାଉଲ ଏଫିସ ନଗରରେ ମାତ୍ର ନୋହେ ପ୍ରାୟ ଆଶିୟା ସବୁ ଆଡେ
ଅପାର ଲୋକକୁଂ ମଣାଇ ଭୁଲାଇଅଛି ଏହା ତୁମ୍ଭେମାନେ ଦେଖୁଅଛ
ପୁଣି ଶୁଣୁଅଛ । ତହିଁ ପାଇ କେବଳ ଆମ୍ଭମାନଙ୍କର କାର୍ଯ୍ୟ ହାନି ହୁଅଇ ୧୭
ତାହା ନୋହେ ପୁଣି ଯାହାକୁଂ ଆଶିୟା ସମେତ ଜଗତ ଯାକ ଭଜୁଅଛନ୍ତି
ଏମନ୍ତ ମହାଦେବୀ ଦିୟାନାର ମନ୍ଦିର ତୁଚ୍ଛକୃତ ହୋଇ ତାହାଙ୍କର ଐଶ୍ୱର୍ଯ୍ୟର
ନାଶ ହେବାକୁ ପାରଇ ଏହି ଭୟ ଅଛି । ଏହା ଶୁଣିବାରେ ସେମାନେ କ୍ରୋ ୧୮
ଧରେ ପରିପୂର୍ଣ୍ଣ ହୋଇ ଡାକି କହିଲେ ଏଫିସୀୟମାନଙ୍କର ଦିୟାନା ମହା
ଦେବୀ । ତହିଁରେ ସବୁ ନଗରରେ କଳହ ବ୍ୟାପି ସେମାନେ ମାକିଦୋନୀୟା ୧୯
ଗାଇୟ ଓ ଆରିଷ୍ଟାର୍ଖ ପାଉଲର ଦୁଇଜଣ ସହଚରକୁ ଧରନ୍ତେ ଏକ ଚିତ୍ତରେ
ରଙ୍ଗ ଭୂମିରେ ଧାଇଲେ । ଏଥିରେ ପାଉଲ ଲୋକମାନଙ୍କଠାରେ ପ୍ରବେଶି ୩୦
ବାକୁ ଉଦ୍ୟମ କରି ଶିଷ୍ୟମାନେ ତାହାକୁ ଅଟକାଇଲେ । ଅହୁରି ପାଉଲର ୩୧
ଅତ୍ମୀୟ ଆଶିୟାର କେହି ୨ ପ୍ରଧାନ ଲୋକ ତାହାକୁ କହି ପଠାଇ ତୁମ୍ଭେ ରଙ୍ଗ
ଭୂମିରେ ନ ଯାଅ ଏହି ନିବେଦନ କଲେ । ଏଥିରେ ନାନା ଲୋକ ନାନା ୩୨
କଥା କହିବାରୁଂ ସଭାର ଗୋଳମାଳ ହୋଇ ଉଠିଲା ମାତ୍ର କିନିମନ୍ତେ ଏକଠା
ହୋଇଅଛି ତାହା ଅଧିକ ଲୋକ କିଛି ଜାଣିବାକୁ ନ ପାରିଲେ । ପୁଣି ଯିହୁ ୩୩
ଦୀୟମାନେ ସିକନ୍ଦରକୁ ଅଗ୍ରସର କରି ଲୋକମାନେ ତାହାକୁ ଜନତାର
ମଧ୍ୟରୁ ବଳରେ ବାହାର କରନ୍ତେ ସିକନ୍ଦର ହସ୍ତ ସଙ୍କେତ କରି କହିବାକୁ
ଉଦ୍ୟତ ହେଲା । ପୁଣି ସେ ଯେ ଯିହୁଦୀ ଲୋକ ଏହା ସେମାନେ ନିଶ୍ଚୟ ୩୪

ବୁଝି ଏଫିସୀୟମାନଙ୍କର ଦିୟାନା ମହାଦେବୀ ଏହି କଥା ବୋଲି ପ୍ରାୟ ଦୁଇ
୩୫ ଘଣ୍ଟା ପର୍ଯ୍ୟନ୍ତେ ଏକ ସ୍ୱର ହୋଇ ଡାକିଲେ । ଏଉତ୍ତାରୁ ନଗରର ବେବର୍ତ୍ତା
ସେମାନଙ୍କୁଂ ସୁସ୍ଥିର କରି କହିଲା । ହେ ଏଫିସୀୟଲୋକ ସମସ୍ତ ଶ୍ରବଣ କର ।
ଦିୟାନା ମହାଦେବୀ ଅଥଚ ଯୁପିତର*ଠାରୁ ପତିତା ତାହାର ଯେ ପ୍ରତିମା
ଏହାଙ୍କଠାରେ ଏଫିସ ନଗରସ୍ଥ ସମସ୍ତେ ପରାୟଣ ଅଟନ୍ତି ଏହା କେ ନ ଜାଣନ୍ତି
୩୬ ଏନିମନ୍ତେ ଏକଥା କେହି ଅନ୍ୟଥା କରିବାକୁ ନ ପାରନ୍ତି ଏହା ଜାଣି ସୁସ୍ଥିର
ହୋଇ ଅବିବେଚନାରେ କୌଣସି କର୍ମ ନ କରିବାର ତୁମ୍ଭମାନଙ୍କର
୩୭ କର୍ତ୍ତବ୍ୟ । ଏହି ଯେ ମନୁଷ୍ୟମାନଙ୍କୁ ଏଠାରେ ଅଣିଅଛ ସେମାନେ ମନ୍ଦିରର
୩୮ ଅପହାରକ ଅବା ତୁମ୍ଭମାନଙ୍କର ଦେବୀର ନିନ୍ଦକ ନାହାନ୍ତି । ଯେବେ କାହାର
ଉପରେ ଦିମୀଦ୍ରିୟର ଅବା ତାହାର ସହକାରିମାନଙ୍କର କୌଣସି ଗୁହାରି
୩୯ ଥାୟେ ତେବେ ପ୍ରତିନିଧି ଲୋକ ଓ ବିଚାର ସ୍ଥାନ ଅଛି ସେମାନେ ସେଠାରେ
ଯାଇ ଉତ୍ତର ପ୍ରତୁତ୍ତର କରନ୍ତୁ କିଅବା ତୁମ୍ଭମାନଙ୍କର ଆଉ୍ କୌଣସି କଥା
୪୦ ଯେବେ ଥାୟେ ତେବେ ଉପଯୁକ୍ତ ସଭାରେ ତାହାର ନିସାପ ହେବ । ପୁଣି
ଏହି ଗଣ୍ଡଗୋଳର ଉତ୍ତର ଦେବାକୁ ପାରି ଏମନ୍ତ କୌଣସି କାରଣ ନ
ଥିବାରେ ଆଜର କଳହ ସକାଶେ ବିଚାର ସ୍ଥାନରେ ଆମ୍ଭମାନଙ୍କର ଘେନି
୪୧ ଯିବାର ଆଶଙ୍କା ଅଛି । ଏହା ବୋଲି ସେ ସଭାସ୍ଥ ସମସ୍ତଙ୍କୁଂ ବିଦାୟ କଲା ।

## ୨୦ ପର୍ବ ।

୧ ଏହି ଉପରେ ଗଣ୍ଡଗୋଳର ନିବୃତ୍ତ ହେଲା ପାଉଲ ଶିଷ୍ୟଗଣଙ୍କୁ ଡାକି
୨ ଆଲିଙ୍ଗନ କରି ଆପେଁ ମାକିଦୋନିୟା ଦେଶରେ ପ୍ରସ୍ଥାନ କଲା । ପୁଣି ସେ
ଦେଶରେ ଭ୍ରମଣ କରନ୍ତେ ଶିଷ୍ୟମାନଙ୍କୁ ଅନେକ ଉପଦେଶ ଦେଲାଉତ୍ତାରେ
୩ ଗ୍ରୀକ ଦେଶରେ ଉପସ୍ଥିତ ହେଲା । ଆଉ ସେଠାରେ ତିନି ମାସ ପର୍ଯ୍ୟନ୍ତେ ରହି
ସେଠାରୁ ଜଳପଥେ ସୁଦିୟା ଦେଶରେ ଯିବାକୁ ଉଦ୍ୟତ ହେଲା । ପୁଣି ଯିହୁ
ଦୀୟମାନେ ତାହାର ପାଁଇ ଗୁପ୍ତରେ ବାଟ ଓଗାଳି ବସିବାରୁଂ ସେ ନେଉଟି
୪ ଆସି ମାକିଦୋନିୟାର ଦେଇ ଯିବାକୁ ମନସ୍ଥ କଲା । ଆଉ ବିରେୟା
ନଗରୀୟ ଗାଇୟ ଓ ଆଶିୟା ଦେଶୀୟ ତିମଥି ଓ ତୁଖିକ ପୁଣି ଏଫିମ
ତାହାର ସଙ୍ଗେ ଆଶିୟା ଦେଶ ପର୍ଯ୍ୟନ୍ତେ ଗଲେ । ଏମାନେ ଅଗ୍ରସର ହୋଇ
୫ ଆମ୍ଭମାନଙ୍କର ଅପେକ୍ଷାରେ ଟ୍ରୋୟା ନଗରରେ ରହିଲେ । ପୁଣି ତାଡ଼ି ଶୂନ୍ୟ
ରୋଟୀର ପର୍ବ ଦିନ ଗତ ହେଲା ଆମ୍ଭେମାନେ ଫିଲିପୀ ନଗରରୁ ଜଳ ପଥରେ

* ଅର୍ଥାତ୍ ଯାହାକୁ ହିନ୍ଦୁମାନେ ବୃହସ୍ପତି କରି କହନ୍ତି ।

ଯାଇ ପାଞ୍ଚ ଦିନରେ ସୈାସ୍ୟାକୁ ସେମାନଙ୍କର ନିକଟରେ ଉପସ୍ଥିତ ହୋଇ ୭
ସେଠାରେ ସାତ ଦିନ ବାସ କଲୁଁ ।

ଅନନ୍ତରେ ସପ୍ତାହର ପ୍ରଥମ ଦିନରେ ଶିଷ୍ୟମାନେ ରୋଟୀ ଭାଙ୍ଗିବାର ଯାଁଇ ୭
ଏକତ୍ର ଅସନ୍ତେ ପାଉଲ ଆର ଦିନରେ ପ୍ରସ୍ଥାନ କରିବାକୁ ଉଦ୍ୟତ ହୋଇ
ପ୍ରାପ୍ୟ ଦୁଇ ପ୍ରହର ରାତ୍ରି ପର୍ଯ୍ୟନ୍ତେ ସେମାନଙ୍କୁ ଉପଦେଶ କଲା । ଆଉ ଉପ ୮
ରସ୍ଥ ଯେ କୋଠରୀରେ ସେମାନେ ସଭା କରି ଥିଲେ ସେଠାରେ ଅନେକ
ପ୍ରଦୀପ ଥିଲା । ପୁଣି ଇତ୍ୟୁକ ନାମରେ କଣେ ଯୁବା ଜଲାକବାଟୀରେ ବସି ୯
ଥାଇଁ ଘୋରତର ନିଦ୍ରାରେ ମଗ୍ନ ହେଲା ପୁଣି ପାଉଲ ଅନେକ କ୍ଷଣ
ପର୍ଯ୍ୟନ୍ତେ କଥା କହିବାରୁ ସେ ନିଦ୍ରାରେ ମଗ୍ନ ହୋଇ ତେତାଲରୁ ପଡନ୍ତେ
ମୃତବତ୍ ହୋଇ ତୋଳା ଗଲେ । ଏଥିରେ ପାଉଲ ଓହ୍ଲାଇ ଯାଇ ତାହାର ୧୦
ଗାତ୍ରରେ ପଡ କୋଳ କରି କହିଲା ତୁମ୍ଭେମାନେ ଅସ୍ଥିର ନ ହୁଅ ଏହାର
ଜୀବନ ଅଛି । ଏଥିଁ ସେ ପୁନର୍ବାର ଉପରେ ଯାଇ ରୋଟୀ ଭାଙ୍ଗି ଭୋଜନ ୧୧
କରି ଅନେକ କ୍ଷଣ ଅଥୀତ ରାତ୍ରି ପାହିଲା ପର୍ଯ୍ୟନ୍ତେ କଥା କହନ୍ତେ ପ୍ରସ୍ଥାନ
କଲା । ଆଉ ସେମାନେ ସେ ଜୀବନ୍ତ ଯୁବକୁ ନେଇଁ ପରମ ତୁଷ୍ଟ ହେଲେ । ୧୨

ପୁଣି ଆମ୍ଭେମାନେ ସେଠାରୁ ଜାହାଜରେ ଆଗେ ଯାଇ ଅସ୍ସସ୍ ନଗରରେ ୧୩
ଲଗାଇ ପାଉଲକୁ ତୋଳି ନେବାକୁ ମନସ୍ଥ କଲୁଁ ଯେହେତୁ ସେ ପଦବ୍ରଜ
ରେ ଯିବାକୁ ମନସ୍ଥ କରି ଏହା ନିରୂପଣ କରିଥିଲା । ସେ ସେହି ସ୍ଥାନରେ ୧୪
ଆମ୍ଭମାନଙ୍କର ସଙ୍ଗେ ମିଳିଲା ଉତ୍ତାରେ ଆମ୍ଭେମାନେ ତାହାକୁ ତୋଳି
ନେଇଁ ମିତୁଲୀନୀ ଉପଦ୍ୱୀପରେ ଅଇଲୁଁ । ସେଠାରୁ ଜାହାଜ ଫିଟାଇ ଆର ୧୫
ଦିନରେ ଖିୟ୍ ଉପଦ୍ୱୀପର ସନ୍ମୁଖରେ ଉପସ୍ଥିତ ହେଲୁଁ ଆଉ ସେଠାରୁ ଏକ ଦିନ
ରେ ସାମସ୍ ଉପଦ୍ୱୀପକୁ ଯାଇ ତ୍ରୋଗୁଲ୍ଲୀୟରେ ପ୍ରବାସ କରି ଆର ଦିନେ
ମିଲୀତ ନଗରରେ ଉତ୍ତରିଲୁଁ । ଯେହେତୁ ପାଉଲ ଅଶିୟା ଦେଶରେ ଥାଇ ୧୭
କାଲକ୍ଷେପଣ କରିବାକୁ ଇଚ୍ଛା ନ କରି ଯେବେ ହେବାକୁ ହୁଅଇ ତେବେ
ନସ୍ତାର ପର୍ବର ପଞ୍ଚାଶ ଦିନର ଦିନ ଯିରୂଶାଲମରେ ଉପସ୍ଥିତ ହୁଅଇ ଏହା
ଚେଷ୍ଟା କରି ଏଫିସ ନଗର ଛାଡ ଦେଇ ଯିବାକୁ ସ୍ଥିର କରି ଥିଲା ।

ପୁଣି ପାଉଲ ମିଲୀତଠାରୁ ଏଫିସକୁ ଲୋକ ପଠାଇ ମଣ୍ଡଳୀର ପ୍ରାଗଜ ୧୭
ବର୍ଗକୁ ଡକାଇ ଅଣିଲେ । ସେମାନେ ତାହାର ନିକଟରେ ଉପସ୍ଥିତ ହୁଅନ୍ତେ ୧୮
ସେ ସେମାନଙ୍କୁ ଏହି କଥା କହିଲା । ଆମ୍ଭେ ଅଶିୟା ଦେଶର ପ୍ରଥମ ଅବ
ସରାବଧି ଆଜ ସରକ ତୁମ୍ଭମାନଙ୍କର ସାଙ୍ଗରେ ଥାଇଁ ଯେରୂପ ଆଚରଣ
କରିଅଛୁଁ ତାହା ତୁମ୍ଭେମାନେ ଜାଣ । ଆମ୍ଭେ ସବ୍ବତୋଭାବରେ ନମ୍ର ୧୯
ମନ ହୋଇ ବହୁ ଅଶ୍ରୁପାତରେ ପୁଣି ଯିହୁଦୀୟମାନଙ୍କର ଓଗାଳି ବସିବାରୁଁ

୨୦ ନାନା ପରୀକ୍ଷା ପାଇ ପ୍ରଭୁର ସେବା କଲୁଁ । ପୁଣି କୌଣସି ହିତ କଥା
ଗୁପ୍ତରେ ନ ରଖି ତାହା ଘୋଷଣା କରି ପ୍ରକାଶରୂପରେ ଓ ଘରେ ୨ ଉପ
୨୧ ଦେଶ ଦେଇ ଈଶ୍ୱରର ପ୍ରତି ମନଫେରଣ ପୁଣି ପ୍ରଭୁ ଯୀଶୁଖ୍ରୀଷ୍ଟର ପ୍ରତି
ବିଶ୍ୱାସ ଯିହୁଦୀୟମାନଙ୍କର ପୁଣି ବିଦେଶୀୟ ଲୋକମାନଙ୍କର ନିକଟରେ ଏବି
୨୨ ଷୟରେ ସାକ୍ଷ୍ୟ ଦେଇଅଛୁଁ । ଦେଖ ଏବେହେଁ ଆତ୍ମରେ ଆକୃଷ୍ଟ ହୋଇ
୨୩ ଯିରୂଶାଲମକୁ ଯାତ୍ରା କରୁଅଛୁଁ । ପୁଣି ସେ ସ୍ଥାନରେ ଆମ୍ଭକୁ କି କି ଘଟିବ
ତାହା ନ ଜାଣି ମାତ୍ର ବନ୍ଧନ ଓ କ୍ଳେଶ ଭୋଗ କରିବାକୁ ହେବ ଏହା ଧର୍ମ୍ମାତ୍ମ
୨୪ ପ୍ରତି ନଗରରେ ପ୍ରମାଣ ଦେଉଛନ୍ତି । ଏହି ସମସ୍ତ ବିଷୟରେ ଆମ୍ଭେ କିଛି
ଉଦ୍ୱିଗ୍ନ ନୋହି ପୁଣି ଈଶ୍ୱରଙ୍କର ଅନୁଗ୍ରହ ମଙ୍ଗଳସମାଚାରର ପ୍ରମାଣ ଦେବା
ପାଇ ପ୍ରଭୁ ଯୀଶୁଖ୍ରୀଷ୍ଟଠାରୁ ଯେ ସେବାର ପଦ ପାଇ ଅଛୁଁ ସେହି ସେବା
ସାଧନ କରିବାକୁ ଓ ଆନନ୍ଦରୂପେ ଆମ୍ଭର କାର୍ଯ୍ୟ ସମାପ୍ତି କରିବାକୁ ଆପଣା
୨୫ ପ୍ରାଣକୁ ପ୍ରିୟ ଜ୍ଞାନ ନ କରି । ଆହୁରି ଏବେ ଦେଖ ଯେଙ୍ଗୁମାନଙ୍କର ନିକଟ
ରେ ଈଶ୍ୱରର ରାଜତ୍ୱର ମଙ୍ଗଳସମାଚାର ଆମ୍ଭେ ଘୋଷଣା କରି ଭ୍ରମଣ
କରିଅଛୁଁ ଏମନ୍ତ ଯେ ତୁମ୍ଭେମାନେ ତୁମ୍ଭେ ସମସ୍ତ ଆମ୍ଭର ମୁଖ ଆଉ ଦେଖି
୨୬ ବାକୁ ନ ପାଇବ ଏହାଇ ଆମ୍ଭେ ଜାଣି । ଆମ୍ଭେ ଈଶ୍ୱରର ସମସ୍ତ ଆଦେଶ
୨୭ ପ୍ରକାଶ କରିବାକୁ ନିବୃତ୍ତ ନୋହିଲୁଁ । ଏଣୁ ଆମ୍ଭେ ସମସ୍ତ ଲୋକର ରକ୍ତପା
ତର ଦୋଷରୁ ଯେ ନିର୍ଦ୍ଦୋଷ ଅଛୁଁ ଅଜି ତୁମ୍ଭମାନଙ୍କୁ ଏହାର ସାକ୍ଷୀ କରି ।
୨୮ ତୁମ୍ଭେମାନେ ଆପଣାମାନଙ୍କର ବିଷୟରେ ପୁଣି ଯେ ପଲର ଉପରେ ଧର୍ମଆତ୍ମ
ତୁମ୍ଭମାନଙ୍କୁ ବେବର୍ତ୍ତାଗଣ କରି ନିଯୁକ୍ତ କରିଅଛନ୍ତି ସେ ସମସ୍ତର ବିଷୟରେ
ସାବଧାନ ହୁଅ । ଆଉ ଯେ ମଣ୍ଡଳୀକୁ ପ୍ରଭୁ ଆପଣା ରକ୍ତପାତ ଦେଇ କିଣି
୨୯ ଅଛନ୍ତି ତାହାର ପ୍ରତିପାଳଣ କର । ଯେହେତୁ ଆମ୍ଭର ଗଲା ଉତ୍ତାରେ ଦୁରନ୍ତ
କେନ୍ଦୁଆବାଘ ତୁମ୍ଭମାନଙ୍କର ମଧ୍ୟରେ ପ୍ରବେଶ ହୋଇ ପଲର ପ୍ରତି ନିର୍ଦ୍ଦୟ
୩୦ ଆଚରଣ କରିବେ ପୁଣି ତୁମ୍ଭମାନଙ୍କର ନିଜର ଲୋକମାନେ ଉଠି ଆପଣାମାନଙ୍କ
ପଛରେ ଶିଷ୍ୟଗଣକୁ ଟାଣି ନେବାକୁ ବିପରୀତ ଉପଦେଶ ଦେବେ ଏହା ଆମ୍ଭେ
୩୧ ଜାଣି । ଏହି ନିମନ୍ତେ ତୁମ୍ଭେମାନେ ସଚେତନ ହୋଇ ଥାଅ ଆଉ ଆମ୍ଭେ ଯେ
ଅଶ୍ରୁପାତ ଦେଇ ତିନି ବରଷ ପର୍ଯ୍ୟନ୍ତେ ଦିବା ରାତ୍ରି ଏ ବିଷୟରେ ପ୍ରତ୍ୟେକ ଜଣକୁ
୩୨ ପ୍ରବୋଧ ଦେବାକୁ ନିବୃତ୍ତ ନ ଥିଲୁଁ ଏହାଇ ସ୍ମରଣ କର । ଏବେ ହେ ଭାଇ
ମାନେ ତୁମ୍ଭମାନଙ୍କର ନିଷ୍ଠା ଦେବାକୁ ପୁଣି ପବିତ୍ରୀକୃତ ଲୋକମାନଙ୍କର ମଧ୍ୟ
ରେ ଅଧିକାର ଦେବାକୁ ସାମର୍ଥ୍ୟ ଯେ ଈଶ୍ୱର ଓ ତାହାଙ୍କର ଅନୁଗ୍ରହର
୩୩ ଯେ ବାକ୍ୟ ଏହି ଦୁଇର ପ୍ରତି ତୁମ୍ଭମାନଙ୍କୁ ସମର୍ପଣ କରି । ଆମ୍ଭେ କାହା
୩୪ ରଇ ସ୍ୱର୍ଣ କି ରୂପା କି ବସ୍ତ୍ରର ପ୍ରତି ଲୋଭ କରି ନାହୁଁ ପୁଣି ଆମ୍ଭର

ନଜର ପୁଣି ସହବର୍ତ୍ତି ଲୋକମାନଙ୍କର ପ୍ରୟୋଜନ ସାମଗ୍ରୀର ନାମରେ ଆମ୍ଭର
ଏହି ହସ୍ତ ଦ୍ୱାରା ଶ୍ରମ କରିଅଛୁ ଏହା ତୁମ୍ଭେମାନେ ଜାଣୁଅଛ । ଏହି ପ୍ରକାର ୩୫
ଶ୍ରବଣ କରିବାର ଦାନ କରିବାର ଭଲ ଏହି ଯେଉଁ ବାକ୍ୟ ପ୍ରଭୁ ଯୀଶୁଖ୍ରୀଷ୍ଟ
କହି ଥିଲେ ତାହା ସ୍ମରଣରେ ରଖି ଏହି ମତ ଶ୍ରମ କର ଦୀନହୀନ ଲୋକମା
ନଙ୍କର ଉପକାର କରିବାର ଉଚିତ ଇତ୍ୟାଦି ସମସ୍ତ ବିଷୟରେ ଆମ୍ଭେ ତୁମ୍ଭ
ମାନଙ୍କର ନିକଟରେ ନମୁନା ଦେଖାଇଲୁଁ ।

ଏହି କଥା କହି ସେ ଅଣ୍ଟୁ ପାତି ସମସ୍ତଙ୍କ ସଙ୍ଗେ ପ୍ରାର୍ଥନା କଲା । ତହିଁ ୩୭
ରେ ସେମାନେ ଅତ୍ୟନ୍ତ କ୍ରନ୍ଦନ କରିଂ ଆମ୍ଭର ମୁଖ ଆଉ ଦେଖିବାକୁ ନ ୩୭
ପାଇବ ଏହି ଯେ କଥା ସେ କହି ଥିଲା ତାହା ଧାଇ ବିଶେଷରେ ବିଳାପ ୩୮
କରି ତାହାର ଗଳା ଧରି ମୁଖ ଚୁମ୍ବନ କଲା । ଏମନ୍ତରେ ସେମାନେ ତାହାକୁ
ଜାହାଜରେ ନେଇ ଗଲେ ।

## ୨୧ ପର୍ବ ।

ତଦନନ୍ତରେ ସେମାନଙ୍କର ନିକଟରୁ ବିଦାୟ ହୋଇ ଯାଇ ଗୋଲି ସଲଖ ୧
ପଥ ଦେଇ କୋ ଉପଦ୍ୱୀପରେ ଆସି ଆର ଦିବସରେ ରୋଦା ଉପଦ୍ୱୀପରେ
ଅଇଲୁଁ ପୁଣି ସେଠାରୁ ପାତାରାରେ ଉପସ୍ଥିତ ହେଲୁଁ । ସେ ସ୍ଥାନରେ ୨
ଫୈନିକିୟ ଦେଶୀୟ ଏକ ଜାହାଜ ପାଇ ତାହା ଉପରେ ଚଢି ଯାଇଦେଇ
ଯାଉଁ। କୁପ ଉପଦ୍ୱୀପ ଦେଖି ତାହା ବାମ ପାଖରେ ରଖି ସୂରିୟା ଦେଶକୁ ୩
ଯାଇ ଜାହାଜର ବୋଝ ପକାଇବାର ନିମନ୍ତେ ସୋର ନଗରରେ ଲଗା
ଇଲୁଁ । ପୁଣି ସେଠାରେ ଶିଷ୍ୟଗଣର ଦେଖା ପାଇ ଆମ୍ଭେମାନେ ସେ ସ୍ଥାନରେ ୪
ସାତ ଦିନ ପ୍ରବାସ କରନ୍ତେ ସେମାନେ ଆତ୍ମାର ଦ୍ୱାରା ପାଉଲଙ୍କୁ କହିଲେ
ତୁମ୍ଭେ ଯିରୂଶାଲମ ନଗରକୁ ନ ଯାଅ । ପୁଣି ସେହି ସାତ ଦିନ ଯାପନ ୫
କଲାଉତ୍ତାରେ ଆମ୍ଭେମାନେ ସେ ସ୍ଥାନରୁ ଅପଶା ପଥରେ ଗମନ କଲୁଁ ।
ଉହିଁରେ ସେମାନେ ଅବାଳ ବୃଦ୍ଧ ବନିତା ସମସ୍ତେ ଆମ୍ଭମାନଙ୍କର ସଙ୍ଗେ
ନଗରର ପ୍ରାନ୍ତଭାଗ ପର୍ଯ୍ୟନ୍ତେ ଆସନ୍ତେ ଆମ୍ଭେମାନେ ସମୁଦ୍ର ତୀରେ ଅଣ୍ଟୁ
ପାତି ପ୍ରାର୍ଥନା କଲୁଁ । ପୁଣି ଏକଆରେକ ବିଦାୟ କରି ଆମ୍ଭେମାନେ ଜାହା ୬
ଜରେ ଗଲୁଁ ମାତ୍ର ସେମାନେ ଅପଶୀ ଘରେ ଫେରି ଗଲେ ।

ତହିଁ ଆମ୍ଭେମାନେ ସୋର ନଗରରୁ ଯାଇ ତଲମାଇ ନଗରରେ ଉପସ୍ଥିତ ୭
ହୁଅନ୍ତେ ସମୁଦ୍ରର ପଥ ଶେଷ ହେଲା । ସେ ସ୍ଥାନରେ ଭ୍ରାତୃଗଣକୁ ନମସ୍କାର
କରି ଏକ ଦିନ ସେମାନଙ୍କର ସଙ୍ଗେ ବାସ କଲୁଁ । ଆର ଦିନରେ ପାଉଲର ୮
ସଙ୍ଗିଲୋକ ଯେ ଆମ୍ଭେମାନେ ଚାଲି ଯାଇ କାଇସରିୟା ନଗରରେ ଅଗମନ

କର ମଙ୍ଗଲସମାଗ୍ଭର ଘୋଷଣାକାର ସପ୍ତ [ଦକନର] ମଧ୍ୟରେ ଫିଲିପ ନା
୫ ମରେ ଏକ ଜଣର ଗୃହରେ ପ୍ରବେଶ ହୋଇ ଅବସ୍ଥିତ କଲୁଁ । ସେ ଜଣର
୧୦ ଅବିବାହିତା ଗ୍ଭର କନ୍ୟା ଭବିଷ୍ୟଦ୍ବକ୍ତ୍ରୀ ଥିଲେ । ସେସ୍ଥାନରେ ଆମ୍ଭେମାନେ
ବହୁଦିନ ପ୍ରବାସ କରନ୍ତେ ଯିହୂଦା ଦେଶର ଆଗାବ ନାମରେ ଜଣେ ଭବିଷ୍ୟ
୧୧ ଦ୍ବକ୍ତା ଉପସ୍ଥିତ ହେଲା । ସେ ଆମ୍ଭମାନଙ୍କର ନକଟରେ ଅସି ପାଉଲର କଟି
ବନ୍ଧନ ନେଇ ଅପଣା ହସ୍ତ ପାଦ ବନ୍ଧନ କର କହିଲା ଧର୍ମଅତ୍ମା ଏହି କଥା
କହୁଅଛନ୍ତି ଯାହାର ଏହି କଟିବନ୍ଧନ ତାହାକୁ ଯିହୂଦୀମାନେ ଯିରୂଶାଲ
ମରେ ଏହି ପ୍ରକାରେ ବନ୍ଧନ କର ବଦେଶୀମାନଙ୍କର ହସ୍ତରେ ସମର୍ପଣ
କରିବେ ।

୧୨ ଉଣୁ ଏମନ୍ତ କଥା ଶୁଣି ଆମ୍ଭେମାନେ ପୁଣି ସେ ନଗରବାସି ଲୋକ
୧୩ ମାନେ ପାଉଲକୁ ଯିରୂଶାଲମରେ ନ ଯିବାକୁ ବନତି କଲୁଁ । ପୁଣି ସେ ଉତ୍ତର
କଲା ତୁମ୍ଭେମାନେ କ କରିଅଛ କ କ୍ରନ୍ଦନ କର ଅମ୍ଭର ଅନ୍ତଃକରଣ ବଦୀର୍ଣ
କରିବ । ପ୍ରଭୁ ଯୀଶୁର ନାମର ନମନ୍ତେ ଯିରୂଶାଲମରେ ବଦ୍ଧ ହେବାକୁ
ପ୍ରସ୍ତୁତ ଅଟୁଁ କେବଳ ତାହା ନୋହେ ପ୍ରାଣ ସୁଦ୍ଧା ଦେବାକୁ ପ୍ରସ୍ତୁତ ଅଟୁଁ ।
୧୪ ସେ ଆମ୍ଭମାନଙ୍କର କଥା ଗ୍ରାହ୍ୟ ନ କଲେ ଈଶ୍ବରର ଯେମନ୍ତ ଇଚ୍ଛା ତାହାଇ
ହେଉ ଏହା ବୋଲି ଅମ୍ଭେମାନେ ନରସ୍ତ ହେଲୁଁ । ଅନନ୍ତରେ ବାଃର
୧୫ ସାମଗ୍ରୀ ନେଇ ଯିରୂଶାଲମରେ ଯାତ୍ରା କଲୁଁ । ଉହିଁରେ କାଇସରୀୟା ନଗର
ନବାସି ମୋକାମ୍ଭ ଶିଷ୍ୟ ଆମ୍ଭମାନଙ୍କର ସଙ୍ଗେ ଯାଇ କୁପ୍ରୀମ୍ଭ ମ୍ନାସୋନ ନା
ମରେ ଯେ ପ୍ରାଗନ ଶିଷ୍ୟର ସଙ୍ଗେ ଆମ୍ଭମାନଙ୍କୁ ବାସ କରିବାକୁ ହେବ ତାହାର
ଗୃହରେ ଆମ୍ଭମାନଙ୍କୁ ନେଇ ଗଲେ ।

୧୭ ପୁଣି ଅମ୍ଭେମାନେ ଯିରୂଶାଲମରେ ଉପସ୍ଥିତ ହେଲୁଁ ଭାଇମାନେ ଆନ୍ତ
୧୮ ରରେ ଆମ୍ଭମାନଙ୍କୁ ଗ୍ରହଣ କଲେ । ପର ଦନରେ ପ୍ରାଗନ ଲୋକ ସମସ୍ତ ସଙ୍ଗସ୍ଥ
ହେଲେ ଯାକୁବର ନକଟରେ ପାଉଲ ଆମ୍ଭମାନଙ୍କର ସଙ୍ଗେ ପ୍ରବେଶ
୧୯ ହେଲେ । ପୁଣି ସେ ସେମାନଙ୍କୁ ଅଭିବନ୍ଦନ କର ତାହାର ସେବାରେ ବଦେ
ଶୀମ୍ଭମାନଙ୍କର ପ୍ରତ ଈଶ୍ବର ଯେ ସମସ୍ତ କର୍ମ୍ମ ସାଧନ କରିଅଛନ୍ତି ତାହାର
୨୦ ବବରଣ ଅନୁକ୍ରମେ କହିଲା । ଏହା ଶୁଣି ସେମାନେ ପ୍ରଭୁର ଧନ୍ୟବାଦ କର
ଏହି କଥା କହିଲେ ନେ ଭାଇ ଯିହୂଦୀମ୍ଭମାନଙ୍କର ମଧ୍ୟରେ ସହସ୍ରୀ ଲୋକ
ବଶ୍ୱାସକାରୀ ଅଟନ୍ତି ପୁଣି ସେମାନେ ସମସ୍ତେ ବ୍ୟବସ୍ଥା ପଗ୍ଭଣ ଏହା ପ୍ରତ୍ୟ
୨୧ କ୍ଷରେ ଦେଖୁଅଛ । ଅତ୍ ଶିଶୁମାନଙ୍କର ସୁନ୍ନତ କରଣାଦ ଗ୍ଭତ୍ୟନୁସାରେ
ଚଲିବାକୁ ନଷେଧ କର ତୁମ୍ଭେ ଯେ ଅନ୍ୟ ଦେଶ ନବାସି ଯିହୂଦୀମ୍ଭ ଲୋକ
ମାନଙ୍କୁ ମୋଶାର ପ୍ରତ ଅଶ୍ରଦ୍ଧା କରିବାକୁ ଉପଦେଶ ଦେଉ ଥାଅ ତୁମ୍ଭର

ବିଷୟରେ ସେମାନେ ଏହା ଶୁଣିପଡ଼ନ୍ତି । ତୁମ୍ଭେ ଏଠାରେ ଅଛି ଏସମା ୨୨
ସ୍ତର ଯାଇ ଅବଶ୍ୟ ଲୋକ ସମୂହ ଏକତ୍ର ହୋଇ ଅସିବେ । ଏନମନ୍ତେ ଜ
କର୍ତ୍ତବ୍ୟ ଅମ୍ଭେମାନେ ଏହି ଯେ ତୁମ୍ଭକୁ କହି ଦେଇ ଡାହା କର । ବ୍ରତ କର ୨୩
ବାକୁ ସଙ୍କଳ୍ପ କରିଅଛୁ ଏମନ୍ତ ଅମ୍ଭମାନଙ୍କର ଗୁର ମନୁଷ୍ୟ ଅଛନ୍ତି ସେମା ୨୪
ନଙ୍କୁ ନେଇ ସେମାନଙ୍କର ସଙ୍ଗେ ଅପଣାକୁ ଶୁଚି କର ପୁଣି ସେମାନଙ୍କର
ମସ୍ତକ ମୁଣ୍ଡନରେ ଯେ ବ୍ୟୟ ଡାହା ତୁମ୍ଭେ ଦଅ । ଡାହା କଲେ ତୁମ୍ଭର
ଅଗୁର ବ୍ୟବହାରର ବିଷୟରେ ଯେ। ଜନରବ ହୋଇ ଅଛୁ ଡାହା କିଛୁ
ନୋହେ ପୁଣି ତୁମ୍ଭେ ବିଧି ପାଲଣ କର ବ୍ୟବହାରନୁସାରେରେ ଚଲୁ ଅଛ
ଏହା ସମସ୍ତଙ୍କର ବୋଧ ହେବ । ଅଉ ଅନ୍ୟଦେଶୀୟ ବିଶ୍ୱାସି ଲୋକମାନ ୨୫
ଙ୍କର ନିକଟରେ ଅମ୍ଭେମାନେ ପତ୍ର ଲେଖି ବିଧି ସ୍ଥିର କରିଅଛୁଁ ଦେବତାର
ପ୍ରସାଦ ଓ ରକ୍ତ ଗଳାଟିପି ମାରିବାର ପ୍ରାଣି ଭକ୍ଷଣ ପୁଣି ବ୍ୟଭିଗୁର ଏହ ସମ
ସ୍ତଠାରୁ ଆପଣାମାନଙ୍କୁ ରକ୍ଷା କର ବନ୍ତୁ ସେମାନଙ୍କର ଅଉ କୌଣସି ବିଧି
ପାଲଣ କରିବାକୁ ନ ହେବ । ଡହିଁରେ ପାଉଲ ସେ ଗୁର ମନୁଷ୍ୟକୁ ନେଇ ୨୬
ଆର ଦିବସରେ ସେମାନଙ୍କର ସଙ୍ଗେ ଶୁଚି ହୋଇ ମନ୍ଦିରରେ ଯାଇ ଶୌଚ
କର୍ମ୍ମର ଦିନ ସମ୍ପୂର୍ଣ ହେଲା ସେମାନଙ୍କର ପ୍ରତ୍ୟେକର ନମନ୍ତେ ନୈବେଦ୍ୟାଦି
ଉତ୍ସର୍ଗ ହେବ ଏହା ଜଣାଇଲା ।

ଅନନ୍ତରେ ସେ ସପ୍ତ ଦିନ ପ୍ରାୟ ସମାପ୍ତ ହେଲା ଅଶିୟା ଦେଶନିବାସି ୨୭
ଯିହୁଦୀୟମାନେ ଡାହାକୁ ମନ୍ଦିରର ମଧ୍ୟରେ ଦେଖି ଲୋକ ସମୂହର ମନରେ
କୁପ୍ରବୃତ୍ତି ଦେଇ ଡାହାକୁ ଧର ଉଚ୍ଚୈସ୍ୱରରେ କହିଲେ ହେ ଇଶ୍ରାଏଲ ଲୋକ ୨୮
ସମସ୍ତ ଉପକାର କର । ଯେ ମନୁଷ୍ୟ ଏହ ଲୋକମାନଙ୍କର ପୁଣି ମୋଶାର
ବ୍ୟବସ୍ଥାର ପୁଣି ଏହ ସ୍ଥାନର ବିପକ୍ଷରେ ସର୍ବତ୍ର ସମସ୍ତଙ୍କୁ ଶିକ୍ଷା ଦେଉଅଛୁ
ସେ ଏଇଥା । ବିଶେଷରେ ସେ ବିଦେଶୀୟ ଲୋକମାନଙ୍କୁ ମନ୍ଦିରରେ
ଆଣି ଏହ ପବିତ୍ର ସ୍ଥାନକୁ ଅପବିତ୍ର କରିଅଛୁ । ପୂର୍ବରେ ସେମାନେ ନଗରର ୨୯
ମଧ୍ୟରେ ତ୍ରଫିମ ନଗରୀୟ ତ୍ରଫିମକୁ ପାଉଲର ସଙ୍ଗେ ଦେଖିଥିଲେ ବୋଲି କାରଣ
ପାଉଲ ଡାହାକୁ ମନ୍ଦିରର ମଧ୍ୟରେ ଆଣି ଥିବ ଏହା ଅନୁମାନ କଲେ ।
ଏନମନ୍ତେ ନଗରର ସବୁଆଡେ କଲହ ହେବାରେ ସମସ୍ତେ ଏକତ୍ର ଦୌଡି ୩୦
ଅସି ପାଉଲକୁ ଧର ମନ୍ଦିରର ବାହାରେ ଟାଣି ଆଣିଲେ । ପୁଣି ଉତ୍ତକ୍ଷଣାତ୍
ଦ୍ୱାର ସମସ୍ତ ରୁଦ୍ଧ କଲେ । ଅଉ ସେମାନେ ଡାହାକୁ ବଧ କରିବାକୁ ଉଦ୍ୟତ ୩୧
ହୁଅନ୍ତେ ଯିରୂଶାଲମ ନଗରରେ ମହା କୋଳାହଳ ହେଉଅଛି ଏହ ସଂବାଦ
ସହସ୍ର ସେନାପତ୍ତିର କର୍ଣଗୋଚର ହେବାରେ ସେ ତତ୍ତକ୍ଷଣାତ୍ ସୈନ୍ୟସାମନ୍ତ ୩୨
ଓ ଶତସେନାପତ୍ତିଗଣକୁ ନେଇ ବେଗେ ଅଇଲା । ଏଥିରେ ଲୋକମାନେ

ସେନାଗଣକୁ ସଙ୍ଗେ କରି ସହସ୍ର ସେନାପତିକୁ ଆସିବାକୁ ଦେଖି ପାଉଲକୁ
୩୩ ମାରିବାରୁଂ ନିରସ୍ତ ହେଲେ । ପୁଣି ସହସ୍ର ସେନାପତି ନିକଟରେ ଆସି ପାଉ
ଲକୁ ଧରି ଦୁଇ ଶିକୁଳିରେ ବନ୍ଦ କରିବାକୁ ଆଜ୍ଞା ଦେଇ ସେମାନଙ୍କୁ ପଚାରି
୩୪ ଲା ଏଜଣ କେ ଅଉ କି କର୍ମ କରିଅଛି । ତହିଁରେ ଜନତାର କେହି ଏକ
ପ୍ରକାର କଥା କେହି ଅନ୍ୟ ପ୍ରକାର କଥା କହି କଳହ କରନ୍ତେ ତାହାର
କିଛିଇ ନିଶ୍ଚୟ ନ ହେବାରୁଂ ସେ ତାହାକୁ ଗଡରେ ଘେନି ଯିବାକୁ ଆଜ୍ଞା
୩୫ ଦେଲା । ପୁଣି ଶିଡିର ଉପରରେ ଉପସ୍ଥିତ ହେଲେ ଲୋକମାନଙ୍କର ଅତ୍ୟନ୍ତ
୩୬ ପେଲାପେଲି ସକାଶେ ସେନାଗଣ ପାଉଲକୁ ତୋଳି ନେଇ ଗଲେ । ତହିଁ
ରେ ଲୋକ ସମସ୍ତ ପଶ୍ଚାତ୍ରଗାମୀ ହୋଇ ଏହାକୁ ଦୂର କର ବୋଲି ଡାକ
ପକାଇଲେ ।

୩୭ ପୁଣି ପାଉଲକୁ ଗଡରେ ନିଆ ଯିବା ସମୟରେ ସେ ସହସ୍ର ସେନାପତିକୁ
କହିଲା ଆପଣଙ୍କର ନିକଟରେ କଥା କହିବାକୁ ଅନୁମତି ଦିଅ । ଏଥିରେ
୩୮ ସେ ପଚାରିଲା ତୁମ୍ଭେ କି ଗ୍ରୀକ ଭାଷା ଜାଣ । ଯେଉଂ ମିଶରୀୟ ଜଣ ପୂର୍ବକା
ଳରେ କଳହ କରି ଚାରି ସହସ୍ର ଖଣ୍ଡା ସଙ୍ଗେ ଘେନି ବଣକୁ ଯାଇ ଥିଲା ତୁମ୍ଭେ
୩୯ କି ସେହି ନୁହ । ତେଣୁ ପାଉଲ କହିଲା ଆମ୍ଭେ କିଲିକିୟା ଦେଶର ଟାର୍ଷ
ନଗରର ଯିହୁଦୀୟ ଲୋକ ଆମ୍ଭେ ସାମାନ୍ୟ ନଗରର ମନୁଷ୍ୟ ନୋହି ଏନି
ମନ୍ତେ ବିନତି କରି ଲୋକମାନଙ୍କର ନିକଟରେ ଆମ୍ଭକୁ କଥା କହିବାକୁ ଅନୁ
୪୦ ମତି ଦିଅ । ସେ ଅନୁମତି ଦେଲାଉତ୍ତାରେ ପାଉଲ ଶିଡିର ଉପରେ ଛିଡା
ହୋଇ ହସ୍ତ ଦେଇ ସଙ୍କେତ କରନ୍ତେ ସମସ୍ତେ ସୁସ୍ଥିର ହେଲେ ।

## ୨୨ ପର୍ବ ।

୧ ଏଥିରେ ପାଉଲ ଏବ୍ରୀ ଭାଷାରେ କହିଲା ହେ ପିତୃମାନେ ଭାଇମାନେ
୨ ଏକ୍ଷଣି ଆମ୍ଭର ନିବେଦନରେ ଅବଧାନ କର । ସେ ଏବ୍ରୀ ଭାଷାରେ କଥା କହୁ
୩ ଅଛି ଏହା ଶୁଣି ଲୋକମାନେ ଆହୁରି ତୁନି ହୋଇ ରହିଲେ । ପୁଣି ସେ କହିଲା
ଆମ୍ଭେ ନିତାନ୍ତ ଯିହୁଦୀୟ ଲୋକ କିଲିକିୟା ଦେଶର ଟାର୍ଷ ନଗରରେ ଆମ୍ଭର
ଜନ୍ମସ୍ଥାନ ମାତ୍ର ଏ ନଗରରେ ଗମିଲୀୟେଲ ନାମେ ଅଧ୍ୟାପକର ଶିଷ୍ୟ ହୋଇ
ପିତୃ ପୁରୁଷର ବିଧି ବ୍ୟବସ୍ଥାନୁସାରେ ସମ୍ପୂର୍ଣ୍ଣ ବ୍ୟୁତ୍ପତ୍ତି ହୋଇଲୁଁ ପୁଣି ଅଜି
ତୁମ୍ଭେମାନେ ଯେ ପ୍ରକାର ହେଉଅଛ ସେରୂପେ ଆମ୍ଭେଇ ଈଶ୍ୱର ପରାୟ
୪ ଣରେ ଉଦ୍ଯୋଗୀ ହୋଇଲୁଁ । ପୁଣି ସ୍ତ୍ରୀ ପୁରୁଷଗଣକୁ ବନ୍ଦ କରି କାରାଗା
ରରେ ସମର୍ପି ସେମାନଙ୍କର ପ୍ରାଣ ଦଣ୍ଡ ପର୍ଯ୍ୟନ୍ତେ ଏହି ମତର ତାଡଣା କଲୁଁ ।
୫ ମହା ଯାଜକ ପୁଣି ସଭାସମେତ ପ୍ରାଚୀନ ଲୋକମାନେ ଆମ୍ଭର ଏହି କଥାର

ପ୍ରମାଣ ଦେବାକୁ ପାରନ୍ତି ଯେହେତୁ ସେମାନଙ୍କର ନିକଟରୁ ଦମିସିକ ନଗର
ନିବାସି ଭ୍ରାତୃଗଣର ବିଷୟରେ ଆଜ୍ଞା ପତ୍ର ନେଇ ଯେଉଂମାନେ ସେଠାରେ
ବନ୍ଦଥିଲେ ସେମାନଙ୍କୁ ଦଣ୍ଡ ଦେବାର ନିମନ୍ତେ ଯିରୁଶାଲମରେ ଅଣିବାକୁ
ଦମିସିକଠାକୁ ଯାଇଥିଲୁଁ । ପୁଣି ଯାଉଂ ୨ ସେ ନଗରର ନିକଟରେ ଉପସ୍ଥିତ ୬
ହେଲେ ବେଳ ଦୁଇ ପ୍ରହରର ସମୟରେ ଅକସ୍ମାତ୍ ଆକାଶରୁ ମହା ଜ୍ୟୋତି
ଆମ୍ଭର ଚାରିଆଡେ ପ୍ରକାଶ ହୋଇଲା । ତହିଁରେ ଭୂମିରେ ପଡିଲେ ହେ ୭
ଶାଉଲ୍ ୨ ଆମ୍ଭକୁ କିପାଁ ତାଡଣା କରୁଅଛ ଆମ୍ଭର ପ୍ରତି ଉକ୍ତ ଏମନ୍ତ ଏକ
ରବ ଶୁଣିବାକୁ ପାଇଲୁଁ । ଏଥିରେ ଆମ୍ଭେ ଉତ୍ତର କଲୁଁ ହେ ପ୍ରଭୁ ଆପଣ ୮
କେ । ସେ କହିଲେ ଯାହାଙ୍କୁ ତାଡଣା କରୁଅଛ ସେହି ନାଜରୀୟ ଯୀଶୁ
ଆମ୍ଭେ । ଆଉ ଆମ୍ଭର ସଙ୍ଗି ଲୋକମାନେ ସେ ଦୀପ୍ତି ଦେଖି ଭୀତ ହେଲେ ପୁଣି ୯
ଆମ୍ଭର ପ୍ରତି ଉକ୍ତ ସେହି କଥା ସେମାନେ ନ ବୁଝିଲେ । ପୁଣି ଆମ୍ଭେ ପଚାରିଲୁଁ ହେ ପ୍ରଭୁ ଆମ୍ଭେ କି କରିବା ତହିଁରେ ପ୍ରଭୁ କହିଲେ ଉଠି ଦମିସିକ ୧୦
ନଗରକୁ ଗଲେ ତୁମ୍ଭର କର୍ତ୍ତବ୍ୟ ଯାହା ୨ ନିରୂପିତ ଅଛି ତାହା ସେଠାରେ
ତୁମ୍ଭକୁ ଜଣା ଯିବ । ସେହି ଖରତର ଦୀପ୍ତି ସକାଶେ କିଛି ଦେଖିବାକୁ ନ ୧୧
ପାରି ସଙ୍ଗିଗଣ ଆମ୍ଭର ହାତ ଧରନ୍ତେ ଦମିସିକ ନଗରର ମଧ୍ୟରେ ଅଇଲୁଁ ।
ଅନନ୍ତରେ ନଗର ନିବାସି ସମସ୍ତ ଯିହୁଦୀୟମାନଙ୍କଠାରେ ମାନ୍ୟ ଓ ବ୍ୟବସ୍ଥା ୧୨
ନୁସାରେ ଭକ୍ତ ଅନାନୀୟ ନାମରେ ଜଣେ ମନୁଷ୍ୟ ଆମ୍ଭର ନିକଟରେ ଆସି
ଠିୟା ହୋଇ କହିଲା ହେ ଭାଇ ଶାଉଲ ପ୍ରସନ୍ନ ଚକ୍ଷୁ ହୁଅ । ସେହିକ୍ଷଣି ୧୩
ଆମ୍ଭେ ତାହାର ପ୍ରତି ଦୃଷ୍ଟି କଲୁଁ । ପୁଣି ସେ ଆମ୍ଭକୁ କହିଲା ତୁମ୍ଭେ ଯେମନ୍ତ ଈଶ୍ୱ ୧୪
ରର ଅଭିପ୍ରାୟ ଜ୍ଞାତ ହୁଅ ପୁଣି ସେହି ଧର୍ମବନ୍ତର ଦର୍ଶନ ପାଇ ତାହା
ଙ୍କର ମୁଖର ବାକ୍ୟ ଶ୍ରବଣ କର ଏନିମନ୍ତେ ଆମ୍ଭମାନକଂର ପୂର୍ବପୁରୁ
ଷର ଈଶ୍ୱର ତୁମ୍ଭକୁ ମନୋନୀତ କଲେ । କାରଣ ଯାହା ୨ ଦେଖିଅଛ ପୁଣି ୧୫
ଶୁଣିଅଛ ସମସ୍ତ ମନୁଷ୍ୟର ନିକଟରେ ତାହାର ବିଷୟରେ ସାକ୍ଷୀ ତୁମ୍ଭେ
ହେବ । ଏନିମନ୍ତେ ଅଉ କିପାଁ ବିଳମ୍ବ କରୁଅଛ ଉଠି ଡୁବିତ ହୁଅ ପୁଣି ପ୍ର ୧୬
ଭୁର ନାମରେ ପ୍ରାର୍ଥନା କରି ଆପଣାର ପାପ ପ୍ରକ୍ଷାଳଣ କର । ତହିଁ ଉତ୍ତାରେ ୧୭
ଯିରୁଶାଲମକୁ ବାହୁଡିଲେ ଏକ ଦିନ ଆମ୍ଭେ ମନ୍ଦିରରେ ପ୍ରାର୍ଥନା କରୁଅଛୁଁ
ଏମନ୍ତ ସମୟରେ ମୂର୍ଚ୍ଛାପନ୍ନ ହୋଇ ପ୍ରଭୁକୁ ସାକ୍ଷାତ୍ ଦେଖିଲୁଁ ପୁଣି ତୁମ୍ଭେ ୧୮
ବହନ କରି ଯିରୁଶାଲମରୁ ପ୍ରସ୍ଥାନ କର ଯେହେତୁ ଲୋକମାନେ ଆମ୍ଭର
ବିଷୟରେ ତୁମ୍ଭର ସାକ୍ଷ୍ୟ ଗ୍ରହଣ ନ କରିବେ ଆମ୍ଭର ପ୍ରତି ତାହାକଂର ଏହି
ବାକ୍ୟ ଶୁଣିଲୁଁ । ଏଥିରେ ଆମ୍ଭେ ଉତ୍ତର କଲୁଁ ହେ ପ୍ରଭୁ ଆମ୍ଭେ ଯେ ୧୯
ପ୍ରତ୍ୟେକ ଭଜନାଳୟରେ ତୁମ୍ଭର ବିଶ୍ୱାସକାରି ଲୋକଙ୍କୁ କାରାଗାରରେ ରଖି

୧୦ ପ୍ରହାର କରଅଛୁଁ ଅଉ ତୁମ୍ଭର ସାକ୍ଷୀ ସ୍ତିଫାନର ରକ୍ତପାତ ହେବାର ସମ
ୟରେ ତାହାର ସଂହାରରେ ସମ୍ମତ ହୋଇ କଉରେ ଠିଆ ହୋଇ ଥିଲ୍ୟ।
୧୧ କାର ଲୋକଙ୍କର ନୁଗା ରକ୍ଷା କରଅଛୁଁ ଏହା ସେମାନେ ଜାଣନ୍ତୁ । ଇହାଁରେ
ସେ କହିଲେ ପ୍ରସ୍ଥାନ କର ତୁମ୍ଭକୁ ଦୂରରେ ଅନ୍ୟ ଦେଶୀୟମାନଙ୍କଠାରେ
ପଠାଇବା ।

୧୨ ଏହି ପର୍ଯ୍ୟନ୍ତ ଲୋକମାନେ ପାଉଲର କଥା ଶୁଣି ଉଚ୍ଚସ୍ୱରରେ କହିଲେ
ଏହାକୁ ଭୂମଣ୍ଡଳରୁ ଦୂର କର ଯେପ ଏମନ୍ତ ଲୋକକୁ ଜୀବତ ରଖିବାର ଅଶୁ
୧୩ ଚିତ । ଏହା ଉଚ୍ଚଶବ୍ଦରେ ବୋଲ ବସ୍ତ୍ର କାଢି ଆକାଶରେ ଧୂଳି ପକାଉଥି
ସହସ୍ର ସେନାପତ ପାଉଲକୁ ଗଡ ଭିତରେ ନେଇ ଯିବାକୁ ଆଜ୍ଞା ଦେଲା ।
୧୪ ପୁଣି ଏହାର ପ୍ରତିକୂଳ ହୋଇ ଲୋକମାନେ କ ନମନ୍ତେ ଏପର ଡାକ
ଶୁଉଲେ ଏହା ଜାଣିବାକୁ ଗଡରେ ଆଣି କୋଡା ପ୍ରହାର ଦେଇ ତାହାର
୧୫ ପରୀକ୍ଷା କରବାକୁ ଆଜ୍ଞା କଲା । ପଦାତ୍ତିକମାନେ ଚମ ବଦ୍ଧରେ ତାହାକୁ
ବାନ୍ଧିବାକୁ ଉଦ୍ୟତ ହୁଅନ୍ତେ ପାଉଲ ଶତସେନାପତକୁ କହିଲା
ଅବଶ୍ୟ ଆଜ୍ଞା ପ୍ରାପ୍ତ ରୋମି ଲୋକକୁ ପ୍ରହାର କରବାକୁ କ ତୁମ୍ଭମାନଙ୍କର ଅଧି
୧୬ କାର ଅଛ । ଏ କଥା ଶୁଣି ସେ ସହସ୍ର ସେନାପତର ନକଟରେ ଯାଇ ଏହ
ସଂବାଦ ଦେଲା ସେ ଜଣ ରୋମିଲୋକ ଏମନ୍ତେ ସାବଧାନ ହୋଇ କର୍ମ
୧୭ କର । ଏଥିରେ ସହସ୍ର ସେନାପତ ଯାଇ ତାହାକୁ ପଚାରିଲା ତୁମ୍ଭେ କ ରୋମି
୧୮ ଲୋକ ଆମ୍ଭକୁ ବୋଲ । ସେ କହିଲା ହଁ । ତେଣୁ ସହସ୍ର ସେନାପତ କହିଲା
ବହୁତ ଧନ ଦେଇ ଆମ୍ଭେ ଏହ ଅଧିକାର ପାଇଲୁଁ । ପୁଣି ପାଉଲ ଉତ୍ତର
୧୯ ଦେଲା ଆମ୍ଭେ ଜନ୍ମରେ ପାଇଲୁଁ । ଏମନ୍ତ ହେଲେ ଯେଉଁମାନେ ପ୍ରହାର
ଦେଇ ତାହାର ପରୀକ୍ଷା କରବାକୁ ଉଦ୍ୟତ ଥିଲେ ସେମାନେ ତାହାର ନକ
ଟରୁ ଚାଲି ଗଲେ । ପୁଣି ସହସ୍ର ସେନାପତ ତାହାକୁ ରୋମିଲୋକ ଜାଣି
ଆପେଁ ଯେ ତାହାକୁ ବାନ୍ଧିଲା ଏଥିରେ ଭୀତ ହେଲା ।

୩୦ ଅନନ୍ତରେ ଯିହୁଦୀୟ ଲୋକମାନେ ପାଉଲର ଅପବାଦ ଜଣା କରଅଛନ୍ତି
ତାହାର ବୃତ୍ତାନ୍ତ ଜାଣିବାକୁ ଇଚ୍ଛା କର ସହସ୍ର ସେନାପତ ଅର ଦନରେ ପାଉ
ଲକୁ ବନ୍ଧନରୁ ମୁକ୍ତ କର ପ୍ରଧାନ ଯାଜକଗଣକୁ ଓ ମହା ସଭାର ସମସ୍ତ ଲୋ
କଙ୍କୁ ଉପସ୍ଥିତ ହେବାକୁ ଆଜ୍ଞା ଦେଇ ସେମାନଙ୍କର ଅଗଡେ ପାଉଲକୁ
ଓହ୍ଲାଇ ଆଣି ରଖିଲା ।

୨୬ ପର୍ବ ।

ଏଣୁ ପାଉଲ ସଭାକୁ ସ୍ଥିର କର ଅନାଇ କହିଲା ହେ ଭାଇମାନେ ଅଜ
୧ ଯର୍ଯ୍ୟନ୍ତ ଈଶ୍ୱରର ସାକ୍ଷାତେ ଆମ୍ଭେ ସୁସରଳ ମନରେ ଆଚର କରିଅଛୁଁ ।
ଏଥିରେ ଅନାନିୟ ନାମରେ ମହାଯାଜକ ତାହାର ମୁଖରେ ଚପୁଡା ମାର
୨ ବାକୁ ନକଟସ୍ଥ ଲୋକମାନଙ୍କୁ ଆଜ୍ଞା ଦେଲା । ତେଣୁ ପାଉଲ ତାହାକୁ କହିଲା
୩ ହେ କପଟି ଈଶ୍ୱର ତୁମ୍ଭକୁ ମାରିବେ ଯେହେତୁ ବ୍ୟବସ୍ଥାନୁସାରେ ବଚାର କର
ବାକୁ ବସି ବ୍ୟବସ୍ଥା ବରୁଦ୍ଧେ ଆମ୍ଭକୁ ମାରିବାକୁ ଆଜ୍ଞା ଦେଉଅଛ । ତହିଁ
୪ ରେ ନକଟସ୍ଥ ଲୋକମାନେ କହିଲେ ତୁମ୍ଭେ କ ଈଶ୍ୱରର ମହାଯାଜକକୁ
୫ ନନା କରୁଅଛ । ପାଉଲ ଉତ୍ତର କଲା ହେ ଭାଇମାନେ ଏ ଯେ ମହାଯାଜକ
ତାହା ଆମ୍ଭେ ନ ମଣିଲୁଁ । ଯେହେତୁ ଅପଣା ଦେଶୀୟମାନଙ୍କର କର୍ତ୍ତାର ପ୍ରତ
କଟୁବାକ୍ୟ ନ କହ ଏମନ୍ତ ଲେଖିତ ଅଛି । ପୁଣି ପାଉଲ ସେମାନଙ୍କର
୬ ଏକାଂଶ ଫାରୂଶୀ ଓ ଏକାଂଶ ସାଦୂକ୍ଷୀ ଦେଖି ଉଚ୍ଚସ୍ୱରରେ ସଭାସ୍ଥମାନଙ୍କୁ
କହିଲା ହେ ଭାଇମାନେ ଆମ୍ଭେ ଫାରୂଶୀ ମତାବଲମ୍ବୀ ଓ ଫାରୂଶୀର
ସନ୍ତାନ । ମୃତମାନଙ୍କର ଉତ୍ଥାନର ପ୍ରତ୍ୟାଶାର ନମନ୍ତେ ଏହି ବଚାରର ଦା
୭ ରରେ ପଡିଲୁଁ । ଏମନ୍ତ କଥା କହନ୍ତେ ଫାରୂଶୀ ଓ ସାଦୂକ୍ଷୀ ଲୋକମାନଙ୍କର
୮ ପରସ୍ପର ଭିନ୍ନ ବାକ୍ୟତା ହୋଇ ସଭାର ମଧ୍ୟରେ ଦୁଇ ପକ୍ଷ ହୋଇଲେ ।
କାରଣ ସାଦୂକ୍ଷୀ ଲୋକମାନେ ଉତ୍ଥାନ କ ସ୍ୱର୍ଗୀୟ ଦୂତ ଅଥବା ଆତ୍ମା ନାହିଁ ନ
୯ ମାନନ୍ତି ପୁଣି ଫାରୂଶୀମାନେ ସମସ୍ତେ ସ୍ୱୀକାର କରନ୍ତି । ଏଥିରେ ବଳକୁଆ
ରେକ ଅତ୍ୟନ୍ତ କୋଳାହଳ ଉପସ୍ଥିତ ହେଲା ଫାରୂଶୀମାନଙ୍କର ପର୍ଶୀୟ
୧୦ ସଭାସ୍ଥ ଅଧ୍ୟାପକ ସମସ୍ତ ଠିଆ ହୋଇ ପକ୍ଷପାତ କର କହିଲେ ଏହି ମନୁ
ଷ୍ୟର କୌଣସି ଦୋଷ ଦେଖିବାକୁ ନ ପାଇ ଯେବେ କୌଣସି ଆତ୍ମା କଅବା
ଦୂତ ଏହାକୁ ପ୍ରତ୍ୟାଦେଶ କର ଥାଅନ୍ତି ତେବେ ଆମ୍ଭେମାନେ ଈଶ୍ୱରର ପ୍ରତ
କୂଳରେ ଯୁଦ୍ଧ ନ କରିବା । ତହିଁରେ ଅତ୍ୟନ୍ତ ଭିନ୍ନ ବାକ୍ୟତା ହେଲେ କା
୧୧ ଜାଣି ସେମାନେ ପାଉଲକୁ ଖଣ୍ଡ ଖଣ୍ଡ କର ଛିଣ୍ଡାଏ ଏହି ଆଶଙ୍କାରେ ସହସ୍ର
ସେନାପତି ସେଠାକୁ ଯିବାକୁ ଓ ସଭାର ବଳରେ ପାଉଲକୁ ଧର ଗଡ
ମଧ୍ୟରେ ନେଇ ଆସିବାକୁ ସେନାଗଣକୁ ଆଜ୍ଞା ଦେଲା । ପୁଣି ରାତ୍ରିରେ ପ୍ରଭୁ
୧୨ ତାହାର ନକଟରେ ଠିଆ ହୋଇ କହିଲେ ହେ ପାଉଲ ନିର୍ଭୟ ହୁଅ ଯେ
ମନ୍ତ ଯିରୂଶାଲମ ନଗରରେ ଆମ୍ଭର ବଷୟରେ ସାକ୍ଷ୍ୟ ଦେଇଅଛ ସେପ୍ରକା
ରେ ମ ନଗରରେଇ ଦେବାକୁ ହେବ ।

ଏଥିଉତ୍ତାରେ ଦିନ ଉପସ୍ଥିତ ହେଲା ଯୋକାମ୍ଭେ ଯିହୁଦୀୟ ଲୋକ ଏକ
୧୩

ବିଚାର ହୋଇ ପାଉଲକୁ ବଧ ନ କଲେ ଭୋଜନ ପାନ ନ କରିବେ ଗଣ
୧୩ କରି ଆପଣାମାନଙ୍କୁ ବନ୍ଦ କଲେ । ଚାଳିଶ ଜଣର ଅଧିକ ଲୋକ ଏ ପ୍ରକାର
୧୪ ପଣ କରିଥିଲେ । ପୁଣି ସେମାନେ ମହାଯାଜକ ଓ ପ୍ରାଚୀନ ବର୍ଗର ନିକଟରେ
ଯାଇ କହିଲେ ଆମ୍ଭେମାନେ ପାଉଲକୁ ବଧ ନ କରି କିଛି ନ ଖାଇବା ଏହି
୧୫ ଚିତ ଶାପ୍ୟରେ ବନ୍ଦ ହେଲୁଁ । ଏନିମନ୍ତେ ଇଦାନୀ ସଭାସ୍ଥ ଲୋକମାନଙ୍କର
ସଙ୍ଗେ ତୁମ୍ଭେମାନେ ତାହାର ବିଷୟରେ କୌଣସି ବିଶେଷ ପଚାରିବାର
ଛଳକରି କାଲି ତୁମ୍ଭମାନଙ୍କର ଶ୍ରମୁରେ ତାହାକୁ ଅଣାଇବାର ସହସ୍ର ସେ
ନାପତିର ନିକଟରେ ନିବେଦନ କର ତହିଂରେ ସେ ତୁମ୍ଭମାନଙ୍କର ନିକଟରେ
ଉପସ୍ଥିତ ନ ହେବାରେ ଆମ୍ଭେମାନେ ତାହାକୁ ବଧ କରିବାକୁ ପ୍ରସ୍ତୁତ
ହେବା ।
୧୬ ପାଉଲର ଭଣଞ୍ଜା ସେମାନଙ୍କର ଏହି ଓଗାଳି ବସିବାର କଥାର ଅନୁ
୧୭ ସନ୍ଧାନ ପାଇ ଗଡରେ ଯାଇ ପାଉଲକୁ ସେ ସମାଚାର ଦେଲା । ଏଣୁ ପାଉଲ
ଜଣେ ଶତ ସେନାପତିକୁ ଡାକି କହିଲା ସହସ୍ର ସେନାପତିର ନିକଟରେ ଏହି
ଯୁବା ଲୋକର କିଛି ନିବେଦନ ଅଛି ଏନିମନ୍ତେ ତାହାଙ୍କଠାରେ ଏହାକୁ ନେଇ
୧୮ ଯାଅ । ଏଥିରେ ସେ ତାହାକୁ ସଙ୍ଗେ ନେଇ ସହସ୍ର ସେନାପତିର ନିକଟରେ ଉପ
ସ୍ଥିତ ହୋଇ କହିଲା ଅବଧାନର ପ୍ରତି ଏହି ଜଣର ଏକ ନିବେଦନ ଅଛି ଏଣୁ
ବନ୍ଦ ପାଉଲ ଆମ୍ଭକୁ ଡାକି ଆପଣଙ୍କର ନିକଟରେ ଏହାକୁ ଆଣିବାକୁ ପ୍ରାର୍ଥନା
୧୯ କଲା । ଏଥିରେ ସହସ୍ର ସେନାପତି ତାହାର ହସ୍ତ ଧରି ନିର୍ଜନ ସ୍ଥାନରେ ନେଇ
୨୦ ଯାଇ ପଚାରିଲା ତୁମ୍ଭର ନିବେଦନ କି ତାହା ବୋଲ । ସେ କହିଲା ଯିହୁଦୀୟ
ଲୋକମାନେ ପାଉଲର ବିଷୟରେ କୌଣସି ବିଶେଷ ପଚାରିବାର ଛଳକରି
ତାହାକୁ ସଭାରେ ନେଇ ଯିବାକୁ ଅବଧାନଙ୍କଠାରେ ନିବେଦନ କରିବାର
୨୧ ବିଚାର କରିଅଛି ପୁଣି ତୁମ୍ଭେ ତାହା ନ ମାନ ଯେହେତୁ ସେମାନଙ୍କର ମଧ୍ୟ
ରେ ଚାଳିଶ ଜଣର ଅଧିକ ଲୋକ ଏକ ବିଚାର ହୋଇ ପାଉଲକୁ ବଧ ନ
କରି ଭକ୍ଷଣ ଓ ପାନ ନ କରିବା ଏହି ଚିତ ଗଣ କରି ଓଗାଳି ବସୁଥାନ୍ତି
୨୨ ଏବେ କେବଳ ଅବଧାନଙ୍କର ଅନୁମତିର ଅପେକ୍ଷା କରୁଅଛନ୍ତି । ତେଣୁ
ତୁମ୍ଭେ ଯେ କଥା ନିବେଦନ କଲ ତାହା କାହାକୁଇ ନ ବୋଲ ଏହି କଥା
୨୩ ବୋଲି ସହସ୍ର ସେନାପତି ସେ ଯୁବାକୁ ବିଦାୟ କଲା । ଏଥିଉତ୍ତାରେ ସହସ୍ର
ସେନାପତି ଦୁଇ ଜଣ ଶତ ସେନାପତିକୁ ଡାକି ଏହି ଆଜ୍ଞା ଦେଲା ତୁମ୍ଭେ
ମାନେ ଏକ ପ୍ରହର ରାତ୍ରି ଥାଉଂ ଦୁଇ ଶତ ପଦାନ୍ତିକ ସୈନ୍ୟ ଓ ସତ୍ତୋରି
ଜଣ ଅଶୁଆରି ସୈନ୍ୟ ଓ ଦୁଇଶତ ବର୍ଚ୍ଛାଧାରି ସୈନ୍ୟ ପୁଣି ବାହାନ ସମସ୍ତ
୨୪ ପ୍ରସ୍ତୁତ କରି ତାହା ଉପରେ ପାଉଲକୁ ଚଢାଇ କାଇସରିୟା ନଗରକୁ

ଫିଲିକ୍ସ ଅଧିପତିର ନକଟରେ ନର୍ବ୍ବସ୍ତରେ ନେଇ ଯାଅ । ପୁଣି ପତ୍ର ଲେଖି ୨୫
ଦେଲା ସେ ପତ୍ରର ବବରଣ ଏହ ଯଥା । ମହାମହମ ଶ୍ରୀଯୁତ୍ ଫିଲିକ୍ସ ଅଧିପ ୨୬
ତର ନକଟରେ କ୍ଲୌଦିୟ ଲୂସିୟର ନମସ୍କାର । ଯିହୂଦୀୟ ଲୋକମାନେ ପୂର୍ବ ୨୭
ରେ ଏହ ମନୁଷ୍ୟକୁ ଧର ସ୍ୱହସ୍ତରେ ବଧ କରବାର ଉଦ୍ଯୋଗ କରଥିଲେ
ବଥି ମଧ୍ୟରେ ଅମ୍ଭେ ସୈନ୍ୟ ସେନ ସେଠାରେ ଉପସ୍ଥିତ ହୋଇ ସେ ଜଣ
ଯେ ରୋମି ଲୋକ ତାହା ଜାଣିବାକୁ ପାଇ ଏହାକୁ ରକ୍ଷା କଲୁଁ । ତହିଁଉ ୨୮
ତ୍ତରେ କ ନମନ୍ତେ ସେମାନେ ଏହାକୁ ଅପବାଦ କରନ୍ତ ତାହା ଜାଣିବାର
ନମନ୍ତେ ସେମାନଙ୍କର ସଭାରେ ଏହାକୁ ଅଣାଇଲୁଁ । ତହିଁରେ ସେମାନ ୨୯
ଙ୍କର ବ୍ୟବସ୍ଥାର ବର୍ତ୍ତରେ କୌଣସି କଥାରେ ଏ ଜଣ ଅପବାଦଯୁ ହେଲ
ପ୍ରମାଣ ପୁଣି ସେ ଶିକୁଲିରେ ବନ୍ଦ କଅବା ପ୍ରାଣଦଣ୍ଡର ଯୋଗ୍ୟ ହେବାକୁ
ପାରଇ ଏମନ୍ତ କୌଣସି ଦୋଷ ନ ଦେଖିଲୁଁ । ତଥାପି ତାହାର ନମନ୍ତେ ଯିହୂ ୩୦
ଦୀୟମାନେ ଓଗାଲି କନ୍ଦୁଅଛନ୍ତ ଏହ ସମାଚାର ପାଇ ସେହକ୍ଷଣି ତୁମ୍ଭର ନକଟ
ରେ ଏହାକୁ ପଠାଇଲୁଁ । ପୁଣି ଏହାର ଅପବାଦକମାନଙ୍କୁ ତୁମ୍ଭର ନକଟ
ରେ ଯାଇ ଅପବାଦ ଦେବାକୁ ଆଜ୍ଞା କଲୁଁ । ଅପଶଙ୍କର ମଙ୍ଗଳ ହେଉ ।

ଏଉତ୍ତାରେ ସୈନ୍ୟଗଣ ଆଜ୍ଞାନୁସାରେ ପାଉଲକୁ ନେଇ ସେ ରାତ୍ରିରେ ୩୧
ଅନ୍ତିପାତ୍ରି ନଗରରେ ଅଣିଲେ । ଆର ଦନରେ ତାହାର ସଙ୍ଗରେ ଯିବାକୁ ୩୨
ଅଶ୍ୱାରୋହୀ ସୈନ୍ୟଗଣକୁ ରଖି ଗଡରେ ଫେର ଗଲେ । ପୁଣି ଅଶ୍ୱାରୋହୀଗଣ ୩୩
କାଇସରିୟା ନଗରରେ ଉପସ୍ଥିତ ହୋଇ ଅଧିପତିର ହସ୍ତରେ ସେହ ଲେଖା
ଦେଇ ତାହାର ନକଟରେ ପାଉଲକୁ ଉପସ୍ଥିତ କଲେ । ଅଧିପତି ସେ ପତ୍ର ୩୪
ପାଠ କର ପଚାରିଲା ଏଜଣ କେଉଁ ପ୍ରଦେଶୀୟ ଲୋକ ପୁଣି ସେ କଲକ୍ଷ୍ୟ
ପ୍ରଦେଶୀୟ ଏକ ଜଣ ଏହା ଜାଣି କହିଲା ତୁମ୍ଭର ଅପବାଦକାରମାନେ
ଅଇଲ ଉତ୍ତରେ ତୁମ୍ଭର କଥା ଶୁଣିବା । ପୁଣି ହେରୋଦର ବଚାଗୃହମଧ୍ୟରେ ୩୫
ତାହାକୁ ରଖିବାକୁ ଆଜ୍ଞା ଦେଲା ।

## ୨୪ ପର୍ବ ।

ତଦନନ୍ତରେ ପାଞ୍ଚ ଦନ ହୋଇଲା ଅନାନୀୟ ନାମରେ ମହାଯାଜକ ୧
ଅଧିପତିର ସ୍ମୁଖରେ ପାଉଲର ପ୍ରତକୂଳରେ ନବେଦନ କରବାକୁ ପ୍ରାଗନ
ବର୍ଗକୁ ଓ ତର୍ତ୍ତୁଲ୍ଲ ନାମରେ ଜଣେ ବକ୍ତାକୁ ସଙ୍ଗେ କର କାଇସରିୟା ନଗ
ରକୁ ଅଇଲେ । ତହିଁରେ ପାଉଲକୁ ଡକା ହେଲା ଉତ୍ତାରେ ତର୍ତ୍ତୁଲ୍ଲ ୨
ତାହାର ଅପବାଦର କଥା କହିବାକୁ ଲାଗିଲା । ହେ ମହାମହମ ଫୀଲିକ୍ସ
ଅପଶଙ୍କଠାରୁ ଅମ୍ଭେମାନେ ଅତ ନର୍ବ୍ବସ୍ତରେ କାଳକ୍ଷେପଣ କରୁଅଛୁଁ ପୁଣି

ଆପଣକଂର ସୁବୁଦ୍ଧି ଦ୍ୱାରା ଏଦେଶୀୟମାନକଂର ଅନେକ ମଙ୍ଗଳ ଘଟିଅଛି
୩ ଏହି ନିମନ୍ତେ ଅତି ଉପକାରମାନୀ ହୋଇ ସର୍ବତ୍ର ସର୍ବଦା ଆପଣକଂର ଗୁଣ
୪ ବାଦୀ ହୋଇ ଥାଉଁ । ପୁଣି ଅନେକ କଥା କହିବାକୁ ଗଲେ ପଛେ ଆପଣ
କଂର ଦୁଃଖ ବୋଧ ହୁଅଇ ଏହି ନିମନ୍ତେ ସଂକ୍ଷେପରେ ବୋଲି ଅନୁଗ୍ରହ
୫ କରି ଶ୍ରବଣ କରନ୍ତୁ । ଏ ଜଣ ମହାମାରୀ ସ୍ୱଚ୍ଛପ ନାଜରୀୟ ମତାବଲମ୍ବୀ
ଦଳର ପ୍ରଧାନ ହୋଇ ସମସ୍ତ ଦେଶର ଯିହୁଦୀୟ ସମସ୍ତଙ୍କୁ ରାଜଦ୍ରୋହ ଆଚର
୬ ଣରେ ପ୍ରବୃତ୍ତ କରି ମନ୍ଦିର ଅଶୁଚି କରିବାକୁ ଚେଷ୍ଟା କରିଥିଲା । ଏହି ନିମ
ନ୍ତେ ଆମ୍ଭେମାନେ ଏହାକୁ ଧରି ଆପଣାମାନଙ୍କର ବ୍ୟବସ୍ଥାନୁସାରେ ଏହାର
୭ ବିଚାର କରିବାକୁ ଉଦ୍ୟତ ହୋଇଥିଲୁଁ । ପୁଣି ଲୁସିୟ ସହସ୍ର ସେନାପତି ଅତି
ବଳରେ ଆମ୍ଭମାନକଂର ହସ୍ତରୁ ଏହାକୁ ଛଡାଇ ନେଇ ଏହାର ଅପବାଦକମା
୮ ନଙ୍କୁ ଆପଣକଂର ନିକଟରେ ଆସିବାକୁ ଆଜ୍ଞା କଲା । ଏନିମନ୍ତେ ଆମ୍ଭେମାନେ
ଯେ ବିଷୟରେ ତାହାକୁ ଅପବାଦ କରି ଆପଣ ସେ ଅପବାଦର ବିଷୟ
୯ ବିଚାର କରି ସମସ୍ତ ବୃତ୍ତାନ୍ତ ଜାଣିବାକୁ ପାରିବ । ଏଥିରେ ଯିହୁଦୀୟମାନେ
ଅଙ୍ଗୀକାର କରି କହିଲେ ଏହି କଥାଇ ପ୍ରମାଣ ।

୧୦ ଏଉଣିରୁ ଅଧିପତି ପାଉଲକୁ ଉତ୍ତର କରିବାକୁ ସଙ୍କେତ କଲା ସେ କହି
ବାକୁ ଲାଗିଲା ଆପଣ ବହୁତ ବରଷାବଧି ଏଦେଶର ଶାସନକର୍ତ୍ତା ହୋଇଅଛନ୍ତି
୧୧ ଏହା ଜାଣି ଆମ୍ଭେ ସାହସିକ ହୋଇ ଉତ୍ତର ଦେଇ । ଅଜି କେବଳ ଦ୍ୱାଦଶ
ଦିବସ ହେଲା ଆମ୍ଭେ ଆରାଧନା କରିବାକୁ ଯିରୁଶାଲମ ନଗରକୁ ଯାଇଥିଲୁଁ
୧୨ ଏକଥା ଆପଣ ଜ୍ଞାତ ହୋଇ ଥିବ । ପୁଣି ଏମାନେ ମନ୍ଦିରର ମଧ୍ୟରେ କାହାରି
ସଙ୍ଗତେ ବିବାଦ କରିବାକୁ କି କୌଣସି ଭଜନାଳୟରେ କି ନଗରରେ
୧୩ ଲୋକକୁ କୁପ୍ରବୃତ୍ତି ଦେବାକୁ ଆମ୍ଭକୁ ଦେଖିଅଛି ଏମନ୍ତ ନୋହେ । ଆଉ
ଏହିକ୍ଷଣେ ଯେ ବିଷୟରେ ଆମ୍ଭର ଅପବାଦ କରୁଅଛ ତାହାର କିଛି ପ୍ରମାଣ
୧୪ ଦେଇ ନ ପାରନ୍ତି । ପୁଣି ଆପଣା ବିଷୟ ଆମ୍ଭେ ଆପେଁ ତୁମ୍ଭର ଶ୍ରମ୍ଭରେ
ସ୍ୱୀକାର କରି ଭବିଷ୍ୟତ୍ରବାକ୍ୟ ପୁଣି ବ୍ୟବସ୍ଥା ଗ୍ରନ୍ଥରେ ଯେ କଥା ଲେଖିତ
ଅଛି ସେ ସମସ୍ତରେ ବିଶ୍ୱାସ କରି ଆମ୍ଭେ ଯେଉଂ ମତକୁ ଏମାନେ ଧର୍ମ୍ମ ବିରୁଦ୍ଧ
ଜ୍ଞାନ କରନ୍ତି ସେହି ମତାନୁସାରେ ନିଜ ପିତୃପୁରୁଷର ଈଶ୍ୱରର ଆରାଧନା
୧୫ କରି । ଆଉ ଧାର୍ମିକ ଅଧାର୍ମିକ ଦୁଇ ପ୍ରକାର ମୃତ ଲୋକରଇ ଉତ୍ଥାନ ହେବ
ଏ କଥା ଏମାନେ ସ୍ୱୀକାର କରନ୍ତି ପୁଣି ଆମ୍ଭେଇ ତାହା ବିଷୟରେ ଈଶ୍ୱ
୧୬ ରରୁ ପ୍ରତ୍ୟାଶା କରି ଈଶ୍ୱରର ଓ ମନୁଷ୍ୟର ନିକଟରେ ଯେମନ୍ତ ମନରେ ନି
୧୭ ର୍ଦ୍ଦୋଷ ହୋଇ ଏହି ନିମନ୍ତେ ସଦା ଯତ୍ନବନ୍ତ ଅଛୁଁ । ଏମନ୍ତେ ବହୁତ ବରଷ
ଗତ ହେଲା ଆପଣା ଦେଶୀୟ ଲୋକମାନଙ୍କର ନିମନ୍ତେ ଦାନଦ୍ରବ୍ୟ ପୁଣି ନୈ

ବେଦ୍ୟ ସଙ୍ଗେ ଘେନି ପୁନର୍ବାର ଅଇଲୁଁ । ତହିଁରେ ଆମ୍ଭେ ଶୁଚି ହୋଇ ୧୮
ଲୋକଗହଳ କିଅବା କଳହ ନ କରାଇଲେଇ ଆଶିୟା ଦେଶର ଥୋକାୟେ
ଯିହୁଦୀୟ ଲୋକେ ମନ୍ଦିରର ମଧ୍ୟରେ ଆମ୍ଭକୁ ଧଇଲେ । ଆମ୍ଭର ଉପରେ ୧୯
ଯେବେ କୌଣସି ଅପବାଦର ବିଷୟ ଥାୟେ ତେବେ ଅପଣଙ୍କର ନିକଟରେ
ଉପସ୍ଥିତ ହୋଇ ସେ ଲୋକମାନଙ୍କର ସାକ୍ଷ୍ୟ ଦେବାର ଉଚିତ । ନୋହିଲେ ୧୦
ମହା ସଭାସ୍ଥ ଲୋକମାନଙ୍କର ନିକଟରେ ଠିୟା ହେବାର ସମୟରେ ଅଜି ଆମ୍ଭେ
ତୁମ୍ଭମାନଙ୍କ ଦ୍ୱାରା ମୃତମାନଙ୍କର ଉତ୍ଥାନ ବିଷୟରେ ବିଚାରିତ ହୋଇ ସେମା
ନଙ୍କର ମଧ୍ୟରେ ଠିୟା ହୋଇ ଆମ୍ଭେ ଏହି କଥା ଉଚ୍ଚସ୍ୱରରେ ବୋଲିଥିଲୁଁ ।
ତାହା ବିନୁ ଆମ୍ଭର ଆଉ କୌଣସି ଦୋଷ ପାଇଲେ କ ନାହିଁ ତାହା ଏହି ୧୧
ଉପସ୍ଥିତ ଲୋକମାନେ ବୋଲୁନ୍ତୁ ।

ଫିଲିକ୍ସ ଏକଥା ଶୁଣି ଏହି ମତର ବିଶେଷ ବିବରଣ ଜ୍ଞାତ ହୋଇ ବିଚାର ୧୧
ବନ୍ଦ ରଖି କହିଲା ଲୁସିୟ ସହସ୍ର ସେନାପତି ଅଇଲା ଉତ୍ତାରେ ଆମ୍ଭେ ତୁମ୍ଭର
ବିଚାର ନିସାପ କରିବା । ପୁଣି ବନ୍ଧନ ଛଡା ପାଉଲକୁ ରକ୍ଷା କରିବାକୁ ଓ ୧୩
ସେବାର ଅବା ସାକ୍ଷାତର ନିମନ୍ତେ ତାହାର ଅତ୍ମୀୟ କୌଣସି ବନ୍ଧୁର ଅସି
ବାର ମନା ନ କରିବାକୁ ଏକ ଜଣ ଶତ ସେନାପତିକୁ ଆଜ୍ଞା ଦେଲା ।

ଏଥୁଁ ଅଳ୍ପଦିନର ଉତ୍ତାରେ ଫିଲିକ୍ସ ଅଧିପତି ଦ୍ରୁସିଲ୍ଲା ନାମରେ ଅପଣା ୧୪
ଯିହୁଦୀୟ ସ୍ତ୍ରୀର ସଙ୍ଗେ ଆସି ପାଉଲକୁ ଡକାଇ ତାହାର ମୁଖରୁ ଖ୍ରୀଷ୍ଟଙ୍କ ଧର୍ମର
ବୃତ୍ତାନ୍ତ ଶୁଣିଲା । ଆଉ ପାଉଲ ନ୍ୟାୟ ଓ ପରିମିତ ଭୋଗ ପୁଣି ଶେଷ ବିଚା ୧୫
ରର ବିଷୟରେ କଥା କହନ୍ତେ ଫିଲିକ୍ସ କମ୍ପବାନ ହୋଇ କହିଲା ଏବେ
ଯାଅ ଆମ୍ଭର ଅବକାଶ ହେଲେ ତୁମ୍ଭକୁ ଡକାଇବା । ପୁଣି ପାଉଲକୁ କିଛିଟଙ୍କା ୧୬
ଦେଲେ ଆମ୍ଭେ ତାହାକୁ ମୁକ୍ତ କରିବା ଏହି ପ୍ରତ୍ୟାଶା କରି ସେ ପୁନଃ ତାହାକୁ
ଡକାଇ ତାହାର ସଙ୍ଗେ କଥୋପକଥନ କଲା । ପୁଣି ଦୁଇ ବରଷର ଉତ୍ତାରେ ୧୭
ଫିଲିକ୍ସର ପଦରେ ପର୍କିୟ ଫିଷ୍ଟ ନିଯୁକ୍ତ ହେଲା ଫିଲିକ୍ସ ଯିହୁଦୀୟମାନଙ୍କୁ
ସନ୍ତୋଷ କରିବାକୁ ବାସନା କରି ପାଉଲକୁ ବନ୍ଦି ରଖି ଚାଲି ଗଲା ।

## ୧୫ ପର୍ବ ।

ଏଥିରେ ଫିଷ୍ଟ ସେ ରାଜ୍ୟରେ ଆସି ତିନି ଦିନ ରହି କାଇସରିୟାଠାରୁ ୧
ଯିରୁଶାଲମରେ ଆଗମନ କଲା । ତହିଁରେ ମହାଯାଜକ ପୁଣି ଯିହୁଦୀୟମା ୧
ନଙ୍କର ପ୍ରଧାନ ଲୋକମାନେ ତାହାର ନିକଟରେ ପାଉଲର ଅପବାଦ କଲେ ।
ପୁଣି ପାଉଲକୁ ବଧ କରିବାର ନିମନ୍ତେ ବାଟ ଓଗାଳି ବସାଇ ଫିଷ୍ଟ ଯେମନ୍ତ ୩
ତାହାକୁ ଯିରୁଶାଲମରେ ଅଣାଇ ଦିଅଇ ଏ ନିମନ୍ତେ ବିନୟ କରି ତାହାର

୪ ନକଟରେ ଏହି ଅନୁଗ୍ରହ ମାଗିଲେ । ପୁଣି ଫୀଷ୍ଟ ଉତ୍ତର କଲା ପାଉଲ କାଇସ
ରିୟାରେ ରହିବ ଆଉ ଅଳ୍ପ ଦିନର ଉତ୍ତରେ ଆମ୍ଭେ ସେ ସ୍ଥାନକୁ ଯିବା ।
୫ ତହିଁରେ ସେ ମନୁଷ୍ୟର ଯେବେ କୌଣସି ଅପରାଧ ଥାଏ, ତେବେ ଯେଉଁ
ମାନେ ପାରନ୍ତି ସେମାନେଇ ଆମ୍ଭର ସଙ୍ଗରେ ସେଠାକୁ ଯାଇ ତାହାର ଅପ
୬ ବାଦ କରନ୍ତୁ । ଏଥିଉତ୍ତାରୁ ଦଶ ଦିନର ଅନ୍ତର ବଲମ୍ବରେ ଫୀଷ୍ଟ ସେଠାରୁ କା
ଇସରିୟା ନଗରରେ ଯାଇ ଆର ଦିନରେ ବଚାସନରେ ବସି ପାଉଲକୁ ଆଣି
୭ ବାକୁ ଆଜ୍ଞା କଲା । ଏଥିରେ ପାଉଲ ଉପସ୍ଥିତ ହେଲେ ଯିରୂଶାଲମର ଆସନ୍ତା
ଯିହୁଦୀୟ ଲୋକମାନେ ତାହାକୁ ଚତୁର୍ଦ୍ଦିଗରେ ଘେର ତାହାର ବରୁଦ୍ଧରେ
ଅନେକ ଭାରୀ ଦୋଷର କଥା ଉତ୍ଥାପନ କରିବାକୁ ଲାଗିଲେ ପୁଣି ତାହାର
୮ କିଛି ପ୍ରମାଣ ଦେଇ ନ ପାରିଲେ । ଏଥିରେ ପାଉଲ ଅପଣା ବିଷୟରେ ଏହି
ଉତ୍ତର ଦେଲା ଯିହୁଦୀୟମାନଙ୍କର ବ୍ୟବସ୍ଥାର କି ମନ୍ଦିରର କି କାଇସରର
୯ ପ୍ରତିକୂଳରେ କୌଣସି ଅପରାଧ କରି ନାହିଁ । ପୁଣି ଫୀଷ୍ଟ ଯିହୁଦୀୟମାନଙ୍କୁ
ସନ୍ତୋଷ କରିବାକୁ ଇଚ୍ଛା କରି ପାଉଲକୁ କହିଲା ତୁମ୍ଭେ କି ଯିରୂଶାଲମକୁ
୧୦ ଯାଇ ଏହି ବିଷୟରେ ଆମ୍ଭର ସ୍ଥମୁରେ ବିଚାରିତ ହେବ । ପାଉଲ ଉତ୍ତର କଲା
ଯେଉଁଠାରେ ଆମ୍ଭର ବିଚାର ହେବାର ଉଚିତ ଏମନ୍ତ କାଇସରର ବିଚାର
ସ୍ଥାନରେଇ ଆମ୍ଭେ ଉପସ୍ଥିତ ଅଛୁଁ । ଯିହୁଦୀୟମାନଙ୍କର କିଛି କ୍ଷତି କରି
୧୧ ନାହିଁ ଏହା ଆପଣ ଭଲରୂପରେ ଜ୍ଞାତ ଅଛନ୍ତି । ଆମ୍ଭେ କୌଣସି ଦୋଷ
କିମ୍ବା ମୃତ୍ୟୁଯୋଗ୍ୟ କୌଣସି କର୍ମ ଯେବେ କରି ଥାଉଁ ତେବେ ପ୍ରାଣ ଦଣ୍ଡ
ଭୋଗ କରିବାକୁରୁ ଅସମ୍ମତ ନୋହୁଁ । ପୁଣି ସେମାନେ ଆମ୍ଭର ଯେ ଅପବାଦ
ଦେଉଅଛନ୍ତି ତାହା ଯେବେ କଲ୍ପିତ ମାତ୍ର ହୁଅଇ ତେବେ ସେମାନଙ୍କର
ହସ୍ତରେ ଆମ୍ଭକୁ ସମର୍ପଣ କରିବାକୁ କାହାର ଅଧିକାର ନାହିଁ । କାଇସର
୧୨ ଠାରେ ଆମ୍ଭର ବିଚାର ହେଉ । ଏଥିରେ ଫୀଷ୍ଟ ମନ୍ତ୍ରୀଗଣର ସଙ୍ଗେ ବିବେଚନା
କରି ପାଉଲକୁ କହିଲା କାଇସରଠାରେ କି ତୁମ୍ଭର ବିଚାର ମାଗୁଅଛ ତୁମ୍ଭେ
କାଇସରର ନକଟକୁ ଯିବ ।

୧୩ ଅନନ୍ତରେ କେତେକ ଦିନର ଉତ୍ତରେ ଆଗ୍ରିପା ରାଜା ପୁଣି ବର୍ଣିକା ଫୀ
୧୪ ଷ୍ଟର ସଙ୍ଗେ ସାକ୍ଷାତ କରିବାକୁ କାଇସରିୟା ନଗରକୁ ଅଇଲେ । ଏଥିରେ
ଅନେକ ଦିନ ସେ ସ୍ଥାନରେ ଥାଅନ୍ତେ ଫୀଷ୍ଟ ରାଜାକୁ ପାଉଲର କଥା
ଜଣାଇ କହିଲା ପାଉଲ ନାମରେ ଜଣେ ବନ୍ଦିକୁ ଫିଲିକ୍ସ ବନ୍ଦି କରି ରଖି ଯାଇ
୧୫ ଅଛନ୍ତି । ଆଉ ଯିରୂଶାଲମରେ ଆମ୍ଭର ଥିବାର ସମୟରେ ମହାଯାଜକ ପୁଣି
ଯିହୁଦୀୟମାନଙ୍କର ପ୍ରାଚୀନ ଲୋକମାନେ ଅପବାଦ ଦେଇ ତାହାର ପ୍ରତି
୧୬ ଦଣ୍ଡାଜ୍ଞା ପ୍ରାର୍ଥନା କଲେ । ତହିଁରେ ଆମ୍ଭେ ଏହି ଉତ୍ତର କଲୁଁ ଯେ ସରକ

ଅପବାଦିତ ଜଣ ଅପଶା ଅପବାଦକଗଣର ସଙ୍ଗେ ସାକ୍ଷାତ୍ ନ କରନ୍ତି ପୁଣି
ଆପଣାର ପ୍ରତ୍ୟେ ଯେ ଦୋଷ ଅରୋପିତ ହୋଇ ଅଛନ୍ତି ତାହାର ସଦୁତ୍ତର କର
ବାର ଅବକାଶ ନ ପାଏଁ ସେ ପର୍ଯ୍ୟନ୍ତ କୌଣସି ମନୁଷ୍ୟର ପ୍ରାଣ ଦଣ୍ଡର
ଆଜ୍ଞା ଦେବାର ରୋମୀୟଲୋକଙ୍କର ରୀତି ନୋହେ । ତେଣୁ ସେମାନେ ୧୭
ଏଠାରେ ଅଇଲା ଉତ୍ତାରେ ଶୀଘ୍ର ବଚାରସନରେ ବସି ଏହ ମନୁଷ୍ୟକୁ
ଆଣିବାକୁ ଆଜ୍ଞା ଦେଲୁଁ । ପୁଣି ତାହାର ଅପବାଦକମାନେ ଉପସ୍ଥିତ ହୋଇ ୧୮
ଆମ୍ଭେ ଯେଉଁ ଭ୍ରବ ଥିଲୁଁ ସେହଉପ କୌଣସି ଭ୍ରର ଅପବାଦ ଉତ୍ଥାପନ
ନ କର ଅପଶାମାନଙ୍କର ମଇ ବଷୟରେ ପୁଣି ଯାଇଲ ଯାହାକୁ ସଜାବ ୧୯
କର ବୋଲଇ ଏମନ୍ତ ଯୀଶୁ ନାମରେ ଏକ ମୃତ ଜଣର ବଉଦ୍ଧରେ କହି
ବାକୁ ଲାଗିଲେ । ତହିଁରେ ଆମ୍ଭେ ଏମନ୍ତ ବଷୟରେ ସନ୍ଦିଗ୍ଧ ହେବାରୁ ପଶ୍ଚା ୨୦
ରଲୁଁ ତୁମ୍ଭେ ଯିରୂଶାଲମ ନଗରକୁ ଯାଇ କ ଏବଷୟରେ ବଚାରତ ହେ
ବାକୁ ସମ୍ମତ ଅଛ । ମାଏି ଯାଇଲ ଶ୍ରୀ ଶ୍ରୀଯୁକ୍ତ ଶ୍ମୁରେ ବଚାରତ ହେ ୨୧
ବାକୁ ପ୍ରାର୍ଥନା କରବାରେ ଯେ ପର୍ଯ୍ୟନ୍ତ ତାହାକୁ କାଇସରର ନକଟକୁ
ପଠାଇବାକୁ ନ ପାର ସେ ପର୍ଯ୍ୟନ୍ତ ତାହାକୁ ଏହ ସ୍ଥାନରେ ରଖିବାକୁ
ଆଜ୍ଞା ଦେଲୁଁ । ତେବେ ଅଗ୍ରିପା ଫୀଷ୍ଟକୁ କହଲା ଆମ୍ଭେହେଁ ସେ ମନୁ ୨୨
ଷ୍ୟର କଥା ଶୁଣିବାକୁ ବାଞ୍ଛା କର । ଫୀଷ୍ଟ ବୋଇଲା କାଲି ତାହାର କଥା
ତୁମ୍ଭେ ଶୁଣିବ ।

ଆର ଦନରେ ଅଗ୍ରିପା ଓ ବର୍ଣିଙ୍କୀ ମହା ଘଟା କର ସହସ୍ର ସେନାପତ ୨୩
ପୁଣି ନଗରସ୍ଥ ପ୍ରଧାନ ଲୋକମାନଙ୍କର ସଙ୍ଗେ ଏକତ୍ର ହୋଇ ବଚାରଲୟରେ
ଆସି ଉପସ୍ଥିତ ହଅନ୍ତେ ଫୀଷ୍ଟର ଆଜ୍ଞାରେ ପାଉଲ ଅଣତ ହେଲା । ଏଥିରେ ୨୪
ଫୀଷ୍ଟ କହଲା ହେ ରାଜନ୍ ଅଗ୍ରିପା ହେ ଉପସ୍ଥିତ ଲୋକେ ସମସ୍ତ ଯିରୂଶାଲ
ମରେ ପୁଣି ଏଠାରେ ଯିହୁଦୀୟ ସମୁହ ଲୋକ ଯେ ମନୁଷ୍ୟର ବଷୟରେ ଆମ୍ଭ
ଠାରେ ନବେଦନ କର ଉଚ୍ଚୈସ୍ୱର କର କହ ଥିଲେ ଏହାକୁ ଅଉ କଦ୍ଧିହ
କାଳ ଜୀବତ ରଖିବାର ଉଚିତ ନୋହେ ସେହ ମନୁଷ୍ୟକୁ ଏହ ଦେଖ । ପୁଣି ୨୫
ମଜଣ ପ୍ରାଣ ଦଣ୍ଡର ଯୋଗ୍ୟ କୌଣସି କର୍ମ କର ନାହଁ ଏହା ବୋଧ କଲିଁ
ତଥାପି ସେ ଶ୍ରୀଶ୍ରୀଯୁତଙ୍କର ନକଟରେ ବଚାରତ ହେବାକୁ ପ୍ରାର୍ଥନା କରବାରୁ
ତାହାଙ୍କ ନକଟରେ ପଠାଇବାକୁ ଆମ୍ଭେ ମନସ୍ଥ କଲିଁ । ପୁଣି ଶ୍ରୀଶ୍ରୀଯୁତର ୨୬
ନକଟରେ ଏହାର ବଷୟ କ ଲେଖିତ ହେବ ତାହାର କଛ ନଶ୍ଚୟ ନ ହେ
ବାରେ ତାହାର ବଚାର ହେଲେ ଆମ୍ଭେ ଯେମନ୍ତ ଲେଖିବାର କଛ ପୁଣି
ପାଇ ଏହ ନମନ୍ତେ ତୁମ୍ଭମାନଙ୍କଠାରେ ବଶେଷରେ ହେ ରାଜନ୍ ଅଗ୍ରିପା ଅଥ
ଣଙ୍କର ଶ୍ମୁରେ ଏହାକୁ ଅଣିଲୁଁ । ଯେହେତୁ ବନ୍ଦିକୁ ପଠାଇବାର ସମ ୨୭

ସ୍ଥରେ ତାହାର ଅପବାଦର ବିଷୟ କିଛି ନ ଲେଖା ଏହା ଆମ୍ଭର ଅସ
ଙ୍ଗତ ବୋଧ ହୁଅଇ ।

୨୭ ପଦ ।

୧ ତେବେକେଲେ ଆଗ୍ରିପା ପାଉଲକୁ କହିଲା ତୁମ୍ଭର ନିଜ ବିଷୟରେ କଥା
କହିବାକୁ ତୁମ୍ଭକୁ ଅନୁମତି ଦିଆ ଯାଉଅଛି । ସେଥିରେ ପାଉଲ ହାତ ବଢାଇ
୨ ଅପଗାର ବିଷୟରେ ଏମନ୍ତ ଉତ୍ତର ଦେଲା । ହେ ରାଜନ ଆଗ୍ରିପା ଯାହା
ବିଷୟରେ ଯିହୁଦୀମାନଙ୍କଠାରୁ ଅପବାଦଗ୍ରସ୍ତ ହୋଇଅଛି ତାହାର ବିବ
୩ ରଣ ଆଜ ଆପଣଙ୍କର ସମ୍ମୁଖରେ ନିବେଦନ କରିବାକୁ ଯାଇ ଏହା ଆମ୍ଭର ପ
୪ରମ ଭାଗ୍ୟ କର ମଣିଲି । ଯେହେତୁ ଯିହୁଦୀମାନଙ୍କର ମଧ୍ୟରେ ଯେ
ସମସ୍ତ ରୀତି ପୁଣି ସୂକ୍ଷ୍ମ ବିଷୟ ଅଛି ସେ ବିଷୟରେ ଅପଣ ଅତି ବଜ୍ଞ ଏନ
୫ମନ୍ତେ ପ୍ରାର୍ଥନା କରି ଧୈର୍ଯ୍ୟ ଧର ଆମ୍ଭର ନିବେଦନ ଶୁଣ । ଆମ୍ଭେ ଯିରୂଶା
ଲମ ନଗରରେ ସ୍ୱଦେଶୀୟ ଲୋକମାନଙ୍କର ମଧ୍ୟରେ ଥାଇ ଯୌବନ କାଳ
ଅବଧି ଯେରୂପ ଆଚାର ବ୍ୟବହାର କରିଅଛୁ ତାହା ଯିହୁଦୀୟ ଲୋକ
୬ସମସ୍ତେ ଜ୍ଞାତ ଅଛନ୍ତି । ସମସ୍ତର ଶୁଦ୍ଧସତ୍ତ୍ୱ ଯେ ଅପଣାମାନଙ୍କର ଫାରୂଶୀ
ମତ ଆମ୍ଭେ ତାହାର ଅବଲମ୍ବୀ ହୋଇ କାଳ ଯାପଣ କଲୁ ଯେଉଁମାନେ
କାଲ୍ୟକାଳାବଧି ଆମ୍ଭକୁ ଜାଣନ୍ତି ସେମାନେ ଏମନ୍ତ ସାକ୍ଷ୍ୟ ଦେଲେ ଦେବାକୁ
୭ ପାରନ୍ତି । ପୁଣି ହେ ରାଜନ୍ ଆଗ୍ରିପା ଈଶ୍ୱର ଆମ୍ଭମାନଙ୍କର ପୂର୍ବପୁରୁଷର ନିକ
ଟରେ ଯେ ପ୍ରତିଜ୍ଞା କରିଥିଲେ ତାହାର ପ୍ରତ୍ୟାଶା ସକାଶୁ ଆମ୍ଭେ ଏବେ
୮ ବିଚାର ସ୍ଥାନରେ ଠିଆ ହୋଇଅଛୁ । ସେହି ପ୍ରତିଜ୍ଞାର ଫଳ ପ୍ରାପ୍ତିର
ନିମନ୍ତେ ଆମ୍ଭମାନଙ୍କର ଦ୍ୱାଦଶ ଗୋଷ୍ଠୀ ଅନବରତ ଅତି ଯତ୍ନପୂର୍ବକ
ଈଶ୍ୱର ସେବା କର ଯେ ପ୍ରତ୍ୟାଶା କରିଅଛନ୍ତି ସେହି ପ୍ରତ୍ୟାଶାର ନିମନ୍ତେ
୯ ଆମ୍ଭେ ଯିହୁଦୀମାନଙ୍କ ଦ୍ୱାରା ଅପବାଦଗ୍ରସ୍ତ ହୋଇଲୁ । ଈଶ୍ୱର ମୃତମା
ନଙ୍କର ଉତ୍ଥାନ କରିବେ ଏହି କଥା ତୁମ୍ଭମାନଙ୍କର ଅବିଶ୍ୱାସ କଥା ହୁଅଇ ।
୧୦ ନାଜରିତ୍ ଯୀଶୁର ନାମର ବିରୁଦ୍ଧରେ ନାନା ପ୍ରକାର ପ୍ରତିକୂଳାଚରଣ କର୍ତ୍ତ
ବ୍ୟ ବୋଲି ଏହା ଆମ୍ଭେ ମନରେ ଯଥାର୍ଥ ବୁଝି ଯିରୂଶାଲମରେ ତାହା କଲୁ ।
୧୧ ଏଣୁକରି ପ୍ରଧାନ ଯାଜକର ନିକଟରୁ ଅଜ୍ଞା ପାଇ ଅନେକ ସାଧୁ ଲୋକକୁ
କାରାଗାରରେ ବନ୍ଦ କଲୁ ବଧ ସମୟରେ ସେମାନଙ୍କୁ ବଧ କରିବା ସମ
୧୨ ସ୍ଥରେ ସେମାନଙ୍କର ବିରୁଦ୍ଧରେ ଆପଣା ସମ୍ମତି ପ୍ରକାଶ କଲୁ । ପୁଣି
ବାର ବାର ପ୍ରତ୍ୟେକ ଭଜନାଲୟରେ ଯାଇ ସେମାନଙ୍କୁ ଶାସ୍ତି ଦେଇ କଲରେ
ସେ ଧର୍ମର ନିନ୍ଦା କରାଇଲୁ ପୁଣି ସେମାନଙ୍କର ପ୍ରତି ଅତ୍ୟନ୍ତ ରାଗାନ୍ଧ ହୋଇ

ବଦେଶୀୟ ନଗର ପର୍ଯ୍ୟନ୍ତ ସେମାନଙ୍କୁ ତାଡ଼ନା କଲୁଁ । ଏହା ପ୍ରକାରରେ ୧୨
ପ୍ରଧାନ ଯାଜକର ନିକଟରୁ ପତ୍ରକ୍ରମ ଓ ଆଜ୍ଞା ପାଇ ଦମିସ୍କିକ ନଗରକୁ
ଯାଇ ଥିଲୁଁ । ଆଜ୍ ହେ ରାଜନ୍ ପଥ ମଧ୍ୟରେ ମଧ୍ୟାହ୍ନ ସମୟରେ ସୂର୍ଯ୍ୟତାରୁ ୧୩
ଅଧିକ ତେଜସ୍ୱୀ ଏକ ଆଲୁଅ ଆକାଶରୁ ଆମ୍ଭର ଓ ଆମ୍ଭର ସଙ୍ଗୀ ଲୋକମା
ନଙ୍କର ଚତୁର୍ଦ୍ଦିଗରେ ପ୍ରକାଶମାନ ଦେଖିଲୁଁ । ତହୁଁରେ ଆମ୍ଭେମାନେ ୧୪
ସମସ୍ତେ ଭୂମିରେ ପଡ଼ନ୍ତେ ହେ ଶାଉଲ୍ ଆମ୍ଭର ପ୍ରତି କଥା ତାଡ଼ନା କର
ଅଟ କଣ୍ଟାର ଅଗ୍ରରେ ଗୋଡ ମାରିବାର ତୁମ୍ଭର ଦୁଃସାଧ୍ୟ କର୍ମ ଏବ୍ରୀ ଭା
ଷାରେ ଏମନ୍ତ ଏକ ଶବ୍ଦ ଶୁଣିଲୁଁ । ତେଣୁ ଆମ୍ଭେ ପଚାରିଲୁଁ ହେ ପ୍ରଭୁ ଅପଣ ୧୫
କେ । ସେ କହିଲେ ଯେ ଯୀଶୁକୁ ତୁମ୍ଭେ ତାଡ଼ନା କରୁଅଛ ସେହି ଅମ୍ଭେ ।
ପୁଣି ଉଠି ଠିଆ ହୁଅ ଯାହା ତୁମ୍ଭେ ଦେଖିଲ ଆଜ୍ ଏଉଁଠାରେ ଯାହା ୧୬
ତୁମ୍ଭକୁ ଦେଖାଇବା ତୁମ୍ଭକୁ ଏହି ସମସ୍ତ ବିଷୟର ସାକ୍ଷୀ ଓ ପ୍ରଚାରକ କର
ବାର ନିମନ୍ତେ ଦର୍ଶନ ଦେଲୁଁ । ବିଶେଷରେ ଅନ୍ୟ ଦେଶୀୟମାନଙ୍କର ଓ ୧୭
ନିଜ ଦେଶୀୟ ଲୋକଙ୍କଠାରୁ ତୁମ୍ଭକୁ ରକ୍ଷାକରି* ସେମାନେ ଯେମନ୍ତ ଯାହର
ମୋଚନ ଓ ଆମ୍ଭରେ ବିଶ୍ୱାସ ଦ୍ୱାରା ପବିତ୍ରୀକୃତମାନଙ୍କର ସଙ୍ଗେ ଅଂଶ
ପାଆନ୍ତି ଏହି ଅଭିପ୍ରାୟରେ ସେମାନଙ୍କର ଜ୍ଞାନ ଚକ୍ଷୁ ପ୍ରସନ୍ନ କରିବାକୁ ପୁଣି ୧୮
ଅନ୍ଧକାରରୁ ଦୀପ୍ତିର ପ୍ରତି ଓ ଶୟତାନର ଅଧିକାରରୁ ଈଶ୍ୱରର ପ୍ରତି ମନ
ଫେରାଇବାକୁ ସେମାନଙ୍କଠାରେ ତୁମ୍ଭକୁ ପଠାଇ ଦେଉଁ । ହେ ରାଜନ୍ ୧୯
ଆଗ୍ରିପା ଆମ୍ଭେ ସ୍ୱର୍ଗୀୟ ପ୍ରତ୍ୟାଦେଶ ଅଗ୍ରାହ୍ୟ ନ କରି ପ୍ରଥମରେ
ଦମିସ୍କିକ ନଗରରେ ଅନନ୍ତରେ ଯିରୂଶାଲମ ଏବଂ ସମୁଦାୟ ଯିହୁଦୀୟ ଦେଶରେ ୨୦
ପୁଣି ଅନ୍ୟାନ୍ୟ ଦେଶରେ ଲୋକମାନେ ଯେମନ୍ତ ମନ ଫେରାଇ ଈଶ୍ୱରର
ପ୍ରତି ଫେରନ୍ତି ପୁଣି ମନ ଫେରଣ ଯୋଗ୍ୟ କର୍ମ୍ମ କରନ୍ତି ଏହା ଜଣାଇଲୁଁ ।
ଏହି ନିମନ୍ତେ ଯିହୁଦୀୟମାନେ ମନ୍ଦିରରେ ଆମ୍ଭକୁ ଧର ବଧ କରିବାକୁ ଉଦ୍ୟତ ୨୧
ହେଲେ । ତଥାପି ମଣୀହ ଦୁଃଖ ଭୋଗ କର ସମସ୍ତର ଅଗ୍ରତେ ମୃତ୍ୟୁଠାରୁ ୨୩
ଉତ୍ଥାନ କର ନିଜ ଦେଶୀୟ ଓ ଭିନ୍ନ ଦେଶୀୟ ଲୋକମାନଙ୍କର ନିକଟରେ
ଦୀପ୍ତି ପ୍ରକାଶ କରିବେ ଭବିଷ୍ୟଦ୍ବକ୍ତାମାନେ ଓ ମୋଶା ଏହା ଯେ ସମସ୍ତ ଅସିବା ୨୨
ବିଷୟର ପ୍ରମାଣ ଦେଇ ଯାଇଅଛନ୍ତି ତଦ୍ଭିନ୍ନ ଆଉ କଥା ନ କହି ସାନ ବଡ
ସମସ୍ତଙ୍କ ନିକଟରେ ସାକ୍ଷ୍ୟ ଦେଇ ଆଜ ପର୍ଯ୍ୟନ୍ତ ଅଛି ଅଛୁଁ ।

ତାହାର ଏମନ୍ତ କଥା ଶୁଣି ଫୀଷ୍ଟ ଉଚ୍ଚସ୍ୱରରେ କହିଲା ହେ ପାଉଲ ୨୪
ତୁମ୍ଭେ ଉନ୍ମତ୍ତ ଅଟ ବହୁ ବିদ୍ୟାଭ୍ୟାସ ତୁମ୍ଭକୁ ହତଜ୍ଞାନ କଲା । ଏଥିରେ ସେ ୨୫
କହିଲା ହେ ମହାମହିମ ଫୀଷ୍ଟ ଅମ୍ଭେ ଉନ୍ମତ୍ତ ନୋହୁ ପୁଣି ସତ୍ୟ ଓ ବିବେକ

*କିମ୍ବା ମନୋନୀତ କର ।

୨୭ ବାକ୍ୟ ପ୍ରସ୍ତାବ କରୁଅଛୁଁ । ରାଜାଇ ସେ ବିବରଣ ଜ୍ଞାତ ହୋଇ ଥିବେ ଏହି
ନିମନ୍ତେ ଏହାର ଶ୍ଚମୁରେ ଆମ୍ଭେ ସ୍ୱଚ୍ଛନ୍ଦରେ କଥା କହୁଅଛିଂ । ଏହି ବିଷୟର
କିଛିଇ ଏହାଙ୍କର ଅଗୋଚର ନ ଥିବ ଏମନ୍ତ ଆମ୍ଭର ନିଶ୍ଚୟ ବୋଧ ହୁଅଇ
୨୭ କାରଣ ଏହି ବିଷୟ ଗୋପନରେ କରା ଯାୟେ ନାହିଁ । ହେ ରାଜନ୍ ଅଗ୍ରିପା
ଆପଣ କି ଭବିଷ୍ୟତ୍ରବକ୍ତୃଗଣର ବାକ୍ୟରେ ପ୍ରତ୍ୟୟ କରନ୍ତି ଆପଣ ପ୍ରତ୍ୟୟ
୨୮ କରନ୍ତି ତାହା ଆମ୍ଭେ ଜାଣି । ଏଥିରେ ଅଗ୍ରିପା ପାଉଲକୁ କହିଲା ତୁମ୍ଭେ ଆ
୨୯ ମ୍ଭକୁ ପ୍ରାୟ ଖ୍ରୀଷ୍ଟିୟାନ ହେବାକୁ ମଣାଉଅଛ । ପାଉଲ ଉତ୍ତର କହିଲା ଆପଣ
ପୁଣି ଅନ୍ୟାନ୍ୟ ଯେତେ ଲୋକ ଅଜି ଆମ୍ଭର କଥା ଶୁଣୁଅଛନ୍ତି ସେମାନେ
ସମସ୍ତେଇ ପ୍ରାୟ ଏମନ୍ତ ନୋହେ ପୁଣି ଏହି ଶିକୁଳି ବନ୍ଧନ ବିନୁ ଯେମନ୍ତ
ସର୍ବତୋଭାବରେ ଆମ୍ଭର ସଦୃଶ ହୁଅନ୍ତି ଈଶ୍ୱରଙ୍କଠାରେ ଆମ୍ଭର ଏହି ପ୍ରା
୩୦ ର୍ଥନା । ଏମନ୍ତ କଥା କହିଲେ ସେ ରାଜା ଓ ଅଧିପତି ଓ ବିର୍ଣିକୀ ଇତ୍ୟାଦି
ସଭାସ୍ଥ ଲୋକମାନେ ସେଠାରୁ ଉଠି ନିରୋଳରେ ଯାଇ ପରସ୍ପର ବିବେଚନା
୩୧ କରି କହିଲେ ଏ ଜଣ ବନ୍ଧନର କିଅବା ପ୍ରାଣଦଣ୍ଡର ଯୋଗ୍ୟ କୌଣସି କର୍ମ
୩୨ କରି ନାହିଁ । ଏଥିରେ ଅଗ୍ରିପା ଫୀଷ୍ଟକୁ କହିଲା ଯଦ୍ୟପି ଏ ଜଣ କାଇସରର
ନିକଟରେ ବିଚାରିତ ହେବାକୁ ପ୍ରାର୍ଥନା ନ କରନ୍ତା ତେବେ ମୁକ୍ତ ହେବାକୁ
ପାରନ୍ତା ।

## ୨୭ ପର୍ବ ।

୧ ଏଥିଉତ୍ତାରୁ ଜଳପଥ ଦେଇ ଆମ୍ଭମାନଙ୍କର ଇଟାଲି ଦେଶରେ ଯାତ୍ରା
ନିଶ୍ଚୟ ହେଲା ସେମାନେ ଯୁଲିୟ ନାମରେ ମହାରାଜାର ସୈନ୍ୟଦଳର ଜଣେ
ଶତସେନାପତିର କତିରେ ପାଉଲକୁ ପୁଣି ଆଉ ଥୋକାୟେ ବନ୍ଦିକୁ ସମ
୨ ର୍ପଣ କଲେ । ତହୁଁ ଆମ୍ଭେମାନେ ଆଦ୍ରାମୁତ୍ତୀନ ଏକ ଜାହାଜରେ ଚଢି ଆଶିୟା
ଦେଶର କୂଳେ ଯିବାକୁ ମନସ୍ଥ କରି ଲଙ୍ଗର ତୋଳି ଜାହାଜ ଫିଟାଇଲୁଁ
ପୁଣି ମାକିଦୋନିୟା ଦେଶାନ୍ତଃପାତି ଥିସଲନିକା ନିବାସି ଆରିସ୍ତାର୍ଖ ନାମ
୩ ରେ ଏକ ଜଣ ଆମ୍ଭମାନଙ୍କର ସଙ୍ଗେ ଥିଲା । ଆର ଦିନରେ ଆମ୍ଭେମାନେ
ସୀଦୋନ ନଗରରେ ଲଗାଇଲୁଁ ସେ ସ୍ଥାନରେ ଯୁଲିୟ ସେନାପତି ପାଉଲର
ପ୍ରତି ସୁଜନତା ପ୍ରକାଶ କରି ବନ୍ଧୁବାନ୍ଧିବଗଣର ସଙ୍ଗେ ସାକ୍ଷାତ୍ର କରି ପ୍ରାଣ
୪ ଆରାମ କରିବା ପାଁଇ ତାହାକୁ ଯିବାକୁ ଦେଲା ପୁଣି ସେଠାରୁ ଜାହାଜ
ଫିଠାଇଲେ ସମ୍ମୁଖ ବତାସ ହେବାରେ ଆମ୍ଭେମାନେ କୁପ୍ର ଉପଦ୍ୱୀପ ଦେଇ
୫ ଗଲୁଁ । ଅନନ୍ତରେ କିଲିକିୟା ଓ ପମଫୁଲିୟାର ସମୁଦ୍ର ପାରି ହୋଇ
୬ ଲୁକିୟା ଦେଶସ୍ଥ ମୁରା ନଗରରେ ଉପସ୍ଥିତ ହେଲୁଁ । ପୁଣି ଇଟାଲି ଦେଶରେ

ଯାଉଅଛୁଁ ଯେ ସିକନ୍ଦରସ୍ଥ ନଗରର ଏକ ଜାହାଜ ତାହା ଯାଇ ଶତସେ
ନାପତି ଅମ୍ଭମାନଙ୍କୁ ସେ ଜାହାଜରେ ଚଢ଼ାଇ ଦେଲା ।

ଏହୁଁଯେ ବହୁ ଦବସାବଧି ଧୀରେ। ଗମନ କର କ୍ନୀଦର ପାଖରେ ଉପ ୭
ସ୍ଥିତ ହେବା ପୂର୍ବେ ପ୍ରଚଣ୍ଡକୂଳ ବଢାସ ସକାଶେ ଆମ୍ଭେମାନେ ଶାଲମୋନାର
ଅଡେ ଉପସ୍ଥିତ ହୋଇ କ୍ରୀତ ଉପଦ୍ୱୀପର ଦକ୍ଷିଣ ଦେଇ ଗଲୁଁ । କଷ୍ଟରେ ୮
ତାହା ଉତ୍ତୀର୍ଣ ହୋଇ ଲସିୟା ନଗରର ଉଚ୍ଚଲ ସୁନ୍ଦର ନାମରେ ଏକ ଖାଲରେ
ଉତ୍ତରଲୁଁ । ଏହୁଁଯେ ବହୁତ ଦବସ ବଲମ୍ବ ଓ ଉପବାସର ସମସ୍ଥ ଗତ୍ତ ୯
ଥିରେ ଜଳ ପଥ ଗମନରେ ଶଙ୍କା ହେବାରୁ ପାଉଲ ବନ୍ଧନ କର କହିଲା
ହେ ଅବଧାନମାନେ ଅମ୍ଭେ ନଶ୍ଚସ୍ଥ ଜାଣି ଏହ ଯାତ୍ରାରେ ଆମ୍ଭମାନଙ୍କର ୧୦
ବପଦ ଓ ଅନେକ ଅପଚସ୍ଥ ହେବ ତାହା କେବଳ ଜାହାଜର ଓ ଜାହାଜସ୍ଥ
ଦ୍ରବ୍ୟର ଏମନ୍ତ ନୋହେ ଆମ୍ଭମାନଙ୍କର ପ୍ରାଣ ପର୍ଯ୍ୟନ୍ତ ହେବାକୁ ପାରବ ।
ପୁଣି ଶତସେନାପତି ପାଉଲର ଉକ୍ତ କଥାଠାରୁ ଜାହାଜର ନାବକର ଓ ୧୧
ପତ୍ତର କଥା ଅଧିକ ଗ୍ରାହ୍ୟ କଲା । ଅଉ ସେ ଖାଲ ଶୀତକାଲର ସକାଶେ ୧୨
ଉତ୍ତମ ବାସସ୍ଥାନ ନ ହେବାରେ ସେଠାରୁ ଦକ୍ଷିଣ ପଶ୍ଚିମ କୋଣରେ କ୍ରୀତର
ଫେନିକ୍ସସ୍ଥ ଖାଲରେ ଯାଇ ଯେବେ ପାରନ୍ତି ତେବେ ଶୀତକାଲ ଯାପଣ
କରବାକୁ ପ୍ରାସ୍ଥ ସମସ୍ତ ବସ୍ଥର କଲେ । ପୁଣି ଦକ୍ଷିଣରେ ବଢାସ ମନ୍ଦୀ ବହୁ ୧୩
ବାକୁ ଦେଖି ଅପଣାମାନଙ୍କର ଅଭିପ୍ରାସ୍ଥ ସିଦ୍ଧ ହେବାର ସୁଯୋଗ ହେଉଅଛୁ
ଏମନ୍ତ ବୁଝି ଜାହାଜ ଫିଟାଇ କ୍ରୀତୀ ଉପଦ୍ୱୀପର କୂଳେ୨ ଚଲିଲେ । ପୁଣି ୧୪
ଅଳ୍ପକ୍ଷଣର ଉତ୍ତରେଇ ଇସ୍ଥରକ୍ଲୁଦନ ନାମରେ ଏକ ପ୍ରଚଣ୍ଡକୂଳ ପ୍ରଚଣ୍ଡ
ବାସ୍ଥ ଉଠି ଜାହାଜରେ ଲଗିଲା ତାହାର ଅଗରେ ଜାହାଜ ସ୍ଥିର ରହି ୧୫
ନ ପାରବାରୁ ଆମ୍ଭେମାନେ ଢାକ୍ଥ ଛଡ଼ ଭସି ଯିବାକୁ ଦେଲୁଁ । ପୁଣି କ୍ଲୋଦ ୧୭
ନାମରେ ଏକ ଉପଦ୍ୱୀପର କୂଳର ନଙ୍କଟ ଦେଇ ଜାହାଜ ଚଳାଇ ବହୁତ କଷ୍ଟ
ରେ କ୍ଷୁଦ୍ର ନୌକା ଖଣ୍ଡେ ରକ୍ଷା କଲୁଁ । ତାହା ଜେଲା ଉତ୍ତରେ ଦଉଡ଼ ଦେଇ ୧୭
ଜାହାଜର ଢଳ ବାନ୍ଧିଲେ । ପୁଣି ଜାହାଜ ପଛେ ଚଡାରେ ଠେକଇ ଏହ
ଉସ୍ଥରେ ପାଲ ପକାଇ ଦେବାରେ ଭସୀ ଗଲଲା । ପୁଣି କ୍ରମଶେ୨ ବାସ୍ଥ ୧୮
କଲିସ୍ଥାର ହେବାରୁ ଜାହାଜ ଝଲଝଲ ହେବାରେ ଆରଦ୍ଦନରେ କେତେକ୨
ବୋଝାଇ ସାମଗ୍ରୀ ପକାଇ ଦେବାକୁ ହେଲା । ପୁଣି ତୃତୀସ୍ଥ ଦବସରେ ଆମ୍ଭେ ୧୯
ମାନେ ସ୍ୱହସ୍ତରେ ଜାହାଜର ସଜ୍ଜା ସମସ୍ତ ପକାଇ ଦେଲୁଁ । ପୁଣି ବହୁତ ୨୦
ଦନ ପର୍ଯ୍ୟନ୍ତ ଚନ୍ଦ୍ର ସୂର୍ଯ୍ୟ ନକ୍ଷତ୍ରାଦ ଆଚ୍ଛନ୍ନ ଓ କ୍ରମଶେ ଅତ୍ୟନ୍ତ ଝଡ ହେବା
ରେ ପ୍ରାଣ ରକ୍ଷାର ଭରସା କଚ୍ଛହଁ ନ ରହିଲା ।

ଅନେକ ଦନ ଅନାହାର ହୋଇଲା ଉତ୍ତରେ ସମସ୍ତର ସାକ୍ଷାତରେ ୨୧

ଯାଉଲ ଠିଆ ହୋଇ କହିଲା ହେ ଅବଧାନମାନେ ଭ୍ରାତା ଉପଦ୍ୱୀପର
ଜାହାଜ ନ ଫିଟାଇବାକୁ ଆଗେ ଯେ କଥା ଆମ୍ଭେ କହିଥିଲୁଁ ତାହା ଗ୍ରାହ୍ୟ
କରିବାର ତୁମ୍ଭମାନଙ୍କର ଉଚିତ ଥିଲା ତାହା କଲେ ତୁମ୍ଭମାନଙ୍କର ଏମନ୍ତ
୨୧ ବିପଦ ଓ ଅପଚୟ ନ ଘଟନ୍ତା । ଏବେହେଁ ତୁମ୍ଭମାନଙ୍କୁ ବନତ କର ବୋଲି
ସ୍ଥିର ହୁଅ ତୁମ୍ଭମାନଙ୍କର ଏକଇ ପ୍ରାଣିର କିଛୁ ହାନ ନ ହେବ କେବଳ
୨୨ ଜାହାଜର ହାନ ହେବ । ଯେହେତୁ ଯେଉଁ ଈଶ୍ୱରଙ୍କ ଲୋକ ଆମ୍ଭେ ଅଟୁଁ
ପୁଣି ଯାହାଙ୍କ ସେବା କର ଥାଉଁ ତାହାଙ୍କର ଏକ ଦୂତ କାଲି ରାତ୍ରିରେ ଆମ୍ଭର
୨୩ ପାଖରେ ଠିଆ ହୋଇ କହିଲା ହେ ପାଉଲ ଭୟ ନ କର କାଇସରର
୨୪ ସମ୍ମୁରେ ତୁମ୍ଭକୁ ଉପସ୍ଥିତ ହେବାକୁ ହେବ । ପୁଣି ତୁମ୍ଭର ସହ ସର୍ତ୍ତି
୨୫ ଲୋକ ସମସ୍ତଙ୍କୁ ଈଶ୍ୱର ତୁମ୍ଭକୁ ଦେଲେ । ଏନମନ୍ତେ ହେ ଅବଧା
ନମାନେ ତୁମ୍ଭେ ସାହସ କର ଆମ୍ଭର ପ୍ରତି ଯେ କଥା ଉକ୍ତ ହୋଇଅଛୁ
୨୬ ତାହା ଅବଶ୍ୟ ଘଟିବ ଈଶ୍ୱରର ପ୍ରତି ଆମ୍ଭର ଏମନ୍ତ ବିଶ୍ୱାସ ଅଛୁ ମାତ୍ର
୨୭ କୌଣସି ଉପଦ୍ୱୀପର ଉପରେ ଆମ୍ଭମାନଙ୍କୁ ପଡିବାକୁ ହେବ । ଅଦ୍ୟ ସହ
ରାତ୍ରିରେ ଅଦ୍ରୀୟା ସମୁଦ୍ରରେ ଜାହାଜ ଝଲମଲ କଲା ଏଣେତେଣେ ଗମନ କଲା
ଚତୁର୍ଦ୍ଦଶ ଦିନର ଦୁଇ ପ୍ରହର ରାତ୍ରିର ସମୟରେ କୌଣସି ସ୍ଥଳର ନିକଟରେ
୨୮ ଯାଉଅଛୁ ବୋହା ଜାହାଜର ଲୋକମାନେ ଅନୁମାନ କଲେ । ଏଣୁ ସେମା
ନେ ଜଳ ପରିମାଣ କରି ସେ ସ୍ଥାନରେ କୋଡିଏ ବେଷ୍ଟେଁ ଜଳ ଦେଖିଲେ ।
୨୯ ପୁଣି ଅଳ୍ପର କିଛୁ ଦୂର ଯାଇ ପୁନର୍ବାର ଜଳ ପରିମାଣ କଲେ ସେ ସ୍ଥାନରେ
ପନର ବେଷ୍ଟେଁ ଜଳ ଦେଖି ପଛେ ପଥରରେ ଠେକଇ ସହ ଚତୁ ସକାଶେ
ଜାହାଜର ପଛ ଭାଗରେ ଚାରି ଲଙ୍ଗର ପକାଇ ଦିବସର ଅପେକ୍ଷାରେ ସମ
୩୦ ସ୍ତେ ଗହଁ ରହିଲେ । ପୁଣି ଜାହାଜର ଲୋକମାନେ ଜାହାଜର ଅଗ୍ରଭାଗ
ରେ ଲଙ୍ଗର ପକାଇବାର ଛଳ କରି ସମୁଦ୍ରରେ ନୌକା ଓହ୍ଲାଇ ପଳା
୩୧ ଇବାକୁ ଚେଷ୍ଟା କରନ୍ତେ ପାଉଲ ସେନାପତିର ଓ ସୈନ୍ୟବର୍ଗର ନିକଟରେ
କହିଲା ଏହି ଲୋକମାନେ ଜାହାଜରେ ନ ରହିଲେ ତୁମ୍ଭମାନଙ୍କର ରକ୍ଷା
୩୨ ନୋହିବ । ତେଣୁ ସେନାଗଣ ଦଉଡ କାଟି ନୌକା ଜଳରେ ପଡିବାକୁ
୩୩ ଦେଲେ । ପୁଣି ପ୍ରାତଃ ସମୟରେ ପାଉଲ ସମସ୍ତ ଲୋକଙ୍କୁ ଭୋଜନ କର
ବାକୁ ପ୍ରାର୍ଥନା କର କହିଲା ଆଜି ଚଉଦ ଦିନ ହୋଇ ଅପେକ୍ଷା ରହି
ତୁମ୍ଭେମାନେ ଭୋଜନ ପାନ ନ କର ଅନାହାରରେ କାଳକ୍ଷେପଣ କରିଅଛ ।
୩୪ ଏନମନ୍ତେ ବିନତି କର ବୋଲି କିଛୁ ଖାଦ୍ୟ ସାମଗ୍ରୀ ନିମନ୍ତେ ଇହାଁରେ ତୁମ୍ଭମା
ନଙ୍କର ମଙ୍ଗଳ ହେବ । ତୁମ୍ଭମାନଙ୍କର ମସ୍ତକର ଏକ କେଶ ପର୍ଯ୍ୟନ୍ତ ନଷ୍ଟ
୩୫ ନୋହିବ । ଏହା ବୋଲି ପାଉଲ ରୋଟୀ ନେଇ ସମସ୍ତର ସାକ୍ଷାତରେ ଈଶ୍ୱ

ରର ଧନ୍ୟବାଦ କଲା ତାହା ଭାଙ୍ଗି ଭୋଜନ କଲା । ତହୁଁ ସମସ୍ତେ ସୁସ୍ଥିର ୩୭
ହୋଇ କିଛି ଖାଦ୍ୟ ଗ୍ରହଣ କଲେ । ଜାହାଜରେ ଆମ୍ଭମାନଙ୍କର ସର୍ବ ଶୁଦ୍ଧା ୩୭
ଦୁଇ ଶତ ଛଅସ୍ତର ଲୋକ ଥିଲେ । ସମସ୍ତେ ପୂର୍ଣ୍ଣ ଭୋଜନ କଲାଉତ୍ତାରେ ଜାହା ୩୮
ଜସ୍ତୁ ଗହମ ସବୁ ସମୁଦ୍ରରେ ପକାଇ ଜାହାଜର ଭର ହାଲୁକା କଲୁଁ ।

ଅନନ୍ତରେ ଦିନ ହୁଅନ୍ତେ ସେ କେଉଁ ସ୍ଥାନ ତାହା ଚେବେହେଁ ଚିହ୍ନି ୩୯
ବାକୁ ନ ପାରିଲେ । ପୁଣି ସେ ସ୍ଥାନରେ ସମାନ ତୀରର ଏକ ଖାଲ ଦୃଷ୍ଟି
ହେବାରୁ ଯେବେ ପାରନ୍ତି ଚେବେ ତାହା ଭିତରେ ଜାହାଜ ଚଳାଇବାକୁ
ମନସ୍ଥ କଲେ ସେମାନେ ଲଙ୍ଗର କାଢ଼ି ସମୁଦ୍ରରେ ଶ୍ଲଥ ଦେଲେ । ତେବେ ମଙ୍ଗର ୪୦
ବନ୍ଧନ ଫିଟାଇ ବଡ ପାଲ ପବନ ଆଗେ ଟୋଳି ତୀରର କଡରେ ଚଳିଲେ ।
ପୁଣି ଦୁଇ ସମୁଦ୍ରର ସଙ୍ଗମ ସ୍ଥାନରେ ପଡ ଚଡାର ଉପରେ ଜାହାଜ ପକାଇ ୪୧
ଲେ ତେଣୁ ଅଗ୍ରଭାଗ ଲାଟି ରହିଲା ପଛଭାଗରେ ପ୍ରବଳ ଉରଙ୍ଗ ମାରବାରୁ ଜା
ହାଜ ଭାଙ୍ଗି ଗଲା । ଏଥିରେ ବନ୍ଦୀଯାନମାନେ ପଛେ ପହଁର ପଳାନ୍ତୁ ସେନାଗଣ ୪୨
ଏହା ଉତ୍ତାରେ ସେମାନଙ୍କୁ ବଧ କରିବାକୁ ପରାମର୍ଶ କଲେ । ପୁଣି ଶତସେ ୪୩
ନାପତି ପାଉଲଙ୍କୁ ରକ୍ଷା କରିବାକୁ ପ୍ରସ୍ତାବ କରି ସେମାନଙ୍କୁ ସେହି ଚେଷ୍ଟାରୁ
ନିବାରଣ କଲା ଏହି ଅଜ୍ଞା ଦେଲା ଯେଉଁମାନେ ପହଁର ଜାଣନ୍ତି ସେମାନେ
ଆଗେ ଯାଇ ସମୁଦ୍ରରେ ଡେଇ ପଡ ପହଁର କୂଳରେ ଯାଉନ୍ତୁ । ଆଉ ଅବଶିଷ୍ଟ ୪୪
ଲୋକମାନେ କେହୀ କାଠ କେହୀ ଅବା ଜାହାଜର ଯେ ଯାହା ପାଆନ୍ତି
ତାହା ଧର ଯାଉନ୍ତୁ । ଏହିପ୍ରକାରେ ସମସ୍ତେଇ ଭୂମି ପାଇ ପ୍ରାଣରେ ବଞ୍ଚିଲେ ।

## ୨୮ ପର୍ବ ।

ଏହିପ୍ରକାରେ ସମସ୍ତେ ରକ୍ଷା ପାଇଲା ଉତ୍ତାରେ ସେଠାକାର ଉପଦ୍ୱୀପର ୧
ନାମ ଯେ ମିଲିତା ଏହା ଜାଣିବାକୁ ପାଇଲେ । ପୁଣି ଅସଭ୍ୟ ଲୋକମାନେ
ବହୁତ ଅନୁଗ୍ରହ ପ୍ରକାଶ କଲେ ବର୍ତ୍ତମାନ ବୃଷ୍ଟି ଓ ଶୀତ ସକାଶେ ନିଆଁ ଜ୍ୱଳାଇ ୨
ଆମ୍ଭମାନଙ୍କୁ ଅତିଥି କଲେ । ପୁଣି ପାଉଲ ଏକ ବୋଝା କାଷ୍ଠ ସଂଗ୍ରହ କଲ ୩
ସେ ଅଗ୍ନିର ଉପରେ ପକାଇ ଦଅନ୍ତେ ଅଗ୍ନିର ଉତ୍ତାପରୁ ଏକ କାଳସର୍ପ
ବାହାର ହୋଇ ତାହାର ହସ୍ତରେ କାମୋଡିଲା । ସେ ଅସଭ୍ୟ ଲୋକମାନେ ୪
ତାହାର ହସ୍ତରେ ସର୍ପକୁ ଝୁଲି ଥିବାକୁ ଦେଖି ଏକକୁଆରେକ କୁହାକୁହି କଲେ
ଏ ଜଣ ଅବଶ୍ୟ ଖୁନୀ ହେବ । ଏଣୁ ଯଦ୍ୟପି ସମୁଦ୍ରରୁ ରକ୍ଷା ପାଇଲା ତେବେ
ପ୍ରତିଫଳଦାତା ଏହାକୁ ବଞ୍ଚିବାକୁ ନ ଦିଅନ୍ତି । ପୁଣି ସେ ହସ୍ତ ଝାଡ ସେ ୫
ସର୍ପକୁ ଅଗ୍ନି ମଧ୍ୟରେ ପକାଇଲା ତାହାର କୌଣସି କ୍ଷତ ନ ହେଲା । ଏଥିରେ ୬
ବିଷ ଜ୍ୱାଳାରେ ଏହାର ଶରୀର ଫୁଲିବ ନୋହିଲେ ଅବା ପଡ ହଠାତ୍

ଏ ପ୍ରାଣ ଶତ୍ରୁର ବହୁ ନଷ୍ଟସ୍ୱ କରି ଲୋକମାନେ ଅନେକ କ୍ଷଣ ପର୍ଯ୍ୟନ୍ତ ଗୃହଁକର ରହିଲେ ପୁଣି ତାହାର କୌଣସି କ୍ଷତ ନ ଘଟିବାରୁ ସେମାନେ ଆନ ପ୍ରକାର ବୋଧ କର କହିଲେ ଏ କୌଣସି ଦେବତା ହେବେ ।

୭ ତଦନନ୍ତରେ ପବଲିସ୍ୟ ନାମରେ ଜଣେ ସେହି ଦ୍ୱୀପର ଅଧିପତି ଯାହାର ଭୂମ୍ୟାଦି ସେ ସ୍ଥାନର ନିକଟରେ ଥିଲା ସେହି ଜଣ ଆମ୍ଭମାନଙ୍କୁ ନିଜଗୃହରେ ନେଇଯାଇ ସୁଜନତା ପ୍ରକାଶ ଦେଇ ତିନିଦିନ ପର୍ଯ୍ୟନ୍ତ ଅତିଥ୍ୟ କଲା ।

୮ ସେ କାଳରେ ସେ ପବଲିସ୍ୟର ପିତା ଜ୍ୱରାତିସାରେ ପୀଡିତ ହୋଇ ଶଯ୍ୟାଗତ ଥାନ୍ତେ ପାଉଲ ତାହାର ନିକଟରେ ଯାଇ ପ୍ରାର୍ଥନା କର ତାହାର ଗାତ୍ରରେ ହସ୍ତାର୍ପଣ କର ତାହାକୁ ସୁସ୍ଥ କଲା । ୯ ଏହା ମତ ହେଲାଉତ୍ତାରେ ସେ ଦ୍ୱୀପର ଅନ୍ୟ ରୋଗି ଲୋକ ଆସି ସୁସ୍ଥ ହେଲା । ୧୦ ତହିଁରେ ସେମାନେ ଆମ୍ଭମାନଙ୍କୁ ଅତ୍ୟନ୍ତ ସଂଭ୍ରମ କରିବାକୁ ଲାଗିଲେ ବିଶେଷରେ ପ୍ରସ୍ଥାନ ସମୟରେ ନାନା ପ୍ରକାର ଆବଶ୍ୟକ ସାମଗ୍ରୀ ଯୋଗାଇ ଆମ୍ଭମାନଙ୍କୁ ଦେଲେ ।

୧୧ ଏହି ପ୍ରକାରରେ ସେ ସ୍ଥାନରେ ତିନିମାସ ଗତ ହେଲା ଯାହାର ଚିହ୍ନ ଦିଯସ୍କ ସ୍ୱର୍ଗ ଏମନ୍ତ ଏକ ସିକନ୍ଦରୀୟ । ନଗରର ଜାହାଜ ସେ ଦ୍ୱୀପରେ ଶୀତକାଳ ଯାପନ କର ଥିଲା ସେହି ଜାହାଜ ଯାଇ ଆମ୍ଭେମାନେ ତାହାର ଉପରେ ୧୨ ଚଢ଼ି ଯାତ୍ରା କଲୁଁ । ତହିଁରେ ପ୍ରଥମରେ ସୁରାକୁସ ନଗରରେ ଉପସ୍ଥିତ ହୋଇ ସେ ସ୍ଥାନରେ ତିନ ଦିବସ ରହିଲୁଁ । ୧୩ ପୁଣି ସେଠାରୁ ପୁର ଅସି ରୀଗିୟ ନଗରରେ ଉପସ୍ଥିତ ହେଲୁଁ ଏକ ଦିନର ଉତ୍ତାରେ ଦକ୍ଷିଣ ବତାସ ଅନୁକୂଳ ହେବାରେ ଆର ଦିନରେ ପୁତିୟଲ ନଗରରେ ଉପସ୍ଥିତ ହେଲୁଁ । ୧୪ ତହିଁରେ ଆମ୍ଭେମାନେ ସେଠାରର ଭାଇମାନଙ୍କୁ ପାଇଲୁଁ ଆପଣାମାନଙ୍କର ସଙ୍ଗେ ସେମାନେ ସପ୍ତାହ ରହିବାକୁ ଯତ୍ନକଲେ । ଏମନ୍ତେ ଆମ୍ଭେମାନେ ରୋମ ନଗରର ଆଡେ ଗଲୁଁ । ୧୫ ତେଣୁ ଭ୍ରାତୃଗଣ ଆମ୍ଭମାନଙ୍କର ଆଗମନ ସଂବାଦ ଶୁଣି ରେଃ ପାଇବାକୁ ଆପ୍ପିୟ ଫୋର ଓ ତିନ ସତାଇ ନାମେ ସ୍ଥାନ ପର୍ଯ୍ୟନ୍ତ ଆଇଲେ । ପାଉଲ ଏମାନଙ୍କର ସଙ୍ଗେ ଦେଖା ହେବାରେ ଈଶ୍ୱରର ଧନ୍ୟବାଦ କର ସାହସ ପାଇଲା ।

୧୬ ପୁଣି ଆମ୍ଭେମାନେ ରୋମ ନଗରରେ ଉପସ୍ଥିତ ହୁଅନ୍ତେ ଶତସେନାପତି ସମସ୍ତ ବନ୍ଦିକୁ ପ୍ରଧାନ ସେନାପତିର ନିକଟରେ ସମର୍ପଣ କଲା ପୁଣି ପାଉଲ ଆପଣା ପ୍ରହର ପଦାତିକର ସଙ୍ଗେ ଅଲଗା ବାସ କରିବାକୁ ଅନୁମତି ପାଇଲା ।

୧୭ ଅନନ୍ତରେ ତିନ ଦିନର ଉତ୍ତାରେ ପାଉଲ ସେ ଦେଶୀୟ ପ୍ରଧାନୀ ଯିହୁଦୀୟମାନଙ୍କୁ ନିମନ୍ତ୍ରଣ କଲା ପୁଣି ସେମାନେ ଉପସ୍ଥିତ ହୁଅନ୍ତେ ସେ କହିଲା ହେ ଭ୍ରାତୃଗଣ ଆମ୍ଭେ ନିଜ ଲୋକମାନଙ୍କର କିମ୍ବା ପୂର୍ବପୁରୁଷମାନଙ୍କର

ଭାତର ବିପରୀତରେ କୌଣସି କର୍ମ୍ମ କରି ନାହୁଁ । ତଥାପି ଯିରୁଶାଲମର
ନିବାସି ଲୋକମାନେ ଆମ୍ଭକୁ ରୋମି ଲୋକମାନଙ୍କର ହସ୍ତରେ ସମର୍ପି ବନ୍ଦି
କରିଛନ୍ତି । ଆଉ ରୋମି ଲୋକମାନେ ବିଚାର କରି ଆମ୍ଭର ପ୍ରାଣଦଣ୍ଡର ୧୮
ଯୋଗ୍ୟ କୌଣସି କାରଣ ନ ପାଇବାରୁଂ ଆମ୍ଭକୁ ମୁକ୍ତ କରିବାକୁ ମଙ୍ଗି
ଥିଲେ । ପୁଣି ଯିହୁଦୀୟ ଲୋକମାନେ ତାହା ବିରୁଦ୍ଧେ କହିବାରେ କାଇସ ୧୯
ରର ରାଜାର ନିକଟରେ ବିଚାର ହେବାର ପ୍ରାର୍ଥନା କରିବାକୁ ଆମ୍ଭକୁ ଆବ
ଶକ ଥିଲା ନୋହିଲେ ନିଜ ଦେଶୀୟ ଲୋକମାନଙ୍କର ପ୍ରତି ଆମ୍ଭର କୌଣସି
ଅପବାଦ ନାହିଁ । ଏହି କାରଣ ଆମ୍ଭେ ତୁମ୍ଭମାନଙ୍କର ସଙ୍ଗେ ସାକ୍ଷାତ୍ ଓ ୨୦
କଥୋପକଥନ କରିବାର ନିମନ୍ତେ ତୁମ୍ଭମାନଙ୍କୁ ନିମନ୍ତ୍ରଣ କଲୁଁ ଯେ ହେ
ତୁକ ଇଶ୍ରାୟେଲର ପ୍ରତ୍ୟାଶା ସକାଶେ ଆମ୍ଭେ ଏହି ଶିକୁଳିରେ ବନ୍ଦ ହେଲୁଁ ।
ତେଣୁ ସେମାନେ ଉତ୍ତର କଲେ ଯିହୁଦୀ ଦେଶରୁ ଆମ୍ଭେମାନେ ତୁମ୍ଭର ୨୧
ବିଷୟରେ କୌଣସି ପତ୍ର ପାଇ ନାହୁଁ । ପୁଣି ସେଠାରୁ ଯେ ଭ୍ରାତୃଗଣ ଆସି
ଅଛନ୍ତି ସେମାନେହେଂ ତୁମ୍ଭର ବିଷୟରେ କିଛି ସଂବାଦ ଦେଇ ନାହାନ୍ତି
ଅବା ମନ୍ଦ ବୋଲି ନାହାନ୍ତି । ତେବେହେଂ ତୁମ୍ଭର ମତ କି ତାହା ଆମ୍ଭେ ୨୨
ମାନେ ତୁମ୍ଭଠାରୁ ଶୁଣିବାକୁ ବାଞ୍ଛା କରି ଯେଣୁ ଏହି ଯେ ନୂତନ ମତ
ଉଠିଅଛି ଏହା ସର୍ବତ୍ର ସମସ୍ତଙ୍କଠାରେ ନିନ୍ଦିତ ହୋଇଅଛି ଏହା ଆମ୍ଭେ
ମାନେ ଜାଣି । ଏଥିରେ ସେମାନେ ତାହା ପାଇ ଏକ ଦିନ ନିରୂପଣ ୨୩
କରନ୍ତେ ସେହି ଦିନରେ ଅନେକରେ ଏକତ୍ର ହୋଇ ପାଉଲର ବସାରେ
ଅଇଲେ । ତହିଁରେ ପାଉଲ ପ୍ରାତଃକାଳ ଅବଧି ସନ୍ଧ୍ୟା ପର୍ଯ୍ୟନ୍ତେ ମୋଶାର
ବ୍ୟବସ୍ଥା ଗ୍ରନ୍ଥ ପୁଣି ଭବିଷ୍ୟତ୍ବକ୍ତାଗଣର ଗ୍ରନ୍ଥରୁ ଯୀଶୁର ପ୍ରସଙ୍ଗ ଉତ୍ଥାପନ
କରି ଈଶ୍ୱରର ରାଜତ୍ୱର ବିଷୟରେ ପ୍ରମାଣ ଦେଇ ସେମାନଙ୍କୁ ମଣାଇ
ବାକୁ ଚେଷ୍ଟା କଲା । ପୁଣି ତାହାର କଥାରେ କେହି୨ ପ୍ରତ୍ୟୟ କଲେ ୨୪
କେହି୨ ଅବା ପ୍ରତ୍ୟୟ ନ କଲେ । ଏହି ନିମନ୍ତେ ସେମାନଙ୍କର ଏକ ଆରେ ୨୫
କରେ ବିରୋଦ୍ଧ ହେବାରୁଂ ସଭା ଭାଙ୍ଗି ଗଲା ଏଥିମଧ୍ୟରେ ପାଉଲ ଏହି କଥା
ମାତ୍ର ମହିଲା ଧର୍ମଆତ୍ମ ଯିଶାଇୟ ଭବିଷ୍ୟତ୍ବକ୍ତାର ମୁଖରୁ ଆମ୍ଭମାନଙ୍କର
ପିତୃପୁରୁଷର ପ୍ରତି ଏହି କଥା ଉତ୍ତମରୂପରେ କହିଅଛନ୍ତି । ଏହି ଲୋକମା ୨୬
ନଙ୍କର ନିକଟରେ ଯାଇ ବୋଲ ତୁମ୍ଭେମାନେ ଶୁଣୁ ଶୁଣୁ ନ ବୁଝିବ ପୁଣି
ଦେଖୁ ଦେଖୁ ଗୋଚର ନୋହିବ ଯେହେତୁ ଏହି ଲୋକମାନେ ଆକ୍ଷିରେ
ଦେଖି କର୍ଣରେ ଶୁଣି ଅନ୍ତଃକଣରେ ବୁଝି ମନଫେରାଇଲେ ଆମ୍ଭେ ଯେମନ୍ତ ୨୭
ସେସାନଙ୍କୁ ସୁସ୍ଥ ନ କରି ଏଥିପାଇ ସେମାନଙ୍କର ବୁଦ୍ଧି ମୋଟ ସେମାନଙ୍କର
କର୍ଣ ବିଧିର ପୁଣି ସେମାନଙ୍କର ଆକ୍ଷୀ ମୁଦ୍ରିତ ହୋଇ ଥାୟେ । ଏନିମନ୍ତେ ୨୮

ଈଶ୍ୱରଠାରୁ ଯେ ପରିତ୍ରାଣ ତାହାର ସଂବାଦ ବିଦେଶୀୟ ଲୋକମାନଙ୍କ
ଠାରେ ପ୍ରେରିତ ହେଉ ଅଛି ପୁଣି ସେମାନେହିଁ ଗ୍ରାହ୍ୟ କରିବେ ଏହା
୨୯ ତୁମ୍ଭେମାନେ ଜ୍ଞାତ ହୁଅ । ଏମନ୍ତ କଥା କହିଲାଉତ୍ତାରେ ଯିହୁଦୀୟମାନେ
୩୦ ପରସ୍ପର ଅନେକ ବିଚାର କରୁ୍ୟ ଚାଲିଗଲେ ଏହି ପ୍ରକାରେ ପାଉଲ ସମ୍ପୂର୍ଣ୍ଣ
ଦୁଇ ବରଷ ପର୍ଯ୍ୟନ୍ତେ ଭଡାଟିୟା ବସା ଘରରେ ବାସ କରି ଯେ୍ୟ ଲୋକ
ତାହାର ନିକଟରେ ଆସନ୍ତି ସମସ୍ତଙ୍କୁଇ ଗ୍ରହଣ କରି ନିର୍ବିଘ୍ନରେ ଅତିଶୟ
୩୧ ସାହସ ହୋଇ ଈଶ୍ୱରର ରାଜତ୍ୱର କଥା ପ୍ରଚାର କରି ପ୍ରଭୁ ଯୀଶୁ ଖ୍ରୀଷ୍ଟର
ବିଷୟରେ ଉପଦେଶ ଦେଲା ।

ଇତି ।

## ରୋମୀୟ ମଣ୍ଡଳୀର ପ୍ରତି ପାଉଲ ପ୍ରେରିତର ଚିଟାଉ ।

### ୧ ପର୍ବ ।

ଈଶ୍ୱର ଆପଣା ଅତ୍ମଜ ଆମ୍ଭମାନଙ୍କର ପ୍ରଭୁ ଯୀଶୁଖ୍ରୀଷ୍ଟର ଯେଉଂ ମଙ୍ଗଳ ୧
ସମାଚାର ବିଷୟରେ ପୂର୍ବ କାଳରେ ଭବିଷ୍ୟତ୍ରବକ୍ତାଗଣର ଦ୍ୱାରା ଧର୍ମଗ୍ରନ୍ଥ
ରେ ପ୍ରତିଜ୍ଞା କରିଥିଲେ ସେ ମଙ୍ଗଳସମାଚାର ପ୍ରଚାରର ନିମନ୍ତେ ଭିନ୍ନ ଓ ୨
ଅନ୍ଧାନକୃତ ଜଗେ ପ୍ରେରିତ ଓ ଯୀଶୁଖ୍ରୀଷ୍ଟର ଦାସ ଏମନ୍ତ ଯେ ପାଉଲ ସେ
ରୋମ ନଗରସ୍ଥ ଈଶ୍ୱର ପ୍ରିୟ ଓ ଅନ୍ଧାନକୃତ ସମସ୍ତ ସାଧୁମାନଙ୍କର ପ୍ରତି ଲେ
ଖଇ । ସେହି ଯୀଶୁଖ୍ରୀଷ୍ଟ ଶରୀରାନୁସାରେ ଦାଉଦର ବଂଶରେ ଉତ୍ପନ୍ନ ପୁଣି ୩
ଧର୍ମମୟ ଆତ୍ମାନୁସାରେ ଈଶ୍ୱରର ଅତ୍ମଜ ଏହା ତାହାଙ୍କର ମୃତ୍ୟୁରୁ ଉତ୍ଥାନଦ୍ୱାରା ୪
ଦୃଢ଼ ପ୍ରମାଣରେ ପ୍ରତିପନ୍ନ ହେଲା । ଆଉ ଯେଉଂ ବିଦେଶୀୟମାନଙ୍କର ମଧ୍ୟ ୫
ରେ ତୁମ୍ଭେମାନେ ଯୀଶୁ ଖ୍ରୀଷ୍ଟରେ ଅନ୍ଧାନକୃତ ହୋଇଅଛ ସେହି ସମସ୍ତ ୬
ଦେଶୀୟମାନେ ଯେମନ୍ତ ତାହାର ନାମରେ ବିଶ୍ୱାସ କରି ଆଜ୍ଞାକାରି ହୁଅନ୍ତି
ଏଥିପାଇଁ ତାହାଙ୍କଠାରୁ ଆମ୍ଭେମାନେ ଅନୁଗ୍ରହ ଓ ପ୍ରେରିତପଣ ପଦ ପାଇ
ଅଛୁଁ । ଆମ୍ଭମାନଙ୍କର ପିତା ଈଶ୍ୱର ଓ ପ୍ରଭୁ ଯୀଶୁ ଖ୍ରୀଷ୍ଟରଠାରୁ ଅନୁଗ୍ରହ ୭
ଓ ଶାନ୍ତି ତୁମ୍ଭମାନଙ୍କର ପ୍ରତି ହେଉ ।

ପ୍ରଥମରେ ସମୁଦାୟ ଜଗତରେ ତୁମ୍ଭମାନଙ୍କର ବିଶ୍ୱାସର ସମ୍ବାଦ କୁହା ୮
ଯିବାରୁଁ ତୁମ୍ଭ ସମସ୍ତଙ୍କର ନିମନ୍ତେ ଯୀଶୁଖ୍ରୀଷ୍ଟର ନାମ ଯେନି ଆମ୍ଭ ଈଶ୍ୱରର
ଧନ୍ୟବାଦ କରୁଂ । ଆଉ ଈଶ୍ୱରର ପ୍ରସାଦରେ ବହୁତ କାଳ ଉତ୍ତାରୁ ଏବେ ୯
ତୁମ୍ଭମାନଙ୍କର ନିକଟରେ କୌଣସି ରୂପେ ଥରେ ଯେମନ୍ତ ଯିବାର ସୁଯୋଗ
ପାଇ ଏନିମନ୍ତେ ଆମ୍ଭେ ନିରନ୍ତର ତୁମ୍ଭମାନଙ୍କର ନାମ ବୋଲି ଆପଣା ସବୁ ୧୦
ପ୍ରାର୍ଥନାରେ ସର୍ବଦା ନିବେଦନ କରୁଂ । ଏଥିରେ ଯାହାଙ୍କର ଅତ୍ମଜର ମଙ୍ଗଳସ
ମାଚାରରେ ଆମ୍ଭେ ମନ ଦେଇ ସେବା କରି ଏମନ୍ତ ଯେ ଈଶ୍ୱର ସେ ଆମ୍ଭର

୧୧ ସାକ୍ଷୀ ଅଟନ୍ତି । ଯେଣୁ ତୁମ୍ଭମାନଙ୍କର କଣ୍ଠା ହେବା କ୍ରମରେ ତୁମ୍ଭମାନଙ୍କୁ
୧୨ ଯେପରି କୌଣସି ପରମାର୍ଥିକ ଦାନ କର ଅର୍ଥାତ୍ ତୁମ୍ଭମାନଙ୍କର ଓ ଆମ୍ଭର
ବଶ୍ୱାସରେ ଆମ୍ଭେମାନେ ପୁଣି ଯେପରି ପରିତୁଷ୍ଟ ହୋଇ ଏଥିପାଇଁ ଆମ୍ଭେ
୧୩ ତୁମ୍ଭମାନଙ୍କର ସହ୍ୟତ ଦେଖା କରିବାକୁ ବାଞ୍ଛା କରୁ । ହେ ଭାଇମାନେ ଅନ୍ୟ
ଦେଶୀୟମାନଙ୍କର ମଧ୍ୟରେ ଯେପରି ତୁମ୍ଭମାନଙ୍କର ମଧ୍ୟରେ ତେପରି
ଆମ୍ଭର କିଛି ଫଳ ଯେପ୍ରେ ହୁଅ ଏଥିପାଇଁ ଆମ୍ଭେ ତୁମ୍ଭମାନଙ୍କର ନିତରେ
ଅସିବାକୁ ଥରକୁଥର ଉଦ୍ୟତ ହୋଇଥିଲୁଁ ପୁଣି ଏତେବେଳ ପର୍ଯ୍ୟନ୍ତ
ଆମ୍ଭର ବାଧା ହୋଇଅଛୁ ଏହା ତୁମ୍ଭମାନଙ୍କର ଅଗୋଚର ହେବାର ଆମ୍ଭର
ଇଚ୍ଛା ନାହିଁ ।
୧୪ ଆମ୍ଭେ ସଭ୍ୟ କି ଅସଭ୍ୟ ବଦ୍ୱାନ କି ଅବଦ୍ୱାନ ସମସ୍ତଙ୍କଠାରେ ଋଣୀ
୧୫ ଅଟୁଁ । ଏନିମନ୍ତେ ରୋମ ନବାସି ଲୋକ ଯେ ତୁମ୍ଭେମାନେ ତୁମ୍ଭ ନିତରେ
୧୬ ଯଥା ଶକ୍ତି ମଙ୍ଗଲସମାଚାର ଘୋଷଣା କରିବାକୁ ଉଦ୍ୟତ ଅଟୁଁ । ଯେଣୁ
ଖ୍ରୀଷ୍ଟଙ୍କର ସେ ସୁସମାଚାର ବିଷୟରେ ଆମ୍ଭର ଲଜ୍ଜା ବୋଧ ନାହିଁ ଯେହେତୁ
ଯିହୁଦୀୟ ପ୍ରଥମ କରି ବଦେଶୀୟ ଲୋକ ପର୍ଯ୍ୟନ୍ତ ସବୁ ଜାତିର ମଧ୍ୟ
ରେ ଯେ କେହି ବଶ୍ୱାସ କରଇ ତାହାର ପ୍ରତି ସେ ଈଶ୍ୱରର ଶକ୍ତିସ୍ୱରୂପ
୧୭ ପରିତ୍ରାଣଜନକ ହୁଅଇ । ଯେହେତୁ ତହିଁରେ ବଶ୍ୱାସ ଦ୍ୱାରା ଈଶ୍ୱର ଦତ୍ତ ଧର୍ମ
ବଶ୍ୱାସର ପ୍ରତି ପ୍ରକାଶ ହେଉଅଛି । ଯେମନ୍ତ ଲେଖାଅଛି ଧାର୍ମିକ ଯେ ସେ
ବଶ୍ୱାସରେ ବଞ୍ଚିବେ ।
୧୮ ଏନିମନ୍ତେ ଯେଉଁମାନେ ଅଧର୍ମ କର୍ମରେ ସତ୍ୟତା ବନ୍ଦ କରନ୍ତି ସେମାନ
ଙ୍କର ସମସ୍ତ କୁକର୍ମ ଓ ଅଧର୍ମର ବରୁଦ୍ଧରେ ଈଶ୍ୱରର କ୍ରୋଧ ସ୍ୱର୍ଗରୁ
୧୯ ପ୍ରକାଶିତ ହେଉଅଛି । ଯେହେତୁ ଈଶ୍ୱର ବିଷୟରେ ଯାହା ଜ୍ଞାତବ୍ୟ ତାହା
ଈଶ୍ୱର ଅପେ ସେମାନଙ୍କୁ ଜଣାଇବାରୁ ସେମାନଙ୍କର ମଧ୍ୟରେ ପ୍ରତ୍ୟକ୍ଷ
୨୦ ଅଛି । ଯେଣୁ ତାହାଙ୍କର ଅଦୃଶ୍ୟ ଗୁଣ ଅର୍ଥାତ୍ ତାହାଙ୍କର ଅନନ୍ତ ଶକ୍ତି
ଈଶ୍ୱରତ୍ୱ ଆଦ ସୃଷ୍ଟି କାଳରୁ କୃତକର୍ମର ଦ୍ୱାରା ଜଣା ଯିବାରୁ ସୁନ୍ଦରରୂପେ
୨୧ ଦୃଶ୍ୟ ହୁଅଇ ଏସକାଣୁ ସେମାନେ ନରୁତ୍ତର ହୁଅନ୍ତି । ଅତ୍ ଈଶ୍ୱରଙ୍କୁ
ଜାଣିଲେହେଁ ଈଶ୍ୱର ଜ୍ଞାନରେ ସେମାନେ ତାହାଙ୍କର ଆଦର କର ନାହାନ୍ତି
ଅବା ଗୁଣବାଦ ହୋଇ ନାହାନ୍ତି ଏନିମନ୍ତେ ସେମାନଙ୍କର ବତର୍କ ସବୁ
ବଫଳ ହେଲା ପୁଣି ସେମାନଙ୍କର ବାଉଳମସ୍ ମନ ଅନ୍ଧକାରରେ ମଗ୍ନ
୨୨ ହେଲା । ସେମାନେ ଆପଣାମାନଙ୍କୁ ଜ୍ଞାନୀ ମଣି ଅଜ୍ଞାନ ହୋଇଲେ ଅବର
୨୩ ଅକ୍ଷୟ ଈଶ୍ୱରଙ୍କ ଗୌରବ ନ ଦେଇ କ୍ଷୟ ମନୁଷ୍ୟ ପଶୁ ପକ୍ଷୀ ଉରଗାମୀ
ଇତ୍ୟାଦର ଆକୃତିଯୁକ୍ତ ପ୍ରତିମାକୁ ତାହା ଦେଲେ ।

ଯେ ସଦା କାଳ ଧନ୍ୟ ହେଉନ୍ତୁ ଏମନ୍ତ ସୃଷ୍ଟିକର୍ତ୍ତାଙ୍କୁ ଛାଡ଼ ସେମାନେ ସୃଷ୍ଟି ୧୪
ବସ୍ତୁକୁ ଈଶ୍ୱର ଭଜନା ସେବା କରି ସତ୍ୟ ଈଶ୍ୱରଙ୍କର ସ୍ଥାନରେ ମିଥ୍ୟାକୁ
ଗ୍ରହଣ କଲେ । ଏଥିପାଇଁ ଈଶ୍ୱର ସେମାନଙ୍କୁ କୁକ୍ରିୟାରେ ଛାଡ଼ ଦେଇ ସେ ୧୫
ମାନେ ଆପଣା ଆପଣାର କୁଅଭିଳାଷରେ ଆପଣା ଶରୀରକୁ ପରସ୍ପରେ ଅପମାନ
କଲେ । ଏହି କାରଣରୁ ଈଶ୍ୱର ସେମାନଙ୍କୁ କୁଅଭିଳାଷରେ ଛାଡ଼ ଦେଲେ ୧୬
ଯେଣୁ ସେମାନଙ୍କର ସ୍ତ୍ରୀ ଲୋକମାନେହେଁ ପ୍ରକୃତ ବ୍ୟବହାର ତ୍ୟାଗ କରି ଅପ୍ର
କୃତ ବ୍ୟବହାର କଲେ । ସେପ୍ରକାରେ ପୁରୁଷମାନେହେଁ ପ୍ରକୃତ ସ୍ତ୍ରୀସଙ୍ଗ ଛାଡ଼ କର ୧୭
ଆପଣା ଆପଣାର କାମାନଳରେ ଦଗ୍ଧ ହୋଇ ପୁରୁଷପୁରୁଷର ସଙ୍ଗରେ କୁକ୍ରିୟାରେ ଅସକ୍ତ
ହୁଅନ୍ତେ ଆପଣା ଭ୍ରାନ୍ତିର ସମୁଚିତ ଫଳ ପାଇଲେ । ସେମାନେ ଆପଣାମାନ ୧୮
ଙ୍କର ମନରେ ଈଶ୍ୱରଙ୍କୁ ସ୍ଥାନ ଦେବାକୁ ଅସମ୍ମତ ହେବାରେ ଈଶ୍ୱର ସେମା
ନଙ୍କୁ ଦୁଷ୍ଟମନା ହେବାକୁ ଓ ଅସଙ୍ଗତ କ୍ରିୟା କରିବାକୁ ଛାଡ଼ ଦେଲେ । ଏମ ୧୯
ନ୍ତରେ ସେମାନେ ସବୁ ଅନ୍ୟାୟ କ୍ୟଭ୍‌ଗ୍‌ର ଦୁଷ୍ଟପଣ ଲୋଭ କ୍ରୂରତା ଈର୍ଷା
ବଧ ବିବାଦ ଛଳ କ୍ରମତ ଇତ୍ୟାଦି କୁକ୍ରିୟାରେ ପରପୂର୍ଣ୍ଣ ହୁଅନ୍ତେ କର୍ଣେଜ୍ପ ୩୦
ଅପବାଦୀ ଈଶ୍ୱରଦ୍ୱେଷକ ହିଂସକ ଅହଂକାରୀ ଦାମ୍ଭିକ କୁକର୍ମରଉତ୍ପାଦକ ୩୧
ପିତାମାତାରଅମାନକ ଅବିବେଚକ ନିୟମଲଙ୍ଘନକାରୀ ସ୍ନେହଶୂନ୍ୟ ଅତ
ଦ୍ୱେଷୀ ନିର୍ଦ୍ଦୟ ଆଦି ହୋଇଲେ । ଆଉ ଯେଉଁମାନେ ଏପ୍ରକାର କର୍ମ କରନ୍ତି ୩୨
ସେମାନେ ଯେ ମୃତ୍ୟୁର ଯୋଗ୍ୟ ଈଶ୍ୱରର ଏହି ବଚନର ଜ୍ଞାଣରେ ସେମାନେ
ଏମନ୍ତ କର୍ମ ଆପଣାମାନେ କରନ୍ତି କେବଳ ତାହା ନୋହେ ପୁଣି ଏମନ୍ତ
କର୍ମକାରି ଲୋକମାନଙ୍କଠାରେ ସନ୍ତୁଷ୍ଟ ଅଛନ୍ତି ।

୨ ପତ୍ର ।

ଏଣୁ ହେ ପରଦୋଷକାରୀ ତୁମ୍ଭେ ଯେ କେହି ହେଉ ତୁମ୍ଭେ ନିରୁତ୍ତର ୧
ଅଛ । ଯାହା ପାଇଁ ତୁମ୍ଭେ ପରକୁ ଦୋଷୀ କରିଅଛ ଉହାଁରେ ଆପଣା
ଦୋଷ ନିଶ୍ଚୟ କରିଅଛ ଯେହେତୁ ପରକୁ ଦୋଷୀ କଲେହେଁ ତୁମ୍ଭେ
ଆପେ ସେ କର୍ମ କରିଅଛ । ପୁଣି ଏପ୍ରକାର କର୍ମ କାରମାନଙ୍କର ବିରୁଦ୍ଧରେ ୨
ଈଶ୍ୱର ଯେଉଁ ବିଚାର କରନ୍ତି ସେ ଯଥାର୍ଥ ବୋ ଅମ୍ଭେମାନେ ଜାଣି ।
ଏନମନ୍ତେ ହେ ମନୁଷ୍ୟ ତୁମ୍ଭେ ଯେଉଁ କର୍ମକାରମାନଙ୍କର ଦୋଷ ଦେ ୩
ଉଅଛ ଆପେ ଯେବେ ସେଉଁ କର୍ମ କର ତେବେ ଈଶ୍ୱରର ଦଣ୍ଡରୁ ଛୁଟ
ପାଇବ ଏମନ୍ତ କି ତୁମ୍ଭେ ବୋଧ କରିଅଛ । କିମ୍ବା ଈଶ୍ୱରର ଅନୁଗ୍ରହ ୪
ତୁମ୍ଭ ମନ ଫେରାଇବାକୁ ଘେନାପେ ଏହା ନ ବୁଝି ତୁମ୍ଭେ କି ତାହା
ଙ୍କର ଅସୀମ ଅନୁଗ୍ରହ ଓ କ୍ଷମା ଓ ଚିର ସହିଷ୍ଣୁତା ହେପ୍‌ଜ୍ଞାନ କରିଅଛ ।

୫ ପୁଣି କଠିଣ ଓ ଖେଦରହିତ ଅନ୍ତଃକରଣ ସକାଶୁଂ ଈଶ୍ୱରର ନ୍ୟାୟ
ଋପ ଦଣ୍ଡ ଓ କ୍ରୋଧର ପ୍ରକାଶ ହେବାର ଦିନ ପର୍ଯ୍ୟନ୍ତେ କି ଆପଣାର ପାଁଇ
୬ କ୍ରୋଧ ସଞ୍ଚୟ କରୁଅଛ । ଯେଣୁ ସେ ପ୍ରତ୍ୟେକ ମନୁଷ୍ୟକୁ ଆପଣା୨ କର୍ମାନୁ
୭ ସାରେ ପ୍ରତିଫଳ ଦେବେ । ଯେଉଂମାନେ ଧୈର୍ଯ୍ୟ ଧରିବାରେ ସୁକର୍ମ କରି
ମହିମା ଓ ସଂଭ୍ରମ ଓ ଅମରତା ଚେଷ୍ଟା କରନ୍ତି ସେମାନଙ୍କୁ ଅନନ୍ତ ପରମାୟୁ
୮ ଦେବେ । ଆଉ ଯେଉଁମାନେ ସତ୍ୟ ଧର୍ମକୁ ଅଗ୍ରାହ୍ୟ କରି ଅଧର୍ମର ଆଜ୍ଞାକାରୀ
୯ ହୁଅନ୍ତି ଏମନ୍ତ ବିରୋଧିମାନଙ୍କର ପ୍ରତି କୋପ ଓ କ୍ରୋଧ ଘଟିବ । ଏଥିରେ
ଯିହୁଦୀୟଠାରୁ ଅନ୍ୟଦେଶୀୟ ପର୍ଯ୍ୟନ୍ତେ ଅର୍ଥାତ୍ ପ୍ରତ୍ୟେକ କୁକ୍ରିୟାକାରି
୧୦ ପ୍ରାଣିକ କ୍ରୋଧ ଓ ଦୁଃଖ ଓ ଯନ୍ତ୍ରଣା ଘଟିବ । ପୁଣି ଯିହୁଦୀୟଠାରୁ ବିଦେଶୀୟ
ପର୍ଯ୍ୟନ୍ତେ ପ୍ରତ୍ୟେକ ଜଣ ସୁକର୍ମକାରୀକି ମହିମା ଓ ସମ୍ଭ୍ରମ ଓ ଶାନ୍ତି ଘଟିବ
୧୧ ଯେଣୁ ଈଶ୍ୱରଙ୍କଠାରେ ପକ୍ଷପାତ ବିଚାର ନାହିଁ ।
୧୨ ଯେଉଂ ଦିନରେ ଆମ୍ଭର ମଙ୍ଗଳସମାଚାର ଅନୁସାରେ ଈଶ୍ୱର ଯୀଶୁଖ୍ରୀଷ୍ଟ
ଦ୍ୱାରା ମନୁଷ୍ୟର ଗୁପ୍ତ କ୍ରିୟା ବିଚାର କରିବେ ସେହି ଦିନରେ ଯେଉଂମାନେ
ବ୍ୟବସ୍ଥା ନ ପାଇ ପାପ କରିଅଛନ୍ତି ସେମାନଙ୍କୁ ବ୍ୟବସ୍ଥାର ଭିନ୍ନ ବିନାଶ
୧୩ ଘଟିବ । ପୁଣି ଯେତେ ଲୋକ ବ୍ୟବସ୍ଥା ପାଇ ପାପ କରିଅଛନ୍ତି ବ୍ୟବସ୍ଥା
୧୪ ଅନୁସାରେ ସେମାନଙ୍କର ବିଚାର ହେବ । ଏନିମନ୍ତେ ବ୍ୟବସ୍ଥା ଶୁଣିବା
ଲୋକମାନେ ଈଶ୍ୱରଙ୍କର ଶ୍ରୁମୁରେ ଧାର୍ମିକ ହେବେ ତେମନ୍ତ ନୋହେ ପୁଣି
୧୫ ବ୍ୟବସ୍ଥା ପାଳିବାର ଲୋକ ଧାର୍ମିକ ଗଣିତ ହେବେ । ଯେହେତୁ ବ୍ୟବସ୍ଥା ନ
ପାଆନ୍ତେ ବିଦେଶୀୟମାନେ ଯେବେ ସ୍ୱଭାବର ବ୍ୟବସ୍ଥାନୁସାରେ ଆଚାର
କରନ୍ତି ତେବେ ବ୍ୟବସ୍ଥା ନ ପାଇଲେହେଂ ସେମାନେ ଆପଣାର ବ୍ୟବସ୍ଥାର
୧୬ ସ୍ୱଋପ ଆପଣାମାନେ ହୁଅନ୍ତି । ସେମାନଙ୍କର ସ୍ୱମନ ସାକ୍ଷୀ ସ୍ୱଋପ ହେବାରୁଂ
ନିଜ ବିବେକରେ ଆପଣାମାନଙ୍କୁ ଦୋଷୀ କିଅବା ନିର୍ଦ୍ଦୋଷୀ କରି ଅନ୍ତରସ୍ଥ
ଲେଖିତ ବ୍ୟବସ୍ଥା ବିଷୟରେ ଆପଣାମାନେହେଂ ପ୍ରମାଣ ଦିଅନ୍ତି ।
୧୭ ଦେଖ ତୁମ୍ଭେ ଯିହୁଦୀୟ ଲୋକ ଅଟ ପୁଣି ବ୍ୟବସ୍ଥାରେ ନିର୍ଭର କରୁ
୧୮ ଅଛ । ପୁଣି ଈଶ୍ୱରରେ ଦର୍ପ କରି କହୁଅଛ । ପୁଣି ଶାସ୍ତ୍ରରେ ଶିକ୍ଷିତ ହେ
ବାରୁଂ ତାହାର ଆଜ୍ଞା ଜ୍ଞାତ ହେଉଅଛ । ପୁଣି ଅତ୍ୟୁତ୍ତମ ବିଷୟରେ ମଣୁଅଛ
୧୯ ପୁଣି ଜ୍ଞାନ ଓ ସତ୍ୟର ମୂଳସ୍ୱଋପ ଯେଉଂ ବ୍ୟବସ୍ଥା ତାହା ତୁମ୍ଭଠାରେ ଥିବାରୁଂ
ଅନ୍ଧ ଲୋକର ପଥଦର୍ଶକ ଓ ଅନ୍ଧକାରରେ ବସିବାର ଲୋକର ଆଲୁଅ ଆବର
୨୦ ଅଜ୍ଞାନ ଲୋକର ଜ୍ଞାନ ଦାତା ଓ ବାଳକମାନଙ୍କର ଶିକ୍ଷକ ଏମନ୍ତ ତୁମ୍ଭେ
୨୧ ଆପଣାକୁ କରି ନିଶ୍ଚୟ ମଣୁଅଛ । ଏଣୁକରି ପରକୁ ଶିକ୍ଷା ଦିଅନ୍ତେ କି ତୁମ୍ଭେ
ଆପଣାକୁ ଶିକ୍ଷା ଦେଇ ନାହଂ । ଅବା ଚୋରିର ନିଷେଧ ବ୍ୟବସ୍ଥା ପରକୁ

ପ୍ରସ୍ତୁତ କରନ୍ତେ କ ତୁମ୍ଭେ ଅପେଁ ସ୍ଥିର କରିଅଛ । ଅବା ପରକୁ ପରଦାର ୧୧
କର୍ମ ନିଷେଧ କରନ୍ତେ ତୁମ୍ଭେ କ ଅପେଁ ପରଦାର କରିଅଛ । ଅବା ତୁମ୍ଭେ
ଦେବ ପ୍ରତିମା ଦୁଶାକାଣ୍ଡି ହୁଅନ୍ତେ କ ଆପେଁ ମନ୍ଦିରର ଦ୍ରବ୍ୟ ହରଣ କରି
ଅଛ । ହେ ବ୍ୟବସ୍ଥାରେ ଦର୍ପକାଣ୍ଡି ତୁମ୍ଭେ କ ବ୍ୟବସ୍ଥାକୁ ଲଙ୍ଘନ କରିବାରେ ୧୩
ଈଶ୍ୱରଙ୍କୁ ଅଶାଦର କରିଅଛ । ଯେମନ୍ତ ଶାସ୍ତ୍ରରେ ଲେଖା ଅଛି । ବର୍ତ୍ତେ ୧୪
ଶୀଯୂମାନଙ୍କଠାରେ ତୁମ୍ଭମାନଙ୍କର ସକାଶେ ଈଶ୍ୱରଙ୍କର ନାମର ନିନ୍ଦା
ହେଉ ଅଛି ।

ଯେବେ ବ୍ୟବସ୍ଥା ପାଳଣ କର ତେବେ ତୁମ୍ଭର ସୁନ୍ନତ କ୍ରିୟା ସଫଳ ୧୫
ଅଟଇ ନୋହିଲେ ଯେବେ ବ୍ୟବସ୍ଥା ଲଘଂନ କର ତେବେ ତୁମ୍ଭର ସୁନ୍ନତ
ଅସୁନ୍ନତ ହେବ । ଯେହେତୁ ବ୍ୟବସ୍ଥାର ବିଧି ପ୍ରତିପାଳନକାଣ୍ଡି ଅସୁନ୍ନତି ହେଲେ ୧୬
ହେଁ ସେ କ ସୁନ୍ନତ ମଧ୍ୟରେ ଗଣିତ ନୋହିବ । ପୁଣି ବ୍ୟବସ୍ଥା ଓ ସୁନ୍ନତ କର୍ମ ୧୭
ଅଧୀନ ହୁଅନ୍ତେ ବ୍ୟବସ୍ଥାର ଲଙ୍ଘନ କରିଅଛ ଯେ ତୁମ୍ଭେ ତୁମ୍ଭକୁ ସ୍ୱତ୍ତ୍ୱବକ
ଅସୁନ୍ନତ ବ୍ୟବସ୍ଥା ପାଳିବାର ଲୋକ କ ବୂଝିବ ନାହିଁ । ଏଣ ବାହ୍ୟରେ ଯେ ୧୮
ଯିହୁଦୀ ସେ ଯିହୁଦୀ ନୋହେ ଅବା ଅଙ୍ଗର ଯେ ସୁନ୍ନତ ସେ ସୁନ୍ନତ ନୋହେ
ପୁଣି ଯେଉଁଜନ ଆନ୍ତରିକ ଯିହୁଦୀ ସେହି ଯିହୁଦୀ ଅଟଇ । ଆଉ କେବଳ ୨୯
ଲେଖିତ ବ୍ୟବସ୍ଥାମତେ ସୁନ୍ନତ ନୋହେ ପୁଣି ମନରେ ମାନସିକ ଯେଉଁ
ସୁନତ ଯାହାର ପ୍ରଶଂସା ମନୁଷ୍ୟଠାରେ ନ ହୋଇ ଈଶ୍ୱରଙ୍କଠାରେ ହୁଅଇ
ସେହି ସୁନ୍ନତ ।

୩ ଯତ୍ନ ।

ଏଥିରେ ଯିହୁଦୀ ଲୋକର କ ଅଧିକ । ଅଥବା ସୁନ୍ନତ କ୍ରିୟାର ଲାଭ କ । ୧
ସବ ପ୍ରକାରେ ଅଧିକ । ପ୍ରଥମରେ ସେମାନଙ୍କଠାରେ ଈଶ୍ୱରଙ୍କ ପ୍ରତିଜ୍ଞାବେଶ ୨
ଦତ୍ତ ହେଲା । କେହି ଅବଶ୍ୟ ଅବିଶ୍ୱାସ କଲେହେଁ ସେମାନଙ୍କର ଅବିଶ୍ୱାସ କ ୩
ଈଶ୍ୱରର ବିଶ୍ୱାସିତ୍ୱକ ବ୍ୟର୍ଥ କରି ପାରିବ । କେବେହେଁ ନୋହେ । ମନୁଷ୍ୟ ୪
ସମସ୍ତେ ମିଥ୍ୟା ହେଲେହେଁ ଈଶ୍ୱର ସତ୍ୟବାଦୀ ହେଉନ୍ତୁ । ଯେମନ୍ତ ଲେଖା
ଅଛି ଯଥା । ତୁମ୍ଭେ ଅପଣା ବାକ୍ୟରେ ଧାର୍ମିକ ପୁଣି ବିଚାରରେ ଜୟୀ ଜଣା
ଯିବ । ଆମ୍ଭମାନଙ୍କର ଅଧର୍ମରେ ଯେବେ ଈଶ୍ୱରର ଧର୍ମ ପ୍ରକାଶ ହୁଅଇ ୫
ତେବେ କ ବୋଲିବା । ଈଶ୍ୱର ଯେ ସମୁଚିତ ଦଣ୍ଡ ଦେଲେ (ଆମ୍ଭେ ମନୁ
ଷ୍ୟର ମତେ କହୁ) ସେ କ ଅଧାର୍ମିକ ହେବେ । କେବେହେଁ ନୋହେ ୬
ତାହା ହେଲେ ସେ କିପ୍ରକେ ଜଗତର ବିଚାରକର୍ତ୍ତା ହୋଇବେ । ଆମ୍ଭର ୭
ମିଥ୍ୟା କଥାରେ ଯେବେ ଈଶ୍ୱରର ସତ୍ୟତାର ମହିମା ଅଧିକ ବୃଦ୍ଧି ହେଲା

୮ ତେବେ ଆମ୍ଭେ କିନିମନ୍ତେ ବିଶ୍ୱରରେ ଅପରାଧୀ ଗଣିତ ହେବା । ଅଥବା ଆସ
ମଙ୍ଗଳ ଉଦ୍ଦେଶରେ ମନ୍ଦକର୍ମ କରୁଁ ଏହା ଯେ ଆମ୍ଭ ବିଷୟରେ ଅନେକ ଗ୍ଲାନି
କରି କହନ୍ତି ସେପରି କାହିଁ କି ନ ବୋଲିବା ମାଏ ଏମାନଙ୍କର ଦଣ୍ଡ ଯଥାର୍ଥ ।
୯ ତେଣୁ ଆମ୍ଭମାନେ କି ଅଧିକ ଶ୍ରେଷ୍ଠ । କିଛିହିଂ ନାହିଁ ଯେହେତୁ ଯିହୁଦୀ କି
ବିଦେଶୀୟ ସମସ୍ତେ ଯେ ପାପର ଅଧୀନ ଆମ୍ଭେମାନେ ପୂର୍ବରେ ଏହାର ପ୍ରମାଣ
୧୦ ଦେଲୁଁ । ଯେମନ୍ତ ଲେଖା ଅଛି ଯଥା । ଧାର୍ମିକ କେହି ନାହିଂ ଜଣେ ନାହିଁ
୧୧ ଅବା ଜ୍ଞାନୀ କି ଈଶ୍ୱରର ଚେଷ୍ଟାକାରୀ କେହି ନାହିଁ । ସମସ୍ତେ ବିପଥଗାମୀ ଓ
୧୨ କୁକର୍ମକାରୀ ମାଏ କେହି ସତ୍କର୍ମ କରଇ ନାହିଁ ଜଣେହେଂ ନାହିଁ । ସେମା
୧୩ ନଙ୍କର ଗଳାର ନଳୀ ମେଲା କବର ସ୍ୱରୂପ । ସେମାନଙ୍କର ଜିହ୍ୱା ପ୍ରବଞ୍ଚନା ପ୍ର
୧୪ କାଶ କରଇ । ସେମାନଙ୍କ ଓଷ୍ଠ ତଳେ କାଳସର୍ପର ବିଷ ଥାୟେ ସେମାନଙ୍କର
୧୫ ମୁଖ ଅଭିଶାପରେ ଓ କଟୁବାକ୍ୟରେ ପରିପୂର୍ଣ୍ଣ । ସେମାନଙ୍କର ଗୋଡ ରକ୍ତ
୧୬ ପାତ କରିବାକୁ ବେଗଗାମୀ ହୁଅଇ । ସେମାନଙ୍କ ବାଟରେ ନାଶ ଓ କ୍ଳେଶ
୧୭ ଘଟଇ । ସେମାନେ କୁଶଳର ବାଟ ନ ଜାଣନ୍ତି ପୁଣି ଈଶ୍ୱରର ଭୟ ସେମା
୧୮ ନଙ୍କର ଆକ୍ଷୀର ଅଗୋଚର । ବ୍ୟବସ୍ଥାରେ ଯାହା୧ ଉକ୍ତ ତାହା ଯେ ବ୍ୟବ
୧୯ ସ୍ଥାର ଅଧୀନ ଲୋକମାନଙ୍କଠାରେ ଉକ୍ତ ଏହା ଆମ୍ଭେମାନେ ଜାଣି ଏଣୁ ପ୍ରତି
୨୦ ମୁଖ ବନ୍ଦ ହୋଇ ସର୍ବ ଜଗତ ଈଶ୍ୱରର ଶ୍ଚମୁରେ ଅପରାଧୀ ହୁଅନ୍ତି । ଏନି
ମନ୍ତେ ବ୍ୟବସ୍ଥା ପାଳିବାରେ କୌଣସି ପ୍ରାଣୀ ଈଶ୍ୱରର ସାକ୍ଷାତରେ ଧାର୍ମିକ
ଗଣିତ ନୋହିବ ଯେହେତୁ ବ୍ୟବସ୍ଥାରୁ ପାପର ଜ୍ଞାତସାର ହୁଅଇ ।
୨୧ ଏବେ ବ୍ୟବସ୍ଥାର କ୍ରିୟା ଛଡା ଈଶ୍ୱରଙ୍କର ଯେ ଧର୍ମ ତାହା ବ୍ୟବସ୍ଥା ଓ
୨୨ ଭବିଷ୍ୟତ୍ରବକ୍ତାଗଣର ବଚନରେ ନିଶ୍ଚିତ ହୋଇ ପ୍ରକାଶ ହେଉଅଛି ଅର୍ଥାତ୍ର
ଯୀଶୁଖ୍ରୀଷ୍ଟରେ ବିଶ୍ୱାସ ଦ୍ୱାରା ଈଶ୍ୱରଙ୍କର ଯେ ଧର୍ମ ତାହା ସମସ୍ତଙ୍କଠାରେ
୨୩ ପ୍ରକାଶ ହୋଇ ସବୁ ବିଶ୍ୱାସିମାନଙ୍କର କତିରେ ବର୍ତ୍ତୁଅଛି । ସେମାନଙ୍କର
ମଧ୍ୟରେ କିଛି ବିଶେଷ ନାହିଂ ଯେହେତୁ ସମସ୍ତେ ପାପ କରି ଈଶ୍ୱରର
୨୪ ମହିମାରୁ ଊଣା ପଡିଅଛନ୍ତି । ସେମାନେ ଈଶ୍ୱରର ଅନୁଗ୍ରହରେ ଯୀଶୁଖ୍ରୀଷ୍ଟ
ଦ୍ୱାରା ଅର୍ଥାତ୍ର ତାହାଙ୍କର ରକ୍ତରେ ବିଶ୍ୱାସ ଦ୍ୱାରା ବିନାମୂଲ୍ୟରେ ପରିତ୍ରାଣ
୨୫ ପାଇ ଧାର୍ମିକ ଗଣିତ ହୁଅନ୍ତି । ଯେହେତୁ ଈଶ୍ୱର ଯୀଶୁରେ ବିଶ୍ୱାସକାରୀକି
ଧାର୍ମିକ ଗଣିବାରେ ଯେମନ୍ତ ଧର୍ମବନ୍ତ ଜଣା ଯାଆନ୍ତି ଏଥିପାଇ ତାହାଙ୍କର ସହି
ଷ୍ଣୁତା ଦ୍ୱାରା ପୂର୍ବକୃତ ପାପର ମୋଚନ କରିବାରେ ଆପଣା ଧର୍ମପଣ ଜଣାଇ
୨୬ ବାକୁ ପୁଣି ବର୍ତ୍ତମାନ ପାପର ମୋଚନ କରିବାରେ ଆପଣା ଧର୍ମପଣ ଜଣାଇ
୨୭ ବାକୁ ତାହାଙ୍କୁ ଏକ ତୋଷକବଳି ସ୍ୱରୂପ ନିରୂପଣ କରିଅଛନ୍ତି । ଏଥିରେ ଦର୍ପ
କରିବାର କାହିଂ ତାହା ଖଣ୍ଡନ ହୁଅଇ । କେଉଂ ବିଧିରେ କି କ୍ରିୟାରେ

ତାହା ନାହିଁ ମାଏ ବଶ୍ୱାସରୂପ ବ୍ୟବସ୍ଥାର ଦ୍ୱାରା । ଏନମନ୍ତେ ବ୍ୟବସ୍ଥାର ୩
କ୍ରିୟା ଛଡା ବଶ୍ୱାସରେ ମନୁଷ୍ୟ ଧାର୍ମିକ ଗଣିତ ହୁଅଇ ଏହା ନଶ୍ଚୟ
କର । ସେ କ କେବଳ ଯିହୁଦୀୟମାନଙ୍କର ଈଶ୍ୱର ବଦେଶୀୟମାନ ୨୯
ଙ୍କର ଈଶ୍ୱର ନୁହନ୍ତି । ସେ ବଦେଶୀୟମାନଙ୍କରହିଁ ଈଶ୍ୱର ଅଟନ୍ତି ଯେ ୩୦
ହେତୁ ଏକ ଈଶ୍ୱର ବଶ୍ୱାସରେ ସୁନ୍ନତକୁ ପୁଣି ବଶ୍ୱାସ ଦ୍ୱାରା ଅସୁନ୍ନତକୁ
ଧାର୍ମିକ କର ଗଣିବେ । ତେବେ ବଶ୍ୱାସ ଦ୍ୱାରା ଆମ୍ଭେମାନେ କ ବ୍ୟବସ୍ଥାକୁ ୩୧
ଲୋପ କର । ତେମନ୍ତ ନୋହେ ଆମ୍ଭେମାନେ ବ୍ୟବସ୍ଥାର ସ୍ଥିର କର ।

୪ ପର୍ବ ।

ଆମ୍ଭମାନଙ୍କର ପୂର୍ବପୁରୁଷ ଅବ୍ରହାମ ଶାରୀରକ କ୍ରିୟାରୁ କୀ ପାଇଅଛନ୍ତି ୧
ଏଥିରେ କ କୋଇବା । ସେ ଯେବେ ନଜ କ୍ରିୟାରେ ଧାର୍ମିକ ଗଣିତ ହୁଅନ୍ତା ୨
ତେବେ ସେ ଦର୍ପ କର ପାରନ୍ତା ମାଏ ଈଶ୍ୱରର ସମ୍ମୁରେ ତାହା ନ ହୁଅଇ ! ୩
ଏଥିରେ ଶାସ୍ତ୍ର କ ଲେଖା ଯଥା । ଅବ୍ରହାମ ଈଶ୍ୱରକୁ ବଶ୍ୱାସ କରବାରୁ
ସେ ବଶ୍ୱାସ ତାହାର ପ୍ରତି ଧର୍ମଯଣ ନମନ୍ତେ ଗଣିତ ହେଲା । କର୍ମକାରର ୪
ଯେ କରଡନ ସେ ଅନୁଗ୍ରହର ଫଳ ନୋହେ ପୁଣି ତାହାର ଉପାର୍ଜିତ କର
ମଣିବାକୁ ହୁଅଇ । ପୁଣି ଯେ ଅଧର୍ମକୁ ଧାର୍ମିକ କର ଗଣନ୍ତି ତାହାଙ୍କର ଉପ ୫
ରେ ଯେଉଁ କର୍ମଶୂନ ଲୋକ ବଶ୍ୱାସ କରଇ ତାହାର ସେ ବଶ୍ୱାସ ଧର୍ମଯଣ
ନମନ୍ତେ ଗଣିତ ହୁଅଇ । ଅଉ ନଜେ କ୍ରିୟାଶୂନ ହୋଇଲେ ଈଶ୍ୱର ଯା ୬
ହାକୁ ଧାର୍ମିକ କର ଗଣନ୍ତି ତାହାର ପ୍ରାପ୍ତ ଆଶୀବାଦ ବଷୟରେ ଦାଉଦର
ବର୍ଣନା କରଅଛନ୍ତି ଯଥା । ଯେଉଁମାନଙ୍କର ଅଧର୍ମ କ୍ଷମା ହୋଇଅଛନ୍ତି ୭
ଯେଉଁମାନଙ୍କର ପାପ ଆଚ୍ଛାଦତ ହୋଇଅଛନ୍ତି ସେମାନେ ଧନ୍ୟ । ପରମେ ୮
ଶ୍ୱର ଯାହାକୁ ପାପରୂପେ ଗଣନା ନ କରନ୍ତି ସେ ଜନ ଧନ୍ୟ ।

ଏହି ଉକ୍ତ ଆଶୀବାଦ ସୁନ୍ନତର କ ଅବା ଅସୁନ୍ନତର କାହାର ପ୍ରତି ବର୍ତ୍ତି ୯
ଅଛି ଯେଣୁ ଅବ୍ରହାମର ବଶ୍ୱାସ ତାହାର ପ୍ରତି ଧର୍ମ ନମନ୍ତେ ଗଣିତ ହୋଇଲା
ଆମ୍ଭେମାନେ ଏହା କୋଇ । କ ପ୍ରକାରରେ ଗଣିତ ହେଲା କ ତାହାର ସୁନ୍ନତ ୧୦
ସମୟରେ ଅବା ଅସୁନ୍ନତ ସମୟରେ । ସୁନ୍ନତ ସମୟରେ ନୋହେ ପୁଣି ଅସୁ
ନ୍ନତ ସମୟରେ । ଏଣୁ ତାହାର ସୁନ୍ନତ ନୋହିଲେ ବଶ୍ୱାସ କରବାରେ ୧୧
ଯେଉଁ ଧର୍ମଯଣ ପ୍ରାପ୍ତ ହେଲା ଉହିଁରେ ସେ ଏହ ସୁନ୍ନତ ଚିହ୍ନ ଏକ ପ୍ରମାଣସ୍ୱରୂପ
ପାଇଲା । ତେଣୁ ସବୁ ଅସୁନ୍ନତ ବଶ୍ୱାସକାରମାନେ ଯେମନ୍ତ ଧାର୍ମିକ ଗଣିତ
ହୁଅନ୍ତି ଏଥିପାଁଇ ସେ ସେମାନଙ୍କର ଆଦିପୁରୁଷ ହୋଇଲା । ଅଡୁର ଅମ୍ମା ୧୨
ଙ୍କର ଆଦିପୁରୁଷ ଅବ୍ରହାମର ଅସୁନ୍ନତ ସମୟରେ ଯେଉଁ ବଶ୍ୱାସ ଥିଲା

ସେଉପ ବିଶ୍ୱାସ କରି ଯେଉଂମାନେ କେବଳ ସୁନ୍ନତୀ ହୁଅନ୍ତି ତାହା ନୋହେ
ମାତ୍ର ତାହାର ପଦଚିହ୍ନ ଦେଇ ଗମନ କରନ୍ତି ଏପରି ସୁନ୍ନତୀମାନଙ୍କରହିଁ ଆଦି
ପୁରୁଷ ସେ ହୋଇଲା ।
୧୩ ଯେଣୁ ଅବ୍ରହାମ ଜଗତର ଅଧିକାରୀ ହୋଇବ ତାହାକୁ ପୁଣି ତାହାର ବଂ
ଶକୁ ଏହି ଯେଉଂ ପ୍ରତିଜ୍ଞା ବଚନ ଦିୟା ଗଲା ତାହା ବ୍ୟବସ୍ଥାରେ ନୋହେ ପୁଣି
୧୪ ବିଶ୍ୱାସରୁ ଯେଉଂ ଧର୍ମ ତହିଁରେ ଦିୟା ଗଲା । ଯେହେତୁ ବ୍ୟବସ୍ଥା ଅବଲ
ମ୍ବିମାନେ ଯେବେ ଅଧିକାରୀ ହୁଅନ୍ତି ତେବେ ବିଶ୍ୱାସ ନିଷ୍ଫଳ ହୁଅଇ ପୁଣି
୧୫ ଏ ପ୍ରତିଜ୍ଞା ବୃଥା କରା ଯାୟେ । ଆହୁରି ବ୍ୟବସ୍ଥା କ୍ରୋଧର ଜନକ ହୁଅଇ
ଯେହେତୁ ଯେଉଂଠାରେ ବ୍ୟବସ୍ଥା ନାହିଁ ସେଠାରେ ଆଜ୍ଞା ଲଙ୍ଘନ ନାହିଁ ।
୧୬ ଏନିମନ୍ତେ କେବଳ ବ୍ୟବସ୍ଥା ଅବଲମ୍ବି ଲୋକମାନଙ୍କର ପ୍ରତି ନୋହେ ପୁଣି
ଅବ୍ରହାମର ସଦୃଶ୍ୟ ବିଶ୍ୱାସକାରି ସମସ୍ତଙ୍କର ପ୍ରତି ସେ ପ୍ରତିଜ୍ଞା ଯେମନ୍ତ
ଅଟଳ ହୁଅଇ ଏଥିପାଁଇ ଅନୁଗ୍ରହରୁ ବିଶ୍ୱାସ ଦ୍ୱାରା ତାହାର ଅଧିକାର
୧୭ ହୁଅଇ । ଆଉ ଯେ ମୃତ୍ୟୁକୁ ସଜୀବ ଓ ଅବର୍ତ୍ତମାନଙ୍କୁ ବର୍ତ୍ତମାନ କରି କହନ୍ତି
ଯାହାଙ୍କୁ ଅବ୍ରହାମ ବିଶ୍ୱାସ କଲା ଏମନ୍ତ ଯେ ଈଶ୍ୱର ତାହାଙ୍କର ଗୋଚରେ
ସେ ଆମ୍ଭମାନଙ୍କର ସମସ୍ତର ଆଦିପୁରୁଷ ଅଟଇ ଯେମନ୍ତ ଲେଖାଅଛି ଯଥା ।
ଆମ୍ଭେ ତୁମ୍ଭକୁ ଅନେକ ଜାତିର ଆଦି ପୁରୁଷ କରି ନିଯୁକ୍ତ କରିଅଛୁଁ ।
୧୮ ପୁଣି ତେମନ୍ତ ତୁମ୍ଭର ବଂଶ ହୋଇବେ ଏହି ଉକ୍ତ ବଚନ ଅନୁସାରେ
ଅବ୍ରହାମ ଅନେକ ଜାତିର ଆଦି ପୁରୁଷ ଯେମନ୍ତ ହେବ ଏହିହେତୁ ଅଭରସା
୧୯ ଲକ୍ଷଣ ହେଲେହେଁ ସେ ବିଶ୍ୱାସ କରି ଭରସା କଲା । ଆଉ ତାହାର ବିଶ୍ୱାସ
ଦୁର୍ବଳ ନ ହୋଇ ଶୟେ ବରଷ ବୟସରୁଂ ଆପଣା ଦେହ ଜରା ଅବା ଆପ
୨୦ ଣାର ତିରୀ ଶାରାର ରଳ ନିବୃତ୍ତି ତାହା ନ ମାନି ଅବିଶ୍ୱାସ ସକାଶୁଂ ଈଶ୍ୱ
୨୧ ରର ପ୍ରତିଜ୍ଞାରେ କିଛି ସନ୍ଦେହ ନ କଲା । ପୁଣି ଈଶ୍ୱର ଯାହା ପ୍ରତିଜ୍ଞା କରି
ଅଛନ୍ତି ତାହା ସେ ସଫଳ କରିବାକୁ ପାରନ୍ତି ଏହା ନିଶ୍ଚୟ ବୁଝି ସେ ଦୃଢ଼
୨୨ ବିଶ୍ୱାସ କରିବାରୁଂ ଈଶ୍ୱରର ମହିମା ପ୍ରକାଶ କଲା । ଏହି ହେତୁରୁଂ ସେ
୨୩ ବିଶ୍ୱାସ ତାହାର ପ୍ରତି ଧର୍ମପଣ ନିମନ୍ତେ ଗଣିତ ହେଲା । ତଥାପି ତାହାର
ପ୍ରତି ଗଣିତ ହେଲା ଏହି ଯେ କଥା କେବଳ ତାହାର ପାଁଇ ଲେଖାଅଛି ତାହା
୨୪ ନୋହେ ଆମ୍ଭମାନଙ୍କର ନିମନ୍ତେହେଂ ଲେଖା ଅଛି । ଯେହେତୁ ଯେ ଆମ୍ଭମା
ନଙ୍କର ପାପର ସକାଶେ ସମର୍ପିତ ପୁଣି ଆମ୍ଭମାନଙ୍କୁ ଧାର୍ମିକ କରି ଗଣିବାର
୨୫ ସକାଶେ ଉତ୍ଥିତ ହୋଇଲେ ଏମନ୍ତେ ଆମ୍ଭମାନଙ୍କର ପ୍ରଭୁ ଯୀଶୁ ତାହାଙ୍କୁ
ମୃତ୍ୟୁରୁ ଉଠାଇଲା କର୍ତ୍ତାଠାରେ ଯେବେ ବିଶ୍ୱାସ କରି ତେବେ ଆମ୍ଭମାନ
ଙ୍କର ସେ ବିଶ୍ୱାସ ଧର୍ମପଣ ନିମନ୍ତେ ଗଣିତ ହୋଇବ ।

## ୫ ପତ୍ର ।

ଏଣୁ ବିଶ୍ୱାସରେ ଧର୍ମବନ୍ତ ଗଣିତ ହେବାରୁ ଈଶ୍ୱରର ସଙ୍ଗରେ ପ୍ରଭୁ ୧
ଯୀଶୁଖ୍ରୀଷ୍ଟ ଦ୍ୱାରା ଆମ୍ଭମାନଙ୍କର ମିଳଣ ହେଉଅଛୁ । ଅଉ ବିଶ୍ୱାସ କରି ୨
ତାହାଙ୍କ ଦ୍ୱାରା ଏହି ଅନୁଗ୍ରହରେ ପ୍ରବେଶି ସ୍ଥିର ହୋଇ ଆମ୍ଭେମାନେ ଈଶ୍ୱ
ରର ଐଶ୍ୱର୍ଯ୍ୟ ପାଇବାର ଭରସାରେ ଆନନ୍ଦ କରୁଁ ଥାଇ । କେବଳ ତାହା ୩
ନୋହେ ପୁଣି କ୍ଲେଶ ଭୋଗରେ ଆନନ୍ଦ କର ଯେହେତୁ କ୍ଲେଶଠାରୁ ଧୈର୍ଯ୍ୟ ୪
ଜନ୍ମଇ ଧୈର୍ଯ୍ୟଠାରୁ ଜ୍ଞାତସାର ଜନ୍ମଇ ଜ୍ଞାତସାରଠାରୁ ଭରସା ଜନ୍ମଇ ସେ ୫
ଭରସାଠାରୁ ଲଜ୍ଜା ନ ଜନ୍ମର ଯେହେତୁ ଆମ୍ଭମାନଙ୍କୁ ଦତ୍ତ ଧର୍ମ ଆତ୍ମାଦ୍ୱାରା
ଆମ୍ଭମାନଙ୍କର ଅନ୍ତଃକରଣରେ ଈଶ୍ୱରର ପ୍ରେମ ବ୍ୟାପ୍ତ ହୁଅଇ । ଆମ୍ଭେ ୬
ମାନେ ନରୂପାତ୍ମା ହେଲେହେଁ ଖ୍ରୀଷ୍ଟ ଯଥାସମୟରେ ପାପିମାନଙ୍କର ପାଁଇ
ମଲେ । ସୁଜନର ପାଁଇ ପ୍ରାତ୍ମା କେହି ନ ମରବ ମଙ୍ଗଲକାର ପାଁଇ କେହି ୭
ଅବା ମରବାକୁ ସାହସିକ ହୋଇ ଥିବେ । ପୁଣି ଆମ୍ଭେମାନେ ପାପିଷ୍ଠ ହେ ୮
ଲେହେଁ ଖ୍ରୀଷ୍ଟ ଆମ୍ଭମାନଙ୍କର ପାଁଇ ମଲେ ଏଥିରେ ଈଶ୍ୱର ଆମ୍ଭମାନଙ୍କର
ପ୍ରତି ଆପଣା ପ୍ରେମର ସ୍ୱପ୍ରକାଶ କରୁଛନ୍ତି । ଏନ୍ତମନ୍ତ୍ରେ ତାହାଙ୍କର ରକ୍ତପାତ ୯
ରେ ଏକ୍ଷଣି ଧର୍ମବନ୍ତ ଗଣିତ ହୋଇ ଆମ୍ଭେମାନେ ନିଶ୍ଚୟ ତାହାଙ୍କ ଦ୍ୱାରା ଦଣ୍ଡରୁ
ରକ୍ଷା ପାଇବା । ଆମ୍ଭେମାନେ ଶତ୍ରୁ ହେଲେହେଁ ଯଦ୍ୟପି ଈଶ୍ୱରର ପୁତ୍ରର ୧୦
ମରଣରେ ତାହାଙ୍କର ସହିତ ମିଳଣ ପାଇଲୁଁ ତେବେହେଁ ମିଳଣ ପାଇ
ଲ୍ପେ ତାହାଙ୍କର ଜୀବନରେ ଅବଶ୍ୟ ଆମ୍ଭମାନଙ୍କର ରକ୍ଷା ହେବ । କେବଳ ୧୧
ତାହା ନୋହେ ପୁଣି ଯାହାଙ୍କ ଦ୍ୱାରା ଏତେବେଳେ ମିଳଣ ପାଇଅଛୁଁ ଏନ୍ତମନ୍ତ୍ରେ
ଆମ୍ଭମାନଙ୍କର ପ୍ରଭୁ ଯୀଶୁଖ୍ରୀଷ୍ଟ ତାହାଙ୍କ ଦ୍ୱାରା ଆମ୍ଭେମାନେ ଈଶ୍ୱରରେ ଆନନ୍ଦ
କରୁଁ ଥାଇ ।

ଏଣୁ ଏକ ମନୁଷ୍ୟର ଦ୍ୱାରା ପାପ ଓ ପାପ ଦ୍ୱାରା ମୃତ୍ୟୁ ଜଗତରେ ପ୍ରବେଶିଲା ପୁଣି ୧୨
ତହିଁରେ ସମସ୍ତେ ପାପିଷ୍ଠ ହେବାରୁ ମୃତ୍ୟୁ ସମସ୍ତ ଲୋକଙ୍କଠାରେ ପହଞ୍ଚିଲା ।
ଯେଣୁ ବ୍ୟବସ୍ଥା ଦେବା ପର୍ଯ୍ୟନ୍ତ ପାପ ଜଗତରେ ଥିଲା ମାତ୍ର କୌଣସି ବ୍ୟ ୧୩
ବସ୍ଥା ନ ଥିଲେ ପାପର ଗଣତି ନୁହଇ । ତେବେହେଁ ଆଗମନ ଜନର ପ୍ରତିରୂପ ୧୪
ଯେ ଆଦମ ତାହାର କୃତ ପାପର ତୁଲ୍ୟପାପ ଯେଉଁମାନେ କରି ନାହାନ୍ତି ସେ
ମାନଙ୍କର ଉପରେହେଁ ଆଦମଠାରୁ ମୋଶା ଯାଏଁ ମୃତ୍ୟୁ ଜସ୍ୱୀ ହୋଇଲା ।
ପୁଣି ଯେମନ୍ତ ଅପରାଧ ତେମନ୍ତ ଅନୁଗ୍ରହ ଦାନ ନୁହଇ ଯେହେତୁ ଜଣକର ୧୫
ଅପରାଧରେ ଯେବେ ସମୂହର ମୃତ୍ୟୁଗ୍ରସ୍ତ ହୁଅଇ ତେବେହେଁ ଈଶ୍ୱରର ଅନୁ
ଗ୍ରହ ଏକ ଜନର ଅର୍ଥାତ୍ ଯୀଶୁଖ୍ରୀଷ୍ଟର ଅନୁଗ୍ରହ ଦାନର ଦ୍ୱାରା ଅନ୍ୟର ବାହୁ

୧୬ ଲ୍ୟୁଟ୍ରପେ ସମୂହଙ୍କୁ ଖଟଇ । ଆଉ ଜନେକ ପାପକାରିର ଦ୍ୱାରା ଯେମନ୍ତ ହୁଅଇ
ଦାନ ତେମନ୍ତ ନୁହଇ ଯେଣୁ ଏକ ଅପରାଧ ଲାଗି ଦଣ୍ଡଭୋଗ ପର୍ଯ୍ୟନ୍ତେ ଆଜ୍ଞା
ଖଟିଲା ମାତ୍ର ଅନୁଗ୍ରହ ଦାନ ଅନେକ ପାପ ଲାଗି ଧାର୍ମିକ ଗଣତି ପର୍ଯ୍ୟନ୍ତେ
୧୭ ଖଟଇ । ଆବର ଜଣକର ଅପରାଧରେ ଯେବେ ଏକର ଦ୍ୱାରା ମୃତ୍ୟୁ ରାଜ୍ୟ
କଲା ତେବେ ଯେଉଂମାନେ ବାହୁଲ୍ୟ ଅନୁଗ୍ରହ ଓ ଧର୍ମସ୍ୱରୂପ ଦାନ ପାଅନ୍ତି
ସେମାନେ ସେ ଏକ ଜଣ ଅର୍ଥାତ୍ ଯୀଶୁଖ୍ରୀଷ୍ଟ ଦ୍ୱାରା ପରମାୟୁରେ ଆହୁରି
୧୮ ରାଜ୍ୟ କରିବେ । ତେଣୁ କରି ଏକ ଅପରାଧର ଦ୍ୱାରା ଯେମନ୍ତ ସର୍ବ ଜନଙ୍କର
ପ୍ରତି ଦଣ୍ଡାଜ୍ଞା ଖଟିଲା ତେମନ୍ତହେଂ ଏକ ଧର୍ମର ଦ୍ୱାରା ପରମାୟୁରୂପ ଧାର୍ମିକ
୧୯ ଗଣତି ସର୍ବ ଜଣଙ୍କର ପ୍ରତି ଖଟଇ । ଆଉ ଜଣକର ଆଜ୍ଞା ମେଣ୍ଟାଣରେ ସମୂହ
ପାପିଷ୍ଠ ହୋଇଲେ ତେମନ୍ତ ଜଣକର ଆଜ୍ଞା ପାଳଣରେ ସମୂହ ଧାର୍ମିକ ଗଣିତ
୨୦ ହୁଅନ୍ତି । ଆବର ଅପରାଧର ବୃଦ୍ଧି ହେବା ପାଁଇ ବ୍ୟବସ୍ଥା ଆସି ପ୍ରବେଶିଲା
ମାତ୍ର ଯେଉଂଠାରେ ପାପ ବଢ଼ିଲା ସେଠାରେ ଅନୁଗ୍ରହ ଆହୁରି ବଢ଼ିଲା ।
୨୧ ଏଣୁ ପାପ ରାଜ୍ୟ କରି ଯେମନ୍ତ ମୃତ୍ୟୁ ଖଟଇ ତେମନ୍ତ ଆମ୍ଭମାନଙ୍କର ପ୍ରଭୁ
ଯୀଶୁଖ୍ରୀଷ୍ଟ ଦ୍ୱାରା ଧର୍ମ ଗଣତିରେ ଅନୁଗ୍ରହ ରାଜ୍ୟ କରି ଅନନ୍ତ ପରମାୟୁ ଖଟଇ ।

## ୬ ପର୍ବ ।

୧ ଏଥିରେ ଅନୁଗ୍ରହ ଆହୁରି ବଢ଼ି ଯିବାର ନିମନ୍ତେ ଆମ୍ଭେମାନେ ପାପରେ
୨ ରହିବା କି ଏହା ବୋଲିବା । ତାହା ନ ହେଉ । ପାପର ପ୍ରତି ମୃତ ଯେ ଆମ୍ଭେ
୩ ମାନେ ତହିଂରେ କିପ୍ରକାରେ ଆଉ ଜୀବନ କାଟିବା । ଆମ୍ଭମାନଙ୍କର ଯେତେ
ଲୋକ ଯୀଶୁ ଖ୍ରୀଷ୍ଟରେ ଡୁବିତ ହେଲୁଁ ତେତେଲୋକ ତାହାଙ୍କର ମରଣରେ
୪ ଡୁବିତ ହୋଇଲୁ ଏହା କି ଜାଣି ନାହଁ । ତହିଂରେ ଆମ୍ଭେମାନେ ମୃତ୍ୟୁ ସୂଚକ
ଡୁବନରେ ଖ୍ରୀଷ୍ଟ ସହିତ କବର ପ୍ରାପ୍ତ ହୋଇ ତେଣୁ ଖ୍ରୀଷ୍ଟ ପିତାର ପରାକ୍ରମ
ରେ ମୃତ୍ୟୁରୁ ଯେମନ୍ତ ଉଠିତ ହୋଇ ଥିଲା ତେମନ୍ତ ଆମ୍ଭମାନଙ୍କର ନୂତନ ଜୀ
୫ ବନ ଧରି ଆଚରିବାକୁ ଉଚିତ । ଆଉ ଆମ୍ଭେମାନେ ଯେବେ ତାହାଙ୍କର ମୃତ୍ୟୁର
୬ ଉପମାରେ ଭାଗୀ ହୋଇ ତେବେ ଉତ୍ଥାନରହିଁ ଭାଗୀ ହୋଇବା । ପାପର
ସେବା ଯେମନ୍ତ ଆଉ ନ କରି ଏଥିପାଁଇ ପାପରୂପ ଶରୀର ନଷ୍ଟ ହେବାର ନିମ
ନ୍ତେ ଆମ୍ଭମାନଙ୍କର ପୁରୁଣା ସ୍ୱଭାବ ତାହାଙ୍କର ସହିତ କୃଶରେ ହତ ହେଲା
୭ ଏହା ବୋଧ କରି । ଏମନ୍ତ ମୃତ ହେଲେହେଁ ପାପରୁ ମୁକ୍ତ ହୁଅଇ । ଏଣୁ
୮ ଆମ୍ଭେମାନେ ଯେବେ ଖ୍ରୀଷ୍ଟର ସଙ୍ଗରେ ମୃତ ହୋଇ ତେବେ ତାହାଙ୍କର
୯ ସଙ୍ଗରେହେଁ ସଜୀବ ହୋଇବା ଏହା ଆମ୍ଭେମାନେ ବିଶ୍ୱାସ କରି । ଖ୍ରୀଷ୍ଟ
ମୃତ୍ୟୁରୁ ଉଠିତ ହୋଇଲେ ମୃତ୍ୟୁର କର୍ତ୍ତାପଣ ତାହାଙ୍କର ଉପରେ ଆଉ ନ

ଥିବାରୁ ସେ ଆଉ ନ ମରିବେ ବୋ। ଆମ୍ଭେମାନେ ଜାଣି । ଆଉ ସେ ଯେ ୧୦
ମୃତ୍ୟୁ ଭୋଗ କଲେ ଉହାଂରେ ଏକାବେଳେ ପାପର ପ୍ରତି ମଲେ ପୁଣି ଜୀବନ
ପ୍ରାପ୍ତ ହେଲେ ଉହାଂରେ ଈଶ୍ୱରଙ୍କର ପ୍ରତି ସଜୀବ ହୋଇଅଛନ୍ତି । ତେ ୧୧
ମନ୍ତ ତୁମ୍ଭେମାନେ ପାପର ପ୍ରତି ମୃତ ପୁଣି ଆମ୍ଭମାନଙ୍କର ପ୍ରଭୁ ଯୀଶୁଖ୍ରୀଷ୍ଟ
ଦ୍ୱାରା ଈଶ୍ୱରର ପ୍ରତି ସଜୀବ ଏହାପର ଆପଣାମାନଙ୍କର ବିଷୟରେ ମଣ ।

ଏନମନ୍ତେ କୁଅଭିଳାଷ ପୂର୍ଣ କରବାର ପାଁଇ ତୁମ୍ଭ ମର୍ତ୍ୟ ଦେହରେ ୧୨
ପାପକୁ ରାଜ୍ୟ କରବାକୁ ନ ଦିଅ । ପୁଣି ଆପଣା ଅଙ୍ଗକୁ ଅଧର୍ମରୂପ ଅସ୍ତ୍ର ୧୩
କରି ପାପ ସେବାରେ ସମର୍ପି ନ ଦିଅ । ମାଏ ମୃତ୍ୟୁରୁ ସଜୀବ ହେବାରେ ଆପ
ଣାମାନଙ୍କୁ ପୁଣି ଈଶ୍ୱରର ଧର୍ମ ଅସ୍ତ୍ରସ୍ୱରୂପ ଆପଣା ଆପଣା ଅଙ୍ଗକୁ ଈଶ୍ୱରଙ୍କଠାରେ
ସମର୍ପି ଦିଅ । ତୁମ୍ଭେମାନେ ବ୍ୟବସ୍ଥାର ଅଧୀନରେ ନ ହୋଇ ଅନୁଗ୍ରହର ୧୪
ଅଧୀନରେ ହୋଇଅଛ ଯେଣୁ ପାପ ତୁମ୍ଭମାନଙ୍କର ଉପରେ ଆଉ ରାଜ୍ୟ ନ
କରିବ । ମାଏ ଆମ୍ଭେମାନେ ବ୍ୟବସ୍ଥାର ଅଧୀନରେ ନ ହୋଇ ଅନୁଗ୍ରହର ୧୫
ଅଧୀନରେ ହେଉଅଛୁଁ ବୋଲି ପାଁଇ ଆମ୍ଭେମାନେ କି ପାପ କରିବା ଚାହା ନ
ହେଉ । ଯେହେତୁ ମୃତ୍ୟୁ ଜନକ ପାପକୁ ଅବା ଧର୍ମ ଜନକ ଆଜ୍ଞା ପାଳଣକୁ ୧୬
ଏହାର ମଧ୍ୟରେ ଯାହାର ସେବାରେ ଆପଣାମାନଙ୍କୁ ସମର୍ପଣ କର ଆଜ୍ଞା
କାରୀ ହୁଅ ତାହାର ଦାସ ତୁମ୍ଭେମାନେ ଅଛ ଏହା କି ଜାଣି ନାହଁ । ଆଉ ୧୭
ପୂର୍ବରେ ତୁମ୍ଭେମାନେ ପାପର ଦାସ ଥିଲ ମାତ୍ର ପୁଣି ଯେଉଁ ଶିକ୍ଷାରୂପ
ଛାଞ୍ଚରେ ଢଳା ହୋଇଲ ତାହାର ଅନ୍ତଃକରଣ ମନରେ ଧାରଣ କରିଅଛ
ବୋଲି ଈଶ୍ୱରର ଧନ୍ୟବାଦ ହେଉ । ଏମନ୍ତେ ପାପରୁ ମୁକ୍ତ ହୋଇ ୧୮
ତୁମ୍ଭେମାନେ ଧର୍ମର ଦାସ ହେଉଅଛ । ତୁମ୍ଭମାନଙ୍କର ଶାରୀରିକ ଦୁର୍ବଳତା ୧୯
ସକାଶୁ ଆମ୍ଭେ ମନୁଷ୍ୟର ନ୍ୟାୟ କହା ବୋଲି । ପୂର୍ବରେ ଉତ୍ତର ଅଧର୍ମ
କରିବାର ପାଁଇ ଯେମନ୍ତେ ପାପର ଓ ଅଶୁଚିର ଦାସପଣରେ ଆପଣା
ଅଙ୍ଗକୁ ସମର୍ପଣ କର ଥିଲ ତେମନ୍ତେ ସଦ୍ଧର୍ମ କରିବା ପାଁଇ ଏବେବେଳେ
ଧର୍ମର ଦାସପଣରେ ଆପଣା ଅଙ୍ଗକୁ ସମର୍ପଣ କର । ଯେତେବେଳେ ତୁ ୨୦
ମ୍ଭେମାନେ ପାପର ଦାସଗଣ ଥିଲ ସେତେବେଳେ ଧର୍ମବର୍ଜିତ ଥିଲ । ତେଣୁ ୨୧
ଯେ ସବୁ କର୍ମ ତୁମ୍ଭେମାନେ ଏବେ ଲଜ୍ଜାବିଷୟ ବୋଧ କର ପୂର୍ବରେ
ଉହାଁରି ତୁମ୍ଭମାନଙ୍କର କି ଲାଭ ଥିଲା ଯେଣୁ ସେ ସବୁ କର୍ମର ଫଳ ମୃତ୍ୟୁ । ୨୨
ପୁଣି ଏତେବେଳେ ତୁମ୍ଭେମାନେ ପାପରୁ ମୁକ୍ତ ହୋଇ ଈଶ୍ୱରର ଦାସଗଣ
ହେବାରୁ ତୁମ୍ଭମାନଙ୍କର ଧର୍ମ ଜନକ ଫଳ ପୁଣି ଶେଷରେ ଅନନ୍ତ ପରମାୟୁର
ଭୋଗ ଅଛ । ଯେହେତୁ ପାପର କରଡନ ମୃତ୍ୟୁ ପୁଣି ଆମ୍ଭମାନଙ୍କର ପ୍ରଭୁ ୨୩
ଯୀଶୁଖ୍ରୀଷ୍ଟର ଦ୍ୱାରା ଈଶ୍ୱରର ଅନୁଗ୍ରହ ଦାନ ଅନନ୍ତ ପରମାୟୁ ଅଟଇ ।

## ୭ ପର୍ବ ।

୧ ହେ ଭାଇମାନେ ବ୍ୟବସ୍ଥା ଜାଣିବାର ଲୋକକୁ ଆମ୍ଭେ ବୋଲି । ଜୀବନ ଥିବା
ଯାୟେ ମନୁଷ୍ୟର ଉପରେ ବ୍ୟବସ୍ଥାର କର୍ତ୍ତାପଣ ଅଛି ଏହା କି ତୁମ୍ଭେମାନେ
୨ ଜାଣି ନାହଂ । ଯେ ସରିକି ସ୍ୱାମି ବଞ୍ଚି ଥାୟେ ସେ ସରିକି ବିବାହିତ ତିରୀ ତାହାକୁ
ବ୍ୟବସ୍ଥାରେ ବନ୍ଦ ଥାୟେ ନୋହିଲେ ସ୍ୱାମୀର ଯେବେ ମୃତ୍ୟୁ ହୁଅଇ ତେବେ
୩ ସେ ସ୍ତ୍ରୀ ସ୍ୱାମିର ବ୍ୟବସ୍ଥାରୁ ମୁକ୍ତ ହୁଅଇ । ଏନିମନ୍ତେ ସ୍ୱାମୀ ସଜୀବ ହୋଇଲେ
ଯେବେ ଆନ ପୁରୁଷକୁ ବିବାହ କରଇ ତେବେ ସେ ବ୍ୟଭିଚାରିଣୀ ହୁଅଇ ।
ମାତ୍ର ସେ ସ୍ୱାମୀର ମୃତ୍ୟୁ ହୋଇଲେ ସେ ବ୍ୟବସ୍ଥାରୁ ମୁକ୍ତ ହୁଅଇ ପୁଣି ଆନ
ପୁରୁଷକୁ ଯେବେ ବିବାହ କରଇ ତେବେ ସେ ବ୍ୟଭିଚାରିଣୀ ନ ହୁଅଇ ।
୪ ହେ ଆମ୍ଭର ଭାଇମାନେ ଖ୍ରୀଷ୍ଟର ଶରୀର ଦ୍ୱାରା ତୁମ୍ଭେମାନେ ବ୍ୟବସ୍ଥା ସମ୍ବନ୍ଧେ
ମୃତ ହେଉଅଛ ଏଣୁ ଈଶ୍ୱରଙ୍କ ପ୍ରତି ଯେହେ ଆମ୍ଭମାନଙ୍କର ଫଳ ଜନ୍ମଇ
ଏଥିପାଇଁ ଆନର ସଙ୍ଗରେ ଅର୍ଥାତ୍ ଯେ ମୃତାବସ୍ଥାରୁ ଉଠିତ ହୋଇଅଛି
୫ ତାହାଙ୍କ ସଙ୍ଗରେ ତୁମ୍ଭମାନଙ୍କର ବିବାହ ହେବାକୁ ଉଚିତ । ଯେଣୁ ଆମ୍ଭମା
ନଙ୍କଶାରୀରିକ ଆଚାର କରିବା ସମୟରେ ବ୍ୟବସ୍ଥାରେ ମନା ପାପାଭିଳାଷ
୬ ଆମ୍ଭମାନଙ୍କର ଅଙ୍ଗରେ ସଜୀବ ହୋଇ ମୃତ୍ୟୁରୂପ ଫଳ ଉତ୍ପନ୍ନ କଲା । ପୁଣି
ଯେଉଂ ବ୍ୟବସ୍ଥାର ଅଧୀନ ଥିଲୁଁ ତାହାର ପ୍ରତି ଏବେହେଁ ମୃତ ହେବାରୁଂ
ଆମ୍ଭେମାନେ ଯେମନ୍ତ ବ୍ୟବସ୍ଥାର ପୁରୁଣା ମତରେ ନୋହି ଆତ୍ମର ନୂଆ
ମତରେ ଈଶ୍ୱରର ସେବା କରି ଏଥିପାଇଁ ବ୍ୟବସ୍ଥାର ଅଧୀନରୁ ମୁକ୍ତ
ହେଉଅଛୁଁ ।
୭ ତେବେ କି ବୋଲିବା ବ୍ୟବସ୍ଥା କି ପାପଯୁକ୍ତ । ତାହା କେବେ ନୋହେ
ଯେଣୁ ବ୍ୟବସ୍ଥା ନୋହିଲେ ପାପ କି ତାହା ନ ଜାଣନ୍ତୁଁ । ଯେହେତୁ ଲୋଭ
ନ କର ବ୍ୟବସ୍ଥାରେ ଏକଥା ଉକ୍ତ ନ ହୁଅନ୍ତା ଆମ୍ଭେ କୁକାମନା ଜ୍ଞାତସାର
୮ ନ ହୁଅନ୍ତୁଁ । ପୁଣି ବ୍ୟବସ୍ଥା ଦ୍ୱାରା ପାପ ଅବକାଶ ପାଇ ଆମ୍ଭର ଅନ୍ତରେ
ସବୁ ପ୍ରକାର କୁଅଭିଳାଷ ଜନ୍ମାଇଲା । ଯେହେତୁ ବ୍ୟବସ୍ଥା ଛଡା ପାପ
୯ ମୃତ ଥିଲା । ଏଣୁ ପୂର୍ବରେ ବ୍ୟବସ୍ଥା ଛଡା ଆମ୍ଭେ ଜୀବିତ ଥିଲୁଁ ପୁଣି ଆଜ୍ଞା
୧୦ ଉପସ୍ଥିତ ହେବାବେଳେ ପାପ ସଜୀବ ହୁଅନ୍ତେ ଆମ୍ଭେ ମଲୁଂ । ଏମନ୍ତେ
୧୧ ଜୀବନ ଦାୟକ ଯେଉଂ ଆଜ୍ଞା ତାହା ଆମ୍ଭକୁ ମୃତ୍ୟୁଜନକ ହୋଇଲା । ଯେହେତୁ
ପାପ ଅବକାଶ ପାଇ ଆଜ୍ଞା ଦ୍ୱାରା ଆମ୍ଭକୁ ଭୁଲାଇ ତହିଁରେ ଆମ୍ଭକୁ ସଂହାର
୧୨ କଲା । ଏଥିପାଇଁ ବ୍ୟବସ୍ଥା ପବିତ୍ର ପୁଣି ଆଜ୍ଞା ପବିତ୍ର ଓ ନ୍ୟାୟ ଓ ହିତଦାୟକ
ହୁଅଇ । ତେବେ ଯେ ନିଜେ ହିତଦାୟକ ସେ କି ଆମ୍ଭକୁ ମୃତ୍ୟୁ ଜନକ ହୋ

ଇଲା । କେବେହେଁ ନୋହେ ପୁଣି ପାପକୁ ଯେମନ୍ତ ପାପର ମଉ ଦେଖା ଯାଏ । ୩
ପୁଣି ଆଜ୍ଞା ଦ୍ୱାରା ପାପକୁ ଯେମନ୍ତ ଅତିଶୟ ପାପିଷ୍ଠ ମଉ ଦେଖା ହୋଏ
ଏଣୁ ହଉଦାତ୍ମକ ବସ୍ତୁ ଦ୍ୱାରା ଆମ୍ଭଠାରେ ମୃତ୍ୟୁ ଜନ୍ମାଇଲା । ବ୍ୟବସ୍ଥା
ଯେ ପାରମାର୍ଥିକ ଏହା ଅମ୍ଭେମାନେ ଜାଣି ପୁଣି ଆମ୍ଭେ ଶାରୀରକ ଓ ପାପର । ୪
ଅମ୍ଭଠାରେ ବର୍ତ୍ତୀତ ଅଛୁଁ । ଯେହେତୁ ଯାହା କରିଁ ଜାଣି ଯାହା ଆମ୍ଭେ ନ ମଣି
କରିଁ ପୁଣି ଯାହା ମଣି ଜାଣି ନ କରିଁ ମଧ୍ୟ ଯାହା ଘୃଣା କରି ଜାଣି କରି । ୫
ଥାଇ । ତେଣୁ ଯାହା ଆମ୍ଭେ ନ ମଣି ଏମନ୍ତ କର୍ମ ଯେବେ କରି ତେବେ । ୬
ବ୍ୟବସ୍ଥା ଯେ ଉତ୍ତମ ଏହା ସ୍ୱୀକାର କରି । ଏମନ୍ତ ହୋଇଲେ ସେ କର୍ମ
ଆମ୍ଭେ ନଜେ କରି ଏମନ୍ତ ନୋହେ ପୁଣି ଅମ୍ଭର ଅନ୍ତର୍ବାସୀ ଯେ ପାପ । ୭
ସେହି କରଇ । ଯେହେତୁ ଆମ୍ଭରେ ଅର୍ଥାତ୍ ଅମ୍ଭର ଶରୀରରେ କୌଣସି
ଉତ୍ତମ ବିଷୟ ବାସ ନ କରଇ ଏହା ଆମ୍ଭେ ଜାଣି । ଆମ୍ଭଠାରେ ଇଚ୍ଛା । ୮
ହେଲେହେଁ କୌଣସି ଉତ୍ତମ କର୍ମ କରିବାକୁ ଅସମର୍ଥ ହୋଇ । ଯେହେତୁ
ଯେଉଁ ଉତ୍ତମ କର୍ମ କରିବାକୁ ଗ୍ରହ ଜାହା ନ କରି ପୁଣି ଯେ ମନ୍ଦ କର୍ମ କରି । ୯
ବାକୁ ନ ଗ୍ରହ ଜାହା କରି । ଏମନ୍ତେ ଯୋ କର୍ମ କରିବାକୁ ଆମ୍ଭର ଇଚ୍ଛା । ୧୦
ନୁହଇ ଜାହା ଯେବେ କରି ତେବେ ଆମ୍ଭେ ନଜେ ଜାହା ନ କରି ପୁଣି
ଆମ୍ଭର ଅନ୍ତର୍ବାସୀ ଯେ ପାପ ସେ କରଇ । ଏଣୁ ଉତ୍ତମ କରିବାକୁ ଇଚ୍ଛା । ୧୧
ହୋଇଲେ ମନ ଉପସ୍ଥିତ ହୋଏ ଏମନ୍ତ ଏକ ସ୍ୱଭାବ ଆମ୍ଭେ ଦେଖିବାକୁ
ପାଇ । ଆମ୍ଭେ ଆନ୍ତରିକ ସ୍ୱଭାବରେ ଈଶ୍ୱରର ବ୍ୟବସ୍ଥାରେ ତୁଷ୍ଟି ଅଛୁଁ ପୁଣି
ଆମ୍ଭକୁ ଅଙ୍ଗସ୍ଥିତ ପାପ ବ୍ୟବସ୍ଥାର ଅଧୀନ କରିବାକୁ ସଚେଷ୍ଟ ଏମନ୍ତ ଆମ୍ଭର । ୧୨
ଅଙ୍ଗରେ ମନସ୍ଥ ବ୍ୟବସ୍ଥାର ବରିଦ୍ଧେ ଯୁଦ୍ଧକାରୀ ଆଉ ଏକ ସ୍ୱଭାବ ଦେଖିବାକୁ । ୨୩
ପାଇ । ହାୟୀ ଦୁର୍ଭାଗ୍ୟ ମନୁଷ୍ୟ ଯେ ଆମ୍ଭେ ଆମ୍ଭକୁ ଏହ ମୃତ ଶରୀରର
କେ ନସ୍ତାର କରିବ । ଆମ୍ଭମାନଙ୍କର ପ୍ରଭୁ ଯୀଶୁଖ୍ରୀଷ୍ଟ ଦ୍ୱାରା ଈଶ୍ୱରଙ୍କୁ ଆମ୍ଭେ । ୨୪
ଧନ୍ୟବାଦ କର । ଏମନ୍ତେ ଶରୀର ଦେଇ ଆମ୍ଭେ ପାପର ବ୍ୟବସ୍ଥାର ପୁଣି । ୨୫
ମନ ଦେଇ ଈଶ୍ୱରର ବ୍ୟବସ୍ଥାର ସେବା କରିଁ ଥାଇ ।

## ୮ ପତ୍ର ।

ଏଣୁ ଯେଉଁମାନେ ଖ୍ରୀଷ୍ଟ ଯୀଶୁରେ ଥାଇ ଶାରୀରକ ଆଚରଣ ନ କର । ୧
ପାରମାର୍ଥିକ ଆଚରଣ କରନ୍ତି ସେମାନେ ଏବେ ଦଣ୍ଡର ପାତ୍ର ନ ହୁଅନ୍ତି ।
ଯେହେତୁ ଖ୍ରୀଷ୍ଟ ଯୀଶୁରେ ଜୀବନଦାତ୍ମକ ଅଙ୍ଗୁର ବ୍ୟବସ୍ଥା ପାପ ଓ ମୃତ୍ୟୁଦା । ୨
ତ୍ମକ ବ୍ୟବସ୍ଥାରୁ ଆମ୍ଭକୁ ମୁକ୍ତ କରିଅଛି । ଯେହେତୁ ଶରୀର ଦ୍ୱାରା ଦୁର୍ବଳତା । ୩
ସକାଶୁ ବ୍ୟବସ୍ଥା ଯାହା ସାଧିବାକୁ ନ ପାରିଲା ତାହା ସାଧିବାର ପାଇଁ

ଈଶ୍ୱର ଆପଣା ଅତ୍ମଜକୁ ପାପର ବଳି କରି ପାପି ଲୋକର ସଦୃଶ ଶରୀରରେ
୪ ପଠାଇ ସେ ଶରୀରରେ ପାପର ଦଣ୍ଡ ଦେଲେ । ତେଣୁ ଶାରୀରିକ ଅଚରଣ
ନ କରି ପାରମାର୍ଥିକ ଅଚରଣ କରି ଥାଇ ଯେ ଆମ୍ଭେମାନେ ଆମ୍ଭମାନଙ୍କର
୫ ଦ୍ୱାରା ବ୍ୟବସ୍ଥାର ଧର୍ମକର୍ମ ସିଦ୍ଧ ହୁଅଇ । ଯେଉଂମାନେ ଶାରୀରିକ ସେମାନେ
ଶାରୀରିକ ବିଷୟରେ ଆସକ୍ତ ହୁଅନ୍ତି ପୁଣି ଯେଉଂମାନେ ପାରମାର୍ଥିକ ସେ
୬ ମାନେ ଆତ୍ମର ବିଷୟରେ ଆସକ୍ତ ହୁଅନ୍ତି । ଯେହେତୁ ଶାରୀରିକ ଯେ ମା
ନସ ସେ ମୃତଜନକ ପୁଣି ପାରମାର୍ଥିକ ଯେ ମାନସ ସେ ଜୀବନ ଓ ଶାନ୍ତିଦା
୭ ୟକ । ଆଉ ଶାରୀରିକ ମାନସ ଈଶ୍ୱରର ବିରୁଦ୍ଧରେ ଶତ୍ରୁଭାବ ହେବାରୁଂ
୮ ଈଶ୍ୱରର ବ୍ୟବସ୍ଥାର ଅଧୀନ ନ ହୁଅଇ ପୁଣି ହେବାକୁ ନ ପାରଇ । ଏଥି
ପାଁଇ ଶାରୀରିକ ହୋଇଲେ କେହି ଈଶ୍ୱରଙ୍କୁ ତୁଷ୍ଟି କରିବାକୁ ନ ପାରଇ ।
୯ ଈଶ୍ୱରର ଆତ୍ମ ଯେବେ ତୁମ୍ଭମାନଙ୍କର ଅନ୍ତରେ ବାସ କରନ୍ତି ତେବେ
ତୁମ୍ଭେମାନେ ଶାରୀରିକ ନୁହ ପୁଣି ପାରମାର୍ଥିକ ଅଟ ମାତ୍ର କେହି ଖ୍ରୀଷ୍ଟର
୧୦ ଅତ୍ମ ପ୍ରାପ୍ତ ନୋହିଲେ ସେ ଜଣ ଖ୍ରୀଷ୍ଟର ନ ହୁଅଇ । ଯେବେ ଖ୍ରୀଷ୍ଟ ତୁମ୍ଭ
ମାନଙ୍କଠାରେ ଥାଆନ୍ତି ତେବେ ପାପ ସକାଶୁଂ ଶରୀର ମୃତ୍ୟୁର ଅଧୀନ ହେ
୧୧ ଲେହେଁ ଧର୍ମ ସକାଶୁଂ ଅତ୍ମ ସଜୀବ ହୁଅଇ । ଆଉ ଯୀଶୁକୁ ମୃତ୍ୟୁରୁ ଉଠା
ଇଲେ ଯେ ଈଶ୍ୱର ତାହାଙ୍କର ଅତ୍ମ ଯେବେ ତୁମ୍ଭମାନଙ୍କଠାରେ ବାସ
କରନ୍ତି ତେବେ ଯେ ମୃତ୍ୟୁରୁ ଖ୍ରୀଷ୍ଟକୁ ଉଠାଇଲେ ସେ ତୁମ୍ଭମାନଙ୍କର ଅନ୍ତ
ରେ ଆପଣା ନିବାସୀ ଅତ୍ମ ଦ୍ୱାରା ତୁମ୍ଭମାନଙ୍କର ମର୍ତ୍ତ୍ୟ ଦେହକୁ ସଜୀବ
କରିବେ ।

୧୨ ଏଣୁ ହେ ଭାଇମାନେ ଆମ୍ଭେମାନେ ଶାରୀରିକ ମତାଚରଣ କରିବାକୁ ଶରୀ
୧୩ ରର ଅଧୀନ ହୋଇଅଛୁଁ ଏମନ୍ତ ନୋହେ ଯେହେତୁ ଶାରୀରିକ ମତାଚରଣ
କଲେ ତୁମ୍ଭେମାନେ ମରିବ ନୋହିଲେ ଆତ୍ମ ଦ୍ୱାରା ଯେବେ ଶରୀରର କର୍ମକୁ
୧୪ ନିପାତ କର ତେବେ ବଞ୍ଚିବ । କାରଣ ଯେତେ ଲୋକ ଈଶ୍ୱରର ଆତ୍ମ ଦ୍ୱାରା
୧୫ କଢା ଯାଆନ୍ତି ସେ ସମସ୍ତେ ଈଶ୍ୱରର ସନ୍ତାନ ହୁଅନ୍ତି । ତୁମ୍ଭେମାନେ ପୁନ
ର୍ବାର ଭୟଜନକ ଦାସ୍ୟପଣ ଆତ୍ମ ପାଇ ନାହଁ ପୁଣି ଯେଉଂ ଆତ୍ମ ଦ୍ୱାରା
[ଈଶ୍ୱରକୁ] ପିତା୨ ବୋଲି ସମ୍ବୋଧନ କର ଏମନ୍ତ ପୋଷ୍ୟପୁତ୍ରର ଆତ୍ମ
୧୬ ପାଇଅଛ । ଆଉ ଆମ୍ଭେମାନେ ଯେ ଈଶ୍ୱରର ସନ୍ତାନ ଏହା ଆତ୍ମ ଆପେଁ
୧୭ ଆମ୍ଭମାନଙ୍କର ଅତ୍ମ ସହିତ ପ୍ରମାଣ ଦେଉଅଛନ୍ତି । ଏଣୁ ଯେବେ ସନ୍ତାନ
ହୋଇ ତେବେ ଅଧିକାରୀ ହୋଇ ଅର୍ଥାତ୍ ଈଶ୍ୱରଙ୍କ ବିଷୟରେ ଅଧିକାରୀ
ପୁଣି ଖ୍ରୀଷ୍ଟର ସହିତ ଅଂଶାଧିକାରୀ ହୋଇ । ଆଉ ତାହାଙ୍କ ସହିତ ଯେବେ
୧୮ ଦୁଃଖଭାଗୀ ହୋଇ ତେବେ ତାହାଙ୍କର ବିଭବର ଭାଗୀ ହୋଇବା । ପୁଣି ଆମ୍ଭ

ମାନଙ୍କଠାରେ ପ୍ରକାଶ ହୋଇବ ଯେ ଉହାଷ୍ୟହୁ ବଇବ ଭାହାର କଟରେ
ଏହି ବର୍ତ୍ତମାନ କାଲର ଦୁଃଖଭୋଗକୁ ତୁଚ୍ଛ ଜ୍ଞାନ କର । ଯେହେତୁ ଈଶ୍ୱର ୧୯
ଙ୍କର ସନ୍ତାନମାନଙ୍କର ପ୍ରକାଶ ହେବାର ନମନ୍ତେ ସୃଷ୍ଟି ମାତ୍ର ଏକାନ୍ତ ପ୍ରତ୍ୟାଶା
କର ରହିଛି । ଯେଣୁ ସୃଷ୍ଟି ସ୍ୱଚ୍ଛନ୍ଦରେ ଅସାର ଭସ୍ତିତ ହେଲା ଭାହା ନୋହେ ୨୦
ପୁଣି ଯେ ଭାକୁ ଉତ୍ସାଯୁକ୍ତ କର ସେପର ଭସ୍ତିତ କରଇନ୍ତୁ ଭାହାଙ୍କର
ଅଭ୍ତାସ୍ୱରେ ହେଲା । ଯେହେତୁ ସୃଷ୍ଟି ନଜ କ୍ଷୟର ଆୟତ୍ତରୁ ମୁକୁଲା ୨୧
ହୋଇ ଈଶ୍ୱରଙ୍କର ସନ୍ତାନଗଣର ପରମ ମୁକ୍ତିର ସହଭାଗୀ ହୋଇବ । ଏଣୁ ୨୨
ସବ ସୃଷ୍ଟି ସବଆ ଏଯେବେଳ ଯାଏଁ ପ୍ରସବ ବେଦନା ତୁଲ୍ୟ ବେଦନାଗ୍ରସ୍ତ
ହୋଇ ଆର୍ତ୍ତସ୍ୱର କର ଅସିଅଛୁ ଏହା ଅମ୍ଭେମାନେ ଜାଣି । କେବଳ ସେ ୨୩
ସବୁ ନୁହଇ ପୁଣି ପ୍ରଥମ ଜାତ ଫଳସ୍ୱରୂପ ଅଗୁପ୍ରାପ୍ତ ଯେ ଅମ୍ଭେମାନେ
ଆମ୍ଭେମାନେହିଁ ଯୋଷ୍ୟପୁତ୍ର ପଦର ଅର୍ଥାତ୍ ଶରୀରର ମୁକ୍ତି ଅପେକ୍ଷା କର
ସେରୂପେ ଅନ୍ତରେ ଆର୍ତ୍ତସ୍ୱର କରୁଁଥାଇ । ଆମ୍ଭେମାନେ ଭରସାରେ ପର ୨୪
ଏାଣ ପାଇ ପୁଣି ପ୍ରତ୍ୟକ୍ଷ ବସ୍ତୁର ଯେ ଭରସା ସେ ଭରସା ନୋହେ
ଯେହେତୁ ମନୁଷ୍ୟ ଯାହା ଭୋଗ କରଇ ଭାହାର ଭରସା କଅଁାଇ କରବ ।
ଯାହାର ଭୋଗ କର ନାହିଁ ଏମନ୍ତ ବସ୍ତୁର ଭରସା ଯେବେ କର ତେବେ ୨୫
ଧୈର୍ଯ୍ୟ ଧର ଭାହା ପାଇବାର ନମନ୍ତେ ଅପେକ୍ଷା କର ଥାଇ । ତହିଁରେ ୨୬
ଅଗୁହିଁ ଅମ୍ଭମାନଙ୍କର ଦୁର୍ବଳଭାର ପ୍ରତିକାର କରନ୍ତି ପୁଣି କ'ଣ ହେତୁରୁ
ପ୍ରାର୍ଥନା କରବାକୁ ହୁଅଇ ଭାହା ଉପଯୁକ୍ତରୂପେ ନ ଜାଣନ୍ତେ ଅଗୁ ଆପେଁ
ଅକଥ୍ୟ ଆର୍ତ୍ତସ୍ୱରରେ ଅମ୍ଭମାନଙ୍କର ନମନ୍ତେ ସାଧନା କରନ୍ତି । ଆଉ ଈଶ୍ୱ ୨୭
ରର ଇଚ୍ଛା ଅନୁସାରେ ସାଧୁମାନଙ୍କର ପାଁଇ ସାଧନା କରନ୍ତି ଯେ ଅଗୁ
ଭାହାଙ୍କର ଅଭ୍ତାସ୍ୟ ଅନୁଯାମି ଈଶ୍ୱର ଜାଣନ୍ତି ।

ଆଉ ଈଶ୍ୱରର ନରୂପଣ ଅନୁସାରେ ଆହ୍ୱାନ ପ୍ରାପ୍ତ ହୋଇ ଯେଉଁମାନେ ୨୮
ଭାହାଙ୍କୁ ପ୍ରେମ କରନ୍ତି ସମସ୍ତ ପଦାର୍ଥ ମିଳି ସେମାନଙ୍କର ମଙ୍ଗଳ ଜନ୍ମାପେ ଏହା
ଅମ୍ଭେମାନେ ଜାଣି । ଯେହେତୁ ଈଶ୍ୱର ଅନେକ ଭାଇମାନଙ୍କର ମଧ୍ୟରେ ୨୯
ଆପଣା ଆଡୁଳକୁ ଜ୍ୟେଷ୍ଠ କରବା ପାଁଇ ଯେଉଁମାନଙ୍କୁ ପୂର୍ବେ ଜ୍ଞାତ କଲେ
ସେମାନଙ୍କୁ ଭାହାଙ୍କର ପ୍ରତିମୂର୍ତ୍ତିର ସାଦୃଶ୍ୟ ପ୍ରାପ୍ତ ନମନ୍ତେ ନିଯୁକ୍ତ କଲେ ।
ଅବର ଯେଉଁମାନଙ୍କୁ ନିଯୁକ୍ତ କଲେ ସେମାନଙ୍କୁ ଆହ୍ୱାନ କଲେ । ଯେଉଁ ୩୦
ମାନଙ୍କୁ ଆହ୍ୱାନ କଲେ ସେମାନଙ୍କୁ ଧାର୍ମିକ କର ଗଣିଲେ ଆଉ ଯେଉଁ
ମାନଙ୍କୁ ଧାର୍ମିକ କର ଗଣିଲେ ସେମାନଙ୍କୁହିଁ ଵଭବର ଅଧିକାରୀ କଲେ ।

ଏଥିରେ ଅମ୍ଭେମାନେ କ'ବୋଲବା ଈଶ୍ୱର ଯେବେ ଅମ୍ଭମାନଙ୍କର ସପକ୍ଷ ୩୧
ହୁଅନ୍ତି ତେବେ ଅମ୍ଭମାନଙ୍କର ବପକ୍ଷ କେ ହେବାକୁ ପାରିବ । ଯେ ଅପ ୩୨

ଣାର ଆତ୍ମଜକୁ ରକ୍ଷା ନ କରି ଆମ୍ଭମାନଙ୍କର ସମସ୍ତର ପାଁଇ ତାହାଙ୍କୁ ସମର୍ପି
ଦେଲେ ସେ କି ସ୍ୱଚ୍ଛନ୍ଦରେ ତାହାଙ୍କ ସହିତ ସମସ୍ତ ବିଷୟ ଆମ୍ଭମାନଙ୍କୁ ନ
୩୩ ଦେବେ । ଈଶ୍ୱରର ମନୋନୀତ ଲୋକମାନଙ୍କୁ କୌଣସି ଅପବାଦ କରିବେ
୩୪ କେ । ଈଶ୍ୱର ସେମାନଙ୍କୁ ଧାର୍ମିକ କରି ଗଣନା କରନ୍ତି । ସେମାନଙ୍କର ଦଣ୍ଡ
ଆଜ୍ଞା ଅବା ଦେବେ କେ ସେ । ଖ୍ରୀଷ୍ଟ ସେମାନଙ୍କର ପାଁଇ ମଲେ କେବଳ
ତାହା ନୋହେ ପୁଣି ମୃତ୍ୟୁରୁ ଉଠିଲେ ପୁଣି ଈଶ୍ୱରର ଦକ୍ଷିଣ ପାର୍ଶ୍ୱରେ ଥାଇ
୩୫ ଆମ୍ଭମାନଙ୍କର ପାଁଇ ସାଧନ କରନ୍ତି । ଖ୍ରୀଷ୍ଟର ପ୍ରେମର ସଙ୍ଗତରୁ ଆମ୍ଭମାନଙ୍କୁ
କି ବିଚ୍ଛେଦ କରି ପାରିବ । କି କ୍ଳେଶ କି ଶୋକ କି ତାଡଣା କି ଦୁର୍ଭିକ୍ଷ କି
୩୬ ଉଲଙ୍ଗତା କି ବିପଦ କି ଖଡ୍‌ଗ ଯେମନ୍ତ ଲେଖାଅଛି ଯଥା । ଆମ୍ଭେମାନେ
ତୁମ୍ଭର ନିମନ୍ତେ ସବୁ ଦିନ ମୃତ୍ୟୁ ମୁଖରେ ଅଛୁଁ ଆମ୍ଭେମାନେ ବଧ ଯୋଗ୍ୟ
୩୭ ମେଷର ତୁଲ୍ୟ ଗଣିତ ହେଉଅଛୁଁ । ଆବର ଯେ ଆମ୍ଭମାନଙ୍କୁ ପ୍ରେମ କରନ୍ତି
ତାହାଙ୍କ ଦ୍ୱାରା ଏହି ସମସ୍ତ ବିଷୟରେ ଆମ୍ଭେମାନେ ନିତାନ୍ତ ଜୟୀ ହୋଇ ।
୩୮ ଯେହେତୁ ପ୍ରଭୁ ଯୀଶୁଖ୍ରୀଷ୍ଟ ଦ୍ୱାରା ଆମ୍ଭମାନଙ୍କର ପ୍ରତି ଈଶ୍ୱରର ଯେ ପ୍ରେମ
ତାହା ସଙ୍ଗତରୁ ମୃତ୍ୟୁ ଅବା ଜୀବନ ଅବା ଦୂତ ଅବା ପ୍ରଧାନ କି ପରାକ୍ରାନ୍ତି
୩୯ [ପଦସ୍ଥ] ଅବା ବର୍ତ୍ତମାନ ଅବା ଭବିଷ୍ୟତ୍ ଅବା ଉଚ୍ଚସ୍ଥ ଅବା ନୀଚସ୍ଥ
ଇତ୍ୟାଦି କୌଣସି ସୃଷ୍ଟ ବିଷୟ ଆମ୍ଭମାନଙ୍କୁ ବିଚ୍ଛେଦ କରିବାକୁ ନ ପାରିବ
ଏହା ଆମ୍ଭେ ନିଶ୍ଚୟ ଜାଣି ।

## ୯ ପର୍ବ ।

୧ ଆମ୍ଭର ଅନ୍ତଃକରଣରେ ଭାରି ଦୁଃଖ ଓ ନିରନ୍ତର ଖେଦ ଅଟଇ ଏହି
୨ ଆମ୍ଭେ ଖ୍ରୀଷ୍ଟଠାରେ ସତ୍ୟ କହି ମିଥ୍ୟା ନ କହି ଆଉ ଧର୍ମଆତ୍ମଠାରେ ଆମ୍ଭର
୩ ସ୍ୱମନ ସାକ୍ଷ୍ୟ ଦେଉଅଛି । ଯେହେତୁ ଯେଉଂମାନେ ଇଶ୍ରାୟେଲ ଲୋକ
ଅଟନ୍ତି ଯେଉଂମାନଙ୍କଠାରେ ପୋଷ୍ୟପୁତ୍ରତା ଓ ମହିମା ଓ ନିୟମ ଓ ଦତ୍ତ
୪ ବ୍ୟବସ୍ଥା ଓ ଧର୍ମ ସ୍ଥାପନ ଓ ପ୍ରତିଜ୍ଞାବଚନ ଯେଉଂମାନଙ୍କର ପିତୃପୁରୁଷର ଜନ୍ମ
ଆଉ ଯେଉଂମାନଙ୍କର ବଂଶରେ ଶରୀରାନୁସାରେ ସର୍ବାଧିପତି ସଦା ସଚ୍ଚିଦାନନ୍ଦ
୫ ଈଶ୍ୱର ଯେ ଖ୍ରୀଷ୍ଟ ଅବତୀର୍ଣ୍ଣ ହେଲେ ଏମନ୍ତ ଆମ୍ଭର ବଂଶୀୟ ଭାଇମାନେ ଓ
ଜ୍ଞାତିବର୍ଗର ସକାଶେ ଆମ୍ଭେ ଆପଣାକୁ ଖ୍ରୀଷ୍ଟଠାରୁ ଶାପଗ୍ରସ୍ତ ହେବାକୁ ଇଚ୍ଛା
କରି ପାରନ୍ତୁଁ । ଆମେନ ।
୬ ଈଶ୍ୱରଙ୍କର ବାକ୍ୟ ଯେ ବିଫଳ ହୋଇଅଛି ଏମନ୍ତ ନୋହେ ଯେହେତୁ
ଇଶ୍ରାୟେଲ ବଂଶରେ ଯେଉଂମାନେ ଜନ୍ମନ୍ତି ସେମାନେ ସମସ୍ତେ "ଇଶ୍ରାୟେଲୀ
୭ ଲୋକ ନୁହନ୍ତି । କିଅବା ଅବ୍ରହାମର ବଂଶଜାତ ହେବାରୁଂ ସେମାନେ ସମସ୍ତେ

ତାହାର ସନ୍ତାନ ନ ହୁଅନ୍ତୁ ପୁଣି (ଉତ୍କୃ ହେଲା) ଯିଷ୍ଟାଙ୍କରେ ତୁମ୍ଭର ବଂଶ
ଖ୍ୟାତ ହେବ । ଅର୍ଥାତ୍ ଔରସ ଜାତ ସନ୍ତାନ ଯେତେ ସେମାନେ ସମସ୍ତେ ୮
ଈଶ୍ୱରର ସନ୍ତାନ ନୁହନ୍ତି ପୁଣି ପ୍ରତିଜ୍ଞା ଅନୁସାରେ ଜାତ ସନ୍ତାନଗଣ ସେମା
ନେହିଁ ତାହାଙ୍କର ବଂଶ ଗଣିତ ହୁଅନ୍ତି । ଯେହେତୁ ଅଙ୍ଗୀକାରର ବାକ୍ୟ ୯
ଏହି ଆମ୍ଭେ ଏହି ସମୟ ଅନୁକ୍ରମେ ଫେର ଅସନ୍ତେ ଶାରା ଏକ ପୁତ୍ର ପ୍ରସବ
କରିବ । ଅଉ ରିବକା ଯେ ଜଣେ ପୁରୁଷଠାରୁ ଅର୍ଥାତ୍ ଆମ୍ଭମାନଙ୍କର ପୂର୍ବ ୧୦
ପୁରୁଷ ଯିଷ୍ଟାଙ୍କଠାରୁ ଗର୍ଭ ଧାରଣ କଲାଉତ୍ତାରେ ତାହାର ଦୁଇ ସନ୍ତାନ ୧୧
ଭୂମିଷ୍ଠ ହେବା ଆଗରେ ପୁଣି ଭଲ ମନ୍ଦ କର୍ମ ନ କଲେହେଁ ଈଶ୍ୱରଙ୍କର ନିତ୍ୟ
ଯଶାନୁସାରେ କର୍ମାନୁସାରେ ନୋହେ ପୁଣି ଆହ୍ୱାନ କର୍ତ୍ତାର ଇଚ୍ଛା ଯେମନ୍ତ
ସିଦ୍ଧ ହୁଅଇ ଏଥିପାଇଁ ତାହାର ପ୍ରତି ଉକ୍ତ ହେଲା ଜ୍ୟେଷ୍ଠ କନିଷ୍ଠର ସେବା ୧୩
କରିବ ଯେମନ୍ତ ଲେଖାଅଛି ଯାକୁବକୁ ପ୍ରେମ ପାଏ ଞ୍ଚାନ କରି ଏସୌକୁ
ଅପ୍ରିୟଜ୍ଞାନ କରିଅଛୁଁ ।

ଏଥିରେ ଆମ୍ଭେମାନେ କ ବୋଲିବା ଈଶ୍ୱର କ ଅନ୍ୟାୟକାରୀ । ଏମନ୍ତ ୧୪
ନ ହେଉ । ଯେହେତୁ ସେ ମୋଶାକୁ କହି ଥିଲେ ଯାହାକୁ କୃପା କରିବାକୁ ୧୫
ଆମ୍ଭର ଇଚ୍ଛା ତାହାକୁ କୃପା କରିବା ପୁଣି ଯାହାକୁ ଦୟା କରିବାକୁ ଆମ୍ଭର
ଇଚ୍ଛା ତାହାକୁ ଦୟା କରିବା । ଏନମନ୍ତେ ମନୁଷ୍ୟର ଇଚ୍ଛାର କ ଚେଷ୍ଟାର ୧୬
ହୁଅଇ ଏମନ୍ତ ନୋହେ ଦୟାକାର ଈଶ୍ୱରଠାରୁ ହୁଅଇ । ଫାରୋଂର ବଷ
ୟରେ ଶାସ୍ତ୍ରରେ ଲେଖାଅଛି । ତୁମ୍ଭ ଦ୍ୱାରା ଯେମନ୍ତ ଆମ୍ଭର ମହିମା ପ୍ରକାଶ ୧୭
ହୁଅଇ ପୁଣି ସମୁଦାୟ ଭୂମଣ୍ଡଳସ୍ଥ ଲୋକର କତ୍ତରେ ଯେମନ୍ତ ଆମ୍ଭର ନାମ
ବଖ୍ୟାତ ହୁଅଇ ଏଥିପାଇଁ ଆମ୍ଭେ ତୁମ୍ଭକୁ ସ୍ଥାପନ କରିଅଛୁଁ । ଏନମନ୍ତେ ୧୮
ଯେମନ୍ତ ତାହାର ଇଚ୍ଛା ସେ କାହାକୁ ଅନୁଗ୍ରହ କରନ୍ତି ପୁଣି ଯେମନ୍ତ ତାହାର
ଇଚ୍ଛା ସେ କାହାକୁ ନିଗ୍ରହ କରନ୍ତି ।

ଯେବେ ତୁମ୍ଭେ ବୋଲ । ଏଥିରେ ସେ କଥାଁଇ ଦୋଷ ଧରନ୍ତି । ତାହା ୧୯
ଙ୍କର ଇଚ୍ଛା କେ ନିବାରଣ କରିବାକୁ ପାରଇ । ଆହେ ଈଶ୍ୱରର ପ୍ରତିବାଦୀ ୨୦
ମନୁଷ୍ୟ ତୁମ୍ଭେତ କେ । ଆମ୍ଭକୁ ଏରୂପ ଗଢିଲ କଥାଁଇ ସୃଷ୍ଟିକର୍ତ୍ତାକୁ ସୃଷ୍ଟିବସ୍ତୁ
କ ଏମନ୍ତ କହିବ । ଏକ ମାଟି ପିଣ୍ଡରୁ ଖଣ୍ଡେ ପାତ୍ର ମାନ୍ୟ କ୍ରିୟା ନିମନ୍ତେ ୨୧
ଆନ ପାତ୍ର ଅପମାନ କ୍ରିୟା ନିମନ୍ତେ ଗଢିବାକୁ କ କୁମ୍ଭାରର ଅଧିକାର ନ
ହୁଅଇ । ଈଶ୍ୱର କ୍ରୋଧ ପ୍ରକାଶ କରିବାକୁ ଓ ନିଜ ଶକ୍ତି ଜଣାଇବାକୁ ବନା ୨୨
ଶର ଉପଯୁକ୍ତ କ୍ରୋଧ ପାତ୍ର ସମସ୍ତର ପ୍ରତି ଯେବେ ବହୁତ କାଳ ଅତି ସହିଷ୍ଣୁତା
ଦୋଇ ସହନ୍ତି ପୁଣି ଯେଉଁମାନଙ୍କୁ ବିଭବର ନିମନ୍ତେ ପୂର୍ବେ ପ୍ରସ୍ତୁତ କରି ୨୩
ଅଛନ୍ତି ଏମନ୍ତ ଅନୁଗ୍ରହ ପାତ୍ରମାନଙ୍କର ପ୍ରତି ଅର୍ଥାତ୍ କେବଳ ଯିହୁଦୀୟ

୧୪ ନୋହେ ବଦେଶୀୟମାନଙ୍କର ମଧ୍ୟରେ ଅନ୍ଯାନକୃତ ଯେ ଅମ୍ଭେମାନେ
ଅମ୍ଭମାନଙ୍କର ପ୍ରଭୁହଁ ଯେବେ ଅପଣା ମହିମାରୂପ ଧନ ପ୍ରକାଶ କରିବାକୁ
୧୫ ଇଚ୍ଛା କରନ୍ତି ତେବେଡ କ । ଯେମନ୍ତ ହୋଶେୟ ଗ୍ରନ୍ଥରେ ଲେଖାଅଛି ଯଥା ।
ଯେଉଁମାନେ ଅମ୍ଭର ଲୋକ ନ ଥିଲେ ସେମାନଙ୍କୁ ଅପଣାର ଲୋକ ବୋଲି
୧୬ ଡାକିବା ପୁଣି ଯେ ଅପ୍ରିୟ ଥିଲା ତାହାକୁ ପ୍ରିୟ କର ବୋଲିବା । ଆଉ
ଯୁମ୍ଭେମାନେ ଅମ୍ଭର ଲୋକ ନୁହଁ ଯେଉଁଠାରେ ଏମନ୍ତ ଉକ୍ତ ଥିଲା ସେଠାରେ
୧୭ ସେମାନେ ଈଶ୍ୱରଙ୍କ ସନ୍ତାନ ବଖ୍ୟାତ ହେବେ । ଇଶ୍ରାଏଲ ଲୋକର
ବଷୟରେ ଯିଶାଇୟ ପ୍ରଖର କରଇ ଯଥା । ଯଦ୍ୟପି ଇଶ୍ରାଏଲର ବଂଶର
ସଙ୍ଖ୍ୟା ସମୁଦ୍ରର ବାଲିର ପ୍ରମାଣ ହୁଅଇ ତଥାପି ଅବଶିଷ୍ଟ ଲୋକ ମାତ୍ର ପର
୧୮ ତ୍ରାଣ ପାଇବେ । ଯେହେତୁ ନ୍ୟାୟ କରିବାରୁ ପରମେଶ୍ୱର ଅପଣା କର୍ମ
ସଂକ୍ଷେପରେ ନିଷ୍ପତ୍ତି କରିବେ । ଭୂମଣ୍ଡଳରେ ସଂକ୍ଷିପ୍ତରୂପେ କର୍ମ କରିବେ ।
୧୯ ଆଉ ଏହାର ପୂର୍ବରେ ଯିଶାଇୟ କହିଲା ଯଥା । ସୈନ୍ୟାଧିପତି ପରମେଶ୍ୱର
ଯେବେ ଆମ୍ଭମାନଙ୍କର ଅଳ୍প ବାକୀ ନ ରଖନ୍ତେ ତେବେ ଆମ୍ଭେମାନେ
ସୀଦୋମ ପର ପୁଣି ଆମ୍ଭେମାନେ ଆମୋରର ସମାନ ହୁଅନ୍ତୁ ।
୩୦ ଏଥିରେ ଆମ୍ଭେମାନେ କ ବୋଲିବା ବଦେଶୀୟମାନେ ଧର୍ମ ନ ଲୋଡନ୍ତେ
୩୧ ବଶ୍ୱାସରୁ ଯେ ଧର୍ମ ତାହା ପାଇଅଛନ୍ତି ପୁଣି ଇଶ୍ରାଏଲ ବଂଶ ବ୍ୟବସ୍ଥା
୩୨ ପାଲଟ ଦ୍ୱାରା ଧର୍ମର ଲୋଡବାରୁ ପ୍ରାପ୍ତ ନାହାନ୍ତି ଯେହେତୁ ସେମାନେ
ବଶ୍ୱାସରେ ନୋହେ କ୍ୟବସ୍ଥାର କ୍ରିୟା ଦ୍ୱାରା ଚେଷ୍ଟା କର ସେ ଟୁଣ୍ଡି
୩୩ ଜନକ ପଥରରେ ଟୁଣ୍ଡି ପଡିଲେ । ଯେମନ୍ତ ଲେଖାଅଛି ଯଥା । ଟୁଣ୍ଡି ବାର
କାରଣ ଆମ୍ଭେ ସୀୟୋନରେ ଖଣ୍ଡେ ପଥର ଅଥଚ ବାଧା ଜନକ ଏକ
ପାଷାଣ ସ୍ଥାପନ କରଅଛୁଁ ଯେଉଁଜନ ତାହାଙ୍କଠାରେ ପ୍ରତ୍ୟୟ କରଇ
ସେ କେବେହେଁ ଲଜ୍ଜା ନ ପାଇବ ।

୧୦ ପତ୍ର ।

୧ ହେ ଭାଇମାନେ ଇଶ୍ରାଏଲ ବଂଶ ଯେମନ୍ତେ ପରିତ୍ରାଣ ପାଇବେ ଏହା
୨ ଆମ୍ଭ ମନର ବାଞ୍ଛା ପୁଣି ଈଶ୍ୱରଙ୍କଠାରେ ପ୍ରାର୍ଥନା ଅଟଇ । ଯେଣୁ ଈଶ୍ୱରର
ବଷୟରେ ସେମାନଙ୍କର ଉଦ୍ଯୋଗ ଅଛି ଏଥିରେ ଆମ୍ଭେ ସାକ୍ଷୀ ଅଟୁଁ ପୁଣି
୩ ସେମାନଙ୍କର ଉଦ୍ଯୋଗ ବଧି ଅନୁସାରେ ନୋହେ କାରଣ ଈଶ୍ୱରର ଦତ୍ତ
ଧର୍ମ ନ ଜାଣି ଅପଣାମାନଙ୍କର ଧର୍ମ ସ୍ଥିର କରିବାକୁ ଚେଷ୍ଟା କର ଈଶ୍ୱର
୪ ଦତ୍ତ ଧର୍ମର ପ୍ରଭୁ ବଶୀଭୂତ ନୋହିଲେ । ଯେହେତୁ ପ୍ରତ୍ୟେକ ବଶ୍ୱାସକା
୫ ରକୁ ଧର୍ମ ଦେବା ନମନ୍ତେ ଖ୍ରୀଷ୍ଟ ବ୍ୟବସ୍ଥାର ସାର ଅଟନ୍ତି । ବ୍ୟବସ୍ଥା ପାଲଟର

ଯେ ଧର୍ମ ତାହା ବିଷୟରେ ମୋଶା ବର୍ଣ୍ଣନା କରିଅଛନ୍ତି ଯଥା ଯେଉଁ ଜନ
ବ୍ୟବସ୍ଥାମତେ କର୍ମ କରଇ ସେ ତହିଁରେ ବଞ୍ଚିବ । ପୁଣି ବିଶ୍ୱାସରୁ ଯେ ୭
ଧର୍ମ ସେ ଏମନ୍ତ କହିଛି ମନୋ ଚିନ୍ତା କର ନ କହ ଖ୍ରୀଷ୍ଟଙ୍କୁ ଓହ୍ଲାଇ ଅଣି
ବାର ପାଇଁ କେ ସ୍ୱର୍ଗକୁ ଆରୋହଣ କରିବ ଅବା ଖ୍ରୀଷ୍ଟଙ୍କୁ ମୃତମାନଙ୍କର ୭
ମଧ୍ୟରୁ ଉଠାଇ ଆଣିବାର ପାଇଁ କେ ଓହ୍ଲାଇ ଯିବ । ପୁଣି ସେ କ'ଣ କହିଛି ୮
ବାକ୍ୟ ତୁମ୍ଭଠାରେ ଅଛି ଅର୍ଥାତ୍ ଯେଉଁ ବିଶ୍ୱାସ ଯୋଗ୍ୟ ବାକ୍ୟ ଆମ୍ଭେ
ମାନେ ଘୋଷଣା କରୁ ସେ ବାକ୍ୟ ତୁମ୍ଭମାନଙ୍କର ଜିହ୍ୱାରେ ଓ ଅନ୍ତଃକର
ଣରେ ଥାଏ ଯଥା ଯୀଶୁ ପ୍ରଭୁ ଅଟନ୍ତି ବୋ ଯେବେ ମୁଖରେ ସ୍ୱୀକାର ୯
କର ପୁଣି ଈଶ୍ୱର ତାହାଙ୍କୁ ମୃତ୍ୟୁରୁ ଉଠାଇଅଛନ୍ତି ବୋ ଯେବେ ଅନ୍ତଃ
କରଣରେ ବିଶ୍ୱାସ କର ତେବେ ପରିତ୍ରାଣ ପାଇବ । ଯେହେତୁ ଧର୍ମ ପ୍ରାପ୍ତିର ୧୦
ନିମନ୍ତେ ଅନ୍ତଃକରଣରେ ବିଶ୍ୱାସ କରିବାକୁ ହୁଅଇ ପୁଣି ପରିତ୍ରାଣର ପାଇଁ
ମୁଖରେ ସ୍ୱୀକାର କରିବାକୁ ହୁଅଇ । ଯେମନ୍ତ ଧର୍ମପୁସ୍ତକରେ ଲେଖା ୧୧
ଯଥା । ତାହାଙ୍କର ପ୍ରତି ଯେ କେହି ପ୍ରତ୍ୟୟ କରଇ ସେ କେବେହେଁ ଲଜ୍ଜା
ନ ପାଇବ । ଏଥିରେ ଯିହୁଦୀୟରେ ଓ ବିଦେଶୀୟ ମଧ୍ୟରେ କିଛୁ ବିଶେଷ ୧୨
ନାହିଁ ଯେହେତୁ ସମସ୍ତଙ୍କର ପ୍ରଭୁ ଯେ ସେ ତାହାଙ୍କଠାରେ ପ୍ରାର୍ଥନାକାରୀ
ସମସ୍ତ ଲୋକଙ୍କୁ ପ୍ରସନ୍ନ ହେଉଅଛନ୍ତି । ଏନିମନ୍ତେ ଯେ କୌଣସି ଜନ ପର ୧୩
ମେଶ୍ୱରର ନାମ ନେଇ ପ୍ରାର୍ଥନା କରଇ ସେ ପରିତ୍ରାଣ ପାଇବ ।

ତେବେହେଁ ଯାହାଙ୍କଠାରେ ସେମାନେ ବିଶ୍ୱାସ କର ନାହାନ୍ତି ତାହାଙ୍କ ୧୪
ଠାରେ କେମନ୍ତ କରି ପ୍ରାର୍ଥନା କରିବେ ପୁଣି ଯାହାଙ୍କର ପ୍ରସଙ୍ଗ ଶୁଣିବାକୁ
ପାଇ ନାହାନ୍ତି ତାହାଙ୍କର ପ୍ରତି କିପରେ ବିଶ୍ୱାସ କରିବେ । ଅଉ ଘୋ ୧୫
ଷଣାକାରୀ ନୋହିଲେ କିପରେ ଶ୍ରବଣ କରିବେ । ପୁଣି ପ୍ରେରିତ ନୋହି
ଲେ କି ପ୍ରକାରେ ଘୋଷଣା କରିବେ । ଯେମନ୍ତ ଲେଖାଅଛି । ଯେଉଁମା
ନେ ସନ୍ଧିର ସୁସମାଚାର ଆଣନ୍ତି ଓ ମଙ୍ଗଳର ସମ୍ବାଦ ଘୋଷଣା କରନ୍ତି ସେମା
ନଙ୍କର ଚରଣ କେମନ୍ତ ଶୋଭାପାଏ । ପୁଣି ସେମାନେ ସମସ୍ତେ ମଙ୍ଗଳସମ
ାଚାର ଗ୍ରାହ୍ୟ କରି ନାହାନ୍ତି । ଯେମନ୍ତ ଯିଶାଇୟ ଲେଖିଅଛି ଯଥା ହେ ପରମେ ୧୬
ଶ୍ୱର ଆମ୍ଭମାନଙ୍କର ମୁଖର ସମ୍ବାଦରେ କେ ବିଶ୍ୱାସ କରିଛି । ଏମନ୍ତରେ ୧୭
ଶ୍ରବଣରୁ ବିଶ୍ୱାସ ଓ ଈଶ୍ୱରର ବାକ୍ୟରୁ ଶ୍ରବଣ ହୁଅଇ । ତେବେ ପଚାରି ୧୮
ସେମାନେ କି ଶୁଣିବାକୁ ପାଇ ନାହାନ୍ତି ଅବଶ୍ୟ ଶୁଣିବାକୁ ପାଇଅଛନ୍ତି
ଯେହେତୁ ସେମାନଙ୍କର ଶବ୍ଦ ସମୁଦାୟ ପୃଥିବୀ ପୁଣି ସେମାନଙ୍କର ବାକ୍ୟ
ଜଗତର ଅବ୍ୟସ୍ତାନ୍ତେ ବ୍ୟାପିଛନ୍ତି । ପୁଣି ପଚାରି ଇସ୍ରାଏଲ କି ଜାଣି ୧୯
ନାହାନ୍ତି । ପ୍ରଥମରେ ମୋଶା ଏକଥା କହିଅଛି ଯେଉଁମାନେ ମନୁଷ୍ୟମା

ନଙ୍କର ମଧ୍ୟରେ ଗଣିତ ନୋହିଲେ ସେମାନଙ୍କ ଦ୍ୱାରା ତୁମ୍ଭମାନଙ୍କର ଭକ୍ତିପ୍ର
ମନ ଜନ୍ମାଇବା ପୁଣି ବଦ୍ୟାତ୍ମନ ଲୋକ ଦ୍ୱାରା ତୁମ୍ଭମାନଙ୍କୁ ସୋପାର୍ଜିତ
୧୦ କରିବା । ଅତ୍ର ଯିଶାଇୟ ଅତ ସାକ୍ଷସରେ କହିଲା ଯଥା : ଯେତ୍ତଂମାନେ
ଆମ୍ଭର ପାଁଇ ଲୋଭ ନାହାନ୍ତି ସେମାନେ ଆମ୍ଭକୁ ପାଇବେ ପୁଣି ଯେତ୍ତଂମା
ନେ ଆମ୍ଭର ବଷୟରେ ପଚ୍ଛର ନାହାନ୍ତି ସେମାନଙ୍କର ସ୍ପତ ଆମ୍ଭେ ଜଣା
୧୧ ଯିବା । ପୁଣି ଇଶ୍ରାୟେଲମାନଙ୍କର ବଷୟରେ ସେ କହିଲା ଅଗାଜ୍ଞାବନ୍ତ ଓ
ବବାଦକାର ଲୋକର ସ୍ପତ ଆମ୍ଭେ ସବୁ ଦନ କର ହାତ ବଡାଇଅଛୁଁ ।

୧୧ ପତ୍ର ।

୧ ଈଶ୍ୱର କ ଅପଣା ଲୋକଙ୍କୁ ଶ୍ଚତ ଦେଇଛନ୍ତି କ ଏମନ୍ତ କଥା ବୋଲିବା
ତାହା ନ ହେଉ ଯେହେତୁ ଅବ୍ରହାମର ବଂଶୀୟ ବେନ୍ୟାମୀନର ଗୋଷ୍ୱେ
୨ ଆମ୍ଭର ଜନ୍ମ ହେବାରୁ ଅମ୍ଭେଇ ଇଶ୍ରାୟେଲ ଲୋକ ଅଟୁଁ । ଈଶ୍ୱର ଅପ
ଣାର ପୂବ ଜ୍ଞାତ ଲୋକଙ୍କୁ ଶ୍ଚତ ଦେଇ ନାହାନ୍ତି । ଏଲୟର ବଷୟରେ ଧର୍ମ
୩ ପୁସ୍ତକର ବାକ୍ୟ କ ତୁମ୍ଭର ଜଣା ନାହିଁ । ଯଥା ହେ ପରମେଶ୍ୱର ଲୋକ
ମାନେ ତୁମ୍ଭର ଯଜ୍ଞବେଦ ସବୁ ଭଙ୍ଗି ତୁମ୍ଭର ଉବଷ୍ୟଦ୍ବକ୍ତାଗଣକୁ ବଧ କର
ଅଛନ୍ତି କେବଳ ଆମ୍ଭେ ଏକାକୀ ହୋଇ ଥାଇଛି ସେମାନେ ଆମ୍ଭର ପ୍ରାଣ
୪ ହରଣ କରିବାକୁ ଚେଷ୍ଟା କରିଅଛନ୍ତି ଏହ କଥା ଇଶ୍ରାୟେଲ ଲୋକର ବର
୫ ଦ୍ଧରେ ଈଶ୍ୱରର କଉରେ ଏଲୟ ନବେଦନ କରି ଥିଲା । ଅତ୍ର ତାହାକୁ
ଈଶ୍ୱରଙ୍କର କ ଉତ୍ତର ହେଲା । ବଆଲ ଦେବତାର ଆଗରେ ଯେ ଅଣ୍ଟୁ
ପାଉଇ ନାହିଁ ଏମନ୍ତ ଅପଣା ପାଁଇ ଆମ୍ଭେ ସାତ ହଜାର ଲୋକ ଅବଶେଷ
୬ ହୋଇ ରଖିଅଛୁଁ । ସେ ପ୍ରକାରେ ଏହ ବର୍ତ୍ତମାନ ସମୟରେ ଅନୁଗ୍ରହରେ
୭ ମନୋନୀତ ଅବଶେଷ ଏକ ଲୋକ ଅଛନ୍ତି । ଏଥିପାଁଇ ଅନୁଗ୍ରହରେ ଯେବେ
ହୁଅଇ ତେବେ କ୍ରିୟାରେ ନୁହଇ ନୋହିଲେ ଅନୁଗ୍ରହ ଯେ ସେ ଅନୁଗ୍ରହ
ନୋହେ । ପୁଣି କ୍ରିୟାରେ ଯେବେ ହୁଅଇ ତେବେ ଅନୁଗ୍ରହରେ ନୋହେ
ନୋହିଲେ କ୍ରିୟା ଯେ ସେ କ୍ରିୟା ନୋହେ ।
୭ ଏଥିରୁ କ ହୋଇଲା । ଇଶ୍ରାୟେଲ ଲୋକମାନେ ଯାହା ଖୋଜିଥିଲେ
ତାହା ପାଇ ନାହାନ୍ତି ମନୋନୀତ ଲୋକମାନେ ପାଇଅଛନ୍ତି ପୁଣି ଅତ୍
୮ ସମସ୍ତ ଅନ୍ଧାରଗ୍ରସ୍ତ ହୋଇଲେ । ଯେମନ୍ତ ଲେଖାଅଛୁ ଦୃଷ୍ଟି ଅସମର୍ଥ ଆଖି
ଓ ଶ୍ରବଣ ଅସମର୍ଥ କର୍ଣ ଦେଇ ପରମେଶ୍ୱର ଆଜ ସନ୍ଦକ ସେମାନଙ୍କର ଘୋର
୯ ନଦ୍ରାଳୁ ସ୍ୱଭାବ ଘଟାଇ ଅଛନ୍ତି । ଅନ୍ତର ଦାଉଦ କହିଅଛ ସେମାନଙ୍କର
ଭୋଜନ ପାତ୍ର ସେମାନଙ୍କର ଶ୍ମୁରେ ଫାନ୍ଦ ଓ କଲ ଓ ହୁଞ୍ଚିବାର ପଥର ଓ

ପ୍ରତିଦଣ୍ଡ ଘଟାଇବାର କାରଣ ହେବ । ପୁଣି ଦେଖିବାକୁ ଯେହ୍ନେ ନ ପାରି ୧୦
ବେ ସେମାନଙ୍କର ଚକ୍ଷୁ ଅନ୍ଧାର ହେବ ଓ ସଦାବେଳେ ସେମାନଙ୍କର ପିଠି
ନଇଂ ପଡିବ ।

ତେବେହେଁ ନିପାତର ନିମନ୍ତେ ସେମାନେ କି ଝୁଣ୍ଟିଅଛନ୍ତି କି ଏକଥା ୧୧
ବୋଲି । ତାହା ନ ହେଉ । ପୁଣି ସେମାନଙ୍କୁ ଉଦ୍ଯୋଗି କରିବା ପାଁଇ ସେ
ମାନଙ୍କ ପଡିବାରେ ବିଦେଶୀୟ ଲୋକମାନେ ପରିତ୍ରାଣ ପାଇଅଛନ୍ତି ।
ସେମାନଙ୍କର ପଡିବାର ଯେବେ ଜଗତ୍ତନର ଲାଭସ୍ୱରୂପ ହୋଇଲେ ଆଉ ୧୨
ସେମାନଙ୍କର ହ୍ରାସ ଯେବେ ବିଦେଶୀୟମାନଙ୍କର ଲାଭ ସ୍ୱରୂପହିଂ ହୋଇଲେ
ତେବେହେଁ ସେମାନଙ୍କର ବୃଦ୍ଧି କି ତହିଁରୁ ଅଧିକ ଲାଭ ନ ହେବ । ଏନି ୧୩
ମନ୍ତେ ହେ ବିଦେଶୀୟମାନେ ସମସ୍ତେ ତୁମ୍ଭମାନଙ୍କୁ ସମ୍ବୋଧନ କରି କହି
ନିଜ ବଂଶୀୟମାନଙ୍କର ମଧ୍ୟରେ ଉଦ୍ଯୋଗ ଜନ୍ମାଇ ସେମାନଙ୍କର କେତେ
ଲୋକର ପରିତ୍ରାଣ ଯେମନ୍ତ ହୁଅଇ ଏଥିପାଁଇ ଆମ୍ଭେ ତୁମ୍ଭମାନଙ୍କର କତି ୧୪
ରେ ପ୍ରେରିତ ହେବାରୁଂ ଆପଣା ପଦକୁ ସମାଦର କରି । ସେମାନଙ୍କର ନିଗ୍ରହ ୧୫
ଉପଲକ୍ଷରେ ଯେବେ ଈଶ୍ୱରର ସଙ୍ଗରେ ଜଗତ୍ତନର ମିଳଣ ହେଲେ ତେବେ
ସେମାନଙ୍କର ଗ୍ରହଣ କରିବାର କି ମୃତ୍ୟୁରୁ ସଜୀବନ ପାଇବାର ସାଦୃଶ୍ୟ ନ
ହେବ । ଆଉ ପ୍ରଥମ ଜାତ ଫଳ ପବିତ୍ର ହୋଇଲେ ସବୁଫଳ ପବିତ୍ର ହୁଅଇ ୧୬
ପୁଣି ମୂଳ ଯେବେ ପବିତ୍ର ହୁଅଇ ତେବେ ଶାଖା ସମସ୍ତ ତେମନ୍ତ ହୁଅଇ ।
ଆଉ କେତେକ ଶାଖା ଛିନ୍ନ ହେବାରେ ତୁମ୍ଭେ ବନ୍ୟ ଜୀତ ବୃକ୍ଷର ଶାଖା ୧୭
ହୋଇ ଯେବେ ସେ ଶାଖା ମୂଳରେ ସଂଯୁକ୍ତ ହୁଅନ୍ତେ ଜୀତ ବୃକ୍ଷ ମୂଳର
ରସ ଭୋଗ କର ତେବେ ସେ ଉଚ୍ଛିନ୍ନ ଶାଖାମାନଙ୍କର ବିରୁଦ୍ଧେ ଗର୍ବ ନ ୧୮
କର । ଆଉ ଯେବେ କର ତୁମ୍ଭେ ସେ ମୂଳକୁ ଧାରଣ ନ କର ପୁଣି ସେ
ମୂଳ ତୁମ୍ଭକୁ ଧାରଣ କରଇ ଏହା ମନରେ କର । ଯେବେ ବୋଲ ଆମ୍ଭକୁ ୧୯
ସଲଂଗ୍ନ କରିବା ପାଁଇ ସେ ଶାଖାମାନ ଉଚ୍ଛିନ୍ନ ହୋଇଥିଲେ । ଭଲା ଅବି ୨୦
ଶ୍ୱାସ ସକାଶୁ ସେମାନେ ଉଚ୍ଛିନ୍ନ ହୋଇଥିଲେ ପୁଣି ବିଶ୍ୱାସ ଦ୍ୱାରା ତୁମ୍ଭେ
ସ୍ଥିର ହେଉଅଛ ଏନିମନ୍ତେ ଅହଂକାର ନ କରି ଭୟଯୁକ୍ତ ହୁଅ । ପରମେ ୨୧
ଶ୍ୱର ଯେବେ ପ୍ରକୃତ ଶାଖାମାନକୁ ନ ରଖିଲେ ତେବେ ଅବା ପଛେ ସେ
ତୁମ୍ଭକୁ ନ ରଖିବେ । ଏଥିରେ ଈଶ୍ୱରର ଯେହ୍ନେ ଦୟା ତେହ୍ନେ ଶାସନ ୨୨
ବୁଝ । ଯେଉଁମାନେ ପଡିଲା ସେମାନଙ୍କର ପ୍ରତି ଶାସନ ପ୍ରକାଶ ହୁଅଇ ପୁଣି
ତୁମ୍ଭେ ତାହାଙ୍କର ଦୟାରେ ଯେବେ ରହିଥାଅ ତେବେ ତୁମ୍ଭର ପ୍ରତି ଦୟା
ପ୍ରକାଶ ହେବ ନୋହିଲେ ତୁମ୍ଭେ ତେମନ୍ତ ଉଚ୍ଛିନ୍ନ କରାଯିବ ।

ପୁଣି ସେମାନେ ଯେବେ ଅବିଶ୍ୱାସରେ ରହି ନ ଥାଆନ୍ତି ତେବେ ପୁନର୍ବାର ୨୩

ସଂଯୁକ୍ତ ହେବେ ଯେହେତୁ ପୁନର୍ବାର ସଂଯୁକ୍ତ କରିବାକୁ ଈଶ୍ୱରର ସାମର୍ଥ୍ୟ
୨୪ ଅଛନ୍ତି । ତୁମ୍ଭେ ବନ୍ୟ ଜୀଅ ବୃକ୍ଷର କଟା ଶାଖା ହୋଇ ସ୍ୱଭାବର ବରୁଦ୍ଧେ
ଯେବେ ଉତ୍ତମ ଜୀଅ ବୃକ୍ଷରେ ସଂଯୁକ୍ତ ହୋଇଅଛ ତେବେ ସେ ବୃକ୍ଷରେ
୨୫ ନିଜ ଶାଖାମାନ କି ନିଜ ବୃକ୍ଷରେ ସଂଯୁକ୍ତ ହେବାକୁ ନ ପାରିବ । ହେ ଭାଇ
ମାନେ ତୁମ୍ଭମାନଙ୍କର ଆତ୍ମ ଅହମାନ ଯେମନ୍ତ ନ ଜନ୍ମିବ ଏଥିପାଇଁ ଆମ୍ଭେ
ବାଞ୍ଛା କରି ଯେ ତୁମ୍ଭେମାନେ ଏହି ନିଗୂଢ କଥାରେ ଅଜ୍ଞାତ ନ ଥାଅ ଅର୍ଥାତ୍
ଯେ ସରକ ଅନ୍ୟ ବେଶୀୟମାନଙ୍କର ସମ୍ପୂର୍ଣରୂପେ ସଂଗ୍ରହ ନୋହିବେ ସେ
୨୬ ସରକ ଅଂଶ ଭାବେ ଇଶ୍ରାଏଲ ଲୋକଙ୍କର ଅନ୍ଧତ୍ୱ ହୋଇବ ଅନନ୍ତରେ
ସେମାନେ ସମସ୍ତେ ପରିତ୍ରାଣ ପାଇବେ । ଯେମନ୍ତ ଲେଖିତ ଅଛି ଯଥା ।
୨୭ ସୀୟୋନଠାରୁ ନିସ୍ତାରକର୍ତ୍ତା ଆସି ଯାକୁବର ବଂଶରୁ ଅଧର୍ମ ଦୂର କରି
ବେ ଏଣୁ ଯେଉଁ ସମୟରେ ଆମ୍ଭେ ସେମାନଙ୍କର ପାପ ଦୂର କରିବା ସେ ସମ
୨୮ ୟରେ ସେମାନଙ୍କର ସହିତ ଆମ୍ଭର ଏହି ନିୟମ ହେବ । ସୁସମାଚାର
ବିଷୟରେ ସେମାନେ ତୁମ୍ଭମାନଙ୍କର ପକ୍ଷ ଅପ୍ରିୟ ପାତ୍ର ହେଉଅଛନ୍ତି ପୁଣି
ମନୋନୀତ କରିବା ବିଷୟରେ ସେମାନେ ପିତୃଲୋକମାନଙ୍କର ପକ୍ଷ ପ୍ରିୟ
୨୯ ପାତ୍ର ହେଉଅଛନ୍ତି । ଯେହେତୁ ଈଶ୍ୱରର ଦାନ ଓ ଆହ୍ୱାନର ଅନ୍ୟଥା ନ
୩୦ ହୁଅଇ । ଏନମନ୍ତେ ତୁମ୍ଭେମାନେ ଯେମନ୍ତ ପୂର୍ବରେ ଈଶ୍ୱରର ପ୍ରତି ବିଶ୍ୱାସ
ନ କର ଏବେହେଁ ସେମାନଙ୍କର ଅବିଶ୍ୱାସ ସକାଶୁଁ ଈଶ୍ୱରର ଅନୁଗ୍ରହ
୩୧ ପାତ୍ର ହେଉଅଛ ତେମନ୍ତ ଏହି ସମୟରେ ସେମାନେ ଅବିଶ୍ୱାସ କଲେହେଁ
୩୧ ତୁମ୍ଭମାନଙ୍କର ପ୍ରାପ୍ତ କୃପା ସକାଶୁଁ କୃପା ପାଇବେ । ଈଶ୍ୱର ସମସ୍ତଙ୍କର
ପ୍ରତି କୃପା ପ୍ରକାଶ କରିବାକୁ ସମସ୍ତକୁଁ ଅବିଶ୍ୱାସରେ ସମର୍ପି ଦେଲେ ।
୩୩ ଆହା ଈଶ୍ୱରର ଜ୍ଞାନର ଓ ବୁଦ୍ଧି ସ୍ୱରୂପ ଧନ କେମନ୍ତ ଗଭୀର । ତାହାଙ୍କର
ବିଚାରସନର ତତ୍ତ୍ୱ କେମନ୍ତ ବୋଧର ଅଗମ୍ୟ ତାହାଙ୍କର ପଥ କେମନ୍ତ ଅନ
୩୪ ନ୍ତ । କାରଣ ପରମେଶ୍ୱରଙ୍କର ସଂକଳ୍ପ କେ ଜାଣିଅଛ ପୁଣି ତାହାଙ୍କର ମନ୍ତ୍ରୀ
୩୫ ଅବା କେ ହୋଇଅଛ । ତାହାଙ୍କର ଉପକାର କେ କରିଅଛ ତାହା କଲେ
୩୬ ସେ ତାହାର ପ୍ରତ୍ୟପକାର କରିବାକୁ ହୁଅଇ । ଯେହେତୁ ସକଳବିଷୟ ତାହାଙ୍କ
ଠାରୁ ତାହାଙ୍କ ଦ୍ୱାରା ଓ ତାହାଙ୍କ ନମନ୍ତେ ହେଉଅଛନ୍ତି । ତାହାଙ୍କର
ଗୌରବ ସର୍ବଦା ପ୍ରକାଶ ହେଉ । ଆମେନ ।

୧୨ ପତ୍ର ।

୧ ହେ ଭାଇମାନେ ଆମ୍ଭେ ଈଶ୍ୱରର ଦୟାରେ ତୁମ୍ଭମାନଙ୍କର ପ୍ରତି ଏହି
ନିବେଦନ କରି । ତୁମ୍ଭେମାନେ ଆପଣାମାନେ ଈଶ୍ୱରଙ୍କୁ ସଜୀବ ପବିତ୍ର ଗ୍ରାହ୍ୟ ବଳି

ରୂପେ ଈଶ୍ୱରର ଉଦ୍ଦେଶରେ ଉତ୍ସର୍ଗ କର ଏହା ତୁମ୍ଭମାନଙ୍କର ଉପଯୁକ୍ତ
ସେବା । ତୁମ୍ଭେମାନେ ଏହି ସଂସାରକ ଅନୁରୂପ ନ ହୋଇ ଅପଣାମାନଙ୍କ ମନର ୧
ଫେରାଇବାରେ ନୂତନ ଆକାର ହୁଅ । ତହିଁରେ ଈଶ୍ୱରର ଯେ ଅଜ୍ଞା କେ
ମନ୍ତ ଉତ୍ତମ ଓ ଗ୍ରାହ୍ୟ ଓ ସମ୍ପୂର୍ଣ୍ଣ ଏହା ଜ୍ଞାତସାର ହୋଇବ । ଆମ୍ଭକୁ ଦତ୍ତ ୩
ଅନୁଗ୍ରହ ଦ୍ୱାରା ଆମ୍ଭେ ତୁମ୍ଭମାନଙ୍କର ପ୍ରତ୍ୟେକ ଜଣକୁ ବୋଲି କୌଣସି ଜନ
ଅନୁପଯୁକ୍ତରୂପେ ଆପଣାକୁ ଶ୍ରେଷ୍ଠ କର ନ ମନି ଈଶ୍ୱର ଯାହାକୁ ଯେମନ୍ତ
ପରମାଣରେ ବଣ୍ଟାସ ଦେଇଛନ୍ତି ସେ ତାହା ଅନୁସାରେ ଉପଯୁକ୍ତରୂପେ
ଆପଣାକୁ ମଣୁ । ଯେହେତୁ ଆମ୍ଭମାନଙ୍କର ଏକ ଦେହରେ ଯେମନ୍ତ ଅନେକ ୪
ଅଙ୍ଗ ଅଛୁ ପୁଣି ସମସ୍ତ ଅଙ୍ଗର ସମାନ କାର୍ଯ୍ୟ ନୋହେ ଯେମନ୍ତ ଅମ୍ଭେ ୫
ମାନେ ଅନେକ ହୋଇଲେ ପ୍ରତ୍ୟେକ ଜଣ ଅଙ୍ଗ ପ୍ରତ୍ୟଙ୍ଗରୂପେ ଖ୍ରୀଷ୍ଟଙ୍କରେ
ଏକ ଶରୀର ହେଉଅଛୁଁ । ଏନମନ୍ତେ ଅନୁଗ୍ରହରେ ଆମ୍ଭେମାନେ ବଶେଷ ୬
ଅନୁଗ୍ରହ ଦାନ ପ୍ରାପ୍ତ ହେଲେ କେହି ଯେବେ ଉବଷ୍ୟଦ୍ଭବାକ୍ୟ କହୁଁଇ ତେବେ
ବଶ୍ୱାସର ପରମାଣ ଅନୁସାରେ ସେ ଉବଷ୍ୟଦ୍ଭବାକ୍ୟ କହୁ । କଅବା କେହି ୭
ଯେବେ ସେବାକାରୀ ହୁଅଇ ତେବେ ସେ ସେବା କରୁ । ଅବା କେହି ୮
ଯେବେ ଅଧ୍ୟାପକ ହୁଅଇ ତେବେ ସେ ଅଧ୍ୟାପନ କରୁଉ । ଅବା ଉପ
ଦେଶକ ହୋଇଲେ ଉପଦେଶ ଦେଉ । ଯେ ଦାତା ସେ ସରଳ ଭାବରେ
ଦାନ କରୁ । ଯେଉଁଜନ କର୍ତ୍ତୃପଣ କରଇ ସେ ଯତ୍ନରେ ତାହା କରୁ ।
ଯେଜନ ଦୟାକାରୀ ହୁଅଇ ହୃଷ୍ଟ ମନରେ ଦୟା କରୁ ।

ଆଉ ତୁମ୍ଭମାନଙ୍କର ପ୍ରେମ କପଟଶୂନ୍ୟ ହେଉ । ମନ୍ଦ ବଷୟରେ ବରକ୍ତ ୯
ହୋଇ ଉତ୍ତମ ବଷୟରେ ଅନୁରକ୍ତ ହୁଅ । ଭ୍ରାତୃଭାବର ପ୍ରେମରେ ଏକକୁ ୧୦
ଆରେକ ପ୍ରେମ କର ସମାଦରରେ ଏକଜଣ ଅରେକକୁ ଶ୍ରେଷ୍ଠ କର ମଣ । କା ୧୧
ର୍ଯ୍ୟରେ ଆଳସ୍ୟ ନୋହ ଉଦ୍ୟମୀ ମନରେ ପ୍ରଭୁର ପ୍ରତି ସେବା କର । ଭରସା ୧୨
ଯୁକ୍ତ ହୋଇ ଆନନ୍ଦ କର ଦୁର୍ଦ୍ଦଶାରେ ଧୈର୍ଯ୍ୟଶୀଳ ହୁଅ ପ୍ରାର୍ଥନାରେ ଉଦ୍ଯୋଗୀ
ହୋଇ ଥାଅ । ସାଧୁମାନଙ୍କର ପ୍ରତି ଯଥାଉପକାର ଦଅ ଅତିଥି ସେବାରେ ୧୩
ପ୍ରସ୍ତୁତ ହୁଅ । ତୁମ୍ଭମାନଙ୍କର ନଗ୍ରହକାରୀମାନଙ୍କୁ ଆଶୀର୍ବାଦ କର ଅଭିଶାପ ୧୪
ନ ଦେଇ ଆଶୀର୍ବାଦ କର । ଯେଉଁମାନେ ଆନନ୍ଦ କରନ୍ତି ସେମାନଙ୍କର ୧୫
ସହିତ ଆନନ୍ଦ କର । ଯେଉଁମାନେ କ୍ରନ୍ଦନ କରନ୍ତି ସେମାନଙ୍କର ସହିତ
କ୍ରନ୍ଦନ କର । ଏକଭାବରେର ପ୍ରତି ଏକ ଭାବ ହୁଅ । ଉଚ୍ଚପଦ ଅଭି ୧୬
ମାଷୀ ନ ହେଉ ଇତର ଲୋକମାନଙ୍କର ସହିତ ମିଳାପ କର । ଆପଣାମାନଙ୍କୁ
ଜ୍ଞାନବନ୍ତ କର ନ ବୁଝ । କାହାର ପ୍ରତି ମନ୍ଦର ପାଲଟେ ମନ୍ଦ ନ କର । ସମସ୍ତ ୧୭
ଙ୍କର ଦୃଷ୍ଟିରେ ଯେଉଁ କର୍ମ ଉପଯୁକ୍ତ ତାହା କର । ଯେବେ ହୋଇପାରେ ୧୮

୧୪ ତେବେ ସମସ୍ତଙ୍କ ସଙ୍ଗରେ ଯଥାସାଧ୍ୟ ନର୍ବିଘ୍ନେ ଅଚରଣ କର । ହେ
ପ୍ରିୟମାନେ ପ୍ରତ୍ୟହଂ ସା ଆପଣାମାନେ ନ କର ନ୍ତୋଧକୁ ସ୍ଥାନ ଦିଅ ଯେହେତୁ
ଲେଖା ଅଛି ପରମେଶ୍ୱର କହନ୍ତି ପ୍ରତିଫଳ ଦେବାକୁ ଆମ୍ଭର କର୍ମ ଆମ୍ଭେର
୨୦ ସମୁଚିତ ଦଣ୍ଡ ଦେବା । ଏଥିପାଇଁ ତୁମ୍ଭର ଶତ୍ରୁ କ୍ଷୁଧିତ ହେଲେ ତାହାକୁ
ଭୋଜନ କରାଅ ସେ ତୃଷିତ ହେଲେ ଜଳପାନ କରାଅ ତହିଁରେ ତାହାର
୨୧ ମସ୍ତକରେ ଜ୍ୱଳନ୍ତ ଅଙ୍ଗାର ରାଶି କରି ଥୋଇବ । କୁକ୍ରିୟାରେ ପରାଜିତ ନ ହୋଇ
ସୁକ୍ରିୟାରେ କୁକ୍ରିୟାକୁ ପରାଜୟ କର ।

୧୩ ପତ୍ର ।

୧ ତୁମ୍ଭେମାନେ ପ୍ରତ୍ୟେକ ଜଣ କର୍ତ୍ତୃପଣ ପଦର ଅଧୀନ ହୁଅ ଯେହେତୁ
ଯେ ସବୁ କର୍ତ୍ତାର ପଦ ଅଛି ସେ ସମସ୍ତ ଈଶ୍ୱରର ସ୍ଥାପିତ ଈଶ୍ୱର ବନ୍ଦ ପଦ
୨ ସ୍ଥାପନ ନ ହୁଅଇ । ଏଥିପାଇଁ କର୍ତ୍ତୃପଦର ବରୁଦ୍ଧ ଅଚରଣ କଲେ ଈଶ୍ୱରର
ନତ୍ପଣର ବରୁଦ୍ଧ କର୍ମ କରିବାର ହୁଅଇ ପୁଣି ଯେଉଁମାନେ ତାହା କରନ୍ତି
୩ ସେମାନେ ଆପଣାମାନଙ୍କର ସମୁଚିତ ଦଣ୍ଡ ଆପଣାମାନେ ପାଇବେ । ଶାସନକର୍ତ୍ତା
ଗଣ ସଦାଚରର ପ୍ରତି ଭୟଜନକ ନୋହେ ପୁଣି ମନ୍ଦାଚରର ପ୍ରତି ଭୟ
ଜନକ ହୁଅନ୍ତି । କର୍ତ୍ତାରେ ତୁମ୍ଭେ କି ନର୍ଭୟ ହେବାକୁ ଚାହଁ ତେବେ
୪ ସତ୍କର୍ମ କର ତହିଁରେ ତାହାଙ୍କଠାରୁ ସୁଖ୍ୟାତି ପାଇବ ଯେହେତୁ ସେ
ତୁମ୍ଭର ମଙ୍ଗଳ ନମନ୍ତେ ଈଶ୍ୱରର ସେବକ ହୋଇଛନ୍ତି । ପୁଣି ମନ୍ଦ କର୍ମ
କଲେ ଭୟଯୁକ୍ତ ହୁଅ ଯେହେତୁ ସେ ନରର୍ଥକ ଖଡ୍‌ଗଧାରୀ ନ ହୁଅଇ ଯୋ
ଲୋକ କୁକର୍ମ କରନ୍ତି ସେମାନଙ୍କର ସମୁଚିତ ଦଣ୍ଡ ଦେବା ପାଇଁ ଈଶ୍ୱରର
୫ ସେବକ ହୋଇ ଦଣ୍ଡଦାତା ଅଟଇ । ଏନମନ୍ତେ କେବଳ ଦଣ୍ଡର ଭୟଂ
୭ ନୋହେ ପୁଣି ସ୍ୱମନର ସକାଶୁଂ ବଶୀଭୂତ ହେବାକୁ ହୁଅଇ । ଅତ୍ତ ସେ
ସକାଶୁଂ ତୁମ୍ଭମାନଙ୍କର ରାଜକର ଦେବାକୁ ହୁଅଇ ଯେହେତୁ ସେମାନେ
୭ ଈଶ୍ୱରର ସେବକ ହୋଇ ଏକାର୍ଯ୍ୟରେ ନତ୍ୟ ପ୍ରବୃତ୍ତି ହୁଅନ୍ତି । ଏନମ୍ତୁରେ
ରାଜାକୁ ରାଜସ୍ୱ ଦିଅ ଘାଟିଆମାନଙ୍କୁ ଘାଟ ଦିଅ ଭୟ ଯୋଗ୍ୟମାନଙ୍କୁ ଭୟ
କର ଆଦରଣୀୟ ଲୋକଙ୍କୁ ଆଦର କର । ଏହାଦ୍ୱାରେ ଯେ ଯାହାର ସ୍ୱାପ୍ତବ୍ୟ
ତାହା ତାହାକୁ ଦିଅ ।

୮ ଏକକୁଆରେକ ପ୍ରେମବନ୍ଦ ଆଉ କାହିଂରେ କାହାର ଋଣୀ ନ ହୁଅ
ଯେହେତୁ ପରର ପ୍ରତି ଯେ ପ୍ରେମ କରଇ ତାହା ଦ୍ୱାରା ବ୍ୟବସ୍ଥା ସିଦ୍ଧ ହୁଅଇ ।
୯ ଏଣୁ ପରଦାର ନ କର ବଧ ନ କର ଚୌର୍ଯ୍ୟ ନ କର ମିଥ୍ୟା ସାକ୍ଷ୍ୟ ନ ଦିଅ
ଲୋଭ ନ କର ଇତ୍ୟାଦି ଆଉ ଯେତେ ଆଜ୍ଞା ଥିବ ତାହା ସମସ୍ତ ପ୍ରତିବାକ୍ୟରେ

ପ୍ରତ୍ୟେକର ଭୁଲ୍ ପ୍ରେମ କର ଏହ ଏକ ସଂକ୍ଷେପ ଆଜ୍ଞାରେ ଅନ୍ତର୍ଗତ ହୁଅଇ ।
ଯେହେତୁ ପ୍ରେମ ପଡୁଶିର ମନ୍ଦ ନ ଜନ୍ମାଏ; ଏଥିପାଁଇ ପ୍ରେମରେ ସମସ୍ତ ୧୦
ବ୍ୟବସ୍ଥା ପାଲଣ ହୁଅଇ ।

ଆମ୍ଭମାନଙ୍କର ବଶ୍ୱାସ କରିବାର ଆଦ୍ୟକାଳର ଏବେହେଁ ପରମାଶର ୧୧
ସମସ୍ତ ସନ୍ନିକଟ ହୋଇଅଛୁ ଏହା ଜାଣି ଏକ୍ଷଣି ନଦ୍ରାର୍ ଆମ୍ଭମାନଙ୍କର ଜାଗ୍ରତ
ହୋଇବା ନଡାନ୍ତ୍ର ଉଚିତ । ରାତ୍ରି ପାହାନ୍ତ୍ରା ହେଉଅଛୁ ଅଉଣ ଦିବସ୍ ୧୨
ସମସ୍ତ ପ୍ରାୟ୍ ଉପସ୍ଥିତ । ଏଣୁ ଆସ ଅନ୍ଧକାରସ ମତ୍ତତା ଲମ୍ପଟତା କାମୁକତା ୧୩
ବରୋଧ ଈର୍ଷା ଏମନ୍ତ୍ର ଯେ ରାତ୍ରିକାଳର କ୍ରିୟା ଶୁଦ୍ଧ ଦୀପ୍ତିର ଉପଯୁକ୍ତ ସଜ୍ଜା
ପିନ୍ଧି ଦିବସର ବହୁତ ସରଳ ଆଚରଣ କରୁଁ । ପ୍ରଭୁମାନଙ୍କର ଶାସ୍ତାରକ ୧୪
ସୁଖ ଅଭିଲାଷ ପରପୂର୍ଣ କରିବାର ଆୟୋଜନ ନ କର ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ
ବସ୍ତ୍ରରୂପେ ପିନ୍ଧ ।

୧୪ ପର୍ବ ।

ଯେଉଁଜଣ ବଶ୍ୱାସରେ ଦୁର୍ବଳ ତାହାକୁ ତୁମ୍ଭେମାନେ ସୁଗ୍ରାହ୍ୟ କର ପୁଣି ୧
ସନ୍ଦେହ ବାଦାନୁବାଦ କରିବାକୁ ତାହା ନ କର । ଯେହେତୁ ଜଣେ ବଶ୍ୱାସ ୨
କରଇ ଯେ ସବୁ ଦ୍ରବ୍ୟ ଭୋଜନ କରିବାକୁ ପାରଇ ଅରେକ ଦୁର୍ବଳ ହେବାରୁଁ
କେବଳ ଶାଗ ଭୋଜନ କରଇ । ସାଧାରଣ ଦ୍ରବ୍ୟ ଯେ ଖାଅନ୍ତ୍ର ସେ ଜଣ ୩
ବଶେଷୀ ଦ୍ରବ୍ୟ ଖାଇବା ଜଣକୁ ତୁଚ୍ଛ ଜ୍ଞାନ ନକର; ଯେହେତୁ ପ୍ରଭୁ ତାହାକୁ
ଗ୍ରହଣ କରିଅଛନ୍ତ୍ର । ପରର ଦାସକୁ ଦୋଷୀ କରିବାକୁ ତୁମ୍ଭେ କେ । ସେ ୪
ନଜ ପ୍ରଭୁଠାରେ ଠଉରବ କିମ୍ବା ପତନ । ଏଣୁ ସେ ସ୍ଥିରୀକୃତ ହେବ
ଯେହେତୁ ଈଶ୍ୱର ତାହାକୁ ସ୍ଥିର ରଖିବାକୁ ପାରନ୍ତ୍ର । ଅବା କୌଣସି ୫
ଜନ ଅନ୍ୟାନ୍ୟ ଦନରୁ ଏକ ଦନକୁ ବଶେଷରୂପେ ମାନଇ ଅଉ କେହି
ସମସ୍ତ ଦନକୁ ସମାନରୂପେ ମାନନ୍ତ୍ର ପ୍ରତ୍ୟେକ ଜଣ ଆପଣାର ମନେ ବବେଚନା
କର ସ୍ଥିର ହୁଅ । ଯେଉଁଜଣ ବଶେଷ ଦନ ମାନଇ ସେ ପ୍ରଭୁକୁ ମାନ୍ୟ ୬
କର ମାନନ୍ତ୍ର ଯେ ଜନ ତାହା ନ ମାନଇ ସେ ପ୍ରଭୁକୁ ମାନ୍ୟ କର ନ ମାନନ୍ତ୍ର ।
ଯେ ଜନ ଖାଅନ୍ତ୍ର ସେ ଈଶ୍ୱରଙ୍କଠାରେ ଧନ୍ୟବାଦ କରିବାରେ ପ୍ରଭୁକୁ ମାନ୍ୟ
କର ଭୋଜନ କରଇ ଅଉ ଯେ ଜନ ନ ଖାଅନ୍ତ୍ର ଯେ ଈଶ୍ୱରକୁ ଧନ୍ୟବାଦ
କରିବାରେ ପ୍ରଭୁକୁ ମାନ୍ୟକର ଭୋଜନ ନ କରନ୍ତ୍ର । ଅଉ ଆମ୍ଭମାନଙ୍କର ୭
କେହ ଲୋକ ଯେ ଆପଣା ଉଦ୍ଦେଶରେ ବଞ୍ଚଇ କ ମରଇ ତାହା ନୋହେ ଯେ ୮
ହେଉ ଯେବେ ବଞ୍ଚି ତେବେ ପ୍ରଭୁର ଉଦ୍ଦେଶରେ ବଞ୍ଚି ଅବା ଯେବେ ମର
ତେବେ ପ୍ରଭୁର ଉଦ୍ଦେଶରେ ମର ଏଣୁ ଜୀବନରେ କ ମରଣରେ ଆମ୍ଭେ

୯ ମାନେ ପ୍ରଭୁର ଅଟୁଁ । ଆଉ ଯେମନ୍ତ ଜୀବନ୍ତ କି ମୃତ୍ୟୁବନ୍ତ ଦୁଇ ଲୋକର ପ୍ରଭୁ
ହୁଅନ୍ତି ଏଥିପାଁଇ ଖ୍ରୀଷ୍ଟ ମଲେ ଓ ଉତ୍ଥାନ କଲେ ଓ ପୁନର୍ଜୀବିତ ହୋଇଲେ ।
୧୦ ପୁଣି ତୁମ୍ଭେ ଆପଣା ଭାଇକୁ କିପାଁଇ ଦୋଷୀ କର ଆଉ ତୁମ୍ଭେ ଆପଣା ଭାଇକୁ
କିପାଁଇ ତୁଚ୍ଛ ଜ୍ଞାନ କର । ଖ୍ରୀଷ୍ଟର ବିଚାର ସିଂହାସନର ଶ୍ଚମୁରେ ଆମ୍ଭମାନ
୧୧ ଙ୍କର ସମସ୍ତର ଠିୟା ହେବାକୁ ହେବ । ଯେମନ୍ତ ଲେଖାଅଛି ଯଥା ପରମେ
ଶ୍ୱର କହନ୍ତି ଆମ୍ଭର ଥିବାର ପ୍ରମାଣେ ଆମ୍ଭଠାରେ ପ୍ରତ୍ୟେକ ଅଣ୍ଠୁ ବଙ୍କା
୧୨ ହେବ ପୁଣି ପ୍ରତ୍ୟେକ ଜିହ୍ୱା ଈଶ୍ୱରଙ୍କଠାରେ ସ୍ୱୀକାର କରିବ । ଏନିମନ୍ତେ
ଈଶ୍ୱରଙ୍କଠାରେ ଆମ୍ଭମାନଙ୍କର ପ୍ରତ୍ୟେକ ଜଣ ଆପଣା୨ ବିଷୟରେ ନିକାଶ
ଦେବାକୁ ହେବ ।

୧୩ ଏମନ୍ତ ହେଲା ଆମ୍ଭେମାନେ ଏକକୁଆରେକ ଆଉ କେବେ ଦୋଷୀ ନ କରି
ପୁଣି କୌଣସି ଜଣ ଆପଣାର ଭାଇର ବାଟରେ ବିଘ୍ନ ସ୍ୱରୂପ ପଥର ଅବା ଝୁଣ୍ଟି
୧୪ ବାର କାରଣ ଯେମନ୍ତ ନ ପକାଇ ଏହା ବିବେଚନା କରି । କୌଣସି ବସ୍ତୁ
ଯେ ସ୍ୱାଭାବିକ ଅଶୁଚି ନ ହୁଅଇ ଏହା ଆମ୍ଭେ ଜାଣି ପୁଣି ପ୍ରଭୁ ଯୀଶୁଠାରୁ
ନିଶ୍ଚୟ ଜ୍ଞାତ ଅଛୁଁ ମାତ୍ର ଯେଉଂଜନ କୌଣସି ବସ୍ତୁକୁ ଅଶୁଚି ଜ୍ଞାନ କରଇ
୧୫ ତାହାର ପ୍ରତି ସେ ବସ୍ତୁ ଅଶୁଚି ହୁଅଇ । ଏକାରଣ ତୁମ୍ଭର ଖାଦ୍ୟ ସାମଗ୍ରୀ ଦ୍ୱାରା
ଯେବେ ତୁମ୍ଭର ଭାଇର ମନ ଦୁଃଖିତ ହୁଅଇ ତେବେ ତୁମ୍ଭେ ଭାଇର ପ୍ରତି
ପ୍ରେମାଚରଣ ନ କରୁଅଛ । ଯାହାର ନିମନ୍ତେ ଖ୍ରୀଷ୍ଟ ଆପଣାର ପ୍ରାଣ ଦେଲେ
୧୬ ତାହାକୁ ଆପଣା ଖାଦ୍ୟ ସାମଗ୍ରୀ ଦ୍ୱାରା ନାଶ ନ କର । ଆଉ ତୁମ୍ଭମାନଙ୍କର
୧୭ ଉତ୍ତମ ବିଷୟ ନିନ୍ଦିତ ହେବାକୁ ନ ଦିଅ । ଯେହେତୁ ଖାଇବାର କି ପିଇ
ବାର ବିଷୟରେ ନୋହେ ପୁଣି ଧର୍ମ ଓ ଶାନ୍ତି ଓ ଧର୍ମଆତ୍ମରେ ଆନନ୍ଦ ବିଷ
୧୮ ୟରେ ଈଶ୍ୱରର ରାଜ୍ୟ ହୋଇଅଛି । ଯେଉଂଜନ ଖ୍ରୀଷ୍ଟର ସେବକ ହୋଇ
ଏହି ସମସ୍ତ ବିଷୟ କରୁଥାୟେ ସେଜଣ ଈଶ୍ୱରଠାରେ ସୁଗ୍ରାହ୍ୟ ପୁଣି ମନୁ
୧୯ ଷ୍ୟଠାରେ ସୁଖ୍ୟାତି ହୁଅଇ । ଏନିମନ୍ତେ ଯହିଂରେ ଆମ୍ଭମାନଙ୍କର ସମସ୍ତର
୨୦ ନିର୍ବିରୋଧ ଓ ପରସ୍ପର ନିଷ୍ଠା ହୁଅଇ ଏମନ୍ତ ଚେଷ୍ଟା କରି । ଖାଦ୍ୟର
ନିମନ୍ତେ ଈଶ୍ୱରର କର୍ମର ହାନି ନ ଜନ୍ମାଅ ସମସ୍ତ ବସ୍ତୁ ଯେ ଶୁଚି ଏହା
ସତ୍ୟ ତଥାପି ଯେଉଂଜଣ ତାହା ଭୋଜନ କରି ବିଘ୍ନ ପାୟେ ତାହାର
୨୧ ପ୍ରତି ସେ ଭଲ ନ ହୁଅଇ । ମାଂସ ଭକ୍ଷଣ କି ମଦ୍ୟପାନ ଇତ୍ୟାଦ ଯେ
କୌଣସି ବିଷୟରେ ତୁମ୍ଭର ଭାଇ ଝୁଣ୍ଟି ପଡଇ କି ବିଘ୍ନ ପାୟେ କି ଦୁର୍ବଳ
ହୁଅଇ ଏମନ୍ତ ଦ୍ରବ୍ୟ ଭୋଜନ କି ପାନ କରିବାକୁ ଭଲ ନ ହୁଅଇ ।
୨୨ ଯେବେ ତୁମ୍ଭର ବିଶ୍ୱାସ ଥାୟେ ତେବେ ଆପଣାର ଅନ୍ତରେ ଈଶ୍ୱରର
ଗୋଚରେ ତାହା ରଖ । ଯେଉଂଜଣ ଆପଣାର ଇଷ୍ଟ ମତେ ଆପଣାକୁ

ଦୋଷୀ ନ କରଇ ସେ ଧନ୍ୟ । ପୁଣି ଯେ କେହ ସଂଶୟ କର ଅର୍ଥାତ୍ ୧୩
ପ୍ରତ୍ୟୟ ନ କର ଭୋଜନ କରଇ ସେ ଅବଶ୍ୟ ଦଣ୍ଡଯୋଗ୍ୟ ହେବ କାରଣ
ଯେ କୌଣସି କ୍ରିୟା ବଶ୍ୱାସର ନ ଜନ୍ମଇ ସେ ପାପମୟ ହୁଅଇ ।

୧୫ ପର୍ବ ।

ବଶ୍ୱାସରେ ବଳବନ୍ତ ଯେ ଆମ୍ଭେମାନେ ଅପଶାମାନଙ୍କର ଦୁର୍ବଳଜନକ କର୍ମ ୧
ରେ ସନ୍ତୋଷ ନ ହୋଇ ଦୁର୍ବଳ ଲୋକମାନଙ୍କର ବ୍ୟବହାର ସହିବାକୁ ଆମ୍ଭ
ମାନଙ୍କର କର୍ତ୍ତବ୍ୟ । ବନମନ୍ତେ ଆମ୍ଭମାନଙ୍କର ପ୍ରତ୍ୟେକ ଜଣ ଅପଶାୀ ପଡୁ ୨
ସୀର ହିତର ଓ ନଷ୍ଟାର ନମନ୍ତେ ଦୁର୍ବଳଜନକ କର୍ମ କରୁ । ଖ୍ରୀଷ୍ଟ ଅପେଁ ଅପ ୩
ଶାର ଦୁର୍ବଳିର ଚେଷ୍ଟା ନ କଲେ ଯେମନ୍ତ ଲେଖିତ ଯଥା । ତୁମ୍ଭର ନନ୍ଦକ
ମାନଙ୍କ୍ଂର ଯେ ନନ୍ଦା ତାହା ଆମ୍ଭର ଉପରେ ବର୍ତ୍ତିଲା । ଆଉ ଅମ୍ଭେମାନେ ୪
ଯେମନ୍ତ ସହିଷ୍ଣୁତା ଓ ସାନ୍ତ୍ୱନା ଜନକ ଶାସ୍ତ୍ରର ଉରସା ପାଇ ପାର ବନମନ୍ତେ
ପୂଜ୍ଜକାଲର ଯେ ସବୁ କଥା ଲେଖା ଅଛ ତାହା ଆମ୍ଭମାନଙ୍କର ଉପଦେ
ଶର ପାଁଇ ଅଛ । ସହ୍ୟକାଶ୍ର ଓ ଶାନ୍ତିଦାୟକ ଈଶ୍ୱର ବମନ୍ତ କରନ୍ତୁ ଯେ ୫
ପ୍ରଭୁ ଯୀଶୁଖ୍ରୀଷ୍ଟର ନ୍ୟାୟ ତୁମ୍ଭେମାନେ ବକ୍ତାରେବକର ସହିତ ମନର ଐକ୍ୟ
ରଖ । ପୁଣି ବକ ଚିତ୍ତରେ ଥାଇ ବକ ମୁଖରେ ଆମ୍ଭମାନଙ୍କର ପ୍ରଭୁ ଯୀଶୁ ୬
ଖ୍ରୀଷ୍ଟର ପିତା ଈଶ୍ୱରର ଗୁଣାନୁବାଦ କର । ଅତ୍ ଈଶ୍ୱରର ମହିମା ପ୍ରକା ୭
ଶର ନମନ୍ତେ ଖ୍ରୀଷ୍ଟ ଯେମନ୍ତ ତୁମ୍ଭମାନଙ୍କୁ ଗ୍ରାହ୍ୟ କରଅଛନ୍ତି ତେମନ୍ତେ ତୁମ୍ଭେ
ମାନେ ବକ୍ତାରେବକ ଗ୍ରାହ୍ୟ କର ।

ଈଶ୍ୱରର ଯେ ସତ୍ୟତା ଓ ପିତୃଲୋକର ପ୍ରତି ଯେ ପ୍ରତିଜ୍ଞା ତାହା ସୁସିଦ୍ଧ ୮
କରବାର ପାଁଇ ଅତ୍ ତାହାଙ୍କର କରୁଣା ସକାଶୁଂ ଅନ୍ୟଦେଶୀୟମାନେ
ଯେମନ୍ତ ଈଶ୍ୱରର ଗୁଣାନୁବାଦ କରବେ ଏଥିପାଁଇ ଯୀଶୁଖ୍ରୀଷ୍ଟ ସୁନ୍ନତିମାନଙ୍କର
ସେବକ ହୋଇ ଥିଲେ ବୋଲି ଆମ୍ଭେ କହୁ । ଯେମନ୍ତ ଲେଖିତ ଯଥା । ଏଥି ୯
ପାଁଇ ଆମ୍ଭେ ବିଦେଶୀୟମାନଙ୍କର ନକଟରେ ତୁମ୍ଭର ଗୁଣାନୁବାଦ କରବା ଓ
ତୁମ୍ଭର ନାମ ଗାୟନ କରବା । ଅନ୍ୟତ୍ର ଲେଖା ଅଛ ଯଥା । ହେ ବଦେଶୀୟ ୧୦
ଲୋକ ତାହାଙ୍କର ଲୋକମାନଙ୍କର ସହିତ ଆନନ୍ଦ କର । ପୁନର୍ବାର ଲେଖା ୧୧
ଅଛ ଯଥା ହେ ଅନ୍ୟଦେଶୀୟ ଲୋକ ସମସ୍ତ ଈଶ୍ୱରର ଗୁଣାନୁବାଦ କର
ହେ ଦେଶସ୍ଥଲୋକ ସବୁ ଈଶ୍ୱରର ପ୍ରଶଂସା କର । ଅନ୍ୟତ୍ର ଯିଶାଇୟ କହି ୧୨
ଅଛନ୍ତି । ବଦେଶୀୟମାନଙ୍କର ଉପରେ ଯେ ପ୍ରଭୁ କରବେ ଓ ଯାହାଙ୍କ
ଠାରେ ବଦେଶୀୟମାନେ ଭରସା କରବେ ଯିଶୀର ବଂଶର ବମନ୍ତ ବକ
ଜଣ ଉତ୍ପନ୍ନ ହେବେ । ବମନ୍ତରେ ତୁମ୍ଭେମାନେ ଯେମନ୍ତ ଧର୍ମଅଗ୍ନିର ପ୍ରଭାବରୁ ୧୩

ସମ୍ପୂର୍ଣ୍ଣ ଭରସା ପ୍ରାପ୍ତ ହୁଅ ଏଥିପାଇଁ ସେ ଭରସାଜନକ ଈଶ୍ୱର ବିଶ୍ୱାସ
ଦ୍ୱାରା ତୁମ୍ଭମାନଙ୍କୁ ଶାନ୍ତିରେ ଓ ଆନନ୍ଦରେ ପରିପୂର୍ଣ୍ଣ କରନ୍ତୁ ।
୧୪ ହେ ଆମ୍ଭର ଭାଇମାନେ ତୁମ୍ଭେମାନେ ଭଦ୍ରପଣରେ ଓ ସର୍ବପ୍ରକାର ଜ୍ଞାନ
ରେ ପୂର୍ଣ୍ଣ ପୁଣି ଏକକୁଆରେକ ଉପଦେଶ ଦେବାକୁ ତତ୍ପର ଏହା ଆମ୍ଭେ ସ୍ଥିର
୧୫ ମଣି । ତଥାପି ଆମ୍ଭେ ଈଶ୍ୱରକଂ ଦତ୍ତ ଅନୁଗ୍ରହ ଅନୁସାରେ ତୁମ୍ଭମାନଙ୍କୁ
୧୬ ପ୍ରବୋଧ ଦେବା ପାଇଁ ଅଂଶକ୍ରମେ ସାହସିକ ହୋଇ ଲେଖିଲୁଁ । ଯେଣୁ ଅନ୍ୟ
ଦେଶୀୟମାନେ ଯେମନ୍ତ ଧର୍ମଆଗୁର ଦ୍ୱାରା ପବିତ୍ରୀକୃତ ହୋଇ ଗ୍ରାହ୍ୟ ନୈ
ବେଦ୍ୟ ସ୍ୱରୂପ ହୁଅନ୍ତି ଏଥିପାଇଁ ଆମ୍ଭେ ସୁସମାଚାର ପ୍ରଚାର ନିମନ୍ତେ ସେହି
୧୭ ଅନ୍ୟ ଦେଶୀୟମାନକଂଠାରେ ଯୀଶୁଖ୍ରୀଷ୍ଟର ସେବକ ଅଛୁଁ । ଏଣୁ ଈଶ୍ୱରର
୧୮ ବିଷୟ ଯୀଶୁଖ୍ରୀଷ୍ଟ ଦ୍ୱାରା ଆମ୍ଭର ଦର୍ପ କରିବାର କାରଣ ଅଛି । ଯେହେତୁ ବା
କ୍ୟରେ ଓ କ୍ରିୟାରେ ଅର୍ଥାତ୍ ଆଶ୍ଚର୍ଯ୍ୟ ଲକ୍ଷଣ ଓ ଚିହ୍ନରେ ପୁଣି ଈଶ୍ୱରର ଆଗୁର
ପ୍ରଭାବରେ ବିଦେଶୀୟମାନଙ୍କୁ ଅଜ୍ଞାବହ କରିବାର ପାଇଁ ଆମ୍ଭ ଦ୍ୱାରା ଖ୍ରୀଷ୍ଟ ଯେ
ସବୁ କର୍ମ ସାଧନ କରିଅଛନ୍ତି ତାହା ବିନୁ ଅଉ କୌଣସି କର୍ମର କଥା କହିବାକୁ
୧୯ ଆମ୍ଭେ ସାହସିକ ନୋହି । ତହିଁରେ ଯିରୁଶାଲମଠାରୁ ଇଲ୍ଲିରିକ ପର୍ଯ୍ୟନ୍ତେ
ସର୍ବତ୍ର ଖ୍ରୀଷ୍ଟର ମଙ୍ଗଳସମାଚାର ଘୋଷଣା କରିଅଛୁଁ । ଆନ ଜଣର ବୁନିୟା
୨୦ ଦରେ ଯେମନ୍ତ ନ ଗୁନ୍ଥି ଏଥିପାଇଁ ଯେ ସ୍ଥାନର ଲୋକମାନେ ଖ୍ରୀଷ୍ଟର ନାମ
କେବେ ଶୁଣି ନାହାନ୍ତି ସେମାନଙ୍କଠାରେ ମଙ୍ଗଳସମାଚାର ଘୋଷଣା କରିବାକୁ
୨୧ ଆମ୍ଭେ ଲୋଡିଲୁଂ । ଯେମନ୍ତ ଲେଖିତ ଅଛି । ଯେଉଂମାନଙ୍କଠାରେ ସେ
ପ୍ରକାଶିତ ନ ଥିଲେ ସେମାନେ ଦେଖିବାକୁ ପାଇବେ ଓ ଯେଉଂମାନେ ଶୁଣି
୨୨ ବାକୁ ପାଇ ନାହାନ୍ତି ସେମାନେ ବିବେଚନା କରିବେ । ତହିଁରେ ଆମ୍ଭେ
୨୩ ତୁମ୍ଭମାନଙ୍କଠାରେ ଆସିବାକୁ ବାଞ୍ଛା କଲେ ଥରକୁଥର ବାଧା ପାଇଲୁଁ । ପୁଣି
ଏତେବେଳେ ଏଅଞ୍ଚଳରେ ଗନ୍ତବ୍ୟ ସ୍ଥାନ ଅଉ ନ ଥିବାରୁଂ ଓ ତୁମ୍ଭମାନ
ଙ୍କର ନିକଟରେ ଗମନ କରିବାକୁ ବହୁତ ଦିନରୁ ଆମ୍ଭର ବଡ ବାଞ୍ଛା ହେବାରୁଂ
୨୪ ଯେତେବେଳେ ସ୍ପାନିୟା ଦେଶରେ ଯାତ୍ରା କରିବା ତେତେବେଳେ ତୁମ୍ଭମାନ
ଙ୍କର କତିରେ ଦେଇ ଯିବା । ଯେଣୁ ସେ ପଥ ଯିବାବେଳେ ତୁମ୍ଭମାନଙ୍କର
ସଙ୍ଗରେ ଦେଖା କରିବାକୁ ପୁଣି ତୁମ୍ଭମାନଙ୍କର ସହିତ ଆଳାପ ବ୍ୟବହାର କରି
ସନ୍ତୋଷ ହେଲା ଉତ୍ତାରେ ତୁମ୍ଭମାନଙ୍କ ଦ୍ୱାରା ଯିବାର ସୁସାର ପାଇବାକୁ
୨୫ ଆମ୍ଭର ଏମନ୍ତ ଆଶା ଅଛି । ପୁଣି ଏବେହେଁ ସାଧୁମାନଙ୍କୁ ସେବା କରିବାକୁ
୨୬ ଆମ୍ଭକୁ ଯିରୁଶାଲମ ନଗରରେ ଯିବାକୁ ହେଲା କାରଣ ମାକିଦୋନିୟା ଓ
ଆଖାଇୟା ଦେଶୀୟମାନେ ଯିରୁଶାଲମସ୍ଥ ଦୀନହୀନ ସାଧୁମାନଙ୍କର ଉପକା
୨୭ ରର ନିମନ୍ତେ କିଛି ଚାନ୍ଦା କରିବାକୁ ଭଲ ମଣିଅଛନ୍ତି । ଅଉ ଏହି ପ୍ରକାରେ

କରି ସେମାନେ ଭଲ ମଣନ୍ତି ପ୍ରମାଣ ଯେହେତୁ ସେମାନଙ୍କର ଋଣଗ୍ରସ୍ତ ସେ
ମାନେ ଅଟନ୍ତି । ଏଣୁକରି ବିଦେଶୀୟମାନେ ଯେବେ ସେମାନଙ୍କଠାରୁ ପାରମା
ର୍ଥିକ ଧନ ପାନ୍ତି ତେବେ ଐହିକ ଧନ ଦ୍ୱାରା ଉପକାର କରିବାକୁ ସେମାନଙ୍କରି
ଉଚିତ । ଏନିମନ୍ତେ ସେମାନଙ୍କୁ ସେହି ଫଳ ଦାନକରି ଏହି କର୍ମ ସମ୍ପନ୍ନ ହୋ ୧୮
ଇଲା ଖ୍ରୀନିୟା ଦେଶକୁ ଯାତ୍ରାର ସମୟରେ ତୁମ୍ଭମାନଙ୍କର ନିକଟ ଦେଇ ଯିବା ।
ଆଉ ଯେତେବେଳେ ତୁମ୍ଭ କତିକୁ ଯାଇ ତେତେବେଳେ ଖ୍ରୀଷ୍ଟର ସୁସମା ୧୯
ଚାରର ସମ୍ପୂର୍ଣ୍ଣ ଆଶୀର୍ବାଦ ପାତ୍ର ହୋଇ ଯିବା ଏହା ଅମ୍ଭେ ନିଶ୍ଚେଁ ମଣି ।

ହେ ଭାଇମାନେ ଅମ୍ଭେ ପ୍ରଭୁ ଯୀଶୁଖ୍ରୀଷ୍ଟର ନାମରେ ଓ ଧର୍ମଆତ୍ମର ପ୍ରେମ ୩୦
ରେ ଏହି ବିନତି କରି ଯେମନ୍ତ ଯିହୁଦା ଦେଶସ୍ଥ ଅବିଶ୍ୱାସୀ ଲୋକମାନଙ୍କର
ହାତରୁ ନିସ୍ତାର ପାଇ ପୁଣି ଅମ୍ଭର ଏହି ସେବା ସେହି ଯିରୁଶାଲମସ୍ଥ ସାଧୁ
ମାନଙ୍କଠାରେ ଗ୍ରାହ୍ୟ ହୁଅଇ ଆଉ ଈଶ୍ୱର ଇଚ୍ଛାରେ ତୁମ୍ଭମାନଙ୍କର କତିରେ ୩୧
ଆନନ୍ଦରେ ଯାଇ ତୁମ୍ଭମାନଙ୍କର ସହିତ ରହି ଆରାମ ପାଇ ଏହି ସକଳର ୩୨
ନିମନ୍ତେ ଅମ୍ଭର ପାଁଇ ଏକାନ୍ତ ମନରେ ଈଶ୍ୱରଙ୍କଠାରେ ପ୍ରାର୍ଥନାରେ ଯତ୍ନ
ବାନ ହୁଅ । ଶାନ୍ତିଦାୟକ ଈଶ୍ୱର ତୁମ୍ଭମାନଙ୍କର ସମସ୍ତର ସଙ୍ଗରେ ୩୩
ଥାଉନ୍ତୁ ॥ ଆମେନ ॥

## ୧୬ ପର୍ବ ।

[ହେ ଭାଇମାନେ] କେଙ୍କ୍ରୀୟା ନଗରସ୍ଥ ମଣ୍ଡଳୀର ଦାସୀକା ଫୈବୀ ନାମରେ ୧
ଅମ୍ଭମାନଙ୍କର ଧର୍ମ ଭଉଣୀ ତୁମ୍ଭମାନଙ୍କ ପ୍ରତି ସୁପାରିସ କରି ଦେଇ ସେ ୨
ତୁମ୍ଭମାନଙ୍କଠାରେ ଉପସ୍ଥିତ ହେଲେ ତୁମ୍ଭେମାନେ ତାହାକୁ ପ୍ରଭୁର ଲୋକ
ଜାଣି ସାଧୁମାନଙ୍କର ବିହିତରୂପରେ ଅତିଥି କରିବ ଆଉ ତୁମ୍ଭମାନଙ୍କଠାରୁ
ତାହାର ଯେ ପ୍ରୟୋଜନ ତାହା ଅନୁସାରେ ତାହାକୁ ଉପକାର କରିବ । ଯେ
ହେତୁ ତାହାରଠାରୁ ଅନେକର ବିଶେଷରେ ଅମ୍ଭର ଉପକାର ହୋଇଅଛି ।
ଆଉ ଯୀଶୁଖ୍ରୀଷ୍ଟର ସେବା ବିଷୟରେ ଅମ୍ଭର ସହକାରୀ ପୁଣି ଅମ୍ଭର ପ୍ରାଣର ୩
ନିମନ୍ତେ ଆପଣାମାନଙ୍କର ପ୍ରାଣ ଦେବାକୁ ଉଦ୍ୟତ ହେଲା ଏମନ୍ତ ଯେ ପୃସ୍କିଲା
ଓ ଅକୁଲା ସେମାନଙ୍କର ପ୍ରତି ଅମ୍ଭର ନମସ୍କାର ଜଣାଅ । ସେମାନଙ୍କଠାରେ ୪
କେବଳ ଅମ୍ଭେ ଉପକାରମାନୀ ଅଟୁଁ ତାହା ନୋହେ ଅନ୍ୟ ଦେଶୀୟ
ସବୁ ମଣ୍ଡଳୀ ସେ ପରି ଅଟନ୍ତି । ଆଉ ସେମାନଙ୍କର ଗୃହରେ ମଣ୍ଡଳୀସ୍ଥ ସମ ୫
ସ୍ତଙ୍କୁ ଅମ୍ଭର ନମସ୍କାର ଜଣାଅ । ଅଶିୟା ଦେଶରେ ଖ୍ରୀଷ୍ଟର ପକ୍ଷେ ପ୍ରଥମ
ଜାତଫଳ ସ୍ୱରୂପ ଯେ ଇପେନିତ ବୋଲି ଅମ୍ଭର ପ୍ରିୟବନ୍ଧୁ ତାହାକୁ ଅମ୍ଭର
ନମସ୍କାର ଜଣାଅ । ଆଉ ବହୁତ ଶ୍ରମ କରି ଅମ୍ଭମାନଙ୍କର ଉପକାର କରି ୬

୭ ଥିଲା ଯେ ମରୟମ ଠାହାକୁ ଆମ୍ଭର ନମସ୍କାର ଜଣାଅ । ଆଉ ପ୍ରେରିତମାନ
ଙ୍କଠାରେ ସୁଖ୍ୟାତ ଓ ଆମ୍ଭର ପୂର୍ବରେ ଖ୍ରୀଷ୍ଟାଶ୍ରିତ ଓ ଆମ୍ଭର ଜ୍ଞାତ ଓ ସହ
୮ ବନ୍ଦୀ ଅନ୍ଦ୍ରନୀକ ଓ ଯୂନୟ। ସେମାନଙ୍କୁର ଆମ୍ଭର ନମସ୍କାର ଜଣାଅ । ଆଉ
୯ ପ୍ରଭୁର ଆଶ୍ରିତ ପ୍ରିୟତମ ଅମ୍ପ୍ଲିୟାତ୍ସ ଆମ୍ଭର ନମସ୍କାର ଜଣାଅ । ଖ୍ରୀଷ୍ଟର
ସେବାର ବିଷୟରେ ଆମ୍ଭମାନଙ୍କର ସହକାର୍ଯ୍ୟ ଯେ ଉର୍ବାନକୁ ଓ ଆମ୍ଭର ପ୍ରିୟ
୧୦ ତମ ସ୍ତାଖ୍ୟୁକୁ ଆମ୍ଭର ନମସ୍କାର ଜଣାଅ । ଖ୍ରୀଷ୍ଟର ପକ୍ୱତ ରତ୍ନ ଅପିଲ୍ଲିକୁ
ଆମ୍ଭର ନମସ୍କାର ଜଣାଅ । ଆରିସ୍ତବୂଲର ପରିଜନମାନଙ୍କୁ ନମସ୍କାର ଜଣାଅ ।
୧୧ ଆମ୍ଭର ଜ୍ଞାତ ହେରୋଦିୟୋନର ପ୍ରତି ଆମ୍ଭର ନମସ୍କାର ଜଣାଅ । ନାର୍କିସର
ପରିଜନର ମଧ୍ୟରେ ଯେଉଁମାନେ ପ୍ରଭୁର ଆଶ୍ରିତ ସେମାନଙ୍କୁ ନମସ୍କାର
୧୨ ଜଣାଅ । ଆଉ ପ୍ରଭୁର ସେବାରେ ପରିଶ୍ରମକାରୀ ତ୍ରୁଫେନା ଓ ତ୍ରୁଫୋସାର
ପ୍ରତି ପୁଣି ପ୍ରଭୁର ସେବାରେ ଅତ୍ୟନ୍ତ ପରିଶ୍ରମକାରିଣୀ ଯେ ପ୍ରିୟ ପର୍ସୀ ଠାହାର
୧୩ ପ୍ରତି ଆମ୍ଭର ନମସ୍କାର ଜଣାଅ । ପ୍ରଭୁର ମନୋନୀତ ରୂଫକୁ ଓ ଆମ୍ଭର ଧର୍ମ
୧୪ ମାତା ଠାହାର ମାତାକୁ ଆମ୍ଭର ନମସ୍କାର ଜଣାଅ । ଆଉ ଅସୁଙ୍କ୍ରିତ ଓ
ଫ୍ଲିଗୋନ ହର୍ମା ପାତ୍ରବା ହର୍ମି ପୁଣି ଏମାନଙ୍କର ସଙ୍ଗି ଭାଇମାନଙ୍କୁ ଆମ୍ଭର
୧୫ ନମସ୍କାର ଜଣାଅ । ଆଉ ଫିଲୋଲଗ ଯୂଲିଆ ନୀରୟ ଓ ତାହାର ଭଉଣୀ
ପୁଣି ଉଲୁମ୍ପା ଏମାନଙ୍କୁ ପୁଣି ଏମାନଙ୍କର ସହିତର ଯେତେ ସାଧୁମାନେ
୧୬ ସେମାନଙ୍କୁ ଆମ୍ଭର ନମସ୍କାର ଜଣାଅ । ତୁମ୍ଭେମାନେ ଏକଆରେକ ଧର୍ମମୟ
ଚୁମ୍ବନ ଦେଇ ନମସ୍କାର କର ଖ୍ରୀଷ୍ଟର ମଣ୍ଡଳୀଗଣ ତୁମ୍ଭମାନଙ୍କୁ ନମସ୍କାର
ଜଣାଉଅଛନ୍ତି ।

୧୭ ହେ ଭାଇମାନେ ତୁମ୍ଭମାନଙ୍କୁ ନିନତ କର ବୋଲି ତୁମ୍ଭେମାନେ ଯେ
ଉପଦେଶ ପାଇଅଛ ତାହା ବରିଦ୍ଧେ ଅତରଣ କରିବାରେ ଯେଉଁମାନେ
ବିଚ୍ଛେଦ ଓ ବିଘ୍ନ ଜନ୍ମାନ୍ତି ସେମାନଙ୍କୁ ଚିହ୍ନ କର ସେମାନଙ୍କର ସଙ୍ଗ ତ୍ୟାଗ
୧୮ କର । ଯେହେତୁ ସେହି ପ୍ରକାର ଲୋକ ଆମ୍ଭମାନଙ୍କର ପ୍ରଭୁ ଯୀଶୁଖ୍ରୀଷ୍ଟର
ସେବା ନ କରି ଅଯଶୀ ଉଦର ସେବା କରନ୍ତି ପୁଣି ମିଷ୍ଟବାକ୍ୟ ଓ ସ୍ତୁତି
୧୯ ବାରେ ସରଳ ଲୋକଙ୍କର ମନ ଭୁଲାନ୍ତି । ଜଗତ ସବୁ ଲୋକଠାରେ ତୁମ୍ଭମା
ନଙ୍କର ଆଜ୍ଞା ପାଳଣ ପ୍ରକାଶ ହେବାରେ ତୁମ୍ଭମାନଙ୍କର ବିଷୟରେ ଆମ୍ଭେ
ଆନନ୍ଦ କର । ଇଥାପି ତୁମ୍ଭେମାନେ ଯେ ସତ୍କର୍ମର ବିଷୟରେ ପଣ୍ଡିତ ହୋଇ
୨୦ ଅସତ୍କର୍ମରେ ଅପଣ୍ଡିତ ହୁଅ ଏହା ଆମ୍ଭର ବାଞ୍ଛା । ଶାନ୍ତିଦାତା
ଈଶ୍ୱର ଶୀଘ୍ର ଶୟତାନକୁ ତୁମ୍ଭମାନଙ୍କର ପଦତଳେ ଚୂର୍ଣ୍ଣ କରାଇବେ । ଆମ୍ଭମାନଙ୍କର ପ୍ରଭୁ ଯୀଶୁଖ୍ରୀଷ୍ଟର ଅନୁଗ୍ରହ ତୁମ୍ଭମାନଙ୍କଠାରେ
ହେଉନ୍ତୁ । ଆମେନ ।

ଆମ୍ଭମାନଙ୍କର ସହକାରୀ ତିମଥି ଓ ଲୁକିୟ । ଓ ଯାସୋନ ଓ ଆମ୍ଭମାନଙ୍କର ୧୧
ଜ୍ଞାତି ସୋସିପାତର ଏମାନେ ତୁମ୍ଭମାନଙ୍କର ପ୍ରତି ନମସ୍କାର ଜଣାନ୍ତି । ଏହି ୧୧
ପତ୍ର ଲେଖକ ତର୍ତ୍ତିୟ ନାମେ ଯେ ଆମ୍ଭେ ଆମ୍ଭେଇ ପ୍ରଭୁର ନାମରେ ତୁମ୍ଭମା
ନଙ୍କୁ ନମସ୍କାର କରୁଅଛୁଁ । ଆଉ ଆମ୍ଭର ଓ ମଣ୍ଡଳୀର ସବୁ ଲୋକମାନଙ୍କର ୧୩
ଅତିଥ୍ୟକାରୀ ଯେ ଗାୟ ସେ ତୁମ୍ଭମାନଙ୍କୁ ନମସ୍କାର କରୁଅଛି । ଏରାଷ୍ଟ
ନାମରେ ଏହି ନଗର ଚୌଧୁରୀ ଓ କୂୟାର୍ଟ ଜଣେ ଭାଇ ଏମାନେଇ ତୁମ୍ଭମାନଙ୍କୁ
ନମସ୍କାର ଜଣାନ୍ତି । ଆମ୍ଭମାନଙ୍କର ପ୍ରଭୁ ଯୀଶୁଖ୍ରୀଷ୍ଟ ତୁମ୍ଭମାନଙ୍କର ସମସ୍ତର ପ୍ରତି ୧୪
ଅନୁଗ୍ରହ କରନ୍ତୁ ॥ ଆମେନ ॥

ପୂର୍ବକାଳାବଧି ଯେ ନିଗୂଢ଼ ବିଷୟ ଗୁପ୍ତଭାବେ ଥିଲା ପୁଣି ସବୁ ଦେଶୀୟ ୧୫
ଲୋକ ଯେମନ୍ତ ବିଶ୍ୱାସର ଅଧୀନ ହୁଅନ୍ତି ଏଥିପାଇଁ ଅନାଦି ଈଶ୍ୱରର ଆଜ୍ଞା
ପ୍ରମାଣରେ ଭବିଷ୍ୟତ୍ରବକ୍ତାମାନଙ୍କର ଉକ୍ତ କଥାନୁସାରେ ଏବେହେଁ ପ୍ରକାଶ ୧୬
ହେଉଅଛି ସେ ପ୍ରକାଶିତ ନିଗୂଢ଼ କଥା ଦ୍ୱାରା ଅର୍ଥାତ୍ ଯୀଶୁଖ୍ରୀଷ୍ଟ ବିଷୟରେ
ଆମ୍ଭର ପ୍ରଚାରିତ ମଙ୍ଗଳସମାଚାର ଦ୍ୱାରା ତୁମ୍ଭମାନଙ୍କୁ ଧର୍ମରେ ସୁସ୍ଥିର କରି
ବାକୁ ସମର୍ଥ ଏମନ୍ତ ଯେ ଅଦ୍ୱିତୀୟ ସର୍ବଜ୍ଞ ଈଶ୍ୱର ଯୀଶୁଖ୍ରୀଷ୍ଟ ଦ୍ୱାରା ଅନବ ୧୭
ରତ ତାହାଙ୍କର ଧନ୍ୟବାଦ ହେଉନ୍ତୁ ॥ ଆମେନ ॥

---

କରନ୍ଥୀୟ ମଣ୍ଡଳୀର ପ୍ରତି ପାଉଲ ପ୍ରେରିତର ପ୍ରଥମ ଚିଠୀ ।



୧ ପର୍ବ ।

୧ କରନ୍ଥ ନଗରସ୍ଥିତ ଈଶ୍ୱରର ମଣ୍ଡଳୀ ଅର୍ଥାତ୍ ଖ୍ରୀଷ୍ଟ ଯୀଶୁ ଦ୍ୱାରା ପବିତ୍ର
ଓ ଅହ୍ୱାନକ୍ରତ ସାଧୁ ଲୋକ ପୁଣି ଅନ୍ୟସ୍ଥାନସ୍ଥ ଯେଉଁ ସମସ୍ତ ଲୋକ ଆମ୍ଭମା
ନଙ୍କର ଓ ସେମାନଙ୍କର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ନାମରେ ପ୍ରାର୍ଥନା କରନ୍ତି ସମସ୍ତ
୨ ସମସ୍ତଙ୍କର ପ୍ରଭୁ ଈଶ୍ୱରର ଇଚ୍ଛାରେ ଯୀଶୁଖ୍ରୀଷ୍ଟର ଅହ୍ୱାନକ୍ରତ ପ୍ରେରିତ ପାଉଲ
୩ ଓ ସୋସ୍ଥିନ ନାମେ ଜଣେ ଭାଇ ଏହା ଲେଖନ୍ତି । ଆମ୍ଭମାନଙ୍କର ପିତା ଈଶ୍ୱର
ପୁଣି ପ୍ରଭୁ ଯୀଶୁଖ୍ରୀଷ୍ଟଠାରୁ ଅନୁଗ୍ରହ ଓ ଶାନ୍ତି ତୁମ୍ଭମାନଙ୍କର ପ୍ରତି ହେଉନ୍ତୁ ।
୪ ଈଶ୍ୱରର ଯେଉଁ ଅନୁଗ୍ରହ ଯୀଶୁଖ୍ରୀଷ୍ଟ ଦ୍ୱାରା ତୁମ୍ଭମାନଙ୍କୁ ଦତ୍ତ ହୋଇଅଛି
ତାହା ନମନ୍ତେ ଆମ୍ଭେ ତୁମ୍ଭମାନଙ୍କର ପାଇଁ ସଦାକେଲେ ଆମ୍ଭର ଈଶ୍ୱରଙ୍କୁ
୫ ଧନ୍ୟବାଦ କର । ତୁମ୍ଭମାନଙ୍କର ମଧ୍ୟରେ ଖ୍ରୀଷ୍ଟ ବିଷୟରେ ସାକ୍ଷ୍ୟ ଯେମନ୍ତ
୬ ସପ୍ରମାଣ ହୋଇଅଛି ତେମନ୍ତ ତୁମ୍ଭେମାନେ ଖ୍ରୀଷ୍ଟଠାରୁ ସମସ୍ତ ବକ୍ତାପଣ ଓ
୭ ଜ୍ଞାନାଦ ଗୁଣରେ ଗୁଣଯୁକ୍ତ ହୋଇଅଛ । ଏନମନ୍ତେ ଆମ୍ଭମାନଙ୍କର ପ୍ରଭୁ
ଯୀଶୁଖ୍ରୀଷ୍ଟର ପୁନରାଗମନର ଅପେକ୍ଷାରେ ଥାଇ ତୁମ୍ଭେମାନେ କୌଣସି ଦାନ
୮ ଆରେ ଊଣା ପଡ଼ ନାହଁ । ଆଉ ପ୍ରଭୁ ଯୀଶୁଖ୍ରୀଷ୍ଟର ଦିନରେ ଯେମନ୍ତ ତୁମ୍ଭେମା
ନେ ନିର୍ଦ୍ଦୋଷ ହୁଅ ଏଥିପାଇଁ ସେ ଶେଷଦିନ ପର୍ଯ୍ୟନ୍ତ ତୁମ୍ଭମାନଙ୍କୁ ଧର୍ମରେ
୯ ସୁସ୍ଥିର କରି ରଖିବେ । ଯେହେତୁ ଆପଣା ପୁତ୍ର ଆମ୍ଭମାନଙ୍କର ପ୍ରଭୁ ଯୀଶୁ
ଖ୍ରୀଷ୍ଟର ସହଭାଗୀ ହେବାକୁ ତୁମ୍ଭମାନଙ୍କୁ ଆହ୍ୱାନ କରିଅଛନ୍ତି ଯେ ଈଶ୍ୱର
ସେ ବିଶ୍ୱାସ୍ୟ ।

୧୦ ହେ ଭାଇମାନେ ତୁମ୍ଭମାନଙ୍କର ପରସ୍ପର ଯେମନ୍ତ କଥାର ଐକ୍ୟ ହୁଅ
ପୁଣି କୌଣସି ଭିନ୍ନ ଭାବ ନ ଜନ୍ମାଏ ମାତ୍ର ତୁମ୍ଭେମାନେ ଯେମନ୍ତ ଏକ ମନେ
ଏକ ବିଚାରରେ ସଂଯୁକ୍ତ ହୁଅ ଏଥିପାଇଁ ଆମ୍ଭମାନଙ୍କର ପ୍ରଭୁ ଯୀଶୁଖ୍ରୀଷ୍ଟର

ନାମରେ ତୁମ୍ଭମାନଙ୍କୁ ମିନତି କରି । ହେ ଆମ୍ଭର ଭାଇମାନେ ତୁମ୍ଭମାନଙ୍କର ୧୧
ମଧ୍ୟରେ ଯେ ଏକକୁଆରେକ ବାଦାନୁବାଦ ହୋଇ ଥାୟେ ତାହା ଖ୍ଲୋୟୀ
ନାମରେ ପରିଜନ ଦ୍ୱାରା କୁହା ଯାଇଛନ୍ତି । ଏଣୁ ଆମ୍ଭେ ବୋଲି । ତୁମ୍ଭମାନ ୧୨
ଙ୍କର କେହି୨ କହନ୍ତି ଆମ୍ଭେ ପାଉଲର ଶିଷ୍ୟ ଆଉ କେହି୨ କହନ୍ତି ଆମ୍ଭେ
ଆପଲ୍ଲୋର ଆଉ କେହି୨ କହନ୍ତି ଆମ୍ଭେ କେୟଫାର* ଆଉ କେହି୨ କହନ୍ତି
ଆମ୍ଭେ ଖ୍ରୀଷ୍ଟର । ଖ୍ରୀଷ୍ଟ କି ବିଭିନ୍ନ ହୋଇଛନ୍ତି ପାଉଲ କି ତୁମ୍ଭମାନଙ୍କର ପାଁଇ ୧୩
କୃଶରେ ହତ ହୋଇଅଛି ଅବା ପାଉଲର ନାମରେ କି ତୁମ୍ଭେମାନେ ଡୁବିତ
ହୋଇଅଛ । ଆମ୍ଭେ କୃଷ୍ଣ ଓ ଗାୟ ବିନୁ ତୁମ୍ଭମାନଙ୍କର ମଧ୍ୟରେ ଆଉ ୧୪
କାହାକୁ ଆମ୍ଭେ ଡୁବନ ନ ଦେଲୁଁ ଏଥିରେ ଆମ୍ଭେ ଈଶ୍ୱରର ଧନ୍ୟବାଦ କରି
ଯେଣୁ ଆମ୍ଭେ ଆପଣା ନାମରେ ଡୁବାଇଅଛୁଁ ଏକଥା କେହି କହି ନ ପାରଇ । ୧୫
ଆଉ ସ୍ତିଫାନର ପରିଜନକୁ ଡୁବାଇଅଛୁଁ ତାହା ବିନୁ ଆଉ କାହାକୁ ଯେ ୧୬
ଡୁବାଇଅଛୁଁ ଏହା ଆମ୍ଭର ମନରେ ପଡୁ ନାହିଁ ।

ଆବର ଖ୍ରୀଷ୍ଟ ଆମ୍ଭକୁ ଡୁବାଇବାକୁ ନ ପଠାଇ ମଙ୍ଗଳସମାଚାର ଘୋଷଣା ୧୭
କରିବାକୁ ପଠାଇଲେ । ତାହା କିଛି ବାକ୍‌ପଟୁପଣରେ ନୋହେ ଯେମନ୍ତ ଖ୍ରୀଷ୍ଟର
କୃଶ ନିଷ୍ଫଳ ନ ହୋୟେ । ଯେହେତୁ କୃଶର ଯେ ଘୋଷଣା ସେ ବିନାଶ ପାଏ ୧୮
ମାନଙ୍କର କତିରେ ପ୍ରଳାପ ମାଏ ହୋଇଲେ ଏଣ ପାଏଗଣ ଯେ ଆମ୍ଭେ
ମାନେ ଆମ୍ଭଠାରେ ଈଶ୍ୱରର ଶକ୍ତିସ୍ୱରୂପ ଅଟଇ । ଆଉ ଏମନ୍ତ ଲେଖା ୧୯
ଯଥା । ଆମ୍ଭେ ଜ୍ଞାନିମାନଙ୍କର ଜ୍ଞାନ ନାଶ କରିବା ଓ ବୁଦ୍ଧିମନ୍ତମାନଙ୍କର ବୁଦ୍ଧି
ବ୍ୟର୍ଥ କରିବା । ଜ୍ଞାନୀ କେଉଂଠାରେ ବିଦ୍ୟାବନ୍ତ କେଉଂଠାରେ ଅବା ଏହି ୨୦
ଜଗତର ବାଦାନୁବାଦକାରୀ କେଉଂଠାରେ । ଏହି ଜଗତ ସମ୍ବନ୍ଧୀୟ ଜ୍ଞାନକୁ
ଈଶ୍ୱର କି ଅଜ୍ଞାନପଣ କରି ନାହାନ୍ତି ଯେଣୁ ଈଶ୍ୱରର ଜ୍ଞାନରେ ଜଗତ୍ତନ ୨୧
ମାନେ ଜ୍ଞାନ ଦ୍ୱାରା ଈଶ୍ୱରଙ୍କୁ ନ ଜାଣନ୍ତେ ଈଶ୍ୱର ସେ ପ୍ରଳାପି ଘୋଷଣାରେ
ବିଶ୍ୱାସକାରିମାନଙ୍କର ପରିଏଣ ସିଦ୍ଧ କରିବାକୁ ଭଲ ମଣିଲେ । ଯିହୁଦୀୟ ୨୨
ମାନେ କୌଣସି ଚିହ୍ନ ମାଗନ୍ତି ପୁଣି ଗ୍ରୀକ ଲୋକମାନେ ବିଦ୍ୟା ଲୋଡନ୍ତି
ତଥାପି କୃଶରେ ହତ ଯେ ଖ୍ରୀଷ୍ଟ ତାହାଙ୍କର ପ୍ରସଙ୍ଗ ଆମ୍ଭେମାନେ ଘୋଷଣା ୨୩
କରି । ସେ ଯିହୁଦୀୟମାନଙ୍କର ପ୍ରତି ବିଘ୍ନସ୍ୱରୂପ ଆଉ ଗ୍ରୀକ ଲୋକମାନଙ୍କର
ପ୍ରତି ଅଜ୍ଞାନପଣ ପୁଣି ଯିହୁଦୀଲୋକ ହେଉ ଅବା ଗ୍ରୀକଲୋକ ହେଉ ସମସ୍ତ ୨୪
ଆହ୍ୱାନକୃତ ଲୋକମାନଙ୍କର ପ୍ରତି ଖ୍ରୀଷ୍ଟ ହୋଇଅଛନ୍ତି ଈଶ୍ୱରର ଶକ୍ତି ଓ
ଈଶ୍ୱରର ଜ୍ଞାନସ୍ୱରୂପ । ଯେହେତୁ ଈଶ୍ୱରର ପ୍ରଳାପ ବିଷୟ ମନୁଷ୍ୟଠାରୁ ଜ୍ଞାନ ୨୫
ବନ୍ତ ହୁଅଇ ଆଉ ଈଶ୍ୱରର ଦୁର୍ବଳ ବିଷୟ ମନୁଷ୍ୟଠାରୁ ବଳବନ୍ତ ହୁଅଇ ।

* ଅର୍ଥାତ୍ ପିତରର ।

୧୬ ହେ ଭାଇମାନେ ଆପଣାମାନଙ୍କର ଆହ୍ୱାନ ତୁମ୍ଭେମାନେ ଦେଖୁଅଛ ଯେଣୁ
ତୁମ୍ଭମାନଙ୍କର ମଧ୍ୟରେ ବସଂସାରର ଜ୍ଞାନବନ୍ତ ଅବା ପ୍ରତାପଶାଳୀ କ ମନ୍ଦା
୧୭ ଲୋକ ଅନେକ ନାହାନ୍ତି । ମାଏ ଈଶ୍ୱର ଜ୍ଞାନବାନମାନଙ୍କୁ ଲଜ୍ଜା ଦେବାର
ପାଇଁ ଅଜ୍ଞାନ ବସ୍ତୁ ମନୋନୀତ କରଅଛନ୍ତି ପୁଣି ବଳବନ୍ତ ଲୋକମାନଙ୍କୁ
୧୮ ଘାବରା କରବାକୁ ଈଶ୍ୱର ଦୁର୍ବଳ ବସ୍ତୁକୁ ମନୋନୀତ କରଅଛନ୍ତି ପୁଣି
ବର୍ତ୍ତମାନ ଲୋକର ଗର୍ବ ଖର୍ବ କରବାକୁ ଜଗତର ନୀଚ ହେୟ ଅଥଚ ଅବ
୧୯ ର୍ତ୍ତମାନ ବସ୍ତୁକୁ ଈଶ୍ୱର ମନୋନୀତ କରଅଛନ୍ତି ତେଣୁ ତାହାଙ୍କର ସାକ୍ଷା
୩୦ ତରେ କୌଣସି ପ୍ରାଣୀ ଦର୍ପ କରବାକୁ ନ ପାରଇ । ପୁଣି ଯେ ଆମ୍ଭମାନଙ୍କର
ପ୍ରଭୁ ଈଶ୍ୱରଙ୍କ ଦ୍ୱାରା ଜ୍ଞାନ ଧର୍ମ ପବ୍ତ୍ରତା ଓ ମୁକ୍ତିସ୍ୱରୂପ ହୋଇଅଛନ୍ତି ସେ
୩୧ ଖ୍ରୀଷ୍ଟ ଯୀଶୁରେ ଈଶ୍ୱର ଦ୍ୱାରା ତୁମ୍ଭେମାନେ ହେଉଅଛ । ଏନମନ୍ତେ ଲେଖା
ପ୍ରମାଣେ ଯେଉଁଜନ ଦର୍ପ କରଇ ସେ ପରମେଶ୍ୱରରେ ଦର୍ପ କର୍ ।

୨ ପତ୍ର ।

୧ ହେ ଭାଇମାନେ ଈଶ୍ୱର ବତ୍ତ ସାକ୍ଷ୍ୟ ପ୍ରଚାର କରବାକୁ ଯେଉଁ ସମୟ
ରେ ତୁମ୍ଭମାନଙ୍କର କତ୍ତକୁ ଅସିଥିଲୁଁ ସେ ସମୟରେ ବାକ୍ପଟୁପଣ କ ବଦ୍ୟାର
୨ ନୈପୁଣ୍ୟ ପ୍ରକାଶ କର ଅସିଥିଲୁଁ ତାହା ନୋହେ ପୁଣି ଯୀଶୁଖ୍ରୀଷ୍ଟ ଓ ତାହା
ଙ୍କର କ୍ରୁଶରେ ହତ ହେବାର କଥା ଛଡା ତୁମ୍ଭମାନଙ୍କର ମଧ୍ୟରେ ଆଉ
୩ କୌଣସି କଥା ନ ଜଣାଇବାକୁ ଆମ୍ଭେ ମନରେ ସ୍ଥିର କଲୁଁ । ଆମ୍ଭେ ଅତ୍ୟନ୍ତ
୪ ନବଳ ଭୟ ଓ କମ୍ପଗ୍ରସ୍ତ ହୋଇ ତୁମ୍ଭମାନଙ୍କଠାରେ ଥିଲୁଁ । ପୁଣି ତୁମ୍ଭମାନ
ଙ୍କର ବଶ୍ୱାସ ମନୁଷ୍ୟର କୌଣସି କୌଶଳରେ ସ୍ଥାପିତ ନ ହୋଇ କେବଳ
୫ ଈଶ୍ୱରର ବଳରେ ଯେଥିରେ ସ୍ଥାପିତ ହୁଅର ଏଥିପାଇଁ ଆମ୍ଭର କଥୋପକଥନ
ଓ ଘୋଷଣା ସାଂସାରିକ ବଦ୍ୟାର ମନୋହର ବାକ୍ୟଯୁକ୍ତ ନ ହୋଇ ଧର୍ମ
ଅତ୍ମର ପ୍ରମାଣ ଓ ଶକ୍ତି ଯୁକ୍ତ ଥିଲା ।
୬ ତଥାପି ସୁସିଦ୍ଧ ଲୋକଙ୍କର ସଙ୍ଗରେ ଆମ୍ଭମାନଙ୍କର ଜ୍ଞାନର କଥା ବୋଲୁ
ମାଏ ଏହି ଜଗତର ଜ୍ଞାନ କଅବା ଯେ ନାଶ ଯାଏଁ ଏମନ୍ତ ଏହି ଜଗତ ପତ
୭ ମାନଙ୍କର ଜ୍ଞାନ ତାହା ନୋହେ ପୁଣି ଆମ୍ଭମାନଙ୍କର ଗୌରବ ଜନକ ଜଗତର
ସୃଷ୍ଟି ପୂର୍ବରେ ଯେଉଁ ନଗୂଢ ଜ୍ଞାନ ଈଶ୍ୱର ନରୂପଣ କରଥିଲେ ଏହି ଜ୍ଞାନର
୮ କଥା ଆମ୍ଭେମାନେ ବୋଲୁ । ପୁଣି ସାଂସାରିକ ଅଧିପତିମାନଙ୍କର ମଧ୍ୟରେ
କେହି ସେ ଜ୍ଞାନ ଜାଣି ନାହାନ୍ତି ଯେବେ ଜାଣନ୍ତେ ତେବେ ଗୌରବର୍ଯ୍ୟ
୯ ପ୍ରଭୁଙ୍କୁ ସେମାନେ କ୍ରୁଶରେ ହତ ନ କରନ୍ତେ । ଲେଖାଅଛ ଯଥା । ଈଶ୍ୱର
ଅପଣାର ପ୍ରେମକାରମାନଙ୍କର ନମନ୍ତେ ଯାହା ପ୍ରସ୍ତୁତ କରଅଛନ୍ତି ତାହା

କେହି କେବେ ଚକ୍ଷୁରେ ଦେଖି ନାହିଁ ଓ କର୍ଣ୍ଣରେ ଶୁଣି ନାହିଁ ଓ ମନୁ
ଷ୍ୟର ମନରେ ତାହା କେବେ ପ୍ରବେଶ ହୋଇ ନାହିଁ । ପୁଣି ଈଶ୍ୱର ଆପ ୧୦
ଣାର ଆତ୍ମ ଦ୍ୱାରା ଆମ୍ଭମାନଙ୍କର ପ୍ରତି ତାହା ପ୍ରକାଶ କରିଅଛନ୍ତି ଯେହେତୁ
ଆତ୍ମ ସବୁ କଥା ଅର୍ଥାତ୍ ଈଶ୍ୱର ନିଗୂଢ ବିଷୟର ଅନୁସନ୍ଧାନ କରି ଥାଆନ୍ତି ।
ଯେମନ୍ତ ମନୁଷ୍ୟର ମର୍ମ ମନୁଷ୍ୟର ଆତ୍ମ ବିନୁ ଅଉ କେହି ଜାଣିବାକୁ ନ ପା ୧୧
ରଇ ତେମନ୍ତ ଈଶ୍ୱରଙ୍କର ମର୍ମ ଈଶ୍ୱରର ଆତ୍ମ ବିନୁ ଅଉ କେହି ଜାଣିବାକୁ
ନ ପାରନ୍ତି । ଏନିମନ୍ତେ ଈଶ୍ୱର ସ୍ୱଚ୍ଛନ୍ଦରେ ଆମ୍ଭମାନଙ୍କୁ ଯୋ ବିଷୟ ଦେଇ ୧୨
ଅଛନ୍ତି ତାହା ଯେମନ୍ତେ ବୁଝିବାକୁ ପାରି ଏଥିପାଇଁ ଆମ୍ଭେମାନେ ସାଂସାରିକ
ଆତ୍ମ ନ ପାଇ ଈଶ୍ୱରଙ୍କର ଆତ୍ମ ପାଇଅଛୁଁ । ସେହି ବିଷୟରେ ଆମ୍ଭେ ୧୩
ମାନେ କଥା କହି ମନୁଷ୍ୟର କୌଶଲରେ ଶିକ୍ଷା ବାକ୍ୟରେ ନୋହେ ଧର୍ମ
ଆତ୍ମର ଶିକ୍ଷା ବାକ୍ୟରେ କରି ଆମ୍ଭେମାନେ ପାରମାର୍ଥିକ ବିଷୟ ପାରମାର୍ଥିକ
ବିଷୟରେ ତୁଲଣା ଦେଇ । ମାତ୍ର ସାଂସାରିକ ଯେ ମନୁଷ୍ୟ ସେ ଈଶ୍ୱରର ୧୪
ଆତ୍ମର ବିଷୟକୁ ପ୍ରଲାପପଣ ମଣି ଗ୍ରାହ୍ୟ ନ କରଇ ପୁଣି ତାହାର ତତ୍ତ୍ୱ ବୁଝି
ବାକୁ ନ ପାରଇ କାରଣ କେବଳ ପାରମାର୍ଥିକ ଜ୍ଞାନରେ ତାହା ବୋଧ ଗମ୍ୟ
ହୁଅଇ । ଯେଉଂଜନ ପାରମାର୍ଥିକ ସେ ସବୁ ବିଷୟ ଜାଣଇ ମାତ୍ର ତାହାକୁ ୧୫
କେହି ନ ଜାଣନ୍ତି । ଯେହେତୁ କେ ଈଶ୍ୱରର ମର୍ମ ଜାଣି ତାହାକୁଂ ଉପଦେଶ ୧୬
ଦେବାକୁ ପାରଇ । ପୁଣି ଖ୍ରୀଷ୍ଟର ମର୍ମ ଆମ୍ଭମାନଙ୍କଠାରେ ଅଟଇ ।

## ୩ ପର୍ବ ।

ହେ ଭାଇମାନେ ତୁମ୍ଭମାନଙ୍କୁ ପାରମାର୍ଥିକ ନ ମଣି ସାଂସାରିକ ଓ ଖ୍ରୀଷ୍ଟରେ ୧
ଶିଶୁପରି ମଣି ତୁମ୍ଭମାନଙ୍କର ସଙ୍ଗରେ ଆମ୍ଭର କହିବାକୁ ହେଲା । ତୁମ୍ଭମା ୨
ନଙ୍କୁ କଠିଣ ଖାଦ୍ୟ ନ ଖୁଆଇ ଦୁଗ୍ଧ ଖୁଆଇଅଛୁଁ କାରଣ ପୂର୍ବରେ କଠିଣ
ଖାଦ୍ୟ ସହିବାକୁ ଅସମର୍ଥ ଥିଲ ପୁଣି ଏସରିକି ସାଂସାରିକ ହେବାଋଂ ଏ
ବେହେଂ ଅସମର୍ଥ ଅଛ । ଯେହେତୁ ତୁମ୍ଭମାନଙ୍କର ମଧ୍ୟରେ ମାତ୍ସର୍ଯ୍ୟ ବିବାଦ ୩
ବିରୋଧ ଇତ୍ୟାଦି ଏବେହେଂ ଅଛି ଏଥିପାଇଁ ତୁମ୍ଭେମାନେ କି ସାଂସାରିକ
ନୁହ । ପୁଣି ମନୁଷ୍ୟର ତୁଲ୍ୟ କି ଆଚାର ବ୍ୟବହାର ନ କର । ଯେ ସରିକି ୪
ଜଣେ କହଇ ଆମ୍ଭେ ପାଉଲର ଅଉ ଜଣେ କହଇ ଆମ୍ଭେ ଆପଲ୍ଲର ସେ
ସରିକି ତୁମ୍ଭେମାନେ କି ସାଂସାରିକ ନୁହ ।

ତେଣୁ ପାଉଲ କେ ଆପଲ୍ଲ କେ । ପ୍ରଭୁ ପ୍ରତ୍ୟେକ ଜଣକୁ ଯେମନ୍ତ ଦେଲେ ୫
ତେମନ୍ତ ସେମାନେ ତୁମ୍ଭମାନଙ୍କର ବିଶ୍ୱାସ ଜନକ ସେବକ ମାତ୍ର । ଆମ୍ଭେ ଋଇ ୬
ଅଛୁଁ ଆପଲ୍ଲ ଜଳ ସିଞ୍ଚିଅଛି ପୁଣି ଈଶ୍ୱର ତାହାର ବୃଦ୍ଧି କରିଅଛନ୍ତି । ଏନି ୭

ମନ୍ତ୍ରେ ପ୍ରେପକ କଅବା ସେଞ୍ଚକ କଛ ନୁହଇ ପୁଣି ଫଲଦାତା ଯେ ଈଶ୍ୱର
୮ ସେହି ସାର । ଆଉ ପ୍ରେପକ ଓ ସେଞ୍ଚକ ଦୁହେଁ ଏକ ପୁଣି ପ୍ରତ୍ୟେକ ଅପଣା
୯ପରିଶ୍ରମ ପ୍ରମାଣେ ଅପଣାର ଫଳ ପାଇବ । ଆମ୍ଭେମାନେ ସିନା ଈଶ୍ୱରର
ସଙ୍ଗ କର୍ମକାରୀ ତୁମ୍ଭେମାନେ ଈଶ୍ୱରର କ୍ଷେତ୍ର ସ୍ୱରୂପ ତୁମ୍ଭେମାନେ ଈଶ୍ୱରର
୧୦ ଗାଁଥୁନ ସ୍ୱରୂପ । ଆମ୍ଭେ ଈଶ୍ୱରଠାରେ ଯେରୂପ ଅନୁଗ୍ରହ ପାଇଅଛୁଁ ତଦ
ନୁସାରେ ଜଣେ ନପୁଣ କାରିଗରର ତୁଲ୍ୟ ବୁନଯାଦ ବସାଇଅଛୁଁ ତାହା
ଉପରେ ଆଉ ଲୋକ ଗୁଂଥଇ । ପୁଣି କରୂପେ ଗୁଂଥଇ ତାହା ପ୍ରତ୍ୟେକ
୧୧ ଲୋକ ସାବଧାନ ହେଉ । ଯେହେତୁ ଯେ ବସା ଯାଇଅଛି ଏମନ୍ତ ଯୀଶୁ
ଖ୍ରୀଷ୍ଟରୂପ ବୁନଯାଦ ବନ୍ଦୁ ଆଉ କୌଣସି ବୁନଯାଦ କେହ ବସାଇବାକୁ ନ
୧୨ ପାରଇ । ଏହି ବୁନଯାଦର ଉପରେ କେହ ଯେବେ ସୁନା କ ରୂପା କ ରତ୍ନ
୧୩ କ କାଷ୍ଠ କ କୁଣ୍ଡା କ ନଡା ଯେ କୌଣସି ବସ୍ତୁ ଦେଇ ଗୁଂଥାଏ ତାହାର ସେ
ଗାଁଥୁନ କୀ ପ୍ରକାର ତାହା ପ୍ରକାଶ ହେବ । ତାହା ବଖୁର ଦିନରେ ଅଗ୍ନି
ରେ ପ୍ରକାଶ ହେବ ଏଣୁ ପ୍ରତ୍ୟେକ ଜଣର କର୍ମ କୀ ପ୍ରକାର ତାହାର ପରୀକ୍ଷା
୧୪ ସେହି ଅଗ୍ନିରେ ହେବ । ପୁଣି ତାହାର ଉପରେ ଯେ ଜଣର ଗାଁଥୁନ ସ୍ଥିର
୧୫ ରହିବ ସେ ପୁରସ୍କାର ପାଇବ । ଆଉ ଯେ ଜଣର ଗାଁଥୁନ ପୋଡ ଯାଏ
ତାହାର କ୍ଷତି ହେବ ପୁଣି ଅଗ୍ନିର କଡା ହେଲା ପର ସେ ଅପେ ରକ୍ଷା ପାଇବ ।
୧୬ ତୁମ୍ଭେମାନେ ଯେ ଈଶ୍ୱରର ମନ୍ଦର ଆଉ ଈଶ୍ୱରର ଆତ୍ମା ତୁମ୍ଭମାନଙ୍କର
୧୭ ଅନ୍ତରେ ବାସ କରନ୍ତି ଏହା କ ଜାଣି ନାହଁ । କେହ ଯେବେ ଈଶ୍ୱରର
ମନ୍ଦର ନଷ୍ଟ କରଇ ତେବେ ଈଶ୍ୱର ତାହାକୁ ନଷ୍ଟ କରବେ ଯେହେତୁ ଈଶ୍ୱ
୧୮ ରର ମନ୍ଦର ପବିତ୍ର ଅଟଇ ସେହି ମନ୍ଦର ତୁମ୍ଭେମାନେ ହେଉଅଛ । କେହ
ଜଣ ଅପଣାକୁ ନ ଭୁଲାଉ ତୁମ୍ଭମାନଙ୍କର ମଧ୍ୟରେ ଯେବେ କେହ ଅପଣାକୁ
ସାଂସାରିକ ବିଷୟରେ ବୁଦ୍ଧିମନ୍ତ କରି ମଣଇ ତେବେ ବୁଦ୍ଧି ପାଇବାର ନମ
୧୯ ନ୍ତେ ଅପଣାକୁ ମୂର୍ଖ କରି ଜାଣୁ । ଯେହେତୁ ଏହି ସଂସାରର ବୁଦ୍ଧି ତାହା
ଈଶ୍ୱରର ଗୋଚରେ ନିର୍ବୁଦ୍ଧି ଯେମନ୍ତ ଲେଖାଅଛି ସେ ବୁଦ୍ଧିମନ୍ତକୁ ଜଜ
୨୦ କୌଶଲରୂପ ଜାଲରେ ଧରନ୍ତି । ଆଉ ଲେଖା ଅଛି ଜ୍ଞାନମାନଙ୍କର ବିଚାର
୨୧ ପରମେଶ୍ୱର ବ୍ୟର୍ଥ କରି ଜାଣନ୍ତି । ଏନମନ୍ତେ କୌଣସି ମନୁଷ୍ୟ ମନୁଷ୍ୟମାନ
୨୨ ଙ୍କରେ ଦର୍ପ ନ କରୁ ଯେହେତୁ ସମସ୍ତ ତୁମ୍ଭମାନଙ୍କର ଅଟନ୍ତି କ ପାଉଲ କ
ଅପଲ୍ଲ କ କେଫା କ ଜଗତ କ ଜୀବନ କ ମରଣ କ ବର୍ତ୍ତମାନ ବିଷୟ
୨୩ କ ଭବିଷ୍ୟତ ବିଷୟ ସମସ୍ତେ ତୁମ୍ଭମାନଙ୍କର ପୁଣି ତୁମ୍ଭେମାନେ ଖ୍ରୀଷ୍ଟର ଆଉ
ଖ୍ରୀଷ୍ଟ ଈଶ୍ୱରଙ୍କର ।

## ୪ ପତ୍ର ।

ଲୋକେ ଆମ୍ଭମାନଙ୍କୁ ଈଶ୍ୱରର ନଗୂଢ ବଷୟର ପଡୀଦାତା ସ୍ୱରୂପ ଖ୍ରୀଷ୍ଟର ସେବକ ବୋଲି ଜାଣୁନ୍ତୁ । ପୁଣି ପଡୀଦାତା ଯେ ବଶ୍ୱସ୍ତ ହୋଇଥିବା ଆବଶ୍ୟକ । ଏଥିରେ ତୁମ୍ଭମାନଙ୍କ ଦ୍ୱାରା କି ଅନ୍ୟ କୌଣସି ମନୁଷ୍ୟ ଦ୍ୱାରା ଆମ୍ଭେ ଯେ ବଚାରିତ ହୋଇ ଏହା ଅତି ଅଳ୍ପ ବଷୟ ମଣି । ନିଜର ବଚାରକର୍ତ୍ତା ଆମ୍ଭେ ନୋହୁ । ଆମ୍ଭେ ଆପଣାକୁ ଦୋଷୀ ନ ମଣି ତେବେହେଁ ଆମ୍ଭେ ଇହାଦ୍ୱାରା ନିର୍ଦ୍ଦୋଷ ନୋହୁ ଆମ୍ଭର ବଚାରକର୍ତ୍ତା ଯେ ସେ ପ୍ରଭୁ । ଏନିମନ୍ତେ ପ୍ରଭୁ ଅସିବାର ପୂର୍ବରେ କୌଣସି ବଚାର ନ କର ସେ ଅନ୍ଧାର ସ୍ଥିତ ଗୁପ୍ତ କଥା ସମସ୍ତ ଆଲୁଅରେ ପ୍ରକାଶ କରିବେ ପୁଣି ମନର ଗୁପ୍ତ ଚର୍ଚ୍ଚା ସମସ୍ତ ପ୍ରତ୍ୟକ୍ଷ କରିବେ ସେ ସମୟରେ ଈଶ୍ୱରଠାରୁ ପ୍ରତ୍ୟେକ ଲୋକକୁ ପ୍ରଶଂସା ହେବ ।

ହେ ଭାଇମାନେ ତୁମ୍ଭେମାନେ ଆମ୍ଭମାନଙ୍କ ଦ୍ୱାରା ଶିକ୍ଷିତ ହୋଇ ଯେମନ୍ତ ଲେଖିତ ବାକ୍ୟର କାହାକୁ ବଡ କର ନ ମଣ ପୁଣି ଏକ ଜଣର ସପକ୍ଷ ଆନର ବପକ୍ଷ ହୋଇ ଯେମନ୍ତ ଅହଙ୍କାରୀ ନ ହୁଅ । ଏଥିଯୋଇ ତୁମ୍ଭମାନଙ୍କର ମଙ୍ଗଳ ଭାବ ବଷୟ ଆପଣାକୁ ଓ ଆପଲ୍ଲୋକୁ ଦୃଷ୍ଟାନ୍ତ ସ୍ୱରୂପ କରିଅଛୁଁ । ଅନ୍ୟଠାରୁ ତୁମ୍ଭକୁ କେ ବିଶେଷ କରନ୍ତି ଅବା ତୁମ୍ଭକୁ ଦତ୍ତ ନୋହିଲେ ତୁମ୍ଭର ଏମନ୍ତ କେଉଁ ବିଷୟ ଅଛି । ଆଉ ଯେବେ ପ୍ରାପ୍ତ ହୁଅନ୍ତା ତେବେ ନ ପାଇଲୁଁ ବୋଲି କାଁ ଦର୍ପ କରନ୍ତ । ଏବେ ତୁମ୍ଭେମାନେ ପରିତୃପ୍ତ ଏବେ ତୁମ୍ଭେମାନେ ପୂର୍ଣ୍ଣ ଧନବନ୍ତ ହୋଇ ଆମ୍ଭମାନଙ୍କର ଅବର୍ତ୍ତମାନରେ ରାଜାପଣ କରିଅଛ ପୁଣି ନଶ୍ଚୟ ରାଜାପଣ କର ଥାଅ ଏହା ଆମ୍ଭର ବାଞ୍ଛା ତେଣୁ ଆମ୍ଭେମାନେ ତୁମ୍ଭମାନଙ୍କର ରାଜତ୍ୱର ଭାଗୀ ହୁଅନ୍ତୁଁ । ଯେହେତୁ ଆମ୍ଭେ ମଣି ପ୍ରେରିତଗଣ ଯେ ଆମ୍ଭେମାନେ ଈଶ୍ୱର ଆମ୍ଭମାନଙ୍କୁ ମରିବାକୁ ନିଦ୍ୟିତ ଲୋକ ପରି ଶେଷ କରି ଦେଖାଇଅଛନ୍ତି ଇହାଁରେ ଆମ୍ଭେମାନେ ଜଗତର ଅଥଚ ଦୂତଗଣର ଓ ମନୁଷ୍ୟଗଣର କୌତୁକ କାରଣ ହେଉଅଛୁଁ । ଖ୍ରୀଷ୍ଟର ନିମନ୍ତେ ଆମ୍ଭେମାନେ ମୂର୍ଖ ପୁଣି ତୁମ୍ଭେମାନେ ଖ୍ରୀଷ୍ଟରେ ଜ୍ଞାନୀ । ଆମ୍ଭେମାନେ ଦୁର୍ବଳ ପୁଣି ତୁମ୍ଭେମାନେ ବଳବନ୍ତ । ତୁମ୍ଭେମାନେ ଆଦରଯୁକ୍ତ ପୁଣି ଆମ୍ଭେମାନେ ଅଣାଦର ଯୁକ୍ତ । ଏହି ସମୟ ଆମ୍ଭେମାନେ କ୍ଷୁଧାର୍ତ୍ତ ତୃଷ୍ଣାର୍ତ୍ତ ବସ୍ତ୍ରହୀନ ପ୍ରହାରିତ ଅଶ୍ରୟରହିତ ହୋଇ ସ୍ୱହସ୍ତରେ ପରିଶ୍ରମ କରିଥାଉ । ପୁଣି ଉତ୍ପୀଡିତ ହୋଇ ଅଶୀଷ କରୁ ନିନ୍ଦିତ ହୋଇ ସହ୍ୟ କରୁ କନ୍ଦିତ ହୋଇ ବନୟ କରୁ । ଆମ୍ଭେମାନେ ଆଜି ପର୍ଯ୍ୟନ୍ତ ଜଗତର ଅଲିମ୍ବା ଓ ଜାବନ୍ତର

୧୪ ଘସା ମଲି ପରି ଗଣିତ ହେଉଅଛୁଁ । ତୁମ୍ଭମାନଙ୍କୁ ଲଜ୍ଜା ଦେବା ପାଁଇ ଏହି
କଥା ସବୁ ନ ଲେଖି ପୁଣି ତୁମ୍ଭମାନଙ୍କୁ ପ୍ରିୟ ପୁତ୍ରଗଣ ମଣି ପ୍ରବୋଧ ଦେଇ ।
୧* ଯେହେତୁ ଖ୍ରୀଷ୍ଟର ଧର୍ମରେ ଯେବେ ତୁମ୍ଭମାନଙ୍କର ଦଶ ହଜାର ଉପଦେଶକ
ହୁଅନ୍ତି ତଥାପି ଏକ ବିନୁ ତୁମ୍ଭମାନକଂର ଅନେକ ପିତା ନାହାନ୍ତି କାରଣ
ମଙ୍ଗଳ ସମାଚାର ଦ୍ୱାରା ଖ୍ରୀଷ୍ଟ ଯୀଶୁରେ ଆମ୍ଭେ ତୁମ୍ଭମାନଙ୍କୁ ଜନ୍ମ ଦେଇଅଛୁଁ ।
୧୬ ଏନିମନ୍ତେ ତୁମ୍ଭମାନଙ୍କୁ ବିନତି କରି ଯେ ଆମ୍ଭର ଅନୁଗାମୀ ହୁଅ । ଏଥିପାଁଇ
୧୭ ପ୍ରଭୁରେ ବିଶ୍ୱାସୀ ଆମ୍ଭର ପ୍ରିୟ ଧର୍ମପୁତ୍ର ଯେ ତିମଥି ତାହାକୁ ତୁମ୍ଭମାନକଂ
ଠାରେ ପଠାଇଅଛୁଁ ଖ୍ରୀଷ୍ଟର ବିଧି ପ୍ରମାଣରେ ଆମ୍ଭର ଯେମନ୍ତ ଆଚରଣ
ପୁଣି ସବୁ ମଣ୍ଡଳୀରେ ସର୍ବତ୍ର ଆମ୍ଭେ ଯେମନ୍ତ ଉପଦେଶ ଦେଉଥାଇ ତାହା
ସେ ତୁମ୍ଭମାନଙ୍କୁ ସ୍ମରଣ କରାଇବ ।
୧୮ ଆଉ ଆମ୍ଭେ ତୁମ୍ଭମାନଙ୍କଠାରେ ନ ଆସିବା ଏହା ବୁଝି ତୁମ୍ଭମାନଙ୍କର
୧୯ ଥୋକାୟେ ଲୋକ ଗର୍ବିତ ହୁଅନ୍ତି । ପୁଣି ପ୍ରଭୁର ଯେବେ ଇଚ୍ଛା ଥାୟେ
ତେବେ ଅବିଲମ୍ବରେ ତୁମ୍ଭମାନଙ୍କର କତିରେ ଉପସ୍ଥିତ ହୋଇ ଏହି ଗର୍ବି
ଲୋକଙ୍କର କେବଳ କଥା କହିବାର ନୋହେ କ୍ରିୟା କରିବା ସାମର୍ଥ୍ୟ ଜା
୨୦ ଣିବା । ଯେହେତୁ ଈଶ୍ୱରର ରାଜ୍ୟ କଥାରେ ନୋହେ ପୁଣି ସାମର୍ଥ୍ୟରେ
୨୧ ଅଛି । ଏଣୁ ତୁମ୍ଭମାନଙ୍କର କତିରେ ବାତି ଘେନି ଆସିବା କିଅବା ପ୍ରେମ ଓ
ନମ୍ରପଣର ଭାବରେ ଆସିବା ଏଥିରେ ତୁମ୍ଭମାନଙ୍କର ବାଞ୍ଛା କି ।

* ପର୍ବ ।

୧ ଆବର ଦେବପୂଜକମାନଙ୍କର ମଧ୍ୟରେ ଯେଉପ ବ୍ୟଭିଚାରର ନାମ ଶୁଣା
ନ ଯାୟେ ଏମନ୍ତ ବ୍ୟଭିଚାର ତୁମ୍ଭମାନଙ୍କର ମଧ୍ୟରେ ଅଛି ଅର୍ଥାତ୍ ଏକ
ଜଣ ଆପଣା ବିମାତା ଗମନ କରଇ ଏହି କଥା ସଚରାଚର ଜନରବ ହେଉ
୨ ଅଛି । ଆଉ ତୁମ୍ଭେମାନେ ଖେଦଯୁକ୍ତ ହୋଇ ଏହିଉପ କର୍ମକାରୀକି ଆପ
୩ ଣାମାନଙ୍କର ମଧ୍ୟରୁ ନ କାଢି କି ତୁମ୍ଭେମାନେ ଦର୍ପ କରୁଅଛ । ଯେଉଂ
ଜଣ ଏହି ଦୁଷ୍କର୍ମ କରିଅଛି ଆମ୍ଭେ ଶରୀରରେ ଦୂରସ୍ଥ ଥାଇ ଆତ୍ମରେ ନିକଟସ୍ଥ
ହୋଇ ଉପସ୍ଥିତ ଜଣର ତୁଲ୍ୟ ତାହାର ବିଷୟରେ ଏହି ବିଚାର କରିଅଛୁଁ ।
୪ ତୁମ୍ଭେମାନେ ପ୍ରଭୁ ଯୀଶୁଖ୍ରୀଷ୍ଟର ନାମରେ ଆମ୍ଭର ଆତ୍ମର ସହିତ ଏକତ୍ର ହୋଇ
୫ ଆମ୍ଭ ପ୍ରଭୁ ଯୀଶୁଖ୍ରୀଷ୍ଟର ଦତ୍ତ ପରାକ୍ରମ ଦ୍ୱାରା ଏଜଣକୁ ଦେହରେ ଦୁଃଖ ଭୋଗ
ହେବା ପାଁଇ ଶୟତାନଠାରେ ସମର୍ପଣ କର ତହିଁରେ ପ୍ରଭୁ ଯୀଶୁର ବିଚାର
ଦିନରେ ଏହାର ଆତ୍ମର ପରିତ୍ରାଣ ହୋଇ ପାରିବ ।
୬ ତୁମ୍ଭମାନଙ୍କର ଏ ପ୍ରକାର ଦର୍ପ କରିବାର ଭଲ ନୋହେ । ଅଳ୍ପ ତାଉରେ

ଅଟାଗଦା ସବୁ ତାଡ଼ିମୟ ହୋଇ ଯାୟେ ଏହା କି ତୁମ୍ଭମାନଙ୍କର ଜଣା
ନୋହେ । ଏନିମନ୍ତେ ତୁମ୍ଭେମାନେ ପୁରୁଣା ତାଡ଼ି କାଢ଼ି ତେଣୁ ତୁମ୍ଭେମା ୭
ନେ ତାଡ଼ିଶୂନ୍ୟ ପରି ହୋଇ ନୂଆ ଗଦାୟେ ସ୍ୱରୂପ ହୋଇ ପାରିବ । ଯେଣୁ
ନିସ୍ତାର ପର୍ବ [ମେଷ ସ୍ୱରୂପ] ଯେ ଖ୍ରୀଷ୍ଟ ସେ ଅମ୍ଭମାନଙ୍କର ନିମନ୍ତେ ବଳୀକୃତ
ହୋଇଅଛନ୍ତି । ଏନିମନ୍ତେ ଅମ୍ଭେମାନେ ପୁରୁଣା ତାଡ଼ିରେ ଅଥଚ ଦୁଷ୍ଟତା ୮
ଓ ହିଂସାରୂପ ତାଡ଼ିରେ ନ କରି ସରଳତା ଓ ସତ୍ୟତାରୂପ ତାଡ଼ିଶୂନ୍ୟ ରୁଟୀ
ରେ ପର୍ବ ପାଳଣ କରୁଁ ।

ବ୍ୟଭିଚାରି ଲୋକର ସଙ୍ଗତରେ ସଙ୍ଗ ନ କର ଏହି କଥା ତୁମ୍ଭମାନଙ୍କ ୯
ଠାକୁ ଆମ୍ଭେ ଚିଟାଉରେ ଲେଖିଲୁଁ । ତଥାଚ ସାଂସାରିକ ବ୍ୟଭିଚାରି ଲୋଭି ୧୦
ଠଗ ଦେବପୂଜକ ଇତ୍ୟାଦି ଲୋକମାନଙ୍କର ସଙ୍ଗରେ ସର୍ବ ପ୍ରକାରେ ବ୍ୟବ
ହାର କରିବାକୁ ନିଷେଧ କଲୁଁ ତେମନ୍ତ ନୋହେ ଯେହେତୁ ତାହା କଲେ
ସଂସାରର ବାହାରକୁ ଯିବାକୁ ହୁଅଇ । ପୁଣି କୌଣସି ଜନ ଯେବେ ଭାଇ ୧୧
ନାମରେ ଖ୍ୟାତ ହୋଇ ବ୍ୟଭିଚାରୀ କି ଲୋଭି କି ଦେବପୂଜକ କି ନିନ୍ଦକ
କି ମତ୍ତ କି ଠଗାମୀ ହୁଅଇ ତେବେ ଏପରି ଲୋକର ସଙ୍ଗରେ ସଙ୍ଗତି ନ କର
ପୁଣି ଭୋଜନ ନ କର ଏବେ ଏତିକି ମାତ୍ର ଲେଖି । ଅଥବା ମଣ୍ଡଳୀର ବାହା ୧୨
ରସ୍ଥ ଲୋକଙ୍କର ବିଚାର କରିବାକୁ ଆମ୍ଭର କି ଅଧିକାର । ତୁମ୍ଭେମାନେ
କି ମଣ୍ଡଳୀର ଭିତର ଲୋକମାନଙ୍କର ବିଚାର ନ କରି ଥାଅ । ଈଶ୍ୱର
ସେହି ବାହାରସ୍ଥ ଲୋକମାନଙ୍କର ବିଚାର କରିବେ । ଏଣୁ ଆପଣାମାନଙ୍କର ୧୩
ମଧ୍ୟରୁ ସେ ପାପିଷ୍ଠ ଜନକୁ କାଢ଼ି ଦିଅ ।

## ୬ ପର୍ବ ।

ତୁମ୍ଭମାନଙ୍କର ମଧ୍ୟରେ କେହି ପରର ଉପରେ ଗୁହାରି କରନ୍ତେ ସେ କି ୧
ନିସାପ ପାଁଇ ସାଧୁମାନଙ୍କର ଛାମୁରେ ନୋହି ଅନ୍ୟାୟମାନଙ୍କର ଛାମୁରେ
ଯିବାକୁ ସାହସି ଅଟଇ । ସାଧୁମାନେ ଯେ ଜଗତର ବିଚାର କରିବେ ଏହା ୨
କି ତୁମ୍ଭମାନଙ୍କର ଜଣା ନାହିଁ । ଆଉ ଜଗତର ବିଚାର କରିବାକୁ ଯେବେ
ତୁମ୍ଭମାନଙ୍କୁ ହେବ ତେବେ ଏହି ଅତିକ୍ଷୁଦ୍ର ବିଚାର କରିବାକୁ ତୁମ୍ଭେମାନେ
କି ଯୋଗ୍ୟ ନୁହ । ଆଉ ଆମ୍ଭେମାନେ ଦୂତଗଣର ବିଚାର କରିବା ଏହା କି ୩
ତୁମ୍ଭମାନଙ୍କର ଜଣା ନାହିଁ ତେବେହେଂ କି ଏହି ସାଂସାରିକ ବିଷୟରେ
ବିଚାର ନ କରିବା । ଏନିମନ୍ତେ ଏହି ସଂସାରର ବିଷୟରେ ଗୁହାରି ନିସାପ ୪
କରିବାକୁ ହେଲେ ତାହାର ବିଚାର କରିବା ପାଁଇ ମଣ୍ଡଳୀର କ୍ଷୁଦ୍ରରୂପ ଗଣିତ
ଲୋକକୁଂ ନିଯୁକ୍ତ କର ଆମ୍ଭେ ତୁମ୍ଭମାନଙ୍କର ଲଜ୍ଜାର ଏକ କଥା କହି । ୫

ଆପଣା ଭାଇର ଗୁହାର ନାସାଯ କରିବାକୁ ସମର୍ଥ ତୁମ୍ଭମାନଙ୍କର ମଧ୍ୟରେ
୬ ଏମନ୍ତ ବୁଦ୍ଧିମନ୍ତ ଲୋକ କ ଗୋଟାଏ ନାହିଁ । ଏଥିପାଇଁ କ ଏକ ଭାଇ ଅନ
ଭାଇର ସହିତ ବିବାଦ କର ଅବଶ୍ୟାସି ଲୋକମାନଙ୍କଠାରେ ଡାହା ଉପସ୍ଥିତ
୭ କରଇ । ତୁମ୍ଭେମାନେ ଯେ ଏକକୁଆରେକ ଅପବାଦ କରଥାଅ ଏହି ତୁମ୍ଭ
ମାନଙ୍କର ନଡାନ୍ତ ଦୋଷ । ତୁମ୍ଭେମାନେ କରଞ୍ଚ ଅନ୍ୟାଯ କଯାଁ ନ ସହ
୮ କ୍ଷତ ଅବା କଯାଁ ଅଙ୍ଗୀକାର ନ କର । ପୁଣି ତୁମ୍ଭେମାନେ ଡାହା ନ କର
ଅପଣା ଭାଇମାନଙ୍କର ପ୍ରତ ଅନ୍ୟାଯ ଓ କ୍ଷତ କରଅଚ୍ଛ ।

୯ ଅଡ଼ ଈଶ୍ୱରର ରାଜ୍ୟରେ ଅଧାର୍ମିକ ଲୋକମାନଙ୍କର ଅଧିକାର ନ ହୁଅଇ
ଏହା କ ତୁମ୍ଭମାନଙ୍କର ଜଣା ନାହିଁ । ଏଥିରେ ଭ୍ରାନ୍ତ ନ ହୁଅ ଯେଉଁ
ମାନେ ବ୍ୟଭିଚାରୀ କ ଦେବପୂଜକ କ ପାରଦାରକ କ ସ୍ତ୍ରୀବତ୍ ବ୍ୟବହାରୀ କ
୧୦ ପୁଂମୈଥୁନକାରୀ କ ଚୋର କ ଲୋଭୀ କ ମତ୍ତ କ ନନ୍ଦକ କ ଠକ ଏମାନେ
୧୧ ଈଶ୍ୱରର ରାଜ୍ୟାଧିକାରୀ ନୋହିବେ । ଆଉ ତୁମ୍ଭମାନଙ୍କର ମଧ୍ୟରେ ଥୋ
କାପେ ଏପ୍ରକାର ଲୋକ ଥିଲେ ମାଡ଼ ଅମ୍ଭମାନଙ୍କର ପ୍ରଭୁ ଯୀଶୁର ନାମରେ
ପୁଣି ଆମ୍ଭମାନଙ୍କର ଈଶ୍ୱରର ଆତ୍ମାଦ୍ୱାରା ତୁମ୍ଭେମାନେ ଧୌତ ଓ ପବତ୍ରୀକୃତ
ଓ ଧର୍ମବନ୍ତ ଗଣିତ ହୋଇଅଚ୍ଛ ।

୧୨ ସମସ୍ତ ପଦାର୍ଥ ଅମ୍ଭର ପ୍ରତ ଅନୁଷିଦ୍ଧ ହୁଅଇ ପୁଣି ସମସ୍ତ ମଙ୍ଗଳଜନକ
ନ ହୁଅଇ ଅଡ଼ ସବୁ ଦ୍ରବ୍ୟ ଆମ୍ଭକୁ ଅନୁଷିଦ୍ଧ ହୋଇଲେହେଁ କାହାର
୧୩ ଅଧୀନ ନୋହିବା । ଖାଦ୍ୟ ନମନ୍ତେ ଉଦର ଓ ଉଦରର ନମନ୍ତେ ଖାଦ୍ୟ
ପୁଣି ଈଶ୍ୱର ଦୁହେଁକୁ ନାଶ କରିବେ । ଆଉ ଆମ୍ଭମାନଙ୍କର ଶରୀର ବ୍ୟଭି
ଚାର ନମନ୍ତେ ନୋହେ ପୁଣି ପ୍ରଭୁର ନମନ୍ତେ ଆଉ ପ୍ରଭୁ ଶରୀରର ନମନ୍ତେ ।
୧୪ ଯେଣୁ ଈଶ୍ୱର ଯେମନ୍ତ କବରରୁ ପ୍ରଭୁଙ୍କୁ ଉତ୍ଥାନ କରାଇଅଛନ୍ତି ତେମନ୍ତ
୧୫ ନଜ ପରାକ୍ରମ ଦ୍ୱାରା ଆମ୍ଭମାନଙ୍କୁ ଉଠାଇବେ । ଆଉ ତୁମ୍ଭମାନଙ୍କର ଦେହ
ଯେ ଖ୍ରୀଷ୍ଟଙ୍କର ଅଙ୍ଗସ୍ୱରୂପ ଏହା କ ତୁମ୍ଭମାନଙ୍କର ଜଣା ନୋହେ । ତେବେ
କ ଖ୍ରୀଷ୍ଟଙ୍କର ଅଙ୍ଗ ନେଇ ବେଶ୍ୟାର ଅଙ୍ଗସ୍ୱରୂପ କରିବା । କଦାପି ନ ହେଉ ।
୧୬ ଯେହେତୁ ବେଶ୍ୟାର ସହିତ ଅଙ୍ଗସଙ୍ଗ ହେଲେ ଦୁଇ ଏକ ଅଙ୍ଗ ହୁଅଇ
ଏହା କ ତୁମ୍ଭେମାନେ ନ ଜାଣ । ଯେମନ୍ତ ଈଶ୍ୱରର ଉକ୍ତି ଯଥା ଦୁହେଁ
୧୭ ଏକାଙ୍ଗ ହେବେ । ତେମନ୍ତ ଯେଉଁଜନ ପ୍ରଭୁର ଆଶ୍ରିତ ସେ ପ୍ରଭୁର ସହିତ
୧୮ ଏକାତ୍ମା ଅଟଇ ତେଣୁ ବ୍ୟଭିଚାର କର୍ମରୁ ଦୂରେ ପଳାଅ । ମନୁଷ ଅନ୍ୟାନ୍ୟ
ସବୁ ପାପ ଆପଣା ଦେହଛଡା କରଇ ମାଡ଼ ଯେଉଁଜନ ବ୍ୟଭିଚାର କର୍ମ
୧୯ କରଇ ସେ ଆପଣା ଦେହର ବରଦ୍ଧରେ ପାପ କରଇ । ତୁମ୍ଭମାନଙ୍କର ଦେହ
ଯେ ଈଶ୍ୱରଙ୍କଠାରୁ ପ୍ରାପ୍ତ ଅନ୍ତର୍ବାସୀ ଧର୍ମ ଆତ୍ମାର ମନ୍ଦର ଅଟଇ ଏହା କ

ତୁମ୍ଭମାନଙ୍କର ଜଣା ନୋହେ । ତୁମ୍ଭେମାନେ ନଜର ନୁହ ପୁଣି ମୂଲ୍ୟରେ ୨୦
କଣା ହେଲ ଏଥିପାଁଇ ତୁମ୍ଭମାନଙ୍କର ଦେହ ଆତ୍ମ ଈଶ୍ୱରଙ୍କର ହୋଇ
ପୁରେ ଈଶ୍ୱରଙ୍କର ମହିମା ପ୍ରକାଶ କର ।

୭ ପତ୍ର ।

ତୁମ୍ଭେମାନେ ଯେ ସମସ୍ତ ବିଷୟ ଆମ୍ଭକୁ ଲେଖି ପଠାଇଲ ତାହାର ୧
ଉତ୍ତର ଏହି । ପୁରୁଷ ସ୍ତ୍ରୀକୁ ନ ଛୁଁଇଲେ ଭଲ ତଥାଚ ବ୍ୟଭିଚାର କର୍ମର ୨
ଭୟରେ ପ୍ରତ୍ୟେକ ପୁରୁଷ ନଜର ଏକୀ ସ୍ତ୍ରୀ ହେଉ ଆଉ ପ୍ରତ୍ୟେକ ସ୍ତ୍ରୀ ନଜର
ଏକୀ ସ୍ୱାମୀ ହେଉ । ସ୍ୱାମୀ ଭାର୍ଯ୍ୟାର ପ୍ରାପ୍ତ ପୁଣି ଭାର୍ଯ୍ୟା ସ୍ୱାମିର ପ୍ରାପ୍ତ ଯଥାର୍ଥ ୩
ପ୍ରୀତ ବ୍ୟବହାର କରୁ । ଭାର୍ଯ୍ୟାର ଆପଣା ଶରୀରରେ ନଜର ଅଧିକାର ୪
ନୋହେ ପୁଣି ସ୍ୱାମୀର ତେମନ୍ତ ସ୍ୱାମୀର ନଜ ଶରୀରରେ ଆପଣାର ଅଧିକାର
ନୋହେ ପୁଣି ଭାର୍ଯ୍ୟାର ଅଝଟ । ଦୁରଜଣ ଏକ ପରାମର୍ଶ ହୋଇ ଉପବାସ ଓ ୫
ପ୍ରାର୍ଥନା କରିବାର ସୁସାର ନମନ୍ତେ କିଛିକାଳ ପୃଥକ ହେବାର ବିନୁ ଏକ
ଜଣ ଅନକୁ ବଞ୍ଚିତ ନ କରୁ । ପୁଣି ଇନ୍ଦ୍ରିୟର ଅଧୈର୍ଯ୍ୟରୁ ଶୟତାନ ଯେମନ୍ତ
ତୁମ୍ଭମାନଙ୍କୁ ପରୀକ୍ଷାରେ ନ ପକାଏ ଏଥିପାଁଇ ପୁନବାର ଆସି ଏକଠା
ହୁଅ । ଏହା ଆମ୍ଭେ ଆଜ୍ଞାରୂ ନୋହେ ମାତ୍ର ପରାମର୍ଶ ଦେଇ କହୁ । ଯେହେତୁ ୭
ସମସ୍ତେ ଆମ୍ଭର ସଦୃଶ ହୁଅନ୍ତୁ ଏହା ଆମ୍ଭର ଇଚ୍ଛା ପୁଣି କେହ ଏପ୍ରକାର କେହ
ସେ ପ୍ରକାର ପ୍ରତ୍ୟେକ ଜଣ ଈଶ୍ୱରଦତ୍ତ ନଜ ଗୁଣ ପାଇଅଛ ।

ବିଶେଷରେ ଭାର୍ଯ୍ୟାହୀନ ଓ ବିଧବା ଲୋକଙ୍କୁ ଆମ୍ଭର ପରାମର୍ଶ ଏହି । ଯେବେ ୮
ଆମ୍ଭର ସଦୃଶ ରହିବେ ତେବେ ସେମାନଙ୍କର ଭଲ ହେବ ନୋହିଲେ ସମ୍ଭା ୯
ଳିବାକୁ ଯେବେ ସମର୍ଥ ନାହିଁ ତେବେ ବିବାହ କରନ୍ତୁ ଯେହେତୁ କାମାନ
ଳରେ ଦଗ୍ଧ ହେବାରୁ ବିବାହ କରିବାକୁ ଭଲ । ଅବର ବିବାହିତ ଲୋକକୁ ୧୦
ଆଜ୍ଞା ଦେଇ ମାତ୍ର ଆମ୍ଭେ କେବଳ ନୋହୁ ପ୍ରଭୁଙ୍କ ଆଜ୍ଞା ବିଅନ୍ତୁ । ଭାର୍ଯ୍ୟା
ଆପଣା ସ୍ୱାମୀକୁ ତ୍ୟାଗ ନ ଯାଉ ଯେବେ ତ୍ୟାଗ ଯାଏ ତେବେ ଅବିବାହିତା ୧୧
ରହୁ ଅବା ଆପଣା ସ୍ୱାମୀର ସହିତ ପୁନବାର ମିଳିତ କରୁ । ସେପ୍ରକେ ସ୍ୱାମୀ
ସ୍ତ୍ରୀକୁ ଦୂର ନ କରୁ ।

ଆଉ ସମସ୍ତଙ୍କୁ ପ୍ରଭୁ ଆଜ୍ଞା ନ କରନ୍ତି ଆମ୍ଭେ କୋଇ । କୌଣସି ଭାଇଙ୍କର ୧୨
ଭାର୍ଯ୍ୟା ଯେବେ ବିଶ୍ୱାସ ନ କରେ ତାହାର ସଙ୍ଗରେ ରହିବାକୁ ସମ୍ମତ ହୁଅନ୍ତେ
ତେବେ ସେ ଜଣ ଆପଣା ଭାର୍ଯ୍ୟାକୁ ଦୂର ନ କରୁ ସେପ୍ରକେ କୌଣସି ଭାର୍ଯ୍ୟାର ୧୩
ସ୍ୱାମୀ ଯେବେ ବିଶ୍ୱାସ ନ କରେ ତାହାର ସଙ୍ଗରେ ରହିବାକୁ ସମ୍ମତ ହୁଅନ୍ତେ

୧୪ ତେବେ ସେ ଇଚ୍ଛା ଅଯଣା ସ୍ୱାମୀକୁ ନ ଛାଡ଼ୁ । ଯେହେତୁ ସ୍ୱାମୀ ଅବଶ୍ୱାସୀ
ହେଲେ ବଶ୍ୱାସି ଇଚ୍ଛା ସକାଶୁ ଶୁଚି ହୁଅଇ ଆଉ ଅବଶ୍ୱାସି ସ୍ତ୍ରୀ ବଶ୍ୱାସୀ
ସ୍ୱାମୀ ସକାଶୁ ଶୁଚି ହୁଅଇ ଏଥିଯାଁଇ ତୁମ୍ଭମାନଙ୍କର ସନ୍ତାନଗଣ ଅଶୁଚି
୧୫ ନ ହୋଇ ଏବେହେଁ ଶୁଚି ହୁଅନ୍ତି । ଆକର ଯେବେ ଅବଶ୍ୱାସି ଜନ
ଛାଡ଼ ଯାଏ ତେବେ ଯାଉ ଉହାଁରେ ଭାଇ କି ଭଉଣୀ କେହି ବନ୍ଦ ନ ହୁଅଇ
ପୁଣି ଈଶ୍ୱର ଆମ୍ଭମାନଙ୍କୁ ନର୍ବ୍ବୋଧ ଆଚରଣ କରିବାକୁ ଅଜ୍ଞା ଦେଇ ଅଛନ୍ତି ।
୧୬ ଉହାଁରେ ହେ ଇର ତୁମ୍ଭେ ଅପଣା ସ୍ୱାମୀର ପରିତ୍ରାଣ ହେତୁ ହେବ କି ନାହିଁ
ଜାହା କି ଜାଣ କିଅବା ହେ ପୁରୁଷ ତୁମ୍ଭର ଇଚ୍ଛାର ପରିତ୍ରାଣ ହେତୁ ହେବ
କି ନାହିଁ ଜାହା କି ଜାଣ ।
୧୭ ଅଉ ଈଶ୍ୱର ଅଂଶକ୍ରମେ ଯାହାକୁ ଯେମନ୍ତ ଦାନ କରିଛନ୍ତି ପୁଣି ଯେ
ମନ୍ତ ଅବସ୍ଥାରେ ଥାଇ ପ୍ରଭୁ ଅହ୍ୱାନ କରିଛନ୍ତି ସେ ତେମନ୍ତ ଜ୍ଞାତରେ ଆଚ
୧୮ ରଣ କରୁ ଏ ପ୍ରକାର ଅମ୍ଭେ ସମସ୍ତ ମଣ୍ଡଳୀରେ ବ୍ୟବସ୍ଥା ଦେଇ । ତେଶୁ
କୌଣସି ଜନ ଯେବେ ସୁନ୍ନତ୍ତା ହୋଇ ଅହ୍ୱାନ ପାଏ ତେବେ ସେ ଅସୁନ୍ନତ୍ତା
ନ ହେଉ ଅବା ଯେଉଁ ଜନ ଅସୁନ୍ନତ୍ତା ହୋଇ ଅହ୍ୱାନ ପାଏ ସେ ସୁନ୍ନତ୍ତା ନ
୧୯ ହେଉ । ସୁନ୍ନତ୍ତା କିଛି ନାହିଁ ଅସୁନ୍ନତ୍ତା କିଛି ନାହିଁ ପୁଣି ଈଶ୍ୱରର ଅଜ୍ଞା ଯେ
୨୦ ପ୍ରତିପାଳଣ ସେହି ସାର । ଏଣୁ ଯେଉଁ ଜଣ ଯେଉଁ ଅବସ୍ଥାରେ ଥାଇ
୨୧ ଅହ୍ୱାନ ପାଏ ସେ ସେହି ଅବସ୍ଥାରେ ଥାଉ । ଯେବେ ଦାସ ହୋଇ
ଅହ୍ୱାନ ପାଇ ଥାଅ ଉହାଁରେ କିଛି ଭାବନ୍ତ ନ ହୁଅ ପୁଣି ଯେବେ ମୁକ୍ତ
୨୨ ହେବାକୁ ପାର ତେବେ ସିନା ମୁକ୍ତ ହୁଅ । ଯେହେତୁ ଯେଉଁ ଜନ ଦାସ
ହୋଇ ପ୍ରଭୁରେ ଅହ୍ୱାନ ପାଏ ସେ ପ୍ରଭୁର ମୁକ୍ତ ଲୋକ ପୁଣି ଯେଉଁ ଜନ
୨୩ ମୁକ୍ତ ହୋଇ ଅହ୍ୱାନ ପାଏ ସେ ଖ୍ରୀଷ୍ଟର ଦାସ । ତୁମ୍ଭେମାନେ ମୂଲ୍ୟରେ
୨୪ କିଣା ହୋଇଅଛ ଏଣୁ ମନୁଷ୍ୟର ଦାସଗଣ ନ ହୁଅ । ହେ ଭାଇମାନେ
ପ୍ରତ୍ୟେକ ଜଣ ଯେଉଁ ଅବସ୍ଥାରେ ଥାଇ ଅହ୍ୱାନ ପାଏ ସେ ଈଶ୍ୱରର
ସାକ୍ଷାତରେ ସେହି ଅବସ୍ଥାରେ ଥାଉ ।
୨୫ ଅବବାହିତ ଲୋକର ବିଷୟରେ ଅମ୍ଭେ ପ୍ରଭୁଠାରୁ କିଛି ଆଜ୍ଞା ନ ପାଇଲୁଁ
ତଥାପି ବିଶ୍ୱସ୍ତ ହେବାକୁ ପ୍ରଭୁର ଅନୁଗ୍ରହ ପାତ୍ର ହୋଇ ଅମ୍ଭେ ଅପଣା ପର
୨୬ ମର୍ଶ ଦେଇ । ବର୍ତ୍ତମାନ ଦୁଃଖ ସକାଶୁ ମନୁଷ୍ୟର ଅବବାହିତ ଥିବା ଭଲ
୨୭ ହୁଅଇ । ଆମ୍ଭେ ଏମନ୍ତ ବିଶ୍ୱର କର । ଯେବେ ତୁମ୍ଭେ ବିବାହ ବନ୍ଧନରେ
ବନ୍ଦ ହୋଇ ଥାଅ ତେବେ ଛାଡ଼ର ମୁକ୍ତ ହେବାକୁ ଚେଷ୍ଟା ନ କର ଯେବେ
୨୮ ମୁକ୍ତ ହୋଇ ଥାଅ ଆଉ ସ୍ତ୍ରୀର ଚେଷ୍ଟା ନ କର । ଅଥବା ବିବାହ କଲେହେଁ
ତୁମ୍ଭର ପାପ ନ ହୁଅଇ । ଅଉ ବାଡୋଇ କନ୍ୟା ଯେବେ ବିବାହ କରଇ

ତହିଁରେ ତାହାର ପାପ ନାହିଂ ତେବେହେଂ ଏମାନଙ୍କର ଶାରୀରିକ ଦୁଃଖ
ଜନ୍ମିବ । ପୁଣି ଏକଥା ଆମ୍ଭେ ଶ୍ଚତି ଦେଇ ।

ହେ ଭାଇମାନେ ଆମ୍ଭେ ଏହା ବୋଲି ସମୟ ଅତିଅଳ୍ପ ହୁଅଇ ଏଣୁ ଯେ ୧୯
ଉଂମାନଙ୍କର ତିରୀ ଅଟନ୍ତି ସେମାନେ ତିରୀହୀନ ଲୋକର ମତ ହେଉନ୍ତୁ ।
ଯେଉଂମାନେ କାନ୍ଦନ୍ତି ସେମାନେ ନ କାନ୍ଦିବା ଲୋକର ମତ ହେଉନ୍ତୁ । ୩୦
ଯେଉଂମାନେ ଆନନ୍ଦ କରନ୍ତି ସେମାନେ ଆନନ୍ଦ ନ କରିବା ଲୋକର ମତ
ହେଉନ୍ତୁ । ଯେଉଂମାନେ କିଣନ୍ତି ସେମାନେ ଅଣଧିକାରି ଲୋକର ମତ ହେ
ଉନ୍ତୁ । ଯେଉଂମାନେ ଏହି ସଂସାର ବ୍ୟାପାର କରନ୍ତି ସେମାନେ କୃବ୍ୟାପାର ୩୧
ନ କରନ୍ତୁ ଯେହେତୁ ଏହି ଜଗତର କୌତୁକାକାର ବହି ଯାୟେ । ପୁଣି ୩୨
ତୁମ୍ଭେମାନେ ଯେମନ୍ତ ଭାବିତ ନ ହୁଅ ଏହା ଆମ୍ଭର ବାଞ୍ଛା । ଯେଉଂଜନ
ଅବିବାହିତ ସେ କିଉପେ ପ୍ରଭୁଙ୍କୁ ତୁଷ୍ଟି କରି ପାରିବ ଏଥିରେ ସେ ପ୍ରଭୁର
ବିଷୟ ଚେଷ୍ଟା କରଇ । ପୁଣି ଯେ ବିବାହିତ ହୁଅଇ ସେ କି ପ୍ରକାରେ ୩୩
ଆପଣା ଭାର୍ଯ୍ୟାର ତୁଷ୍ଟି କରି ପାରିବ ଏଥିରେ ସାଂସାରିକ ବିଷୟରେ ଚିନ୍ତା
କରଇ । ସେଉପେ ବିବାହିତା ଓ ଅବିବାହିତା ତିରୀ ମଧ୍ୟରେ ଏମନ୍ତ ଭେଦ ୩୪
ଅଟଇ । ଅବିବାହିତା ସ୍ତ୍ରୀ ଦେହ ଆତ୍ମରେ ଯେମନ୍ତ ପବିତ୍ର ହୁଅଇ ଏଥିପାଁଇ
ପ୍ରଭୁର ବିଷୟରେ ଚିନ୍ତା କରଇ ପୁଣି ବିବାହିତା ଯେ ସ୍ତ୍ରୀ ସେ କି ପ୍ରକାରେ
ସ୍ୱାମୀଙ୍କର ତୁଷ୍ଟି କରି ପାରିବ ଏଥିପାଁଇ ସାଂସାରିକ ବିଷୟରେ ଚିନ୍ତା
କରଇ । ଏହି ସବୁ କଥା ତୁମ୍ଭମାନଙ୍କୁ ଫାନ୍ଦରେ ପକାଇବାର ପାଁଇ କହିଅଛୁଁ ୩୫
ତାହା ନୋହେ ପୁଣି ବିହିତ ଉପରେ ଯେମନ୍ତ କାର୍ଯ୍ୟ କରିବ । ଆଉ ଚଞ୍ଚଳ
ମନ ନୋହିଲେ ପ୍ରଭୁର ସେବାରେ ନିଯୁକ୍ତ ଥିବ ଏଥିରେ ତୁମ୍ଭମାନଙ୍କର
ମଙ୍ଗଳ ବୁଝି କହୁଅଛୁଁ ।

ଆପଣାର କନ୍ୟାର ଯୌବନାବସ୍ଥା ଗଲା ପୁଣି ବିବାହ ହେବାକୁ ପ୍ରୟୋ ୩୬
ଜନ ହେଲା ଏଣୁ ସେ ତାହାର ପ୍ରତି ଅଣୁଚିତ ବ୍ୟବହାର କରଇ ଏମନ୍ତ କେହି
ଯେବେ ବୋଧ କରଇ ତେବେ ଆପଣାର ଇଚ୍ଛା ମତ କଲେ ପାପ ନ ହୁଅଇ
ଏମାନେ ବିବାହ କରନ୍ତୁ । ପୁଣି ଯାହାର ପ୍ରୟୋଜନ ନ ହେଲାରୁଂ ଚିତ୍ତରେ ୩୭
ଦୃଢ କରି ନିଜ ମାନସକୁ ରାଜ୍ୟ କରିବାକୁ ସମର୍ଥ୍ୟ ହୋଇ ଆପଣା କନ୍ୟାକୁ
ବାଡୋଇ ରଖିବାକୁ ସ୍ଥିର ବିଶ୍ୱର କରିଅଛି ସେ ଉତ୍ତମ କର୍ମଇ କରୁଅଛି
ଏଣୁ ଯେଉଂଜଣ ବିବାହ ଦିଅଇ ସେ ଭଲ କରଇ ଆଉ ଯେ ଜଣ ନ ଦିଅଇ ୩୮
ସେ ଆହୁରି ଭଲ କରଇ ।

ଯାବତ୍ର ସ୍ୱାମୀ ବର୍ତ୍ତମାନ ଥାୟେ ତାବତ୍ର ସ୍ତ୍ରୀ ଲୋକ ବିବାହ ବନ୍ଧନରେ ୩୯
ବନ୍ଦ ହୁଅଇ ପୁଣି ସ୍ୱାମୀର ମୃତ୍ୟୁ ହେଲା ଉତ୍ତାରେ ସେ ମୁକ୍ତଳା ହୋଇ ପ୍ରଭୁର

୪୦ ଉକ୍ତ ମାଣ ଯାହାକୁ ଇଚ୍ଛା କରଇ ତାହାକୁ ବିବାହ କର ପାରଇ । ପୁଣି ତାହା ନ କର ସେମନ୍ତ ରହିଲେ ସେ ଅଧିକ ସୁଖୀ ହେବ ଏହ ଆମ୍ଭର ବିଶ୍ୱର ପୁଣି ବୋଧ ହୁଅଇ ଯେ ଈଶ୍ୱରର ଅତ୍ମ ଆମ୍ଭଠାରେ ଅଛନ୍ତ ।

୮ ପତ୍ର ।

୧ ଦେବ ପ୍ରସାଦର ବିଷୟରେ ଆମ୍ଭମାନଙ୍କର ସବୁ ଜ୍ଞାନ ଅଛଇ ଏହା ଅମ୍ଭେ
୨ ମାନେ ଜାଣି । ଜ୍ଞାନ ମାଣ ଫୁଲାଏ ପୁଣି ପ୍ରେମର କଣ୍ଠା ହୁଅଇ । କେହ
ଯେବେ ଭାଲଇ ଆମ୍ଭର କଛ ଜ୍ଞାନ ଅଛ ତେବେ ଯଥାର୍ଥରୂପେ ସେ
୩ କଛହିଂ ନ ଜାଣନ୍ତ । ପୁଣି ଈଶ୍ୱରଙ୍କୁ କେହ ଯେବେ ପ୍ରେମ କରଇ ତେବେ
୪ ସେ ଈଶ୍ୱରଠାରୁ ଜ୍ଞାତସାର ହୋଏ । ଏଣୁ ଦେବତାର ପ୍ରସାଦାଦ
ନୈବେଦ୍ୟ ଖାଇବାର ବିଷୟରେ ଆମ୍ଭେମାନେ ଜାଣି ଯେ ଜଗତରେ ଦେ
୫ ବତା କଛ ନାହିଁ ପୁଣି ଏକ ଈଶ୍ୱର ବିନା ଦ୍ୱିତୀୟ ନାସ୍ତି । ଯାହାକୁ ଦେବତା
ବୋଲ ଏମନ୍ତ ଆକାଶରେ କ ପୃଥିବୀରେ ଯେବେ ଅନେକ ଦେବତା ଓ ଅନେକ
୬ ପ୍ରଭୁ ଅଛନ୍ତ ତଥାପି ଯାହାଙ୍କଠାରୁ ସବୁ ବସ୍ତୁ ଓ ଯାହାକ୍ଂର ନମନ୍ତେ ଆମ୍ଭେ
ମାନେ ହୋଇଅଛୁଁ ଏମନ୍ତ ପିତାସ୍ୱରୂପ ଆମ୍ଭମାନକ୍ଂର କେବଳ ଏକ ଈଶ୍ୱର
ଅଛନ୍ତ ପୁଣି ଯାହାକ୍ଂର ଦ୍ୱାର ସବୁ ବସ୍ତୁ ପୁଣି ଯାହାକ୍ଂଠାରୁ ଆମ୍ଭେମାନେ
ହୋଇଅଛୁଁ ଏମନ୍ତ ଆମ୍ଭମାନଙ୍କର କେବଳ ଏକ ପ୍ରଭୁ ଯୀଶୁଖ୍ରୀଷ୍ଟ ଅଛନ୍ତ ।
୭ ମାଣ ସମସ୍ତଙ୍କର ଏମନ୍ତ ଜ୍ଞାନ ନାହିଁ ଯେହେତୁ ଏହ ସରକ ଥୋକାଏ ଦେ
ବତାକୁ ମାନ ଦେବ ପ୍ରସାଦ ବୋଲ ଭୋଜନ କରଇ ତେଣୁ ସେମାନଙ୍କ୍ଂର
୮ ମନ ଦୁର୍ବଳ ହୋଇ କଳୁଷଯୁକ୍ତ ହୁଅଇ । ପୁଣି ଖାଦ୍ୟ ସକାଶୁଂ ଆମ୍ଭେ
ମାନେ ଈଶ୍ୱରକ୍ଂଠାରେ ସୁଖ୍ୟାତ୍ୟ ନୋହୁ ଯେହେତୁ ଖାଇଲେ ଆମ୍ଭମାନ
କ୍ଂର କଛ ଭଲ ନାହିଁଂ ନ ଖାଇଲେ ଆମ୍ଭମାନଙ୍କର କଛ ମନ୍ଦ ନାହିଁ ।
୯ ଏଣୁ ତୁମ୍ଭମାନକ୍ଂର ଏହ ଅନୁମତ ଯେମନ୍ତ ଦୁର୍ବଳ ଲୋକମାନକ୍ଂର ବାଧା
୧୦ ସ୍ୱରୂପ ନ ହୁଅଇ ଏଥିରେ ସାବଧାନ ହୁଅ । ଯେହେତୁ ଜ୍ଞାନୀ ଯେ ତୁମ୍ଭେ
ତୁମ୍ଭକୁ କେହ ଯେବେ ଦେବାଳୟରେ ଭୋଜନୋପବଶ୍ଚ ଦେଖଇ ତେବେ
ତାହାର ମନ ଦୁର୍ବଳ ହେବାରୁଂ ସେହ ଦେବ ପ୍ରସାଦ ଖାଇବାକୁ ସେ ଜଣ
୧୧ ସାହସିକ ହୋଇ ଥିବ । ତେଣୁ ଯାହାର ନମନ୍ତେ ଖ୍ରୀଷ୍ଟ ମଲେ ଏମନ୍ତ ତୁମ୍ଭର
୧୨ ଦୁର୍ବଳ ଭାଇ ସେ କ ତୁମ୍ଭର ଜ୍ଞାନ ସକାଶୁଂ ନାଶ ହେବ । ପୁଣି ଭାଇମାନ
କ୍ଂର ବରୁଦ୍ଧରେ ଏମନ୍ତ ପାପ କଲେ ଓ ସେମାନଙ୍କ୍ଂର ଦୁର୍ବଳ ମନକୁ
୧୩ କ୍ଷତ କଲେ ତୁମ୍ଭେମାନେ ଖ୍ରୀଷ୍ଟର ବିରୁଦ୍ଧରେ ପାପ କର । ଏନମନ୍ତେ ମାଂସ
ଖାଇବାରୁଂ ଯେବେ ଆମ୍ଭର ଭାଇର ବିଘ୍ନ ସ୍ୱରୂପ ହୁଅଇ ତେବେ ଭାଇର

ବିଘ୍ନ ସ୍ୱରୂପ ଯେମନ୍ତ ନ ହୋଇ ଏଥିପାଁଇ ଆମ୍ଭେ ଯୁଗାନ୍ତ ଯାୟେ ମାଂସ ନ ଖାଇବା ।

## ୯ ପର୍ବ ।

ଆମ୍ଭେ କି ଜଣେ ପ୍ରେରିତ ନୋହି ଆମ୍ଭେ କି ସ୍ୱାଧୀନ ନୋହି ଆମ୍ଭେ କି ୧
ପ୍ରଭୁ ଯୀଶୁ ଖ୍ରୀଷ୍ଟର ଦର୍ଶନ କରି ନାହିଁ । ଆଉ ତୁମ୍ଭେମାନେ କି ପ୍ରଭୁରେ
ଆମ୍ଭର କର୍ମର ଫଳସ୍ୱରୂପ ନୋହ । ଆନ ଲୋକମାନଙ୍କର ପ୍ରତି ପ୍ରେରିତ ନୋ ୨
ହିଲେ ତୁମ୍ଭମାନକଂର ପ୍ରତି ସିନା ପ୍ରେରିତ ଅଟୁଁ ଯେହେତୁ ପ୍ରଭୁରେ ତୁମ୍ଭେ
ମାନେ ଆମ୍ଭର ପ୍ରେରିତ ପଦର ପ୍ରମାଣ ହେଉଅଛ । ଆମ୍ଭର ଅପବାଦକ ମାନ ୩
କଂର ପ୍ରତି ଆମ୍ଭେ ଏହି ଉତ୍ତର ଦେଇ କି ଭୋଜନ ପାନ କରିବାକୁ ଆମ୍ଭମାନ ୪
ଙ୍କର ଅଧିକାର ନାହିଁ । କି ଅନ୍ୟାନ୍ୟ ପ୍ରେରିତ ଅଥଚ ପ୍ରଭୁର ଭାଇମାନେ ୫
କେୟଫା ଆଦି ଏମାନକଂର ମତେ ଧର୍ମ ଭଉଣୀକୁ ବିବାହ କରି ସଙ୍ଗରେ ନେଇ
ଯିବାକୁ ଆମ୍ଭମାନକଂର ଅଧିକାର ନାହିଁ । ଅବା କେବଳ ମାତ୍ର ଆମ୍ଭେ ଓ ୬
ବର୍ଣବା କି ଶ୍ରମ ନ କରିବାକୁ ଅନୁମତି ବର୍ଜିତ । ଆପଣା ଧନ ବ୍ୟୟ କରି ୭
କେ ସଂଗ୍ରାମ କରିବାକୁ ଯାଅନ୍ତି । ପୁଣି ଦ୍ରାକ୍ଷା କ୍ଷେତ ରୋପଣ କରି କେ
ତାହାର ଫଳ ଭୋଗ ନ କରନ୍ତି । ଆଉ ପଶୁ ପଲ ପାଳଣ କରି କେ ପଲର
ଦୁଗ୍ଧ ପାନ ନ କରନ୍ତି । ଆମ୍ଭେ କି ମନୁଷ୍ୟର କଥା ପରି କଥା କହି ବ୍ୟବ ୮
ସ୍ଥାରେ କି ଏରୂପ ଲେଖି ନାହିଂ । ଯେହେତୁ ମୋଶାର ବ୍ୟବସ୍ଥାରେ ଲେ ୯
ଖିତ ଅଛି ଶସ୍ୟ ବେଙ୍ଗଳାକାରି ବଳଦର ମୁହଁ ନ ବାନ୍ଧି । ଈଶ୍ୱର କି କେ ୧୦
ବଳ ବଳଦର ହିତ ଲୋଡନ୍ତି ଅବା ବିଶେଷରୂପେ ଆମ୍ଭମାନକଂର ନିମନ୍ତେ
ଏକଥା କହନ୍ତି । ଅବଶ୍ୟ ଆମ୍ଭମାନକଂର ନିମନ୍ତେ ଏହି କଥା ଲେଖା ଥିଲା ।
ତେଣୁ ଯେଉଂଜନ ଚାସ କରଇ ସେ ଭରସାରେ ଯେମନ୍ତ ଚାସ କରଇ
ପୁଣି ଯେଉଂଜନ ଭରସା କରି ଶସ୍ୟ ବେଙ୍ଗଳା ପକାୟେ ତାହାରି ସେ
ଭରସା ଯେହେ ସଫଳ ହୁଅଇ । ଆମ୍ଭେମାନେ ତୁମ୍ଭମାନକଂର ନିମନ୍ତେ ୧୧
ଯେବେ ପାରମାର୍ଥିକ ବିଷୟରୂପ ବୀଜ ବପନ କରିଅଛୁଁ ତେବେ ତୁମ୍ଭମାନ
କଂର ସାଂସାରିକ ବିଷୟରୂପ ଶସ୍ୟର ଯେ ଭାଗୀ ହେବା ଏ କି ବଡ କଥା ।
ତୁମ୍ଭମାନକଂର ଉପରେ ଯେବେ ଅନ୍ୟମାନକଂର ଅଧିକାର ଥାୟେ ତେବେ ୧୨
ଆମ୍ଭମାନକଂର ଅଧିକାର ସିନା ଅଧିକ ହୁଅଇ ତଥାଚ ଏହି ଅଧିକାରାନୁ
ସାରେ ଆମ୍ଭେମାନେ ବ୍ୟବହାର କରି ନାହୁଁ କାରଣ ଆମ୍ଭମାନକଂର ସକାଶୁଂ
ଖ୍ରୀଷ୍ଟର ମଙ୍ଗଳସମାଚାରର ବାଧା ଯେମନ୍ତ ନ ହୁଅଇ ଏଥିପାଁଇ ଆମ୍ଭେମାନେ
ସବୁ ବିଷୟ ସହି । ଯେଉଂମାନେ ମନ୍ଦିରରେ ସେବା କରନ୍ତି ସେମାନଙ୍କର ୧୩

ସେହି ସେବା ଉପଜୀବକ। ହୁଅନ୍ତୁ ଆଉ ଯେଉଁମାନେ କେବଳ ସେବା
କରନ୍ତି ସେମାନଙ୍କର ସେହି ସେବା ଉପଜୀବକ। ହୁଅନ୍ତୁ ତୁମ୍ଭେମାନେ କି ଏହା
୧୪ ଜାଣି ନାହଁ । ସେଥିପେ ମଙ୍ଗଲସମାଗ୍ଭର ଘୋଷଣା କାରୀମାନେ ସେହି
ମଙ୍ଗଲସମାଗ୍ଭରର ଉପଜୀବକ। ହୁଅନ୍ତୁ ପ୍ରଭୁ ଏହି ନିୟମ କରିଛନ୍ତି ।
୧୫ ଆମ୍ଭେ ଏହିପ୍ରକାର ବ୍ୟବହାର କେବେ କରି ନାହୁଁ ଅବା ଆମ୍ଭମାନଙ୍କର ପ୍ରାପ୍ତ
ଏହା କରିବାକୁ ହେବ ଏଥିପାଇଁ ଏହି କଥା ଆମ୍ଭେ ଲେଖି ନାହୁଁ ଯେହେତୁ
କୌଣସି ଲୋକ ଆମ୍ଭର ଏହି ଯଶ ବ୍ୟର୍ଥ କରିବାରୁ ଆମ୍ଭର ମରିବାର ଭଲ ।
୧୬ ଆମ୍ଭେ ଯେବେ ମଙ୍ଗଲସମାଗ୍ଭର ଘୋଷଣା କରି ତେବେହେଁ ଆମ୍ଭର ଯଶ
ନାହିଁ । ଆମ୍ଭର ଉପରେ ଏହି ଭାର ଅଛି ପୁଣି ମଙ୍ଗଲସମାଗ୍ଭର ଘୋଷଣା ନ
୧୭ କଲେ ଆମ୍ଭର ସନ୍ତାପ ଘଟିବ । ପୁଣି ଆମ୍ଭେ ଯେବେ ସ୍ୱଇଚ୍ଛାରେ ଏହି କର୍ମ
କରି ତେବେ ଆମ୍ଭର ଫଳ ଅଛି ନୋହିଲେ ଯେବେ ଅନିଚ୍ଛାରେ କରି
ତେବେହେଁ ମଙ୍ଗଲସମାଗ୍ଭରର ପ୍ରଗ୍ଭରର ଭାର ଆମ୍ଭର ଉପରେ ଥୁଆ ଯାଇ
୧୮ ଅଛି । ଏଥିରେ ଆମ୍ଭର ଫଳ କ। ମଙ୍ଗଲସମାଗ୍ଭରରେ ଆମ୍ଭର ଯେ ଅଧିକାର
ତହିଁରେ କ୍ଭବ୍ୟବହାର ଯେହେନ କରି ଆମ୍ଭେ ଖ୍ରୀଷ୍ଟର ମଙ୍ଗଲସମାଗ୍ଭର
ଘୋଷଣା କରି ବନାମୂଲ୍ୟରେ ତାହା କରି ଯାଉଁ ଏହି ଆମ୍ଭର ଫଳ ।
୧୯ ଆମ୍ଭେ ସମସ୍ତ ଲୋକର ଅଧୀନପଣରୁ ମୁକ୍ତ ହୋଇଲେହେଁ ଅଧିକ ଲୋ
୨୦ କକୁ ସଙ୍ଗି କରିବାର ପାଁଇ ସମସ୍ତର ପ୍ରତି ଦାସପଣ ଅଙ୍ଗୀକାର କଲୁଁ । ଯିହୁଦୀୟ
ମାନଙ୍କୁ ସଙ୍ଗି କରିବା ପାଁଇ ଆମ୍ଭେ ସେମାନଙ୍କର ମଧ୍ୟରେ ଯିହୁଦୀୟର ମତ
ହେଲୁଁ । ବ୍ୟବସ୍ଥାଧୀନ ଲୋକଙ୍କୁ ସଙ୍ଗି କରିବା ପାଁଇ ସେମାନଙ୍କର ମଧ୍ୟରେ
୨୧ ଆମ୍ଭେ ବ୍ୟବସ୍ଥାଧୀନର ତୁଲ୍ୟ ହେଲୁଁ । ପୁଣି ଈଶ୍ୱରର ଉଦ୍ଦେଶେ ବ୍ୟବସ୍ଥା
ହୀନ ନ ହୋଇ ଖ୍ରୀଷ୍ଟର ବ୍ୟବସ୍ଥାଧୀନ ହୋଇ ବ୍ୟବସ୍ଥାହୀନ ଲୋକମାନଙ୍କୁ
୨୨ ସଙ୍ଗି କରିବା ପାଁଇ ବ୍ୟବସ୍ଥାହୀନର ତୁଲ୍ୟ ହେଲୁଁ । ଆମ୍ଭେ ଦୁର୍ବଳ ଲୋକ
ମାନଙ୍କୁ ସଙ୍ଗି କରିବା ପାଁଇ ଦୁର୍ବଳର ମତ ହେଲୁଁ କୌଣସି ପ୍ରକାରେ ଯୋ
କାସ୍ଭେ ଲୋକର ପରିତ୍ରାଣ ଯେମନ୍ତ ହୁଅଇ ଏଥିପାଇଁ ଯାହାର ଯେମନ୍ତ
୨୩ ବ୍ୟବହାର ତାହାର କତ୍ତରେ ତଦନୁସାରେ ବ୍ୟବହାର କଲୁଁ । ସେମାନଙ୍କର
ସଙ୍ଗରେ ମଙ୍ଗଲସମାଗ୍ଭର ଫଳର ଭୋଗୀ ଯେମନ୍ତ ହୋଇ ଏଥିପାଇଁ ମଙ୍ଗଲ
ସମାଗ୍ଭର ଲାଗି ଏସବୁ କଲୁଁ ।
୨୪ ଯେଉଁମାନେ ପଣ ପାଇବାକୁ ଦୌଡନ୍ତି ସେମାନେ ସମସ୍ତେ ଦୌଡନ୍ତି
ମାତ୍ର କେବଳ ଏକଜଣ ସେହି ପଣ ପାଏ ଏହା କି ତୁମ୍ଭମାନଙ୍କର ଜଣା
ନୋହେ । ତୁମ୍ଭେମାନେ ଯେମନ୍ତ ପଣ ପାଇବାକୁ ପାର ତେମନ୍ତ ଧାଇଁ
୨୫ ଯାଅ । ଆଉ ଯେଉଁମାନେ ମଲ୍ଲଯୁଦ୍ଧ କରନ୍ତି ସେମାନେ ସବୁ ବିଷୟରେ

ପରମିତ ଭୋଗୀ ହୁଅନ୍ତୁ । ସେମାନେ କ୍ଷୟୀୟ ମୁକୁଟ ପ୍ରାପ୍ତିର ନମନ୍ତେ ଦାଵା କରନ୍ତୁ ପୁଣି ଆମ୍ଭେମାନେ ଅକ୍ଷୟ ମୁକୁଟର ନମନ୍ତେ ଦାଵା କରୁ । ୨୬ ଏନମନ୍ତେ ଆମ୍ଭେ ଧାଇଁ ମାଡ଼ି ବନା ଲକ୍ଷ୍ୟ ନ ଧାଇଁ ଆମ୍ଭେ ମଲ୍ଲଯୁଦ୍ଧ କର ମାଡ଼ି ବାୟୁର ସହୁଛ ଯୁଦ୍ଧକାରର ଭୁଲ୍ଲ ନୋହ୍ନ । ପୁଣି ଅନ୍ୟର ପ୍ରତି ମଙ୍ଗଳ ସମାଗର ଘୋଷଣା କର ପଛେ ଅବା ଆମ୍ଭେ ଆପେଁ ଅଗ୍ରାହ୍ୟ ହୋଇ ଏହ ଉପରେ ଇନ୍ଦ୍ରିୟଦମନ କର ଶରୀରକୁ ଆପଣାର ବଶୀଭୂତ ରଖି ।

୧୦ ପତ୍ର ।

ଆବର ହେ ଭାଇଗଣ ଆମ୍ଭମାନଙ୍କର ପୂଵ୍ୱପୁରୁଷ ସମସ୍ତେ ମେଘର ତଳେ ୧ ହୋଇ ସମୁଦ୍ରର ମଧ୍ୟ ଦେଇ ଗମନ କଲେ ପୁଣି ସମସ୍ତେ ମୋଶାର ଉଦ୍ଦେଶ ୨ ରେ ମେଘରେ ଓ ସମୁଦ୍ରରେ ଦୁବଦ ହୋଇଲେ । ସେମାନେ ସମସ୍ତେ ଏକ ୩ ପାରମାର୍ଥିକ ଭକ୍ଷ୍ୟ ଭୋଜନ କଲେ ପୁଣି ସମସ୍ତେ ଏକ ପାରମାର୍ଥିକ ଜଳ ୪ ପାନ କଲେ ଯେହେତୁ ସେମାନଙ୍କର ପଶ୍ଚାଦ୍ଗାମୀ ଯେ ପାରମାର୍ଥିକ ପଦ୍ଦତ ଜଳ ଉହାଁର ପାନ କଲେ ସେହ ପଦ୍ଦତ ଖ୍ରୀଷ୍ଟ ସ୍ୱରୂପ । ତଥାପି ସେମାନ ୫ ଙ୍କର ମଧ୍ୟରେ ଅନେକର ପ୍ରତି ଈଶ୍ୱର ଅସନ୍ତୁଷ୍ଟ ହେବାରୁ ସେମାନେ ଅରଣ୍ୟରେ ମଗ୍ନ ପଡଲେ ଏହ ସବୁ ବଷୟରେ ତୁମ୍ଭମାନଙ୍କୁ ଅଜ୍ଞାତ ହେବାକୁ ଆମ୍ଭର ଇଚ୍ଛା ନାହ୍ନ ।

ଏହ ସବୁ ଆମ୍ଭମାନଙ୍କର ପ୍ରତି ପଶ୍ଚାତ୍ଭର ହୋଇଅଛୁ ଅର୍ଥାତ୍ ସେମାନେ ୬ ଯେମନ୍ତ କାମୀ ତେମନ୍ତ ଆମ୍ଭେମାନେ ମନ୍ଦ ବଷୟର କାମନା ନ କରୁଁ । ଆଉ ସେମାନଙ୍କର ମଧ୍ୟରେ କେତେକ ଯେମନ୍ତ ଦେବପୂଜକ ତେମନ୍ତ ୭ ଆମ୍ଭେମାନେ ନ ହୋଇ । ଯେମନ୍ତ ଲେଖା ଅଛୁ ଏହ ଲୋକମାନେ ଭୋ ଜନ ପାନ କରବାକୁ ବସନ୍ତେ ଖେଳା କରବାକୁ ଉଠିଲେ । ଆଉ ସେ ୮ ମାନଙ୍କର କେତେକ ଲୋକ ଯେମନ୍ତ ବ୍ୟଭଚାର କର୍ମ କରବାରେ ତେଇଶ ହଜାର ଲୋକ ଏକ ଦନରେ ମଗ୍ନ ପଡଲେ ଆମ୍ଭେମାନେ ତେମନ୍ତ ନ କରୁଁ । ଆଉ ସେମାନଙ୍କର କେତେକ ଲୋକ ଯେମନ୍ତ ଖ୍ରୀଷ୍ଟକୁ ପରୀକ୍ଷା କରବାରେ ୯ ସର୍ପ ଦଂଶନରେ ବନଷ୍ଟ ହୋଇଲେ ଆମ୍ଭେମାନେ ତେମନ୍ତ ନ କରୁଁ । ଆଉ ୧୦ ସେମାନଙ୍କର କେତେକ ଲୋକ ଯେମନ୍ତ କନ୍ଦଲ କରବାରେ ସଂହାରକଠାରୁ ସଂହାର ହେଲେ ତେମନ୍ତ ଆମ୍ଭେମାନେ ନ କରୁଁ । ସେମାନଙ୍କର ପ୍ରତି ଏହ ୧୧ ଯେ ସମସ୍ତ ଦୃଷ୍ଟାନ୍ତ ଦେବା ପାଁଇ ଘଟି ଥିଲା ପୁଣି ଆମ୍ଭମାନଙ୍କ ପ୍ରତି ଜଗତର ଅନ୍ତ୍ୟଯୁଗ ପ୍ରବେଶ ହୁଅନ୍ତେ ଆମ୍ଭମାନଙ୍କୁ ଚେତାଇବାର ନମନ୍ତେ ଲେଖାଟ ହୋଇଅଛୁ । ଏନମନ୍ତେ ଯେ କେହ ଆପଣାକୁ ସୁସ୍ଥିର କର ମଣଇ ସେ ଯେ ୧୨

୧୩ ମନ୍ତ୍ର ନ ପଡୁଇ ଏଥିରେ ସାବଧାନ ହେଉ । ଯେଉଁ ପରୀକ୍ଷା ମନୁଷ୍ୟର
ପ୍ରତ ସମ୍ଭବ ହୁଅଇ ତାହା ତୁମ୍ଭମାନଙ୍କର ଅଟେ କୌଣସି ପରୀକ୍ଷା ଘଟି
ନାହିଁ । ଆଉ ବନ୍ଧାବ୍ୟ ଯେ ଈଶ୍ୱର ସେ କୌଣସି ଅସହ୍ୟ ପରୀକ୍ଷାରେ
୧୪ ତୁମ୍ଭମାନଙ୍କୁ ପଡିବାକୁ ନ ଦେବେ ପୁଣି ତୁମ୍ଭେମାନେ ଯେମନ୍ତ ସହିବାକୁ
ପାର ଏଥିପାଇଁ ପରୀକ୍ଷା ଘଟିବାବେଳେ ସେ ରକ୍ଷାର ପଥ ଫେଉଚବେ ।
୧୪ ହେ ଆମ୍ଭର ପ୍ରିୟତମ ଲୋକ ଦେବପୂଜାଠାରୁ ପଳାଅ । ଆମ୍ଭେ ତୁମ୍ଭ
୧୫ ମାନଙ୍କୁ ବୁଦ୍ଧି ଲୋକ ମଣି ଏହା କହୁ ଏଣୁ ଆମ୍ଭର ବାକ୍ୟର ବବେଚନା
୧୬ କର । ଆମ୍ଭେମାନେ ଯେ ଆଶୀର୍ବାଦ ପାତ୍ରର ଧନ୍ୟବାଦ କରୁ ତହିଁରେ କ
ଆମ୍ଭେମାନେ ଖ୍ରୀଷ୍ଟର ରକ୍ତର ସହଭାଗୀ ନୋହୁ ପୁଣି ଯେଉଁ ରୁଟୀ ଭାଙ୍ଗି ତହିଁ
୧୭ରେ କ ଆମ୍ଭେମାନେ ଖ୍ରୀଷ୍ଟର ଶରୀରର ସହଭାଗୀ ନୋହୁ । ଯେମନ୍ତ ଏକ
ରୁଟୀ ଅଛୁ ତେମନ୍ତ ଆମ୍ଭେମାନେ ଅନେକେ ହୋଇ ଏକ ଶରୀର ସ୍ୱରୂପ
୧୮ ହେଉଅଛୁଁ ଯେହେତୁ ଆମ୍ଭେମାନେ ସମସ୍ତେ ଏକ ରୁଟୀର ସହଭାଗୀ । ଇଶ୍ରା
ୟେଲ୍ ବଂଶୋଦ୍ଭବ ଲୋକମାନଙ୍କର ବ୍ୟବହାର ଦେଖ ଯେଉଁମାନେ ବଳୀ
କୃତ ସାମଗ୍ରୀ ଭୋଜନ କର ସେମାନେ କ ଯଜ୍ଞ ବେଦୀର ସହଭାଗୀ ନୁହନ୍ତି ।
୧୯ ଦେବତା କିଛୁ ଅଟଇ ଅବା ଦେବତାର ପ୍ରସାଦ ଯେ କିଛୁ ଅଟଇ କ ଆମ୍ଭେ
୨୦ ଏହା କହୁ ଏମନ୍ତ ନୋହେ ପୁଣି ଅନ୍ୟ ଦେଶୀୟମାନେ ଯେ ନୈବେଦ୍ୟ
କରନ୍ତି ତାହା ଈଶ୍ୱରଙ୍କର ଉଦ୍ଦେଶରେ ନ କର ଭୂତମାନଙ୍କର ଉଦ୍ଦେଶରେ
କରନ୍ତି । ଏନମନ୍ତେ ତୁମ୍ଭେମାନେ ଭୂତମାନଙ୍କର ସହଭାଗୀ ହୁଅ ଆମ୍ଭର ଏହା
୨୧ ଇଚ୍ଛା ନାହିଁ । ତୁମ୍ଭେମାନେ ପ୍ରଭୁର ପାତ୍ର ଓ ଭୂତମାନଙ୍କର ପାତ୍ର ପେନ
ରେ ପାନ କରିବାକୁ ନ ପାରିବ । ଅବା ପ୍ରଭୁର ଭୋଜ ଓ ଦେବତାମାନଙ୍କର
୨୨ ଭୋଜ ପେନର ସହଭାଗୀ ହେବାକୁ କ ପାରିବ । ଆମ୍ଭେମାନେ କ ପ୍ରଭୁର
ରୋଷ ଜନ୍ମାଇବା ତାହାଙ୍କଠାରୁ ଆମ୍ଭେମାନେ କ ବଳବନ୍ତ ।
୨୩ ଆମ୍ଭର ପ୍ରତ ସବୁ ଦ୍ରବ୍ୟ ଅନସିଦ୍ଧ ପୁଣି ସବୁ ହିତଦାୟକ ନୋହେ ସବୁ
୨୪ ଆମ୍ଭର ପ୍ରତ ଅନସିଦ୍ଧ ପୁଣି ସବୁ ପରର ନଷ୍ଟକାରୀ ନ ହୁଅଇ । କେହ
ଆପଣା ବଷୟର ମାତ୍ର ନ ଲୋଡୁ ପ୍ରତ୍ୟେକ ଜଣ ପରର ବଷୟରେ ଲୋଡୁ ।
୨୫ ବଜାରରେ ଯେଉଁ ଦ୍ରବ୍ୟ ବକାଯାଏ ସ୍ୱମନ ଲାଗି କିଛୁ ନ ପଚାରି ତାହା
୨୬ ଭୋଜନ କର କାରଣ ପୃଥିବୀ ଓ ତାହାର ଯେତେ ବସ୍ତୁ ସମସ୍ତ ପରମେଶ୍ୱ
୨୭ରର ଅଟନ୍ତି । ଅବଶ୍ୟ ଅବଶ୍ୱାସିମାନଙ୍କର ମଧ୍ୟରେ କେହ ତୁମ୍ଭକୁ ଭୋଜନର ନମ
ନ୍ତ୍ରଣ କଲେ ଯେବେ ତୁମ୍ଭେ ଯିବାକୁ ମନ ତେବେ ସ୍ୱମନର ଲାଗି କିଛୁ ନ
୨୮ ପଚାରି ଯେଉଁ ସାମଗ୍ରୀ ପରୋଷିବାର ହୁଅଇ ତାହା ଭୋଜନ କର । ପୁଣି
ଏହି ସାମଗ୍ରୀ ଦେବତାର ପ୍ରସାଦ ଏମନ୍ତ କଥା ତୁମ୍ଭକୁ ଯେବେ କେହି କହିଇ

ତେବେ ଯେ ତୁମ୍ଭକୁ ଜଣାଇଲା ତାହାର ଲାଗି ପୁଣି ସ୍ୱମନର ଲାଗି ତାହା ଭୋଜନ ନ କର [କାରଣ ପୃଥିବୀ ଓ ତାହାର ଯେତେ ବସ୍ତୁ ସେ ସମସ୍ତ ପର ମେଶ୍ୱରର ଅଟନ୍ତି] । ତୁମ୍ଭର ସ୍ୱମନ ଆମ୍ଭେ ବୋଲି ତାହା ନୋହେ ମାତ୍ର ୨୯ ତାହାର । ଯେଣୁ [ଭୋଜନ କରିବାକୁ] ଆମ୍ଭର ଯେ ଅଧିକାର ତାହା ପରର ସ୍ୱମନରେ କାହିଁକି ଦୋଷ କର ଯାଏ ? ଆମ୍ଭେ ଯେବେ ଅନୁଗ୍ରହରେ ୩୦ ଭାଗୀ ହୋଇ ତେବେ ଯାହା ପାଇ ଧନ୍ୟବାଦ କରୁ ତାହା ପାଇ କ ନମନ୍ତେ ନିନ୍ଦିତ ହୋଇ । ଏନମନ୍ତେ ଭୋଜନ ପାନ ଇତ୍ୟାଦି ଯେକର୍ମ କର ସେ ସମସ୍ତ ୩୧ ଈଶ୍ୱରର ମହିମା ପ୍ରକାଶର ନମନ୍ତେ କର । ତୁମ୍ଭେମାନେ ଯିହୁଦୀୟମାନଙ୍କର ୩୨ କି ଅନ୍ୟ ଦେଶୀୟମାନଙ୍କର କି ଈଶ୍ୱରର ମଣ୍ଡଳୀର କାହାର ବପ୍ରସ୍ୱରୂପ ନ ହୁଅ । ଆମ୍ଭେ ଆପଣାର ହିତ ଯେମନ୍ତ ଚେଷ୍ଟା ନ କର ଅନେକର ପରିତାଣ ୩୩ ନମନ୍ତେ ସେମାନଙ୍କର ହିତ ଚେଷ୍ଟା କରିଥାଉ ପୁଣି ସବୁ ବିଷୟରେ ସମସ୍ତର ତୁଷ୍ଟି ଜନ୍ମାଇବାକୁ ଯତ୍ନ କରିଥାଉ ଆଉ ଆମ୍ଭେ ଯେମନ୍ତ ଖ୍ରୀଷ୍ଟର ଅନୁକାରୀ ୩୪ ହୋଇ ତେମନ୍ତ ତୁମ୍ଭେମାନେ ଆମ୍ଭର ଅନୁକାରୀ ହୁଅ ।

## ୧୧ ପତ୍ର ।

ହେ ଭାଇମାନେ ତୁମ୍ଭେମାନେ ସବୁ ବିଷୟରେ ଆମ୍ଭକୁ ମନରେ କର ଆମ୍ଭର ୧ ଦତ୍ତ ବ୍ୟବସ୍ଥା ପ୍ରତିପାଳଣ କର ଯାଅ ବଣ୍ଡ ତୁମ୍ଭମାନଙ୍କୁ ପ୍ରଶଂସା କର । ତେବେହେଁ ସ୍ତ୍ରୀର ମସ୍ତକସ୍ୱରୂପ ପୁରୁଷ ଅଟଇ ପୁରୁଷର ମସ୍ତକସ୍ୱରୂପ ଖ୍ରୀଷ୍ଟ ୩ ଅଟନ୍ତି ଖ୍ରୀଷ୍ଟର ମସ୍ତକସ୍ୱରୂପ ଈଶ୍ୱର ଅଟନ୍ତି ଏହା ତୁମ୍ଭମାନଙ୍କୁ ଜଣା ହେବାକୁ ଆମ୍ଭର ଇଚ୍ଛା । ପୁରୁଷ ଆଚ୍ଛାଦିତ ମସ୍ତକରେ ପ୍ରାର୍ଥନା କଲେ ଅବା ଉପଦେଶ ୪ ଦେଲେ ଆପଣାର ମସ୍ତକକୁ ଅଶାଦର କରଇ । ପୁଣି ସ୍ତ୍ରୀଲୋକ ଅନାଚ୍ଛାଦିତ ୫ ମସ୍ତକରେ ପ୍ରାର୍ଥନା କି ଉପଦେଶ କଲେ ଆପଣା ମସ୍ତକକୁ ଅଶାଦର କରଇ ଯେହେତୁ ସେହି ତାହାର ମସ୍ତକ ମୁଣ୍ଡନର ତୁଲ୍ୟ ହୁଅଇ । କାରଣ ସ୍ତ୍ରୀଲୋକର ୬ ମସ୍ତକ ଅଶାବୃତ ଥିବାରୁ ସିନା ସେମାନଙ୍କର ମସ୍ତକ ମୁଣ୍ଡନ ଭଲ । ଏନମ ନ୍ତେ ମସ୍ତକ ମୁଣ୍ଡନ କରିବା କି କ୍ଷୌର ହେବା ଯେବେ ସ୍ତ୍ରୀଲୋକର ଲଜ୍ଜା ବିଷୟ ହୁଅଇ ତେବେ ମସ୍ତକର ଆଚ୍ଛାଦନ କରୁ । ଆଉ ପୁରୁଷ ଈଶ୍ୱରର ୭ ପ୍ରତିମୂର୍ତ୍ତି ଓ ତାହାଙ୍କର ଗୌରବ ସ୍ୱରୂପ ସକାଶୁ ତାହାର ମସ୍ତକ ଆଚ୍ଛାଦନ କରିବା କର୍ତ୍ତବ୍ୟ ନ ହୁଅଇ ପୁଣି ଭାରୀ ମାତ୍ର ପୁରୁଷର ଗୌରବ ସ୍ୱରୂପ । ସ୍ତ୍ରୀଠାରୁ ପୁରୁଷର ଉତ୍ପତ୍ତି ହୋଇ କ ଥିଲା ପୁରୁଷଠାରୁ ସ୍ତ୍ରୀ ଉତ୍ପତ୍ତି ୮ ହୋଇ ଥିଲା ଆଉ ଭାରୀର ପ୍ରୟୋଜନ ହେତୁ ପୁରୁଷର ସୃଷ୍ଟି ହୋଇ ୯ ନାହିଁ ପୁରୁଷର ପ୍ରୟୋଜନ ହେତୁ ଭାରୀର ସୃଷ୍ଟି ହୋଇଲା । ଏଥିପାଇଁ ଦୂତ ୧୦

ଗଣର ଅନୁରୋଧେ* ସ୍ତ୍ରୀମାନଙ୍କର ମସ୍ତକ ଆଚ୍ଛାଦନ ରଖିବା କର୍ତ୍ତବ୍ୟ ।
୧୧ ତଥାପି ପ୍ରଭୁର ବିଧିରେ ଅରୀର ବିନା ପୁରୁଷ ନ ହୁଅଇ ଓ ପୁରୁଷର ବିନା
୧୨ ଅରୀ ନ ହୁଅଇ ଯେହେତୁ ଯେମନ୍ତ ପୁରୁଷଠାରୁ ସ୍ତ୍ରୀ ହୋଇ ଥିଲା ତେ
ମନ୍ତ ସ୍ତ୍ରୀଠାରୁ ପୁରୁଷ ହେଉଅଛି ପୁଣି ସମସ୍ତେ ଈଶ୍ୱରଠାରୁ ହେଉଅଛନ୍ତି ।
୧୩ ସ୍ତ୍ରୀଲୋକର ମସ୍ତକ ଆଚ୍ଛାଦନ ନ କର ଈଶ୍ୱରଙ୍କଠାରେ ପ୍ରାର୍ଥନା କରିବାର
୧୪ କର୍ତ୍ତବ୍ୟ କି ନାହିଁ ତାହା ଆପଣାମାନେ ବିଚାର କରନ୍ତୁ । ପୁରୁଷର ଦୀର୍ଘ
କେଶ ହେବାର ତାହାର ଲଜ୍ଜାର ବିଷୟ ଏହା କି ତୁମ୍ଭେମାନେ ସ୍ୱଭାବରେ
୧୫ ଶିକ୍ଷିତ ନୁହ ପୁଣି ସ୍ତ୍ରୀଲୋକର କେଶ ଆଚ୍ଛାଦନର ପାଇଁ ଦତ୍ତ ହେବାରୁ
୧୬ ତାହାର ଦୀର୍ଘ କେଶ ହୋଇଲେ ତାହାର ଗୌରବ ବିଷୟ ହୁଅଇ । ପୁଣି
ଏଥିରେ କେହ ଯେବେ ବିବାଦ କରଇ ତେବେ ଈଶ୍ୱରର ମଣ୍ଡଳୀର ଓ ଆମ୍ଭ
ମାନଙ୍କର ଏହି ପ୍ରକାର ବ୍ୟବହାର ନ ହୁଅଇ ।
୧୭ ଆଉର ତୁମ୍ଭେମାନେ ଏକଠା ହେବାରେ ହିତ ପ୍ରାପ୍ତ ନ ହୋଇ ଅହିତ
୧୮ ପ୍ରାପ୍ତ ହୋଇଥାଅ ଏଥିପାଇଁ ତୁମ୍ଭମାନଙ୍କୁ ପ୍ରଶଂସା ନ କରି । କାରଣ ପ୍ରଥମରେ
ମଣ୍ଡଳୀ ଏକତ୍ର ହେଲେ ତୁମ୍ଭମାନଙ୍କର ଏକକୁଅରେକ ଭିନ୍ନ ଭାବ ହୋଇ
ଅଛି ଏକଥା ଆମ୍ଭେ ଶୁଣିବାକୁ ପାଇଅଛୁଁ ଆଉ ଇହାଂରେ ଆମ୍ଭର କିଛି
୧୯ ପ୍ରତ୍ୟୟ ହୁଅଇ । ହେତୁ କି ତୁମ୍ଭମାନଙ୍କର ଯୋ ସୁଦ୍ଧାଗୁର ଲୋକ ସେମା
ନେ ଯେମନ୍ତ ପ୍ରକାଶ ହୁଅନ୍ତି ଏଥିପାଇଁ ତୁମ୍ଭମାନଙ୍କର ମଧ୍ୟରେ ବିଧର୍ମୀତ
୨୦ ରଣ ହେବାର ଆବଶ୍ୟକ ଅଛି । ତୁମ୍ଭେମାନେ ଯେଉଁ ସମୟରେ ଏକାସ୍ଥା
ନରେ ଏକତ୍ର ହୁଅ ତେତେବେଳେ ସେ ପ୍ରଭୁର ଭୋଜ ଖାଇବା ପାଇଁ
୨୧ ନୋହେ । କାରଣ ଭୋଜନ ସମୟରେ ତୁମ୍ଭମାନଙ୍କର କେହ କାହାର ପାଇଁ
ନ ରହି ଭୋଜନ କରଇ ତହିଁପାଇଁ କେହ ଅବା କ୍ଷୁଧିତ ହୁଅଇ କେହ
୨୨ ଅବା ପରିତୃପ୍ତ ହୁଅଇ । ଭୋଜନ ପାନ କରିବାକୁ କି ତୁମ୍ଭମାନଙ୍କର ଘର
ନାହିଁ କିମ୍ବା ଈଶ୍ୱରର ମଣ୍ଡଳୀକୁ ତୁଚ୍ଛ ବୋଧ କରି ଖାଦ୍ୟହୀନ ଲୋକମା
ନଙ୍କୁ କି ଲଜ୍ଜା ଦେଉଅଛ । ଏହି ବିଷୟରେ କି କହିବା । କି ତୁମ୍ଭମାନଙ୍କୁ
ପ୍ରଶଂସା କରିବା ତାହା କରି ନ ପାରି ।
୨୩ ପ୍ରଭୁଠାରୁ ଯାହା ଆମ୍ଭେ ପାଇଥିଲୁଁ ତାହାଇ ତୁମ୍ଭମାନଙ୍କଠାରେ କହି
୨୪ ଦେଲୁଁ ଯଥା ପରମ୍ପରଗତ ହେବାର ରାତ୍ରିରେ ପ୍ରଭୁ ଯୀଶୁ ରୁଟୀ ନେଇ ଈଶ୍ୱ
ରର ଗୁଣାନୁବାଦ କରି ତାହା ଭାଙ୍ଗି କହିଲେ ଏହା ନେଇ ଭୋଜନ କର
ତୁମ୍ଭମାନଙ୍କର ନିମନ୍ତେ ଭଗ୍ନ ଆମ୍ଭର ଦେହସ୍ୱରୂପ ଏହା । ଆମ୍ଭକୁ ସ୍ମରଣ କରିବା
୨୫ ପାଇଁ ଏହା କର । ପୁଣି ଭୋଜନ ସାଙ୍ଗ କଲା ଉତ୍ତାରେ ତେମନ୍ତ ସେ ପାନ

* କିମ୍ବା ଅନୁରୂପେ ।

ପାଏ ନେଇ କହିଲେ ଏହି ପାଏ ଆମ୍ଭର ରକ୍ତରେ ସ୍ଥାପିତ ନୂତନ ନୟମ
ସ୍ୱରୂପ ଅଟଇ ତୁମ୍ଭେମାନେ ଯେତେ ଥର ଏଥିରୁ ପାନ କର ତେତେ ଥର
ଆମ୍ଭକୁ ସ୍ମରଣ କରିବା ପାଁଇ ତାହା କର । ଏନମନ୍ତେ ତୁମ୍ଭେମାନେ ଯେତେ ୨୬
ଥର ଏହି ରୋଟୀ ଖାଅ ପୁଣି ଏହି ପାଏରୁ ପାନ କର ତେତେ ଥର ପ୍ରଭୁର
ଆଗମନ ପର୍ଯ୍ୟନ୍ତେ ତୁମ୍ଭେମାନେ ତାହାଙ୍କର ମରଣ ପ୍ରକାଶ କରୁଅଛ । ଆଉ ୨୭
ଯେ କେହି ଅଯୋଗ୍ୟ ହୋଇ ପ୍ରଭୁର ଏହି ରୁଟୀ ଖାଏ ଅବା ଏହି ପାଏରୁ
ପାନ କରଇ ସେ ପ୍ରଭୁର ଦେହର ଓ ରକ୍ତର ଦାୟୀ ହେବ । ଏଥିପାଁଇ ୨୮
ମନୁଷ୍ୟ ଆଗରେ ଆପଣାର ପରୀକ୍ଷ କର ପଚ୍ଛେ ଏହି ରୁଟୀ ଖାଉ ପୁଣି ଏହି
ପାଏରୁ ପାନ କରୁ । ଯେଉଁ ଜନ ଅଯୋଗ୍ୟ ହୋଇ ଭୋଜନ ପାନ କରଇ ୨୯
ସେ ପ୍ରଭୁର ଦେହର ବିଶେଷ ନ ମଣି ଆପଣା ଦଣ୍ଡର ନିମନ୍ତେ ଭୋଜନ ପାନ
କରଇ । ଏଥିପାଁଇ ତୁମ୍ଭମାନଙ୍କର ଅନେକ ଲୋକ ଦୁର୍ବଳ ଓ ପୀଡିତ ଓ ୩୦
ଅନେକେ ମହା ନିଦ୍ରା ପ୍ରାପ୍ତ ହୁଅନ୍ତି । ଆମ୍ଭେମାନେ ଆପଣାମାନଙ୍କର ବିଚାର ୩୧
ଆପଣାମାନେ ଯେବେ କର ଥାଇ ତେବେ ଦଣ୍ଡ ପ୍ରାପ୍ତ ନ ହେବ । ପୁଣି ଜଗ ୩୨
ତର ଲୋକର ସଙ୍ଗରେ ଯେନ୍ତେ ଦଣ୍ଡ ପ୍ରାପ୍ତ ନ ହୋଇ ଏଥିପାଁଇ ପ୍ରଭୁଠାରୁ
ବିଚାରିତ ହୋଇ ଆମ୍ଭେମାନେ ଏହି କ୍ଷଣେ ଶାସ୍ତି ଭୋଗ କରୁଅଛୁଁ ।

ହେ ଆମ୍ଭର ଭାଇମାନେ ତୁମ୍ଭେମାନେ ଭୋଜନ କରିବାକୁ ଏକଠା ହେଲେ ୩୩
ଏକ ଜଣ ଅନ୍ୟ ଜଣର ପାଁଇ କସି ରହ । କେହି ଯେବେ କ୍ଷୁଧିତ ହୁଅଇ ୩୪
ତେବେ ସେ ଆପଣା ଘରେ ଭୋଜନ କରୁ ଯେପରି ତୁମ୍ଭମାନଙ୍କର ଏକତ୍ର
ହେବାର ଯେମନ୍ତ ଦଣ୍ଡର ହେତୁ ନୋହିବ । ଯେଉଁ ଯୋ ବାଙ୍କା ବିଷୟ ଅଛି
ତୁମ୍ଭମାନଙ୍କର କଉରେ ଅସିବା ବେଳେ ଆମ୍ଭେ ତାହା ଶୁଧରାଇବା ।

୧୨ ପତ୍ର ।

ହେ ଭାଇମାନେ ତୁମ୍ଭେମାନେ ଯେ ଧର୍ମଆତ୍ମର ଦାନ ବିଷୟ ଅଜ୍ଞାତ ୧
ହୁଅ ଆମ୍ଭର ଏମନ୍ତ ବାଞ୍ଛା ନାହିଁ । ତୁମ୍ଭେମାନେ ଯେ ଅନ୍ୟଦେଶୀୟ ଲୋକ ୨
ହୋଇ ଅପଣାମାନଙ୍କର ବ୍ୟବହାରାନୁସାରେ ମୂକ ପ୍ରତିମାରେ ମୋହିତ ଥିଲ
ବହୁ। ତୁମ୍ଭେମାନେ ଜାଣ । ଏଣୁ ଅଟ୍ଟେ ବହୁ। ତୁମ୍ଭମାନଙ୍କୁ ଜଣାଇ ଯେ ୩
କୌଣସି କେହି ଈଶ୍ୱରର ଆତ୍ମାରେ କଥା କହନ୍ତେ ଯୀଶୁକୁ ଶାପଗ୍ରସ୍ତ କର
ନ ବୋଲନ୍ତି ପୁଣି ଧର୍ମଆତ୍ମର ଅପ୍ରାପ୍ତ କେହି ଯୀଶୁକୁ ପ୍ରଭୁ କର ବୋଲି
ବାକ୍ୟ ନ ପାରନ୍ତି । ଅତ୍ମର ଦାନ ନାନାବିଧ ପ୍ରକାର ପୁଣି ଆତ୍ମ ଏକ । ଆଉ ୪
ସେବା ନାନା ପ୍ରକାର ପୁଣି ପ୍ରଭୁ ଏକ । ଆଉ ସମସ୍ତଠାରେ ସର୍ବ ସାଧନକର୍ତ୍ତା ୫
ଯେ ଈଶ୍ୱର ତାହାଙ୍କର କର୍ମ ଅନେକ ପ୍ରକାର ପୁଣି ଈଶ୍ୱର ଏକ ଅଟନ୍ତି । ୬

୭ ଆତ୍ମା ପ୍ରକାଶର ଗୁଣ ହେଉଛି ପାଇଁ ପ୍ରତ୍ୟେକ ଜଣକୁ ପ୍ରଦାନ କରା ଯାଏ । ୮ ଏମନ୍ତେ ସେ ଏକ ଆତ୍ମାରେ କାହାକୁ ଅବା ଜ୍ଞାନର କଥା ଅଉ ସେ ଆତ୍ମାରେ ୯ କାହାକୁ ଅବା ବଦ୍ୟାର କଥା ଅଉ ସେ ଆତ୍ମାରେ କାହାକୁ ଅବା ବଶ୍ୱାସ ଦିଆ ଯାଏ । ପୁଣି ସେ ଆତ୍ମାରେ କାହାକୁ ଅବା ସୁସ୍ଥ କରିବା ଶକ୍ତି ୧୦ କାହାକୁ ଅବା ଆଶ୍ଚର୍ଯ୍ୟ କ୍ରିୟା କରିବା ଶକ୍ତି କାହାକୁ ଅବା ଭବିଷ୍ୟଦ୍ବାକ୍ୟ କହିବା ଶକ୍ତି । ଏକଜଣକୁ ଅବା ପରର ମନ ଜାଣିବା ଶକ୍ତି ଅଉ ଏକ ଜଣକୁ ଅବା ନାନା ଦେଶର ଭାଷା କହିବା ଶକ୍ତି ଅଉ ଜଣକୁ ଅବା ଭାଷାର ୧୧ ଅର୍ଥ କହିବାର ଶକ୍ତି ପ୍ରଦାନ କରା ଯାଏ । ଏହିସବୁରେ ସେ ଏକ ଅଦ୍ୱିତୀୟ ଆତ୍ମା ନିଜ ଇଚ୍ଛାନୁସାରେ ପ୍ରତ୍ୟେକ ଜଣକୁ ଅଂଶକ୍ରମେ ଶକ୍ତି ପ୍ରଦାନ କରି ସମସ୍ତ କର୍ମ ଅପେଁ ସାଧନ କରନ୍ତି ।

୧୨ ଶରୀର ଯେମନ୍ତ ଏକ ପୁଣି ତାହାର ଅଙ୍ଗ ପ୍ରତ୍ୟଙ୍ଗ ଅନେକ ଅଉ ସେ ଶରୀରର ଅଙ୍ଗ ଅନେକ ହୋଇଲେହେଁ ଶରୀର ଏକ ହେଲା ସେହିପରି ୧୩ ଖ୍ରୀଷ୍ଟ । ଯେହେତୁ ଆମ୍ଭେମାନେ ଯିହୁଦୀୟ ହୋଇ କି ଅନ୍ୟଦେଶୀୟ ହୋଇ ଦାସତ୍ୱରେ ଥାଇ କି ମୁକ୍ତ ଥାଇ ସମସ୍ତେ ଏକ ଆତ୍ମା ଦ୍ୱାରା ଏକ ଶରୀରଠାରେ ୧୪ ଡୁବନ୍ତ ହୋଇଅଛୁଁ ଅଉ ଏକ ଆତ୍ମାରୁ ସମସ୍ତେ ପାନକାରୀ ହୋଇଅଛୁଁ । ୧୫ ଶରୀର ଏକାଙ୍ଗ ନୋହେ ଅନେକ ଅଟେ ଯଦି ଯେବେ ବୋଲଇ ଅମ୍ଭେ ହସ୍ତ ନୋହୁ ବୋଲି ପାଇଁ ଶରୀରର ଅଂଶେ ନୋହି ତେବେ କି ଏସକାଣୁଁ ସେ ୧୬ ଶରୀରର ଅଂଶ ନୋହିବ । ଅବା କର୍ଣ ଯେବେ ବୋଲଇ ଆମ୍ଭେ ଚକ୍ଷୁ ନୋହୁ ବୋଲକର ଶରୀରର ଅଂଶେ ନୋହି ତେବେ ଏସକାଣୁଁ ସେ କି ଶରୀରର ୧୭ ଅଂଶ ନୋହିବ । ସବୁ ଶରୀର ଯେବେ ଚକ୍ଷୁର୍ମୟ ହୁଅଇ ତେବେ ଶ୍ରବଣ କୌଠାରେ ଥାଏ କଅବା ସବୁ ଶରୀର ଯେବେ ଶ୍ରବଣମୟ ହୁଅଇ ତେବେ ୧୮ ଘ୍ରାଣ କେଉଁଠାରେ ଥାଏ । ପୁଣି ଏଷଣି ଈଶ୍ୱର ଅପଣା ଇଚ୍ଛା ଅନୁସାରେ ଶରୀରର ମଧ୍ୟରେ ଅଙ୍ଗ ପ୍ରତ୍ୟଙ୍ଗ ସ୍ଥାପନ କରିଅଛନ୍ତି । ନୋହିଲେ ଯେବେ ୧୯ କେବଳ ଏକାଙ୍ଗ ହୁଅନ୍ତା ତେବେ ଶରୀର କେମନ୍ତ ଥାନ୍ତା । ୨୦ ଏଣୁ ବହୁତ ଅଙ୍ଗମୟ ଗୋଟାଏ ଶରୀର ଅଟଇ । ୨୧ ଏନମନ୍ତେ ତୁମ୍ଭରେ ଆମ୍ଭର ପ୍ରୟୋଜନ ନାହିଁ ଚକ୍ଷୁ ହସ୍ତକୁ ଏମନ୍ତ କଥା କହି ନ ପାରଇ ଅଉ ତୁମ୍ଭରେ ଆମ୍ଭର ୨୨ ପ୍ରୟୋଜନ ନାହିଁ ମସ୍ତ ଚରଣକୁ ଏହା କହି ନ ପାରଇ । ପୁଣି ଶରୀରର ମଧ୍ୟରେ ଯେଉଁ ଅଙ୍ଗ ଦୁର୍ବଳ ଦିଶଇ ସେ ସବୁ ଅଙ୍ଗର ଅଧିକ ପ୍ରୟୋଜନ ହୁଅଇ । ୨୩ ଅଉ ଶରୀରର ମଧ୍ୟରେ ଯେ। ଅଙ୍ଗ ଅସୁନ୍ଦର ସେ ଅଙ୍ଗକୁ ଆମ୍ଭେମାନେ ଅଧିକ ଶୋଭାଯୁକ୍ତ କର ତେଣୁ ସେ କୁତ୍ସିତ ଅଙ୍ଗ ଅଳୁର ସୁତ୍ସିତ ହୁଅଇ । ୨୪ ଯେ ଅଙ୍ଗ ନିଜେ ସୁତ୍ସିତ ତାକୁ ଶୋଭାଯୁକ୍ତ କରିବାକୁ ଆମ୍ଭମାନଙ୍କର

ପ୍ରୟୋଜନ ନାହିଁ । ଏନ୍ତନ୍ତେ ଶରୀରର ମଧ୍ୟରେ ଯେପରି ଉତ୍ପତ୍ତି ନ ୧୫
ହୁଅଇ ପୁଣି ପ୍ରତ୍ୟେକ ଅଙ୍ଗ ଯେପରି ଏକଆରେକ ଉପକାରୀ ହୁଅଇ ଏଥି
ପାଇଁ ଈଶ୍ୱର ଆଦରଣୀୟ ଅଙ୍ଗକୁ ଅନୁର ଆଦର ଦେଇ ସୁନ୍ଦରରୂପେ ସମୁଦାୟ
ଶରୀର ରଚନା କରିଅଛନ୍ତି । ତେଣୁ ଏକ ଅଙ୍ଗ ଯେବେ ଦୁଃଖିତ ହୁଅଇ ୧୬
ତେବେ ସକୁ ଅଙ୍ଗ ଦୁଃଖିତ ହୁଅଇ । ଏକଅଙ୍ଗ ଯେବେ ଆଦର ପ୍ରାପ୍ତ ହୁଅଇ
ତେବେ ସକୁ ଅଙ୍ଗର ଆନନ୍ଦ ଜନ୍ମଇ । ତୁମ୍ଭେମାନେ ଅଙ୍ଗ ପ୍ରତ୍ୟଙ୍ଗ ହୋଇ ୧୭
ଖ୍ରୀଷ୍ଟର ଶରୀର ସ୍ୱରୂପ ହେଇଅଛ । ତେଣୁ ପ୍ରଥମରେ ପ୍ରେରିତମାନେ ଦ୍ୱିତୀ ୧୮
ୟରେ ଭବିଷ୍ୟଦ୍ବକ୍ତାମାନେ ତୃତୀୟ ଉପଦେଶକଗଣ ଚତୁର୍ଥେ ଅଶ୍ଚର୍ଯ୍ୟ
କ୍ରିୟାକାରକ ତହିଁର ଆରୋଗ୍ୟକାରକ ଉପକାରକ ଶାସନକର୍ତ୍ତା ନାନା ଭାଷା
ବାଦୀ ଏହି ସମସ୍ତଙ୍କୁ ଈଶ୍ୱର ଅପଣା ମଣ୍ଡଳୀରେ ସ୍ଥାପନ କରିଅଛନ୍ତି । ଏମାନେ ୨୯
ସମସ୍ତେ କ ପ୍ରେରିତ । ସମସ୍ତେ କ ଭବିଷ୍ୟଦ୍ବକ୍ତା । ସମସ୍ତେ କ ଉପଦେ
ଶକ । ସମସ୍ତେ କ ଅଶ୍ଚର୍ଯ୍ୟ କ୍ରିୟାକାରକ । ସମସ୍ତେ କ ଆରୋଗ୍ୟକାରକ ୩୦
ସମସ୍ତେ କ ନାନା ଭାଷାବାଦୀ । ସମସ୍ତେ କ ଭାଷାର୍ଥଦାୟକ । ଏନ୍ତନ୍ତେ ୩୧
ତୁମ୍ଭେମାନେ ଶ୍ରେଷ୍ଠ ଦାନ ପ୍ରାପ୍ତ ହେବାକୁ ଚେଷ୍ଟା କର ପୁଣି ଅନୁର ଏକ
ଶ୍ରେଷ୍ଠ ପଥ ତୁମ୍ଭମାନଙ୍କୁ ଦେଖାଇ ଦେଇ ।

୧୩ ପତ୍ର ।

ମନୁଷ୍ୟମାନଙ୍କର କଅବା ସ୍ୱର୍ଗୀୟ ଦୂତମାନଙ୍କର ଭାଷାରେ କହିବାକୁ ପାର ୧
ଲେ ଯେବେ ଆମ୍ଭର ପ୍ରେମ ନ ଥାଏ ତେବେ ଆମ୍ଭେ କେବଳ ଶବ୍ଦକାରକ
ତେଗ୍ଭ କ କାଂସ୍ୟ କରତାଳୀସ୍ୱରୂପ ହୋଇ । ଆଉ ଯେବେ ଭବିଷ୍ୟଦ୍ବା ୨
କ୍ୟରେ ପୁଣି ସକୁ ପ୍ରକାର ନଗୂଢ କଥାରେ ଓ ସବୁ ପ୍ରକାର ବିଦ୍ୟାରେ ସୁବୋଧ
ହୋଇ ଆଉ ଯହିଁରେ ପର୍ବତକୁ ସ୍ଥାନାନ୍ତର କରିବାକୁ ପାର ଏମନ୍ତ ପୂର୍ଣ୍ଣ
ବଶ୍ୱାସ ଯେବେ ଆମ୍ଭର ହୁଅଇ ତେବେହେଁ ପ୍ରେମ ନୋହିଲେ ଆମ୍ଭେ କିଛି
ନୋହୁ । ଆଉ ଅନ୍ନଛତ୍ର ଜନ୍ମେ ଆମ୍ଭର ସକୁ ସମ୍ପଦ ଯେବେ ଦାନ କରି ୩
କଅବା ଅପଣା ଦେହକୁ ଦଗ୍ଧ ହେବା ପାଇଁ ସମର୍ପି ଦେଇ ତେବେହେଁ ପ୍ରେମ
ନୋହିଲେ ଆମ୍ଭର କୌଣସି ଫଳ ନ ହୁଅଇ ।

ପ୍ରେମ ଦୀର୍ଘକାଳ ସହିଇ ଓ ହିତଦାୟକ । ପ୍ରେମ ପରଶ୍ରୀକାତର ନୋହେ । ୪
ପ୍ରେମ ଦର୍ପ ନ କରଇ । ଦାମ୍ଭିକ ନ ହୁଅଇ । ଅବହିତ ବ୍ୟବହାର ନ ୫
କରଇ । ଅପଣା ବିଷୟ ନ ଲୋଡଇ । ହଠାତ କ୍ରୋଧୀ ନୁହଇ । ପରର
ମନ ଭାବନା ନ କରଇ । ପାପ ବିଷୟରେ ଆମୋଦ ନ କରି ସତ୍ୟ ବିଷୟରେ ୬
ଆମୋଦ କରଇ । ସେ ସକୁ ବିଷୟକୁ ଢାଙ୍କଇ ସକୁ ବିଷୟକୁ ପ୍ରତ୍ୟୟ ୭

୮ କରଇ ସବୁ ବିଷୟକୁ ଉତ୍ସାହ କରଇ ସବୁ ବିଷୟକୁ ସମ୍ଭାଳଇ । ଯେବେ ଭବି
ଷ୍ୟଦ୍ବାକ୍ୟ ଥାଏ ତେବେ ତାହାର ଶେଷ ହେବ ଯେବେ ନାନା ଭାଷା
ଥାଏ ତେବେ ତାହାର ନିବୃତ୍ତି ହେବ । ଯେବେ ବିଦ୍ୟା ଥାଏ ତାହାର
୯ ଲୋପ ହେବ ପୁଣି ପ୍ରେମର ଲୋପ କଦାପି ନୋହିବ । ଆମ୍ଭେମାନେ ଅଂଶ
୧୦ମାତ୍ର ଜାଣି ଓ ଅଂଶ ମାତ୍ର ଭବିଷ୍ୟଦ୍ବାକ୍ୟ କୋଇ ପୁଣି ସମ୍ପୂର୍ଣ୍ଣ ବିଷୟ
୧୧ ଉପସ୍ଥିତ ହୋଇଲେ ଯେ ଅଂଶ ମାତ୍ର ତାହାର ଲୋପ ହେବ । ବାଲକବେ
ଳରେ ଆମ୍ଭେ ବାଲକର ନ୍ୟାୟ କଥା କହୁଲୁଁ ଓ ବାଲକର ନ୍ୟାୟ ବୁଦ୍ଧି
କଲୁଁ ଓ ବାଲକର ନ୍ୟାୟ ବୋଧ ପାଇଲୁଁ ପୁଣି ବୟସ ପ୍ରାପ୍ତ ହେଲେ ଆମ୍ଭେ
୧୧ ବାଲକର ବିଷୟ ସବୁ ତ୍ୟାଗ କଲୁଁ । ବିସମୟରେ ଆମ୍ଭେମାନେ ମେଘନାଲ
ଦେଇ ଅସ୍ପଷ୍ଟରୂପେ ଦେଖୁଅଛୁଁ ପୁଣି ସେ ସମୟରେ ମୁଖାମୁଖି ପର ଦେ
ଖିବା । ବିସମୟରେ ଆମ୍ଭେ ଅଂଶମାତ୍ର ଜାଣି ପୁଣି ସେ ସମୟରେ ଆମ୍ଭେ
୧୨ ଯପେ ଯେମନ୍ତ ପରିଚିତ ତେମନ୍ତ ପରିଚୟ ପାଇବା । ବର୍ତ୍ତମାନ ବିଶ୍ୱାସ ଭରସା
ପ୍ରେମ ଏହି ତିନ ଅଟଇ ପୁଣି ଏହାର ମଧ୍ୟରେ ପ୍ରେମ ଶ୍ରେଷ୍ଠ ।

## ୧୪ ପବ୍ବ ।

୧ ପ୍ରେମର ପନ୍ଥୀ ହୋଇ ଆତ୍ମିକ ପୁଣି ଧର୍ମଅଗୁର ଦାନ ବିଶେଷତଃ ଉପ
୨ଦେଶ ଦେବାକୁ ଚେଷ୍ଟା କର । ଯେଉଁଜନ ପରଭାଷା କହଇ ସେ ମନୁ
ଷ୍ୟର ଉଦ୍ଦେଶରେ ନ କହି ଈଶ୍ୱରଙ୍କର ଉଦ୍ଦେଶରେ କହଇ । କାରଣ ଆତ୍ମା
ଦ୍ୱାରା ନିଗୂଢ଼ କଥା କହୁଲେହେଁ ତାହା କାହାର ବୋଧର ଗମ୍ୟ ନ ହୁଅଇ
୩ ପୁଣି ଯେ କେହ ଉପଦେଶ ଦିଅଇ ସେ ମନୁଷ୍ୟମାନଙ୍କର ନିମ୍ନା ଓ ହିତୋ
୪ପଦେଶ ଓ ସାନ୍ତ୍ୱନା ନିମନ୍ତେ କଥା କହଇ । ଯେଉଁଜନ ପରଭାଷାରେ
କହଇ ସେ ଆପଣାର ନିମ୍ନା ଜନ୍ମାଏ ପୁଣି ଯେ ଉପଦେଶ ଦିଅଇ ସେ ମଣ୍ଡ
୫ଳୀର ନିମ୍ନା ଜନ୍ମାଏ । ଏହେତୁ ତୁମ୍ଭେମାନେ ସମସ୍ତେ ଯେ ପରଭାଷା କହ
ବାକୁ ପାର ଏହା ଆମ୍ଭର ବାଞ୍ଛା ପୁଣି ଉପଦେଶ ଯେଉଁ ଦେବାକୁ ପାର ଏଥି
ରେ ଆମ୍ଭର ଅଧିକ ବାଞ୍ଛା । ଯେହେତୁ ପରଭାଷା କଲା ଯେବେ ମଣ୍ଡଳୀର
ନିମ୍ନା ଜନ୍ମାଇବାର ନିମନ୍ତେ ଭାଷାର ଅର୍ଥ ବୁଝାଇ ନ ଦିଅଇ ତେବେ ତା
ହାରଠାରୁ ଉପଦେଶକର୍ତ୍ତା ଶ୍ରେଷ୍ଠ ଅଟଇ ।

୬ ହେ ଭ୍ରାତୃଗଣ ଏବେ ତୁମ୍ଭମାନଙ୍କର ନିକଟରେ ଯାଇ ପ୍ରକାଶିତ ବାକ୍ୟ
କିମ୍ବା ବିଦ୍ୟାର କଥା ଅବା ଉପଦେଶ ଅବା ଶିକ୍ଷା ବିହାର କୌଶସି
କଥା ନ କହି ଯଦି କେବଳ ପରଭାଷା କୋଇ ତେବେ ତୁମ୍ଭମାନଙ୍କର କି
୭ଲାର ହେବାକୁ ପାରଇ । ଅତ୍ୟନ୍ତର୍ଜୀବ ବସ୍ତୁର ମଧ୍ୟରେ ଶବ୍ଦକାରୀ ବଂଶୀ

ହେଉ ଅବା ଗଶା ହେଉ ଢାଳମାନ ନ ରଖି ଯେବେ ବାଜଇ ତେବେ
କେଉଁ ବାଦ୍ୟ ଜଣାବା ଗୀତ ହେଉଅଛି ତାହା କେ ବୁଝିବାକୁ ପାରଇ ।
ଆଉ ତୁରୀର ଶବ୍ଦ ଯେବେ ଅସ୍ପଷ୍ଟ ହୋଏ ତେବେ ଯୁଦ୍ଧ କରିବାକୁ ୮
କେ ସୁସଜ୍ଜ ହୋଇବ । ତେମନ୍ତ ଜିହ୍ୱାର ଦ୍ୱାରା ଲୋକମାନଙ୍କର ବୋଧର ୯
ଗମ୍ୟ ଯେଉଁ କଥା ତାହା ଯେବେ ନ ବୋଲ ତେବେ କ ବୋଲୁଅଛ
ତାହା କେ ବୁଝିବାକୁ ପାରିବ କରଣ୍ଡ ତୁମ୍ଭମାନଙ୍କର କଥା ଆକାଶକୁ ବୋଲି
ବାର ପ୍ରାପ୍ତି ହୋଇବ । ଜଗତର ମଧ୍ୟରେ ନଭାନ୍ତ ବହୁତ ପ୍ରକାର ଭାଷା ୧୦
ଅଛନ୍ତି ପୁଣି କୌଣସି ଭାଷା ଅର୍ଥ ରହିତ ନୋହେ ମାତ୍ର ଆମ୍ଭେ ଯେବେ ସେ ୧୧
ଭାଷାର ଅର୍ଥ ବୁଝିବାକୁ ନ ପାରୁ ତେବେ ଯେଉଁଜନ କହୁଇ ସେ ଆମ୍ଭକୁ
ମ୍ଲେଚ୍ଛ ଜ୍ଞାନ କରିବ ପୁଣି ସେ ଆମ୍ଭର ନକଟରେ ମ୍ଲେଚ୍ଛର ପ୍ରାପ୍ତି ହୋଇବ ।
ଆଉ ତୁମ୍ଭେମାନେ ଯେବେ ଆତ୍ମାର ଦାନର ଚେଷ୍ଟା କର ଥାଅ ତେବେ ୧୨
ଯେଉଁ ଦାନରେ ମଣ୍ଡଳୀର ନଷ୍ଟା ହୋଏ ତାହା ଅଧିକରୂପେ ପାଇବାକୁ
ଚେଷ୍ଟା କର । ଏଣୁକର ଯେଉଁଜନ ପରଭାଷାରେ କହୁଇ ସେ ଯେମନ୍ତ ୧୩
ଅର୍ଥ ବୁଝାଇବାକୁ ପାରଇ ତାହା ପ୍ରାର୍ଥନା କରୁ । ଯେବେ ପରଭାଷାରେ ପ୍ରା ୧୪
ର୍ଥନା କରେ ତହିଁରେ ଆମ୍ଭର ମନ ପ୍ରାର୍ଥନା କରଇ ପୁଣି ଆମ୍ଭର ବୁଝାଇବାର
ଶକ୍ତି ବିଫଳ ହୋଏ । ତେବେ କ ହୁଅଇ । ଆମ୍ଭେ ଆତ୍ମାରେ ପ୍ରାର୍ଥନା ୧୫
କରିବା ପୁଣି ଅର୍ଥ ବୁଝାଇ ପ୍ରାର୍ଥନା କରିବା ଅଉ ଆତ୍ମାରେ ଗାୟନ
କରିବା ପୁଣି ଅର୍ଥ ବୁଝାଇ ଗାୟନ କରିବା । ନୋହିଲେ ତୁମ୍ଭେ ଯେ ୧୬
ତେବେଳେ ଧନ୍ୟବାଦ କରିବ ତେତେବେଳେ ଉପସ୍ଥିତ ଅଶିକ୍ଷିତ ଲୋକ
ତୁମ୍ଭର କଥାର ଭାବ ବୁଝିବାକୁ ନ ପାରୁ ତୁମ୍ଭର ଧନ୍ୟବାଦରେ କିରୂପେ
ଆମେନ [ଅର୍ଥାତ୍ ହେଉ] ବୋଲିବାକୁ ପାରିବ । ତୁମ୍ଭେ ଉତ୍ତମରୂପରେ ୧୭
ଧନ୍ୟବାଦ କରୁଅଛ ପ୍ରମାଣ ତେବେହେଁ ତହିଁରେ ପରର ନଷ୍ଟା ନ ହୁଅଇ ।
ତୁମ୍ଭମାନଙ୍କର ସବୁଠାରୁ ଆମ୍ଭେ ବହୁତ ପରଭାଷା କହି ଈଶ୍ୱରଙ୍କର ଧନ୍ୟବାଦ ୧୮
କରୁଅଛୁଁ ପୁଣି ମଣ୍ଡଳୀର ମଧ୍ୟରେ ଅନ୍ୟ ଭାଷାରେ ଦଶ ହଜାର କଥା ୧୯
ବୋଲିବାଠାରୁ ବରଞ୍ଚ ଯାହାଁରେ ପରର ନଷ୍ଟା ହୁଅଇ ଏମନ୍ତ ସେମାନଙ୍କର
ବୋଧର ଗମ୍ୟ ପାଞ୍ଚଟା କଥା କହିବାର ଆମ୍ଭେ ଭଲ ମନି ।

ହେ ଭ୍ରାତୃଗଣ ତୁମ୍ଭେମାନେ ବୁଦ୍ଧିରେ ବାଳକର ପ୍ରାପ୍ତି ନ ହୁଅ ବରଞ୍ଚ ୨୦
ପରର ହିଂସାରେ ଶିଶୁଗଣର ପ୍ରାପ୍ତି ହୋଇ ବୁଦ୍ଧିରେ ପୂର୍ଣ୍ଣ ମନୁଷ୍ୟ ପ୍ରାପ୍ତି
ହୁଅ । ଯେମନ୍ତ ଶାସ୍ତ୍ରରେ ଲେଖା ଅଛି ପରମେଶ୍ୱର ବୋଲୁଅଛନ୍ତି ପର ୨୧
ଭାଷା ପୁଣି ବଦେଶୀମାନଙ୍କର ମୁଖରେ ଆମ୍ଭେ ଏହି ଲୋକମାନଙ୍କୁ ବୋଲିବା
ତେବେହେଁ ସେମାନେ ଆମ୍ଭର କଥାରେ ମନ ନବେଶ କରିବେ ନାହିଁ

୨୨ ଏଣୁକରି ଏହା ଯେ ପରଭାଷା କହିବାର ଦାନ। ଅବିଶ୍ୱାସିମାନଙ୍କର ନିମନ୍ତେ
ଚିହ୍ନ ସ୍ୱରୂପ ହୋଇଥିବ। ନୋହିଲେ ବିଶ୍ୱାସିମାନଙ୍କର ନିମନ୍ତେ ନୋହେ
ଅଟେ ଉପଦେଶ ଦେବାର ଅବିଶ୍ୱାସିମାନଙ୍କର ପାଇଁ ନୋହେ ପୁଣି ବିଶ୍ୱାସି
୨୩ ମାନଙ୍କର ପାଇଁ । ସମସ୍ତ ମଣ୍ଡଳୀ ଏକ ସ୍ଥାନରେ ଏକତ୍ର ହୋଇ ସମସ୍ତେ
ଯେବେ ଅନ୍ୟ ଭାଷା କହନ୍ତି ତେବେ ସେ ସଭାର ମଧ୍ୟରେ କୌଣସି ଅଶି
କ୍ଷିତ ଅବା ଅବିଶ୍ୱାସି ଲୋକ ଆସନ୍ତେ ସେ କି ତୁମ୍ଭମାନଙ୍କୁ ଉନ୍ମତ୍ତ ବୋ
୨୪ ଲିବ ନାହିଁ । ପୁଣି ସମସ୍ତେ ଯେତେବେଳେ ଉପଦେଶ ଦଅନ୍ତି ସେତେ
ବେଳେ ଯେବେ ଜଣେକ ଅବିଶ୍ୱାସି ଅବା ଅଶିକ୍ଷିତ ଆସଇ ତେବେ ସମସ୍ତଙ୍କ
୨୫ ଦ୍ୱାରା ତାହାର ପ୍ରବୋଧ ଓ ସମସ୍ତଙ୍କ ଦ୍ୱାରା ତାହାର ବିଚାର ହୋଇଥି । ଏଥି
ରେ ତାହାର ମନର ଗୁପ୍ତ କଥା ସବୁ ପ୍ରକାଶ ହେବାରୁ ସେ ମୁଖ ମାଡ
ପଡ ଈଶ୍ୱରଙ୍କର ଭଜନା କରି କହିବ ଈଶ୍ୱର ତୁମ୍ଭମାନଙ୍କରେ ମଧ୍ୟରେ
ଅଛନ୍ତି ବୋହା ବୋଲିବ ।

୨୬ ହେ ଭ୍ରାତୃଗଣ ଏଥିରେ କେମନ୍ତ ଅଛ । ତୁମ୍ଭେ ସମସ୍ତଙ୍କର ଏକତ୍ର ହେବା
ବେଳେ କାହାର ଅବା ଗୀତ ଅଛ କାହାର ଅବା ଉପଦେଶ କଥା ଅଛ
କାହାର ଅବା ପରଭାଷା ଅଛ କାହାର ଅବା ଭବିଷ୍ୟଦ୍ବାକ୍ୟ ଅଛ କା
ହାର ଅବା ଅର୍ଥଦାୟକ କଥା ଅଛ । ସବୁ ବିଷୟ ନିଷ୍ଠା ହେବା ନିମନ୍ତେ
୨୭ କର୍ଯ୍ୟ ଯାଉ । ଯେବେ କେହ ଭାଷାନ୍ତର କହିବାକୁ ଇଚ୍ଛଇ ତେବେ ଦୁଇ
ଜନ ଜଣର ଅଧିକ ନ କହି କ୍ରମଶୋ କହନ୍ତୁ ଅଉ ଜଣେ ଅର୍ଥ ବୁଝାଇ
୨୮ ଦେଉ । ପୁଣି ଅର୍ଥ ପ୍ରକାଶକ କେହ ଯେବେ ବିଦ୍ୟମାନ ନ ଥାଏ ତେବେ
ସେ ମଣ୍ଡଳୀରେ ମୀରବ ହୋଇ ରହି ଈଶ୍ୱରଙ୍କର ଉଦ୍ଦେଶରେ ଆପଣା ମନ
୨୯ ରେ ଆପଣାର କଥା ବୋଲୁ । ଅଉ ଦୁଇ କିମ୍ବା ତିନ ଜଣ ଉପଦେଶକ
ଏକ ଏକ ଉପଦେଶର କଥା ବୋଲୁ ଅନ୍ୟ ଲୋକେ ସେ ବିଷୟରେ ବିବେ
୩୦ ଚନା କରନ୍ତୁ । ପୁଣି ନିକଟରେ ଥିବାର କୌଣସି ଜଣର ପ୍ରତି ଯେବେ
କୌଣସି କଥା ବ୍ୟକ୍ତ ହୋଇଥି ତେବେ ପ୍ରଥମ ଜଣର କଥା ଶେଷ ହୋ
୩୧ ଇଲେ କହୁ । ସମସ୍ତଙ୍କର ଶିକ୍ଷା ଓ ସାନ୍ତ୍ୱନା ପ୍ରାପ୍ତିର ନିମନ୍ତେ ଏକ ଏକ କର
୩୨ ତୁମ୍ଭେମାନେ ସମସ୍ତେ ଉପଦେଶ ଦେବାକୁ ପାର । ଉପଦେଶକମାନଙ୍କର
୩୩ ପ୍ରତ ଆତ୍ମାର ଦାନ ଉପଦେଶକମାନଙ୍କର ଅଧୀନ ଅଟଇ । ଅଉ ଈଶ୍ୱର ସାଧୁ
ଲୋକଙ୍କର ସମସ୍ତ ମଣ୍ଡଳୀରେ ବିରୋଧଜନକ ନୋହି ଶାନ୍ତିଜନକ ହୁଅନ୍ତି ।

୩୪ ତୁମ୍ଭମାନଙ୍କର ସ୍ତ୍ରୀଲୋକ ମଣ୍ଡଳୀରେ ମୀରବ ହୋଇ ଥାଉନ୍ତୁ ଯେଣୁ କଥା
ପ୍ରଚାର କରିବାର ସେମାନଙ୍କର ଅନୁମତି ନୁହଇ ସେମାନେ ଶାସ୍ତ୍ରର ଉକ୍ତି
୩୫ ନୁସାରରେ ଅଧୀନ ହୋଇ ଥାଉନ୍ତୁ । ପୁଣି ସେମାନଙ୍କର ଯେବେ କିଛି ପଦ୍ଧ

ହବାର ହୋଇଥିବେ ତେବେ ଗୃହରେ ନିଜ ସ୍ୱାମୀକୁ ପଚାରନ୍ତୁ ଯେହେତୁ ମଣ୍ଡଳୀର ମଧ୍ୟରେ କଥା କହିବାର ସ୍ତ୍ରୀଲୋକମାନଙ୍କର ଅନୁଚିତ ହୋଇଥିବ ।

ଈଶ୍ୱରଙ୍କର କଥା କ ତୁମ୍ଭମାନଙ୍କଠାରୁ ବାହାର ହୋଇଅଛି କଅବା ୩୬
କେବଳ ତୁମ୍ଭମାନଙ୍କରଇ ନିକଟରେ ପ୍ରକାଶିତ ହୋଇଅଛି । ତୁମ୍ଭମାନଙ୍କର ୩୭
କେହ ଯେବେ ଆପଣାକୁ ଉପଦେଶକ କ ପାରମାର୍ଥିକ କର ମଣଇ ତେବେ
ତୁମ୍ଭମାନଙ୍କର ପ୍ରତି ଯେଉଁ କଥା ଲେଖିଅଛୁଁ ତାହା ଯେ ପ୍ରଭୁର ଆଜ୍ଞା
ଏହା ଅଙ୍ଗୀକାର କର । ପୁଣି କେହ ଯେବେ ଅଜ୍ଞାନ ହୋଇଥିବେ ତେବେ ସେ ୩୮
ଅଜ୍ଞାନ ହୋଇ ଥାଉ । ହେ ଭ୍ରାତୃଗଣ ତୁମ୍ଭେମାନେ ଉପଦେଶ ଦେବାକୁ ୩୯
ଚେଷ୍ଟା କର ପୁଣି ପରଭାଷା କହିବାକୁ କାହାକୁହିଁ ନିଷେଧ ନ କର ।
ବିହିତ ଓ ସୁଧାର ଅନୁସାରରେ ସମସ୍ତ କର୍ମ କର୍ଯ୍ୟ ଯାଉ । ୪୦

୧୫ ପତ୍ର ।

ହେ ଭ୍ରାତୃଗଣ ଆମ୍ଭେ ତୁମ୍ଭମାନଙ୍କର ନିକଟରେ ଯେଉଁ ସୁସମାଚାର ୧
ପ୍ରଚାର କରିଥିଲୁଁ ଓ ଯାହା ତୁମ୍ଭେମାନେ ଗ୍ରହଣ କର ଧର୍ମପଥରେ ସ୍ଥିତ
କରିଅଛ ତାହା ପୁନର୍ବାର ତୁମ୍ଭମାନଙ୍କୁ ଜଣାଇ । ଆମ୍ଭର ସେହି ପ୍ରକାଶିତ ୨
କଥା ଯେବେ ତୁମ୍ଭମାନଙ୍କର ସ୍ମରଣ ଥାଏ ପୁଣି ତୁମ୍ଭମାନଙ୍କର ବିଶ୍ୱାସ
ଯେବେ ମିଥ୍ୟା ନ ହୋଇଥିବେ ତେବେ ତହିଁରେ ତୁମ୍ଭେମାନେ ପରିତ୍ରାଣ ପାଇ ।
ଯେହେତୁ ଆମ୍ଭେ ଯେଉଁ ଉପଦେଶ ପାଇଅଛୁଁ ତାହାର ଏହି ପ୍ରଧାନ ୩
ଉପଦେଶ ତୁମ୍ଭମାନଙ୍କୁ ସମର୍ପଣ କଲୁଁ । ଯଥା । ଖ୍ରୀଷ୍ଟ ତୁମ୍ଭମାନଙ୍କର ପାପ ମୋ ୪
ଚନର ନିମନ୍ତେ ଶାସ୍ତ୍ରର ଲେଖାନୁସାରେ ପ୍ରାଣ ତ୍ୟାଗ କଲେ ଓ କବରସ୍ଥ
ହେଲା ଉତ୍ତର ଶାସ୍ତ୍ରର ଲେଖାନୁସାରରେ ତିନ ଦିନେ ଉଠିଲେ । ପୁଣି ପଥ ୫
ମରେ କେଫାର ନିକଟରେ ଅନନ୍ତରେ ଦ୍ୱାଦଶ ଶିଷ୍ୟର ନିକଟରେ ଦର୍ଶନ
ଦେଲେ । ତହିଁଉତ୍ତର କୌଣସି ସମୟରେ ଏଣ୍ଡ ହେବାର ପାଞ୍ଚଶ ଭ୍ରାତାର ୬
ଅଧିକ ଲୋକର ନିକଟରେହେଁ ଦର୍ଶନ ଦେଲେ । ସେମାନଙ୍କର ମଧ୍ୟରେ
କେହୀ ମହାନିଦ୍ରିତ ଅଛନ୍ତି ପୁଣି ସେମାନଙ୍କ ଅଧିକ ଅଂଶ ଆଜିଯାଏ ବର୍ତ୍ତି
ମାନ ଅଛନ୍ତି । ତହିଁଉତ୍ତର ଯାକୁବକୁ ତହିଁ ସମସ୍ତ ପ୍ରେରିତମାନଙ୍କୁ ଦର୍ଶନ ୭
ଦେଲେ । ସର୍ବ ଶେଷରେ ଅକାଳ ଜାତର ପ୍ରାୟେ ଯେ ଆମ୍ଭେ ଆମ୍ଭକୁ ୮
ଦର୍ଶନ ପ୍ରାପ୍ତ ହୋଇଲା । ପୁଣି ଈଶ୍ୱରଙ୍କର ମଣ୍ଡଳୀର ପ୍ରତି ଦୌରାତ୍ମ୍ୟ ବ୍ୟବ ୯
ହାର କରିବାରୁ ପ୍ରେରିତ ଲୋକମାନଙ୍କର ମଧ୍ୟରେ ଆମ୍ଭେ ଅତିକ୍ଷୁଦ୍ର ଓ ପ୍ରେ
ରିତ ନାମ ଧାରଣ ଯୋଗ୍ୟ ନୋହୁ । ତେବେ ଆମ୍ଭେ ଯେଉଁ ଅବସ୍ଥାରେ ୧୦
ଅଛୁଁ ତାହା ଈଶ୍ୱରଙ୍କର ଅନୁଗ୍ରହରେ ହେଉଅଛୁଁ ଏଉ ଆମ୍ଭର ପ୍ରତି ଦତ୍ତ

ଯେ ତାହାଙ୍କର ଅନୁଗ୍ରହ ସେ ବିଫଳ ହୋଇ ନାହିଁ । ଯେହେତୁ ଆମ୍ଭେ
ସମସ୍ତ ପ୍ରେରିତଙ୍କଠାରୁ ଅଧିକ ପରିଶ୍ରମ କରିଅଛୁଁ ମାତ୍ର ଆମ୍ଭେ ନୋହୁ
୧୧ ଆମ୍ଭର ସହକାରୀ ଈଶ୍ୱରଙ୍କର ଯେ ଅନୁଗ୍ରହ ସେ କରିଅଛୁ । ଏଣୁକରି
ଆମ୍ଭର ଦ୍ୱାରା ହେଉ ଅବା ସେମାନଙ୍କର ଦ୍ୱାରା ହେଉ ଆମ୍ଭେମାନେ ସେପ୍ରକାରେ
ଘୋଷଣା କରିଥାଉ ପୁଣି ତୁମ୍ଭେମାନେ ସେହିପ୍ରକାରେ ବିଶ୍ୱାସ କରିଅଛ ।
୧୨ ଖ୍ରୀଷ୍ଟ ମୃତାବସ୍ଥାରୁ ଉଠିଅଛନ୍ତି ଯେବେ ଏହା ବାଦର ଘୋଷଣା ହୋଇ ଥା
ଏ ତେବେ ମଲ୍ଲ ଲୋକଙ୍କର ପୁନରୁତ୍ଥାନ ହେବ ନାହିଁ ତୁମ୍ଭମାନଙ୍କର ମଧ୍ୟ
୧୩ରେ କେହୀ ଏମନ୍ତ କଥା କୋଲନ୍ତି କିପରି । ଯେବେ ମଲ୍ଲ ଲୋକମାନଙ୍କର ପୁ
୧୪ନରୁତ୍ଥାନ ନ ହୋଏ ତେବେ ଖ୍ରୀଷ୍ଟଙ୍କର ପୁନରୁତ୍ଥାନ ହୋଇ ନାହିଁ ପୁଣି ଖ୍ରୀଷ୍ଟଙ୍କର
ପୁନରୁତ୍ଥାନ ଯେବେ ନୋହ ଥାଏ ତେବେ ଆମ୍ଭମାନଙ୍କର ଘୋଷଣା କରିବାର
୧୫ ମିଥ୍ୟା ପୁଣି ତୁମ୍ଭମାନଙ୍କର ବିଶ୍ୱାସ ମିଥ୍ୟା । ପୁଣି ଆମ୍ଭେମାନେ ଈଶ୍ୱ
ରଙ୍କର ବିଷୟରେ ମିଥ୍ୟା ସାକ୍ଷିସ୍ୱରୂପ ହୋଇଅଛୁଁ ଯେହେତୁ ମଲ୍ଲ ଲୋକର
ପୁନରୁତ୍ଥାନ ଯେବେ ନ ହୁଅଇ ତେବେ ଯାହାକୁ ଈଶ୍ୱର ଉଠାଇ ନାହାନ୍ତି
ସେହି ଖ୍ରୀଷ୍ଟଙ୍କୁ ସେ ଉଠାଇଅଛନ୍ତି ବୋଲି ଆମ୍ଭେମାନେ ଈଶ୍ୱରଙ୍କର
୧୬ ବିରୁଦ୍ଧରେ ସାକ୍ଷ୍ୟ ଦେଇଁ । ମଲ୍ଲ ଲୋକଙ୍କର ପୁନରୁତ୍ଥାନ ଯେବେ ନ ହୋଏ
୧୭ ତେବେ ଖ୍ରୀଷ୍ଟଙ୍କର ପୁନରୁତ୍ଥାନ ହୋଇ ନାହିଁ । ପୁଣି ଯେବେ ଖ୍ରୀଷ୍ଟର ପୁନରୁତ୍ଥାନ ନ
ହୋଇ ଥାଏ ତେବେ ତୁମ୍ଭମାନଙ୍କର ବିଶ୍ୱାସ ମିଥ୍ୟା ତୁମ୍ଭେମାନେ ଏବେ
୧୮ ବେଳ ଯାଏ ପାପଗ୍ରସ୍ତ ଅଛ ପୁଣି ଯେଉଁମାନେ ଖ୍ରୀଷ୍ଟର ଆଶ୍ରିତ ହୋଇ ମହା
୧୯ ନିଦ୍ରା ପ୍ରାପ୍ତ ହୋଇଅଛନ୍ତି ସେମାନେ ବିନଷ୍ଟ ହୋଇଅଛନ୍ତି । ଖ୍ରୀଷ୍ଟର ପ୍ରତି
ଆମ୍ଭମାନଙ୍କର ପ୍ରତ୍ୟାଶା କେବଳ ଇହକାଳରେ ଯେବେ ହୋଏ ତେବେ
ଆମ୍ଭେମାନେ ସମସ୍ତ ମନୁଷ୍ୟଠାରୁ ଦୁର୍ଭାଗ୍ୟ ।
୨୦ ଏବେ ଖ୍ରୀଷ୍ଟ ମୃତାବସ୍ଥାରୁ ପୁନରୁତ୍ଥାନ କରିବାରେ ମହାନିଦ୍ରା ପ୍ରାପ୍ତ ଲୋକମାନ
୨୧ ଙ୍କର ପ୍ରଥମଜାତ ଫଳର ସ୍ୱରୂପ ହୋଇଅଛନ୍ତି । ଯେମନ୍ତ ମନୁଷ୍ୟର ଦ୍ୱାରା
ମୃତ୍ୟୁ ହୋଇଅଛ ତେମନ୍ତ ମନୁଷ୍ୟଦ୍ୱାରା ମଲ୍ଲଲୋକଙ୍କର ପୁନରୁତ୍ଥାନର ହୋ
୨୨ ଇଅଛ । ଆଦମଠାରୁ ଯେମନ୍ତ ସମସ୍ତେ ମୃତ୍ୟୁର ଅଧୀନ ହୋଇଅଛନ୍ତି ତେ
୨୩ ମନ୍ତ ଖ୍ରୀଷ୍ଟଙ୍କ ଦ୍ୱାରା ସମସ୍ତେଇ ସଜୀବ ହୋଇ ଉଠିବେ । ପୁଣି ପ୍ରତ୍ୟେକ ଜଣ
ଆପଣା ଆପଣା ଦଳରେ ଉଠନ୍ତି । ପ୍ରଥମରେ ପ୍ରଥମଜାତ ଫଳସ୍ୱରୂପ ଖ୍ରୀଷ୍ଟ ଦ୍ୱିତୀୟରେ
୨୪ ତାହାଙ୍କର ଆଗମନ ସମୟରେ ସମୁଦାୟ ଖ୍ରୀଷ୍ଟର ଆଶ୍ରିତ ଲୋକ । ଏହି ପ୍ରକା
ରେ ହୋଇଲେ ସେ ସମୁଦାୟ ଶାସନ ଓ କର୍ତ୍ତୃପଣ ଓ ପରାକ୍ରମ ବର୍ଜୀଭୂତ
କଲା ଉତ୍ତାରୁ ଯେଉଁ ସମୟରେ ଆପଣା ପିତା ଈଶ୍ୱରଙ୍କର ନିକଟରେ ରାଜ୍ୟ
୨୫ ସମର୍ପଣ କରିବେ ସେହି ଦିନ ଶେଷଦିନ ହୋଇବ । ପୁଣି ଯେ ପର୍ଯ୍ୟନ୍ତ ଖ୍ରୀଷ୍ଟ

ସମୁଦାୟ ଶତ୍ରୁଙ୍କୁ ଆପଣା ଗୋଡ ତଳରେ ଦଳିତ ନ କରିବେ ଓ ଶେଷର ୨୬
ଶତ୍ରୁ ଯେ ମୃତ୍ୟୁ ସେ ବିନଷ୍ଟ ନୋହିବ ତାହାକୁ ତାହାକୁ ଗଞ୍ଜଡ଼ି କରିବାକୁ
ହୋଇବ । ଏଣୁ ସେ ତାହାଙ୍କର ଗୋଡତଳେ ସମସ୍ତେ ରଖିଲେ । ମାତ୍ର ୨୭
ତାହାଙ୍କର ଗୋଡ ତଳେ ସମସ୍ତେ ରଖିଲେ ଏମନ୍ତ ଉକ୍ତିରେ ଏହା ସ୍ପଷ୍ଟ
ବୋଧ ହୁଅଇ ସମସ୍ତ ଯେ ତାହାଙ୍କର ଅଧୀନ କଲେ ସେ ଆପେଁ ଏହାର ୨୮
ମଧ୍ୟରେ ଗଣା ହୋଇ ନାହିଁ । ପୁଣି ପୁତ୍ରର ଅଧୀନ ସମସ୍ତେ ହେଲା ଉତ୍ତା
ରେ ତେବେ ଯେ ତାହାଙ୍କର ଅଧୀନ ସମସ୍ତେ ରଖିଲେ ତାହାଙ୍କର
ଅଧୀନ ପୁତ୍ର ଆପେଁ ହୋଇବେ ତେଣୁ ଈଶ୍ୱର ସର୍ବେ ସର୍ବ ହୋଇବେ ।

ଅତ୍ର ଯେବେ ମଲ୍ଲ ଲୋକମାନଙ୍କର ଉତ୍ଥାନ ନ ହୋଏ ତେବେ ଯେଉଁ ୨୯
ମାନେ ମଲ୍ଲଲୋକମାନଙ୍କର ପଦରେ ଡୁବିଲେ ହୁଅନ୍ତି ସେମାନେ କ'ଣ ପାଇବେ
ପୁଣି ମଲ୍ଲଲୋକମାନଙ୍କର ପଦରେ କାହିଁ ଡୁବିଲେ ହୁଅନ୍ତି । ଅତ୍ର ଆମ୍ଭେମାନେ ୩୦
ଅବା ଅନୁକ୍ଷଣ ପ୍ରାଣ ସଂଶୟାପନ୍ନ ହୋଇ କାହିଁ । ଆମ୍ଭମାନଙ୍କର ପ୍ରଭୁ ୩୧
ଯୀଶୁ ଖ୍ରୀଷ୍ଟରେ ତୁମ୍ଭମାନଙ୍କର ନମନ୍ତେ ଆମ୍ଭର ଯେଉଁ ଆନନ୍ଦ ତାହା ଦ୍ୱାର
ଶପଥ କରି କହୁଅଛୁଁ ଆମ୍ଭେ ଦିନଲୁଦିନ ମୃତ୍ୟୁର ମୁଖ ଗତ ହୋଇ । ଯେବେ ୩୨
ମଲ୍ଲ ଲୋକମାନଙ୍କର ଉତ୍ଥାନ ନ ହୋଏ ତେବେ ଏଫିସ ନଗରରେ ମନୁଷ୍ୟ
ମାନଙ୍କର ରୀତି ଅନୁସାରରେ ବଶର ପଶୁମାନଙ୍କର ସହିତ ଯେ ଯୁଦ୍ଧ କର
ଅଛୁଁ ତହିଁରେ ଆମ୍ଭର ଲାଭ କ'ଣ । ବରଞ୍ଚ କାଲି ଆମ୍ଭେମାନେ ମରିଯିବା ଏଣୁ
ଅସ ଅଜ ଆମ୍ଭେମାନେ ଭୋଜନ ପାନ କରୁ । ଭ୍ରାନ୍ତ ନ ହୁଅ କୁସଂସର୍ଗରେ ୩୩
ସଦାଚାର ନାଶ ହୋଇ ଯାଏ । ପାପର ପ୍ରତି ବ୍ୟୁତ୍ପନ୍ନ ହୋଇ ଧର୍ମ ବିଷୟ ୩୪
ରେ ସଚେତନ୍ୟ ହୋଇ ଥାଅ । ଯେହେତୁ ତୁମ୍ଭମାନଙ୍କର କାହାରୀ ଈଶ
ରଙ୍କର ବିଷୟରେ ତତ୍ତ୍ୱ ଜ୍ଞାନ ନାହିଁ ଏ ଯେଉଁ କଥା ବୋଲି ସେ ତୁମ୍ଭମାନ
ଙ୍କର ଲଜ୍ଜାର ବିଷୟ ।

ଅତ୍ର କେହ ଏମନ୍ତ କଥା ପଚାରିବେ ମୃତଲୋକଙ୍କର ଉତ୍ଥାନ କି ପ୍ରକା ୩୫
ରେ ହୋଇବ ସେମାନେ ଅବା କି ପ୍ରକାର ଦେହବନ୍ତ ହୋଇ ଉଠିବେ ।
ହେ ଅବୋଧ ଲୋକ ତୁମ୍ଭେ ଯେଉଁ ସାଜ ବୁଣ ତାହା ନ ମଲେ ଗଜା ବାହା ୩୬
ରଇ ନାହିଁ । ଅତ୍ର ଯେଉଁ ଦେହ ହୋଇବ ତାହା ତୁମ୍ଭେ ନ ବୁଣ ଗହମ ୩୭
ହେଉ ଅବା ଅତ୍ର କୌଣସି ସାଜ ହେଉ କେବଳ ସାଜମାତ୍ର ବୁଣି ଥାଅ
ତହିଁରେ ଈଶ୍ୱର ଆପଣାର ଇଚ୍ଛା ଅନୁସାରେ ସାଜର ଦେହ ଉତ୍ପନ୍ନ କରନ୍ତି ୩୮
ଅର୍ଥାତ୍ ସେହି ପ୍ରତ୍ୟେକ ସାଜର ବିଶେଷ ଦେହ ଉତ୍ପନ୍ନ କରନ୍ତି । ଅତ୍ର ୩୯
ସମସ୍ତ ଦେହ ଏକ ପ୍ରକାର ନୋହେ ମନୁଷ୍ୟ କି ପଶୁ କି ପକ୍ଷୀ କି ମାଛ ପ୍ରତ୍ୟେ
କର ଭିନ୍ନ ଦେହ । ଅତ୍ର ଆକାଶସ୍ଥ ବସ୍ତୁ ଓ ପୃଥିବୀସ୍ଥ ବସ୍ତୁର ଅଛି ପୁଣି ୪୦

ପୃଥିବୀସ୍ଥ ବସ୍ତୁର ଏକ ମତ ତେଜ ଓ ଆକାଶସ୍ଥ ବସ୍ତୁର ଆନ ପ୍ରକାର ତେଜ ।
୪୧ ଅର୍ଥାତ୍ ସୂର୍ଯ୍ୟର ଏକ ପ୍ରକାର ତେଜ ଚନ୍ଦ୍ରର ଆଉ ଏକ ପ୍ରକାର ତେଜ ନକ୍ଷତ୍ର
ଗଣର ଅନ୍ୟ ପ୍ରକାର ତେଜ ଯେଣୁ ଏକ ନକ୍ଷତ୍ରରୁ ଆନ ନକ୍ଷତ୍ରର ବିଶେଷ
୪୨ ତେଜ ଅଟଇ । ଏହି ପ୍ରକାର ମଲା ଲୋକଙ୍କର ଉତ୍ସାନଇ ହୋଇବ ।
୪୩ ତାହା କ୍ଷୟ ଦେହ ବୁଣା ଯାୟେ ପୁଣି ତାହାଠାରୁ ଅକ୍ଷୟ ଦେହ ଉତ୍ସିତ
ହୋଇବ ଆବର ଅପମାନିତ ହୋଇ ବୁଣା ଯାୟେ ଗୌରବଯୁକ୍ତ ହୋଇ
ଉତ୍ସିତ ହୋଇବ ଆବର ଦୁର୍ବଳ ହୋଇ ବୁଣା ଯାୟେ ପୁଣି ବଳବନ୍ତ ହୋଇ
୪୪ ଉତ୍ସିତ ହୋଇବ ଆବର ପାର୍ଥିବ ଦେହ ବୁଣା ଯାୟେ ସ୍ୱର୍ଗୀୟ ଦେହ ଉତ୍ସିତ
୪୫ ହେବ । ପାର୍ଥିବ ଓ ସ୍ୱର୍ଗୀୟ ଏହି ଦୁଇ ପ୍ରକାର ଦେହ ହୋୟେ । ତହିଂରେ
ଏହି ପ୍ରକାର ଲେଖିତ ଅଛି ପ୍ରଥମ ମନୁଷ୍ୟ ଆଦମ ଜୀବନ୍ତ ପ୍ରାଣୀ ପୁଣି ଶେଷ
୪୬ ଆଦମ ଅର୍ଥାତ୍ ଖ୍ରୀଷ୍ଟ ଜୀବନ ଦାୟକ ଆତ୍ମ । ପ୍ରଥମରେ ସ୍ୱର୍ଗୀୟ ବ୍ୟକ୍ତି
୪୭ ନୋହେ ପୁଣି ପାର୍ଥିବ ବ୍ୟକ୍ତି ତାହାର ପଛେ ସ୍ୱର୍ଗୀୟ ବ୍ୟକ୍ତି । ପ୍ରଥମ
ମନୁଷ୍ୟ ମୃତ୍ତିକାରୁ ଜନ୍ମ ପାର୍ଥିବ ଥିଲା ପୁଣି ଦ୍ୱିତୀୟ ମନୁଷ୍ୟ ସ୍ୱର୍ଗରୁ ଆସନ୍ତା
୪୮ ପ୍ରଭୁ ହୋଇଲେ । ଏଣୁକରି ପାର୍ଥିବ ବ୍ୟକ୍ତିରୁ ଜାତ ଯେ ସମସ୍ତ ମନୁଷ୍ୟ
ସେମାନେହେଂ ତାହାର ପ୍ରାୟେ ପାର୍ଥିବ ପୁଣି ସ୍ୱର୍ଗୀୟ ବ୍ୟକ୍ତିଠାରୁ ଉତ୍ପନ୍ନ
୪୯ ଯେତେ ଲୋକେ ସେମାନେ ତାହାଙ୍କର ପ୍ରାୟେ ସ୍ୱର୍ଗୀୟ ହୋଇବେ । ଆମ୍ଭେ
ମାନେ ଯେମନ୍ତ ପାର୍ଥିବ ମନୁଷ୍ୟର ଆକୃତିଯୁକ୍ତ ଅଛୁଁ ତେମନ୍ତ ସ୍ୱର୍ଗୀୟ ବ୍ୟକ୍ତିର
ଆକାରବନ୍ତ ହୋଇବା ।
୫୦ ହେ ଭ୍ରାତୃଗଣ ତୁମ୍ଭମାନଙ୍କୁ ଯଥାର୍ଥ ବୋଲୁ ଅଛୁଁ ରକ୍ତମାଂସ ଦେହବନ୍ତ
ଯେ କେବେହେଂ ଈଶ୍ୱରଙ୍କର ରାଜ୍ୟ ପ୍ରାପ୍ତ ହେବାକୁ ନ ପାରଇ ଯେହେତୁ
ଅକ୍ଷୟ ବିଷୟରେ କ୍ଷୟ ବିଷୟର ଅଧିକାର କେବେହେଂ ନ ହୁଅଇ ।
୫୧ ଦେଖ ଆମ୍ଭେ ତୁମ୍ଭମାନଙ୍କର ନିକଟରେ ଗୋଟିୟେ ନିଗୂଢ଼ କଥା ପ୍ରକାଶ
୫୨ କରି । ଆମ୍ଭେମାନେ ସମସ୍ତ ମହା ନିଦ୍ରାଗ୍ରସ୍ତ ନୋହିବା ପୁଣି ଶେଷର ଦିନରେ
ତୂରୀର ବାଦ୍ୟରେ ଏକ ଲିତ୍ୟାରେ ବରଞ୍ଚ ନିମିଷ ମାତ୍ରକେ ସମସ୍ତେ ଆନରୂପ
ହୋଇବା । ଯେହେତୁ ତୂରୀର ବାଦ୍ୟ ହୋଇବ ପୁଣି ମଲା ଲୋକମାନେ
୫୩ ଅକ୍ଷୟ ହୋଇ ଉଠିବେ ଆଉ ଆମ୍ଭେମାନେ ରୂପାନ୍ତର ହୋଇବା । ଯେ
ହେତୁ ଏହି କ୍ଷୟଣୀୟ ଦେହକୁ ଅକ୍ଷୟରୂପ ବସ୍ତ୍ର ପିନ୍ଧିବାକୁ ହେବ ଅର୍ଥାତ୍
୫୪ ଏହି ମୃତ୍ୟୁ ଦେହକୁ ଅମରରୂପ ବସ୍ତ୍ର ପରିଧାନ କଲେ ଏହି ଯେ କଥା ଲେଖିତ
୫୫ ଅଛି ତାହା ପ୍ରତ୍ୟକ୍ଷ ହୋଇବ ଯଥା । ଜୟରେ ମୃତ୍ୟୁ ଗ୍ରାସ ହୋଇ ଯିବ । ହେ
ମୃତ୍ୟୁ ତୁମ୍ଭର ନାହୁଡ କାହିଂ ହେ ପରଲୋକ ତୁମ୍ଭର ଜୟ କେଙ୍ଗୁଠାରେ ।
୫୬ ମୃତ୍ୟୁର ନାହୁଡ ପାପ ଓ ପାପର ବଳ ବ୍ୟବସ୍ଥା ପୁଣି ଆମ୍ଭମାନଙ୍କର ପ୍ରଭୁ ଯୀଶୁ

ଖ୍ରୀଷ୍ଟଙ୍କ ଦ୍ୱାରା ଯେଉଂ ଈଶ୍ୱର ଆମ୍ଭମାନଙ୍କୁ ଜୟଯୁକ୍ତ କରନ୍ତି ତାହାଙ୍କର ଧନ୍ୟ ୫୭
ବାଦ ହେଉ । ଏଣୁକରି ହେ ଆମ୍ଭର ପ୍ରିୟ ଭ୍ରାତୃଗଣ ପ୍ରଭୁର ସେବାରେ ୫୮
ତୁମ୍ଭମାନଙ୍କର ପରିଶ୍ରମ ନିଷ୍ଫଳ ନୋହିବ ଏହା ଜାଣି ତୁମ୍ଭେମାନେ ପ୍ରଭୁର
କର୍ମରେ ସୁସ୍ଥିର ଓ ନିଶ୍ଚଳ ହୋଇ ସର୍ବଦା ଯତ୍ନବାନ ହୁଅ ।

## ୧୬ ପର୍ବ ।

ସାଧୁମାନଙ୍କର ନିମନ୍ତେ ଚାନ୍ଦା ବିଷୟରେ ଗାଲାତୀୟ ଦେଶସ୍ଥ ମଣ୍ଡଳୀ ସମ ୧
ସ୍ତଙ୍କର ପ୍ରତି ଯେମନ୍ତ ଆଜ୍ଞା ଦେଇଅଛୁଁ ସେହି ଅନୁସାରେ ତୁମ୍ଭେମାନେହେଂ
କର । ଅର୍ଥାତ୍ ଆମ୍ଭର ଉପସ୍ଥିତ ହୋଇବା ସମୟରେ ଯେମନ୍ତ ବିଶ୍ଚଉଣି ନ ୨
ହୋୟେ ଏନିମନ୍ତେ ତୁମ୍ଭେମାନେ ପ୍ରତ୍ୟେକ ଜଣ ଆପଣା୨ ଅର୍ଜ୍ଜିଲା ଅନୁସା
ରେ ଧନ ସଞ୍ଚୟ କରି ସପ୍ତାହର ପ୍ରଥମ ଦିନରେ ଆପଣାମାନଙ୍କର ନିକଟରେ
କିଛି୨ ରଖ । ଆଉ ଆମ୍ଭର ଉପସ୍ଥିତ ହୋଇବାର ସମୟରେ ତୁମ୍ଭେମାନେ ୩
ଯେଉଂମାନଙ୍କୁଂ ବିଶ୍ୱସ୍ତ ମଣିବ ସେମାନଙ୍କୁଂ ଚିଟାଉ ଦେଇ ଆମ୍ଭେ ସେମାନଙ୍କ
ହାତରେ ତୁମ୍ଭମାନଙ୍କର ସେହି ଦାନ ଯିରୁଶାଲମକୁ ପଠାଇ ଦେବା । ପୁଣି ୪
ସେଠାକୁ ଯେବେ ଆମ୍ଭର ଯିବାର ଉପଯୁକ୍ତ ହୋୟେ ତେବେ ସେମାନେ
ଆମ୍ଭର ସଙ୍ଗତେ ଯିବେ । ମାକିଦୋନିୟା ଦେଶ ଦେଇ ଆମ୍ଭକୁ ଯିବାକୁ ହେବ ୫
ଆଉ ଯେଉଂ ସମୟରେ ସେ ଦେଶ ଦେଇ ଯିବା ସେହି ସମୟରେ ତୁମ୍ଭମା
ନଙ୍କର ନିକଟକୁ ଯିବା । ପୁଣି କିଛି ଦିନ ବିଳମ୍ବ କରି ଶୀତକାଳର ଶେଷ ୬
ଯାୟେ ତୁମ୍ଭମାନଙ୍କର ସଙ୍ଗରେ ରହି ଥିବା ତେଣୁ ତୁମ୍ଭେମାନେ ଆମ୍ଭକୁ
ବାଟରେ ଦେଖାଇ ଆଣି ଆମ୍ଭେ ଯେଉଂସ୍ଥାନକୁ ଯାଇ ସେଠାରେ ଯାତ୍ରା
କରିବା । ଯେହେତୁ ବାଟର ମଧ୍ୟରେ ଯେ ତୁମ୍ଭମାନଙ୍କର ସହିତ କେବଳ ୭
ଥରେ ସାକ୍ଷାତ୍ କରି ଯାଉଂ ଆମ୍ଭର ଏମନ୍ତ ବାଞ୍ଛା ନୋହେ ପୁଣି ଈଶ୍ୱର ଯେ
ବେ ଅନୁମତି ଦିଅନ୍ତି ତେବେ ତୁମ୍ଭମାନଙ୍କର ସହିତ କିଛି ଦିନ ବାସ କରିବାକୁ
ଆମ୍ଭର ବାସନା ଅଛି । ତଥାପି ନିସ୍ତାର ପର୍ବର ପଚାଶ ଦିନ ଯାୟେ ଆମ୍ଭେ ୮
ଏଫିସ ନଗରରେ ଥିବା ଯେହେତୁ ବହୁତ ପ୍ରତିବନ୍ଧି ଥିଲେହେଂ କାର୍ଯ୍ୟସା ୯
ଧକ ଅତି ବଡ ଦ୍ୱାର ମେଲା ଅଛି ।

ତୀମଥି ଯେବେ ତୁମ୍ଭମାନଙ୍କର ନିକଟରେ ଉପସ୍ଥିତ ହୋୟେ ତେବେ ୧୦
ଯହିଂରେ ସେ ନିର୍ଭୟରେ ଥାୟେ ତହିଂରେ ମନୋଯୋଗ କରିବ ଯେହେତୁ
ଆମ୍ଭେ ଯେମନ୍ତ ସେହି ତେମନ୍ତ ପ୍ରଭୁର କର୍ମରେ ଯତ୍ନବନ୍ତ ଅଛି । କେହି ୧୧
ତାହାକୁ ଅଣାଦର ନ କରୁ ପୁଣି ସେ ଆମ୍ଭର ନିକଟରେ ଯେମନ୍ତ ଆସିବାକୁ
ପାରଇ ତେମନ୍ତ ତାହାକୁ ବାଟରେ ଦେଖାଇ ଆଣି କୁଶଳରେ ପଠିଆଅ ।

୧୧ ଆମ୍ଭେ ଭାଇମାନଙ୍କର ସହିତ ତାହାର ଆସିବାର ଅପେକ୍ଷା କରି । ଆପଲ୍ଲୋ
ଭାଇର ବିଷୟରେ ଲେଖି ଆମ୍ଭେ ଭ୍ରାତୃଗଣର ସହିତ ତୁମ୍ଭମାନଙ୍କର ନିକଟକୁ
ଯିବାକୁ ତାହାକୁ ବହୁତ ବିନୟ କଲୁଁ ପୁଣି ଏବେ ଯିବାକୁ କୌଣସି ମତେ
ତାହାର ଇଚ୍ଛା ନୋହେ ତେବେହେଁ ସୁଯୋଗ ମିଳିଲେ ଅବଶ୍ୟ ଯିବ ।
୧୩ ତୁମ୍ଭେମାନେ ସଚେତନ ହୋଇ ଖ୍ରୀଷ୍ଟର ଧର୍ମରେ ସୁସ୍ଥିର ହୁଅ ସୁପୁରୁଷହ
୧୪ ପ୍ରକାଶ କରି ବଳବନ୍ତ ହୁଅ । ପ୍ରେମରେ ସବୁ କର୍ମ ନିଷ୍ପନ୍ନ କର ।
୧୫ ହେ ଭ୍ରାତୃଗଣ ଆଖାୟା ଦେଶର ପ୍ରଥମ ଫଳସ୍ୱରୂପ ଯେ ସ୍ତିଫାନର ପରିଜନ
ବର୍ଗ ସେମାନେ ସାଧୁଲୋକମାନଙ୍କର ସେବାରେ ଆବିଷ୍ଟ ହୋଇଅଛନ୍ତି ଏହା
୧୬ ତୁମ୍ଭେମାନେ ଜାଣ । ଏଣୁକରି ତୁମ୍ଭେମାନେ ଏହି ପ୍ରକାର ଲୋକର ପୁଣି
ତୁମ୍ଭମାନଙ୍କର ପ୍ରତ୍ୟେକ ସହକାରୀ ଓ ଶ୍ରମକାରୀ ବଶୀଭୂତ ହୁଅ ତୁମ୍ଭମାନଙ୍କୁଂ
୧୭ ଏହି ବିନତି କରୁଅଛୁଁ । ସ୍ତିଫାନ ଓ ଫର୍ତ୍ତୁନାତ ପୁଣି ଆଖାଇକ ଯେ
ଏଠାରେ ଆସିଅଛନ୍ତି ଏଥିରେ ଆହ୍ଲାଦ ହୋଇଲୁଁ ଯେହେତୁ ତୁମ୍ଭମାନଙ୍କର
୧୮ ଯେଉଂ ତ୍ରୁଟି ଥିଲା ତାହା ସେମାନେ ସମ୍ପୂର୍ଣ୍ଣ କରିଅଛନ୍ତି । ସେମାନଙ୍କ ଦ୍ୱାରା
ତୁମ୍ଭମାନଙ୍କର ଓ ଆମ୍ଭର ମନ ତୃପ୍ତ ହୋଇଅଛି ଏହେତୁ ତୁମ୍ଭେମାନେ ଏହି
ପ୍ରକାର ଲୋକମାନଙ୍କୁଂ ମାନ୍ୟ କରିବ ।
୧୯ ତୁମ୍ଭମାନକଂର ପ୍ରତି ଆଶିୟା ଦେଶସ୍ଥ ମଣ୍ଡଳୀମାନକଂର ନମସ୍କାର ପୁଣି
ଅକୂଲା ଓ ପସ୍କିଲ୍ଲା ଓ ସେମାନକଂର ଗୃହସ୍ଥିତ ମଣ୍ଡଳୀର ପୁଣି ନମସ୍କାର
୨୦ ଜାଣିବ । ତୁମ୍ଭମାନକଂର ପ୍ରତି ଭ୍ରାତୃଗଣର ନମସ୍କାର ଜାଣିବ । ତୁମ୍ଭେମାନେ
୨୧ ପବିତ୍ର ଚୁମ୍ବନେ ପରସ୍ପର ନମସ୍କାର କର । ଆଉ ଆମ୍ଭେ ଯେ ପାଉଲ
୨୨ ଆପଣା ସ୍ୱହସ୍ତରେ ଲେଖିତ ନମସ୍କାର ତୁମ୍ଭମାନଙ୍କୁଂ ଜଣାଉଅଛୁଁ । ଯେବେ
କେହି ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁଂ ପ୍ରେମ ନ କରଇ ତେବେ ସେ ଶାପଗ୍ରସ୍ତ ହେଉ*
୨୩ ପ୍ରଭୁ ଆସୁଅଛନ୍ତି । ଆମ୍ଭମାନକଂର ପ୍ରଭୁ ଯୀଶୁ ଖ୍ରୀଷ୍ଟର ଅନୁଗ୍ରହ ତୁମ୍ଭ
୨୪ ମାନକଂର ପ୍ରତି ଥାଉ । ଖ୍ରୀଷ୍ଟ ଯୀଶୁରେ ତୁମ୍ଭ ସମସ୍ତଙ୍କର ପ୍ରତି ଆମ୍ଭର
ପ୍ରେମ ଥାଉ ।

* ଅବା ଆନାଥିମା ମାରାଣାଥା ।

ଇତି ।

---

## କରିନ୍ଥୀୟ ମଣ୍ଡଳୀର ପ୍ରତି ପାଉଲ ପ୍ରେରିତର ଦ୍ୱିତୀୟ ଚିଠାଉ ।



### ୧ ପର୍ବ ।

ଈଶ୍ୱରଙ୍କର ଇଚ୍ଛାରେ ଯୀଶୁ ଖ୍ରୀଷ୍ଟର ପ୍ରେରିତ ପାଉଲ ଓ ତିମଥି ଆମ୍ଭର ୧
ଭାଇ କରିନ୍ଥ ନଗରସ୍ଥ ଈଶ୍ୱରଙ୍କର ମଣ୍ଡଳୀକୁ ପୁଣି ସବୁ ଆଖାୟା ଦେଶସ୍ଥ
ସମସ୍ତ ସାଧୁମାନଙ୍କୁ ଚିଠାଉ ଲେଖନ୍ତି । ଆମ୍ଭମାନଙ୍କର ପିତା ଈଶ୍ୱର ପୁଣି ପ୍ରଭୁ ୨
ଯୀଶୁ ଖ୍ରୀଷ୍ଟଠାରୁ ତୁମ୍ଭମାନଙ୍କର ପ୍ରତି ଅନୁଗ୍ରହ ଓ ଶାନ୍ତି ହେଉ ।

ଦୟାମୟ ପିତା ଓ ସର୍ବ ସାନ୍ତ୍ୱନା ଦାତା ଯେ ଆମ୍ଭମାନଙ୍କର ପ୍ରଭୁ ଯୀଶୁ ୩
ଖ୍ରୀଷ୍ଟର ପିତା ଈଶ୍ୱର ସେ ଧନ୍ୟ ହେଉନ୍ତୁ । ଆମ୍ଭେମାନେ ଈଶ୍ୱରଙ୍କଠାରୁ ୪
ଯେଉଂ ସାନ୍ତ୍ୱନା ପାଇ ଶାନ୍ତିଯୁକ୍ତ ହୋଇ ସେହି ସାନ୍ତ୍ୱନାରେ ଯେମନ୍ତ
ଅନ୍ୟାନ୍ୟ ଦୁଃଖି ଲୋକମାନଙ୍କର ସାନ୍ତ୍ୱନା ଜନ୍ମାଇବାକୁ ପାରି ଏନିମନ୍ତେ ସେ
ଆମ୍ଭମାନଙ୍କର ସବୁ ପ୍ରକାର ଦୁଃଖ ଭୋଗ ସମୟରେ ସାନ୍ତ୍ୱନା ଦିଅନ୍ତି । ଖ୍ରୀଷ୍ଟର ୫
ତୁଲ୍ୟ ଆମ୍ଭମାନଙ୍କର ଦୁଃଖ ଯେମନ୍ତ ବଢ଼ିଇ ତେମନ୍ତ ଖ୍ରୀଷ୍ଟର ଦ୍ୱାରା ଆମ୍ଭମାନଙ୍କର
ସାନ୍ତ୍ୱନା ବଢ଼ିଇ । ଏଣୁକରି ଆମ୍ଭେମାନେ ଯେବେ ଦୁଃଖି ହୋଇ ତେବେ ୬
ତାହା ତୁମ୍ଭମାନଙ୍କର ସାନ୍ତ୍ୱନା ଓ ପରିତ୍ରାଣ ନିମନ୍ତେ ହୁଅଇ ଯେଣୁ ଆମ୍ଭ
ପ୍ରତି ଯେଉଂ ଦୁଃଖ ଘଟଇ ସେହି ଦୁଃଖ ତୁମ୍ଭ ସହିବାରୁଂ ତାହି ନିଷ୍ପନ୍ନ
ହୋୟେ ତୁମ୍ଭମାନଙ୍କର ବିଷୟରେ ଆମ୍ଭର ଏହି ଦୃଢ଼ ଭରସା ଅଛି । ପୁଣି ୭
ଆମ୍ଭେମାନେ ଯେଉଂ ସାନ୍ତ୍ୱନା ପାଇ ତାହାଇ ତୁମ୍ଭମାନଙ୍କର ସାନ୍ତ୍ୱନାର ଓ
ପରିତ୍ରାଣର ନିମନ୍ତେ ହୋୟେ । ଯେଣୁ ତୁମ୍ଭେମାନେ ଯେମନ୍ତ ଦୁଃଖ ଭୋଗର
ଅଂଶୀ ହେଉଅଛ ତେମନ୍ତ ସାନ୍ତନା ପ୍ରାପ୍ତିର ଅଂଶୀ ହୋଇବ ଏହା ଜାଣି ।
ହେ ଭ୍ରାତୃଗଣ ଆଶିୟା ଦେଶରେ ଶକ୍ତିର ଅତିବାଦ ଓ ଅପରିମିତ ଯେଉଂ ୮
ଦୁଃଖର ଭାର ଆମ୍ଭମାନଙ୍କର ଉପରେ ପଡ଼ିଲା ତାହା ତୁମ୍ଭମାନଙ୍କୁ ଅଜଣା
ହେବାର ଆମ୍ଭେମାନେ ଇଚ୍ଛା ନ କରି । ତହିଁରେ ଆମ୍ଭମାନଙ୍କର ବର୍ଦ୍ଧି ଥିବାର ୯

ମାତ୍ର ହତଭରସା ହେଲା । ଏଣୁ ଆମ୍ଭେମାନେ ଯେମନ୍ତ ଆପଣାମାନଙ୍କର
ଉପରରେ ନିର୍ଭର ନ ରଖି ମଲାଲୋକଙ୍କର ଉତ୍ଥାନ କର୍ତ୍ତା ଯେ ଈଶ୍ୱର ତାହା
ଙ୍କର ଉପରରେ ନିର୍ଭର ରଖି ଏଥିନିମନ୍ତେ ଆପଣାମାନଙ୍କୁ ମୃତ୍ୟୁ ଆଜ୍ଞାରେ
୧୦ ଗ୍ରସ୍ତିତ ମଣିଲୁଁ । ଏମନ୍ତ ଭୟାନକ ମୃତ୍ୟୁରୁ ଯେ ଆମ୍ଭମାନଙ୍କୁ ରକ୍ଷା କରିଛନ୍ତି
ପୁଣି କରୁଛନ୍ତି ଆଉ ସେ ଯେ ଏହାର ଉତ୍ତାରୁ ଆମ୍ଭମାନଙ୍କୁ ରକ୍ଷା କରିବେ
୧୧ ଆମ୍ଭମାନଙ୍କର ଏମନ୍ତ ଭରସା ଅଛି । ପୁଣି ଅନେକର ଦ୍ୱାରା ଆମ୍ଭମାନଙ୍କୁ
ଯେଉଂ ଅନୁଗ୍ରହ ଦତ୍ତ ହୁଅଇ ତହିଂରେ ଅନେକେ ଯେମନ୍ତ ଈଶ୍ୱରର
ଧନ୍ୟବାଦ କରନ୍ତି ଏନିମନ୍ତେ ତୁମ୍ଭେମାନେ ପ୍ରାର୍ଥନାରେ ଆମ୍ଭମାନଙ୍କର ସହ
କାରୀ ହୁଅ ।

୧୨ ଆଉ ସାଂସାରିକ ବୁଦ୍ଧିରେ ନୋହେ ପୁଣି ଈଶ୍ୱରଙ୍କର ଅନୁଗ୍ରହେ ଆମ୍ଭେ
ମାନେ ଜଗତରେ ବିଶେଷତଃ ତୁମ୍ଭମାନଙ୍କର ପ୍ରତି ଅତି ଅକପଟ ଓ ସରଳ
ଆଚରଣ କରି ଆସୁଅଛୁଁ ଏଥିରେ ଯେ ଆମ୍ଭମାନଙ୍କର ମନ ସାକ୍ଷି ଅଛି ଏହି
୧୩ ଆମ୍ଭମାନଙ୍କର ଆନନ୍ଦର ବିଷୟ । ଆଉ ଯେଉଂ୨ କଥା ତୁମ୍ଭେମାନେ ପାଠ
କରୁଅଛ ଓ ଅଙ୍ଗୀକାର କରୁଅଛ ତାହା ବିନୁ ତୁମ୍ଭମାନଙ୍କର ପ୍ରତି ଆଉ
୧୪ କିଛି ନ ଲେଖୁଂ । ଯେମନ୍ତ ପ୍ରଭୁ ଯୀଶୁର ଦିନରେ ତୁମ୍ଭେମାନେ ଆମ୍ଭମାନ
ଙ୍କର ଆହ୍ଲାଦ ଜନକ ହୋଇବ ତେମନ୍ତ ଆମ୍ଭେମାନେ ତୁମ୍ଭମାନଙ୍କର ଆହ୍ଲାଦ
ଜନକ ହେଉଅଛୁଁ ଏହିକଥା ଆମ୍ଭମାନଙ୍କ ପ୍ରତି ତୁମ୍ଭେମାନେ ଅଂଶ କ୍ରମରେ
ଅଙ୍ଗୀକାର କରିଅଛ ପୁଣି ଆମ୍ଭେ ଅନୁମାନ କରି ଶେଷ ପର୍ଯ୍ୟନ୍ତେହେଂ
ଅଙ୍ଗୀକାର କରିବ ।

୧୫ ଆଉ ଏହି ଭରସାରେ ତୁମ୍ଭମାନଙ୍କର ନିକଟ ଦେଇ ମାକିଦୋନିୟା ଦେଶକୁ
ଯିବା ପୁଣି ସେଠାରୁ ଦ୍ୱିତୀୟଥର ତୁମ୍ଭମାନଙ୍କର ପାଖ ଦେଇ ଆସି ତୁମ୍ଭମା
୧୬ ନଙ୍କର ଦ୍ୱାରା ଆମ୍ଭକୁ ଯିହୁଦା ଦେଶର ବାଟରେ ଦେଖାଇ ଆଣିବାକୁ ହୁଅଇ
ଏପରି ତୁମ୍ଭମାନଙ୍କର ଦ୍ୱିତୀୟ ମଙ୍ଗଳର ନିମନ୍ତେ ପୂର୍ବରେ ତୁମ୍ଭମାନଙ୍କର
୧୭ କତିରେ ଯିବାକୁ ମନସ୍ଥ କରିଥିଲୁଁ । ଏମନ୍ତ ମନସ୍ଥ କରି ଆମ୍ଭେ କି ଚାଞ୍ଚଲ୍ୟ
ଉପରେ ବ୍ୟବହାର କରିଅଛୁଁ । ଅଥବା ଯେଉଂ କର୍ମ କରିବାକୁ ସ୍ଥିର କରି
ତାହା କି ସାଂସାରିକ ଭାବରେ ହାଁ ହାଁ ନା ନା କରି ସ୍ଥିର କରୁଁ । ତାହା
୧୮ ନୋହେ । ଈଶ୍ୱର ଯେମନ୍ତ ସତ୍ୟ ତେମନ୍ତ ତୁମ୍ଭମାନଙ୍କର ପ୍ରତି ଆମ୍ଭମାନଙ୍କର
୧୯ କଥିତ ଯେ ହାଁ ଓ ନାହିଁ ସେ ପ୍ରମାଣ ଥିଲା । ଯେହେତୁ ଯାହାଙ୍କର କଥା
ଆମ୍ଭମାନଙ୍କର ଦ୍ୱାରା ଅର୍ଥାତ୍ ଆମ୍ଭର ଓ ଶୀଲାର ଓ ତୀମଥିର ଦ୍ୱାରା ତୁମ୍ଭମାନ
ଙ୍କର ନିକଟରେ ପ୍ରଚାରିତ ହୋଇଅଛି ଏମନ୍ତ ଯେ ଈଶ୍ୱରଙ୍କର ପୁତ୍ର ଯୀଶୁ
ଖ୍ରୀଷ୍ଟ ତାହାଙ୍କର ବିଷୟରେ ଯେ ହାଁ ସେ ସଂଶୟ ଯୁକ୍ତ ନ ହୋଇ ଯଥାର୍ଥ

ହାଁ ଥିଲା । ଯେହେତୁ ଆମ୍ଭମାନଙ୍କର ଦ୍ୱାର ଈଶ୍ୱରଙ୍କର ମହିମା ଯେମନ୍ତ ୧୦
ପ୍ରକାଶ ପାଏ, ଏନମନ୍ତେ ଈଶ୍ୱରର ଯେଉ ପ୍ରତିଜ୍ଞା ବାକ୍ୟ ସେ ସବୁ ତାହା
ଙ୍କରେ ହାଁ ପୁଣି ତାହାଙ୍କରେ ସତ୍ୟ ହେଲା । ତୁମ୍ଭମାନଙ୍କୁ ଓ ଆମ୍ଭମାନଙ୍କୁ ୧୧
ଅଭିଷେକ କର ଖ୍ରୀଷ୍ଟରେ ସ୍ଥିର କରିଅଛନ୍ତି ଯେ ଈଶ୍ୱର ସେ ଆମ୍ଭମାନଙ୍କର ୧୨
ମନରେ ବଇନାସ୍ୱରୂପ ଧର୍ମଅଙ୍ଗୁ ଦେଇ ଆମ୍ଭମାନଙ୍କୁ ଚିହ୍ନିତ କରିଅଛନ୍ତି ।

ଆମ୍ଭେ କେବଳ ତୁମ୍ଭମାନଙ୍କର ପ୍ରତି ଦୟା କର ଏତେବେଳ ପର୍ଯ୍ୟନ୍ତ ୧୩
କରନ୍ଥ ନଗରକୁ ଯାଇ ନାହୁଁ ଏହା ଈଶ୍ୱରଙ୍କୁ ସାକ୍ଷୀ ମାନ ଆମ୍ଭେ ଆପଣା
ପ୍ରାଣର ପଣ କରିଅଛୁଁ । ତୁମ୍ଭମାନଙ୍କର ବିଶ୍ୱାସର ଉପରେ ଅମ୍ଭେମାନେ ୧୪
ପ୍ରଭୁତ୍ୱ କରୁ ନାହିଁ ତାହା ନୋହେ ପୁଣି ତୁମ୍ଭମାନଙ୍କର ଆନନ୍ଦର ସହାୟକାରୀ
ହୋଇ ଯେହେତୁ ବିଶ୍ୱାସରେ ତୁମ୍ଭମାନଙ୍କର ସ୍ଥିତି ହେଉଅଛ ।

୨ ପତ୍ର ।

ଆଉ ତୁମ୍ଭମାନଙ୍କୁ ଦୁଃଖ ଦେବାର ପାଁଇ ପୁନର୍ବାର ତୁମ୍ଭମାନଙ୍କର ନିକଟକୁ ୧
ଯିବା ନାହିଁ ଏହା ମନରେ ନିଶ୍ଚୟ କଲୁଁ । ଯେହେତୁ ଆମ୍ଭେ ଯେବେ ତୁମ୍ଭ ୨
ମାନଙ୍କୁ କ୍ଲେଶ ଦେଇ ତେବେ ଯେ ଆମ୍ଭଠାରୁ କ୍ଲେଶ ପାଏ ସେ ଜଣ ବିନ୍ନ
ଆମ୍ଭକୁ ଆଉ କେ ସୁଖ ଦେବାକୁ ପାରିବ । ଆମ୍ଭମାନଙ୍କର ଅଳ୍ପାଦ ହେଲେ ୩
ତୁମ୍ଭମାନଙ୍କର ସମସ୍ତର ଅଳ୍ପାଦ ହୋଇବା ବୋଲି ନିଶ୍ଚୟ ବୁଝିଲୁଁ ବଶୁକର
ଆମ୍ଭର ଉପସ୍ଥିତ ହେବା ସମୟରେ ଯେଉଁମାନଙ୍କର ଦ୍ୱାରା ଆମ୍ଭର ସୁଖ
ହେବାର ଉଚିତ ସେମାନଙ୍କଠାରୁ ଅବା ଆମ୍ଭର ଦୁଃଖ ଜନ୍ମିବ ଏହି ଉପରେ
ତୁମ୍ଭମାନଙ୍କୁ ଏମନ୍ତ ଚିଠାରେ ଲେଖିଅଛୁଁ । ଅର୍ଥାତ୍ ବହୁତ ବେଦନା ଓ ମନ ୪
ଦୁଃଖରେ ଅକ୍ଷାନ୍ତ ହୋଇ ବହୁତ ଅଶ୍ରୁପାତ କର ଏକ ଚିଠାରେ ଲେଖିଅଛୁଁ
ତାହା କଛ ତୁମ୍ଭମାନଙ୍କୁ ଦୁଃଖ ଦେବାର ପାଁଇ ଏମନ୍ତ ନୋହେ ପୁଣି ତୁମ୍ଭମା
ନଙ୍କର ପ୍ରତି ଆମ୍ଭର ପ୍ରେମର ଯେ ବାହୁଲ୍ୟ ତାହା ତୁମ୍ଭେମାନେ ଯେମନ୍ତ
ଜାଣିବ ଏହି ନମନ୍ତେ । ବଶୁ ଯେଉଁ ଜନ ଆମ୍ଭର ଶୋକର କାରଣ ହେଲା ଆମ୍ଭେ ୫
ଯେହେ ତାହାର ଉପରେ ଅଧିକ ଭାର ନ ଦେଇ ବୋଲି ସେ କେବଳ
ଆମ୍ଭକୁ ନୋହ ପ୍ରାୟ ତୁମ୍ଭ ସମସ୍ତଙ୍କୁ ଦୁଃଖ ଦେଇଅଛ । ସେ ଜଣକୁ ଅନେ ୬
କର ଦତ୍ତ ଯେଉଁ ଦଣ୍ଡ ସେହି ବହୁତ । ବରଞ୍ଚ ସେ ଯେମନ୍ତ ଅତିବାଦ ୭
ଦୁଃଖରେ ନ ବୁଡ଼ଇ ଏଥିପାଁଇ ତାହାକୁ କ୍ଷମା ଓ ସାନ୍ତ୍ୱନା କରିବାର ତୁମ୍ଭ
ମାନଙ୍କର କର୍ତ୍ତବ୍ୟ । ବଶୁକର ବିନୟ କର ବୋଲି ତୁମ୍ଭେମାନେ ତାହାର ୮
ସହିତ ପ୍ରଣୟ ସ୍ଥିର କର । ଆଉ ସବୁ କର୍ମରେ ତୁମ୍ଭେମାନେ ଆଜ୍ଞାକାରୀ
ହୋଇଅଛ କି ନାହିଁ ଏହାର ପ୍ରମାଣ ପାଇବାର ନମନ୍ତେ ତୁମ୍ଭମାନଙ୍କୁ ୯

୧୦ ଲେଖିଅଛୁଁ । ତୁମ୍ଭେମାନେ ଯାହାର ଯେଉଂ ଦୋଷ କ୍ଷମା କର ସେ ଦୋଷ
ଅମ୍ଭେହେଂ କ୍ଷମା କରି ଅମ୍ଭେ ଯେବେ କିଛି କ୍ଷମା କରି ଥାଉଂ ତେବେ ଖ୍ରୀଷ୍ଟର
୧୧ ପ୍ରତିନିଧି ହୋଇ ତୁମ୍ଭମାନଙ୍କର ନିମନ୍ତେ ତାହା କରି । ପୁଣି ଶୟତାନଠାରୁ
ଯେମନ୍ତ ଅମ୍ଭେମାନେ ବଞ୍ଚିତ ନୋହି ଏହି ନିମନ୍ତେ କରି ଯେଣୁ ତାହାର
କଳ୍ପଣା ଅମ୍ଭମାନଙ୍କର ଅଜ୍ଞାତସାର ନୋହେ ।
୧୨ ଅଉ ଖ୍ରୀଷ୍ଟର ସୁସମାଚାର ପ୍ରଚାର କରିବାର ପାଇଁ ତ୍ରୋୟା ନଗରକୁ
ଅଇଲା ଉତ୍ତାରେ ପ୍ରଭୁର ଦ୍ୱାରା ସୁଯୋଗରୂପ ଦ୍ୱାର ମୁକୁଳା ହୁଅନ୍ତେ ଅପଣା
୧୩ ଭାଇ ତୀତର ଦେଖା ନ ପାଇବାରୁଂ ଅମ୍ଭର ମନ ସ୍ଥିର ନୋହିଲା । ଏଣୁକରି
ସେମାନଙ୍କର ଶ୍ରମୁରୁ ମେଲାଣି ଘେନି ମାକିଦୋନିୟା ଦେଶକୁ ପ୍ରସ୍ଥାନ କଲୁଁ ।
୧୪ ଯେ ସର୍ବଦା ଖ୍ରୀଷ୍ଟଙ୍କ ଦ୍ୱାରା ଅମ୍ଭମାନଙ୍କର ଜୟୀ କାର କରାଉଅଛନ୍ତି ପୁଣି
ଅମ୍ଭମାନଙ୍କ ଦ୍ୱାରା ତାହାଙ୍କର ଜ୍ଞାନରୂପ ସୁଗନ୍ଧ ସର୍ବତ୍ର ପ୍ରକାଶ କରାଉଛନ୍ତି ଏମନ୍ତ
୧୫ ଯେ ଈଶ୍ୱର ସେ ଧନ୍ୟ । ଯେହେତୁରୁଂ ତ୍ରାଣର ପାତ୍ର କି ଦଣ୍ଡର ପାତ୍ର ବେ
ନିର ପ୍ରତି ଅମ୍ଭେମାନେ ଈଶ୍ୱରଙ୍କର ଦ୍ୱାରା ଖ୍ରୀଷ୍ଟର ଏକ ସୁବାସ ସ୍ୱରୂପ ହେଉ
୧୬ ଅଛୁଁ । ଏକର ପ୍ରତି ଅମ୍ଭେମାନେ ମୃତ୍ୟୁଦାୟକ ମୃତ୍ୟୁରୂପ ଗନ୍ଧ ଅଟୁଁ ଅନର
ପ୍ରତି ଅମ୍ଭେମାନେ ଜୀବନଦାୟକ ଜୀବନସ୍ୱରୂପ ଗନ୍ଧ ଅଟୁଁ ପୁଣି ଏମନ୍ତ କର୍ମ
୧୭ ସାଧନର ଉପଯୁକ୍ତ କେ ଅଛି । ଯେ ଅନେକ ଲୋକ ଈଶ୍ୱରର ବାକ୍ୟରେ
ଭାଁଜ ଦିଅନ୍ତି ଅମ୍ଭେମାନେ ତେମନ୍ତ ନୋହି ପୁଣି ଈଶ୍ୱରଙ୍କୁ ସାକ୍ଷାତ ମାନି
ଈଶ୍ୱରଙ୍କର ଅଜ୍ଞାନୁସାରେ ସରଳଭାବ ହୋଇ ଖ୍ରୀଷ୍ଟରେ କଥା କହି ।

## ୩ ପର୍ବ ।

୧ ଅମ୍ଭେମାନେ କି ଅପଣାମାନଙ୍କର ସୁଖ୍ୟାତି କରିବାକୁ ପୁନର୍ବାର ଅରମ୍ଭ
କରିବା ପୁଣି ଅନ ଲୋକଙ୍କର ପ୍ରାୟେ ତୁମ୍ଭମାନଙ୍କର ପ୍ରତି ଅବା ତୁମ୍ଭମାନ
୨ ଙ୍କର କତିରୁ ଅମ୍ଭମାନଙ୍କର କି ସୁଖ୍ୟାତି ଚିଠାଉ ପ୍ରୟୋଜନ ଅଛି । ତୁମ୍ଭ
ଅନ୍ତଃକରଣରେ ଲେଖିତ ପୁଣି ସବୁ ମନୁଷ୍ୟଙ୍କର ଦ୍ୱାରା ପଢ଼ା ଓ ଜଣା ଅମ୍ଭ
୩ ମାନଙ୍କର ଚିଠାଉ ସ୍ୱରୂପ ତୁମ୍ଭେମାନେଇ ଅଟ । ସେହି ଚିଠାଉ କାଳୀ କଲ
ମରେ ଲେଖିତ ଏମନ୍ତ ନୋହେ ପୁଣି ଅମର ଈଶ୍ୱରର ଆତ୍ମ ଦ୍ୱାରା ଲେ
ଖିତ ପୁଣି ପଥର ପଟାରେ ଖୋଳା ନୋହି ମାଂସସ୍ୱରୂପ ହୃଦୟ ପଟାରେ
ଖୋଳା ହୋଇଅଛି ଏଣୁକରି ତୁମ୍ଭେମାନେ ଅମ୍ଭମାନଙ୍କର ସେବାରେ କୃତ
ଖ୍ରୀଷ୍ଟର ଚିଠାଉସ୍ୱରୂପ ଏହା ନିତାନ୍ତ ପ୍ରକାଶ ହେଉଅଛି ।
୪ ଖ୍ରୀଷ୍ଟ ଦ୍ୱାରା ଈଶ୍ୱରଙ୍କର ପ୍ରତି ଅମ୍ଭମାନଙ୍କର ଏହି ପ୍ରକାର ଦୃଢ଼ ବିଶ୍ୱାସ
୫ ଅଛି ନୋହିଲେ ଅମ୍ଭେମାନେ ଯେ ଅପଣାରୁ କିଛି ମୀମାଂସା କରିବାକୁ ପାରି

ଏମନ୍ତ ଯୋଗ୍ୟ କୋହ ମାଣି ଈଶ୍ୱରଙ୍କ ଦ୍ୱାରା ଆମ୍ଭେମାନେ ଯୋଗ୍ୟବନ୍ତ
ଅଟୁଁ । ଆଉ ସେ ଆମ୍ଭମାନଙ୍କୁ ଅକ୍ଷର ସେବକ କୋହ ଆତ୍ମାର ନୂଆ ନୟମ ୬
ର ଯୋଗ୍ୟବନ୍ତ ସେବକ କରଅଛନ୍ତି ଯେହେତୁ ଅକ୍ଷର ମୃତ୍ୟୁଦାୟକ
ପୁଣି ଆତ୍ମା ଜୀବନ ଉତ୍ପାଦକ । ଯଦି ପଥରରେ ଖୋଲା ମୃତ୍ୟୁ ଦାୟକ ପ୍ରସ ୭
ଙ୍ଗର ସେବା ଏମନ୍ତ ତେଜସ୍ୱୀ ହୋଇଲା ଯେ ଇଶ୍ରାୟେଲ ଲୋକମାନେ ସେହ
ଅଚିରସ୍ଥାୟୀ ତେଜ ହେତୁରୁ ମୋଶାର ମୁଖରେ ସ୍ଥିର ଦୃଷ୍ଟି କରି ନ ପାର
ଲେ ତେବେ ତାହାଠାରୁ ଆତ୍ମା ପ୍ରସଙ୍ଗର ସେବା କି ଅଧିକ ତେଜସ୍ୱୀ ନୋ ୮
ହିବ । ଯେହେତୁ ଦଣ୍ଡାଜ୍ଞା ସେବାର ଯେଉଁ ତେଜ ତାହାଠାରୁ ଧର୍ମ୍ମପଣ ୯
ସେବାର ତେଜ କି ଅଧିକ ନୋହିବ । ଏହେତୁ ଆହୁରି ଉତ୍ତମ ତେଜର ୧୦
ସହିତ ଘୁଲଣା ଦେବାକୁ ଗଲେ ଯେ ତେଜସ୍ୱୀ ହୋଇ ଥିଲା ସେ ନସ୍ତେଜ
ହୁଅଇ । ଯାହା ଲୋପ ହୁଅଇ ତାହା ଯେବେ ତେଜବନ୍ତ ହୋଇଲା ତେବେ ୧୧
ଯାହା ଚିରସ୍ଥାୟି ଅବଶ୍ୟ ତାହାର ଅଧିକ ତେଜବନ୍ତ ହୋଇବ ।

ଏହି ପ୍ରକାର ଭରସା ଥିବାରୁ ଅମ୍ଭେମାନେ ଅତି ସାହସ କରି ସବୁ ୧୨
କଥା କୋଇ । ଇଶ୍ରାୟେଲର ଲୋକମାନେ ଯେହେ ସେହି ଅଚିରସ୍ଥାୟି ୧୩
ତେଜର ଚରମ ଦୃଷ୍ଟି କରିବାକୁ ନ ପାରନ୍ତି ଏହେତୁ ମୋଶା ଯେମନ୍ତ
ଆପଣା ମୁଖରେ ଘୁମୁଟା ରଖିଲା ଅମ୍ଭେମାନେ ତେମନ୍ତ ନ କରୁ । ସେମାନଙ୍କର ୧୪
ମନ ଅନ୍ଧାରଗ୍ରସ୍ତ ହୋଇଲା ଯେହେତୁ ସେହି ପୁରୁଣା ନୟମର ପ୍ରସଙ୍ଗ ପାଠ
କରିବାକୁ ଗଲେ ଆଜି ଯାଏ ସେହି ଘୁମୁଟା ଥାଏ । ଖ୍ରୀଷ୍ଟରେ ତାହାର ୧୫
ଲୋପ ହୋଇଅଛି ଏହା ନ ଜାଣିବାରୁ ଆଜି ଯାଏ ମୋଶାର ଗ୍ରନ୍ଥ ପାଠ
କରିବା ସମୟରେ ସେହି ଘୁମୁଟାରେ ସେମାନଙ୍କ ମନ ଆଚ୍ଛାଦିତ ହୋଇ ।
ପୁଣି ପ୍ରଭୁର ପ୍ରତି ମନ ଫେରିଲେ ସେହି ଘୁମୁଟା ଦୂରୀକୃତ ହେବ । ଯେ ୧୭
ହେତୁ ପ୍ରଭୁ ଆତ୍ମା ଅଟନ୍ତି ଆଉ ପ୍ରଭୁର ଆତ୍ମା ଯେଉଁ ସ୍ଥାନରେ ସେହି ସ୍ଥାନ ୧୭
ରେ ମୁକ୍ତି । ଆମ୍ଭେମାନେ ସମସ୍ତେ ଅନାଚ୍ଛାଦିତ ମୁଖ ହୋଇ ଦର୍ପଣରେ ୧୮
ଯେମନ୍ତ ତେମନ୍ତ ପ୍ରଭୁର ତେଜକୁ ଅନାଇ ପ୍ରଭୁର ଆତ୍ମା ଦ୍ୱାରା କ୍ରମଶଃ
ଆହୁରି ତେଜ ଧର ସେ ମୂର୍ତ୍ତି ପ୍ରମାଣେ ରୂପାନ୍ତର ହୋଇ ।

## ୪ ପତ୍ର ।

ଏଣୁ ଆମ୍ଭେମାନେ କରୁଣା ପ୍ରାପ୍ତ ହୋଇ ଏହି ଯେ ସେବକ ପଦ ପାଇ ୧
ଅଛୁଁ ଏଥିରେ କ୍ଳାନ୍ତ ନୋହୁଁ । ପୁଣି ଲଜ୍ଜାକର ଗୁପ୍ତ ବିଷୟ ପରିତ୍ୟାଗ କରି ୨
କୁଟିଳ ଆଚରଣ ନ କରି ଈଶ୍ୱରଙ୍କର ବାକ୍ୟ ଛନ୍ଦ କରି ନ ପ୍ରଚାର ମାଣି ଈଶ୍ୱ
ରଙ୍କୁ ସାକ୍ଷାତ ମାନ ସତ୍ୟତା ପ୍ରକାଶ ଦ୍ୱାରା ପ୍ରତ୍ୟେକ ଜଣର ସ୍ୱମନର ଗୋଚ

୩ ରରେ ଆପଣାମାନଙ୍କୁ ପ୍ରତିଷ୍ଠା କର । ଏଣୁ ଆମ୍ଭମାନଙ୍କର ପ୍ରକାଶିତ ସଙ୍ଗଳ
ସମାଗ୍ଭର ଯେବେ କାହାର ପ୍ରତି ଅଚ୍ଛାଦିତ ତେବେ ଏ ।ଶଖ୍ଭନମାନଙ୍କର କତ
୪ ରେ ତାହା ଆଚ୍ଛାଦିତ ହୁଅଇ । ଈଶ୍ୱରର ପ୍ରତିମୂର୍ତ୍ତି ଯେ ଖ୍ରୀଷ୍ଟ ତାହାଙ୍କ ତେଜୋ
ମୟ ସୁସମାଗ୍ଭରର ଆଲୁଅ ଯେମନ୍ତ ଏପର ଲୋକଙ୍କଠାରେ ପ୍ରକାଶ ନ ପାଏ,
ଏଥିନମନ୍ତେ ଏହ ଜଗତପତି ଅବଶ୍ୱାସିମାନଙ୍କର ମନକୁ ଅନ୍ଧ କରଅଛ ।
୫ ଆମ୍ଭେମାନେ ନଜର ପ୍ରସଙ୍ଗ ଘୋଷଣା ନ କର ଖ୍ରୀଷ୍ଟ ଯୀଶୁ ଯେ ପ୍ରଭୁ ପୁଣି
ଯୀଶୁର ଲାଗି ଆମ୍ଭେମାନେ ତୁମ୍ଭମାନଙ୍କର ସେବକ ଏହ ପ୍ରସଙ୍ଗ ଘୋଷଣା
୬ କର । ଯେହେତୁ ଅନ୍ଧାରରୁ ଆଲୁଅ ପ୍ରକାଶ ହେବାକୁ ଆଜ୍ଞା ଦେଇ ଥିଲେ
ଯେ ଈଶ୍ୱର ସେ ଯୀଶୁ ଖ୍ରୀଷ୍ଟର ମୁଖରେ ଈଶ୍ୱରର ମହମାଯୁକ୍ତ ତେଜସ୍ୱପ
ଜ୍ଞାନ ଦେବା ପାଇଁ ଆମ୍ଭମାନଙ୍କର ଅନ୍ତଃକରଣରେ ଆଲୁଅ ପ୍ରକାଶ କରଛନ୍ତି ।
୭ ଅତଏବ ଆମ୍ଭେମାନେ ଏହ ଧନ ମାଟି ପାତ୍ରରେ ଧର ରଖି ଉହାଁରେ ପଗ
ଜ୍ଞମର ପ୍ରଭାବ ଆମ୍ଭ ନଜର ନୋହେ ଈଶ୍ୱରଙ୍କଠାରୁ ହୁଅଇ । ଆମ୍ଭେମାନେ
୮ ସବେ କ୍ଲେଶଯୁକ୍ତ ହୋଇହଁ ବ୍ୟସ୍ତ ନୋହୁ । ଗ୍ଭରଆଡେ ଘେରଉ ହୋଇହଁ
୯ ନଗ୍ଭଶ ନୋହୁଁ । ତାଡଣା ପ୍ରାପ୍ତ ହୋଇହଁ ଅନାଥ ନୋହୁ । ଅଧଃପତିତ
୧୦ ହୋଇହଁ ନଷ୍ଟ ନୋହୁ । ଯୀଶୁର ଜୀବନ ଧରବାର ଆମ୍ଭମାନଙ୍କର ଏହ ଦେ
ହରେ ଯେମନ୍ତ ପ୍ରକାଶ ହୋଏ ଏନମନ୍ତେ ପ୍ରଭୁ ଯୀଶୁର ପ୍ରାଣେ ଆମ୍ଭେ
୧୧ ମାନେ ନତ୍ୟ ମୃତ୍ୟୁଭୋଗେ ଭ୍ରମଣ କରୁଅଛୁଁ । ଯୀଶୁର ଜୀବନ ଧରବାର
ଆମ୍ଭମାନଙ୍କର ଏହ ମର୍ତ୍ତ୍ୟ ଦେହରେ ଯେମନ୍ତ ପ୍ରକାଶ ହୋଏ ଏଥିନମନ୍ତେ
ଆମ୍ଭେମାନେ ଜୀବନ୍ତ ଥାଇ ପ୍ରତିଦନ ଯୀଶୁର ନମନ୍ତେ ମରଣରେ ଅକ୍ରାନ୍ତ
୧୨ ହୋଇ ; ଏରୂପେ ଆମ୍ଭେମାନେ ମୃତ୍ୟୁଗସ୍ତ ହେଉଅଛୁଁ ପୁଣି ତୁମ୍ଭେମାନେ
ଜୀବନ ପ୍ରାପ୍ତ ହେଉଅଛ ।
୧୩ ଆମ୍ଭେ ବଶ୍ୱାସ କରିବାରୁ କଥା ବୋଇଲୁଁ ଏହ ଶାସ୍ତ୍ରୋକ୍ତବାକ୍ୟ ଅଛ
ସେହ ପ୍ରକାର ଆମ୍ଭେମାନେହେଁ ବଶ୍ୱାସଜନକ ଆତ୍ମା ପାଇ ବଶ୍ୱାସ କର ଏଣୁ
୧୪ କଥା କହୁଅଛୁଁ । ଯେ ପ୍ରଭୁ ଯୀଶୁଙ୍କୁ ଉତ୍ଥାନ କରାଇଅଛନ୍ତି ସେ ଯୀଶୁ
ଦ୍ୱାରା ଆମ୍ଭମାନଙ୍କୁ ଉଠାଇ ଅପଣା ସାକ୍ଷାତରେ ତୁମ୍ଭମାନଙ୍କର ସହତ ଆମ୍ଭ
୧୫ ମାନଙ୍କୁ ଉପସ୍ଥିତ କରିବେ ବୋ ଆମ୍ଭେମାନେ ଜାଣି । ଏହେତୁ ତୁମ୍ଭମାନ
ଙ୍କର ହତର ପାଇଁ ସବୁ ହେଉଅଛ ଉହାଁରେ ବାହୁଲ୍ୟରୂପ ଅନୁଗ୍ରହ ପାଇ
ବାରୁ ଅନେକ ଲୋକର ଧନ୍ୟବାଦ କରିବାରେ ଈଶ୍ୱରଙ୍କର ମହମା ବାହୁ
୧୬ ଲ୍ୟରୂପେ ପ୍ରକାଶ ହୋଏ । ଏହ ନମନ୍ତେ ଆମ୍ଭେମାନେ କ୍ଲାନ୍ତ ହେଉ
ନାହୁଁ ପୁଣି ଆମ୍ଭମାନଙ୍କର ବାହ୍ୟ ପୁରୁଷ ଯେବେ କ୍ଷୟ ପାଏ ତେବେ
୧୭ ହେଁ ଆମ୍ଭମାନଙ୍କର ଅନ୍ତରସ୍ଥ ପୁରୁଷ ଦନକୁଦନ ଶକ୍ତି ପାଉଅଛ । ଆମ୍ଭ

ମାନକଂର ଏହି ଯେ କ୍ଷଣକାଲ ସ୍ଥାୟି ହାଲୁକା ଦୁଃଖ ସେ ବାହୁଲ୍ୟରୂପରେ
ଆମ୍ଭମାନଙ୍କର ଅନନ୍ତକାଲ ସ୍ଥାୟି ଗୁରୁତର ସୁଖର ସାଧନ କରୁଅଛି । ୧୮
ରେ ଆମ୍ଭେମାନେ ପ୍ରତ୍ୟକ୍ଷ ବସ୍ତୁ ଦୃଷ୍ଟିରେ ନ ରଖି ଅପ୍ରତ୍ୟକ୍ଷ ବସ୍ତୁ ଦୃଷ୍ଟିରେ
ରଖି ଯେହେତୁ ଯେଉଁ ବସ୍ତୁ ପ୍ରତ୍ୟକ୍ଷ ସେ କ୍ଷଣକାଲ ସ୍ଥାୟି ପୁଣି ଯେଉଁ
ବସ୍ତୁ ଅପ୍ରତ୍ୟକ୍ଷ ସେ ଅନନ୍ତ କାଲ ସ୍ଥାୟି ।

୫ ପତ୍ର ।

ଅତ୍ର ଆମ୍ଭମାନଙ୍କର ଏହି ତାମ୍ବୁରୂପ ପାର୍ଥିବ ଗୃହ ଭାଙ୍ଗିଗଲେ ଈଶ୍ୱର ୧
ନର୍ମ୍ମିତ ଅହସ୍ତକୃତ ଆମ୍ଭମାନଙ୍କର ଏକ ଅନନ୍ତ କାଲସ୍ଥାୟି ଗୃହ ସ୍ୱର୍ଗରେ
ଅଛି ଏହା ଆମ୍ଭେମାନେ ଜାଣି । ଯେଣୁ ଏ ଗୃହରେ ଥାଉଁ ଆମ୍ଭେମାନେ ୨
କାତର ହୋଇ ସେହି ସ୍ୱର୍ଗସ୍ଥ ଗୃହରେ ଅଚ୍ଛାଦିତ ହେବାକୁ ଅତି ବାଞ୍ଛା କରୁ
ଅଛୁଁ ଏମନ୍ତ ଅଚ୍ଛାଦିତ ହୋଇଲେ ଆମ୍ଭେମାନେ ଉଲଙ୍ଗ ଦେଖା ନ ଯିବା । ୩
ଆମ୍ଭେମାନେ ଏହି ତାମ୍ବୁରେ ବାସ କରୁ ଭାରଗ୍ରସ୍ତ ହେବାରୁ କାତରୋକ୍ତି କରୁ ୪
ଅଛୁଁ । ଆମ୍ଭେମାନେ ଯେ ଅଚ୍ଛାଦନ ବର୍ଜ୍ଜିତ ହେବାକୁ ଗୃହି ତାହା ନୋହେ
ପୁଣି ଅଚ୍ଛାଦନ ପ୍ରାପ୍ତ ହେବାକୁ ଗୃହି ତହିଁରେ ମୃତ୍ୟୁ ଜୀବନରେ ଗ୍ରାସ ହୋଇ
ଯିବ । ଅତ୍ର ଏପ୍ରକାର ଅବସ୍ଥା ନମନ୍ତେ ଆମ୍ଭମାନଙ୍କୁ ପ୍ରସ୍ତୁତକାରୀ ଯେ ଈଶ୍ୱର ୫
ସେ ବଇନା ସ୍ୱରୂପ ଆପଣାର ଆତ୍ମା ଆମ୍ଭମାନଙ୍କୁ ଦେଇଅଛନ୍ତି । ଏହି ଦେ ୬
ହରେ ଯେତେ ଦିନ ପ୍ରବାସୀ ରହି ତେତେ ଦିନ ପ୍ରଭୁଠାରେ ନବାସୀ ନୋହି ୭
ଏହା ଜାଣିବାରୁ ଆମ୍ଭେମାନେ ସଦ୍ଦା ସାହସୀ ହୋଇ ଯେଣୁ ଆମ୍ଭେ
ମାନେ ଦୃଷ୍ଟିରେ ଆଚରଣ ନ କର ବଶ୍ୱାସରେ ଆଚରଣ କରୁ । ପୁଣି ଦେ ୮
ହରେ ପ୍ରବାସ ଶ୍ଚତ ପ୍ରଭୁଠାରେ ନବାସ କରିବାକୁ ବରଞ୍ଚ ଭଲ ମଣି ଆମ୍ଭେ
ମାନେ ସାହସୀ ହୋଇ ଥାଉ । ବଣୁକରି ଏଠାରେ ରହି କଅବା ଏଠାକୁ ଶ୍ଚତ ୯
ଥାହାକଂଠାରେ ଆମ୍ଭେମାନେ ଯେମନ୍ତ ଗ୍ରାହ୍ୟ ହୋଇ ଏଥିରେ ଯତ୍ନ କରୁ । ଯେ ୧୦
ହେତୁ ପ୍ରତ୍ୟେକ ଜଣ ଆପଣା ଦେହରେ କୃତକର୍ମ ଭଲ ଅବା ମନ୍ଦ ହେଉ
ତାହାର ଫଳାଫଳ ପାଇବାର ନମନ୍ତେ ଖ୍ରୀଷ୍ଟର ବଶ୍ୱାସନର ଶ୍ଚମୁରେ ଆମ୍ଭ ସମ
ସ୍ତଙ୍କୁ ଉପସ୍ଥିତ ହେବାକୁ ହେବ । ଏହେତୁ ପ୍ରଭୁର ଭୟ ବଷୟ ଜାଣି ଆମ୍ଭେ ୧୧
ମାନେ ମନୁଷ୍ୟମାନଙ୍କୁ ମଣାଉ । ଅତ୍ର ଆମ୍ଭେମାନେ ଈଶ୍ୱରର ଗୋଚରରେ
ପ୍ରକାଶିତ ଅଛୁଁ ପୁଣି ଅନୁମାନ କର ତୁମ୍ଭମାନଙ୍କର ସ୍ୱମନରେହେଁ ପ୍ରକା
ଶିତ ଅଛୁଁ । ଆମ୍ଭେମାନେ ଯେ ତୁମ୍ଭମାନଙ୍କର କଉରେ ପୁନର୍ବାର ଆପଣା ୧୨
ମାନକଂର ସୁଖ୍ୟାତ କରୁଅଛୁଁ ତାହା ନୋହେ । ପୁଣି ଯେଉଁମାନେ ମନର
କଥା ଛଡା ମୌଖିକ କଥା ମାତ୍ରରେ ଦର୍ପ କରନ୍ତି ସେମାନଙ୍କର କଥାର

ପ୍ରତ୍ୟୁତ୍ତର କରିବାର ଓ ଆମ୍ଭମାନଙ୍କ ର ବିଷୟରେ ଦର୍ପର ହେତୁ କରିବାର
୧୩ ଉପାୟ ଜଣାଉଅଛୁଁ । ଆମ୍ଭେମାନେ ଯେବେ ହତଜ୍ଞାନ ହୋଇ ଥେବେ ସେ
ଈଶ୍ୱରର ନମନ୍ତେ ଅବର ଯେବେ ସଜ୍ଞାନ ହୋଇ ଥେବେ ସେ ତୁମ୍ଭମାନଙ୍କର
୧୪ ନମନ୍ତେ । ଆମ୍ଭେମାନେ ଖ୍ରୀଷ୍ଟର ପ୍ରେମରେ ଆକ୍ରାନ୍ତ ହୋଇ ଯେହେତୁ ଜଣେ
ଯଦ୍ୟପି ସମସ୍ତଙ୍କର ନମନ୍ତେ ମଲେ ଥେବେ ସମସ୍ତେ ମୃତ ହେଲେ ଏହା ଆମ୍ଭେ
୧୫ ମାନେ ବିଚାର କର ଆଉ ଯେଉଁମାନେ ସଜୀବ ହୁଅନ୍ତି ସେମାନେ ଅପଣା
ମାନଙ୍କର ନମନ୍ତେ ଆଉ ନ ବଞ୍ଚି ଯେ ସେମାନଙ୍କର ନମନ୍ତେ ମଲେ ଓ ପୁନଶ୍ଚ
ଉଠିଲେ ତାହାଙ୍କର ନମନ୍ତେ ଯେମନ୍ତ ବଞ୍ଚନ୍ତି ଏଥିପାଇଁ ସେ ସମସ୍ତଙ୍କର ନମ
୧୬ ନ୍ତେ ମଲେ । ଏଣୁ ଏଉତ୍ତର କୁଳ ଅନୁସାରେ କାହାକୁହିଁ ନ ମାନୁଁ ଯେବେ
ପୂର୍ବରେ ଖ୍ରୀଷ୍ଟକୁ କୁଳର ଅନୁସାରେ ମାନଅଛୁଁ ତେବେହେଁ ଅଜ୍ଞଠାରୁ ଅଉ
୧୭ ମାନବା ନାହିଁ । କେହି ଯେବେ ଖ୍ରୀଷ୍ଟରେ ଅଛି ତେବେ ସେ ନୂଆ ସୃଷ୍ଟି
ସ୍ୱରୂପ ହୋଇଥି ତାହାର ପୁରୁଣା ବିଷୟ ଲୁପ୍ତ ହୋଇଥି ଦେଖ ସବୁ ନୂଆ
୧୮ ହୋଇଅଛୁ । ପୁଣି ଯୀଶୁ ଖ୍ରୀଷ୍ଟ ଦ୍ୱାରା ଅପଣାର ସଙ୍ଗରେ ଆମ୍ଭମାନଙ୍କର
ମିଳନ କର ଏହି ସଂମିଳନର ସେବକ ପଦ ଆମ୍ଭମାନଙ୍କଠାରେ ଦେଇଅଛନ୍ତି
୧୯ ଯେ ଈଶ୍ୱର ସେ ଏହି ସବୁ ସାଧନା କରିଅଛନ୍ତି । ଏହି ପ୍ରକାର ଈଶ୍ୱର
ଜଗତ ଜନର ଅପରାଧ ଗଣନା ନ କର ଖ୍ରୀଷ୍ଟରେ ଅପଣାର ସହିତ ସେମାନ
ଙ୍କର ମିଳନ କରିଅଛନ୍ତି ପୁଣି ସେହି ସଂମିଳନର କଥା ଆମ୍ଭମାନଙ୍କଠାରେ
୨୦ ସମର୍ପି ଦେଇଅଛନ୍ତି । ଏଣୁକର ଆମ୍ଭେମାନେ ଖ୍ରୀଷ୍ଟର ନମନ୍ତେ ପ୍ରତିନଧି ସ୍ୱରୂପ
ହେଉଅଛୁଁ ଯେପର ଈଶ୍ୱର ଆମ୍ଭମାନଙ୍କର ଦ୍ୱାରା ତୁମ୍ଭମାନଙ୍କୁ ମଗାନ୍ତି
ତେମନ୍ତ ଖ୍ରୀଷ୍ଟର ବଦଲରେ ତୁମ୍ଭମାନଙ୍କୁ ଏହି ମିନତି କର ତୁମ୍ଭେମାନେ
୨୧ ଈଶ୍ୱରଙ୍କର ସହିତ ମିଳିତ ହୁଅ । ଯେହେତୁ ଆମ୍ଭେମାନେ ଯେମନ୍ତ ଖ୍ରୀଷ୍ଟରେ
ଈଶ୍ୱରଦତ୍ତ ଧର୍ମସ୍ୱରୂପ ହୋଇ ଏଥିପାଇଁ ଯେ କୌଣସି ପାପରେ ଭାସ୍ତିତ ନ
ଥିଲା ତାହାଙ୍କୁ ସେ ପାପସ୍ୱରୂପ କରିଅଛନ୍ତି ।

୬ ପତ୍ର ।

୧ ଏଣୁ ଈଶ୍ୱରଙ୍କର ଅନୁଗ୍ରହ ବ୍ୟର୍ଥ କର ଗ୍ରହଣ ନ କର ଆମ୍ଭେମାନେ ତାହା
୨ ଙ୍କର ସହକାରୀ ହୋଇ ତୁମ୍ଭମାନଙ୍କୁ ଏହି ମିନତି କରୁଁ । ଯେହେତୁ ସେ
ବୋଲନ୍ତି ଆମ୍ଭେ ଶୁଭ ସମୟରେ ତୁମ୍ଭର ପ୍ରାର୍ଥନା ଶୁଣିବା ପୁଣି ପରିତ୍ରାଣର
ଦିନରେ ତୁମ୍ଭର ଉପକାର କରିବା । ଦେଖ ଏବେ ଶୁଭ ସମୟ ଦେଖ ଏବେ
୩ ପରିତ୍ରାଣର ଦିନ ଅଟଇ । ଏହି ସେବକ ପଦ ଯେମନ୍ତ ନିନ୍ଦିତ ନ ହୁଅଇ ଏନ
୪ ମନ୍ତେ କୌଣସି ବିଷୟରେ ବିଘ୍ନ ନ ଜନ୍ମାଇ ବରଞ୍ଚ ବହୁତ ସହିବାରେ

କ୍ଲେଶରେ ଦୁଃଦ୍ରପଣରେ ବପଦରେ ପ୍ରହାରରେ କାରାଗାରର ବନ୍ଧନରେ ଜଲ ୫
ହରେ ପରିଶ୍ରମରେ ଜାଗରଣରେ ଉପବାସରେ ଅନ୍ତର ନର୍ମଲତାଦ୍ୱାରା ଜ୍ଞାନ ୬
ଦ୍ୱାରା ଚିରସହିଷ୍ଣୁତାଦ୍ୱାରା ଦୟାଦ୍ୱାରା ଧର୍ମଅଗ୍ଦ୍ୱାରା ଅକପଟପ୍ରେମଦ୍ୱାରା ସତ୍ୟ
ବାକ୍ୟଦ୍ୱାରା ଈଶ୍ୱରର ପରାକ୍ରମଦ୍ୱାରା ଦକ୍ଷିଣ ବାମରେ ଧର୍ମରୂପ ଅସ୍ତ୍ର ଶସ୍ତ୍ରରେ ୭
ସୁସଜ୍ଜଦ୍ୱାରା ସନ୍ମାନ ଅସନ୍ମାନ ଦ୍ୱାରା କୁଯଶ ସୁଯଶ ଦ୍ୱାରା ଆଉ କପଟିର ୮
ପ୍ରାୟେ ମାଣ ସତ୍ୟବାଦୀ ଅପରିଚିତର ପ୍ରାୟେ ମାଣ ସୁପରିଚିତ ମଲ୍ଲର ୯
ପ୍ରାୟେ ମାଣ ଦେଖ ଆମ୍ଭେମାନେ ଜୀବନ୍ତ ଶାସ୍ତି ପ୍ରାପ୍ତର ପ୍ରାୟେ ମାଣ ଅବନଣ୍ଣ
ଦୁଃଖିତର ପ୍ରାୟେ ମାଣ ସଦାକା ଆନନ୍ଦନ ଦୀନହୀନର ପ୍ରାୟେ ମାଣ ଅନେ ୧୦
କର ପ୍ରଭୁ ଧନଦାୟକ ଅଳଙ୍କାରର ପ୍ରାୟେ ମାଣ ସଦାଧିକାରୀ ଏହି ସମସ୍ତରେ
ଆପଣାମାନଙ୍କୁ ଈଶ୍ୱରଙ୍କର ସେବକ ଲେଖକ ପ୍ରତିପନ୍ନ କରୁଁଥାଇ ।

ହେ କରନ୍ଥୀୟ ସମସ୍ତ ଆମ୍ଭମାନଙ୍କର ମୁଖ ମେଲ୍ଲ ହୋଇ ଆମ୍ଭମାନଙ୍କର ୧୧
ପ୍ରଫୁଲ୍ଲ ଚିତ୍ତ ହୋଇଅଛୁ । ଆମ୍ଭମାନଙ୍କ ପ୍ରତି ତୁମ୍ଭମାନଙ୍କର ମନ ପ୍ରଫୁଲ୍ଲ ୧୨
ନୋହଲେହେଁ ତୁମ୍ଭମାନଙ୍କ ପ୍ରତି ଆମ୍ଭମାନଙ୍କର ମନ ପ୍ରଫୁଲ୍ଲ ଅଛୁ । ଏବେହେଁ ୧୩
ଏହି ପ୍ରେମ ପରିଶୋଧର ବମନ୍ତେ ଆମ୍ଭେ ନିଜ ବାଲକଗଣଙ୍କୁ ଯେମନ୍ତ ତେମନ୍ତ
କହି ତୁମ୍ଭମାନଙ୍କରହିଁ ମନ ସେହି ପ୍ରକାର ପ୍ରଫୁଲ୍ଲ ହେଉ ।

ଅପ୍ରତ୍ୟୟୀମାନଙ୍କର ସହିତ ଅସମାନରୂପେ ଯୋଗୀ ନ ଯାଅ ଯେହେତୁ ୧୪
ଧର୍ମ ପୁଣି ଅଧର୍ମ ଏଦୁଇରେ କି ମିଳଣ ଅଛୁ । ଅନ୍ଧାରର ସହିତ ଦୀପ୍ତିର ଅବା
କି ସମ୍ବନ୍ଧ ଅଛୁ । ପୁଣି ବଆଲଦେବର ସହିତ ଖ୍ରୀଷ୍ଟର କି ବନ୍ଧୁପଣ । ଅବା ୧୫
ଅବଶ୍ୱାସିର ସହିତ ବଶ୍ୱାସି ଲୋକର କି ଭାଗ । ପୁଣି ଈଶ୍ୱରର ମନ୍ଦିରରେ ୧୬
ଅବା ପ୍ରତିମାର କି ସମ୍ପର୍କ । ତୁମ୍ଭେମାନେ ଅମର ଈଶ୍ୱରଙ୍କର ମନ୍ଦିରସ୍ୱରୂପ
ହୋଇଅଛ ଯେମନ୍ତ ଈଶ୍ୱର ବୋଲିଅଛନ୍ତି ଅମ୍ଭେ ସେମାନଙ୍କର ମଧ୍ୟରେ
ବାସ କରି ସେମାନଙ୍କର ମଧ୍ୟରେ ଗମନାଗମନ କରିବା ଅମ୍ଭେ ସେମାନଙ୍କର
ଈଶ୍ୱର ହୋଇବା ସେମାନେ ଅମ୍ଭର ଲୋକ ହୋଇବେ । ଆଉ ପରମେଶ୍ୱର ୧୭
ବୋଲୁଅଛନ୍ତି ତୁମ୍ଭେମାନେ ସେମାନଙ୍କର ମଧ୍ୟରୁ ଅସି ଅଲଗା ହୁଅ ପୁଣି
କୌଣସି ଅଶୁଚି ବସ୍ତୁ ନ ଛୁଁଅ ତହିଁରେ ସର୍ବଶକ୍ତିମାନ୍ ପରମେଶ୍ୱର ବୋଲୁ ୧୮
ଅଛନ୍ତି ଆମ୍ଭେ ତୁମ୍ଭମାନଙ୍କୁ ଗ୍ରାହ୍ୟ କରିବା ଓ ତୁମ୍ଭମାନଙ୍କର ପିତା ହେବା
ପୁଣି ତୁମ୍ଭେମାନେ ଅମ୍ଭର ପୁତ୍ର କନ୍ୟା ହୋଇବ । ସର୍ବଶକ୍ତିମାନ ହେ ପ୍ରିୟତମ ୭ ୧
ମନୁଷ୍ୟମାନେ ଈଶ୍ୱରଙ୍କର ଏହି ପ୍ରକାର ପ୍ରତିଜ୍ଞାର କଥା ପ୍ରାପ୍ତ ହୁଅନ୍ତେ ଆସ
ଅମ୍ଭେମାନେ ଦେହର ଓ ଆତ୍ମାର ସମୁ ମଳିନ ବିଷୟରୁ ଆପଣାମାନଙ୍କୁ ପରି
ଷ୍କାର କରି ଈଶ୍ୱରଙ୍କୁ ଭୟ କରିବାରେ ଧର୍ମପଣ ସାଧନା କର ।

୭ ପତ୍ର ।

୧ ତୁମ୍ଭେମାନେ ଆମ୍ଭମାନଙ୍କୁ ଗ୍ରାହ୍ୟ କର ଆମ୍ଭେମାନେ କାହାର ଅନ୍ୟାୟ
କର କାହିଁ କାହାକୁଇ ଭ୍ରଷ୍ଟ କର ନାହିଁ କାହାକୁର ବଞ୍ଚିତ କର ନାହିଁ ।
୩ ତୁମ୍ଭମାନଙ୍କୁ ଦୋଷୀ କରବାର ପାଁଇ ଆମ୍ଭେ ଯେ ଏହକଥା ବୋଲ୍ ଏମନ୍ତ
୪ ନୋହେ ତୁମ୍ଭମାନଙ୍କର ସହ୍ରତ ପ୍ରାଣ ଧାରଣ କରବାକୁ ଓ ପ୍ରାଣ ତ୍ୟାଗ କର
ବାକୁ ଆମ୍ଭମାନଙ୍କର ମନର ଶରଧା ଅଛୁ ଏକଥା ଆମ୍ଭେ ପୂର୍ବରେ କହିଅଛୁଁ ।
୪ ତୁମ୍ଭମାନଙ୍କର ପ୍ରତ ଆମ୍ଭେ ଅତ ସାହସ କର କହୁଅଛୁଁ ତୁମ୍ଭମାନଙ୍କର ବଷ
ୟରେ ଅତ ଦର୍ପ କଥା ବୋଲୁଅଛୁଁ ତହିଁରେ ଆମ୍ଭମାନଙ୍କର ବହୁତ ଦୁଃଖ
ହେଲେହେଁ ଆମ୍ଭେ ପ୍ରଫୁଲ୍ଲଚିତ୍ତ ହୋଇ ଅନନ୍ଦରେ ପରପୂର୍ଣ ଅଛୁଁ ।
୫ ମାକ୍ଦୋନିୟା ଦେଶକୁ ଆଗମନ କଲା ଉତ୍ତାରେ ବାହାରେ ବରୋଧ ଓ
ଭତରେ ମନର ଭାବନା ଏହରୂପ ସବୁ ଅଡେ ଦୁଃଖଗ୍ରସ୍ତ ହେବାରୁ କ୍ଷଣମାତ୍ର
୬ ଆମ୍ଭମାନଙ୍କର ଦେହରେ ବଶ୍ରାମ ନ ଥିଲା । ପୁଣି ଦୀନ ଦୁଃଖୀମାନଙ୍କର ସାନ୍ତ୍ୱ
ନାକାରୀ ଯେ ଈଶ୍ୱର ସେ ତୀତର ଅସିବାରେ ଆମ୍ଭମାନଙ୍କୁ ସାନ୍ତ୍ୱନା
୭ ଦେଲେ । ତାହାର ଅସିବାରେ କେବଳ ନୋହେ ତୁମ୍ଭମାନଙ୍କର ଦୃତ ବାଞ୍ଛା
ଓ ସନ୍ତାପ ପୁଣି ଆମ୍ଭମାନଙ୍କର ପ୍ରତ ତୁମ୍ଭମାନଙ୍କର ମନର ପ୍ରୀତ ଦେଖି ସେ
ତୁମ୍ଭମାନଙ୍କଠାରୁ ଯେମନ୍ତ ସାନ୍ତ୍ୱନା ପାଇଥିଲା ଆମ୍ଭେ ତାହାର କତରେ
୮ ଏହ ସମସ୍ତର ସମ୍ବାଦ ଶୁଣି ଅତୁର ଆନନ୍ଦତ ହୋଇଲୁଁ । ଆଉ ଆମ୍ଭେ ଚିଠୀ
ଲେଖି ତୁମ୍ଭମାନଙ୍କୁ ଦୁଃଖ ଦେଇ ଥିଲୁଁ ବଶୁକର ଅନୁତାପ କରଅଛୁଁ ପ୍ରମାଣ
ପୁଣି ଏବେ ଆଉ ନ କରୁଁ ଯେଣୁ ସେହ ଚିଠୀ ଅଳ୍ପକାଳ ଯାଏଁ ତୁମ୍ଭ
୯ ମାନଙ୍କର ଦୁଃଖ ଜନ୍ମାଇ ଥିଲା ବହା ଦେଖି । ତୁମ୍ଭେମାନେ ଦୁଃଖୀତ ହୋଇ
ଥିଲ ବଶୁକର ଆନନ୍ଦତ ହେଲୁଁ ବହା ନୋହେ ପୁଣି ତୁମ୍ଭମାନଙ୍କର ଯେଉଁ
ଦୁଃଖ ଥିଲା ତାହା ତୁମ୍ଭମାନଙ୍କର ମନଫେରଣ ଜନକ ହେଲା ବଶୁକର ଆହୁରା
୧୦ ଦତ ହୋଇଲୁଁ । ଯେଉଁ ତୁମ୍ଭେମାନେ ଈଶ୍ୱରଙ୍କର ଉଦ୍ଦେଶରେ ଖେଦ କର
ଥିଲ ବଶୁ ଆମ୍ଭମାନଙ୍କର ଦ୍ୱାରା କୌଣସି ମତେ ତୁମ୍ଭମାନଙ୍କର ହାନ ହୋଇ
ନାହିଁ । ଯେହେତୁ ଈଶ୍ୱରଙ୍କର ଉଦ୍ଦେଶରେ ଯେଉଁ ଖେଦ ତାହା
ପରୀଶାର ଜନକ ଅଖେଦନୀୟ ମନଫେରଣ ଜନ୍ମାଏ ପୁଣି ସାଂସାରକ
୧୧ ବଷୟରେ ଯେଉଁ ଖେଦ ସେ ମୃତ୍ୟୁକୁ ଜନ୍ମାଏ । ଏଥିରେ ଦେଖ ତୁମ୍ଭେ
ମାନେ ଈଶ୍ୱରଙ୍କର ଉଦ୍ଦେଶରେ ଯେଉଁ ଖେଦ କରଥିଲ ସେ ଖେଦ ତୁମ୍ଭ
ମାନଙ୍କର କ ପର୍ଯ୍ୟନ୍ତେ ଉଦ୍‌ଯୋଗପଣ କ ଦୋଷ ପ୍ରକ୍ଷାଳଣ କ ଅସନ୍ତୋଷ
କ ଭୟ କ ଦୃତ ବାଞ୍ଛା କ ଶରଧା କ ଦଣ୍ଡଜ୍ଞା ଦେବାର ବହା ସବୁ ଜନ୍ମା

ଇଲା । ଏଣୁ ଏବଷୟରେ ତୁମ୍ଭେମାନେ ଯେ ପରୀକ୍ଷିତ ଏହାର ସମ୍ପୂର୍ଣ ପ୍ରମାଣ
ଦେଇଅଛ । ଏଣୁକର ଅପକାରକ କି ଅପକୃତ କୌଣସି ଜନକୁ ଦୁଃଖ ଦେ । ୧
ବାର ନମନ୍ତେ ଯେ ଲେଖି ଥିଲୁଁ ତାହା ନୋହେ ପୁଣି ଈଶ୍ୱରଙ୍କର ଗୁମ୍ଫରେ
ତୁମ୍ଭମାନଙ୍କର ପ୍ରତି ଆମ୍ଭମାନଙ୍କର ଅତ୍ୟୁଦ୍ୟୋଗପଣ ଯେମନ୍ତ ପ୍ରକାଶ ପାଏ
ଏନମନ୍ତେ ଲେଖି ଥିଲୁଁ । ଏଣୁକର ତୁମ୍ଭମାନଙ୍କର ସାନ୍ତ୍ୱନା ପାଇବାର । ୩
ସମ୍ବାଦ ପାଇ ଆମ୍ଭେମାନେହେଁ ସାନ୍ତ୍ୱନା ପାଇଲୁଁ ବଶେଷରେ ତୀତର ମନ
ତୁମ୍ଭ ସମସ୍ତଙ୍କର ଦ୍ୱାରା ତୃପ୍ତ ହେବାରୁ ଆମ୍ଭେମାନେହେଁ ତାହାର ଅନନ୍ଦରେ
ଅତ୍ୟନ୍ତ ଅନନ୍ଦତ ହେଲୁଁ । ଆଉ ତୀତର ପାଖରେ ଆମ୍ଭେ ତୁମ୍ଭମାନଙ୍କର । ୪
ବଷୟରେ ଯେ ବର୍ପ କର ଥିଲୁଁ ତହିଁରେ ଲଜ୍ଜ ପାଇଲୁଁ ନାହିଁ । ପୁଣି ଯେ
ମନ୍ତ ଆମ୍ଭେମାନେ ତୁମ୍ଭମାନଙ୍କର ପ୍ରତି ସବୁ ବଷୟ ସତ୍ୟ ବୋଲି ଥାଉଁ
ତେମନ୍ତ ତୀତର ଆଗରେ ଆମ୍ଭେମାନେ ଯେଉଁ ବର୍ପ କରିଥିଲୁଁ ତାହାଇ ସତ୍ୟ
ହୋଇଲା । ଆଉ ତୁମ୍ଭେମାନେ ଆଜ୍ଞାକାରୀ ହୋଇ ଅତଶୟ ଭୟରେ ଥରଁୀ । ୫
କେମନ୍ତେ ତାହାକୁ ଅତଥି କର ଥିଲ ତାହା ସ୍ମରଣ କର ତୁମ୍ଭମାନଙ୍କର
ପ୍ରତି ତାହାର ସ୍ନେହ ଅତ୍ୟୁତ୍ତର ବଢି ଯାଉଅଛ । ଏହେତୁ ସବୁ ବଷୟରେ । ୭
ତୁମ୍ଭେମାନେ ଯେ ଆମ୍ଭର ବଶ୍ୱାସ ଯୋଗ୍ୟ ଏଥିରେ ଆଜ୍ଞାଦତ ହେଲୁଁ ।

## ୮ ପତ୍ର ।

ହେ ଭାଇମାନେ ମାକଦୋନୟ। ଦେଶସ୍ଥ ମଣ୍ଡଳୀଗଣକୁ ଦତ୍ତ ଈଶ୍ୱରଙ୍କର ।
ଯେଉଁ ଅନୁଗ୍ରହ ତାହା ତୁମ୍ଭମାନଙ୍କୁ ଜଣାଉଅଛୁଁ ଯେଣୁ ବହୁ ତାଡନା ୧
ରୂପ ପରୀକ୍ଷାରେ ସେମାନଙ୍କର ଅତଶୟ ଦରିଦ୍ରପଣ ହେଲେହେଁ ଅପାର
ସୁଖ ହେଉଛି ସେମାନେ ବାହୁଲ୍ୟରେ ଦାନ କଲେ । ସେମାନେ ଆପଣା ୩
ଇଚ୍ଛାରେ ସାଧ୍ୟ ପର୍ଯ୍ୟନ୍ତେ ବରଞ୍ଚ ଅମ୍ଭେ ପ୍ରମାଣ ଦେଇ ସେମାନେ ସାଧ୍ୟରୁ
ଅଧିକ ଦାନରେ ପ୍ରବର୍ତ୍ତ ହୋଇ ସାଧୁମାନଙ୍କର ସେବାରର ଯାଁଇ ଯେ ଗୃହୀ ୪
ଓ ଦାନ ତାହା ଗ୍ରହଣ କରବାକୁ ଆମ୍ଭମାନଙ୍କୁ ନତାନ୍ତ ବନତ କଲେ । ଆଉ ୫
ଆମ୍ଭେମାନେ ଯେମନ୍ତ ଅନୁମାନ କରଥିଲୁଁ ତେମନ୍ତ ନ କର ପ୍ରଥମରେ
ପ୍ରଭୁର ଉଦ୍ଦେଶରେ ଉହିଁ ଈଶ୍ୱରଙ୍କର ଇଚ୍ଛାରେ ଆମ୍ଭମାନଙ୍କର ଉଦ୍ଦେଶରେ
ଆପଣାମାନଙ୍କୁ ସମର୍ପି ଦେଲେ । ଉହିଁରେ ତୀତ ଯେଉଁ କର୍ମରେ ତୁମ୍ଭମାନ ୬
ଙ୍କର ମଧ୍ୟରେ ପ୍ରବୃତ୍ତ ହୋଇ ଥିଲା ସେ କର୍ମ ସିଦ୍ଧି କରବାକୁ ଆମ୍ଭେମାନେ
ତାହାକୁ ବନୟ କଲୁଁ । ଏହେତୁ ତୁମ୍ଭେମାନେ ବଶ୍ୱାସ ବକ୍ତୃତାପଣ ଜ୍ଞାନ ସବୁ ୭
ଉଦ୍ୟୋଗ ଆମ୍ଭମାନଙ୍କର ପ୍ରତି ପ୍ରେମ ଏହି ସମସ୍ତ ଗୁଣରେ ଯେମନ୍ତ ଅତ
ଗୁଣବନ୍ତ ଅଛ ତେମନ୍ତ ଏହି ଗୁଣରେହେଁ ଅତଶୟ ଗୁଣବନ୍ତ ହୁଅ । ବକ୍ୟ ୮

କଛୁ ଆଜ୍ଞା ଦ୍ୱାରା ବୋଲୁ ଅଛୁଁ, ତାହା ନୋହେ ପୁଣି ଆନ ଲୋକଙ୍କର
ଉଦ୍ଦ୍ୟୋଗ ପୁଣି ତୁମ୍ଭମାନଙ୍କର ପ୍ରେମର ସରଳପଣ ପରୀକ୍ଷା କରିବାକୁ ବୋଲି ।
୯ ଯେଣୁ ଅମ୍ଭମାନଙ୍କର ପ୍ରଭୁ ଯୀଶୁ ଖ୍ରୀଷ୍ଟ ଧନବନ୍ତ ହେଲେହେଁ ତାହାଙ୍କର ଦରି
ଦ୍ରପଣ ଦ୍ୱାରା ତୁମ୍ଭେମାନେ ଯେମନ୍ତ ଧନବନ୍ତ ହୁଅ ଏହେତୁ ସେ ନିର୍ଧନ ହୋ
୧୦ ଇଲେ ତାହାଙ୍କର ଏହି ଅନୁଗ୍ରହ ତୁମ୍ଭମାନଙ୍କର ଜଣା ଅଛି । ଏହେତୁ ଅମ୍ଭେ
ଏହି ପରାମର୍ଶ ତୁମ୍ଭମାନଙ୍କୁ ଦେଇ । ଏକର୍ମ କରିବାର ତୁମ୍ଭମାନଙ୍କର ଉପ
ଯୁକ୍ତ ଅଟଇ ଯେହେତୁ ଏକର୍ମରେ ନୂଆ ଉଦ୍ଯୋଗୀ ହୋଇଅଛ ତାହା ନୋ
୧୧ ହେ ଆଜ ବରଷେକ ପର୍ଯ୍ୟନ୍ତେ ସ୍ୱଚ୍ଛନ୍ଦେ ଏକର୍ମର ଚେଷ୍ଟା କରୁଅଛ । ଏଣୁକର
ଏବେ ତାହା ସମାପ୍ତ କର ଆଉ ପୂର୍ବରେ କର୍ମ ଆରମ୍ଭ କରିବାକୁ ଯେମନ୍ତ ମନ
ଥିଲା ଆପଣା ସଂସ୍ଥାନାନୁସାରେ ସମାପ୍ତ କରିବାକୁହିଁ ତୁମ୍ଭମାନଙ୍କର ତେ
୧୨ ମନ୍ତ ମନ ହେଉ । କାହାର ସ୍ୱଚ୍ଛନ୍ଦ ମନ ଯେବେ ଥାଏ ତେବେ ତାହାର ଯାହା
୧୩ ନାହିଁ ତଦନୁସାରେ ନୋହେ ଯାହା ଅଛି ତଦନୁସାରେ ତାହା ଗ୍ରାହ୍ୟ ହୋ
୧୪ ଇବ । ଆନ ଲୋକକୁ ବିଶ୍ରାମ ଦେବା ପାଇଁ ତୁମ୍ଭେମାନେ ଯେଉଁ ଭାରଗ୍ରସ୍ତ
ହୁଅ ଆମ୍ଭର ଏମନ୍ତ ମାନସ ନୋହେ । ପୁଣି ଏବେ ତୁମ୍ଭମାନଙ୍କର ଧନର ବହୁତ
ଥିବାରୁ ଯେମନ୍ତ ସେମାନଙ୍କର ଦୀନତା ଦୂର ହୋଏ ପୁଣି ଉତ୍ତର କାଳ
୧୫ ରେ ସେମାନଙ୍କର ଧନର ବହୁତ ଥିବାରୁ ଯେମନ୍ତ ତୁମ୍ଭମାନଙ୍କର ଦୀନତା
ଦୂର ହୋଏ ଏପ୍ରକାରେ ତୁଲ୍ୟଦଶା ହୋଇବ । ଯେମନ୍ତ ଲେଖା ଅଛି
ଯେଉଁଜନ ଅଧିକ ସଞ୍ଚୟ କଲା ତାହାର ଅଧିକ ନ ଥିଲା ପୁଣି ଯେଉଁଜନ
୧୭ ଅଳ୍ପ ସଞ୍ଚୟ କଲା ତାହାର କଛୁ ଊଣା ନୋହିଲା ।
୧୭ ତୁମ୍ଭମାନଙ୍କର ହିତର ନିମନ୍ତେ ତୀତର ମନରେ ଏହି ଉଦ୍ଯୋଗ ଜନ୍ମାଇଲେ
ଯେ ଈଶ୍ୱର ସେ ଧନ୍ୟ ହେଉନ୍ତୁ । ସେ ଆମ୍ଭମାନଙ୍କର ବିନୟ ବାକ୍ୟ ଗ୍ରହଣ
୧୮ କଲା ତାହା କେବଳ ନୋହେ ବରଞ୍ଚ ଆପେ ଉଦ୍ଯୋଗୀ ହୋଇ ଆପଣା ଇଚ୍ଛା
ରେ ତୁମ୍ଭମାନଙ୍କର କଡକ ଗଲା । ତେଣୁ ପ୍ରଭୁର ମହିମା ପୁଣି ତୁମ୍ଭମାନଙ୍କର
ଦାନଶୀଳପଣ ଏହି ଦୁଇର ପ୍ରକାଶକ ଦାନକର୍ମର ନିବାହକାରୀ ଯେ ଆମ୍ଭେ
୧୯ ମାନେ ଆମ୍ଭମାନଙ୍କର ସହଚ ଯିବାର ପାଇଁ ମଣ୍ଡଳୀଗଣର ଦ୍ୱାରା ନିଯୁକ୍ତ ତାହା
୧୦ କେବଳ ନୋହେ ମଙ୍ଗଳସମାଚାରର ଦ୍ୱାରା ସମସ୍ତ ମଣ୍ଡଳୀରେ ସୁଖ୍ୟାତମନ୍ତ
ଏମନ୍ତ ଜଣେ ଭାଇକୁ ତାହାର ସହଚ ପଠାଇଲୁଁ । ଆଉ ଯେଉଁ ଗବାପ୍ଟେ
ଧନ ଆମ୍ଭମାନଙ୍କର ହସ୍ତରେ ପ୍ରେରିତ ଅଛି ସେହି ବିଷୟରେ କେହି ଯେମନ୍ତ
୨୧ ଆମ୍ଭମାନଙ୍କର ପ୍ରତି ଦୋଷ ନ ଦିଅଇ ଏହେତୁ କେବଳ ଈଶ୍ୱରଙ୍କର ଦୃଷ୍ଟିରେ
ନୋହେ ମନୁଷ୍ୟର ଦୃଷ୍ଟିରେହେଁ ଯେଉଁ ଆଶ୍ଚର୍ଯ୍ୟ ବ୍ୟବହାର ବହୁତ ହୋଏ
୨୧ ସେ ବିଷୟରେ ସାବଧାନ ହୋଇଲୁଁ । ଇହାଁରେ ବହୁତୀ ବିଷୟରେ ଯାହାକୁ

ବାରୀ ଉଦ୍ୟୋଗୀ ଦେଖିଅଛୁଁ ପୁଣି ଏବେ ତୁମ୍ଭମାନଙ୍କର ପ୍ରତି ବିଶ୍ୱାସ କରି
ବାରୁଂ ତତୋଧିକ ଉଦ୍ୟୋଗୀ ଦେଖୁଂ ଏମନ୍ତ ଜଣେ ଭାଇକୁ ସେମାନଙ୍କର
ସଙ୍ଗତେ ପଠାଇଲୁଂ । ତୀତର ବିଷୟରେ କେହି ଯେବେ ପଚାରନ୍ତି ତେବେ ୧୩
ତୁମ୍ଭମାନଙ୍କର ପାଁଇ ସେ ଆମ୍ଭର ଜଣେ ଅଂଶୀ ଓ ସହାୟ । ପୁଣି ଭ୍ରାତୃଗଣର
ବିଷୟରେ କେହି ଯେବେ ପଚାରନ୍ତି ତେବେ ସେମାନେ ମଣ୍ଡଳୀମାନଙ୍କର
ପ୍ରେରିତ ପୁଣି ଖ୍ରୀଷ୍ଟର ମହିମା ପ୍ରକାଶକ । ଏଣୁକରି ସେମାନଙ୍କର ଓ ମଣ୍ଡଳୀ ୧୪
ସମୂହର ସାକ୍ଷାତରେ ଆପଣାମାନଙ୍କର ପ୍ରେମ ପୁଣି ତୁମ୍ଭମାନଙ୍କର ବିଷୟରେ
ଆମ୍ଭମାନଙ୍କର ଦର୍ପ ବାକ୍ୟ ପ୍ରମାଣ କରି ଦେଖାଅ ।

## ୯ ପର୍ବ ।

ସାଧୁଲୋକମାନଙ୍କର ପ୍ରତି ବିତରଣ କରିବାର ବିଷୟରେ ତୁମ୍ଭମାନଙ୍କର ୧
କତିରେ ଲେଖିବାର ଆମ୍ଭର ପ୍ରୟୋଜନ ନାହିଁ । କାରଣ ତୁମ୍ଭମାନଙ୍କର ୨
କେମନ୍ତ ଉଦ୍ୟମୀଚିତ୍ତ ତାହା ଜାଣି ଆଖାୟା ଦେଶୀୟମାନେ ବରଷେକ ଗଲା
ପ୍ରସ୍ତୁତ ହେଲାଣି ମାକିଦୋନିୟା ଲୋକମାନଙ୍କର ନିକଟରେ ଆମ୍ଭେ ଏହି ଦର୍ପ
କଥା ବୋଲିଅଛୁଁ । ଏଣୁ ତୁମ୍ଭମାନଙ୍କର ଉଦ୍ୟୋଗପଣ ବହୁତୀ ଲୋକକୁ
ମତାଇଅଛି । ତେବେହେଂ ତୁମ୍ଭମାନଙ୍କର ବିଷୟରେ ଆମ୍ଭମାନଙ୍କର ସେହି ୩
ଦର୍ପ ଯେମନ୍ତ ବୃଥା ନ ହୋୟେ ଏଥିପାଁଇ ତୁମ୍ଭମାନଙ୍କର କତିରେ ଭାଇମା
ନଙ୍କୁ ପଠାଇଲୁଁ । ତେଣୁ ଯେମନ୍ତ କହିଲୁଁ ସେଉପେ ତୁମ୍ଭେମାନେ ଯେହେ ୪
ପ୍ରସ୍ତୁତ ହୁଅ ଯେହେତୁ କି ଜାଣି ମାକିଦୋନିୟାର କୌଣସି ଲୋକ ଯେବେ
ଆମ୍ଭର ସହିତ ଆସନ୍ତି ଆଉ ତୁମ୍ଭମାନଙ୍କୁ ତେମନ୍ତ ପ୍ରସ୍ତୁତ ନ ଦେଖନ୍ତି ତେବେ
ତୁମ୍ଭେମାନେ ଯେ ଲଜ୍ଜା ପାଇବ ତାହା ନ ବୋଲି ବରଞ୍ଚ ଆମ୍ଭମାନଙ୍କୁ ସେ
ଦୃଢ ଦର୍ପ କଥା ବୋଲିବାରୁଂ ଲଜ୍ଜା ପାଇବାକୁ ହେବ । ଏଣୁକରି ତୁମ୍ଭମାନ ୫
ଙ୍କର ଯେଉଂ ଦାନର କଥା ପୂର୍ବରେ ଉକ୍ତ ଥିଲା ତାହା ଯେମନ୍ତ କୃପଣ
ପଣରେ ନୋହି ସ୍ୱଚ୍ଛନ୍ଦରେ ହୋୟେ ଏଥିପାଁଇ ଆଗେ ଯାଇ ସେହି ଦାନ
ପ୍ରସ୍ତୁତ କରିବାକୁ ଆମ୍ଭେ ଭାଇମାନଙ୍କୁ ବିନୟ କରି ତୁମ୍ଭମାନଙ୍କର ନିକଟରେ
ପଠାଇବାକୁ ଆବଶ୍ୟକ ମଣିଲୁଁ ।

ଆହୁରି ବୋଲି ଯେ ଅଳ୍ପ ବୀଜ ବୁଣଇ ସେ ଅଳ୍ପ ଶସ୍ୟ କାଟିବ ପୁଣି ୬
ଯେ ଅଧିକ ବୀଜ ବୁଣଇ ସେ ଅଧିକ ଶସ୍ୟ କାଟିବ । ଏଣୁକରି ତୁମ୍ଭେମାନେ ୭
ପ୍ରତ୍ୟେକ ଜଣ ମନର ନିଉପଣାନୁସାରେ ଅକାତର ହୋଇ ଆପଣା ଇଚ୍ଛାରେ
ଦାନ କର ଯେହେତୁ ଈଶ୍ୱର ସ୍ୱଚ୍ଛନ୍ଦ ଦାତାକୁ ଭଲ ଜାଣନ୍ତି । ଯହିଂରେ ତୁମ୍ଭ ୮
ମାନଙ୍କର କୌଣସି କିଛି ଅଭାବ ନ ଥାୟେ ପୁଣି ଯହିଂରେ ବହୁତ ପାଇ ସବୁ

ଉତ୍ତମ କର୍ମରେ ଅଧିକ ଯତ୍ନବନ୍ତ ହୁଅ ଏମନ୍ତ ସବୁପ୍ରକାର ଅନୁଗ୍ରହ ଈଶ୍ୱର
୯ ତୁମ୍ଭମାନଙ୍କର ପ୍ରତି କରାଇବାକୁ ପାରନ୍ତି । ଯେମନ୍ତ ଲେଖା ଅଛି । ସେ ବଣ
ରଗ କରଇ ସେ ଦରିଦ୍ରମାନଙ୍କୁ ଦାନ ଦଅଇ ତାହାର ଧର୍ମ ସଦାକାଲସ୍ଥାୟୀ ।
୧୦ ଯେ ବୁଣିବାର ନମନ୍ତେ ବୀଜ ଓ ଭୋଜନ ନମନ୍ତେ ଅନ୍ନ ଯୋଗାଇ ଦଅନ୍ତି
ସେ ତୁମ୍ଭମାନଙ୍କର ବୁଣିବାର ବୀଜ କରାଇ ଦେଇ ତୁମ୍ଭମାନଙ୍କର ଦାନ
୧୧ କର୍ମର ଫଳ ବୃଦ୍ଧି କରନ୍ତୁ । ତାହା ହେଲେ ସବୁ ବିଷୟରେ ତୁମ୍ଭମାନଙ୍କର
ବହୁତ ଦାନପଣରେ ଆମ୍ଭମାନଙ୍କର ଦ୍ୱାରା ଈଶ୍ୱରର ଧନ୍ୟବାଦ ହେବ ।
୧୨ ଯେହେତୁ ତୁମ୍ଭମାନଙ୍କର ଏହି ଦାନ କର୍ମରେ ସାଧୁଲୋକମାନଙ୍କର ଦୀନତା
ଦୂର ହେଉଅଛି କେବଳ ତାହା ନୋହେ ବରଞ୍ଚ ତାହା ଦ୍ୱାରା ଈଶ୍ୱ
୧୩ ରର ଧନ୍ୟବାଦହିଁ ବାହୁଲ୍ୟରେ ହେଉଅଛି । ଅର୍ଥାତ୍ ତୁମ୍ଭେମାନେ
ଯେ ସ୍ୱଚ୍ଛନ୍ଦରେ ଖ୍ରୀଷ୍ଟଙ୍କର ସୁସମାଚାରର ବଶୀଭୂତ ହେଉଅଛ ପୁଣି ସେମାନ
ଙ୍କର ଆଉ ସମସ୍ତଙ୍କର ପ୍ରତି ବଡ ଦାନଶୀଳ ହେଉଅଛ ସେମାନେ ତୁମ୍ଭ
ମାନଙ୍କର ଏହି ଦାନରୂ ପ୍ରମାଣ ପାଇ ଈଶ୍ୱରରେ ଧନ୍ୟବାଦ କରୁଅଛନ୍ତି ।
୧୪ ପୁଣି ତୁମ୍ଭମାନଙ୍କଠାରେ ଈଶ୍ୱରର ଅନୁଗ୍ରହର ବାହୁଲ୍ୟ ଦେଖି ତୁମ୍ଭମାନଙ୍କ
ପ୍ରତି ଅଭିଳାଷୀ ହୋଇ ତୁମ୍ଭମାନଙ୍କର ନମନ୍ତେ ନାନ୍ୟ ପ୍ରାର୍ଥନା କରୁଅଛନ୍ତି ।
୧୫ ଈଶ୍ୱରଙ୍କର ଅକଥନୀୟ ଦାନର ନମନ୍ତେ ତାହାଙ୍କର ଧନ୍ୟବାଦ ହେଉ ।

୧୦ ପତ୍ର ।

୧ ପାଉଲ ଯେ ଆମ୍ଭେ ତୁମ୍ଭମାନଙ୍କର ସାକ୍ଷାତରେ କ୍ଷୁଦ୍ର ପୁଣି ଅସାକ୍ଷାତରେ
୨ ସାହସିକ ହୋଇ ଖ୍ରୀଷ୍ଟଙ୍କର ନମ୍ର ଓ କୋମଳତ୍ୱବରେ ତୁମ୍ଭମାନଙ୍କୁ ବନଯ କର ।
ଯେଉଁମାନେ ଆମ୍ଭମାନଙ୍କୁ ଶାରୀରକ ଆଚରଣ ମଣନ୍ତି ସେମାନଙ୍କର ବରଦ୍ଧରେ
ଯେଉଁ ସାହସରେ ଆମ୍ଭେ ସାହସିକ ହେବାକୁ ମଣିଅଛୁଁ ଉପସ୍ଥିତ ହେବାର
ସମୟରେ ତେମନ୍ତ ସାହସ ଯେମନ୍ତ ନ କର ଆମ୍ଭର ଏହି ମାଗ ବନଯ ।
୩ ଯେହେତୁ ଆମ୍ଭେମାନେ ଶରୀରରେ ଅଛୁ ହେଁ ଶାରୀରକ ମତାନୁସାରେ
୪ ଯୁଦ୍ଧ ନ କର । ଅର୍ଥାତ୍ ଯେଉଁ ଅସ୍ତ୍ର ଶସ୍ତ୍ରରେ ଆମ୍ଭେମାନେ ଯୁଦ୍ଧ କର ସେ
ଶାରୀରକ ନୋହେ ପୁଣି ଗଡ ଭାଙ୍ଗିବାର ନମନ୍ତେ ଈଶ୍ୱରଙ୍କ ଦ୍ୱାରା ବଳିଷ୍ଠ
୫ ହେଉଅଛୁ ଉହାଁରେ ଆମ୍ଭେମାନେ ସବୁ ବତର୍କ ଓ ଈଶ୍ୱରର ଜ୍ଞାନର
ବରୋଧି ଅହଙ୍କାରୀ ଯେଉଁ ଚିନ୍ତା ଅଛି ସେ ସବୁକୁ ଉତ୍ପାଟନ କର ଖ୍ରୀଷ୍ଟଙ୍କର
୬ ଆଜ୍ଞାରେ ବଶୀଭୂତ କର ରଖି । ଆଉ ତୁମ୍ଭମାନଙ୍କର ଆଜ୍ଞା ମାନବାର ସିଦ୍ଧ
ହୋଇଲେ ସବୁ ଆଜ୍ଞା ଲଙ୍ଘିବାର ଦଣ୍ଡ ଦେବାକୁ ଉଦ୍ୟତ ଅଛୁଁ ।
୭ ତୁମ୍ଭେମାନେ କି ବାହ୍ୟ ଦୃଷ୍ଟି ଅନୁସାରେ ବଚାର କରୁଅଛ । ଆମ୍ଭେ

ଖ୍ରୀଷ୍ଟର ଲୋକ ଏହା କେହି ଯେବେ ମନୋନୀତ କରଇ ତେବେ ସେହି ଜଣ ପୁନଶ୍ଚାର ବବେଚି ଦେଖୁ ସେ ଆପେ ଯେମନ୍ତ ଖ୍ରୀଷ୍ଟର ଲୋକ ଆମ୍ଭେ ମାନେହେଁ ତେମନ୍ତ ଖ୍ରୀଷ୍ଟର ଲୋକ ଅଟୁଁ । ତୁମ୍ଭମାନଙ୍କର ବନାଶର ନମନ୍ତେ ୮
ନୋହେ ପୁଣି ନଷ୍ଟାର ନମନ୍ତେ ପ୍ରଭୁ ଆମ୍ଭମାନଙ୍କୁ ଯେଉଁ ପରାକ୍ରମ ଦେଇ ଅଛନ୍ତି ସେ ବଷୟରେ ଯେବେ କିଛି ଦର୍ପ କର ତେବେହେଁ ତହିଁରେ ଲଜ୍ଜ ନ ପାଇବା । ଆମ୍ଭେ ଚିଃାଉରେ ତୁମ୍ଭମାନଙ୍କୁ ଭୟ ଦେଖାଉଅଛୁଁ ଏମନ୍ତ ୯
ବୋଧ ତୁମ୍ଭମାନଙ୍କର ନୋହୁ । ଯେଣୁ ଲୋକେ କୋଲନ୍ତି ତାହାର ଚିଃାଉ । ୧୦
ଅଉଦ୍ଧୀ ପୁଣି ସତ୍ତମାଣ ଅଃଇ ମାଃ ସାକ୍ଷାତ ହୋଇ ସେ ଦେହରେ ଦୁର୍ବଳ ଓ ତାହାର ବାକ୍ୟ ତୁଚ୍ଛ । ଆମ୍ଭେମାନେ ଚିଃାଉରେ ଅସାକ୍ଷାତ ହୋଇ ୧୧
ଯେମନ୍ତ କଥା କହୁ ସାକ୍ଷାତ ହୋଇଲେ ତେମନ୍ତ କାର୍ଯ୍ୟ କରବା ସେମାନେ ଏହା ମନରେ କରନ୍ତୁ । ଯେଉଁମାନେ ଆପଣାମାନଙ୍କର ପ୍ରଶଂସା ଆପ ୧୨
ଣାମାନେ କରନ୍ତି ସେମାନଙ୍କର ସହିତ ଆପଣାମାନଙ୍କୁ ଗଣନା କରବାକୁ କି ତୁଲଣା ଦେବାକୁ ଆମ୍ଭେମାନେ ସାହସିକ ନୋହିବା । ପୁଣି ସେମାନେ ଆପ ଣାମାନଙ୍କର ପରମାଣ ଆପଣାମାନେ କର ଆପଣାମାନଙ୍କର ସହିତ ପରସ୍ପର ତୁଲଣା ଦେଇ ଜ୍ଞାନର ମତେ କର୍ମ ନ କରନ୍ତି । ଆମ୍ଭେମାନେ ପରମାଣର ଅତି ୧୩
ବାଦ ଦର୍ପ ନ କର ଆପଣାମାନଙ୍କର ପ୍ରତି ଈଶ୍ୱରଙ୍କର ଦତ୍ତ ପରମାପକ ଯେଉଁ ଦତ୍ତ ତୁମ୍ଭମାନଙ୍କର ସମୀପ ଯାଏଁ ଅଞ୍ଚାଇ ସେହି ପରମାଣ ଅନୁସାରେ ଦର୍ପ କରବା । ଆମ୍ଭେମାନେ ତୁମ୍ଭମାନଙ୍କର ସରକ ନଣ୍ଡୁଁ ନ ଅଣ୍ଟିଲୁଁ । ଆପ ୧୪
ଣାମାନଙ୍କର ପରମାଣ ଅଧିକ ବଢାଇ ତାହା ନୋହେ ଯେହେତୁ ପୂର୍ବରେ ଖ୍ରୀଷ୍ଟର ସୁସମାଚାର ପ୍ରଚାର କରବାକୁ ତୁମ୍ଭମାନଙ୍କର ନକଟକୁ ଯାଇଥିଲୁଁ । ତହିଁରେ ଆମ୍ଭମାନଙ୍କର ନଜ ପରମାଣ ଛଡା ଅନ୍ୟଲୋକଙ୍କର ଶ୍ରମର ବଷ ୧୫
ୟରେ ଆମ୍ଭେମାନେ ଦର୍ପ ନ କର । ପୁଣି ତୁମ୍ଭମାନଙ୍କର ବଶ୍ୱାସ ବୃଦ୍ଧି ହୁଅ ନ୍ତେ ଆମ୍ଭେମାନେ ତୁମ୍ଭମାନଙ୍କର ଦ୍ୱାରା ଅତିଶୟ ବସ୍ତାରିତ ପରମାଣ ପା ଇବା ପୁଣି ଅନ୍ୟମାନଙ୍କର ଶ୍ରମ ଫଳର ବଷୟରେ କୌଣସି ଦର୍ପ ନ କର ୧୬
ତୁମ୍ଭମାନଙ୍କର ସେ ପାରସ୍ଥ ଲୋକମାନଙ୍କର ନକଟରେ ସୁସମାଚାର ପ୍ରଚାର କରବାକୁ ଯାଇବା ଆମ୍ଭମାନଙ୍କର ଏହି ଭରସା ଅଛି । ଯେଉଁ ଜଣ ଦର୍ପ ୧୭
କରଇ ସେ ପରମେଶ୍ୱରରେ ଦର୍ପ କରୁ । ଯେହେତୁ ଯେଉଁ ଜଣ ଆପଣାର ୧୮
ସୁଖ୍ୟାତ କରଇ ସେ ଗ୍ରାହ୍ୟ ନୋହେ ପୁଣି ପ୍ରଭୁ ଯାହାର ସୁଖ୍ୟାତ କରନ୍ତି ସେହି ଗ୍ରାହ୍ୟ ।

---

୨୨ ପତ୍ର ।

୧ ତୁମ୍ଭେମାନେ ଆମ୍ଭର ଏହି ନିର୍ବୋଧପଣରେ ଯେଉଁ କିଛି ସହ୍ୟ କର
୨ ଏହି ଆମ୍ଭର ବାଞ୍ଛା । ବାସ୍ତବିକ ଆମ୍ଭର କଥା କିଛି ସହୁ । ଆମ୍ଭେ ଏକ ସ୍ୱାମି
ଠାରେ ଅର୍ଥାତ୍ ଖ୍ରୀଷ୍ଟଠାରେ ସମର୍ପଣ କରିବା ପାଇଁ ତୁମ୍ଭମାନଙ୍କୁ ସତୀ
କନ୍ୟାର ପ୍ରାପ୍ୟ ବାଗ୍ଦତ୍ତ କରିଅଛୁଁ ବୋଲିକରି ତୁମ୍ଭମାନଙ୍କର ବିଷୟରେ
୩ ମହା ଭାବନାରେ ଭାବିତ ହେଉଅଛୁଁ । ସର୍ପର ପ୍ରବଞ୍ଚନାରେ ହବା ଯେ ପ୍ରକାର
ବଞ୍ଚିତ ହୋଇଥିଲା ତେମନ୍ତ ଯଦ୍ଦ୍ୱାରେ ତୁମ୍ଭମାନଙ୍କର ମନ ଖ୍ରୀଷ୍ଟର ପ୍ରତି ସରଳ
୪ ତାରୁ ଭ୍ରଷ୍ଟ ହୋଇ ଆମ୍ଭର ଏହି ଭୟ ହେଉଅଛୁ । ଯାହାର ପ୍ରସଙ୍ଗ ଆମ୍ଭେ
ମାନେ ପ୍ରଚାର କରୁ ନାହୁଁ ଏମନ୍ତ ଆନ ଯୀଶୁକର୍ତ୍ତା* କେହି ଯେବେ ଆସି
ପ୍ରକାଶ କରନ୍ତେ କିମ୍ବା ତୁମ୍ଭମାନଙ୍କର ଅପ୍ରାପ୍ତ କୌଣସି ଅଦ୍ଭୁତ ପ୍ରାପ୍ତି ହୁଅନ୍ତା କିମ୍ବା ଯାହା କେବେ ଗ୍ରାହ୍ୟ କର ନାହଁ ଏମନ୍ତ ଆନ ମଙ୍ଗଳ ସମା
ଚାରର ପ୍ରାପ୍ତି ହୁଅନ୍ତା ତେବେ ଭଲ କର ତାହାର ବ୍ୟବହାର ସହ୍ୟ କରନ୍ତ ।
୫ ଆମ୍ଭର କୋଧ ହୋଇଥିଲା ଅତି ପ୍ରଧାନ ପ୍ରେରିତଗଣଠାରୁ ଆମ୍ଭେ କୌଣସି
୬ ଅଂଶରେ କ୍ଷୁଦ୍ର ନୋହୁ । ଯଦ୍ୟପି ଆମ୍ଭେ ବାକ୍ୟରେ ଅପଟୁ ଆମ୍ଭେ ଜ୍ଞାନରେ
ଅପଟୁ ନୋହୁ ପୁଣି ସବୁ ବିଷୟରେ ତୁମ୍ଭମାନଙ୍କର ସମ୍ମୁଖରେ ଆମ୍ଭେମାନେ
୭ ନାନାପ୍ରକାରେ ପ୍ରକାଶିତ ଅଛୁଁ । ତୁମ୍ଭମାନଙ୍କର ଉନ୍ନତ ହନ୍ତେ ନମ୍ରତାର ଅଙ୍ଗୀ
କାର କର ବୋଲି ବର୍ତ୍ତନରେ ଈଶ୍ୱରର ସୁସମାଚାର ତୁମ୍ଭମାନଙ୍କର ନିକଟ
୮ ରେ ପ୍ରଚାର କରିଅଛୁଁ ବୋଲିରେ ଆମ୍ଭେ କି ଦୋଷ କରିଅଛୁଁ । ତୁମ୍ଭମାନ
ଙ୍କର ସେବା କରିବାର ନିମନ୍ତେ ଅନ୍ୟ ମଣ୍ଡଳୀର ବର୍ତ୍ତନ ଗ୍ରହଣ କରିବାରୁ
୯ ସେମାନଙ୍କର ଧନ ଅପହରଣ କରିଅଛୁଁ । ପୁଣି ତୁମ୍ଭମାନଙ୍କର ନିକଟରେ
ଯେଉଁ ସମୟରେ ଉପସ୍ଥିତ ହେଲୁଁ ସେ ସମୟରେ କୌଣସି ଦ୍ରବ୍ୟ ନ ଅଣ୍ଟିଲେ ତୁମ୍ଭମାନଙ୍କର କାହାର ଉପରେ ସେହ ଭାର ଦେଇ ନାହୁଁ ମାଣ୍ଡ ମାକ
ଦୋନିୟା ଦେଶର ଭାଇମାନେ ଯସି ଆମ୍ଭର ନ ଅଣ୍ଟିଲା ଦ୍ରବ୍ୟ ଯୋଗାଇ
ଦେଲେ । ପୁଣି ଆମ୍ଭର ନିମନ୍ତେ କୌଣସି ବିଷୟରେ ତୁମ୍ଭେମାନେ ଯେମନ୍ତ
୧୦ ଭାରଗ୍ରସ୍ତ ନ ହୁଅ ଏହା ଚେଷ୍ଟା କରିଅଛୁଁ ପୁଣି କରିବା । ଖ୍ରୀଷ୍ଟର ସତ୍ୟତା
ଯେବେ ଆମ୍ଭରେ ଥାଏ ତେବେ ଅଖାୟା ପ୍ରଦେଶରେ ଏହ ଦର୍ପ କଥା
୧୧ କରିବାରୁ କେହି ଆମ୍ଭକୁ ଅଟକ କର ନ ପାରିବ । କାହେଁ ଆମ୍ଭେ କି ତୁମ୍ଭ
୧୨ ମାନଙ୍କୁ ପ୍ରେମ ନ କର ତାହା ଈଶ୍ୱର ଜାଣନ୍ତି । ପୁଣି ଯେଉଁ ଲୋକେ
ଛିଦ୍ର ଲୋଡନ୍ତି ସେମାନେ ଯେମନ୍ତ ଛିଦ୍ର ନ ପାଆନ୍ତି ବୋଲିକରି ଆମ୍ଭେମାନେ

* ଅର୍ଥା ଯୀଶୁ ।

ଯାହା କରିଅଛୁଁ ତାହା କରିବା । ତହିଁରେ ସେମାନେ ଯେଉଁ ବିଷୟରେ
ଦର୍ପ କରନ୍ତି ସେ ବିଷୟରେ ଯେମନ୍ତ ଆମ୍ଭମାନଙ୍କର ତୁଲ୍ୟ ହୁଅନ୍ତି । ସେହି ୧୩
ଭଣ୍ଡ ପ୍ରେରିତ ଓ ମିଥ୍ୟା କର୍ମକାରି ସମସ୍ତେ ଖ୍ରୀଷ୍ଟଙ୍କର ପ୍ରେରିତମାନଙ୍କର ତୁଲ୍ୟ
ବେଶ ଧାରଣ କରନ୍ତି । ଏଥିରେ ଆଶ୍ଚର୍ଯ୍ୟ ନୋହେ ଯେହେତୁ ଶୟତାନଇ ୧୪
ଯେବେ ତେଜସ୍ୱି ଦୂତର ତୁଲ୍ୟ ବେଶଧାରୀ ହୋଏ ତେବେ ତାହାର ସେ ୧୫
ବକମାନେ ଯେ ଧାର୍ମିକ ସେବକଙ୍କର ବେଶଧାରୀ ହୋଇବେ ଏଥିରେ ଆଶ୍ଚର୍ଯ୍ୟ
ନୋହେ ପୁଣି ଆପଣାର କ୍ରିୟାନୁସାରରେ ସେମାନଙ୍କର ଫଳ ହୋଇବ ।

ଆମ୍ଭେ ପୁନର୍ବାର କୋଲି ଏଥିରେ କେହି ଆମ୍ଭକୁ ନିର୍ବୋଧ ଜ୍ଞାନ ନ କରୁ ୧୬
ପୁଣି ଯେବେ କରୁଇ ତେବେ ନିର୍ବୋଧର ପ୍ରାୟେ ଆମ୍ଭକୁ ଗ୍ରହଣ କରୁ । ତହିଁ
ରେ ଆମ୍ଭେ କିଛି ଦର୍ପ କରି ପାରିବା । ଏହି ଯେ ନିଶ୍ଚୟ ଦର୍ପର କଥା କୋଲି ୧୭
ଅଛୁଁ, ଏହା କିଛି ପ୍ରଭୁର ଆଜ୍ଞାନୁସାରେ କୋହେ ନିର୍ବୋଧର ପରି କୋଲି
ଅଛୁଁ । ଅନେକେ ଜଗତର ବିଷୟରେ ଦର୍ପ କରନ୍ତି ବୋଲି ଆମ୍ଭେହିଁ ଦର୍ପ ୧୮
କରିବା । ତୁମ୍ଭେମାନେ ନିଜେ ବୁଦ୍ଧିମନ୍ତ ହୋଇ ନିର୍ବୋଧର ବ୍ୟବହାର ଆନ ୧୯
ନ୍ଦରେ ସହିବାକୁ ପାର । ଏଣୁ କେହି ଯେବେ ତୁମ୍ଭମାନଙ୍କୁ ବନ୍ଧନରେ ୨୦
ପକାଇ ଦଅଇ ନିଅବା ତୁମ୍ଭମାନଙ୍କର ସମ୍ପତ୍ତି ଗ୍ରାସ କରଇ ନିଅବା ଅପ
ହରଣ କରଇ ନିଅବା ଆପଣାକୁ ଉଚ୍ଚ କରି ମାନଇ ନିଅବା ତୁମ୍ଭମାନଙ୍କର
ଗାଲିରେ ଜାବୁଡା ମାରଇ ତେବେ ତୁମ୍ଭେମାନେ ସେସମସ୍ତହିଁ ସହି ଥାପ ।
ଆମ୍ଭେମାନେ ଦୁର୍ବଳ ଏହି ଅପମାନର ବିଷୟରେ ଆମ୍ଭେ ସହା ବୋଲି । ଯେ ୨୧
କୌଣସି ବିଷୟରେ ଆନ କେହି ସାହସିକ ହୋଏ ତହିଁରେ ଆମ୍ଭେ ଅତ୍ୟନ୍ତ
ଅଧିକ ସାହସିକ ହୋଇ ପୁଣି ଏହି କଥା ନିର୍ଜ୍ଞାନ ମନୁଷ୍ୟର ପ୍ରାୟେ କୋଲି
ଅଛୁଁ । ସେମାନେ କି ଏବ୍ରୀ ଲୋକ ଆମ୍ଭେହେଁ ଏବ୍ରୀ । ସେମାନେ କି ଇଶ୍ରା ୨୨
ୟେଲ୍ଲ ଆମ୍ଭେହେଁ ଇଶ୍ରାୟେଲ୍ଲ । ସେମାନେ କି ଅବ୍ରହାମର ସନ୍ତାନ ଆମ୍ଭେ
ହେଁ ଅବ୍ରହାମର ସନ୍ତାନ । ସେମାନେ କି ଖ୍ରୀଷ୍ଟଙ୍କର ସେବକ ନିର୍ବୋଧର ପ୍ରାୟେ ୨୩
କହିଲେ କୋଲି ସେମାନଙ୍କର ଉପରରେ ଆମ୍ଭେ ତାହାଙ୍କର ଅଧିକ ସେ
ବକ । ଅର୍ଥାତ୍ ସେମାନଙ୍କଠାରୁ ବହୁତ ପରିଶ୍ରମରେ ଓ ଅସଂଖ୍ୟକ ପ୍ରହା
ରରେ ଓ ଅନେକ ଥର ମୃତ୍ୟୁଭୟର ବନ୍ଧନରେ ଓ ବହୁତ ଥର ପ୍ରାଣ ସଂ
ଶୟରେ ପଡିଲୁଁ । ଆମ୍ଭେ ଯିହୁଦୀୟମାନଙ୍କଠାରୁ ପାଞ୍ଚ ଥର ଉଣଚାଳିଶ ୨୪
ପ୍ରହାର ପୁଣି ତିନଥର ବେତର ମାଡ ପୁଣି ଥରେ ପଥରର ଆଘାତ ସ୍ୱୀକାର ୨୫
କଲୁଁ । ଆଉ ତିନଥର ଆମ୍ଭକୁ ଜାହାଜ ଭଙ୍ଗା ପଡିଲା । ଅଗାଧ ଜଳରେ
ଏକ ଦିବାରାତ୍ର କ୍ଷେପଣ କଲୁଁ । ବହୁତ ଥର ଯାତ୍ରାରେ ନଦୀ ୨୬
ଶଙ୍କଟରେ ଜଳଦସ୍ୟୁର ଶଙ୍କଟରେ ସ୍ୱଦେଶୀୟମାନଙ୍କର ଶଙ୍କଟରେ ବିଦେଶୀୟ

ମାନଙ୍କର ଶଙ୍କଟରେ ନଗର ଶଙ୍କଟରେ ବଣ ଶଙ୍କଟରେ ସମୁଦ୍ର ଶଙ୍କଟରେ
୧୭ ଭଣ୍ଡ ଭାଇମାନଙ୍କର ଶଙ୍କଟରେ ଓ ପରିଶ୍ରମରେ କ୍ଳେଶରେ ଥରକୁଥର ଜାଗ
୧୮ ରଣରେ କ୍ଷୁଧାରେ ତୃଷାରେ ବହୁତ ଥର ଅଣାହାରରେ ଶୀତରେ ନଙ୍ଗଳା
ରେ କାଳଯାପଣ କଲୁଂ । ଏମନ୍ତ ଅନ୍ୟାନ୍ୟ ବାହ୍ୟ ବିଷୟ ଛଡା ପ୍ରତିଦିନ
ରେ ମଣ୍ଡଳୀ ସମୂହର ସମ୍ଭାଳିବାର ଭାର ଆମ୍ଭର ଉପରେ ମାତି ପଡୁଅଛି ।
୧୯ କେଉଂ ଲୋକ ଦୁର୍ବଳ ହେଲେ ପୁଣି ଆମ୍ଭେ ଦୁର୍ବଳ ନୋହି । କାହାରି ବିଘ୍ନ
୩୦ ହୋଇଲେ ପୁଣି ଆମ୍ଭେ ଉତ୍ତପ୍ତ ନୋହି । ଯେବେ ଦର୍ପ କଥା ଆମ୍ଭକୁ କହି
୩୧ ବାକୁ ହେଲା ତେବେ ଆପଣାର ଦୁର୍ବଳତା ବିଷୟରେ ଦର୍ପ କରି । ଆଉ ଏଥି
ରେ ଆମ୍ଭେ ଯେ ମିଥ୍ୟା ବାକ୍ୟ ନ ବୋଲି ତାହା ଆମ୍ଭମାନଙ୍କର ପ୍ରଭୁ ଯୀଶୁ
୩୨ ଖ୍ରୀଷ୍ଟର ପିତା ସଚ୍ଚିଦାନନ୍ଦ ପରମେଶ୍ୱର ଜାଣନ୍ତି । ଆଉ ଦମିସିକ ନଗରରେ
ଅରିତା ରାଜାର ବେବର୍ତ୍ତା ଆମ୍ଭକୁ ଧରିବାକୁ ଇଚ୍ଛାକରି ସୈନ୍ୟ ସାମନ୍ତ ପ୍ରହ
୩୩ ରିର ଦ୍ୱାରା ସେହି ନଗରକୁ ରକ୍ଷା କଲା ପୁଣି ପାଚେରିରେ ଥିବାର ଗୋଟି
ୟେ ଜଳାକବାଟିର ଦ୍ୱାର ଦେଇ ଆମ୍ଭକୁ ଖଣ୍ଡେ ଟୋକାଇରେ ଓହ୍ଲାଇ
ଦିୟା ଯିବାରେ ତାହାର ହସ୍ତରୁ ଆମ୍ଭେ ରକ୍ଷା ପାଇଲୁଂ ।

## ୧୨ ପର୍ବ ।

୧ ଦର୍ପ କରିବାର ଆମ୍ଭର ଉଚିତ ନୋହେ ପ୍ରମାଣ ତେବେହେଁ ପ୍ରଭୁର ଦତ୍ତ
୨ ଦର୍ଶନ ଓ ପ୍ରତ୍ୟାଦେଶର ବିବରଣ ବୋଲି । ପ୍ରାୟେ ଚଉଦ ବରଷ ଗଲା
ଆମ୍ଭେ ଖ୍ରୀଷ୍ଟରେ ଏକ ଲୋକକୁ ଜାଣିଲୁଁ ସେ ଦେହରେ ବର୍ତ୍ତମାନ କି ଅବର୍ତ୍ତ
୩ ମାନ ତାହା ନ ଜାଣି ଈଶ୍ୱର ଜାଣନ୍ତି । ସେ ଜଣ ଉଚ୍ଚତମ ସ୍ୱର୍ଗରେ ଘେନା
୪ ଗଲା ଏମନ୍ତ ଜଣେ ଲୋକକୁ ଜାଣିଲୁଁ । ପୁଣି ସେ କାଳରେ ସେ ଦେହରେ
ବର୍ତ୍ତମାନ କି ଅବର୍ତ୍ତମାନ ତାହା ଆମ୍ଭେ ନ ଜାଣି ଈଶ୍ୱର ଜାଣନ୍ତି ସେ ସ୍ୱର୍ଗୋ
ଦ୍ୟାନରେ ଘେନା ଯାଆନ୍ତେ ଅକଥନୀୟ ଓ ମନୁଷ୍ୟର ଅବଚନୀୟ ବାକ୍ୟ
୫ ଶୁଣିବାକୁ ପାଇଲା । ଏମନ୍ତ ଲୋକର ବିଷୟରେ ଦର୍ପ କରିବା ନୋହିଲେ
ଆପଣାର ଦୁର୍ବଳତା ଛଡା ଆଉ କୌଣସି ବିଷୟରେ ଦର୍ପ କରିବା ନାହିଂ ।
୬ ପୁଣି ଯେବେ ଦର୍ପ କରିବାକୁ ଚାହି ତେବେହେଁ ସତ୍ୟ ବାକ୍ୟ ବୋଲିବା ହେ
ତୁରୁଂ ଆମ୍ଭେ ନିର୍ବୁଦ୍ଧିର ମଧ୍ୟରେ ଗଣିତ ହୋଇବା ନାହିଂ । ପୁଣି ଲୋକେ
ଆମ୍ଭକୁ ଯେ ପ୍ରକାର ଦେଖୁଅଛନ୍ତି ପୁଣି ଆମ୍ଭଠାରୁ ଯାହା ଶୁଣୁଅଛନ୍ତି ତାହା
ଠାରୁ ପଛେ ଆମ୍ଭକୁ ଶ୍ରେଷ୍ଠ ଜ୍ଞାନ କରନ୍ତି ଏଣୁକରି ଆମ୍ଭେ ସେ ବିଷୟରେ
୭ ନିବୃତ୍ତ ହେଲୁଁ । ଆଉ ଏହି ଅପାର ପ୍ରକାଶିତ ବାକ୍ୟର ସକାଶୁଂ ପଛେ
ଆମ୍ଭେ ଅପରିମିତ ଅଭିମାନ କରି ଏଥିନିମନ୍ତେ ଆମ୍ଭର ଅପରିମିତ ଅଭିମାନ

ନୋହିବାର ପାଁଇ ପ୍ରହାରକାର ଶସ୍ୟଛାନର ଦୃଢ଼ସ୍ୱରୂପ ଏକ କଣ୍ଟକ ଆମ୍ଭର
ଦେହରେ ବନ୍ଧିବାକୁ ଦଅା ହେଲା । ଏଣୁ ତାହାଠାରୁ ଯେମନ୍ତ ମୁକ୍ତି ପାଇ ୮
ଏହେତୁ ପ୍ରଭୁର ନକଟରେ ତନ ଥର ପ୍ରାର୍ଥନା କଲୁଁ । ତହିଁରେ ସେ ଆମ୍ଭକୁ ୯
କୋଇଲେ ତୁମ୍ଭର ପାଁଇ ଆମ୍ଭର ଅନୁଗ୍ରହ ସତୁର ହୋଏ ଦୁର୍ବଳତାରେ
ଆମ୍ଭର ଶକ୍ତି ପରିପୂର୍ଣରୂପରେ ପ୍ରକାଶ ହୁଅଇ । ଏମନ୍ତ ଆମ୍ଭରେ ଖ୍ରୀଷ୍ଟର
ଶକ୍ତି ଯେହେ ସ୍ଥିତ ରହିବ ଏହେତୁ ତୁଷ୍ଟ ହୋଇ ନଜ ଦୁର୍ବଳରେ ଦର୍ପ
କରିବା । ଏଣୁ ଖ୍ରୀଷ୍ଟର ନମନ୍ତେ ଦୁର୍ବଳତା ନନ୍ଦା ଦରିଦ୍ରତା ବପକ୍ଷତା କଷ୍ଟ ୧୦
ତାଡ଼ନା ସହିଲେ ସନ୍ତୋଷ ଅଛୁଁ ଯେହେତୁ ନଜେ ଦୁର୍ବଳ ହୋଇଲେହେଁ
ବଳବନ୍ତ ହୋଇ । ଆମ୍ଭେ ବିନା ଦର୍ପ କରିବାରୁ ନନ୍ଦୋଷର ପାତ୍ରେ ହୋ
ଇଅଛୁଁ । ପୁଣି ସେ ତୁମ୍ଭମାନଙ୍କର ଦୋଷରେ ଅର୍ଥାତ୍ ଆମ୍ଭର ପ୍ରଶଂସା ୧୧
କରିବାର ତୁମ୍ଭମାନଙ୍କର ଉଚିତ ଥିଲା ଯେହେତୁ ଆମ୍ଭେ କିଛୁ ନୋହିଲେ
ହେଁ ପ୍ରଧାନ ପ୍ରେରତଗଣଠାରୁ କୌଣସି ଅଂଶରେ ଉଣା ନୋହୁ । ସତ୍ୟ ୧୨
ପ୍ରକାରରେ ଧୈର୍ଯ୍ୟ ଯତ ଅଶ୍ଚର୍ଯ୍ୟ କ୍ରିୟା ଶକ୍ତି ଅଦ୍ଭୁତ ଲକ୍ଷଣ ଇତ୍ୟାଦି ପ୍ରେର
ତର ଚିହ୍ନ ତୁମ୍ଭମାନଙ୍କର ମଧ୍ୟରେ ପ୍ରକାଶିତ ଥିଲା ।

ଆମ୍ଭେ ଯେ ଅପଣାର କୌଣସି ଭାର ତୁମ୍ଭମାନଙ୍କର ଉପରେ ଦେଇ ୧୩
ନାହୁଁ ଏହ ଏକ କଥା ବନା ଅନ ମଣ୍ଡଳୀର ତୁମ୍ଭେମାନେ କେଉଁ ବିଷୟରେ
ଉଣା ଅଛ । ଆମ୍ଭର ସେହ ଦୋଷ କ୍ଷମା କର । ଦେଖ ତୃତୀୟ ଥର ତୁମ୍ଭମା ୧୪
ନଙ୍କରଠାକୁ ଯିବାକୁ ଉଦ୍ୟତ ଅଛୁଁ । ତହିଁରେ ନଜର କୌଣସି ଭାର ତୁମ୍ଭ
ମାନଙ୍କଠାରେ ଦେବା ନାହିଁ ଯେହେତୁ ତୁମ୍ଭମାନଙ୍କର ସମ୍ପତ୍ତି ଚେଷ୍ଟା ନ
କର ମାଏ ତୁମ୍ଭମାନଙ୍କୁ ଚେଷ୍ଟା କର ପିତା ମାତାର ନମନ୍ତେ ସନ୍ତାନମାନ
ଙ୍କର ଧନ ସଞ୍ଚୟ କରିବାର କର୍ତ୍ତବ୍ୟ ନୋହେ ବରଞ୍ଚ ସନ୍ତାନମାନଙ୍କର ନମ
ନ୍ତେଇ ପିତା ମାତାକୁ ଧନ ସଞ୍ଚୟ କରିବାକୁ ହୋଏ । ଅତ୍ତ ଆମ୍ଭେ ତୁମ୍ଭମାନ ୧୫
ଙ୍କର ପ୍ରତ ଯେତେ ବାହୁଲ୍ୟ ସ୍ନେହ କର ତେତକ ଉଣା ସ୍ନେହର ପାଏ ଯେବେ
ହୋଇ ତେବେହେଁ ତୁମ୍ଭମାନଙ୍କର ଅଗ୍ନ ଲଗି ଆମ୍ଭେ ଅତ ସ୍ୱଚ୍ଛନ୍ଦରେ ପ୍ରାଣ
ବ୍ୟୟ କରିବାକୁ ଓ ବ୍ୟୟକୃତ ହେବାକୁ ପ୍ରସ୍ତୁତ ଅଛୁଁ । ଯାହା ହେଉ ତୁମ୍ଭ ୧୬
ମାନଙ୍କୁ କିଛୁ ଭାରଗ୍ରସ୍ତ କର ନାହିଁ ମାଏ ଆମ୍ଭେ ବିନା ଧୂର୍ତ୍ତ ହୋଇ ଛଳରେ
ତୁମ୍ଭମାନଙ୍କୁ ଧରିଅଛୁଁ । ଉତ୍ତ ଯେଉଁମାନଙ୍କୁ ତୁମ୍ଭମାନଙ୍କର ନକଟକୁ ୧୭
ପଠାଇ ଦେଇ ଥିଲୁଁ ସେମାନଙ୍କର କାହାର ଦ୍ୱାରା କ ଆମ୍ଭର କିଛୁ ଲାଭ
ଜନ୍ମ ଥିଲା । ଆମ୍ଭେ ତୀତକୁ ବନତ୍ତ କର ତାହାର ସଙ୍ଗତେ ଜଣେ ଭାଇକୁ ୧୮
ପଠାଇ ଦେଇ ଥିଲୁଁ । ସେହ ତୀତ କ ତୁମ୍ଭମାନଙ୍କର ନକଟରୁ କିଛୁ
ଅର୍ଥ ଲାଭ କରିଅଛ । ଅମ୍ଭେମାନେ ଏକ ମନରେ ଏକ ପଦ ଚିହ୍ନ ଦେଇ କ

୧୦ ଗମନ କର ନାହିଁ । ଅନ୍ତର ବୋଲ ତୁମ୍ଭମାନଙ୍କଠାରେ ଆମ୍ଭେମାନେ ଯେ
ପ୍ରତିବାଦ କଥା ବୋଲୁଅଛୁଁ କ ଏହା ବୋଧ କରୁଅଛ । ହେ ପ୍ରିୟ ଭ୍ରାତୃ
ଗଣ ତୁମ୍ଭମାନଙ୍କର ନିସ୍ତାର ନିମନ୍ତେ ଆମ୍ଭେମାନେ ସମସ୍ତ କର ଈଶ୍ୱରଙ୍କର
୧୦ ସାକ୍ଷାତରେ ଖ୍ରୀଷ୍ଟର ଦ୍ୱାର ଏହ କଥା ବୋଲୁଅଛୁଁ । ଆଉ ଆମ୍ଭେ ଉପସ୍ଥିତ
ହୋଇଲେ ପଛେ ତୁମ୍ଭମାନଙ୍କୁ ଆମ୍ଭର ଇଚ୍ଛାପର ନ ଦେଖି ପୁଣି ତୁମ୍ଭେମା
ନେ ଯେମନ୍ତ ଇଚ୍ଛା ନ କର ତେମନ୍ତ ତୁମ୍ଭଠାରେ ଆମ୍ଭର ଦେଖା ହୁଅଇ
ଏମନ୍ତ ତୁମ୍ଭମାନଙ୍କର ମଧ୍ୟରେ ଅବା ବାଦାନୁବାଦ ଈର୍ଷା କ୍ରୋଧ ବିବାଦ
୧୧ ପରପବାଦ ଖଲତା ଉର୍ଜ୍ଜନ କଲହ ଏହ ସମସ୍ତ ହୋଇଥି । ଅବର ପୁନଶ୍ଚାର
ତୁମ୍ଭମାନଙ୍କ ନକଟରେ ଉପସ୍ଥିତ ହୋଇଲେ ଈଶ୍ୱର ପଛେ ଆମ୍ଭକୁ ନୁଆଁଣ
କରନ୍ତୁ ପୁଣି ଯେଉଁମାନେ ପୂର୍ବରେ ପାପୀ ହୋଇ ଅପଶାମାନଙ୍କର କୃତ
ଅଶୁଚି କର୍ମ ବେଶ୍ୟାଗମନ କାମାଭିଳାଷ ବିଷୟରେ ମନ ଫେରାଇ ନାହାନ୍ତି
ଏପ୍ରକାର ବହୁତ ଲୋକର ନିମନ୍ତେ ପଛେ ଆମ୍ଭକୁ ବିଳାପ କରିବାକୁ ହୁଅଇ
ଏଥିରେ ଆମ୍ଭର ଭୟ ଅଛି ।

୧୩ ପତ୍ର ।

୧ ଏହ ତୃତୀୟଥର ତୁମ୍ଭମାନଙ୍କର କତକ୍ଷ ଯାଉଅଛୁଁ ତହିଁରେ ଦୁଇ ତିନ
୨ ସାକ୍ଷିର ମୁଖରୁ ସବୁ କଥା ସ୍ଥିର ହୋଇବ । ପରେ କହିଥିଲୁଁ ପୁଣି ବଦ୍ୟମାନ
ଯେସନ ହୋଇ ତେସନ ପୁନଶ୍ଚ ବୋଲୁଅଛୁଁ ଯେଉଁମାନେ ପୂର୍ବରେ ପାପ
କରଅଛନ୍ତି ସେମାନଙ୍କୁ ପୁଣି ଅନ୍ୟ ସମସ୍ତଙ୍କୁ ଏବେ ଲେଖୁଅଛୁଁ ଯେବେ ପୁନ
ର୍ବାର ତୁମ୍ଭମାନଙ୍କର ନକଟକୁ ଯାଇ ତେବେ ଆଉ କ୍ଷମା କରିବା ନାହିଁ ।
୩ ବଶେଷରେ ଖ୍ରୀଷ୍ଟ ଆମ୍ଭର ଦ୍ୱାର କଥା କହନ୍ତି ଏହାର ପ୍ରମାଣ ଚେଷ୍ଟା କରୁ
ଅଛୁଁ ସେ ତୁମ୍ଭମାନଙ୍କର ପ୍ରତି ଦୁର୍ବଳ ନୁହନ୍ତି ପୁଣି ତୁମ୍ଭମାନଙ୍କର ମଧ୍ୟରେ
୪ ସବଳ ଅଟନ୍ତି । ସେ ଯେବେ ଦୁର୍ବଳତା ହେତୁରୁ କ୍ରୁଶରେ ହତ ହୋଇ
ଲେ ତଥାପି ଈଶ୍ୱରଙ୍କର ଶକ୍ତିରେ ସଜୀବ ହୋଇଅଛନ୍ତି ଆଉ ତାହାଙ୍କର
ଅଶ୍ରିତ ଆମ୍ଭେମାନେ ତେସନ ଦୁର୍ବଳ ହୋଇଲେହେଁ ଈଶ୍ୱରଙ୍କର ଶକ୍ତିରେ
୫ ତାହାଙ୍କର ସହତ ତୁମ୍ଭମାନଙ୍କଠାରେ ସଜୀବ ହୋଇବା । ତୁମ୍ଭେମାନେ
ବଶ୍ୱାସ ପାଏ ଅଟ କ ନାହିଁ ଏହା ମନରେ ବବେଚନା କର ଆପଣାମାନଙ୍କର
ପରୀକ୍ଷା କର ପୁଣି ତୁମ୍ଭେମାନେ ଅପ୍ରାହ୍ୟ ନୋହିଲେ ଯୀଶୁ ଖ୍ରୀଷ୍ଟ ତୁମ୍ଭମା
ନଙ୍କର ମଧ୍ୟବର୍ତ୍ତି ଅଟନ୍ତି ଏହା କ ଆପଣାମାନଙ୍କର ବଷୟରେ ନ ଜାଣ ।
୬ ପୁଣି ଆମ୍ଭେମାନେ ଅପ୍ରାହ୍ୟ ନୋହୁ ଏମନ୍ତ ଯେ ଜାଣିବାକୁ ପାରିବ ଏହା
୭ ଆମ୍ଭର ଭରସା ହେଉଅଛୁ । ତୁମ୍ଭେମାନେ ଯେ କୌଣସି ପାପାଚରଣ ନ

କର ଈଶ୍ୱରଙ୍କର ଶ୍ରମ୍ମୁରେ ଏହ ପ୍ରାର୍ଥନା କର ଉହ୍ଦଂରେ ଅମ୍ଭେମାନେ ଯେ
ଗ୍ରାହ୍ୟ ଗଣିତ ହୋଇ ଏମନ୍ତ ନୋହେ ପୁଣି ଅଗ୍ରାହ୍ୟ ଗଣିତ ହୋଇଲେହେଁ
ତୁମ୍ଭେମାନେ ଯେ ସତ୍କର୍ମ କର ଏହ ଅମ୍ଭର ପ୍ରାର୍ଥନା । ଯେହେତୁ ଅମ୍ଭେ ୮
ମାନେ ସତ୍ୟଦ୍ଧାର ସପକ୍ଷ ହୋଇ କର୍ମ କରବାକୁ ପାର୍ ପୁଣି ସତ୍ୟଦ୍ଧାର ବପକ୍ଷ
ହୋଇ କଛ୍ଛହିଁ କରବାକୁ ନ ପାର୍ । ଆମ୍ଭେମାନେ ଦୁର୍ବଳ ହୋଇଲେ ତୁମ୍ଭେ ୯
ମାନେ ଯେବେ ବଲବନ୍ତ ହୁଅ ତେବେ ସେ ଅମ୍ଭମାନଙ୍କର ଆଜ୍ଞାଦର
ବଷୟ୍ ଅର୍ଥାତ୍ ତୁମ୍ଭେମାନେ ଯେ ସିଦ୍ଧ ହୁଅ ଏହ ଅମ୍ଭମାନଙ୍କର ପ୍ରାର୍ଥନା ।
ବନାଶର ନମନ୍ତେ ନୋହେ ପୁଣି ନଶ୍ଚାର ନମନ୍ତେ ପ୍ରଭୁ ଆମ୍ଭକୁ ଯେଉଁ ପର୍ ୧୦
କ୍ରମ ଦେଇଅଛନ୍ତ ପଚ୍ଛେ ଉପସ୍ଥିତ ହୋଇବାରେ ସେହ ପର୍କ୍ରମ ପ୍ରକାଶ
କର୍ କଠିଣ ଶାସନ କର୍ ବନମନ୍ତେ ଏବେ ଉପସ୍ଥିତ ନୋହ ତୁମ୍ଭମାନଙ୍କର
ନକଟରେ ଏହ ସବୁ କଥା ଲେଖୁଅଛୁଁ ।

ହେ ଭ୍ରାତୃଗଣ ଅବଶେଷରେ ବୋଲ୍ ତୁମ୍ଭମାନଙ୍କର କଲ୍ୟାଣ ହେଉ୍ । ୧୧
ତୁମ୍ଭେମାନେ ଶାନ୍ତ୍ରଯୁକ୍ତ ଓ ଏକମନା ଓ ନର୍ବଦ୍ରୋଧୀ ହୋଇ ସିଦ୍ଧ ହୁଅ ଉହଁରେ
ପ୍ରେମ ଓ ଶାନ୍ତ୍ରଦାତା ଯେ ଈଶ୍ୱର ସେ ତୁମ୍ଭମାନଙ୍କର ସଙ୍ଗତେ ବାସ
କରବେ । ତୁମ୍ଭେମାନେ ପବତ୍ର ଚୁମ୍ବନ ଦେଇ ଏକଲ୍ପାରେକ ନମସ୍କାର ୧୨
କର । ସାଧୁଲୋକମାନେ ତୁମ୍ଭମାନଙ୍କୁ ନମସ୍କାର କରଅଛନ୍ତ । ପ୍ରଭୁ ଯୀଶୁ ୧୩
ଖ୍ରୀଷ୍ଟଙ୍କର ଅନୁଗ୍ରହ ଓ ଈଶ୍ୱରଙ୍କର ପ୍ରେମ ଓ ଧର୍ମଆତ୍ମାର ସହାଯ୍ୟତା ତୁମ୍ଭ ସମ୍ଭ ୧୪
ସ୍ତଙ୍କଠାରେ ହେଉନ୍ତୁ ।

ଇତି ।

---

# ଗାଲାତୀୟ ମଣ୍ଡଳୀର ପ୍ରତି ପାଉଲ ପ୍ରେରିତର ଚିଠି ।

## ୧ ପର୍ବ ।

୧ ପାଉଲ ପ୍ରେରିତ ଯେ ଆମ୍ଭେ (ମାନ୍ଧ ମନୁଷ୍ୟଠାରୁ ଅବା ମନୁଷ୍ୟର ଦ୍ୱାରା
ନୋହ୍ନ ଯୀଶୁ ଖ୍ରୀଷ୍ଟ ଓ ମୃତାବସ୍ଥାରୁ ତାହାଙ୍କର ଉଠାଇବା କର୍ତ୍ତା ଯେ ପିତା
୨ ଈଶ୍ୱରଙ୍କ ଦ୍ୱାରା ପ୍ରେରିତ) ପୁଣି ଆମ୍ଭର ସଙ୍ଗସ୍ଥ ଭାଇ ସମସ୍ତେ ଗାଲାତୀୟ
୩ ମଣ୍ଡଳୀଗଣର ପ୍ରତି ଚିଠି ଲେଖି । ପିତା ଈଶ୍ୱର ପୁଣି ଆମ୍ଭମାନଙ୍କର ପ୍ରଭୁ
୪ ଯୀଶୁ ଖ୍ରୀଷ୍ଟଠାରୁ ତୁମ୍ଭମାନଙ୍କର ପ୍ରତି ଅନୁଗ୍ରହ ଓ ଶାନ୍ତି ହେଉନ୍ତୁ । ପିତା
ପରମେଶ୍ୱରଙ୍କର ଇଚ୍ଛାନୁସାରେ ଏହ ବର୍ତ୍ତମାନ ମନ୍ଦ ସଂସାରରୁ ଆମ୍ଭମାନଙ୍କୁ
୫ ଉଦ୍ଧାର କରିବା ପାଇଁ ଯେ ଆମ୍ଭମାନଙ୍କର ପାପର ନମନ୍ତେ ଆପଣାର ପ୍ରାଣ
ଦେଲେ ତାହାଙ୍କର ଧନ୍ୟବାଦ ସଦାସର୍ବଦା ହେଉ । ଆମେନ ।

୬ ଖ୍ରୀଷ୍ଟର ଅନୁଗ୍ରହରେ ଯେଉଁଜଣ ତୁମ୍ଭମାନଙ୍କୁ ଆହ୍ୱାନ କଲା ତାହାକୁ
ଛାଡ଼ ଏମନ୍ତ ବେଗେ ଅନ୍ୟ ମଙ୍ଗଲସମାଗ୍ଭରରେ ମତାନ୍ତର ହେଲ ବୋଲି
୭ ଆମ୍ଭେ ଆଶ୍ଚର୍ଯ୍ୟ ମନି । ମାନ୍ଧ ସେହ ଅନ୍ୟ ମଙ୍ଗଲସମାଗ୍ଭର ନୋହେ ପୁଣି
ତୁମ୍ଭମାନଙ୍କୁ ଅସ୍ଥିର କରିବାକୁ ଓ ଖ୍ରୀଷ୍ଟର ସୁସମାଗ୍ଭରର ଅନ୍ୟଥା କରିବାକୁ
୮ ଇଚ୍ଛୁକ ଏମନ୍ତ ଥୋକାଏ ଲୋକ ଅଛନ୍ତି । ପୁଣି ଆମ୍ଭେ ତୁମ୍ଭମାନଙ୍କଠାରେ
ଯେଉଁ ମଙ୍ଗଲସମାଗ୍ଭର ଘୋଷଣା କରୁଁ ତଦ୍ଭିନ୍ନ କୌଣସି ସୁସମାଗ୍ଭର ଆମ୍ଭେ
ମାନେ ଅବା ସ୍ୱର୍ଗଦୂତ କେହ ଯେବେ ଘୋଷଣା କରନ୍ତୁ ତେବେ ସେ ଶାପ
୯ ଗ୍ରସ୍ତ ହେଉ । ପୂର୍ବରେ ଯେଉଁ କହିଥିଲୁଁ ଏବେହେଁ ସେହ ପ୍ରକାର ବୋଲି
ଅର୍ଥାତ୍ ତୁମ୍ଭେମାନେ ଯେଉଁ ସୁସମାଗ୍ଭର ଗ୍ରହଣ କରିଅଛ ତହିଁର ଅନ୍ୟ
କୌଣସି ସୁସମାଗ୍ଭର କେହ ଯେବେ ତୁମ୍ଭମାନଙ୍କର ନିକଟରେ ପ୍ରଚାର କରଇ
୧୦ ତେବେ ସେ ଶାପଗ୍ରସ୍ତ ହେଉ । ଆମ୍ଭେ କ ଈଶ୍ୱରଙ୍କର ଅବା ମନୁଷ୍ୟର
କାହାର ପ୍ରସନ୍ନ ଜନ୍ମାଇ ଅବା ଆମ୍ଭେ କ ମନୁଷ୍ୟକୁ ତୁଷ୍ଟ କରିବାକୁ ଚେଷ୍ଟ

ଯେଣୁ ମନୁଷ୍ୟକୁ ଯଦି ତୁଷ୍ଟ କରନ୍ତୁ ତେବେ ଆମ୍ଭେ ଖ୍ରୀଷ୍ଟଙ୍କର ସେବକ ନ ହୁଅନ୍ତୁ ।

ହେ ଭ୍ରାତୃଗଣ ଆମ୍ଭ ଦ୍ୱାରା ଯେ ମଙ୍ଗଳସମାଚାର ଘୋଷଣା ହୋଇ ଥିଲା ୧ ତାହା ଯେ ମନୁଷ୍ୟର ମତାନୁସାରରେ ନ ହୁଅଇ ଏହା ତୁମ୍ଭମାନଙ୍କୁ ଜଣାଇ । ଯେହେତୁ ମନୁଷ୍ୟଠାରୁ ତାହା ପାଇ ନାହିଁ ଅବା ଶିକ୍ଷା ପାଇ ନାହିଁ କେବଳ ୧୨ ଯୀଶୁ ଖ୍ରୀଷ୍ଟ ଦ୍ୱାରା ପ୍ରକାଶିତ ହୋଇ ତାହା ପାଇଅଛୁଁ । ଆଉ ଯିହୁଦୀୟ ୧୩ ମତାବଲମ୍ବୀ ହୋଇ ପୂର୍ବରେ ଯେଉଁ ପ୍ରକାର ବ୍ୟବହାର କରଥିଲୁଁ ଅର୍ଥାତ୍ କି ପ୍ରକାର ଈଶ୍ୱରଙ୍କର ମଣ୍ଡଳୀର ପ୍ରତି ଅତିଶୟ ଦୌରାତ୍ମ୍ୟ କର ତାହାର ନାଶ କର ଥିଲୁଁ ତାହା ଅବଶ୍ୟ ଶୁଣି ଥିବ । ଆଉ ପୂର୍ବପୁରୁଷ ପରମ୍ପରାଗତ ବ୍ୟବସ୍ଥାରେ ୧୪ ଅତିଶୟ ଉଦ୍ଯୋଗ ହୋଇ ଆମ୍ଭର ସ୍ୱଜାତୀୟ ଯେତେ ସମବୟସ୍କ ଥିଲେ ସମସ୍ତଙ୍କ ଠାରୁ ଅମ୍ଭେ ଯିହୁଦୀୟ ଧର୍ମରେ ଉତ୍ତମ ଥିଲୁଁ । ପୁଣି ଆମ୍ଭର ମାତାର ଉଦରରୁ ଆମ୍ଭକୁ ବଛା କଲେ ଯେ ପରମେଶ୍ୱର ସେ ଯେତେବେଳେ ତୁଷ୍ଟ ହୋଇ ଅପଣା ଅନୁଗ୍ରହରେ ଆମ୍ଭକୁ ଆହ୍ୱାନ କର ଅନ୍ୟ ଦେଶୀୟମାନଙ୍କର ୧୬ ମଧ୍ୟରେ ତାହାଙ୍କର ପୁତ୍ରଙ୍କ ପ୍ରତି ପ୍ରକାଶ କରିବା ପାଇଁ ଅପଣା ପୁତ୍ରଙ୍କର ତତ୍ତ୍ୱ ଆମ୍ଭ ଠାରେ ପ୍ରକାଶ କଲେ ତେତେବେଳେ ଆମ୍ଭେ ରକ୍ତମାଂସର ସହିତ ପରାମର୍ଶ ନ କର ଅବା ପୂର୍ବ ନିଯୁକ୍ତ ଯିରୂଶାଲମ ନଗରସ୍ଥ ପ୍ରେରିତଗଣର ସହିତ ସାକ୍ଷାତ ୧୭ କରିବାକୁ ନ ଯାଇ ସେହି କ୍ଷଣି ଆରବ ଦେଶକୁ ଗଲୁଁ ଯହିଁ ସେଠାରୁ ପୁନର୍ବାର ଦମିସ୍କ ନଗରକୁ ବାହୁଡ଼ି ଅଇଲୁଁ । ଏହି ପ୍ରକାର ତିନ ବତ୍ସର ଗଲା ୧୮ ତତ୍ପରେ ପିତରର ସହିତ ଦେଖା କରିବା ପାଇଁ ଯିରୂଶାଲମକୁ ଯାଇ ପନ୍ଦର ଦିନ ଯାଏଁ ତାହାର ସହିତ ବାସ କଲୁଁ । ପୁଣି ପ୍ରଭୁର ଭ୍ରାତା ଯାକୁବ ବିନା ୧୯ ପ୍ରେରିତଗଣର ମଧ୍ୟରେ ଆଉ କାହାକୁଓ ନ ଦେଖିଲୁଁ । ଏହି ଯେ ସତ୍ୟ କଥା ୨୦ ଲେଖି ଦେଖ ଈଶ୍ୱରଙ୍କ ସାକ୍ଷାତ ମାନ ବୋଲି ଏହା ମିଥ୍ୟା ନୋହେ । ତହିଁ ୨୧ ତତ୍ପରେ ସୁରିୟା ଓ କିଲିକିୟା ଦେଶକୁ ଗଲୁଁ ପୁଣି ସେ କାଳରେ ଯିହୁଦୀୟ ୨୨ ଦେଶସ୍থ ଖ୍ରୀଷ୍ଟ ଅଶ୍ରିତ ମଣ୍ଡଳୀର ଲୋକମାନଙ୍କର ସହିତ ଆମ୍ଭର ସାକ୍ଷାତ ପରିଚୟ ନ ଥିଲା । କେବଳ ପୂର୍ବରେ ଆମ୍ଭମାନଙ୍କର ପ୍ରତି ଦୁରନ୍ତ କର୍ମକାରୀ ୨୩ ଧର୍ମ ବିନାଶ କର ଥିଲା ସେ ଏବେ ସେହି ଧର୍ମର ପ୍ରଚାର କରିଅଛୁ ଏକଥା ମାତ୍ର ଶୁଣିଥିଲା । ତେଣୁ ସେମାନେ ଆମ୍ଭର ଲାଗି ଈଶ୍ୱରଙ୍କର ଧନ୍ୟବାଦ କଲେ । ୨୪

## ୨ ପତ୍ର ।

ଅନନ୍ତରେ ଚୌଦ୍ଦ ବତ୍ସର ଗଲା ଉତ୍ତରେ ଆମ୍ଭେ ତୀତକୁ ସଙ୍ଗେ ଘେନ ୧
କରିବାର ସହିତ ଯିରୂଶାଲମକୁ ପୁନର୍ବାର ଗଲୁଁ । ଆମ୍ଭେ ପ୍ରତ୍ୟାଦେଶରେ ୨

ଗମନ କରି ଯେଉଂ ମଙ୍ଗଳସମାଚାର ଅନ ଦେଶୀୟମାନଙ୍କର ନିକଟରେ ଘୋ
୩ ଷଣା କରିଥିଲୁଁ ତାହା ସେଠାବର ଲୋକଙ୍କୁ ଜଣାଇଲୁଁ । ମାତ୍ର ଆମ୍ଭର ପୂର୍ବର
କିଅବା ବର୍ତ୍ତମାନର ପରିଶ୍ରମ ଯେହେନ୍ତେ ବିଫଳ ନ ହୋୟେ ଏଣୁକରି ଯେଉଂ
ମାନେ ମାନ୍ୟ ସେମାନଙ୍କର କତିରେ ଗୋପନରେ ଜଣାଇଲୁଁ । ତେବେହେଁ
୪ ଆମ୍ଭର ସଙ୍ଗୀ ଗ୍ରୀକ ଲୋକ ଯେ ତୀତ ତାହାର ସୁନ୍ନତ କ୍ରିୟା କରିବାକୁ ନୋ
ହିଲା ଯେଣୁ ଖ୍ରୀଷ୍ଟ ଯୀଶୁରେ ଆମ୍ଭମାନଙ୍କର ଯେଉଂ ମୁକ୍ତିବିଶେଷ ଏହା ଅନୁସ
ନ୍ଧାନ କରି ଆମ୍ଭମାନଙ୍କୁ ଅଧୀନ କରି ରଖିବାକୁ ମଣ୍ଡଳୀରେ ଥୋକାୟେ
୫ ଭଣ୍ଡ ଭାଇମାନେ ଛଳରେ ପ୍ରବେଶ ହେଲେ । ପୁଣି ତୁମ୍ଭମାନଙ୍କଠାରେ ବିଦ୍ୟ
ମାନ ଯେ ଯଥାର୍ଥ ମଙ୍ଗଳସମାଚାରର କଥା ତାହା ଯେମନ୍ତ ରହିବ ଏଣୁକରି
୬ ଦଣ୍ଡ ମାତ୍ର ସେମାନଙ୍କର ପ୍ରତି ଅଧୀନପଣ ଅଙ୍ଗୀକାର କଲୁଁ ନାହିଂ । ଆଉ
ଯେଉଂ କେତେକ ମାନ୍ୟ ଲୋକ ପରି ଥିଲେ ସେମାନେ ପ୍ରଧାନ ଅବା ଅପ୍ର
ଧାନ ତହିଂରେ ଆମ୍ଭର ବିଷୟ କିଛିହିଂ ନୋହି ଯେହେତୁ ଈଶ୍ୱର କୌଣସି
୭ ମନୁଷ୍ୟର ମୁଖ ଉପରୋଧ ନ କରନ୍ତି । ସେ ମାନ୍ୟ ଲୋକ ବୋଲି ଆମ୍ଭକୁ
କୌଣସି ନୂଆ ଶିକ୍ଷା ଦେଲେ ନାହିଂ ମାତ୍ର ସୁନ୍ନତିମାନଙ୍କର ନିକଟରେ
ସୁସମାଚାର ପ୍ରଚାର କରିବାର ଭାର ଯେମନ୍ତ ପିତରକୁ ଦିଆ ଯାଇ ଥିଲା
ତେମନ୍ତ ଅସୁନ୍ନତିର ନିକଟରେ ସେହି ଭାର ଆମ୍ଭକୁ ଦତ୍ତ ହୋଇଅଛି ଏହା
୮ ଦେଖିଲେ । ଯେହେତୁ ସୁନ୍ନତି ଲୋକମାନଙ୍କର କତିରେ ପ୍ରେରିତ ପଦର
କର୍ମ କରିବା ପାଁଇ ଯେ ପିତରକୁ ସୁସାଧ୍ୟ ଦେଇ ଥିଲେ ଅସୁନ୍ନତିଙ୍କର
କତିରେ ସେହି କର୍ମ କରିବାକୁ ସେ ଆମ୍ଭକୁଇ ସେହି ପ୍ରକାର ସୁସାଧ୍ୟ
୯ ଦେଇଅଛନ୍ତି । ବିଶେଷତଃ ଆମ୍ଭେମାନେ ଯେମନ୍ତ ଅନ୍ୟ ଦେଶୀୟମାନ
ଙ୍କର କତିରେ ଯାଇ ପୁଣି ସେମାନେ ଯେମନ୍ତ ସୁନ୍ନତିମାନଙ୍କର କତିରେ
ଯାଆନ୍ତି ଏଥିପାଁଇ ସ୍ତମ୍ଭସ୍ୱରୂପ ମାନ୍ୟ ଯେ ଯାକୁବ କେୟଫା ଯୋହନ ଏମାନେ
ଆମ୍ଭକୁ ଦତ୍ତ ଯେଉଂ ଅନୁଗ୍ରହ ତାହା ଜାଣିଲେ ଆମ୍ଭକୁ ଓ ବର୍ଣବାକୁ ସହାୟ
୧୦ ରୂପ ଦକ୍ଷିଣ ହସ୍ତ ଦେଇ ବିଦାୟ କଲେ । ପୁଣି ଦରିଦ୍ର ଲୋକମାନଙ୍କର
ପ୍ରତି ଦାନ ବିଷୟରେ ମନୋଯୋଗ କର ଆମ୍ଭମାନଙ୍କର କତିରେ କେବଳ
ଏହି ପ୍ରାର୍ଥନା କଲା ଆମ୍ଭେହେଂ ସେ ବିଷୟରେ ଉଦ୍ଯୋଗୀ ହେଲୁଁ ।
୧୧ ଆଉ ପିତର ଆନ୍ତିୟଖିୟା ନଗରକୁ ଅଇଲା ଉତ୍ତାରୁ ଦୋଷୀ ହେବାରେ
ତାହାର ସନ୍ମୁଖରେ ତାହାକୁ ଅନୁଯୋଗ କଲୁଂ । ଯେହେତୁ ସେ ପୂର୍ବରେ
୧୨ ଅନ୍ୟ ଦେଶୀୟମାନଙ୍କର ସହିତ ଆହାର ବ୍ୟବହାର କରନ୍ତା ପୁଣି ଯାକୁବର
କତିରୁ ଥୋକାୟେ ଜଣ ଆଗମନ କରନ୍ତେ ସୁନ୍ନତିମାନଙ୍କର ଭୟରେ ସେମା
୧୩ ନଙ୍କର ସାଙ୍ଗ ତ୍ୟାଗ କରି ଅଲଗା ରହିଲା । ପୁଣି ଅନ୍ୟ୨ ଯିହୁଦୀୟ

ମାନେହେଁ ତେମନ୍ତ ପ୍ରବଞ୍ଚନା କରିବାକୁ ଲାଗିଲେ ତହିଁରେ ବର୍ଣ୍ଣିତ
ସେହି ପ୍ରବଞ୍ଚନାରେ ପ୍ରବଞ୍ଚିତ ହୋଇଲ । ପୁଣି ସେମାନେ ସୁସମାଚାର ମତା ୧୪
ନୁସାରେ ଯଥାର୍ଥରୂପ ଆଚରଣ କଲେ ନାହିଁ ଏହା ଦେଖି ଆମ୍ଭେ ସମସ୍ତଙ୍କର
ସାକ୍ଷାତରେ ସିଫରକୁ କହିଲୁଁ ତୁମ୍ଭେ ନିଜରେ ଯିହୁଦୀ ହୋଇ ଯେବେ ଯିହୁ
ଦୀୟ ମତ ବରୁଦ୍ଧ ଅନ୍ୟ ଦେଶୀୟ ମତ ଆଚରଣ କର ତେବେ ଅନ୍ୟ ଦେଶୀୟ
ଲୋକଙ୍କୁ ଯିହୁଦୀୟମାନଙ୍କର ପ୍ରାୟେ ବ୍ୟବହାର କରିବାକୁ କଅଁ। ପ୍ରବୃତ୍ତି
ଦେଇପାରୁ । ବ୍ୟବସ୍ଥା ପାଳଣରେ ମନୁଷ୍ୟ ଧାର୍ମିକ ଗଣିତ ନୋହେ କେବଳ ୧୫
ଯୀଶୁ ଖ୍ରୀଷ୍ଟରେ ବିଶ୍ୱାସ ଦ୍ୱାରା ହୋଇ ଯିହୁଦୀ ବଂଶଜାତ ପୁଣି ଅନ
ଦେଶୀୟମାନଙ୍କର ପ୍ରାୟେ ପାପୀ ନୋହୁ ଯେ ଆମ୍ଭେମାନେ ଆମ୍ଭେମାନେହିଁ ୧୭
ଏହା ଜାଣି ବ୍ୟବସ୍ଥାର କ୍ରିୟା ଶୂନ୍ୟ କେବଳ ଖ୍ରୀଷ୍ଟରେ ବିଶ୍ୱାସ ଦ୍ୱାରା ଧର୍ମ
ବନ୍ତ ଗଣିତ ହେବା ପାଁଇ ଯୀଶୁ ଖ୍ରୀଷ୍ଟରେ ବିଶ୍ୱାସ କରିଅଛୁଁ । ଯେହେତୁ
ବ୍ୟବସ୍ଥା ପାଳଣ ଦ୍ୱାରା କୌଣସି ପ୍ରାଣୀ ଧର୍ମବନ୍ତ ଗଣିତ ନ ହେବ । ପୁଣି ୧୭
ଖ୍ରୀଷ୍ଟରେ ବିଶ୍ୱାସ କରିବାରେ ଧର୍ମବନ୍ତ ଗଣିତ ହେବାକୁ ଚେଷ୍ଟା କରୁ ଯେବେ
ଆମ୍ଭେମାନେ ପାପଗ୍ରସ୍ତ ହୋଇ ତେବେ କ ଖ୍ରୀଷ୍ଟ ପାପର ସେବକ । ଏରୂପ କ
ଦାପି ନ ହେଉ । ଅତ୍ର ଆମ୍ଭେ ଯାହା ଭାଙ୍ଗିଅଛୁଁ ତାହା ଯେବେ ପୁନର୍ବାର ୧୮
ଗୁଁଥି ତେବେ ଆପଣାର ଦୋଷ ଅପେଁ ସ୍ଥିର କରୁ । ଆମ୍ଭେ ଈଶ୍ୱରଙ୍କର ୧୯
ଉଦ୍ଦେଶରେ ସଜୀବ ହେବାର ପାଁଇ ବ୍ୟବସ୍ଥା ଦ୍ୱାରା ବ୍ୟବସ୍ଥାର ପ୍ରତି ମୃତ
ହୋଇ ଅଛୁଁ । ଆମ୍ଭେ ଖ୍ରୀଷ୍ଟର ସହିତ କ୍ରୁଶରେ ହତ ହେଲୁଁ ତେବେହେଁ ବଞ୍ଚି ୨୦
ଅଛୁଁ ମାତ୍ର ଆମ୍ଭେତ ନୋହୁ ଖ୍ରୀଷ୍ଟ ଆମ୍ଭର ଅନ୍ତରେ ଜୀବନ୍ତ ଅଛନ୍ତି । ଯେ
ଆମ୍ଭକୁ ପ୍ରେମ କରି ଆମ୍ଭର ନମନ୍ତେ ପ୍ରାଣ ଦାନ କଲେ ଏମନ୍ତ ଯେ ଈଶ୍ୱର
ଙ୍କର ପୁତ୍ର କେବଳ ବିଶ୍ୱାସରେ ବିଶ୍ୱାସ କରି ଆମ୍ଭେ ଏବେ ଦେହବନ୍ତ ହୋଇ
ଜୀବନ ଯାପୁଁ । ଆମ୍ଭେ ଈଶ୍ୱରଙ୍କର ଅନୁଗ୍ରହକୁ ବିଫଳ ନ କରୁଁ ଯେହେତୁ ୨୧
ବ୍ୟବସ୍ଥାର ଦ୍ୱାରା ଯେବେ ଧର୍ମପଣ ହୁଅନ୍ତା ତେବେ ଖ୍ରୀଷ୍ଟର ମୃତ୍ୟୁ ଭୋଗ
ବ୍ୟର୍ଥ ହେଲା ।

## ୩ ପତ୍ର ।

ହେ ନିର୍ବୋଧ ଗାଲାତୀୟ ଲୋକମାନେ କ୍ରୁଶରେ ହତ ଯୀଶୁ ଖ୍ରୀଷ୍ଟ ତୁମ୍ଭ ୧
ମାନଙ୍କର ସାକ୍ଷାତରେ ପ୍ରତ୍ୟକ୍ଷରୂପରେ ପ୍ରକାଶିତ ହେଲେହେଁ ତୁମ୍ଭେମାନେ
ଯେହେତୁ ସତ୍ୟ ବାକ୍ୟ ପାଳଣ ନ କର ଏଥିପାଁଇ କେ ତୁମ୍ଭମାନଙ୍କୁ ମୋହିତ
କରିଅଛୁ । ଆମ୍ଭେ ତୁମ୍ଭମାନଙ୍କୁ କେବଳ ଗୋଟିଏ କଥା ପଚାର ତୁମ୍ଭେ ୨
ମାନେ ଯେତ୍ତଂ ଆତ୍ମା ପାଇଅଛ ତାହା ବ୍ୟବସ୍ଥାର କର୍ମରେ ଅବା ବିଶ୍ୱାସ

୩ ଜନକ ଶୁଣିବାରେ ପାଇଅଛ । ତୁମ୍ଭେମାନେ କି ଏମନ୍ତ ନିର୍ବୋଧ ଯେ
ଅତ୍ମୀୟ ଧର୍ମରେ ସାଧନାର ଆରମ୍ଭ କରି ଶାରୀରିକ ଧର୍ମରେ ସିଦ୍ଧ ହୁଅ ।
୪ ତେବେ ତୁମ୍ଭେମାନେ କି ବ୍ୟର୍ଥରେ ଏହି ସମସ୍ତ କ୍ଳେଶ ଭୋଗ କରିଅଛ ଏମନ୍ତ
୫ ହେବାକୁ ପାରଇ । ଯେଉଂ ବ୍ୟକ୍ତି ତୁମ୍ଭମାନଙ୍କୁ ଆତ୍ମ ପ୍ରଦାନ କରି ତୁମ୍ଭମା
ନଙ୍କର ସାକ୍ଷାତରେ ଆଶ୍ଚର୍ଯ୍ୟ କର୍ମ କଲା ସେ କି ବ୍ୟବସ୍ଥା ପାଳଣ କରି
୬ ବାରେ ଅବା ବିଶ୍ୱାସ ଜନକ ଶୁଣିବାରେ ତାହା କଲା । ଯେମନ୍ତ ଈଶ୍ୱ
ରରେ ଅବ୍ରହାମ ବିଶ୍ୱାସ କରିବାରେ ସେ ବିଶ୍ୱାସ ଧର୍ମ ନିମନ୍ତେ ତାହାକୁ ଗଣିତ
୭ ହେଲା ତେମନ୍ତି ଯେଉଂମାନେ ବିଶ୍ୱାସାବଲମ୍ବୀ ହୁଅନ୍ତି ସେମାନେହେଂ ଅବ୍ରହା
୮ ମର ସନ୍ତାନ ଏହା ନିଶ୍ଚୟ ଜାଣ । ଈଶ୍ୱର ଅନ୍ୟ ଦେଶୀୟ ଲୋକମାନଙ୍କୁ
ବିଶ୍ୱାସ ଦ୍ୱାରା ଧର୍ମବନ୍ତ ଗଣିତ କରିବେ ଧର୍ମପୁସ୍ତକ ଏହା ଆଗେ ଜାଣି ପୂର୍ବକା
ଳରେ ଅବ୍ରହାମକୁ ସୁସମାଚାର ଜଣାଇ ଥିଲା ଯଥା ତୁମ୍ଭରେ ସମସ୍ତ ଜାତୀ
୯ ୟମାନେ ଆଶୀର୍ବାଦ ପାଇବେ । ଏନିମନ୍ତେ ବିଶ୍ୱାସାବଲମ୍ବୀ ଯେଉଂମାନେ
୧୦ ସେମାନେ ବିଶ୍ୱାସକାରି ଅବ୍ରହାମର ସହିତ ଆଶୀର୍ବାଦ ପ୍ରାପ୍ତ ହୁଅନ୍ତି । ପୁଣି
ଯେଉଂମାନେ ବ୍ୟବସ୍ଥା କର୍ମାବଲମ୍ବୀ ସେମାନେ ଶାପଗ୍ରସ୍ତ । ଯେମନ୍ତ ଲେ
ଖିତ ଅଛି ଯେଉଂଜନ ବ୍ୟବସ୍ଥା ପୁସ୍ତକରେ ଲେଖିତ ସମସ୍ତ କଥା ନିଶ୍ଚିତ୍ର
୧୧ ରୂପେ ପାଳଣ ନ କରଇ ସେ ଶାପଗ୍ରସ୍ତ । ଆଉ ଧର୍ମବନ୍ତ ବ୍ୟକ୍ତି ବିଶ୍ୱାସର
ଦ୍ୱାରା ବଞ୍ଚିବ ଏଣୁକରି ବ୍ୟବସ୍ଥା ସମ୍ବନ୍ଧୀୟ କର୍ମେ କୌଣସି କେହି ଈଶ୍ୱରଙ୍କର
ଶ୍ଚମୁରେ ଧର୍ମବନ୍ତ ଗଣିତ ହେବାକୁ ନ ପାରଇ ତାହା ପ୍ରତ୍ୟକ୍ଷ ହେଉଅଛି ।
୧୨ ଏଣୁ ବ୍ୟବସ୍ଥାର ସହିତ ବିଶ୍ୱାସର ସମ୍ପର୍କ ନାହିଂ ପୁଣି ଯେଉଂଜନ
୧୩ ସେହି ସମସ୍ତ ଆଜ୍ଞା ପାଳଣ କରଇ ସେ ତାହାର ଦ୍ୱାରା ବଞ୍ଚିବ । ଆଉ ଅବ୍ର
ହାମର ଆଶୀର୍ବାଦ ଯେମନ୍ତ ଯୀଶୁ ଖ୍ରୀଷ୍ଟର ଦ୍ୱାରା ଅନ୍ୟ ଦେଶୀୟ ଲୋକମା
୧୪ ନଙ୍କର ଉପରରେ ଫଳଇ ପୁଣି ବିଶ୍ୱାସର ଦ୍ୱାରା ଆମ୍ଭେମାନେ ଯେମନ୍ତ ପ୍ରତି
ଜ୍ଞାତ ଆତ୍ମସ୍ୱରୂପ ଫଳ ପ୍ରାପ୍ତ ହୋଇ ଏହି ଆଶୟରେ ଖ୍ରୀଷ୍ଟ ଆମ୍ଭମାନଙ୍କର ନି
ମନ୍ତେ ଆପେଁ ଶାପଗ୍ରସ୍ତ ହୋଇ ବ୍ୟବସ୍ଥାର ଶାପରୁ ଆମ୍ଭମାନଙ୍କୁ ମୁକ୍ତ କରି
ଅଛନ୍ତି ଯେମନ୍ତ ଲେଖାଅଛି ଯେଉଂଜନ ବୃକ୍ଷରେ ଟଙ୍ଗାଯାୟେ ସେ ଶାପ
୧୫ ଗ୍ରସ୍ତ । ହେ ଭ୍ରାତୃଗଣ ଆମ୍ଭେ ମନୁଷ୍ୟର ରୀତି ପରି କହୁଅଛୁଁ କେହି ଲୋକ
ଯେବେ କୌଣସି ନିୟମ ସ୍ଥିର କରଇ ତେବେ ଆନ କେହି ତାହାର ଉଣା
୧୬ ଅଧିକ କରିବାକୁ ନ ପାରଇ । ଅବ୍ରହାମ ଓ ତାହାର ସନ୍ତାନର ପ୍ରତି ସମସ୍ତ
ପ୍ରତିଜ୍ଞା ଉକ୍ତ ଥିଲା ତହିଁରେ ସନ୍ତାନଗଣର ପ୍ରତି ବହୁ ବଚନ ପରି ନ ଉକ୍ତି
୧୭ ମାତ୍ର ଏକ ବଚନ ପରି ସନ୍ତାନର ପ୍ରତି ଅର୍ଥାତ୍ ଖ୍ରୀଷ୍ଟ ଉକ୍ତି ଅଛନ୍ତି । ଏନିମନ୍ତେ
ଖ୍ରୀଷ୍ଟରେ ଯେଉଂ ନିୟମ ଈଶ୍ୱର ନିଶ୍ଚୟ କରିଥିଲେ ତହୁଁ ଚାରିଶ ତିରିଶ ବରଷ

ଗଲା ଉତ୍ତର ସ୍ଥାପିତ ଯେ ବ୍ୟବସ୍ଥା ସେହି ବ୍ୟବସ୍ଥା ନଷ୍ଟମର ଅନ୍ୟଥା କର
ଈଶ୍ୱରଙ୍କର ପ୍ରତିଜ୍ଞା ବିଫଳ କରିବାକୁ ନ ପାରଇ । ଯେହେତୁ ବ୍ୟବସ୍ଥାର ୧୮
ଦ୍ୱାର ଯେବେ ଅଧିକାର ପ୍ରାପ୍ତି ହୋଇଥିଲେ ତେବେ ପ୍ରତିଜ୍ଞାରେ ନୋହେଁ ପୁଣି
ଈଶ୍ୱର ପ୍ରତିଜ୍ଞାରେ ତାହା ଅବ୍ରହାମକୁ ଦାନ କରିଅଛନ୍ତି । ତେବେ ବ୍ୟବସ୍ଥାରେ
କେଉଁ ଫଳ । ଫଳ ଏହି ଯେଉଁ ସନ୍ତାନ ବିଷୟରେ ପରମେଶ୍ୱର ପ୍ରତିଜ୍ଞା କରି ୧୯
ଅଛନ୍ତି ତାହାର ଅବତାର ଯେ ପର୍ଯ୍ୟନ୍ତ ନ ହୁଅଇ ସେ ପର୍ଯ୍ୟନ୍ତ ପାପ
ନିବାରଣ ନିମନ୍ତେ ଦୂତଗଣର ଦ୍ୱାରା ଜଣେ ମଧ୍ୟସ୍ଥର ହସ୍ତରେ ସେହି ବ୍ୟବ
ସ୍ଥାର ସ୍ଥାପନ ହୋଇ ଥିଲା । ଏକର ମଧ୍ୟସ୍ଥ ହୁଅଇ ନାହିଁ ପୁଣି ଈଶ୍ୱର ୨୦
କେବଳ ଏକ ଅଟନ୍ତି । ତେବେ ବ୍ୟବସ୍ଥା କି ଈଶ୍ୱରର ପ୍ରତିଜ୍ଞାର ବିରୁଦ୍ଧ ୨୧
ତାହା କଦାପି ନ ହେଉ । ଯେହେତୁ ପରମାତ୍ମା ଦେବାକୁ ବ୍ୟବସ୍ଥାର
ଯେବେ ଶକ୍ତି ଥାଆନ୍ତା ତେବେ ବ୍ୟବସ୍ଥାର ଦ୍ୱାରା ଅବଶ୍ୟ ପୁଣ୍ୟ ପ୍ରାପ୍ତ ହୁଅନ୍ତା ।
ପୁଣି ଯୀଶୁ ଖ୍ରୀଷ୍ଟଠାରେ ବିଶ୍ୱାସଦ୍ୱାରା ସେ ପ୍ରତିଜ୍ଞାର ଫଳ ଯେମନ୍ତ ସମସ୍ତ ୨୨
ବିଶ୍ୱାସକାରୀର ପ୍ରତି ଫଳଇ ଏଥିପାଇଁ ଧର୍ମ ଶାସ୍ତ୍ରରେ ସମସ୍ତଙ୍କୁ ପାପାଧୀନ
ଗଣନା କରିଯାଏ । ଏହେତୁ ଭବିଷ୍ୟତ ସମୟରେ ଯେଉଁ ବିଶ୍ୱାସମତ ୨୩
ପ୍ରକାଶ ହୋଇବ ସେହି ବିଶ୍ୱାସମତ ପ୍ରକାଶ ହେବାର ପର୍ଯ୍ୟନ୍ତ ଆମ୍ଭେମାନେ
ବ୍ୟବସ୍ଥାର ଅଧୀନ ହୋଇ ବନ୍ଦ ଥିଲୁଁ । ଏପ୍ରକାରେ ଆମ୍ଭେମାନେ ଯେମନ୍ତ ୨୪
ବିଶ୍ୱାସର ଦ୍ୱାରା ଧର୍ମିକମନ୍ତ ଗଣିତ ହୋଇ ତାହା ଯାଁହାଙ୍କ ଖ୍ରୀଷ୍ଟର କତରେ ଯେମନ
ଯିବାକୁ ସେହି ବ୍ୟବସ୍ଥା ଆମ୍ଭମାନଙ୍କର ଶିକ୍ଷା ଗୁରୁସ୍ୱରୂପ ଥିଲା । ପୁଣି ଏବେ ୨୫
ବିଶ୍ୱାସ ଉପସ୍ଥିତ ହେବାରୁ ଆମ୍ଭେମାନେ ସେହି ଶିକ୍ଷକର ଅଧୀନରୁ
ହୋଇ ନ ଥାଉଁ । ଖ୍ରୀଷ୍ଟ ଯୀଶୁରେ ବିଶ୍ୱାସ କରିବାରୁ ତୁମ୍ଭେମାନେ ସମ ୨୬
ସ୍ତେ ଈଶ୍ୱରଙ୍କର ସନ୍ତାନ ହୋଇଅଛ । ତୁମ୍ଭେମାନେ ଯେତେ ଲୋକ ୨୭
ଖ୍ରୀଷ୍ଟଠାରେ ଉବାତ ହୋଇଅଛ ସମସ୍ତେ ଖ୍ରୀଷ୍ଟକୁ ବସ୍ତ୍ରରୂପ ପିନ୍ଧିଅଛ । ଏଥି ୨୮
ରେ ତୁମ୍ଭେମାନେ ଯିହୁଦୀ ହୁଅ ଅବା ଅନ୍ୟଦେଶୀ ହୁଅ ମୁକ୍ତ ହୁଅ ଅବା
ବନ୍ଦୀ ହୁଅ ଅବର ସ୍ତ୍ରୀ ହୁଅ ଅବା ପୁରୁଷ ହୁଅ ତୁମ୍ଭମାନଙ୍କ ପରସ୍ପର
କୌଣସି ବିଶେଷ ନାହିଁ ଯୀଶୁ ଖ୍ରୀଷ୍ଟରେ ତୁମ୍ଭେମାନେ ସମସ୍ତେ ଏକ । ପୁଣି ୨୯
ତୁମ୍ଭେମାନେ ଯେବେ ଖ୍ରୀଷ୍ଟର ଅଟ ତେବେତ ଅବ୍ରହାମର ସନ୍ତାନ ଓ ସେହି
ପ୍ରତିଜ୍ଞାର ପ୍ରମାଣେ ଅଧିକାରୀ ।

## ୪ ପତ୍ର ।

ଆମ୍ଭେ ବୋଲି ଅଧିକାରୀ ଯେତେ ଦିନ ବାଳକ ହୋଇଥିଲେ ତେତେଦିନ ।
ସମସ୍ତର କର୍ତ୍ତା ହୋଇଲେହେଁ ତାହାର ଓ ଦାସର ମଧ୍ୟରେ କିଛି ମାତ୍ର ୨

ଭେଦ ନାହିଁ ପୁଣି ସେ ପିତୃ ନିରୂପିତ କାଳ ଯାୟେ ଗୁରୁ ଓ ପାଳକ
୩ ଗଣର ଅଧୀନ ଥାୟେ । ତେମନ୍ତି ଆମ୍ଭେମାନେହେଂ ବାଳକ କାଳରେ
୪ ସାଂସାରିକ ପ୍ରଥମ ଜ୍ଞାନ ସୁଏର ଅଧୀନ ଥିଲୁଁ । ଅନନ୍ତରେ କାଳ ସମ୍ପୂର୍ଣ୍ଣ
୫ ହୁଅନ୍ତେ ବ୍ୟବସ୍ଥାର ଅଧୀନତାରୁ ଆମ୍ଭମାନଙ୍କୁ ମୁକ୍ତ କରିବାରେ ପୋଷ୍ୟ
ପୁଏପଦ ଦେବାର ପାଁଇ ଈଶ୍ୱର ଆପଣା ପୁଏକୁ ସ୍ତ୍ରୀଜାତ ଓ ବ୍ୟବସ୍ଥାର
ଅଧୀନ କରି ପଠାଇଲେ ।
୬ ତୁମ୍ଭେମାନେ ଈଶ୍ୱରଙ୍କର ସନ୍ତାନ ହେଉଅଛ ଏହି ନିମନ୍ତେ ଯେଉଂ
ଆତ୍ମର ଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କୁ ପିତା ୨* ସମ୍ବୋଧନ କରି ଡାକି ତାହା
ଙ୍କର ପୁଏର ସେହି ଆତ୍ମକୁ ସେ ତୁମ୍ଭମାନଙ୍କର ଅନ୍ତଃକରଣରେ ଦାନ କରି
୭ ଅଛନ୍ତି । ଏଥିରେ ଦାସହଠାରୁ ମୁକ୍ତ ହୋଇ ଅଦ୍ୟାବଧି ସନ୍ତାନ ହେଉଅଛ
ପୁଣି ସନ୍ତାନ ହେବାରୁଂ ଖ୍ରୀଷ୍ଟର ଦ୍ୱାରା ଈଶ୍ୱରଙ୍କର ବିଷୟର ଅଧିକାରୀହିଁ
୮ ହେଉଅଛ । ଆଉ ପୂର୍ବରେ ଈଶ୍ୱରଙ୍କର ତତ୍ତ୍ୱ ନ ଜାଣିବାରୁଂ ଯେଉଂ
ମାନେ ଯଥାର୍ଥ ଈଶ୍ୱର ନୁହନ୍ତି ସେମାନଙ୍କର ସେବାରେ ତୁମ୍ଭେମାନେ ନିଯୁକ୍ତ
୯ ଥିଲ । ପୁଣି ଏବେ ତୁମ୍ଭେମାନେ ଈଶ୍ୱରଙ୍କର ପରିଚୟ ପାଇଅଛ ବରଞ୍ଚ
ଈଶ୍ୱରଙ୍କଠାରେ ପରିଚିତ ହୋଇଅଛ ତେଣୁ ସେହି ନିଷ୍ଫଳ ଓ ତୁଚ୍ଛ ପ୍ରଥମ
ଜ୍ଞାନ ସୂଏକୁ ଫେରି ପୁନର୍ବାର ତାର ଦାସପଣରେ ରହିବାକୁ ବାଞ୍ଛା କରୁ
୧୦ ଅଛ । ତୁମ୍ଭେମାନେ ବିଶେଷ ୨ ଦିନ ମାସ ତିଥି ବରଷ ଆଦି ମାନୁଅଛ ଏଣୁ
୧୧ ତୁମ୍ଭମାନଙ୍କର ପାଁଇ ଯେ ପରିଶ୍ରମ କରିଅଛୁଁ ତାହା ପଛେ ବିଫଳ ହୁଅଇ
ଆମ୍ଭର ଏହି ଭୟ ହେଉଅଛି ।
୧୨ ହେ ଭ୍ରାତୃଗଣ ତୁମ୍ଭମାନଙ୍କୁ ବିନୟ କରୁଂ ଆମ୍ଭେ ଯେମନ୍ତ ହୋଇ ତେମନ୍ତି
ତୁମ୍ଭେମାନେ ହୁଅ ଯେହେତୁ ତୁମ୍ଭେମାନେ ଯେମନ୍ତ ଅଟ ଆମ୍ଭେହେଁ ତେମନ୍ତି
୧୩ ଥିଲୁଂ ତୁମ୍ଭେମାନେ କାହିଁରେ ଆମ୍ଭର କ୍ଷତି କରି ନାହଂ । ଆମ୍ଭେ ଯେ
ପ୍ରଥମରେ ଦେହର ଦୁର୍ବଳତାରେ ତୁମ୍ଭମାନଙ୍କର ନିକଟରେ ସୁସମାଚାର
୧୪ ପ୍ରଚାର କରିଅଛୁଁ ତାହା ତୁମ୍ଭେମାନେ ଜାଣ । ଆଉ ଆମ୍ଭର ଶାରୀରିକ ପରୀ
କ୍ଷା ଦେଖିହିଁ ହେୟଜ୍ଞାନ କରି ଆମ୍ଭକୁ ତୁଚ୍ଛ କରି ନାହଂ ପୁଣି ଈଶ୍ୱରଙ୍କର
ଜଣେକ ଦୂତର ଓ ସାକ୍ଷାତ୍ ଯୀଶୁ ଖ୍ରୀଷ୍ଟଙ୍କର ପ୍ରାୟେ ଆମ୍ଭକୁ ଗ୍ରହଣ କରି
୧୫ ଅଛ । ସେ ସମୟରେ ତୁମ୍ଭମାନଙ୍କର କେତେ ବଡ ଆନନ୍ଦ ଥିଲା । ଯେଣୁ
ତୁମ୍ଭମାନଙ୍କର ବିଷୟରେ ଆମ୍ଭେ ଏହି ପ୍ରମାଣ ଦେଇ ପାରି ଯେ ତୁମ୍ଭମାନଙ୍କର
ଯେବେ ସାମର୍ଥ୍ୟ ହୁଅନ୍ତା ତେବେ ଆପଣାମାନଙ୍କର ଚକ୍ଷୁ ବେନି ଓପାଡି
୧୬ ଆମ୍ଭକୁ ଦେବାର ପାଁଇ ପ୍ରସ୍ତୁତ ଥିଲ । ତେଣୁ ସତ୍ୟ କଥା କହିବାରୁଂ ଆମ୍ଭେ

* ଅବା ଆବା ପିତା । ସେପରି ରୋ ୮ ପର୍ବ ୧୫ ପଦ ।

କ ତୁମ୍ଭମାନଙ୍କର ଶତ୍ରୁ ହୋଇଅଛୁଁ । ସେମାନେ ତୁମ୍ଭମାନଙ୍କର ପ୍ରତି ଶ୍ରଦ୍ଧା ୧୭
କରୁଅଛନ୍ତି ପ୍ରମାଣ ପୁଣି ଯଥାର୍ଥରୂପରେ ନୋହେ ଯେହେତୁ ତୁମ୍ଭେମାନେ
ଯେମନ୍ତ ସେମାନଙ୍କର ପ୍ରତି ଶ୍ରଦ୍ଧା କର ଏହ ଆଶୟରେ ସେମାନେ ତୁମ୍ଭମା
ନଙ୍କୁ* ଭିନେ କରିବାକୁ ଉଦ୍ୟମ କରୁଛନ୍ତି । ମାତ୍ର କେବଳ ତୁମ୍ଭମାନଙ୍କର ୧୮
ସଙ୍ଗରେ ଆମ୍ଭର ଥିବା କେଲେ ନୋହ ସଦ୍ଭାବ ଉତ୍ତମର ପ୍ରତି ଶ୍ରଦ୍ଧା କର
ବାର ଉଚିତ । ହେ ଆମ୍ଭର ପିଲାମାନେ ଯେ ପର୍ଯ୍ୟନ୍ତ ତୁମ୍ଭମାନଙ୍କର ଅନ୍ତରେ ୧୯
ଖ୍ରୀଷ୍ଟ ମୂର୍ତ୍ତିମନ୍ତ ନ ହୁଅନ୍ତି ସେ ଯାଏଁ ପୁନର୍ବାର ପ୍ରସବ ବେଦନାର ପାତ୍ର
ଆମ୍ଭର ବେଦନା ହେଉଅଛୁ । ଅମ୍ଭେ ତୁମ୍ଭମାନଙ୍କର ନିକଟରେ ଉପସ୍ଥିତ ୨୦
ହୋଇ ଅନ୍ୟ ପ୍ରକାର କଥା କହିବାକୁ ବାଞ୍ଛା କର ଯେହେତୁ ତୁମ୍ଭମା
ନଙ୍କର ବିଷୟରେ ସନ୍ଦେହ କରୁଅଛୁଁ ।

ବ୍ୟବସ୍ଥାର ଅଧୀନ ହେବାକୁ ବାଞ୍ଛୁକାତ୍ମା ଯେ ତୁମ୍ଭେମାନେ ତୁମ୍ଭମାନଙ୍କୁ ୨୧
ପଚାର ତୁମ୍ଭେମାନେ କି ବ୍ୟବସ୍ଥାର ବାକ୍ୟ ନ ଶୁଣ । ଯେଣୁ ଏମନ୍ତ ଲେଖିତ ୨୨
ଅଛୁ । ଅବ୍ରହାମର ଦୁଇ ପୁତ୍ର ଥିଲା ଏକ ପୁତ୍ର ଦାସୀର ଗର୍ଭଜାତ ଅନ ପୁତ୍ର
ସାଧୀନାଣୀର ଗର୍ଭଜାତ । ଦାସୀ ଗର୍ଭଜାତ ଯେ ସେ ସ୍ୱଭାବାନୁସାରେ ଜନ୍ମ ୨୩
ହେଲା ସାଧୀନାଣୀ ଗର୍ଭଜାତ ଯେ ସେ ପ୍ରତିଜ୍ଞାନୁସାରେ ଜନ୍ମ ହୋଇଲା ।
ଏହ ବିଷୟ ଗୋଟିଏ ଦୃଷ୍ଟାନ୍ତ ସ୍ୱରୂପ ହୋଇଅଛୁ ଅର୍ଥାତ୍ ସେହ ଦୁଇ ସ୍ତ୍ରୀ ୨୪
ଈଶ୍ୱରଙ୍କର ଦୁଇ ନିୟମର ସ୍ୱରୂପ ହୋଇଛନ୍ତି । ତାହାର ମଧ୍ୟରେ ସୀନାସ୍
ପର୍ବତରୁ ଦତ୍ତ ଯେ ଦାସତ୍ୱଜନକ ନିୟମ ସେହ ନିୟମର ଦୃଷ୍ଟାନ୍ତ ସ୍ଥଳ
ହାଗର ନାମରେ ସେହ ଦାସୀ ହୋଇଅଛୁ । ଯେହେତୁ ହାଗର ଶବ୍ଦରେ ୨୫
ଅରବୟା ଦେଶସ୍ଥ ସୀନାସ୍ ପର୍ବତକୁ ବୁଝାଯେ ପୁଣି ଅପଣା ବାଲକମାନଙ୍କର
ସହିତ ଦାସତ୍ୱ ଥିବାରେ ବର୍ତ୍ତମାନ ଯିରୂଶାଲମ ନଗରକୁଇ ବୁଝାଯେ । ପୁଣି ୨୬
ସ୍ୱର୍ଗସ୍ଥ ଯିରୂଶାଲମ ସାଧୀନାଣୀ ସ୍ୱରୂପ ହୋଇ ଆମ୍ଭ ସମସ୍ତଙ୍କର ଜନନୀ ଅଟଇ ।
ଯେମନ୍ତ ଲେଖା ଅଛୁ ହେ ଅପତ୍ୟହୀନା ବନ୍ଧ୍ୟେ ତୁମ୍ଭେ ଆନନ୍ଦିତା ହୁଅ ହେ ୨୭
ଅପ୍ରସବ କାରଣି ତୁମ୍ଭେ ଉଚ୍ଚସ୍ୱରରେ ଜୟଧ୍ୱନି କର ଯେଣୁ ସନାଥାର ସନ୍ତା
ନଠାରୁ ଅନାଥାର ସନ୍ତାନ ବହୁ ସଂଖ୍ୟକ ହେଉଅଛନ୍ତି । ଏହେତୁ ୨୮
ହେ ଭ୍ରାତୃଗଣ ଯେମନ୍ତ ଈଶ୍ୱରଙ୍କର ପ୍ରତିଜ୍ଞାର ଫଳ ସ୍ୱରୂପ ଯିସ୍ହାକ ଜନ୍ମ
ଥିଲା ଆମ୍ଭେମାନେହେଁ ତେମନ୍ତ ଜନ୍ମଅଛୁଁ । ପୁଣି ସେକାଲରେ ଯେ ୨୯
ଉତ୍ପନ୍ନ ସ୍ୱଭାବାନୁସାରରେ ଜନ୍ମ ଥିଲା ସେ ଯେମନ୍ତ ଅତ୍ମାଠାରୁ ଜାତକୁ
ତାଡଣା କର ଥିଲା ସେହ ପ୍ରକାର ଏବେହେଁ ହେଉଅଛୁ । ପୁଣି ଧର୍ମପୁସ୍ତ ୩୦
କରେ ଏହ ଲେଖଇ ସେହ ଦାସୀକୁ ଓ ତାହାର ପୁତ୍ରକୁ ବାହାର କର ଯେ

* ଅବା ଆମ୍ଭମାନଙ୍କୁ ।

ହେତୁ ସେ ଦାସୀର ପୁତ୍ର ସାଆନ୍ତାଣୀ ଜାତ ପୁତ୍ରର ସହିତ ସହଭାଗୀ ହେ
୩୧ ବାକୁ ପାରିବ ନାହିଁ । ହେ ଭ୍ରାତୃଗଣ ଆମ୍ଭେମାନେ ସେହି ଦାସୀର ବଂଶ ନ
ହୋଇ ସାଆନ୍ତାଣୀର ବଂଶ ହୋଇଅଛୁଁ ।

* ପର୍ବ ।

୧ ଖ୍ରୀଷ୍ଟ ଆମ୍ଭମାନଙ୍କୁ ଯେଉଁ ମୁକ୍ତି ପଦରେ ନିଯୁକ୍ତ କରିଅଛନ୍ତି ତହିଁରେ
ତୁମ୍ଭେମାନେ ସୁସ୍ଥିର ହୁଅ ପୁଣି ଦାସସ୍ୱରୂପ ଯୁଆଲିରେ ଆଉବାର ବନ୍ଦ ନ
୨ ହୁଅ । ଦେଖ ଆମ୍ଭେ ପାଉଲ ତୁମ୍ଭମାନଙ୍କୁ ନିଶ୍ଚୟରୂପରେ ବୋଲିଅଛୁଁ
ଯେବେ ସୁନ୍ନତ ହୁଅ ତେବେ ଖ୍ରୀଷ୍ଟଙ୍କର ଦ୍ୱାରା ତୁମ୍ଭମାନଙ୍କର କିଛି ମାତ୍ର
୩ ଫଳ ହୋଇବ ନାହିଁ । ଆଉ ଆମ୍ଭେ ସୁନ୍ନତ କର୍ମାବଲମ୍ବି ସମସ୍ତଙ୍କର ନିକଟ
ରେ ଏହି ପ୍ରମାଣ ଦେଉଅଛୁଁ ସେମାନେ ସମଗ୍ର ବ୍ୟବସ୍ଥା ପାଳିବାର ଦାୟ
୪ ରେ ଦାୟୀ ହେଉଅଛନ୍ତି । ତୁମ୍ଭମାନଙ୍କର ମଧ୍ୟରେ ଯେ କୌଣସି ଲୋକ
ବ୍ୟବସ୍ଥାର ଦ୍ୱାରା ଧର୍ମବନ୍ତ ଗଣିତ ହେବାକୁ ଚେଷ୍ଟା କରଇ ସେ ଅନୁଗ୍ରହରୁ
ପତିତ ହେବାରୁଁ ତାହାର ସଙ୍ଗରେ ଖ୍ରୀଷ୍ଟର କୌଣସି ସମ୍ପର୍କ ନ ଥାୟେ ।
୫ ଆମ୍ଭେମାନେ ପ୍ରତ୍ୟୟରେ ପ୍ରାପ୍ତ ଆତ୍ମର ଦ୍ୱାରା ପୁଣ୍ୟରୂପ ଫଳର ପ୍ରତ୍ୟାଶା
୬ କରୁଁ । ଖ୍ରୀଷ୍ଟଙ୍କର ଧର୍ମରେ ସୁନ୍ନତ କି ଅସୁନ୍ନତ ଦୁଇର କିଛି ଫଳ ନାହିଁ
୭ ପୁଣି ପ୍ରେମ ଜନକ ଯେ ବିଶ୍ୱାସ ସେହି ସାର । ତୁମ୍ଭେମାନେ ସ୍ୱଚ୍ଛନ୍ଦରେ
ଦୌଡୁ ଥିଲ ଏଣୁ ସେ ସତ୍ୟ ବାଟ ଛାଡିବାକୁ ତୁମ୍ଭମାନଙ୍କର ଏମନ୍ତ ବାଧା
୮ କେ ଜନ୍ମାଇଲା । ଯେ ବ୍ୟକ୍ତି ତୁମ୍ଭମାନଙ୍କୁ ଆହ୍ୱାନ କରିଅଛି ସେ ତୁମ୍ଭମାନ
୯ ଙ୍କର ଏମନ୍ତ ମତି ଦେଇ ନାହିଁ । ଅଳ୍ପ ତାଞି ଗଦାୟେ ସୁଜୀକୁ ତାଞିମୟ
୧୦ କରଇ । ତୁମ୍ଭେମାନେ ଯେ ଅନ୍ୟମତି ନୋହିବ ପ୍ରଭୁଠାରେ ତୁମ୍ଭମାନଙ୍କର
ବିଷୟରେ ଆମ୍ଭର ଏମନ୍ତ ବିଶ୍ୱାସ ହେଉଅଛି । ପୁଣି ଯେଉଁ ଜନ ତୁମ୍ଭମା
ନଙ୍କୁ ଅସ୍ଥିର କରୁଅଛି ଯେ କୌଣସି ବ୍ୟକ୍ତି ହେଉ ସେ ଆପଣାର ଦଣ୍ଡ
୧୧ ଭୋଗିବ । ହେ ଭ୍ରାତୃଗଣ ଆମ୍ଭେ ଯେବେ ସୁନ୍ନତ ବିଧି ପ୍ରଚାର କରି
ଥାଉଁ ତେବେ ତାଡଣା ଭୋଗ କରୁଅଛୁଁ କିପାଇଁ । ତାହା କଲେ କୃଶର
୧୨ ବାଧା ଲୋପ ହୁଅନ୍ତା । ଯେଉଁମାନେ ତୁମ୍ଭମାନଙ୍କର ମନକୁ ଅସ୍ଥିର
୧୩ କରନ୍ତି ସେମାନେ ଯେହ୍ନେ କଟା ଯାଆନ୍ତି ଏହି ଆମ୍ଭର ବାଞ୍ଛା । ହେ ଭ୍ରାତୃ
ଗଣ ତୁମ୍ଭେମାନେ ମୁକ୍ତି ପାଇବାର ନିମନ୍ତେ ଆହୂତ ହୋଇଅଛ ପୁଣି
ସେହି ମୁକ୍ତି ଶାରୀରିକ ଅଭିଳାସରେ ନ ଖଟାଅ ବରଞ୍ଚ ପ୍ରେମରେ ଏକକୁ
୧୪ ଆରେକ ସେବା କର । ଯେହେତୁ ପରକୁ ଆପଣାର ତୁଲ୍ୟ ପ୍ରେମ କର ଏହି
ଗୋଟିୟେ ଆଜ୍ଞା ପାଳଣ କଲେ ସମସ୍ତ ବ୍ୟବସ୍ଥା ପାଳଣ ସିଦ୍ଧ ହୋୟେ ।

ପୁଣି ତୁମ୍ଭେ ଯେବେ ଏକକୁଅରେକ ହିଂସା ବହ ଏକ ଜଣ ଅନ୍ୟ ଜଣକୁ ୧୫
ଗ୍ରାସ କର ତେବେ ଅପଣାମାନଙ୍କ ଦ୍ୱାରା ଅପଣାମାନେ ଯେଉଁ ନଷ୍ଟ ନ ହୁଅ
ବହ ବଷୟରେ ସାବଧାନ ।

ଅମ୍ଭେ ବହା କହୁ ତୁମ୍ଭେମାନେ ଆତ୍ମ ଭାବରେ ଆଚରଣ କର ତହିଁରେ ୧୬
ଶାଶ୍ୱରକ ଅଭିଲାଷ ପୂର୍ଣ ନ କରବ । ଆତ୍ମର ଭାବ ଶାଶ୍ୱରକ ଭାବର ସହିତ ୧୭
ବରୋଧ କରଇ ପୁଣି ଶାଶ୍ୱରକ ଭାବ ଆତ୍ମର ଭାବର ସହିତ ବରୋଧ କରଇ ।
ବହ ଦୁଇର ଏକୁଅରକେ ବରୋଧ ହେବାରୁ ତୁମ୍ଭେମାନେ ଇଚ୍ଛାମତ କର୍ମ
କରବାକୁ ନ ପାର । ପୁଣି ଆତ୍ମର ଭାବରେ ଯେବେ ଚଳିତ ହୁଅ ତେବେ ୧୮
ବ୍ୟବସ୍ଥାର ଅଧୀନ ନୁହ । ଆଉ ପରଦାର ବେଶ୍ୟାଗମନ ଅଶୌଚକ୍ରିୟା ୧୯
କାମାଭିଲାଷ ପ୍ରତିମାପୂଜା କୁହୁକ ଶତ୍ରୁତା ବବାଦ ଦ୍ୱେଷ କ୍ରୋଧ କଳହ ୨୦
ଭେଦ ବଧର୍ମାଚରଣ ଈର୍ଷା ବଧ ମତ୍ତତା ଲମ୍ପଟତା ଇତ୍ୟାଦ ସମସ୍ତ ନରାନ୍ତ ୨୧
ଶାଶ୍ୱରକ କର୍ମ ବହା ବଷୟରେ ଯେମନ୍ତ ପୂର୍ବରେ ତୁମ୍ଭମାନଙ୍କୁ ବୋଲି ଥିଲୁଁ
ସେହ ପ୍ରକାର ଏବେହେଁ ବୋଲୁ ଅର୍ଥାତ୍ ଯେଉଁମାନେ ବହ ପ୍ରକାର କର୍ମ
କରନ୍ତି ସେମାନେ କେବେହେଁ ଈଶ୍ୱରଙ୍କର ରାଜ୍ୟରେ ଅଧିକାର ପାଇବାକୁ
ପାରବେ ନାହିଁ । ପୁଣି ପ୍ରେମ ଆନନ୍ଦ ଶାନ୍ତି ସହିଷ୍ଣୁତା ଭଦ୍ରତା ବଶ୍ୱସ୍ତତା ୨୨
ନମ୍ରତା ମୃଦୁତା ପରମିତାଚାର ଇତ୍ୟାଦ ଯେ ଆତ୍ମର ଫଳ ଏସମସ୍ତର ବରୁଦ୍ଧ ୨୩
କୌଣସି ବ୍ୟବସ୍ଥା ନୋହେ । ଆଉ ଯେଉଁମାନେ ଖ୍ରୀଷ୍ଟର ଅନୁଗତ ସେମାନେ ୨୪
ଇନ୍ଦ୍ରିୟ ଅଭିଲାଷ କାମାଦର ସହିତ ଶାଶ୍ୱରକ ଭାବକୁ କ୍ରୁଶରେ ହତ କରି
ଅଛନ୍ତି । ଅମ୍ଭେମାନେ ଯେବେ ଆତ୍ମରେ ସଜୀବ ହୋଇ ତେବେ ଆତ୍ମ ଭାବରେ ୨୫
ଆଚରଣ କରୁଁ । ପୁଣି ଏକୁଅରେକ ବ୍ୟଙ୍ଗ ଦ୍ୱେଷାଦ କରି ଅସାରଗର୍ବି ୨୬
ନ ହେଉଁ ।

## ୬ ପତ୍ର ।

ହେ ଭ୍ରାତୃଗଣ କେହ ଜଣ ଯେବେ କୌଣସ ଦୋଷରେ ପଡଇ ତେବେ ୧
ପାରମାର୍ଥିକ ଯେ ତୁମ୍ଭେମାନେ କ ଜାଣି ତୁମ୍ଭେମାନେହେଁ ପରେ ପରୀକ୍ଷାରେ
ପଡବ ବହା ବବେଚନା କର ନମ୍ରଭାବରେ ତାହାକୁ ପୁନର୍ବାର ସଜାଡ କର ।
ପୁଣି ଏକ ଅରେକର ବୋଝ। ବହ ଖ୍ରୀଷ୍ଟର ଆଜ୍ଞା ପ୍ରତିପାଳଣ କର । କୌ ୨
ଣସି ଲୋକ ଅସାର ହେଲେହେଁ ଅପଣାକୁ ଯେବେ ବଡ କର ମଣଇ ୩
ତେବେ ସେ ଅପଣାକୁ ଭଣ୍ଡାଏ । ଏଣୁ ପ୍ରତ୍ୟେକ ଜନ ନଜର କର୍ମ ଅର୍ଥେ ୪
ପରୀକ୍ଷା କରୁ ତହିଁରୁ ଆନଠାରୁ ନୋହିଲେ ଅପଣାଠାରୁ ଆନନ୍ଦ ପାଇବ ।
ଯେହେତୁ ପ୍ରତ୍ୟେକ ମନୁଷ୍ୟ ଅପଣା ବୋଝ। ବହିବ ।

୬ ଯେ ବାକ୍ୟରେ ଉପଦେଶ ପାୟେ ସେ ଜଣ ଉପଦେଶକକୁ ସବୁ ଉତ୍ତମ
୭ ପଦାର୍ଥର ଭାଗ କରି ଦେଉ । ଭ୍ରାନ୍ତି ନ ହୁଅ ଈଶ୍ୱର ଭଣ୍ଡା ନ ଯାଆନ୍ତି ମନୁଷ୍ୟ
୮ ଯେ ଯାହା ବୁଣଇ ସେ ତାହା କାଟିବ । ଶରୀରର ଉଦ୍ଦେଶରେ ଯେଉଂ ଜନ
ବୁଣଇ ସେ ଶରୀରରୁ ବିନାଶରୂପ ଫଳ ପାଇବ ପୁଣି ଯେ ଜନ ଆତ୍ମର ଉଦ୍ଦେ
୯ ଶରେ ବୁଣଇ ସେ ଆତ୍ମରୁ ଅନନ୍ତ ଜୀବନରୂପ ଫଳ ପାଇବ । ଏଣୁ ସୁକର୍ମ
କରିବାରେ ଆମ୍ଭେମାନେ ଶ୍ରାନ୍ତ ନ ହେଉଂ ଯେହେତୁ କ୍ଳାନ୍ତ ନୋହିଲେ
୧୦ ଉପଯୁକ୍ତ ସମୟରେ ଫଳ ପାଇବା । ଏଥିପାଇ ସୁଯୋଗ ପ୍ରାପ୍ତ ହେଲେ
ସବୁ ଲୋକକୁ ବିଶେଷରେ ବିଶ୍ୱାସର ପରିବାର ଲୋକକୁ ମଙ୍ଗଳ କରୁଂ ।
୧୧ ତୁମ୍ଭମାନଙ୍କର ପ୍ରତି ଆମ୍ଭେ ନିଜ ହାତରେ କେତେ ବଡ ଚିଠାଉ ଲେଖିଲୁଁ
୧୨ ଏହା ଦେଖୁଅଛ । ଯେଉଂମାନେ ସଂସାରରେ ସୁଖ୍ୟାତି ଲୋଡନ୍ତି ସେମାନେ
ଖ୍ରୀଷ୍ଟର କୃଶ ହେତୁରୁଂ ଯେମନ୍ତ ତାଡଣା ନ ପାଆନ୍ତି କେବଳ ଏଥିପାଇ ତୁମ୍ଭ
୧୩ ମାନକୁ ସୁନ୍ନତ କରାଇବାକୁ ଯତ୍ନ କରନ୍ତି । ପୁଣି ସେମାନେ ସୁନ୍ନତ ହେଲେହେଁ
ଆପଣାମାନେ ବ୍ୟବସ୍ଥା ନ ପାଳନ୍ତି ମାତ୍ର ତୁମ୍ଭମାନଙ୍କର ସୁନ୍ନତ କ୍ରିୟାରେ
୧୪ ଦର୍ପ କରିବାକୁ ତୁମ୍ଭମାନକୁଂ ସୁନ୍ନତ ହେବାକୁ ଲୋଡନ୍ତି । ପୁଣି ଯାହା ଦ୍ୱାରା
ଆମ୍ଭେ ସଂସାରର ପ୍ରତି ହତ ଆଉ ସଂସାର ଆମ୍ଭର ପ୍ରତି ହତ ଏମନ୍ତ ପ୍ରଭୁ
ଯୀଶୁ ଖ୍ରୀଷ୍ଟର କୃଶ ତାହା ଛଡା ଆଉ କାହିଁରେ ଦର୍ପ କରିବାକୁ ଆମ୍ଭକୁ
୧୫ କଦାଚ ନ ହେଉ । ଯେହେତୁ ଖ୍ରୀଷ୍ଟ ଯୀଶୁରେ ସୁନ୍ନତ କିଛି ନାହିଂ ଅସୁନ୍ନତ
୧୬ କିଛି ନାହିଂ ପୁଣି ନୂଆ ସୃଷ୍ଟି ସେହି ସାର । ଆଉ ଏହି ନିୟମାନୁସାରେ
ଯେତେ ଲୋକେ ଆଚରଣ କରନ୍ତି ସେମାନକୁଂ ପୁଣି ଈଶ୍ୱରଙ୍କର ସମଗ୍ର ଇଶ୍ରା
୧୭ ୟେଲଠାରେ ଦୟା ଓ ଶାନ୍ତି ହେଉନ୍ତୁ । ଏଥିଉତ୍ତାରୁ କେହି ଲୋକ ଆମ୍ଭକୁ
ଦୁଃଖ ନ ଦେଉ ଯେହେତୁ ଆମ୍ଭେ ନିଜ ଦେହରେ ପ୍ରଭୁ ଯୀଶୁର ଚିହ୍ନ ଧାରଣ
୧୮ କରି । ହେ ଭାଇମାନେ ଆମ୍ଭମାନଙ୍କର ପ୍ରଭୁ ଯୀଶୁ ଖ୍ରୀଷ୍ଟର ଅନୁଗ୍ରହ ତୁମ୍ଭମା
ନଙ୍କର ଆତ୍ମରେ ଥାଉ ।

ଇତି ।

---

## ଏଫିଶୀୟ ମଣ୍ଡଳୀର ପ୍ରତି ପାଉଲ ପ୍ରେରିତର ଚିଠି ।

### ୧ ପତ୍ର ।

ଈଶ୍ୱରଙ୍କର ଇଚ୍ଛା ପ୍ରମାଣେ ଯୀଶୁ ଖ୍ରୀଷ୍ଟଙ୍କର ପ୍ରେରିତ ଯେ ପାଉଲ ସେ ୧
ଖ୍ରୀଷ୍ଟ ଯୀଶୁରେ ବଶ୍ୱାସକାରୀ ଏଫିଶୀୟ ସାଧୁମାନଙ୍କର ପ୍ରତି ଚିଠି ଲେ
ଖଇ । ଆମ୍ଭମାନଙ୍କର ପିତା ଈଶ୍ୱର ଓ ପ୍ରଭୁ ଯୀଶୁ ଖ୍ରୀଷ୍ଟଠାରୁ ତୁମ୍ଭମାନଙ୍କର ୨
ପ୍ରତି ଅନୁଗ୍ରହ ଓ ଶାନ୍ତି ହେଉନ୍ତୁ ।

ଆମ୍ଭମାନଙ୍କର ପ୍ରଭୁ ଯୀଶୁ ଖ୍ରୀଷ୍ଟର ପିତା ଈଶ୍ୱର ଧନ୍ୟ ସେ ଆପଣା ଶ୍ରମୁ ୩
ରେ ପ୍ରେମରେ ପବିତ୍ର ଓ ନଷ୍କଳଙ୍କ ହେବା ପାଇଁ ଜଗତ ପତ୍ତନର ପୂର୍ବରେ
ଆମ୍ଭମାନଙ୍କୁ ଖ୍ରୀଷ୍ଟରେ ମନୋନୀତ କରି ତାହାଙ୍କରେ ସ୍ୱର୍ଗୀୟ ସମ୍ବନ୍ଧ ସମସ୍ତ ୪
ପାରମାର୍ଥିକ ଆଶୀର୍ବାଦ ଦେଇ ଆମ୍ଭମାନଙ୍କୁ ଆଶିଷ ପ୍ରାପ୍ତ କରାଇଅଛନ୍ତି ।
ଆଉ ସେ ଆପଣା ଗୌରବଯୁକ୍ତ ଅନୁଗ୍ରହର ପ୍ରଶଂସା ହେତୁରୁ ସ୍ୱଚ୍ଛନ୍ଦ ୫
ସମ୍ମତ ଅନୁସାରେ ଯୀଶୁ ଖ୍ରୀଷ୍ଟ ଦ୍ୱାରା ଆପଣାଠାରେ ଆମ୍ଭମାନଙ୍କୁ ପୋଷ୍ୟ
ପୁତ୍ର କରି ନୟପଣ କରାଇଅଛନ୍ତି । ଆଉ ଆପଣା ବଧିରୂପ ଅନୁଗ୍ରହ ଅନୁସା ୬
ରେ ଯାହାଙ୍କର ରକ୍ତରେ ଆମ୍ଭେମାନେ ପରିତ୍ରାଣ ଅର୍ଥାତ୍ ପାପମୋଚନ ପାଇ ୭
ଏମନ୍ତ ସେ ତ୍ରିପୃଚ୍ଛମରେ ଆମ୍ଭମାନଙ୍କୁ ସୁଗାହ୍ୟ କରାଇ ସେହି ଅନୁଗ୍ରହରେ ସକ ୮
ପ୍ରକାର ଜ୍ଞାନ ଓ ବବେକ ଅସୀମରୂପେ ବର୍ତ୍ତାଇଅଛନ୍ତି । ଆଉ ଆପଣା ସ୍ୱଚ୍ଛନ୍ଦ ୯
ସମ୍ମତ ଅନୁସାରେ ତାହାଙ୍କର ସ୍ୱମନେ ଯୁକ୍ତକ୍ତ ନଗୂଢ ବାକ୍ୟ ଅର୍ଥାତ୍ ସମସ୍ତର
ସମ୍ପର୍ଣ ନୟପଣ ଅନୁକ୍ରମରେ ସ୍ୱର୍ଗରେ ଥାଉ ଅବା ପୃଥିବୀରେ ଥାଉ ସମ ୧୦
ସ୍ତକ୍ତ ଖ୍ରୀଷ୍ଟରେ ସଙ୍ଗ୍ରହ କରିବେ ବୋହା ସେ ଆମ୍ଭମାନଙ୍କୁ ଜଣାଇଅଛନ୍ତି । ଆଉ ୧୧
ଖ୍ରୀଷ୍ଟରେ ଆମ୍ଭେ ପ୍ରତ୍ୟୁତ୍ପାନ୍ନ ଏମନ୍ତ ଆମ୍ଭେମାନେ ଯେଉଁ ତାହାଙ୍କର ଗୌର
ବର ପ୍ରଶଂସାର ହେତୁ ହେବା ବୋଲି ପାଇଁ ଯେ ଆପଣା ସ୍ୱଚ୍ଛନ୍ଦ ପରାମର୍ଶ ଅନୁ ୧୧
ସାରେ ସବୁ କର୍ମ ସାଧନ କରନ୍ତି ତାହାଙ୍କର ବହି ଅଭିମତ ପ୍ରମାଣେ ଆମ୍ଭେମା

ନେହ୍ନେଂ ପୂର୍ବରେ ନୟିତ ହୋଇ ସେ ଖ୍ରୀଷ୍ଟରେ ଅଧିକାର ପାଇଅଛୁଁ ।
୧୩ ସେହି ସତ୍ୟବାକ୍ୟ ଅର୍ଥାତ୍ ତୁମ୍ଭ ପରିତ୍ରାଣଜନକ ମଙ୍ଗଲସମାଚାର ଶୁଣନ୍ତେ
ତୁମ୍ଭେମାନେହ୍ନେଂ ତାହାଙ୍କଠାରେ ପ୍ରତ୍ୟୟ କଲ ପୁଣି ପ୍ରତ୍ୟୟ କରନ୍ତେ ପ୍ରତିଜ୍ଞା
୧୪ ଫଳସ୍ୱରୂପ ଯେ ଧର୍ମ ଆତ୍ମା ତାହାଙ୍କ ଦ୍ୱାରା ଚିହ୍ନିତ ହେଲ । ଆଉ ଆପଣା ଗୌ
ରବର ପ୍ରଶଂସା ନମନ୍ତେ ତାହାଙ୍କର କ୍ରୀତ ଲୋକର ମୁକ୍ତିପର୍ଯ୍ୟନ୍ତ ପ୍ରାପ୍ତ ନ ହେବା
ଯାଏଁ ସେ ଧର୍ମଆତ୍ମା ଆମ୍ଭମାନଙ୍କର ଅଧିକାରର ବଇନାସ୍ୱରୂପ ଅଟନ୍ତି ।
୧୫ ଏଣୁକରି ପ୍ରଭୁ ଯୀଶୁଠାରେ ତୁମ୍ଭମାନଙ୍କର ଯେଉଁ ବିଶ୍ୱାସ ପୁଣି ସକଳ ସାଧୁ
ମାନଙ୍କର ପ୍ରତି ତୁମ୍ଭମାନଙ୍କର ଯେଉଁ ସ୍ନେହ ବ୍ୟବହାର ସମ୍ବାଦ ପାଇ ତୁମ୍ଭମାନ
୧୬ ଙ୍କର ଲାଗି ଆମ୍ଭେ ନିରନ୍ତର ଧନ୍ୟବାଦ କରି ଆମ୍ଭର ପ୍ରାର୍ଥନାରେ ତୁମ୍ଭମାନଙ୍କର
୧୭ ପାଇ ନିବେଦନ କରି । ଯଥା ଆମ୍ଭମାନଙ୍କର ପ୍ରଭୁ ଯୀଶୁ ଖ୍ରୀଷ୍ଟର ଗୌରବମୟ
ପିତା ଈଶ୍ୱର ତାହାଙ୍କୁ ସ୍ୱୀକାର କରିବା ନମନ୍ତେ ଜ୍ଞାନଦାତା ଓ ପ୍ରକାଶକ ଆତ୍ମା
୧୮ ତୁମ୍ଭମାନଙ୍କୁ ଦେଉନ୍ତୁ । ଇଚ୍ଛି ଜ୍ଞାନରୂପ ଚକ୍ଷୁ ପ୍ରସନ୍ନ ହେଲେ ତାହାଙ୍କର
୧୯ ଆହ୍ୱାନର ଯେଉଁ ଭରସା ସେ କି । ଆଉ ସାଧୁମାନଙ୍କର ଲାଗି ତାହାଙ୍କର
କିରୂପ ମହିମାଯୁକ୍ତ ଅଧିକାର ସେ କି । ଆଉ ବିଶ୍ୱାସକାରୀ ଯେ ଆମ୍ଭେ
ମାନେ ଆମ୍ଭମାନଙ୍କଠାରେ ତାହାଙ୍କର ଅତିଶୟ ମହାପରାକ୍ରମ ସେ କି (ଅର୍ଥାତ୍
୨୦ ଯେଉଁ ମହାପରାକ୍ରମ ସେ ଖ୍ରୀଷ୍ଟରେ ସାଧନ କରି ତାହାଙ୍କୁ ମୃତ୍ୟୁରୁ ଉଠାଇ
ସବୁ କର୍ତ୍ତୃପଣ ପରାକ୍ରମ ପ୍ରଭୁତ୍ୱ ଗୁଜର ଇତ୍ୟାଦି ଇହଲୋକ ପରଲୋକ ମଧ୍ୟ
ରେ ଯେତେ ବାକ୍ୟାତ ନାମ ସେ ସମସ୍ତ ଉପରେ ତାହାଙ୍କୁ ଉନ୍ନତ କରି ସ୍ୱର୍ଗସ୍ଥ
ନିଜ ଦକ୍ଷିଣ ପାଶ୍ୱର୍ରେ ତାହାଙ୍କୁ ବସାଇ ସମସ୍ତ ବିଷୟ ତାହାଙ୍କର ପଦତଳେ
୨୧ ରଖିଲେ ପୁଣି ସମସ୍ତକୁ ସମସ୍ତେ ପୂର୍ଣ କାହାର ପୂରଣ ଯେ ତାହାଙ୍କର ମଣ୍ଡଳୀ
୨୩ ସ୍ୱରୂପ ଶରୀର ସେ ଶରୀରର ମସ୍ତକ ତାହାଙ୍କୁ କରି ମଣ୍ଡଳୀର ସର୍ବ ବିଷୟର
୨୩ ଉପରେ ନିଯୁକ୍ତ କଲେ ସେହି ପରାକ୍ରମର ଉଦ୍ଦେଶ୍ୟ) ଯେଉଁ ତୁମ୍ଭମାନଙ୍କୁ
ଜୀବିତ କରାଇଲୁ ।

୨ ପତ୍ର ।

୧ ଆଉ ଏହି ସଂସାରର ଗତ୍ୟନୁସାରେ ପୁଣି ଅକାଶ ମଣ୍ଡଳର ପରାକ୍ରମ
୨ ପ୍ରାପ୍ତ ରାଜା ଅର୍ଥାତ୍ ଯେଉଁ ଆତ୍ମା ଏବେହେଁ ଅବାଧ୍ୟତାସନ୍ତାନମାନଙ୍କର ମନ
ରେ କର୍ମ ସାଧନ କରୁଅଛନ୍ତି ତାହାର ଇଚ୍ଛାନୁସାରେ ତୁମ୍ଭେମାନେ ପୂର୍ବରେ
୩ ଆଚରଣ କରିବାରେ ଆଜ୍ଞା ଲଙ୍ଘନରେ ଓ ପାପରେ ମୃତ ଥିଲ । ଅନ୍ୟର ସେ
ପର ଲୋକମାନଙ୍କର ସଙ୍ଗରେ ଆମ୍ଭେ ସମସ୍ତେହ୍ନେଂ ଇନ୍ଦ୍ରିୟର ବଶୀଭୂତ
ହୋଇ ଶାରୀରିକ ଓ ମାନସିକ କାମନା ପୂର୍ଣ କରି ପୂର୍ବରେ ଆପଣାର ବ୍ୟବ

ଦ୍ୱାର କରନ୍ତେ ସ୍ୱତ୍ୱରେ ଆଉମାନଙ୍କର ନ୍ୟାସ୍ୟହଂ କ୍ରୋଧର ପାଏ ଥିଲୁଁ ।
ଏମନ୍ତ ଯାପରେ ମୃତ ହେଲେହଁ ଦସ୍ୟାର ସାଗର ଯେ ଈଶ୍ୱର ସେ ଆମ୍ଭମା ୪
ନଙ୍କର ପ୍ରତ ଯେଉଁ ମହା ପ୍ରେମ କହ ଥିଲେ ସେ ପ୍ରେମରେ ଖ୍ରୀଷ୍ଟର ସହତ ୫
ଆମ୍ଭମାନଙ୍କୁ ସଜୀବ କରଅଛନ୍ତି । ଏଣୁ ଅନୁଗ୍ରହରେ ତୁମ୍ଭେମାନେ ପରଏାଣ
ପାଇଅଛ । ଏ ପ୍ରକାର ଖ୍ରୀଷ୍ଟ ଯୀଶୁ ଦ୍ୱାରା ଆମ୍ଭମାନଙ୍କର ପ୍ରତ ତାହାଙ୍କର ୬
ଯେ କରୁଣା ତହିଁରେ ଯେମନ୍ତ ତାହାଙ୍କର ଅନୁଗ୍ରହରୂପ ସେ ଅପରମେତ
ଧନ ଭବିଷ୍ୟତ ଯୁଗରେ ପ୍ରକାଶିତ ହୋଇ ଏଥିନମନ୍ତେ ଆମ୍ଭମାନଙ୍କୁ ଏକ ୭
ତ୍ର ତାଇ ଖ୍ରୀଷ୍ଟ ଯୀଶୁର ଦ୍ୱାରା ସ୍ୱର୍ଗୀୟ ସ୍ଥାନରେ ବାସ କରାଇଛନ୍ତି । ଏହେତୁ ୮
ତୁମ୍ଭେମାନେ ବଶ୍ୱାସ ଦ୍ୱାରା ଅନୁଗ୍ରହରେ ପରଏାଣ ପାଇଅଛ ତୁମ୍ଭମାନଙ୍କର
ନଜଠାରୁ ହୋଇଅଛ ଏମନ୍ତ ନୋହେ ପୁଣି ସେ ଈଶ୍ୱରଙ୍କର ଦାନ ହେଉ
ଅଛ । କୌଣସି ଲୋକ ଯେମନ୍ତ ଦର୍ପ ନ କରୁ ଏଥିପାଇଁ ତାହା କ୍ରିୟାରୁ ୯
ନ ହୁଅଇ । ଯେଣୁ ଈଶ୍ୱର ଯେଉଁ ସୁକ୍ରିୟାନୁସାରେ ଆଚରଣ କରିବାକୁ ୧୦
ପୂର୍ବରେ ଆମ୍ଭମାନଙ୍କୁ ନରୂପଣ କରିଥିଲେ ତାହା ସାଧିବା ପାଇଁ ଅମ୍ଭେ
ମାନେ ତାହାଙ୍କର କୃତକର୍ମ ହୋଇ ଖ୍ରୀଷ୍ଟ ଯୀଶୁରେ ସୃଷ୍ଟ ହୋଇଅଛୁଁ ।

ପୂର୍ବରେ ତୁମ୍ଭେମାନେ ବଂଶାନୁକ୍ରମରେ ଅନ୍ୟ ଦେଶୀୟମାନେ ହୋଇ ୧୧
ହସ୍ତକୃତ କାୟିକ ସୁନ୍ନତ ଲୋକ ଦ୍ୱାରା ଅସୁନ୍ନତ ଗଣିତ ଥିଲ ସେ ସମୟରେ
ତୁମ୍ଭେମାନେ ଖ୍ରୀଷ୍ଟର ଭିନ୍ନ ଇଶ୍ରାଏଲର ଅଧିକାରରୁ ବଦେଶୀ ପ୍ରତଜ୍ଞାଯୁକ୍ତ ୧୨
ନସ୍ପନରେ ନରଂଶୀ ପୁଣି ଉରସାପ୍ତାନ ହୋଇ ଜଗତରେ ଈଶ୍ୱରରହତ ଥିଲ
ବୋ ମନରେ କର । ଏମନ୍ତ ପୂର୍ବରେ ଦୂରସ୍ଥ ହୋଇଲେ ଖ୍ରୀଷ୍ଟ ଯୀଶୁରେ ୧୩
ଅର୍ଥାତ୍ ଖ୍ରୀଷ୍ଟର ରକ୍ତପାତରେ ଏବେ ତୁମ୍ଭେମାନେ ନକଟସ୍ଥ ହେଉଅଛ ।
ଯେଣୁ ସେ ଆମ୍ଭମାନଙ୍କର ମିଳନକର୍ତ୍ତା ହୋଇ ଦୁହିଁ ଏକ କରଛନ୍ତି ଅପଚ ୧୪
ସନ୍ଧି ସ୍ଥିର କରନ୍ତେ ଆପଣା ଦ୍ୱାରା ବୈନର ଏକ ନୂଆ ଲୋକ କରିବା ପାଇଁ ପୁଣି
ଆପଣା କ୍ରୁଶରେ ବୈରଭାବ ନାଶ କର ଏକ ଦେହ ଦ୍ୱାରା ଈଶ୍ୱରଙ୍କଠାରେ
ବୈନର ସଂମିଳନ କରିବା ପାଇଁ ସେ ବୈରରୂପ ବଚ୍ଛେଦ ପାଚେର ଭଙ୍ଗି ୧୫
ଅଛନ୍ତି ଅର୍ଥାତ୍ କର୍ମ ଶାସ୍ତ୍ରର ବ୍ୟବସ୍ଥାରେ ଯେଉଁ ଦଣ୍ଡାଜ୍ଞା ତାହା ଆପଣା
ଦେହରେ ଲୋପ କରଛନ୍ତି । ଏଥିରେ ନକଟସ୍ଥ ଯେ ସେମାନେ ପୁଣି ଦୂରସ୍ଥ ୧୭
ଯେ ତୁମ୍ଭେମାନେ ବୈନର କଢରେ ଅସି ମିଳନ ସମାଚାର ପ୍ରଚାର କର ଅ
ଛନ୍ତି । ଯେଣୁ ତାହାଙ୍କ ଦ୍ୱାରା ଅମ୍ଭେମାନେ ଦୁହେଁ ଏକ ଆତ୍ମାରେ ପିତାର ୧୮
ନକଟକୁ ଯିବାର ବାଟ ପାଇଅଛୁଁ ।

ଏହେତୁ ଏବେ ତୁମ୍ଭେମାନେ ବଦେଶୀ ଓ ପ୍ରବାସୀ ଆଉ ନ ହୋଇ ସାଧୁ ୧୯
ମାନଙ୍କର ସହବାସୀ ହେବାରୁ ଈଶ୍ୱରଙ୍କର ପରଜନରେ ମିଶିଅଛ । ଆଉ ୨୦

ଯେ ଗାଁଥୁଣୀର କୋଣର ପ୍ରଧାନ ପଥରର ସ୍ୱୟଂ ଯୀଶୁ ଖ୍ରୀଷ୍ଟ ପୁଣି କାଁଥର
ମୂଳଦୁଆର ସ୍ୱୟଂ ପ୍ରେରିତ ଓ ଭବିଷ୍ୟଦ୍ବକ୍ତାଗଣ ସେହି ଗାଁଥୁଣୀର ମୂଳଦୁ
୨୧ ଆର ଉପରରେ ତୁମ୍ଭେମାନେ ଗୁନ୍ଥା ହେଉଅଛ । ପୁଣି ସେହି କୋଣର
ପଥରରେ ସବୁ ଗାଁଥୁଣି ସୁସଂଯୁକ୍ତ ହେବାରେ ଈଶ୍ୱରଙ୍କର ପବିତ୍ର ମନ୍ଦର
୨୨ ସ୍ୱୟଂ ହୋଇ ଉଠୁଅଛି । ଇହାଂରେ ତୁମ୍ଭେମାନେହେଁ ଆତ୍ମା ଦ୍ୱାରା ଈଶ୍ୱର
ଙ୍କର ବାସସ୍ଥାନର ନିମନ୍ତେ ବିଶେଷ ଗୁନ୍ଥା ହେଉଅଛ ।

## ୩ ପତ୍ର ।

୧ ଅନ୍ୟ ଦେଶୀୟ ଲୋକ ଯେ ତୁମ୍ଭେମାନେ ତୁମ୍ଭମାନଙ୍କର ନିମନ୍ତେ ଅମ୍ଭେ
ପାଉଲ ଯୀଶୁ ଖ୍ରୀଷ୍ଟର ବନ୍ଦୀ ହୋଇଅଛୁଁ । ତୁମ୍ଭମାନଙ୍କର ନିମନ୍ତେ ଆମ୍ଭ
ଠାରେ ସମର୍ପିତ ଯେ ଈଶ୍ୱରଦତ୍ତ ଅନୁଗ୍ରହପଦ ତାହା ତୁମ୍ଭେମାନେ ଶୁଣି
୩ ଥିବ । ଆଉ କ ପ୍ରକାରେ ଈଶ୍ୱର ପ୍ରକାଶିତ ବାକ୍ୟଦ୍ୱାରା ସେହି ନିଗୂଢ଼
କଥା ଆମ୍ଭକୁ ଜଣାଇଅଛନ୍ତି ତାହା ପୂର୍ବରେ ସଂକ୍ଷେପରୂପରେ ଲେଖିଅଛୁଁ ।
୪ ତାହା ପଢିଲେ ଖ୍ରୀଷ୍ଟର ନିଗୂଢ଼ ବିଷୟରେ ଆମ୍ଭର କ ପର୍ଯ୍ୟନ୍ତ ଜ୍ଞାନ ଅଛି
୫ ତାହା ଜାଣିବାକୁ ପାର । ଆଉ ସୁସମାଚାରର ଦ୍ୱାରା ଅନ୍ୟ ଦେଶୀୟମାନେ
ସନ୍ତାନ ଅଧିକାରୀ ଓ ଏକଶରୀରସ୍ଥ ଓ ଖ୍ରୀଷ୍ଟସମ୍ଭନ୍ଧୀୟ ଈଶ୍ୱରଙ୍କର ପ୍ରତିଜ୍ଞାର
୬ ସମାନ ଭାଗୀ ହେବେ ଏକଥା ଏବେ ଅତ୍ମର ଦ୍ୱାରା ପବିତ୍ର ପ୍ରେରିତ ଓ ଭବି
ଷ୍ୟଦ୍ବକ୍ତାଗଣର ନିକଟରେ ଯେମନ୍ତ ପ୍ରକାଶିତ ଅଛି ପୂର୍ବକାଳର ଲୋକ
୭ ମାନଙ୍କର ନିକଟରେ ତେମନ୍ତ ପ୍ରକାଶିତ ନ ଥିଲା । ଆଉ ଆମ୍ଭକୁ ଦତ୍ତ ଈଶ୍ୱର
ଙ୍କର ଅନୁଗ୍ରହ ସ୍ୱୟଂ ଯେ ଦାନ ପୁଣି କର୍ମ ସାଧନରେ ତାହାଙ୍କର ଯେ ପରା
କ୍ରମ ତଦନୁସାରେ ଅମ୍ଭେ ସେହି ମଙ୍ଗଳସମାଚାରର ପ୍ରଚାରକ ହୋଇଅଛୁଁ ।
୮ ବଶୁ ଯାହାଙ୍କରେ ବିଶ୍ୱାସ କର ଆମ୍ଭେମାନେ ନିର୍ଭୟ ଉକ୍ତିରେ ଈଶ୍ୱରଙ୍କ ସନ୍ନିଧା
ରେ ପିବାକୁ ସାହସ ପାଇ ଅମ୍ଭମାନଙ୍କର ସେହି ପ୍ରଭୁ ଯୀଶୁ ଖ୍ରୀଷ୍ଟରେ ସେ
୯ କାଳାବସ୍ଥାର ପୂର୍ବରୁ ଯେଉଁ ମନସ୍ତ ସ୍ଥିର କରିଥିଲେ ତଦନୁଯାୟୀ ମଣ୍ଡ
୧୦ ଳୀର ଦ୍ୱାରା ଈଶ୍ୱରଙ୍କର ବହୁବିଧ ଜ୍ଞାନ ଯେଣ୍ଢେ ଏତେବେଳେ ସ୍ୱର୍ଗସ୍ଥ ପ୍ରଧାନ
ଓ ବିକ୍ରମିମାନଙ୍କର ପ୍ରତି ପ୍ରକାଶ ହୋଇ ଯିବ ଆଉ ଯୀଶୁ ଖ୍ରୀଷ୍ଟର ଦ୍ୱାରା ସଙ୍କ
୧୧ ଳ୍ପକରନ୍ତି ଯେ ଈଶ୍ୱର ତାହାଙ୍କରେ ଯେଉଁ ନିଗୂଢ଼ ବାକ୍ୟ ଗୁପ୍ତ ଥିଲା
ତାହାଂରେ ସମାନାଧିକାରପଣ ଯେଣ୍ଢେ ସଙ୍କଳ୍ପକଙ୍କୁ ଜଣା ଯିବ ଅଉ ଅନ୍ୟ
୧୨ ଦେଶୀୟମାନଙ୍କର ମଧ୍ୟରେ ଖ୍ରୀଷ୍ଟର ବୋଧର ଅଗମ୍ୟ ନିଧିରୂପ ପ୍ରସଙ୍ଗ ଅମ୍ଭେ
ଯେଣ୍ଢେ ଘୋଷଣା କର ଏଥିପାଇଁ ସବୁ ସାଧୁମାନଙ୍କର କ୍ଷୁଦ୍ରଠାର କ୍ଷୁଦ୍ରକୁ
୧୩ ଏମନ୍ତ ଆମ୍ଭକୁ ଏହି ଅନୁଗ୍ରହ ପଦ ଦିଆ ଯାଇଅଛି । ଏହେତୁ ଆମ୍ଭେ ନିନତ କରୁ

କୋଲି ତୁମ୍ଭମାନଙ୍କର ନମ୍ରତ୍ୱ ଆମ୍ଭର ଯେଉଁ କ୍ଲେଶ ଭୋଗ ଉହିଁରେ ଉତ୍ସାହ ନ ହୁଅ ଯେହେତୁ ସେ ତୁମ୍ଭମାନଙ୍କର ଗୌରବ ସ୍ୱରୂପ ହେଉଅଛି ।
ଏହି ଅଭିପ୍ରାୟେ ସ୍ୱର୍ଗସ୍ଥ କଅବା ପୃଥିବୀସ୍ଥ ସମୁଦାୟର ପରବାର ଯାହାଙ୍କର ୧୪
ନାମରେ ବଖ୍ୟାତ ଏମନ୍ତ ଆମ୍ଭମାନଙ୍କର ପ୍ରଭୁ ଯୀଶୁ ଖ୍ରୀଷ୍ଟର ପିତା ଯାହାଙ୍କର ୧୫
ଶ୍ରୀମୁରେ ଆମ୍ଭେ ଅଣ୍ଟୁ ପାତ [ପ୍ରାର୍ଥନା କର] । ସେ ଯେମନ୍ତ ଆପଣା
ଗୌରବରୂପ ନଧି ପ୍ରମାଣେ ଆପଣା ଆତ୍ମା ଦ୍ୱାରା ବଳ ଦେଇ ତୁମ୍ଭମାନଙ୍କର ୧୬
ଅନ୍ତରସ୍ଥ ପୁରୁଷକୁ ବଳିଷ୍ଠ ହେବାକୁ ଦେବେ । ଖ୍ରୀଷ୍ଟ ବଶ୍ୱାସ ଦ୍ୱାରା ଯେମନ୍ତ
ତୁମ୍ଭମାନଙ୍କର ଅନ୍ତଃକରଣରେ ଅଧିଷ୍ଠାନ କରନ୍ତେ । ଉହିଁରେ ତୁମ୍ଭେମାନେ ୧୭
ପ୍ରେମରେ ବଦ୍ଧମୂଳ ଓ ସ୍ଥିରୀକୃତ ହେବାରୁ ବୋଧର ଅଗମ୍ୟ ଯେ ଖ୍ରୀଷ୍ଟର ୧୮
ପ୍ରେମ ତାହାର ବୋଧ ପାଇ କେତେ ଲମ୍ବ କେତେ ଓସାର କେତେ ଗଭୀର
କେତେ ଉଚ୍ଚ ଏହା ସମସ୍ତ ସାଧୁମାନଙ୍କର ସହିତ ଜ୍ଞାତସାର ହେବାକୁ ୧୯
ପାରବ ପୁଣି ଜ୍ଞାନଙ୍କର ସବୁ ପୂର୍ଣତାରେ ପରିପୂର୍ଣ ହୋଇବ ।

ଏଣୁ ଆମ୍ଭମାନଙ୍କର ଅନ୍ତରେ କର୍ମସାଧନ କରୁଅଛି ଯେଉଁ ସାଧ୍ୟ ୨୦
ଉଦ୍ଦନୁସାରେ ଯେ ଆମ୍ଭମାନଙ୍କର ମାଗିବାର କଅବା ବୁଝିବାରଠାରୁ ଅତି
ଶସ୍ତ ଅଧିକ କରବାକୁ ପାରନ୍ତି ତାହାଙ୍କର ପ୍ରତି ଖ୍ରୀଷ୍ଟ ଯୀଶୁର ଦ୍ୱାରା ସର୍ବ ୨୧
ପୁରୁଷାନୁକ୍ରମରେ ଯୁଗଯୁଗାନ୍ତ ଯାଏ ମଣ୍ଡଳୀର ମଧ୍ୟରେ ଗୁଣାନୁବାଦ
ହେଉ । ଆମେନ ।

## ୪ ପତ୍ର ।

ପ୍ରଭୁର ବନ୍ଦୀ ଆମ୍ଭେ ତୁମ୍ଭମାନଙ୍କୁ ଏହି ବନୟ କର ତୁମ୍ଭେମାନେ ଯେଉଁ ୧
ଆହ୍ୱାନରେ ଆହ୍ୱାନକୃତ ହୋଇଅଛ ତାହାର ଉପଯୁକ୍ତ ମତରେ ଆଚରଣ
କର । ସବୁ ପ୍ରକାର ନମ୍ର ମୃଦୁ ଧୈର୍ଯଭାବ ଧର ପ୍ରେମରେ ଏକକୁଆରେକ ଉପ ୨
କାରୀ ହୋଇ ପ୍ରେମସ୍ୱରୂପ ବନ୍ଧନରେ ଆତ୍ମାର ଐକ୍ୟ ରଖିବାର ନମନ୍ତେ ଯତ୍ନ ୩
କର ହୁଅ ! ତୁମ୍ଭେ ସମସ୍ତେ ଯେମନ୍ତ ଏକ ଆହ୍ୱାନରେ ଆହ୍ୱାନକୃତ ହୋଇ ୪
ଏକ ପ୍ରତ୍ୟାଶୀ ହୋଇଅଛ ତେମନ୍ତ ତୁମ୍ଭମାନଙ୍କର ସମସ୍ତର ଏକ ଦେହ ଏକ ୫
ଆତ୍ମା ଏକ ପ୍ରଭୁ ଏକ ବଶ୍ୱାସ ଏକ ଡୁବନ ପୁଣି ସବୋପରିସ୍ଥ ସମସ୍ତଙ୍କର ୬
ଅନ୍ତର୍ଯାମୀ ତୁମ୍ଭମାନଙ୍କର ମଧ୍ୟବର୍ତ୍ତି ପିତା ସ୍ୱରୂପ ଏକ ଈଶ୍ୱର ଅଛନ୍ତି । ଖ୍ରୀଷ୍ଟର ୭
ଦାନର ପରିମାଣାନୁସାରେ ଆମ୍ଭମାନଙ୍କର ପ୍ରତ୍ୟେକ ଜଣକୁ ବଶେଷ ଅନୁଗ୍ରହ
ଦତ୍ତ ହୋଇଛି । ଯେମନ୍ତ ଲେଖା ଅଛି ସେ ଊର୍ଦ୍ଧ୍ୱ ଆରୋହଣ କଲ ବନ୍ଦୀ ୮
ଗଣକୁ ବନ୍ଦୀ କଲ ମନୁଷ୍ୟମାନଙ୍କୁ ବର ଦେଲେ । ସେ ଊର୍ଦ୍ଧ୍ୱରେ ଆରୋହଣ ୯
କଲେ ଏହି ବାକ୍ୟର ଏହି ଅର୍ଥ ନୁ ସେ ଆଗେ ନାଚସ୍ଥିତ ପୃଥିବୀରେ ଅବତୀର୍ଣ

୧୦ ହୋଇ ଥିଲେ । ଆଉ ଯେ ଅବତୀର୍ଣ ହୋଇ ଥିଲେ ସେହି ସମସ୍ତଙ୍କର ପୂର୍ଣ
୧୧ କାରୀ ହୋଇବାର ପାଇଁ ସର୍ବ ଉପରିସ୍ଥ ସ୍ୱର୍ଗାରୋହଣ କଲେ । ଆଉ ବିଶ୍ୱା
ସର ପୁଣି ଈଶ୍ୱରଙ୍କର ପୁତ୍ର ବିଷୟର ଜ୍ଞାନର ଐକ୍ୟରେ ଆମ୍ଭେମାନେ ସମସ୍ତେ
ଯେ ଯାୟେ ସଂପୂର୍ଣ ପୁରୁଷପଣ ନ ପାଇ ଅର୍ଥାତ୍ ଖ୍ରୀଷ୍ଟର ସଂପୂର୍ଣ ପରିମାଣ
୧୨ ଅନୁସାରେ ପରିମାଣ ନ ପାଇ ସେ ପର୍ଯ୍ୟନ୍ତେ ସାଧୁମାନଙ୍କୁ ସିଦ୍ଧ କରିବାକୁ
ପୁଣି ପ୍ରଚାର ସେବାକର୍ମ ସାଧନ କରିବାକୁ ଓ ଖ୍ରୀଷ୍ଟର ଦେହର ଅର୍ଥାତ୍ ମଣ୍ଡ
୧୩ ଳୀର ନିଷ୍ଠା କରିବାକୁ ସେ ଥୋକାୟେ ଭବିଷ୍ୟତ୍ବକ୍ତା ଥୋକାୟେ ମଙ୍ଗଳ
ସମାଚାର ପ୍ରଚାରକ ଥୋକାୟେ ପାଳକ ପୁଣି ଉପଦେଶକକୁଂ ନିଯୁକ୍ତ କରିଅ
୧୪ ଛନ୍ତି । ତହିଁରେ ଆମ୍ଭେମାନେ ମନୁଷ୍ୟମାନଙ୍କର ଚାତୁରୀରେ ଓ ଭ୍ରାନ୍ତିଜନକ
ମତର ଧୂର୍ତ୍ତପଣରେ ଓ ଉପଦେଶସ୍ୱରୂପ ସମସ୍ତ ପ୍ରକାର ବାୟୁରେ ଯେମନ୍ତ
୧୫ ବାଳକର ପ୍ରାୟେ ଆଉ ଏଣେ ତେଣେ ଚାଲିତ ନ ହୋଇ ପୁଣି ଯାହାଙ୍କର
ଦ୍ୱାରା ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗ ଉଚିତରୂପରେ ଯୁକ୍ତ ହୋଇ ପ୍ରତ୍ୟେକ ଅଙ୍ଗର
ଉପକାରରେ ଦୃଢ ହୋଇ ପ୍ରତ୍ୟେକ ଭାଗ କର୍ମର ସାଧିବାର ପ୍ରମାଣେ ପ୍ରେ
୧୬ ମରେ ନିଷ୍ଠା ପାଇଲେ ସମସ୍ତ ଦେହ ବଢି ଉଠଇ ଏମନ୍ତ ଯେ ମସ୍ତକସ୍ୱରୂପ
ଖ୍ରୀଷ୍ଟ ଆମ୍ଭେମାନେ ପ୍ରେମରେ ସତ୍ୟବାଦୀ ହୋଇ ସମସ୍ତ ବିଷୟରେ ତାହାଙ୍କରେ
ବୃଦ୍ଧି ପାଇ ।

୧୭ ପ୍ରଭୁର ଦ୍ୱାରା ତୁମ୍ଭମାନଙ୍କୁ ଏହି ଆଦେଶ ଓ ବିନୟ କରି ବୋଲୁଁ ଅନ୍ୟ
ଦେଶୀୟମାନେ ଯେମନ୍ତ ମତିଭ୍ରମ ହୋଇ ଆଚରଣ କରନ୍ତି ତୁମ୍ଭେମାନେ
୧୮ ତେମନ୍ତ ଆଚରଣ ଆଉ ନ କର । ଯେହେତୁ ସେମାନେ ଅଜ୍ଞାନରୂପ ଅନ୍ଧ
କାରରେ ଅନ୍ଧ ହୋଇ କଠିଣ ମନର ଓ ଆନ୍ତରିକ ଅଜ୍ଞାନପଣ ହେତୁରୁଂ
୧୯ ଈଶ୍ୱରଙ୍କର ପରମାୟୁରୁ ବିମୁଖ ଓ ଚେତନରହିତ ହୋଇ କାମର ଅଭିଳା
ଷରେ ଲାଳସା କରି ସବୁ ଅଶୁଚି କର୍ମ କରିବାକୁ ପ୍ରବୃତ୍ତ ହେଉଅଛନ୍ତି ।
୨୦ ତୁମ୍ଭେମାନେ ଏପ୍ରକାରରେ ଖ୍ରୀଷ୍ଟର ଧର୍ମ ଶିକ୍ଷା କରି ନାହଂ ପୁଣି ଯୀଶୁର
୨୧ ଦ୍ୱାରା ଯେ ସମସ୍ତ ସତ୍ୟ ବାକ୍ୟ କଥିତ ଥିଲା ସେ ସବୁ ଶୁଣି ଶିକ୍ଷିତ ହୋଇ
୨୨ ଅଛ । ଏହେତୁ ଇନ୍ଦ୍ରିୟର ମୋହରେ ଭ୍ରଷ୍ଟ ଯେ ପୁରୁଣା ସ୍ୱଭାବ ତାହାର
ବଶରେ ତୁମ୍ଭେମାନେ ପୂର୍ବରେ ଆଚରିଅଛ ସେହି ସ୍ୱଭାବ ପରିତ୍ୟାଗ କରି
୨୩ ମନର ଭାବେ ନୂଆ କରା ଯାଅ ପୁଣି ସତ୍କର୍ମରେ ଓ ସତ୍ୟଧର୍ମରେ ଈଶ୍ୱରଙ୍କର
୨୪ ମୂର୍ତ୍ତିର ଅନୁସାରେ ସୃଷ୍ଟ ଯେ ନୂତନ ସ୍ୱଭାବ ତାହା ଗ୍ରହଣ କର ।

୨୫ ହେ ଭ୍ରାତୃଗଣ ତୁମ୍ଭେମାନେ ମିଥ୍ୟା ବାକ୍ୟ ପରିତ୍ୟାଗ କରି ପ୍ରତ୍ୟେକେ
ପ୍ରତିବାସିର ସହିତ ସତ୍ୟ ଆଳାପ କର ଯେହେତୁ ଆମ୍ଭେମାନେ ପରଷ୍ଟର
୨୬ ଅଙ୍ଗସ୍ୱରୂପ ହୋଇଅଛୁଁ । ଆଉ କ୍ରୋଧିତ ହୋଇଲେ ପାପଗ୍ରସ୍ତ ନ ହୁଅ ।

ସୂର୍ଯ୍ୟ ଅସ୍ତ ନୁବଲ୍ଲେ କ୍ରୋଧ ତ୍ୟାଗ କର ପୁଣି ଶୟତାନକୁ ସ୍ଥାନ ନ ଦିଅ । ୨୭
ଯେଉଁ ଜନ ଚୋର କରଥିଲ ସେ ଆଜଠାରୁ ଚୋର ନ କରୁ । ପୁଣି ୨୮
ଦୀନହୀନମାନଙ୍କର ଦୀନତା ଦୂର କରବାକୁ ସାମର୍ଥ ହେବାର ପାଇଁ ନିଜ
ହସ୍ତରେ ସତ୍କର୍ମ କର ପରିଶ୍ରମ କର । ତୁମ୍ଭମାନଙ୍କର ମୁଖରୁ କୌଣସି ୨୯
କଦର୍ଯ୍ୟ ଆଳାପ ବାହାର ନ ହେଉ ପୁଣି ଶ୍ରୋତାଗଣର କର୍ଣ୍ଣରେ ଉପକାର
ଜନକ ସତ ଆଳାପ ହେଉ । ଆଉ ଈଶ୍ୱରଙ୍କର ଯେଉଁ ଧର୍ମଆତ୍ମାର ଦ୍ୱାର ୩୦
ମୁକ୍ତିର ଦିନ ପର୍ଯ୍ୟନ୍ତ ତୁମ୍ଭେମାନେ ଚିହ୍ନିତ ହୋଇଅଛ ତାହାଙ୍କର ଅସ
ନ୍ତୋଷ ନ ଜନ୍ମାଅ । କଟୁବାକ୍ୟ କୋପ ରାଗ କଳହ ନିନ୍ଦା ସବୁ ହିଁସା ୩୧
ଆଦି ତୁମ୍ଭମାନଙ୍କଠାରୁ ଦୂର ହେଉ । ଆଉ ଖ୍ରୀଷ୍ଟର ହେତୁରୁ ପରମେଶ୍ୱର ୩୨
ତୁମ୍ଭମାନଙ୍କୁ ଯେମନ୍ତ କ୍ଷମା କରିଅଛନ୍ତି ତୁମ୍ଭେମାନେ ତେମନ୍ତ ଦୟାଳୁ ଓ
କୋମଳାନ୍ତଃକରଣ ହୋଇ ପରସ୍ପର କ୍ଷମା କର ।

## ୫ ପତ୍ର ।

ତୁମ୍ଭେମାନେ ପ୍ରିୟ ବାଳକମାନଙ୍କର ପରି ଈଶ୍ୱରଙ୍କର ଅନୁଗାମି ହୁଅ । ୧
ଆଉ ଖ୍ରୀଷ୍ଟ ଯେମନ୍ତ ଆମ୍ଭମାନଙ୍କୁ ପ୍ରେମ କର ସୁଗନ୍ଧି ନୈବେଦ୍ୟ ଓ ବଳି ୨
ସ୍ୱରୂପ ହୋଇ ଈଶ୍ୱରଙ୍କର ଉଦ୍ଦେଶରେ ଆମ୍ଭମାନଙ୍କର ନମନ୍ତେ ଆପଣାକୁ
ଉତ୍ସର୍ଗ କଲେ ତୁମ୍ଭେମାନେହେଁ ପ୍ରେମରେ ତେମନ୍ତ ଆଚରଣ କର । ପୁଣି ୩
ବେଶ୍ୟାଗମନ ସମସ୍ତ ଅଶୁଚି କ୍ରିୟା ଲୋଭ କଅବା କୁତ୍ସିତବାକ୍ୟ ଉତ୍ପତ୍ତର ୪
ଚଳାପ ହାସ୍ୟପରହାସ୍ୟାଦି ଅପ୍ରକୃତ କ୍ରିୟା ସାଧୁମାନଙ୍କର ଯେମନ୍ତ ଉଚିତ
ତେମନ୍ତ ଏସବୁର ଉଚ୍ଚାରଣ ମାତ୍ର ତୁମ୍ଭମାନଙ୍କର ମଧ୍ୟରେ ନ ହେଉ ବରଞ୍ଚ
ଈଶ୍ୱରଙ୍କର ଧନ୍ୟବାଦ ହେଉ । ବ୍ୟଭିଚାରୀ କଅବା ଲମ୍ପଟ କ ଦେବପୂଜକର ୫
ପ୍ରମାଣ ଲୋଭୀ ଏମାନେ ଖ୍ରୀଷ୍ଟର ଅଥଚ ଈଶ୍ୱରଙ୍କର ରାଜ୍ୟରେ ଅଧିକାରୀ
ନୁହନ୍ତି ବୋ ତୁମ୍ଭେମାନେ ଜାଣ । ଏହେତୁ ସାବଧାନ ଅନର୍ଥକ ବାକ୍ୟରେ ୬
କେହି ତୁମ୍ଭମାନଙ୍କୁ ନ ଭୁଲାଉ ଯେହେତୁ ଏସବୁ କୁକର୍ମ ହେତୁରୁ ଅଶାଜ୍ଞା
ବହ ଲୋକମାନେ ଈଶ୍ୱରଙ୍କର କ୍ରୋଧ ପାତ୍ର ହୁଅନ୍ତି । ତୁମ୍ଭେମାନେ ସେମା ୭
ନଙ୍କର ସହଭାଗି ନ ହୁଅ । ତୁମ୍ଭେମାନେ ପୂର୍ବରେ ଅନ୍ଧକାରମୟ ଥିଲ ଏବେ ୮
ପ୍ରଭୁରେ ଆଲୁଅମୟ ହୋଇଅଛ ଏହେତୁ ଆଲୁଅର ସନ୍ତାନମାନଙ୍କର
ପ୍ରାୟେ ଆଚରଣ କର । ସମସ୍ତ ସୁକ୍ରିୟା ଓ ଧର୍ମ ଓ ସତ୍ୟକଥାରେ ଅଙ୍କୁର ଫଳ ୯
ହୁଅଇ । ଯେ ପ୍ରଭୁର ସୁଗ୍ରାହ୍ୟକର୍ମ ତାକୁ ଭଲକର ମଗ । ଆଉ ଅନ୍ଧକାରର ୧୧
ନିଷ୍ଫଳ କର୍ମର ସହଭାଗି ନ ହୋଇ ବରଞ୍ଚ ତାର ଦୋଷ ପ୍ରକାଶ କର ।
ଯେହେତୁ ସେମାନଙ୍କର ଗୁପ୍ତ ଯେ ସମସ୍ତ ଗୁପ୍ତ କର୍ମ ତାହା ଭୁଣ୍ଡରେ କହି ୧୨

୧୩ ବାର ମାଣ ଲକ୍ଷ୍ୟର ବିଷୟ । ପୁଣି ଦୃଷ୍ୟକର୍ମର ଯେ ସମସ୍ତ ଦୋଷ ତାହା
ଅଲୁଅରେଇ ପ୍ରକାଶ ହୋଇଥିବା ପୁଣି ଯାହା ଦ୍ୱାରା ପ୍ରକାଶ ହୋଇଥିବା ତାହାକୁ ଆ
୧୪ ଲୁଅ ବୋଲି ଯାଇଥିବା । ଏଣୁକରି ଉକ୍ତ ଅଛ ହେ ନିଦ୍ରାଳୁ ଲୋକ ଉଠିବେ ଜାଗତ
ହୋଇ ମୃତାବସ୍ଥାରୁ ଉଠ ତହିଁରେ ଖ୍ରୀଷ୍ଟ ତୁମ୍ଭକୁ ଦୀପ୍ତି ଦାନ କରିବେ ।
୧୫ ତୁମ୍ଭେମାନେ ଅଜ୍ଞାନର ପରି ଆଚରଣ ନ କର ଜ୍ଞାନର ପ୍ରାପ୍ତି ସାବଧାନ
୧୬ ହୋଇ ଆଚରଣ କର । ପୁଣି କାଳ ମନ୍ଦ ଅଟଇ ଏହେତୁ ଦିନ ସଫଳ କର
୧୭ ଅବୋଧର ପରି ନ ଥାଇ ପ୍ରଭୁର ଇଷ୍ଟ କର୍ମରେ ଚଇତର ହୁଅ । ଅତ୍ ଯାହା
୧୮ ଠାରୁ ଅଦ୍ୟାତ୍ମର ଜନ୍ମର ଏମନ୍ତ ସୁରାପାନରେ ମତ୍ତ ନ ହୁଅ ମାଣ ଆତ୍ମାରେ
୧୯ ପରପୂର୍ଣ ହୁଅ । ପୁଣି ଗୀତ ଓ ଧନ୍ୟବାଦର ଗାୟନ ଓ ପାରମାର୍ଥିକ ଗୀତ
ନରେ ପରସ୍ପର ଆଳାପ କର ପ୍ରଭୁର ଉଦ୍ଦେଶରେ ମନର ସହିତ ସୁନାଦ ଓ
୨୦ ଗାୟନ କର । ଅକର ଅମ୍ମାନଙ୍କର ପ୍ରଭୁ ଯୀଶୁ ଖ୍ରୀଷ୍ଟର ନାମ ଯେନ ସଦ୍ଦା
୨୧ ସମସ୍ତ ବିଷୟର ନମନ୍ତେ ଈଶ୍ୱରଙ୍କର ସ୍ତମ୍ଭରେ ଧନ୍ୟବାଦ କର । ଈଶ୍ୱରଙ୍କର
ଭୟ କର ଏକ ଜଣ ଅନ୍ୟ ଜଣର ବଶୀଭୂତ ହୁଅ ।
୨୨ ହେ ନାରୀଗଣ ତୁମ୍ଭେମାନେ ଯେମନ୍ତ ପ୍ରଭୁର ବଶୀଭୂତା ତେମନ୍ତ ଅପଣା
୨୩ ସ୍ୱାମିର ବଶୀଭୂତା ହୁଅ । ଯେହେତୁ ମଣ୍ଡଳୀରୂପ ଶରୀର ସମ୍ବନ୍ଧରେ ଖ୍ରୀଷ୍ଟ
ଯେମନ୍ତ ମସ୍ତକସ୍ୱରୂପ ହୋଇ ଶରୀରର ରକ୍ଷାକର୍ତ୍ତା ହୋଇଅଛନ୍ତି ତେମନ୍ତ ସ୍ୱା
୨୪ ମିହିଁ ସ୍ୱୀୟ ମସ୍ତକସ୍ୱରୂପ । ଏହେତୁ ମଣ୍ଡଳୀ ଯେମନ୍ତ ଖ୍ରୀଷ୍ଟର ବଶୀଭୂତ ତେମନ୍ତ
୨୫ ନାରୀଗଣ ସମସ୍ତ ବିଷୟରେ ଅପଣା ସ୍ୱାମିର ବଶୀଭୂତ ହେଉ । ଆଉ ହେ
ପୁରୁଷମାନେ ବାକ୍ୟରୂପ ଜଳ ପ୍ରକ୍ଷାଳନର ଦ୍ୱାରା ମଣ୍ଡଳୀକୁ ପରିଷ୍କାର କରିବାର
୨୬ ପାଇଁ ପୁଣି ସମସ୍ତ କଳଙ୍କ ଖୁଂଚାଦ ରହିତ ଦୋଷ ବିନା ପବିତ୍ର ତେଜସ୍ୱି
୨୭ ସେହି ମଣ୍ଡଳୀକୁ ଆପଣାର ନକଟରେ ସ୍ଥାପିତ କରିବାର ପାଇଁ ଖ୍ରୀଷ୍ଟ ଯେମନ୍ତ
ଅପଣାର ପ୍ରାଣ ପର୍ଯ୍ୟନ୍ତ ଦେଇ ତାହାର ପ୍ରତି ପ୍ରେମ ପ୍ରକାଶ କଲେ ତୁମ୍ଭେ
୨୮ ମାନେହେଁ ଅପଣା ସ୍ତ୍ରୀର ପ୍ରତି ସେହି ପ୍ରକାର ପ୍ରେମ କର । ଆଉ ଅପଣା
ଦେହର ପ୍ରତି ଯେମନ୍ତ ପ୍ରେମ ହୋଇଥିବା ସ୍ତ୍ରୀର ପ୍ରତିହିଁ ସ୍ୱାମିର ସେହିରୂପ
ପ୍ରେମ କରିବାର ଉଚିତ ଯେହେତୁ ଯେଉଁଜନ ଭାର୍ଯ୍ୟାରେ ପ୍ରେମ କରଇ
୨୯ ସେ ଅପଣାକୁ ପ୍ରେମ କରଇ । ଆଉ ଆପଣାର ଦେହକୁ କେହି କେବେ
ହିଂସା ନ କରଇ ପୁଣି ପ୍ରଭୁ ଯେମନ୍ତ ମଣ୍ଡଳୀକୁ ତେମନ୍ତ ଅପଣାର ଦେହକୁ
୩୦ ଉରଣ ପୋଷଣ କରନ୍ତି । ଆଉ ଅମ୍ଭେମାନେ ତାହାଙ୍କର ଦେହର ମାଂସ
୩୧ ହାଡ ଅବଯବ ସ୍ୱରୂପ ହୋଇଅଛୁଁ । ଏଣୁକରି ପୁରୁଷ ଅପଣା ମାତା
ପିତାକୁ ତ୍ୟଜି ନିଜ ସ୍ତ୍ରୀରେ ଆସକ୍ତ ହୋଇ ଦୁହେଁ ଏକାଙ୍ଗ ହୋଇବେ ।
୩୨ ଏବେ ଖ୍ରୀଷ୍ଟ ଓ ମଣ୍ଡଳୀର ବିଷୟରେ ଅମ୍ଭେ ଏହି ଯେ କଥା ବୋଲୁଁ ଏଥିର

ନଗୃହ ବାକ୍ୟ । ତଥାଚ ତୁମ୍ଭମାନଙ୍କର ପ୍ରତ୍ୟେକ ଜଣ ଅପଣା ୩୩
ସ୍ତ୍ରୀକୁ ଏହି ପ୍ରକାର ଆତ୍ମତୁଲ୍ୟ ପ୍ରେମ କରୁ ପୁଣି ସ୍ତ୍ରୀହିଁ ସ୍ୱାମିକୁ ସମାଦର କରୁ ।

୭ ପତ୍ର ।

ହେ ବାଲକଗଣ ପରମେଶ୍ୱରଙ୍କର ବାକ୍ୟାନୁସାରେ ତୁମ୍ଭେମାନେ ପିତା ୧
ମାତାର ଆଜ୍ଞାକାରୀ ହୁଅ ଯେହେତୁ ଏହା ଉପଯୁକ୍ତ । ଅପଣା ପିତା ମାତାକୁ ୨
ସମାଦର କର ଯାହା କଲେ କଲ୍ୟାଣ ହେବାର୍ଥେ ଦେଶରେ ତୁମ୍ଭର ଦୀର୍ଘାୟୁ ୩
ହୋଇ ପାରିବ ପ୍ରତିଜ୍ଞାଯୁକ୍ତ ପ୍ରଥମାଜ୍ଞା ଏହି । ଆଉ ହେ ପିତା ସମସ୍ତେ ୪
ତୁମ୍ଭେମାନେ ଅପଣା ସନ୍ତାନମାନଙ୍କୁ କ୍ରୁଦ୍ଧ ନ କର ପୁଣି ପ୍ରଭୁର ଶିକ୍ଷା ଓ
ଉପଦେଶ ଦେଇ ସେମାନଙ୍କୁ ପ୍ରତିପାଳଣ କର ।

ହେ ଦାସ ସମସ୍ତ ତୁମ୍ଭେମାନେ ଖ୍ରୀଷ୍ଟର ଯେମନ୍ତ ଚେମନ୍ତ ଭୟଯୁକ୍ତ ୫
ଓ ସଙ୍କୁଚିତ ହୋଇ ସରଳ ମନରେ ଅପଣା। ଐହିକ ପ୍ରଭୁମାନଙ୍କର ଆଜ୍ଞା
କାରୀ ହୁଅ । ମନୁଷ୍ୟର ସେବା ନ ମଣି ପ୍ରଭୁର ସେବା ମଣି ମନୁଷ୍ୟ ସନ୍ତୋ। ୬
ଷର ନମନ୍ତେ ଦୃଷ୍ଟି ସେବା ନ କର ଅପଣାମାନଙ୍କୁ ଖ୍ରୀଷ୍ଟର ସେବକ ଜ୍ଞାନ ୬
କର ମନ ଦେଇ ସ୍ୱଚ୍ଛନ୍ଦରେ ଈଶ୍ୱରଙ୍କର ଅଭିମତ କର୍ମ ସାଧନ କର । ଯେ ୮
ହେତୁ ସ୍ୱାଧୀନ ହେଉ ଅବା ପରାଧୀନ ହେଉ ଯେ କେହି କୌଣସି ସତ୍କର୍ମ
କରିଥିବ ସେ ପ୍ରଭୁର ନକଟରେ ସେ କର୍ମର ଫଳ ପାଇବ ଏହା ଜାଣ । ଆଉ ୯
ହେ କର୍ତ୍ତା ସମସ୍ତେ ତୁମ୍ଭେମାନେହେଁ ସେହି ଅନୁସାରେ ବ୍ୟବହାର କର
ଅପଣାମାନଙ୍କ ଦାସଗଣର ପ୍ରତି ଭର୍ତ୍ସନା ନ କର ଯେଣୁ ଯେ କାହାର ମୁଖ ଉପ
ରେ ପକ୍ଷପାତ ନ କରନ୍ତି ସ୍ୱର୍ଗରେ ତୁମ୍ଭମାନଙ୍କର ମଧ୍ୟ ଜଣେ କର୍ତ୍ତା ଅଛନ୍ତି
ଏହା ଜାଣ ।

ହେ ଆମ୍ଭର ଭ୍ରାତୃଗଣ ଶେଷ କଥା ଏହି ତୁମ୍ଭେମାନେ ପ୍ରଭୁର ଉପରେ ୧୦
ନର୍ଭର ଦେଇ ତାହାଙ୍କର ବଳରେ ବଳବନ୍ତ ହୁଅ । ଈଶ୍ୱରଙ୍କର ଦତ୍ତ ସଜ୍ଜା ୧୧
ରେ ଅପଣାମାନଙ୍କୁ ସୁସଜ୍ଜା କର ଯହିଁରେ ଶୟତାନର ସବୁ ଚତୁରପ୍ରପଞ୍ଚ
ନବାରଣ କରି ପାରିବ । ଯେହେତୁ ଆମ୍ଭେମାନେ କେବଳ ରକ୍ତମାଂସ ସହିତ ୧୨
ଯୁଦ୍ଧ ନ କରି କର୍ତ୍ତୃପଣ ବରୁଦ୍ଧେ ପରାକ୍ରମିଗଣର ବରୁଦ୍ଧେ ଏହି ସଂସାର
ଅନ୍ଧକାରର କର୍ତ୍ତମାନଙ୍କର ବରୁଦ୍ଧେ ପୁଣି ଆକାଶସ୍ଥ ପାପାତ୍ମମାନଙ୍କର
ବରୁଦ୍ଧେ ଯୁଦ୍ଧ କରିଥାଇ । ଏହେତୁ ଦୁଃସମୟରେ ଯେମନ୍ତ ସେମାନଙ୍କର ୧୩
ଆକ୍ରମଣ ନବାରଣ କରି ସର୍ବ ଜୟୀ ହୋଇ ଅଟଳ ରହିବାକୁ ପାର ଏହେତୁ
ଈଶ୍ୱର ଦତ୍ତ ସମସ୍ତ ସଜ୍ଜାରେ ସୁସଜ୍ଜ ହୁଅ । ଅର୍ଥାତ୍ ସତ୍ୟତା ସ୍ୱରୂପ କଟି ୧୪
ବନ୍ଧନୀରେ କଟିବାନ୍ଧି ଧର୍ମସ୍ୱରୂପ ବୁକପଟା ବୁକୁରେ ଦେଇ ଶାନ୍ତି ବାସ୍ତୁକ

୧୫ ସୁସମାଚାର ସ୍ୱରୂପ କଠାଉ ଗୋଡରେ ପିନ୍ଧି ଅଟଳ ହୋଇ ଥାଅ । ବିଶେ
୧୬ ଷରେ ଯହିଂରେ ପାପାତ୍ମର ଅଗ୍ନିବାଣ ସବୁ ନିଭାଇବାକୁ ସାମର୍ଥ ହୁଅ ଏମନ୍ତ
୧୭ ବିଶ୍ୱାସ ସ୍ୱରୂପ ଢାଲ ଧର । ତାହା ଛଡା ପରିତ୍ରାଣ ସ୍ୱରୂପ ମୁଣ୍ଡରସାଜ
୧୮ ବାନ୍ଧି ଈଶ୍ୱରଙ୍କର ବାକ୍ୟ ସ୍ୱରୂପ ଆତ୍ମର ଖଣ୍ଡା ଘେନ । ଅତ୍ମ ଦ୍ୱାରା ସର୍ବ
ପ୍ରକାର ନିବେଦନରେ ଓ ମାଗିବାରେ ସର୍ବଦା ପ୍ରାର୍ଥନା କର ପୁଣି ସମସ୍ତ
ସାଧୁମାନଙ୍କର ପାଁଇ କାମନା କରି ସେହି ପ୍ରାର୍ଥନାରେ ଏକାନ୍ତ ଉଦ୍ୟମ କରି
୧୯ ସଚେତନ ହୁଅ । ଆଉ ଜଞ୍ଜିରରେ ବନ୍ଦ ଜଣେ ସୁସମାଚାର ପ୍ରଚାରକ ଦୂତ
ଯେ ଆମ୍ଭେ ଆମ୍ଭର ମୁଖ ସାହସ କରି ଫିଟାଇ ସେହି ସୁସମାଚାରର ନିଗୂଢ
ବାକ୍ୟ ପ୍ରକାଶ କରିବାକୁ ଯେମନ୍ତ ଆମ୍ଭକୁ ବକ୍ତାପଣ ଦତ୍ତ ହୋୟେ ଅର୍ଥାତ୍
୨୦ ଯଥା ବିହିତ ସାହସ କରି ଯେମନ୍ତ ପ୍ରଚାର କରିବାକୁ ପାରି ଏହେତୁ ଆମ୍ଭର
ପାଁଇ ପ୍ରାର୍ଥନା କର ।

୨୧ ଆଉ ଆମ୍ଭର ପ୍ରତି କୀ ଘଟଣା ହୋଇ ଅଛି ଇତ୍ୟାଦି ଆମ୍ଭ ବିଷୟ ସମସ୍ତ
ତୁଖିକ ନାମରେ ପ୍ରଭୁର ବିଶ୍ୱସ୍ତ ସେବକ ଜଣେ ପ୍ରିୟ ଭାଇ ତୁମ୍ଭମାନଙ୍କୁ
୨୨ ଜଣାଇବ । ଏମନ୍ତେ ଆମ୍ଭମାନଙ୍କର ସମସ୍ତ ସମାଚାର ତୁମ୍ଭମାନଙ୍କୁଂ ଜଣାଇ
ତୁମ୍ଭମାନଙ୍କର ମନରେ ସାନ୍ତ୍ୱନା ଦେବାକୁ ତାହାକୁ ତୁମ୍ଭମାନଙ୍କର ନିକଟରେ
୨୩ ପଠାଇଲୁଁ । ପିତା ଈଶ୍ୱର ପୁଣି ପ୍ରଭୁ ଯୀଶୁ ଖ୍ରୀଷ୍ଟ ସମସ୍ତ ଭାଇମାନଙ୍କୁଂ ବିଶ୍ୱା
୨୪ ସର ସହିତ ପ୍ରେମ ଓ ଶାନ୍ତି ଦେଉନ୍ତୁ । ଯେ କେହି ଅକପଟ ଭାବରେ ପ୍ରଭୁ
ଯୀଶୁ ଖ୍ରୀଷ୍ଟଙ୍କଠାରେ ପ୍ରେମ କରନ୍ତି ସେ ସମସ୍ତଙ୍କର ପ୍ରତି ଅନୁଗ୍ରହ ହେଉ ।

ଇତି ।

---

# ଫିଲ୍‌ପୀସ୍ ମଣ୍ଡଳୀର ପ୍ରତି ପାଉଲ ପ୍ରେରିତର ଚିଠୀ ।

## ୧ ପତ୍ର ।

ପାଉଲ ଓ ତିମଥି ଯୀଶୁ ଖ୍ରୀଷ୍ଟର ଦୁଇ ଦାସ ଫିଲ୍‌ପୀସ୍ ମଣ୍ଡଳୀସ୍ଥ ଖ୍ରୀଷ୍ଟ ୧
ଯୀଶୁର ସମସ୍ତ ସାଧୁମାନଙ୍କର ପ୍ରତି ପୁଣି ବେବର୍ତ୍ତମାନଙ୍କର ଓ ଦିକନମାନଙ୍କର
ପ୍ରତି ଚିଠୀ ଲେଖୁଅଛୁ । ଅମ୍ଭମାନଙ୍କର ପିତା ପରମେଶ୍ୱର ଓ ପ୍ରଭୁ ଯୀଶୁ ୨
ଖ୍ରୀଷ୍ଟଠାରୁ ତୁମ୍ଭମାନଙ୍କର ପ୍ରତି ଅନୁଗ୍ରହ ଓ ଶାନ୍ତି ହେଉନ୍ତୁ ।

ତୁମ୍ଭେମାନେ ସୁସମାଗ୍ଭରର ଅଂଶୀ ହୋଇଅଛ ବୋହି ଜାଣି ପ୍ରଥମରୁ ଆଜ ୩
ଯାଏଁ ଆମ୍ଭେ ତୁମ୍ଭମାନଙ୍କୁ ସବୁଦା ସ୍ମରଣ କରି ପରମେଶ୍ୱରଙ୍କର ଧନ୍ୟବାଦ ୪
କରୁଁ । ଆମ୍ଭେ ଆନନ୍ଦ ହୋଇ ନମ୍ଭ୍ର ଅପଣାର ସମସ୍ତ ପ୍ରାର୍ଥନାରେ ତୁମ୍ଭମା ୫
ନଙ୍କର ସମସ୍ତର ନମ୍ଭନ୍ତେ ଈଶ୍ୱରଙ୍କର ନିକଟରେ ନିବେଦନ କରୁଁ । ଯେଣୁ ୬
ଯେ ତୁମ୍ଭମାନଙ୍କର ଅନ୍ତରରେ ଉତ୍ତମ କର୍ମ ଆରମ୍ଭ କରିଛନ୍ତି ସେ ଯୀଶୁ
ଖ୍ରୀଷ୍ଟର ଦିନ ପର୍ଯ୍ୟନ୍ତେ ସେହି କର୍ମର ସାଧନ କରିବେ ଏଥିରେ ଆମ୍ଭର ପ୍ରତ୍ୟୟ
ଅଛୁ । ଅତଏବ ତୁମ୍ଭମାନଙ୍କର ବିଷୟରେ ଆମ୍ଭର ଏମନ୍ତ ଭାବିବାର ଉଚିତ ଯେ ୭
ହେତୁ ଆମ୍ଭର ବନ୍ଧନରେ ଓ ଉତ୍ତର ଦେବାରେ ଓ ସଙ୍ଗଲସମାଗ୍ଭରର ପ୍ରତି
ପକ୍ଷ କରିବାରେ ତୁମ୍ଭେ ସମସ୍ତେଇ ଆମ୍ଭର ସାପ୍ତ ଅନୁଗ୍ରହରେ ଭାଗୀ ହେ
ବାରୁ ଆମ୍ଭେ ତୁମ୍ଭମାନଙ୍କୁ ହୃଦୟରେ ରଖି । ଯେଣୁ ଯୀଶୁ ଖ୍ରୀଷ୍ଟର କରୁଣା ୮
ରେ ତୁମ୍ଭମାନଙ୍କଠାରେ ଆମ୍ଭେ କି ପର୍ଯ୍ୟନ୍ତେ ଶ୍ରଦ୍ଧା ବହି ଏଥିରେ ଈଶ୍ୱର
ଆମ୍ଭର ସାକ୍ଷୀ ଅଟନ୍ତି । ଅତଏବ ଜ୍ଞାନ ଓ ବିବେଚନା ସମାଣେ ବେଲକୁବେଲ ୯
ତୁମ୍ଭମାନଙ୍କର ପ୍ରେମର ବୃଦ୍ଧି ଯେମନ୍ତ ହୋଇ ପୁଣି ଉତ୍ତମ ବିଷୟ ଭଲ ମଣି
ଖ୍ରୀଷ୍ଟର ଦିନ ପର୍ଯ୍ୟନ୍ତେ ତୁମ୍ଭେମାନେ ସରଳ ଓ ନିର୍ଦୋଷ ହୋଇ ଯୀଶୁ ଖ୍ରୀଷ୍ଟର ୧୦
ଦ୍ୱାରା ଯହିଁରେ ଈଶ୍ୱରଙ୍କର ମହିମା ଓ ପ୍ରଶଂସା ପ୍ରକାଶ ପାଏ ଏମନ୍ତ ୧୧
ଧର୍ମଫଳରେ ଯେମନ୍ତ ପୂର୍ଣ ଫଳବନ୍ତ ହୁଅ ଆମ୍ଭେ ଏହି ପ୍ରାର୍ଥନା କରୁଁ ।

୧୧ ହେ ଭ୍ରାତୃଗଣ ଆମ୍ଭର ପ୍ରତି ଯୋ ଘଟଣା ହୋଇଅଛି ତହିଁରେ ସୁସମା
ଚାରର ଆହୁରି ସଫଳ ହୋଇଅଛି ଏହା ତୁମ୍ଭମାନଙ୍କୁ ଜଣାଇବାକୁ ବାଞ୍ଛା
୧୩ କରି । ପୁଣି ଖ୍ରୀଷ୍ଟର ନିମନ୍ତେ ଆମ୍ଭର ଯେ ବନ୍ଧନ ତାହା ରାଜଧାନୀରେ ଓ ଅନ୍ୟ
୧୪ ସ୍ଥାନର ସବୁଠାରେ ପ୍ରକାଶ ହେଉଅଛି । ତାହା କେବଳ ନୋହେ ପ୍ରଭୁରେ
ଭାଇମାନେ ଯେ ସେମାନଙ୍କର ଅନେକ ଜଣ ଆମ୍ଭର ବନ୍ଧନ ଦେଖି ଆହୁରି
୧୫ ଦୃଢ଼ ମନ ବାନ୍ଧି ନିର୍ଭୟରେ କଥା କହିବାକୁ ସାହସୀ ହେଉଅଛନ୍ତି । ଥୋ
କାୟେ ଦ୍ୱେଷୀ ଓ ପ୍ରତିକୂଳ ହୋଇ ଖ୍ରୀଷ୍ଟର ପ୍ରସଙ୍ଗ ପ୍ରଚାର କରୁଛନ୍ତି ମାତ୍ର ଥୋ
୧୬ କାୟେ ଅବା ଅନୁକୂଳ ହୋଇ ପ୍ରଚାର କରୁଅଛନ୍ତି । ଏମନ୍ତ କେହୀ ଆମ୍ଭର
ବନ୍ଧନର କ୍ଳେଶକୁ ଆହୁରି ବୃଦ୍ଧି କରିବାକୁ ବୁଝି ବିରୋଧରେ ଓ କୁଟିଳ ଭାବ
୧୭ ରେ ଖ୍ରୀଷ୍ଟର କଥା ପ୍ରଚାର କରୁଅଛନ୍ତି । ପୁଣି ଆଉମାନେ ଆମ୍ଭେ ଯେ
ସୁସମାଚାରର ସ୍ଥାପିବା ନିମନ୍ତେ ନିଯୁକ୍ତ ହୋଇଅଛୁଁ ଏହା ଜାଣି ପ୍ରେମ
୧୮ ଭାବରେ ତାହା କରୁଅଛନ୍ତି । ତେଣୁ ସଭାବରେ କିଅବା ଅସଭାବରେ ଯେ
କୌଣସି ମତେ ହେଉ ଖ୍ରୀଷ୍ଟର କଥା ପ୍ରଚାର ହେଉଅଛି ଏଥିରେ ଆମ୍ଭେ ଆନ
୧୯ ନ୍ଦିତ ହୋଇ ପୁଣି ଆନନ୍ଦିତ ହେବା । ଯେହେତୁ ତୁମ୍ଭମାନଙ୍କର ପ୍ରାର୍ଥନାର
ଓ ଯୀଶୁ ଖ୍ରୀଷ୍ଟର ଆତ୍ମର ସହାୟ ଦ୍ୱାରା ଏସବୁରୁଁ ଆମ୍ଭର ଉଦ୍ଧାର ହୋଇବ
୨୦ ଏହା ଆମ୍ଭେ ଜାଣି । ଆମ୍ଭର ଏକାନ୍ତ ପ୍ରତ୍ୟୟ ଓ ଭରସା ପ୍ରମାଣେ ଆମ୍ଭେ
କୌଣସି ମତେ ଲଜ୍ଜିତ ନୋହିବା ପୁଣି ସମ୍ପୂର୍ଣ୍ଣ ସାହସ ଧରି ସବୁବେଳେ
ଯେମନ୍ତ ଏବେହେଁ ତେମନ୍ତ ଅବା ଜୀବନରେ ଅବା ମରଣରେ ଆମ୍ଭର ଦେହ
୨୧ ଦ୍ୱାରା ଖ୍ରୀଷ୍ଟର ମହିମା ପ୍ରକାଶ ହୋଇବ । ଯେଣୁ ଆମ୍ଭକୁ ବଞ୍ଚିଥିବାର ଖ୍ରୀଷ୍ଟ
୨୨ [ନିମନ୍ତେ] ଅଟଇ ମାତ୍ର ମରିବାର ଆମ୍ଭର ଲାଭ । ଏମନ୍ତ ଯେବେ ଦେହବନ୍ତ
ହୋଇ ବଞ୍ଚି ଆମ୍ଭର ପରିଶ୍ରମ ସଫଳ ହୁଅଇ ତେବେହେଂ କି ମନୋନୀତ
୨୩ କରିବାକୁ ଏହା ଆମ୍ଭେ ସ୍ଥିର କରି ନ ପାରି । ଆମ୍ଭକୁ ଦୁଇ ଆଡେ ଲାଗୁଅଛି
୨୪ ଖ୍ରୀଷ୍ଟର ସଙ୍ଗେ ଥିବାର ଅତ୍ୟନ୍ତ ଭଲ ଅଛି ଏଣୁ ବିଯୋଗ ହେବାକୁ ଆମ୍ଭର
ଇଚ୍ଛା ମାତ୍ର ଦେହବନ୍ତ ହୋଇ ଥିବାର ତୁମ୍ଭମାନଙ୍କର ପାଁଇ ଆହୁରି ପ୍ରୟୋଜନ
୨୫ ଅଛି ଏହା ନିଶ୍ଚଇ ମଣି । ଏଣୁ ତୁମ୍ଭମାନଙ୍କର ବିଶ୍ୱାସଜାତ ଆନନ୍ଦ ବୃଦ୍ଧି କରି
ବାର ପାଁଇ ଆମ୍ଭେ ବଞ୍ଚି ଥାଇ ତୁମ୍ଭମାନଙ୍କର ସମସ୍ତର ସହିତ କିଛି ଦିନ ରହିବା
୨୬ ଏହା ଜାଣି । ଏଥିରେ ଆମ୍ଭର ଫେରି ଆସିବାରୁଂ ଆମ୍ଭର ବିଷୟରେ ଯୀଶୁ
ଖ୍ରୀଷ୍ଟରେ ତୁମ୍ଭମାନଙ୍କର ଆନନ୍ଦ ଆହୁରି ବଢ଼ି ଯିବ ।

୨୭ ଏଣୁ ଆମ୍ଭେ ତୁମ୍ଭମାନଙ୍କର ସହିତ ସାକ୍ଷାତ କରିବାକୁ ଉପସ୍ଥିତ ହୋଇ
କିଅବା ନ ହୋଇ ତୁମ୍ଭେମାନେ ଯେ ପରମ୍ପର ଏକ ଆତ୍ମରେ ସ୍ଥିର ହେଉଅଛ
ପୁଣି ଏକ ମନରେ ସୁସମାଚାରର ଧର୍ମର ପାଁଇ ଯତ୍ନ କରୁଅଛ ତୁମ୍ଭମାନଙ୍କର

ବିଷୟରେ ଏମନ୍ତ ସମ୍ବାଦ ଯେହ୍ନେ ଶୁଣିବାକୁ ପାଇ ଏଥିନିମନ୍ତେ କେବଳ
ଖ୍ରୀଷ୍ଟର ମଙ୍ଗଳସମାଚାର ପ୍ରମାଣେ ତୁମ୍ଭମାନଙ୍କର ଉପଯୁକ୍ତ ଆଚରଣ ହେଉ ।
ଅଉ ତୁମ୍ଭର ବିପକ୍ଷମାନଙ୍କର ସକାଶାଇ କୌଣସି ପ୍ରକାରେ ଭୀତ ନ ହୁଅ ୧୮
ଯେହେତୁ ତାହା ସେମାନଙ୍କର ପ୍ରତି ବିନାଶର ଲକ୍ଷଣ ଅଟଇ ପୁଣି ଈଶ୍ୱର
ଦ୍ୱାରା ତୁମ୍ଭମାନଙ୍କର ପ୍ରତି ପରିତ୍ରାଣର ଲକ୍ଷଣ ହେବ । ଯେଣୁ ଖ୍ରୀଷ୍ଟର ୨୯
ଉପରେରେ ବିଶ୍ୱାସ କରିବାକୁ ତାହା କେବଳ ନୋହେ ପୁଣି ତାହାଙ୍କର ପାଇଁ
ଦୁଃଖ ଭୋଗ କରିବାକୁ ତୁମ୍ଭମାନଙ୍କର ପ୍ରତି ଅନୁଗ୍ରହ ଦତ୍ତ ହେଉଅଛି ।
ପୂର୍ବରେ ଆମ୍ଭକୁ ଯେ ପ୍ରକାର ଯୁଦ୍ଧ କରିବାକୁ ଦେଖିଥିଲ ଅଉ ଏବେ ୩୦
ହେଁ ଯେ ପ୍ରକାର ଯୁଦ୍ଧର କଥା ଶୁଣୁଅଛ ତୁମ୍ଭେମାନେହେଁ ତେମନ୍ତ ଯୁଦ୍ଧ
କରୁଅଛ ।

୨ ପତ୍ର ।

ଏଣୁ ଖ୍ରୀଷ୍ଟରେ ଯେବେ କୌଣସି ସାନ୍ତ୍ୱନା ଯେବେ କୌଣସି ଅନନ୍ତଜନକ ୧
ପ୍ରେମ ଯେବେ ଆତ୍ମାର କୌଣସି ସହଭାଗିତା ଯେବେ କୌଣସି କରୁଣା
ଦୟାଦ ଥାଏ ତେବେ ତୁମ୍ଭେମାନେ ଏକ ଅନ୍ତଃକରଣ ଏକ ପ୍ରେମର ପ୍ରେମୀ ୨
ଏକ ଚେଷ୍ଟା ଏକ ପରାମର୍ଶ ହୋଇ ଆମ୍ଭର ଆନନ୍ଦ ପରିପୂର୍ଣ କର । ବିରୋଧ ୩
କି ଅସାରଗର୍ବି ହେବାରୁ କୌଣସି କର୍ମ ନ କର ମାତ୍ର ନମ୍ରସ୍ୱଭାବ ଧର
ପ୍ରତ୍ୟେକ ଜଣ ଆପଣାଠାରୁ ଆନକୁ ଉତ୍ତମ ଜ୍ଞାନ କର । ପ୍ରତିଜଣ କେବଳ ୪
ଆପଣା ବିଷୟରେ ନୋହେ ପୁଣି ପରର ବିଷୟରେହେଁ ମନୋଯୋଗ କର ।

ଖ୍ରୀଷ୍ଟ ଯୀଶୁର ଯେ ପ୍ରକାର ସ୍ୱଭାବ ତୁମ୍ଭମାନଙ୍କର ସେହି ପ୍ରକାର ହେଉ । ୫
ସେ ଈଶ୍ୱରରୂପୀ ହୋଇ ଆପଣାକୁ ଈଶ୍ୱରର ତୁଲ୍ୟ ମଣିବାକୁ ଅପହରଣ ୬
ବୋଧ ନ କର ଆପଣାକୁ ଶୂନ୍ୟ କର ମନୁଷ୍ୟ ବେଶ ଧର ଦାସରୂପୀ ହୋ
ଇଲେ । ଏମନ୍ତେ ମନୁଷ୍ୟରୂପରେ ଦେଖାଯାଇ ସେ ଆପଣାକୁ ନ୍ୟୂନ କର ୮
ମୃତ୍ୟୁର ଅର୍ଥାତ୍ କ୍ରୁଶୀୟ ମୃତ୍ୟୁର ଭୋଗ ପର୍ଯ୍ୟନ୍ତେ ଆଜ୍ଞାକାରୀ ହେଲେ । ଏଣୁ ୯
କର ଈଶ୍ୱର ତାହାଙ୍କୁ ଅତି ଉଚ୍ଚପଦସ୍ଥ କଲେ ପୁଣି ସ୍ୱର୍ଗ ମର୍ତ୍ତ୍ୟ ପାତାଳ ସ୍ଥିତ ୧୦
ପ୍ରତ୍ୟେକ ଜିହ୍ୱା ଯେମନ୍ତ ଯୀଶୁ ନାମରେ ଆଣ୍ଠୁ ପାତଇ ଆଉ ପିତା ଈଶ୍ୱ ୧୧
ରଙ୍କର ମହିମାର ଉଦ୍ଦେଶରେ ଯୀଶୁ ଖ୍ରୀଷ୍ଟ ଯେ ସେ ପ୍ରଭୁ ଅଟନ୍ତି ବୋ
ଲି ପ୍ରତ୍ୟେ ଜିହ୍ୱା ଯେମନ୍ତ ସ୍ୱୀକାର କରଇ ଏଥିପାଇଁ ସମସ୍ତ ନାମର ଉପରେ ତାହାଙ୍କୁ
ପ୍ରଧାନ ନାମ ଦେଲେ ।

ହେ ଆମ୍ଭର ପ୍ରିୟ ଭାଇମାନେ ତୁମ୍ଭେମାନେ ଯେମନ୍ତ ସର୍ବଦା ଆଜ୍ଞାକାରୀ ୧୨
ହୋଇଅଛ ଆମ୍ଭର ସାକ୍ଷାତରେ କେବଳ ନୋହେ ଏବେହେଁ ଆମ୍ଭର ଅସା

ଷାଉରେ ଅଧିକରୂପେ ହେଉଅଛୁ ତେମନ୍ତ ଉତ୍ସୁ ଓ କମ୍ପରେ କର ଆପଣା
୧୩ ପରମାଣର କର୍ମ ସାଧନ କର । ଯେହେତୁ ଇଚ୍ଛା କରିବାକୁ ଓ କର୍ମ ସାଧିବାକୁ
୧୪ ଈଶ୍ୱର ଆପଣା ଅନୁଗ୍ରହରେ ତୁମ୍ଭମାନଙ୍କର ଅନ୍ତରେ ସାଧନ କରନ୍ତି । କଷା
ଓ ବବାଦ ବନ୍ଦୁ ସମସ୍ତ କର୍ମ କର ଯହିଁରେ ଯେଉଁମାନଙ୍କର ମଧ୍ୟରେ
ତୁମ୍ଭେମାନେ ଜୀବନରୂପ ବାକ୍ୟ ପ୍ରକାଶକ ହୋଇ ଜଗତର ଜ୍ୟୋତି
୧୫ ସ୍ୱରୂପ ତେଜାଲୁ ଅଟ ଏହା କୁଟିଳ ଓ ବପଥଗାମି ଜାତିମାନଙ୍କର ମଧ୍ୟରେ
୧୬ ନର୍ଦ୍ଦୋଷ ନଷ୍କପଟ ଈଶ୍ୱରଙ୍କର ନଷ୍କଳଙ୍କ ସନ୍ତାନ ହୋଇବ । ଯହିଁରେ ଆମ୍ଭର
ଦେଖା ଓ ପରଶ୍ରମ ନରର୍ଥକ ନୋହିବାର୍ଥ ଖ୍ରୀଷ୍ଟର ଦିନରେ ଆମ୍ଭର ଆନନ୍ଦ
ହୋଇବ ।

୧୭ ଆଉ ଆମ୍ଭେ ଯେବେ ତୁମ୍ଭମାନଙ୍କର ବଶ୍ୱାସ ଓ ସେବାରୂପ ଯଜ୍ଞରେ
ହୋମ ପର ଦତ୍ତ ହୋଇ ତେବେହେଁ ତୁମ୍ଭମାନଙ୍କର ସମସ୍ତର ସହିତ ଆନନ୍ଦ
୧୮ ଓ ଉଲ୍ଲାସ କରିବା । ଏଣୁକରି ତୁମ୍ଭେମାନେହେଁ ଆମ୍ଭର ସହିତ ଆନନ୍ଦିତ
୧୯ ଓ ଦୁଃଖ ହୁଅ । ତୁମ୍ଭମାନଙ୍କର ଅବସ୍ଥା ଜାଣି ଯେମନ୍ତ ପରିତୃପ୍ତ ହୋଇ
ଏହେତୁ ତୀମଥିକୁ ତୁମ୍ଭମାନଙ୍କର କତରେ ଶୀଘ୍ର ପଠାଇ ଦେବା ଏହା ପ୍ରଭୁ
୨୦ ଯୀଶୁରେ ଆମ୍ଭେ ଭରସା କରି । ଆମ୍ଭର ପାଖରେ ସବୁ ପ୍ରକାରେ ତୁମ୍ଭମାନ
୨୧ ଙ୍କର ମଙ୍ଗଳ ଚିନ୍ତାକାରକ ଆହାର ସମତ୍ୱ ଆଉ କେହି ନାହିଁ । ଯେହେତୁ
୨୨ ସମସ୍ତେ ଖ୍ରୀଷ୍ଟ ଯୀଶୁର ବଷୟ ନ ଚେଷ୍ଟା ଆପଣା ବଷୟ ଚେଷ୍ଟା କରନ୍ତି । ପୁଣି
ପିତାର ସହିତ ପୁତ୍ର ଯେମନ୍ତ ଆମ୍ଭର ସହିତ ତେମନ୍ତ ସେ ମଙ୍ଗଳସମାଚା
୨୩ ରର ସେବା କରିଅଛୁ ତାହାର ଏହ ପ୍ରମାଣ ତୁମ୍ଭମାନଙ୍କୁ ଜଣାଅଛୁ । ଏହେତୁ
ଆମ୍ଭକୁ କର୍ତ୍ତବ୍ୟ ଘଟିବ ତାହା ଜାଣି ଆମ୍ଭେ ବହ୍ନେ ତୁମ୍ଭମାନଙ୍କର ନକଟରେ
୨୪ ତାହାକୁ ପଠାଇବାକୁ ଭରସା କରିଅଛୁଁ । ତେବେହେଁ ଆମ୍ଭେ ତୁମ୍ଭମାନ
ଙ୍କର ନକଟରେ ଶୀଘ୍ର ଉପସ୍ଥିତ ହେବା ଏହା ପ୍ରଭୁରେ ପ୍ରତ୍ୟୟ କରିଅଛୁଁ ।
୨୫ ତାହା ଛଡା ତୁମ୍ଭମାନଙ୍କର ଦୂତ ପୁଣି ଆମ୍ଭର ଅବଶ୍ୟକ ବସ୍ତୁ ଅଣିବା ଲୋକ
ଯେ ଆମ୍ଭର ଭାଇ ଓ ଆମ୍ଭର ସହକାର ଇପାଫ୍ରଦ୍ତ ନାମରେ ସହସେନା
ତାହାକୁଇ ତୁମ୍ଭମାନଙ୍କର କତକୁ ପଠାଇବାକୁ ପ୍ରୟୋଜନ ବୁଝିଲୁଁ ଯେହେତୁ
୨୬ ସେ ତୁମ୍ଭମାନଙ୍କର ଦର୍ଶନାକାଂକ୍ଷୀ ଆଉ ତୁମ୍ଭେମାନେ ତାହାର ପୀଡାର
୨୭ ସଂବାଦ ଶୁଣିବାର୍ଥ ସେ ବଡ ଉତ୍ତର ଥିଲା । ସେ ପ୍ରାୟେ ମୃତ୍ୟୁ ପର୍ଯ୍ୟନ୍ତ
ପୀଡିତ ଥିଲା ପ୍ରମାଣ ପୁଣି ଈଶ୍ୱର ତାହାର ପ୍ରତ କୃପା କରିଅଛନ୍ତି ।
କେବଲ ତାହାର ପ୍ରତ ଏମନ୍ତ ନୋହେ ଆମ୍ଭର ଦୁଃଖର ଉପରେ ଦୁଃଖ ଯେ
୨୮ ମନ୍ତ ନ ପଡିଥାଏ ଏଥିପାଇଁ ଆମ୍ଭର ପ୍ରତ କୃପା କରିଅଛନ୍ତି । ଏହେତୁ
ତୁମ୍ଭେମାନେ ତାହାକୁ ପୁନର୍ବାର ଦେଖି ଯେମନ୍ତ ଆନନ୍ଦିତ ହୁଅ ପୁଣି ଆମ୍ଭର

ଦୁଃଖର ଉଣା ଯେମନ୍ତ ହୋଇ ଏହେତୁ ଆମ୍ଭେ ତାହାକୁ ଅତି ଶୀଘ୍ର ପଠା
ଇଲୁଁ । ଏଣୁ ଅତି ହରଷ ହୋଇ ପ୍ରଭୁରେ ତାହାକୁ ଗ୍ରହଣ କର ପୁଣି ଏହି ୨୯
ପର ଲୋକଙ୍କର ମର୍ଯ୍ୟାଦା କର । ଯେଣୁ ଆମ୍ଭର ସେବା କରିବାରେ ତୁମ୍ଭ ୩୦
ମାନଙ୍କର ଯେଉଁ ତ୍ରୁଟି ଥିଲା ତାହା ସଂପୂର୍ଣ କରିବାକୁ ସେ ଅପଣାର ପ୍ରାଣକୁ
ହେଳା କର ଖ୍ରୀଷ୍ଟର କାର୍ଯ୍ୟ ନମନ୍ତେ ମଲାପ୍ରାୟ ହୋଇଥିଲା ।

୩ ପତ୍ର ।

ହେ ଆମ୍ଭର ଭ୍ରାତୃଗଣ ଶେଷରେ ବୋଲି ପ୍ରଭୁରେ ଆନନ୍ଦିତ ହୁଅ । ୧
ଏହେତୁ ଏକେ ବାରମ୍ବାର ତୁମ୍ଭମାନଙ୍କୁ ଲେଖିବାକୁ ଆମ୍ଭର କିଛିହିଁ କ୍ଲେଶ
ନାହିଁ ମାତ୍ର ତୁମ୍ଭମାନଙ୍କର ରକ୍ଷା ହୋଇ । ତୁମ୍ଭେମାନେ କୁକୁରମାନ ୨
ଙ୍କର ବିଷୟରେ ଜାଗ କୁକର୍ମକାରମାନଙ୍କର ବିଷୟରେ ଜାଗ ପରିଚ୍ଛେଦକ
ମାନଙ୍କର ବିଷୟରେ ଜାଗ । ଆମ୍ଭେମାନେ ସୁନ୍ନତ ହୋଇ ଅତ୍ମାର ଦ୍ୱାରା ଈଶ୍ୱ ୩
ରଙ୍କର ସେବା କରିବାରେ ଖ୍ରୀଷ୍ଟ ଯୀଶୁରେ ଆନନ୍ଦିତ ହୋଇ କୁଳରେ ପ୍ରତ୍ୟୟ
କର ନାହିଁ ମାତ୍ର ଆମ୍ଭର କୁଳରେ ପ୍ରତ୍ୟୟ କରିବାର କାରଣ ଅଛି । ପୁଣି ୪
ଆମ୍ଭେ କୁଳରେ ପ୍ରତ୍ୟୟ କରିବାକୁ ପାର ଏମନ୍ତ ଯେବେ କେହି କୁହଇ
ତେବେ ଆମ୍ଭେ ତାହାର ଅଧିକ କରିବାକୁ ପାରନ୍ତୁ । ଯେହେତୁ ଆମ୍ଭେ ଅଠ ୫
ଦିନରେ ସୁନ୍ନତ ପ୍ରାପ୍ତ ପୁଣି ଇଶ୍ରାୟେଲ ବଂଶୀୟ ବେନ୍ୟାମୀନର ଗୋଣ୍ଠୀ ଏବ୍ରୀ
କୁଳ ଜାତ ଏବ୍ରୀୟ ବ୍ୟବସ୍ଥା ମତ ପ୍ରମାଣେ ଫାରୂଶୀ ଧର୍ମାନୁଗତେ ମଣ୍ଡଳୀର ୬
ନ୍ତ୍ରାସକାରୀ ବ୍ୟବସ୍ଥିତ ଧର୍ମାଚରଣରେ ନିର୍ଦୋଷ ଥିଲୁଁ । ପୁଣି ସେହି ବିଷ ୭
ୟରେ ଆମ୍ଭର ଯେଉଁ ଲାଭ ଥିଲା ଖ୍ରୀଷ୍ଟର ନମନ୍ତେ ସେ ସକୁକୁ ହାନି
ମଣିଲୁଁ । ଅହୁର ଆମ୍ଭେ ଅପଣାର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ଉତ୍ତମ ଜ୍ଞାନର ନମ ୮
ନ୍ତେ ସମସ୍ତକୁ ନିତାନ୍ତ ହାନି ମଣି । ଆମ୍ଭେ କୌଶସି ମତେ ମୃତ୍ୟୁରୁ ଉତ୍ଥାନ ୯
ପାଇବାର ପାଁଇ ଖ୍ରୀଷ୍ଟର ପର ମୃତ୍ୟୁ ଭୋଗ କର ତାହାକୁ ଓ ତାହାଙ୍କର
ଦୁଃଖର ଭାଗ ଓ ତାହାଙ୍କର ଉତ୍ଥାନର ଶକ୍ତି ଯେମନ୍ତ ଜାଣିମା ପୁଣି ବ୍ୟବସ୍ଥା ୧୦
ପାଳିବାରୁ ନଜ ଧର୍ମରେ ଧର୍ମବନ୍ତ ନ ହୋଇ ଖ୍ରୀଷ୍ଟରେ ବଶ୍ୱାସ କରିବାରୁ
ଅର୍ଥାତ୍ ବଶ୍ୱାସ ଦ୍ୱାରା ଈଶ୍ୱର ଦତ୍ତ ଯେଉଁ ଧର୍ମ ତହିଁରେ ଧର୍ମବନ୍ତ ହୋଇ
ଏମନ୍ତେ ଖ୍ରୀଷ୍ଟଙ୍କୁ ଲାଭ କର ତାହାଙ୍କରେ ଗ୍ରାହ୍ୟ ହେବା ପାଁଇ ଅମ୍ଭେ ସବୁ ୧୧
ବିଷୟର ହାନି ଭୋଗ କର ତାକୁ ସତାକୁଡ଼ା ପର ମଣି । ଆମ୍ଭେ ଯେ ସମସ୍ତ ପ୍ରାପ୍ତ ୧୨
ହୋଇଅଛୁଁ କି ସିଦ୍ଧ ହୋଇଅଛୁଁ ତାହା ନୋହେ ପୁଣି ଯାହା ପାଁଇ ଖ୍ରୀଷ୍ଟଙ୍କ
ଦ୍ୱାରା ଧରା ଗଲୁଁ ତାହା ଧରିବାର ପାଁଇ ଆମ୍ଭେ ଦୌଡୁଅଛୁଁ । ହେ ଭ୍ରାତୃ ୧୩
ଗଣ ଆମ୍ଭେ ଯେ ତାହା ଧରିଅଛୁଁ ଏମନ୍ତ ଜ୍ଞାନ କରୁଁ ନାହିଁ । ପୁଣି ପଶ୍ଚାତ୍ତର

୪ ବିଷୟ ମନରେ ନ କର ଆଗର ବିଷୟ ପାଇବାକୁ ଅଭିଶୟ ଆଗେ ବଢାଇ
ଖ୍ରୀଷ୍ଟ ଯୀଶୁ ଦ୍ୱାରା ଊର୍ଦ୍ଧ୍ୱରୁ ଈଶ୍ୱରଙ୍କର ଅହ୍ୱାନର ବାଜୀରୂପ ଫଲକୁ ଲକ୍ଷ୍ୟ
୧୫ କର ଆମ୍ଭେ ଦୌଡୁ ଅଛୁଁ ଏହି ଏକ କର୍ମ ଆମ୍ଭେ କରୁ ଥାଉ । ଏଣୁ ଆମ୍ଭ
ମାନଙ୍କର ଯେଉଁ ଲୋକ ସିଦ୍ଧ ହେବାକୁ ଇଚ୍ଛା ଅଛ ସମସ୍ତେ ଏମନ୍ତ ଜ୍ଞାନ
କରୁଁ ମାତ୍ର କୌଣସି ବିଷୟରେ ଯେବେ ଅନ୍ୟ ପ୍ରକାର ବୋଧ ହୋଇଥି
୧୬ ଈଶ୍ୱର ତୁମ୍ଭମାନଙ୍କଠାରେ ତାହାର ଉଦ୍ଦେଶ କରିବେ । ତେବେହେଁ ଆମ୍ଭ
ମାନଙ୍କର ଯେ ପର୍ଯ୍ୟନ୍ତ ଗମ୍ୟ ହୁଅଇ ଆମ୍ଭେମାନେ ଏକଚିତ୍ତ ହୋଇ ସେହି
ଅନୁସାରେ ଆଚରଣ କରୁଁ ।

୧୭ ହେ ଭ୍ରାତୃଗଣ ତୁମ୍ଭେମାନେ ଆମ୍ଭର ଅନୁଗାମୀ ହୋଇ ଆମ୍ଭମାନଙ୍କର ତୁଲ୍ୟ
ଆଚରଣମାନଙ୍କର ଆଚରଣ ବେବେଚନା କର ଯେଣୁ ଆମ୍ଭେମାନେ ତୁମ୍ଭମାନଙ୍କର
୧୮ ଦୃଷ୍ଟାନ୍ତସ୍ୱରୂପ ଅଛୁଁ । ଯେହେତୁ ଅନେକର ଆଚରଣ ବିଷୟରେ ମୁଁ ବା
ରମ୍ବାର ତୁମ୍ଭମାନଙ୍କୁ ବୋଲି ଅଛି, ଏବେହେଁ କ୍ରନ୍ଦନ କର କହୁଅଛୁଁ ସେ
୧୯ ମାନେ ଖ୍ରୀଷ୍ଟଙ୍କର କ୍ରୁଶର ଶତ୍ରୁ ଶେଷରେ ସେମାନଙ୍କର ବିନାଶ ଘଟିବ । ସେମାନେ
ଉଦରକୁ ଈଶ୍ୱର କର ମଣି ଲଜ୍ଜାର ବିଷୟ ଦର୍ପକରି ମାନନ୍ତି ସେମାନେ ସଂସା
୨୦ ରର ବିଷୟରେ ଆସକ୍ତ ଥାନ୍ତି । ପୁଣି ଆମ୍ଭେମାନେ ସ୍ୱର୍ଗାଧିକାରୀ ହୋଇ ସେହି
୨୧ ଠାକର ତ୍ରାଣକର୍ତ୍ତା ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ଆସିବାର ଅପେକ୍ଷା କରୁଁ । ସେ
ଯେଉଁ ମହାଶକ୍ତି ପ୍ରମାଣରେ ସମସ୍ତଙ୍କୁ ଆପଣାର ବଶୀଭୂତ କରି ଥାରନ୍ତି
ସେହି ଶକ୍ତି ଦ୍ୱାରା ଆମ୍ଭମାନଙ୍କର ହୀନ ଦେହକୁ ରୂପାନ୍ତର କରି ଆପଣାର
ତେଜୋମୟ ଶରୀରର ତୁଲ୍ୟ କରିବେ ।

୪ ପତ୍ର ।

୧ ଏଣୁ ହେ ଆମ୍ଭର ଆନନ୍ଦ ଓ ମକୁଟ ସ୍ୱରୂପ ହେ ପ୍ରିୟତମ ଓ ଇଚ୍ଛିତମ ଓ
ଅତିଶୟ ପ୍ରିୟ ଭ୍ରାତୃଗଣ ତୁମ୍ଭେମାନେ ଏହି ପ୍ରକାର ପ୍ରଭୁରେ ସ୍ଥିର ହୋଇ
୨ ଥାଅ । ହେ ଇୱୋଦିୟା ହେ ସୁନ୍ତୀ ଆମ୍ଭେ ତୁମ୍ଭମାନଙ୍କୁ ବିନୟ କର
୩ ବୋଲୁଁ ତୁମ୍ଭେମାନେ ଖ୍ରୀଷ୍ଟଙ୍କଠାରେ ଏକଚିତ୍ତ ହୁଅ । ହେ ଆମ୍ଭର ସତ୍ୟ ସହ
କାରୀ ତୁମ୍ଭକୁଇ ବିନୟ କର ବୋଲୁଁ ମଙ୍ଗଲସମାଗ୍ଭର ପ୍ରଚାର କରିବାର ସମ
ସ୍ତରେ ଯେଉଁ ସ୍ତ୍ରୀଗଣ ଆମ୍ଭର ସହଭାଗିନୀ ହୋଇଅଛନ୍ତି ପୁଣି ଯେଉଁମା
ନଙ୍କର ନାମ ଜୀବନ ପୁସ୍ତକରେ ଲେଖା ଅଛି ଏମନ୍ତ କ୍ଲୀମନ ଆଦି ଆମ୍ଭର ଅନ୍ୟ
ସହକାରୀମାନଙ୍କର ଉପକାର କର ।

୪ ତୁମ୍ଭେମାନେ ସର୍ବଦା ପ୍ରଭୁରେ ଆନନ୍ଦିତ ହୁଅ । ପୁନର୍ବାରଯ ଆମ୍ଭେ
୫ ବୋଲି ଆନନ୍ଦିତ ହୁଅ । ତୁମ୍ଭମାନଙ୍କର ମୃଦୁଭାବ ସମସ୍ତ ଲୋକଙ୍କର ଜ୍ଞାତରେ

ସପ୍ରକାଶ ହେଉ ଯେହେତୁ ପ୍ରଭୁ ନିକଟବର୍ତ୍ତୀ ଅଟନ୍ତି । ୬ କୌଣସି ବିଷ
ୟରେ ଚିନ୍ତିତ ନୋହ ତୁମ୍ଭେମାନେ ଧନ୍ୟବାଦ କର ପ୍ରାର୍ଥନାରେ ଓ ମାଗି
ବାରେ ଈଶ୍ୱରଙ୍କର ଗୋଚରରେ ଆପଣାମାନଙ୍କର ନିବେଦନ ସବୁ ଜଣାଅ ।
୭ ତହିଁରେ ସମସ୍ତ ବୁଦ୍ଧିର ଅଗମ୍ୟ ଯେ ଈଶ୍ୱରଙ୍କର ଶାନ୍ତି ସେ ଖ୍ରୀଷ୍ଟ ଯୀଶୁର
ଦ୍ୱାରା ତୁମ୍ଭମାନଙ୍କର ହୃଦୟ ଓ ମନର ରକ୍ଷା କରିବେ । ୮ ହେ ଭ୍ରାତୃଗଣ ଅବଶେ
ଷରେ ବୋଲି ଯେଉଁ ବିଷୟ ସତ୍ୟ କି ଆଦରଣୀୟ କି ଯଥାର୍ଥ କି ନିର୍ମଳ କି
ହିତଦାୟକ କି ସୁଖ୍ୟାତି ଏମନ୍ତ କେବଳ ଗୁଣଯୁକ୍ତ କିଅବା ପ୍ରଶଂସନୀୟ
କଥା ଯେବେ ଥାଏ ତେବେ ସେ ବିଷୟରେ ମନୋଯୋଗ କର । ୯ ତୁମ୍ଭେ
ମାନେ ଆମ୍ଭର ନିକଟରେ ଯାହା ଦେଖି ଶୁଣି ଓ ଶିକ୍ଷା ପାଇ ଗ୍ରହଣ କର
ଅଛ ସେହି ଅନୁସାରେ ଆଚର ବ୍ୟବହାର କର । ତହିଁରେ ଶାନ୍ତି ଦାୟକ
ଈଶ୍ୱର ତୁମ୍ଭମାନଙ୍କର ସଙ୍ଗୀ ହୋଇବେ ।

୧୦ ପୁନଶ୍ଚ ଆମ୍ଭର ପ୍ରତି ତୁମ୍ଭମାନଙ୍କର ମନୋଯୋଗ ଥିଲା ପ୍ରମାଣ ପୁଣି
ସୁଯୋଗ ଥିଲା ନାହିଁ ଏବେ ତୁମ୍ଭମାନଙ୍କର ସେହି ଚିନ୍ତା ଯେ ପୁନର୍ବାର
ବଢ଼ୁଅଛ ଏବିଷୟରେ ଆମ୍ଭେ ପ୍ରଭୁଠାରେ ଅତି ଆହ୍ଲାଦିତ ହୋଇଲୁଁ ।
୧୧ ଆମ୍ଭର ଅଭାବ ବିଷୟରେ ଏକଥା ବୋଲୁ ଅଛୁଁ ତାହା ନୋହେ ଯେହେତୁ
ଯେ କୌଣସି ଅବସ୍ଥାରେ ଥାଇ ତହିଁରେ ସନ୍ତୋଷ ରହିବାକୁ ଶିକ୍ଷା
ପାଇଲୁଁ । ୧୨ ହୀନସ୍ଥା ଦଶାରେ ହେବାକୁ ପୁଣି ବର୍ଦ୍ଧିଷ୍ଣୁ ଦଶା ଭୋଗିବାକୁ ଯାହା
ଯେ କୌଣସି ସ୍ଥାନରେ ଅବା ଯେ କୌଣସି ଅବସ୍ଥାରେ ହେଉ ପରିତୃପ୍ତ
କିଅବା ଅତୃପ୍ତ ହେବାକୁ ପୁଣି ଅଧିକ କିଅବା ଅଭାବ ଭୋଗିବାକୁ ଦକ୍ଷ
ହୋଇଅଛୁଁ । ୧୩ ଆମ୍ଭର ଶକ୍ତିଦାତା ଯେ ଖ୍ରୀଷ୍ଟ ତାହାଙ୍କର ସହାୟତାରେ ଆମ୍ଭେ
ସମସ୍ତଇ କରିବାକୁ ପାର । ୧୪ ପୁଣି ତୁମ୍ଭେମାନେ ଆମ୍ଭର ଦୀନତାର ସମୟରେ
ସଂକୋଳିବାରେ ଉତ୍ତମ କର୍ମ କଲ । ୧୫ ହେ ଫିଲିପୀୟ ଲୋକମାନେ ଆମ୍ଭେ
ଯେତେବେଳେ ସୁସମାଚାରର ପ୍ରଚାର କରିବାକୁ ପ୍ରଥମେ ମାକିଦୋନିୟାକୁ
ଗଲୁଁ ସେକାଳରେ ତୁମ୍ଭମାନଙ୍କର ବିନା ଅନ୍ୟ ମଣ୍ଡଳୀର ସହିତ ଦାନାଦାନ
ବିଷୟରେ ଆମ୍ଭର କୌଣସି ବେଭାର ନ ଥିଲା ବୋହି ତୁମ୍ଭେମାନେ ଜାଣ । ୧୬ ଆମ୍ଭର
ଥେସଲନୀକା ନଗରରେ ଥିବାର ସମୟରେ ତୁମ୍ଭେମାନେ ଆମ୍ଭର ଦୀନତା ହେ
ତୁତ୍ୱଂ ଥରେ ନୋହେ ଦୁଇଥର ଦାନ ପଠାଇଥିଲ । ୧୭ ଆମ୍ଭେ ଯେ ତୁମ୍ଭମାନ
ଙ୍କର ନିକଟରେ ଦାନର ପ୍ରାର୍ଥନା କର ତାହା ନୋହେ ପୁଣି ତୁମ୍ଭମାନଙ୍କର
ବହୁ ଲାଭ ଜନକ ଫଳର ପ୍ରାର୍ଥନା କର । ୧୮ ଯେହେତୁ ଆମ୍ଭର କିଛିହିଁ
ଅଭାବ ନାହିଁ ସମସ୍ତଇ ପ୍ରଚୁର ଅଛି । ଈଶ୍ୱରଙ୍କର ଗ୍ରାହ୍ୟ ଓ ତୁଷ୍ଟିଜନକ
ସୁଗନ୍ଧିତ ନୈବେଦ୍ୟ ସ୍ୱରୂପ ଯେଉଁ ଦ୍ରବ୍ୟ ତୁମ୍ଭେମାନେ ଇପାଫ୍ରଦିତର

୧୯ ଦ୍ୱାରା ପଠାଇଅଛ ତାହା ପାଇ ଆମ୍ଭେ ସମ୍ପୂର୍ଣ୍ଣ ଅଛୁଁ । ଆମ୍ଭର ଈଶ୍ୱର ଆପଣା
ଗୌରବ ନିଧି ଅନୁସାରରେ ଖ୍ରୀଷ୍ଟ ଯୀଶୁର ଦ୍ୱାରା ତୁମ୍ଭମାନଙ୍କର ସବୁ ପ୍ରୟୋ
୨୦ ଜନ ନିର୍ବାହ କରିବେ । ସର୍ବଦା ଆମ୍ଭମାନଙ୍କର ପିତା ଈଶ୍ୱରଙ୍କର ଧନ୍ୟବାଦ
୨୧ ହେଉ ଆମେନ । ଯୀଶୁ ଖ୍ରୀଷ୍ଟର ପ୍ରତ୍ୟେକ ସାଧୁ ଜନକୁ ନମସ୍କାର କର । ଆମ୍ଭର
୨୨ ସଙ୍ଗି ଭ୍ରାତୃଗଣ ତୁମ୍ଭମାନଙ୍କୁ ନମସ୍କାର କରୁଅଛନ୍ତି । ପୁଣି ସମସ୍ତ ସାଧୁ ଲୋ
୨୩ କର ବିଶେଷ କରି କୈସରର ପରିଜନର ନମସ୍କାର ଜାଣିବ । ଆମ୍ଭମାନଙ୍କର
ପ୍ରଭୁ ଯୀଶୁ ଖ୍ରୀଷ୍ଟର ଅନୁଗ୍ରହ ତୁମ୍ଭ ସମସ୍ତଙ୍କର ପ୍ରତି ହେଉ ।

ଇତି ।

---

କଲସୀସ୍ଥ ମଣ୍ଡଳୀର ପ୍ରତି ପାଉଲ ପ୍ରେରିତଙ୍କ ଚିଠୀ ।

ପ ଅଧ୍ୟା ।

ଈଶ୍ୱରଙ୍କର ଇଚ୍ଛା ପ୍ରମାଣେ ଯୀଶୁ ଖ୍ରୀଷ୍ଟଙ୍କର ପ୍ରେରିତ ପାଉଲ ପୁଣି ତୀମଥିସ୍ଥ ୧
ନାମରେ ଭାଇ କଲସୀ ନଗର ନିବାସୀ ସାଧୁ ଓ ଖ୍ରୀଷ୍ଟରେ ବିଶ୍ୱସ୍ତ ଭାଇମାନ
ଙ୍କର ପ୍ରତି ଚିଠି ଲେଖୁଛନ୍ତି । ଆମ୍ଭମାନଙ୍କର ପିତା ଈଶ୍ୱର ଓ ପ୍ରଭୁ ଯୀଶୁ ୨
ଖ୍ରୀଷ୍ଟଠାରୁ ତୁମ୍ଭମାନଙ୍କର ପ୍ରତି ଅନୁଗ୍ରହ ଓ ଶାନ୍ତି ହେଉନ୍ତୁ ।

ମଙ୍ଗଳସମାଗ୍ଭରର ସତ୍ୟ ବାକ୍ୟରେ ଯାହାର ବୃତ୍ତନ୍ତ ତୁମ୍ଭେମାନେ ପୂର୍ବେ ୫
ଶୁଣି ଥିଲ ଏମନ୍ତ ସ୍ୱର୍ଗରେ ତୁମ୍ଭ ନମନ୍ତେ ରଖିତ ବିଷୟରେ ଯେଉଁ ଭରସା ୪
ଥାଉ ଖ୍ରୀଷ୍ଟ ଯୀଶୁରେ ତୁମ୍ଭମାନଙ୍କର ବିଶ୍ୱାସ ଓ ସାଧୁମାନଙ୍କର ପ୍ରତି ତୁମ୍ଭମାନ
ଙ୍କର ଯେଉଁ ପ୍ରେମ ଏହାର ସମ୍ବାଦ ପ୍ରାପ୍ତ ହୁଅନ୍ତେ ତୁମ୍ଭମାନଙ୍କର ଲାଗି ନିତ୍ୟ ୫
ପ୍ରାର୍ଥନା କରୁ ପ୍ରଭୁ ଯୀଶୁ ଖ୍ରୀଷ୍ଟର ପିତା ଈଶ୍ୱରଙ୍କଠାରେ ଧନ୍ୟବାଦ କରୁଁ ।
ସେହି ମଙ୍ଗଳସମାଗ୍ଭର ଯେମନ୍ତ ତୁମ୍ଭମାନଙ୍କର କତରେ ତେମନ୍ତ ସମ୍ଭ ଜଗତ ୬
ରେ ପ୍ରବେଶ ହୋଇଅଛୁ ପୁଣି ତାହା ଶୁଣିଲ ଓ ସତ୍ୟରୂପେ ଈଶ୍ୱରଙ୍କର ଅନୁ
ଗ୍ରହ ଜାଣିଲ ଉତ୍ତାରେ ସର୍ବତ୍ର ଯେମନ୍ତ ତୁମ୍ଭମାନଙ୍କର ମଧ୍ୟରେହିଁ ତେମନ୍ତ
ଫଳ ଫଳୁଛି । ଏହି କଥା ଆମ୍ଭମାନଙ୍କର ପ୍ରିୟ ସହଦାସ ଓ ତୁମ୍ଭମାନଙ୍କ ପ୍ରତି ୭
ଖ୍ରୀଷ୍ଟର ବିଶ୍ୱସ୍ତ ସେବକ ଯେ ଏପାଫ୍ରା ତାହାରଠାରୁ ତୁମ୍ଭେମାନେ ଶିଖିଅଛ ୮
ଅନ୍ତର ସେ ଆତ୍ମା ନଙ୍କ ତୁମ୍ଭମାନଙ୍କର ପାରମାର୍ଥିକ ପ୍ରେମ ଜଣାଇଅଛୁ ।

ଏଣୁ ଏମ୍ଭାଦ ପାଇଲା ଦିନଠୁ ତୁମ୍ଭମାନଙ୍କର ନମନ୍ତେ ଅବରତ ଆମ୍ଭେ ୯
ମାନେ ପ୍ରାର୍ଥନା କରୁ ଏହି ଆକାଂକ୍ଷା କରୁଁଥାଉ । ତୁମ୍ଭେମାନେ ଯେପରି
ସମ୍ପୂର୍ଣ୍ଣ ଜ୍ଞାନରେ ଓ ପାରମାର୍ଥିକ ବୁଦ୍ଧିରେ ଈଶ୍ୱରଙ୍କର ଇଚ୍ଛା ବିଷୟରେ
ସମ୍ପୂର୍ଣ୍ଣ ଜ୍ଞାନବନ୍ତ ହୁଅ । ପୁଣି ଈଶ୍ୱରର ତତ୍ତ୍ୱଜ୍ଞାନରେ ବଢି ଯେପରି ସବୁ ୧୦
ସତ୍କର୍ମର ଫଳରେ ଫଳବନ୍ତ ହୋଇ ପ୍ରଭୁର ଯୋଗ୍ୟ ଓ ସର୍ବ ସନ୍ତୋଷ

୧୧ ଜନକ ଆଶ୍ଚରରେ ପଟୁ ହୁଅ । ଆଉ ଯେହେ ଈଶ୍ୱରଙ୍କ ମହିମାଯୁକ୍ତ ଶକ୍ତ୍ୟ
ନୁସାରେ ଆନନ୍ଦର ସହିତ ସବୁ ସହିଷ୍ଣୁପଣ ଓ ଧୈର୍ଯ୍ୟାବଲମ୍ବନ ଜନକ ସବୁ
୧୨ ବଳରେ ବଳବନ୍ତ ହୁଅ । ଆବର ତେଜସ୍ଥିତ ସାଧୁମାନଙ୍କ ଅଧିକାର ଭୋଗି
ବାକୁ ଆମ୍ଭମାନଙ୍କୁ ଯୋଗ୍ୟ କରିଛନ୍ତି ଯେଉଂ ପିତା ତାହାଙ୍କର ଗୁଣାନୁ
୧୩ ବାଦ କର । ଯେଣୁ ସେ ଆମ୍ଭମାନଙ୍କୁ ଅନ୍ଧାରର କର୍ତ୍ତୃପଣରୁ ଉଦ୍ଧାର କରି
୧୪ ଆପଣା ପ୍ରିୟ ପୁତ୍ରର ରାଜ୍ୟସ୍ଥ ପ୍ରଜା କରିଅଛନ୍ତି ଏହାଙ୍କର ରକ୍ତ ଦ୍ୱାରା ଆମ୍ଭେ
୧୫ ମାନେ ପରିତ୍ରାଣ ଅର୍ଥାତ୍ ପାପ ମୋଚନ ପାଇ ଅଛୁଁ । ସେ ଅଦୃଶ୍ୟ ଈଶ୍ୱ
୧୬ ରର ପ୍ରତିମୂର୍ତ୍ତି ସ୍ୱରୂପ ପୁଣି ସମଗ୍ର ସୃଷ୍ଟିର ଆଦିକର୍ତ୍ତା । ଯେଣୁ ସିଂହାସନ କି ରାଜ
ପଦ କି କର୍ତ୍ତୃପଣ କି ପରାକ୍ରମ କିଅବା ସ୍ୱର୍ଗରେ କି ପୃଥିବୀରେ ଦୃଶ୍ୟ ଅବା
ଅଦୃଶ୍ୟ ହେଉ ଯେତେହେଂ ବସ୍ତୁ ଥାୟେ ସମଗ୍ର ତାହାଙ୍କ ଦ୍ୱାରା ଓ ତାହାଙ୍କର
୧୭ ପାଁଇ ସୃଷ୍ଟ ହୋଇଅଛି । ସେ ସମଗ୍ର ବସ୍ତୁର ଅଗ୍ରୀୟ ପୁଣି ତାହାଙ୍କ ଦ୍ୱାରା ସମ
୧୮ ଗ୍ରର ସ୍ଥିତି ହେଉଅଛି । ଆଉ ସର୍ବତୋଭାବରେ ଯେହେ ତାହାଙ୍କର ପ୍ରଧାନପଣ
ହୁଅଇ ଏଥିପାଁଇ ସେ ଆଦି ଓ ମୃତ୍ୟୁରୁ ପ୍ରଥମ ଉତ୍ପାଦିତ ହୋଇ ମଣ୍ଡଳୀରୂପ
୧୯ ଶରୀରର ମୁଣ୍ଡ ସ୍ୱରୂପ ହୋଇଅଛନ୍ତି । ଯେହେତୁ ସମୁଦାୟ ପୂର୍ଣ୍ଣତା ଯେହେ
୨୦ ତାହାଙ୍କରେ ବାସ କରନ୍ତି ପୁଣି ତାହାଙ୍କର କୃଶର ରକ୍ତରେ ସନ୍ଧି କରି ତାହା
ଦ୍ୱାରା ଆପଣା ସହିତ ସ୍ୱର୍ଗ କି ପୃଥିବୀରେ ସ୍ଥିତ ସମଗ୍ରର ମିଳଣ କରନ୍ତି ପିତାର
୨୧ ଏମନ୍ତ ଇଚ୍ଛା । ଏନିମନ୍ତେ ପୂର୍ବ କାଳରେ ପାପାଚରଣ ସକାଶୁଂ ଈଶ୍ୱରଠାରୁ
୨୨ ବିମୁଖ ଓ ମନରେ ତାହାଙ୍କର ଶତ୍ରୁ ଥିଲ ଯେ ତୁମ୍ଭେମାନେ ତୁମ୍ଭମାନଙ୍କୁ
ଆପଣା ସାକ୍ଷାତରେ ପବିତ୍ର ଓ ନିଷ୍କଳଙ୍କ ଓ ନିର୍ଦ୍ଦୋଷ ସ୍ଥାପନ କରିବା ପାଁଇ
ଖ୍ରୀଷ୍ଟ ଆପଣା ମାଂସପିଣ୍ଡ ଶରୀରର ମରଣ ଦ୍ୱାରା ଆପଣାର ସହିତ ମିଳଣ କରି
୨୩ ଛନ୍ତି । ଯେଣୁ ସ୍ୱର୍ଗର ନୀଚସ୍ଥ ପ୍ରାୟ ସବୁ ଜଗତ ଲୋକର ପ୍ରତି ପ୍ରକାଶିତ ତୁମ୍ଭେ
ମାନେ ଯେଉଂ ମଙ୍ଗଳସମାଚାର ଶୁଣିଅଛ (ଯାହାର ଜଣେ ସେବକ ଆମ୍ଭେ
ପାଉଲ ଅଟୁଁ) ଏମନ୍ତ ମଙ୍ଗଳସମାଚାରର ଭରସାରୁ ଅଚଳିତ ହୋଇ ତୁମ୍ଭେ
ମାନେ ଖ୍ରୀଷ୍ଟର ଧର୍ମରେ ବନ୍ଧମୂଳ ଓ ସ୍ଥିର ହୋଇ ଥାଅ ।
୨୪ ଏବେ ଆମ୍ଭେ ତୁମ୍ଭମାନଙ୍କର ନିମନ୍ତେ ନିଜ ଦୁଃଖରେ ଆନନ୍ଦ କରୁ ପୁଣି
ଖ୍ରୀଷ୍ଟର କ୍ଳେଶ ଭୋଗ କରିବାର ଯେ କିଛି ବାକୀ ଥାୟେ ତାହା ଆମ୍ଭେ ତାହା
ଙ୍କର ଶରୀର ସ୍ୱରୂପ ମଣ୍ଡଳୀର ନିମନ୍ତେ ନିଜ ଶରୀରରେ ସମ୍ପୂର୍ଣ୍ଣ ସାଧନ କରୁଁ ।
୨୫ ଯେଣୁ ଈଶ୍ୱରର ବାକ୍ୟ ପ୍ରଚାର କରିବାର ଭାର ତୁମ୍ଭମାନଙ୍କର ନିମନ୍ତେ ଈଶ୍ୱ
ରଙ୍କ ଦ୍ୱାରା ଦତ୍ତ ପଦାନୁସାରେ ଆମ୍ଭେ ସେହି ମଣ୍ଡଳୀର ସେବକ ହୋଇ
୨୬ ଅଛୁଁ । ଏହି ନିଗୂଢ ବାକ୍ୟ ପୂର୍ବକାଳେ ପୂର୍ବପୁରୁଷମାନଙ୍କଠାରେ ଅପ୍ରକା
ଶିତ ହୋଇ ଏବେହେଂ ସାଧୁମାନଙ୍କଠାରେ ସୁପ୍ରକାଶ ହୋଇଅଛି ଆଉ

ଅନ୍ୟ ଦେଶୀୟମାନଙ୍କର ପ୍ରତି ଏହି ନଗୂଢ ବାକ୍ୟର ଯେଉଁ ଗୌରବ ସ୍ୱରୂପ ୨୭
ନଧି ଥାହା ସେମାନଙ୍କୁ ଜଣାଇବାକୁ ଈଶ୍ୱର ବାଞ୍ଛା କଲେ । ସେହି ନଗୂଢ
ବାକ୍ୟର ସାର ଏହି ତୁମ୍ଭମାନଙ୍କର ଅନ୍ତରେ ଗୌରବର ଭରସାଜନକ
ଖ୍ରୀଷ୍ଟ । ଏନମନ୍ତେ ଖ୍ରୀଷ୍ଟ ଯୀଶୁରେ ସିଦ୍ଧ ପ୍ରତ୍ୟେକ ମନୁଷ୍ୟକୁ ଥାହାଙ୍କର ନକ ୨୮
ଟରେ ସ୍ଥାପିତ କରିବାକୁ ଅମ୍ଭେମାନେ ପ୍ରତି ଜଣକୁ ଚେତନା ଓ ସବୁପ୍ରକାର
ଜ୍ଞାନ ଜନକ ଉପଦେଶ ଦେଇ ଥାହାଙ୍କର କଥା ଘୋଷଣା କରୁଁ । ଆକର ୨୯
ଆମ୍ଭଠାରେ ବଳବନ୍ତରୂପେ ସଫଳ କ୍ରିୟାକାରୀ ଯେ ଥାହାଙ୍କର ପରାକ୍ରମ
ଥାହା ଦ୍ୱାରା ଆମ୍ଭେହିଁ ଏଥିରେ ଅତି ଯତ୍ନେ ପରିଶ୍ରମ କରୁଁ ଥାଇ ।

୨ ପତ୍ର ।

ତୁମ୍ଭମାନଙ୍କର ଓ ଲାଯ୍ଦୀକୀୟ ମଣ୍ଡଳୀର ଆଉ ଆମ୍ଭର ମୁଖ ଅଦର୍ଶି ସବୁ ୧
ଲୋକର ନମନ୍ତେ ଆମ୍ଭର କିପ୍ରକାର ଉଦ୍ୱେଗ ଥାହା ତୁମ୍ଭମାନଙ୍କୁ ଯେନ୍ତେ
ବୋଧ ହୁଅଇ ଏହା ଆମ୍ଭର ବାଞ୍ଛା । ସେମାନେ ଯେମନ୍ତ ପ୍ରେମରେ ବଦ ୨
ହୋଇ ମନରେ ଶାନ୍ତ୍ୱିଯୁକ୍ତ ହୁଅନ୍ତି ପୁଣି ସବୁ ସମ୍ପୂର୍ଣ୍ଣ ଜ୍ଞାନରୂପ ଧନ ପ୍ରାପ୍ତ
ହୋଇ ଯେମନ୍ତ ପିତା ଈଶ୍ୱର ଓ ପ୍ରଭୁ ଯୀଶୁ ଖ୍ରୀଷ୍ଟର ନଗୂଢ ବାକ୍ୟ ସ୍ୱୀକାର
କରନ୍ତି । ସେହି ଖ୍ରୀଷ୍ଟରେ ସବୁ ତତ୍ତ୍ୱଜ୍ଞାନ ଓ ବୁଦ୍ଧିରୂପ ଧନ ଗୁପ୍ତ ହୋଇ ୩
ଥାଏ । କେହି ଯେମନ୍ତ ମନୋହର ବାକ୍ୟରେ ତୁମ୍ଭମାନଙ୍କୁ ନ ଭୁଲା ପ୍ୟେ ୪
ଏଥିପାଇଁ ଆମ୍ଭେ ଏହା କୋଲ । ଯେହେତୁ ଶରୀରରେ ଯଦ୍ୟପି ତୁମ୍ଭମାନଙ୍କ ୫
ପାଖରେ ନ ଥାଇ ତେବେ ଅତ୍ମାରେ ତୁମ୍ଭମାନଙ୍କର କତରେ ଥାଉଁ ଖ୍ରୀଷ୍ଟରେ
ତୁମ୍ଭମାନଙ୍କର ସୁଶୃଙ୍ଖଳ ଓ ଅଟଳ ବଶ୍ୱାସ ଦେଖି ଆନନ୍ଦ କରୁ ଅଛୁଁ । ଏଣୁ
ପ୍ରଭୁ ଖ୍ରୀଷ୍ଟ ଯୀଶୁକୁ ଯେମନ୍ତ ଗ୍ରହଣ କରିଅଛ ତେମନ୍ତ ତାହାଁରେ ଆଚରଣ କର ୬
ଥାହାଙ୍କଠାରେ ବଦ୍ଧମୂଳ ଓ ଗୁଂଥିତ ହୋଇ ପ୍ରାପ୍ତ ଶିକ୍ଷା ପ୍ରମାଣେ ବଶ୍ୱା ୭
ସରେ ନିଷ୍ଠା ହୁଅ ପୁଣି ଧନ୍ୟବାଦ କରୀ ତାହାଁରେ ଅହୁରି ବଢି ଯାଅ ।

ସାବଧାନ ଖ୍ରୀଷ୍ଟର ବ୍ୟବସ୍ଥା ବରଞ୍ଚ ସାଂସାରିକ ସୂତ୍ରାନୁସାରେ ମନୁଷ୍ୟର ୮
ପରମ୍ପରାଗତ ବାକ୍ୟ ପ୍ରମାଣ ଦେଇ ନରର୍ଥକ କାପଟ୍ୟ ବଦ୍ୟାରେ କେହି ଯେ
ମନ୍ତ ତୁମ୍ଭମାନଙ୍କୁ ନ ଭୁଲାପ୍ୟେ । ଯେହେତୁ ସମ୍ପୂର୍ଣ୍ଣ ଈଶ୍ୱରତ୍ୱ ଖ୍ରୀଷ୍ଟରେ ଦେ ୯
ହବନ୍ତ ହୋଇ ଅଧିଷ୍ଠାନ କରନ୍ତି । ଆଉ ଯେ ସକଳ ପ୍ରାଚ୍ୟର ଓ ପରାକ୍ରମର ୧୦
ମସ୍ତସ୍ୱରୂପ ତାହାଙ୍କଠାରେ ତୁମ୍ଭେମାନେ ସିଦ୍ଧ ହେଉଅଛ । ତୁମ୍ଭେମାନେ ୧୧
ଖ୍ରୀଷ୍ଟର କୃତ ସୁନ୍ନତ ଦ୍ୱାରା ଅର୍ଥାତ୍ ଶରୀରର ପାପ ସମୂହ ଖଣ୍ଡନ ସ୍ୱରୂପ ଅ
ନ୍ତସ୍ତ କୃତ ସୁନ୍ନତ ଦ୍ୱାରା ସୁନ୍ନତ କର୍ମ ଯାଇଅଛ । ପୁଣି ତୁବନରେ ଖ୍ରୀଷ୍ଟର ୧୨
ସହିତ କବରଶାୟୀ ହୋଇ ତାହାଙ୍କର ଉତ୍ଥାପକ ଈଶ୍ୱରର ପରାକ୍ରମରେ

୧୩ ବିଶ୍ୱାସ କରି ଖ୍ରୀଷ୍ଟଙ୍କର ସହିତ ଉତ୍ଥାପିତ ହୋଇଅଛ । ପୁଣି ଯାହାରେ ଓ ଶାସ୍ତ୍ରୀୟ
ଅସୁନ୍ନତ ଅବସ୍ଥାରେ ମୃତ ଯେ ତୁମ୍ଭେମାନେ ଈଶ୍ୱର ତୁମ୍ଭମାନଙ୍କର
ସବୁ ପାପ କ୍ଷମା କରି ତୁମ୍ଭମାନଙ୍କୁ ତାହାଙ୍କର ସଙ୍ଗରେ ସଜୀବ କରିଅଛନ୍ତି ।
୧୪ ପୁଣି ବୈରିସ୍ୱରୂପ ଯେଉଁ ବ୍ୟବସ୍ଥା ସମ୍ବନ୍ଧୀୟ ଋଣପତ୍ର ଆମ୍ଭମାନଙ୍କର ବିରୁଦ୍ଧରେ
ଖଡ଼ିଥିଲା ସେ ତାହାକୁ ସୁଦ୍ଧି ଆମ୍ଭମାନଙ୍କ ମଧ୍ୟରୁ କାଢି ନେଇ ଅପଣା କ୍ରୁଶରେ
୧୫ କଣ୍ଟା ମାରିଛନ୍ତି* । ତହିଁରେ ପ୍ରଧାନ ଓ ପରାକ୍ରମୀ ଭୂତଗଣକୁ ଦମନ କରି
ଜୟୀକାର ଶବ୍ଦରେ କରି ସେମାନଙ୍କୁ ପ୍ରକାଶ୍ୟରୂପେ ଲଜ୍ଜା ଦେଇଅଛନ୍ତି ।
୧୬ ଏଣୁ ଖାଦ୍ୟାଖାଦ୍ୟ ପେୟାପେୟ ଉତ୍ସବ ପ୍ରତିପଦ ବିଶ୍ରାମବାର ବିଷୟରେ
୧୭ କାହାକୁ ତୁମ୍ଭମାନଙ୍କର ଉପରେ କର୍ତ୍ତୃପଣ କରିବାକୁ ନ ଦିଅ ।
ଯେହେତୁ ସ୍ୱପ୍ନଃବସ୍ତୁ ଯେ ଖ୍ରୀଷ୍ଟ ତାହାଙ୍କର ଅଗତ ବିଷୟ ଏହା ସବୁ କେବଳ
୧୮ ପ୍ରତିବିମ୍ବସ୍ୱରୂପ ହୁଅଇ । ଅତ୍ୟ ଯେଉଁ ଜନ ଇଣ୍ଡ ନମ୍ରପଣ ଓ ସ୍ୱଇଚ୍ଛାରେ ଦୂତ
୧୯ ଗଣର ସେବା କରି ସାଂସାରିକ ମନରେ ବ୍ୟର୍ଥଗର୍ବିତ ହୋଇ ଅଦୃଶ୍ୟ ବିଷୟର ଚର୍ଚ୍ଚା କରଇ ପୁଣି ଯାହାଙ୍କଠାରୁ ସମସ୍ତ ସନ୍ଧି ଓ ଶିଗ୍ର ଦ୍ୱାରା ସବୁ ଶରୀର
ସଂଯୁକ୍ତ ଓ ପ୍ରତିପାଳିତ ହୋଇ ମହା ବୃଦ୍ଧିରେ ବଢାଏ ଏମନ୍ତ ମସ୍ତକ ସ୍ୱରୂପ
ଖ୍ରୀଷ୍ଟଙ୍କୁ ଅମାନ୍ୟ କରଇ ତାହାକୁ ତୁମ୍ଭମାନଙ୍କର ଫଲରେ ବଞ୍ଚିତ କରିବାକୁ ନ ଦିଅ ।
୨୦ ତୁମ୍ଭେମାନେ ଯେବେ ସାଂସାରିକ କ୍ରିୟା ସୂତ୍ରର ପ୍ରତି ଖ୍ରୀଷ୍ଟର ସହିତ
୨୧ ମୃତ ହୁଅ ତେବେ ଭୁଜିବା ମାତ୍ରେ ନଷ୍ଟ ଯେ ସମସ୍ତ ଦ୍ରବ୍ୟ ତାହା ନ ଛୁଁଅ ନ
ଖାଅ ଦ୍ୱାରରେ ନ ଘେନ ଏହା ଯେ ମନୁଷ୍ୟମାନଙ୍କର ବିଧି ଓ ଆଜ୍ଞା ସାଂସାରିକ
୨୨ ଲୋକଙ୍କର ଭୁଲ୍ଲ ତାହାର ବଶୀଭୂତ ହୁଅ କ୍ଲାଁଇ । ସେହି ବିଧି ଶରୀରର
୨୩ ପୋଷଣାର୍ଥେ ଆଦରଣୀୟ ନୋହେ ପୁଣି ସ୍ୱେଚ୍ଛା ଭଜନା ଓ ନମ୍ରପଣ ଓ ଶାରୀରିକ କ୍ଲେଶରେ ଜ୍ଞାନ ସାଦୃଶ୍ୟ ମାତ୍ର ପ୍ରକାଶ ହୋଇଥାଏ ।

## ୩ ପତ୍ର ।

୧ ତୁମ୍ଭେମାନେ ଯେବେ ଖ୍ରୀଷ୍ଟର ସହିତ ଉତ୍ଥାପିତ ହୋଇଅଛ ତେବେ
ଈଶ୍ୱରଙ୍କର ଦକ୍ଷିଣ ପାର୍ଶ୍ୱରେ ଉପରସ୍ଥ ଯେ ଖ୍ରୀଷ୍ଟର ବାସସ୍ଥାନ ସେହି ସ୍ଥାନର
୨ ବିଷୟର ଅନ୍ୱେଷଣ କର । ମାଟିସ୍ଥ ବିଷୟରେ ମନ ଆସକ୍ତ ନ କର ଉପରସ୍ଥ
୩ ବିଷୟରେ ଆସକ୍ତ ହୁଅ । ଯେହେତୁ ତୁମ୍ଭେମାନେ ମୃତ ଅଟ ପୁଣି ଖ୍ରୀଷ୍ଟଙ୍କ
୪ ସଙ୍ଗରେ ଈଶ୍ୱରଠାରେ ତୁମ୍ଭମାନଙ୍କର ପରମାୟୁ ଗୁପ୍ତ ଅଛ । ଏହେତୁ
ଆମ୍ଭମାନଙ୍କର ପରମାୟୁ ସ୍ୱରୂପ ଯେ ଖ୍ରୀଷ୍ଟ ସେ ଯେଉଁ ସମୟରେ ପ୍ରକାଶିତ

* ଅବା ଆପଣା କ୍ରୁଶ ଦ୍ୱାରା ଜୟ କରିଛନ୍ତି ।

ହୋଇବେ ସେ କାଲରେ ତୁମ୍ଭେମାନେହେଁ ତାହାକଂର ସହିତ ଐଶ୍ୱର୍ଯ୍ୟରେ
ପ୍ରକାଶିତ ହୋଇବ ।

ଆଉ ତୁମ୍ଭେମାନେ ବେଶ୍ୟାଗମନ ଅଶୁଚି କ୍ରିୟା ଅବହିତ ସ୍ନେହ କୁତ ୫
ଭିଳାଷ ଦେବ ପୂଜାରୂପ ଲୋଭ ପୃଥିବୀରେ (ଇନ୍ଦ୍ରିୟର) ଏହି ସମସ୍ତ କାର୍ଯ୍ୟ
ନଷ୍ଟ କର । ଏହି ସମସ୍ତ କର୍ମ ହେତୁରୁ ଆଜ୍ଞା ଲଙ୍ଘନକାର ଲୋକମାନ ୬
କଂର ପ୍ରତି ଈଶ୍ୱରକଂର କ୍ରୋଧ ଫଳଇ । ପୂର୍ବରେ ତୁମ୍ଭେମାନେହେଁ ସେ ୭
ମାନଙ୍କଂର ସହିତ କାଲକ୍ଷେପ କର ଏହି ସମସ୍ତ ବ୍ୟବହାର କର ଥିଲ । ପୁଣି ୮
ଏବେ କ୍ରୋଧ ରାଗ ହିଂସା ନିନ୍ଦାକଥା ମୁଖରୁ କୁତ୍ସିତ ଆଳାପ ଏହି ସମସ୍ତ
ଦୂର କର । ଆଉ ତୁମ୍ଭେମାନେ ଜଣେ ଅନ୍ୟର ପ୍ରତି ମିଥ୍ୟା କଥା ନ ୯
କୁହ । ଯେହେତୁ ତୁମ୍ଭେମାନେ କର୍ମର ସହିତ ପୁରାତନ ସ୍ୱଭାବ ପରିତ୍ୟାଗ ୧୦
କର ସୃଷ୍ଟି କର୍ତ୍ତାର ପ୍ରତିମୂର୍ତ୍ତି ଅନୁସାରେ ଜ୍ଞାନରେ ପୁନଃସ୍କାର ନିମନ୍ତେ ଯେ ନୂଆ
ସ୍ୱଭାବ ତାହା ପ୍ରାପ୍ତ କରିଅଛ । ସେହି ନୂଆ ସ୍ୱଭାବର ଦ୍ୱାରା ତୁମ୍ଭମାନଙ୍କର ୧୧
ମଧ୍ୟରେ ଯିହୁଦୀୟ ଜଣବା ଅନ୍ୟଦେଶୀୟ ସୁନ୍ନତ ଅବା ଅସୁନ୍ନତ ମ୍ଲେଚ୍ଛ
ଅବା ଯାବନ ସ୍ୱାଧୀନ ଅବା ପରାଧୀନ ଏମାନଙ୍କଂ କାହାର କିଛି ମାତ୍ର
ବିଶେଷ ନାହିଁ ପୁଣି ସମସ୍ତରେ ଖ୍ରୀଷ୍ଟ ସବୁ ଅଟନ୍ତି । ଏହେତୁ ଈଶ୍ୱରଙ୍କର ୧୨
ମନୋନୀତ ଲୋକମାନଙ୍କଂର ତୁଲ୍ୟ ପବିତ୍ର ଓ ପ୍ରିୟ ହୋଇ ଅନୁତାପକ
ଦୟା ଅନୁଗ୍ରହ ନମ୍ରତା ମୃଦୁତା ଧୈର୍ଯ୍ୟଧାରଣ ବହି ସମସ୍ତରେ ବରୂଥିତ
ହୁଅ । ଯେବେ କାହାର ସହିତ କାହାର ବିବାଦ ହୋଏ ତେବେ ତୁମ୍ଭେ ୧୩
ମାନେ ସହ୍ୟ କର ଏକଲ୍ୟାରେକ କ୍ଷମା କର ଖ୍ରୀଷ୍ଟ ଯେମନ୍ତ ତୁମ୍ଭମାନଙ୍କୁ
କ୍ଷମା କରଅଛନ୍ତି ତୁମ୍ଭେମାନେହେଁ ତେମନ୍ତ କର । ଅତୁର ବିଶେଷରେ ୧୪
ସିଦ୍ଧତାସ୍ୱରୂପ ପ୍ରେମ ବନ୍ଧନରେ ବଦ୍ଧ ହୁଅ । ପୁଣି ଈଶ୍ୱର ଦତ୍ତ ଯେ ଶାନ୍ତି ୧୫
ନମନ୍ତେ ତୁମ୍ଭେମାନେ ଏକ ଦେହରେ ଆହ୍ୱାନକ୍ରାନ୍ତ ହୋଇଅଛ ସେହି
ଶାନ୍ତି ତୁମ୍ଭମାନଙ୍କଂର ମନରେ ବରୂଜମାନ ହେଉ ଆଉ ତୁମ୍ଭେମାନେ
ଗ୍ରାନୁବାଦୀ ହୁଅ । ପୁଣି ଖ୍ରୀଷ୍ଟର ବାକ୍ୟ ସମୁଦାୟ ଜ୍ଞାନରେ ସଂପୂର୍ଣ୍ଣରୂପେ ୧୬
ତରେ ତୁମ୍ଭମାନଙ୍କଂର ମନରେ ଥାଇ ଗୀତ ଓ ଧନ୍ୟବାଦ ଗାୟନ ଓ ପରମା
ର୍ଥକ ସଂଙ୍କୀର୍ତ୍ତନରେ ପରସ୍ପର ଉପଦେଶ ଓ ପରାମର୍ଶ ଦେଇ ମନର ଭକ୍ତିରେ
ପ୍ରଭୁର ଉଦ୍ଦେଶରେ ଗାୟନ କର । ଅତ ତୁମ୍ଭେମାନେ କର୍ମରେ କିମ୍ବା ୧୭
ବଚନରେ ଯାହା କର ତାହା ପ୍ରଭୁ ଯୀଶୁର ନାମରେ ସାଧନ କର ତାହା
ଙ୍କର ଦ୍ୱାରା ପିତା ଈଶ୍ୱରଙ୍କଂର ଧନ୍ୟବାଦ କର ।

ହେ ସ୍ତ୍ରୀଗଣ ତୁମ୍ଭେମାନେ ପ୍ରଭୁର ବିଧାନ ମତରେ ସ୍ୱାମିର ବଶୀଭୂତ ୧୮
ହୁଅ । ହେ ସ୍ୱାମିଗଣ ତୁମ୍ଭେମାନେ ଆପଣାମାନ ଭାର୍ଯ୍ୟାର ପ୍ରତି କଠୁ ବ୍ୟବହାର ୧୯

୧୦ ନ କର ସେମାନଙ୍କ ଉପରେ ପ୍ରେମ କର । ହେ ବାଲକଗଣ ତୁମ୍ଭେମାନେ
ସମସ୍ତ ବିଷୟରେ ପିତା ମାତାର ଆଜ୍ଞା ପାଳଣ କର ଯେହେତୁ ଏହା କର୍ମ
୧୧ ପ୍ରଭୁର ସନ୍ତୋଷ ଜନକ ହୋଇଥିବ । ହେ ପିତୃଗଣ ତୁମ୍ଭେମାନେ ଆପଣା
ବାଳକମାନଙ୍କର କ୍ରୋଧ ନ ଜନ୍ମାଅ ପଛେ ସେମାନଙ୍କର ମନ ଉଙ୍ଗ ହୋଇଥିବ ।
୧୨ ହେ ଦାସଗଣ କେବଳ ସାକ୍ଷାତରେ ମନୁଷ୍ୟର ତୁଷ୍ଟିଜନକ କର୍ମ ନ କର
ଈଶ୍ୱରରେ ଭୟ କର ମନର ସରଳତାରେ ସକଳ ବିଷୟରେ ତୁମ୍ଭମାନଙ୍କର
୧୩ ଐହିକ ପ୍ରଭୁଗଣର ଆଜ୍ଞା ପାଳଣ କର । ପୁଣି ପ୍ରଭୁଠାରୁ ସ୍ୱର୍ଗାଧିକାର ସ୍ୱରୂପ
୧୪ ଫଳ ପାଇବ ଏହା ଜାଣି ତୁମ୍ଭେମାନେ ଯେଉଁ କର୍ମ କର ତାହା ମନୁଷ୍ୟର
ଉଦ୍ଦେଶରେ ନ କର ପ୍ରଭୁର ଉଦ୍ଦେଶରେ ଏକାନ୍ତ ଚିତ୍ତରେ କର ଯେହେତୁ
୧୫ ତୁମ୍ଭେମାନେ ପ୍ରଭୁ ଖ୍ରୀଷ୍ଟଙ୍କର ସେବା କରୁଅଛ । ପୁଣି ଯେଉଁ ଜନ ଅସଙ୍ଗତ
କର୍ମ କରଇ ସେହି ଅପଣାର ଅସଙ୍ଗତ କର୍ମର ପ୍ରତିଫଳ ପାଇବ ତହିଁରେ
୧୬ ମୁଖାପେକ୍ଷା କିଛି ନୋହିବ । ଆଉ ହେ କର୍ତ୍ତାଗଣ ସ୍ୱର୍ଗରେ ତୁମ୍ଭମାନଙ୍କର
ଜଣେ କର୍ତ୍ତା ଅଛନ୍ତି ଏହା ଜାଣି ଆପଣା ଦାସଗଣର ପ୍ରତି ଯଥାର୍ଥ ଓ ଉଚିତ
ବ୍ୟବହାର କର ।

## ୪ ଅଙ୍ଗ ।

୧ ତୁମ୍ଭେମାନେ ପ୍ରାର୍ଥନାରେ ନିତ୍ୟ ଉଦ୍ଯୋଗୀ ହୁଅ ପୁଣି ଧନ୍ୟବାଦ କରିବା
୨ରେ ଜାଗ୍ରତ ଥାଅ । ଆଉ ଖ୍ରୀଷ୍ଟର ଯେଉଁ ନିଗୂଢ଼ ବାକ୍ୟ ହେତୁରୁ ଆମ୍ଭେ
୩ ବନ୍ଦି ହୋଇଅଛୁଁ ସେହି ବାକ୍ୟ ପ୍ରକାଶର ନିମନ୍ତେ ଈଶ୍ୱର ଯେମନ୍ତ
୪ ଆମ୍ଭମାନଙ୍କର ପାଇଁ ପ୍ରଶସ୍ତର କରିବା ଦ୍ୱାର ମୁକୁଳା କରନ୍ତି ପୁଣି ଆମ୍ଭେ କର୍ତ୍ତ
ବ୍ୟରୂପେ ଯେମନ୍ତ ତାହା ପ୍ରକାଶ କରିବାକୁ ଯାଚ ଆମ୍ଭମାନଙ୍କର ପାଇଁ
୫ ଏହି ପ୍ରାର୍ଥନା କର । ପୁଣି ମଣ୍ଡଳୀର ଛଡା ଲୋକମାନଙ୍କର ନିକଟରେ ଜ୍ଞାନର
୬ ସହ ଆଚରଣ କର ସମୟ ସଫଳ କର । ପ୍ରତ୍ୟେକ ଜଣକୁ କିପ୍ରରେ ଉତ୍ତର
ଦେବାକୁ ହୋଇଥିବ ଏହା ଯେମନ୍ତ ଜାଣିବ ତଦ୍ରୂପ ଲବଣ
ରେ ତୁମ୍ଭମାନଙ୍କର ଆଳାପ ସଦାକାଳ ସ୍ୱାଦଯୁକ୍ତ ହେଉ ।
୭ ଆମ୍ଭର ପ୍ରିୟ ଭ୍ରାତା ଓ ସହଦାସ ଯେ ତୁଖିକ ନାମରେ ଖ୍ରୀଷ୍ଟର ବିଶ୍ୱସ୍ତ
ସେବକ ସେ ତୁମ୍ଭମାନଙ୍କୁ ଆମ୍ଭର ସମସ୍ତ କଥା ଜଣାଇବ । ତୁମ୍ଭେମାନେ
କେମନ୍ତ ଅଛ ତାହା ଜାଣିବା ପାଇଁ ପୁଣି ତୁମ୍ଭମାନଙ୍କର ମନକୁ ସାନ୍ତ୍ୱନା
୯ କରିବା ପାଇଁ ତାହାକୁ ଓ ଅନୀସିମ ନାମରେ ତୁମ୍ଭମାନଙ୍କର ଜଣେ ବିଶ୍ୱସ୍ତ
ପ୍ରିୟ ଭାଇକୁ ତୁମ୍ଭମାନଙ୍କର ନିକଟରେ ପଠାଇଲୁଁ ସେମାନେ ଏଠାକର ସମସ୍ତ
୧୦ ସମାଚାର ତୁମ୍ଭମାନଙ୍କୁ ଜଣାଇବେ । ଯାହାର ବିଷୟରେ ତୁମ୍ଭେମାନେ

ଆଦେଶ ପାଇଲ୍ ଏମନ୍ତ ବର୍ଣିବାର ଉଶଜ୍ଜା ଯେ ମାର୍କ ସେ ଯେବେ ତୁମ୍ଭମାନ
ଙ୍କର କଉରେ ଅଷଇ ତେବେ ତାହାକୁ ଗ୍ରହଣ କର । ସେ ଓ ଅମ୍ଭର ସହ
ବନ୍ଦୀ ଯେ ଅରସ୍ତାର୍ଖ ଓ ଯସ୍ତ ଯାହାର ଉପାଧି ଯୀଶୁ ଏହି ସବୁ ସୁନ୍ନତ ଲୋକ
ତୁମ୍ଭମାନଙ୍କୁ ନମସ୍କାର ଦଅନ୍ତି । କେବଳ ଏମାନେ ଈଶ୍ୱରଙ୍କ ରାଜ୍ୟର ନମ ।।
ନ୍ତେ ଅମ୍ଭର ସହକାଣ୍ଡ ହୋଇ ଅମ୍ଭର ଶାନ୍ତିଦାସ୍ତକ ହୋଇଅଛନ୍ତି । ପୁଣି ।।
ତୁମ୍ଭମାନଙ୍କର ଜଣେ ଖ୍ରୀଷ୍ଟର ଦାସ ଯେ ଏପାଫ୍ର ସେ ତୁମ୍ଭମାନଙ୍କୁ ନମସ୍କାର
କରଇ ତୁମ୍ଭେମାନେ ଯେଉଁ ଈଶ୍ୱରଙ୍କର ସମସ୍ତ ଇଷ୍ଟକ୍ରିୟାରେ ସିଦ୍ଧ ସମ୍ପୂର୍ଣ
ହୋଇ ରହିବ ଏଥିପାଁଇ ଯତ୍ନରେ ପ୍ରାର୍ଥନା କରଅଛ । ଏହିଜଣ ତୁମ୍ଭମା ।୩
ନଙ୍କର ଓ ଲାୟୋଦିକୀୟ ଓ ହିୟ୍ରପଲ୍ ମଣ୍ଡଳୀର ଲୋକମାନଙ୍କର ହିତର ନମ
ନ୍ତେ କେତେ ବଡ ଉଦ୍ଯୋଗୀ ଅଟଇ ଏଥିରେ ଅମ୍ଭେ ତାହାର ସାକ୍ଷୀ ଅଛୁଁ ।
ପ୍ରିୟ ବୈଦ୍ୟ ଯେ ଲୂକ ସେ ଓ ଦୀମା ସେବ ଜଣ ତୁମ୍ଭମାନଙ୍କୁ ନମସ୍କାର ।୪
କରନ୍ତି । ଲାୟୋଦିକୀୟ। ନବାସୀ ଭାଇମାନଙ୍କୁ ଓ ନୁମଫାକ ଓ ତାହାର ଗୃହ ।୫
ସ୍ଥିତ ମଣ୍ଡଳୀକୁ ନମସ୍କାର କର । ଆଉ ତୁମ୍ଭମାନଙ୍କଠାରେ ଏହି ଚିଠାଉ ।୬
ପାଠ ହେଲା ଉତ୍ତାରେ ଲାୟୋଦିକୀୟମାନଙ୍କର ମଣ୍ଡଳୀକୁ ପାଠ କରିବାକୁ
ଦସ୍ଥ ପୁଣି ଲାୟୋଦିକୀୟମାନଙ୍କର ପ୍ରତି ଚିଠାଉ ତୁମ୍ଭେମାନେହେଁ ପଢ । ଆଉ ।୭
ଆର୍ଖିପ୍ପକୁ ବୋଲ ପ୍ରଭୁରେ ତୁମ୍ଭେ ଯେଉଁ ସେବାର ପଦ ପାଇଅଛ ତାହା
ସାବଧାନ ହୋଇ ସାଧନ କର । ଆମ୍ଭେ ପାଉଲ ଅପଣା ହସ୍ତାକ୍ଷରରେ ।୮
ତୁମ୍ଭମାନଙ୍କୁ ନମସ୍କାର ଜଣାଇଅଛୁଁ । ଆମ୍ଭର ବନ୍ଧନ ସ୍ମରଣ କର । ତୁମ୍ଭ
ମାନଙ୍କର ପ୍ରତି ଅନୁଗ୍ରହ ହେଉ ।

ଇତି ।

# ଥେସଲନୀକୀୟ ମଣ୍ଡଳୀର ପ୍ରତି ପାଉଲ ପ୍ରେରିତର ପ୍ରଥମ ଚିଠୀ ।

## ୧ ପତ୍ର ।

୧ ପାଉଲ ସିଲ୍ୱାନ ତୀମଥିୟ ଯେ ଏମାନେ ପିତା ଈଶ୍ୱରର ଓ ପ୍ରଭୁ ଯୀଶୁ
ଖ୍ରୀଷ୍ଟଙ୍କର ଅଶ୍ରିତ ଥେସଲନୀକୀୟ ମଣ୍ଡଳୀର ପ୍ରତି ଚିଠୀ ଲେଖନ୍ତି । ଆମ୍ଭମାନ
ଙ୍କର ପିତା ଈଶ୍ୱର ପୁଣି ପ୍ରଭୁ ଯୀଶୁ ଖ୍ରୀଷ୍ଟଠାରୁ ତୁମ୍ଭମାନଙ୍କର ପ୍ରତି ଅନୁଗ୍ରହ
ଓ ଶାନ୍ତି ହେଉନ୍ତୁ ।

୨ ହେ ପ୍ରିୟ ଭ୍ରାତୃଗଣ ଆମ୍ଭମାନଙ୍କର ପିତା ଈଶ୍ୱରଙ୍କର ସମ୍ମୁରେ ପ୍ରଭୁ
ଯୀଶୁ ଖ୍ରୀଷ୍ଟଠାରେ ତୁମ୍ଭମାନଙ୍କର ବଶ୍ୱାସରେ ଯେଉଁ କାର୍ଯ୍ୟ ପ୍ରେମରେ
୩ ଯେଉଁ ପରିଶ୍ରମ ଭରସାରେ ଯେଉଁ ଧୈର୍ଯ୍ୟ ଏଥାଦ ସ୍ମରଣ କରି ଆମ୍ଭେ
ମାନେ ଆପଣାମାନଙ୍କର ନିମିତ୍ତ ପ୍ରାର୍ଥନାରେ ତୁମ୍ଭମାନଙ୍କର ନାମ ବୋଲି
ତୁମ୍ଭମାନଙ୍କର ସମସ୍ତର ନିମନ୍ତେ ନିତ୍ୟ ଈଶ୍ୱରଙ୍କର ଧନ୍ୟବାଦ କରି ଥାଉ ।
୪ ତୁମ୍ଭେମାନେ ଈଶ୍ୱରଙ୍କର ମନୋନୀତ ହୋଇଅଛ ବନ୍ଧୁ ଜାଣି ଯେହେତୁ
୫ ତୁମ୍ଭମାନଙ୍କର ପ୍ରତି ଆମ୍ଭମାନଙ୍କର ମଙ୍ଗଳସମାଚାର କେବଳ କଥା ମାତ୍ର ନୋହି
ଶକ୍ତିରେ ଧର୍ମଅତ୍ମାରେ ଅବରବହୁ ସମାଗମଯୁକ୍ତ ହୋଇ ପ୍ରବେଶ ହେଲା । ଅମ୍ଭେ
ତୁମ୍ଭମାନଙ୍କର ମଧ୍ୟରେ ଥାଇ ତୁମ୍ଭମାନଙ୍କର ନିମନ୍ତେ କି ପ୍ରକାରେ ବ୍ୟବ
୬ ହାର କରିଅଛୁଁ ତାହା ତୁମ୍ଭେମାନେ ଜାଣ । ତୁମ୍ଭେମାନେହେଁ ଅନେକ
କ୍ଲେଶ ଭୋଗରେ ଧର୍ମଅତ୍ମାରଦତ୍ତ ଆନନ୍ଦର ସହିତ ବାକ୍ୟ ଗ୍ରହଣ କରି ଆମ୍ଭମାନ
୭ ଙ୍କର ପୁଣି ପ୍ରଭୁର ଅନୁକାରୀ ହୋଇ ମାକଦୋନିୟା ଅଖାୟାଦ ଦେଶସ୍ଥ
୮ ସମସ୍ତ ବଶ୍ୱାସିମାନଙ୍କର ଦୃଷ୍ଟାନ୍ତସ୍ୱରୂପ ହୋଇଅଛ । ଅତ୍ର ମାକଦୋନିୟା ଓ
ଅଖାୟା ଦେଶରେ ତୁମ୍ଭମାନଙ୍କଠାରୁ ପ୍ରଭୁର ବାକ୍ୟ ପ୍ରଘୋଷିତ ଅଛି ତାହାଯି
କେବଳ ନୋହେ ପ୍ରାତ୍ୟେକ ସ୍ଥାନରେ ଈଶ୍ୱରଙ୍କର ତୁମ୍ଭମାନଙ୍କର ବଶ୍ୱାସର
କଥା ବ୍ୟାପ୍ତ ହୋଇଅଛି । ଏଣୁକରି ତୁମ୍ଭମାନଙ୍କର ବିଷୟରେ କୌଣସି

କଥା କହିବାର ଅମ୍ଭମାନଙ୍କର ପ୍ରୟୋଜନ ନାହିଁ । ତୁମ୍ଭମାନଙ୍କର ନିକଟ ୧
ରେ ଆମ୍ଭେମାନେ କେବଳ ପ୍ରକାରେ ଉପସ୍ଥିତ ହୋଇଅଛୁଁ ଅଥଚ ତୁମ୍ଭେ
ମାନେ ଅମର ଓ ସତ୍ୟ ଈଶ୍ୱରଙ୍କର ସେବା କରିବାର ନିମନ୍ତେ ପୁଣି ଅପ
ଣାର ଯେଉଁ ପୁତ୍ରକୁ ସେ ମୃତ୍ୟୁରୁ ଉଠାଇଅଛନ୍ତି ଏମନ୍ତ ଅଗାମି କ୍ରୋଧରୁ ୧୦
ଅମ୍ଭମାନଙ୍କର ରକ୍ଷାକର୍ତ୍ତା ଯୀଶୁ ତାହାଙ୍କର ସ୍ୱର୍ଗରୁ ଆସିବାର ଅପେକ୍ଷା କର
ବାର ନିମନ୍ତେ କେମନ୍ତ କରି ପ୍ରତିମାଗଣକୁ ଶୁଦ୍ଧ ଈଶ୍ୱରଙ୍କ ପ୍ରତି ଫେରିଅଛ
ଏସକୁ କଥା ସେମାନେ ପ୍ରକାଶ କରନ୍ତି ।

୨ ପତ୍ର ।

ହେ ଭ୍ରାତୃମାନେ ତୁମ୍ଭମାନଙ୍କର ନିକଟରେ ଆମ୍ଭର ଆଗମନ ବୃଥା ହୋଇ ୧
ନାହିଁ ଏହା ତୁମ୍ଭେମାନେ ଜାଣ । ପୁଣି ପୂର୍ବରେ ଆମ୍ଭେମାନେ ଫିଲିପ୍ପୀ ନଗ ୨
ରରେ ଅନେକ ପ୍ରକାର ଦୁଃଖ ଓ ଅପମାନ ସହ୍ୟ ଈଶ୍ୱରଙ୍କର ଦ୍ୱାରା ସାହସ
ପାଇ ବହୁତ ଯତ୍ନ କରି ନର୍ତ୍ତସ୍ଥରେ ଈଶ୍ୱରଙ୍କର ମଙ୍ଗଳସମାଗ୍ଭର ତୁମ୍ଭମାନ
ଙ୍କର କତ୍ତରେ ପ୍ରଚାର କଲୁଁ ତାହାଇ ତୁମ୍ଭେମାନେ ଜ୍ଞାତସାର ଅଛ । ଅମ୍ଭେ ୩
ମାନେ ଭ୍ରାନ୍ତିରେ କଅବା ଅଶୁଚି କ୍ରିୟାରେ କଅବା ପ୍ରବଞ୍ଚନାରେ ତୁମ୍ଭମା
ନଙ୍କୁ ଉପଦେଶ ଦେଇ ନାହୁଁ । ପୁଣି ଈଶ୍ୱରଠାରୁ ପରୀକ୍ଷିତ ହୋଇ ଆମ୍ଭ ୪
ହସ୍ତରେ ମଙ୍ଗଳସମାଗ୍ଭର ସମର୍ପିତ ହେବାକୁଁ ଅମ୍ଭେମାନେ ମନୁଷ୍ୟଗଣର
ଗ୍ରହଣିଜନକ ନୋହୁ ଅନ୍ତଃକରଣ ପରୀକ୍ଷକ ଈଶ୍ୱରଙ୍କର ଗ୍ରହଣିଜନକ ହୋଇ
ପ୍ରଚାର କରୁଁ ଥାଇ । ଅମ୍ଭେମାନେ କେବେ ମନୋରକ୍ଷାର କଥା କହି ଛଳ ୫
ସ୍ୱରୂପ ବସ୍ତ୍ରରେ ଲୋଭକୁ ଢାକି ନାହୁଁ ତାହା ତୁମ୍ଭେମାନେ ଜାଣ । ଏଥି
ରେ ଈଶ୍ୱରଇ ସାକ୍ଷୀ ଅଛନ୍ତି । ଆଉ ଆମ୍ଭେମାନେ ମନୁଷ୍ୟଠାରୁ କଅବା ତୁମ୍ଭ ୬
ଠାରୁ କଅବା ଅନ୍ୟ କାହାଠାରୁ ସମ୍ଭ୍ରମ ଚେଷ୍ଟା କରି ନାହୁଁ । ତେବେହେଁ
ଅପଶାମାନଙ୍କୁ ଖ୍ରୀଷ୍ଟର ପ୍ରେରିତ ମଣି ଆମ୍ଭେମାନେ ତୁମ୍ଭମାନଙ୍କର ଉପରେ ଭର
ଦେବାକୁ ପାରନ୍ତୁଁ ମାଣ୍ଡି ତୁମ୍ଭମାନଙ୍କର ନିକଟରେ ମୃଦୁ ଭାବ ହୋଇ ଯେମନ୍ତ ୭
କୌଣସି ମାତା ସ୍ତନପାୟି ଶିଶୁମାନଙ୍କୁ ପ୍ରତିପାଳଣ କରେ ସେପ୍ରକାରେ ଅମ୍ଭେ
ମାନେ ତୁମ୍ଭମାନଙ୍କର ମଙ୍ଗଳାକାଂକ୍ଷୀ ହୋଇ କେବଳ ଈଶ୍ୱରଙ୍କର ମଙ୍ଗଳ ୮
ସମାଗ୍ଭର ଦେବାକୁ ନୁହଁ ଅପଶା ପ୍ରାଣହିଁ ଦେବାକୁ ସମ୍ମତ ଥିଲୁଁ ଯେ
ହେତୁ ତୁମ୍ଭେମାନେ ଆମ୍ଭମାନଙ୍କର ପ୍ରିୟପାତ୍ର ହୋଇଅଛ । ହେ ଭ୍ରାତୃ ୯
ଗଣ ତୁମ୍ଭମାନଙ୍କର ନିମନ୍ତେ ଆମ୍ଭେମାନେ କେତେପରିଶ୍ରମ ଓ କ୍ଳେଶ ଭୋଗ
କଲୁଁ ଓ ତୁମ୍ଭମାନଙ୍କର କାହାର ଉପରେ ଭର ନ ଦେବାକୁ କ ପ୍ରକାରେ
ଦିନ ରାତି ପରିଶ୍ରମ କରି ତୁମ୍ଭମାନଙ୍କର କତ୍ତରେ ଈଶ୍ୱରଙ୍କର ମଙ୍ଗଳସମା

୧୦ ଗୁର ପ୍ରସ୍ତର କଲୁଂ ତାହା ତୁମ୍ଭେମାନେ ସ୍ମରଣ କର । ଅଉ ବଶ୍ୱାସୀ ଯେ
ତୁମ୍ଭେମାନେ ତୁମ୍ଭମାନଙ୍କଂର ପ୍ରତି ଆମ୍ଭେମାନେ କେମନ୍ତ ପବଏ ଯଥାର୍ଥ
ନର୍ଦୋଷତ୍ୱ ଅଚରଣ କଲୁଁ ଏବଷୟରେ ତୁମ୍ଭେମାନେ ଆବର ଈଶ୍ୱର
୧୧ ସାକ୍ଷୀ ଅଟନ୍ତି । ପୁଣି ପିତା ଯେମନ୍ତ ବାଳକମାନଙ୍କୁ ଉପଦେଶ ଦଅଇ ସେହ
ପ୍ରକାର ଆମ୍ଭେମାନେହଂ ତୁମ୍ଭମାନଙ୍କଂର ପ୍ରତ୍ୟେକ ଜଣକୁ ଉପଦେଶ ଓ
୧୨ ସାନ୍ତ୍ୱନା ଦେଇ ଅପଣା ରାଜ୍ୟରେ ଓ ଗୌରବରେ ତୁମ୍ଭମାନଙ୍କୁ ଆହ୍ୱାନ
କାଗ୍ଯ ଯେ ଈଶ୍ୱର ତାହାଙ୍କର ଉପଯୁକ୍ତ ଆଚରଣ କର ଏହି ଯେ ଅଜ୍ଞା ଦେଇ
ଥିଲୁଂ ତାହାଇ ତୁମ୍ଭେମାନେ ଜାଣ ।
୧୩ ତୁମ୍ଭେମାନେ ଯେଉଁ ସମଯରେ ଆମ୍ଭଠାରୁ ଈଶ୍ୱରଙ୍କଂର ବାକ୍ୟ ଶୁଣି
ଗ୍ରହଣ କଲ ସେ କାଲେ ତାକୁ ମନୁଷ୍ୟର ବାକ୍ୟ ନ ମଣି ମାଣ ସେ ଯେମନ୍ତ
ନଉାନ୍ତ ଅଛ ତେମନ୍ତ ବଶ୍ୱାସକାର ତୁମ୍ଭମାନଙ୍କଂର ଅନ୍ତରେ କାଯ୍ଯ ସାଧକ
ଯେ ଈଶ୍ୱରଙ୍କଂର ବାକ୍ୟ ତାକୁ ଏଯର ମଣି ଗ୍ରହଣ କଲ ଏଣୁକରି ଆମ୍ଭେମା
୧୪ ନେ ନଉ୍ୟୀ ଈଶ୍ୱରଙ୍କୁ ଧନ୍ୟବାଦ କର । ହେ ଭ୍ରାତୃଗଣ ତୁମ୍ଭେମାନେ ଯିହୁ
ଦାସ୍ଥ ଦେଶସ୍ଥ ଖ୍ରୀଷ୍ଟ ଯୀଶୁରେ ଅଶ୍ରିତ ଈଶ୍ୱରଙ୍କଂର ମଣ୍ଡଳୀର ଲୋକମାନ
ଙ୍କଂର ଅନୁକାଗ୍ଯ ହୋଇଅଛ ଅଉ ସେମାନେ ଯେମନ୍ତ ଯିହୁଦାସ୍ଥ ଲୋକ
ଠାରୁ ଦୁଃଖଭସ୍ତ ହୋଇ ଥିଲେ ସେ ପ୍ରକାର ତୁମ୍ଭେମାନେହେଂ ସ୍ୱଦେଶୀସ୍ଥ
୧୫ ଲୋକଠାରୁ ଦୁଃଖ ଭୋଗ କରୁଅଛ । ସେହି ଯିହୁଦାସ୍ଥମାନେ ପ୍ରଭୁ ଯୀଶୁଙ୍କୁ
ଓ ଭବଷ୍ୟଦ୍ବକ୍ତୃଗଣଙ୍କୁ ବଧ କରଅଛନ୍ତି ପୁଣି ଆମ୍ଭମାନଙ୍କଂର ପ୍ରତାହଂ
୧୬ ତାଡଣା କଲେ ସେମାନେ ଈଶ୍ୱରଙ୍କଂର ଅସନ୍ତୋଷ ଜନକ ସମସ୍ତ ମନୁଷ୍ୟର
ବପରୀତ ଅଚରଣ କର ଅନ୍ୟଦେଶୀସ୍ଥମାନଙ୍କଂର ପରଏାଣର ନମନ୍ତେ ପ୍ରସ୍ତର
କରବାକୁ ଆମ୍ଭମାନଙ୍କୁ ନଷେଧ କର ଅପଣାମାନ ପାପ ସମ୍ପୂର୍ଣ କରୁଛନ୍ତି ଏଣୁ ସେ
ମାନଙ୍କଂର ପ୍ରତି ନଃଶେଷ ଯାଯ୍ଯେ କ୍ରୋଧ ଉପସ୍ଥିତ ହୁଅଇ ।
୧୭ ହେ ଭ୍ରାତୃଗଣ ଆମ୍ଭେମାନେ କିଛି କାଳ ଯାଯ୍ଯେ ସାକ୍ଷାତ ଭବେ ତୁମ୍ଭମା
ନଙ୍କଂଠାରୁ ବଚ୍ଛେଦ ହୋଇ ମନରେ ବଚ୍ଛେଦ ନୋହିବାରୁଂ ତୁମ୍ଭମାନଙ୍କର
ମୁଖକୁ ଦେଖିବାକୁ ଆମ୍ଭେମାନେ ଅତଶଯ୍ଯ ଅକାଂକ୍ଷାରେ କେଲକୁକେଲ ଯତ୍ନ
୧୮ କଲୁଁ । ପୁଣି ଶଯ୍ତାନ ଆମ୍ଭମାନଙ୍କଂର ବଘ୍ନ ନ ଜନ୍ମାଇଲେ ଆମ୍ଭେମାନେ
ବଶେଷରେ ଆମ୍ଭେ ପାଉଲ ଦ୍ୱଥର ଥରେ ତୁମ୍ଭମାନଙ୍କଂର ପାଖରେ ଉପସ୍ଥିତ
୧୯ ହୁଅଲୁଁ । ଆମ୍ଭମାନଙ୍କଂର ପ୍ରତ୍ୟାଶା ଓ ଅନନ୍ଦ ଓ ଦର୍ପସ୍ୱରୂପ ଯେଉଁ ମୁକୁଟ
ତାହା ଆମ୍ଭମାନଙ୍କଂର ପ୍ରଭୁ ଯୀଶୁ ଖ୍ରୀଷ୍ଟର ଆସିବା କାଲରେ ତାହାଙ୍କଂର
୨୦ ଶ୍ମରେ କ ତୁମ୍ଭେମାନେ ନୁହ । ଅବଶ୍ୟ ତୁମ୍ଭେମାନେ ଆମ୍ଭମାନଙ୍କଂର ଗୌ
ରବ ଓ ଆନନ୍ଦର କାରଣ ଅଟ ।

## ୩ ପତ୍ର ।

ଏଣୁ ଆଉ ସମ୍ଭାଳି ନ ପାରିବାରୁ ଆମ୍ଭେମାନେ ଅଥିନୀ ନଗରରେ ୧
ଏକାଳ୍ପା ଥିବାକୁ ବହୁତ ବୁଝିଲୁ ପୁଣି ଏହି ବର୍ତ୍ତମାନ କ୍ଳେଶରେ ତୁମ୍ଭମାନ
ଙ୍କର କୌଣସି କେହି ଯେମନ୍ତ ଉଦ୍ବେଗ ନ ହୁଅଇ ଏଣୁକରି ତୁମ୍ଭମାନଙ୍କର ୨
ବିଶ୍ୱାସ ବିଷୟରେ ତୁମ୍ଭମାନଙ୍କୁ ସାନ୍ତ୍ୱନା ଦେଇ ସୁସ୍ଥିର କରିବାକୁ ଖ୍ରୀଷ୍ଟର
ସୁସମାଚାରରେ ଆମ୍ଭର ସହକାର ଭାଇ ଓ ଈଶ୍ୱରଙ୍କର ସେବକ ଯେ
ତୀମଥିୟ ତାହାକୁ ତୁମ୍ଭମାନଙ୍କର କଥାକୁ ପେଶିଲୁ । ଆମ୍ଭେମାନେ ଯେ ଏହି ୩
କ୍ଳେଶରେ ନିଯୁକ୍ତ ଅଛୁଁ ଏହା ତୁମ୍ଭେମାନେ ଜାଣ । ଆଉ ଆମ୍ଭମାନଙ୍କର ୪
ଏହି ଦୁର୍ଘଟ ଘଟିବ ଏକଥା ତୁମ୍ଭମାନଙ୍କର କଥାରେ ଥିବା ବେଳେ ଆମ୍ଭେମା
ନେ କୋଲ ଥିଲୁ ପୁଣି ସେହି ପ୍ରକାର ହୋଇଅଛି ଏହା ତୁମ୍ଭେମାନେ
ଜାଣ । ଏଣୁ ପରୀକ୍ଷକ ଅବା ତୁମ୍ଭମାନଙ୍କୁ ପରୀକ୍ଷା କଲେ ପଛେ ଆମ୍ଭମାନ ୫
ଙ୍କର ପରିଶ୍ରମ ବୃଥା ହୋଇଯି ଏହି ଭାବନା ଆଉ ସମ୍ଭାଳି ନ ପାର ତୁମ୍ଭମା
ନଙ୍କର ବିଶ୍ୱାସ ଜାଣିବାକୁ ତାହାକୁ ପଠାଇଲୁ । ମାତ୍ର ତୀମଥିୟ ଏବେ ତୁମ୍ଭ ୬
ମାନଙ୍କର ନିକଟରୁ ଫେରି ଅସି ତୁମ୍ଭମାନଙ୍କର ବିଶ୍ୱାସ ଓ ପ୍ରେମର କଥା ପୁଣି
ଆମ୍ଭେମାନେ ଯେମନ୍ତ ତୁମ୍ଭମାନଙ୍କୁ ଦେଖିବାକୁ ଇଚ୍ଛା କର ସେମନ୍ତ ତୁମ୍ଭେ
ମାନେ ସଦାବା ଆମ୍ଭମାନଙ୍କୁ ସ୍ମରଣ କର ଦେଖିବାକୁ ଅତିଇଚ୍ଛା କରୁଅଛ
ଏଥାଦ ବିଷୟରେ ଶୁଭ ସମାଚାର ଦେଲ । ଏଣୁ ହେ ଭ୍ରାତୃଗଣ ତୁମ୍ଭମାନଙ୍କର ୭
ବିଶ୍ୱାସ ହେତୁରୁ ଆମ୍ଭେମାନେ ସମସ୍ତ ଦୁଃଖରେ ଓ କ୍ଳେଶରେ ତୁମ୍ଭମାନଙ୍କର
ପାଇଁ ସାନ୍ତ୍ୱନାଯୁକ୍ତ ହୋଇଲୁ । ଯେହେତୁ ତୁମ୍ଭେମାନେ ପ୍ରଭୁର ଅଶ୍ରିତରେ ୮
ସୁସ୍ଥିର ଥିବାରୁ ଏବେ ଆମ୍ଭେମାନେ ବଞ୍ଚି ଥାଇ । ଆମ୍ଭେମାନେ ଈଶ୍ୱରଙ୍କର ୯
ଶ୍ରମରେ ତୁମ୍ଭମାନଙ୍କର ବିଷୟରେ ନାନାଦ ପ୍ରକାର ଆନନ୍ଦରେ ଆନନ୍ଦଯୁକ୍ତ ହେ
ଉଅଛୁଁ ତେଣୁକରି ତୁମ୍ଭମାନଙ୍କର ପାଇଁ ଈଶ୍ୱରଙ୍କଠାରେ ପୁନଃବାର କେତେ
ଧନ୍ୟବାଦ କରିବାକୁ ପାରିବା । ତୁମ୍ଭମାନଙ୍କର ବିଶ୍ୱାସର ଯେ କିଛି ଉଣା ଅଛି ୧୦
ତାହା ପୂର୍ଣ କରିବା ପାଇଁ ତୁମ୍ଭମାନଙ୍କର ସହିତ ଦେଖା କରିବାକୁ ଆମ୍ଭେମା
ନେ ଦିବାରାତ୍ର ଅତିଶୟ ପ୍ରାର୍ଥନା କରୁଅଛୁଁ । ଆମ୍ଭମାନଙ୍କର ପିତା ଈଶ୍ୱର ୧୧
ଓ ଆମ୍ଭମାନଙ୍କର ପ୍ରଭୁ ଯୀଶୁ ଖ୍ରୀଷ୍ଟ ତୁମ୍ଭମାନଙ୍କର କଥାରେ ଆମ୍ଭମାନଙ୍କର
ଗମନର ବାଟ ସୁଗମ କରନ୍ତୁ । ପୁଣି ଯେଉଁ ସମୟରେ ଆମ୍ଭମାନଙ୍କର ପ୍ରଭୁ ୧୨
ଯୀଶୁ ଖ୍ରୀଷ୍ଟ ସକଳ ସାଧୁ ଲୋକର ସହିତ ଆଗମନ କରିବେ ସେ କାଳରେ ଆମ୍ଭ
ପିତା ଈଶ୍ୱରଙ୍କର ଶ୍ରମରେ ଧର୍ମପଣରେ ତୁମ୍ଭମାନଙ୍କର ମନକୁ ଯେମନ୍ତ ନିର୍ଦୋ
ଷତ୍ୱରେ ସ୍ଥିର କରନ୍ତି ଏହେତୁ ତୁମ୍ଭମାନଙ୍କର ପ୍ରତି ଆମ୍ଭମାନଙ୍କର ଯେଉଁ ୧୩

ପ୍ରେମ ପ୍ରଭୁ ତୁମ୍ଭମାନଙ୍କର ପରଷ୍ଟର ଓ ସମସ୍ତଙ୍କର ପ୍ରତି ସେଉପ ପ୍ରେମର ଅହୁରି ବୃଦ୍ଧି କରନ୍ତୁ ।

## ୪ ପର୍ବ ।

୧ ହେ ଭ୍ରାତୃଗଣ ଅହୁରି ପ୍ରଭୁ ଯୀଶୁର ଦ୍ୱାରା ବିନୟ କରି ତୁମ୍ଭମାନଙ୍କୁ ଏହି ଉପଦେଶ ଦେଇ ବୋଲି କେମନ୍ତ ପ୍ରକାରରେ ଆଚରଣ କରି ଈଶ୍ୱରଙ୍କୁ ସନ୍ତୋଷ କରିବାକୁ ହୁଅଇ ଏହି ଯେ କଥା ତୁମ୍ଭେମାନେ ଆମ୍ଭମାନଙ୍କର ନିକଟରେ ଶିଖିଅଛ ସେହି ଅନୁସାରେ କରିବାକୁ ଅହୁରି ଅତିଶୟ
୨ ଯତ୍ନବନ୍ତ ହୁଅ । ଯେହେତୁ ପ୍ରଭୁ ଯୀଶୁର ଦ୍ୱାରା ତୁମ୍ଭମାନଙ୍କୁ କି ପ୍ରକାର
୩ ଆଜ୍ଞା ଦେଇଅଛୁଁ ଯାହା ତୁମ୍ଭେମାନେ ଜାଣ । ତୁମ୍ଭମାନଙ୍କର ପବିତ୍ରପଣ ହେବାର ଈଶ୍ୱରଙ୍କର ଅଭିମତ ତୁମ୍ଭେମାନେ ଯେହ୍ନେ ବ୍ୟଭିଚାର ପରିତ୍ୟାଗ
୪ କର ପୁଣି ପ୍ରତ୍ୟେକ ଜଣ ଯେହ୍ନେ ପବିତ୍ରତା ଓ ସନ୍ମାନରେ ଆପଣା୨ ଦେ
୫ ହକୁ ରକ୍ଷା କର ପୁଣି ଈଶ୍ୱରକୁଂ ଅଜ୍ଞାତ ଅନ୍ୟ ଦେଶୀୟମାନଙ୍କର ପ୍ରାୟେ
୬ ଇନ୍ଦ୍ରିୟର ବଶୀଭୂତ ନ ହୁଅ ପୁଣି କାମୁକ ହୋଇ ଆପଣାମାନଙ୍କର ଭ୍ରାତାର ପ୍ରତି କୌଣସି ପ୍ରବଞ୍ଚନା ନ କର । ଆମ୍ଭେମାନେ ପୂର୍ବରେ ତୁମ୍ଭମାନଙ୍କୁଂ ଯେ ପ୍ରକାର କହି ସାକ୍ଷ୍ୟ ଦେଇ ଥିଲୁଁ ସେ ଅନୁସାରେ ପ୍ରଭୁ ସେହି ଦୁଷ୍କର୍ମକାରି
୭ ମାନଙ୍କୁଂ ପ୍ରତିଫଳ ଦେବେ । ଯେହେତୁ ଈଶ୍ୱର ଅଶୁଚି କ୍ରିୟା କରିବାକୁ
୮ ଆମ୍ଭମାନଙ୍କୁଂ ଆହ୍ୱାନ ନ କରି ସତୁକ୍ରିୟା କରିବାକୁଇ ଆହ୍ୱାନ କଲେ । ଏଣୁ ଅବଜ୍ଞାକାରୀ ଯେ ସେ କେବଳ ମନୁଷ୍ୟକୁ ଅବଜ୍ଞା ନ କରଇ ଯେ ଆପଣାର ଧର୍ମଆତ୍ମ ଆମ୍ଭମାନଙ୍କୁଂ ଦେଇ ଅଛନ୍ତି ସେହି ଈଶ୍ୱରକୁଂ ଅବଜ୍ଞା କରଇ ।
୯ ଭ୍ରାତ୍ରୀୟ ପ୍ରେମ ବିଷୟରେ ତୁମ୍ଭମାନଙ୍କୁଂ ଆମ୍ଭର ଲେଖିବାର ପ୍ରୟୋଜନ ନାହିଂ ଯେଣୁ ତୁମ୍ଭେମାନେ ଏକକୁଆରେକ ପ୍ରେମ କରିବାକୁ ଈଶ୍ୱରଙ୍କଠାରୁ
୧୦ ଶିକ୍ଷିତ ଅଛ ପୁଣି ସବୁ ମାକିଦନିୟ ଭାଇମାନଙ୍କର ପ୍ରତିହିଂ ତାହା କରୁ ଅଛ ତେବେହେଂ ତୁମ୍ଭମାନଙ୍କୁଂ ବିନୟ କରି ବୋଲି ହେ ଭାଇମାନେ ତୁମ୍ଭେ
୧୧ ମାନେ ଅହୁରି ପ୍ରେମ ବୃଦ୍ଧି କର । ପୁଣି ମଣ୍ଡଳୀର ଭିନ୍ନ ଲୋକମାନଙ୍କର ପ୍ରତିହିଂ ତୁମ୍ଭମାନଙ୍କର ଆଚରଣ ଯେମନ୍ତ ସରଳ ହୁଅଇ ଓ ତୁମ୍ଭମାନଙ୍କର
୧୨ କୌଣସି ଅପ୍ରତୁଳ ନ ଥାୟେ ଏଣୁକରି ଆମ୍ଭେମାନେ ଯେଉଂଉପ ଆଜ୍ଞା ଦେଇ ଅଛୁଁ ସେଉପରେ ନିର୍ବିରୋଧ ହୋଇ ଆପଣା୨ ବିଷୟ ଚଳାଇ ଆପଣା୨ ହସ୍ତରେ କାର୍ଯ୍ୟ ସାଧିବାକୁ ଉଦ୍ୟମ କର ।
୧୩ ହେ ଭ୍ରାତୃଗଣ ତୁମ୍ଭେମାନେ ଯେହ୍ନେ ନିରାଶ ଲୋକମାନଙ୍କର ପ୍ରାୟେ ଶୋକାକୁଳ ନ ହୁଅ ଏହେତୁ ମହାନିଦ୍ରିତ ଲୋକର ବିଷୟରେ ତୁମ୍ଭେମାନେ

ଯେ ଅଜ୍ଞାତ ଥାଅ ଏହା ଆମ୍ଭର ଇଚ୍ଛା ନୋହେ । ଯୀଶୁ ପ୍ରାଣତ୍ୟାଗ କର ।୪
ପୁନର୍ବାର ମୃତ୍ୟୁରୁ ଉଠିଲେ ଏହି କଥାରେ ଯେବେ ଆମ୍ଭମାନଙ୍କର ବଶ୍ୱାସ
ହୋଇଥିବେ ତେବେ ଯୀଶୁର ଆଶ୍ରିତ ମହାନିଦ୍ରିତ ଲୋକମାନଙ୍କୁ ଈଶ୍ୱର
ଅବଶ୍ୟ ତାହାଙ୍କର ସହିତ ଅଣିବେ । ଏହେତୁ ପ୍ରଭୁର ବାକ୍ୟରେ ତୁମ୍ଭମା ।୫
ନଙ୍କୁ ବୋଲି ଯେ ପ୍ରଭୁର ଆସିବା ସମୟରେ ଅବଶେଷ ବଞ୍ଚି ଥିବା ଲୋ
କମାନେ ଖ୍ରୀଷ୍ଟାଶ୍ରିତ ମହାନିଦ୍ରିତ ଲୋକମାନଙ୍କର ଅଗ୍ରଗାମୀ ହୋଇବେ
ନାହିଁ । ଯେହେତୁ ଜୟଧ୍ୱନି କାର ଧ୍ୱନି ଓ ପ୍ରଧାନ ସ୍ୱର୍ଗ ଦୂତର ଉଚ୍ଚଶବ୍ଦ ଓ ।୭
ଈଶ୍ୱରର ତୂରୀ ବାଦ୍ୟର ସହିତ ପ୍ରଭୁ ଆପେ ସ୍ୱର୍ଗରୁ ଓହ୍ଲାଇଲେ ପ୍ରଥମରେ
ଖ୍ରୀଷ୍ଟାଶ୍ରିତ ମହାନିଦ୍ରିତ ଲୋକମାନଙ୍କର ଉତ୍ଥାନ ହୋଇବ । ଅନନ୍ତରେ ।୭
ଅବଶିଷ୍ଟ ବଞ୍ଚିଥିବାର ଲୋକମାନେ ସେମାନଙ୍କର ସହିତ ମେଘାରୂଢ ହୋଇ
ଆକାଶରେ ପ୍ରଭୁର ସହିତ ସାକ୍ଷାତ କରିବାକୁ ନଅ ଯିବେ ତେଣୁ ଆମ୍ଭେ
ମାନେ ସର୍ବଦା ପ୍ରଭୁର ସହିତ ଏକତ୍ର ରହିବା । ତୁମ୍ଭେମାନେ ଏହି କଥାରେ ।୮
ପରସ୍ପର ଆପଣାମାନଙ୍କୁ ସାନ୍ତ୍ୱନା କର ।

୫ ପତ୍ର ।

ହେ ଭ୍ରାତୃଗଣ କାଲର କି ସବିଶେଷ ସମୟର ସମ୍ବନ୍ଧରେ ତୁମ୍ଭମାନଙ୍କୁ ।
ଆମ୍ଭର ଲେଖିବାର ଅବଶ୍ୟକ ନାହିଁ ଯେହେତୁ ରାତ୍ରିକାଳରେ ଚୋରର ୨
ପ୍ରାପ୍ତି ପ୍ରଭୁର ଦିନ ଉପସ୍ଥିତ ହେବ ଏହା ତୁମ୍ଭେ ଆପଣାମାନେଇ ଉତ୍ତମ
ରୂପେ ଜାଣ । ଅର୍ଥାତ୍ ଆମ୍ଭମାନଙ୍କର ଶାନ୍ତି ଓ ନିର୍ବିଘ୍ନତା ଅଛୁ ଯେଉଁ ସମୟ ୩
ରେ ଲୋକମାନେ ଏମନ୍ତ କଥା ବୋଲିବେ ଉତ୍ପତ୍ତିଗାତ୍ର ଗର୍ଭିଣୀର ପ୍ରସବ
ବେଦନାର ପ୍ରାପ୍ତି ଅକସ୍ମାତ୍ ସେମାନଙ୍କର ବିନାଶ ଉପସ୍ଥିତ ହେବ ତହିଁ
ରେ କେହି ବଞ୍ଚିବାକୁ ପାରିବେ ନାହିଁ । ପୁଣି ହେ ଭ୍ରାତୃଗଣ ତୁମ୍ଭେମାନେ ୪
ଅନ୍ଧାରେ ନ ଥିବାରୁ ସେ ଦିନ ତୁମ୍ଭମାନଙ୍କର ନିକଟରେ ଚୋରର ପ୍ରାପ୍ତି
ହଠାତ୍ ଉପସ୍ଥିତ ନୋହିବ । ତୁମ୍ଭେମାନେ ସମସ୍ତେ ଆଲୁଅ ଓ ଦିବସର ୫
ସନ୍ତାନ ହୋଇଅଛ ଆମ୍ଭେମାନେ ରାତ୍ରି ଓ ଅନ୍ଧକାରର ଲୋକ ନୋହୁ ।
ଏହେତୁ ଆମ୍ଭେମାନେ ଅନ୍ୟ ଲୋକମାନଙ୍କର ପ୍ରାପ୍ତି ନିଦ୍ରିତ ନୋହୁ ଜାଗ୍ରତ ୬
ହୋଇ ସଚେତନ ଥାଉଁ । ଯେଉଁମାନେ ନିଦ୍ରା ଯାଆନ୍ତି ସେମାନେ ରାତ୍ରି ୭
ରେଇ ନିଦ୍ରା ଯାଆନ୍ତି ପୁଣି ଯେଉଁମାନେ ମତ୍ତ ହୁଅନ୍ତି ସେମାନେହେଁ ରାତ୍ରିରେ
ମତ୍ତ ହୁଅନ୍ତି । ପୁଣି ଆମ୍ଭେମାନେ ଦିବସର ସନ୍ତାନ ହୋଇ ପ୍ରତ୍ୟୁଷ ଓ ପ୍ରେମ ୮
ରୂପ ସାଞ୍ଜୁଆ ଦେହରେ ଦେଇ ଓ ଏାଣର ଭରସାସ୍ୱରୂପ ମୁଣ୍ଡରସାଜ ବାନ୍ଧି ୯
ଜାଗ୍ରତ ଥାଉଁ । ଯେହେତୁ ଈଶ୍ୱର ଆମ୍ଭମାନଙ୍କୁ କ୍ରୋଧର ପାତ୍ର ନ କରି

୧୦ ଆମ୍ଭ ପ୍ରଭୁ ଯୀଶୁ ଖ୍ରୀଷ୍ଟର ଦ୍ୱାରା ପରିତ୍ରାଣ ପାତ୍ର କରି ନିଯୁକ୍ତ କରିଛନ୍ତି । ଏଣୁ
ଜାଗ୍ରତ ହୋଇ କିଅବା ନିଦ୍ରିତ ହୋଇ ଯେମନ୍ତ ତାହାଙ୍କର ସଙ୍ଗରେ ବାସ
୧୧ କରି ଏଥିପାଇଁ ସେ ଆମ୍ଭମାନଙ୍କର ନିମନ୍ତେ ପ୍ରାଣ ଦେଲେ । ଏଣୁକରି ତୁମ୍ଭେ
ମାନେ ଯେଉପ କରିଅଛ ସେ ପ୍ରକାର ପରସ୍ପର ଉପଦେଶ ଦେଇ ଆପଣା
ମାନଙ୍କର ସାନ୍ତ୍ୱନା ଓ ନିଷ୍ଠା କର ।
୧୨ ହେ ଭ୍ରାତୃଗଣ ତୁମ୍ଭମାନଙ୍କର ମଧ୍ୟରେ ଯେଉଂମାନେ ପ୍ରଭୁରେ ବେବର୍ତ୍ତି
ଉପରେ ନିଯୁକ୍ତ ହୋଇ ପରିଶ୍ରମ କରି ତୁମ୍ଭମାନଙ୍କୁ ଉପଦେଶ ଦିଅନ୍ତି
୧୩ ସେମାନଙ୍କୁ ମାନ୍ୟ କର ପୁଣି ପ୍ରେମ ପ୍ରକାଶ କରି ସେମାନଙ୍କର କର୍ମ ହେତୁରୁଂ
ଅତିଶୟ ସମାଦର କର । ଆପଣାମାନେହେଂ ପରସ୍ପର ପ୍ରଣୟ କର ତୁମ୍ଭ
୧୪ ମାନଙ୍କର ପ୍ରତି ଆମ୍ଭମାନଙ୍କର ଏହି ନିବେଦନ । ହେ ଭ୍ରାତୃଗଣ ତୁମ୍ଭମା
ନଙ୍କୁଂ ଅହୁରି ବିନୟ କରି ତୁମ୍ଭେମାନେ କୁରୀତି ଆଚାରମାନଙ୍କୁଂ ଅନୁଯୋଗ
କର ଉନ୍ମନାମାନଙ୍କୁଂ ପ୍ରବୋଧ ଦିଅ ଦୁର୍ବଳମାନଙ୍କୁଂ ଟେକି ରଖ ସମସ୍ତଙ୍କର
୧୫ ପ୍ରତି ସହିଷ୍ଣୁ ହୁଅ । ଆଉ ସାବଧାନ କେହି ତୁମ୍ଭର ହିଂସା କଲେହେଂ ତୁମ୍ଭେ
୧୬ ମାନେ ତାହାର ପ୍ରତି ହିଂସା ନ କର । ଆତ୍ମୀୟ ପୁଣି ଅଉ ସବୁରି ପ୍ରତି ନିତ୍ୟ୍ୟ
୧୭ ସୌଜନ୍ୟ ବ୍ୟବହାର କର । ସର୍ବଦା ଆନନ୍ଦ କର । ନିରନ୍ତର ପ୍ରାର୍ଥନା
୧୮ କର । ସମସ୍ତ ବିଷୟରେ ଧନ୍ୟବାଦ କର ଯେହେତୁ ତୁମ୍ଭମାନଙ୍କର ବିଷୟରେ
୧୯ ଖ୍ରୀଷ୍ଟ ଯୀଶୁର ଦ୍ୱାରା ଏହି ଈଶ୍ୱରଙ୍କର ଅଭିମତ । ଧର୍ମ ଆତ୍ମାକୁ ନିର୍ବାଣ ନ
୨୦ କର । ପ୍ରଚାରିତ ବାକ୍ୟକୁ ଅବଜ୍ଞା ନ କର । ସବୁ ବିଷୟର ପରୀକ୍ଷା କରି
୨୧ ଯାହା ଭଲ ତାହା ଧରି ରଖ । ପାପର ଶ୍ରୟା ମାତ୍ରରୁ ନିବୃତ୍ତ ହୁଅ । ତହିଂ
୨୨ ରେ ଶାନ୍ତିଦାୟକ ଈଶ୍ୱର ତୁମ୍ଭମାନଙ୍କୁଂ ସଂପୂର୍ଣ୍ଣଉପରେ ପବିତ୍ର କରନ୍ତୁ ।
୨୩ ପୁଣି ଆମ୍ଭମାନଙ୍କର ପ୍ରଭୁ ଯୀଶୁ ଖ୍ରୀଷ୍ଟର ଆଗମନ ସମୟ ପର୍ଯ୍ୟନ୍ତେ ତୁମ୍ଭମା
୨୪ ନଙ୍କର ଆତ୍ମା ପ୍ରାଣ ଦେହ ସମସ୍ତହିଂ ନିର୍ଦ୍ଦୋଷଉପରେ ରଖିତ ହେଉ । ଯେ
୨୫ ତୁମ୍ଭମାନଙ୍କୁ ଆହ୍ୱାନ କରିଅଛନ୍ତି ସେ ବିଶ୍ୱସ୍ତ ହୋଇ ତାହା କରିବେ ।
୨୬ ହେ ଭ୍ରାତୃଗଣ ଆମ୍ଭମାନଙ୍କର ନିମନ୍ତେ ପ୍ରାର୍ଥନା କର । ପବିତ୍ର ଚୁମ୍ବନରେ ଭ୍ରା
୨୭ ତୃଗଣଙ୍କୁ ନମସ୍କାର କର । ତୁମ୍ଭେମାନେ ଏହି ଚିଠାଉ ସବୁ ସାଧୁ ଭ୍ରାତୃଗ
ଣଙ୍କୁଂ ପାଠ କରାଇବ ପ୍ରଭୁର ନାମରେ ତୁମ୍ଭମାନଙ୍କୁ ଏହି ଆଜ୍ଞା ଦେଉ
୨୮ ଅଛୁଁ । ଆମ୍ଭମାନଙ୍କର ପ୍ରଭୁ ଯୀଶୁ ଖ୍ରୀଷ୍ଟର ଅନୁଗ୍ରହ ତୁମ୍ଭମାନଙ୍କର ପ୍ରତି
ଆଉ ଶପଥ ବନ୍ତୁ ଯୀଶୁ ଯାଜକ ପଦରେ ନିୟୁକ୍ତ ହୋଇ ନାହାନ୍ତି ବଣୁକରି ।୦
ସେ ଶ୍ରେଷ୍ଠ ନିୟମର ମଧ୍ୟସ୍ଥ ହୋଇଅଛନ୍ତି । ଯେହେତୁ ସେ ଯାଜକମାନେ ।।
ଶପଥ ବନ୍ତୁ ଯାଜକ ପଦରେ ନିୟୁକ୍ତ ହୋଇ ଥିଲେ ପୁଣି ପରମେଶ୍ୱର ଏହି ।।
ଯେ ଶପଥ କଲେ ସେ ତାହାର ଅନ୍ୟଥା ନ କରିବେ ତୁମ୍ଭେ ମଲ୍କୀସିଦକର
ମତାନୁସାରେ ଏକ ନିତ୍ୟ ଯାଜକ ଯେ ତାହାଙ୍କୁ ଏହି କଥା କହିଲେ ତାହା
ଙ୍କର ଏହି ଶପଥ ଦ୍ୱାରା ଶ୍ରୀଯୁକ୍ତ ନିୟୁକ୍ତ ଥିଲେ । ଆଉ ସେମାନେ ମୃତ୍ୟୁ ଅଧୀନ ।୩
ହେବାରୁ ଚିରସ୍ଥାୟି ହେବାକୁ ନ ପାରିବାରେ କ୍ରମଶଃ ବହୁତ ଯାଜକ
ମାନେ ହୋଇଲେ । ପୁଣି ଏ (ଯୀଶୁ) ନିତ୍ୟ ସ୍ଥାୟୀ ସକାଶେ ଅନ୍ୟର ଅପ୍ରା ।୪
ପ୍ତବ୍ୟ ଯାଜକପଣ କରନ୍ତି । ଏଣୁ ଯେଉଁମାନେ ତାହାଙ୍କର ଦ୍ୱାରା ଈଶ୍ୱ ।୫
ରର କଛକୁ ଆସନ୍ତି ସେ ସେମାନଙ୍କର ନିମନ୍ତେ ନିବେଦନ କରିବାକୁ ନିତ୍ୟ
ଜୀବିତ ଥିବାରୁ ସର୍ବତୋଭାବରେ ସେମାନଙ୍କୁ ତ୍ରାଣ କରିବାକୁ ପାରନ୍ତି ।

୧୬ ଆଉ ପବିତ୍ର ଅହିଂସକ ନିର୍ମଳ ପାପିଗଣଠାରୁ ଭିନ୍ନ ପୁଣି ସ୍ୱର୍ଗରୁ ଉଚ୍ଚୀକୃତ
୧୭ ଏମନ୍ତ ଏକ ମହାଯାଜକ ଆମ୍ଭମାନଙ୍କର ଆବଶ୍ୟକ ଥିଲେ । ତେଣୁ ମହା
ଯାଜକଗଣର ନ୍ୟାୟ ପ୍ରଥମରେ ଆପଣାର ତହିଂଉତ୍ତାରେ ଆଉମାନଙ୍କର
ପାପର ନିମନ୍ତେ ନିତ୍ୟ ବଳିଦାନ କରିବାର ତାହାଙ୍କର ଆବଶ୍ୟକ ନୁହଇ ଯେ
ହେତୁ ସେ ଆପଣାକୁ ଉତ୍ସର୍ଗ କରି ଲୋକମାନଙ୍କର ନିମନ୍ତେ ସେହି କର୍ମ ଏକା
୧୮ ବେଳେ ସମ୍ପୂର୍ଣ୍ଣ କଲେ । ଆଉ ବ୍ୟବସ୍ଥା ଅସିଦ୍ଧ ମନୁଷ୍ୟକୁ ମହାଯାଜକ
ପଦରେ ନିଯୁକ୍ତ କରଇ ପୁଣି ବ୍ୟବସ୍ଥାର ଉତ୍ତାରୁ ଯେ ଗଣର କଥା ଥିଲା ସେ
ଅନନ୍ତ କାଳସ୍ଥାୟି ସିଦ୍ଧ ଅତ୍ମଜକୁ ନିଯୁକ୍ତ କରଇ ।

## ୮ ପର୍ବ ।

୧ ସେ ପୂର୍ବୋକ୍ତ କଥାର ସାର ଏହି ଯେ ସ୍ୱର୍ଗରେ ମହାମହିମ ସିଂହାସନର
୧ ଦକ୍ଷିଣ ପାଖରେ ଉପବିଷ୍ଟ ହୋଇ ମନୁଷ୍ୟର ଅସ୍ଥାପିତ ଅର୍ଥାତ୍ ପରମେଶ୍ୱରର
ସ୍ଥାପିତ ଯଥାର୍ଥ ତମ୍ବୁର ପବିତ୍ର ସ୍ଥାନରେ ସେବାକର୍ମରେ ନିବିଷ୍ଟ ହୁଅନ୍ତି
୩ ଏମନ୍ତ ଏକ ମହାଯାଜକ ଆମ୍ଭମାନଙ୍କର ଅଛନ୍ତି । ପ୍ରତ୍ୟେକ ମହାଯାଜକ ଯେ
ମନ୍ତ ଦାନ ବଳିଆଦି ଉତ୍ସର୍ଗ କରିବାକୁ ନିଯୁକ୍ତ ଅଛନ୍ତି ସେଉପ ତାହାଙ୍କର
୪ କିଛି ଉତ୍ସର୍ଗ ବିଷୟ ଥାୟେ ଏମନ୍ତ ଆବଶ୍ୟକ ଥିଲା । ପୁଣି ସେ ଯେବେ ପୃଥି
ବୀରେ ଥାଆନ୍ତେ ତେବେ ଯାଜକ ନୁହନ୍ତେ କାରଣ ଯେଉଂମାନେ ବ୍ୟବସ୍ଥା
ନୁଯାୟି ନାନାଦି ଉତ୍ସର୍ଗ କରନ୍ତି ସ୍ୱର୍ଗୀୟ ସେବାର ଦୃଷ୍ଟାନ୍ତ ଓ ଛାୟା ମାତ୍ର
୫ ହୁଅନ୍ତି ଏମନ୍ତ ଯାଜକମାନେ ସେମାନେ ଅଛନ୍ତି । ଯେମନ୍ତ ମୋଶା ପବିତ୍ର
ତମ୍ବୁର ନିର୍ମାଣ କରିବାକୁ ଉଦ୍ୟତ ହୋଇ ଈଶ୍ୱରଠାରୁ ଉପଦେଶ ପାଇଲେ
ଅର୍ଥାତ୍ ଈଶ୍ୱର ତାହାକୁ କହିଲେ ପର୍ବତରେ ତୁମ୍ଭେ ଯେଉଂ ଆକୃତି ଦେ
୬ ଖିଅଛ ସେ ଅନୁସାରେ ସମସ୍ତ ନିର୍ମାଣ କର । ପୁଣି ଆମ୍ଭମାନଙ୍କର ମହାଯା
ଜକ ଏକ୍ଷଣେ ତହିଁରୁ ଅଧିକ ପରମ ସେବା ପଦ ପାଇଛନ୍ତି କାରଣ ସେ
୭ ଶ୍ରେଷ୍ଠ ଅଙ୍ଗୀକାରରେ ସ୍ଥାପିତ ଶ୍ରେଷ୍ଠ ନିୟମର ମଧ୍ୟସ୍ଥ ଅଟନ୍ତି । ସେ ପ୍ରଥମ
ନିୟମ ଯେବେ ନିର୍ଦ୍ଦୋଷ ହୁଅନ୍ତା ତେବେ ଦ୍ୱିତୀୟ ନିୟମ କରିବାର କିଛି
୮ ପ୍ରୟୋଜନ ନ ଥାନ୍ତା । ପୁଣି ସେ (ତାହାର) ଦୋଷ ଦେଇ କହନ୍ତି ପରମେ
ଶ୍ୱରର ଏହି ଉକ୍ତି ଅଛି ଦେଖ ଯେଉଂ ସମୟରେ ଆମ୍ଭେ ଇଶ୍ରାୟେଲ ଗୋ
ଷ୍ଠୀର ଓ ଯିହୁଦୀୟ ଗୋଷ୍ଠୀର ସଙ୍ଗେ ଏକ ନୂତନ ନିୟମ ସ୍ଥିର କରିବା ଏମନ୍ତ
୯ ସମୟ ଆସୁଅଛି । ପରମେଶ୍ୱର ଆହୁରି କହନ୍ତି ଆମ୍ଭେ ଯେ ଦିନରେ ସେମା
ନଙ୍କର ପିତୃ ଲୋକମାନଙ୍କର ହସ୍ତ ଧାରଣ କରି ମିଶର ଦେଶରୁ ଉଦ୍ଧାର କରି
ସେମାନଙ୍କର ସଙ୍ଗେ ନିୟମ ସ୍ଥିର କଲୁଁ ସେହି ଦିନର ବ୍ୟବସ୍ଥାନୁସାରେ

ନୋହେ ଯେହେତୁ ଆମ୍ଭର ନଯୂମ ସେମାନଙ୍କର ଅମାନ୍ୟ କରିବାରେ ଆମ୍ଭେ
ସେମାନଙ୍କର ପ୍ରତ ମନୋଯୋଗ ନ କଲୁଁ ପୁଣି ପରମେଶ୍ୱର କହନ୍ତି ସେ ଦିନର ୧୦
ଉତ୍ତରେ ଆମ୍ଭେ ଇଶ୍ରାଯେଲ ଗୋଷ୍ଠୀର ସଙ୍ଗେ ଏହ ନଯୂମ ସ୍ଥିର କରିବା ସେ
ମାନଙ୍କର ଚିତ୍ତରେ ଆମ୍ଭର ବ୍ୟବସ୍ଥା ଦେବା ଓ ଅନ୍ତଃକରଣେ ଲାହା ଲେ
ଖିବା ଆମ୍ଭେ ସେମାନଙ୍କର ଈଶ୍ୱର ହେବା ପୁଣି ସେମାନେଇ ଆମ୍ଭର ଲୋକ
ହୋଇବେ । ୧୧ ତୁମ୍ଭେ ପରମେଶ୍ୱରଙ୍କୁ ଜାଣ ଏକଥା ବୋଲି ସେମାନେ
ପ୍ରତ୍ୟେକରେ ଆପଣା ପଡୋଶିଙ୍କୁ ଓ ଅପଣା ଭାଇଙ୍କୁ ଉପଦେଶ ନ
ଦେବେ କାରଣ ଆବାଲ ବୃଦ୍ଧ ସମସ୍ତେହେଁ ଆମ୍ଭକୁ ଜାଣିବେ । ଇହଁରେ ୧୨
ଆମ୍ଭେ ସେମାନଙ୍କର ଦୁଷ୍କ୍ରିଯା ସମସ୍ତ କ୍ଷମା କର ସେମାନଙ୍କର ପାପ ଓ ଅପ
ରାଧ ଆଉ କେବେହେଁ ସ୍ମରଣରେ ନ ଆଣିବା । ଏହ ପ୍ରକାରେ ସେ ନୂତନ ୧୩
ନଯୂମର କଥା କହ ପ୍ରଥମକୁ ପୁରାତନ କଲେ ଏହ ହେତୁରୁ ଯେ ପୁରା
ତନ ଓ ଜୀର୍ଣ ହାବାର ଲୋପ ହେବାର ସମଯ ହୋଇଅଛ ।

## ୫ ପବ ।

ପ୍ରଥମ ନଯୂମାନୁସାରେ ଈଶ୍ୱରାରାଧନାର ନାନା ସ୍ଥାପନା ପୁଣି ସାଂସାରିକ ୧
ପବଶ ସ୍ଥାନ ଥିଲା । ପ୍ରସ୍ତୁତ ତମ୍ବୁର ଯେ ପ୍ରଥମ କୋଠରୀରେ ଦୀପବୃକ୍ଷ ମେଜ ୨
ଦର୍ଶନରୋଟି ଥିଲା ସେ କୋଠରୀ ପବଶ ନାମରେ ବଖ୍ୟାତ ହେଲା । ଦ୍ୱିତୀଯ ୩
ଆଚ୍ଛାଦିତ ବସ୍ତ୍ରର ପଛଭାଗରେ ମହା ପବଶ ନାମରେ ସେ ତମ୍ବୁର ଯେ ଅନ
କୋଠରୀ ଥାହା ଉତ୍ତରେ ସୁବର୍ଣମଯ ଧୂପାଚୀ ଓ ସବୁଆଡେ ସୁନାମଣ୍ଡିତ ୪
ନଯୂମର ସିନ୍ଦୁକ ଥହଁରେ ମାନ୍ନାର ସୁବର୍ଣ ପାତ୍ର ହାରୋଣର ମଞ୍ଜରିତଦଣ୍ଡ
ଖୋଦିତ ନଯୂମ ପଟ୍ଟ ପୁଣି ଉପରିସ୍ଥ ଦଯାସନର ଶୁଦ୍ଧାକାର ଚେରୂବମଯ ୫
କରୂବଗଣ ଥିଲେ ଏହ ସମସ୍ତର ବଶେଷ ଉଲ୍ଲେ ଏବେ କହି ନ ପାର । ଏହ ୬
ସମସ୍ତ ପ୍ରସ୍ତୁତ ହେଲେ ଯାଜକଗଣ ଈଶ୍ୱରର ସେବା କରିବାକୁ ତମ୍ବୁର ପ୍ରଥମ ୭
କୋଠରୀରେ ସବଦା ଗମନାଗମନ କରନ୍ତି ପୁଣି ଦ୍ୱିତୀଯ କୋଠରୀରେ ମହା
ଯାଜକ ଏକାକ ପ୍ରତ ବରଷକେ ଥରେ ପ୍ରବେଶ ହୁଅନ୍ତା ଆଉ ଆପଣାର ପୁଣି ୮
ଅନ୍ୟ ଲୋକମାନଙ୍କର ଅଜ୍ଞାନ କୃତ ପାପର ନମନ୍ତେ ଉତ୍ସର୍ଗ କରିବାର ରକ୍ତ
ନ ନେଇ ପ୍ରବେଶ ନ ହୁଅନ୍ତା । ଏଥିରେ ଧର୍ମଆତ୍ମା ଏହ ଅର୍ଥ ଜଣାନ୍ତି ପ୍ରଥମ
ତମ୍ବୁ ଥିଲେ ମହା ପବଶ ସ୍ଥାନର ପ୍ରବେଶର ପଥ ପ୍ରକାଶିତ ନୁହଇ । ଅଉ ୯
ସେ ତମ୍ବୁ ବର୍ତ୍ତମାନ କାଲର ଏକ ଆଦର୍ଶ ସ୍ୱରୂପ ଯେହେତୁ ସିଦ୍ଧି କରିବାର
କାଳ ପର୍ଯ୍ୟନ୍ତ ବ୍ୟବସ୍ଥା ନରୂପିତ କେବଳ ବଶେଷ ଖାଦ୍ୟ ପେଯ ବବଧ

୧୦ ଭୁବନ ସାଂସାରିକ ସେବାର ସଙ୍ଗେ ଯେଉଂ ଦାନ ବଳିଦାନାଦି ସାଧକର
ମନ ସିଦ୍ଧ କରିବାକୁ ଅସମର୍ଥ ସେହି ସମସ୍ତ ପ୍ରଥମ ତମ୍ବୁରେ ଉତ୍ସର୍ଗକୃତ
ହୁଅନ୍ତା ।
୧୧ ଖ୍ରୀଷ୍ଟ ଭବିଷ୍ୟତ୍ ମଙ୍ଗଳ ଦେବାର ନିମନ୍ତେ ମହାଯାଜକରୂପରେ ଅବତୀର୍ଣ
ହୋଇ ଏହି ସୃଷ୍ଟିରୁ ଭିନ୍ନ ଅହସ୍ତକୃତ ଶ୍ରେଷ୍ଠତମ ପ୍ରସିଦ୍ଧ ତମ୍ବୁ ଦେଇ [ଯାଇ]
୧୨ ଶ୍ଚଗଳର କି ଗୋବଛାର ରକ୍ତ ସଙ୍ଗେ ନୋହେ ପୁଣି ଆପଣାର ରକ୍ତର
ସଙ୍ଗେ ଏକାବେଳେ ମହା ପବିତ୍ର ସ୍ଥାନରେ ପ୍ରବେଶ ହୋଇ ଅମ୍ଭମାନଙ୍କର
୧୩ ନିମନ୍ତେ ଅନନ୍ତ ମୁକ୍ତି ପାଇଅଛନ୍ତି । ବୃଷ ଶ୍ଚଗଳର ରକ୍ତ ପୁଣି ଗାବିଭସ୍ମ
ଅଙ୍ଗରେ ପ୍ରକ୍ଷେପ କରିବାରେ ଯେବେ ଅଶୁଚି ଲୋକମାନଙ୍କର ଶରୀର ଶୁଚି
ହୋୟେ ତେବେ ନିତ୍ୟ ଅତ୍ମ ଦ୍ୱାରା ଈଶ୍ୱର ଉଦ୍ଦେଶରେ ନିର୍ଦ୍ଦୋଷ ଆପଣାକୁ
୧୪ ଉତ୍ସର୍ଗ କଲେ ଯେ ଖ୍ରୀଷ୍ଟ ତାହାଙ୍କର ରକ୍ତ କି ମୃତ୍ୟୁ ଯୋଗ୍ୟ କ୍ରିୟାରୁ ଅମର
ଈଶ୍ୱରର ସେବାର୍ଥେ ତୁମ୍ଭମାନଙ୍କର ମନକୁ ତତୋଧିକ ପବିତ୍ର ନ କରିବେ ।
୧୫ ଆଉ ଆହ୍ୱାନକୃତ ଲୋକମାନଙ୍କର ପ୍ରତିଜ୍ଞାତ ଅନନ୍ତ ଅଧିକାର ପ୍ରାପ୍ତିର
ନିମନ୍ତେ ସେ ମୃତ୍ୟୁ ଦ୍ୱାରା ପୂର୍ବ ନିୟମ ଲଙ୍ଘନରୂପ ଅପରାଧ ମାର୍ଜନାର୍ଥେ
୧୬ ନୂତନ ମଧ୍ୟସ୍ଥ ହେଲେ । ନିୟମ ସିଦ୍ଧ କରିବାକୁ ଗଲେ ନିଯୁକ୍ତ ବଳିର ମୃତ୍ୟୁ
୧୭ ଘଟାଇବାର ପ୍ରୟୋଜନ ଅଛି । ଆଉ ନିଯୁକ୍ତ ବଳି ଜୀବତ୍ ଥିଲେ ନିୟମ
୧୮ ସିଦ୍ଧ ନୁହଇ ପୁଣି ବଳି ମୃତ ହେଲାଉତ୍ତାରେ ତାହା ସ୍ଥିତ ହୁଅଇ । ଏହି
୧୯ ନିମନ୍ତେ ସେ ପୂର୍ବ ନିୟମଇ ରକ୍ତପାତ ବିନୁ ସିଦ୍ଧ ନୋହିଲା । ପୁଣି ମୋଶା
ଲୋକମାନଙ୍କର ପ୍ରତି ବ୍ୟବସ୍ଥାନୁସାରେ ସବୁ ଆଜ୍ଞା ପ୍ରକାଶ କରି ଜଳ ପୁଣି
ସିନ୍ଦୁର ବର୍ଣ ମେଷରୋମ ଓ ଏଶୋବର ସହିତ ଗୋବଛାର ଓ ଶ୍ଚଗଳ ରକ୍ତ
୨୦ ନେଇ ପୁସ୍ତକରେ ପୁଣି ସବୁ ଲୋକର ଗାତ୍ରରେ ପ୍ରକ୍ଷେପ କରି କହିଲା ଈଶ୍ୱର
ତୁମ୍ଭମାନଙ୍କର ସହିତ ଯେ ନିୟମ ନିରୂପଣ କରିଅଛନ୍ତି ଏହି ତାହାର ରକ୍ତ ।
୨୧ ପୁଣି ତମ୍ବୁରେ ଓ ସେବାରେ ପାତ୍ରରେ ସେ ରକ୍ତ ପ୍ରକ୍ଷେପ କଲା । ଆଉ ବ୍ୟବ
୨୨ ସ୍ଥାନୁସାରେ ପ୍ରାୟ ସବୁ ବସ୍ତୁଇ ରକ୍ତ ଦ୍ୱାରା ପବିତ୍ରୀକୃତ ହେଲା ପୁଣି ରକ୍ତ
୨୩ ପାତ ବିନୁ ପାପମୋଚନ ନୁହଇ । ଏହି ନିମନ୍ତେ ସ୍ୱର୍ଗୀୟ ପବିତ୍ର ସ୍ଥାନର
ଦୃଷ୍ଟାନ୍ତ ଯେଉଂ ସ୍ଥାନ ସେ ଏହି ସମସ୍ତ ଯାଗ ଦ୍ୱାରା ପବିତ୍ରୀକୃତ ହୁଅଇ ପୁଣି
ସ୍ୱର୍ଗୀୟ ପବିତ୍ର ସ୍ଥାନର ଏହାଠାରୁ ଶ୍ରେଷ୍ଠ ବଳି ଦ୍ୱାରା ପବିତ୍ରୀକୃତ ହେବାର
୨୪ ଉଚିତ । ଏହିହେତୁରୁଂ ଖ୍ରୀଷ୍ଟ ଏକ୍ଷଣରେ ଅମ୍ଭମାନଙ୍କର ପ୍ରତିନିଧିରୂପେ
ଈଶ୍ୱରର ଶ୍ଚମୁରେ ଥିବାକୁ ସତ୍ୟ ପବିତ୍ର ସ୍ଥାନର ଦୃଷ୍ଟାନ୍ତ ସ୍ୱରୂପ ହସ୍ତକୃତ
ପବିତ୍ର ସ୍ଥାନରେ ପ୍ରବେଶ ନୋହେ ଯଥାର୍ଥ ସ୍ୱର୍ଗରେଇ ପ୍ରବେଶ ହୋଇଲେ ।
୨୫ ପୁଣି ମହାଯାଜକ ପ୍ରତିବର୍ଷରେ ପରର ରକ୍ତ ନେଇ ଯେମନ୍ତ ମହା ପବିତ୍ର

ସ୍ଥାନରେ ପ୍ରବେଶ ହୁଅନ୍ତୁ ସେଥିପ ପୁନଃ। ଆପଣାକୁ ଉତ୍ସର୍ଗ କରିବାକୁ ଖ୍ରୀଷ୍ଟର
ପ୍ରୟୋଜନ ନୋହେ ଯେହେତୁ ତାହା ହେଲେ ସୃଷ୍ଟିର ପ୍ରଥମାବଧି ଅନେକ ୨୬
ଥର ତାହାଙ୍କର ମୃତ୍ୟୁ ହୁଅନ୍ତା । ପୁଣି ଏବେ ସେ ପାପକୁ ଖଣ୍ଡାଇବା ପାଁଇ
ଆପଣାକୁ ବଲିରୂପରେ ଉତ୍ସର୍ଗ କରିବାକୁ ଥରେ ଶେଷକାଲର ଅବସ୍ଥାରେ
ଅବତୀର୍ଣ୍ଣ ହେଲେ । ଆଉ ମନୁଷ୍ୟର ଯେମନ୍ତ ଏକାଥରେ ମୃତ୍ୟୁ ଉହଁ ୨୭
ଉତ୍ତରେ ବିଚାର ନିରୂପିତ ଅଛି ସେରୂପେହିଁ ଖ୍ରୀଷ୍ଟ ଅନେକଙ୍କର ପାପ
ଭୋଗିବା ପାଁଇ ଏକାଥରେ ଉତ୍ସର୍ଗୀକୃତ ହେଲେ ପୁଣି ଯେଉଁମାନେ ତାହା ୨୮
ଙ୍କର ଅପେକ୍ଷା କରନ୍ତି ସେମାନଙ୍କର ପରିତ୍ରାଣର ନିମନ୍ତେ ଦ୍ୱିତୀୟ ଥର ସେ
ପାପ ଭୋଗ ବିନା ଦର୍ଶନ ଦେବେ ।

୧୦ ପତ୍ର ।

ବ୍ୟବସ୍ଥା ଭବିଷ୍ୟତ୍ର ମଙ୍ଗଳର ନିଜାନ୍ତ ମୂର୍ତ୍ତି ନୁହଇ ଶ୍ମସ୍ତାତ୍ମରୂପ ମାଣ ୧
ତ୍ୟେବାରୁ ନିତ୍ୟ ବାର୍ଷିକ ବଲିଦାନ ଦ୍ୱାରା ଶରଣାଗତ ଲୋକମାନଙ୍କୁ ସିଦ୍ଧ
କରିବାକୁ ସମର୍ଥ ନୁହଇ । ଯେହେତୁ ସାଧକମାନେ ଏକାବେଳେ ପରିଷ୍କୃତ ୨
ହେଲେ ପୁନର୍ବାର ସେମାନଙ୍କର କୌଣସି ପାପ ବୋଧ ନୋହିବାରେ
ସେମାନେ କି ସେ ଉତ୍ସର୍ଗ କର୍ମର ନିବୃତ୍ତି ନୁହନ୍ତେ ପୁଣି ସେ ବଲିଦାନ ଦ୍ୱାରା ୩
ବରଞ୍ଚୁବରପ ପାପ ସ୍ମରଣ ହେଲା । ଏହିହେତୁରୁ ବୃଷର କି ଛଗଲର ରକ୍ତ ୪
ଦ୍ୱାରା ପାପ ମୋଚନ ସମ୍ଭବ ନୁହଇ ।

ଏକାରଣ (ଖ୍ରୀଷ୍ଟ) ଜଗତରେ ଅବତୀର୍ଣ୍ଣ ହୋଇ କହିଲେ ତୁମ୍ଭେ ବଲିଦାନ ୫
ଓ ନୈବେଦ୍ୟ ନ ମାଗି ଆମ୍ଭର ଶରୀର ପ୍ରସ୍ତୁତ କଲ । ହୋମରେ ଓ ପାପ ୬
ମୋଚନ ନିମନ୍ତେ ବଲିଦାନ ନ ଇଚ୍ଛିଲ ତେଣୁ ଆମ୍ଭେ କହିଲୁଁ ଦେଖ
ଆମ୍ଭେ ଅଛି ଧର୍ମପୁସ୍ତକରେ ଆମ୍ଭର ବିଷୟରେ ଲେଖିତ ହେ ଈଶ୍ୱର ତୁମ୍ଭର ୭
ଇଚ୍ଛାକ୍ରିୟା ସାଧିବାକୁ ଆମ୍ଭର ସନ୍ତୋଷ । ତୁମ୍ଭେ ବ୍ୟବସ୍ଥାନୁଯାୟି ଉତ୍ସର୍ଗ
କୃତ ବଲିଦାନ ନୈବେଦ୍ୟ ହୋମ ଓ ପାପ ନିମନ୍ତେ ବଲିଦାନ ନ ମାଗ ପୁଣି ୮
ତାହା ଇଚ୍ଛା ନ କର ଏମନ୍ତ ଉପରେ ଲେଖିତ କଥା କହିଲା ଉତ୍ତରେ ସେ
କହିଲେ ହେ ଈଶ୍ୱର ଦେଖ ଆମ୍ଭେ ତୁମ୍ଭର ଇଚ୍ଛାକ୍ରିୟା ସାଧିବାକୁ ଅସି
ଏହା ବୋଲି ସେ ଦ୍ୱିତୀୟ କଥାକୁ ସ୍ଥିର କରିବା ପାଁଇ ପ୍ରଥମ କଥାକୁ ଲୋପ
କଲେ । ଏଣୁ ଯୀଶୁ ଖ୍ରୀଷ୍ଟର ଥରେ ଆପଣା ଶରୀର ଉତ୍ସର୍ଗ କରିବାରେ ଆମ୍ଭେ ୧୦
ମାନେ ସେହି ଇଚ୍ଛାକ୍ରିୟା ଦ୍ୱାରା ପବିତ୍ରୀକୃତ ହୋଇଅଛୁଁ ।

ପ୍ରତ୍ୟେକ ଯାଜକ ଦିନକୁଦିନ ଉପାସନା ଓ ପାପ ମୋଚନରେ ଅସମର୍ଥ ୧୧
ଏକରୂପ ବଲି ପୁନଃ। ଉତ୍ସର୍ଗ କରିବାକୁ ଠିଆ ହୁଅନ୍ତି ପୁଣି ଖ୍ରୀଷ୍ଟ ପାପର ୧୨

ମୋଚନାର୍ଥେ ଏକ ବଳି ଉତ୍ସର୍ଗ କର ସର୍ବଦା ଈଶ୍ୱରର ଦକ୍ଷିଣରେ ଉପବିଷ୍ଟ
୧୩ ହୋଇ ଅବ୍ୟାବଧି ଯାବତ୍ ଶତ୍ରୁବର୍ଗ ତାହାଙ୍କର ପାଦପୀଠ ନ ହୁଅନ୍ତି ତାବତ୍
୧୪ କାଳ ଅପେକ୍ଷା କରି ଅଛନ୍ତି । ଏକ ଉତ୍ସର୍ଗ ଦ୍ୱାରା ସେ ପବିତ୍ରୀକୃତ ଲୋକ
୧୫ ମାନଙ୍କୁ ଅନନ୍ତ କାଳରେ ସିଦ୍ଧ କରନ୍ତି । ପୁଣି ଏହାର ବିଷୟରେ ଆମ୍ଭମାନ
୧୬ ଙ୍କର ପ୍ରତି ଧର୍ମଆତ୍ମା ସାକ୍ଷ୍ୟ ଦିଅନ୍ତି ଅନ୍ୟ କଥାର ଉତ୍ତରରେ ଏଲେଖା
ଅଛି ପରମେଶ୍ୱର କହନ୍ତି ସେ ଦିନର ଉତ୍ତରେ ଆମ୍ଭେ ସେମାନଙ୍କର ଏହି
ନିୟମ ସ୍ଥିର କରିବା ଆମ୍ଭେ ସେମାନଙ୍କର ଅନ୍ତଃକରଣରେ ବ୍ୟବସ୍ଥା ଦେବା
୧୭ ସେମାନଙ୍କର ମନରେ ତାହା ଲେଖିବା ପୁଣି ସେମାନଙ୍କର ପାପ ଓ ଅପରାଧ
୧୮ ମନରେ ଆଉ ନ କରିବା ଏଣୁ ପାପ ମୋଚନ ହୋଇଲେ ପାପାର୍ଥେ ଉତ୍ସ
ର୍ଗର ଆଉ ପ୍ରୟୋଜନ ନ ଥାଏ ।

୧୯ ହେ ଭାଇମାନେ ଯୀଶୁ ସ୍ୱଶରୀରରୂପ ବସ୍ତ୍ର ଦ୍ୱାରା ଆମ୍ଭମାନଙ୍କର
ନମନ୍ତେ ଜୀବନ ଦାୟକ ନୂତନ ଏକପଥ ପ୍ରସ୍ତୁତ କରିଅଛନ୍ତି ତାହା ଦ୍ୱାରା
୨୦ ମହା ପବିତ୍ର ସ୍ଥାନରେ ପ୍ରବେଶିବାକୁ ତାହାଙ୍କର ରକ୍ତ ଦ୍ୱାରା ଆମ୍ଭମାନଙ୍କର
୨୧ ସାହସ ଅଛି । ପୁଣି ଈଶ୍ୱରର ମନ୍ଦିର ଉପରେ ଆମ୍ଭମାନଙ୍କର ମହାଯାଜକ
୨୨ ଜଣେ ଥିବାରୁ ଆମ୍ଭେମାନେ ପାପ ବୋଧ ବିଷୟରେ ପ୍ରକ୍ଷାଳିତ ମନ ଓ ନର୍ମଳ
ଜଳରେ ଧୌତ ଶରୀର ହୋଇ ସରଳ ଅନ୍ତଃକରଣ ଘନ ଦୃଢ ବିଶ୍ୱାସରେ
୨୩ କର କଟକ୍ଷ ଅସୁଁ । ପୁଣି ଯେ ପ୍ରତିଜ୍ଞା କରିଅଛନ୍ତି ସେ ବିଶ୍ୱସ୍ତ ଏହେତୁ
ପ୍ରତ୍ୟାଶାର ଯେ ବାକ୍ୟ ଆମ୍ଭେମାନେ ସ୍ୱୀକାର କରିଅଛୁଁ, ତାହା ଦୃଢ କର
୨୪ ଧରୁ । ପୁଣି ପ୍ରେମ ଓ ସତ୍କ୍ରିୟାରେ ଏକଜଣରେକ ପ୍ରବର୍ତ୍ତାଇବାକୁ ମନୋ
ଯୋଗ କରୁଁ । ଯୋକାସ୍ଥେ ଲୋକମାନଙ୍କର ନ୍ୟାସ୍ଥ ସଭା କରିବାର ତ୍ୟାଗ
ନ କର ବରଂ ନକଟ ଘନାସ୍ଥେ ଦେଖିଲେ ଅନ୍ଧିର ଉପଦେଶ କରୁଁ ।

୨୬ ସତ୍ୟ ଧର୍ମର ଜ୍ଞାନ ପାଇଲାଉତ୍ତାରେ ଆମ୍ଭେମାନେ ଯେବେ ପୁନର୍ବାର ସ୍ୱେଚ୍ଛା
ରେ ପାପ କର ତେବେ ସେ ପାପର ଆଉ କୌଣସି ପ୍ରାୟଶ୍ଚିତ୍ତ ନ ଥାଏ
୨୭ କେବଳ ଶତ୍ରୁନାଶକ ଜ୍ୱୋଧାନଳର ଓ ଦଣ୍ଡର ଭୟଜନକ ଅପେକ୍ଷା ଥାଏ ।
୨୮ ମୋଶାର ବ୍ୟବସ୍ଥା ଲୁଙ୍ଘ କରିବାରୁ ମନୁଷ୍ୟ ଯେବେ ଦୁଇ ତିନ ସାକ୍ଷି ପ୍ରମାଣେ
୨୯ ଦୟାବର୍জ୍ଜିତ ହତ ହେଲା ତେବେ କୁହ ଯେଉଁ ଜନ ଈଶ୍ୱରର ପୁତ୍ରକୁ ଅବଜ୍ଞା
କରିଛି ଓ ଯେ ନୟମର ରକ୍ତ ଦ୍ୱାରା ସେ ପବିତ୍ରୀକୃତ ହେଲା ତାହା ଅପବିତ୍ର
ଜ୍ଞାନ କରିଛି ଓ ଅନୁଗ୍ରହରୂପ ଆତ୍ମାକୁ ଅପମାନ କରିଛି ସେ କେତେ ବଡ
୩୦ ଘୋରତର ଦଣ୍ଡର ଯୋଗ୍ୟ ହେବ । ଯେହେତୁ ପରମେଶ୍ୱର କହନ୍ତି ପ୍ରତିଫଳ
ଦେବାର ଆମ୍ଭର କର୍ମ ଅମ୍ଭେ ସମୁଚିତ ଦଣ୍ଡ ଦେବା । ପୁନଶ୍ଚ ପରମେଶ୍ୱର
୩୧ ଆପଣା ଲୋକଙ୍କର ବିଚାର କସାପ କରିବେ । ଏକଥା ଯେ କହିଅଛନ୍ତି

ତାହାଙ୍କୁ ଆମ୍ଭେମାନେ ଜାଣି । ଆମର ଈଶ୍ୱରର ହସ୍ତରେ ପଡିବାର ବଡ
ଭୟାନକ ବିଷୟ ।

ତୁମ୍ଭେମାନେ ଯେଉଁ ଦିନରେ ଦୀପ୍ତି ପ୍ରାପ୍ତ ହୋଇ ନାନା ଦୁଃଖରୂପ ଯୁଦ୍ଧ ୩୨
ସଂଗ୍ରାମ ସହିଥିଲ ସେହି ପୂର୍ବ ସମୟକୁ ସ୍ମରଣ କର । ସେବେଳେ ତୁମ୍ଭେ ୩୩
ମାନେ ଅଂଶକ୍ରମରେ ନିନ୍ଦା ଓ କ୍ଲେଶରେ କୌତୁକକୁତ ହୋଇଥିଲ ପୁଣି
ଅଂଶକ୍ରମରେ ଏହିରୂପ ନିନ୍ଦିତ ଲୋକମାନଙ୍କର ସଖା ହୋଇଥିଲ । ଅପର ୩୪
ଆମ୍ଭର ବନ୍ଧନର ଦୁଃଖରେ ତୁମ୍ଭେମାନେ ଦୁଃଖୀ ହୋଇଥିଲ ପୁଣି ସ୍ୱର୍ଗରେ
ତୁମ୍ଭମାନଙ୍କର ଅତ୍ୟୁତ୍ତମ ନିତ୍ୟଧନ ଅଛୁ ଏହା ଜାଣି ଆନନ୍ଦରେ ଅପହୃତ
ସାମଗ୍ରୀର ଲୁଟ ସହିଥିଲ । ଏହେତୁ ଅନେକ ପୁରସ୍କାର ଜନକ ତୁମ୍ଭମା ୩୫
ନଙ୍କର ସାହସ ପରିତ୍ୟାଗ ନ କର । ଯେହେତୁ ତୁମ୍ଭେମାନେ ଯହିଁରେ ଈଶ୍ୱ ୩୬
ରର ଇଚ୍ଛା ପାଳନ କର ପ୍ରତିଜ୍ଞା ଫଳ ପାଅ ଏନିମନ୍ତ୍ତ ସହିଷ୍ଣୁ ହେବାର ତୁମ୍ଭମା
ନଙ୍କର ପ୍ରୟୋଜନ ଅଛୁ । ଯେ ଆସିବେ ସେ ଅଳ୍ପ ଦିନର ମଧ୍ୟରେଇ ୩୭
ଆସିବେ ବିଳମ୍ବ ନ କରିବେ । ଧାର୍ମିକ ଯେ ସେ ବିଶ୍ୱାସ ଦ୍ୱାରା ବଞ୍ଚିବ ମାତ୍ର ୩୮
ଯେବେ ଧର୍ମ ତ୍ୟାଗ କରଇ ତେବେ ତାହାଂରେ ଈଶ୍ୱରର ଆତ୍ମା ସନ୍ତୁଷ୍ଟ ନୋ
ହିବେ । ପୁଣି ଆମ୍ଭେମାନେ ବିନାଶ ପର୍ଯ୍ୟନ୍ତ ଧର୍ମତ୍ୟାଗିମାନଙ୍କର ମଧ୍ୟରେ ୩୯
ନୋହୁ ଅତ୍ତୁର ପରମାତ୍ମାଙ୍କର ପର୍ଯ୍ୟନ୍ତ ବିଶ୍ୱାସିମାନଙ୍କର ମଧ୍ୟରେ ଅଟୁଁ ।

## ୧୧ ପତ୍ର ।

ବିଶ୍ୱାସ ଯେ ସେ ଭରସା କରିବା ବିଷୟର ନିଶ୍ଚୟୀକାରୀ ପୁଣି ଅଦୃଶ୍ୟ ବିଷ ୧
ୟର ପ୍ରମାଣଦାତା* ଅଟଇ । ଏଣୁ ଏହା ଦ୍ୱାରା ପାଙ୍ଗନମାନେ ସୁଖ୍ୟାତି ପାଇ ୨
ଲେ । ଅତ୍ତ ଈଶ୍ୱରର ବାକ୍ୟ ଦ୍ୱାରା ଜଗତ ସୃଷ୍ଟି ହେଲା ପୁଣି କୌଣସି ପ୍ରତ୍ୟକ୍ଷ ୩
ବସ୍ତୁରୁ ଏହ ସମସ୍ତ ଦୃଶ୍ୟ ବସ୍ତୁର ସୃଷ୍ଟି ନୋହିଲା ଏହା ଆମ୍ଭେମାନେ ବିଶ୍ୱାସ
ଦ୍ୱାରା ଜାଣି । ପୁଣି ହାବିଲ ବିଶ୍ୱାସ ଦ୍ୱାରା କାଯିନଠାରୁ ଈଶ୍ୱରର ଉଦ୍ଦେ ୪
ଶରେ ଶ୍ରେଷ୍ଠ ବଳି ଉତ୍ସର୍ଗ କର ତାହାର ସେହ ଦାନର ପ୍ରତି ଈଶ୍ୱରର
ସାକ୍ଷ୍ୟ ଦ୍ୱାରା ଆପେଁ ଯେ ଧାର୍ମିକ ଏନିମନ୍ତ୍ତ ପ୍ରମାଣ ପାଇଲା ବକାରଣ ସେ ମୃତ
ହେଲେହେଁ ଅଦ୍ୟାବଧି କଥା କହୁଅଛୁ । ତହିଁଉତ୍ତାରେ ହନୋକ ବିଶ୍ୱା ୫
ସର ଦ୍ୱାରା ମୃତ୍ୟୁର ଆସ୍ୱାଦନ ନ ପାଇ ଅନ୍ତର୍ହିତ ହେଲେ । ଅତ୍ତ ଈଶ୍ୱର
ତାହାଙ୍କୁ ଅନ୍ତର୍ହିତ କଲେ କେହ ତାହାର ଉଦ୍ଦେଶ ନ ପାଇଲେ ପୁଣି ଅନ୍ତ
ର୍ଦ୍ଧାନର ପୂର୍ବରେ ସେ ଯେ ଈଶ୍ୱରର ସନ୍ତୋଷ ଜନ୍ମାଇ ଥିଲା ତାହାର ଏନିମନ୍ତ୍ତ

* ଅବା ବିଶ୍ୱାସ ଭରସା କରିବା ବିଷୟର ସାର ପୁଣି ଅଦୃଶ୍ୟ ବିଷୟର
ପ୍ରତ୍ୟକ୍ଷକାରୀ ।

୭ ପ୍ରମାଣ ଥିଲା । ପୁଣି ବିଶ୍ୱାସ ବିନୁ ଈଶ୍ୱରଙ୍କୁ ତୁଷ୍ଟ କରିବାର ଅସାଧ୍ୟ ।
ଈଶ୍ୱର ଯେ ବର୍ତ୍ତମାନ ଓ ଆପଣାର ଅନ୍ୱେଷଣକାରିମାନଙ୍କର ପୁରସ୍କାର
ଦାତା ଏକଥାରେ ଈଶ୍ୱରଙ୍କର କତିରେ ଆସନ୍ତା ଲୋକର ବିଶ୍ୱାସ କରିବାର
୭ କର୍ତ୍ତବ୍ୟ । ଆଉ ନୋହ ବିଶ୍ୱାସରେ ଅପ୍ରତ୍ୟକ୍ଷ ଭବିଷ୍ୟତ୍ ବିଷୟରେ ଈଶ୍ୱର
ଠାରୁ ପ୍ରତ୍ୟାଦେଶ ପାଇ ଭୟାର୍ତ୍ତ ହୋଇ ନିଜ ପରିଜନ ରକ୍ଷାର ନିମନ୍ତେ
ଏକ ଜାହାଜ ନିର୍ମାଣ କଲା ତହିଂରେ ସେ ଜଗତ୍ଜନର ଦୋଷ ଦେଖାଇ
୮ ବିଶ୍ୱାସଜାତ ଧର୍ମର ଅଧିକାରୀ ହେଲା । ଆଉ ଅବ୍ରହାମ ପ୍ରାପ୍ତବ୍ୟ ଅଧିକାର
ସ୍ଥାନରେ ଯାତ୍ରା କରିବାକୁ ନିମନ୍ତ୍ରିତ ହେଲେ ବିଶ୍ୱାସରେ ଆଜ୍ଞାବହ ହେଲା
ପୁଣି କେଉଂଠାକୁ ଯିବାର ହୁଅଇ ତାହା ନ ଜାଣିଲେହେଂ ଯାତ୍ରା କଲା ।
୯ ସେହି ପ୍ରତିଜ୍ଞାର ଅଂଶାଧିକାରୀ ଯେ ଇସ୍‌ହାକ ଓ ଯାକୁବ ଏମାନଙ୍କର ସଙ୍ଗେ
ସେ ବିଶ୍ୱାସ ଦ୍ୱାରା ତମ୍ବୁରେ ବାସ କରି ବିଦେଶର ନ୍ୟାୟ ପ୍ରତିଜ୍ଞାତ ଦେଶରେ
୧୦ ପ୍ରବାସ କଲା । ଯେହେତୁରୁଂ ସେ ଈଶ୍ୱରର ନିର୍ମିତ ଓ ରକ୍ଷିତ ଏକ ଭିତ୍ତିମୂଳ
୧୧ ଯୁକ୍ତ ନଗରର ଅପେକ୍ଷାରେ ଥିଲା । ଆଉ ସାରା ପ୍ରତିଜ୍ଞାକାରିକୁ ବିଶ୍ୱାସ୍ୟ
ଜ୍ଞାନ କରିବାରେ ରଜୋନିବୃତ୍ତ ହେଲେହେଂ ବିଶ୍ୱାସରେ ଗର୍ଭଧାରଣ କରି
୧୨ ବାର ଶକ୍ତି ପାଇ ପୁତ୍ର ପ୍ରସବ କଲା । ଏଥିପାଇଁ ମୃତପରି ଏକ ବ୍ୟକ୍ତିଠାରୁ
ଆକାଶର ନକ୍ଷତ୍ରଗଣର ନ୍ୟାୟ ଓ ସମୁଦ୍ର ତୀରସ୍ଥ ବାଲିର ପରି ଅସଂଖ୍ୟ
୧୩ ଲୋକ ଉତ୍ପନ୍ନ ହୋଇଲେ । ଏମାନେ ସବୁ ବିଶ୍ୱାସ ପ୍ରମାଣେ ପ୍ରାଣ ଛାଡିଲେ
ସେମାନେ ପ୍ରତିଜ୍ଞାତ ଫଳ ପ୍ରାପ୍ତ ନୋହିଲେ ମାତ୍ର ଦୂରରେ ତାକୁ ଦେଖି
ଶ୍ରଦ୍ଧାକରି ଆଲିଙ୍ଗନ କରିବାରୁଂ ସଂସାରରେ ବିଦେଶୀ ଓ ପ୍ରବାସୀ ଆପଣା
୧୪ ମାନଙ୍କୁ ସ୍ୱୀକାର କଲେ । ଯେଣୁ ଯେଉଂମାନେ ଏମନ୍ତ କଥା ସ୍ୱୀକାର
କରନ୍ତି ସେମାନେ ଆପଣା ଦେଶ ଅନ୍ୱେଷଣ କରୁଛନ୍ତି ଏହା ସ୍ପଷ୍ଟକରି ବୋ
୧୫ ଲନ୍ତି । ଆଉ ସେମାନେ ଯେଉଂ ଦେଶ ପରିତ୍ୟାଗ କରି ଆସିଥିଲେ ତାହା
ଯେବେ ସ୍ମରଣ କରନ୍ତି ତେବେ ଅବଶ ସେ ଦେଶକୁ ପ୍ରତ୍ୟାଗମନର ସୁଯୋଗ
୧୬ ପାଇବାକୁ ପାରନ୍ତେ । ପୁଣି ସେମାନେ ଅତ୍ୟୁତ୍ତମ ଦେଶର ଅର୍ଥାତ୍ ସ୍ୱର୍ଗୀୟ
ଦେଶର ଭରସାକାରୀ ଥିଲେ ଏଣୁ ଈଶ୍ୱର ସେମାନଙ୍କର ଈଶ୍ୱରଉପରେ
ବିଖ୍ୟାତ ହେବାକୁ ଲଜ୍ଜିତ ନୁହନ୍ତି ଯେହେତୁ ସେ ସେମାନଙ୍କର ନିମନ୍ତେ ଏକ
୧୭ ନଗର ସ୍ଥାପନ କରିଅଛନ୍ତି । ପୁଣି ଅବ୍ରହାମ ପରୀକ୍ଷିତ ହୋଇ ବିଶ୍ୱାସରେ
ଇସ୍‌ହାକକୁ ଉତ୍ସର୍ଗ କଲା ଅର୍ଥାତ୍ ଇସ୍‌ହାକରେ ତୁମ୍ଭର ବଂଶ ବିଖ୍ୟାତ ହେବ
୧୮ ସେ ଏପ୍ରତିଜ୍ଞା ପାଇଲା ଉତ୍ତାରେ ଯାହାର ବିଷୟରେ ଏମନ୍ତ ଉକ୍ତ ଥିଲା ସେହି
୧୯ ଅଦ୍ୱିତୀୟ ପୁତ୍ର ଇସ୍‌ହାକକୁ ଉତ୍ସର୍ଗ କଲା । ଯେହେତୁ ଈଶ୍ୱର ତାହାକୁ ମୃତା
ବସ୍ଥାରୁ ଉଠାଇବାକୁ ସମର୍ଥ ସେ ଏହା ସ୍ଥିର ମଣିଲା ପୁଣି ତଦନୁସାରେ

ଦୃଷ୍ଟାନ୍ତର ନିମନ୍ତେ ସେହି ଅବସ୍ଥାରୁ ତାହାକୁ ଗ୍ରହଣ କଲେ । ବିଶ୍ୱାସରେ ଇସ୍ ୧୦
ହାକ ଯାକୁବ ଓ ଏସୌକୁ ଭବିଷ୍ୟତ୍ର ବିଷୟରେ ଆଶୀର୍ବାଦ କଲା । ବିଶ୍ୱାସ ୧୧
ରେ ଯାକୁବ ଆପଣା ମରଣ କାଳରେ ଯୁଷଫର ଦୁଇ ପୁତ୍ରକୁ ଆଶୀର୍ବାଦ
କଲା ପୁଣି ଯଷ୍ଟିର *ଅଗ୍ରଭାଗରେ [ଆଉଜି] ଆରାଧନା କଲା । ଆଉ ଯୁଷଫ ୧୧
ବିଶ୍ୱାସରେ ସ୍ୱମରଣକାଳରେ ଇଶ୍ରାୟେଲର ସନ୍ତାନମାନଙ୍କୁ ମିଶର ଦେଶରୁ
ଯାତ୍ରାର କଥା କହି ଆପଣା ଅସ୍ଥି ବିଷୟରେ ଆଜ୍ଞା ଦେଲା । ତହିଂଉତ୍ତାରେ ୧୩
ମୋଶା ଭୂମିଷ୍ଠ ହେଲେ ଅତି ସୁନ୍ଦର ଦିଶିବାରେ ତାହାର ପିତା ମାତା ରାଜାର
ଆଜ୍ଞାରେ ଭୀତ ନୋହି ବିଶ୍ୱାସରେ ତାହାକୁ ତିନି ମାସ ପର୍ଯ୍ୟନ୍ତେ ଲୁଚାଇ
କରି ରଖିଲେ । ଏଉତ୍ତାରୁ ସେ ବୟସ ପ୍ରାପ୍ତ ହୁଅନ୍ତେ ବିଶ୍ୱାସରେ ଫାରୋଂ ୧୪
ରାଜାର ନାତୀଋପରେ ବିଖ୍ୟାତ ହେବାକୁ ନ ମଙ୍ଗିଲା । ଯେଣୁ ସେ ପାପଜାତ ୧୫
କ୍ଷଣକ ସୁଖ ଭୋଗଠାରୁ ଈଶ୍ୱରର ଲୋକର ସଙ୍ଗେ ଦୁଃଖ ଭୋଗ କରିବାକୁ
ବାଞ୍ଛା କଲେ ପୁଣି ପୁରଷ୍କାରର ପ୍ରତି ଦୃଷ୍ଟି କରି ମିଶର ଦେଶୀୟ ସମସ୍ତ ସମ୍ପ ୧୬
ତ୍ତିରୁ ଖ୍ରୀଷ୍ଟର ନିମନ୍ତେ ନିନ୍ଦିତ ହେବାର ଭଲ ମଣିଲା । ଏଥିଉତ୍ତାରୁ ଯେ ୧୭
ଅଦୃଶ୍ୟ ତାହାଙ୍କର ଦର୍ଶନ ପାଇବା ପ୍ରମାଣେ ସେ ସୁସ୍ଥିର ହୋଇ ରାଜାର
କ୍ରୋଧରେ ଭୀତ ନୋହି ବିଶ୍ୱାସରେ ମିଶର ଦେଶକୁ ପରିତ୍ୟାଗ କଲା ।
ଆଉ ପ୍ରଥମ ଜାତମାନଙ୍କର ସଂହାରକର୍ତ୍ତା ଆପଣା ଲୋକମାନଙ୍କୁ ଯେମନ୍ତ ୧୮
ସ୍ପର୍ଶ ନ କରଇ ଏହି ନିମନ୍ତେ ସେ ବିଶ୍ୱାସରେ ନିସ୍ତାର ଭୋଜ ପୁଣି ରକ୍ତ
ପ୍ରକ୍ଷେପ ବିଧି ପାଲଣ କଲା । ସେମାନେ ବିଶ୍ୱାସରେ ଶୁଷ୍କ ଭୂମିରେ ଗମନର ୧୯
ନ୍ୟାୟ ସୁଫ ସାଗରର ମଧ୍ୟ ଦେଇ ଗମନ କଲେ ପୁଣି ମିଶରୀୟ ଲୋକମାନେ
ସେଉପ କରିବାକୁ ଉଦ୍ୟତ ହେବାରେ ମଗ୍ନ ହେଲେ । ବିଶ୍ୱାସରେ ସାତଦିନ ୩୦
ପର୍ଯ୍ୟନ୍ତେ ଯୀରୀଖୋ ନଗରର ପାଚେରୀ ପ୍ରଦକ୍ଷିଣ କରିବାରେ ସେ ପାଚେରୀ
ପଡି ଗଲା । ବିଶ୍ୱାସରେ ରାହାବ୍ ନାମରେ ବେଶା ଚରଗଣକୁ କୁଶଳରେ ୩୧
ଅତିଥି କରିବାରେ ଅବିଶ୍ୱାସିଗଣର ସଙ୍ଗେ ବିନଷ୍ଟ ନୋହିଲା ।

ଅଧିକ କି କହିବା ଗିଦିୟୋନ ବାରକ ଶାମଶୋନ ଯିଫତାହ ଦାଉଦ ୩୨
ଶାମୁୟେଲ ଭବିଷ୍ୟତ୍ରବକ୍ତାମାନେ ଏହି ସମସ୍ତର ବୃତ୍ତାନ୍ତ କହିବାର ପାଁଇ
ସମୟ ନ ଅଣ୍ଟିବ । ସେମାନେ ବିଶ୍ୱାସ ଦ୍ୱାରା ରାଜ୍ୟ ପରାସ୍ତ କଲେ ଧର୍ମକର୍ମ ୩୩
ସାଧିଲେ ପ୍ରତିଜ୍ଞାମାନ ପାଇଲେ ସିଂହର ମୁଖ ବନ୍ଦକଲେ ନିୟାଁର ତେଜ ଶକ୍ତି
ନିଭାଇଲେ ଖଡ୍‌ଗର ଦାତରୁ ମୁକ୍ତ ହେଲେ ଦୁର୍ବଳ ହୋଇ ବଳବନ୍ତ ହୋ ୩୪
ଇଲେ ଯୁଦ୍ଧରେ ଜୟଯୁକ୍ତ ହୋଇ ବିପକ୍ଷଗଣର ସୈନ୍ୟ ପରାସ୍ତ କଲେ । ନାରୀ ୩୫
ଗଣ ଉତ୍ସାନ ଦ୍ୱାରା ଆପଣା୨ ମୃତମାନଙ୍କୁ ସଜୀବ ହୋଇ ପାଇଲେ । ଆଉ

* ଅବା ଖଟର ମୁଣ୍ଡରେ ଆଉଜି ।

ମାନେ ଶ୍ରେଷ୍ଠତର ଉତ୍ଥାନ ପାଇବାର ନମନ୍ତେ ରକ୍ଷାର ପ୍ରତୀକ୍ଷା ନ କରି
୩୬ ବାରଂ ପ୍ରହାରରେ ଯନ୍ତ୍ରଣା ଭୋଗ କଲେ । ଆଉ ମାନେ ନିନ୍ଦା କୋରଡାମାଡ
୩୭ ଆବର ବନ୍ଧନ ଓ କାରାଗାରରେ ପରୀକ୍ଷିତ ହେଲେ । ସେମାନେ ଅବା
ପଥର ଅଘାତରେ ହତ କଅବା କରତ ଦ୍ୱାରା ଦ୍ୱିଖଣ୍ଡ କ ପରୀକ୍ଷିତ କ ଖଡ୍ଗ
୩୮ ଦ୍ୱାରା ନଷ୍ଟ ହେଲେ । ସେମାନେ ମେଷର ଓ ଛଗଲର ଚର୍ମରେ ଆଚ୍ଛାଦିତ ଦୀନ
ହୀନ ଦୁଃଖିତ ଓ ତାଡିତ ହୋଇ ଅରଣ୍ୟରେ ପର୍ବତରେ ପୃଥିବୀର ଗୁହା
ଗହ୍ୱରମାନରେ ଭ୍ରମଣ କଲେ ଏହି ସଂସାର ସେମାନଙ୍କର ଯୋଗ୍ୟ ନୋହଲା ।
୩୯ ଏହି ସମସ୍ତେ ବଶ୍ୱାସରେ ସୁଖ୍ୟାତି ପାଇଲେ ପୁଣି ପ୍ରତିଜ୍ଞାତ ଫଳ ପ୍ରାପ୍ତ ନୋ
୪୦ ହଲେ । ଯେହେତୁ ଈଶ୍ୱର ଅସ୍ମମାନଙ୍କର ନମନ୍ତେ କୌଣସି ଅତ୍ୟୁତ୍ତମ ବିଷୟ
ପ୍ରସ୍ତୁତ ରଖି ଅସ୍ମମାନଙ୍କର ବିନା ସେମାନଙ୍କୁ ସିଦ୍ଧ ହେବାକୁ ନ ଦେଲେ ।

୧୩ ପତ୍ର ।

୧ ଅସ୍ମେମାନେ ଏତେ ସାକ୍ଷିରୂପ ମେଘରେ ବେଷ୍ଟିତ ହେବାରୁ ଆସ ପ୍ରତ୍ୟେକ
ଭାର ଓ ଅନାସ୍ୱାସ କାଯକ ପାପକୁ ତ୍ୟାଗ କର ସହିଷ୍ଣୁ ହୋଇ ଅସ୍ମମାନଙ୍କର
ଗମନର ନିରୂପିତ ପଥରେ ଧାଇଁ ଅସ୍ମମାନଙ୍କର ଧର୍ମର ଅଦ୍ୱିତୀୟ ଓ ସିଦ୍ଧିଦାତା
୨ ଯୀଶୁକୁ ଲକ୍ଷ୍ୟ କରୁଁ । ସେ ଅପଣା ସମ୍ମୁଖସ୍ଥ ଆନନ୍ଦ ଅନୁରୋଧେ ଅପମାନ
ଗୁଚ୍ଛ ବୋଧ କର କ୍ରୁଶର ଯନ୍ତ୍ରଣା ସମ୍ଭାଳି ଈଶ୍ୱରର ସିଂହାସନର ଦକ୍ଷିଣ
୩ ପାର୍ଶ୍ୱରେ ବସିଅଛନ୍ତି । ଏଣୁ ତୁମ୍ଭେମାନେ ଯେମନ୍ତ ଅପଣାମା ମନରେ କ୍ଲାନ୍ତ
କ୍ଲାନ୍ତ ନ ହୁ ଏଥିପାଇଁ ଯେ ପାପିଗଣଠାରୁ ଅପଣା ବିରୁଦ୍ଧରେ ଏତେ ପ୍ରତିକୂ
୪ ଲାଚରଣ ସହିଲେ ତାହାଙ୍କୁ ସୁବିବେଚନା କର । ତୁମ୍ଭେମାନେ ଏଯାବତ୍
ପାପର ବିରୁଦ୍ଧରେ ଯୁଦ୍ଧ କର ରକ୍ତ ବ୍ୟୟ ପର୍ଯ୍ୟନ୍ତ ପ୍ରତିଯତ୍ନ କର ନାହଁ ।
୫ ଆଉ ପୁତ୍ରଗଣର ପର ତୁମ୍ଭମାନଙ୍କର ପ୍ରତି ଯେ ଉପଦେଶ ଉକ୍ତ ଅଛି ତାହା
୬ କି ଭୁଲିଅଛ । ହେ ଅମ୍ମର ପୁତ୍ର ତୁମ୍ଭେ ପରମେଶ୍ୱରର ଦତ୍ତ ଶାସ୍ତ୍ରିକୁ ତୁଚ୍ଛ
ନ କର ପୁଣି ତାହାଙ୍କଠାରୁ ଧମକ ପାଇ କ୍ଲାନ୍ତ ନୁନ ଯେହେତୁ ପରମେଶ୍ୱର
ଯାହାକୁ ପ୍ରେମ କରନ୍ତି ତାହାକୁଇ ଶାସ୍ତ୍ରି ଦିଅନ୍ତି ପୁଣି ଯେ ପ୍ରତ୍ୟେକ ପୁତ୍ରକୁ
୭ ଗ୍ରାହ୍ୟ କରନ୍ତି ତାହାକୁଇ ପ୍ରହାର କରନ୍ତି । ଏହିହେତୁରୁ ତୁମ୍ଭେମାନେ
ଯେବେ ଶାସ୍ତ୍ରି ସମ୍ଭାଳ ତେବେ ଈଶ୍ୱର ତୁମ୍ଭମାନଙ୍କର ସଙ୍ଗେ ପୁତ୍ରତ୍ୱରେ
ବ୍ୟବହାର କରନ୍ତି ଯେହେତୁ ପିତା ଯାହାକୁ ଶାସ୍ତ୍ରି ନ ଦିଅନ୍ତି ଏମନ୍ତ ପୁତ୍ର
୮ କେ । ପୁଣି ଯେ ଶାସ୍ତ୍ରି ସମସ୍ତର ଅଧିକାର ଅଛି ତାହା ଯେବେ ତୁମ୍ଭମାନ
ଙ୍କର ନୋହେ ତେବେ ତୁମ୍ଭେମାନେ ପୁତ୍ର ନୋହ କିନ୍ତୁ ଜାରଜାତକ
୯ ଅଛ । ଆମ୍ଭେମାନେ ଯେବେ ଆପଣାମାନଙ୍କର ଶାରୀରିକ ଶାସ୍ତ୍ରିକାର ପିତୃ

ଗଣର ସନ୍ଧାନ କଲୁଁ ତେବେ କ ଉତ୍ତୋଧିକ ଅପଣାମାନଙ୍କର ଆଗୁର ପିତାର
ବଶୀଭୂତ ହୋଇ ନ ବଞ୍ଚିବା । ସେମାନେ ଅଳ୍ପ ଦନରେ ଅପଣାୀ ଇଚ୍ଛା ୧୦
ଅନୁସାରେ ଶାସ୍ତି ଦେଲେ ସେ ଆମ୍ଭମାନଙ୍କର ହତର ନମନ୍ତେ ଅର୍ଥାତ୍ ଅପଣା
ପବଏତାର ଅଧିକାୀ କରବା ପାଇଁ ଆମ୍ଭମାନଙ୍କୁ ଶାସ୍ତି ଦଅନ୍ତି । ଶାସ୍ତି ବର୍ତ୍ତ ୧୧
ମାନ ସମୟରେ ଜଣ୍ଟହଂ ଅନନ୍ଦ ଜନକ ନୁହଇ ପୁଣି ଦୁଃଖ ଜନକ ହୁଅର
ଉଥାପି ପଚ୍ଛେ ଶାସନ ପ୍ରାପ୍ତ ଲୋକମାନଙ୍କୁ ଶାନ୍ତିଦାୟକ ଧର୍ମଯୁପ ଫଳ
ଉପଯାୟ କରଇ ।

ଏହେବ୍ରୁରଂ ତୁମ୍ଭେମାନେ ଅବଶ ହସ୍ତ ଓ ଦୁବଳ ଆଣ୍ଠୁ ସବଳ କର ୧୨
ପୁଣି ଯହଂରେ ଦୁବଳର ସନ୍ଧିସ୍ଥାନ ଭଗ୍ନ ନୁହଇ ସୁସ୍ଥ ଥାଏ, ତରଶର ନମ ୧୩
ନ୍ତେ ଏମନ୍ତ ସରଳ ପଥ କର । ସମସ୍ତର ସଙ୍ଗେ ମିଳଣ ପୁଣି ଯାହା ବନୁ ୧୪
କେହ ପରମେଶରର ଦର୍ଶନ ନ ପାଇବ ଏମନ୍ତ ଯେ ଧର୍ମଯଣ ତାହା ଚେଷ୍ଟା
କର । କେହ ଅବା ଈଶ୍ୱରର ଅନୁଗ୍ରହର ପତାଇ କଅବା ତିକ୍ତତାର ମୂଳ ୧୫
ଉତ୍ପନ୍ନ ହୋଇ ଦୁଃଖ ଦଅଇ ପୁଣି ତାହା ଦ୍ୱାରା ଅନେକେ ଅପବଏ ହୁଅନ୍ତି
ଅବା କେହ ପଚ୍ଛେ ଲମ୍ପଟ କଅବା ଥରେ ଖାଦ୍ୟର ନମନ୍ତେ ଅପଣା ଜ୍ୟେଷ୍ଠ ୧୬
ଭଗ ବଜ୍ରପୂର୍କାତ୍ମା ଯେ ଏସୌ ତାହାର ନ୍ୟାୟ ବଧମୀଶ୍ୱର ହୁଅନ୍ତି ଏବଷ
ୟରେ ଅତ ଜାଗ୍ରତ ହୁଅ । ଯେହେତୁ ପଶ୍ଚାତରେ ଅଶୀବାଦର ଅଧିକାୀ ୧୭
ହେବାକୁ ପ୍ରାର୍ଥନା କଲେ ସେ ଅଗ୍ରାହ୍ୟ ହେଲ ପୁଣି ସଜଳ ନୟନରେ
ଚେଷ୍ଟା କଲେହେଂ [ପିତାର] ମନ ଫେରାଇବାକୁ ଉପାୟ ନ ପାଇଲ ଏହା
ତୁମ୍ଭେମାନେ ଜାଣ ।

ଆଉ ସ୍ପର୍ଶ୍ୟ ପର୍ବତ ପ୍ରଜ୍ୱଳିତଅଗ୍ନି ଆଁଧି ଅନ୍ଧକାର ଝଡ ତୁଫାରବାଦ୍ୟ ୧୮
ପୁଣି ବାକ୍ୟର ରବ ଏହ ସମସ୍ତର ନକଟରେ ତୁମ୍ଭେମାନେ ଆସି ନାହଁ । ୧୯
ଶ୍ରୋତୃବର୍ଗ ଏହା ଶୁଣି ଅପଣାମାନଙ୍କର ପ୍ରତ ଏମନ୍ତ ରବ ଯେମନ୍ତ ଆଉ ନ
ହୁଅଇ ଏହ ପ୍ରାର୍ଥନା କଲେ । ସେମାନେ ଆଜ୍ଞା ସହବାକୁ ନ ପାରଲେ ପୁଣି ୨୦
କୌଣସି ପଶୁ ଯେବେ ପର୍ବତକୁ ସ୍ପୁଅଇ ତେବେ ସେ ପ୍ରସ୍ତରଘାତରେ କବା
ଶୂଳରେ ହତ ହୁଅଇ ସେହ ଦର୍ଶନ ଏମନ୍ତ ଭୟଙ୍କର ଯେ ମୋଶା କହିଲ ୨୧
ଆମ୍ଭେ ବଡ ତ୍ରାଉ ଓ କମ୍ପିତ ଅଟୁଁ । ପୁଣି ସୀୟୋନ ପର୍ବତ ଅମର ଈଶ ୨୨
ରରନଗର ଅର୍ଥାତ୍ ସ୍ୱର୍ଗୀୟ ଯିରୂଶାଲମ ଅସଂଖ୍ୟ ଦବ୍ୟଦୂତର ସଭା ସ୍ୱର୍ଗ ୨୩
ରେ ଲେଖିତ ପ୍ରଥମଜାତ ସମୂହର ସଂଗ୍ରହ ମଣ୍ଡଳୀ ଜଗତର ବଚାରକର୍ତ୍ତା ୨୪
ଈଶ୍ୱର ସାଧୁ ସିଦ୍ଧ ଲୋକମାନଙ୍କର ଆତ୍ମାଗଣ ନୂତନ ନୟମର ମଧ୍ୟସ୍ଥ
ଯୀଶୁ ପୁଣି ହାବଲର ରକ୍ତଠାରୁ ମଙ୍ଗଳବାଦୀ ପ୍ରୋକ୍ଷଣର ରକ୍ତ, ଏହ ସମ
ସ୍ତର ନକଟରେ ତୁମ୍ଭେମାନେ ଆସିଅଛ ।

୧୫ ସାବଧାନ ବାକ୍ୟବାଦୀଙ୍କୁ ତୁମ୍ଭେମାନେ ଅବଜ୍ଞା ନ କର ଯେହେତୁ ଲୋକ
ମାନେ ଯେବେ ପୃଥିବୀସ୍ଥ ବାକ୍ୟବାଦୀକୁ ଅବଜ୍ଞା କରି ନ ବଞ୍ଚିଲେ ତେବେ
ସ୍ୱର୍ଗୀୟ ବାକ୍ୟବାଦକରୁ ବିମୁଖ ହେଲେ ଆମ୍ଭମାନଙ୍କର ବଞ୍ଚିବାର ଅହୁରି ଅ
୧୬ ସାଧ୍ୟ । ସେବେଳେ ତାହାଙ୍କର ରବ ପୃଥିବୀକି ହଲାଇଲା ପୁଣି ଏବେ ସେ
ଏହି ପ୍ରତିଜ୍ଞା କଲେ ଆମ୍ଭେ ଆଉ ଥରେ ପୃଥିବୀକୁ ହଲାଇବା ତାହା କେବଳ
୧୭ ନୋହେ ଆକାଶକୁଇ ହଲାଇବା । ଆଉ ଥରେ କଥା କହିବାରେ ସେ ଏହି
ବୋଧ ଦିଅନ୍ତି ଯେ ଅଟଳ ବସ୍ତୁର ରହିବା ନିମନ୍ତେ ଟଳଟଳ ବସ୍ତୁ ସବୁ ନିର୍ମିତ
୧୮ ପରି ହୋଇ ସ୍ଥାନାନ୍ତରୀକୃତ ହୋଇବ । ଏହି ହେତୁରୁଂ ଆମ୍ଭେମାନେ ଅଟଳ
ରାଜ୍ୟ ପ୍ରାପ୍ତ ହେବାରୁଂ ଆମ୍ଭେମାନେ ଅନୁଗ୍ରହ ପାତ୍ର ହୋଇ ଭୟ ଓ ଭକ୍ତି
୧୯ ରେ ଗ୍ରାହ୍ୟରୂପରେ ଈଶ୍ୱରର ସେବା କରି ଥାଉଁ । ଯେଣୁ ଆମ୍ଭମାନଙ୍କର
ଈଶ୍ୱର ସଂହାରକ ଅଗ୍ନିସ୍ୱରୂପ ।

## ୧୩ ପର୍ବ ।

୧ ଭ୍ରାତୃ ପ୍ରେମ ରହି ଥାଉ । ଅତିଥ୍ୟ ବ୍ୟବହାର ନ ପାସୋର ଯେହେତୁ
୨ ତହିଁରେ କେହି ନ ଜାଣି ଦିବ୍ୟ ଦୂତଗଣକୁଇ ଅତିଥି କରିଅଛନ୍ତି । ବନ୍ଦିଗ
୩ ଣକୁ ଆପଣାମାନଙ୍କର ସହବନ୍ଦି ମଣି ସ୍ମରଣ କର ପୁଣି ଆପଣାମାନଙ୍କୁ ଦେ
୪ ହଯୁକ୍ତ ଜାଣି ଦୁଃଖି ଲୋକମାନଙ୍କୁ ସ୍ମରଣ କର । ବିବାହ ସମସ୍ତଙ୍କଠାରେ
ମର୍ଯ୍ୟାଦାଦାୟକ ଓ ତାହାର ଶଯ୍ୟା ଶୁଚି ପୁଣି ବ୍ୟଭିଚାରୀ ପାରଦାରିକ
୫ ଅଦିମାନଙ୍କୁ ଈଶ୍ୱର ଦଣ୍ଡ ଦେବେ । ତୁମ୍ଭେମାନେ ଲୋଭ ଶୂନ୍ୟ ଆଚାରି ହୋଇ
ବର୍ତ୍ତମାନ ପ୍ରାପ୍ତ ଦ୍ରବ୍ୟରେ ସନ୍ତୁଷ୍ଟ ଥାଅ ଯେହେତୁ ଈଶ୍ୱର କହିଅଛନ୍ତି
ଆମ୍ଭେ ତୁମ୍ଭକୁ କଦାଚ ନ ଛାଡିବା ଆମ୍ଭେ ତୁମ୍ଭକୁ କଦାଚ ତ୍ୟାଗ ନ କରିବା ।
୬ ଏଣୁ ଈଶ୍ୱର ଆମ୍ଭର ସହାୟ ହେବାରେ ମନୁଷ୍ୟ ଯାହା କରି ପାରିବେ
ତହିଁରେ ଆମ୍ଭର ଡର ନୋହେ ଏକଥା ଆମ୍ଭେମାନେ ନିର୍ଭୟରେ କହିବାକୁ
୭ ପାରି । ତୁମ୍ଭମାନଙ୍କର ଉପରେ ଯେଉଁମାନେ ବେବର୍ତ୍ତାପଣ* କରି ତୁମ୍ଭମାନଙ୍କୁ
ଈଶ୍ୱରଙ୍କର ବାକ୍ୟ ପ୍ରଚାର କରିଅଛନ୍ତି ସେମାନଙ୍କୁ ସ୍ମରଣ କରି ସେମାନ
ଙ୍କର ଆଚରଣର ଅଭିପ୍ରାୟ ବୁଝି ସେମାନଙ୍କର ବିଶ୍ୱାସର ଅନୁକାରୀ ହୁଅ ।
୮ ଯୀଶୁ ଖ୍ରୀଷ୍ଟ କାଲି ଆଜି ସର୍ବଦାଇ ସମଭାବରେ ଅଛନ୍ତି ।
୯ ଯେଉଂ ଖାଦ୍ୟ ବିଶେଷ ତଦ୍‌ବ୍ୟବହାରିମାନଙ୍କର ଲାଭ ଶୂନ୍ୟ ହେଲା
ତହିଁରେ ଅନ୍ତଃକରଣର ପୋଷଣ ନୋହି ବରଞ୍ଚ ଅନୁଗ୍ରହରେ ପୋଷଣ ହେ
୧୦ ବାର ଭଲ । ଯେଉଂ ବେଦୀର ସାମଗ୍ରୀ ତମ୍ବୁସ୍ଥିତ ସେବକମାନଙ୍କର ଭୋଜନ

* ଅବା ଗୁରୁପଣ ।

କରିବା ଉଚିତ ନୋହେ ଏମନ୍ତ ଏକ ଯଜ୍ଞବେଦୀ ଆମ୍ଭମାନଙ୍କର ଅଛି । ୧୧ ଆଉ ପାପମୋଚନାର୍ଥରେ ଯେ ପଶୁଗଣର ରକ୍ତ ମହା ଯାଜକ ଦ୍ୱାରା ମହା ପବିତ୍ର ସ୍ଥାନରେ ଅଣା ଯାଏ, ସେମାନଙ୍କର ଶରୀର ଶିବିରର ବାହାରେ ଦଗ୍ଧ ହୁଅଇ । ୧୨ ଏହି ହେତୁରୁ ଯୀଶୁ ଆପଣା ରକ୍ତ ଦ୍ୱାରା ଲୋକମାନଙ୍କୁ ପବିତ୍ର କରି ନିମନ୍ତେ ନଗର ଦ୍ୱାରର ବାହାରେ ମୃତ୍ୟୁ ଭୋଗ କଲେ । ୧୩ ଏଣୁ ଆସ, ଆମ୍ଭେମାନେ ତାହାଙ୍କର ନିମନ୍ତେ ଅପମାନ ସହି ତାହାଙ୍କର କଟରେ ଶିବିରର ବାହାରକୁ ଯାଉଁ । ୧୪ ଯେହେତୁ ଏଠାରେ ଆମ୍ଭମାନଙ୍କର କୌଣସି ଚିରସ୍ଥାୟି ନଗର ନୋହି ଆମ୍ଭେମାନେ ଏକ ଭବିଷ୍ୟତ ନଗରର ଚେଷ୍ଟାରେ ଅଛୁଁ । ୧୫ ଏହି ହେତୁରୁ ଆସ, ତାହାଙ୍କ ଦ୍ୱାରା ଆମ୍ଭେମାନେ ସର୍ବଦା ଈଶ୍ୱରର ପ୍ରଶଂସାରୂପ ବଳି ଅର୍ଥାତ ତାହାଙ୍କର ନାମ ଧନ୍ୟବାଦୀ ଓଷ୍ଠାଧରର ଫଳ ଉତ୍ସର୍ଗ କରୁଁ । ୧୬ ପରୋପକାର ଓ ଦାନ କରିବାକୁ ନ ପାସୋର, ଯେହେତୁ ଏପରି ବଳିରେ ଈଶ୍ୱର ପରମ ସନ୍ତୋଷ ହୁଅନ୍ତି ।

୧୭ ଆଉ ତୁମ୍ଭମାନଙ୍କର ଧର୍ମବେବର୍ତ୍ତାମାନଙ୍କୁ* ମାନ୍ୟ କର ସେମାନଙ୍କର ଆଜ୍ଞାର ବଶୀଭୂତ ହୁଅ, ଯେହେତୁ ଯେଉଁମାନଙ୍କର ନିକାଶ ଦେବାକୁ ହୁଅଇ ଏପରି ଲୋକଙ୍କର ତୁଲ୍ୟ ସେମାନେ ତୁମ୍ଭମାନଙ୍କ ଆତ୍ମାର ପ୍ରହରି କର୍ମ କରି ଥାଆନ୍ତି, ଯଦ୍ଦ୍ୱାରା ସେମାନେ ଦୁଃଖରେ ନୋହି ଆନନ୍ଦରେ ତାହା କରି ପାରିବେ, ଦୁଃଖରେ କଲେ ତୁମ୍ଭମାନଙ୍କର କିଛି ଲାଭ ନାହିଁ । ୧୮ ଆଉ ତୁମ୍ଭେମାନେ ଆମ୍ଭମାନଙ୍କର ନିମନ୍ତେ ପ୍ରାର୍ଥନା କର, ଯେଣୁ ଆମ୍ଭେମାନେ ଉତ୍ତମ ମନ ରଖି ସର୍ବ ବିଷୟରେ ସଦାଚରଣ କରିବାକୁ ପ୍ରୟାସ କରି ଏହା ନିଶ୍ଚୟ ମାନି । ୧୯ ପୁଣି ଶୀଘ୍ର ଯେମନ୍ତ ତୁମ୍ଭମାନଙ୍କର ନିକଟରେ ସମର୍ପିତ ହୋଇ ଏହି ପ୍ରାର୍ଥନା କରିବାକୁ ତୁମ୍ଭମାନଙ୍କୁ ଅତ୍ୟନ୍ତ ଅଧିକ ବିନୟ କରି ।

୨୦ ଯେଉଁ ଶାନ୍ତିଦାତା ଈଶ୍ୱର ଚିରସ୍ଥାୟି ନିୟମର ରକ୍ତ ଦ୍ୱାରା ପ୍ରଧାନ ମେଷପାଳକକୁ ଅର୍ଥାତ ଆମ୍ଭମାନଙ୍କର ପ୍ରଭୁ ଯୀଶୁକୁ ମୃତାବସ୍ଥାରୁ ଆଣିଅଛନ୍ତି, ସେ ଆପଣା ଇଚ୍ଛା ପୂର୍ଣ୍ଣ କରିବାକୁ ତୁମ୍ଭମାନଙ୍କୁ ସକଳ ସତ୍କ୍ରିୟାରେ ସିଦ୍ଧ କରନ୍ତୁ, ପୁଣି ଯେ ସମସ୍ତ କର୍ମ ତାହାଙ୍କର ଦୃଷ୍ଟିରେ ଗ୍ରାହ୍ୟ ତାହା ତୁମ୍ଭମାନଙ୍କର ମଧ୍ୟରେ ଯୀଶୁ ଖ୍ରୀଷ୍ଟ ଦ୍ୱାରା ସମ୍ପୂର୍ଣ୍ଣ କରନ୍ତୁ, ସେହି ଖ୍ରୀଷ୍ଟଙ୍କର ମହିମା ସର୍ବଦା ପ୍ରକାଶିତ ହେଉ । ଆମେନ ।

୨୨ ହେ ଭାଇମାନେ ଆମ୍ଭେ ତୁମ୍ଭମାନଙ୍କୁ ସଂକ୍ଷେପରେ ପତ୍ର ଲେଖିଲୁଁ, ତୁମ୍ଭେମାନେ ଆମ୍ଭର ଉପଦେଶ କଥାରେ ମନଯୋଗ କର, ତୁମ୍ଭମାନଙ୍କୁ ଏହି ବିନୟ କରୁ । ୨୩ ଆମ୍ଭମାନଙ୍କର ଭାଇ ତୀମଥି ସ୍ୱାଧୀନାନ୍ତରରେ ଯାଇଅଛନ୍ତି ଏସମାନ୍ତର

* ଅର୍ଥା ଗୁରୁମାନଙ୍କୁ ।

ତୁମ୍ଭେମାନେ ଜାଣି ଥିବ । ସେ ଯେବେ ଶୀଘ୍ର ଆସିବ ସେବେ ତାହାର
୧୪ ସହିତ ଯାଇ ତୁମ୍ଭମାନଙ୍କର ସଙ୍ଗେ ସାକ୍ଷାତ କରିବା । ତୁମ୍ଭେମାନେ ଆପଣା
୧୫ ସମସ୍ତ ଧର୍ମ ବେବର୍ତ୍ତାଙ୍କୁ ଓ ସାଧୁମାନଙ୍କୁ ନମସ୍କାର କର । ଆଉ ଇଟାଲିଆ
ଦେଶୀୟ ଲୋକମାନଙ୍କର ନମସ୍କାର ଜାଣିବ । ତୁମ୍ଭମାନଙ୍କର ପ୍ରତି ଅନୁଗ୍ରହ
ହେଉ । ଇତି ।

---

# ଯାକୁବର ସର୍ବସାଧାରଣ ଚିଠୀ ।

## ୧ ପର୍ବ ।

୧ ଯାକୁବ ନାମରେ ପରମେଶ୍ୱରଙ୍କର ଓ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ଏକ
ସେବକ ଛତ୍ରଭଙ୍ଗ ଦ୍ୱାଦଶ ଗୋଷ୍ଠିକୁ ନମସ୍କାର କରି ଚିଠୀ ଲେଖୁଅଛୁ ।

୨ ହେ ଆମ୍ଭର ଭ୍ରାତୃଗଣ ତୁମ୍ଭେମାନେ ଯେଉଁ ସମସ୍ତରେ ନାନା ପ୍ରକାର
୩ ପରୀକ୍ଷାରେ ପରୀକ୍ଷିତ ହୁଅ ସେତେବେଳେ ପରୀକ୍ଷାର ଧୈର୍ଯ୍ୟର ଜନ୍ମ ହୋଇ
ଥିବା ଜାଣି ସେହି ପରୀକ୍ଷାକୁ ସବୁ ପ୍ରକାର ଆନନ୍ଦର ବିଷୟ ଜ୍ଞାନ
୪ କର । ପୁଣି ତୁମ୍ଭେମାନେ ଯେମନ୍ତ ସିଦ୍ଧ ସଂପୂର୍ଣ୍ଣ ହୋଇ କୌଣସି ଗୁଣରେ
ହୀନ ନ ହୁଅ ବୋଲି ଧୈର୍ଯ୍ୟ କର୍ମ ସଫଳ ହେବାକୁ ଦିଅ ।

୫ ଯେବେ ତୁମ୍ଭମାନଙ୍କର କାହାର କୌଣସି ଜ୍ଞାନର ଉଣା ଥାଏ ତେବେ
ଈଶ୍ୱର ବନ୍ଦୁ ବାହୁଲ୍ୟରେ ସମସ୍ତଙ୍କର ଦାତା ଯେ ପରମେଶ୍ୱର ତାହାଙ୍କର
ଶ୍ରମ୍ଭରେ ସେ ପ୍ରାର୍ଥନା କରୁ ତହିଁରେ ତାହାକୁ ଦିଆ ଯିବ । ପୁଣି ନିଃସନ୍ଦେହ
୭ ହୋଇ ସେ ବିଶ୍ୱାସରେ ପ୍ରାର୍ଥନା କରୁ ଯେହେତୁ ଯେଉଁ ଜନ ସନ୍ଦେହଯୁକ୍ତ
ସେ ଜନ ବାୟୁରେ ଚାଳିତ ଚଞ୍ଚଳ ସମୁଦ୍ରର ଲହରତର ତୁଲ୍ୟ ଅସ୍ଥିର ହୋଇଥି ।
୮ ଏଣୁକରି ଏପର ଲୋକ ଯେ ପ୍ରଭୁଠାରୁ କିଛି ପାଇବ ବୋଲି ସେ ମନରେ ନ
କରୁ । ଦୋମନା ଲୋକର କୌଣସି ଗତି ସ୍ଥିର ନୁହଇ ।

୯ ଆଉ ଯେଉଁ ଭାଇ ଦରିଦ୍ର ସେ ଆପଣା ଉଚ୍ଚପଦରେ ଆନନ୍ଦିତ ହେଉ
୧୦ ପୁଣି ଯେଉଁ ଭାଇ ଧନବନ୍ତ ସେ ଆପଣା ନୀଚ ପଦରେ ଆନନ୍ଦିତ ହେଉ
ଯେହେତୁ ସେ ଘାସର ଫୁଲର ପ୍ରାୟେକ ଲୁପ୍ତ ପଡିବ । ୧୧ ଯେଣୁ ସୂର୍ଯ୍ୟର ଉତ୍ତପ୍ତ
ତାପରେ ଯେମନ୍ତ ତୃଣ ଶୁଷ୍କ ଯାଏ ଓ ତାହାର ଫଳ ଲୁପ୍ତ ପଡିଯାଇ ପୁଣି
ତାହା ଉପର ସୌନ୍ଦର୍ଯ୍ୟ ନାଶ ହୋଇଥି ତେମନ୍ତ ଧନ ଲୋକଟି ଆପଣାର ସବୁ
ଗତିରେ ଲୁପ୍ତାଳି ପଡିବ ।

୧୨ ଯେଉଂଜନ ପରୀକ୍ଷା ସହଇ ସେ ଧନ୍ୟ ଯେହେତୁ ପରୀକ୍ଷିତ ହେଲାଉତ୍ତାରେ
ପ୍ରଭୁ ଆପଣାର ପ୍ରେମକାରିମାନଙ୍କୁ ଯେଉଂ ଜୀବନରୂପ ମୁକୁଟ ଦେବାକୁ
୧୩ ପ୍ରତିଜ୍ଞା କରିଅଛନ୍ତି ସେ ମୁକୁଟ ପ୍ରାପ୍ତ ହୋଇବ । କାହାର [ମନ୍ଦ] ପରୀକ୍ଷା
ହେଲେ ଆମ୍ଭର ଏହି ପରୀକ୍ଷା ଈଶ୍ୱରଠାରୁ ହେଉଅଛି ଏମନ୍ତ କଥା ସେ ନ
ବୋଲୁ ଯେହେତୁ ଈଶ୍ୱର ମନ୍ଦରେ ପରୀକ୍ଷିତ ନୁହନ୍ତି ପୁଣି ସେ କାହାକୁ ମନ୍ଦ
୧୪ ପରୀକ୍ଷା ନ କରନ୍ତି । ମାତ୍ର ଆପଣା୨ ଲୋଭରେ ପ୍ରବୃତ୍ତ ଓ ଆକର୍ଷିତ ହୋଇଲେ
୧୫ ପ୍ରତ୍ୟେକ ଜଣର ମନ୍ଦ ପରୀକ୍ଷା ହୁଅଇ । ତହିଁରେ ସେହି ଲୋଭ ଗର୍ଭ
ଧାରିଣୀର ତୁଲ୍ୟ ପାପ ଜନ୍ମାୟେ ପାପ ସମ୍ପୂର୍ଣ୍ଣ ହୋଇଲେ ମୃତ୍ୟୁ ଜନ୍ମାୟେ ।
୧୬ ହେ ଆମ୍ଭର ପ୍ରିୟ ଭ୍ରାତୃଗଣ ତୁମ୍ଭେମାନେ ଭ୍ରାନ୍ତ ନ ହୁଅ । ଯେ କିଛି ଉତ୍ତମ
୧୭ ଦାନ କି ସମ୍ପୂର୍ଣ୍ଣ ଅନୁଗ୍ରହ ସେ ସବୁ କେବଳ ଉପରରୁ ଆସଇ । ଅର୍ଥାତ୍
ଯହିଂରେ ଅନ୍ୟଥାଭାବ ଓ କୌଣସି ବିକାରର ଲେଶ ମାତ୍ର ନାହିଂ ଏମନ୍ତ
୧୮ ଯେ ଦୀପ୍ତିର ଉତ୍ପାଦକ [ଈଶ୍ୱର] ତାହାଙ୍କଠାରୁ ଆସଇ । ତାହାଙ୍କର ସୃଷ୍ଟିର
ମଧ୍ୟରେ ଅମ୍ଭେମାନେ ଯେମନ୍ତ ଏକ ମତ ପ୍ରଥମ ଫଳ ସ୍ୱରୂପ ହୋଇ ଏଥି
ପାଁଇ ସେ ଆପଣାର ଇଚ୍ଛାନୁସାରେ ସତ୍ୟ ବାକ୍ୟ ଦ୍ୱାରା ଆମ୍ଭମାନଙ୍କୁ ଜନ୍ମ
୧୯ ଦେଲେ । ଏହେତୁ ହେ ଆମ୍ଭର ପ୍ରିୟ ଭ୍ରାତୃଗଣ ତୁମ୍ଭେମାନେ ପ୍ରତ୍ୟେକ ଜଣ
୨୦ ଶୁଣିବାରେ ଆଗ୍ରହ ଓ କହିବାରେ ଧୀର ହୁଅ । କ୍ରୋଧରେହେଁ ଧୀର ହୁଅ
ଯେହେତୁ ମନୁଷ୍ୟର କ୍ରୋଧରୁ ଈଶ୍ୱର ଗ୍ରାହ୍ୟ ଧର୍ମ ଜନ୍ମଇ ନାହିଁ ।
୨୧ ଏଣୁ ତୁମ୍ଭେମାନେ ସବୁ ଅଶୁଚିକର୍ମ ପୁଣି ଅତିବାଦ ହିଁସା ପରିତ୍ୟାଗ କରି
ତୁମ୍ଭମାନଙ୍କର ଆତ୍ମ ରକ୍ଷା କରିବାକୁ ସମର୍ଥ ଏମନ୍ତ ଯେ ରୋଇଲା ବାକ୍ୟ ତାହା
୨୨ ନମ୍ର ଭାବରେ ଗ୍ରହଣ କର । ପୁଣି ଶ୍ରୋତାମାତ୍ର ହୋଇ ଆପଣାମାନଙ୍କୁ ପ୍ରବ
୨୩ ଞ୍ଚନା ନ କରି ବାକ୍ୟର କର୍ମକାରୀ ହୁଅ । ଯେହେତୁ ଯେ କେହି ବାକ୍ୟାନୁ
ସାରେ କର୍ମ ନ କରି ଶ୍ରୋତାମାତ୍ର ଥାୟେ ସେ ଦର୍ପଣରେ ସ୍ୱାଭାବିକ ମୁଖ ଦର୍ଶନ
୨୪ କାରି ମନୁଷ୍ୟର ତୁଲ୍ୟ ଯେଣୁ ସେ ଆପଣାକୁ ଦେଖିଲେହେଂ ଆପେ କେମନ୍ତ
୨୫ ତାହା ସେଠାରୁ ଯାଇ ପାଶୋରି ଯାୟେ । ପୁଣି ଯେ କେହି ମୁକ୍ତିଦାୟକ ସିଦ୍ଧ
ବ୍ୟବସ୍ଥାରେ ଦୃଷ୍ଟିପାତ କରି ତହିଂରେ ଥାୟେ ସେ ବିସ୍ମରଣକାରୀ ଶ୍ରୋତା
୨୬ ନୋହି କର୍ମ କରିବାରୁଂ ଆପଣା କାର୍ଯ୍ୟରେ ଧନ୍ୟ ହୋୟେ । ଯେବେ ତୁମ୍ଭ
ମାନଙ୍କର କେହି ଆପଣାକୁ ଧାର୍ମିକ କରି ମଣଇ ପୁଣି ଆପଣା ଜିହ୍ୱାକୁ ନ
ସମ୍ଭାଳି ସ୍ୱଅନ୍ତଃକରଣକୁ ଭୁଲାୟେ ତେବେ ତାହାର ସେ ଧର୍ମଇ ବୃଥା
୨୭ ହୋୟେ । ପିତୃ ମାତୃହୀନ ଓ ବିଧବାଗଣର ଦୁଃଖାବସ୍ଥାରେ ସଙ୍କୋଳିବାର
ପୁଣି ସଂସାରରୁ ଆପଣାକୁ ନିଷ୍କଳଙ୍କରୂପରେ ରକ୍ଷା କରିବାର ଏହାଇ ଆମ୍ଭମା
ନଙ୍କର ପିତା ଈଶ୍ୱରଙ୍କର ଶ୍ଚମୁରେ ପବିତ୍ର ଓ ନିର୍ମଳ ଧର୍ମ ହୋୟେ ।

୩ ପତ୍ର ।

ହେ ଆମ୍ଭର ଭ୍ରାତୃଗଣ ତେଜସ୍ୱି ପ୍ରଭୁ ଯୀଶୁ ଖ୍ରୀଷ୍ଟର ଧର୍ମ ପାଳଣ କର ୧
ବାରେ ମନୁଷ୍ୟର ମୁଖାପେକ୍ଷା ନ କର । ଯେହେତୁ ତୁମ୍ଭମାନଙ୍କର ସଭାରେ ୨
ସୁନାର ମୁଦ୍ରା ଓ ସୁନ୍ଦର ନୁଗା ପିନ୍ଧି କୌଣସି ଲୋକ ଅଇଲେ ପୁଣି ମଳିଶ ନୁଗା ୩
ପିନ୍ଧି କୌଣସି ଦରିଦ୍ର ଅଇଲେ ଯେବେ ତୁମ୍ଭେମାନେ ସେହି ଶୁଦ୍ଧ ନୁଗା ପିନ୍ଧି
ବାର ଲୋକକୁ ଆଗେ ନମସ୍କାର କର ଏହି ଉତ୍ତମ ସ୍ଥାନରେ ବସିବା ହେଉନ୍ତୁ
ଏମନ୍ତ କଥା ବୋଲ ଥାଅ ପୁଣି ତୁମ୍ଭେ ସେହି ସ୍ଥାନରେ ଛିଡା ହୋଇ
ରହି କଅବା ଆମ୍ଭର ଏହି ପାଦର ପିଣ୍ଡାରେ ବସ ଆସି ଦରିଦ୍ରକୁ ଏହା
ବୋଲ ଥାଅ ତେବେ ଏଥିରେ ତୁମ୍ଭେମାନେ କ ପରସ୍ପର ପକ୍ଷପାତ ଓ ଅପ୍ର ୪
କୃତ ବିଚାରର ବିଚାରକର୍ତ୍ତା ନୁହ । ହେ ଆମ୍ଭର ପ୍ରିୟ ଭାଇମାନେ ଶୁଣ ଈଶ୍ୱର ୫
ଆପଣାର ପ୍ରେମକାରମାନଙ୍କୁ ଯେ ରାଜ୍ୟ ଦେବାକୁ ପ୍ରତିଜ୍ଞା କର ଅଛନ୍ତି ସେହି
ରାଜ୍ୟର ଉତ୍ତରାଧିକାରୀ ଓ ବିଶ୍ୱାସ ଧନରେ ଧନବନ୍ତ କରିବା ନମନ୍ତେ କ
ଜଗତର ଦରିଦ୍ର ଲୋକଙ୍କୁ ମନୋନୀତ କର ନାହାନ୍ତି । ପୁଣି ତୁମ୍ଭେମାନେ ୬
ଦରିଦ୍ର ଲୋକଙ୍କୁ ତୁଚ୍ଛଜ୍ଞାନ କର ଥାଅ । ଅଉ ଧନବନ୍ତମାନେ କ ତୁମ୍ଭମାନ
ଙ୍କର ପ୍ରତି ଉପଦ୍ରବ ନ କରନ୍ତି ଓ ବିଚାରସନର ସମ୍ମୁରେ କ ତୁମ୍ଭମାନଙ୍କୁ ବଳ
ହାରରେ ଘେନ ନ ଯାନ୍ତି । ଆଉ ତୁମ୍ଭେମାନେ ଯେ ମର୍ଯ୍ୟାଦାବନ୍ତ ନାମରେ ୭
ବଖ୍ୟାତ ହୋଇଅଛ ସେମାନେ କ ସେ ନାମର ନିନ୍ଦା ନ କରନ୍ତି । ପୁଣି ୮
ତୁମ୍ଭେ ପ୍ରତିବାସିକୁ ଆପଣା ତୁଲ୍ୟ ପ୍ରେମ କର ଶାସ୍ତ୍ରର ଉକ୍ତି ଯେ ସବ
ପ୍ରଧାନ ଆଜ୍ଞା ତାହା ଯେବେ ପାଳଣ କର ଥାଅ ତେବେ ଉତ୍ତମ କର । ନୋ ୯
ହିଲେ ଯେବେ ପକ୍ଷପାତ କର ତେବେ ପାପ କର ପୁଣି ବ୍ୟବସ୍ଥା ମେଣ୍ଟଣ
ରେ ନିଶ୍ଚିତ ଦୋଷୀ ହୁଅ । ଯେହେତୁ ସବୁ ବ୍ୟବସ୍ଥା ପାଳି କେହି ୧୦
ଯେବେ ଗୋଟିକ ବିଷୟରେ ତ୍ରୁଟି କରଇ ତେବେ ସେହି ସମସ୍ତ ବିଷୟରେଇ
ଦୋଷୀ ହୋଇଥାଏ । ଯେହେତୁ ତୁମ୍ଭେ ପରଦାର ଗମନ ନ କର ଏକଥା ଯେ ୧୧
କହିନ୍ତି ତୁମ୍ଭେ ନରହତ୍ୟା ନ କର ତାହାଇ ସେ କହିନ୍ତି । ଏଣୁକର ତୁମ୍ଭେ
ଯେବେ ପରଦାର ଗମନ ନ କର ନରହତ୍ୟା କର ତେବେ ଆଜ୍ଞା ଲଙ୍ଘନକାରୀ
ହୋଇବ । ମୁକ୍ତିଦାୟକ ବ୍ୟବସ୍ଥାରେ ବିଚାରିତ ହେବାକୁ ହୁଅନ୍ତି ଯେଉଁ ୧୨
ଲୋକ ସେମାନଙ୍କର ପର ତୁମ୍ଭେମାନେ କଥା ବୋଲ ପୁଣି କର୍ମ କର । ଯେ ୧୩
ହେତୁ ଯେଉଁ ଜନ ପରକୁ ଦୟା କରଇ ନାହିଁ ତାହାର ନିର୍ଦ୍ଦୟତ୍ୱପରେ
ଦଣ୍ଡ ହେବ ପୁଣି ଦୟା ଦଣ୍ଡର ଉପରେ ଜୟଧ୍ୱନି କରଇ ।

ହେ ଆମ୍ଭର ଭାଇମାନେ କର୍ମହୀନ ଲୋକ ଯେବେ ବୋଲଇ ଆମ୍ଭର ୧୪

ବିଶ୍ୱାସ ଅଛି ତେବେ ସେ ବିଶ୍ୱାସରେ କି ଫଳ । ଏପରି ବିଶ୍ୱାସରୁ କି
୧୫ ତାହାର ପରିତ୍ରାଣ ହେବାକୁ ପାରଇ । ତୁମ୍ଭମାନଙ୍କର କୌଣସି ଭଉଣୀ
୧୬ କିଅବା ଭାଇ ଯେବେ ବସ୍ତ୍ରହୀନ ଓ ନିତ୍ୟାନିର ଖାଦ୍ୟହୀନ ହୋୟେ ଆଉ
ତୁମ୍ଭମାନଙ୍କର କେହି ଯେବେ ଶରୀରର ପ୍ରୟୋଜନର ଦ୍ରବ୍ୟ କିଛିହିଂ ନ
ଦେଇ ସେମାନଙ୍କୁ ଏହା ବୋଲଇ ତୁମ୍ଭେମାନେ ଉଷ୍ମ ପୁଣି ତୃପ୍ତ ହୋଇ କୁଶ
୧୭ ଲରେ ଯାଅ ତେବେ ତହିଂରେ କି ଲାଭ । ସେହିଉପ କର୍ମ ସହାୟ ବିନୁ
୧୮ ବିଶ୍ୱାସ ଏକାକୀ ମୃତ ହୋଇ ଥାୟେ । ଆଉ କେହି ଯେବେ ଏହି କଥା
ବୋଲଇ ତୁମ୍ଭର ବିଶ୍ୱାସ ଅଛି ପୁଣି ଆମ୍ଭର କର୍ମ ଅଛି ତେବେ କର୍ମ ବିନୁ
ତୁମ୍ଭେ ଆମ୍ଭକୁ ଆପଣା ବିଶ୍ୱାସ ଦେଖାଅ ଆଉ ଆମ୍ଭେ କର୍ମରେ ତୁମ୍ଭକୁ ଆପ
୧୯ ଣାର ବିଶ୍ୱାସ ଦେଖାଇବା । ଏକ ଈଶ୍ୱର ଅଛନ୍ତି ଏହା ତୁମ୍ଭେ ବିଶ୍ୱାସ କରୁ
ଅଛ ସେ ଉତ୍ତମ ଅଟଇ ପୁଣି ଭୂତମାନେହେଂ ସେହିଉପ ବିଶ୍ୱାସ କରି
୨୦ କମ୍ପିତ ହୁଅନ୍ତି । ଏହେତୁ ହେ ନିର୍ବୋଧ ମନୁଷ୍ୟ କର୍ମ ବିନୁ ବିଶ୍ୱାସ ମୃତ
୨୧ ହୋଇ ଥାୟେ ତୁମ୍ଭେ କି ଏହା ମଣିବ । ଆମ୍ଭମାନଙ୍କର ପୂର୍ବପୁରୁଷ ଅବ୍ରହାମ
ଯଜ୍ଞବେଦୀର ଉପରେ ଆପଣାର ପୁତ୍ର ଇସ୍ହାକକୁ ଉତ୍ସର୍ଗ କରନ୍ତେ କି କର୍ମରେ
୨୨ ଧର୍ମବନ୍ତ ଗଣିତ ନୋହିଲା । ତାହାର କ୍ରିୟା ଦ୍ୱାରା ସେହି ବିଶ୍ୱାସ କର୍ମଣ୍ୟ
ହୋଇଲା ପୁଣି ସେହି କର୍ମରୁ ତାହାର ବିଶ୍ୱାସର ସିଦ୍ଧ ହେଲା ଏହା ତୁମ୍ଭେ
୨୩ କି ଦେଖୁ ନାହଁ । ଆଉ ଅବ୍ରହାମ ଈଶ୍ୱରରେ ବିଶ୍ୱାସ କରନ୍ତେ ସେହି
ବିଶ୍ୱାସ ତାହାର ପ୍ରତି ଧର୍ମର ନିମନ୍ତେ ଗଣିତ ହେଲା ଏଣୁ ସେ ଈଶ୍ୱରର ମିତ୍ର
ନାମରେ ବିଖ୍ୟାତ ହୋଇଲା ଏହି ଯେ ଶାସ୍ତ୍ରର ଲେଖା ତାହା ତେତେବେଳେ
୨୪ ପ୍ରତ୍ୟକ୍ଷ ହେଲା । ଏଣୁ ମନୁଷ୍ୟ ଯେ କେବଳ ବିଶ୍ୱାସରେ ନୋହି କର୍ମ ଦ୍ୱାରା
୨୫ ଧାର୍ମିକ ଗଣିତ ହୋୟେ ଏହା ତୁମ୍ଭେମାନେ ଦେଖୁଅଛ । ଆଉ ରାହାବ ନାମ
ରେ ବେଶ୍ୟା ଦୂତଗଣକୁ ଅତିଥି କରି ପଛେ ଆନ ବାଟ ଦେଇ ସେମାନଙ୍କୁ
ବିଦାୟ କରନ୍ତେ ସେ କି ସେହି ପ୍ରକାରେ କର୍ମରେ ଧର୍ମବତୀ ଗଣିତା ନୋହିଲା ।
୨୬ ଏହେତୁ ଆତ୍ମ ବିନୁ ଯେମନ୍ତ ଦେହ ମୃତ ତେମନ୍ତ କର୍ମ ବିନୁ ବିଶ୍ୱାସ ମୃତ
ହୋୟେ ।

## ୩ ପର୍ବ ।

୧ ହେ ଆମ୍ଭର ଭାଇମାନେ ତୁମ୍ଭମାନଙ୍କର ଅପାର ଶିକ୍ଷକ ନ ହୁଅ ଯେହେତୁ
ଆମ୍ଭମାନଙ୍କର ଆହୁରି ଦଣ୍ଡ ହେବ ଏହା ଜାଣି । ଆଉ ଆମ୍ଭେମାନେ ସମସ୍ତେ
୨ ବହୁତ ବିଷୟରେ ଝୁଣ୍ଟି ପଡି । ଯେବେ କେହି ବାକ୍ୟରେ ଝୁଣ୍ଟି ନ ପଡଇ
ତେବେ ସେ ସିଦ୍ଧ ପୁରୁଷ ହୋଇ ସବୁ ଅଙ୍ଗ ପ୍ରତ୍ୟଙ୍ଗକୁ ବଶରେ ରଖି

ପାରଇ । ଦେଖ ଆମ୍ଭେମାନେ ଅଶ୍ୱକାର କରିବା ପାଇଁ ଘୋଡାର ମୁଖରେ ୩
ଲଗାମ ଦେଇ ସେମାନଙ୍କର ସବୁ ଶରୀରକୁ ଫେରାଉଁ । ଆବର ଜାହାଜର ୪
ପ୍ରତି ଦୃଷ୍ଟି କର ଦେଖ ସେ ଏତେ ବଡ ଆକୁଛ ପୁଣି ପ୍ରଚଣ୍ଡ ବତାସରେ
ଚଳିତ ହେଲେହେଁ ଜଣେ ମଲ୍ଲା ଖଣ୍ଡେ କ୍ଷୁଦ୍ର ମଙ୍ଗରେ ଆପଣାର ଇଚ୍ଛା
ନୁସାରେ ଚାହା ଫେରାଏ । ସେରୂପ ଜିହ୍ୱା ଅତି କ୍ଷୁଦ୍ରାଙ୍ଗ ଅଟଇ ପୁଣି ଅତ ୫
ବଡ କଥା କହଇ । ଅହୁର ଦେଖ ଅଳ୍ପ ଅଗ୍ନି କେତେ ବଡ ବନକୁ ଉତ୍ତପ୍ତ କରଇ
କରଇ । ଜିହ୍ୱା ସେହି ଅଗ୍ନି ସ୍ୱରୂପ ଜଗତ ପ୍ରମାଣ ପାପଜନକ । ଜିହ୍ୱା ଆମ୍ଭ ୬
ଅଙ୍ଗର ମଧ୍ୟବର୍ତ୍ତୀ ସେପର ହୋଇ ସବୁ ଦେହକୁ ଅଶୁଚି କର ସୃଷ୍ଟିର ଚକ୍ରକୁ
ଜ୍ୱଳାଏ ପୁଣି ଆପେହେଁ ନରକାନଳରେ ପ୍ରଜ୍ୱଳିତ ହୁଅଇ । ଆବର ପଶୁ ୭
ପକ୍ଷି ସର୍ପ ଜଳଚର ଏସାଦ ଜନ୍ତୁ ସମସ୍ତେ ମନୁଷ୍ୟଙ୍କର ବଶ୍ୟ ଥିଲେ ଆଉ
ଏକେହେଁ ବଶ୍ୟ ଅଛନ୍ତି ପୁଣି ମୃତ୍ୟୁଜନକ ଗରଲରେ ପରିପୂର୍ଣ୍ଣ ଯେ ଦୁଷ୍ଟ ଅବଶ ୮
ଜିହ୍ୱା ତାହାକୁ କୌଣସି କେହ ବଶୀଭୂତ କରିବାକୁ ନ ପାରନ୍ତି । ଗୋଷ୍ଠିସ୍ଥେ ୯
ଜିହ୍ୱାରେ ଆମ୍ଭେମାନେ ପିତା ଈଶ୍ୱରଙ୍କର ଧନ୍ୟବାଦ କରୁଁ ଓ ଈଶ୍ୱରଙ୍କର
ମୂର୍ତ୍ତି ସ୍ୱରୂପ ନର୍ମିତ ମନୁଷ୍ୟକୁ ଶାପ ଦେଉଁ । ଆମ୍ଭମାନଙ୍କର ଗୋଷ୍ଠିସ୍ଥେ ମୁ ୧୦
ଖରୁ ଅଶୀର୍ବାଦ ଓ ଶାପ ଦୁଇ ବାହାର ହୋଏ । ହେ ଆମ୍ଭର ଭାଇମାନେ
ଏମନ୍ତ ହେବାର ଉଚିତ ନୋହେ । ନର୍ଝର କ ଗୋଷ୍ଠିସ୍ଥେ ବାଣର ମିଠା ଓ ୧୧
ପିଆ ଦୁର ପ୍ରକାର ପାଣି ବାହାର କରଇ । ହେ ଆମ୍ଭର ଭାଇମାନେ ଉମୁର ୧୨
ବୃକ୍ଷରେ କ ଜାତ ଫଳ ଧରି ପାରଇ ଜଅବା ଦ୍ରାକ୍ଷାଲତାରେ କ ଉମୁର ଫଳ
ଧରି ପାରଇ । ସେହି ପ୍ରକାର ଗୋଷ୍ଠିସ୍ଥେ ନର୍ଝରରୁ ଲୁଣିଆ ଓ ମିଠା ଦୁର
ପ୍ରକାର ଜଳ ଉତ୍ପତ୍ତି ନ ହୁଅଇ ।

ତୁମ୍ଭମାନଙ୍କର ମଧ୍ୟରେ କେହି ଯେବେ ଜ୍ଞାନୀ ଓ ସୁବୋଧ ଥାଏ ତେବେ ୧୩
ସେ ସଦାଚରଣ କରି ଜ୍ଞାନଯୁକ୍ତ ବନତରେ ଆପଣାର କର୍ମ ପ୍ରକାଶ କରୁ ।
ପୁଣି ତୁମ୍ଭମାନଙ୍କର ମନ ମଧ୍ୟରେ ଯେବେ କଟୁ ଦ୍ୱେଷ କଳିଆଦ ଥାଏ ୧୪
ତେବେ ଦର୍ପ ନ କର ପୁଣି ସତ୍ୟର ବରୁଦ୍ଧରେ ମିଛ ନ କୁହ । ସେହି ଜ୍ଞାନ ୧୫
ଊର୍ଦ୍ଧ୍ୱରୁ ନର୍ଗତ ହୁଅଇ ନାହିଁ ପୁଣି ସଂସାରକ ଶାରୀରକ ଭୌତିକ
ହୋଏ । ଯେଣୁ ଯେଉଁ ସ୍ଥାନରେ ଈର୍ଷା ଓ କଳି ସେହି ସ୍ଥାନରେ ୧୬
ଗଡାଉଡି ଓ ସବୁ ଦୁଷ୍କର୍ମ ଥାଏ । ମାତ୍ର ଊର୍ଦ୍ଧ୍ୱରୁ ନର୍ଗତ ଯେ ଜ୍ଞାନ ସେ ଆଦ୍ୟ ୧୭
ରେ ନର୍ମଳ ଅନନ୍ତରେ ଶାନ୍ତିଯୁକ୍ତ ସରଳ ନମ୍ରଶୀଳ ପୁଣି ଦୟାରେ ଓ ଉ
ତ୍ତମ ଫଳରେ ପରିପୂର୍ଣ୍ଣ ଅବର ପକ୍ଷପାତ ଓ କପଟପଣ ରହିତ ହୋଏ ।
ଆଉ ଧର୍ମରୂପ ସାଜ ଶାନ୍ତିକାରୀ ଲୋକ ଦ୍ୱାରା ଶାନ୍ତିରେ ବୁଣା ଯାଏ । ୧୮

---

୪ ପତ୍ର ।

୧ ତୁମ୍ଭମାନଙ୍କର ମଧ୍ୟରେ ଯୁଦ୍ଧ ଓ ସଂଗ୍ରାମ କାହାଠାରୁ ହୋଇଥି ତୁମ୍ଭମାନ
ଙ୍କର ମଧ୍ୟରେ ଅଙ୍ଗ ପ୍ରତ୍ୟଙ୍ଗରେ ଯେ ବସୁଥିବା ରାଗ ସୁଖାଇଲା ପାହା
୨ ଠାରୁ କ ନୋହେ । ତୁମ୍ଭେମାନେ ବାଞ୍ଛା କର ପୁଣି କିଛି ପ୍ରାପ୍ତ ନ ହୁଅ
ପୁଣି ତୁମ୍ଭେମାନେ ବଧ କର ଈର୍ଷା କର ତଥାପି ପାଇ ନ ପାର ।
ଆଉ ବିରୋଧ ଓ ଯୁଦ୍ଧ କର ତେବେହେଁ ନ ପାଅ ଯେହେତୁ ତୁମ୍ଭେମା
୩ ନେ ପ୍ରାର୍ଥନା ନ କର । ଅବର ଯେବେ ପ୍ରାର୍ଥନା କର ତେବେ ଅପଶ୍ୟା ଅଭି
ଳାଷରେ ବ୍ୟୟ କରିବାର ନମନ୍ତେ ଅବହିତ ମତେ ପ୍ରାର୍ଥନା କର ଏହି ନମ
୪ ନ୍ତେ ନ ପାଅ । ହେ ବ୍ୟଭିଚାରିଣୀ ଓ ବ୍ୟଭିଚାରିଣୀଗଣ ଏହି ଜଗତର ମିତ୍ର
ପଣ ଈଶ୍ୱରଙ୍କର ଶତ୍ରୁପଣ ହୋଇଥି ଏହା କ ତୁମ୍ଭେମାନେ ନ ଜାଣ । ଯେ
କେହି ସଂସାରର ମିତ୍ର ହେବାକୁ ବାସନା କରଇ ସେହି ଈଶ୍ୱରଙ୍କର ଶତ୍ରୁ
୫ ଧର୍ମ ଶାସ୍ତ୍ର ଯେ ବୃଥା ବ୍ୟର୍ଥ କର କହଇ ତୁମ୍ଭେମାନେ କ ବମନ୍ତ ବୁଝ । ଆମ୍ଭ
୬ ମାନଙ୍କର ଅନ୍ତରସ୍ଥ ଆତ୍ମା କ ଈର୍ଷା କରିବାକୁ ପ୍ରବୃତ୍ତି ଦିଅନ୍ତି । ବରଞ୍ଚ ସେ
ଅନୁଗ୍ରହ ଦିଅନ୍ତି ଏହେତୁ କଥିତ ଅଛି ଈଶ୍ୱର ଅହଙ୍କାରମାନଙ୍କୁ ବି
୭ ରୋଧ କର ନମ୍ରମାନଙ୍କୁ ଅନୁଗ୍ରହ ଦିଅନ୍ତି । ଏଣୁକର ତୁମ୍ଭେମାନେ ଈଶ୍ୱ
ରଙ୍କର ବଶୀଭୂତ ହୁଅ ପୁଣି ଶୟତାନକୁ ପ୍ରତିବାଧା କର ତହିଁରେ ସେ ତୁମ୍ଭ
୮ ମାନଙ୍କର ନକଟରୁ ପଳାଇବ । ଆଉ ଈଶ୍ୱରଙ୍କର ନକଟବର୍ତ୍ତୀ ହୁଅ ତାହା
ହେଲେ ସେହି ତୁମ୍ଭମାନଙ୍କର ନକଟବର୍ତ୍ତୀ ହେବେ । ହେ ପାପିଗଣ ତୁମ୍ଭେମାନେ
ହସ୍ତ ଶୁଚି କର ହେ ଦ୍ୱମନା ଲୋକ ସମସ୍ତ ତୁମ୍ଭେମାନେ ଅପଶ୍ୟ ମନକୁ ନର୍ମଲ
୯ କର । କାତର ହୁଅ ପୁଣି ଶୋକ ଓ ବଲାପ କର ; ତୁମ୍ଭମାନଙ୍କର ହାସ୍ୟ
ସ୍ଥାନରେ ଶୋକ ଜନ୍ମ ହେଉ ପୁଣି ଆନନ୍ଦର ସ୍ଥାନରେ ଅଶହର୍ଷ ହେଉ ।
୧୦ ପ୍ରଭୁଙ୍କର ଶ୍ମୁରେ ନଇଁ ପଡ ତହିଁରେ ସେ ତୁମ୍ଭମାନଙ୍କୁ ଉଚ୍ଚ କରିବେ ।
୧୧ ହେ ଭ୍ରାତୃଗଣ ତୁମ୍ଭେମାନେ ଏକଲ୍ପରେକ ଦୋଷୀ କର ନ ବୋଲ
ଯେହେତୁ ଭାଇକୁ ଦୋଷୀ ଓ ବଶ୍ୱର କଲେ ବ୍ୟବସ୍ଥାରେ ଦୋଷାରୋପଣ
ଓ ବଶ୍ୱର କରିବାର ହୋଇଥି । ଯେବେ ବ୍ୟବସ୍ଥାର ବଶ୍ୱର କର ତେବେ
ତୁମ୍ଭେମାନେ ବ୍ୟବସ୍ଥା ପାଳଣକାରୀ ନୋହ ତାହାର ବଶ୍ୱରକର୍ତ୍ତା ହୋଇ
୧୨ ଅଛ । ରକ୍ଷା ଓ ବନାଶ କରିବାକୁ ସମର୍ଥ ବମନ୍ତ ଏକ ବ୍ୟବସ୍ଥାପକ ଓ ବଶ୍ୱର
କର୍ତ୍ତା ଅଛନ୍ତି ତେଣୁ ପରର ବଶ୍ୱର କରିବାକୁ ପ୍ରବୃତ୍ତ ଯେ ତୁମ୍ଭେ ତୁମ୍ଭେ କେ ।
୧୩ ଅହେ ବୁଝ ତୁମ୍ଭେମାନେ କହୁଅଛ ଅଜ କିମ୍ବା କାଲି ଅମ୍ଭେମାନେ
ଅମୁକ ନଗରକୁ ଯାଇ ସେ ସ୍ଥାନରେ ବର୍ଷେ ପର୍ଯ୍ୟନ୍ତ ଥାଇ କଣା ବକା

କରି ଲାଭ କରିବା ତଥାପି କାଲି କି ଘଟିବ ତାହା ତୁମ୍ଭେମାନେ ନ ୧୪
ଜାଣ । ଯେହେତୁ ତୁମ୍ଭମାନଙ୍କର ଜୀବନ କି । କ୍ଷଣକେ ଦୃଶ ହେଲେହେଂ
ଅଦୃଶ ହୋଯେ ଯେଉଂ କୁହୁତି ସେ ତାହା ତୁଲ୍ୟ । ଏଣୁକରି ଈଶ୍ୱର ୧୫
ଙ୍କର ଇଚ୍ଛା ହୋଇଲେ ଆମ୍ଭେମାନେ କିଛି ଦିନ ବଞ୍ଚି ଥାଇ ଏ କର୍ମ କିଅବା
ସେ କର୍ମ କରିବା ଏମନ୍ତ କଥା ତୁମ୍ଭମାନଙ୍କର ବକ୍ତବ୍ୟ ହୁଅଇ । ତୁମ୍ଭେମାନେ ୧୬
ଏବେ ଦର୍ପରେ କରି ଆନନ୍ଦ ହେଉଅଛ ସେ ଆନନ୍ଦ ମନ୍ଦ । ପୁଣି ଯେ କେହି ୧୭
ସତ୍କର୍ମ କରିବାକୁ ଜାଣି ତାହା ନ କରଇ ତାହାରି ପାପ ହୋଯେ ।

## ୫ ପର୍ବ ।

ହେ ଧନବନ୍ତ ସମସ୍ତ ତୁମ୍ଭେମାନେ ଏବେ ବୁଝ ପୁଣି ଆଗାମି ଦୁଃଖର ନିମ ୧
ନ୍ତେ କାନ୍ଦ ଓ ବିଳାପ କର । ଯେହେତୁ ତୁମ୍ଭମାନଙ୍କର ସମ୍ପତ୍ତି ପଚି ଯିବ ଓ ୨
ନୁଗାମାନ ପୋକେ କାଟି ଧୁନ୍ଦୁରା କରିବେ । ତୁମ୍ଭ ସୁନା ଓ ରୂପା କଳଙ୍କି
ହୋଇ ଯିବ । ବିଶେଷରେ ତୁମ୍ଭମାନଙ୍କର ବିରୁଦ୍ଧରେ ସେହି କଳଙ୍କ ସାକ୍ଷ୍ୟ ୩
ଦେବ ପୁଣି ଯେମନ୍ତ ଅଗ୍ନି ତେମନ୍ତ ତୁମ୍ଭମାନଙ୍କର ମାଂସ ଭୋଜନ କରିବ ।
ତୁମ୍ଭେମାନେ ଶେଷ କାଳର ପାଁଇ ଧନ ସଞ୍ଚୟ କରିଅଛ । ଦେଖ ଯେଉଂ ୪
କୃଷକମାନେ ତୁମ୍ଭମାନଙ୍କର ଶସ୍ୟ ଛେଦନ କରିଅଛନ୍ତି ତୁମ୍ଭେମାନେ
ଅନ୍ୟାୟ କରି ସେମାନଙ୍କୁ ବର୍ତ୍ତନ ଦେଇ ନାହଁ ଏହି ନିମନ୍ତେ ସେ ସମସ୍ତ
କାତରବାଣୀ କହୁଅଛି ପୁଣି ସେହି କୃଷକମାନଙ୍କର କାତରବାଣୀ ସୈନ୍ୟା
ଧିପତି ପରମେଶ୍ୱରଙ୍କର କର୍ଣରେ ପ୍ରବେଶ ହୋଇଅଛି । ତୁମ୍ଭେମାନେ ୫
ପୃଥିବୀରେ ଦୃଷ୍ଟ ପୃଷ୍ଟ ହୋଇ ସୁଖ ଭୋଗରେ କାଳ କଟାଇ ଅଛ । ପୁଣି
ମହାଭୋଜ ଦିନର ପ୍ରାୟେ ଆପଣାମାନଙ୍କର ମନକୁ ତୃପ୍ତ କରିଅଛ । ଆବର ୬
ଯେଉଂ ଧାର୍ମିକ ଲୋକ ତୁମ୍ଭମାନଙ୍କର ବିରୁଦ୍ଧରେ କିଛି କରି ନାହିଂ ତାହାଙ୍କୁ
ଦୋଷୀ କରି ବଧ କରିଅଛ ।

ହେ ଭ୍ରାତୃଗଣ ତୁମ୍ଭେମାନେ ପ୍ରଭୁର ଆଗମନ ପର୍ଯ୍ୟନ୍ତେ ସହ୍ୟ କରି ୭
ଥାଅ ଦେଖ କୃଷକମାନେ କ୍ଷେତର ବହୁମୂଲ୍ୟ ଫଳର ଅପେକ୍ଷା କରି ଆଦ୍ୟୋ
ପ୍ରାନ୍ତ ଯାବତ୍ ବୃଷ୍ଟି ନ ପାୟେ ତାବତ୍ ଅତ୍ୟନ୍ତ ସହ୍ୟ କରି ଥାଆନ୍ତି । ଏଣୁ ୮
କରି ତୁମ୍ଭେମାନେହେଂ ଦୀର୍ଘ ସହିଷ୍ଣୁପଣ କରି ଆପଣା୨ ମନରେ ସୁସ୍ଥିର ଥାଅ ।
ପ୍ରଭୁର ଆଗମନ ନିକଟ ଘନାୟେ । ହେ ଭ୍ରାତୃଗଣ ତୁମ୍ଭେମାନେ ଯେମନ୍ତ ୯
ଦଣ୍ଡ ପ୍ରାପ୍ତ ନ ହୁଅ ଏଣୁକରି ଏକକୁଆରେକ ହିଂସା ନ କର । ଦେଖ ବିଚାର
କର୍ତ୍ତା ଦ୍ୱାରର ନିକଟରେ ଉଭା ହୋଇଅଛନ୍ତି । ହେ ଆମ୍ଭର ଭାଇମାନେ ଯେ ୧୦
ଭବିଷ୍ୟତ୍ବକ୍ତାଗଣ ପରମେଶ୍ୱରଙ୍କର ନାମରେ କହିଅଛନ୍ତି ତୁମ୍ଭେମାନେ

ସେମାନଙ୍କୁ ଦୁଃଖଭୋଗ ଓ ଦୀର୍ଘକାଳ ସହ୍ୟଗୁଣର ଦୃଷ୍ଟାନ୍ତସ୍ୱରୂପ କର ଜ୍ଞାନ
୧୧ କର । ଦେଖ ଯେଉଁମାନେ ଧୈର୍ଯ୍ୟଶୀଳ ସେମାନଙ୍କୁ ଆମ୍ଭେମାନେ ଧନ୍ୟ କର
ମଣି । ତୁମ୍ଭେମାନେ ଅୟୁବର ଧୈର୍ଯ୍ୟଧାରଣର କଥା ଶୁଣିଅଛ ପୁଣି ପ୍ରଭୁର
ଶେଷ (କର୍ମ) ଦେଖିଅଛ ଯେଣୁ ପ୍ରଭୁ ଅତି ଦୟାଳୁ ଓ କରୁଣାୟୁକ୍ତ ଅଟନ୍ତି ।
୧୨ ହେ ଆମ୍ଭର ଭ୍ରାତୃଗଣ ବିଶେଷ କର ସ୍ୱର୍ଗର କି ପୃଥିବୀର କି ଅନ ବସ୍ତୁର
ନାମ ଘେନ ଶପଥ ନ କର ପୁଣି ତୁମ୍ଭେମାନେ ଯେମନ୍ତ ଦଣ୍ଡ ପ୍ରାପ୍ତ ନ ହୁଅ ଏନ
ମନ୍ତେ ତୁମ୍ଭମାନଙ୍କର ହଁ। ଶବ୍ଦ ହଁ। ହେଉ ପୁଣି ନାହିଁ ଶବ୍ଦ ନାହିଁ ହେଉ ।
୧୩ ଆଉ ତୁମ୍ଭମାନଙ୍କର କେହ ଯେବେ ଦୁଃଖିତ ହୋଇ ଥାଏ ତେବେ
ସେ ପ୍ରାର୍ଥନା କରୁ । କେହ ଯେବେ ଆନନ୍ଦିତ ଥାଏ ତେବେ ସେ ଧର୍ମ
୧୪ ଗୀତ ଗାଉ । ଅଉ ତୁମ୍ଭମାନଙ୍କର କେହ ଯେବେ ପୀଡିତ ଥାଏ ତେବେ
ସେ ମଣ୍ଡଳୀର ପ୍ରାଚୀନବର୍ଗକୁ ଡକାଇ ସେମାନେ ପ୍ରଭୁର ନାମରେ ତୈଳ
୧୫ ମଖାଇ ତାହାର ନମନ୍ତେ ପ୍ରାର୍ଥନା କରନ୍ତୁ । ତହିଁରେ ବିଶ୍ୱାସ ଜାତ ପ୍ରାର୍ଥ
ନାରୂ ସେ ପୀଡିତ ଲୋକ ବଞ୍ଚିବ ପୁଣି ପ୍ରଭୁ ତାହାକୁ ସୁସ୍ଥ କରିବେ ।
ଅଉ ଯେବେ ସେ କୌଣସି ପାପ କରିଥାଏ ତାହାର ମାର୍ଜ୍ଜନା ହୋଇବ ।
୧୬ ତୁମ୍ଭେମାନେ ଏକକୁଆରେକ ଅପଗାମାନଙ୍କର ଦୋଷ ସ୍ୱୀକାର କର ପୁଣି
ସୁସ୍ଥ ହେବାର ନମନ୍ତେ ଜଣେ ଆନ ଜଣର ନମନ୍ତେ ପ୍ରାର୍ଥନା କର । ଯେ
୧୭ ହେତୁ ଧାର୍ମିକ ଲୋକର ଏକାନ୍ତ ପ୍ରାର୍ଥନା ଅତି ସଫଳ ହୋଏ । ଏଲିୟ
ଆମ୍ଭମାନଙ୍କର ପ୍ରାୟେ ସୁଖ ଦୁଃଖଭୋଗୀ ହୋଇ ଅଣାବୃଷ୍ଟିର ପାଁଇ ଦୃଢ
ପ୍ରାର୍ଥନା କଲା ତେଣୁ ଦେଶରେ ଛନ ବରଷ ଛଅ ମାସ ପର୍ଯ୍ୟନ୍ତ ଅଣାବୃଷ୍ଟି
୧୮ ହୋଇଲା । ଅନନ୍ତରେ ଆଉଥରେ ପ୍ରାର୍ଥନା କରନ୍ତେ ଅକାଶରୁ ପାଣି ବର୍ଷି
ବାରୂ ଦେଶରେ ଶସ୍ୟ ଉତ୍ପନ୍ନ ହେଲା ।
୧୯ ହେ ଭ୍ରାତୃଗଣ ତୁମ୍ଭମାନଙ୍କର କୌଣସି ଲୋକ ସତ୍ୟଧର୍ମତ୍ୟାଗୀ ହେଲେ
କେହ ଯେବେ ତାହାକୁ ଫେରାଏ ତେବେ ଯେଉଁ ଲୋକ ପୁନଶ୍ଚାର
୨୦ ପାପିକୁ ଭ୍ରାନ୍ତି ପଥରୁ ଫେରାଏ ସେ ତାହାର ଆତ୍ମାକୁ ମୃତ୍ୟୁରୁ ରକ୍ଷା କରିବ
ପୁଣି (ତାହାର) ବହୁତ ପାପର ଆଚ୍ଛାଦନ କରିବ ଏହା ସେ ଜାଣୁ ।

ଇତି ।

## ପିତରର ପ୍ରଥମ ସର୍ବସାଧାରଣ ଚିଠୀ ।

### ୧ ପତ୍ର ।

ପିତା ଈଶ୍ୱରଙ୍କର ପୂର୍ବଜ୍ଞାନାନୁସାରେ ଆତ୍ମାର ପବିତ୍ରୀକରଣରେ ଆଜ୍ଞା ପାଳନ ୧
ପୁଣି ଯୀଶୁ ଖ୍ରୀଷ୍ଟଙ୍କ ରକ୍ତରେ ଛିଞ୍ଚିବାର ନିମନ୍ତେ ପନ୍ତ ଗାଲାତିୟା କାପାଦକିୟା
ଆଶିୟା ବିଥୂନିୟ୍ୟାଦ ଦେଶରେ ଛନ୍ନଭିନ୍ନ ମନୋନୀତ ପ୍ରବାସିମାନଙ୍କର ପ୍ରତି ୨
ଯୀଶୁ ଖ୍ରୀଷ୍ଟଙ୍କ ପ୍ରେରିତ ପିତର ଚିଠୀ ଲେଖୁଛି । ତୁମ୍ଭମାନଙ୍କର ପ୍ରତି ବାହୁଲ୍ୟ
ରୂପରେ ଅନୁଗ୍ରହ ଓ ଶାନ୍ତି ହେଉ ।

ଆମ୍ଭମାନଙ୍କର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ପିତା ଈଶ୍ୱର ଧନ୍ୟ ସେ ଅତିଶୟ ୩
କୃପାକରି ମୃତାବସ୍ଥାରୁ ଯୀଶୁ ଖ୍ରୀଷ୍ଟଙ୍କର ଉତ୍ଥାନ ଦ୍ୱାରା ଅକ୍ଷୟ ନିର୍ମଳ ଅଜର ୪
ଅଧିକାର ବିଷୟରେ ଆମ୍ଭମାନଙ୍କର ଗୋଷ୍ଠିକେ ଜୀବନଦାୟକ ଭରସା ପାଇବା
ନିମନ୍ତେ ଆମ୍ଭମାନଙ୍କୁ ପୁନର୍ଜନ୍ମ ଦେଇଛନ୍ତି । ପୁଣି ଶେଷକାଳରେ ପ୍ରକାଶ ୫
ଯୋଗ୍ୟ ପରିତ୍ରାଣ ପାଇଁ ବିଶ୍ୱାସ ଦ୍ୱାରା ଈଶ୍ୱରଙ୍କର ଶକ୍ତିରେ ରକ୍ଷିତ ଯେ ତୁମ୍ଭେ
ମାନେ ତୁମ୍ଭମାନଙ୍କର ନିମନ୍ତେ ସେହି ଅଧିକାର ସ୍ୱର୍ଗରେ ସ୍ଥାପିତ ହୋଇଅଛି ।
ଏଥିରେ ତୁମ୍ଭେମାନେ ହୃଷ୍ଟଚିତ୍ତ ହୋଇଲେହେଁ ସମ୍ପ୍ରତି ପ୍ରୟୋଜନାନୁସାରେ ୬
କିଛି କାଳର ନିମନ୍ତେ ନାନାବିଧ ପରୀକ୍ଷାରେ ଦୁଃଖିତ ହେଉଅଛ । ତହିଁରେ ୭
ଅଗ୍ନି ପରୀକ୍ଷିତ କ୍ଷୟିଷ୍ଣୁ ସୁନାରୁ ବହୁମୂଲ୍ୟବାନ ଯେ ତୁମ୍ଭମାନଙ୍କର ବିଶ୍ୱା
ସର ପରୀକ୍ଷା ତାହା ଯୀଶୁ ଖ୍ରୀଷ୍ଟଙ୍କର ପ୍ରକାଶ ହେବାର ସମୟରେ ପ୍ରଶଂସାର
ଓ ସମ୍ଭ୍ରମର ଓ ଗୌରବର ଯୋଗ୍ୟ ହୋଇବ । ତୁମ୍ଭେମାନେ ତାହାଙ୍କୁ ନ ୮
ଦେଖିହେଁ ପ୍ରେମ କରିଅଛ ପୁଣି ଏବେହେଁ ନ ଦେଖି ତାହାଙ୍କରେ ବିଶ୍ୱାସ
କରି ଅକଥନୀୟ ଓ ସ୍ୱର୍ଗୀୟ ଆନନ୍ଦରେ ଆନନ୍ଦିତ ହୋଇ ବିଶ୍ୱାସର ଫଳସ୍ୱ ୯
ରୂପ ଯେ ଆତ୍ମାର ପରିତ୍ରାଣ ତାହା ପାଉଅଛ । ତୁମ୍ଭମାନଙ୍କର ପ୍ରତି ଯେଉଁ ୧୦
ଅନୁଗ୍ରହ ହେଉଅଛି ତାହାର ପ୍ରତିପାଦକ ପୂର୍ବକାଳର ଭବିଷ୍ୟଦ୍ବକ୍ତୃଗଣ

୧୧ ସେହି ପରିତ୍ରାଣ ବିଷୟରେ ଚେଷ୍ଟା ଓ ଅନୁସନ୍ଧାନ କଲେ । ଆବର ଆଗାମି
ଖ୍ରୀଷ୍ଟର ଦୁଃଖଭୋଗ ପୁଣି ପଶ୍ଚାତ୍ର ଗୌରବର ପ୍ରମାଣଦାତା ଯେ ସେମାନ
ଙ୍କର ମଧ୍ୟବର୍ତ୍ତୀ ଖ୍ରୀଷ୍ଟର ଆତ୍ମ ସେ କାହାର ଓ କେଉଂ ସମୟର ବିଷୟରେ
୧୨ ପ୍ରକାଶ କରୁଥିଲେ ତାହା ସେମାନେ ଅନୁସନ୍ଧାନ କଲେ । ଯେଉଂମାନେ
ସ୍ୱର୍ଗରୁ ପ୍ରେରିତ ଧର୍ମଆତ୍ମ ଦ୍ୱାରା ତୁମ୍ଭମାନଙ୍କର ନିକଟରେ ମଙ୍ଗଳସମାଚାର
ପ୍ରଚାର କଲେ ସେମାନେ ଯେଉଂ କଥା ତୁମ୍ଭମାନଙ୍କର ପ୍ରତି ଉକ୍ତିଅଛି ସେହି
କଥା ଜଣାଇବାରେ ଆପଣାମାନଙ୍କର ସେବା ନ କରି ଆମ୍ଭମାନଙ୍କର
ସେବକ ହେଲେ ଏହା ସେମାନଙ୍କର ପ୍ରତି ପ୍ରକାଶିତ ଥିଲା । ଏହି ସବୁ
ବିଷୟରେ ଦିବ୍ୟ ଦୂତଗଣ ନିରୀକ୍ଷଣ କରିବାକୁ ପ୍ରୟାସ କରଇ ।
୧୩ ଏହେତୁ ଯୀଶୁ ଖ୍ରୀଷ୍ଟର ପ୍ରକାଶିତ ହେବାର ସମୟରେ ତୁମ୍ଭମାନଙ୍କର
ନିମନ୍ତେ ଯେଉଂ ଅନୁଗ୍ରହ ଅଣା ଯିବ ତାହାର ପାଁଇ ଭରସା କରି ଶେଷ
୧୪ ପର୍ଯ୍ୟନ୍ତେ ମନଉପ ଅଣ୍ଟା ବାନ୍ଧି ସଜାଗ ହୋଇ ଥାଅ । ଆଉ ପୂର୍ବର ଅଜ୍ଞାନ
୧୫ ସମୟର କୁଅଭିଳାଷ ଅନୁସାରରେ ବ୍ୟବହାର ନ କରି ତୁମ୍ଭମାନଙ୍କର
ଆହ୍ୱାନ କର୍ତ୍ତା ଯେମନ୍ତ ପବିତ୍ର ତୁମ୍ଭେମାନେହେଂ ଆଜ୍ଞାବର୍ତ୍ତି ସନ୍ତାନମାନଙ୍କର
୧୬ ପ୍ରାୟେ ସବୁ ଆଚରଣରେ ସେହି ପ୍ରକାର ପବିତ୍ର ହୁଅ । ଯେହେତୁ ଲେଖିତ
୧୭ ଅଛି ଆମ୍ଭେ ପବିତ୍ର ଏଣୁକରି ତୁମ୍ଭେମାନେହେଂ ପବିତ୍ର ହୁଅ । ଆଉ ଉପରୋଧ
ବିନୁ ପ୍ରତ୍ୟେକ ଲୋକର କର୍ମାନୁସାରେ ବିଚାର କରନ୍ତି ଯେ ପିତା ତାହାଙ୍କର
ଶ୍ରମୁରେ ଯେବେ ତୁମ୍ଭମାନଙ୍କର ପ୍ରାର୍ଥନା କରିବାର ହୋୟେ ତେବେ ଭୟ
୧୮ କରି ଆପଣାମାନଙ୍କର ପ୍ରବାସ କାଳ କ୍ଷେପଣ କର । ତୁମ୍ଭେମାନେ ଆପଣା୨
ପୂର୍ବ ପୁରୁଷର ପରମ୍ପରାଗତ ନିରର୍ଥକ ଆଚରଣରୁ ରୂପା କି ସୁନା ପରି
୧୯ କ୍ଷୟି ବସ୍ତୁ ଦ୍ୱାରା ମୁକ୍ତ ନୋହି ନିର୍ଦ୍ଦୋଷ ଓ ନିଷ୍କଳଙ୍କ ଯୁବାମେଷର ପ୍ରାୟେ
୨୦ ଖ୍ରୀଷ୍ଟର ବହୁମୂଲ୍ୟ ରକ୍ତରେ ମୁକ୍ତ ହୋଇଅଛ ଏହା ଜାଣିଅଛ । ସେ ଜଗତ
ଆରମ୍ଭର ପୂର୍ବରୁ ନିଯୋଜିତ ଥିଲେ ପୁଣି ଈଶ୍ୱରଙ୍କଠାରେ ଯେମନ୍ତ ତୁମ୍ଭମା
୨୧ ନଙ୍କର ବିଶ୍ୱାସ ଓ ଭରସା ହୋୟେ ଏନିମନ୍ତେ ମରଣରୁ ତାହାଙ୍କୁ ଉଠାଇ
ଗୌରବ ଦେଲେ ଯେ ଈଶ୍ୱର ସେହି ଈଶ୍ୱରଙ୍କଠାରେ ତାହାଙ୍କ ଦ୍ୱାରା
ବିଶ୍ୱାସକାରୀ ଯେ ତୁମ୍ଭେମାନେ ତୁମ୍ଭମାନଙ୍କର ନିମନ୍ତେ ଶେଷ କାଳରେ
୨୨ ପ୍ରକାଶିତ ହୋଇଲେ । ତହିଂରେ ତୁମ୍ଭେମାନେ ସତ୍ୟ ଧର୍ମ ପାଳିବାରେ ଆତ୍ମ
ଦ୍ୱାରା ଆପଣା୨ ମନ ନିର୍ମଳ କରି ନିଷ୍କପଟ ଭାବରେ ଭାଇମାନଙ୍କର ସହିତ
ଏକକୁଆରେକ ପ୍ରେମ କରିଅଛ ଏନିମନ୍ତେ ପବିତ୍ର ଅନ୍ତଃକରଣର ସହିତ
୨୩ ଏକକୁଆରେକ ନିତାନ୍ତ ପ୍ରେମ କର । ଯେହେତୁ ତୁମ୍ଭେମାନେ କ୍ଷୟି ବୀଜ
ରେ ନୋହେ ପୁଣି ଅକ୍ଷୟ ବୀଜରେ ଅର୍ଥାତ୍ର ଅମର ଈଶ୍ୱରର ଅନନ୍ତ କାଳ

ସ୍ଥାପି ବାକ୍ୟରେ ପୁନର୍ଜନ୍ମ ଗ୍ରହଣ କରଅଛ । ଆଉ ପ୍ରାଣି ମାତ୍ର ତୃଣର ୨୪
ନ୍ୟାୟ ଓ ମନୁଷ୍ୟର ଶୋଭା ତୃଣ ଫୁଲର ପ୍ରାୟ । ତୃଣ ଶୁକ ଯାଏ ତା
ହାର ଫୁଲ ଝଡ଼ ପଡ଼ଇ ପୁଣି ପରମେଶ୍ୱରଙ୍କର ବାକ୍ୟ ଅନନ୍ତ କାଳ ସ୍ଥାପି ୨୫
ସେହ ବାକ୍ୟ ମଙ୍ଗଲସମାଗର ଦ୍ୱାରା ତୁମ୍ଭମାନଙ୍କର ନକଟରେ ପ୍ରଚାରିତ ଅଛ ।

୨ ପତ୍ର ।

ତୁମ୍ଭେମାନେ ସବୁ ଦ୍ୱେଷ ଓ ସବୁ ପ୍ରକାର ଛଳ କପଟ ଈର୍ଷା ସବୁ କୁତ୍ସିତ ୧
ଅଲାପ ପରତ୍ୟାଗ କର କୃତ୍ତି ପାଇବାର ନମନ୍ତେ ନୂଅଜାତ ଶିଶୁର ୨
ପର ସଦ୍ୟ ବାକ୍ୟରୂପ ଦୁଗ୍ଧ ପାନ କରବାକୁ ଇଚ୍ଛା କର । ଯେହେତୁ ତୁମ୍ଭେ ୩
ମାନେ ପ୍ରଭୁର ଅନୁଗ୍ରହର ସ୍ୱାଦ ଜାଣିଅଛ । ଆଉ ଯେ ମନୁଷ୍ୟର ଦ୍ୱାରା ଅବଜ୍ଞା ୪
କୃତ ପୁଣି ଈଶ୍ୱରଙ୍କର ଦ୍ୱାରା ମନୋନୀତ ବହୁମୂଲ୍ୟ ଜୀବନ୍ତ ପଥରର ସ୍ୱରୂପ
ହୁଅନ୍ତ ତାହାଙ୍କର ସମ୍ମୁରେ ଅସି ଜୀବନ୍ତ ପଥରମସ୍ ପାରମାର୍ଥିକ ଗୋଷ୍ଠିସ୍ୱେ
ମନ୍ଦିରସ୍ୱରେ ନର୍ମିତ ହେଉଅଛ । ପୁଣି ଯୀଶୁ ଖ୍ରୀଷ୍ଟର ଦ୍ୱାରା ଈଶ୍ୱରଙ୍କର ୫
ସମ୍ମୁରେ ଗ୍ରାହ୍ୟ ଯେ ପାରମାର୍ଥିକ ବଲି ତାହା ଉତ୍ସର୍ଗ କରବାକୁ ପବତ୍ର ଯାଜକ
ସ୍ୱରୂପ ହେଉଅଛ । ଯେହେତୁ ଶାସ୍ତ୍ରରେ ଲେଖିତ ଅଛ ଦେଖ ଅମ୍ଭେ ମନୋ ୬
ନୀତ ବହୁମୂଲ୍ୟ ପ୍ରଧାନ କୋଣର ଗୋଷ୍ଠିସ୍ୱେ ପଥର ସିୟୋନରେ ସ୍ଥାପିତ କର
ଯାହାରେ ଯେଉଁ ଜନ ପ୍ରତ୍ୟୟ କରବ ସେ କେବେହେଁ ଲଜ୍ଜିତ ନୋହବ ।
ଏହେତୁ ପ୍ରତ୍ୟୟକାରୀ ଯେ ତୁମ୍ଭେମାନେ ତୁମ୍ଭମାନଙ୍କର ନକଟରେ ସେ ବହୁ ୭
ମୂଲ୍ୟ ଅଟନ୍ତ ପୁଣି ଆଜ୍ଞା ମେଣ୍ଢାଗଳାମାନଙ୍କର କଉରେ ଗାନ୍ଥିବା ଲୋକେ
ଯେଉଁ ପଥର ଗୁଚ୍ଛ କରଥିଲେ ସେ ପ୍ରଧାନ କୋଣର ପଥର ହୋଇ ବାଧା
ଜନକ ଓ ହୁଣ୍ଟି ପଡ଼ବାର କାରଣ ହୋଇଅଛ । ସେମାନେ ଈଶ୍ୱରଙ୍କର ୮
ବାକ୍ୟରେ ଅମାନକ ହୋଇ ହୁଣ୍ଟିଲେ ଉହିଁରେହେଁ ସେମାନେ ନିଯୁକ୍ତ ହେ
ଲେ । ପୁଣି ଯେଉଁମାନେ ତୁମ୍ଭମାନଙ୍କୁ ଅନ୍ଧାରରୁ ଅପଣାର ଆଶ୍ଚର୍ଯ୍ୟ ଆଲୁ ଅ ୯
ମଧ୍ୟରେ ଆହ୍ୱାନ କଲେ ତୁମ୍ଭେମାନେ ଯେମନ୍ତ ତାହାଙ୍କର ପ୍ରଶଂସା ପ୍ରକାଶ
କର ଏହନମନ୍ତେ ତୁମ୍ଭେମାନେ ମନୋନୀତ ବଂଶ ଓ ରାଜକୀୟ ଯାଜକ କୁଳ
ଓ ପବତ୍ର ପ୍ରଜା ପୁଣି କଣା ଲୋକ ହୋଇଅଛ । ତୁମ୍ଭେମାନେ ପୂର୍ବରେ ୧୦
ପରମେଶ୍ୱରଙ୍କର ଲୋକ ଥିଲ ନାହଁ ପୁଣି ଏବେ ତାହାଙ୍କର ଲୋକ ହୋଇ
ଅଛ ପୂର୍ବରେ ତାହାଙ୍କର ଅନୁଗ୍ରହ ପାଇ ନାହଁ ଏବେ ଅନୁଗ୍ରହ ପାଇ
ହୋଇଅଛ ।

ହେ ପ୍ରିୟ ଲୋକମାନେ ତୁମ୍ଭମାନଙ୍କୁ ଏହ ବନୟ କର ଅମ୍ଭେ ବୋଲୁ ତୁମ୍ଭେ ୧୧

ମାନେ ପ୍ରବାସି ଓ ବିଦେଶି ଲୋକମାନଙ୍କର ପ୍ରାୟେ ମନର ପ୍ରତିକୂଳରେ ଯୁଦ୍ଧ
୧୧ କାରି ଶାରୀରିକ ସୁଖାଭିଳାଷଲ୍ ନିବୃତ୍ତି ହୁଅ । ପୁଣି ଅନ୍ୟଦେଶୀୟମାନେ
ଦୁଷ୍କୃତ ଲୋକମାନଙ୍କର ପ୍ରାୟେ ତୁମ୍ଭମାନଙ୍କର କଳଙ୍କ କଲେ ତୁମ୍ଭମାନଙ୍କର
ସୁକ୍ରିୟା ଦେଖି ଯେମନ୍ତ ଅନୁଗ୍ରହ* ଦିନରେ ଈଶ୍ୱରଙ୍କର ଗୁଣାନୁବାଦ କରନ୍ତି
୧୩ ଏହି ନିମନ୍ତେ ସେମାନଙ୍କର ମଧ୍ୟରେ ସଦାଚରଣ କର । ଆଉ ମନୁଷ୍ୟର ସବୁ
୧୪ ଶାସନକର୍ତ୍ତାର ଅର୍ଥାତ୍ ସର୍ବଶ୍ରେଷ୍ଠ ରାଜାର ପୁଣି ଦୁଷ୍ଟର ଦମନ ଓ ସନ୍ଥର
ପ୍ରଶଂସା ନିମନ୍ତେ ତାହାର ଦ୍ୱାରା ଯେ ସବୁ ଲୋକମାନେ ପ୍ରେରିତ ପ୍ରଭୁର
୧୫ ନିମନ୍ତେ ସେମାନଙ୍କର ବଶୀଭୂତ ହୁଅ । ଯେହେତୁ ତୁମ୍ଭେମାନେ ଯେହେ
ସତ୍କର୍ମ କରି ନିର୍ବୋଧ ମନୁଷ୍ୟମାନଙ୍କର ଅଜ୍ଞାନପଣକୁ ନିବୃତ୍ତ କରି ରଖ
୧୬ ପୁଣି ମୁକ୍ତ ହୋଇହିଂ ଆପଣାମାନଙ୍କର ମୁକ୍ତିକୁ ଦ୍ୱେଷ ଆଚ୍ଛାଦନ ସ୍ୱରୂପ ନ କରି
୧୭ ଈଶ୍ୱରର ଦାସଗଣର ନ୍ୟାୟ ହୁଅ ଏହି ଈଶ୍ୱରଙ୍କର ଅଭିମତ । ସବୁ ଲୋକ
ଙ୍କର ସମାଦର କର । ଭାଇମାନଙ୍କୁ ପ୍ରେମ କର । ଈଶ୍ୱରଙ୍କୁ ଭୟ କର ।
ପୁଣି ରାଜାର ସନ୍ମାନ ରଖ ।
୧୮ ହେ ଦାସଗଣ ତୁମ୍ଭେମାନେ ସବୁ ମତେ ସମାଦରେ ଆପଣାମାନଙ୍କର ପ୍ରଭୁ
ଗଣର ବଶୀଭୂତ ହୁଅ କେବଳ ଭଲ ଓ ଦୟାଳୁ ପ୍ରଭୁର ନୋହେ ପୁଣି ନିଷ୍ଠୁର
୧୯ ମାନଙ୍କରଇ ବଶୀଭୂତ ହୁଅ । ଯେହେତୁ କେହି ଯେବେ ଈଶ୍ୱରଙ୍କୁ ମାନ୍ୟ
କରିବା ହେତୁରୁଂ ଅନ୍ୟାୟ ଭୋଗ କରି କ୍ଳେଶ ସହଇ ତେବେ ତାହାର
୨୦ ସେହି କର୍ମଇ ଗ୍ରାହ୍ୟ ହୋୟେ ନୋହିଲେ ତୁମ୍ଭେମାନେ ଯେବେ ଆପଣାମା
ନଙ୍କର ଦୋଷ ହେତୁରୁଂ ଜାବୁଡା ଖାଇ ସହ୍ୟ କର ତେବେ ତହିଂରେ
ପ୍ରଶଂସା କି । ପୁଣି ସତ୍କ୍ରିୟା କରିବାରେ କୌଣସି ଦୁଃଖ ଉପସ୍ଥିତ ହେଲେ
ଯେବେ ତାହା ସହ୍ୟ କର ତେବେ ସେ ଈଶ୍ୱରଙ୍କର ଗ୍ରାହ୍ୟ କର୍ମ ପ୍ରମାଣ ।
୨୧ ଆଉ ସେ ନିମନ୍ତେଇ ତୁମ୍ଭେମାନେ ନିମନ୍ତ୍ରିତ ହୋଇଅଛ ଯେହେତୁ ତୁମ୍ଭେ
ମାନେ ଯେମନ୍ତ ଖ୍ରୀଷ୍ଟର ପଦଚିହ୍ନ ଦେଇ ଗମନ କର ଏଥିପାଇଁ ସେ ଆପେଁ
ଆମ୍ଭମାନଙ୍କର ପାଇଁ ଦୁଃଖ ଭୋଗ କରି ତୁମ୍ଭମାନଙ୍କୁ ଗୋଟିୟେ ଦୃଷ୍ଟାନ୍ତ ଦେ
୨୨ ଖାଇଲେ । ସେ କୌଣସି ପାପ କରି ନାହାନ୍ତି ପୁଣି ତାହାଙ୍କର ମୁଖରେ କୌ
୨୩ ଣସି ଛଳର କଥା ନ ଥିଲା । ସେ ନିନ୍ଦିତ ହୋଇଲେ ଫେରି ନିନ୍ଦା କରି
ନାହାନ୍ତି ଅବା ଦୁଃଖ ପାଇଲେହେଁ କାହାକୁଇ ଭର୍ତ୍ସନା କରି ନାହାନ୍ତି ପୁଣି
୨୪ ନ୍ୟାୟ ବିଶ୍ୱରକର୍ତ୍ତାର କତିରେ ଆପଣାକୁ ସମର୍ପି ଦେଲେ । ଆଉ ଆମ୍ଭେ ଯେ
ମନ୍ତ ପାପର ପକ୍ଷରେ ମରି ଧର୍ମର ପକ୍ଷରେ ସଜୀବ ହୋଇ ଏହି ନିମନ୍ତେ କ୍ରୁଶ
କାଠରେ ଆପଣା ଦେହରେ ଆମ୍ଭମାନଙ୍କର ପାପର ଭାର ବହିଲେ । ତାହା

* ଅବା ଦୃଷ୍ଟି କରିବାର ଦିନରେ ।

ଙ୍କର ପ୍ରହାରରେ ତୁମ୍ଭେମାନେ ସୁସ୍ଥ ହୋଇଅଛ । ଯେହେତୁ ପୂର୍ବରେ ୧୫
ତୁମ୍ଭେମାନେ ହଜିଲା ମେଣ୍ଢାର ନ୍ୟାୟ ଥିଲ ପୁଣି ଏବେ ତୁମ୍ଭମାନଙ୍କର
ଅତ୍ମର ପାଳକ ଓ ବେବର୍ତ୍ତାର ନିକଟରେ ଫେରି ଆସିଅଛ ।

## ୩ ପର୍ବ ।

ହେ ସ୍ତ୍ରୀଗଣ ତୁମ୍ଭେମାନେହେଁ ଆପଣା୧ ସ୍ୱାମିର ବଶୀଭୂତ ହୁଅ ତହିଁରେ ୧
କେହି ଯେବେ ବାକ୍ୟରେ ଅମାନକ ହୋୟେ ତେବେ ତୁମ୍ଭମାନଙ୍କର ସଭୟ
ପବିତ୍ର ଆଚରଣ ଦେଖି ସେମାନେ ବାକ୍ୟ ବିନୁ ସ୍ତ୍ରୀମାନଙ୍କର ଆଚରଣ ୨
ଦ୍ୱାରା ମତାଯାୟେ । ଆଉ କେଶବେଶ ସୁବର୍ଣ୍ଣ ଅଭରଣ ବସ୍ତ୍ର ପିନ୍ଧିବାର ୩
ଇତ୍ୟାଦ ବାହ୍ୟ ଭୂଷଣ ତୁମ୍ଭମାନଙ୍କର ଭୂଷଣ ନୋହି ଈଶ୍ୱରଙ୍କର ଶ୍ଚମୁରେ ୪
ବହୁମୂଲ୍ୟ କୋମଳ ସ୍ୱଭାବ ଓ ଶାନ୍ତିଯୁକ୍ତ ମନର ଯେ ଗୁପ୍ତ ସ୍ୱଭାବ ତାହାଇ
ତୁମ୍ଭମାନଙ୍କର ଅକ୍ଷୟ ଭୂଷଣ ହେଉ । ପୂର୍ବ କାଳର ଧାର୍ମିକ ତିରୀ ୫
ଗଣ ଈଶ୍ୱରଠାରେ ଭରସା କରି ଆପଣା୧ ସ୍ୱାମିର ବଶୀଭୂତା ହୋଇ ଏହି
ପ୍ରକାରେ ଆପଣାମାନଙ୍କୁ ଭୂଷିତ କରିଥିଲେ । ସେହି ପ୍ରକାର ସାରା ଅବ୍ରହାମକୁ ୬
ପ୍ରଭୁ ବୋଲି ତାହାର ଆଜ୍ଞାକାରିଣୀ ହେଲା । ତୁମ୍ଭେମାନେହେଂ ସତ୍କର୍ମ
କରି କିଛି ଭୟରେ ତରସ୍ତ ନୋହି ତାହାର କନ୍ୟା ସ୍ୱରୂପ ହୋଇଅଛ ।
ହେ ପୁରୁଷଗଣ ତୁମ୍ଭେମାନେ ପ୍ରାର୍ଥନା କର୍ମରେ ଯେମନ୍ତ କୌଣସି ବାଧା ୭
ନ ଜନ୍ମଇ ଏହିନିମନ୍ତେ ତୁମ୍ଭେମାନେହେଂ ଜ୍ଞାନରେ ତିରୀଗଣର ସହିତ
ସହବାସ କରି ସେମାନଙ୍କୁ ଉଣାବଳ ପାତ୍ର ଓ ଆପଣାମାନଙ୍କର ସହିତ
ଜୀବନ ଦାୟକ ଅନୁଗ୍ରହର ଉତ୍ତରାଧିକାରିଣୀ ଜାଣି ସମ୍ଭ୍ରମ କର ।

ବିଶେଷରେ ତୁମ୍ଭେମାନେ ସମସ୍ତେ ଏକମନା ପରଦୁଃଖଭୋଗୀ ଭ୍ରାତୃ- ୮
ପ୍ରେମକାରୀ ଦୟାବନ୍ତ ଓ ସଭାବି ହୁଅ । ଅନିଷ୍ଟର ପରିଶୋଧରେ ଅନିଷ୍ଟ ୯
କିଅବା ନିନ୍ଦାର ପରିଶୋଧରେ ନିନ୍ଦା ନ କରି ବରଞ୍ଚ ତୁମ୍ଭେମାନେ ଆଶୀର୍ବା
ଦର ଅଧିକାରୀ ହେବାର ନିମନ୍ତେ ନିମନ୍ତ୍ରିତ ହୋଇଅଛ ଏହା ଜାଣି ଆଶୀର୍ବାଦ
କର । ଯେହେତୁ ଯେଉଂ ଜନ ଜୀବନକୁ ପ୍ରେମ କରି ସୁଖ ଭୋଗରେ କାଳ ୧୦
କାଟିବାକୁ ପାଞ୍ଚଇ ସେ ମନ୍ଦ ବାକ୍ୟରୁ ଆପଣା ଜିହ୍ୱାକୁ ପୁଣି ପ୍ରପଞ୍ଚ ବାକ୍ୟରୁ
ଆପଣା ଓଷ୍ଠାଧରକୁ ରକ୍ଷା କରୁ । କୁକ୍ରିୟା ତ୍ୟାଗ କରି ସତ୍କର୍ମ କରୁ ଶାନ୍ତି ୧୧
ଚେଷ୍ଟା କରି ତହିଂରେ ପ୍ରବୃତ୍ତ ଥାଉ । ଧାର୍ମିକଗଣର ପ୍ରତି ଈଶ୍ୱରଙ୍କର ୧୨
ଦୃଷ୍ଟି ପୁଣି ସେମାନଙ୍କର ପ୍ରାର୍ଥନାର ପ୍ରତି ତାହାଙ୍କର କର୍ଣ୍ଣ ଅଛି ମାତ୍ର ଦୁଷ୍କର୍ମି
ମାନଙ୍କର ପ୍ରତି ଈଶ୍ୱର ବିମୁଖ ଅଛନ୍ତି । ଆଉ ତୁମ୍ଭେମାନେ ଯେବେ ସଦ୍ ୧୩
ବ୍ୟବହାରର ଅନୁକାରୀ ହୁଅ ତେବେ କେ ତୁମ୍ଭମାନଙ୍କୁ ହିଂସା କରି ପାରିବ ।

୧୪ ମାତ୍ର ଧର୍ମର ନିମନ୍ତେ ଯେବେ କ୍ଳେଶଭୋଗ କର ତେବେ ତୁମ୍ଭେମାନେ ଧନ୍ୟ ।
ଏଣୁ ସେମାନଙ୍କର ଭୟରେ ଭୀତ ଓ ଭାବିତ ନୋହି ମନ ମଧ୍ୟରେ ପ୍ରଭୁ
୧୫ ପରମେଶ୍ୱରଙ୍କୁ ପବିତ୍ର କରି ମାନ । ଆଉ ତୁମ୍ଭମାନଙ୍କର ଅନ୍ତଃକରଣସ୍ଥ ଭର
ସାର ବିଷୟ ଯେ କେହି ତୁମ୍ଭମାନଙ୍କୁ ପଚାରଇ ତାହାକୁ ମୃଦୁ ପୁଣି ଅଦର
୧୬ ଭାବରେ ଉତ୍ତର ଦେବାକୁ ସର୍ବଦା ପ୍ରସ୍ତୁତ ହୁଅ । ଆଉ ଯେଉଂମାନେ ଖ୍ରୀଷ୍ଟ
ଧର୍ମ ଅନୁଯାୟି ତୁମ୍ଭମାନଙ୍କର ଉତ୍ତମାଚରଣର ଅପବାଦ କରନ୍ତି ସେମାନେ
ତୁମ୍ଭମାନଙ୍କୁ ଦୁଷ୍କର୍ମକାରୀ ମିଥ୍ୟା ବୋଲିବାରେ ଯେମନ୍ତ ଲଜ୍ଜିତ ହୁଅନ୍ତି ଏଥି
୧୭ ପାଁଇ ତୁମ୍ଭେମାନେ ଭଲମନ ରଖ । ଯେବେ ଈଶ୍ୱରଙ୍କର ଇଚ୍ଛା ହୋୟେ
୧୮ ତେବେ ଦୁଷ୍କର୍ମ ନ କରି ସୁକର୍ମ କରି ଦୁଃଖ ଭୋଗ କରିବାର ଭଲ । ଯେହେତୁ
ଈଶ୍ୱରଙ୍କର ସହିତ ଅମ୍ଭମାନଙ୍କର ମିଳଣ କରାଇବାର ପାଁଇ ଖ୍ରୀଷ୍ଟ ଆପେଁ
ଧାର୍ମିକ ହୋଇ ଅଧାର୍ମିକମାନଙ୍କର ପରିବର୍ତ୍ତରେ ଥରେ ଦୁଃଖ ଭୋଗ କଲେ
୧୯ ସେ ଦେହରେ ହତ ହୋଇ ଅତ୍ମରେ ସଜୀବ ହୋଇଲେ । ଆବର ସେ
୨୦ ତଦ୍ୱାରା ଯାଇ ବନ୍ଦ ସ୍ଥାନସ୍ଥିତ ଅତ୍ମଗଣକୁ ଘୋଷଣା କଲେ । ପୂର୍ବରେ ନୋ
ହର ଦିନରେ ଜାହାଜର ପ୍ରସ୍ତୁତ ହେବା ଯାୟେ ଯେଉଂ ସମୟରେ ଈଶ୍ୱର
ଙ୍କର ସହିଷ୍ଣୁତା ପ୍ରକାଶ ହେଲା ସେହି ସମୟରେ ଏହି ଅତ୍ମଗଣ ଅମାନକ
୨୧ ଥିଲେ । ସେହି ଜାହାଜରେ ଅଳ୍ପଲୋକ ଅର୍ଥାତ୍ ଆଠପ୍ରାଣୀ ଜଳରେ ରକ୍ଷା
ପାଇଲେ ସେ ପ୍ରମାଣେ ଡୁବନ ତଦନୁରୂପ ହୋଇ (ଦେହର ମଳିଣ ଦୂର
କରିବାର ନୋହି ମାତ୍ର ଈଶ୍ୱରଙ୍କର ପ୍ରତି ଭଲ ମନର ସାକ୍ଷ୍ୟ ଦେବାର)
ଯୀଶୁ ଖ୍ରୀଷ୍ଟର ପୁନରୁତ୍ଥାନ ଦ୍ୱାରା ଅମ୍ଭମାନଙ୍କୁ ଏତେବେଳେ ରକ୍ଷା କରୁଅଛି ।
୨୨ ସେ [ଯୀଶୁ ଖ୍ରୀଷ୍ଟ] ସ୍ୱର୍ଗରେ ଯାଇ ଈଶ୍ୱରଙ୍କର ଦକ୍ଷିଣ ହାତରେ ଥାନ୍ତେ ଦୂତ
ଗଣ ପୁଣି ପରାକ୍ରାନ୍ତ ଓ ପ୍ରଧାନ ପଦସ୍ଥ ସବୁ ତାହାଙ୍କର ବଶୀଭୂତ ହୁଅନ୍ତି ।

## ୪ ପର୍ବ ।

୧ ଏଣୁକରି ଖ୍ରୀଷ୍ଟ ଅମ୍ଭମାନଙ୍କର ନିମନ୍ତେ ଦେହରେ ଦୁଃଖଭୋଗ କରିବାରୁଂ
୨ ତୁମ୍ଭେମାନେହେଂ ସେରୂପ ମନ ଧରି ସୁସଜ୍ଜିତ ହୁଅ । ଯେହେତୁ ଯେ କେହି
ଦେହରେ ଦୁଃଖଭୋଗ କରୁଥାୟେ ସେ ପାପରୁ ମୁକ୍ତ ହୋଇ ମାନବ
ଇଚ୍ଛାର ବଶୀଭୂତ ନୋହି ଜୀବନ ଥିବା ଯାୟେ ଈଶ୍ୱରଙ୍କର ଇଚ୍ଛାନୁସାରେ
୩ କାଳ କ୍ଷେପଣ କରଇ । ଆଉ କାମ କୁଅଭିଳାଷ ମଦ୍ୟପାନ ରଙ୍ଗରସ ମତ୍ତତା
ଘୃଣାଯୋଗ୍ୟ ଦେବପୂଜା ଏହି ସବୁ ବ୍ୟବହାର କରି ଦେବପୂଜକମାନଙ୍କର
ଇଚ୍ଛାନୁସାରେ କର୍ମ କରିବାରେ ଅମ୍ଭମାନଙ୍କର ପରମାୟୁର ଯେକ୍ଷୟ ହୋଇ
୪ ଅଛି ସେହି ବହୁତ । ତୁମ୍ଭେମାନେ ଏମନ୍ତ ଦୁଷ୍ଟାଚରଣରେ ସେମାନଙ୍କର

ସହିତ ବ୍ୟବହାର ଆଉ ନ କରିବାରୁଂ ସେମାନେ ଆଶ୍ଚର୍ଯ୍ୟ ମଣି ତୁମ୍ଭମାନଙ୍କୁ
ନିନ୍ଦା କରନ୍ତି । ମାତ୍ର ଜୀଅନ୍ତା ଓ ମଲାର ଲୋକମାନଙ୍କର ବିଚାର କରିବାକୁ ୫
ଉଦ୍ୟତ ଯେ ଈଶ୍ୱର ତାହାଙ୍କର ଶ୍ରୁମୁରେ ସେମାନଙ୍କୁ ଆପଣା୨ କର୍ମର ନିକାଶ
ଦେବାକୁ ହେବ । ଏଣୁକରି ଯେଉଂମାନେ ହତ ହେଲେ ସେମାନେ ମାନବ ୬
ଦେହରେ ଦଣ୍ଡାଜ୍ଞା ପାଇଲେହେଁ ଈଶ୍ୱରଙ୍କର ସହିତ ଯେମନ୍ତ ଆତ୍ମରେ ବଞ୍ଚି
ଥାୟେ ଏନିମନ୍ତେ ସେମାନଙ୍କର ନିକଟରେ ମଙ୍ଗଳସମାଚାର ପ୍ରଚାରିତ ହେଲା ।
ସବୁ ବିଷୟର ଶେଷ ନିକଟ ଘନାୟେ ଏଣୁକରି ସତର୍କ ହୋଇ ପ୍ରାର୍ଥନା ୭
କରିବାରେ ଜାଗି ରହ । ବିଶେଷରେ ଆପଣାମାନଙ୍କର ମଧ୍ୟରେ ଏକକୁ ୮
ଆରେକ ନିତାନ୍ତ ପ୍ରେମ କର ଯେହେକୁ ପ୍ରେମ ବାହୁଲ୍ୟ ପାପର ଆଚ୍ଛାଦନ
କରଇ । ଅକାତର ହୋଇ ଏକକୁଆରେକ ଆତିଥ୍ୟ କର ଏହିରୂପ ତୁମ୍ଭମା ୯
ନଙ୍କର ପ୍ରତ୍ୟେକ ଜଣ ଯେଉଂରୂପ ଅନୁଗ୍ରହ ଦାନ ପାଇଅଛ ସେହି ପ୍ରକାର ୧୦
ପରମେଶ୍ୱରଙ୍କର ବହୁ ଦୟାରେ ଉତ୍ତମ ଭଣ୍ଡାରଘରିୟା ପ୍ରାୟେ ଏକକୁ
ଆରେକ ବିତରଣ କର । କେହି କଥା କହିଲେ ସେ ଈଶ୍ୱରଙ୍କର ବାକ୍ୟ ୧୧
ପ୍ରମାଣେ କଥା ବୋଲୁ । ଆଉ ସେବା କରିବାକୁ ହେଲେ ଈଶ୍ୱରଙ୍କଦତ୍ତ
ଯୋଗ୍ୟପଣାନୁସାରେ ସେବା କର । ତହିଂରେ ସବୁ ବିଷୟରେ ଯୀଶୁ ଖ୍ରୀଷ୍ଟଙ୍କ
ଦ୍ୱାରା ଈଶ୍ୱରର ମହିମା ପ୍ରକାଶ ହୋଇବ ସେହି ଖ୍ରୀଷ୍ଟଙ୍କଠାରେ ଗୌରବ ଓ
ପରାକ୍ରମ ସର୍ବଦା ହେଉ । ଆମେନ ।
ହେ ପ୍ରିୟବର୍ଗ ତୁମ୍ଭମାନଙ୍କର ଯେଉଂ ପରୀକ୍ଷକ ଅଗ୍ନି ସ୍ୱରୂପ ତାଡଣା ୧୨
ଉପସ୍ଥିତ ହେଉଅଛି ତାହା ଅସମ୍ଭବ ଘଟଣା ଭାଳି ଆଶ୍ଚର୍ଯ୍ୟ ଜ୍ଞାନ ନ କର ।
ପୁଣି ଖ୍ରୀଷ୍ଟର ଦୁଃଖର ଭାଗି ହେଲେହେଂ ଆନନ୍ଦ କର ତହିଁରେ ତାହାଙ୍କର ୧୩
ମହିମା ପ୍ରକାଶିତ ହେବା ବେଳେ ତୁମ୍ଭେମାନେ ଆନନ୍ଦରେ ପୁଲକିତ ହୋଇବ ।
ଆଉ ଯେବେ ଖ୍ରୀଷ୍ଟଙ୍କର ନାମର ନିମନ୍ତେ ନିନ୍ଦିତ ହୁଅ ତେବେ ତୁମ୍ଭେମାନେ ୧୪
ଧନ୍ୟ ଯେଣୁ ଗୌରବ ଓ ଈଶ୍ୱରର ଆତ୍ମ ତୁମ୍ଭମାନଙ୍କର ମଧ୍ୟରେ ଅଧିଷ୍ଠାନ
ହୁଅନ୍ତି ସେ ସେମାନଙ୍କର ଆଡେ ନିନ୍ଦିତ ହୋଇଲେହେଂ ତୁମ୍ଭମାନଙ୍କର
ପାଖରେ ସମ୍ଭାନ୍ତ ଅଟନ୍ତି । ପୁଣି ତୁମ୍ଭମାନଙ୍କର କେହି ହତ୍ୟାକାରୀ କି ଚୋର ୧୫
କି ଦୁଷ୍କର୍ମକାରୀ କି ଅଣଧିକାରଚର୍ଚ୍ଚକ ଏଆଦି ହେଲାରୁଂ ଶାସ୍ତ୍ର ଭୋଗ ନ
କରୁ । କେହି ଯେବେ ଖ୍ରୀଷ୍ଟିୟାନ ହେବା ହେତୁରୁଂ କ୍ଲେଶ ପାୟେ ତେବେ ୧୬
ଲଜ୍ଜିତ ନୋହି ଦୁଃଖର ନିମନ୍ତେ ଈଶ୍ୱରଙ୍କର ଗୁଣାନୁବାଦ କରୁ । ଆଉ ୧୭
ଈଶ୍ୱରଙ୍କର ପରିବାରେ ଦଣ୍ଡ ଦେବାର ଅରମ୍ଭ ସମୟ ଉପସ୍ଥିତ ହେଉଅଛି
ସେହି ଦଣ୍ଡ ଯେବେ ପ୍ରଥମରେ ଆମ୍ଭମାନଙ୍କରେ ଫଳଇ ତେବେ ଈଶ୍ୱରଙ୍କର
ମଙ୍ଗଳସମାଚାରର ଅଣାଜ୍ଞାବହ ଲୋକଙ୍କର ଶେଷ ଗତି କି ହୋଇବ । ଆଉ ୧୮

ଯେବେ ଧାର୍ମିକ ଲୋକଙ୍କର ପରିତ୍ରାଣ ହେବାର ଦୁଃସାଧ୍ୟ ହୋଯେ ତେବେ
୧୯ ଅଧାର୍ମିକ ଓ ପାପିଷ୍ଠ ମନୁଷ୍ୟ କେଉଂଠାରେ ଗତି ପାଇବେ । ଈଶ୍ୱରଙ୍କର
ଇଚ୍ଛାନୁସାରେ ଯେଉଂମାନେ ଦୁଃଖଭୋଗ କରନ୍ତି ସେମାନେ ସତୁକ୍ରିୟା କରି
ଅପଣା୨ ଆତ୍ମକୁ ବିଶ୍ୱସ୍ତ ସୃଷ୍ଟିକର୍ତ୍ତାଙ୍କଠାରେ ସମର୍ପଣ କରନ୍ତୁ ।

* ପର୍ବ ।

୧ ଖ୍ରୀଷ୍ଟର ଦୁଃଖ ଭୋଗର ଏକ ସାକ୍ଷୀ ଅବର ପ୍ରକାଶ ହେବାର ଯେ ଗୌ
ରବ ତାହାର ଭାଗୀ ଏମନ୍ତ ଆମ୍ଭେ ପ୍ରାଚୀନ ହୋଇ ତୁମ୍ଭମାନଙ୍କର ପ୍ରାଚୀନବ
୨ର୍ଗର ପ୍ରତି ବିନୟ କରି ବୋଲି । ଈଶ୍ୱରଙ୍କର ଯେଉଂ ପଲ ତୁମ୍ଭମାନଙ୍କର
ମଧ୍ୟରେ ଥାଯେ ତାକୁ ପାଳଣ କର ବଳାତ୍କାନ୍ତରେ ନୋହେ ପୁଣି ସ୍ୱେଚ୍ଛାନୁ
୩ ସାରେ । କୁତ୍ସିତ ଲାଭର ନିମନ୍ତେ ନୋହେ ପୁଣି ସ୍ୱଚ୍ଛନ୍ଦ ମନରେ ତାହାର
ପାଳକପଣ ସାଧନ କର । [ଈଶ୍ୱରଙ୍କର] ଅଧିକାର ଉପରେ ପ୍ରଭୁପଣ
୪ ନ କରି ପଲର ଦୃଷ୍ଟାନ୍ତ ସ୍ୱରୂପ ହୁଅ ତହିଂରେ ପ୍ରଧାନ ପାଳକ ଉପସ୍ଥିତ
ହୁଅନ୍ତେ ତୁମ୍ଭେମାନେ ଅମଳିଣ ଗୌରବରୂପ ମୁକୁଟ ପାଇବ ।
* ହେ ଯୁବାଲୋକ ତୁମ୍ଭେମାନେହେଂ ପ୍ରାଚୀନମାନଙ୍କର ବଶୀଭୂତ ହୁଅ
ପୁଣି ସମସ୍ତେ ଏକକୁଆରେକ ବଶୀଭୂତ ହୋଇ ନମ୍ରଭାବରେ ବିଭୂଷିତ ହୁଅ ।
ଯେହେତୁ ଈଶ୍ୱର ଅହଙ୍କାରିମାନଙ୍କୁ ବିରୋଧ କରି ନମ୍ର ଲୋକଙ୍କୁ ଅନୁଗ୍ରହ
୬ କରନ୍ତି । ଏହେତୁ ଈଶ୍ୱର ଯେମନ୍ତ ତୁମ୍ଭମାନଙ୍କୁ ଉଚିତ ସମୟରେ ଉନ୍ନତ
କରିବେ ଏନିମନ୍ତେ ତୁମ୍ଭେମାନେ ତାହାଙ୍କର ବଳବନ୍ତ ହସ୍ତର ତଳରେ ନମ୍ର
୭ ହୋଇ ଥାଅ । ଈଶ୍ୱର ତୁମ୍ଭମାନଙ୍କର ପ୍ରତି ମନୋଯୋଗ କରୁଅଛନ୍ତି ଏଣୁ
କରି ତୁମ୍ଭେମାନେ ଅପଣା୨ ସବୁ ଚିନ୍ତାର ଭାର ତାହାଙ୍କର ଉପରେ ଦିଅ ।
୮ ତୁମ୍ଭମାନଙ୍କର ବିପକ୍ଷ ଶୟତାନ ସିଂହର ପ୍ରାୟେ ଗର୍ଜ୍ଜନ କରି କାହାକୁ
ଗ୍ରାସିବ ଏହା ଖୋଜି ବୁଲୁଅଛି ଏଣୁ ତୁମ୍ଭେମାନେ ଜାଗ୍ରତ ହୋଇ ସାବଧାନ
୯ ଥାଅ । ଆଉ ତୁମ୍ଭମାନଙ୍କର ଜଗନ୍ନିବାସି ଭାଇମାନଙ୍କର ଏମନ୍ତ ଦୁଃଖ ଭୋଗ
ହେଉଅଛି ଏହା ଜାଣି ତୁମ୍ଭେମାନେ ଧର୍ମରେ ସ୍ଥିର ହୋଇ ତାହାର ସଙ୍ଗରେ
ଯୁଦ୍ଧ କର ।
୧୦ ଅନନ୍ତ ଗୌରବ ପାଇବାର ନିମନ୍ତେ ଖ୍ରୀଷ୍ଟ ଯୀଶୁ ଦ୍ୱାରା ଆମ୍ଭମାନଙ୍କୁ
ଅହ୍ୱାନ କରିଅଛନ୍ତି ଯେ ସମୁଦାୟର ଅନୁଗ୍ରହଦାତା ଈଶ୍ୱର ସେ ତୁମ୍ଭମା
ନଙ୍କର କ୍ଷଣକର ଦୁଃଖ ଭୋଗର ଉତ୍ତାରେ ତୁମ୍ଭମାନଙ୍କୁ ସିଦ୍ଧ ସ୍ଥିର ସବଳ
୧୧ ପୁଣି ନିଶ୍ଚଳ କରନ୍ତୁ । ତାହାଙ୍କଠାରେ ଗୌରବ ଓ ପରାକ୍ରମ ସବୁବେଳେ
ହେଉ । ଆମେନ ।

ଯେଉଁ ଅନୁଗ୍ରହ ପାଇ ତୁମ୍ଭେମାନେ ସୁସ୍ଥିର ଅଛ ତାହା ଈଶ୍ୱରଙ୍କର ସତ୍ୟ ।୨
ଅନୁଗ୍ରହ ଏଥିରେ ବନସ୍ପ କର ପ୍ରମାଣ ଦେଇ ଯେ ସିଲ୍ୱାନକୁ ତୁମ୍ଭମାନ
ଙ୍କର ବଶସ୍ତ ଭ୍ରାତା ବୋଧ କର ଥାହାର ଦ୍ୱାରା ତୁମ୍ଭମାନଙ୍କୁ ସଂକ୍ଷେପର
ଚିଠାଉ ଲେଖିଲୁଁ । ବାବେଲସ୍ଥ ସନୋମାଉ ସଣ୍ଡଲୀ ପୁଣି ଆମ୍ଭର ପୁତ୍ର ମାର୍କ ।୩
ତୁମ୍ଭମାନଙ୍କୁ ନମସ୍କାର ଦେଇଅଛନ୍ତି । ପ୍ରେମ ଚୁମ୍ବନରେ ଏକଲ୍ଲଅରେକ ।୪
ନମସ୍କାର କର । ଯୀଶୁ ଖ୍ରୀଷ୍ଟରେ ଥିବାର ତୁମ୍ଭ ସମସ୍ତଙ୍କର ପ୍ରଉ ଶାନ୍ତି
ହେଉ । ଅମେନ ।

---

# ପିତରର ଦ୍ୱିତୀୟ ସର୍ବସାଧାରଣ ଚିଠୀ ।

## ୧ ପର୍ବ ।

୧ ଆମ୍ଭମାନଙ୍କର ଈଶ୍ୱରର ଅଥଚ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟର ଧର୍ମରେ ଯେ
ଉଂମାନେ ଆମ୍ଭମାନଙ୍କର ପ୍ରାପ୍ତେ ଅମୂଲ୍ୟ ବଶ୍ୱାସ ପାଇଅଛନ୍ତି ସେମାନଙ୍କର
ପ୍ରତି ଯୀଶୁ ଖ୍ରୀଷ୍ଟର ଦାସ ଓ ପ୍ରେରିତ ଯେ ଶିମୋନ ପିତର ସେ ଚିଠୀ
୨ ଲେଖୁଅଛୁ । ଆମ୍ଭମାନଙ୍କର ଈଶ୍ୱର ଅଥଚ ଯୀଶୁ ପ୍ରଭୁ ବଷୟରେ ଜ୍ଞାନ
ଦ୍ୱାରା ତୁମ୍ଭମାନଙ୍କର ପ୍ରତି ବାହୁଲ୍ୟରୂପରେ ଅନୁଗ୍ରହ ଓ ଶାନ୍ତି ହେଉ ।
୩ ଯେ ଗୌରବ ଓ ସାହସର ନମନ୍ତେ ଆମ୍ଭମାନଙ୍କ ଅହ୍ୱାନ କରିଅଛନ୍ତି
ତାହାଙ୍କୁ ଜାଣିବାରୁ ସେ ଅପଣା ଈଶ୍ୱରୀୟ ଶକ୍ତି ପ୍ରମାଣେ ପରମାଶ୍ୱର ଓ
୪ ଈଶ୍ୱରସେବା ସମ୍ବନ୍ଧୀୟ ସବୁ ବଷୟ ଆମ୍ଭମାନଙ୍କୁ ଦେଇଅଛନ୍ତି । ଅତି ବୃଥ
ଭିଲାଷ ଦ୍ୱାରା ଯେଉଁ ଭ୍ରଷ୍ଟଗଣ ସଂସାରରେ ଅଛ ତାହା ଯେମନ୍ତ ଆମ୍ଭେ
ମାନେ ତ୍ୟାଗ କର ଈଶ୍ୱରୀୟ ସ୍ୱଭାବର ସହଭାଗୀ ହୋଇ ଏଥିପାଁଇ ଆମ୍ଭମା
୫ ନଙ୍କୁ ବଡ ମୂଲ୍ୟବନ୍ତ ପ୍ରତିଜ୍ଞାମାନ ଦତ୍ତ ହୋଇଅଛୁ । ଏହେତୁ ତୁମ୍ଭେମାନେ
୬ ଅତି ଯତ୍ନ କର ବଶ୍ୱାସରେ ସାହସ ସାହସରେ ଜ୍ଞାନ ଜ୍ଞାନରେ ପରମିତ
୭ ଭୋଗ ପରମିତଭୋଗରେ ଧୈର୍ଯ୍ୟ ଧୈର୍ଯ୍ୟରେ ଈଶ୍ୱରସେବା ଈଶ୍ୱରସେ
୮ ବାରେ ଭ୍ରାତୃସ୍ନେହ ଭ୍ରାତୃସ୍ନେହରେ ପ୍ରେମ ଏହି ସବୁ ଅନୁକ୍ରମେ ଯୁକ୍ତ
କର । ଏହି ସବୁ ଯେବେ ତୁମ୍ଭମାନଙ୍କର ଅନ୍ତରେ ହୋଇ ବୃଦ୍ଧି ପାଏ
୯ ତେବେ ଆମ୍ଭମାନଙ୍କର ପ୍ରଭୁ ଯୀଶୁ ଖ୍ରୀଷ୍ଟର ଜ୍ଞାନରେ ତୁମ୍ଭମାନଙ୍କୁ ଅଳସ ଓ
ବଫଳ ହିବାକୁ ନ ଦେବେ । ପୁଣି ଯେଉଁ ଜଣର ଏହି ସବୁ ନାହିଁ ସେ ଅପ
୧୦ ଣାର ଅର୍ଶୀ ମୁଦ ଅନ୍ଧ ହୋଇ ଅପଣା ପୂର୍ବର ପାପର ପରିଷ୍କାର ବଷୟ ପା
ସୋରିଅଛୁ । ଏହେତୁ ହେ ଭ୍ରାତୃଗଣ ତୁମ୍ଭେମାନେ ଆପଣାମାନଙ୍କର ନମ
୧୧ ତ୍ୱଗ ଓ ନତ୍ୱପଣ ସ୍ଥିର କରିବାକୁ ଅତ୍ୟନ୍ତ ଯତ୍ନ କର । ଯେଣୁ ଏପ୍ରକର୍ମ କଲେ

ତୁମ୍ଭେମାନେ କେବେହେଂ ପତିତ ନୋହିବ । ବିଶେଷ କରି ଆମ୍ଭମାନଙ୍କର
ତ୍ରାଣକର୍ତ୍ତା ପ୍ରଭୁ ଯୀଶୁ ଖ୍ରୀଷ୍ଟର ଅନନ୍ତ ରାଜ୍ୟରେ ତୁମ୍ଭମାନଙ୍କୁ ସମ୍ଭ୍ରାନ୍ତରୂ
ପରେ ପ୍ରବେଶ ହେବାକୁ ଦିଆ ଯିବ ।

ତୁମ୍ଭେମାନେ ଯେବେ ଏହି ସବୁ ବିଷୟ ଜାଣି ଥାଅ ପୁଣି ଏହି ବିଦ୍ୟମାନ ୧୨
ସତ୍ୟ କଥାରେ ସୁସ୍ଥିର ହୁଅ ତେବେହେଂ ତୁମ୍ଭମାନଙ୍କୁ ତାହା ସର୍ବଦା ସ୍ମରଣ
କରାଇବାକୁ ଆମ୍ଭେ ହେଳା ନ କରିବା । ଆମ୍ଭମାନଙ୍କର ପ୍ରଭୁ ଯୀଶୁ ଖ୍ରୀଷ୍ଟ ୧୩
ଆମ୍ଭକୁ ଯେରୂପ ଜଣାଇଅଛନ୍ତି ସେହି ପ୍ରମାଣେ ବେଗେ ଆମ୍ଭକୁ ଏହି (ଶରୀ
ରରୂପ) ତମ୍ବୁ ତ୍ୟାଗ କରିବାକୁ ହେବ ଏହା ଜାଣି ଯେ ପର୍ଯ୍ୟନ୍ତେ ଏହି ତମ୍ବୁରେ ୧୪
ଥାଇ ସେ ପର୍ଯ୍ୟନ୍ତେ ତୁମ୍ଭମାନଙ୍କୁ ସ୍ମରଣ କରାଇ ପ୍ରବୃତ୍ତ ଦେବାକୁ ଆମ୍ଭେ
ବିହିତ ବୁଝୁଅଛୁଁ । ଆଉ ଆମ୍ଭର ପରଲୋକ ପ୍ରାପ୍ତି ହେଲାଉତ୍ତାରେ ଏହା ଯେ ୧୫
ମନ୍ତ ସବୁବେଳେ ତୁମ୍ଭମାନଙ୍କର ସ୍ମରଣରେ ଥାୟେ ଏଥିପାଇଁ ଆମ୍ଭେ ଉଦ୍ୟମ
କରୁଅଛୁଁ । ଯେତେବେଳେ ଆମ୍ଭେମାନେ ପ୍ରଭୁ ଯୀଶୁ ଖ୍ରୀଷ୍ଟର ପରାକ୍ରମ ଓ ୧୬
ଆଗମନର କଥା ତୁମ୍ଭମାନଙ୍କୁ ଜଣାଇଲୁଂ ସେ କାଳରେ କୌଣସି କଳ୍ପିତ
କାହାଣୀ କଥା ନ କହି ତାହାଙ୍କର ମହିମାର ପ୍ରତ୍ୟକ୍ଷ ସାକ୍ଷୀ ହୋଇ କହିଲୁଁ ।
ଅର୍ଥାତ୍ ଯହିଂରେ ଆମ୍ଭର ପରମ ସନ୍ତୋଷ ଆମ୍ଭର ସେହି ପ୍ରିୟ ଅତ୍ମଜ ଏ ୧୭
ଏମନ୍ତ ବୋଧକ ଆକାଶବାଣୀ ମହିମାଯୁକ୍ତ ତେଜରୁ ତାହାଙ୍କର ପ୍ରତି ବା
ହାର ହେବାରେ ସେ ପିତା ଈଶ୍ୱରଙ୍କଠାରୁ ସମ୍ଭ୍ରମ ଓ ଗୌରବ ପାଇଲେ ।
ସେ କାଳରେ ତାହାଙ୍କର ସହିତ ପବିତ୍ର ପର୍ବତରେ ଥାଇ ସ୍ୱର୍ଗରୁ ନିର୍ଗତ ସେହି ୧୮
ଆକାଶବାଣୀ ଆମ୍ଭେମାନେ ଶୁଣିଲୁଁ । ମାତ୍ର ଏହା ଶ୍ଚତି ଆମ୍ଭମାନଙ୍କର ୧୯
ଅହୁରି ନିଶ୍ଚୟ ଭବିଷ୍ୟତ୍ରବାକ୍ୟ ଅଛି ଏହେତୁ ଯେ ପର୍ଯ୍ୟନ୍ତେ ତୁମ୍ଭମାନଙ୍କର
ମନରେ ପାହାନ୍ତି ହୋଇ ପ୍ରଭାତ ନକ୍ଷତ୍ରର ଉଦୟ ନ ହୁଅଇ ତାବତ୍ ଘୋ
ରତର ଅନ୍ଧକାର ସ୍ଥାନରେ ଗୋଟିୟେ ପ୍ରଜ୍ୱଳିତ ଦୀପ୍ତିର ପ୍ରାୟେ ସେ ଭବି
ଷ୍ୟତ୍ରବାକ୍ୟ ମଣି ତାହାର ପ୍ରତି ତୁମ୍ଭମାନଙ୍କର ମନୋଯୋଗ କରିବାର
ଉଚିତ । ଶାସ୍ତ୍ରର ଲେଖିତ ଯେ ଭବିଷ୍ୟତ୍ରବାକ୍ୟ ସେ କାହାରି ନିଜ ଆଶ ୨୦
ୟରୁ ନୋହେ ଯେହେତୁ ମନୁଷ୍ୟ ଇଚ୍ଛାରୁ ଭବିଷ୍ୟତ୍ରବାକ୍ୟ ପୂର୍ବରେ ଉପ ୨୧
ସ୍ଥିତ ହୋଇ ନାହିଂ ପୁଣି ଈଶ୍ୱରଙ୍କର ପବିତ୍ର ଲୋକ ସମସ୍ତ ଧର୍ମଆତ୍ମ ଦ୍ୱାରା
ପ୍ରବୃତ୍ତି ପାଇ ଭବିଷ୍ୟତ୍ରବାକ୍ୟ କହିଲା ଏହା ବିଶେଷରୂପରେ ଜାଣ ।

## ୨ ପର୍ବ ।

ଆଉ ପୂର୍ବରେ ଯେମନ୍ତ ଲୋକମାନଙ୍କର ମଧ୍ୟରେ ଭଣ୍ଡ ଭବିଷ୍ୟତ୍ରବକ୍ତା ୧
ଗଣ ଥିଲେ ସେହି ପ୍ରକାର ତୁମ୍ଭମାନଙ୍କର ମଧ୍ୟରେହେଂ ଭଣ୍ଡ ଉପଦେଶକ

ହୋଇବେ । ସେମାନେ ଆପଣାମାନଙ୍କର ଜ୍ରୟକର୍ତ୍ତା ପ୍ରଭୁକୁ ନାସ୍ତି କରି ଗୁପ୍ତ
ଉପରେ ବିନାଶକ ବିରୁଦ୍ଧ ଧର୍ମ ପ୍ରଚାର କରିବାରୁଂ ଆପଣାମାନେଇ ହଠାତ୍
୨ ଆପଣାମାନଙ୍କର ବିନାଶ ଘଟାଇବେ । ଆଉ ବହୁତେ ସେମାନଙ୍କର ବିନାଶ
ବାଟରେ ଗମନ କରନ୍ତେ ସେମାନଙ୍କର ଦ୍ୱାରା ସତ୍ୟ ବାଟର ନିନ୍ଦା ହେବ ।
୩ ଆଉ ସେମାନେ ଲୋଭ ହେତୁରୁଂ କଳ୍ପିତ ବାକ୍ୟରେ ତୁମ୍ଭମାନଙ୍କଠାରୁ
ଲାଭ କରିବେ ପୁଣି ସେମାନଙ୍କର ପ୍ରତି ପୂର୍ବ କଥିତ ଦଣ୍ଡ ଶୀଘ୍ର ଫଳିବ ଓ
ଅବିଳମ୍ବରେ ସେମାନଙ୍କର ବିନାଶ ଘଟିବ ।
୪ ଈଶ୍ୱର ପାପି ଦୂତବର୍ଗକୁ କ୍ଷମା ନ କରି ନରକରେ ନିଃକ୍ଷେପ କରି ଅନ୍ଧ
କାରଉପ ଶାଙ୍କୋଳିରେ ବାନ୍ଧି ବିଚାରର ନିମନ୍ତେ ସେମାନଙ୍କୁ ରଖିଲେ
୫ ପୁଣି ପୁରାଣା ଜଗତର ପ୍ରତି ଦୟା ନ କରି ଅଷ୍ଟମ ଜଣ ଯେ ଧର୍ମ ପ୍ରଚାରକ
ନୋହ ତାହାକୁ ରକ୍ଷା କରି ପାପିଷ୍ଠ ଲୋକମାନଙ୍କର ସହିତ ଜଗତକୁ ଜଳରେ
୬ ମଗ୍ନ କଲେ । ପୁନଶ୍ଚ ସିଦୋମ ଓ ଅମୋରା ନଗର ସବୁ ଭସ୍ମ କରି ବିନାଶଉପ
ଦଣ୍ଡ ଦେଇ ଭବିଷ୍ୟତ୍ ପାପିମାନଙ୍କର ଗୋଟିୟେ ଦୃଷ୍ଟାନ୍ତଉପ କଲେ ପୁଣି
୭ ସେହି ଦୁରାତ୍ମମାନଙ୍କର ପାପାଚରଣରେ ଦୁଃଖିତ ଯେ ଧାର୍ମିକ ଲୋଟ ତାହାକୁ
୮ ରକ୍ଷା କଲେ । ସେହି ଧାର୍ମିକ ଲୋକ ସେହି ପାପିଷ୍ଠମାନଙ୍କର ସହିତ ସହବାସ
ସମୟରେ ସେମାନଙ୍କର ପାପାଚରଣ ଦେଖି ଶୁଣି ଦିନକୁଦିନ ଅତିଶୟ ମନ
୯ ସ୍ତାପ କରିଥିଲା । ଈଶ୍ୱର ଆପଣା ସେବାକାରି ଲୋକଙ୍କୁ ପରୀକ୍ଷାରୁ ଉଦ୍ଧାର
୧୦ କରିବାକୁ ପୁଣି ଅଧାର୍ମିକମାନଙ୍କୁ ବିଶେଷତଃ ଯେଉଂମାନେ କାମାଭିଳାଷରେ
ଅସତ୍ ଆଚରଣ କରନ୍ତି ଓ ରାଜ ଶାସନ ଅବଜ୍ଞା କରନ୍ତି ସେମାନଙ୍କୁ ଦଣ୍ଡର
ନିମନ୍ତେ ବିଚାରର ଦିନ ପର୍ଯ୍ୟନ୍ତେ ରକ୍ଷା କରିବାକୁ ଜାଣନ୍ତି । ସେମାନେ ଦୁଃ
ସାହସୀ ସ୍ୱେଚ୍ଛାଚାରୀ ପୁଣି ମାନ୍ୟ ଲୋକଙ୍କର ନିନ୍ଦା କରିବାକୁ ଭୟ ନ କ
୧୧ ରନ୍ତି । ପୁଣି ଦିବ୍ୟ ଦୂତଗଣ ସେମାନଙ୍କରଠାରୁ ବଳବନ୍ତ ଓ ପରାକ୍ରମୀ ହୋ
ଇହିଂ ପ୍ରଭୁର ଛମୁରେ ସେମାନଙ୍କର ବିରୁଦ୍ଧରେ କୌଣସି ନିନ୍ଦା କରି ଅପବାଦ
୧୨ ନ କରନ୍ତି । ପୁଣି ଧୃତ ଓ ବିନଷ୍ଟ ହେବା ନିମନ୍ତେ ଜାତ ଯେ ସ୍ୱଭାବିକ ଅଜ୍ଞାନ
ପଶୁଗଣ ସେମାନଙ୍କର ପ୍ରାୟେ ହୋଇ ସେମାନେ ଯାହା ନ ବୁଝନ୍ତି ତାହାର
ନିନ୍ଦା କରି ଆପଣା୨ ଅଧର୍ମର ଫଳ ପାଇ ଆପଣାମାନଙ୍କର ଭ୍ରଷ୍ଟପଣରେ
୧୩ ସର୍ବନାଶ ହୋଇବେ । ସେମାନେ ଦିନବେଳେ ଭୋଜନପାନରେ ଆସକ୍ତ
ହେବାର ସୁଖ ମଣନ୍ତି ପୁଣି ଆପଣାମାନଙ୍କର କପଟପଣରେ କୌତୁକ କରି ତୁମ୍ଭ
ମାନଙ୍କର ସହିତ ଭୋଜନ କରିବାରେ କଳଙ୍କୀ ଓ ଦୋଷୀ ହୁଅନ୍ତି । ସେମାନେ
୧୪ ପାରଦାରିକପଣରେ ପରିପୂର୍ଣ୍ଣ ଅକ୍ଷିଯୁକ୍ତ । ପାପାଚରଣରୁ ଅନିବୃତ୍ତ । ଚଞ୍ଚଳ
ମତିମାନଙ୍କୁ ଭୁଲନକାରୀ । ଆପଣାମାନେ ଲୋଭରେ ଆକ୍ରାନ୍ତମନା ଓ ଶାପ

ଗ୍ରସ୍ତ ବଂଶ ହୁଅନ୍ତି । ସେମାନେ ସରଳ ବାଟ ପରିତ୍ୟାଗ କରି ପାପର ବରତ ୧୫
ନରେ ପ୍ରେମକାରୀ ଯେ ବିୟୋରର ପୁତ୍ର ବାଲିୟମ ତାହାର ବାଟର ବାଟୋଇ
ହେବାରୁଂ ଭ୍ରାନ୍ତ ହୋଇଅଛନ୍ତି । ସେହି ଭବିଷ୍ୟତ୍ବକ୍ତା ଆପଣା ଅପ ୧୬
ରାଧର ନିମନ୍ତେ ଧମକ ପ୍ରାପ୍ତ ହେଲା ଯେହେତୁ ଘୁଙ୍ଗା ପଶୁ ମନୁଷ୍ୟ ଭାଷାରେ
କଥା କହି ତାହାର ଉନ୍ମତ୍ତ କର୍ମ ନିଷେଧ କଲା । ସେମାନେ ନିର୍ଜ୍ଜଳ କୂଅ ୧୭
ଓ ପ୍ରଚଣ୍ଡ ବାୟୁ ଚାଲିତ ମେଘସ୍ୱରୂପ ସେମାନଙ୍କର ନିମନ୍ତେ ନିତ୍ୟ ଘୋରତର
ଅନ୍ଧକାର ପ୍ରସ୍ତୁତ ହୋଇଅଛି । ସେମାନେ ନିରର୍ଥକ ଅହଙ୍କାରର କଥା ୧୮
କହି ଶାରୀରିକ ସୁଖର ଅଭିଳାଷ ଓ କାମକ୍ରୀଡାରେ ଭ୍ରାନ୍ତାଚାରିମାନଙ୍କ
ଠାରୁ ନିତାନ୍ତ ମୁକୁଳିଲା ଲୋକଙ୍କୁ ଭୁଲାନ୍ତି । ପୁଣି ସେମାନଙ୍କୁ ମୁକ୍ତିର ପ୍ରତିଜ୍ଞା ୧୯
କରନ୍ତେ ଆପଣାମାନେ ଦୁଷ୍ଟପଣର ଦାସ ହୁଅନ୍ତି ଯେହେତୁ ଯାହାର ଦ୍ୱାରା
କେହି ପରାସ୍ତ ହୋୟେ ସେ ତାହାରି ଦାସ ହୋୟେ । ସେମାନେ ଯେବେ ୨୦
ଏଣକର୍ତ୍ତା ପ୍ରଭୁ ଯୀଶୁ ଖ୍ରୀଷ୍ଟ ଜ୍ଞାନ ଦ୍ୱାରା ଥରେ ସଂସାରର ଅଶୁଚି କ୍ରିୟା
ପରିତ୍ୟାଗ କରି ପୁନର୍ବାର ତହିଂରେ ଧରାଯାଇ ପରାସ୍ତ ହୁଅନ୍ତି ତେବେ ପ୍ରଥ
ମରୁ ସେମାନଙ୍କର ଶେଷ ଗତି ଆହୁରି ମନ୍ଦ ହୋୟେ । ଯେହେତୁ ଥରେ ୨୧
ଧର୍ମର ବାଟ ଜାଣି ଆର ଥର ଆପଣାମାନଙ୍କର ନିକଟରେ ସମର୍ପିତ ପବିତ୍ର
ଆଜ୍ଞାରୁ ବିମୁଖ ହେବାଠାରୁ ବରଞ୍ଚ ସେ ଧର୍ମର ବାଟ ନ ଜାଣି ଥିବାର ସେ
ମାନଙ୍କର ଭଲ । ପୁଣି କୁକୁର ଆପଣା ବାନ୍ତି ଖାଇବାକୁ ଓ ଧୌତ ଘୁଶୁରି ୨୨
କାଦୁଅରେ ଲୋଟିବାକୁ ପୁନର୍ବାର ଫେରିଅଛି ଏହି ଯେ ଦୃଷ୍ଟାନ୍ତ କଥା
ତାହାଇ ସେମାନଙ୍କ ଆଡେ ଫଳୁଅଛି ।

## ୩ ପର୍ବ ।

ହେ ପ୍ରିୟବର୍ଗ ତୁମ୍ଭେମାନେ ଯେମନ୍ତ ପବିତ୍ର ଭବିଷ୍ୟତ୍ବକ୍ତୃଗଣ ଦ୍ୱାରା ୧
ପୂର୍ବୋକ୍ତ ବାକ୍ୟ ଓ ଏଣକର୍ତ୍ତା ପ୍ରଭୁର ପ୍ରେରିତ ଯେ ଆମ୍ଭେମାନେ ଆମ୍ଭମାନ
ଙ୍କର ଆଜ୍ଞା ହେଜିବ ଏଥିପାଁଇ ଆମ୍ଭେ ତୁମ୍ଭମାନଙ୍କର ପ୍ରତି ଏହି ଦ୍ୱିତୀୟ ପତ୍ର ୨
ଲେଖୁଅଛୁଁ ପୁଣି ଦୁଇ ପତ୍ରରେ ସ୍ମରଣ କରାଇ ତୁମ୍ଭମାନଙ୍କର ସରଳ ମନକୁ
ପ୍ରବୃତ୍ତି ଦେଉଅଛୁଁ । ଆଦିକରି ଏହା ଜାଣ ଶେଷକାଳରେ ଆପଣାମାନଙ୍କର ୩
କୁଅଭିଳାଷାଚାରି ଥୋକାୟେ ନିନ୍ଦକ ଆସି କହିବେ ପ୍ରଭୁର ଆଗମନର ୪
କଥା କେଉଂଠାରେ ଯେହେତୁ ପିତୃ ଲୋକଙ୍କର ମହା ନିଦ୍ରା ପ୍ରାପ୍ତିଠାରୁ
ସୃଷ୍ଟିର ଆରମ୍ଭରେ ସବୁ ଯେମନ୍ତ ଥିଲା ସେହି ପ୍ରକାର ହୋଇଥାୟେ । ପୁଣି ୫
ପୂର୍ବରେ ଆକାଶ ମଣ୍ଡଳ ଓ ଜଳରୁ ନିର୍ଗତଇ ଜଳରେ ସ୍ଥିତ ପୃଥିବୀ ଈଶ୍ୱର
ଙ୍କର ବାକ୍ୟରେ ସୃଷ୍ଟି ହୋଇଥିଲା ପୁଣି ତହିରୁଂ ସେହି ଜଗତ୍ ଜଳପ୍ଲାବିତ ୬

ହୋଇ ବନାଶ ହୋଇଲା ବହ୍ନା ସେମାନେ ଆପଣା ଇଚ୍ଛାରେ ଅଜ୍ଞାତ
୬ ଅଛନ୍ତି । ପୁଣି ଏହି ବର୍ତ୍ତମାନ ଆକାଶ ମଣ୍ଡଳ ଓ ପୃଥିବୀ ସେହି ବାକ୍ୟରେ
ଅଧର୍ମି ଲୋକମାନଙ୍କର ବନାଶକ ବତ୍ସରର ଦନ ପର୍ଯ୍ୟନ୍ତେ ଅଗ୍ନିର ନମନ୍ତେ
୮ ସଞ୍ଚିତ ଓ ରକ୍ଷିତ ଅଛି । ବହ୍ନେତୁ ହେ ପ୍ରିୟବର୍ଗ ପ୍ରଭୁର ଶ୍ଚମୁରେ ଗୋଟିଏ
ଦନ ସହସ୍ର ବର୍ଷର ତୁଲ୍ଯ ଓ ସହସ୍ର ବର୍ଷ ଗୋଟିଏ ଦନର ତୁଲ୍ଯ ବହ୍ନା ତୁମ୍ଭେ
୯ ମାନେ ଅଜ୍ଞାତ ନୁହ । କେତେକ ଲୋକ ଯେମନ୍ତ ବଲମ୍ବ ବୁଝନ୍ତି ସେହିରୂପ
ପ୍ରଭୁ ଆପଣାର ପ୍ରତଜ୍ଞା ବଷଯ୍ଟରେ ବଲମ୍ବ ନ କରନ୍ତି । ପୁଣି କାହାର ଯେମନ୍ତ
ବନାଶ ନୋହ ସମସ୍ତେ ମନ ଫେରନ୍ତୁ ବହ୍ନା ବାସନା କର ସେ ଆମ୍ଭମାନଙ୍କର
୧୦ ପ୍ରତ ଅତ ବତ ସହ୍ଲୁତା କରନ୍ତି । ପୁଣି ରାତ୍ରିକାଲରେ ଚୋରର ପ୍ରାଯେ
ପ୍ରଭୁର ଦନ ଆସିବ । ସେହିକାଲେ ଘୋର ଶବ୍ଦରେ ଆକାଶ ମଣ୍ଡଳ ଲୁପ୍ତ
ହେବ ପୁଣି ମହା ତାପରେ ମୂଲବସ୍ତୁ ସବୁ ମିଳାଇ ଯିବ । ପୁଣି ପୃଥିବୀ ଓ
୧୧ ତାହାର ମଧ୍ୟସ୍ଥ ସବୁ ବସ୍ତୁ ଦଗ୍ଧ ହୋଇବ । ଏସବୁ ଯେବେ ଲୁପ୍ତ ହୋଇବ
ତେବେ ଯେଉଁ ଦନରେ ଆକାଶ ମଣ୍ଡଳ ଦଗ୍ଧ ହୋଇ ଲୁପ୍ତ ହୋଇବ ଓ
୧୨ ମହା ତାପରେ ମୂଲବସ୍ତୁ ସବୁ ମିଳାଇ ଯିବ ଈଶ୍ୱରଙ୍କର ସେହି ଆଗାମି ଦନର
ଅପେକ୍ଷା ଓ ଆକାଂକ୍ଷା କର ସବୁ ପବତ୍ର ଆଚରଣରେ ଓ ଈଶ୍ୱରଙ୍କର
୧୩ ସେବାରେ ତୁମ୍ଭମାନଙ୍କର କପ୍ରକାର ମନୁଷ୍ୟ ହୋଇବାର ଉଚିତ । ପୁଣି
ଆମ୍ଭେମାନେ ତାହାଙ୍କର ପ୍ରତଜ୍ଞାନୁସାରେ ଯହିଁରେ ଧର୍ମ ଥାଯେ ଏମନ୍ତ ନୂଆ
ଆକାଶ ମଣ୍ଡଳ ଓ ନୂଆ ପୃଥିବୀର ତାହା ଅପେକ୍ଷାରେ ଅଛୁଁ ।
୧୪ ବହ୍ନେତୁ ହେ ପ୍ରିୟବର୍ଗ ତୁମ୍ଭେମାନେହେଁ ଏହି ସବୁର ଅପେକ୍ଷା କର
ଯହିଁରେ କଲଙ୍କ ଓ ଦୋଷ ରହିତ ହୋଇ ତାହାଙ୍କଠାରେ ଶାନ୍ତି ପ୍ରାପ୍ତ ହୁଅ
୧୫ ଏମନ୍ତ ଯତ୍ନ କର । ଅତ୍ଯ ଆମ୍ଭମାନଙ୍କର ପ୍ରଭୁର ଦୀର୍ଘ ସହ୍ଲୁପଣକୁ କେବଳ ପର
ଣାଶଜନକ ଜ୍ଞାନ କର ବହ୍ନାଇ ଆମ୍ଭର ପ୍ରିୟ ଭାଇ ପାଉଲ ଅପଣାକୁ ଯେମନ୍ତ
ଜ୍ଞାନ ଦତ ହୋଇଥିଲା ତଦନୁସାରେ ତୁମ୍ଭମାନଙ୍କର ପ୍ରତ ଲେଖି ଅଛନ୍ତି । ତାହାର
୧୬ ସବୁ ଚିଠୀତ୍ତରେହେଁ ସେ ଏହି ବଷଯ୍ଟର କଥା କହିଛନ୍ତି ତହିଁରେ କହିତ କଥା
ଦୁର୍ଗମ୍ଯ ହେବାରୁ ଯେଉଁମାନେ ଅଶିକ୍ଷିତ ଓ ଚଞ୍ଚଳ ସେମାନେ ଅପଣାମା
ନଙ୍କର ବନାଶାର୍ଥରେ ଅନ୍ଯ ଶାସ୍ତ୍ରୀଯ ବଚନର ପ୍ରାଯେ ତାହାର ଅନ୍ଯ ଅର୍ଥ
୧୭ କରନ୍ତି । ହେ ପ୍ରିୟ ବର୍ଗ ତୁମ୍ଭେମାନେ ଏସବୁ କଷଯ୍ଟ ପୂବରେ ଜାଣି ବାରୁ
ପାଧି ଲୋକମାନଙ୍କର ଭ୍ରାନ୍ତିରେ ଭ୍ରାନ୍ତ ହୋଇ ଆପଣାମାନଙ୍କର ନଷ୍ଠାର
୧୮ ଯେମନ୍ତ ପତତ ନ ହୁଅ ଏନମନ୍ତେ ସାବଧାନ ହୁଅ । ପୁଣି ଆମ୍ଭମାନଙ୍କର
ପ୍ରଭୁ ଣାଶକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କର ଅନୁଗ୍ରହରେ ଓ ଜ୍ଞାନରେ କ୍ରମଶୋ ବଢ଼ି ଯାଅ ।
ଏବେହେଁ ଓ ସଦାକାଳ ତାହାଙ୍କରଗୌରବ ପ୍ରକାଶିତ ହେଉ । ଅମେନ ।

## ଯୋହନର ପ୍ରଥମ ସର୍ବସାଧାରଣ ଚିଠୀ ।



### ୧ ପତ୍ର ।

ଆଦ୍ୟରୁ ଯେ ଅଛନ୍ତି ଯାହାଙ୍କର କଥା ଆମ୍ଭେମାନେ ଶୁଣିଅଛୁଁ ଯାହାଙ୍କର ୧
ସାକ୍ଷାତ ପାଇ ଆଖିରେ ଦୃଷ୍ଟିପାତ କରିଅଛୁଁ, ପୁଣି ସ୍ୱହାତରେ ସ୍ପର୍ଶ କରିଅଛୁଁ,
ସେ ଜୀବନରୂପ ବାକ୍ୟ । ଯେଣୁ ଜୀବନ ପ୍ରକାଶମାନ ହୋଇ ଆମ୍ଭେମାନେ ୨
ଦର୍ଶନ ପାଇ ସାକ୍ଷ୍ୟ ଦେଇ ପୁଣି ପିତାର ସଙ୍ଗରେ ଥାଇ ଯେ ଅମୃତମାନଙ୍କୁ
ପ୍ରକାଶିତ ହେଲେ ସେ ଅନନ୍ତ ଜୀବନ ତୁମ୍ଭମାନଙ୍କୁ ଜଣାଇ । ଏମନ୍ତ ଅମ୍ ୩
ମାନଙ୍କର ସହଭାଗ ଯେମନ୍ତ ତୁମ୍ଭମାନଙ୍କର ସହଭାଗ ହୋଇପାରେ ଏଥିପାଇଁ ଯାହା
ଦେଖିଅଛୁଁ ଓ ଶୁଣିଅଛୁଁ, ତାହା ତୁମ୍ଭମାନଙ୍କୁ ଜଣାଇ ଯେଣୁ ପିତା ଓ ତାହା
ଙ୍କର ଅଦ୍ଭୁତ ପୁତ୍ର ଯୀଶୁ ଖ୍ରୀଷ୍ଟଙ୍କର ସହିତ ଆମ୍ଭମାନଙ୍କର ନଭାନ୍ତ ସହଭାଗ
ହୁଅଇ । ତୁମ୍ଭମାନଙ୍କର ଆନନ୍ଦ ଯେମନ୍ତ ପରିପୂର୍ଣ୍ଣ ହୁଅଇ ଏଥିପାଇଁ ଏହି ୪
ସବୁ ବ୍ୟକ୍ତନ୍ତ ଲେଖୁଁ ।

ଯେଉଁ ସମାଚାର ତାହାଙ୍କର କତରେ ଶୁଣିଅଛୁଁ, ଯାହା ତୁମ୍ଭମାନଙ୍କର ୫
କତରେ ଜଣାଇ ତାହା ଏହି ଈଶ୍ୱର ଜ୍ୟୋତିଃସ୍ୱରୂପ ତାହାଙ୍କରେ ଅନ୍ଧକା
ରର ଲେଶଇ ନାହିଁ । ତାହାଙ୍କର ସହିତ ଆମ୍ଭମାନଙ୍କର ସହଭାଗ ଅଛି ୬
ଏହିକଥା ଆମ୍ଭେମାନେ ଯେବେ ବୋଲି ଅନ୍ଧକାରରେ ଭ୍ରମଣ କରି ତେବେ
ଆମ୍ଭେମାନେ ସତ୍ୟ ପାଳଣକାରୀ ନୋହି ମିଥ୍ୟାବାଦୀ ହୋଇ । ପୁଣି ସେ ୭
ଯେମନ୍ତ ଜ୍ୟୋତିରେ ନିବାସି ସେହି ପ୍ରକାର ଆମ୍ଭେମାନେହେଁ ଜ୍ୟୋତିରେ
ଯେବେ ଗମନ କରି ତେବେ ଆମ୍ଭମାନଙ୍କର ଏକକୁଆରେକ ମିଳିତ ଅଛି
ପୁଣି ତାହାଙ୍କର ପୁତ୍ର ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ସବୁ ପାପରୁ ଆମ୍ଭମାନଙ୍କୁ ପରିଷ୍କାର
କରନ୍ତି । ଆଉ ଆମ୍ଭମାନଙ୍କର କୌଣସି ପାପ ନାହିଁ ଏମନ୍ତ କଥା ଯେବେ ୮
ବୋଲି ତେବେ ଅପଣାମାନେଇ ଅପଣାମାନଙ୍କୁ ବଞ୍ଚନା କରି ପୁଣି ଆମ୍ଭମା

୯ ନଙ୍କର ଅନ୍ତରେ ସତ୍ୟ ଧର୍ମ ନାହିଁ । ଯେବେ ଅପଣାମାନଙ୍କର ପାପ ଅପଣା
ମାନେ ସ୍ୱୀକାର କର ତେବେ ଈଶ୍ୱର ଆମ୍ଭମାନଙ୍କର ପାପ କ୍ଷମା କରବାକୁ
ଓ ସବୁ ଅଧର୍ମରୁ ଆମ୍ଭମାନଙ୍କୁ ପରିଷ୍କାର କରବାକୁ ବଶସ୍ତ ଓ ନ୍ୟାସ୍ୟକାରୀ
୧୦ ଅଟନ୍ତି । ଆଉ ଆମ୍ଭେମାନେ କେବେ ପାପ କର ନାହୁଁ ଏମନ୍ତ କଥା ଯେବେ
ବୋଲ ତେବେ ଈଶ୍ୱରଙ୍କୁ ମିଥ୍ୟାବାଦୀ ବୋଲ ହୋଏ ପୁଣି ଆମ୍ଭମାନଙ୍କର
ଅନ୍ତରରେ ତାହାଙ୍କର ବାକ୍ୟ ନାହିଁ ।

୨ ପତ୍ର ।

୧ ହେ ପ୍ରିୟ ବାଳକଗଣ ଯେମନ୍ତ କୌଣସି କ୍ରମେ ତୁମ୍ଭମାନଙ୍କର ପାପ
ନୋହେ ଏନମନ୍ତେ ଆମ୍ଭେ ଏହ କଥା ତୁମ୍ଭମାନଙ୍କୁ ଲେଖୁଁ କେହ ଯେବେ
ପାପ କରଇ ତେବେ ପିତାର ସ୍ଥାନରେ ଧାର୍ମିକ ଯୀଶୁ ଖ୍ରୀଷ୍ଟ ଆମ୍ଭମାନଙ୍କର
୨ ସପକ୍ଷବାଦୀ ଅଛନ୍ତି ପୁଣି ସେ ଆମ୍ଭମାନଙ୍କର ପାପର ନମନ୍ତେ ତାହା କେବଳ
ନୋହେ ସମୁଦାୟ ଜଗତର ପାପର ନମନ୍ତେ ପ୍ରାୟଶ୍ଚିତ୍ତ ଅଟନ୍ତି ।
୩ ଆଉ ଆମ୍ଭେମାନେ ଯେବେ ତାହାଙ୍କର ଆଜ୍ଞା ପାଳଣ କର ତେବେ
୪ ତାହାଙ୍କୁ ଜାଣି ଏହା ଆମ୍ଭେମାନେ ବୁଝିବାକୁ ପାର । ପୁଣି ତାହାଙ୍କ ଆଜ୍ଞା
ପାଳଣ ନ କର ତାହାଙ୍କୁ ଜାଣି ଏମନ୍ତ କଥା ଯେବେ କେହ ବୋଲଇ
୫ ତେବେ ସେ ସତ୍ୟ ଧର୍ମହୀନ ହୋଇ ମିଥ୍ୟାବାଦୀ ହୋଏ । ଯେ କେହ
ତାହାଙ୍କର ଆଜ୍ଞା ପାଳଣ କରଇ ତାହାର ଅନ୍ତରେ ଈଶ୍ୱରଙ୍କର ପ୍ରେମ
ନଚାନ୍ତ ସିଦ୍ଧ ହୋଏ ତାହା ହେଲେ ଆମ୍ଭେମାନେ ତାହାଙ୍କରେ ଅଛୁଁ ଏହା
୬ ଜାଣି । ପୁଣି ଆମ୍ଭେ ତାହାଙ୍କରେ ଥାଇ ଏମନ୍ତ କଥା ଯେ ବୋଲଇ ଖ୍ରୀଷ୍ଟର
ତୁଲ୍ୟ ତାହାର ଅଚରବାର କର୍ତ୍ତବ୍ୟ ହୁଅଇ ।
୭ ହେ ଭାଇମାନେ ଆମ୍ଭେ ତୁମ୍ଭମାନଙ୍କର ପ୍ରତି କୌଣସି ନୂଆ ଆଜ୍ଞା ଲେଖି
ଏମନ୍ତ ନୋହେ ପ୍ରଥମାବଧି ଯେଉଁ ପୁରୁଣା ଆଜ୍ଞା ଅଛୁ ତାହା ଲେଖି ।
ଯାହା ତୁମ୍ଭେମାନେ ପ୍ରଥମାବଧି ଶୁଣିଅଛ ସେହ ପୁରୁଣା ଆଜ୍ଞା ଏହ ।
୮ ତେବେହେଁ ଏକ ନୂଆନ ଆଜ୍ଞା ଲେଖି ଏହା ତୁମ୍ଭମାନଙ୍କର ଓ ତାହାଙ୍କର
ବଷୟରେ ସତ୍ୟ ହୋଏ ଯେଣୁ ଅନ୍ଧାର ଗୁଣ୍ଠି ଯାଉଅଛୁ ଏବେ ସତ୍ୟ
୯ ଜ୍ୟୋତି ପ୍ରକାଶିତ ହେଉଅଛୁ । ପୁଣି ଯେ କେହ ଆପଣା ଭାଇକୁ ଘୃଣା କର
ଅମ୍ଭେ ଜ୍ୟୋତିରେ ଅଛୁଁ ଏମନ୍ତ କଥା ବୋଲଇ ସେ ଅଦ୍ୟାପି ଅନ୍ଧାରେ
୧୦ ଅଛୁ । ଯେ ଜନ ଆପଣା ଭାଇକୁ ପ୍ରେମ କରଇ ସେହ ଜ୍ୟୋତିରେ ଥାଏ
୧୧ ତାହାର କୌଣସି ବଘ୍ନ ନାହିଁ । ପୁଣି ଯେ କେହ ଆପଣା ଭାଇକୁ ଘୃଣା
କରଇ ସେ ଅନ୍ଧକାରେ ଅଛୁ ପୁଣି ଅନ୍ଧକାର ତାହାର ଅଖି ଅନ୍ଧ କର

ବାରଂ ସେ କେଉଁଅଡେ ଯାଇଅଛ ତାହା ଜାଣିବାକୁ ନ ପାର ଅନ୍ଧା
ରେଇ ଭ୍ରମଣ କରଇ ।

ହେ ପ୍ରିୟ ବାଲକଗଣ ତୁମ୍ଭେମାନେ ତାହାଙ୍କର ନାମର ସକାଶେ ପାପକ୍ଷମା ୧୨
ପାଇଅଛ ବୋଲି ଆମ୍ଭେ ତୁମ୍ଭମାନଙ୍କୁ ଲେଖିଲି । ହେ ପିତୃଗଣ ତୁମ୍ଭେମାନେ ୧୩
ଯେ ଆଦ୍ୟରୁ ଅଛନ୍ତି ତାହାଙ୍କୁ ଚିହ୍ନି ଅଛ ବୋଲି ଆମ୍ଭେ ତୁମ୍ଭମାନଙ୍କୁ ଲେଖୁଁ ।
ହେ ଯୁବାମାନେ ତୁମ୍ଭେମାନେ ପାପାତ୍ମାକୁ ଜୟ କରଅଛ ବୋଲି ଆମ୍ଭେ ତୁମ୍ଭ
ମାନଙ୍କର ପ୍ରତ୍ର ଲେଖିଲି । ହେ ପ୍ରିୟ ବାଲକଗଣ ତୁମ୍ଭେମାନେ ପିତାକୁ ଚିହ୍ନି
ଅଛ ବୋଲି ଆମ୍ଭେ ତୁମ୍ଭମାନଙ୍କୁ ଲେଖିଲି । ହେ ପିତୃଗଣ ତୁମ୍ଭେମାନେ ଯେ ପ୍ରଥମରୁ ୧୪
ତାହାଙ୍କୁ ଚିହ୍ନି ଅଛ ବୋଲି ଆମ୍ଭେ ତୁମ୍ଭମାନଙ୍କୁ ଲେଖିଲୁଂ । ହେ ଯୁବାଗଣ
ତୁମ୍ଭେମାନେ ବଳବନ୍ତ ପୁଣି ଈଶ୍ୱରଙ୍କର ବାକ୍ୟ ତୁମ୍ଭମାନଙ୍କର ଅନ୍ତରେ
ଅଛ ପୁଣି ପାପାତ୍ମାକୁ ଜୟ କରଅଛ ବୋଲି ଆମ୍ଭେ ତୁମ୍ଭମାନଙ୍କର ପ୍ରତ୍ର ଲେ
ଖିଲୁଁ । ତୁମ୍ଭେ ସମସ୍ତେ ସଂସାରକୁ କି ସଂସାରକ ବିଷୟକୁ ପ୍ରେମ ନ କର ୧୫
ଯେ କେହ ସଂସାରକୁ ପ୍ରେମ କରଇ ତାହାରଠାରେ ପିତାର ପ୍ରେମ ନ
ଥାଏ । ଯେହେତୁ ଶାରୀରକ ସୁଖାଭିଳାଷ ଚକ୍ଷୁର ସୁଖାଭିଳାଷ ଲୌକିକ ୧୬
ଗର୍ବ ଏହି ସାଂସାରିକ ବିଷୟ ସବୁ ପିତାଠାରୁ ନୋହେ ସଂସାରରୁ ହୁଅଇ ।
ଆଉ ସଂସାର ଓ ତାହାର ସୁଖଭୋଗ ଅନିତ୍ୟ ପୁଣି ଯେଉଁ ଜନ ଈଶ୍ୱର ୧୭
ଙ୍କର ଇଚ୍ଛା ପାଳଣ କରଇ ସେ ନିତ୍ୟସ୍ଥାୟୀ ।

ହେ ପ୍ରିୟ ବାଲକଗଣ ଶେଷର ସମୟ ଉପସ୍ଥିତ ସେ କାଲରେ ଖ୍ରୀଷ୍ଟାରି* ୧୮
ଉପସ୍ଥିତ ହୋଇବେ ବୋଲି ତୁମ୍ଭେମାନେ ଶୁଣିଅଛ । ପୁଣି ଏବେ ବହୁତ
ଖ୍ରୀଷ୍ଟାରି ହୋଇଅଛନ୍ତି ଏଣୁକରି ଏହି ଯେ ଶେଷକାଳ ତାହା ଆମ୍ଭେମାନେ
ଜାଣୁଅଛୁଁ । ସେମାନେ ଆମ୍ଭମାନଙ୍କଠାରୁ ବାହାର ଗଲେ ପୁଣି ଆମ୍ଭମାନ ୧୯
ଙ୍କର ପକ୍ଷର ନୁହନ୍ତି । ଯେହେତୁ ତାହା ହେଲେ ଆମ୍ଭମାନଙ୍କର ସହିତ ଥା
ଅନ୍ତେ ସେମାନେ ଆମ୍ଭମାନଙ୍କର ପକ୍ଷର ନୁହନ୍ତି ବୋଲି ପ୍ରକାଶ ହେବାର ପାଇଁ
ବାହାର ହୋଇଲେ । ପୁଣି ଧର୍ମଆତ୍ମାଠାରୁ ତୁମ୍ଭମାନଙ୍କର ଗୋଟିଏ ଅଭି ୨୦
ଷେକ ଅଛ ତାହାର ଦ୍ୱାରା ତୁମ୍ଭେମାନେ ସବୁ ଜାଣୁଅଛ । ତୁମ୍ଭେମାନେ ୨୧
ସତ୍ୟ ଧର୍ମକୁ ନ ଜାଣିବାରୁ ଆମ୍ଭେ ତୁମ୍ଭମାନଙ୍କୁ ଲେଖିଲୁଁ ତାହା ନୋହେ
ପୁଣି ସତ୍ୟଧର୍ମ ଜାଣିଅଛ ପୁଣି ସତ୍ୟଧର୍ମର ମଧ୍ୟରେ କୌଣସି ମିଛ ନାହିଁ
ବୋଲମନ୍ତେ ଲେଖିଲୁଁ । ଯୀଶୁ ଯେ ମଶୀହ୍ ଅଟନ୍ତି ବୋଲି ଯେଉଁ ଜନ ନାସ୍ତି ୨୨
କରଇ ତାହା ବିନୁ ଆଉ ମିଥ୍ୟାବାଦୀ କେ ଅଛ । ଯେଉଁ ଜନ ପିତା ଓ
ପୁତ୍ରଙ୍କୁ ନାସ୍ତି କରଇ ସେ ଖ୍ରୀଷ୍ଟାରି* ଅଟଇ । ଯେ କେହ ପୁତ୍ରଙ୍କୁ ୨୩

* କିମ୍ବା ଖ୍ରୀଷ୍ଟାର । ୨ ଅର୍ଥାତ୍ ଅଭିଷେକୀ ବାଣକର୍ତ୍ତା ।

ନାସ୍ତି କରଇ ସେ ପିତାକୁ ଅସ୍ୱୀକାର
୨୪ କରଇ ସେ ପିତାକୁହିଁ ସ୍ୱୀକୃତ ହୁଅଇ) । ଏଣୁକରି ତୁମ୍ଭେମାନେ ଆଦ୍ୟରୁ
ଯେଉଁ କଥା ଶୁଣିଅଛ ତାହା ତୁମ୍ଭମାନଙ୍କର ମନରେ ଥାଉ । ସେହି
ଆଦ୍ୟରୁ ଶୁଣିଲା କଥା ଯେବେ ତୁମ୍ଭମାନଙ୍କର ମନରେ ଥାଏ ତେବେ ତୁମ୍ଭେ
୨୫ ମାନେହେଁ ପିତାରେ ଓ ଅତୁଜରେ ଥିବ । ସେ ଆମ୍ଭମାନଙ୍କର ପ୍ରତି ଯେଉଁ
୨୬ ବିଷୟରେ କହି ପ୍ରତିଜ୍ଞା କରିଅଛନ୍ତି ସେହି ଅନନ୍ତ ପରମାୟୁ । ଯେଉଁମାନେ
ତୁମ୍ଭମାନଙ୍କୁ ଭୁଲାଇବାକୁ ଚାହାନ୍ତି ସେମାନଙ୍କର ବିଷୟରେ ଏହି କଥା ତୁମ୍ଭ
୨୭ ମାନଙ୍କୁ ଲେଖିଲିଁ । ଖ୍ରୀଷ୍ଟଙ୍କର ଦ୍ୱାରା ପ୍ରାପ୍ତ ତୁମ୍ଭମାନଙ୍କର ଅନ୍ତରସ୍ଥ ଅଭିଷେକ
ତୁମ୍ଭମାନଙ୍କରେ ଥିବାରୁ ଅନ୍ୟ କେହି ଯେ ତୁମ୍ଭମାନଙ୍କୁ ଉପଦେଶ ଦଅଇ
ତୁମ୍ଭମାନଙ୍କର ଏମନ୍ତ ପ୍ରୟୋଜନ ନାହିଁ ସେହି ଅଭିଷେକ ସବୁ ବିଷୟରେ
ଉପଦେଶ କରିଥାଏ ଓ ସତ୍ୟ ହୋଇଥାଏ ଇହାଁରେ ମିଛର ଲେଶ ନାହିଁ ।
ଏହେତୁ ସେ ଯେମନ୍ତ ତୁମ୍ଭମାନଙ୍କୁ ଉପଦେଶ ଦେଇଅଛି ତେମନ୍ତ ତାହାଙ୍କରେ
୨୮ ରେ ଥାଅ । ହେ ପ୍ରିୟ ବାଳକଗଣ ଏବେ ତୁମ୍ଭେମାନେ ତାହାଙ୍କରେ ଥାଅ
ତାହା ହେଲେ ସେ ଯେଉଁ ସମୟରେ ପ୍ରକାଶିତ ହୋଇବେ ସେହି କାଳେ
ଆମ୍ଭେମାନେ ସାହସିକ ହୋଇବା ପୁଣି ତାହାଙ୍କର ଆଗମନ ସମୟରେ ତାହା
୨୯ ଙ୍କର ସମ୍ମୁରେ ଲଜ୍ଜିତ ନୋହିବା । ଆଉ ସେ ଧାର୍ମିକ ଅଟନ୍ତି ବୋ ଯେବେ
ଜାଣ ତେବେ ଯେ କେହି ଧର୍ମକର୍ମ କରଇ ସେ ତାହାଙ୍କଠାରୁ ଜାତ
ହୋଇ ଜାଣ ।

## ୩ ପତ୍ର ।

୧ ଦେଖ ଆମ୍ଭେମାନେ ଯେ ଈଶ୍ୱରଙ୍କର ପୁତ୍ରଗଣରେ ବିଖ୍ୟାତ ହେଉଅଛୁଁ
ଏଥିରେ ପିତା ଆମ୍ଭମାନଙ୍କୁ କେମନ୍ତ ପ୍ରେମ ପ୍ରଦାନ କରିଅଛନ୍ତି ପୁଣି ଜଗତର
ଲୋକମାନେ ତାହାଙ୍କୁ ଜାଣି ନାହାନ୍ତି ବୋନ୍ତମନ୍ତେ ଆମ୍ଭମାନଙ୍କୁ ନ ଜାଣନ୍ତି ।
୨ ହେ ପ୍ରିୟଗଣ ଏବେ ଆମ୍ଭେମାନେ ଈଶ୍ୱରର ପୁତ୍ରମାନେ ଅଛୁଁ ପୁଣି ପରେ କ
ହୋଇବା ତାହା ବ୍ୟକ୍ତ ହୋଇ ନାହିଁ ତେବେହେଁ ତାହାଙ୍କର ପ୍ରକାଶିତ
ହେବାର ସମୟରେ ତାହାଙ୍କର ତୁଲ୍ୟ ହୋଇବା ବୋ ଆମ୍ଭେମାନେ ଜାଣି
୩ ଯେହେତୁ ସେ ଯେମନ୍ତ ଅଛନ୍ତି ତେମନ୍ତ ତାହାଙ୍କୁ ଦର୍ଶନ କରିବା । ପୁଣି
ସେ ଯେମନ୍ତ ପବିତ୍ର ତେମନ୍ତହେଁ ବୋ ଭରସା ପ୍ରାପ୍ତ ପ୍ରତ୍ୟେକ ଜଣ ଆପ
୪ ଣାକୁ ପବିତ୍ର କରଇ । ଯେଉଁ ଜନ ପାପ କରଇ ସେହି ବ୍ୟବସ୍ଥା ଲଙ୍ଘନ
୫ କରଇ ଯେହେତୁ ବ୍ୟବସ୍ଥାର ଲଙ୍ଘନ ପାପ । ଆଉ ସେ ଆମ୍ଭମାନଙ୍କର
ପାପ ହରିବା ନମନ୍ତେ ପ୍ରକାଶିତ ହୋଇଅଛନ୍ତି ପୁଣି ତାହାଙ୍କରେ ପାପ

ନାହିଁ ଏହା ତୁମ୍ଭେମାନେ ଜାଣ । ଯେ କେହ ତାହାଙ୍କରେ ଥାଏ ସେ ୭
ପାପାଚରଣ ନ କରଇ ଯେ କେହ ପାପାଚରଣ କରଇ ସେ କେବେହେଁ
ତାହାଙ୍କୁ ଦେଖି ନାହିଁ ପୁଣି ଜାଣିହିଁ ନାହିଁ । ହେ ପ୍ରିୟ ବାଳକଗଣ ସାବ ୭
ଧାନ କେହ ଯେମନ୍ତ ତୁମ୍ଭମାନଙ୍କର ଭ୍ରାନ୍ତି ନ ଜନ୍ମାଏ ଯେ କେହ ଧର୍ମାଚ
ରଣ କରଇ ସେ ଖ୍ରୀଷ୍ଟର ତୁଲ୍ୟ ଧାର୍ମିକ ହୋଏ । ପୁଣି ଯେ କେହ ପାପାଚ ୮
ରଣ କରଇ ସେ ଶୟତାନର ସନ୍ତାନ ହୋଏ । ଶୟତାନ ଆଦ୍ୟରୁ ପାପ
କରି ଆସୁଅଛି ପୁଣି ଶୟତାନର କାର୍ଯ୍ୟ ବିନାଶ କରିବାକୁ ଈଶ୍ୱରଙ୍କର ଅଜ୍ଞ
ଅବତୀର୍ଣ ହୋଇଅଛନ୍ତି । ଯେ କେହ ଈଶ୍ୱରଙ୍କଠାରୁ ଜାତ ହୁଅଇ ତାହାର ୯
ଅନ୍ତରେ ଈଶ୍ୱରଙ୍କର ଗାର୍ଯ୍ୟ ଥିବାରୁ ସେ ପାପାଚରଣ ନ କରଇ ପୁଣି ଈଶ୍ୱ
ରଙ୍କଠାରୁ ଜାତ ହେଉଁ ପାପାଚରଣ କରିବାକୁ ନ ପାରଇ । ଏଥିରେ ୧୦
କେ ଈଶ୍ୱରର ସନ୍ତାନ ଅବା କେ ଶୟତାନର ସନ୍ତାନ ଏହା ପ୍ରକାଶ ହୋ
ଏ । ଯେଉଁ ଜଣ ଧର୍ମାଚରଣ ପୁଣି ଯେ ଆପଣା ଭାଇର ପ୍ରତି ପ୍ରେମ ନ
କରଇ ସେ କଦାଚ ଈଶ୍ୱରଙ୍କଠାରୁ ଜାତ ନୋହେ । ଅମ୍ଭମାନଙ୍କର ଏକକୁ ୧୧
ଅରେକ ପ୍ରେମ କରିବାକୁ ହୋଏ ଏହି ଆଜ୍ଞା ତୁମ୍ଭେମାନେ ଆଦ୍ୟରୁ ଶୁଣି
ଅଛ । ପୁଣି ପାପାତ୍ମାର ସନ୍ତାନ ଯେ କୟିନ ତାହାର ପ୍ରାୟେ ନ ହୁଅ । ୧୨
ସେ ଆପଣା ଭାଇକୁ ବଧ କଲା । କାହନ୍ତୁ ତାହାକୁ ବଧ କଲା କାରଣ ଏହି
ତାହାର ନିଜ କର୍ମ ପାପମୟ ପୁଣି ଭାଇର କର୍ମ ଧର୍ମମୟ ଥିଲା । ହେ ଆମ୍ଭର ୧୩
ପ୍ରିୟ ଭ୍ରାତୃଗଣ ଜଗତ ଲୋକମାନେ ଯେବେ ତୁମ୍ଭମାନଙ୍କୁ ଘୃଣା କରନ୍ତି
ତହିଁରେ ଆଶ୍ଚର୍ଯ୍ୟ ଜ୍ଞାନ ନ କର । ଭାଇମାନଙ୍କର ସହିତ ପ୍ରେମ କରିବାରେ ୧୪
ଆମ୍ଭେମାନେ ମୃତ୍ୟୁକୁ ଶ୍ରୁତ ଜୀବନରେ ପ୍ରବେଶି ଅଛୁଁ ଏହା ଜାଣି । ଯେ
କେହ ଆପଣା ଭାଇକୁ ପ୍ରେମ ନ କରଇ ସେ ମୃତ୍ୟୁରେ ଅଜ୍ଞାନ୍ତ ଥାଏ । ଯେ ୧୫
କେହ ଅପଣା ଭାଇକୁ ଘୃଣା କରଇ ସେ ନରଘାତକ ହୋଏ । ପୁଣି ନର
ଘାତକର ଅନ୍ତରେ ଅନନ୍ତ ପରମାତ୍ମାର ସ୍ଥାନ ନାହିଁ ଏହା ତୁମ୍ଭେମାନେ ଜାଣ ।
ସେ ଆମ୍ଭମାନଙ୍କର ନିମନ୍ତେ ଅପଣାର ପ୍ରାଣ ସମର୍ପି ଦେଲେ ଏଥିରେଇ ପ୍ରେମ ୧୭
ଜଣା ଯାଏ ଏହେତୁ ଭାଇମାନଙ୍କର ନିମନ୍ତେ ଆମ୍ଭମାନଙ୍କରି ପ୍ରାଣ ଦାନ
କରିବାର ଉଚିତ । ନୋହିଲେ ସଂସାରକ ଧନବନ୍ତ ହୋଇ ଅପଣା ଭାଇର ୧୭
ଦୀନତା ଦେଖିଲେହେଁ ଯେବେ କେହ ତାହାର ପ୍ରତି ଅପଣାର ଦୟା
ରୋଧ କରଇ ତେବେ ତାହାର ଅନ୍ତରେ ଈଶ୍ୱରଙ୍କର ପ୍ରେମ କି ପ୍ରକାର
ରହିବାକୁ ପାରଇ । ହେ ଆମ୍ଭର ପ୍ରିୟ ବାଳକଗଣ ଅସ ଆମ୍ଭେମାନେ କେ ୧୮
ବଳ ବାକ୍ୟରେ କି ମୁଖରେ ପ୍ରେମ ନ କରି କାର୍ଯ୍ୟରେ ଓ ସତ୍ୟତାରେ ପ୍ରେମ
କରୁଁ । ତହିଁରେ ଆମ୍ଭେମାନେ ଯେ ସତ୍ୟଧର୍ମର ପକ୍ଷ ଏହା ଜାଣିବାରୁ ତା ୧୯

୧୦ ହାଙ୍କର ଶ୍ରମୁରେ ଆପଣାମାନଙ୍କର ମନ ସୁସ୍ଥିର କରିବା । ଆମ୍ଭମାନଙ୍କର ମନ
ଯେବେ ଆମ୍ଭମାନଙ୍କୁ ଦୋଷୀ କରଇ ତେବେ ଈଶ୍ୱର ଆମ୍ଭମାନଙ୍କର ମନରୁ
୧୧ ମହତ ପୁଣି ସବୁ ଜାଣନ୍ତି । ହେ ପ୍ରିୟଗଣ ଆମ୍ଭମାନଙ୍କ ମନ ଯେବେ ଆମ୍ଭମା
ନଙ୍କୁ ଦୋଷୀ ନ କରଇ ତେବେ ଈଶ୍ୱରଙ୍କ ଶ୍ରମୁରେ ଆମ୍ଭମାନଙ୍କର ସାହସ
୧୨ ହେବ । ପୁଣି ଆମ୍ଭେମାନେ ଯାହା୨ ପ୍ରାର୍ଥନା କରି ତାହା୨ ତାହାଙ୍କଠାରୁ
ସବୁଇ ପାଇବା ଯେହେତୁ ଆମ୍ଭେମାନେ ତାହାଙ୍କର ଅଜ୍ଞା ପାଳଣ କରି
ତାହାଙ୍କର ଗୋଚରରେ ଯେଉଂ କର୍ମ ଗ୍ରାହ୍ୟ ହୋୟେ ତାହାଇ ସାଧନ
୧୩ କରି ଥାଉଂ । ଆଉ ତାହାଙ୍କର ଆତ୍ମଜ ଯୀଶୁ ଖ୍ରୀଷ୍ଟର ନାମରେ ବିଶ୍ୱାସ
କରି ତାହାଙ୍କର ଦତ୍ତ ଅଜ୍ଞାନୁସାରେ ଏକକୁଆରେକ ପ୍ରେମ କରିବାର କର୍ତ୍ତବ୍ୟ
୧୪ ଏହି ତାହାଙ୍କର ଅଜ୍ଞା । ଯେଉଂଜନ ତାହାଙ୍କର ଅଜ୍ଞା ପାଳଣ କରଇ ସେ
ତାହାଙ୍କରେ ଥାୟେ ଓ ସେହିଂ ତାହାରରେ ଥାଅନ୍ତି । ଆଉ ସେ ଯେ
ଆମ୍ଭମାନଙ୍କରେ ଥାଅନ୍ତି ଏହା ଆମ୍ଭେମାନେ ତାହାଙ୍କର ଦତ୍ତ ଅତ୍ମ ଦ୍ୱାରା
ଜ୍ଞାତସାର ହେଉ ଅଛୁଁ ।

## ୪ ପର୍ବ ।

୧ ହେ ପ୍ରିୟ ଭ୍ରାତୃଗଣ ଏହି ଜଗତର ମଧ୍ୟରେ ବହୁତ୍ୱ ଭଣ୍ଡ ଭବିଷ୍ୟତ୍ର
ବକ୍ତା ଅସିଅଛନ୍ତି ଏହେତୁ ତୁମ୍ଭେମାନେ ସବୁ ଶିକ୍ଷକଙ୍କୁ* ବିଶ୍ୱାସ ନ କର
୨ ପୁଣି ସେମାନେ ଈଶ୍ୱରଙ୍କଠାରୁ ଅସନ୍ତା ଲୋକ କି ନାହିଂ ସେ ବିଷୟରେ
ଶିକ୍ଷକଗଣଙ୍କୁ* ପରୀକ୍ଷା କର । ତହିଂରେ କେ ଈଶ୍ୱରଙ୍କଠାରୁ ଶିକ୍ଷକ* ତାହା
୩ ଜାଣିବାକୁ ପାରିବ । ଯେଣୁ ଯୀଶୁ ଖ୍ରୀଷ୍ଟ ଦେହବନ୍ତ ହୋଇ ଅସିଅଛନ୍ତି
ଯେ ପ୍ରତ୍ୟେକ ଶିକ୍ଷକ* ଏହା ସ୍ୱୀକାର କରଇ ସେହି ଈଶ୍ୱରଙ୍କଠାରୁ ହୋୟେ
ଆଉ ଯୀଶୁ ଖ୍ରୀଷ୍ଟ ଦେହବନ୍ତ ହୋଇ ଅସି ଅଛନ୍ତି ଯେ ପ୍ରତ୍ୟେକ ଶିକ୍ଷକ*
ଏହା ସ୍ୱୀକାର ନ କରଇ ସେ ଈଶ୍ୱରଙ୍କଠାରୁ ନୋହେ । ପୁଣି ଯେ ଭଣ୍ଡ
ଖ୍ରୀଷ୍ଟର ଭବିଷ୍ୟତ୍ର ଆଗମର ଓ ଜଗତରେ ଏବେ ଉପସ୍ଥିତ ହେବାର କଥା
୪ ଶୁଣିଅଛ ସେ ଏହି ଶିକ୍ଷକ* । ହେ ପ୍ରିୟ ବାଳକଗଣ ତୁମ୍ଭେମାନେ ଈଶ୍ୱର
ଙ୍କଠାରୁ ଜାତ ହେବାରୁଂ ସେମାନଙ୍କୁ ଜୟ କରିଅଛ ଯେହେତୁ ତୁମ୍ଭମା
୫ ଙ୍କର ମଧ୍ୟବର୍ତ୍ତୀ ଜଗତର ମଧ୍ୟବର୍ତ୍ତୀଠାରୁ ବଡ ଅଟନ୍ତି । ସେମାନେ ସଂସା
ରରୁ ଜାତ ଏନିମନ୍ତେ କେବଳ ସାଂସାରିକ କଥା କହନ୍ତି ପୁଣି ସଂସାର ମାଏ
ସେମାନଙ୍କର କଥା ମାନନ୍ତି । ଆଉ ଆମ୍ଭେମାନେ ଈଶ୍ୱରଙ୍କଠାରୁ ହୋଇ ଯେ
୬ କେହି ଈଶ୍ୱରଙ୍କୁ ଜାଣଇ ସେହି ଆମ୍ଭମାନଙ୍କର କଥା ମାନଇ ଯେ କେହି

* ଏସବୁ ସ୍ଥାନରେ ଗ୍ରୀକ ଭାଷାରେ ଆତ୍ମ ପୁଣି ଆତ୍ମଗଣ ଲେଖିତ୍ ।

ଈଶ୍ୱରଠାରୁ ଜାତ ନୋହେ ସେ ଆମ୍ଭମାନଙ୍କର କଥା ମାନଇ ନାହିଁ । ୬
ଏହି ପ୍ରକାର ଆମ୍ଭେମାନେ ସତ୍ୟ ଶିକ୍ଷକଙ୍କୁ* ପୁଣି ଭ୍ରାନ୍ତ ଶିକ୍ଷକଙ୍କୁ* ଜା
ଣିବାକୁ ପାର ।

ହେ ପ୍ରିୟବର୍ଗ ଆମ୍ଭେମାନେ ଏକକୁଆରେକ ପ୍ରେମ କର ଯୁଁ ଯେହେତୁ ୭
ପ୍ରେମ ଈଶ୍ୱରଙ୍କଠାରୁ ହୋଇଥି । ଅତ୍ର ଯେ କେହି ପ୍ରେମ କରଇ ସେ ଈଶ
ରଙ୍କଠାରୁ ଜାତ ହୋଇଥି ପୁଣି ଈଶ୍ୱରଙ୍କୁ ଜାଣଇ । ଯେଉଁ ଜନ ପ୍ରେମ ୮
ନ କରଇ ସେ ଈଶ୍ୱରଙ୍କର ଉତ୍ତର ନ ଜାଣଇ ଯେହେତୁ ଈଶ୍ୱର ପ୍ରେମ
ସ୍ୱରୂପ । ଆମ୍ଭେମାନେ ଯେମନ୍ତ ପରମାତ୍ମା ପାଇ ଏହି ଅରଣ୍ୟରେ ଈଶ୍ୱର ୯
ଆପଣାର ଅଦ୍ୱିତୀୟ ଅଦୂତଙ୍କୁ ଏହି ଜଗତରେ ପଠାଇଲେ ଏଥିରେ ସେ
ଆମ୍ଭମାନଙ୍କର ପ୍ରତି ଆପଣାର ପ୍ରେମ ପ୍ରକାଶ କଲେ । ଅମ୍ଭେମାନେ ଯେ ୧୦
ଈଶ୍ୱରଙ୍କୁ ପ୍ରେମ କଲୁଁ ତାହା ନୋହେ ପୁଣି ସେ ଆମ୍ଭମାନଙ୍କୁ ପ୍ରେମ କର
ଆମ୍ଭମାନଙ୍କର ପାପର ପ୍ରାୟଶ୍ଚିତ୍ତ କର ଆପଣା ଅଦୂତଙ୍କୁ ପଠାଇଲେ ଏହା
ନଆନ୍ତୁ ପ୍ରେମ । ହେ ପ୍ରିୟଗଣ ଈଶ୍ୱର ଆମ୍ଭମାନଙ୍କର ପ୍ରତି ଯେବେ ଏତେ ୧୧
ପ୍ରେମ କଲେ ତେବେ ଆମ୍ଭମାନଙ୍କରଇ ଏକକୁଆରେକ ପ୍ରେମ କରବାର
କର୍ତ୍ତବ୍ୟ । କେହି କେବେ ଈଶ୍ୱରଙ୍କୁ ଦେଖି ନାହିଁ ପୁଣି ଅମ୍ଭେମାନେ ଯେବେ ୧୨
ଏକକୁଆରେକ ପ୍ରେମ କର ତେବେ ଈଶ୍ୱର ଆମ୍ଭମାନଙ୍କର ଅନ୍ତରେ ଥାଆନ୍ତି
ଓ ଆମ୍ଭମାନଙ୍କରେ ତାହାଙ୍କର ପ୍ରେମ ସିଦ୍ଧ ହୋଇଥି । ଅତ୍ର ଆମ୍ଭମାନଙ୍କର ୧୩
ପ୍ରତି ଆପଣା ଆତ୍ମା ପ୍ରଦାନ କରବାରୁ ସେ ଯେ ଆମ୍ଭମାନଙ୍କରେ ଥାଆନ୍ତି
ଓ ଅମ୍ଭେମାନେ ତାହାଙ୍କରେ ଥାଇ ଏହା ଜ୍ଞାତସାର ଅଛୁଁ । ପୁଣି ପିତା ଆ ୧୪
ପଣା ଅଦୂତଙ୍କୁ ଜଗତର ପରିତ୍ରାଣକାରୀ କର ପଠାଇ ଅଛନ୍ତି ଏହା ଦେଖି
ଆମ୍ଭେମାନେ ସାକ୍ଷ୍ୟ ଦେଉଅଛୁଁ । ଏଥିରେ ଯୀଶୁ ଈଶ୍ୱରଙ୍କର ଅଦୂତ ଏହା ୧୫
ଯେ କେହି ସ୍ୱୀକାର କରଇ ସେ ଈଶ୍ୱରରେ ଥାଏ ପୁଣି ଈଶ୍ୱର ତାହାରରେ
ଥାଆନ୍ତି । ଆମ୍ଭମାନଙ୍କର ପ୍ରତି ଈଶ୍ୱରଙ୍କର ପ୍ରେମ ଅଛି ଏହା ଆମ୍ଭେମାନେ ଜ୍ଞା ୧୬
ତସାର ହୋଇ ବିଶ୍ୱାସ କର । ଈଶ୍ୱର ପ୍ରେମସ୍ୱରୂପ ଅତ୍ର ଯେଉଁ ମନୁଷ ପ୍ରେମ
ରେ ଥାଏ ସେ ଈଶ୍ୱରରେ ଥାଏ ପୁଣି ଈଶ୍ୱରଇ ତାହାରରେ ଥାଆନ୍ତି ।
ଏହି ପ୍ରକାର ଆମ୍ଭମାନଙ୍କର ମଧ୍ୟରେ ପ୍ରେମ ସିଦ୍ଧ ହୋଇଥି ତହିଁରେ ବିଚାର ୧୭
ଦିନରେ ଆମ୍ଭମାନଙ୍କର ସାହସ ହେବ ଯେହେତୁ ଆମ୍ଭେମାନେ ତାହାଙ୍କର
ତୁଲ୍ୟ ହୋଇ ଏହି ଜଗତରେ ଥାଇ । ପ୍ରେମରେ ଭୟ ନ ଥାଏ ଯେହେତୁ ୧୮
ସିଦ୍ଧ ପ୍ରେମ ଭୟକୁ ଦୂର କରଇ । ଭୟରେ ଯନ୍ତ୍ରଣା ଅଛି ଯେଉଁ ଜନ ଭୟ
କରଇ ସେ କେବେହେଁ ପ୍ରେମରେ ସିଦ୍ଧ ନୋହେ । ସେ ଅବ୍ୟବହିତରେ ଆମ୍ଭମା ୧୯
ନଙ୍କୁ ପ୍ରେମ କରଅଛନ୍ତି ଏନମନ୍ତେ ଆମ୍ଭେମାନେହେଁ ତାହାଙ୍କୁ ପ୍ରେମ କର ।

୨୦ ଯେଉଁଜନ ଜଜ ଭ୍ରାତାକୁ ଘୃଣା କର ଅମ୍ଭେ ଈଶ୍ୱରଙ୍କୁ ପ୍ରେମ କରୁଅଛୁଁ,
ଏମନ୍ତ କଥା ବୋଲଇ ସେ ମିଥ୍ୟାବାଦୀ ଯେହେତୁ ଅପଣାର ଯେଉଁ ଭାଇକୁ
ଦେଖିଅଛ ତାହାକୁ ଯେବେ ପ୍ରେମ ନ କରଇ ତେବେ ଯେଉଁ ଈଶ୍ୱରଙ୍କୁ
୨୧ ଦେଖି ନାହଁ ତାହାଙ୍କୁ କେମନ୍ତେ ପ୍ରେମ କରିବାକୁ ପାରିବ । ଯେ ଜନ ଈଶ୍ୱ
ରଙ୍କୁ ପ୍ରେମ କରଇ ସେ ଆପଣା ଭାଇକୁଇ ପ୍ରେମ କରୁ ଏହି ଆଜ୍ଞା ଅମ୍ଭେ
ମାନେ ତାହାଙ୍କଠାରୁ ପାଇଅଛୁଁ ।

୫ ପତ୍ର ।

୧ ଯୀଶୁ ମଶୀହ* ଅନ୍ତ ଏହା ଯେଉଁ ପ୍ରତ୍ୟେକ ଲୋକ ବିଶ୍ୱାସ କରଇ
ସେହି ଈଶ୍ୱରଙ୍କଠାରୁ ଜାତ ପୁଣି ଯେ ପ୍ରତ୍ୟେକ ଜନ ଜନ୍ମଦାତାକୁ ପ୍ରେମ
୨ କରଇ ସେ ତାହାଙ୍କଠାରୁ ଜାତ ଲୋକକୁଇ ପ୍ରେମ କରଇ । ଅମ୍ଭେମାନେ
ଯେବେ ଈଶ୍ୱରଙ୍କୁ ପ୍ରେମ କର ଓ ତାହାଙ୍କର ଆଜ୍ଞା ପାଳଣ କର ତେବେ
୩ ତାହାଙ୍କର ବାଳକଗଣକୁଇ ପ୍ରେମ କର ଏହା ଜାଣି । ତାହାଙ୍କର ଆଜ୍ଞା
୪ ପାଳଣରେଇ ଈଶ୍ୱରଙ୍କର ପ୍ରତ ପ୍ରେମ ପ୍ରକାଶ ହୋଏ ଅଉ ତାହାଙ୍କର
୫ ଆଜ୍ଞା ସବୁ କଠିଣ ନୋହେ । ଯେ କେହି ଈଶ୍ୱରଙ୍କଠାରୁ ଜାତ ସେ ଜଗ
୬ ତକୁ ଜୟ କରଇ ପୁଣି ଜଗତର ଜୟକାରୀ ସ୍ୱରୂପ ଯେଉଁ ଜୟ ସେ ଆମ୍ଭ
ମାନଙ୍କର ବିଶ୍ୱାସ । ଯୀଶୁ ଈଶ୍ୱରଙ୍କର ଆତ୍ମଜ ଏହା ଯେଉଁ ଲୋକ ବିଶ୍ୱାସ
କରଇ ତାହାକୁ ଛଡା ଜଗତର ଜୟକାରୀ କେ । ଏହି ମଶୀହ* ଯୀଶୁ
୭ ଜଳ ଓ ରକ୍ତ ଦ୍ୱାରା ପ୍ରକାଶିତ ହୋଇଲେ । ଜଳ ଦ୍ୱାରା କେବଳ ନୋହେ
ରକ୍ତ ଓ ଜଳ ଦ୍ୱାରାହିଁ ପ୍ରକାଶିତ ହୋଇଲେ । ସତ୍ୟତାସ୍ୱରୂପ ଯେଉଁ ଆତ୍ମା
୭ ସେ ଏହି ବିଷୟରେ ସାକ୍ଷୀ ଅଟନ୍ତି । (ଯେହେତୁ ପିତା ବାକ୍ୟ ଧର୍ମଆତ୍ମା ଏହି
୮ ତିନ ସ୍ୱର୍ଗରେ ସାକ୍ଷୀ ଅଟନ୍ତି ପୁଣି ଏତିନରେ ଏକ) । ପୁଣି ଆତ୍ମା ଜଳ ରକ୍ତ
୯ ଏହି ତିନ ପୃଥିବୀରେ ସାକ୍ଷୀ ଅଟନ୍ତି ପୁଣି ଏତିନର ଗୋଷ୍ଠିଏ ସାକ୍ଷ୍ୟ ।
ଅମ୍ଭେମାନେ ଯେବେ ମନୁଷ୍ୟର ସାକ୍ଷ୍ୟ ଗ୍ରାହ୍ୟ କର ତେବେ ଈଶ୍ୱରଙ୍କର
ସାକ୍ଷ୍ୟ ତାହାଠାରୁ ଶ୍ରେଷ୍ଠ ହୋଏ । ଈଶ୍ୱର ଆପଣା ଆତ୍ମଜର ବିଷ
୧୦ ୟରେ ଯାହାଁ ଏହି ସାକ୍ଷ୍ୟ ଦେଇଅଛନ୍ତି । ଯେଉଁ ଜନ ଈଶ୍ୱରଙ୍କର ଆତ୍ମ
ଜରେ ବିଶ୍ୱାସ କରଇ ସେ ଆପଣା ଅନ୍ତରେ ସେହି ସାକ୍ଷ୍ୟ ପାଏ ପୁଣି
ଈଶ୍ୱରଙ୍କଠାରେ ଅବିଶ୍ୱାସୀ ଯେଉଁ ଜନ ସେ ତାହାଙ୍କୁ ମିଥ୍ୟାବାଦୀ କର
ଅଛ । ଯେହେତୁ ଈଶ୍ୱର ଆପଣା ଆତ୍ମଜର ବିଷୟରେ ଯେଉଁ ସାକ୍ଷ୍ୟ ଦେଇ
୧୧ ଅଛନ୍ତି ତହିଁରେ ବିଶ୍ୱାସ ନ କରଇ । ଈଶ୍ୱର ଆମ୍ଭମାନଙ୍କୁ ଅନନ୍ତ ପରମାୟୁ

*ଅର୍ଥାତ୍ ଅଭିଷେକୀ ତ୍ରାଣକର୍ତ୍ତା ।

ଦେଇଅଛନ୍ତି ପୁଣି ସେହି ପରମାୟୁ ତାହାଙ୍କର ଅତ୍ମଜରେ ଅଛି ଏହି
ତାହାଙ୍କର ସାକ୍ଷ୍ୟ । ଯେଉଂଜନ ଅତ୍ମଜକୁ ଗ୍ରାହ୍ୟ କରଇ ସେହି ପରମାୟୁ ୧୧
ପାୟେ ମାତ୍ର ଯେଉଂ ଜନ ଈଶ୍ୱରଙ୍କ ଅତ୍ମଜକୁ ଅଗ୍ରାହ୍ୟ କରଇ ସେ ପରମାୟୁ
ନ ପାୟେ । ତୁମ୍ଭମାନଙ୍କର ଅନନ୍ତ ପରମାୟୁ ଅଛି ଏହା ଜାଣି ଈଶ୍ୱରଙ୍କର ୧୩
ଅତ୍ମଜର ନାମରେ ଯେମନ୍ତ ବିଶ୍ୱାସରେ ଥାଅ ଏନିମନ୍ତେ ଈଶ୍ୱରର ଅତ୍ମ
ଜର ନାମରେ ବିଶ୍ୱାସକାରୀ ଯେ ତୁମ୍ଭେମାନେ ତୁମ୍ଭମାନଙ୍କୁ ଅମ୍ଭେ ଏହା
ଲେଖିଲୁଁ ।

ଅମ୍ଭେମାନେ ଯେବେ ତାହାଙ୍କର ଇଚ୍ଛାନୁସାରେ କୌଣସି ପ୍ରାର୍ଥନା କରି ୧୪
ତେବେ ସେ ଅମ୍ଭମାନଙ୍କର ସେହି ପ୍ରାର୍ଥନା ଶୁଣନ୍ତି । ତାହାଙ୍କର ପ୍ରତି ଅମ୍ଭ
ମାନଙ୍କର ଏମନ୍ତ ଦୃଢ ବିଶ୍ୱାସ ଅଛି । ପୁଣି ସେ ଅମ୍ଭମାନଙ୍କର ନିବେଦନ ୧୫
ଶୁଣନ୍ତି ଏହା ଯେବେ ଜାଣି ତେବେ ତାହାଙ୍କର ଶ୍ରମୁରେ ଯାହା ପ୍ରାର୍ଥନା
କରି ତାହାଇ ଅମ୍ଭମାନଙ୍କର ହୋଇବ ଏହାଇ ଅମ୍ଭେମାନେ ଜାଣି । କେହି ୧୬
ଯେବେ ଅପଣା ଭାଇକୁ ଅମୃତ୍ୟୁ ଜନକ ପାପ କରିବାକୁ ଦେଖଇ ତେବେ
ସେ ତାହାର ନିମନ୍ତେ ପ୍ରାର୍ଥନା କରିବ । ତହିଂରେ ଯେଉଂଜନ ମୃତ୍ୟୁ ଜନକ
ପାପ କରି ନାହିଁ ଈଶ୍ୱର ତାହାକୁ ଜୀବନ ଦେବେ ମୃତ୍ୟୁଜନକ ଏକ ପ୍ରକାର
ପାପ ଅଛି ପୁଣି ସେହି ପାପର ବିଷୟରେ ପ୍ରାର୍ଥନା କରିବାକୁ ହୋୟେ
ତାହା ଅମ୍ଭେ ନ ବୋଲି । ସବୁ ଅଧର୍ମଇ ପାପ ପୁଣି କେତେକ ପାପ ମୃତ୍ୟୁ ୧୭
ଜନକ ହୁଅଇ ନାହିଂ । ଯେ ଜନ ଈଶ୍ୱରଙ୍କଠାରୁ ଜାତ ସେ ପାପାଚରଣ ୧୮
ନ କରି ଅପଣାକୁ ରକ୍ଷା କରଇ ପୁଣି ପାପାତ୍ମ ତାହାର ହାନି କରିବାକୁ ନ
ପାରଇ ଏହା ଅମ୍ଭେମାନେ ଜାଣି । ପୁଣି ଅମ୍ଭେମାନେ ଈଶ୍ୱରଙ୍କଠାରୁ ଜାତ ୧୯
ତାହା ଛଡା ସବୁ ଜଗତର ଲୋକ ପାପାତ୍ମର ଅଧୀନ ହୋଇ ଥାଅନ୍ତି ଏହାଇ
ଜାଣି । ଆଉ ସତ୍ୟମୟ ଈଶ୍ୱରଙ୍କର ତତ୍ତ୍ୱ ଜଣାଇବାକୁ ଈଶ୍ୱରଙ୍କର ଅତ୍ମଜ ୨୦
ଅବତୀର୍ଣ ହୋଇ ଅମ୍ଭମାନଙ୍କୁ ଜ୍ଞାନ ଦେଇଅଛନ୍ତି ଏହାଇ ଜାଣି । ପୁଣି
ଅମ୍ଭେମାନେ ସେହି ସତ୍ୟମୟର ଅର୍ଥାତ୍ ତାହାଙ୍କର ଅତ୍ମଜ ଯୀଶୁ ଖ୍ରୀଷ୍ଟର
ଅଶ୍ରୟରେ ଅଛୁଁ ସେ ସତ୍ୟମୟ ଈଶ୍ୱର ଓ ଅନନ୍ତ ପରମାୟୁ ଅଟନ୍ତି । ହେ
ପ୍ରିୟ ବାଲକଗଣ ତୁମ୍ଭେମାନେ ଦେବ ପ୍ରତିମାରୁ ଅପଣାମାନଙ୍କୁ ରକ୍ଷା କର । ୨୧

* ଅବା ପାପରେ ପଡି ରହନ୍ତି ।

ଇତି ।

## ଯୋହନର ଦ୍ୱିତୀୟ ଚିଠୀ ।

୧ ପ୍ରାଚୀନ ଯେ ମୁଁ ସାଅନ୍ତାଣୀ ଇକ୍‌ଲକ୍ତାକୁ ପୁଣି ତାହାର ସନ୍ତାନଗଣଙ୍କୁ
ଚିଠୀ ଲେଖୁଅଛି । କେବଳ ଆମ୍ଭେ ତୁମ୍ଭଙ୍କ ସତ୍ୟରେ ପ୍ରେମ କରୁ ତାହା
୨ ନୋହେ ଯେଉଁ ମନୁଷ ସତ୍ୟଧର୍ମ ଜାଣନ୍ତି ସମସ୍ତେ ପ୍ରେମ କରନ୍ତି । ସେହି
ପ୍ରେମର ମୂଳ ଯେ ସତ୍ୟଧର୍ମ ତାହା ଆମ୍ଭମାନଙ୍କର ଅନ୍ତରେ ଅଛୁ ପୁଣି ସବୁ
୩ କେଳେ ଥିବ । ପିତା ଈଶ୍ୱର ପୁଣି ପିତାର ଅଦ୍ଭୁତ ପ୍ରଭୁ ଯୀଶୁ ଖ୍ରୀଷ୍ଟଠାରୁ
ତୁମ୍ଭମାନଙ୍କୁ ସତ୍ୟରେ ଓ ପ୍ରେମରେ ଅନୁଗ୍ରହ ଦୟା ଓ ଶାନ୍ତି ହେଉ ।
୪ ଆମ୍ଭେମାନେ ପିତାଠାରୁ ଯେଉଁ ଆଜ୍ଞା ପାଇଅଛୁଁ, ସେହି ଅନୁସାରେ
ସତ୍ୟ ଧର୍ମରେ ତୁମ୍ଭର କେହୀ ବାଲକ ଆଚରଣ କରୁ ଥାଆନ୍ତି ଏହା ଜାଣି
୫ ଆମ୍ଭେ ବଡ ଆନନ୍ଦିତ ହୋଇଲୁଁ । ହେ ସାଅନ୍ତାଣି ସଂପ୍ରତି ତୁମ୍ଭକୁ କୌ
ଣସି ଗୋଟିଏ ନୂଆ ଆଜ୍ଞା ଲେଖି ତାହା ନୋହେ ପୁଣି ଏକକୁଆରେକ
ପ୍ରେମ କରିବାକୁ ହୋଇ ଏହି ଯେ ଆଜ୍ଞା ଆମ୍ଭେମାନେ ଆଦ୍ୟରୁ ପାଇଅଛୁଁ
୬ ତାହାଇ ନିବେଦନ କରୁ । ତାହାଙ୍କର ଆଜ୍ଞାନୁସାରେ ଆମ୍ଭମାନଙ୍କର ଆଚ
ରଣ କରିବାର ପ୍ରେମ ସାର ପୁଣି ତୁମ୍ଭେମାନେ ଯାହା ଆଦ୍ୟରୁ ଶୁଣିଅଛ
୭ ସେହି ଅନୁସାରେ ଆଚରଣ କର ଏହି ତାହାଙ୍କର ଆଜ୍ଞା ଅଛୁ । ପୁଣି ବହୁତ
ପ୍ରବଞ୍ଚକ ସଂସାରରେ ଆସି ମନୁଷ୍ୟରୂପି ଯୀଶୁ ଖ୍ରୀଷ୍ଟର ଅବତାର ସ୍ୱୀକାର
୮ ନ କରନ୍ତି ଏହି ଲୋକେଇ ପ୍ରବଞ୍ଚକ ଓ ଋଣ ଖ୍ରୀଷ୍ଟ । ଏହେତୁ ଆମ୍ଭମାନଙ୍କର
ପୂର୍ବକୃତ କର୍ମ ସବୁ ଯେମନ୍ତ ବଫଳ ନୋହେ ବରଞ୍ଚ ତାହାର ସଂପୂର୍ଣ ପୁର
ସ୍କାର ପାଇ ଏହି କାମନ୍ତେ ତୁମ୍ଭେମାନେ ଆପଣାମାନେ ବଷୟରେ ସାବଧାନ ହୁଅ ।
୯ ଯେ କେହି ଆଜ୍ଞା ଲଙ୍ଘନ କରି ଖ୍ରୀଷ୍ଟର ଉପଦେଶରେ ନ ଥାଏ ଈଶ୍ୱରଙ୍କର
ସହିତ ତାହାର ସମ୍ପର୍କ ନାହିଁ ପୁଣି ଯେ କେହି ଖ୍ରୀଷ୍ଟର ଉପଦେଶରେ ଥାଏ

ସେ ପିତାର ଓ ଅତ୍ୟନ୍ତର ସମ୍ପର୍କୀୟ ଲୋକ । ଯେବେ କେହ ଏହ ଉପଦେଶ ୧୦
ନ ଘେନ ତୁମ୍ଭମାନଙ୍କର କଛରେ ଅସଇ ତେବେ ତାହାକୁ ଅତିଥି ନ କର ।
ପୁଣି କଲ୍ୟାଣ କଥା ତାହାକୁ ନ ବୋଲ । ଯେହେତୁ କଲ୍ୟାଣ କଥା କେହ ୧୧
ତାହାକୁ ବୋଇଲେ ତାହାର ଦୁଷ୍କର୍ମର ଭାଗୀ ହୋଏ ।

ତୁମ୍ଭମାନଙ୍କୁ ବହୁତ କଥା ଜଣାଇବାକୁ ହୋଏ । ପୁଣି କାଗଜ ଓ ୧୩
କାଳୀରେ ତାହା କରିବାକୁ ନ ଚାହି ଆମ୍ଭମାନଙ୍କର ଆନନ୍ଦ ସମ୍ପୂର୍ଣ କରିବାର
ନମନ୍ତେ ତୁମ୍ଭମାନଙ୍କର ସମ୍ମୁରେ ଯାଇ ସମ୍ମୁଖ ହୋଇ କଥାବାର୍ତ୍ତା କହି ଏହ
ଆମ୍ଭର ଇରସା ଅଛ । ତୁମ୍ଭର ମନୋମୀତ ଇଶ୍ୱରୀର ବାଲକମାନେ ତୁମ୍ଭକୁ ୧୪
ନମସ୍କାର ଜଣାଉଅଛନ୍ତି । ଇତି ।

## ଯୋହନର ତୃତୀୟ ଚିଠୀ ।

ସ୍ୱାମିନ ଅମ୍ଭେ ଯେଉଁ ପ୍ରିୟ ଗାୟକୁ ସତ୍ୟରେ ପ୍ରେମ କର ତାହାର ୧
ପ୍ରତି ଚିଠୀ ଲେଖୁଅଛୁଁ । ହେ ପ୍ରିୟ ସବୁ ବଷୟରେ ତୁମ୍ଭର ମଙ୍ଗଳ ହେଉ ୨
ଯେମନ୍ତ ଅତ୍ମାରେ ତେମନ୍ତ ଦେହରେହେଁ ସ୍ୱାସ୍ଥ୍ୟ ହେଉ ଏହ ଆମ୍ଭର ପ୍ରା
ର୍ଥନା । ଅଇଲା ଭାଇମାନର ମୁଖରୁ ତୁମ୍ଭର ସତ୍ୟଧର୍ମ ଶ୍ରବଣର ଓ ସତ୍ୟ ୩
ଧର୍ମାଚରଣର ପ୍ରମାଣ ପାଇ ଆମ୍ଭେ ବଡ ଆନନ୍ଦିତ ହୋଇଲୁଁ । ଯେହେତୁ ୪
ଆମ୍ଭର ବାଲକମାନେ ସତ୍ୟ ଧର୍ମରେ ଆଚରଣ କରୁଅଛନ୍ତି ଏହ ସଂବାଦ ଶୁଣି
ବାରୁ ଆମ୍ଭର ଅଉ କୌଣସି ଆନନ୍ଦର ବଷୟ ନାହିଁ । ହେ ପ୍ରିୟ ତୁମ୍ଭେ ୫
ଭ୍ରାତୃଗଣର ଓ ଅପରଚିତ ଲୋକମାନଙ୍କର ପ୍ରତି ଯେଉଁ କର୍ମ କରୁଅଛ
ତାହା ସତ୍ୟରେ ବିଶ୍ୱାସ୍ୟ ହୋଇ କରୁଅଛ । ସେମାନେ ମଣ୍ଡଳୀର ସମ୍ମୁରେ
ତୁମ୍ଭର ପ୍ରେମର ବଷୟରେ ପ୍ରମାଣ ଦେଲେ ତୁମ୍ଭେ ଯେବେ ସେମାନଙ୍କୁ ୬
ଯାତ୍ରା କାଲରେ ଇଶ୍ୱରସେବାର ଯୋଗ୍ୟ ଉପକାର ବିଧ ତେବେ ଉତ୍ତମ
କାର୍ଯ୍ୟ କରିବ ଯେହେତୁ ସେମାନେ ଇଶ୍ୱରଙ୍କର ନାମରେ ଅନ ଦେଶୀୟ ୭
ମାନଙ୍କର ନକଟରେ କିଛୁ ନ ନେଇ ଯାତ୍ରା କରୁଅଛନ୍ତି । ଏହେତୁ ସତ୍ୟ ୮
ଧର୍ମର ସହାୟ ହେବାର ନମନ୍ତେ ବଶ୍ୟ ମନଷମାନଙ୍କୁ ଆତିଥ୍ୟ କରିବାର
ଆମ୍ଭମାନଙ୍କର କର୍ତ୍ତବ୍ୟ ।

୯ ଆମ୍ଭେ ମଣ୍ଡଳୀର ପ୍ରତ ଚିଠୀ ଲେଖିଲୁଁ ପୁଣି ଦୟତ୍ରିଫୀ ସେହ୍ନ ମଣ୍ଡଳୀର
୧୦ ପ୍ରଧାନ ହେବାକୁ ଇଚ୍ଛା କର ଆମ୍ଭମାନଙ୍କୁ ଅଗ୍ରାହ୍ୟ କରଇ । ସେ ଆମ୍ଭମା
ନଙ୍କର ବିରୋଧ କର ବହୁତ କଟୁବାକ୍ୟ ବୋଲଇ । ପୁଣି ତହିଁରେହେଁ
ତୃପ୍ତ ନୋହିବାରୁ ଭାଇଗଣଙ୍କୁ ଅଯେ ଅତିଥି ନ କରଇ ପୁଣି ଅନ କେହୀ
କରବାକୁ ମଙ୍ଗିଲେ ସେମାନଙ୍କୁର ମନା କରଇ ଆଉ ମଣ୍ଡଳୀରୁ ବାହାର
କରଇ ଏନମନ୍ତେ ଆମ୍ଭେ ଯେବେ ଆସୁଁ ସେ ସମସ୍ତରେ ଏହ ଯେ ସବୁ କର୍ମ
୧୧ କରଇ ତାହା ତାହାକୁ ସ୍ମରଣ କରାଇବା । ହେ ପ୍ରିୟ ତୁମ୍ଭେ ଅସତ୍ କର୍ମର
ଅନୁଗାମୀ ନୋହ ସତ୍କର୍ମର ଅନୁଗାମୀ ହୁଅ ଯେ କେହ ସତ୍କର୍ମ କରଇ
ସେହ ଈଶ୍ୱରଙ୍କଠାରୁ ଜାତ ମାତ୍ର ଯେ ଅସତ୍କର୍ମ କରଇ ସେ ଈଶ୍ୱରଙ୍କୁ
୧୨ ଜାଣି ନାହିଁ । ସବୁ ମନୁଷ୍ୟ ଓ ସତ୍ୟଧର୍ମ୍ମଠାରୁ ସାମୀତିଯ୍ର ସୁଖ୍ୟାତ ହୋଇ
ଅଛ ପୁଣି ଆମ୍ଭେମାନେହେଁ ପ୍ରମାଣ ଦେଇଅଛୁଁ । ଆଉ ଆମ୍ଭମାନଙ୍କର
ପ୍ରମାଣ ଯେ ସତ୍ୟ ଏହା ତୁମ୍ଭେମାନେ ଜାଣ ।

୧୩ ତୁମ୍ଭକୁ ବହୁତ ବିଷୟ ଜଣାଇବାକୁ ହୋସ୍ନେ ପୁଣି କାଳୀ ଓ କଲମରେ
୧୪ ତାହା କରବାକୁ ନ ଚାହ କେଗେ ତୁମ୍ଭକୁ ଦେଖିବାକୁ ଓ ସମ୍ମୁଖ ହୋଇ
କଥାବାର୍ତ୍ତା କରବାକୁ ଆମ୍ଭର ଭରସା ଅଛ । ତୁମ୍ଭର ମଙ୍ଗଳ ହେଉ । ଆମ୍ଭମା
ନଙ୍କର ମିତ୍ରଗଣ ତୁମ୍ଭକୁ ନମସ୍କାର କରଅଛନ୍ତି ତୁମ୍ଭେହେଁ ପ୍ରତ୍ୟେକର ନାମ
ଘେନ ମିତ୍ରଗଣକୁ ନମସ୍କାର କର ।

ଇତି ।

---

## ଯିହୁଦାର ସର୍ବସାଧାରଣ ଚିଟାଉ ।

### ୧ ପର୍ବ ।

ଯେଉଂମାନେ ପିତା ଈଶ୍ୱରଙ୍କ ଦ୍ୱାରା ପବିତ୍ରୀକୃତ ଓ ଯୀଶୁ ଖ୍ରୀଷ୍ଟର ଦ୍ୱାରା ୧
ଅହ୍ୱାନକୃତ ଓ ରଖିତ ହୁଅନ୍ତି ସେମାନଙ୍କର ପ୍ରତି ଯିହୁଦା ନାମରେ ଯାକୁ
ବର ଭ୍ରାତା ଯୀଶୁ ଖ୍ରୀଷ୍ଟର ଦାସ ଚିଟାଉ ଲେଖୁଅଛି । ତୁମ୍ଭମାନଙ୍କର ପ୍ରତି ୨
ଦୟା ଶାନ୍ତି ପ୍ରେମ ବାହୁଲ୍ୟରୂପରେ ହେଉ ।

ହେ ପ୍ରିୟବର୍ଗ ଯେଉଂ ସମୟରେ ଆମ୍ଭେ ତୁମ୍ଭମାନଙ୍କୁ ସାଧାରଣ ପରି ୩
ତ୍ରାଣ ବିଷୟ ଲେଖିବାକୁ ବହୁତ ଯତ୍ନ କରୁଥିଲୁଁ ସେହି ସମୟରେ ପୂର୍ବକା
ଳର ସାଧୁ ଲୋକମାନଙ୍କୁ ସମର୍ପିତ ଯେଉଂ ଧର୍ମ ତାହାର ନିମନ୍ତେ ତୁମ୍ଭେ
ମାନେ ପ୍ରାଣପଣ କରି ଉଦ୍ଯୋଗୀ ହୁଅ ବିନୟ କରି ଏହି କଥା ଲେଖିବାର
ଆବଶକ ବୁଝିଲୁଁ । ଯେଣୁକରି ପୂର୍ବରେ ଲେଖିତ ଦଣ୍ଡପାତ୍ର ଥୋକାୟେ ଜଣ ୪
ଗୁପ୍ତରୂପରେ ତୁମ୍ଭମାନଙ୍କର ମଧ୍ୟରେ ପ୍ରବେଶି ଅଛନ୍ତି ଏହି ଅଧାର୍ମିକମାନେ
ଆମ୍ଭମାନଙ୍କର ଈଶ୍ୱରର ଅନୁଗ୍ରହରେ ନିର୍ଭର କରି ଲମ୍ପଟାଚରଣ କରନ୍ତି
ପୁଣି ଅଦ୍ୱିତୀୟ ପ୍ରଭୁ ଈଶ୍ୱରଙ୍କୁ ଅଥଚ ଆମ୍ଭମାନଙ୍କର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ
ନାସ୍ତି କରନ୍ତି । ଏହି ସବୁ କଥା ତୁମ୍ଭେମାନେ ପୂର୍ବରୁ ଜାଣିଥିଲେହେଂ ତୁମ୍ଭ ୫
ମାନଙ୍କୁ ସ୍ମରଣ କରାଇବାକୁ ଚାହିଁ ଯେଣୁ ପରମେଶ୍ୱର ମିଶର ଦେଶରୁ ନିଜ
ଲୋକମାନଙ୍କୁ ଉଦ୍ଧାର କଲେହେଂ ତହିଁ ଉତ୍ତାରେ ଯେଉଂମାନେ ଅବିଶ୍ୱାସି
ଥିଲେ ସେମାନଙ୍କୁ ସଂହାର କଲେ । ପୁଣି ଯେଉଂ ଦୂତଗଣ ଆପଣା ୨ ପଦରେ ୬
ନ ରହି ବାସସ୍ଥାନ ପରିତ୍ୟାଗ କରିଥିଲେ ଈଶ୍ୱର ସେମାନଙ୍କୁ ମହା ବିଚାରଦିନ
ପର୍ଯ୍ୟନ୍ତେ ଅନନ୍ତ କାଳସ୍ଥାୟି ବନ୍ଧନରେ ବନ୍ଦ କରି ଘୋର ଅନ୍ଧକାରର ମଧ୍ୟ
ରେ ରଖି ଅଛନ୍ତି । ସେମାନଙ୍କର ପ୍ରାୟେ ବିପଥଗାମୀ ସିଦୋମ ଅମୋରା ଆଦି ୭
ଚାରିଅଡସ୍ଥ ନଗର ନିବାସିମାନେ ବେଶାଗମନ ଓ ପୁଂମୈଥୁନ କରିବାରୁଂ

୮ ଅନନ୍ତାଗ୍ନି ଅଗ୍ନିରେ ଦଣ୍ଡଭୋଗ କର ଦୃଷ୍ଟାନ୍ତ ସ୍ୱରୂପ ହୋଇଅଛନ୍ତି । ସେହି
ପ୍ରକାରେ ଏହି ବର୍ତ୍ତମାନ କୁସ୍ୱପ୍ନ ଦର୍ଶକମାନେ ଶରୀରକୁ ଅଶୁଚି କରନ୍ତି ପୁଣି ପ୍ରଭୁ
୯ ଶାସନପଣକୁ ଅବହେଳା କର ମାନ୍ୟ ପଦସ୍ଥ ମାନଙ୍କୁ ନିନ୍ଦା କରନ୍ତି । ପୁଣି
ଯେଉଁ ସମୟରେ ମୀଖାୟେଲ ନାମରେ ପ୍ରଧାନ ଦୂତ ମୋଶାର ଦେହର
ବିଷୟରେ ଶୟତାନର ସହିତ ବିବାଦ କଲା ସେ ସମୟରେ ସେ ତାହାର ବିରୁ
ଦ୍ଧରେ ନିନ୍ଦାର ଅପବାଦ ନ କର କେବଳ ଏହି କଥା କୋଇଲା ପରମେଶ୍ୱର
୧୦ ତୁମ୍ଭକୁ ଧମକାଉନ୍ତୁ । ତେବେହେଁ ସେମାନେ ଯାହାର ତତ୍ତ୍ୱ ନ ଜାଣନ୍ତି
ତାହାର ନିନ୍ଦା କରନ୍ତି ପୁଣି ଅଜ୍ଞାନ ପଶୁ ଗଣର ପ୍ରାୟେ ସ୍ୱଭାବରେ ଯାହା ବୁଝନ୍ତି
୧୧ ତାହା ଦ୍ୱାରା ଭ୍ରଷ୍ଟ ହୁଅନ୍ତି । ହାୟ ! ସେମାନେ କୟିନର ପ୍ରାୟେ ବିପଥଗାମୀ
ହୋଇଅଛନ୍ତି ସେମାନେ ପୁରସ୍କାରର ନିମନ୍ତେ ବାଲୟମର ଭ୍ରାନ୍ତିରେ ଭ୍ରାନ୍ତ
ହେଉଅଛନ୍ତି । ପୁଣି କୋରହର ଆଜ୍ଞା ଲଙ୍ଘନରେ ବିନଷ୍ଟ ହେଉଅଛନ୍ତି ।
୧୨ ସେମାନେ ଯେଉଁ କାଲରେ ତୁମ୍ଭମାନଙ୍କର ସହିତ ଭୋଜନ କରନ୍ତି ସେ କା
ଲରେ ନିର୍ଭୟରେ ଅଧିକ ଭୋଜ୍ୟ ହେବାରୁ ତୁମ୍ଭମାନଙ୍କର ପ୍ରେମ ଭୋଜନରେ
୧୩ କଳଙ୍କ ହୁଅନ୍ତି । ଆଉ ସେମାନେ ବାୟୁ ଚାଳିତ ନିର୍ଜ୍ଜଳ ମେଘସ୍ୱରୂପ ପୁଣି
ଦୁଇଥର ମୃତ ମୂଳ ଉପାଡିଲାର ଅଫଳନ୍ତ ଶୁକଲା ବୃକ୍ଷରସ୍ୱରୂପ ପୁଣି ଲଜ୍ଜା
ରୂପ ଫେଣା ଉଦ୍ଗାରକାର ସମୁଦ୍ରର କଲ୍ଲୋଳ ତରଙ୍ଗସ୍ୱରୂପ ଅଟନ୍ତି । ଯେଉଁ
ମାନଙ୍କର ନିମନ୍ତେ ଘୋର ଅନ୍ଧାର ସଦାକା ସ୍ଥାପିତ ଅଛି ଏମନ୍ତ ଭ୍ରମଣକାର
୧୪ ନକ୍ଷତ୍ରଗଣ ସ୍ୱରୂପ ହୁଅନ୍ତି । ଅଉ ଆଦମଠାରୁ ସପ୍ତମ ପୁରୁଷ ଯେ ହନୋକ
ସେ ଭବିଷ୍ୟତ୍ ବାକ୍ୟରେ ସେମାନଙ୍କର ବିଷୟରେ ଏହା କୋଇଲା ।
୧୫ ଦେଖ ପରମେଶ୍ୱର ଆପଣା ଅଯୁତୀ ସାଧୁ ଲୋକମାନଙ୍କ ସଙ୍ଗରେ କର ଆସୁ
ଅଛନ୍ତି ଇହାଁରେ ସେମାନଙ୍କର ମଧ୍ୟରେ ଯେ ପାପିଷ୍ଠ ଅଧାର୍ମିକମାନେ ନାନାବି
ପ୍ରକାର ଅଧର୍ମ କର୍ମ କର ତାହାଙ୍କର ବିରୁଦ୍ଧରେ କଠୋର ଦୁର୍ବାକ୍ୟ ସବୁ କହି
୧୬ ଅଛନ୍ତି ସେମାନଙ୍କର ଦୋଷ ବୁଝାଇ ସେହି ସବୁ ଅଧାର୍ମିକ ଲୋକଙ୍କୁ ଦଣ୍ଡ
୧୭ ଦେବେ । ସେମାନେ କନ୍ଦୁଲିଆ ଦୁର୍ମୁଖ ସ୍ୱେଚ୍ଛାଗାମୀ ହୋଇ ଅତି ଦାମ୍ଭିକ
ବାକ୍ୟ କୋଲନ୍ତି ପୁଣି ଲାଭର ନିମନ୍ତେ ମନୁଷ୍ୟଗଣର ମୁଖ ଉପରେ ଧରନ୍ତି ।
୧୭ ହେ ପ୍ରିୟମାନେ ତୁମ୍ଭେମାନେ ଆମ୍ଭମାନଙ୍କର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ପ୍ରେରିତ
୧୮ ଗଣର ପୂର୍ବୋକ୍ତ ଉପଦେଶ ସ୍ମରଣ କର । ଯେହେତୁ ସେମାନେ ତୁମ୍ଭମା
ନଙ୍କୁ ଜଣାଇଛନ୍ତି ଯେ ଶେଷ କାଲରେ ଆପଣା ଆପଣାମାନଙ୍କର ଦୁଅଭିଳାଷାନୁ
୧୯ ସାରେ ଅଧର୍ମୀଗଣ ନିନ୍ଦକମାନେ ଉଠିବେ । ଏମାନେ ଆପଣା ଆପଣାମାନଙ୍କୁ
ପୃଥକ କର ସାଂସାରିକ ପୁଣି ଆତ୍ମା ରହିତ ହୁଅନ୍ତି ।
୨୦ ହେ ପ୍ରିୟଗଣ ତୁମ୍ଭେମାନେ ଆପଣାମାନଙ୍କର ଅତ୍ୟନ୍ତ ପବିତ୍ର ଧର୍ମରେ ଆପଣା

ମାନଙ୍କୁ ନଷ୍ଟ କର ଧର୍ମଆଣ୍ଟରେ ପ୍ରାର୍ଥନା କର ପୁଣି ଈଶ୍ୱରଙ୍କର ପ୍ରେମରେ ୨୧
ଆପଣାମାନଙ୍କୁ ସ୍ଥିରରଖି ଅନନ୍ତ ପରମାୟୁର ସହିତ ଆମ୍ଭମାନଙ୍କର ପ୍ରଭୁ ଯୀଶୁ
ଖ୍ରୀଷ୍ଟର କୃପାର ଅପେକ୍ଷା କର ଥାଅ । ବିଶେଷ କର କେତେକ ଲୋକଙ୍କୁ ୨୨
ଦୟା କର ଓ କେତେକ ଲୋକଙ୍କୁ ଭୟ ଦେଖାଇ ଅଗ୍ନିରୁ କାଢି ନେଇ ୨୩
ରକ୍ଷା କର । ପୁଣି ଦେହର କୁଦାଗୀ ନୁଗା ମାଧ୍ୟ ଘୃଣା କର ।

ଆଉ ତୁମ୍ଭମାନଙ୍କୁ ପଡିବାରୁ ରକ୍ଷା କରି ପରମ ଆନନ୍ଦରେ ଆପଣାର ୨୪
ତେଜର ସମ୍ମୁରେ ନିର୍ଦ୍ଦୋଷ କରି ରଖିବାକୁ ସମର୍ଥ ଯେ ଅଦ୍ୱିତୀୟ ସର୍ବଜ୍ଞ ୨୫
ଈଶ୍ୱର ତାହାଙ୍କର ଗୌରବ ମହିମା ପରାକ୍ରମ ଓ କର୍ତ୍ତୃପଣ
ସନାତନ ଓ ସଦାକାଳ ପ୍ରକାଶ ହେଉ ।

ଇତି ।

---

## ଯୋହନର ପ୍ରତି ପ୍ରକାଶିତ ଭବିଷ୍ୟଦ୍ବାକ୍ୟ ।

### ୧ ପଦ ।

୧ ଈଶ୍ୱର ଅପଣା ସେବକମାନଙ୍କୁ ଶୀଘ୍ର ହୋଇବାର ଘଟଣା ଜଣାଇବାକୁ
ଏହି ପ୍ରକାଶିତ ବାକ୍ୟ ଯୀଶୁ ଖ୍ରୀଷ୍ଟଙ୍କଠାରେ ସମର୍ପଣ କଲେ ଇହାଁ ସେ ଅପଣା
୨ ଦୂତ ଦ୍ୱାରା ଅପଣା ସେବକ ଯୋହନକୁ ଜଣାଇ ଲିଖିତ କରି ପଠାଇଲେ । ଯୋହନ
ଈଶ୍ୱରର ବାକ୍ୟର ବିଷୟରେ ଓ ଖ୍ରୀଷ୍ଟର ସାକ୍ଷ୍ୟର ବିଷୟରେ ଯାହା ଯାହା ଦର୍ଶନ
୩ କରିଅଛନ୍ତି ତାହାର ବିଷୟରେ ପ୍ରମାଣ ଦେଲେ । ଯେଉଁ ଜନ ଏହି ଭବିଷ୍ୟତ
ବାକ୍ୟ ପାଠ କରନ୍ତି ପୁଣି ଯେଉଁମାନେ ଏହା ଶୁଣନ୍ତି ପୁଣି ଏଥିରେ ଲେଖିତ
ଆଜ୍ଞା ପାଳନ କରନ୍ତି ସେମାନେ ଧନ୍ୟ ଯେହେତୁ କାଳ ସନ୍ନିକଟ ହୋଇଅଛି ।
୪ ଯୋହନ ଆଶିୟା ଦେଶସ୍ଥ ସପ୍ତ ମଣ୍ଡଳୀର ପ୍ରତି ଲେଖୁଅଛନ୍ତି । ଯେ ବର୍ତ୍ତ
୫ ମାନ ଭୂତ ଭବିଷ୍ୟତ ଅଟନ୍ତି ପୁଣି ଯେଉଁ ସପ୍ତଆତ୍ମା ତାହାଙ୍କର ସିଂହାସନର
ସମ୍ମୁଖରେ ଅଛନ୍ତି ପୁଣି ଯେ ବିଶ୍ୱସ୍ତ ସାକ୍ଷୀ ଓ ମୃତ ଲୋକମାନଙ୍କର ପ୍ରଥମଜାତ
ପୁଣି ପୃଥିବୀର ରାଜାଧିରାଜ ଏମନ୍ତ ଯେ ପ୍ରଭୁ ଯୀଶୁ ଖ୍ରୀଷ୍ଟ ଏମାନଙ୍କଠାରୁ
୬ ତୁମ୍ଭମାନଙ୍କ ପ୍ରତି ଅନୁଗ୍ରହ ଓ ଶାନ୍ତି ହେଉ । ଯେ ଆମ୍ଭମାନଙ୍କୁ ପ୍ରେମ କରି
ଅପଣା ରକ୍ତରେ ଆମ୍ଭମାନଙ୍କୁ ପାପରୁ ପ୍ରକ୍ଷାଳନ କରି ଅପଣା ପିତା ଈଶ୍ୱରଙ୍କ
ଠାରେ ରାଜା ଓ ଯାଜକଗଣରେ ସଂସ୍ଥାପନ କରିଅଛନ୍ତି ତାହାଙ୍କର ମହିମା
ଓ କର୍ତ୍ତୃତ୍ୱ ସଦା ସର୍ବଦା ଥାଉନ୍ତୁ । ଆମେନ ।
୭ ଦେଖ ସେ ମେଘାରୂଢ ହୋଇ ଆସୁଅଛନ୍ତି ପୁଣି ପ୍ରତ୍ୟେକ ଚକ୍ଷୁ ତାହାଙ୍କୁ
ଦେଖିବ ଆଉ ଯେଉଁମାନେ ତାହାଙ୍କୁ ବନ୍ଧି ଥିଲେ ସେମାନେହି ଦେଖିବେ
ପୁଣି ପୃଥିବୀସ୍ଥ ସମସ୍ତ ବଂଶୀୟ ଲୋକ ତାହାଙ୍କର ସକାଶୁ ହାହାକାର
୮ କରିବେ । ଏମନ୍ତ ହେଉ । ଆମେନ । ଅମ୍ଫେ କ ଓ ଷ ଅମ୍ଫେ ଅଦ ପୁଣି ଅନ୍ତ
ଏମନ୍ତ ଯେ ବର୍ତ୍ତମାନ ଭୂତ ଭବିଷ୍ୟତ ସର୍ବଶକ୍ତିମାନ ପ୍ରଭୁ ସେ ଏହା କହନ୍ତି ।

ଯୀଶୁ ଖ୍ରୀଷ୍ଟର ରାଜ୍ୟରେ ଓ କ୍ଲେଶରେ ଓ ଧୈର୍ଯ୍ୟରେ ସହଭାଗୀ ଏମନ୍ତ ଯେ ୯
ଭ୍ରାତା ମାନଙ୍କର ଭାଇ ଯୋହନ ଆମ୍ଭେ ଈଶ୍ୱରର ବାକ୍ୟ ପୁଣି ଯୀଶୁ ଖ୍ରୀଷ୍ଟର
ସାକ୍ଷ୍ୟ ସକାଶେ ପାତ୍ମ ବୋଲ ଦ୍ୱୀପରେ ଥିଲୁଁ । ପ୍ରଭୁର ଦିନରେ ଆମ୍ଭେ ୧୦
ଆତ୍ମାରେ ଅବଶ୍ଯ ଥିଲୁଁ ତହିଁରେ ଆମ୍ଭର ପଛଭାଗର ତୂରୀର ଶବ୍ଦର ନ୍ୟାଯ
ଏହ ପ୍ରକାର ବାକ୍ୟବାଣୀ ମହାରବ ଶୁଣିଲୁଁ । ଆମ୍ଭେ କ ଓ ଷ ଅଦ ପୁଣି ୧୧
ଅଲ୍ଫାସ୍ତ୍ୟ ଏବେ ତୁମ୍ଭେ ଯେଉଁ ଦର୍ଶନ ପାଇଲ ତାହା ପୋଥିରେ
ଲେଖି ଏଫିସ ସ୍ମର୍ଣା ପର୍ଗାମ ଥୁଯାତୀରର ସାର୍ଦି ଫିଲାଦେଲଫିଯା ଓ ଲାଓ
ଦକେଯା ଅଣିଯାର ଏହ ସପ୍ତ ମଣ୍ଡଳୀର କଉକୁ ପଠାଅ । ଆମ୍ଭର ପ୍ରତ ଏସ ୧୨
କାର ରବ ହେଲେ ଆମ୍ଭେ କାହାର ଦର୍ଶନାର୍ଥରେ ପଛ ଅଡେ ଫେରଲୁଁ
ଏମନ୍ତ ଫେରଲେ ଆମ୍ଭେ ସପ୍ତ ସୁବର୍ଣ ପ୍ରଦୀପ ଦେଖିଲୁଁ । ପୁଣି ସପ୍ତ ସୁବର୍ଣ ପ୍ରଦୀ ୧୩
ପର ମଧ୍ୟରେ ମନୁଷ୍ୟ ପୁତ୍ରର ନ୍ୟାଯ ଏକ ଜଣକୁ ଦର୍ଶନ କଲୁଁ ତାହାଙ୍କର
ପାଦ ପର୍ଯନ୍ତ ବସ୍ତ୍ରରେ ଆଚ୍ଛନ୍ନ ପୁଣି ବକ୍ଷସ୍ଥଲରେ ସୁବର୍ଣ ପଟ୍ଟକା ବନ୍ଧା ଅଛ୍ଥ ।
ମେଣ୍ଢାରୋମ ନ୍ୟାଯ ଓ ହେମର ନ୍ୟାଯ ତାହାଙ୍କର ମସ୍ତକ ଶୁକ୍ଳବର୍ଣ କେଶ । ୧୪
ଅଗ୍ନି ଶିଖାର ନ୍ୟାଯ ଉଜ୍ଜ୍ୱଳ ଚକ୍ଷୁ ଓ ଉତ୍ତିରେ ପରଷ୍କୃତ ସୁପିତଳର ନ୍ୟାଯ ୧୫
ତାହାଙ୍କର ଚରଣ । ଗଭୀର ଜଳ କଲ୍ଲୋଲର ନ୍ୟାଯ ତାହାଙ୍କର ରବ ।
ତାହାଙ୍କର ହସ୍ତରେ ସପ୍ତ ନକ୍ଷତ୍ର ଅଛ୍ଥ । ତାହାଙ୍କର ମୁଖର ଦ୍ୱିଧାର ତୀକ୍ଷ୍ଣ ୧୬
ଅସ୍ତ୍ର ବାହାରଅଛ୍ଥ । ପୁଣି ମଧ୍ୟାହ୍ନ କାଳର ପ୍ରଚଣ୍ଡ ସୂର୍ଯ୍ୟର ନ୍ୟାଯ ତାହାଙ୍କର
ବଦନ ଉଜ୍ଜ୍ୱଳ ଅଟନ୍ତି । ତାହାଙ୍କୁ ଦେଖି ଆମ୍ଭେ ମୃତବତ୍ ହୋଇ ତାହାଙ୍କର ୧୭
ଚରଣରେ ପଡଲୁଁ । ତେଣୁ ସେ ଆମ୍ଭର ଗାତ୍ରରେ ଦକ୍ଷିଣ ହସ୍ତ ଦେଇ
କହିଲେ ଭୟ ନ କର ଆମ୍ଭେ ଆଦ ଓ ଅଲ୍ଫାସ୍ତ୍ୟ ଅମ୍ଭେ ସ୍ୱୟଂଜୀବୀ ହେଲେ ୧୮
ମୃତ ହେଲୁଁ ପୁଣି ଦେଖ ସଦାକାଳ ଜୀବଦ୍ଧମାନ ଅଟନ୍ତି ଆମ୍ଭର ହସ୍ତରେ ମୃତ୍ୟୁର
ଓ ପରଲୋକର କଞ୍ଜି ଅଛ୍ଥ । ତୁମ୍ଭେ ଯାହାଁ ଦେଖିଅଛ ଓ ଯେ ବର୍ତ୍ତମାନ ୧୯
ଓ ଭବିଷ୍ୟତ୍ ଦେଖିବ ସେ ସମସ୍ତ ବିଷଯ ଲେଖ । ଆମ୍ଭର ଦକ୍ଷିଣ ହସ୍ତରେ ୨୦
ଯେ ସପ୍ତ ନକ୍ଷତ୍ର ଓ ସପ୍ତ ସୁବର୍ଣ ପ୍ରଦୀପ ଦେଖୁଅଛ ତାହାର ତାତ୍ପର୍ଯ୍ୟ ଏହ
ସେହ ସପ୍ତ ନକ୍ଷତ୍ର ସପ୍ତ ମଣ୍ଡଳୀର ଦୂତ ପୁଣି ସପ୍ତ ସୁବର୍ଣ ପ୍ରଦୀପ ସପ୍ତ ମଣ୍ଡଳୀ
ଜାଣିବ ।

୨ ଅଧ୍ୟା ।

ଏଫିସ ନଗରସ୍ଥ ମଣ୍ଡଳୀର ଦୂତଙ୍କୁ ଏମନ୍ତ ଲେଖି ପଠାଅ । ଯେ ଦକ୍ଷିଣ ୧
ହସ୍ତରେ ସପ୍ତ ନକ୍ଷତ୍ର ଧାରଣ କରନ୍ତି ପୁଣି ସପ୍ତ ସୁବର୍ଣ ପ୍ରଦୀପର ମଧ୍ୟରେ
ଗମନାଗମନ କରନ୍ତି ସେ ତୁମ୍ଭର ପ୍ରତ ଏହାଯ କହନ୍ତି ତୁମ୍ଭେ ଯେଉଁ ପ୍ରକାର

୧ କ୍ରିୟା ଓ ପରିଶ୍ରମ ଓ ଧୈର୍ଯ୍ୟ କରିଅଛ ମାତ୍ର ଦୁଷ୍କ୍ରଗଣର କ୍ରିୟା ସହି ନ ପାର
ପୁଣି ଯେଉଂମାନେ ଆପଣାମାନଙ୍କୁ ପ୍ରେରିତ ଲୋକ କରି ବୋଲନ୍ତି ମାତ୍ର
ଯଥାର୍ଥ ପ୍ରେରିତ ନୁହନ୍ତି ସେମାନଙ୍କୁ ପରୀକ୍ଷା କରି ମିଥ୍ୟାବାଦୀ ନିଶ୍ଚୟ
୩ କରିଅଛ । ପୁଣି କ୍ଳାନ୍ତ ନ ହୋଇ ଆମ୍ଭର ନାମର ନିମନ୍ତେ ପରିଶ୍ରମ କରି
୪ ଧୈର୍ଯ୍ୟ ଧରି ଅନେକ ସହ୍ୟ କରିଅଛ ଏସମସ୍ତ ଆମ୍ଭେ ଜାଣି । ତଥାପି
ତୁମ୍ଭର ବିରୁଦ୍ଧରେ ଆମ୍ଭର କିଛି କଥା ଅଛି ଯେହେତୁ ତୁମ୍ଭେ ଆପଣା ଆଦ୍ୟ
୫ ପ୍ରେମ ପରିତ୍ୟାଗ କରିଅଛ । କେଡୁଠାରୁ ତୁମ୍ଭର ପତନ ହୋଇଅଛି ଏହା
ହେଜ କରି ମନ ଫେରାଅ ପୁଣି ଆଦ୍ୟ କର୍ମ କର ଯେବେ ମନ ନ ଫେରାଅ
୬ ତେବେ ଆମ୍ଭେ ଝଟିତି ଆସି ତୁମ୍ଭର ପ୍ରଦୀପ ସ୍ୱସ୍ଥାନରୁ ଦୂର କରିବା । ପୁଣି
ଆମ୍ଭେ ନିକଲାୟତୀୟ ଲୋକମାନଙ୍କର ଯେଉଁ କର୍ମ ଘୃଣା କରି ତାହା ତୁମ୍ଭେଇ
୭ ଘୃଣା କରି ଥାଅ ଏହି ତୁମ୍ଭର ଏକ ବିଶେଷ ଗୁଣ ଅଛି । ମଣ୍ଡଳୀଗଣର ପ୍ରତି
ଆତ୍ମ ଯେଉଂ କଥା କହନ୍ତି ଯାହାର କର୍ଣ ଅଛି ସେ ତାହା ଶୁଣୁ । ଯେ ଜନ
ଜୟୀ ହୁଅଇ ତାହାକୁ ଆମ୍ଭେ ଈଶ୍ୱରର ଉଦ୍ୟାନରେ ଉତ୍ପନ୍ନ ଅମୃତ ବୃକ୍ଷର
ଫଳ ଭୁଞ୍ଜିବାକୁ ଦେବା ।

୮ ଆଉ ସ୍ମର୍ଣା ନଗରସ୍ଥ ମଣ୍ଡଳୀ ଦୂତର ନିକଟରେ ଏମନ୍ତ ଲେଖି ପଠାଅ ।
ଯେ ମୃତ ହୋଇ ପୁନର୍ଜୀବିତ ହେଲେ ଏମନ୍ତ ଯେ ଅଦି ଅନ୍ତସ୍ୱରୂପ ସେ ତୁ
୯ ମ୍ଭକୁ ଏହା କହନ୍ତି । ତୁମ୍ଭର କ୍ରିୟା କ୍ଲେଶ ଦୀନତା ଆମ୍ଭେ ଜାଣି ତଥାପି ତୁମ୍ଭର
ଧନ ଅଛି ପୁଣି ଯେଡୁମାନେ ଆପଣାମାନଙ୍କୁ ଯିହୁଦୀଲୋକ ବୋଲନ୍ତି ପୁଣି
ଯିହୁଦୀ ନ ହୋଇ ଶୟତାନର ସଭାସ୍ଥ ଲୋକ ଅଛନ୍ତି ସେମାନଙ୍କର ନିନ୍ଦା
୧୦ ଆମ୍ଭେ ଜାଣି । ଯେ୧ ଦୁଃଖ ଭୋଗିବାକୁ ହେବ ତହିଁରେ ଭୟାର୍ତ୍ତ ନ ହୁଅ
ଦେଖ ଶୟତାନ ତୁମ୍ଭମାନଙ୍କର ପରୀକ୍ଷା ହେବାର ପାଁଇ କାହାକୁ୧ କାରାଗା
ରରେ ପକାଇ ଦେବ ପୁଣି ତୁମ୍ଭମାନଙ୍କର ଦୁଃଖ ଦଶ ଦିନ ହେବ ତୁମ୍ଭେ
ମରଣ ପର୍ଯ୍ୟନ୍ତେ ବିଶ୍ୱସ୍ତ ଥାଅ ତେଣୁ ଆମ୍ଭେ ତୁମ୍ଭକୁ ଅନନ୍ତ ଜୀବନରୂପ
୧୧ ମୁକୁଟ ଦେବା । ମଣ୍ଡଳୀଗଣର ପ୍ରତି ଆତ୍ମ ଯେ କଥା କହନ୍ତି ଯାହାର କର୍ଣଅଛି
ସେ ତାହା ଶୁଣୁ । ଜୟକାରୀ ଯେ ସେ ଦ୍ୱିତୀୟ ମୃତ୍ୟୁରୁ କ୍ଷତି ନ ପାଇବ ।

୧୨ ଆବର ପର୍ଗାମ ନଗରସ୍ଥ ମଣ୍ଡଳୀ ଦୂତର ପ୍ରତି ଏମନ୍ତ ଲେଖି ପଠାଅ ।
୧୩ ଦ୍ୱିଧାର ତୀକ୍ଷ୍ଣ ଖଡଧାରୀ ତୁମ୍ଭକୁ ଏହି କଥା କହନ୍ତି ତୁମ୍ଭର କ୍ରିୟା ପୁଣି ଯେଉଂ
ଠାରେ ଶୟତାନର ସିଂହାସନ ସେଠାରେ ତୁମ୍ଭର ବସତି ଅଟଇ ଆଉ ଯେ
ସମୟରେ ଆନ୍ତିପା ନାମରେ ଆମ୍ଭର ବିଶ୍ୱସ୍ତ ସାକ୍ଷୀ ଶୟତାନର ନିବାସ ସ୍ଥାନେ
ତୁମ୍ଭମାନଙ୍କର ମଧ୍ୟରେ ହତ ହୋଇ ଥିଲା ସେ କାଳରେ ଆମ୍ଭର ନାମ ମାନି
୧୪ ଆମ୍ଭର ଧର୍ମ ଅସ୍ୱୀକାର କରି ନାହ ଏହି ସବୁ ଆମ୍ଭେ ଜାଣି । ତେବେହେଂ

ତୁମ୍ଭର ବରଦ୍ଧରେ ଆମ୍ଭର କଛୁ କଥା ଅଛୁ ଯେହେତୁ ଯେଉଁ ଜନ ଦେବତା
ପ୍ରସାଦ ଓ୍ୱେଜନ ଓ ପରସ୍ତ୍ରୀଗମନରୂପ ବାଧା ଇଶ୍ରାଏଲର ସନ୍ତାନମାନଙ୍କର
ସମ୍ମୁଖ ବାଟରେ ପକାଇବାକୁ ବାଲକ ରାଜାକୁ ଶିକ୍ଷା ଦେଇ ଥିଲା ସେହି
ବାଲୟାମର ମତାବଲମ୍ବିଗଣଙ୍କୁ ତୁମ୍ଭେ ସ୍ଥାନ ଦେଇଅଛ । ଅଥଚ ଆମ୍ଭର ୧୫
ପୃଣାଯୋଗ୍ୟ ଯେ ନକଲୟିତୀୟମାନଙ୍କର ମତ ସେ ମତାବଲମ୍ବିମାନଙ୍କୁ
ଅଶ୍ରୟ ଦେଇଅଛ । ମନ ଫେରାଅ ନୋହିଲେ ଆମ୍ଭେ ଶୀଘ୍ର ତୁମ୍ଭର ବରଦ୍ଧରେ ୧୬
ଅସି ଅପଣା ମୁଖସ୍ଥିତ ଖଡ୍ଗ ଦ୍ୱାରା ସେମାନଙ୍କର ସଙ୍ଗେ ଯୁଦ୍ଧ କରିବା ।
ମଣ୍ଡଳୀଗଣର ପ୍ରତି ଆତ୍ମା ଯେଉଁ କଥା କହନ୍ତି ଯାହାର କର୍ଣ୍ଣଅଛୁ ସେ ତାହା ୧୭
ଶୁଣୁ । ଜୟକାରୀ ଯେ ତାହାକୁ ଆମ୍ଭେ ଗୁପ୍ତ ମାନ୍ନା ଖାଇବାକୁ ଦେବା ପୁଣି
ଯେଉଁ ନାମ ଗ୍ରହଣକର୍ତ୍ତା ବିନୁ ଅନ୍ୟଠାରେ ଜ୍ଞାତ ନୋହେ ଏମନ୍ତ ନୂଆ
ନାମ ମୁଦ୍ରାଙ୍କିତ ଏକ ଶ୍ୱେତ ପଥର ତାହାକୁ ଦେବା ।

ଆଉ ଥୁୟାତୀରା ନଗରସ୍ଥ ମଣ୍ଡଳୀ ଦୂତର ପ୍ରତି ଏମନ୍ତ ଲେଖି ପଠାଅ । ୧୮
ଅଗ୍ନି ଶିଖା ସଦୃଶ ଚକ୍ଷୁଯୁକ୍ତ ଓ ସୁପିତଳ ସଦୃଶ ଚରଣଯୁକ୍ତ ଯେ ଈଶ୍ୱରର
ଆତ୍ମଜ ସେ ତୁମ୍ଭକୁ ଏହି କଥା କହନ୍ତି । ତୁମ୍ଭର କ୍ରିୟା ପ୍ରେମ ସେବା ବିଶ୍ୱାସ ୧୯
ଧୈର୍ଯ୍ୟ ପୁଣି ତୁମ୍ଭର ଏହି ସମସ୍ତ କର୍ମ ପ୍ରଥମର ଶେଷରେ ଅନୁଭବ ଅଧିକ ହୁଅଇ
ତାହା ଆମ୍ଭେ ଜାଣି । ତେବେହେଁ ତୁମ୍ଭର ବରଦ୍ଧରେ ଆମ୍ଭର କଛୁ କଥା ୨୦
ଅଛୁ ଯେହେତୁ ଯିଷାବେଲ ନାମରେ ଯେଉଁ ନାରୀ ଆପଣାକୁ ଭବିଷ୍ୟଦ୍ବକ୍ତ୍ରୀ ବୋଲି ଆମ୍ଭର ଦାସଗଣକୁ ବେଶ୍ୟାଗମନ ଓ ଦେବ ପ୍ରସାଦ ଭୋଜନ
କରିବାକୁ ଶିକ୍ଷା ଦେଇ ଭ୍ରାନ୍ତ କରଅଛୁ ତାହାର କ୍ରିୟା ତୁମ୍ଭେ ସହ୍ୟ କର
ଅଛ । ଆମ୍ଭେ ତାହାକୁ ବ୍ୟଭିଚାର କ୍ରିୟାରୁ ମନ ଫେରାଇବାକୁ ସମୟ ଦେ ୨୧
ଲେହେଁ ସେ ଅପଣା ମନ ନ ଫେରାଇଲା । ଦେଖ ଆମ୍ଭେ ତାହାକୁ ଶଯ୍ୟାଗତ ୨୨
କରିବା ପୁଣି ଯେଉଁମାନେ ତାହାର ସଙ୍ଗେ ବ୍ୟଭିଚାର କର୍ମ କରନ୍ତି ସେମାନେ
ଯେବେ ଆପଣା କ୍ରିୟା ସକାଶୁ ମନ ନ ଫେରାୟେ ତେବେ ତାହାର
ସଙ୍ଗେ ସେମାନଙ୍କୁ ମହାକ୍ଲେଶରେ ଶଯ୍ୟାଗତ କରିବା ପୁଣି ମୃତ୍ୟୁରେ
ତାହାର ସନ୍ତାନଗଣକୁ ନଷ୍ଟ କରିବା । ତହିଁରେ ଆମ୍ଭେ ଯେ ଚିତ୍ତର ଓ ୨୩
ମନର ପରୀକ୍ଷକ ପୁଣି ତୁମ୍ଭମାନଙ୍କର ପ୍ରତ୍ୟେକ ଜଣକୁ ଆପଣା କର୍ମାନୁସାରି
ପ୍ରତିଫଳ ଦେଇ ଏହା ସମସ୍ତ ମଣ୍ଡଳୀ ଜାଣିବାକୁ ପାରିବେ । ପୁଣି ତୁମ୍ଭ ୨୪
ମାନଙ୍କର ଅଥଚ ଥୁୟାତୀରା ନଗରସ୍ଥ ସମ୍ପ୍ରଦାୟର ମଧ୍ୟରେ ଯେଉଁମାନେ
ଏଶିକ୍ଷାରେ ଶିକ୍ଷିତ ନୁହନ୍ତି ଓ ଶୟତାନର ନଗୂଢ ବିଷୟ ବୋଲି ଯହିଁରେ
ଗୋଚର ନୁହନ୍ତି ସେମାନଙ୍କୁ ଆମ୍ଭେ କହୁ ତୁମ୍ଭମାନଙ୍କୁ ଆମ୍ଭେ ଆଉ କୌଣସି
ଭର ନ ଦେବା । ପୁଣି ତୁମ୍ଭମାନଙ୍କଠାରେ ଯାହା ଅଛୁ ତାହା ଆମ୍ଭର ଆଗମନ ୨୫

୧୬ ପର୍ଯ୍ୟନ୍ତେ ଯତ୍ନ କରି ରଖ । ଯେଉଂ ଜନ ଜୟୀ ହୋଇ ଶେଷ ପର୍ଯ୍ୟନ୍ତେ ଆମ୍ଭର
କର୍ମ ପାଳଣ କରିବ ଆମ୍ଭେ ଯେମନ୍ତ ପିତାଠାରୁ ପ୍ରାପ୍ତ ହୋଇଅଛୁଁ ସେଉପ
୧୭ ତାହାକୁ ଦେଶାଧିପତ୍ୟ ପରାକ୍ରମ ଦେବା । ତହିଁରେ ସେ ସେମାନଙ୍କୁ ଲୋହ
୧୮ ଦଣ୍ଡ ଦ୍ୱାରା ଶାସନ କଲେ କୁମ୍ଭାରର ପାତ୍ରର ନ୍ୟାୟ ସମସ୍ତ ଚୂର୍ଣ ହେବ । ପୁଣି
୧୯ ତାହାକୁ ପ୍ରଭାତ ନକ୍ଷତ୍ର ଦେବା । ମଣ୍ଡଳୀଗଣର ପ୍ରତି ଆତ୍ମ ଯେ କଥା କହନ୍ତି
ଯାହାର କର୍ଣ ଅଛି ସେ ତାହା ଶୁଣୁ ।

୩ ପର୍ବ ।

୧ ଆଉ ସାର୍ଦ୍ଦି ନଗରସ୍ଥ ମଣ୍ଡଳୀର ଦୂତର ପ୍ରତି ଏମନ୍ତ ଲେଖି ପଠାଅ ।
ଯାହାର ସମୀପରେ ଈଶ୍ୱରଙ୍କ ସପ୍ତ ଆତ୍ମ ଓ ସପ୍ତ ନକ୍ଷତ୍ର ଅଛନ୍ତି ସେ ତୁମ୍ଭକୁ
ଏହି କଥା କହନ୍ତି ତୁମ୍ଭର କ୍ରିୟା ଆମ୍ଭେ ଜାଣି ତୁମ୍ଭେ ନାମରେ ଜୀଅନ୍ତା
୧ ମାତ୍ର ନିଶ୍ଚେଁ ମୃତ ଅଛ ଏହା ଆମ୍ଭେ ଜାଣି । ଜାଗ୍ରତ ହୋଇ ଲୁପ୍ତପ୍ରାୟ
ଅବଶିଷ୍ଟ ବିଷୟ ସବୁକୁ ସବଳ କର ଯେହେତୁ ଈଶ୍ୱରଙ୍କଠାରେ ତୁମ୍ଭର
୩ କର୍ମ ନିର୍ଦ୍ଦୋଷ ପାଇ ନାହୁଁ । ଏନିମନ୍ତେ ତୁମ୍ଭେ କେମନ୍ତ ପ୍ରାପ୍ତ ହୋଇ ଶୁଣି
ଅଛ ତାହା ସ୍ମରଣ କରି ଧରି ରଖ ପୁଣି ମନ ଫେରାଅ । ଏବିଷୟରେ ଯେ
ବେ ସାବଧାନ ନ ଥାଅ ତେବେ ଆମ୍ଭେ ଚୋରର ନ୍ୟାୟ ତୁମ୍ଭଠାରେ
ଅସିବା ପୁଣି କେଉଂ ଦଣ୍ଡରେ ତୁମ୍ଭର ନିକଟରେ ଉପସ୍ଥିତ ହେବା ତାହା
୪ ଜାଣିବାକୁ ନ ପାରିବ । ତେବେହେଁ ଯେଉଂମାନେ ପରିଧେୟ ବସ୍ତ୍ର ମଳିଣ
କରି ନାହାନ୍ତି ଏମନ୍ତ ସାର୍ଦ୍ଦି ନଗରସ୍ଥ ଥୋକାୟେ ଲୋକ ଅଛନ୍ତି ସେମାନେ
ଯୋଗ୍ୟବନ୍ତ ହେବାରୁଂ ଶୁକ୍ଳବସ୍ତ୍ରରେ ଆମ୍ଭର ସଙ୍ଗେ ଗମନାଗମନ କରିବେ ।
୫ ଯେଉଂ ଜନ ଜୟ କରଇ ସେ ଶୁକ୍ଳବସ୍ତ୍ରାନ୍ୱିତ ହେବ ପୁଣି ଜୀବନରୂପ ପୁସ୍ତ
କରୁ ତାହାର ନାମ ଲୁପ୍ତ ନ କରି ଆମ୍ଭର ପିତାର ଓ ତାହାଙ୍କର ଦୂତଗଣର
୬ ସାକ୍ଷାତରେ ତାହାର ନାମ ସ୍ୱୀକାର କରିବା । ମଣ୍ଡଳୀଗଣର ପ୍ରତି ଆତ୍ମ ଯେ
କଥା କହନ୍ତି ଯାହାର କର୍ଣଅଛି ସେ ତାହା ଶୁଣୁ ।
୭ ଆଉ ଫିଲାଦେଲଫିୟ ନଗରସ୍ଥ ମଣ୍ଡଳୀ ଦୂତର ପ୍ରତି ଏମନ୍ତ ଲେଖି
ପଠାଅ । ଦାଉଦର କଞ୍ଚି ଅପଣା ହସ୍ତରେ ଥିବାରେ ଯେ ଫିଟାଇଲେ
ଅନ୍ୟରେ ବନ୍ଦ କରିବାକୁ ନ ପାରଇ ଓ ବନ୍ଦ କଲେ ଅନ୍ୟରେ ମୁକ୍ତ କରି
ବାକୁ ନ ପାରଇ ଏମନ୍ତ ଯେ ପବିତ୍ର ଓ ସତ୍ୟ ଅଛନ୍ତି ସେ ଏହି କଥା
୮ କହନ୍ତି । ତୁମ୍ଭର କ୍ରିୟା ଆମ୍ଭେ ଜାଣି ତୁମ୍ଭର କିଛି ବଳ ହେବାରୁଂ ଆମ୍ଭର
ଆଜ୍ଞା ପାଳଣ କରିଅଛ ପୁଣି ଆମ୍ଭର ନାମକୁ ଅସ୍ୱୀକାର କରି ନାହଁ ଏହି
ନିମନ୍ତେ ଦେଖ ଯେ ଦ୍ୱାର ବନ୍ଦ କରିବାକୁ କାହାରି ସାଧ୍ୟ ନାହିଁ ତୁମ୍ଭର ଶ୍ରମୁରେ

ଏମନ୍ତ ଏକ ଦ୍ୱାର ମୁକ୍ତଲା କରଅଛି୍ଥ । ପୁଣି ଯେଉଁମାନେ ଯିହୁଦୀ ନୋହ ୯
ମିଥ୍ୟାରେ ଅପଶାମାନଙ୍କୁ ଯିହୁଦୀ କର ବୋଲନ୍ତ ଦେଖ ଏମନ୍ତ ଶୟତାନର
ସଭାସ୍ଥ ଲୋକମାନଙ୍କୁ ଆଣି ତୁମ୍ଭର ଚରଣରେ ପ୍ରଣାମ କରାଇବା ତହିଁରେ
ଆମ୍ଭେ ଯେ ତୁମ୍ଭକୁ ପ୍ରେମ କଲୁଁ ତାହା ସେମାନଙ୍କୁ ଜଣାଇବା । ଆଉ ସମ୍ଭା ୧୦
ଲିବାକୁ ଆମ୍ଭର ଯେ ଅଜ୍ଞା ତାହା ତୁମ୍ଭେ ପାଳଣ କରଅଛ ବହି ଏମନ୍ତେ ପୃଥି
ମସ୍ତ ଲୋକର ପରୀକ୍ଷା ନିମନ୍ତେ ଯେଉଁ ପରୀକ୍ଷାର କାଳ ସବୁ ଜଗତରେ
ଅସିବ ତାହାଠାରୁ ତୁମ୍ଭକୁ ରକ୍ଷା କରିବା । ଦେଖ ଆମ୍ଭେ ବେଗେ ଅସି ତୁମ୍ଭର ୧୧
ମୁକୁଟକୁ ଯେମନ୍ତ କେହ ହର ନ କରଅ ଏଥିପାଇଁ ତୁମ୍ଭଠାରେ ଯାହା ଅଛ
ତାହା ଧର ରଖ । ଯେଉଁ ଜନ ଜୟ କରଇ ସେ ଆଉ କେତେକେଲେ ୧୨
ଯେମନ୍ତ ବାହାରକୁ ନ ଯାଏ ଏଥିପାଇଁ ଆମ୍ଭେ ତାହାକୁ ଈଶ୍ୱରର ମନ୍ଦିରର
ସ୍ତମ୍ଭ ସ୍ୱରୂପ କରିବା ଆଉ ଆମ୍ଭର ଈଶ୍ୱରର ନାମ ପୁଣି ଈଶ୍ୱରର ସ୍ୱର୍ଗଧାମ
ଯେ ସ୍ୱର୍ଗରୁ ଅଗତ ଅର୍ଥାତ୍ ନୂତନ ଯିରୂଶାଲମ ଏମନ୍ତ ଆମ୍ଭର ଈଶ୍ୱରର
ନଗରର ନାମ ଓ ଅପଶାର ଏକ ନୂତନ ନାମ ତାହାର ଉପରେ ଲେଖିବା ।
ମଣ୍ଡଲୀଗଣର ପ୍ରତି ଅତ୍ମା ଯେ କଥା କହନ୍ତି ଯାହାର କର୍ଣ୍ଣଅଛ ସେ ତାହା ଶୁଣୁ । ୧୩

ଆଉ ଲାଓଦକେୟା ନଗରସ୍ଥ ମଣ୍ଡଳୀର ଦୂତର ପ୍ରତି ବହି ପ୍ରକାର ଲେଖି ୧୪
ପଠାଅ । ଯେ ସତ୍ୟ ଆଉ ଯେ ସାକ୍ଷୀ ବିଶ୍ୱସ୍ତ ଓ ସାତ୍ତ୍ୱିକ ପୁଣି ଯେ ଈଶ୍ୱ
ରର ସୃଷ୍ଟିର କର୍ତ୍ତା ସେ ତୁମ୍ଭକୁ ଏମନ୍ତ କହନ୍ତି । ତୁମ୍ଭର କ୍ରିୟା ଆମ୍ଭେ ଜାଣି ୧୫
ତୁମ୍ଭେ ଶୀତଳ ନୁହ ପୁଣି ଉଷ୍ଣର ନୁହ ପୁଣି ତୁମ୍ଭେ ଯେ ଶୀତଳ କିମ୍ବା ଉଷ୍ଣ
ହୁଅ ବହି ଆମ୍ଭର ଇଚ୍ଛା । ଏନିମନ୍ତେ ଶୀତଳ ଓ ଉଷ୍ଣ ନୋହ ଇଷତ୍ଉଷ୍ଣ ହେବା ୧୬
ରେ ଆମ୍ଭେ ତୁମ୍ଭକୁ ଅପଶା ମୁଖରୁ ଉଦ୍ଗାର କରିବା । ତୁମ୍ଭେ କହୁଅଛ ୧୭
ଅମ୍ଭେ ଧନବନ୍ତ ଓ ସମ୍ପତ୍ତିରେ ବର୍ଦ୍ଧିତ ହୋଇଅଛୁଁ, ଆମ୍ଭର କାହିଁରେ ଅଭାବ
ନାହିଁ ପୁଣି ତୁମ୍ଭେ ଯେ ଦୀନହୀନ ଦୃଃଖୀ ଦରିଦ୍ର ଅନ୍ଧ ଓ ଉଲଙ୍ଗ ବହୁ ନ
ଜାଣିବାରୁ ଆମ୍ଭେ ତୁମ୍ଭକୁ ବହି ସତ୍ପରାମର୍ଶ ଦେଇ ତୁମ୍ଭେ ଧନବନ୍ତ ହେବାର ୧୮
ପାଁଇ ଅମ୍ଭର ନିକଟରୁ ଅଗ୍ନିରେ ପରୀକ୍ଷିତ ସୁବର୍ଣ୍ଣ କିଣ ଆଉ ତୁମ୍ଭର ନଗ୍ନତାର
ଲଜ୍ଜା ଦୂର କରିବାର ପାଁଇ ଶୁକ୍ଳବସ୍ତ୍ର କିଣି ପରିଧାନ କର ପୁଣି ତୁମ୍ଭର
ଦୃଷ୍ଟି ପ୍ରସନ୍ନ ହେବାର ପାଁଇ ଅଞ୍ଜନ କିଣି ଚକ୍ଷୁରେ ଲେପନ କର । ଅମ୍ଭର ୧୯
ପ୍ରେମର ପାତ୍ରମାନଙ୍କୁ ଆମ୍ଭେ ଅନୁଯୋଗ ଓ ଶାସ୍ତି କରି ଥାଉଁ ଏନିମନ୍ତେ
ତୁମ୍ଭେ ଉଦ୍ଯୋଗୀ ହୋଇ ମନ ଫେରାଅ । ଦେଖ ଆମ୍ଭେ ଠିଆ ହୋଇ ୨୦
ଦ୍ୱାରରେ ଆଘାତ କରିଅଛୁଁ, ତହିଁରେ ଯେ କେହ ଆମ୍ଭର ରବ ଶୁଣି ଦ୍ୱାର
ଫିଟାଇ ଦେବ ଆମ୍ଭେ ପ୍ରବେଶ ହୋଇ ତାହାର ସଙ୍ଗେ ଭୋଜନ କରିବା
ପୁଣି ସେ ଆମ୍ଭର ସଙ୍ଗରେ ଭୋଜନ କରିବ । ଆଉ ଆମ୍ଭେ ଯେମନ୍ତ ଜୟ ୨୧

କର ପିତାର ସଙ୍ଗେ ତାହାଙ୍କର ସିଂହାସନରେ ବସିଲୁଁ ସେଥିପ ଯେଉଁ ଜନ ଜୟୀ କରଇ ଆମ୍ଭ ତାହାକୁ ଅପଣା ସିଂହାସନରେ ଅପଣାର ସଙ୍ଗେ ବସି
୨୧ ବାକୁ ଦେବା । ମଣ୍ଡଳୀଗଣର ପ୍ରତି ଆତ୍ମା ଯେଉଁ କଥା ଜଣାନ୍ତି ଯାହାର କର୍ଣ୍ଣ ଅଛି ସେ ତାହା ଶୁଣୁ ।

୪ ପଦ୍ୟ ।

୧ ଏହିପ ଦେଲା ଦେଖୁଁ ସ୍ୱର୍ଗରେ ଏକ ମୁକ୍ତଲା ଦ୍ୱାର ଦେଖିଲୁଁ ଉହିଁର ଯେଉଁ ପ୍ରଥମ ରବ ଶୁଣିଲୁଁ ତାହା ତୂରୀ ରବର ନ୍ୟାୟ ଆମ୍ଭ ସହିତ କଥା
ବାର୍ତ୍ତା କର କହିଲା ଏହି ସ୍ଥାନରେ ଅସ ଆମ୍ଭେ ତୁମ୍ଭର ପ୍ରତି ଅଗତ ବିଷୟ
୨ ପ୍ରକାଶ କରିବା । ଉହିଁରେ ତତ୍କ୍ଷଣାତ ଆମ୍ଭେ ଆତ୍ମାରେ ନିବଦ୍ଧ ହେଲୁଁ ପୁଣି
୩ ସ୍ୱର୍ଗ ମଧ୍ୟରେ ସ୍ଥାପିତ ଏକ ସିଂହାସନ ଉହିଁ ଉପରେ ସୂର୍ଯ୍ୟକାନ୍ତ ମଣି ଓ ପ୍ରବାଳ
୪ ମଣିର ନ୍ୟାୟ ଏକ ଜଣକୁ ଦେଖିଲୁଁ । ସେ ସିଂହାସନର ଚତୁରପାଖରେ ଚୂନର ନ୍ୟାୟ ଏକ ମେଘ ଧନୁ ଅଛି ପୁଣି ସିଂହାସନର ଚତୁର ପାଖରେ ଚବ୍ବି
ବିଂଶତି ସିଂହାସନ ଉପରେ ଶୁକ୍ଳବସ୍ତ୍ର ପରିହିତ ସୁବର୍ଣ୍ଣ କିରୀଟଧାରି ଚବ୍ବିଂ
୫ ଶତ ପ୍ରାଚୀନ ଲୋକ ଅଛନ୍ତି । ସେ ସିଂହାସନରୁ ବଜୁଲି ଓ ମେଘଗର୍ଜ୍ଜନ ଓ ଶବ୍ଦ ହେଉଅଛି ପୁଣି ସିଂହାସନର ସମ୍ମୁଖରେ ପ୍ରଜ୍ୱଳିତ ସପ୍ତ ପ୍ରଦୀପ
୬ ଅର୍ଥାତ୍ ଈଶ୍ୱରଙ୍କର ସପ୍ତ ଆତ୍ମା । ସିଂହାସନର ଅଗତେ ସ୍ଫଟିକ ପରି ନର୍ମ୍ମଲ ଏକ ସମୁଦ୍ର [ରୂପ ପାଏ] ଅଛି ପୁଣି ସିଂହାସନର ମଧ୍ୟରେ ଓ ଚତୁର୍ଦ୍ଦିଗରେ ଅଗେ ପଛେ ସର୍ବାଙ୍ଗରେ ଚକ୍ଷୁଯୁକ୍ତ ଚାରି ପ୍ରାଣୀ ଅଛନ୍ତି ।
୭ ପ୍ରଥମ ପ୍ରାଣୀ ସିଂହ ସଦୃଶ ଦ୍ୱିତୀୟ ପ୍ରାଣୀ ଗୋବତ୍ସ ସଦୃଶ ତୃତୀୟ ପ୍ରାଣୀ
୮ ମନୁଷ୍ୟର ନ୍ୟାୟ ମୁଖବାଲା ପୁଣି ଚତୁର୍ଥ ପ୍ରାଣୀ ଉଡୁନ୍ତା ଗୃଧ୍ର ସଦୃଶ । ପ୍ରତ୍ୟେକ ପ୍ରାଣୀର ଛଅ ଛଅ ପକ୍ଷ ସେମାନେ ଭିତରେ ଓ ବାହ୍ୟରେ ଚକ୍ଷୁରେ ପରିପୂର୍ଣ୍ଣ । ପୁଣି ସେମାନେ ଦିବାରାତ୍ରିରେ ନିବୃତ୍ତ ନୋହି ବର୍ତ୍ତମାନ ଭୂତ ଭବିଷ୍ୟତ୍ର ସର୍ବ
୯ ଶକ୍ତିମାନ ପ୍ରଭୁ ପରମେଶ୍ୱର ଧର୍ମ୍ମ ଧର୍ମ୍ମ ଧର୍ମ୍ମ ଏହ କଥା କହନ୍ତି । ପୁଣି ପ୍ରାଣିଗଣ ଯେଉଁ ସମୟରେ ସେ ସିଂହାସନୋପବିଷ୍ଟ ନିତ୍ୟଜୀବିତ ପୁରୁଷର ଏହିପ ଗୌରବ ଓ ସମ୍ଭ୍ରମ ଓ ଧନ୍ୟବାଦ କରନ୍ତି ସେ କାଳରେ ଚତୁର୍ଦ୍ଦିଗସ୍ଥିତ ଚବ୍ବିଶ
୧୦ ପ୍ରାଚୀନ ଲୋକ ସେ ସିଂହାସନରେ ଉପବିଷ୍ଟ ଜଣର ସମ୍ମୁଖରେ ଉବୁଡ ହୋଇ ନିତ୍ୟଜୀବି ପୁରୁଷଙ୍କୁ ପୂଜା କର ଅପଣାମାନଙ୍କର ମୁକୁଟ ସିଂହାସନ ସମ୍ମୁଖରେ
୧୧ ପୋଇ ଦେଇ କହନ୍ତି ହେ ପ୍ରଭୁ ତୁମ୍ଭେ ମହିମା ଓ ଗୌରବ ଓ ପରାକ୍ରମର ଗ୍ରହଣର ଯୋଗ୍ୟ ଯେହେତୁ ତୁମ୍ଭେ ସର୍ବବସ୍ତୁ ସୃଷ୍ଟି କରଅଛ ପୁଣି ତୁମ୍ଭର ଇଚ୍ଛାରେ ସମସ୍ତର ସୃଷ୍ଟି ହେଲା ଓ ସ୍ଥିତ ହେଉଅଛନ୍ତି ।

୫ ପଟ୍ଟ ।

ଅନନ୍ତରେ ସେ ସିଂହାସନୋପବିଷ୍ଟ ପୁରୁଷର ଦକ୍ଷିଣ ହସ୍ତରେ ଭିତରେ ୧
ବାହାରେ ଲେଖିତ ଓ ସପ୍ତ ମୁଦ୍ରାରେ ଅଙ୍କିତ ଏକ ପୁସ୍ତକ ଦେଖିଲୁଁ । ଏଥି ୨
ଉତ୍ତାରେ ଏହ ପୁସ୍ତକ ଫିଟାଇ ତାହାର ମୁଦ୍ରା ଫେଡବାକୁ କେ ଯୋଗ୍ୟ
ଅଛ ଏହ କଥା ମହାଶବ୍ଦ କର ଘୋଷଣା କରବାକୁ ଏକ ବଳବାନ ଦୂତକୁ ଆମ୍ଭେ
ଦେଖିଲୁଁ । ପୁଣି ସ୍ୱର୍ଗ ମର୍ତ୍ତ୍ୟ ପାତାଳର ମଧ୍ୟରେ ସେ ପୁସ୍ତକ ଫିଟାଇବାକୁ ୩
ଅବା ତାହାର ପ୍ରତି ଦୃଷ୍ଟିପାତ କରିବାକୁ କାହାର ସାଧ୍ୟ ନୋହଲା । ଏଣୁ ୪
ପୁସ୍ତକ ଫିଟାଇବାକୁ ତାହାର ପ୍ରତି ଦୃଷ୍ଟି କରବାକୁ କାହାର ଯୋଗ୍ୟପଣ ନ
ହେବାରୁ ଅମ୍ଭେ ଅନେକ ରୋଦନ କଲୁଁ । ତହିଁରେ ସେହ ପ୍ରାଚୀନଗଣର ୫
ମଧ୍ୟରେ ଜଣେ ଆମ୍ଭକୁ କହିଲା ରୋଦନ ନ କର ଦେଖ ଯେ ଯିହୁଦା ଗୋ
ଷ୍ଠୀର ସିଂହ ସ୍ୱରୂପ ଓ ଦାଉଦର ମୂଳ ସ୍ୱରୂପ ସେ ପୁସ୍ତକକୁ ଫିଟାଇ ତାହାର
ସପ୍ତ ମୁଦ୍ରା ଫେଡବାକୁ ପରାକ୍ରାନ୍ତ ହୁଅନ୍ତି । ପୁଣି ଆମ୍ଭେ ଦେଖୁଁ। ସେ ସିଂ ୬
ହାସନର ଓ ଚାରି ପ୍ରାଣିର ଓ ପ୍ରାଚୀନଗଣର ମଧ୍ୟରେ ସପ୍ତ ଶୃଙ୍ଗଯୁକ୍ତ ପୁଣି
ପୃଥିବୀରେ ପ୍ରେରିତ ଈଶ୍ୱରର ସପ୍ତ ଅଦ୍ଭୁ ସ୍ୱରୂପ ସପ୍ତ ଚକ୍ଷୁଯୁକ୍ତ ମନ୍ୟ ବଲି
ରୂପେ ହତ ଏକ ମେଷାମେଷକୁ ଠିଆ। ହେବାର ଦେଖିଲୁଁ । ତହିଁ ସେ ୭
ଆସି ସିଂହାସନୋପବିଷ୍ଟ ପୁରୁଷର ଦକ୍ଷିଣ ହସ୍ତରୁ ସେ ପୁସ୍ତକ ନେଲେ ।
ସେ ପୁସ୍ତକ ନେଇଥିବାରୁ ଚାରି ପ୍ରାଣୀ ଓ ଚତୁର୍ବିଂଶତି ପ୍ରାଚୀନ ଲୋକ ମେଷାଙ୍କର ୮
ବୀଣା ଓ ସାଧୁମାନଙ୍କର ପ୍ରାର୍ଥନା ସ୍ୱରୂପ ଧୂପ ପରିପୂର୍ଣ୍ଣ ସ୍ୱର୍ଣମୟ ପାତ୍ର ନେଇ
ମେଷାମେଷର ସମ୍ମୁଖରେ ଉବୁଡ ହୋଇ ପଡଲେ । ଆଉ ସେମାନେ ଏହ ଏକ ୯
ନୂଆ ଗୀତ ଗାନ କର କହିଲେ ତୁମ୍ଭେ ସେ ପୁସ୍ତକ ନେବାକୁ ଓ ତାହାର
ମୁଦ୍ରା ଫିଟାଇବାକୁ ଯୋଗ୍ୟ ଯେହେତୁ ତୁମ୍ଭେ ଆପଣା ବଲିସ୍ୱରୂପ ହୋଇ ଅପ
ଣାର ରକ୍ତ ଦ୍ୱାରା ପ୍ରତ୍ୟେକ ବଂଶ ଓ ଭାଷାବାଦ ଲୋକ ଓ ଗୋଜାତି ଓ ଦେଶ
ଠାରୁ ଈଶ୍ୱରଙ୍କ ଉଦ୍ଦେଶରେ ଆମ୍ଭମାନଙ୍କୁ ମୁକ୍ତ କରିଅଛ । ପୁଣି ଈଶ୍ୱରଙ୍କର ୧୦
ପକ୍ଷରେ ଆମ୍ଭମାନଙ୍କୁ ରାଜା ଓ ଯାଜକ କରିଅଛ ଏଣୁ ଆମ୍ଭେମାନେ ପୃଥି
ବୀର ଉପରେ ରାଜତ୍ୱ କରିବା । ତଦନନ୍ତରେ ଆମ୍ଭେ ଦେଖୁଁ। ସେ ସିଂହାସନ ୧୧
ଓ ପ୍ରାଣିବର୍ଗ ଓ ପ୍ରାଚୀନଗଣର ଚତୁର୍ଦ୍ଦିଗରେ ଅପାର ଦବ୍ୟ ଦୂତର ରବ
ଶୁଣିଲୁଁ ପୁଣି ସେମାନଙ୍କର ସଂଖ୍ୟା ସହସ୍ର ସହସ୍ର ଓ ଅଯୁତ ଗୁଣ ଅଯୁତ ।
ସେମାନେ ଉଚ୍ଚସ୍ୱରରେ କହିଲେ ପରାକ୍ରମ ଧନ ଜ୍ଞାନ ଶକ୍ତି ସମ୍ଭ୍ରମ ଗୌରବ ୧୨
ଧନ୍ୟବାଦ ଏ ସମସ୍ତ ଗ୍ରହଣ କରିବାକୁ ବଲିସ୍ୱରୂପ ହତ ଯେ ମେଷାମେଷ ସେହ
ଗର୍ଜ୍ଜନ ହୁଅନ୍ତି । ପୁଣି ସ୍ୱର୍ଗ ମର୍ତ୍ତ୍ୟ ପାତାଳ ଓ ସମୁଦ୍ରର ମଧ୍ୟସ୍ଥିତ ସମସ୍ତ ପ୍ରାଣୀର ୧୩

ଏହି କଥା ଶୁଣିଲୁଁ ସିଂହାସନ ଉପରସ୍ଥ ପୁରୁଷର ଓ ଯୁବାମେଷର ଧନ୍ୟବାଦ
୧୪ ସମ୍ଭ୍ରମ ମହିମା କର୍ତ୍ତୃପଣ ସଦାକାଳ ହେଉନ୍ତୁ । ଆଉ ସେ ଚାରି ପ୍ରାଣୀ କହିଲେ ଆମେନ । ପୁଣି ଚବିଶ ପ୍ରାଚୀନ ଲୋକ ଉବୁଡ ହୋଇ ଅନନ୍ତକାଳ ଜୀବତ ପୁରୁଷକୁ ଭଜନା କଲେ ।

୬ ପଦ୍ୟ ।

୧ ଅନନ୍ତରେ ସେ ଯୁବାମେଷ ସପ୍ତ ମୁଦ୍ରାର ପ୍ରଥମ ମୁଦ୍ରା ଫିଟାନ୍ତେ ଅସି ଦେଖ ସେ ଚାରି ପ୍ରାଣିର ଏକ ପ୍ରାଣିକୁ ମେଘ ଗର୍ଜ୍ଜନର ନ୍ୟାୟ ଏହି କଥା
୨ କହିବାକୁ ଶୁଣି ଆମ୍ଭେ ଅବଲୋକନ କଲୁଁ । ଇହୁଁ ଦୃଷ୍ଟି କର, ଏକ ଶ୍ୱେତ ଅଶ୍ୱକୁ ଦେଖିଲୁଁ ପୁଣି ତାହାର ଆରୋହଣକାରର ଏକ ଧନୁ ଓ ତାହାକୁ ଏକ ମୁକୁଟ ଦତ୍ତ ହେଲା ଅଉ ସେ ଜୟକାରୀ ହୋଇ ପୁନଃପୁନଃ ଜୟ ଭୋଗ କରିବାକୁ ପ୍ରସ୍ଥାନ କଲା ।

୩ ଏଥିଉତ୍ତର ସେ ଦ୍ୱିତୀୟ ମୁଦ୍ରା ଫିଟାନ୍ତେ ଅସି ଦେଖ ଦ୍ୱିତୀୟ ପ୍ରାଣିର ଏହି
୪ କଥା ଶୁଣିଲୁଁ । ଇହୁଁ ରକ୍ତବର୍ଣ ଅଉ ଏକ ଅଶ୍ୱ ବାହାର ହେଲା । ପୁଣି ତାହାର ଆରୋହଣକାରକୁ ପୃଥିବୀର ଶାନ୍ତି ଦୂର କରିବାର ପାଇ ଓ ଲୋକମାନେ ଯେମନ୍ତେ ଏକକୁ ଆରେକ ବଧ କରନ୍ତି ତଦ୍ରୂପ ତାହାଙ୍କୁ ଦତ୍ତ ହେଲା ଅଉ ତାହାକୁଁ ଏକ ବଡ ଖଡ୍ଗ ଦତ୍ତ ହେଲା ।

୫ ପୁଣି ତୃତୀୟ ମୁଦ୍ରା ଫିଟାନ୍ତେ ଅସି ଦେଖ ତୃତୀୟ ପ୍ରାଣିର ଏହି କଥା ଶୁଣିଲୁଁ । ଇହୁଁ ଦେଖୁଁ। ଏକ କଳା ଅଶ୍ୱକୁ ଦେଖିଲୁଁ ତାହାର ଆରୋହଣକାରର ହାତରେ ଏକ ପରମାଣ ଦଣ୍ଡ ଥିଲା ପୁଣି ଚାରି ପ୍ରାଣୀ ମଧ୍ୟରେ ଏକ
୭ ସ୍ୱର ଏହା କହିଲା ଏକ ସେର ଯବ ଅଉ ତିନି ସେର ଯବ ଓ ଦ୍ରାକ୍ଷା ରସର କ୍ଷତି ନ କର ସେ ଚାରି ପ୍ରାଣିର ମଧ୍ୟରୁ ତୃତୀୟ ଏକ ରବ ଶୁଣିଲୁଁ ।

୭ ଇହୁଁ ଚତୁର୍ଥ ମୁଦ୍ରା ଫିଟାନ୍ତେ ଅସି ଦେଖ ଚତୁର୍ଥ ପ୍ରାଣିର ଏହି କଥା
୮ ଶୁଣିଲୁଁ । ପୁଣି ଦେଖୁଁ। ଏକ ପାଣ୍ଡୁବର୍ଣ ଅଶ୍ୱକୁ ଦେଖିଲୁଁ ତାହାର ଆରୋହଣକାରର ନାମ ମୃତ୍ୟୁ ପୁଣି ତାହାର ପଶ୍ଚାତ୍‌ବର୍ତ୍ତୀ ପରଲୋକ । ଇହାଁରେ ଖଡ୍ଗ ଦୁର୍ଭିକ୍ଷ ମହାମାରୀ ଓ ବନଜନ୍ତୁ ଦ୍ୱାରା ପୃଥିବୀର ଚତୁର୍ଥାଂଶର ଲୋକକୁ ହତ୍ୟା କରିବାକୁ ତାହାକୁ ପରାକ୍ରମ ଦତ୍ତ ହେଲା ।

୯ ଅନନ୍ତରେ ପଞ୍ଚମ ମୁଦ୍ରା ଫିଟାନ୍ତେ ଯେଉଁମାନେ ଈଶ୍ୱରର ବାକ୍ୟର ନିମନ୍ତେ ପୁଣି ସେ ବିଷୟରେ ସାକ୍ଷ୍ୟ ଦେବାରେ ହତ ହୋଇ ଥିଲେ
୧୦ ସେମାନଙ୍କର ଆତ୍ମାକୁ ବେଦୀର ତଳେ ଦେଖିଲୁଁ । ସେମାନେ ଉଚ୍ଚୈଃସ୍ୱରରେ ବିନତି କହିଲେ ହେ ଧର୍ମ ସତ୍ୟମୟ ପ୍ରଭୁ ଆମ୍ଭମାନଙ୍କର ବଧକାରୀ

ପୃଥିବୀସ୍ଥ ଲୋକମାନଙ୍କୁ ବଶୀର କରିବାକୁ ପୁଣି ପ୍ରଭଞ୍ଜନ ଦେବାକୁ ଆଉ କେତେ ବଳମ୍ କରିବ । ଏଥିରେ ସେମାନଙ୍କର ପ୍ରତ୍ୟେକକୁ ଶୁକ୍ଳବସ୍ତ୍ର ଦତ୍ତ ହେଲା ପୁଣି ତୁମ୍ଭମାନଙ୍କର ପର ହତ ହେବ ଯେ ତୁମ୍ଭମାନଙ୍କର ସହଦାସ ଓ ଭାଇମାନେ ସେମାନଙ୍କର ସଂଖ୍ୟା ଯେ ପର୍ଯ୍ୟନ୍ତ ପୂର୍ଣ୍ଣ ନ ହେବ ସେହି କ୍ଷୁଦ୍ର କାଳ ଯାଏଁ ସ୍ଥିର ହେବାକୁ ସେମାନଙ୍କୁ କୁହା ଗଲା ।

ପୁଣି ଷଷ୍ଠ ମୁଦ୍ରା ଫିଟାନ୍ତେ ଆମ୍ଭେ ଅନାଇ ଦେଖିଲୁଁ ମହା ଭୂମିକମ୍ପ ହେଲା ପୁଣି ସୂର୍ଯ୍ୟ ଲୋମଯୁକ୍ତ କମ୍ବଳର ନ୍ୟାୟ କଳା ବର୍ଣ ଓ ଚନ୍ଦ୍ର ରକ୍ତବର୍ଣ ହେଲା ପୁଣି ପ୍ରବଳ ବାୟୁରେ ଚଳିତ ହେବା ଉମ୍ବିର ବୃକ୍ଷର ଯେମନ୍ତ ଅପକ୍ୱ ଫଳମାନ ପଡଇ ସେଥିପ ଆକାଶର ପୃଥିବୀରେ ନକ୍ଷତ୍ରଗଣ ପଡଲେ । ପୁଣି ଚର୍ମଯୁକ୍ତ ଗଡା ଯିବାର ନ୍ୟାୟ ଆକାଶ ମଣ୍ଡଳ ବହୁଗଲା ପୁଣି ପର୍ବତ ଓ ଉପଦ୍ୱୀପ ସମସ୍ତ ସ୍ଥାନାନ୍ତରରେ ଚଳିତ ହେଲା ପୁଣି ପୃଥିବୀସ୍ଥ ରାଜାମାନେ ପ୍ରଧାନ ଲୋକେ ଧନୀ ସେନାପତି ବଳବାନ ସମସ୍ତ ମନୁଷ୍ୟ ପୁଣି ପ୍ରତ୍ୟେକ ଦାସ ଏ ମୁକ୍ତଜଣ ଗୁହାରେ ଓ ପର୍ବତର ପଥରର ମଧ୍ୟରେ ଲୁଚି କର କହିଲେ ହେ ପର୍ବତ ପଥର ସବୁ ଅମ୍ଭମାନଙ୍କର ଉପରେ ପଡ ସିଂହାସନସ୍ଥ ଜନର ଶ୍ମୁଖ ଓ ମେଷଶାବକର କ୍ରୋଧରୁ ଆମ୍ଭମାନଙ୍କୁ ଘୋଡାଇ ରଖ । ଯେହେତୁ ତାହାଙ୍କର କ୍ରୋଧର ମହା ଦିନ ଉପସ୍ଥିତ ହେଲା ପୁଣି ଠିଆ ହେବାକୁ ପାରିବ କେ ।

୭ ପଦ ।

ଅନନ୍ତରେ ସମୁଦ୍ର କି ପୃଥିବୀ କି କୌଣସି ବୃକ୍ଷାଦିର ଉପରେ ଯେମନ୍ତ ବାୟୁ ନ ବହଇ ଏନମନ୍ତେ ପୃଥିବୀର ଚତୁର୍ଦ୍ଦିଗରେ ଠିଆ ହୋଇ ଗୁରୁ ଜଣ ଦତ୍ତବ୍ୟଦୂତଙ୍କୁ ପୃଥିବୀର ଗୁରବାୟୁ ଧରି ଥିବାକୁ ଦେଖିଲୁଁ । ପୁଣି ଅମର ଈଶ୍ୱରର ମୁଦ୍ରାଧାରୀ ପୂର୍ବ ଦଗରୁ ଊର୍ଦ୍ଧ୍ୱଗାମୀ ଅନ୍ୟ ଏକ ଦୂତକୁ ଦେଖିଲୁଁ । ସେ ପୃଥିବୀ ଓ ସମୁଦ୍ରର ହଂସା କରିବା ଆଜ୍ଞା ପ୍ରାପ୍ତ ଗୁରୁଜଣ ଦୂତକୁ ଉଚ୍ଚି ସ୍ୱରରେ ଏହି କଥା କହିଲେ ଆମ୍ଭେ ଆପଣାମାନଙ୍କର ଈଶ୍ୱରଙ୍କ ଦାସଗଣର କପାଳରେ ଯେ ପର୍ଯ୍ୟନ୍ତ ମୁଦ୍ରାର ଚିହ୍ନ ନ ଦେଇ ତାବତ୍ ତୁମ୍ଭେମାନେ ସମୁଦ୍ର ଓ ପୃଥିବୀ ତାହାର ମଧ୍ୟର ବୃକ୍ଷାଦିର ହଂସା ନ କର । ପୁଣି ମୁଦ୍ରାଙ୍କିତ ଲୋକର ସଂଖ୍ୟା ଶୁଣିଲୁଁ । ଯିହୁଦାର ବଂଶରେ ଦ୍ୱାଦଶ ସହସ୍ର ଲୋକ । ରୁବେନର ବଂଶରେ ଦ୍ୱାଦଶ ସହସ୍ର । ଗାଦର ବଂଶରେ ଦ୍ୱାଦଶ ସହସ୍ର । ଆଶୂରର ବଂଶରେ ଦ୍ୱାଦଶ ସହସ୍ର । ନପ୍ତାଲୀର ବଂଶରେ ଦ୍ୱାଦଶ ସହସ୍ର । ମନଶିର ବଂଶରେ ଦ୍ୱାଦଶ ସହସ୍ର । ଶିମିୟୋନର ବଂଶରେ ଦ୍ୱାଦଶ ସହସ୍ର । ଲେବୀର

ବଂଶରେ ଦ୍ୱାଦଶ ସହସ୍ର । ଯିହୁଦାର ବଂଶରେ ଦ୍ୱାଦଶ ସହସ୍ର । ଯିବ୍ରୁଲୁନର
୮ ବଂଶରେ ଦ୍ୱାଦଶ ସହସ୍ର । ଯୁଷଫର ବଂଶରେ ଦ୍ୱାଦଶ ସହସ୍ର । ପୁଣି ବନ୍ୟାମିନର
ବଂଶରେ ଦ୍ୱାଦଶ ସହସ୍ର । ଏହି ଇଶ୍ରାୟେଲ ସନ୍ତାନଦାୟ ବଂଶର ମଧ୍ୟରେ ଏକ
ଲକ୍ଷ ଚୌରାଳିଶ ସହସ୍ର ଲୋକ ମୁଦ୍ରାରେ ଚିହ୍ନିତ ହେଲା ।

୯ ଅନନ୍ତରେ ଦେଖଂ। ଦେଶିଲୁଁ ସବଦେଶୀୟ ସବ ବଂଶୀୟ ସବ
ଜାତୀୟ ସବ ଭାଷାବାଦୀ ଅଗଣ୍ୟ ଲୋକ ଶୁକ୍ଳବସ୍ତ୍ର ପିନ୍ଧି ଓ ଡାଳ ହାତୁଙ୍ଗା।
୧୦ ହସ୍ତରେ ଧର ସିଂହାସନର ଓ ଯୁବାମେଷର ଶ୍ମୁମୁରେ ଠିଆ। ହୋଇ ଉଚ୍ଚୈଃ
ସ୍ୱରରେ ଡାକ କହିଲେ ସିଂହାସନୋପବିଷ୍ଟ ଅମ୍ମାନଙ୍କର ଈଶ୍ୱରେ ଓ ଯୁବା
୧୧ ମେଷର ପ୍ରତି ପରିତ୍ରାଣର ଜୟଧ୍ୱନି ହେଉ । ପୁଣି ସମସ୍ତ ଦବ୍ୟଦୂତ ସେହ
ସିଂହାସନର ଓ ପ୍ରାଚୀନବର୍ଗର ଓ ଚାରି ପ୍ରାଣିର ଚାରିଅଡେ ଠିଆ। ହେଲେ
ଉହୁଁ ସିଂହାସନର ସମ୍ମୁଖରେ ଉବୁଡ ହୋଇ ଈଶ୍ୱରଙ୍କୁ ଭଜନା କରି କହିଲେ
୧୨ ଆମେନ ଅମ୍ମାନଙ୍କର ଈଶ୍ୱରର ଧନ୍ୟବାଦ ମହିମା ଜ୍ଞାନ ପ୍ରଶଂସା ସମ୍ଭ୍ରମ
ପରାକ୍ରମ ଓ ଶକ୍ତି ସଦାକାଳ ହେଉ । ଆମେନ ।

୧୩ ଏଥିରେ ସେ ପ୍ରାଚୀନଗଣର ମଧ୍ୟରେ ଜଣେ ଆମ୍ଭକୁ ପଚାରିଲା ଏହ ଶୁକ୍ଳ
ବସ୍ତ୍ରଯୁକ୍ତ ଲୋକମାନେ କେ ପୁଣି କେଉଁଠାରୁ ଆସିଅଛନ୍ତି । ଆମ୍ଭେ
୧୪ ଉତ୍ତର କଲୁଁ ହେ ଅବଧାନ ତୁମ୍ଭେ ତାହା ଜାଣ । ତେଣୁ ସେ ଆମ୍ଭକୁ
କହିଲା ଏମାନେ ବହୁତ କ୍ଲେଶର ବାହାର ଯବାମେଷର ରକ୍ତରେ ଆପଣାମାନ
୧୫ ବସ୍ତ୍ର ଧୋଇବାରୁ ଶୁକ୍ଳବର୍ଣ କରି ଆସିଅଛନ୍ତି । ଏହନମନ୍ତେ ଈଶ୍ୱରର ମନ୍ଦି
ରରେ ସିଂହାସନର ସମ୍ମୁଖରେ ଥାଇ ଦିବାରାତ୍ରି ତାହାଙ୍କର ସେବା କରନ୍ତି ।
୧୬ ସିଂହାସନୋପବିଷ୍ଟ ପୁରୁଷ ଏମାନଙ୍କର ମଧ୍ୟରେ ବାସ କରନ୍ତେ ଏମାନଙ୍କର
କ୍ଷୁଧା କି ତୃଷା ଆଉ ନୋହିବ ପୁଣି ଏମାନଙ୍କର ଗାତ୍ରରେ ସୂର୍ଯ୍ୟ କରଣ କି
୧୭ କୌଣସି ଉତ୍ତାପ ନ ଲାଗିବ । ଯେହେତୁ ସିଂହାସନର ମଧ୍ୟସ୍ଥିତ ଯୁବାମେଷ
ସେମାନଙ୍କୁ ଚରାଇବେ ଓ ଜୀବନଦାୟକ ଜଳର ନଈଗଣଠାରେ ନେଇ ଯିବେ
ପୁଣି ଈଶ୍ୱର ସେମାନଙ୍କର ଆଖିର ଲୋତକ ସବୁ ପୋଛି ଦେବେ ।

## ୮ ପଦ୍ୟ ।

୧ ଅନନ୍ତରେ ସପ୍ତମ ମୁଦ୍ରା ଫିଟାନ୍ତେ ଦେଢ ଦଣ୍ଡ କାଳ ସ୍ୱର୍ଗ ନଃଶବ୍ଦ ହେଲା ।
୨ ପୁଣି ଈଶ୍ୱରଙ୍କ ଶ୍ମୁମୁରେ ଠିଆ। ହେବାର ସାତ ଦୂତକୁ ଦେଖିଲୁଁ ପୁଣି ସେ
୩ ଦୂତଗଣକୁ ସାତ ତୂରୀ ଦତ୍ତ ହେଲା । ଉହୁଁ ଏକ ଦୂତ ସ୍ୱସ୍ତରେ ସ୍ୱର୍ଣ ଧୂପାଚି
ନେଇ ବେଦୀର ନିକଟରେ ଆସି ଠିଆ। ହେଲା ପୁଣି ସେ ସିଂହାସନର ଶ୍ମୁମୁସ୍ଥ
ସୁବର୍ଣ ବେଦୀର ଉପରେ ଯେମନ୍ତ ସମସ୍ତ ସାଧୁଲୋକର ପ୍ରାର୍ଥନାର ସଙ୍ଗେ

ଉତ୍ସର୍ଗ କରନ୍ତି ଏକାରଣ ବହୁତ ଧୂପ ତାହାକୁ ଦତ୍ତ ହେଲା । ତହିଁରେ ୪
ଈଶ୍ୱରର ସମ୍ମୁରେ ସାଧୁ ଲୋକମାନଙ୍କର ପ୍ରାର୍ଥନାର ସଙ୍ଗେ ଦୂତର ହସ୍ତରୁ
ଧୂପର ଧୂମ ଉଠିଲା । ପୁଣି ସେ ଦୂତ ଧୂପାଚି ନେଇ ବେଦୀର ଅଗ୍ନିରେ ୫
ପୂର୍ଣ କର ପୃଥିବୀରେ ପକାଇ ଦେଲା ତହିଁରେ ଶବ୍ଦ ମେଘଗର୍ଜ୍ଜନ ବଜୁଲି
ଭୂମିକମ୍প ହେଲା ।

ପୁଣି ସାତ ଦୂତ ସାତ ତୂରୀବାଦ୍ୟ କରବାକୁ ଉଦ୍ୟତ ୬
ହେଲେ । ତହିଁରେ ପ୍ରଥମ ଦୂତ ତୂରୀଧ୍ୱନ କରନ୍ତେ ଶିଳା ଓ ରକ୍ତ ମିଶ୍ରିତ ୭
ଅଗ୍ନି ଉପସ୍ଥିତ ହୋଇ ପୃଥିବୀରେ ନିକ୍ଷିପ୍ତ ହେଲା ତହିଁରେ ବୃକ୍ଷର ତୃତୀୟ
ଅଂଶ ପୁଣି ସମୁଦାୟ ଶାଗୁଆବର୍ଣ ତୃଣ ଦଗ୍ଧ ହେଲା ।

ଦ୍ୱିତୀୟ ଦୂତ ତୂରୀ ବଜାନ୍ତେ ଅଗ୍ନିରେ ପ୍ରଜ୍ୱଳିତ ମହା ପର୍ବତ ସମୁଦ୍ର ୮
ମଧ୍ୟରେ ନିକ୍ଷିପ୍ତ ହେଲା । ତହିଁରେ ସମୁଦ୍ରର ତୃତୀୟାଂଶ ଜଳ ରକ୍ତ ହେଲା ୯
ଓ ତାହାର ମଧ୍ୟସ୍ଥ ତୃତୀୟାଂଶ ଜୀବ ଜନ୍ତୁ ମରଗଲେ ଓ ଜାହାଜ ସମୁଦାୟର
ତୃତୀୟାଂଶ ନଷ୍ଟ ହେଲା ।

ତହୁଁ ତୃତୀୟ ଦୂତ ତୂରୀ ବଜାନ୍ତେ ଆକାଶର ଉଜ୍ଜ୍ୱଳ ପଦାର୍ଥର ନ୍ୟାୟ ୧୦
ଏକ ମହାତାରା ଜ୍ୱଳି ନଦ ନଦୀର ତୃତୀୟାଂଶ ଓ ନିର୍ଝରର ଉପରେ ପଡିଲା
ସେ ତାରାର ନାମ ନାଗଦଅନା ତହିଁରେ ଜଳର ତୃତୀୟାଂଶ ନାଗଦଅନାର
ନ୍ୟାୟ ପିତ୍ତ ହେଲା । ଆଉ ସେ ଜଳ ପିତ୍ତ ହେବାରୁ ଅନେକ ମନୁଷ୍ୟ ୧୧
ତାହା ପାନ କର ମଲେ । ତହୁଁ ଚତୁର୍ଥ ଦୂତ ତୂରୀ ବଜାନ୍ତେ ସୂର୍ଯ୍ୟ ଚନ୍ଦ୍ର ଓ ୧୨
ନକ୍ଷତ୍ରର ତୃତୀୟାଂଶ ଅଘାତ ପ୍ରାପ୍ତ ହେବାରୁ ପ୍ରତ୍ୟେକର ତୃତୀୟାଂଶ
ଅନ୍ଧକାରରେ ବ୍ୟାପ୍ତ ହେଲା ପୁଣି ଦବସର ତୃତୀୟ ଭାଗ ଅନ୍ଧକାରମୟ
ହେଲା ପୁଣି ରାତ୍ରିରେଇ ସେପ୍ରକାର ହେଲା । ତେବେ ଅମ୍ଭେ ଦେଖୁଁ ସ୍ୱର୍ଗର ୧୩
ମଧ୍ୟ ଦେଇ ଉଡନ୍ତା ଏକ ଦୂତର ଉଚ୍ଚୈଃସ୍ୱରରେ ଉକ୍ତ ଏହ କଥା ଶୁଣିଲୁଁ
ହେ ପୃଥିବୀ ନବାସିମାନେ ହାୟ୍ ହାୟ୍ ହାୟ୍ ଯେଣୁ ଆହୁର ଅବଶିଷ୍ଟ ତନ
ଦୂତ ତୂରୀ ଧ୍ୱନ କରବାକୁ ଉଦ୍ୟତ ଅଟନ୍ତି ।

## ୯ ପର୍ବ ।

ଅନନ୍ତରେ ପଞ୍ଚମ ଦୂତ ତୂରୀ ବଜାନ୍ତେ ସ୍ୱର୍ଗର ଏକ ନକ୍ଷତ୍ରକୁ ପୃଥିବୀରେ ୧
ପଡବାକୁ ଦେଖିଲୁଁ । ପୁଣି ଅତଳଭ୍ରଂଶ କୂପର ଚାବୀ ତାହାକୁ ଦତ୍ତ ହେଲାରୁ
ସେ ଅତଳଭ୍ରଂଶ କୂପ ଫିଟାଇଲେ । ତହିଁରେ ସେ କୂପରୁ ମହା ଭଟୀର ୨
ଧୂମର ନ୍ୟାୟ ଧୂମ ଉଠିବାରେ ସେ ଧୂମରୁ ସୂର୍ଯ୍ୟ ଓ ଆକାଶ ମଣ୍ଡଳ ଅନ୍ଧକା
ରରେ ଆବୃତ ହେଲା । ପୁଣି ସେ ଧୂମରୁ ପୃଥିବୀରେ ପଙ୍ଗପାଲର ଅଗମନ ୩

ହେଲା ଓ ପୃଥିବୀସ୍ଥ ବୃକ୍ଷର ପତ୍ରକ୍ରମର ନ୍ୟାୟ ସେମାନଙ୍କ ପତ୍ରକ୍ରମ ଦତ୍ତ
୪ ହେଲା । ପୁଣି ପୃଥିବୀର କୌଣସି ତୃଣ କି ଶାଗୁଆବର୍ଣ୍ଣ ଶସ୍ୟ କି ବୃକ୍ଷାଦିର
ହିଂସା ନ କରିବାକୁ ଯେଉଁମାନଙ୍କର କପାଳରେ ଈଶ୍ୱରଙ୍କ ମୁଦ୍ରାର ଚିହ୍ନ
ନାହିଁ କେବଳ ସେହି ଲୋକମାନଙ୍କୁ ହିଂସା କରିବାକୁ ସେମାନଙ୍କୁ ଆଜ୍ଞା
୫ ଦତ୍ତ ହେଲା । ପ୍ରାଣ ହରଣ କରିବାକୁ ନୋହେ ପୁଣି ପାଞ୍ଚମାସ ପର୍ଯ୍ୟନ୍ତ
ସେମାନଙ୍କୁ କ୍ଲେଶ ଦେବାକୁ ପଙ୍ଗପାଲକୁ ବଳ ଦତ୍ତ ହେଲା ଓ ବୃଶ୍ଚ ଦଂଶନର
୬ ଜ୍ୱାଳାର ନ୍ୟାୟ ସେ ପଙ୍ଗପାଲର ଦଂଶନର ଜ୍ୱାଳା ହୁଅଇ । ସେହି କାଳରେ
ମନୁଷ୍ୟମାନେ ମୃତ୍ୟୁର ଅନ୍ୱେଷଣ କରିବେ ପୁଣି କୌଣସି ପ୍ରକାରେ ନ
ପାଇବେ ସେମାନେ ମୃତ୍ୟୁର ଅଶା କରିବେ ପୁଣି ମୃତ୍ୟୁ ସେମାନଙ୍କରଠାରୁ
୭ ପଳାଇବ । ସେ ପଙ୍ଗପାଲର ଆକୃତି ଯୁଦ୍ଧ ନିମନ୍ତେ ସଜ୍ଜ ଅଶ୍ୱର ନ୍ୟାୟ ମସ୍ତ
୮ କରେ ସୁବର୍ଣ୍ଣ ମୁକୁଟ ଓ ମାନବର ମୁଖର ନ୍ୟାୟ ସେମାନଙ୍କର ମୁଖ ସ୍ତ୍ରୀଲୋ
୯ କର କେଶ ସଦୃଶ ସେମାନଙ୍କର କେଶ ସିଂହ ଦନ୍ତର ନ୍ୟାୟ ଦନ୍ତ ଲୌହ
ବୁକପଟାର ନ୍ୟାୟ ସେମାନଙ୍କର ବୁକପଟା ପୁଣି ରଥରେ ଧାଇଁବାର ବହୁତ
୧୦ ଅଶ୍ୱଯୁକ୍ତ ଅନେକ ରଥର ଶବ୍ଦ ପରି ସେମାନଙ୍କ ପକ୍ଷର ଶବ୍ଦ ହୁଅଇ ଓ ବୃଶ୍ଚର
ଲାଙ୍ଗୁଳର ମଧ୍ୟରେ ନାହୁଡ ଅଛି । ପୁଣି ପାଞ୍ଚମାସ ମନୁଷ୍ୟମାନଙ୍କୁ ହିଂସା
୧୧ କ୍ରିବାକୁ ସେମାନଙ୍କର ପତ୍ରକ୍ରମ । ସେ ପଙ୍ଗପାଲର ରାଜା ଅତଳଗର୍ତ୍ତ
ଦୂତର ଦୂତ ତାହାର ନାମ ଏବ୍ରୀ ଭାଷାରେ ଅବଦ୍ଦୋନ ପୁଣି ଗ୍ରୀକ ଭାଷାରେ
୧୨ ଅପଲ୍ଲୁନ ଅର୍ଥାତ୍ ବିନାଶକ । ଏହି ଏକ ସନ୍ତାପ ଗତ ହେଲା ଦେଖ ଭବି
ଷ୍ୟତ୍ ଆଉ ଦୁଇ ସନ୍ତାପ ସମ୍ଭିକଟ ଅଛି ।
୧୩ ତହିଁ ଷଷ୍ଠ ଦୂତ ତୂରୀ ବଜାନ୍ତେ ଈଶ୍ୱରର ସ୍ୱର୍ଣ୍ଣମୟ ସୁବର୍ଣ୍ଣ ବେଦୀର ଶୃଙ୍ଗ
୧୪ ଚତୁଷ୍ଟୟ ଷଷ୍ଠ ତୂରୀଧାରି ଦୂତର ପ୍ରତି ଉକ୍ତ ଏହି କଥା ଶୁଣିଲି ଫିରାତ
ନାମରେ ମହା ନଦୀରେ ବନ୍ଧ ଯେ ଚାରି ଦୂତ ଅଛନ୍ତି ସେମାନଙ୍କୁ ତୁମ୍ଭେ
୧୫ ମୁକୁଳା ଦିଅ । ତେଣେବେଳେ ଏକ ବତ୍ସର ଏକ ମାସ ଏକ ଦିନ ଏକ ଘଣ୍ଟ ପର୍ଯ୍ୟ
ନ୍ତ ମନୁଷ୍ୟର ତୃତୀୟାଂଶ ନଷ୍ଟ କରିବାକୁ ଯେ ଚାରି ଦୂତ ପ୍ରସ୍ତୁତ କରା ଯାଇ
୧୬ ଥିଲେ ସେମାନେ ମୁକୁଳା ଗଲେ । ସେ ଅଶ୍ୱାରୋହୀଗଣର ସୈନ୍ୟର ସଂଖ୍ୟା
କୋଉଟି କୋଟି ଥିଲେ ପୁଣି ସେ ସଂଖ୍ୟାର କଥା ଆମ୍ଭେ ଶୁଣିଲୁ ।
୧୭ ଏହିରୂପେ ଆମ୍ଭେ ସେହି ଅଶ୍ୱଗଣକୁ ଓ ତାହାର ଆରୋହୀକାରମାନଙ୍କୁ
ଦର୍ଶନ କଲୁ ସେମାନଙ୍କର ବୁକପଟା ଅଗ୍ନି ଓ ନୀଳ ପଥର ଓ ଗନ୍ଧକସ୍ୱରୂପ
ପୁଣି ସିଂହର ମସ୍ତକର ନ୍ୟାୟ ସେ ଅଶ୍ୱଗଣର ମସ୍ତକ ଓ ମୁଖରୁ ଅଗ୍ନି
୧୮ ଧୂମ ଗନ୍ଧକ ବାହାର ହେଲା । ସେ ତିନ ଉତ୍ପାତଠାରୁ ଅର୍ଥାତ୍ ମୁଖରୁ ବାହା
୧୯ ରୁ ଅଗ୍ନି ଧୂମ ଗନ୍ଧକରେ ତୃତୀୟାଂଶ ମନୁଷ୍ୟ ନଷ୍ଟ ହେଲେ । ଆଉ ଅଶ୍ୱ

ମାନଙ୍କର ମୁଖରେ ଓ ଲାଙ୍ଗୂଳରେ ହିଂସା କରିବା ଶକ୍ତି ଥିଲା କାରଣ ସେମା
ନଙ୍କର ଲାଙ୍ଗୂଳ ସର୍ପର ଲାଙ୍ଗୂଳ ପରି ହୋଇ ମୁଣ୍ଡଯୁକ୍ତ ହେବାରୁଂ ସେମାନେ
ତଦ୍ଦ୍ୱାରା ହିଂସା କରନ୍ତି । ପୁଣି ଏହି ଉତ୍ପାତରେ ଅବଶେଷ ଯେଉଂ ମନୁଷ୍ୟ ୧୦
ମାନଙ୍କର ମୃତ୍ୟୁ ନୋହିଲା ସେମାନେ ଦର୍ଶନ ଶ୍ରବଣ ଗମନାଦି କ୍ରିୟାରେ ଅସ
ମର୍ଥ ଏମନ୍ତ ସ୍ୱର୍ଣ ରୂପା ପିତଳ ପଥର କାଷ୍ଠ ନିର୍ମିତ ପ୍ରତିମା ଓ ଭୂତଗଣର ପୂଜା
ତ୍ୟାଗ ନ କରି ସ୍ୱହସ୍ତକୃତ କର୍ମରୁ ମନ ନ ଫେରାଇଲେ ପୁଣି ବଧ କୁହୁକ ୧୧
ବ୍ୟଭିଚାର ଚୌର୍ଯ୍ୟ ଆଦି ଆପଣାମାନଙ୍କର କ୍ରିୟାରୁ ମନ ନ ଫେରାଇଲେ ।

## ୧୦ ପର୍ବ ।

ଏଥିଉତ୍ତାରୁ ଆମ୍ଭେ ଆଉ ଏକ ମହାବଳବନ୍ତ ଦୂତକୁ ସ୍ୱର୍ଗରୁ ଓହ୍ଲାଇବାକୁ ୧
ଦେଖିଲୁଁ । ତାହାର ମେଘବତ୍ର ବସ୍ତ୍ର ପରିଧାନ ଓ ମସ୍ତକର ଉପରେ ମେଘ ୨
ଧନୁ ଓ ସୂର୍ଯ୍ୟର ନ୍ୟାୟ ମୁଖ ଓ ଅଗ୍ନି ଖମ୍ବର ନ୍ୟାୟ ଚରଣ ପୁଣି ହସ୍ତରେ
ଖଣ୍ଡେ ସାନ ମେଲାଇଲା ପୁସ୍ତକ ଅଛି । ସେ ଦକ୍ଷିଣ ଚରଣ ସମୁଦ୍ରର ଉପରେ ୩
ଓ ବାମ ଚରଣ ପୃଥିବୀରେ ରଖି ଠିୟା ହୋଇ ସିଂହ ଗର୍ଜନର ସଦୃଶ ହୁଁକାର
ଶବ୍ଦ କଲା ଓ ଶବ୍ଦ କଲାଉତ୍ତାରେ ମେଘ ଗର୍ଜ୍ଜନର ନ୍ୟାୟ ସାତ ରବ ହେଲା ।
ଏହି ଗର୍ଜ୍ଜନର ସାତ ରବ ହେଲା ଆମ୍ଭେ ତାହାର ବିବରଣ ଲେଖିବାକୁ ୪
ଉଦ୍ୟତ ହେଲୁଁ । ପୁଣି ଆମ୍ଭର ପ୍ରତି ଉକ୍ତ ଏହି ଏକ ଆକାଶବାଣୀ ଶୁଣିଲୁଁ
ମେଘ ଗର୍ଜ୍ଜନର ଶବ୍ଦରେ ଏହି ଯେ ବିବରଣ ପ୍ରକାଶିତ ହେଲା ତାହା ଗୁପ୍ତରେ
ରଖି ନ ଲେଖ । ପୁଣି ସମୁଦ୍ରରେ ଏକ ଚରଣ ଓ ପୃଥିବୀରେ ଏକ ଚରଣ ୫
ଦେଇ ଠିୟା ହେବା ଦୂତକୁ ଯେ ଆମ୍ଭେ ଦେଖିଲୁଁ ସେ ସ୍ୱର୍ଗଆଡେ ଏକହସ୍ତ
ଉଠାଇ ଆକାଶ ମଣ୍ଡଳର ଓ ତହିଁରେ ଯେତେ ବସ୍ତୁର ପୁଣି ପୃଥିବୀର ଓ ୬
ତହିଁରେ ଯେତେ ବସ୍ତୁର ପୁଣି ସମୁଦ୍ରର ଓ ତହିଁରେ ଯେତେ ବସ୍ତୁର ଯେ
ଅନନ୍ତକାଳ ସ୍ଥାୟୀ ଅମର ସୃଷ୍ଟିକର୍ତ୍ତା ତାହାଙ୍କର ନାମ ଉଚ୍ଚାରଣ କରି ଏହି
ରାଣ କଲା ଆଉ ସମୟ ନୋହିବ ପୁଣି ଈଶ୍ୱରଠାରୁ ଆପଣା ଦାସ ଭବି ୭
ଷ୍ୟତ୍‌ବକ୍ତାଗଣର ପ୍ରତି ଯେମନ୍ତ ପ୍ରକାଶିତ ହୋଇ ଥିଲା ସେଉପ ସପ୍ତମ ଦୂତର
କଥା ହେବାର ଦିନରେ ଅର୍ଥାତ୍ ଯେତେବେଳେ ସେ ତୂରୀ ଧ୍ୱନି କରିବାକୁ
ଆରମ୍ଭ କରନ୍ତି ତେତେବେଳେ ଈଶ୍ୱରର ନିଗୂଢ଼ ବାକ୍ୟ ସଫଳ ହେବ ।
ଏଥିଉତ୍ତାରୁ ଯେଉଂ ଆକାଶବାଣୀ ଶୁଣିଥିଲୁଁ ସେ ଆମ୍ଭକୁ ଆଉ ଥରେ କହିଲା ୮
ଯେ ଦୂତ ସମୁଦ୍ରର ଉପରେ ଏକ ଚରଣ ଓ ପୃଥିବୀରେ ଆରେକ ଚରଣ ଦେଇ
ଠିୟା ହୋଇଅଛନ୍ତି ତାହାର ନିକଟରେ ଯାଇ ତାହାଙ୍କର ହସ୍ତରୁ ମେ
ଲାଇଲା କ୍ଷୁଦ୍ର ପୁସ୍ତକ ନିଅ । ତେବେ ଆମ୍ଭେ ସେହି ଦୂତର ନିକଟରେ ଯାଇ ୯

କହିଲୁଁ ଏହି କ୍ଷୁଦ୍ର ପୁସ୍ତକ ଆମ୍ଭକୁ ଦିଅ । ତହିଁରେ ସେ କହିଲେ ନେଇ
ଭୋଜନ କର ଏହା ଉଦରରେ ତିକ୍ତ ରସ ହେବ ପୁଣି ମୁଖରେ ମଧୁର ନ୍ୟାୟ
୧୦ ସୁସ୍ୱାଦୁ ଲାଗିବ । ଏଥିରେ ଆମ୍ଭେ ଦୂତର ହସ୍ତରୁ ସେହି କ୍ଷୁଦ୍ର ପୁସ୍ତକ ନେଇ
ଭୋଜନ କଲେ ମୁଖରେ ଅତି ମଧୁର ରସ ବୋଧ ହେଲା ପୁଣି ଉଦରରେ
୧୧ ପ୍ରବେଶ ହୋଇବାମାତ୍ରେ ତିକ୍ତ ହେଲା ତହୁଁ ସେ ଆମ୍ଭକୁ କହିଲେ । ନାନା
ରାଜ୍ୟର ନାନା ଦେଶର ନାନା ଭାଷାବାଦି ଲୋକମାନଙ୍କର ପୁଣି ନୃପତିବର୍ଗର
ବିଷୟରେ ତୁମ୍ଭକୁ ଆଉଥରେ ଭବିଷତୁବାକ୍ୟ କହିବାକୁ ହେବ ।

## ୧୧ ପର୍ବ ।

୧ ଆମ୍ଭକୁ ମାପର ପଦିକାର ନ୍ୟାୟ ଏକ ନଳ ଦତ୍ତ ହେଲା ପୁଣି ସେ ଦୂତ
ଠିୟା ହୋଇ ଆମ୍ଭକୁ କହିଲେ ଉଠ ଈଶ୍ୱରର ମନ୍ଦିର ଓ ତନ୍ମଧ୍ୟସ୍ଥ ସେବକ
୨ ଗଣର ଓ ବେଦୀର ମାପ କର । ପୁଣି ମନ୍ଦିରର ବାହାର ଅଗଣା ଛାଡ ତା
ହାର ମାପ ନ କର କାରଣ ତାହା ଅନ୍ୟ ଦେଶୀୟମାନଙ୍କୁ ଦତ୍ତ ହୋଇଅଛି
ଆଉ ସେମାନେ ବୟାଳିଶ ମାସ ପର୍ଯ୍ୟନ୍ତେ ପବିତ୍ର ନଗର ପାଦତଳରେ ଦଳି
୩ ପକାଇବେ । ତହୁଁ ଆମ୍ଭେ ଆପଣା ଦୁଇ ସାକ୍ଷିକୁ ପରାକ୍ରମ ଦେବା ତହିଁରେ
ସେମାନେ ଚଟ ପରିଧାନ କରି ଏକ ସହସ୍ର ଦୁଇ ଶତ ଷାଠିଏ ଦିନ ପର୍ଯ୍ୟନ୍ତେ
୪ ଭବିଷ୍ୟତୁବାକ୍ୟ କହିବେ । ସେମାନେ ଜଗତୁ ଈଶ୍ୱରର ଛାମୁସ୍ଥ ଛିଡା ହେ
୫ ବାର ଦୁଇ ଜୀତ ବୃକ୍ଷସ୍ୱରୂପ ଓ ଦୁଇ ପ୍ରଦୀପସ୍ୱରୂପ । ଯେବେ କେହି ସେମା
ନଙ୍କୁ ହିଂସା କରିବାକୁ ଚେଷ୍ଟା କରଇ ତେବେ ସେମାନଙ୍କର ମୁଖରୁ ଅଗ୍ନି
ବାହାର ହୋଇ ସେହି ଶତ୍ରୁକୁ ଭସ୍ମ କରିବ ଯେବେ କେହି ସେମାନଙ୍କର
ହିଂସା କରିବାକୁ ଚେଷ୍ଟା କରଇ ତେବେ ଏହିରୂପରେ ତାହାକୁ ବିନଷ୍ଟ ହେ
୬ ବାକୁ ହେବ । ଆଉ ସେମାନଙ୍କ ଭବିଷ୍ୟତୁବାକ୍ୟ କହିବାର ଦିନ ଯାୟେ ଯେ
ମନ୍ତ ବୃଷ୍ଟି ନୁହଇ ଏହିନିମନ୍ତେ ଆକାଶ ରୁଦ୍ଧ କରିବାକୁ ସେମାନଙ୍କର ପରା
କ୍ରମ ଥିବ । ପୁଣି ଜଳକୁ ରକ୍ତ କରିବାକୁ ଓ ଇଚ୍ଛାମତ ଥରକୁଥର ପୃଥିବୀସ୍ଥ
ଲୋକକୁ ସବୁ ପ୍ରକାର ଉତ୍ପାତଗ୍ରସ୍ତ କରିବାକୁ ସେମାନଙ୍କର ପରାକ୍ରମ ଥିବ ।
୭ ପୁଣି ସେମାନଙ୍କର ସାକ୍ଷ୍ୟ ସମାପ୍ତ ହୁଅନ୍ତେ ଅତଳଶ୍ୱର୍ଶ କୁଣ୍ଡରୁ ଯେ ପଶୁ
ଉଠିବ ସେ ସେମାନଙ୍କର ସଙ୍ଗେ ସଂଗ୍ରାମ କରିବାରେ ଜୟ କରି ସେମାନଙ୍କୁ
୮ ବଧ କରିବେ । ତହିଂରେ ଯେ ନଗରରେ ପ୍ରଭୁ କୃଶରେ ହତ ହୋଇ ଥିଲେ
ପାରମାର୍ଥିକରୂପରେ ସିଦୋମ ଓ ମିଶର ନାମକ ବିଖ୍ୟାତ ସେହି ମହା ନଗରର
୯ ରାଜ ପଥରେ ସେମାନଙ୍କର ଶବ ପଡି ଥିବେ । ପୁଣି ନାନା ରାଜ୍ୟର ବଂଶର

ଏକ ଭାଷାବାଦି ଦେଶର ଲୋକମାନେ ସେହି ଶବକୁ ସାତ ଦିନ ପର୍ଯ୍ୟନ୍ତ ଦେଖିଲେହେଁ ସେମାନଙ୍କୁ କବର ଦେବାକୁ ଅନୁମତି ନ ଦେବେ । ପୁଣି ୧୦ ଏହି ଦୁଇ ଭବିଷ୍ୟଦ୍ବକ୍ତା ପୃଥିବୀସ୍ଥ ସମସ୍ତ ଲୋକଙ୍କୁ ଯନ୍ତ୍ରଣା ଦେଇ ଥିଲେ ଏହି ନିମନ୍ତେ ପୃଥିବୀସ୍ଥ ଲୋକ ସମସ୍ତେ ସେମାନଙ୍କର ଉପରେ କୌତୁକ କରି ଆନନ୍ଦ ହୋଇ ଏକକୁ ଅନ୍ୟେକ ଉପହାର ପ୍ରଦାନ କରିବେ । ସାତ ଦିନ ୧୧ ଦିନର ଉତ୍ତାରେ ସେମାନଙ୍କର ଶରୀରରେ ଈଶ୍ୱରଠାରୁ ଜୀବାତ୍ମା ପ୍ରବେଶ ହେଲା ସେମାନେ ପାଦରେ ଛିଡା ହେବେ ପୁଣି ଏହା ଦେଖି ସମସ୍ତେ ଅତି ଶୟ ଏାସଯୁକ୍ତ ହେବେ । ତହୁଁ ସେମାନଙ୍କର ପ୍ରତି ଏହି ଆକାଶବାଣୀ ଶୁଣି ୧୨ ଲୁଁ ତୁମ୍ଭେମାନେ ଉପରକୁ ଆସ ଏଥିରେ ସେମାନେ ମେଘାରୂଢ ହୋଇ ସ୍ୱର୍ଗରେ ଗମନ କଲେ ଏହା ସେମାନଙ୍କର ଶତ୍ରୁଗଣ ଦର୍ଶନ କଲେ । ଆଉ ୧୩ ସେ କାଳରେ ଏମନ୍ତ ଭୂମିକମ୍ପ ହେଲା ଯେ ଯାହାଠାରୁ ନଗରର ଦଶମାଂଶ ପଡିବାରେ ସାତ ସହସ୍ର ମନୁଷ୍ୟ ମଗ୍ନ ପଡିଲେ । ପୁଣି ଅବଶିଷ୍ଟ ଲୋକମାନେ ୧୪ ଭୀତ ହୋଇ ସ୍ୱର୍ଗସ୍ଥ ଈଶ୍ୱରର ଧନ୍ୟବାଦ କଲେ । ଏହି ଦ୍ୱିତୀୟ ସନ୍ତାପ ଗତ ହେଲା ଦେଖ ତୃତୀୟ ସନ୍ତାପ ଶୀଘ୍ର ଅସୁଅଛି ।

ପୁଣି ସପ୍ତମ ଦୂତ ବଜାନ୍ତେ ଜଗତର ସମୁଦାୟ ରାଜ୍ୟ ଆମ୍ଭମାନଙ୍କର ପ୍ରଭୁର ୧୫ ଓ ତାହାଙ୍କର ଖ୍ରୀଷ୍ଟର* ହେଉଅଛି ପୁଣି ସେ ସଦାକାଳ ରାଜତ୍ୱ କରିବେ ଏହି ମହାରବରେ ସ୍ୱର୍ଗ ବ୍ୟାପ୍ତ ହେଲା । ପୁଣି ଈଶ୍ୱର ଚତୁର୍ଦ୍ଦିକ୍‌ସ୍ଥିତ ସିଂହା ୧୬ ସନୋପବିଷ୍ଟ ଚତୁର୍ବିଂଶତି ପ୍ରାଚୀନ ଲୋକ ଉବୁଡ ହୋଇ ଈଶ୍ୱରର ଧନ୍ୟବାଦ କରି କହିବାକୁ ଲାଗିଲେ । ହେ ସର୍ବଶକ୍ତିମାନ ପ୍ରଭୁ ପରମେଶ୍ୱର ୧୭ ତୁମ୍ଭେ ବର୍ତ୍ତମାନ ଭୂତ ଭବିଷ୍ୟତ୍ କାଳ ସ୍ୱରୂପ ତୁମ୍ଭର ଧନ୍ୟବାଦ କର ଯେ ହେତୁ ତୁମ୍ଭେ ନିଜ ମହାପରାକ୍ରମ ପ୍ରକାଶ କରି ରାଜତ୍ୱ କରିଅଛ । ଦେଶୀୟ ୧୮ ଲୋକମାନେ ତୁମ୍ଭର ପ୍ରତି କ୍ରୁଦ୍ଧ ଥିଲେ ମାତ୍ର ତୁମ୍ଭର କ୍ରୋଧ ପ୍ରକାଶ ଓ ମୃତ ଲୋକମାନଙ୍କର ବିଚାର କରିବାର ସମୟ ଅର୍ଥାତ୍ ତୁମ୍ଭର ଦାସ ଭବିଷ୍ୟଦ୍ବକ୍ତାଗଣ ଓ ସାଧୁ ଲୋକ ଓ ତୁମ୍ଭର ନାମରେ ଭୟକାର ସାନ ଓ ବଡ ଲୋକ ଏମାନଙ୍କୁ ପୁରସ୍କାର ଦେବାର ପୁଣି ପୃଥିବୀର ନାଶକାରମାନଙ୍କୁ ନଷ୍ଟ କରିବାର ସମୟ ଉପସ୍ଥିତ ହେଲା ।

ତହୁଁ ଈଶ୍ୱରର ସ୍ୱର୍ଗୀୟ ମନ୍ଦିରର ଦ୍ୱାର ମେଲା ହେବାରେ ତାହାଁରେ ପ୍ରଭୁର ୧୯ ନିୟମର ସିନ୍ଦୁକ ପ୍ରକାଶ ହେଲା ପୁଣି ବଜ୍ରାଦି ମେଘ ଗର୍ଜ୍ଜନ ଶବ୍ଦ ଭୂମିକମ୍ପ ମହା ଶିଲାବୃଷ୍ଟି ଏହି ସମସ୍ତ ହେବାକୁ ଲାଗିଲା ।

* ଅର୍ଥାତ୍ ମଶୀହର କିମ୍ବା ଅଭିଷେକ ଜନର ।

୩ ପଦ୍ୟ ।

୧ ତଦନନ୍ତରେ ସ୍ୱର୍ଗ ମଧ୍ୟରେ ଏକ ଅତି ଆଶ୍ଚର୍ଯ୍ୟ ଦର୍ଶନ ହେଲା ସୂର୍ଯ୍ୟ ଭୂଷଣା
ଓ ପାଦତଳେ ଚନ୍ଦ୍ର ଧାରଣୀ ଓ ମସ୍ତକେ ଦ୍ୱାଦଶ ନକ୍ଷତ୍ରଯୁକ୍ତ ମୁକୁଟ ଧାରଣୀ
୨ ଗର୍ଭବତୀ ଏକ ସ୍ତ୍ରୀ ଥିଲା ସେ ପ୍ରସବ ବେଦନାରେ ବ୍ୟଥିତା ହୋଇ ଆର୍ତ୍ତସ୍ୱର
୩ କଲା । ପୁଣି ଅନ୍ୟ ଏକ ଆଶ୍ଚର୍ଯ୍ୟ ଦର୍ଶନ ହେଲା ସପ୍ତ ମସ୍ତକରେ ସପ୍ତ ମୁକୁଟ
ଓ ଦଶ ଶୃଙ୍ଗଯୁକ୍ତ ଏକ ରକ୍ତବର୍ଣ୍ଣ ନାଗ ଲାଙ୍ଗୁଳରେ ଆକାଶସ୍ଥ ତୃତୀୟାଂଶ
୪ ନକ୍ଷତ୍ରଗଣକୁ ଆକର୍ଷଣ କର ପୃଥିବୀରେ ନିକ୍ଷେପ କଲା । ଆଉ ସେହ ନାଗ
ପ୍ରସବ ବେଦନାର୍ତ୍ତ ସ୍ତ୍ରୀର ପ୍ରସବ କରିବା ସମୟରେ ତାହାର ସନ୍ତାନକୁ ଗ୍ରାସ
୫ କରିବାକୁ ତାହାର ସମ୍ମୁଖରେ ଯାଇ ଛିଡା ହେଲା । ପୁଣି ଲୌହଦଣ୍ଡ ଦ୍ୱାରା
ସମସ୍ତ ଗୋଜ୍ୟ ଶାସନ କରିବାକୁ ଯାହାଙ୍କ ଏମନ୍ତ ଏକ ପୁତ୍ରକୁ ସେ ସ୍ତ୍ରୀ ପ୍ରସବ
କଲା ତତ୍କ୍ଷଣାତ୍ ସେ ସନ୍ତାନ ଈଶ୍ୱରଙ୍କ ଓ ତାହାର ସିଂହାସନର ନିକଟରେ
୬ ଅଣା ଗଲା । ପୁଣି ଏକ ସହସ୍ର ଦୁଇଶତ ଷାଠିଏ ଦିନ ପର୍ଯ୍ୟନ୍ତ ତାହାର ପ୍ରତି
ପାଳଣ କରିବା ପାଇଁ ଈଶ୍ୱର ଅରଣ୍ୟ ମଧ୍ୟରେ ଯେଉଁସ୍ଥାନ ପ୍ରସ୍ତୁତ କର
ଥିଲେ ସେ ସ୍ଥାନରେ ସେ ସ୍ତ୍ରୀ ପଳାଇଲା ।

୭ ତଦନନ୍ତରେ ସ୍ୱର୍ଗରେ ସଂଗ୍ରାମ ହୋଇଲା ମିଖାୟେଲ ପୁଣି ତାହାର ଦୂତ
ଗଣ ସେହ ନାଗର ସଙ୍ଗେ ଯୁଦ୍ଧ କଲେ ତହିଁରେ ସେହ ନାଗ ଓ ଅପଶାର
୮ ଦୂତଗଣ ଯୁଦ୍ଧ କଲେ ମାତ୍ର ଜୟ କରିବାକୁ ନ ପାରନ୍ତେ ସ୍ୱର୍ଗ ମଧ୍ୟରେ ସେ
ମାନଙ୍କର ସ୍ଥାନ ଆଉ ପ୍ରାପ୍ତ ନୋହିଲା । ପୁଣି ସର୍ପ ଜଗତ ପ୍ରବଞ୍ଚକ ଓ ଅପ
୯ ବାଦକ ନାମରେ ବିଖ୍ୟାତ ପୁରାତନ ସର୍ପ ଅର୍ଥାତ୍ ବୃହତ ନାଗ ଯେ ଶୟ
ତାନ ସେ ନିଜ ଦୂତଗଣର ସଙ୍ଗେ ପୃଥିବୀରେ ନିକ୍ଷିପ୍ତ ହେଲା । ଏଥିରେ ସ୍ୱର୍ଗ
୧୦ ରେ ଆମ୍ଭେ ଏହ ପ୍ରକାର ଏକ ମହା ରବ ଶୁଣିଲୁଁ ଏକ୍ଷଣେ ଆମ୍ଭମାନଙ୍କର
ଈଶ୍ୱରର ପରାଣ ପ୍ରତାପ ଓ ରାଜ୍ୟ ପୁଣି ତାହାଙ୍କ ଖ୍ରୀଷ୍ଟର ପରାକ୍ରମ ଉପ
ସ୍ଥିତ ହୋଇଅଛି ଯେହେତୁ ଦବାରୁଣି ଆମ୍ଭମାନଙ୍କର ଈଶ୍ୱରର ସମ୍ମୁଖରେ
ଅପବାଦ କର ଥାନ୍ତା ଯେ ଭ୍ରାତୃଗଣର ଅପବାଦକ ସେ ଅଧଃପତିତ ହୋଇ
୧୧ ଅଛି । ପୁଣି ସେମାନେ ମୃତ୍ୟୁ ପର୍ଯ୍ୟନ୍ତ ଅପଣା ପ୍ରାଣକୁ ପ୍ରିୟ ନ ମଣି ଯୁବା
ମେଷର ରକ୍ତ ଓ ଅପଣା ସାକ୍ଷ୍ୟ ବାକ୍ୟ ଦ୍ୱାରା ତାହାକୁ ଜୟ କରିଅଛନ୍ତି ।
୧୨ ଏନିମନ୍ତେ ସ୍ୱର୍ଗ ଓ ସ୍ୱର୍ଗ ନିବାସିଲୋକ ଆନନ୍ଦ କରନ୍ତୁ ମାତ୍ର ହେ ପୃଥିବୀ
ଓ ସମୁଦ୍ର ନିବାସିମାନେ ତୁମ୍ଭମାନଙ୍କର ସନ୍ତାପ ହେବ ଯେହେତୁ ଶୟତାନ
ଅପଣା କାଲଲଘ୍ନେ ଜାଣି ଅତି କୋପ ଯୁକ୍ତ ହୋଇ ତୁମ୍ଭମାନଙ୍କଠାରେ
୧୩ ଓହ୍ଲାଇ ଆସିଅଛି । ପୁଣି ସେ ନାଗ ଆପଣାକୁ ପୃଥିବୀରେ ନିକ୍ଷିପ୍ତ ଦେଖି

ସେ ପୁଣି ପ୍ରସବକାରିଣୀ ସ୍ତ୍ରୀର ପ୍ରତି ବିପକ୍ଷତା କଲା । ପୁଣି ସେ ନାଗର ମୁଖର ୧୪
ଯେମନ୍ତ ସେ ସ୍ତ୍ରୀ କାଳ ଦୁଇ କାଳ ଅର୍ଦ୍ଧକାଳ ପର୍ଯ୍ୟନ୍ତ ରକ୍ଷା ପାଏ, ଏହି
ନିମନ୍ତେ ଅରଣ୍ୟରେ ସ୍ୱସ୍ଥାନକୁ ଉଡିବାକୁ ତାହାକୁ ବଡ ଗୃଧ୍ର ପକ୍ଷିର ନ୍ୟାୟ
ଦୁଇ ପକ୍ଷ ଦତ୍ତ ହେଲା । ପୁଣି ସେ ନାଗ ସେ ସ୍ତ୍ରୀକୁ ଉସାଇବାର ନିମନ୍ତେ ୧୫
ଆପଣା ମୁଖରୁ ନଦୀର ନ୍ୟାୟ ସ୍ରୋତ ଜଳ ଉତ୍ସାରଣ କର ତାହାର ପଛେ
ପକାଇଲା । ପୁଣି ପୃଥିବୀ ଆପଣାର ବଦ୍ୱାର ହୋଇ ନାଗର ମୁଖରୁ ବାହାର ୧୬
ହେଲା ନଦୀକୁ ପାନ କର ସ୍ତ୍ରୀର ଉପକାର କଲା । ଏମନ୍ତ ହେଲା ନାଗ ନାଗୁର ୧୭
ପ୍ରତି ଅହୁର କ୍ରୁଦ୍ଧ ହୋଇ ଈଶ୍ୱରର ଆଜ୍ଞା ପାଳଣକାରୀ ଓ ଯୀଶୁ ଖ୍ରୀଷ୍ଟର ସାକ୍ଷୀ
ଏମନ୍ତ ତାହାର ଅବଶିଷ୍ଟ ବଂଶୀୟମାନଙ୍କ ସମସ୍ତର ସଙ୍ଗେ ସଂଗ୍ରାମ କରିବାକୁ ଗଲା ।

୧୩ ପର୍ବ ।

ଅନନ୍ତରେ ଆମ୍ଭେ ସମୁଦ୍ରସ୍ଥ ବାଲୁକାର ଉପରେ ଛିଡା ହୋଇ ସମୁଦ୍ର ୧
ଜଳରୁ ଏକ ପଶୁକୁ ଉଠିବାକୁ ଦେଖିଲୁଁ । ତାହାର ସପ୍ତ ମସ୍ତକ ଓ ଦଶ ଶୃଙ୍ଗ
ପୁଣି ଶୃଙ୍ଗରେ ଦଶ ମୁକୁଟ ପୁଣି ମସ୍ତକରେ ଈଶ୍ୱର ନିନ୍ଦାତ୍ମକ ନାମ ଲେଖା ଅଛୁ ।
ଏମନ୍ତ ଯେଉଁ ପଶୁକୁ ଆମ୍ଭେ ଦେଖିଲୁଁ ସେ ପଶୁ ଚିତାବ୍ୟାଘ୍ରର ନ୍ୟାୟ ପୁଣି ୨
ଭାଲୁକ ସଦୃଶ ତାହାର ଚରଣ ଓ ସିଂହମୁଖର ନ୍ୟାୟ ତାହାର ମୁଖ । ସେହି
ନାଗ ଆପଣାର ପରାକ୍ରମ ସିଂହାସନ ଗୁରୁତ୍ୱର ସମସ୍ତ ତାହାକୁ ସମର୍ପଣ କଲା ।
ସେ ପଶୁର ସାତ ମସ୍ତକର ମଧ୍ୟରେ ଏକ ମସ୍ତକ ଆଘାତରେ ମୃତ ପ୍ରାୟ ଦେ ୩
ଖିଲୁଁ । ପୁଣି ତାହାର ସେ ମରଣ ଘାଲ୍ପ କ୍ଷତ ଭଲ ହେଲା ପୁଣି ପୃଥିବୀସ୍ଥ
ସମୁଦାୟ ଲୋକ ସେ ପଶୁର ବିଷୟରେ ଚମତ୍କାର ଜ୍ଞାନ କଲେ । ସେହି ୪
ନାଗ ତାହାକୁ ଆପଣା ଗୁରୁତ୍ୱ ଭର ସମର୍ପଣ କରିବାରୁ ସମସ୍ତେ ନାଗକୁ
ପ୍ରଣାମ କଲେ । ପୁଣି ସେ ପଶୁର ତୁଲ୍ୟ କେ ଅଛ ଓ ତାହାର ସଙ୍ଗେ କେ
ସଂଗ୍ରାମ କରିବାକୁ ପାରଇ ଏହା ବୋଲି ସେମାନେ ସେ ପଶୁକୁ ପ୍ରଣାମ
କଲେ । ପୁଣି ପଶୁ ଯେମନ୍ତ ଅହଙ୍କାରର କଥା ଓ ନିନ୍ଦା ବାକ୍ୟ କହିବାକୁ ୫
ପାରଇ ଏହି ନିମନ୍ତେ ତାହାକୁ ଏକ ମୁଖ ଦତ୍ତ ହେଲା ଓ ବୟାଳିଶ ମାସ
ପର୍ଯ୍ୟନ୍ତେ ଯୁଦ୍ଧ କରିବାକୁ ପରାକ୍ରମ ପାଏ । ଗଲା । ସେ ଈଶ୍ୱରଙ୍କୁ ଓ ତାହାଙ୍କର ୬
ନାମକୁ ଓ ତାମ୍ବୁକୁ ଓ ସ୍ୱର୍ଗସ୍ଥ ଲୋକମାନଙ୍କୁ ଈଶ୍ୱରର ବିରୁଦ୍ଧରେ ନିନ୍ଦା କର
ବାକୁ ଆପଣା ମୁଖ ବିସ୍ତାର କଲା । ପୁଣି ସାଧୁମାନଙ୍କର ସଙ୍ଗେ ଯୁଦ୍ଧ କର ୭
ସେମାନଙ୍କୁ ଜୟ କରିବାକୁ ପୁଣି ସର୍ବ ବଂଶୀୟ ସର୍ବ ଭାଷାବାଦି ସର୍ବ ଦେଶୀୟ
ଲୋକମାନଙ୍କର ଉପରେ କର୍ତ୍ତୃତ୍ୱ କରିବାକୁ ତାହାକୁ ପରାକ୍ରମ ଦତ୍ତ ହେଲା ।
ଉହାଁରେ ଯେଉଁମାନଙ୍କର ନାମ ଜଗତ୍ପତ୍ତିର ପୂର୍ବରୁ ବଲିକୃତ ଯୁବାମେଷର ୮

ଜୀବନରୂପ ପୁସ୍ତକରେ ଲେଖା ନାହିଁ ସେହି ସମସ୍ତ ପୃଥିବୀସ୍ଥ ଲୋକ ତାହାକୁ
୯ ପ୍ରଣାମ କରିବେ । ଯାହାର କର୍ଣ୍ଣ ଅଛି ସେ ଶୁଣୁ । ଯେଉଁଜନ ଅନ୍ୟକୁ
୧୦ ବନ୍ଦୀ କରି ନେଇ ଯାୟେ ସେ ଆପେ ବନ୍ଦିପଣରେ ଅଣା ଯିବ ପୁଣି ଯେ କେହି
ଖଡ୍ଗରେ ନାଶ କରଇ ସେ ଆପେ ଖଡ୍ଗରେ ନଷ୍ଟ ହେବ । ଏଥିରେ ସାଧୁମା
ନଙ୍କର ଧୈର୍ଯ୍ୟ ଓ ବିଶ୍ୱାସ ଅଛି ।
୧୧ ତଦନନ୍ତରେ ଆମ୍ଭେ ଆଉ ଏକ ପଶୁକୁ ପୃଥିବୀରୁ ଉଠିବାକୁ ଦେଖିଲୁଁ
ତାହାର ଯୁବାମେଷର ତୁଲ୍ୟ ଦୁଇ ଶୃଙ୍ଗ ଥିଲା ପୁଣି ସେ ନାଗପରି କଥା
୧୨ କହିଲା । ସେ ପ୍ରଥମ ପଶୁର ସାକ୍ଷାତରେ ତାହାର ସମସ୍ତ କର୍ତ୍ତାପଣ କଲା ପୁଣି
ଯେ ପ୍ରଥମ ପଶୁର ମୃତବତ୍ର କ୍ଷତ ଭଲ ହେଲା ତାହାକୁ ପୃଥିବୀକୁ ଓ ପୃଥିବୀସ୍ଥ
୧୩ ସବୁ ଲୋକକୁ ପ୍ରଣାମ କରାଇଲା । ପୁଣି ମନୁଷ୍ୟର ସାକ୍ଷାତରେ ସ୍ୱର୍ଗରୁ ପୃଥି
ବୀରେ ଅଗ୍ନି ବୃଷ୍ଟି ହୁଅଇ ଏମନ୍ତ ନାନା ଆଶ୍ଚର୍ଯ୍ୟ କ୍ରିୟା ଦେଖାଇ ପଶୁର ସାକ୍ଷା
ତରେ ଆଶ୍ଚର୍ଯ୍ୟ କ୍ରିୟା କରିବାକୁ ତାହାକୁ ଯେଉଁ ପରାକ୍ରମ ଦତ୍ତ ହୋଇ ଥିଲା
୧୪ ତାହା ଦ୍ୱାରା ପୃଥିବୀସ୍ଥ ଲୋକମାନଙ୍କର ଭ୍ରାନ୍ତି ଜନ୍ମାଇଲା । ପୁଣି ଯେଉଁ ପଶୁ
ଖଡ୍ଗ ଆଘାତରେ କ୍ଷତ ମସ୍ତକ ହୋଇ ଜୀବିତ ଅଛି ତାହାର ପ୍ରତିମା ନିର୍ମ୍ମାଣ
୧୫ କରିବାକୁ ପୃଥିବୀସ୍ଥ ଲୋକମାନଙ୍କୁ ଆଜ୍ଞା ଦେଲେ । ଆଉ ସେହି ପଶୁର ପ୍ରତିମା
ଯେମନ୍ତ କଥା କହିବାକୁ ପାରଇ ପୁଣି ଯେ କେହି ସେ ପଶୁର ପ୍ରତିମାକୁ
ନ ଭଜିବ ତାହାକୁ ବଧ କରାଯିବ ଏଥିପାଁଇ ପଶୁର ପ୍ରତିମାର ପ୍ରାଣ ପ୍ରତିଷ୍ଠା
୧୬ କରିବାକୁ ତାହାକୁ ପରାକ୍ରମ ଦତ୍ତ ଥିଲା । ପୁଣି ସାନ କି ବଡ ଧନୀ କି ଦରିଦ୍ର
ବନ୍ଧା କି ମୁକ୍ତ ସମସ୍ତର ଦକ୍ଷିଣ ହସ୍ତରେ କି କପାଳରେ ତାହାର ଚିହ୍ନ ଧାରଣ
୧୭ କରାଇଲା । ଆଉ ସେ ପଶୁର ଚିହ୍ନ କିଅବା ନାମ କିଅବା ନାମର ସଂଖ୍ୟା
ଯେ କେହି ଧାରଣ ନ କରଇ ତାହାକୁ କ୍ରୟବିକ୍ରୟ କରିବାକୁ ନିଷେଧ କଲା ।
୧୮ ଏଥିରେ ଜ୍ଞାନ ଅଟଇ ଏନିମନ୍ତେ ଯେଉଁ ଜନ ଜ୍ଞାନବନ୍ତ ସେ ଏହି ପଶୁର
ସଂଖ୍ୟା ଗଣନା କରୁ ଯେହେତୁ ତାହାର ମନୁଷ୍ୟର ଗଣନାରେ ଛଅ ଶତ
ଛଷଠି ସଂଖ୍ୟା ହୁଅଇ ।

## ୧୪ ପର୍ବ ।

୧ ପୁଣି ଦେଖୁଂ୨ ସୀୟୋନ ପର୍ବତର ଉପରେ ଠିୟା ହେବାର ଏକ ଯୁବାମେ
ଷକୁ ଆଉ ପିତାର ନାମ କପାଳରେ ଲେଖା ଏକ ଲକ୍ଷ ଚୌରାଳିଶ ସହସ୍ର
୨ ଲୋକକୁ ଆମ୍ଭେ ଦେଖିଲୁଁ । ପୁଣି ସ୍ୱର୍ଗରୁ ସମୂହ ଜଳର କଲ୍ଲୋଳର ଓ ଗଭୀର
ମେଘଗର୍ଜନର ନ୍ୟାୟ ଧ୍ୱନୀ ଶୁଣିଲୁଁ ଆହୁରି ବୀଣା ବାଦ୍ୟକାରିଗଣର ବୀଣା
୩ ଶବ୍ଦ ଶୁଣିଲୁଁ । ଆଉ ସିଂହାସନର ଶ୍ଚମୁରେ ଚାରି ପ୍ରାଣିର ଓ ପ୍ରାଚୀନଗଣର

ସାକ୍ଷାତରେ ସେମାନେ ଏକ ନୂତନ ଗୀତ ଗାନ କଲେ । ପୁଣି ପୃଥିବୀରୁ
ମୁକ୍ତ ଏକ ଲକ୍ଷ ଚୌରାଳିଶ ସହସ୍ର ଲୋକ ବିନୁ ଆଉ କେହି ସେ ଗୀତ ଶିକ୍ଷି
ବାକୁ ନ ପାରିଲେ । ସେମାନେ ଶୁଚି ହେବାରୁଂ ବେଶ୍ୟା ସଂସର୍ଗରେ ଅପବି ୪
ତ୍ରୀକୃତ କେବେ ନୁହନ୍ତି । ପୁଣି ଯେ କୌଣସି ସ୍ଥାନରେ ଯୁବାମେଷ ଗମନ
କଲେ ସେ ସ୍ଥାନରେ ସେମାନେ ତାହାଙ୍କର ପଶ୍ଚାତ୍ରଗାମି ହୋଇଲେ ପୁଣି
ମନୁଷ୍ୟର ମଧ୍ୟରୁ ମୁକ୍ତ ହୋଇ ଈଶ୍ୱରର ଓ ଯୁବାମେଷର ଉଦ୍ଦେଶରେ ପ୍ରଥମ
ଜାତ ଫଳସ୍ୱରୂପ ହୁଅନ୍ତି । ସେମାନଙ୍କର ମୁଖରେ କୌଣସି କପଟ ପ୍ରାପ୍ତ ୫
ନୁହଇ ସେମାନେ ଈଶ୍ୱରର ସିଂହାସନର ଶ୍ରୁମୁରେ ନିର୍ଦ୍ଦୋଷ ହୁଅନ୍ତି ।

ତଦନନ୍ତରେ ଆମ୍ଭେ ପୃଥିବୀର ସର୍ବ ଦେଶୀୟ ସର୍ବ ବଂଶୀୟ ସର୍ବ ଭାଷାବାଦ ୬
ସର୍ବ ରାଜ୍ୟ ଲୋକମାନଙ୍କର ପ୍ରତି ଘୋଷଣା କରିବାର ନିମନ୍ତେ ଅନନ୍ତ ସ୍ଥାୟି
ମଙ୍ଗଳସମାଚାର ପ୍ରାପ୍ତ ଆକାଶ ମଧ୍ୟରେ ଉଡନ୍ତା ଆରେକ ଦୂତକୁ ଦେଖିଲୁଁ
ସେ ଉଚ୍ଚସ୍ୱର କରି କହିଲା ଈଶ୍ୱରଙ୍କର ବିଚାର ସମୟ ଉପସ୍ଥିତ ଏନିମନ୍ତେ ୭
ତାହାଙ୍କୁ ଭୟ କରି ତାହାଙ୍କର ମହିମା ପ୍ରକାଶ କର ଆଉ ଯେ ଆକାଶମଣ୍ଡଳ
ପୃଥିବୀ ସମୁଦ୍ର ନିର୍ଝର ଇତ୍ୟାଦି ସମସ୍ତର ସୃଷ୍ଟି କରିଅଛନ୍ତି ତାହାଙ୍କୁ ଭଜନା
କର । ପୁଣି ଆଉ ଏକ ଦୂତ ତାହାର ପଶ୍ଚାତ୍ରଗାମୀ ହୋଇ ଏହି କଥା କହିଲା ୮
ବାବେଲ ନାମରେ ଯେ ମହାନଗରୀ ସେ ପତିଗଲା ସେ ପତିଗଲା ଯେହେତୁ
କୋପ ଓ ବ୍ୟଭିଚାରରୂପ ମଦିରା ସବୁ ଦେଶୀୟ ଲୋକକୁ ପାନ କରାଇଅଛି ।
ପୁଣି ତାହାର ପଛେ ଆଉ ଏକ ଦୂତ ଆସି ଉଁଚସ୍ୱର କରି କହିଲା ଯେବେ ୯
କେହି ସେହି ପଶୁକୁ କିଅବା ତାହାର ପ୍ରତିମାକୁ ପ୍ରଣାମ କରଇ ଅଥବା
ତାହାର ଚିହ୍ନ ଆପଣା କପାଳରେ କି ହସ୍ତରେ ଧାରଣ କରଇ ତେବେ ସେ ଜଣ
ଈଶ୍ୱରର କୋପରୂପ ଯେ ଅମିଶ୍ରିତ ମଦିରା ଦଣ୍ଡରୂପ ପାତ୍ରରେ ଢଳା ଯାଇ ୧୦
ଅଛି ସେ ମଦିରା ପାନ କରିବ ପୁଣି ପବିତ୍ର ଦୂତଗଣର ଓ ଯୁବାମେଷର ସାକ୍ଷା
ତରେ ଗନ୍ଧିକ ଅଗ୍ନିରେ ଯନ୍ତ୍ରଣା ପାଇବ । ଆଉ ଯେଉଂମାନେ ସେହି ପଶୁକୁ ୧୧
କିବା ତାହାର ପ୍ରତିମାକୁ ନମସ୍କାର କରନ୍ତି ଓ ତାହାର ନାମର ଚିହ୍ନ ଧାରଣ
କରନ୍ତି ସର୍ବଦା ସେମାନଙ୍କର ଯାତନାର ଧୂମ ଉଠିବ ପୁଣି ସେମାନେ ଦିବା
ରାତ୍ରିର ମଧ୍ୟରେ ବିଶ୍ରାମ ନ ପାଇବେ । ଏଥିରେ ସାଧୁମାନଙ୍କର ଅଥଚ ଈଶ୍ୱ ୧୨
ରର ଅଜ୍ଞା ଓ ଖ୍ରୀଷ୍ଟର ଧର୍ମ ପାଳଣକାରିମାନଙ୍କର ଧୈର୍ଯ୍ୟ ପ୍ରକାଶିତ ଅଛି ।
ଅନନ୍ତରେ ଆମ୍ଭର ପ୍ରତି ଉକ୍ତ ଏହି ଆକାଶବାଣୀ ଶୁଣିଲୁଁ ଲେଖ ଯେଉଂ ୧୩
ମାନେ ପ୍ରଭୁରେ ଥାଇ ମରନ୍ତି ସେମାନେ ଏକ୍ଷଣରୁ ଧନ୍ୟ ଆତ୍ମହିଁ ଏମନ୍ତ
କହନ୍ତି ଯେହେତୁ ସେମାନେ ଆପଣାମାନଙ୍କର ଶ୍ରମରୁ ବିଶ୍ରାମ ପାନ୍ତି ପୁଣି
ସେମାନଙ୍କର କର୍ମ ସେମାନଙ୍କର ପଶ୍ଚାତ୍ରଗାମୀ ହୁଅଇ ।

୧୪ ତଦନନ୍ତରେ ଦେଖୁଂ। ଶ୍ୱେତବର୍ଣ୍ଣ ମେଘ ପୁଣି ତହିଁପରେ ସ୍ୱର୍ଣ୍ଣ କିରୀଟ ଓ
ହସ୍ତରେ ତୀକ୍ଷ୍ଣ ଦା ଧାରି ମନୁଷ୍ୟ ପୁତ୍ରର ନ୍ୟାୟ ଏକ ଜଣକୁ ଅମ୍ଭେ ଦେଖିଲୁଁ
୧୫ ପୁଣି ମନ୍ଦିରରୁ ଆଉ ଏକ ଦୂତ ବାହାର ହୋଇ ସେ ମେଘାରୂଢ଼ ଜଣକୁ
ଉଚ୍ଚୈସ୍ୱରରେ କହିଲା ପୃଥିବୀର ଶସ୍ୟ ସମସ୍ତ ପରିପକ୍ୱ ହେବାରେ ଶସ୍ୟ
ଚ୍ଛେଦନର ସମୟ ଉପସ୍ଥିତ ଏନିମନ୍ତେ ତୁମ୍ଭେ ଦା ଲଗାଇ ଶସ୍ୟ ଚ୍ଛେଦନ
୧୬ କର । ତେଣୁ ମେଘାରୂଢ଼ ଜଣ ଆପଣାର ଦା ଲଗାଇ ପୃଥିବୀର ଶସ୍ୟ ଚ୍ଛେ
୧୭ ଦନ କରନ୍ତେ ପୃଥିବୀର ସମୁଦାୟ ଶସ୍ୟ କଟା ହେଲା । ତଦନନ୍ତରେ ସ୍ୱର୍ଗସ୍ଥ
୧୮ ମନ୍ଦିରରୁ ଆଉ ଏକ ତୀକ୍ଷ୍ଣ ଦା ଧାରି ଦୂତ ବାହାର ହେଲେ ଅଗ୍ନିର ଅଧିପତି
ଏକ ଦୂତ ଯଜ୍ଞବେଦୀଠାରୁ ବାହାର ହୋଇ ସେ ତୀକ୍ଷ୍ଣ ଦା ଧାରି ଜଣକୁ
ଉଚ୍ଚୈସ୍ୱରରେ ଏହି କଥା କହିଲା ପୃଥିବୀସ୍ଥ ଦ୍ରାକ୍ଷା ଫଳ ସମସ୍ତ ପରିପକ୍ୱ
ହୋଇଅଛି ଏନିମନ୍ତେ ଆପଣା ତୀକ୍ଷ୍ଣ ଦା ଲଗାଇ ପୃଥିବୀର ଦ୍ରାକ୍ଷା ଫଳର
୧୯ ଯେଣ୍ଡା ଚ୍ଛେଦନ କର । ତହିଁରେ ଦୂତ ପୃଥିବୀରେ ଦା ଦେଇ ଦ୍ରାକ୍ଷାର ଦ୍ରାକ୍ଷା
ଫଳ ଚ୍ଛେଦନ କରି ଈଶ୍ୱରର କ୍ରୋଧରୂପ ଯେଷଣୀ ଯନ୍ତ୍ରରେ ଢାଳି। ପକାଇଲା ।
୨୦ ପୁଣି ନଗରର ବାହାରେ ସେ ଯେଷଣୀ ଯନ୍ତ୍ରରେ ଢାଳା ଯେଷଣ କଲେ ଢା
ମଧ୍ୟରୁ ରକ୍ତ ବାହାର ହୋଇ ଏକ ଶ କୋଶ ଘୋଡ଼କ ଊର୍ଦ୍ଧ୍ୱରେ ଅଶ୍ୱ
ଲଗାମ ପର୍ଯ୍ୟନ୍ତେ ବ୍ୟାପ୍ତ ହେଲା ।

## ୧୫ ପଦ୍ୟ ।

୧ ପୁଣି ସ୍ୱର୍ଗରେ ଅମ୍ଭେ ଅଉ ଏକ ବଡ ଆଶ୍ଚର୍ଯ୍ୟ ଚିହ୍ନ ଦେଖିଲୁଁ ଅର୍ଥାତ୍
ଯେଉଁ ଉତ୍ପାତରେ ଈଶ୍ୱରର କ୍ରୋଧ ସଫଳ ହୁଅଇ ଏମନ୍ତ ଉତ୍ପାତକାରୀ
୨ ସାତ ଦୂତକୁ ଦେଖିଲୁଁ । ପୁଣି ଅଗ୍ନି ମିଶ୍ରିତ ଏକ କାଚମୟ ସମୁଦ୍ର ପ୍ରାପ୍ତ
ଯାଏଁକୁ ଦେଖିଲୁଁ । ଏଥିରେ ଯେଉଁମାନେ ସେହି ପଶୁକୁ ପୁଣି ତାହାର
ପ୍ରତିମାକୁ ଓ ତାହାର ନାମର ଚିହ୍ନ ଓ ସଂଖ୍ୟାକୁ ଜୟ କରିଅଛନ୍ତି ସେମାନେ
୩ ଈଶ୍ୱରର ସାଙ୍ଗାଧାଡ଼ୀ ହୋଇ ସେ କାଚମୟ ସମୁଦ୍ରରେ ଠିଆ। ହୋଇ ଈଶ୍ୱ
ରର ଦାସ ମୋଶାର ଓ ମେଷଶାବକଙ୍କର ଗୀତନରେ ସ୍ତବ କରି କହିଲେ ।
ହେ ସର୍ବଶକ୍ତିମାନ୍ ପ୍ରଭୁ ପରମେଶ୍ୱର ତୁମ୍ଭର କର୍ମ ଅତି ମହତ୍ତ ଓ ଆଶ୍ଚର୍ଯ୍ୟ ହେ
୪ ସାଧୁମାନଙ୍କର* ରାଜା ତୁମ୍ଭର ପଥ ସରଳ ଓ ଯଥାର୍ଥ ଏନିମନ୍ତେ ହେ ପ୍ରଭୁ
କେ ତୁମ୍ଭକୁ ଭୟ ନ କରିବ ପୁଣି କେ ତୁମ୍ଭର ନାମର ଗୌରବ ନ କରିବ
ଯେଣୁ କେବଳ ତୁମ୍ଭେ ଧାର୍ମିକ ଅଟ । ତୁମ୍ଭର ଦଣ୍ଡ ସପ୍ରକାଶ ହେବାରେ
ସର୍ବ ଦେଶୀୟ ଲୋକମାନେ ଆସି ତୁମ୍ଭର ସମ୍ମୁଖରେ ଭଜନା କରିବେ ।

* ଅନ୍ୟ। ଦେଶୀୟମାନଙ୍କର ।

ଏଉତ୍ତାରୁ ଆମ୍ଭେ ଦେଖୁଁ ୧ ସ୍ୱର୍ଗରେ ସାକ୍ଷ୍ୟ ତମ୍ବୁର ନ୍ୟାୟ ମନ୍ଦିରର ଦ୍ୱାର ୫
ମେଲା ଦେଖିଲୁଁ । ଏଥିରେ ପବିତ୍ର ଶୁଭ୍ରବର୍ଣ୍ଣ ବସ୍ତ୍ରାନ୍ୱିତ ପୁଣି ବକ୍ଷସ୍ଥଳରେ ୬
ସୁବର୍ଣ୍ଣ ପଟ୍ଟକା ବନ୍ଧା ଏମନ୍ତ ସାତ ଉତ୍ପାତ ଜନକ ସାତ ଦୂତ ମନ୍ଦିରରୁ ବାହାର
ହୋଇଲେ ଚାରି ପ୍ରାଣିର ମଧ୍ୟରେ ଏକ ପ୍ରାଣୀ ଅନନ୍ତକାଳସ୍ଥାୟି ଈଶ୍ୱ
ରର କ୍ରୋଧରେ ପରିପୂର୍ଣ୍ଣ ସାତ ସୁବର୍ଣ୍ଣ ପାତ୍ର ସେ ସାତ ଦୂତକୁଂ ଦେଲେ ।
ଆଉ ଈଶ୍ୱରର ତେଜ ଓ ପରାକ୍ରମ ଜାତ ଯେ ଧୂମ ତହିଂରେ ମନ୍ଦିର ପରି ୭
ପୂର୍ଣ୍ଣ ହେଲା ପୁଣି ଯେ ପର୍ଯ୍ୟନ୍ତେ ସେ ସାତ ଦୂତର ସାତ ଉତ୍ପାତ ସମାପ୍ତ ନୋ ୮
ହିଲା ତାବତ୍ ଜେହି ମନ୍ଦିରର ମଧ୍ୟରେ ପ୍ରବେଶିବାକୁ ନ ପାରିଲା ।

## ୧୬ ପର୍ବ ।

ଏଥୁଁ ମନ୍ଦିରରୁ ସେ ସାତ ଦୂତର ପ୍ରତି ଉକ୍ତ ଏହି ମହା ରବ ଶୁଣିଲୁଁ ୧
ତୁମ୍ଭେମାନେ ଯାଇ ଈଶ୍ୱରୀୟ କ୍ରୋଧର ସାତ ପାତ୍ର ପୃଥିବୀରେ ଢାଳି ଦିୟ ।
ପ୍ରଥମ ଦୂତ ପୃଥିବୀରେ ଆପଣା ପାତ୍ର ଢାଳିଲେ ପଶୁର ନାମାଙ୍କିତ ପୁଣି ୨
ତାହାର ପ୍ରତିମା ସେବକ ମନୁଷ୍ୟମାନଙ୍କର ଶରୀରରେ ଗଳିତ ଓ ବ୍ୟଥିତ
ଘାଆ ହୋଇଲା ।
ଦ୍ୱିତୀୟ ଦୂତ ଆପଣା ପାତ୍ର ନେଇ ସମୁଦ୍ରର ଉପରେ ଢାଳିଲେ ସମୁଦ୍ରର ୩
ଜଳ ମୃତଲୋକର ରକ୍ତ ସଦୃଶ ହେବାରେ ତାହା ମଧ୍ୟସ୍ଥ ଜୀବଜନ୍ତୁ ସମସ୍ତଇ
ପ୍ରାଣ ତ୍ୟାଗ କଲେ ।
ତୃତୀୟ ଦୂତ ସମସ୍ତ ନଦୀରେ ଓ ନିର୍ଝରରେ ଆପଣାର ପାତ୍ର ଢାଳି ଦେଲା । ୪
ତହିଂରେ ସମସ୍ତ ଜଳ ରକ୍ତ ହୋଇ ଗଲା । ତେବେ ଜଳାଧିପତି ଦୂତରୁ ଏହି ୫
ରୂପ କଥା ଶୁଣିଲୁଁ ହେ ପ୍ରଭୁ ବର୍ତ୍ତମାନ୍ ଭୂତ ଭବିଷ୍ୟତ୍ ତ୍ରିକାଳ ସ୍ୱରୂପ ତୁମ୍ଭେ
ଯଥାର୍ଥକାରୀ ଏହି ନିମନ୍ତେ ଏମନ୍ତ ଯଥାର୍ଥ ବିଚାର କରିଅଛ । ଯେହେତୁ ୬
ଲୋକମାନେ ତୁମ୍ଭର ସାଧୁଗଣର ଓ ଭବିଷ୍ୟତ୍ରବକ୍ତୁଗଣର ରକ୍ତପାତ କରି
ଥିଲେ ଏକାରଣ ତୁମ୍ଭେ ସେମାନଙ୍କୁ ରକ୍ତ ପାନ କରିବାକୁ ଦେଇଅଛ ଯେଣୁ
ସେମାନେ ଯୋଗ୍ୟବନ୍ତ । ଅନନ୍ତରେ ବେଦୀର ନିକଟରୁ ଆଉ ଏକ ଦୂତର ୭
ଏହି କଥା ଶୁଣିଲୁଁ । ଏମନ୍ତ ହେଉ ହେ ସର୍ବଶକ୍ତିମାନ୍ ପ୍ରଭୁ ପରମେଶ୍ୱର
ତୁମ୍ଭର ଦଣ୍ଡ ସମସ୍ତଇ ସତ୍ୟ ଓ ଯଥାର୍ଥ ।
ଚତୁର୍ଥ ଦୂତ ଆପଣା ପାତ୍ର ସୂର୍ଯ୍ୟର ଉପରେ ଢାଳିଲେ ତାହାକୁ ଅଗ୍ନିରେ ୮
ମନୁଷ୍ୟମାନଙ୍କୁ ଦଗ୍ଧ କରିବାକୁ ପରାକ୍ରମ ଦିୟା ଗଲା । ତହିଂରେ ମନୁଷ୍ୟମା ୯
ନେ ଅତ୍ୟନ୍ତ ସନ୍ତାପରେ ଦଗ୍ଧ ହୋଇ ଏହି ସମସ୍ତ ଉତ୍ପାତର କର୍ତ୍ତା ଯେ

ଈଶ୍ୱର ତାହାଙ୍କର ନାମର ନିନ୍ଦା କଲେ ମାତ୍ର ତାହାଙ୍କର ଗୌରବ କରିବା
ପାଇଁ ମନ ନ ଫେରାଇଲେ ।
୧୦ ପଞ୍ଚମ ଦୂତ ଆପଣା ପାତ୍ର ସେହି ପଶୁର ସିଂହାସନର ଉପରେ ଢାଳି
ଦେଲେ । ତହିଁରେ ତାହାର ରାଜ୍ୟ ଅନ୍ଧକାରମୟ ହେଲା ପୁଣି ଲୋକମା
୧୧ ନେ ବେଦନା ସକାଶେ ଆପଣାମାନଙ୍କର ଜିହ୍ୱାକୁ କାମୋଡିଲେ । ପୁଣି ଆପ
ଣାମାନଙ୍କର ବେଦନା ଓ ଘାଆ ସକାଶେ ସ୍ୱର୍ଗୀୟ ଈଶ୍ୱରକୁ ନିନ୍ଦା କଲେ
ମାତ୍ର ଆପଣାମାନଙ୍କର କୁକର୍ମର ମନ ନ ଫେରାଇଲେ ।
୧୨ ଷଷ୍ଠ ଦୂତ ଆପଣା ପାତ୍ର ଫରାତ୍ ନାମରେ ମହାନଦୀରେ ଢାଳିଲେ ।
ତହିଁରେ ପୂର୍ବଦଗସ୍ଥ ନୃପତିବର୍ଗର ପଥ ପ୍ରସ୍ତୁତ ହେବା ଅର୍ଥରେ ସେ ନଦୀର
୧୩ ଜଳ ଶୁଷ୍କ ହୋଇଗଲା । ପୁଣି ସେହି ନାଗର ଓ ପଶୁର ଓ ଭଣ୍ଡ ଭବିଷ୍ୟଦ୍
ବକ୍ତାର ମୁଖରୁ ବେଙ୍ଗର ନ୍ୟାୟ ତିନ ଅଶୁଚି ଆତ୍ମା ବାହାର ହେବାକୁ
୧୪ ଦେଖିଲୁଁ । ସେ ଭୂତାତ୍ମଗଣ ଅଦ୍ଭୁତକ୍ରିୟାମାନ୍ ଈଶ୍ୱରର ମହା ଦିନରେ ଯୁଦ୍ଧର
ନିମନ୍ତେ ପୃଥିବୀସ୍ଥ ସମସ୍ତ ରାଜାମାନଙ୍କୁ ଏକତ୍ର କରିବାକୁ ସେମା
୧୫ ନଙ୍କର ନିକଟରେ ଗମନାଗମନ କର ଆଶ୍ଚର୍ଯ୍ୟ କ୍ରିୟା ଦେଖାଇଲେ । ପୁଣି
ଏବ୍ରୀ ଭାଷାରେ ହର୍ମିଗିଦ୍ଦୋନ ନାମରେ ବଖ୍ୟାତ [ଅର୍ଥାତ୍ ମିଗିଦ୍ଦୋନ ପର୍ବ
୧୬ ତରେ] ସେମାନଙ୍କୁ ସଂଗ୍ରହ କର ଏକତ୍ର କଲେ । ଦେଖ ଆମ୍ଭେ ଚୋରର
ନ୍ୟାୟ ଆସୁଅଛୁଁ ଯେ ଜଣ ଜାଗ୍ରତ ହୋଇ ଉଲଗ୍ନ ନ ବୁଲଇ ଆଉ ତାହାର
ଲଜ୍ଜା ବିଷୟ ଯେମନ୍ତ ଦେଖା ନ ଯାଏ, ଏଥିପାଇଁ ଆପଣା ବସ୍ତ୍ର ସଜାଡ
କରଇ ସେ ଧନ୍ୟ ।
୧୭ ପୁଣି ସପ୍ତମ ଦୂତ ଆପଣା ପାତ୍ର ଆକାଶର ମଧ୍ୟରେ ଢାଳିଲେ ତହିଁରେ
ସମାପ୍ତ ହୋଇଅଛୁ ଏହି ଏକ ମହାରବ ସ୍ୱର୍ଗୀୟ ମନ୍ଦିର ଓ ସିଂହାସନରୁ ବା
୧୮ହାର ହେଲା । ଅବର ଶବ୍ଦ ମେଘଗର୍ଜ୍ଜନ ଓ ବଜ୍ରଧ୍ୱନି ହେଲା ପୁଣି ପୃଥିବୀ ଅବଧି
ଯେରୂପ ବଡ ଭୂମିକମ୍ପ କେହି କେବେ ଦେଖି ନାହିଁ ଏମନ୍ତ ଅତି ଘୋର
୧୯ ଭୂମିକମ୍ପ ହେଲା । ଏଥିରେ ପ୍ରଧାନ ନଗର ତିନ ଖଣ୍ଡରେ ବିଭକ୍ତ ହେଲା ପୁଣି
ନାନା ଦେଶର ନଗର ଭୂମିସାତ ହେଲା ବିଶେଷରେ ବାବିଲ ନାମରେ ମହା
ନଗରୀକୁ ଆପଣା ପ୍ରଚଣ୍ଡକ୍ରୋଧରୂପ ମଦ୍ୟର ପାତ୍ର ଦେବାକୁ ଈଶ୍ୱରର ସ୍ମର
୨୦ ଣରେ ପଡିଲା । ପୁଣି ପ୍ରତ୍ୟେକ ଦ୍ୱୀପ ପଳାଇଲା ଓ ପର୍ବତ ସମସ୍ତ ଲୁଚି
୨୧ ଲେ । ପୁଣି ଆକାଶରୁ ଏକ ମହାଶ ପରିମିତ ଶିଳା ବୃଷ୍ଟି ହେଲା । ଏହି ଶିଳା
ବୃଷ୍ଟିରୂପ ଉତ୍ପାତ ସକାଶେ ସେମାନେ ଈଶ୍ୱରର ନିନ୍ଦା କଲେ ଯେହେତୁ
ତହିଁର ଅତ୍ୟନ୍ତ ବଡ ଉତ୍ପାତ ହେଲା ।

## ୧୭ ପର୍ବ ।

ସେ ପାଞ୍ଚ ଧାରି ସାତ ଦୂତର ମଧ୍ୟରେ ଜଣେ ନିକଟରେ ଆସି ଆମ୍ଭର ୧
ସଙ୍ଗରେ ଆଳାପ କରି କହିଲା ଏଠାରେ ଆସ ପୃଥିବୀସ୍ଥ ନୃପତିବର୍ଗ ଯେଉଂ ୨
ବେଶ୍ୟାର ସଙ୍ଗରେ ବ୍ୟଭିଚାର କର୍ମ କରିଅଛନ୍ତି ପୁଣି ପୃଥିବୀର ନିବାସିମାନେ
ଯାହାର ଲମ୍ପଟତାରୂପ ମଦ୍ୟପାନରେ ମତ୍ତ ହୋଇଅଛନ୍ତି ସେହି ଜଳ ରାଶିର
ଉପରେ ଉପବିଷ୍ଟ ପ୍ରଧାନ ବେଶ୍ୟାର ଦଣ୍ଡ ତୁମ୍ଭକୁ ଦେଖାଇବା । ସେ ଏହା ୩
ବୋଲି ଆତ୍ମରେ ଆମ୍ଭକୁ ଅରଣ୍ୟ ମଧ୍ୟରେ ନେଇ ଗଲା । ତହିଁରେ ନିନ୍ଦା
ରୂପ ନାମରେ ପରିପୂର୍ଣ୍ଣ ସିନ୍ଦୂର ବର୍ଣ୍ଣ ସର୍ବଶରୀର ଓ ସପ୍ତ ମସ୍ତକ ଓ ଦଶ ଶୃଙ୍ଗ
ଯୁକ୍ତ ଏକ ପଶୁ ଆରୋହଣରେ ଜଣେ ନାରୀକୁ ଦେଖିଲୁଁ । ସେ ନାରୀ ବାଇ ୪
ଗଣିଯା ଓ ସିନ୍ଦୂର ବର୍ଣ୍ଣ ବସ୍ତ୍ର ପରିହିତ ପୁଣି ସୁବର୍ଣ୍ଣ ମଣି ମୁକ୍ତାଦିରେ ବିଭୂଷିତା
ଓ ଆପଣା ବ୍ୟଭିଚାରରୂପ ଘୃଣାଜନକ ଅଶୁଚି ସାମଗ୍ରୀରେ ପରିପୂର୍ଣ୍ଣ ଏକ
ସୁବର୍ଣ୍ଣ ପାଞ୍ଚ ହସ୍ତରେ ପୁଣି ନିଗୂଢ ତତ୍ତ୍ୱ ଓ ପ୍ରଧାନ ବାବେଲ ଓ ସବୁ ପୃଥି ୫
ବୀର ବ୍ୟଭିଚାର ଓ ଅଶୁଚି କ୍ରିୟାର ଜନନୀ ଏହି ଏହି ନାମ ତାହାର କପା
ଳରେ ଲେଖିତ । ଆଉ ସାଧୁଗଣର ଓ ଯୀଶୁର ସାକ୍ଷିଗଣର ରକ୍ତରେ ମତ୍ତା ୬
ସେ ନାରୀକୁ ଦେଖିଲୁଁ ପୁଣି ଦେଖନ୍ତେ ଆମ୍ଭର ଅତିଶୟ ଆଶ୍ଚର୍ଯ୍ୟ ଜ୍ଞାନ
ହେଲା । ତହିଂରେ ସେ ଦୂତ ଆମ୍ଭକୁ କହିଲା ତୁମ୍ଭେ ଆଶ୍ଚର୍ଯ୍ୟ ଜ୍ଞାନ କରୁଅଛ ୭
କିପାଁ ସେ ନାରୀର ପୁଣି ସାତ ମସ୍ତକ ଦଶ ଶୃଙ୍ଗଯୁକ୍ତ ସେ ନାରୀର ବାହନର
ନିଗୂଢ ତତ୍ତ୍ୱ ତୁମ୍ଭକୁ ଜଣାଇବା । ତୁମ୍ଭେ ଯେ ପଶୁକୁ ଦେଖିଅଛ ସେ ପୂର୍ବରେ ୮
ଥିଲା ପୁଣି ଏକ୍ଷଣେ ନାହିଂ ପୁନର୍ବାର ସେ ଅତଳସ୍ପର୍ଶ କୁଣ୍ଡରୁ ଉଠି ବିନାଶ
ପାଇବ । ସୃଷ୍ଟିକାଳାବଧି ଜୀବନ ପୁସ୍ତକରେ ଯେଉଂମାନଙ୍କର ନାମ ଲେଖିତ
ନାହିଂ ଏମନ୍ତ ପୃଥିବୀସ୍ଥ ଲୋକେ ଭୂତ ଓ ଏକ୍ଷଣେ ଅବର୍ତ୍ତମାନ ଓ ଭବିଷ୍ୟତ୍ର
ପଶୁକୁ ଦେଖି ଆଶ୍ଚର୍ଯ୍ୟ ଜ୍ଞାନ କରିବେ । ବୁଦ୍ଧିମନ୍ତ ଲୋକ ଏହା ବୁଝୁନ୍ତୁ । ଯା ୯
ହାର ଉପରେ ସେ ନାରୀ ବସୁଅଛି ତାହାର ସାତ ମସ୍ତକ ସପ୍ତ ପର୍ବତସ୍ୱରୂପ
ପୁଣି ସେ ସାତ ପର୍ବତ ସାତ ରାଜାରସ୍ୱରୂପ ସେମାନଙ୍କର ପାଞ୍ଚ ଜଣ ପତିତ ୧୦
ହୋଇଅଛନ୍ତି ଏକ ବର୍ତ୍ତମାନ ଅଛି ଆଉ ଏକ ଏକ୍ଷଣେ ହୋଇ ନାହିଂ
ହେଲେ ଅଳ୍ପକ୍ଷଣ ଥିବ । ଯେଉଂ ପଶୁ ଭୂତ ଓ ଏକ୍ଷଣେ ଅବର୍ତ୍ତମାନ ସେ ଅଷ୍ଟମ ୧୧
ପୁଣି ସପ୍ତ ରାଜାର ମଧ୍ୟରୁ ଉତ୍ପନ୍ନ ହୋଇ ବିନଷ୍ଟ ହେବ । ତୁମ୍ଭେ ଯେଉଂ ଦଶ ୧୨
ଶୃଙ୍ଗ ଦେଖିଅଛ ସେ ଦଶ ରାଜାସ୍ୱରୂପ ସେମାନେ ଅଦ୍ୟାପି ରାଜ୍ୟ ପ୍ରାପ୍ତ
ହୋଇ ନାହାନ୍ତି ପୁଣି ପଶୁର ସଙ୍ଗେ ଏକ ମୂହୂର୍ତ୍ତେ ରାଜାର ପରାକ୍ରମ ପାଇ
ବେ । ସେମାନେ ଏକ ପରାମର୍ଶ ହୋଇ ଆପଣାମାନଙ୍କର ପରାକ୍ରମ ଓ ଶକ୍ତି ୧୩

୧୪ ପଶୁକୁ ଦେଇ ଯୁବାମେଷର ସଙ୍ଗେ ସଂଗ୍ରାମ କରବେ । ପୁଣି ଯୁବାମେଷ ସେ
ମାନଙ୍କୁ ଜୟ କରବେ ଯେହେତୁ ସେ ପ୍ରଭୁଗଣର ପ୍ରଭୁ ଓ ରାଜାମାନଙ୍କର
ରାଜା ପୁଣି ଯେଉଁମାନେ ତାହାଙ୍କର ସଙ୍ଗରେ ଥାନ୍ତି ସେମାନେ ଆହ୍ୱାନିତ ଓ
୧୫ ମନୋନୀତ ଓ ବିଶ୍ୱସ୍ତ । ପୁଣି ସେ ଆମ୍ଭକୁ ଆହୁରି କହିଲା ତୁମ୍ଭେ ଯେଉଁ ଜଳ
ରାଶିରେ ବେଶ୍ୟାକୁ ଉପବିଷ୍ଟ ହେବାକୁ ଦେଖିଅଛ ସେହି ଜଳରାଶି ରାଜ୍ୟ
୧୬ ଓ ଦେଶୀୟ ଓ ଭାଷାବାଦି ଲୋକ ସମୂହ ଜାଣିବ । ଆଉ ପଶୁରେ ଯେଉଁ ଦଶ
ଶୃଙ୍ଗ ଦେଖିଅଛ ସେମାନେ ସେ ବେଶ୍ୟାକୁ ଘୃଣା କରବେ ପୁଣି ତାହାକୁ
ଦୀନହୀନ ଓ ନଗ୍ନଲା କର ତାହାର ମାଂସ ଭୋଜନ କରବେ ପୁଣି ତାହାକୁ
୧୭ ଅଗ୍ନିରେ ଦଗ୍ଧ କରବେ । ଯେ ପର୍ଯ୍ୟନ୍ତ ଅପଣା ଉକ୍ତବାକ୍ୟ ସଫଳ ନ ହୁଏ
ତାବତ୍ ପର୍ଯ୍ୟନ୍ତ ଈଶ୍ୱର ଆପଣା ମନସ୍ଥ ସିଦ୍ଧକରବାକୁ ପୁଣି ଏକ ବାକ୍ୟ କର
୧୮ ସେହି ପଶୁକୁ ରାଜ୍ୟ ପ୍ରଦାନ କରବାକୁ ସେମାନଙ୍କର ପ୍ରବୃତ୍ତି ଦେବେ । ଆଉ
ତୁମ୍ଭେ ଯେ ନାରୀକ ଦେଖିଅଛ ସେ ପୃଥିବୀସ୍ଥ ରାଜାଗଣର ଉପରେ କର୍ତ୍ତୃତ୍ୱ
କାରିଣୀ ମହାନଗରୀ ଜାଣିବ ।

୧୮ ପଦ୍ୟ ।

୧ ତଦନନ୍ତରେ ଅମ୍ଭେ ଆଉ ଏକ ମହାବଳବାନ ଦୂତକୁ ସ୍ୱର୍ଗରୁ ଓହ୍ଲାଇ
୨ ବାକୁ ଦେଖିଲୁଁ ତାହାର ତେଜରେ ପୃଥିବୀ ଆଲୁ�ମୟ ହେଲା । ପୁଣି ସେ
ମହା ଶବ୍ଦ କର ଉଚ୍ଚ ସ୍ୱରରେ କହିଲା ବାବେଲ ମହାନଗରୀ ପଡ଼ିଗଲା ପଡ଼ି
ଗଲା ତାହା ଭୂତଗଣର ବାସସ୍ଥାନ ଓ ସମସ୍ତ ଅଶୁଚି ଭୂତର ଆବାସ ଓ ସମସ୍ତ
୩ ଅପବିତ୍ର ଘୃଣାସ୍ପଦ ପକ୍ଷିର ପିଞ୍ଜରସ୍ୱରୂପ ହୋଇଅଛି । ଯେହେତୁ ସମସ୍ତ ଦେଶୀୟ
ଲୋକ ତାହାର ବ୍ୟଭିଚାରର ଜାତ କୋପରୂପ ମଦ୍ୟ ପାନ କରଅଛନ୍ତି ପୁଣି ପୃଥି
ବୀସ୍ଥ ସବୁ ନୃପତିବର୍ଗ ତାହାର ସଙ୍ଗେ ବ୍ୟଭିଚାର କର୍ମକରଅଛନ୍ତି ପୁଣି ତାହାର
ସୁଖଭୋଗର ବାହୁଲ୍ୟ ସକାଶୁ ପୃଥିବୀସ୍ଥ ବଣିୟାମାନେ ଧନବନ୍ତ ହୋଇଅଛନ୍ତି ।
୪ ଅନନ୍ତରେ ସ୍ୱର୍ଗରୁ ଉକ୍ତ ଆହୁରି ଏହି ଏକ ରବ ଶୁଣିଲୁଁ ହେ ଆମ୍ଭର ଲୋକେ
ତୁମ୍ଭେମାନେ ଯେମନ୍ତ ଏହି ବାବେଲର ପାପର ଭାଗୀ ନ ହୁଅ ଓ ତାହାର
ଉତ୍ପାତରେ ଗ୍ରସ୍ତ ନ ହୁଅ ଏଥିପାଇଁ ତାହାର ମଧ୍ୟରୁ ବାହାରକୁ ଅସ ।
୫ ଯେହେତୁ ତାହାର ପାପ ସ୍ୱର୍ଗ ପର୍ଯ୍ୟନ୍ତ ଉଠିଅଛି ପୁଣି ତାହାର ଦୁଷ୍କର୍ମ ଈଶ୍ୱ
୬ ରର ସ୍ମରଣରେ ଆସିଅଛି । ସେ ତୁମ୍ଭମାନଙ୍କୁ ଯେରୂପ ଦାନ କରଅଛି ତୁମ୍ଭେ
ମାନେଇ ତାହାକୁ ତାଦୃଶ ପ୍ରତିଦାନ କର ପୁଣି ତାହାର କ୍ରିୟାର ସଦୃଶ
ଦ୍ୱିଗୁଣ ପ୍ରତିଫଳ ଦିଅ ସେ ଯେ ପାନପାତ୍ର ପ୍ରସ୍ତୁତ କରଅଛନ୍ତି ତହିଁରେ
୭ ତାହାକୁ ଦ୍ୱିଗୁଣ ଦିଅ । ସେ ଯେତେ ଆପଣାକୁ ଗୌରବ କରଅଛି ଓ ସୁଖରେ

କାଳକ୍ଷେପଣ କରିଅଛୁ ତାହାକୁ ଛେଚେ ଯନ୍ତ୍ରଣା ଓ ଶୋକ ଦିଅ, ଯେହେତୁ ଆମ୍ଭେ ବଧବା ନୋହୁ ପୁଣି ହୋଇ ବସିଅଛୁ, ଆଉ କଦାପି ଶୋକ ନ ପାଇବା ଅଯଶା ମନେ। ଏନମନ୍ତେ ଏକ ଦିନରେ ୮
ତାହାକୁ ଏହି ସମସ୍ତ ଉତ୍ପାତ ପଡିବ ଅର୍ଥାତ୍ ମାରି ଓ ଶୋକ ଓ ଦୁର୍ଭିକ୍ଷ ପଡିଲେ ଶେଷରେ ଅଗ୍ନିରେ ଦଗ୍ଧ ହେବ ଯେହେତୁ ତାହାର ବିଚାରକର୍ତ୍ତା ସର୍ବଶକ୍ତିମାନ ପ୍ରଭୁ ପରମେଶ୍ୱର । ପୁଣି ପୃଥିବୀର ଯେ ସମସ୍ତ ରାଜା ତାହାର ୯
ସଙ୍ଗରେ ବ୍ୟଭିଚାର କର୍ମ ଓ ସୁଖରେ କାଳକ୍ଷେପଣ କରିଅଛନ୍ତି ସେମାନେ ତାହାର ଦହନର ଧୂମ ଦେଖି ବିଳାପ ଓ କ୍ରନ୍ଦନ କରିବେ । ପୁଣି ତାହାର ୧୦
ଯନ୍ତ୍ରଣାରେ ଭୟ ସକାଶେ ଦୂରରେ ଠିଆ ହୋଇ ଏହି କଥା କହିବେ ହାୟ ହାୟ ମହାନଗରୀ ବାବିଲ୍ ହେ ବଳବାନ ନଗର ଏକ ଦଣ୍ଡରେ ତୁମ୍ଭର ଦଣ୍ଡ ଉପସ୍ଥିତ ହୋଇଅଛୁ । ପୁଣି ପୃଥିବୀସ୍ଥ ବାଣିଜ୍ୟକାରମାନେ ତାହାର ୧୧
ନମନ୍ତେ କ୍ରନ୍ଦନ ଓ ବିଳାପ କରିବେ ଯେହେତୁ ସେମାନଙ୍କର ବାଣିଜ୍ୟର ସାମଗ୍ରୀ ଆଉ କେହି ନ କିଣିବେ । ସୁନା ରୂପା ମଣି ମୁକ୍ତା ସୂକ୍ଷ୍ମବସ୍ତ୍ର ବା ୧୨
ଇଗଣିପ୍ସା ବର୍ଣ୍ଣ ସିନ୍ଦୂରବର୍ଣ୍ଣ ବସ୍ତ୍ର ପଟ୍ଟବସ୍ତ୍ର ଚନ୍ଦନାଦି କାଷ୍ଠ ହସ୍ତିଦନ୍ତର ସବୁ ପ୍ରକାର ପାତ୍ର ଓ ବହୁମୂଲ୍ୟ କାଷ୍ଠର ପିତ୍ତଳର ଲୌହର ମର୍ମ୍ମରର ସବୁ ୧୩
ପ୍ରକାର ପାତ୍ର ପୁଣି ଦାଲଚିନି ସୁଗନ୍ଧଦ୍ରବ୍ୟ ମର୍ଦ୍ଦନର ଦ୍ରବ୍ୟ ଗନ୍ଧରସ ମଦିରା ତୈଳ ଉତ୍ତମ ଶୁଜି ଗହମ ଗୋରୁ ମେଣ୍ଢା ଘୋଡା ରଥ ଦାସ ମନୁଷ୍ୟ ମାନଙ୍କର ପ୍ରାଣ ଇତ୍ୟାଦି ବାଣିଜ୍ୟର ସାମଗ୍ରୀ । ଆଉ ତୁମ୍ଭର ପ୍ରାଣର ବାଞ୍ଛିତ ୧୪
ଫଳ ସମସ୍ତ ଓ ସବୁ ସୁସ୍ୱାଦୁ ଓ ମନୋହର ଦ୍ରବ୍ୟ ସମସ୍ତ ତୁମ୍ଭଠାରୁ ଗଲେ ତୁମ୍ଭେ ଆଉ କେବେହେଁ ସେ ସମସ୍ତର ଉଦ୍ଦେଶ ନ ପାଇବ । ପୁଣି ସେ ୧୫
ସମସ୍ତ ବ୍ୟବସାୟୀରେ ଧନବନ୍ତ ହୋଇଅଛନ୍ତି ଏମନ୍ତ ସମସ୍ତ ମହାଜନ ତାହାର ଯନ୍ତ୍ରଣାର ଭୟରେ ଦୂରରେ ଠିଆ ହୋଇ କ୍ରନ୍ଦନ ଓ ବିଳାପ କରି ୧୬
କହିବେ ହାୟ ହାୟ ହେ ମହାନଗର ତୁମ୍ଭେ ସରୁ ବସ୍ତ୍ରରେ ବାଇଗଣୀଆ ରଙ୍ଗର ବସ୍ତ୍ରରେ ସିନ୍ଦୂରବର୍ଣ୍ଣ ବସ୍ତ୍ରରେ ବସ୍ତ୍ରାନ୍ୱିତ ସୁବର୍ଣ୍ଣ ମଣି ମୁକ୍ତାଦି ଭୂଷଣରେ ଭୂଷିତ ଥିଲ ପୁଣି ଏବେ ଏକ ଦଣ୍ଡର ମଧ୍ୟରେ ସେ ସମସ୍ତ ସମ୍ପତ୍ତିର ଲୋପ ହୋଇଅଛୁ । ପୁଣି ଜାହାଜର କର୍ତ୍ତାଗଣ ଜଳଯାତ୍ରରେ ୧୭
ସେଠାକର ଗମନକାରୀ ସମସ୍ତ ଓ ନାବିକ ଲୋକ ପୁଣି ସମୁଦ୍ରସ୍ଥିତ ବ୍ୟବସାୟି ଲୋକ ସମାନେ ଦୂରରେ ଠିଆ ହୋଇ ନଗର ଦାହର ଊର୍ଦ୍ଧ୍ୱଗତ ଧୂଆଁ ୧୮
ଦେଖି ଉଚ୍ଚୈଃସ୍ୱରରେ କହିବେ ସମସ୍ତ ମହାନଗରୀର ତୁଲ୍ୟ ଆଉ କ ନଗରୀ ଅଛୁ । ଏହା ବୋଲି ସେମାନେ ମସ୍ତକରେ ଧୂଳି ପକାଇ କ୍ରନ୍ଦନ ଓ ବିଳାପ ୧୯
କରି ଉଚ୍ଚ କର କହିବେ ହାୟ ହାୟ ଯେ ମହାନଗରୀର ଐଶ୍ୱର୍ଯ୍ୟରେ

ସକଳ ସମୁଦ୍ରର ଜାହାଜୀୟ କର୍ତ୍ତାମାନେ ଅନକନ୍ଦା ହୋଇଅଛନ୍ତି ଏମନ୍ତ
୧୦ ନଗରୀ ଏକ ଦଣ୍ଡର ମଧ୍ୟରେ ଉଚ୍ଛିନ୍ନ ହୋଇ ଗଲା । ପୁଣି ହେ ସ୍ୱର୍ଗୀୟ ଲୋକ
ସାଧୁ ଲୋକ ପ୍ରେରିତଗଣ ଭବିଷ୍ୟଦ୍ବକ୍ତାଗଣ ସମସ୍ତେ ତୁମ୍ଭେମାନେ ଏଥିରେ
ଆନନ୍ଦ କର ଯେହେତୁ ଈଶ୍ୱର ତୁମ୍ଭମାନଙ୍କର ହେତୁରୁ ଏହାର ଏମନ୍ତ ସମୁ
ଚିତ ଦଣ୍ଡ ଦେଲେ ।
୧୧ ଅନନ୍ତରେ ଏକ ବଳବନ୍ତ ଦୂତ ବଡ ଚକ୍କ ଏକ ପଥର ସଦୃଶ ଖଣ୍ଡେ
ପଥର ନେଇ ସମୁଦ୍ରରେ ପକାଇ କହିଲା ଏହାର ତୁଲ୍ୟ ଏହ ବଡ ବାବେଲ
ନଗରୀ ବଳରେ ଉଲେ ପକାଇ ଦିଆଯିବ ଆଉ କେବେହେଁ ତାହାର ଉଦ୍ଦେଶ
୧୨ ପ୍ରାପ୍ତ ନ ହୋଇବ । ଏନମନ୍ତେ ଗାଣାବାଦକ ଓ ବାଦ୍ୟକର ଓ ବଂଶିବାଦକର
ଓ ତୂରୀବାଦକ ଏମାନେ ତୁମ୍ଭମାନଙ୍କର ମଧ୍ୟରେ ଆଉ ଯନ୍ତ୍ର ନ ବଜାଇବେ
ପୁଣି ବ୍ୟବସାୟୀ ନମନ୍ତେ କୌଣସି ପ୍ରକାର ଶିଳ୍ପକାରୀ ତୁମ୍ଭର ମଧ୍ୟରେ ଆଉ
ପ୍ରାପ୍ତ ନ ହେବେ ପୁଣି ଚକ୍କ ଯେସଣର ଶବ୍ଦ ତୁମ୍ଭର ମଧ୍ୟରେ ଆଉ ଶୁଣା ନ
୧୩ ଯିବ । ପୁଣି ଅଉ ପ୍ରଦୀପର ଆଲୁଅ ତୁମ୍ଭର ମଧ୍ୟରେ ଆଉ ଦେଖା ନ ହେବ
ବର କନ୍ୟାର କଥାଇ ତୁମ୍ଭର ମଧ୍ୟରେ ଆଉ ଶୁଣା ନ ଯିବ ଯେହେତୁ
ତୁମ୍ଭର ବାଣିଜ୍ୟମାନେଇ ପୃଥିବୀର ମଧ୍ୟରେ ପ୍ରଧାନ ଥିଲେ ପୁଣି ତୁମ୍ଭର
୧୪ ମାୟାରେ ଦେଶୀୟ ଲୋକ ସମସ୍ତେଇ ମୋହିତ ହେଲେ । ଅଉ ଭବିଷ୍ୟଦ୍ବ
କ୍ତାଗଣ କ ସାଧୁମାନେ ପୃଥିବୀରେ ଯେତେ ଲୋକର ବଧ ହୋଇଅଛନ୍ତି
ସମସ୍ତର ରକ୍ତ ତୁମ୍ଭର ମଧ୍ୟରେ ପ୍ରାପ୍ତ ହେଲା ।

## ୧୯ ପବ୍ବ ।

୧ ତଦନନ୍ତରେ ସ୍ୱର୍ଗରୁ ଜକ୍ତ ଅନେକ ଲୋକର ଏହ ଏକ ମହା ଶବ୍ଦ ଶୁଣିଲୁଁ
ହାଲ୍ଲିଲୂୟା* ଆମ୍ଭମାନଙ୍କର ପ୍ରଭୁ ପରମେଶ୍ୱରର ପ୍ରଚ ପରତ୍ରାଣ ପ୍ରତାପ
୨ ସମ୍ମାନ ଓ ଶକ୍ତି ଅଟନ୍ତି । ପୁଣି ତାହାଙ୍କର ସମସ୍ତ ଦଣ୍ଡ ଯଥାର୍ଥ ଓ ନ୍ୟାୟ ଯେ
ହେତୁ ଯେଉଁ ମହା ବେଶ୍ୟା ଅପଣା ବ୍ୟଭିଚାର କ୍ରିୟାରେ ପୃଥିବୀସ୍ଥ ଲୋ
କକୁ ଭ୍ରଷ୍ଟ କରଥିଲା ସେ ତାହାର ଦଣ୍ଡ କର ଆପଣା ସେବକମାନଙ୍କର ରକ୍ତ
୩ ପାଉର ପ୍ରତିଫଳ ତାହାକୁ ଦେଇଅଛନ୍ତି । ସେମାନେ ପୁନର୍ବାର କହିଲେ
୪ ହାଲ୍ଲିଲୂୟା ପୁଣି ତାହାର ଧୂଆଁ ନଉଥୀ ଉଠିଲା । ଆଉ ସେହ ଚବିଶ ପ୍ରା
ଚୀନ ଓ ଚାରି ପ୍ରାଣୀ ଜବୁତ ହୋଇ ସିଂହାସନସ୍ଥ ଈଶ୍ୱରର ଭଜନା କର
୫ କହିଲେ ଆମେନ ହାଲ୍ଲିଲୂୟା । ଇହାଁଉତ୍ତର ସେହ ସିଂହାସନରୁ ଏହ ଏକ
ଶବ୍ଦ ହେଲା ହେ ଈଶ୍ୱରଙ୍କ ସେବକଗଣ ହେ ତାହାଙ୍କର ଭୟକାରୀଗଣ

* ଅର୍ଥାତ୍ ପରମେଶ୍ୱରର ଧନ୍ୟବାଦ କର ।

ତୁମ୍ଭେମାନେ ସାନ ହୁଅ କି ବଡ ହୁଅ ସମସ୍ତେ ଆମ୍ଭମାନଙ୍କର ଈଶ୍ୱରର ପ୍ରଶଂସା କର । ପୁଣି ଅପାର ଜଳର କଲ୍ଲୋଳ ଧ୍ୱନ ଓ ଘୋର ମେଘ ଗର୍ଜ୍ଜନ ୭
ଶବ୍ଦର ତୁଲ୍ୟ ଲୋକ ସମୂହର ବହୁ ରବ ଶୁଣିଲୁଁ ହାଲ୍ଲଲୂୟା। ଯେହେତୁ ସର୍ବ
ଶକ୍ତିମାନ ପ୍ରଭୁ ପରମେଶ୍ୱର ରାଜତ୍ୱ କରନ୍ତି । ଆସ ଆମ୍ଭେମାନେ ଆନନ୍ଦ ଓ ୭
ଉଲ୍ଲାସ କରୁଁ ଓ ତାହାଙ୍କର ସମ୍ମାନ କରୁଁ ଯେହେତୁ ମେଷଶାବକର ବିବାହ
ଉପସ୍ଥିତ ହୋଇ ତାହାଙ୍କର କନ୍ୟା ଆପଣାକୁ ସୁସଜ୍ଜିତ କରିଅଛି । ତାହାକୁ ୮
ନର୍ମ୍ମଳ ସରୁ ଶୁକ୍ଳ ବସ୍ତ୍ର ପରିଧାନ କରିବାକୁ ଦତ୍ତ ହେଲା ସେ ସରୁ ବସ୍ତ୍ରକୁ
ସାଧୁମାନଙ୍କର ପୁଣ୍ୟ କାର୍ଯ୍ୟ କୁହାଯାଏ । ତହୁଁ ସେ ଆମ୍ଭର ଏହି କଥା କହିଲା ଯେ ୯
ମାନେ ମେଷଶାବକର ବିବାହ ଭୋଜରେ ନିମନ୍ତ୍ରିତ ହୁଅନ୍ତି ସେମାନେ ଧନ୍ୟ
ଏହା ଲେଖ ସେ ପୁନର୍ବାର ଆମ୍ଭକୁ କହିଲା ଏହି ସମସ୍ତ ଈଶ୍ୱରର ସତ୍ୟ
ବାକ୍ୟ । ଏଥିରେ ଆମ୍ଭେ ତାହାଙ୍କୁ ପ୍ରଣାମ କରିବାକୁ ତାହାଙ୍କର ଚରଣରେ ୧୦
ପଡିଲୁ ସେ ଆମ୍ଭକୁ କହିଲା ସାବଧାନ ଏହା ନ କର ଯେମନ୍ତ ତୁମ୍ଭେ ଓ
ଯୀଶୁର ସାକ୍ଷ୍ୟଯୁକ୍ତ ତୁମ୍ଭର ଭ୍ରାତୃଗଣ ତେମନ୍ତ ଆମ୍ଭେ ତୁମ୍ଭମାନଙ୍କର ମଧ୍ୟ
ରେ ଏକଜଣ ସହଦାସ ଅଟୁଁ ଈଶ୍ୱରଙ୍କୁ ପ୍ରଣାମ କର । ଯେହେତୁ ଯୀଶୁର
ବିଷୟରେ ସାକ୍ଷ୍ୟ ଭବିଷ୍ୟତ୍ ବାକ୍ୟର ସାର ।

ଅନନ୍ତରେ ଆମ୍ଭେ ଦେଖୁଁ। ସ୍ୱର୍ଗ ଦ୍ୱାର ମେଲା ହୁଅନ୍ତେ ଏକ ଧଳା ୧୧
ଅଶ୍ୱକୁ ଦର୍ଶନ କଲୁଁ । ତାହାର ଉପରେ ଯେ ଅରୋହଣ କରିଥିଲେ
ତାହାଙ୍କୁ ବିଶ୍ୱାସୀ ଓ ସତ୍ୟବାଦୀ କରି କହନ୍ତି ସେ ଯଥାର୍ଥରୂପରେ ବିଚାର ଓ
ଯୁଦ୍ଧ କରନ୍ତି । ତାହାଙ୍କର ଚକ୍ଷୁ ଅଗ୍ନି ଶିଖାତୁଲ୍ୟ ତାହାଙ୍କର ମସ୍ତକରେ ୧୨
ଅନେକ ମୁକୁଟ ପୁଣି ତହିଁରେ ଏମନ୍ତ ଏକ ନାମ ଲେଖା ଯେ ତାହା ଆପେ
ବିନା ଅନ୍ୟ କେହି ନ ଜାଣନ୍ତି । ଆଉ ରକ୍ତରେ ବୁଡଲା ତାହାଙ୍କର ପରିଧାନ ୧୩
ବସ୍ତ୍ର ଓ ତାହାଙ୍କର ବାକ୍ୟାତ ନାମ ଈଶ୍ୱରର ବାକ୍ୟ । ପୁଣି ସ୍ୱର୍ଗର ସୈନ୍ୟଗଣ ୧୪
ଶୁକ୍ଳବର୍ଣ୍ଣ ନର୍ମ୍ମଳ ସରୁ ବସ୍ତ୍ରାନ୍ୱିତ ଓ ଶ୍ୱେତ ଅଶ୍ୱାରୂଢ ହୋଇ ତାହାଙ୍କର
ପଛେ। ଗମନ କଲେ । ତାହାର ମୁଖରୁ ନିର୍ଗତ ଯେ ଏକ ତୀକ୍ଷ୍ଣ ଖଡ୍ଗ ତାହା ୧୫
ଦ୍ୱାରା ସେ ଅନ୍ୟ ଦେଶର ପ୍ରହାର କରନ୍ତି ପୁଣି ଲୌହ ଦଣ୍ଡ ଦ୍ୱାରା ସେମାନଙ୍କୁ
ଶାସନ କରନ୍ତି ସେ ସର୍ବଶକ୍ତିମାନ ଈଶ୍ୱରର ପ୍ରଚଣ୍ଡ କ୍ରୋଧ ସ୍ୱରୂପ ଦ୍ରାକ୍ଷା
ପେଷଣ ଯନ୍ତ୍ରରେ ସେମାନଙ୍କୁ ଦଳଣ କରନ୍ତି । ଆଉ ରାଜାମାନଙ୍କର ରାଜା ୧୬
ଓ ପ୍ରଭୁମାନଙ୍କର ପ୍ରଭୁ ଏହି ନାମ ତାହାଙ୍କର ବସ୍ତ୍ରର ଓ ଜଙ୍ଘର ଉପରେ
ଲେଖା ଅଛି ।

ଅନନ୍ତରେ ଆମ୍ଭେ ସୂର୍ଯ୍ୟର ମଧ୍ୟରେ ଠିଆ ହେବାର ଏକ ଦୂତକୁ ଦେ ୧୭
ଖିଲୁଁ ସେ ଆକାଶରେ ଉଡବାର ସବୁ ପକ୍ଷିର ପ୍ରତି ଉଚ୍ଚ ଶବ୍ଦରେ ଡାକିଲା

୧୮ ଆହୁରି ସମସ୍ତେ ପରମେଶ୍ୱରର ବଡ଼ ଭୋଜରେ ଆସି ସଭାସ୍ଥ ହୁଅ । ପୁଣି
ରାଜଗଣର ସେନାପତିବର୍ଗର ବଳିମି ଲୋକମାନଙ୍କର ଅଶ୍ୱଗଣର ଅଶ୍ୱାରୂଢ
ଗଣର ପୁଣି ମୁକ୍ତ ବଦ୍ଧ ସାନ ବଡ଼ ସମସ୍ତ ମନୁଷ୍ୟଗଣର ମାଂସ ଭକ୍ଷଣ କର ।
୧୯ ସେ ଅଶ୍ୱାରୂଢ ଜନର ଓ ତାହାଙ୍କର ସୈନ୍ୟର ସଙ୍ଗେ ଯୁଦ୍ଧ କରିବାକୁ
ସେହି ପଶୁକୁ ଓ ସୈନ୍ୟ ସାମନ୍ତର ସଙ୍ଗେ ପୃଥିବୀସ୍ଥ ରାଜାଗଣକୁ ଏକତ୍ର
୨୦ ହେବାକୁ ଦେଖିଲୁଁ । ତହିଁରେ ସେହି ପଶୁ ପୁଣି ତାହାର ସଙ୍ଗେ ଯେଉଁ
ଭଣ୍ଡ ଭବିଷ୍ୟଦ୍ବକ୍ତା ତାହାର ସାକ୍ଷାତରେ ଆଶ୍ଚର୍ଯ୍ୟ କର୍ମମାନ କର ପଶୁର
ଚିହ୍ନ ଗ୍ରାହ୍ୟମାନଙ୍କୁ ଓ ତାହାର ପ୍ରତିମା ପୂଜକମାନଙ୍କୁ ଭୁଲାଇ ଥିଲେ ସେହି
ଦୁହେଁ ଧରା ପଡିଲେ । ସେମାନେ ଜୀବନ୍ତ ଥାଇ ଅଗ୍ନି ଓ ଗନ୍ଧକରେ
୨୧ ଜ୍ୱଳିତ ହ୍ରଦରେ ନିକ୍ଷିପ୍ତ ହେଲେ । ଅବଶିଷ୍ଟ ଲୋକମାନେ ସେହି ଅଶ୍ୱା
ରୂଢ ଜନର ମୁଖରୁ ନିର୍ଗତ ଖଡ୍ଗରେ ହତ ହେଲେ ପୁଣି ପକ୍ଷୀ ସମସ୍ତ
ସେମାନଙ୍କର ମାଂସ ଖାଇ ତୃପ୍ତ ହେଲେ ।

୨୦ ପର୍ବ ।

୧ ଅନନ୍ତରେ ଅମ୍ଭେ ଅତଳାନ୍ଧକୂପର ଚାବି ଓ ଏକ ମହା ଶିକୁଳି ହାତରେ
୨ ଧରି ଏକ ଦୂତକୁ ସ୍ୱର୍ଗରୁ ଓହ୍ଲାଇବାକୁ ଦେଖିଲୁଁ । ସେହି ବୃଦ୍ଧ ନାଗ ନାମରେ
ଖ୍ୟାତ ସର୍ପକୁ ଅର୍ଥାତ୍ ଅପବାଦକ ଶୟତାନକୁ ଧରି ସହସ୍ର ବର୍ଷ ବନ୍ଦି ରଖି
୩ ବାକୁ ଅଗାଧ କୂପର ମଧ୍ୟରେ ପକାଇ ଦେଇ କୂପର ମୁଖ ବନ୍ଦ କରି ମୁଦ୍ରାର
ଚିହ୍ନ ଦେଲା । ତହିଁରେ ସହସ୍ର ବର୍ଷ ସମ୍ପୂର୍ଣ୍ଣ ନୋହିଲେ ସେ ସମ୍ଭ୍ରାନ୍ତ ଦେଶୀୟ
ଲୋକକୁ ଭ୍ରାନ୍ତ କରିବାକୁ ନ ପାରିବ ତହିଁଉତ୍ତର ଅଳ୍ପକାଳ ତାହାର
୪ ମୁକ୍ତ ହେବ ।
ପୁଣି ଅମ୍ଭେ କେତେକ ସିଂହାସନ ଓ ତାହାର ଉପବିଷ୍ଟ ଜନମାନଙ୍କୁ
ଦର୍ଶନ କଲୁଁ ସେମାନଙ୍କୁ ବିଚାର କରିବାର ଭାର ଦତ୍ତ ହେଲା ଆଉ ଯୀଶୁର
ସାକ୍ଷ୍ୟ ଓ ଈଶ୍ୱରର ବାକ୍ୟର ନିମନ୍ତେ ଯେଉଁମାନଙ୍କର ମସ୍ତକ ଛେଦନ
ହୋଇ ଥିଲା ପୁଣି ଯେଉଁମାନେ ସେହି ପଶୁକୁ ଓ ତାହାର ପ୍ରତିମାକୁ ପୂଜା
କର ନାହାନ୍ତି ପୁଣି ତାହାର ଚିହ୍ନ ଆପଣାମାନ କପାଳରେ ଓ ହସ୍ତରେ ଧାରଣ
କର ନାହାନ୍ତି ସେମାନଙ୍କର ଆତ୍ମାମାନଙ୍କୁ ଦେଖିଲୁଁ ସେମାନେ ଏକ
୫ ସହସ୍ର ବର୍ଷ ଜୀବନ୍ତ ଥାଇ ଖ୍ରୀଷ୍ଟଙ୍କର ସଙ୍ଗେ ରାଜତ୍ୱ କଲେ । ପୁଣି ଯାବତ୍ ସହସ୍ର
ବର୍ଷ ସମ୍ପୂର୍ଣ୍ଣ ନୁହଁଇ ତାବତ୍ ଅବଶିଷ୍ଟ ମୃତମାନେ ସଜୀବ ନୋହିଲେ ଏହି
୬ ପ୍ରଥମ ପୁନରୁତ୍ଥାନ । ଯେତୁମାନେ ଏହି ପୁନରୁତ୍ଥାନର ଅଂଶୀ ହୁଅନ୍ତି ସେମା
ନେଇ ଧନ୍ୟ ଓ ସାଧୁ ସେମାନଙ୍କର ଉପରେ ଦ୍ୱିତୀୟ ମୃତ୍ୟୁର କିଛୁ ଅଧିକାର

ନାହିଁ ସେମାନେ ଈଶ୍ୱର ଓ ଖ୍ରୀଷ୍ଟଙ୍କର ଉଦ୍ଦେଶରେ ଯାଜକ ହୋଇ ସହସ୍ର ବର୍ଷ
ପର୍ଯ୍ୟନ୍ତ ତାହାଙ୍କର ସଙ୍ଗେ ରାଜତ୍ୱ କରିବେ । ଏଉତ୍ତାରେ ସହସ୍ର ବର୍ଷ ଗତ ୭
ହେଲେ ଶୟତାନକୁ କାରାଗାରରୁ ମୁକ୍ତ କରାଯିବ । ତହିଁରେ ସେ ପୃଥିବୀର ୮
ଚତୁର୍ଦ୍ଦିଗସ୍ଥିତ ସମସ୍ତ ଦାସ୍ୟ ରାଜ୍ୟ ଅର୍ଥାତ୍ ସମୁଦ୍ରର ବାଲି ସଦୃଶ ଅପରିମିତ ଯେ
ଗୋଗ ଓ ମାଗୋଗ ବୋଲି ସେମାନଙ୍କୁ ଭୁଲାଇ ସଂଗ୍ରାମର ନିମନ୍ତେ ଏକତ୍ର
କରିବାକୁ ବାହାରକୁ ଯିବେ । ସେମାନେ ପୃଥିବୀର ପ୍ରସ୍ଥ ଦେଇ ଅତି ସାଧୁ ୯
ମାନଙ୍କର ଶିବିରକୁ ଓ ପ୍ରିୟ ନଗରକୁ ଘେରିବେ ଏଥିରେ ଈଶ୍ୱରଙ୍କ ନିକଟରୁ
ସ୍ୱର୍ଗ ହିତେ ଅଗ୍ନି ସେମାନଙ୍କୁ ଗ୍ରାସ କରିବ । ପୁଣି ଯେଉଁ ସ୍ଥାନରେ ସେହି ୧୦
ପଶୁ ଓ ଭଣ୍ଡ ଭବିଷ୍ୟଦ୍ବକ୍ତା ଅଛନ୍ତି ସେହି ଅଗ୍ନି ଓ ଗନ୍ଧକର ହ୍ରଦରେ
ସେମାନଙ୍କର ଭ୍ରାନ୍ତିଜନକ ଶୟତାନ ନିକ୍ଷିପ୍ତ ହେବ ସେ ସ୍ଥାନରେ ସେମାନେ
ଅନନ୍ତ କାଳ ଦିବାରାତ୍ରି ଯନ୍ତ୍ରଣା ଭୋଗ କରିବେ ।

ତହିଁଉତ୍ତାରେ ଆମ୍ଭେ ଏକ ମହା ଶୁଭ୍ର ସିଂହାସନ ଓ ତଦୁପବିଷ୍ଟ ଏକ ୧୧
ଜଣକୁ ଦର୍ଶନ କଲୁଁ । ତାହାଙ୍କର ସମ୍ମୁଖରୁ ପୃଥିବୀ ଓ ଆକାଶମଣ୍ଡଳ ପଳା
ଇଲେ ସେମାନଙ୍କର ଅଦ୍ୟ ଉଦ୍ଦେଶ ପ୍ରାପ୍ତ ହୋଇଲା । ଅନନ୍ତରେ ସାନ ଓ ବଡ ୧୨
ସମସ୍ତ ମୃତ ଲୋକଙ୍କୁ ଈଶ୍ୱରଙ୍କ ସମ୍ମୁଖରେ ଠିଆ ହେବାକୁ ଦେଖିଲୁଁ ଏଥିରେ
ପୁସ୍ତକମାନ ଫିଟାଗଲା ବିଶେଷରେ ଜୀବନପୁସ୍ତକ ନାମେ ଆଉ ଏକ ପୁସ୍ତକ ଫିଟା
ଗଲା । ପୁଣି ପୁସ୍ତକମାନର ଲେଖିତ ବଚନରେ ଅପଣାଆ କର୍ମାନୁସାରେ ସେହି
ସମସ୍ତ ମୃତଲୋକଙ୍କର ବିଚାର ହେଲା । ଅଧିକନ୍ତୁ ଅପଣାଠାରେ ସ୍ଥିତ ସମୁ ୧୩
ମୃତ ଲୋକକୁ ସମର୍ପଣ ଦେଲେ ପୁଣି ମୃତ୍ୟୁ ଓ ପରଲୋକ ଅପଣାଠାରେ ସ୍ଥିତ
ଲୋକମାନଙ୍କୁ ସମର୍ପଣ ଦେଲେ ପୁଣି ଆପଣାଆ କର୍ମାନୁସାରେ ପ୍ରତ ଜଣର ବିଚାର
ହେଲା । ତହିଁ ମୃତ୍ୟୁ ଓ ପରଲୋକ ଅଗ୍ନି ହ୍ରଦରେ ପକା ଗଲେ ଏହି ଦ୍ୱିତୀୟ ୧୪
ମୃତ୍ୟୁ । ପୁଣି ଜୀବନ ପୁସ୍ତକରେ ଯେ କାହାର ନାମ ଲେଖା ନାହିଁ ସେହି ୧୫
ଅଗ୍ନି ହ୍ରଦରେ ପକା ଗଲା ।

## ୨୧ ପର୍ବ ।

ପୁଣି ଆମ୍ଭେ ଏକ ନୂତନ ଆକାଶମଣ୍ଡଳ ଓ ନୂତନ ପୃଥିବୀକୁ ଦେଖିଲୁଁ ୧
ପୁର୍ବ ଆକାଶମଣ୍ଡଳ ଓ ପୃଥିବୀର ଲୋପ ହେଲା ପୁଣି ସମୁଦ୍ର ଆଉ ନାହିଁ ହୋଇଲା ।

ଆମ୍ଭେ ଯୋହନ ସେହି ଧର୍ମନଗରୀ ନୂତନ ଯିରୂଶାଲମକୁ ବରର ନିମନ୍ତେ ୨
ଯେମନ୍ତ କନ୍ୟା ବିଭୂଷିତା ସେଥିପ ପ୍ରସ୍ତୁତ ଥାଇ ଈଶ୍ୱରଙ୍କ ନିକଟରୁ ସ୍ୱର୍ଗର
ବାହାର ହୋଇ ଓହ୍ଲାଇବାକୁ ଦେଖିଲୁଁ । ପୁଣି ସ୍ୱର୍ଗରୁ ଏହି ମହାର ଅକା ୩
ଶବାଣୀ ଶୁଣିଲୁଁ ଯଥା । ମନୁଷ୍ୟର ମଧ୍ୟରେ ଈଶ୍ୱରଙ୍କ ବାସସ୍ଥାନ ଅଛି ପୁଣି

ସେ ସେମାନଙ୍କର ମଧ୍ୟରେ ବାସ କରିବେ ତହିଁରେ ମନୁଷ୍ୟମାନେ ତାହା
ଙ୍କର ଲୋକ ହେବେ ସେ ଆପେଁ ସେମାନଙ୍କର ଈଶ୍ୱର ହୋଇ ସେମାନଙ୍କର
୪ ସଙ୍ଗେ ଥିବେ । ପୁଣି ଈଶ୍ୱର ସେମାନଙ୍କର ଚକ୍ଷୁର ସବୁ ଜଳ ପୋଛି ଦେବେ
ତହିଁରେ ମରଣ ଆଉ କେବେହେଁ ନୋହିବ ପୁଣି ଶୋକ କି କ୍ରନ୍ଦନ କି
ବ୍ୟଥା ଜନ୍ମୁଇ ଆଉ ନୋହିବ ଯେହେତୁ ପୂର୍ବ ବିଷୟ ସମସ୍ତ ଗତ ହୋଇ
୫ ଅଛି । ପୁଣି ସେହି ସିଂହାସନୋପବିଷ୍ଟ ଜଣ କହିଲେ ଏହି ଦେଖ ଆମ୍ଭେ
ସମସ୍ତ ବିଷୟର ନୂତନ ସୃଷ୍ଟି କରଅଛୁଁ ସେ ପୁନଶ୍ଚ ଆମ୍ଭକୁ କହିଲେ
୬ ଲେଖ ଯେହେତୁ ଏକଥା ସତ୍ୟ ଓ ବିଶ୍ୱାସନୀୟ । ସେ ଆଉ ଥରେ
ଆମ୍ଭକୁ କହିଲେ ସମାପ୍ତ ହେଲା ଆମ୍ଭେ କ ଓ କ୍ଷ ପୁଣି ଆଦ ଅନ୍ତ ଯେଉଁ
ଜନ ତୃଷିତ ଅଛ ତାହାକୁ ଆମ୍ଭେ ବିନା ମୂଲ୍ୟରେ ଜୀବନତୋୟ ନିର୍ଝରର ଜଳ
୭ ପାନ କରିବାକୁ ଦେବା । ପୁଣି ଯେଉଁଜନ ଜୟୀ ହୁଅଇ ସେ ସମସ୍ତର
ଅଧିକାରୀ ହେବ ପୁଣି ଆମ୍ଭେ ତାହାର ଈଶ୍ୱର ହେବା ଓ ସେ ଆମ୍ଭର ପୁତ୍ର
୮ ହେବ । ମାତ୍ର ଯେଉଁମାନେ ଭୟଶୀଳ ଅବିଶ୍ୱାସି ଘୃଣ୍ୟକର୍ମକାରୀ ହତ୍ୟାକାରୀ
ବେଶ୍ୟାଗାମୀ ମାୟାବୀ ଦେବପୂଜକ ଓ ସବୁ ମିଥ୍ୟାବାଦୀ ସେମାନେ ଅଗ୍ନି
ଓ ଗନ୍ଧକ ପ୍ରଜ୍ୱଳିତ ହ୍ରଦରେ ଅଧିକାର ପାଇବେ ଏହା ଦ୍ୱିତୀୟ ମୃତ୍ୟୁ ।
୯ ଅନନ୍ତରେ ସେହି ସାତ ଶେଷ ଉତ୍ପାତରେ ସଂପୂର୍ଣ୍ଣ ସାତ ପାତ୍ରଧାରୀ
ସାତ ଦୂତର ମଧ୍ୟରେ ଜଗେ ଆମ୍ଭର ନିକଟରେ ଆସି ଆମ୍ଭର ସଙ୍ଗେ ଆଳାପ
କର କହିଲା ଏଠାରେ ଅସ ସେହି କନ୍ୟା ଅଥଚ ଯୁବାମେଷର ଭାର୍ଯ୍ୟାକୁ ତୁମ୍ଭକୁ
୧୦ ଦେଖାଇବା । ତହିଁରେ ଆତ୍ମାରେ ଅବିଷ୍ଟ ସେ ଆମ୍ଭକୁ ଏକ ବଡ ଉଚ୍ଚ ପର୍ବତକୁ
ନେଇ ସେହି ଧର୍ମମୟୀ ମହା ନଗରୀ ଯିରୂଶାଲମକୁ ଈଶ୍ୱରର ନିକଟରୁ ସ୍ୱର୍ଗରୁ
୧୧ ବାହାର ହୋଇ ଓହ୍ଲାଇ ଆସିବାକୁ ଆମ୍ଭକୁ ଦେଖାଇଲା । ସେ ନଗରରେ
ଈଶ୍ୱରର ଜ୍ୟୋତିଃ ବର୍ତ୍ତିଲା ପୁଣି ତାହାର ତେଜଃ ମହାମୂଲ୍ୟ ରତ୍ନ ଅର୍ଥାତ୍
୧୨ ସୂର୍ଯ୍ୟକାନ୍ତ ମଣିର ନ୍ୟାୟ ଓ ସ୍ଫଟିକର ନ୍ୟାୟ ନର୍ମଲ । ସେ ନଗରୀର ପାଚେରୀ
ଅତ ଉଚ୍ଚ ଓ ବଡ । ତାହାର ପୂର୍ବଦଗରେ ତିନ ଦ୍ୱାର ଉତ୍ତର ଦଗରେ ତିନ
ଦ୍ୱାର ଦକ୍ଷିଣ ଦଗରେ ତିନ ଦ୍ୱାର ପଶ୍ଚିମ ଦଗରେ ତିନ ଦ୍ୱାର ସମୁଦାୟରେ
୧୩ ଦ୍ୱାଦଶ ଦ୍ୱାର ଅଛି । ସେହି ଦ୍ୱାଦଶ ଦ୍ୱାରର ଉପରେ ଦ୍ୱାଦଶ ଦୂତ ଥାଅନ୍ତି ଦ୍ୱା
୧୪ ରର ଉପରେ ଇଶ୍ରାୟେଲ ବଂଶର ଦ୍ୱାଦଶ ଗୋଷ୍ଠୀର ନାମ ଲେଖା । ପୁଣି
ସେ ପାଚେରୀର ଦ୍ୱାଦଶ ଭିତ୍ତିମୂଳ ଅଛି ତହିଁରେ ଯୁବାମେଷର ବାର ପ୍ରେ
୧୫ ରିତର ନାମ ଲେଖା ଅଛି । ଏଉତ୍ତାରୁ ଯେ ଆମ୍ଭର ସଙ୍ଗେ କଥୋପକଥନ
କଲେ ତାହାର ହସ୍ତରେ ସେ ନଗର ଓ ତାହାର ଦ୍ୱାର ଓ ପାଚେରୀର ପରି
୧୬ ମାପକ ଗୋଟାଏ ସୁବର୍ଣ୍ଣ ନଳ ଅଛି । ସେ ନଗର ଚତୁଷ୍କୋଣ ତାହାର ଦୀର୍ଘ

ଓ ପ୍ରସ୍ତ ସମାନ ପୁଣି ସେ ସେହ ନଳରେ ନଗରର ପରମାଣ କଲେ ଦ୍ୱାଦଶ
ସହସ୍ର ଉର ପରମାଣ ହେଲା ଓ ତାହାର ପାର୍ଶ୍ୱ ପ୍ରସ୍ତ ଉଚ୍ଚ ଏକ ସମାନ ।
ପୁଣି ତାହାର ପାଚେରୀର ପରମାଣ କଲେ ମନୁଷ୍ୟର ଅର୍ଥାତ୍ ସେ ଦୂତର ୧୭
ଏକ ଶତ ଚୌରାଳିଶ ହାତ ପରମାଣ ହେଲା । ସୂର୍ଯ୍ୟକାନ୍ତମଣୀ ନର୍ମିତ ତାହାର ୧୮
ପାଚେରୀର ପୁଣି ସେ ନଗର ସୁବର୍ଣ୍ଣ ନର୍ମିତ ଓ ନର୍ମଳ କାଚର ସଦୃଶ୍ୟ । ପା ୧୯
ଚେରୀର ବୁନିୟାଦ ସମସ୍ତ ନାନା ପ୍ରକାର ମୂଲ୍ୟବାନ ରତ୍ନରେ ଭୂଷିତ । ତା
ହାର ପ୍ରଥମ ସୂର୍ଯ୍ୟକାନ୍ତର ଦ୍ୱିତୀୟ ନୀଳକାନ୍ତର ତୃତୀୟ ଲାଲଡୀର ଚତୁର୍ଥ
ମରକତର ପଞ୍ଚମ ବୈଦୂର୍ଯ୍ୟର ଷଷ୍ଠ ଚୁନ୍ନର ସପ୍ତମ ଚନ୍ଦ୍ରକାନ୍ତର ଅଷ୍ଟମ ଗୋଦ ୨୦
ନ୍ତର ନବମ ପଦ୍ମରାଗର ଦଶମ ଲଶୁନୀୟର ଏକାଦଶ ଫିରୋଜର ଦ୍ୱାଦଶ ମା
ଣିକ୍ୟ ଥିଲା । ପୁଣି ଏକୀ ମୁକ୍ତା ନର୍ମିତ ଏକୀ ଦ୍ୱାର ଏହପ୍ରକେ ଦ୍ୱାଦଶ ମୁକ୍ତା ୨୧
ରେ ଦ୍ୱାଦଶ ଦ୍ୱାର । ନଗରର ସମସ୍ତ ପଥ ଉତ୍ତମ ସୁବର୍ଣ୍ଣ ଅଥଚ ନର୍ମଳ
କାଚର ସାଦୃଶ୍ୟ ହେଲା । ଏହ ନଗରର ମଧ୍ୟରେ ଆମ୍ଭେ ଗୋଟିଏ ମନ୍ଦର ୨୨
ନ ଦେଖିଲୁଁ କାରଣ ସର୍ବଶକ୍ତିମାନ ପ୍ରଭୁ ପରମେଶ୍ୱର ପୁଣି ଯୁବାମେଷ ତା
ହାର ମନ୍ଦରସ୍ୱରୂପ ଅଟନ୍ତି । ପୁଣି ଏ ନଗରେ ସେ ନଗରରେ ଚନ୍ଦ୍ର ସୂର୍ଯ୍ୟର ୨୩
କିଛୁ ଆବଶ୍ୟକତା ନାହିଁ ଯେହେତୁ ଈଶ୍ୱରର ତେଜ ସେ ନଗରକୁ ଦୀପ୍ତି
ମାନ କରନ୍ତି ଓ ତହିଁରେ ଯୁବାମେଷ ଆଲୁ ଅସ୍ୱରୂପ ଅଟନ୍ତି । ଦେଶୀୟ ୨୪
ମୁକ୍ତ ଲୋକ ସମସ୍ତେ ସେହ ଜ୍ୟୋତିରେ ଗମନାଗମନ କରବେ ପୁଣି ପୃଥିବୀର
ପତ୍ତ ସମସ୍ତେ ତାହାର ମଧ୍ୟରେ ଆପଣା। ଐଶ୍ୱର୍ଯ୍ୟ ଓ ମହମା ଅର୍ପବେ । ସେ ୨୫
ନଗରର ଦ୍ୱାର ଦିନରେ କେତେବେଳେ ରୁଦ୍ଧ ନ ଥାପେ ପୁଣି ସେ ସ୍ଥାନରେ
ରାତ୍ରି ନୁହଇ । ଲୋକମାନେ ତାହାର ମଧ୍ୟରେ ସମସ୍ତ ଦେଶର ଐଶ୍ୱର୍ଯ୍ୟ ୨୬
ଓ ମହମା ଅର୍ପବେ । ପୁଣି ତାହାର ମଧ୍ୟରେ କୌଣସି ଅପବତ୍ର କ କଦର୍ଯ୍ୟ ୨୭
କ ମିଥ୍ୟାକାରୀ ଜନ କଦାଚ ପ୍ରବେଶ ହେବାକୁ ନ ପାରବ ଯେତୁମାନଙ୍କର
ନାମ ଯୁବାମେଷର ଜୀବନ ପୁସ୍ତକରେ ଲେଖାଅଛୁ କେବଳ ସେମାନେଇ
ପ୍ରବେଶ ହେବାକୁ ପାରବେ ।

୨୨ ପଦ ।

ଉତ୍ତନ୍ତରେ ଦୂତ ଈଶ୍ୱରର ଓ ଯୁବାମେଷର ସିଂହାସନରୁ ନର୍ଗତ ସ୍ଫଟିକ ୧
ପର ନର୍ମଳ ଅମୃତ ଜଳର ନଦୀ ଆମ୍ଭକୁ ଦେଖାଇଲା । ସେ ନଦୀର ଓ ୨
ତାହାର ବାଟର ଦୁଇ ପାଖରେ ଦ୍ୱାଦଶ ପ୍ରକାର ଫଳଦାୟକ ଅମୃତ ବୃକ୍ଷ
ଅଛୁ ସେ ବୃକ୍ଷ ପ୍ରତ୍ୟେକ ମାସରେ ଆପଣା ଫଳ ଫଳଇ ଅବର ତାହାର ପତ୍ର
ରେ ଦେଶୀୟ ଲୋକମାନଙ୍କର ଆରୋଗ୍ୟ ଜନ୍ମଇ । ଆଉ କୌଣସି ଶାପ ୩

ନୋହିବ ପୁଣି ଈଶ୍ୱରର ଓ ମେଷବତ୍ସର ସିଂହାସନ ତାହାର ମଧ୍ୟରେ
୪ ଅଛନ୍ତି । ତାହାର ସେବକମାନେ ତାହାଙ୍କୁ ସେବା କରି ତାହାଙ୍କର ମୁଖ ଦର୍ଶନ
୫ କରିବେ ଓ କପାଳରେ ତାହାଙ୍କର ନାମର ଚିହ୍ନ ଧାରଣ କରିବେ । ସେ ସ୍ଥାନ
ରେ ରାତ୍ରି ନୋହିବ ପୁଣି ସେମାନଙ୍କର ପ୍ରଦୀପ କି ସୂର୍ଯ୍ୟ କିରଣର ପ୍ରୟୋଜନ
ନ ଥାଏ, ପ୍ରଭୁ ପରମେଶ୍ୱର ସେମାନଙ୍କର ଦୀପ୍ତି ସ୍ୱରୂପ ହୋଇବେ ଆଉ ସେମା
ନେ ନିତ୍ୟ ରାଜତ୍ୱ କରିବେ ।

୬ ଅନନ୍ତରେ ସେ ଆମ୍ଭକୁ କହିଲା ଏସମସ୍ତ କଥା ବିଶ୍ୱାସନୀୟ ଓ ସତ୍ୟ ।
ଧାର୍ମିକ ଭବିଷ୍ୟଦ୍ବକ୍ତାଗଣର ପ୍ରଭୁ ପରମେଶ୍ୱର ଆପଣା ସେବକମାନଙ୍କୁ ଶୀଘ୍ର
୭ ଘଟିବାର ବିଷୟ ଜଣାଇବାକୁ ଆପଣା ଦୂତକୁ ପଠାଇଅଛନ୍ତି [ଯୀଶୁ କହନ୍ତି]
ଦେଖ ଆମ୍ଭେ ଶୀଘ୍ର ଆସୁଅଛୁଁ ଯେ ଜଣେ ଏହି ପୁସ୍ତକର ସମସ୍ତ ଭବିଷ୍ୟଦ୍
କଥା ପାଳନ କରେ ସେହି ଧନ୍ୟ ।

୮ ଆମ୍ଭେ ଯୋହନ ଏହି ସମସ୍ତ ଦେଖିଲୁଁ ଓ ଶୁଣିଲୁଁ ପୁଣି ଏହା ଦେଖି
ଶୁଣି ଯେଉଁ ଦୂତ ଆମ୍ଭକୁ ଏହି ସମସ୍ତ ଦେଖାଇଲା ତାହାଙ୍କୁ ପ୍ରଣାମ କରି
୯ ବାକୁ ତାହାର ପଦତଳରେ ପଡିଲୁଁ । ତହିଁ ସେ ଆମ୍ଭକୁ କହିଲା ସାବଧାନ
ଏହା ନ କର ଯେହେତୁ ଯେମନ୍ତ ତୁମ୍ଭେ ପୁଣି ତୁମ୍ଭର ଭବିଷ୍ୟଦ୍ବକ୍ତା ଭ୍ରାତୃ
ଗଣ ପୁଣି ଏହି ପୁସ୍ତକର ବାକ୍ୟ ପାଳନକାରିଗଣ ସେଥିପାଇଁ ଆମ୍ଭେ ଏକ
୧୦ ଜଣ ସହଦାସ ଅଟୁଁ ଈଶ୍ୱରଙ୍କୁ ପ୍ରଣାମ କର । ପୁନର୍ବାର ସେ ଆମ୍ଭକୁ
କହିଲା ତୁମ୍ଭେ ଏହି ପୁସ୍ତକର ଭବିଷ୍ୟତ୍ ବଚନ ସମସ୍ତ ମୁଦ୍ରାଙ୍କିତ ନ କର
୧୧ ଯେହେତୁ ସମୟ ନିକଟବର୍ତ୍ତୀ । ଯେ ଅନ୍ୟାୟୀ ହୁଅଇ ସେ ଅନ୍ୟାୟୀ ଥାଉ
ଯେ ଅଶୁଚି ହୁଅଇ ସେ ଅଶୁଚି ଥାଉ ଯେ ଧାର୍ମିକ ହୁଅଇ ସେ ଧାର୍ମିକ
ଥାଉ ପୁଣି ଯେ ପବିତ୍ର ହୁଅଇ ସେ ପବିତ୍ର ଥାଉ ।

୧୨ ଦେଖ ଆମ୍ଭେ [ଯୀଶୁ] ତ୍ୱରିତ ଆସୁଅଛୁଁ । ପ୍ରତ୍ୟେକ ମନୁଷ୍ୟକୁ ଆପଣା
୧୩ କର୍ମାନୁସାରେ ଫଳ ଦେବାକୁ ଆମ୍ଭଠାରେ ପୁରସ୍କାର ଅଛି । ଆମ୍ଭେ କ ଓ କ୍ଷ
୧୪ ପୁଣି ଆଦ ଅନ୍ତ ପ୍ରଥମ ଓ ଶେଷ । ଯେଉଁମାନେ ତାହାଙ୍କର ଆଜ୍ଞା ପାଳନ
କରନ୍ତି ସେମାନେଇ ଧନ୍ୟ ଯେହେତୁ ସେମାନେ ଅମୃତ ବୃକ୍ଷର ଅଧିକାରୀ
୧୫ ହେବେ ପୁଣି ଦ୍ୱାର ଦେଇ ନଗରରେ ପ୍ରବେଶ ହୋଇବେ । ମାତ୍ର କୁକୁରଗଣ
ମାୟାବୀ ବେଶ୍ୟାଗାମୀ ମନୁଷ୍ୟହତ୍ୟାକାରୀ ଦେବପୂଜକ ମିଥ୍ୟାକୁ ସ୍ନେହ
କାରୀ ପୁଣି ମିଥ୍ୟାର ଉତ୍ପାଦକ ଏହି ସମସ୍ତ ଲୋକମାନେ ତାହାର ବାହାରରେ
୧୬ ରହିବେ । ଆମ୍ଭେ ଯୀଶୁ ମଣ୍ଡଳୀଗଣର ମଧ୍ୟରେ ଏହି ସମସ୍ତ ବଚନ ସପ୍ର
ମାଣ କରିବାକୁ ତୁମ୍ଭମାନଙ୍କର ନିକଟରେ ଆପଣା ଦୂତକୁ ପଠାଇ ଅଛୁଁ ।
ଆମ୍ଭେ ଦାଉଦର ମୂଳ ଓ ଫଳ ପୁଣି ଉଜ୍ଜ୍ୱଳ ପ୍ରଭାତ ନକ୍ଷତ୍ର ସ୍ୱରୂପ ।

ଆଗୁ ଓ କନ୍ୟା କହୁଅଛନ୍ତି ଆସ ପୁଣି ଯେ ଶ୍ରବଣ କରଇ ସେହି ବୋଲୁ ୧୭
ଆସ ଯେଉଂ ଜନ ତୃଷ୍ଣାର୍ତ୍ତ ହୁଅଇ ସେ ଆସୁ ଅଉ ଯେ କେହି ଇଚ୍ଛା କରଇ
ସେ ବିନା ମୂଲ୍ୟରେ ଅମୃତ ଜଳ ଗ୍ରହଣ କରୁ ।
ଯେଉଂ ସମସ୍ତ ଲୋକେ ଏହି ପୁସ୍ତକର ଭବିଷ୍ୟତୁ ବଚନ ଶ୍ରବଣ କରନ୍ତି ୧୮
ସେମାନଙ୍କର ପ୍ରତ୍ୟେକ ଜଣକୁ ଆମ୍ଭେ ସାକ୍ଷ୍ୟ ଦେଇ କହୁଅଛୁଁ ଯଦ୍ୟପି
କେହି ଅନ୍ୟ ବାକ୍ୟରେ ଏହି ସମସ୍ତ ବଚନର ବୃଦ୍ଧି କରଇ ତେବେ ଈଶ୍ୱ
ରହିଂ ତାହାକୁ ଏହି ପୁସ୍ତକର ଲେଖିତ ଉତ୍ପାତ ସମସ୍ତ ବୃଦ୍ଧି କରି ଦେବେ ।
ଆଉ କେହି ଯେବେ ଏହି ଭବିଷ୍ୟତୁ ପୁସ୍ତକର କଥା ଲୋପ କରଇ ତେବେ ୧୯
ଈଶ୍ୱର ଜୀବନରୂପ ପୁସ୍ତକରୁ ଓ ଧର୍ମ ନଗରରୁ ପୁଣି ଏହି ପୁସ୍ତକରେ ଲେଖିତ
ବିଷୟରୁ ତାହାର ଅଂଶ ଲୋପ କରିବେ । ଯେ ଏହି କଥାର ସାକ୍ଷ୍ୟ ଦିଅନ୍ତି ୨୦
ସେ କହନ୍ତି ଆମ୍ଭେ ଅବଶ୍ୟ ଝଟିତି ଅସୁଅଛୁଁ । ଆମେନ । ଯେ ଅଜ୍ଞା ପ୍ରଭୁ
ଯୀଶୁ ଅସୁନ୍ତୁ । ତୁମ୍ଭ ସମସ୍ତଙ୍କର ପ୍ରତି ଆମ୍ଭମାନଙ୍କର ପ୍ରଭୁ ଯୀଶୁ ଖ୍ରୀଷ୍ଟର ୨୧
ଅନୁଗ୍ରହ ହେଉ । ଆମେନ ।

ଧର୍ମପୁସ୍ତକର ଅନ୍ତଭାଗ ସମାପ୍ତ ।

---

## ନାନା ମତ ପଦବୀ ଆଦିର ବିବରଣ ପତ୍ର ।

ଅଧ୍ୟାପକମାନେ ଧର୍ମପୁସ୍ତକର ଉତ୍ତରା ଲେଖି ଅନ୍ୟଲୋକଙ୍କୁ ବ୍ୟବସ୍ଥାର ଅର୍ଥ ଜଣାଇଲେ ଏଣୁ ପଣ୍ଡିତ ବିଶେଷ ଥିଲେ ।

ଏପିକ୍ଟରିୟମାନେ । ଏମାନେ କହିଲେ ପରଲୋକର କିଅବା ଇହଲୋକର ଧର୍ମ ଶାସନର କିଛି ପ୍ରମାଣ ନାହି ଏଣୁ ଐହିକ ସୁଖ ମାତ୍ର ସାର ।

କର ସଂଗ୍ରହକାରୀ ଏମାନଙ୍କୁ ପଟୁଆରି କରସମ୍ପାଦକ କିଅବା ଘାଟିଆ ନାମ ଦିୟା ଯାୟେ ଏମାନଙ୍କର ଦୁଇ ବର୍ଗ । କରସମ୍ପାଦକମାନେ ଶ୍ରେଷ୍ଠ ଲୋକ ହୋଇ କଲେକ୍ତରୀ କର୍ମ ପରି କର୍ମ କଲେ ଆଉମାନେ ଘାଟିଆ ଲୋକ ହୋଇ ନାନା ପ୍ରକାର ଉପଦ୍ରବ ଅନ୍ୟାୟ ଆଦି କର୍ମ କଲେ ।

ଗାଲିଲୀୟଦଳ ଧର୍ମ ଓ ରାଜନିତି ମିଶାଇ ରାଜଦ୍ରୋହୀ ଥିଲେ ।

ନାଜରୀତିୟ ମତ ଏମାନେ ଅତି ଶୁଦ୍ଧ ସତ୍ୱାଚରଣ କଲେ ଶାମସୋନ ଏଲିୟା ରେଖିବୀୟମାନେ ଯୋହନ ଡୁବକ ଆଦି ଏହି ମତାବଲମ୍ବୀ ଥିଲେ ।

ନିକଲାୟତୀୟ ମତ ଏହି ବୈଧର୍ମ ଆଚାରିମାନେ ଦେବପୂଜକମାନଙ୍କର ପ୍ରସାଦ ଆଦି ଖାଇ ନାନା ଅଶୁଚି କର୍ମ କରିବାରୁ ଧର୍ମର ନିନ୍ଦକ ହେଲେ କେହିଁ କହନ୍ତି ଏମାନେ ଆପଣାଙ୍କ ଓ ଅନ୍ୟମାନଙ୍କର ତିରୀମାନଙ୍କୁ ଏକ ସମାନ ଜ୍ଞାନ କରି ବ୍ୟବହାର କଲେ ।

ଫାରଶୀମାନେ ଯିହୁଦୀୟମାନଙ୍କର ଶ୍ରେଷ୍ଠ ମତାବଲମ୍ବୀ ଥିଲେ । ଏମାନେ ପ୍ରାଚୀନଗଣର ପୂର୍ବାପର ବାକ୍ୟ ଈଶ୍ୱରଙ୍କର କଥାର ସମାନ ମାନି ଅନେକ ବାହ୍ୟ ଧର୍ମକର୍ମ ପାଳଣ କରିବାରୁ ଆପଣାମାନଙ୍କୁ ସ୍ୱର୍ଗ ଯୋଗ୍ୟ ମଣିଲେ ଏମନ୍ତ ଅହଂକାରୀ ହୋଇ ଆଉମାନଙ୍କୁ ତୁଚ୍ଛ କଲେ । ରାବୀଗଣ ଅର୍ଥାତ୍ ଗୁରୁ ଅଧ୍ୟାପକ ଆଦି ପ୍ରାୟେ ସମସ୍ତେ ଏହି ମତର ଲୋକ ଥିଲେ ।

ପ୍ରେରିତମାନେ ଯେଉଁମାନେ ଖ୍ରୀଷ୍ଟର ଦର୍ଶନ ପାଇ ଖ୍ରୀଷ୍ଟଙ୍କ ଦ୍ୱାରା ମଙ୍ଗଳ ସମାଚାର ଘୋଷଣା କରିବାକୁ ନିଯୁକ୍ତ ଥିଲେ ।

ବାଲିୟମ ମତାବଲମ୍ବିମାନେ ଏମାନେ ଖ୍ରୀଷ୍ଟିୟାନମାନଙ୍କୁ ଦେବ ପ୍ରସାଦ ଆଦିକି ଖାଇବାକୁ ଓ ଦେବପୂଜକ ସ୍ତ୍ରୀମାନଙ୍କ ସଙ୍ଗରେ ଭ୍ରଷ୍ଟାଚରଣ କରିବାକୁ ମଣାଇଲେ ।

ବ୍ୟବସ୍ଥାପକ ପଣ୍ଡିତମାନେ କିଅବା ମୌଲିବି ବିଶେଷ ଥିଲେ ।

ଭଣ୍ଡ ଖ୍ରୀଷ୍ଟମାନେ ଏମାନେ ଆପଣାମାନଙ୍କୁ ଗୁରୁ କରି ମଙ୍ଗଳସମାଚାରର ବିରୁଦ୍ଧ ଉପଦେଶ ଶିଖାଇଲେ ।

ଲିବର୍ତ୍ତିନୀୟ ଲୋକ ରୋମ ରାଜ୍ୟର ନିଷ୍କର ପ୍ରଜାମାନେ ଥିଲେ ।

ଶମିରୋଣ ଜାତି ଅସଲରେ ଦେବପୂଜକ ଥିଲେ ପୁଣି ଅଶୁର ରାଜା ସେମାନଙ୍କୁ ନିଜ ଦେଶରୁ ଆଣି ଇଶ୍ରାୟେଲ ଦେଶରେ ସ୍ଥାପନ କଲା ଯଥା । ୨ ରାଜା ବଲିର ୧୭ ପର୍ବ । ଏଉତ୍ତାରୁ ସେମାନେ ମୋଶାର ବ୍ୟବସ୍ଥା ଗ୍ରହଣ କରି ତିରି ଜିମ ପର୍ବତରେ ମନ୍ଦିର ଗଢି ଈଶ୍ୱରଙ୍କୁ ସେବା କଲେ ଏଥିରେ ସେମାନେ ଖ୍ରୀଷ୍ଟର ଆସିବାର ଅପେକ୍ଷା କରି ରହିଲେ ଯଥା ଯୋହନ ୪ ପର୍ବ ୨୫ ପଦ ।

ସାଦୁକୀମାନେ ଏମାନେ ପ୍ରାୟେ ନାସ୍ତିକ ହୋଇ ଧର୍ମ ଦୂତର ଥିବାର ଅଟୁର ଅମର ଗତି ଦେହର ପୁନରୁତ୍ଥାନ ଇତ୍ୟାଦି ଉପଦେଶ ଅଗ୍ରାହ୍ୟ କଲେ ।

ସ୍ତୋୟିକମାନେ କହିଲେ ଦେବତା ହେଉ କି ମନୁଷ୍ୟ ହେଉ ସମସ୍ତେ ଅଦୃଷ୍ଟିର ଅଧୀନ ହୋଇ ସୁଖ ଦୁଃଖ ଧର୍ମାଧର୍ମ କିଛି ନ ମାନିବାର କର୍ତ୍ତବ୍ୟ ।

ହେରୋଦିୟାମାନେ ହେରୋଦର ପକ୍ଷପାତୀ ହୋଇ ରାଜାର ଓ ରୋମାନମାନଙ୍କର ତୁଷ୍ଟି କରିବାର ନିମନ୍ତେ ନାନା ନିଷେଧ କର୍ମ କଲେ ।

## ନାନା ପର୍ବ ବିବରଣ ପତ୍ର ।

ଶାବତ ଦିନ । ଏହି ବିଶ୍ରାମ ଦିନ ସବୁଠୁଁ ମାନ୍ୟ ଥିଲା ଯଥା ଅଦିପୁସ୍ତକ ୨ ପର୍ବ ୩ ପଦ । ଯାତ୍ରାପୁସ୍ତକ ୨୦ ପର୍ବ ୮ ପଦଠାରୁ ୧୧ ପଦ ଯାୟେ ।

ଦିନକର ବଲି । ଏହା ସକାଳେ ସଞ୍ଜବେଳେ ସବୁ ରାଜ୍ୟରେ କୃତ ପାପ ନିମନ୍ତେ ନିର୍ଦ୍ଦାଗୀ ଯୁବାମେଷ ଅଗ୍ନିରେ ଉତ୍ସର୍ଗ କୃତ । ବିଶ୍ରାମ ଦିନରେ ପ୍ରଭାତେ ଓ ସଞ୍ଜବେଳେ ଦୁଇ୨ ଯୁବା ମେଷର ଉତ୍ସର୍ଗ ହେଲା ।

ମହା ପ୍ରାୟଶ୍ଚିତ୍ତର ଦିନ । ଏହି ଦିନେ ମହାଯାଜକ ପ୍ରଥମରେ ଆପଣା ପାଁଇ ଏକ ଗୋରୁ ଉତ୍ସର୍ଗ କଲା ତହିଁ ଉତ୍ତାରେ ଦୁଇ ଛେଳିର ମୁଣ୍ଡରେ ହାତ ଥୋଇ ସବୁ ରାଜ୍ୟର ପାପ ସ୍ୱୀକାର କରି ଗୋଟାକୁ ହୋମ କଲା ପୁଣି ଆନକୁ ଯେ ମନ୍ତ ଆଉ ଦେଖା ନ ଯାୟେ ଏଥିପାଁଇ ଘୋର ବଣରେ ଛାଡି ଦେଲା ।

ଅମାବସ୍ୟା ପର୍ବ ଅତ୍ୟନ୍ତ ଧର୍ମରୂପେ ଆନନ୍ଦରେ ପ୍ରତି ପାଳଣ କରା ଯାୟେ ।

ନିସ୍ତାର ପର୍ବର ଭୋଜର ସ୍ଥାପନ ଯାତ୍ରା ପୁସ୍ତକର ୧୨ ପର୍ବରେ ଦେଖ ।

ପେଣ୍ଟିକଷ୍ଟ ଅର୍ଥ ପଞ୍ଚାଶି ଯଥା ଲେବୀ ୨୨ ପର୍ବ ୧୫ ପଦ ।

ଯୁବଳୀ ଅର୍ଥାତ୍ ଶାବତର ବରଷ ଏହି ପର୍ବ ସପ୍ତମ ବରଷରେ ଘଟିଲା ଯଥା ଲେବୀ ୧୫ ପର୍ବ ୧ ପଦଠାରୁ ୭ ପଦ ଯାୟେ ।

ଅତି ବଡ ଯୁବଳୀ ମହା ଶାବତର ବରଷ ଅର୍ଥାତ୍ ସାତ ଯୁବଳୀର ଶେଷରେ କିଅବା ପଚାଶ ବରଷରେ ନିଯୁକ୍ତ ଥିଲା । ଯଥା ଲେବୀ ୨୫ ପର୍ବ ।

ତାମ୍ବୁର ପର୍ବ ଯଥା ଲେବୀ ୨୩ ପର୍ବ । ଇତି ।

---

## କାଳକ୍ରମିକ ଘଟଣାର ନିର୍ଘଣ୍ଟ ।

ଖ୍ରୀଷ୍ଟ ପୂର୍ବେ ।

| | | |
|---|---|---|
| ୪୦୦୪ | ଜଗତାଦିର ସୃଷ୍ଟି . . . . | ଆ ୧ । |
| ୧୩୪୮ | ଜଳ ପ୍ଲାବନ . . . . | ଆ ୬ ଓ ୭ । |
| ୧୧୫୦ | ବାବିଲ ନଗର ପତ୍ତନ . . . | ଆ ୧୧ । |
| ୧୯୯୬ | ଅବ୍ରହାମର ଜନ୍ମ . . . . | ଆ ୧୧ । |
| ୧୯୧୧ | କିଣାନ ଦେଶକୁ ଅବ୍ରହାମର ଯିବାର . | ଆ ୧୧ । |
| ୧୮୯୬ | ଯିସ୍‌ହାକର ଜନ୍ମ . . . . | ଆ ୧୧ । |
| ୧୮୩୬ | ଏଶୌ ଓ ଯାକୁବର ଜନ୍ମ . . | ଆ ୧୫ । |
| ୧୮୧୧ | ଅବ୍ରହାମର ମୃତ୍ୟୁ . . . . | ଆ ୧୫ । |
| ୧୭୧୮ | ଯୁଷଫ ଭାଇମାନଙ୍କର ଦ୍ୱାରା ବିକ୍ରିତ ହେବାର | ଆ ୩୭ । |
| ୧୭୦୬ | ଯାକୁବର ସପରିବାରେ ମିଶ୍ର ଦେଶକୁ ଯିବାର | ଆ ୪୬ । |
| ୧୭୦୦ | ଆୟୁବର ପୁର୍ଗତି . . . . | ଆୟୁବ ୧ ଓ ୧ । |
| ୧୫୭୧ | ମୋଶାର ଜନ୍ମ . . . . | ଯା ୧ ପର୍ବ । |
| ୧୫୩୧ | ମିଶ୍ରଠାରୁ ମୋଶାର ପଳାଇବାର . . | ଯା ୧ । |
| ୧୪୯୧ | ମିଶ୍ରଦେଶରୁ ଇଶ୍ରାୟେଲ ବଂଶର ମୁକୁଳା ହେବାର . . . . . | ଯା ୩—୧୦ । |
| ୧୪୯୦ | ଚରମାନେ କିଣାନ ଦେଶର ବିଷୟରେ ମନ୍ଦ ସମ୍ବାଦ ଦେବାରୁଂ ଲୋକମାନେ କଳି କରି ଦଣ୍ଡ ପାନ୍ତି . . . | ଗ ୧୩ ୧୪ । |
| ୧୪୫୧ | ଉଣଚାଳିଶ ବରଷର ଭ୍ରମଣ ଉତ୍ତାରେ ମୋଶାର ମୃତ୍ୟୁ ଓ ଲୋକଙ୍କର ଯର୍ଦ୍ଦନ ନଦୀ ପାରି ହେବାର . . . | ଗ ୧୧ । ଦ୍ୱି ୩୫ । ଓ ଯି ୧—୧୧ । |
| ୧୪୪୩ | ଯିହୋଶୁଆର ମରଣ . . . | ଯି ୧୪ । |
| ୧୧୬୧ | ଶାମସୋନର ଜନ୍ମ . . . . | ବି ୧୩ । |
| ୧୧୦୦ | ରୁଥର ସଙ୍ଗରେ ବୋଆଜର ବିବାହ . | ରୁ ୪ । |
| ୧୦୯୫ | ଶାଉଲର ରାଜାଭିଷେକ . . . | ୧ ଶା ୧୦ । |

| | | |
|---|---|---|
| ୧୦୫୫ | ଶାଉଲର ମରଣ . . . . | ୧ ଶା ୩୧ । |
| ୧୦୪୮ | ଦାଉଦସକୁ ଇଶ୍ରାଏଲ ଉପରେ ରାଜାଭିଷେକ | ୨ ଶା ୫ । |
| ୧୦୧୫ | ଅବଶାଲୋମର ରାଜଦ୍ରୋହ କର୍ମ . . | ୨ ଶା ୧୫ । |
| ୧୦୨୧ | ସଲ୍ମାନର ରାଜାଭିଷେକ ଓ ଦାଉଦର ମୃତ୍ୟୁ | ୧ ରା ୧ ଓ ୨ । |
| ୧୦୦୪ | ସଲ୍ମାନର ଦ୍ୱାରା ମନ୍ଦିରର ନର୍ମାଣ . . | ୧ ରା ୬ । |
| ୯୭୫ | ସଲ୍ମାନର ମୃତ୍ୟୁ . . . . | ୧ ରା ୧୧ । |
| ୯୭୪ | ରହବୟିମର ରାଜପଣକୁ ଦଶ ଗୋଷ୍ଠୀ ଗ୍ରହଣ କରି ରାଜା ସ୍ଥାପିବାର . . . | ୧ ରା ୧୨ । |
| ୯୦୭ | ଏଲ୍ଯ ଭବିଷ୍ୟଦ୍ବକ୍ତାର ଅଶ୍ଚର୍ଯ୍ୟ ଦୌମାଦ କରିବାର . . . . | ୧ ରା ୧୮ । |
| ୮୯୩ | ଏଲ୍ଯର ସ୍ୱର୍ଗାରୋହଣ ଓ ଇଲଶାୟର ପଦ ପ୍ରାପ୍ତି . . . . . | ୨ ରା ୨ । |
| ୮୮୯ | ଅଶା ରାଜା ଯିହୋଶାଫଟ ରାଜାର ମରଣ . | ୧ ରା ୨୨ । |
| ୮୪୦ | ଇଲଶାୟର ମରଣ . . . | ୨ ରା ୧୩ । |
| ୮୧୦ | ସ୍ରାସ୍ ଏହ ସମୟରେ ଯୋଶପ୍ ଯୋସେଲ ଆମୋସ ଓବଦ୍ୟାପ୍ ଯୂନସ ଏହ ପାଁଚ ଭବିଷ୍ୟଦ୍ବକ୍ତା ଉପଦେଶ ଦେବାକୁ ଲଗିଲେ | ଯୋ ୧ । ଆମ ୧ । ୨ ରା ୧୪ । ଯୂନ ୧ । |
| ୭୭୧ | ପୂଲ୍ ନାମରେ ଅଶୂରୀୟ ରାଜା ଇଶ୍ରାଏଲର ରାଜାକୁ ଜୟ କର କରାଧୀନ କରନ୍ତି . | ୨ ରା ୧୫ । |
| ୭୫୯ | ମୀଖା ଓ ଯିଶାଇୟର ଭବିଷ୍ୟଦ୍ବକ୍ତାର ପଦ ପ୍ରାପ୍ତି . . . . . | ମୀ ୧ ଯୀଶ ୭ । |
| ୭୨୭ | ଆହସର ମୃତ୍ୟୁ . . . . | ୨ ରା ୧୬ । |
| ୭୨୧ | ଶଲ୍ମନେଷର ନାମେ ଅଶୂରୀୟ ରାଜା ଇଶ୍ରାଏଲର ରାଜାକୁ ଜୟ କର ଦଶ ଗୋଷ୍ଠୀ ଲୋକଙ୍କୁ ବନ୍ଦୀ କର ଦୂର ଦେଶକୁ ନେଇ ଯିବାର . . . . | ୨ ରା ୧୭ । |
| ୭୧୩ | ହଜକୀୟ ରାଜାର ପୀଡା . . | ୨ ରା ୨୦ । |
| ୭୧୦ | ଅଶୂରୀୟ ରାଜା ସନ୍ହେରୀବ ସୈନ୍ୟପଠାଇ ଯିରୂଶାଲମକୁ ଅବରୋଧ କର ଈଶ୍ୱରଙ୍କୁ ନନ୍ଦା କରିବାରୁ ଏକ ରାତ୍ରିରେ ଦୂତର ଦ୍ୱାରା ସେ ସବୁର ନାଶ ହେବାର | ଯିଶ ୩୭ । ୨ ରା ୧୯ । |

| | | |
|---|---|---|
| ୬୯୦ | ଅନୁମାନ ହେଲା ମିନଶି ରାଜାର ଆଜ୍ଞାରେ ଯିଶାଇୟର ବଧ ହେଲା . . | |
| ୬୭୭ | ମିନଶି ରାଜାର ଦଣ୍ଡ ଭୋଗ ଓ ମନ ଫେରଣ | ୧ ବ ୩୩ । |
| ୬୭୦ | ହବକୁକର ଭବିଷ୍ୟତ୍ରବାକ୍ୟ ପ୍ରକାଶ ହେବାର | |
| ୬୧୯ | ଯିରିମିୟ ଭବିଷ୍ୟତ୍ରବକ୍ତା ପଦର ପ୍ରାପ୍ତି . | ଯିର ୧ । |
| ୬୧୪ | ସିଫନୀୟର ଭବିଷ୍ୟତ୍ରବାକ୍ୟ . . | ସିଫ ୧ । |
| ୬୧୦ | ଆମୋନର ପୁତ୍ର ଯୋଶୀୟ ରାଜାର ମୃତ୍ୟୁ . | ୧ ରା ୧୩ । |
| ୬୦୯ | ଯିହୋଆହଜ ରାଜାର ମିଶ୍ର ଦେଶକୁ ନିୟା ଯିବାର . . . . | ୧ ରା ୧୪ । ଦା ୧ । |
| ୬୦୬ | ଦାନିୟେଲ ଆଦି ଅନେକ ମାନ୍ୟ ଲୋକ ବାବେଲ ନଗରକୁ ନିୟା ଯାଇ ଦାସପଣରେ ଥିବାର . . . . | ୧ ରା ୧୪ । ଦା ୧ । |
| ୫୯୯ | ଯିହୋଆଖୀନ ରାଜାର ବାବିଲକୁ ନିୟା ଯିବାର . . . . | ୧ ରା ୧୪ । |
| ୫୯୪ | ଯିହିଜିକଲର ଭବିଷ୍ୟତ୍ରବକ୍ତାର ପଦ ପ୍ରାପ୍ତି . | ଯିହି ୧ । |
| ୫୮୮ | ନିବୁଖଦନେତ୍ସର ରାଜା ଯିରୁଶାଲମକୁ ଉଚ୍ଛିନ୍ନ କରିବାର ଓ ଗିଦିଲିୟ ଦେଶାଧିପତିର ବଧ ହେବାର . . . . . | ୧ ରା ୧୫ । ୧ ବ ୩୬ । |
| ୫୩୮ | ବାବିଲୀୟ ବେଲଶତସର ରାଜାର ମୃତ୍ୟୁ ପୁଣି ମାଦୀୟ ଓ ପାରଶୀୟ ସୈନ୍ୟ ବାବେଲ ନଗରାଦିକୁ ହସ୍ତବଶ କରିବାର . . | ଦା ୫ । |
| ୫୩୬ | ଦାନିୟେଲ ସିଂହ ଗର୍ତ୍ତରେ ନିକ୍ଷପ୍ତ ହେବାର. | ଦା ୬ । |
| ୫୩୬ | ଖସ୍ରୁ ରାଜା ଓ ବନ୍ଦୀପଣର ଶେଷ . . | ଏଜ୍ରା ୧ । |
| ୫୧୦ | ହାଗୟ ଓ ସିଖରୀୟ ଭବିଷ୍ୟତ୍ରବକ୍ତାର କଥା. | ଏଜ୍ରା ୫ । ସିଖ ୧ । |
| ୪୮୩ | ଏଷ୍ଟର ରାଣୀ ବିବରଣ . ଏଷ୍ଟର ପୁସ୍ତକ . | [ହାଗ ୧ । |
| ୪୪୪ | ଯିରୁଶାଲମର ପୁନଶ୍ଚ ନିର୍ମାଣ ବିବରଣ ଏଜ୍ରା ଓ ନିହମିୟର ପୁସ୍ତକରେ ଲେଖିତ । . | |

ମଲାଖିର ଭବିଷ୍ୟତ୍ରବାକ୍ୟ ଓ ଆଦିଭାଗର ସମାପ୍ତି ଖ୍ରୀଷ୍ଟର ପୂର୍ବରେ ୪୧୮ ବରଷରୁ ୩୯୭ ବରଷ ଯାୟେ ।

---

ଧର୍ମପୁସ୍ତକର ଆଦି ଓ ଅନ୍ତ ଦୁଇ ଭାଗ ମଧ୍ୟରେ ଯିହୁଦୀୟମାନଙ୍କୁ ଯେଉଁ ବିଶେଷ ଘଟଣା ହେଲା ତାହା ଅନ୍ୟାନ୍ୟ ପୁସ୍ତକରୁ ବାଛି ସଂକ୍ଷେପଭାବେ ଏଥିରେ ଲେଖା ଅଛି ।

୩୩୩ ଖସ୍ତ ରାଜାଧିକାର ସମୟରୁ ଯିହୁଦୀୟମାନେ ପାରଶୀ ରାଜାଗଣର ଅଧିନ ଥିଲେ ତହିଁ ଉତ୍ତରେ ସିକନ୍ଦର ମହା ରାଜା ପାରଶୀ ରାଜାକୁ ନାଶ କରି ଯିହୁଦୀୟମାନେ ତାହାରି ଅଧୀନ ହେଲେ ମାତ୍ର ସେ ସେମାନଙ୍କୁ ନାନା ପ୍ରକାର ଅନୁଗ୍ରହ କଲା ।

୩୧୩ ସିକନ୍ଦର ମହାରାଜା ମୃତ୍ୟୁ ହେଲା ତାହାରି ସାମ୍ରାଜ୍ୟ ଚାରି ଭାଗରେ ବିଭକ୍ତ ହୋଇ ସୁରିୟା ଦେଶ ଓ ମିଶର ଦେଶ ଦୁଇ ଭାଗ ହୋଇଲା । ଏହି ଦୁଇ ଭାଗର ମଧ୍ୟ ସ୍ଥାନରେ ଯିହୁଦୀ ଦେଶ ଥିବାରୁ ଯିହୁଦୀୟମାନେ କେବେଂ ସୁରିୟା ରାଜାର କେବେଂ ମିଶ୍ର ରାଜାର ଅଧୀନ ହେଲେ ।

୧୬୮ ସୁରିୟା ଅନ୍ତିୟୋଖସ ନାମେ ଧର୍ମ ଲାଗି ଯିହୁଦୀୟମାନଙ୍କୁ ବହୁତ ତାଡଣା କଲା ।

୧୬୭ ଯିହୁଦୀୟମାନେ ସ୍ୱାଧୀନ ହୋଇ ଯାଜକ ବଂଶୀୟ ମକ୍କବୀୟ କିଅବା ଆସ୍ମନୀୟ ଗୋଷ୍ଠୀ ପ୍ରାୟେ ୧୩୦ ବରଷ ଯାୟେ ସେମାନଙ୍କର ଉପରେ କର୍ତ୍ତୃପଣ କଲେ ।

୪୦ ରୋମୀୟ ଲୋକେ ଇଦୋମୀୟ ହେରୋଦକୁ ଅନୁଗ୍ରହ କରି ସେ ଯିହୁଦା ଦେଶର ରାଜା ହୋଇଲା ।

୧୭ ଅଗସ୍ତ ନାମେ ରୋମୀୟମାନଙ୍କର କାଇସର ଅର୍ଥାତ୍ରି ରାଜାଧିରାଜ ହୋଇ ଅତ୍ୟୁତ୍ତମ ଭାବେ ରାଜ ଶାସନ କରନ୍ତେ ପ୍ରଭୁ ଯୀଶୁ ଖ୍ରୀଷ୍ଟର ଅବତୀର୍ଣ ହେବା ସମୟରେ ସବୁ ନିର୍ଯୁଦ୍ଧ ହେଲା ।

ଖ୍ରୀଷ୍ଟର ପରେ ।

ପ୍ରଭୁ ଯୀଶୁ ଖ୍ରୀଷ୍ଟର ଦେହଧରି ହେବାର ସୃଷ୍ଟି ଠାରୁ ଜଣ୍ଡେ ୪୦୦୪ ବର୍ଷ ଚଳନ୍ତେ ୪୦୦୦ ବର୍ଷ ।

| | | |
|---|---|---|
| ୧ | ପ୍ରଭୁ ଯୀଶୁ ଖ୍ରୀଷ୍ଟର ଜନ୍ମାଦ | ମ ୧ । ଲୂ ୨ । |
| ୧୪ | ଉବରଯୂ କଇସର ହୁଅଇ | |
| ୨୯ | ଖ୍ରୀଷ୍ଟର ଡୁବନ | ମ ୩ । ମା ୧ । ଲୂ ୩ |
| ୩୧ | ଯୋହନ ଡୁବକର ମରଣ | ମା ୬ । |
| ୩୩ | ଖ୍ରୀଷ୍ଟର ମୃତ୍ୟୁ ଓ ପୁନରୁତ୍ଥାନ | ମା ୧୬ ୧୮ । |
| ୩୫ | ସ୍ତିଫାନର ଯଥାର୍ଥଘାତରେ ବଧ | ପ୍ରେ ୭ । |
| ୩୬ | ପାଉଲର ମନ ଫେରଣ | ପ୍ରେ ୯ । |
| ୩୮ | ପାଉଲ ପ୍ରେରିତର ପ୍ରଥମ ଥର ଯିରୂଶାଲମକୁ ଯିବାର | ପ୍ରେ ୯ ଗାଲ ୧ । |
| | ଯୀଶୁ ଏହି ସମସ୍ତରେ ମାଥିଉ ମଙ୍ଗଲସମାଚାର ଜଣ୍ଡେ ପୁସ୍ତକ ଲେଖଇ | |
| ୪୩ | ଅନ୍ତିପ୍ରୋକରେ ଶିଷ୍ୟମାନେ ଖ୍ରୀଷ୍ଟିୟାନ ନାମ ପ୍ରାପ୍ତି | ପ୍ରେ ୧୧ । |
| ୪୪ | ହେରୋଦ ରଜା ଖ୍ରୀଷ୍ଟିୟାନମାନଙ୍କୁ ନଷ୍ଟ କରଇ | ପ୍ରେ ୧୨ । |
| ୪୭ | ସୁନ୍ନତ ଆଦ ବଷୟ ଯିରୂଶାଲମସ୍ଥ ମଣ୍ଡଳୀ ପ୍ରେରିତ ଅଦମାନଙ୍କର ବବେଚନା ସଭା ହେବାର | ପ୍ରେ ୧୫ ଗାଲ ୨ । |
| ୪୯ | ମାଙ୍କଦନୟା ଆଦ ନାନା ଦେଶରେ ପାଉଲର ଭ୍ରମଣ ହୋଇ ମଙ୍ଗଲସମାଚାର ପ୍ରବର୍ତ୍ତାଇବାର | ପ୍ରେ ୧୮ । |
| ୫୩ | କରନ୍ଥ ନଗରର ଥେସଲନଙ୍କୀୟମାନଙ୍କୁ ପାଉଲର ଚିଠାଉ ଲେଖା ହେବାର | ପ୍ରେ ୧୮ । |
| ୫୭ | ଏଫିଶ ନଗରର ଗାଲାତୀୟ ମଣ୍ଡଳୀର ପ୍ରଥ ଚିଠାଉ ଲେଖା | ପ୍ରେ ୧୦ । |
| ୫୮ | କରନ୍ଥୀୟମାନଙ୍କର ଦ୍ୱିତୀୟ ଚିଠାଉ ଲେଖା | ପ୍ରେ ୧୦ । |
| ୬୦ | ଯିରୂଶାଲମରେ ଉପସ୍ଥିତ ପାଉଲ ବନ୍ଦୀ ହେବାର | ପ୍ରେ ୧୧ । |

୬୩ ରୋମ ନଗରରେ ପାଉଲର ଉପସ୍ଥିତ . ପ୍ରେ ୨୮ ।
ରୋମ ନଗରରେ ଥାଇ ପାଉଲର ଏଫିଷୀୟ ଫିଲିପୀୟ କଲସୀୟ ମଣ୍ଡଳୀର ପ୍ରତି ପୁଣି ଫିଲୀମୋନ ଓ ଏବ୍ରୀୟମାନଙ୍କର ପ୍ରତି ଚିଟାଉ ଲେଖଇ । ଆବର ଲୂକ ମଙ୍ଗଳସମାଚାର ଓ ପ୍ରେରିତମାନଙ୍କର ବିବରଣ ପୁସ୍ତକ ଲେଖଇ । ଏହି ସମୟରେ ଆନ ସ୍ଥାନରେ ମାର୍କ ମଙ୍ଗଳସମାଚାର ପୁସ୍ତକ ଲେଖଇ ।

୬୫ ପାଉଲ ମୁକ୍ତ ହୋଇ ନାନା ଦେଶରେ ସୁସମାଚାର ଘୋଷଣା କରି ତୀମତିୟର ପ୍ରତି ପ୍ରଥମ ଚିଟାଉ ଓ ତୀତସର ପ୍ରତି ଚିଟାଉ ଲେଖଇ . . . .

୬୬ ପାଉଲ ପୁନଶ୍ଚ ବନ୍ଦୀ ହୋଇ ତୀମଥିୟର ପ୍ରତି ଦ୍ୱିତୀୟ ଚିଟାଉ ଲେଖି ଅଳ୍ପ କାଳ ଉତ୍ତାରେ ସେହି ରୋମ ନଗରରେ ଖଣ୍ଡାରେ ହତ ହେଲା . . . .

୬୮ ପିତର ଦୁଇ ଚିଟାଉ ଲେଖିଲା ଉତ୍ତାରେ ବନ୍ଦୀ ହୁଅନ୍ତେ କୁଶ ଯନ୍ତ୍ରରେ ବଧ ହେଲା .

୭୦ ରୋମୀୟ ସୈନ୍ୟ ଦ୍ୱାରା ଯିରୁଶାଲମର ବିନାଶ ।

୯୬ ପାତ୍ମ ଉପଦ୍ୱୀପରେ ଯୋହନର ପ୍ରତି ଭବିଷ୍ୟତ୍ ବାକ୍ୟର ପ୍ରକାଶ . . . ପ୍ରେ ୧ ।

୧୦୦ ପ୍ରାୟେ ଏହି ସମୟରେ ଯୋହନ ମଙ୍ଗଳସମାଚାର ଖଣ୍ଡେ ପୁଣି ତିନି ଚିଟାଉ ଲେଖି ପ୍ରାଣ ତ୍ୟାଗ କଲା . . .

---

## ଧର୍ମପୁସ୍ତକର ବିଭାଗ ଓ ରଚନ ।

---

ଧର୍ମପୁସ୍ତକରେ ଦୁଇ ଭାଗରେ ଦୁଇ ବିଶେଷ ଲେଖନ ସମୂହ ସଞ୍ଚୟ ହୋଇ ଅଛି । ପୁରାଣା ଭାଗରେ ଖ୍ରୀଷ୍ଟ ପର୍ଯ୍ୟନ୍ତେ ଯାକୁବର ବଂଶ ପ୍ରତି କାଳକ୍ରମେ ଈଶ୍ୱରଙ୍କର ପ୍ରତ୍ୟାଦେଶ ସମସ୍ତ ଥାୟେ ଅନ୍ତଭାଗରେ ଖ୍ରୀଷ୍ଟ ଓ ତାହାଙ୍କ ପ୍ରେରିତମାନଙ୍କର ଧର୍ମାଗ୍ମରେ ଶିକ୍ଷିତ ବାକ୍ୟ ସମୂହ ଥାୟେ ।ପ୍ରଥମ ଭାଗରେ ଉଣଚାଲିଶ ଖଣ୍ଡ ସବୁକୁ ପ୍ରାଚୀନ ଯିହୁଦୀ ଲୋକେ ତିନି ଭାଗରେ ଭିନ୍ନ କଲେ । ୧ । ମୋଶାର ଲେଖିତ ପାଞ୍ଚଖଣ୍ଡ । ୨ । ଭବିଷ୍ୟତ୍ ବୋଲି ଦ୍ୱିତୀୟ ଭାଗରେ ଯିହୋଶୁଆଠାରୁ ୨ ରାଜାବଲ ଯାୟେ ପୁଣି ଯିଶାଇୟଠାରୁ ମଲାଖୀ ଯାୟେ । ୩ । ଧର୍ମ ଲେଖନ ବୋଲି ତୃତୀୟ ଭାଗରେ ଦାଉଦର ଗୀତ ହିତୋପଦେଶ ଆୟୁବ ପରମଗୀତ ରୂଥ ବିଳାପ ଧର୍ମୋପଦେଶକ ଏଷ୍ଟର ଦାନିୟେଲ ଏଜ୍ରା ନିହିମିୟା ଓ ଦୁଇ ବଂଶାବଳୀ ପୁସ୍ତକ । ଓଡିୟା ତର୍ଜମାରେ ତଦ୍ଦତ୍ ଅନୁକ୍ରମେ ଠିକ ନ ହୁଅଇ । ମାତ୍ର ସମସ୍ତେ କହନ୍ତି ଆଦିପୁସ୍ତକ ପ୍ରଥମରେ ଲେଖିତ ଥିଲା ପୁଣି ମଲାଖି ଶେଷରେ ଲେଖିତ ଥିଲା । ତଳେ ଲେଖିତ ଅନୁକ୍ରମ ବିଦ୍ୟାବନ୍ତ ଲୋକେ ନିଶ୍ଚେଁ କରିଅଛନ୍ତି ।

ଆଦିରୁ ଦାଉଦର ଗୀତପୁସ୍ତକ ଏକ ଅଲଗା ଖଣ୍ଡ ହୋଇଅଛି ପୁଣି ଆଉ ପୁସ୍ତକ ସମସ୍ତକୁ ତେପନ ବଡସାନ ପ୍ରକରଣରେ ବିଭକ୍ତ ହୋଇଲା ତେଣୁ ଭଜନାଳୟରେ ପ୍ରତି ବିଶ୍ରାମବାର ଏକ ପ୍ରସଙ୍ଗ ପାଠ ହେବାରୁଂ ପୁରାଣା ଭାଗ ସମୁଦୟ ଏକ ବରଷରେ ପଢା ଯାନ୍ତା । ଓଡିଆ ଭାଷାରେ ଯେମନ୍ତ ଏବ୍ରୀ ଭାଷାରେ ତେମନ୍ତ କଥାର ମଧ୍ୟରେ କିଛି ଫାଙ୍କ ନ ଥାଇ ସବୁ ଅକ୍ଷର କଥା ଲଗାଲଗି ଥିଲା କାଳକ୍ରମେ ସହଜେ ପଢିବାର ନିମନ୍ତେ କଥାର ମଧ୍ୟରେ ଫାଙ୍କ କରିବାର ଓ ବିଶ୍ରାମ ହେବାର ଚିହ୍ନ ଦିଆ ଗଲା । କେହି କହନ୍ତି ଏଜ୍ରା ଯାଜକ ଏହା କଲା ।

ମଶୀହର ୧୬୪୦ ବରଷରେ ହୁଗୋ ବୋଲି ଏକ ଧର୍ମୋପଦେଶକ ଧର୍ମପୁସ୍ତକକୁ ପର୍ବରେ ଓ ପଦରେ ଭାଗ କଲା । ତହିଂଉତ୍ତାରୁ ନାଥାନ ବୋଲି ଏକ ଯିହୁଦୀ ପଣ୍ଡିତ ମଶୀହର ୧୫୦୦ ବରଷରେ ଏହି ବିଭାଗକୁ ସୁଧୁରାଇ ପର୍ବ ଓ ପଦ ଅନୁସାରେ ଗୋଟାୟେ ଶବ୍ଦର ନିର୍ଘଣ୍ଟ ପୁସ୍ତକ ରଚନ କଲା । ପ୍ରାୟେ

ସେ ସମୟରେ ରବର୍ଟ ସ୍ତିପାନ ଫ୍ରନ୍ସିସ ଦେଶର ରାଜାର ଛପାକାରୀ ଧର୍ମ ପୁସ୍ତକର ଅନ୍ତଭାଗକୁ ପର୍ବରେ ଓ ପଦରେ ବିଭକ୍ତ କଲା । କୌଣସି କଥା ପାଇବାକୁ ଏଥିରେ ବହୁତ ଉପକାର ହୁଅଇ ନୋହିଲେ କେବେ ଭଲଭାବେ ବିଭାଗ ନୋହି ପାଠର ଅଭିପ୍ରାୟ କିଛି ଅଧିଷ୍ଟ ହୁଅଇ । ପାଠକ ଏହା ମନରେ ରଖି ସାବଧାନ ପଢୁ ।

ଧର୍ମପୁସ୍ତକର ମଧ୍ୟମ ଓ ସବୁଠୁଁ ସାନ ପର୍ବ ୧୧୭ ଗୀତ । ମଧ୍ୟମ ପଦ ୧୧୮ ଗୀତର ୧୮ ପଦ । ଏଜ୍ରାର ୭ ପର୍ବର ୨୧ ପଦରେ ଇଙ୍ଗରାଜି ଭାଷାର ସବୁ ଅକ୍ଷର ଅଛି । ୧ ରାଜାବଳୀ ପୁସ୍ତକର ୧୯ ପର୍ବ ଓ ଯିଶାଇୟର ୩୭ ପର୍ବ ଏକ ସମାନ ଅଟଇ ।

ଇତି ।

---

*Printed at the Orissa Mission Press.*

ÖNB
+Z105561204